୧୯୨୪ ନୋବେଲ ସାହିତ୍ୟ ପୁରସ୍କୃତ

ଋଷୀ

ଲ୍‌ଡ଼ିସ୍‌ଲାସ୍ ସେଣ୍ଟ୍ ରେମଣ୍ଟ୍

ଅନୁବାଦ

ଚିତ୍ତରଞ୍ଜନ ଦାସ

Digitized by srujanika@gmail.com

ଚାଷୀ

(ଶରତ୍‌କାଳ)

Digitized by srujanika@gmail.com

୧୯୨୪ ନୋବେଲ ସାହିତ୍ୟ ପୁରସ୍କୃତ

ଚାଷୀ

(ଶରତ୍‌କାଳ)

ଲେଖକ :

ଲାଡ଼ିସଲାସ ସେଣ୍ଟ୍ ରେମଣ୍ଟ୍

ଅନୁବାଦ :

ଚିତ୍ତରଞ୍ଜନ ଦାସ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ଚାଷୀ—ଲେଖକ : ଲାଡ଼ିସଲାସ ସେଣ୍ଟ୍ ରେମଣ୍ଟ୍, ଅନୁବାଦ : ଚିତ୍ତରଞ୍ଜନ ଦାସ, ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ,ପ୍ରଚ୍ଛଦପଟ : ବିଜୟ କୁମାର ପ୍ରଧାନ, ଡି.ଟି.ପି. : ଟେକ୍‌ନୋପ୍ରିଣ୍ଟ୍, କଟକ, ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, କଟକ ।

CHASI— Author : Ladislas Sent Reymont, Transcreated by : Chitta Ranjan Das, Publisher : Sahadev Pradhan, Friends' Publishers, Binodbehari, Cuttack-2, Orissa (India), Cover Design: B. K. Pradhan, D.T.P. by : Technoprint, Bakharabad, Cuttack, Printer : Jagannath Process, Cuttack.

All Rights Reserved

First Edition : 1997 (F.P. 1001 Copies)

Price : Rs. 95

ISBN 81-7401-198-6

Digitized by srujanika@gmail.com

ମନମୋହନ ପ୍ରେସ୍, ମୋହନ ମହଲ, ମୋହନ ନିକେତନର ଇତିହାସ ହେଉଛି ଆପଣଙ୍କ ପିତୃଦେବ ମୋହନ ଚରଣ ଦାସଙ୍କ ମଧ୍ୟ ଜୀବନ ଓ ସାଧନାର ଇତିହାସ । ଆପଣଙ୍କ ପିତୃଦେବଙ୍କୁ ମୋର କେବେ ହେଲେ ଦେଖିବାର ସୁଯୋଗ ହୋଇନାହିଁ । କିନ୍ତୁ ଆପଣଙ୍କୁ ଜାଣିଛି ଏବଂ ଆପଣଙ୍କ ମାତାଦେବୀ ସୁଭଦ୍ରା, ସାନଭାଇ ଅଜିତ୍ କୁମାର ତଥା ଅନୁଜା ମୀରା କୁମାରୀଙ୍କୁ ମଧ୍ୟ ଜାଣିଛି ।

ଆପଣଙ୍କ ଅଗ୍ରଜ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓଡ଼ିଆ ପ୍ରକାଶନ ଓ ମୁଦ୍ରଣ ଇତିହାସରେ ଏକ ଶ୍ରଦ୍ଧାର ଏବଂ ସ୍ମରଣୀୟ ନାମ । ମୋ ପାଇଁ ସେ ଆଗ ବନ୍ଧୁ, ତାପରେ ପ୍ରକାଶକ ।

ଗତ ୩୭ ବର୍ଷ ହେବ ଦୁଃପରିସ୍ଥିତି ତାଙ୍କୁ ଅଣ୍ଡାଭାଙ୍ଗି ପକାଇ ଦେଇଥିଲା । ତଥାପି ବାହାରେ ଭଙ୍ଗା କବାଟ ଉପରେ ବିକ୍ଷୁବ୍ଧ ଝଡ଼ ପିଟୁଥିବା ବେଳେ ମଧ୍ୟ ଭିତର ଦୀପଟି ଜଳୁଥିଲା । ସେହି ଦୀପଟି ପୁନର୍ବାର ବାଟ ପାଇଛି । ବନ୍ଧୁ ପ୍ରଫୁଲ୍ଲବାବୁ ପୁନର୍ବାର ତାଙ୍କର ସ୍ୱଧର୍ମକୁ ଫେରି ଆସିଛନ୍ତି । ପ୍ରଫୁଲ୍ଲବାବୁ ଅବିସ୍ମରଣୀୟ ସ୍ମୃତିଚାରଣ ପୂର୍ବକ ପିତୃଦେବଙ୍କ ୧୯୪୮ ସାଲ ଜାନୁଆରି ଦୁଇ ତାରିଖରେ ଆପଣଙ୍କୁ ଲିଖିତ ଏକ ଫିକା ଗୋଲାପୀ ରଙ୍ଗ କାଗଜରେ ଲିଖିତ ଚିଠି ମତେ ଦେଖାଇଥିଲେ, ସେଥିରୁ କିଛି ଅଂଶ :

''ଶ୍ରୀଯୁକ୍ତା ହରିପ୍ରିୟା । ଦୀର୍ଘଜୀବେଷ୍ଟୁ ମା' ମେଣ୍ଟି ନିଜର ଜୀବନକୁ ବିପନ୍ନ କରିବା ମହାପାପ । ତୁମ୍ଭେ ଆଉ ରୋଷାଇ କରିବ ନାହିଁ । ଖାଇଲା ଲୋକ ସେ ବ୍ୟବସ୍ଥା କରନ୍ତୁ । ଡାକ୍ତର କିମ୍ବା ଡାକ୍ତରିଆଣୀ ଡାକି ଔଷଧ ଖାଇବ, ନହେଲେ ମୁଁ ଅସନ୍ତୁଷ୍ଟ ହେବି । '' ଜୀବନ ଥିଲେ ସବୁ କଥା ମା'' ସିଲେଇ ମେସିନ୍ ବିଷୟ ବୁଝିପରେ ଲେଖିବି । ମୁଁ ଭଲଅଛି ମା' । ତୁମ୍ଭମାନଙ୍କର ମଙ୍ଗଳ ଚିନ୍ତା କରୁଛି । ଇତି—ବାବା

ଆପଣଙ୍କ ସେହି ସଦାବେଳର ଆନନ୍ଦ ଏବଂ ଉତ୍ସର୍ଗୀକୃତ ସ୍ନେହ, ମମତା, ସେବା କରୁଣା ଭାବରେ ମୁଁ ଅନୁପ୍ରାଣିତ ଏବଂ ଗତ ମାସ ବିଶ୍ୱ ମାତୃଦେବୀ ମା'ଟେରେସାଙ୍କୁ ପରମ ସ୍ମରଣ ପୂର୍ବକ ଏହି 'ଚାଷୀ' ଅନୁବାଦ ଗ୍ରନ୍ଥ ଆପଣଙ୍କ ନାମରେ ଉତ୍ସର୍ଗ କରୁଅଛି ।

ଚିତ୍ତଭାଇ

Digitized by srujanika@gmail.com

ଓଡ଼ିଆ ଅନୁବାଦକଙ୍କ ଦି'ପଦ

ନୋବେଲ ପୁରସ୍କାର ପ୍ରାପ୍ତ ଲେଖକମାନଙ୍କ ମଧ୍ୟରେ ଚାଷୀକୁଳର ଜୀବନକୁ କେନ୍ଦ୍ରକରି ଲେଖିଛନ୍ତି ସୁଇଡେନର ଶ୍ରୀମତୀ ସେଲମା ଲାଗରଲଫ୍, ଇଟାଲୀର ଶ୍ରୀମତୀ ଗ୍ରାଜିଆ ଦେଲେଦ୍ଧା, ଆୟର୍ଲାଣ୍ଡର କବି-ନାଟ୍ୟକାର ଇଏଟସ୍, ନରୱେର ଶ୍ରୀ ନୂ୍ୟଟ୍ ହାମସୁନ, ଡେନମାର୍କର ଶ୍ରୀ ଯେନସେନ, ଆଇସ୍‌ଲ୍ୟାଣ୍ଡର ହ୍ୟାଲଡର ଲକ୍‌ସନେସ୍, ଆମେରିକାର ଶ୍ରୀମତୀ ପାର୍ଲ ବକ୍ ଏବଂ ପୋଲାଣ୍ଡର ଲାଡ଼ିସଲାସ୍ ସେଣ୍ଟ ରେମଣ୍ଟ୍ ।

ରେମଣ୍ଟ୍ ପୋଲାଣ୍ଡର ରୁଷ ଅଧିକୃତ ଅଞ୍ଚଳ ରାଡ଼ୋମ ନିକଟସ୍ଥ Kobiele Wielkie ନାମକ ସ୍ଥାନରେ ଜନ୍ମଲାଭ କରିଥିଲେ । କୈଶୋର ଅବସ୍ଥାରେ Chopinଙ୍କ ସଙ୍ଗୀତାବଳୀକୁ ସେ କବିତାରେ ରୂପାନ୍ତରିତ କରିଥିଲେ । ଲେଖକ ହିସାବରେ ପ୍ରତିଷ୍ଠିତ ହେବା ପୂର୍ବରୁ ଅଶାନ୍ତିପୂର୍ଣ୍ଣ ଯୌବନ ଅତିବାହିତ କରିବା ସଙ୍ଗେ ସଙ୍ଗେ କିରାଣି, ଯାତ୍ରାଦଳର ଅଭିନେତା, ମୂଲିଆ ଓ ଚାଷୀ ଭାବରେ ମଧ୍ୟ କାର୍ଯ୍ୟ କରି ସେ ପ୍ରାୟ ୨୫ ଖଣ୍ଡ ପୁସ୍ତକ ରଚନା କରିଯାଇଛନ୍ତି ।

ନୋବେଲ ପୁରସ୍କାର ପାଇଁ ରେମଣ୍ଟ୍‌ଙ୍କ ସଙ୍ଗେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଘଟିଥିଲା ସ୍ୱଦେଶବାସୀ ଷ୍ଟିଫାନ୍ ଜେରୋମସ୍କିଙ୍କ ସହିତ, ଠିକ୍ ଯେମିତି ଏଲିଜା ଓରଜେସ୍‌କୋ ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ ହେନରିକ୍ ସିଏନକିଭିଚ୍‌ଙ୍କ ସଙ୍ଗେ । ୧୯୨୫ ଡିସେମ୍ବର ୬ ତାରିଖ ଦିନ ରେମଣ୍ଟ୍ ଦେହ ତ୍ୟାଗ କଲେ ।

''ଚାଷୀ''ର ମୂଳ ପୋଲିଶ୍ ଗ୍ରନ୍ଥ Chlopiର ଇଂରାଜୀ ଅନୁବାଦ The Peasants ବର୍ତ୍ତମାନ ଦୁଷ୍ପ୍ରାପ୍ୟ ଗ୍ରନ୍ଥ ତାଲିକାଭୁକ୍ତ ହୋଇଥିବାରୁ ପୋଲିଶ୍ ଲେଖକ ସମିତି ZAIKSର ନିର୍ଦ୍ଦେଶ କ୍ରମେ ତାଙ୍କର ଜାତୀୟ ପାଠାଗାରର ପରିଚାଳକ Dr. Bogdan Horodyski ତାହା ସଦୟ ହୋଇ ଓଡ଼ିଆ ଅନୁବାଦ ପାଇଁ ଯୋଗାଇ ଦେଇଥିଲେ ।

ପୋଲାଣ୍ଡ P. E. N. ଶାଖାର ସଭାପତି ରୂପେ ଦୀର୍ଘ ଚାଳିଶ ବର୍ଷ ଯାବତ୍ ସମ୍ମାନିତ ହୋଇ ଆସୁଥିବା ଏବଂ ୧୯୬୩ରେ ସର୍ବସମ୍ମତ କ୍ରମେ ଆନ୍ତର୍ଜାତିକ P. E. N.ର ଉପ-ସଭାପତି ରୂପେ ନିର୍ବାଚିତ ବିଶ୍ୱ-ପୂଜ୍ୟ ପୋଲିଶ ଭାଷାର ଲେଖକ ଅଧ୍ୟାପକ ଡକ୍ଟର ଯାନ୍ ପାରାଣ୍ଡୋଭସ୍କି ତାଙ୍କର ବହୁମୂଲ୍ୟ ସମୟର ବିନିମୟରେ ଚିତ୍ତାକର୍ଷକ ତଥା ଚିନ୍ତାଦ୍ୟୋତକ ''ମୁଖବନ୍ଧ'' ଲେଖି ଦେଇଥିବାରୁ ଓଡ଼ିଆ ସଂସ୍କରଣ ଗୌରବାନ୍ୱିତ । ଲାଭୋଭ୍ ସହରରେ ୧୮୯୫ ମସିହାରେ ତାଙ୍କର ଜନ୍ମ । ସେ କାଥୋଲିକ ବିଶ୍ୱବିଦ୍ୟାଳୟରେ ବହୁ ବର୍ଷ ଯାବତ୍ ତୁଳନାତ୍ମକ ସାହିତ୍ୟର ଅଧ୍ୟାପକ ଥିଲେ । ହୋମର ଓ ଅନ୍ୟାନ୍ୟ କବିଙ୍କର ରଚନାର ସେ ଅନୁବାଦକ ମଧ୍ୟ । ସିଏନକଭିଚଙ୍କ Quo Vadis ବ୍ୟତୀତ ପାରାଣ୍ଡୋଭସ୍କିଙ୍କ ରଚନାଗୁଡ଼ିକ ହିଁ ପୃଥିବୀର ବିଭିନ୍ନ ଭାଷାରେ ସର୍ବାଧିକ ସଂଖ୍ୟାରେ ଅନୂଦିତ ଏବଂ ପ୍ରଚାର ହୋଇଛି ।

Digitized by srujanika@gmail.com

ନୋବେଲ ପ୍ରତିଷ୍ଠାନର ବଦାନ୍ୟ ଅନୁମତି କ୍ରମେ 'ନୋବେଲ ପୁରସ୍କାର ଭାଷଣ'ଟି ସର୍ବପ୍ରଥମ ଅନୂଦିତ ହୋଇ ଓଡ଼ିଆ ସଂସ୍କରଣର ବିଶେଷ ଆକର୍ଷଣ ହୋଇପାରିଛି । ଆଉ ପୋଲିଶ୍ ପି. ଇ. ଏନ୍. ଶାଖାର ମୁଖ୍ୟ ସମ୍ପାଦକ ମିଖାଏଲ ରୁଷିନେକ୍ 'ଅନ୍ତକଥନ'ଟିଏ ଲେଖି ପଠାଇଥିବାରୁ ଏବଂ ପୋଲିସ୍ ଭାରତୀୟ ସୌହାର୍ଦ୍ଦ୍ୟ ସମିତିର ସଭାପତି ଡକ୍ଟର ଅସ୍କାର ଲାଙ୍ଗ ଶୁଭେଚ୍ଛା ଜଣାଇଥିବାରୁ ଓଡ଼ିଆ ପାଠକ ନିଶ୍ଚୟ କୃତଜ୍ଞ ରହିବେ ।

ପ୍ରଥମ ଭାଗର ପ୍ରଚାର ଓ ପ୍ରସାର ଉପରେ 'ଚାଷୀ'ର ୨ୟ, ୩ୟ ଓ ୪ର୍ଥ ଖଣ୍ଡର ପ୍ରକାଶନ ନିର୍ଭର କରୁଛି । ଆଶାକରେ ପ୍ରଥମ ଭାଗର ଓଡ଼ିଆ ପାଠକ ବୃଦ୍ଧିପାଇ ଅନ୍ୟାନ୍ୟ ଖଣ୍ଡମାନଙ୍କୁ ଆମନ୍ତ୍ରଣ ଜଣାଇବେ ।

୮୩/ଏ, ବାପୁଜୀନଗର
ଭୁବନେଶ୍ୱର

ଚିତ୍ତରଞ୍ଜନ ଦାସ
ମହାଷ୍ଟମୀ-୧୯୯୭

Digitized by srujanika@gmail.com

ମୁଖବନ୍ଧ

ରେମଣ୍ଟଙ୍କର 'The Peasants' ଉପନ୍ୟାସର ଓଡ଼ିଆ ଅନୁବାଦ ପ୍ରକାଶିତ ହେବାକୁ ଯାଉଚି ଏବଂ ଭାରତୀୟ ପାଠକମାନଙ୍କ ସକାଶେ ମୋତେ ଏଥିଲାଗି ଗୋଟିଏ ମୁଖବନ୍ଧ ଲେଖିଦେବାକୁ ଅନୁରୋଧ କରାଯାଇଚି, ଏହା ଶୁଣି ମୁଁ ପ୍ରକୃତରେ ମୁଗ୍ଧ ହୋଇପଡ଼ିଛି । ମୋତେ ଏହି ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞତା ପ୍ରକାଶ କରୁଚି । ମୁଁ ଓଡ଼ିଶା ଯାଇନାହିଁ, କିନ୍ତୁ ପୁସ୍ତକରୁ ଓଡ଼ିଶା ବିଷୟରେ ପଢ଼ିଚି ଏବଂ ମୋର ମନୋଯାନରେ ସେହି ଦେଶରେ ଭ୍ରମଣ କରି ଆସିଚି । ଏହି ମୁଖବନ୍ଧଟି ଲେଖିଲାବେଳେ ମଧ ମୁଁ ପୁରୀର କଳାସମ୍ପଦଶାଳୀ ମନ୍ଦିରକୁ ମୋର ଆଖି ଆଗରେ ଦେଖିପାରୁଚି । ହୁଏତ ସେହି ମନ୍ଦିରର ଛାଇରେ ବସି ଦିନେ ଓଡ଼ିଶାର କେଉଁ ପାଠକ ପୋଲାଣ୍ଡର ଏହି ଉପନ୍ୟାସଟିକୁ ନେଇ ପଢ଼ିବସିବ, ତାହା ଚିନ୍ତା କଲାବେଳକୁ ମୋର ପ୍ରାଣ ପୁଲକିତ ହୋଇ ଉଠୁଚି ।

'Peasants' ଉପନ୍ୟାସରେ ଚିତ୍ରିତ କରାଯାଇଥିବା ସକଳ ଚିତ୍ର ହେଉଚି ପୋଲାଣ୍ଡ ଦେଶର ଅତି ସ୍ୱକୀୟ ଚିତ୍ର; ଏହାର ପ୍ରକୃତି, ଏହାର ପାତ୍ରପାତ୍ରୀ, ଏହାର ରୀତିପରମ୍ପରା ଓ ଏହାର କୃଷିକାର୍ଯ୍ୟ—ସବୁ ପୋଲାଣ୍ଡର ନିଜସ୍ୱ । ଏଠି ଆମ ଦେଶରେ ଦିଗନ୍ତପ୍ରସାରିତ ଯେଉଁ ଶସ୍ୟକ୍ଷେତ୍ରରେ ବରଷକୁ ବରଷ ଶସ୍ୟ ପାଚୁଚି, ସେହିଥିରୁ ହିଁ ପୋଲାଣ୍ଡ ଦେଶର ନାମକରଣ ହୋଇଚି । ଏହି ଦେଶରେ ପୋଲିଶ ଭାଷାର ପ୍ରଚଳନ ହେବା ଦିନଠାରୁ ସେହି ଭାଷାଭାଷୀ ଜନସମୂହ ଏହି ଜମିକୁ ଆଦରି ରହିଚନ୍ତି, ଏହି ଜମିକୁ ଚାଷ କରୁଚନ୍ତି ଓ ଏହି ଜମିକୁ ଭଲ ପାଉଚନ୍ତି । ଏହି ଦେଶର ମାଟି ପ୍ରତି ଏହି ଦେଶର ମଣିଷର କେଡ଼େ ମାୟା ରହିଚି, ରେମଣ୍ଟ ତାଙ୍କ 'Peasants'ଉପନ୍ୟାସରେ ତାହାହିଁ ଦେଖାଇଚନ୍ତି ଏବଂ ଆପଣା କଥାବସ୍ତୁର ଜରିଆରେ ପୋଲିଶ୍ ଜାତି, ଏହାର କର୍ମ ଓ ସମଗ୍ର ଜୀବନ—ଏଗୁଡ଼ିକୁ ମିଶାଇ ଏକ ମହାଗ୍ରନ୍ଥ ଲେଖି ଯାଇଚନ୍ତି । ଆପଣାର ଭାଗ୍ୟ ଓ ଆପଣାର ଆତ୍ମାକୁ ନେଇ ମଣିଷ ଏହି ଦେଶର ମାଟି ଉପରେ ଯେଉଁ ସଂସାର ବସାଇଚି, ସେହି ସଂସାରର ସକଳ ବୃତ୍ତି ଓ ବାସନାକୁ ଏହି ଗ୍ରନ୍ଥରେ ଅପୂର୍ବ ଭାବରେ ଫୁଟାଇ ଦିଆଯାଇଚି । ଆମଦେଶର ଖର ଓ କଠିନ ଋତୁଗୁଡ଼ିକ ପରି ସେହି ବାସନାଗୁଡ଼ିକ ମଧ ବଡ଼ ଉଗ୍ର, ବଡ଼ ଉନ୍ମାଦନାମୟ । ବରଷର ଚାରୋଟିଯାକ ଋତୁ କେବଳ ଉପରେ ରହି 'Peasants' ଉପନ୍ୟାସର ଘଟଣା ପ୍ରବାହକୁ ଅବଲୋକନ କରୁନାହାନ୍ତି, ଏମାନେ ମଧ ଘଟଣାର ଅଂଶସ୍ୱରୂପ ହୋଇ ରହିଚନ୍ତି, ଉପନ୍ୟାସଟିର ପାତ୍ରପାତ୍ରୀଙ୍କ ଉପରେ ଆପଣା ପ୍ରଭାବର ଛନ୍ଦ ବିସ୍ତାର କରୁଚନ୍ତି । ଆକାଶ ମେଘାଚ୍ଛନ୍ନ ହୋଇଥାଉ ବା ସୂର୍ଯ୍ୟ କିରଣରେ ସ୍ୱଚ୍ଛୋଜ୍ଜ୍ୱଳ ହୋଇ ରହିଥାଉ, ତାହା ସର୍ବଦା ମନୁଷ୍ୟ-ଜୀବନର ଜୀବନ୍ତ ଏବଂ ସତର୍କ ସାକ୍ଷୀ ଓ

Digitized by srujanika@gmail.com

ସଙ୍ଗୀ ହୋଇ ରହିଚି । ଭାରତର ଆକାଶ ଏ ଦେଶର ଆକାଶଠୁଁ ଅନେକ ଭିନ୍ନ । ଠିକ୍ ସେହିପରି ସେହି ଦେଶର ରୀତି ଓ ରୁଚିଗୁଡ଼ିକ ମଧ୍ୟ ଭିନ୍ନ । ସେ ଦେଶର ମାଟିରେ ସେଠି ଅନ୍ୟପ୍ରକାରର ଫସଲ ଫଳେ, ସେଠି ଅନ୍ୟ ପ୍ରଣାଳୀରେ ଜମିର ଯତ୍ନ ନେବାକୁ ହୁଏ । କିନ୍ତୁ ଭାରତର ଧାନ କିଆରୀରେ ବା ପୋଲାଣ୍ଡର ମାଣ୍ଡିଆ କିଆରୀରେ ଯେଉଁ ଚାଷୀକୁଳ କାମ କରନ୍ତି ସେମାନଙ୍କର ହୃଦୟ ଏକ; ରେମଣ୍ଟଙ୍କର 'Peasants' ଉପନ୍ୟାସରେ ବର୍ଣ୍ଣିତ ହୋଇଥିବା ଚରିତ୍ରଗୁଡ଼ିକ ଭାରତର ଚାଷୀକୁଳଲାଗି ମଧ୍ୟ ଆପଣାର ବୋଲି ମନେ ହେବ । ସେମାନେ ନିଶ୍ଚୟ ସେହି ଚରିତ୍ରଗୁଡ଼ିକୁ ବୁଝିପାରିବେ ଓ ସେଗୁଡ଼ିକ ଭଲ ପାଇବେ ।

ଦୂର ଓ ଭିନ୍ନ ନାନାଦେଶକୁ ପରସ୍ପରର ନିକଟବର୍ତ୍ତୀ କରାଇବା ହେଉଚି ସାହିତ୍ୟର ସବୁଠାରୁ ସୁନ୍ଦର କାର୍ଯ୍ୟ, ପ୍ରତ୍ୟେକ ଦେଶର ଜୀବନରେ ଯାହା ସବୁଠାରୁ ମୂଲ୍ୟବାନ୍ ଓ ସବୁଠାରୁ ମହନୀୟ, ସାହିତ୍ୟ ବିଭିନ୍ନ ଦେଶର ଲୋକମାନଙ୍କୁ ତାହାହିଁ ଉପଲବ୍ଧି କରାଇବାକୁ ସମର୍ଥ କରାଇବ । ଆମଦେଶର ଅଧିବାସୀମାନେ ପ୍ରାୟ ପଚାଶବର୍ଷରୁ ଅଧିକ କାଳ ଭାରତର ମହାନ୍ କବି ଶ୍ରୀ ରବୀନ୍ଦ୍ରନାଥ ଠାକୁରଙ୍କର ରଚନାମାନ ପାଠ କରିଚନ୍ତି ଓ ସେହି ରଚନାକୁ ଶ୍ରଦ୍ଧା କରି ପାରିଚନ୍ତି । ଏହି ରଚନାବଳୀ ଆମକୁ ସୁଦୂର ଗଙ୍ଗା ନଦୀର କୂଳରେ ବାସକରୁଥିବା ଆମରି ସାଥୀଭାଇମାନଙ୍କର ଜୀବନ ସନ୍ଦେଶ ଆଣିଦେଇଚି । ଠିକ୍ ସେହିପରି ଭିସ୍ଟୁଲା ନଦୀର ଜଳଦ୍ୱାରା ଧୌତ ହେଉଥିବା ଏହି ଦେଶ ଓ ଜାତିର ଜୀବନକୁ ଭାରତର ମଣିଷ ଯେପରି ଜାଣିପାରିବ ଓ ତାହାକୁ ଭଲପାଇ ପାରିବ, ଆମଦେଶର ଲେଖକ ସେମାନଙ୍କୁ ସେତିକି ସାମର୍ଥ୍ୟ ଦିଅନ୍ତୁ, ମୁଁ ଏହାହିଁ କାମନା କରୁଚି ।

ଯାନ୍‌ପାରଣ୍ଡୋଭସ୍କି, ଉପ ସଭାପତି
ଆନ୍ତର୍ଜାତିକ ପି.ଇ.ନ୍./ବିଶ୍ୱ ଲେଖକ ମହାସଂଘ
୧୯ ଫେବୃୟାରୀ, ୧୯୫୯
ୱାରସ, ପୋଲାଣ୍ଡ

Digitized by srujanika@gmail.com

ସାହିତ୍ୟରେ ନୋବେଲ୍ ପୁରସ୍କାର : ୧୯୨୪

ଜାତୀୟ ଗଦ୍ୟ-ମହାକାବ୍ୟ "The Peasants" ବିଷୟରେ ଏକ ଭାଷଣ

ପୋଲିଶ୍ ଭାଷାରେ ଲେଖା ହୋଇଥିବା ଏହି ମହାନ୍ ସାହିତ୍ୟିକ କଳ୍ପନା କୃତିକୁ ମୂଳତଃ ଏକ ପ୍ରକୃତିବାଦୀ ବା ଯଥାର୍ଥବାଦୀ ଉପନ୍ୟାସ ବୋଲି କୁହାଯାଇ ପାରିବ । ଫ୍ରାନସ୍‌ର ଉପନ୍ୟାସକାର ଏମିଲ ଜୋଲାଙ୍କ ହାତରେ ଯଥାର୍ଥବାଦୀ ଉପନ୍ୟାସ ଯେପରି ଆକୃତି ଧାରଣ କରିଥିଲା, ଏଠାରେ ଆଲୋଚିତ ପୋଲିଶ୍ ଉପନ୍ୟାସଟିକୁ ମୁଁ ପ୍ରଧାନତଃ ସେହି ଆକୃତିର ବୋଲି କହିବି । ରେମଣ୍ଟ୍ ନିଜେ ସ୍ୱୀକାର କରିଚନ୍ତି ଯେ La Terre (ଧରା-ତଳ) ଉପନ୍ୟାସଟି ପଢ଼ିବାପରେ ତାଙ୍କ ମନରେ 'Peasants' ଉପନ୍ୟାସଟି ଲେଖିବାର ବିଚାରର ଉନ୍ମେଷ ହୋଇଥିଲା । La Terre ର ଗୁଣରେ ମୁଗ୍ଧ ହୋଇ ନୁହେଁ, ମାତ୍ର ଉପନ୍ୟାସଟି ପଢ଼ି ତାଙ୍କ ମନରେ ଜାତ ହୋଇଥିବା ବିତୃଷ୍ଣା ଓ ବିରୋଧ ହେତୁ ହିଁ ସେ 'Peasants' ଉପନ୍ୟାସଟି ଲେଖିବାରେ ପ୍ରବୃତ୍ତ ହୋଇଥିଲେ । ସମାଜର ଯେଉଁ ମାନବିକ ଜୀବନସ୍ତରରେ ତାଙ୍କର ପ୍ରତିପାଳନ ହୋଇଚି, ବାଲ୍ୟକାଳର ସକଳ ସ୍ମୃତି ଓ ସଂସ୍କରଣ ଦେଇ ସେ ଯେଉଁ ସ୍ତରଟିକୁ ଚିରଦିନ ଭଲପାଇ ଆସିଚନ୍ତି, La Terre ଉପନ୍ୟାସରେ ସେହି ଜୀବନସ୍ତରର କେବଳ ଏକ ଅତି ଗତାନୁଗତିକ, ବିକୃତ ଓ ଶାଳୀନତାବିହୀନ ଚିତ୍ରଣ କରାଯାଇଚି ବୋଲି ସେ ହୃଦୟଙ୍ଗମ କରି ପାରିଥିଲେ । ସମାଜର ଏହି ଜୀବନସ୍ତରଟି ସହିତ ତାଙ୍କର ପ୍ରତ୍ୟକ୍ଷ ଓ ଅନ୍ତରଙ୍ଗ ପରିଚୟ ରହିଥିଲା । ବାହାରେ ଥାଇ ନିରୀକ୍ଷଣ କରିବାକୁ ଆସିଥିବା ଜଣେ ସାମ୍ବାଦିକ ପରି ଏମିଲ ଜୋଲା ଆଗରୁ ଆପଣାର କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଏବଂ ଏହି ସମାଜରେ ସେ ଯାହା ଯାହା ଦେଖିବାକୁ ପାଇବେ, ସେହି ଅନୁମାନଗୁଡ଼ିକୁ ହିଁ ସତ୍ୟରୂପେ ପ୍ରତିପାଦିତ କରିବାଲାଗି ଜୋଲା ତରତର କରି ଏହି ସମାଜର ଅଧ୍ୟୟନ କରିଥିଲେ । କିନ୍ତୁ ରେମଣ୍ଟ୍ ଏହି ସମାଜଟିକୁ ଯଥାର୍ଥରେ ଓ ପରିପୂର୍ଣ୍ଣ ଭାବରେ ଅଧିଗମି ପାରିଥିଲେ । ଆପଣାର ମନଃପ୍ରସୂତ ସିଦ୍ଧାନ୍ତ ଓ ଅନୁମାନଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ବିକୃତ ନକରି ସେ ଏହି ସମାଜର ଯଥାର୍ଥ ରୂପକୁ ସାହିତ୍ୟରେ ଫୁଟାଇ ପାରିବାର ଅଭିଳାଷ ରଖିଥିଲେ । କିନ୍ତୁ ଅନ୍ୟ ଏକ ଦୃଷ୍ଟିରୁ ଦେଖି ବସିଲେ ଏହି ରଚନାଟି ଲାଗି ରେମଣ୍ଟ୍ ଜୋଲାଙ୍କର ପ୍ରତିଭାରୁ ଅନେକ ଉପାଦାନ ଆହରଣ ମଧ୍ୟ କରିଥିଲେ । ସମଗ୍ରତଃ ଜୋଲାଙ୍କର ଗ୍ରନ୍ଥଗୁଡ଼ିକରୁ ତାଙ୍କୁ ମିଳିଥିବା ଏହି ଉପାଦାନଗୁଡ଼ିକ ବ୍ୟତୀତ ହୁଏତ ଆମେ ପ୍ରସ୍ତୁତ ଉପନ୍ୟାସ 'The peasants'ର କଳ୍ପନା ହିଁ କରି ପାରିନଥାନ୍ତୁ । ଯାବତୀୟ ସମ୍ଭାବନାର ଉଦ୍‌ଘାଟନ କରି ପରିବେଶର ବିଶଦ ଓ ପ୍ରାଞ୍ଜଳ ବର୍ଣ୍ଣନା, ଜନମନ ଉପରେ ସେହି ବର୍ଣ୍ଣନାଗୁଡ଼ିକର ସମବେତ ସଙ୍ଗୀତମୟ ପ୍ରଭାବ, ମଣିଷର ଜୀବନ ଓ ବାହାରେ ତାକୁ ବେଷ୍ଟନ

Digitized by srujanika@gmail.com

କରି ରହିଥିବା ପ୍ରକୃତି ମଧ୍ୟରେ ଏକ ଛନ୍ଦୋମୟ ସମାବେଶ—ଏଠାରେ ମୁଁ ଏହିସବୁ ଉପାଦାନ ଉଲ୍ଲେଖ କରିବାକୁ ଇଚ୍ଛା କରୁଚି ।

ତଥାପି "The Peasants" ଉପନ୍ୟାସଟି କେବଳ ଏକ ଯଥାର୍ଥବାଦୀ ଉପନ୍ୟାସ ନହୋଇ ସଂପୂର୍ଣ୍ଣ ଭିନ୍ନ ଆପଣାର ଏକ ବିଶିଷ୍ଟ ପ୍ରକୃତି ଧାରଣ କରିଚି । ଏହାର ଅନ୍ତର୍ଗତ ବିଶିଷ୍ଟ ପ୍ରାଣପ୍ରେରଣା ଏହାକୁ ଏକ ଗଦ୍ୟ-ମହାକାବ୍ୟର ସ୍ତରକୁ ଉନ୍ନୀତ କରିନେଇଚି । ଯଥାର୍ଥବାଦୀ ଉପାଦାନଗୁଡ଼ିକ ଅବଶ୍ୟ ଲୁପ୍ତ ହୋଇଯାଇନାହିଁ, କିନ୍ତୁ ତଥାପି ଗ୍ରନ୍ଥଟି ଏକ ଗଦ୍ୟ-ମହାକାବ୍ୟରେ ରୂପାନ୍ତରିତ ହୋଇଯାଇଚି ।

ଆମେ ଆଧୁନିକମାନେ କୌଣସି କବିତାକୁ ମହାକାବ୍ୟ ବୋଲି କହିବା ପୂର୍ବରୁ ସାଧାରଣତଃ ସେଥିରେ ନିମ୍ନଲିଖିତ ଉପାଦାନଗୁଡ଼ିକର ପ୍ରତ୍ୟାଶା କରିଥାଉ । ତାହା ପରିପୂର୍ଣ୍ଣତା ଓ ଛନ୍ଦୋମୟତାର ଆବେଶ ସୃଷ୍ଟି କରିପାରୁଥିବ, ଘଟଣାବଳୀର ଚିତ୍ରଣରେ ଯେତେଯେତେ ଦୁଃଖ ଓ ସଂଘର୍ଷ ରହିଥାଉ ପଛକେ, ସାଧାରଣତଃ ସେଥିରୁ ଏକ ଶାନ୍ତିମୟତାର ଅନୁଭୂତି ମିଳୁଥିବ । ଶବ୍ଦବନ୍ଧର ସାଧନ ଦେଇ ଏହି ପ୍ରଭାବଟିକୁ ପ୍ରକାଶ କରିପାରିବା ଆଦୌ ସହଜ ନୁହେଁ, କାରଣ ଏହି ପ୍ରଭାବ ହେଉଚି ମୂଳତଃ ଅନୁଭୂତିଲବ୍ଧ । ସକଳ ସଂଘର୍ଷ ଓ ଅଶାନ୍ତତାର ଉପାଦାନଗୁଡ଼ିକ କ୍ରମଶଃ ଆମର ଚେତନା ସମକ୍ଷରେ ସମତଳ ଓ ଶାନ୍ତ ହୋଇ ଆସିଲେ ହିଁ ଆମେ ଏହି ଅନୁଭୂତି ଲାଭ କରିଥାଉ । ପରସ୍ପରର ସଂଘାତରେ ପରସ୍ପରକୁ ଆକୁଳ କରି ରଖିଥିବା ତରଙ୍ଗଗୁଡ଼ିକ କ୍ରମେ ଶାନ୍ତ ହୋଇ ଜଳସମତଳରେ ନିଲୀନ ହୋଇଯିବାପରି ଏହି ପ୍ରଭାବଟି ଆପଣାକୁ ଅନୁଭୂତ କରାଇଥାଏ । ଚଞ୍ଚଳ ଓ ସଂଘାତମୟ ତରଙ୍ଗରାଜିର ବୃତ୍ତଗୁଡ଼ିକ କଦାପି କବିତାଟିର ସୀମାଙ୍କିତ କରୁଥିବା ଶାନ୍ତ ଚକ୍ରବାଳକୁ ସ୍ପର୍ଶ କରି ପାରନ୍ତିନାହିଁ । ତରଙ୍ଗର ଚାଞ୍ଚଲ୍ୟ ସେଠାରେ ଆଉ କୌଣସି ପ୍ରଶ୍ନ ଉତ୍‌ଥାପିତ କରି ପାରେନାହିଁ ଏବଂ ସେହି ସୀମାର ସେ ପାଖକୁ କୌଣସିପ୍ରକାର ବିଳାପ ବା ବେଦନା ବହନକରି ନେଇଯାଇ ପାରେନାହିଁ । ଆମ ଚକ୍ଷୁର ସମ୍ମୁଖରେ ବିସ୍ତୀର୍ଣ୍ଣ ହୋଇ ରହିଥିବା ଜଗତ ଅବଶ୍ୟ ସୀମିତ, ଏହାର ପତନଗୁଡ଼ିକ ଅବଶ୍ୟ ବଡ଼ ନିର୍ଦ୍ଦିଷ୍ଟ ଓ ଅପରିବର୍ତ୍ତନୀୟ । କିନ୍ତୁ ଏହି ଜଗତ କଦାପି ଏକ କାରାଗାର ନୁହେଁ, କୌଣସି ବାଧ୍ୟବାଧକତାର ରାଜତ୍ୱ ଏଥିରେ ଚଳେନାହିଁ । ଆପଣାର ଶକ୍ତି ଅନୁସାରେ ଆପଣାକୁ ପ୍ରକାଶିତ କରିବାଲାଗି ପ୍ରତ୍ୟେକ ମଣିଷର ଯେତିକି ପରିସର ଲୋଡ଼ା, ଏହି ଜଗତରେ ସେହି ପର୍ଯ୍ୟାପ୍ତ ପରିସର ଅବଶ୍ୟ ରହିଚି । ତେଣୁ କବିତାଟିରେ ଯେତେ କମ୍ ବା ଯେତେ ବେଶୀ ସୁଖର ବର୍ଣ୍ଣନ କରାଯାଇଥିଲେ ହେଁ, କବିତାଟିର ମହାକାବ୍ୟିକ ରୂପରେ ଆମେ ଏକ ଛନ୍ଦୋମୟ ଶାନ୍ତି ହିଁ ଅନୁଭବ କରିଥାଉ । ଆମର ବାସ୍ତବ ଓ ଆଦର୍ଶର କଳ୍ପନା ମଧ୍ୟରେ ରହିଯାଇଥିବା ବିଚ୍ଛେଦ ଆମକୁ ଯେଉଁ ଅନିବାର୍ଯ୍ୟ ଦୁଃଖରେ ଭାଗୀ କରାଇଥାଏ, ମହାକାବ୍ୟରେ ସେହି ଦୁଃଖର ଲେଶମାତ୍ର ନଥାଏ—ବା ଏହି ଦୁଃଖ ଅନ୍ତତଃ ଆମର ଚେତନା ଭିତରେ କଦାପି ଧରାଦିଏ ନାହିଁ । କୌଣସି ଜୀବନ-ଏକକକୁ ଭିତରୁ ହିଁ ସମୂଳେ ଛିନ୍ନଭିନ୍ନ କରିଦେଉଥିବା ଭଳି ଏକ ସ୍ଥାୟୀ ଓ ଅତିତିକ୍ତ ବିୟୋଗାତ୍ମକତାର ଜନ୍ମ

Digitized by srujanika@gmail.com

ଏପର୍ଯ୍ୟନ୍ତ ଏହି ସଂସାରରେ ସଂଘଟିତ ହୋଇ ନାହିଁ । ଜୀବନ-ରଙ୍ଗମଞ୍ଚର ଛୋଟ ବଡ଼ ନାନା ଭୂମିକାରେ ଅବତୀର୍ଣ୍ଣ ଏହି କଳେବରଗୁଡ଼ିକ ଶୁଭଦ ବା ଅଶୁଭଦ ଯେପରି ସୂଚନା ଦେଉଥାନ୍ତୁ ପଛକେ, ତଥାପି ସେଗୁଡ଼ିକ ଏକ ଗଠନକ୍ଷମ ସୌନ୍ଦର୍ଯ୍ୟ ଓ ମହନୀୟତା ନେଇ ଆମ ସମକ୍ଷରେ ଆବିର୍ଭୂତ ହୋଇଥାଆନ୍ତି ।

"The Peasants" ଉପନ୍ୟାସରେ ଲେଖକ ଏହି ଲକ୍ଷ୍ୟରେ ଉପନୀତ ହେବାକୁ ସମର୍ଥ ହୋଇଛନ୍ତି । ଏହି ଲକ୍ଷ୍ୟରେ ଉପନୀତ ହେବାଲାଗି ସମ୍ପୂର୍ଣ୍ଣ ଅନନୁକୂଳ ଏକ ଆଧୁନିକ ଦୃଷ୍ଟିପଦ୍ଧତିରେ ତାଲିମ ହୋଇଥିବା ସତ୍ତ୍ୱେ ମଧ ସେ ଏହି ଲକ୍ଷ୍ୟରେ ଉପନୀତ ହୋଇଚନ୍ତି । ଆପଣାର ଉପନ୍ୟାସଟି ଲାଗି ସେ ଯେଉଁ ବିଷୟବସ୍ତୁର ନିର୍ବାଚନ କରିଚନ୍ତି, ସେହି ବିଷୟବସ୍ତୁ ହିଁ ତାଙ୍କ ରଚନା ଭିତରେ ଏକ ମହାକାବ୍ୟିକ ରୂପ ଆଣି ଦେଇପାରିଚି ବୋଲି ମୁଁ କହିବି । ହୁଏତ ଲେଖକ ନିଜେ ମଧ ଏପରି ଏକ ସୃଷ୍ଟିମାଧମର ଅନ୍ୱେଷଣ କରିବାକୁ ଯାଇନଥିଲେ, ତାଙ୍କର ଅନ୍ୟାନ୍ୟ ରଚନାରୁ ଏପରି ଅନୁମାନ କରିବାଲାଗି ଯଥେଷ୍ଟ କାରଣ ମଧ ରହିଚି । କିନ୍ତୁ "The Peasants"ର ବିଷୟବସ୍ତୁ ତାଙ୍କର ହାତରେ ଏହି ସୃଷ୍ଟମାଧମଟିକୁ ଆଣି ଯୋଗାଇ ଦେଇଚି, ଲେଖକ ଏହି ମାଧମଟିର ଉପାଦେୟତାକୁ ହୃଦୟଙ୍ଗମ କରିଚନ୍ତି ଓ ତାହାରି ଅନୁସରଣ କରିଚନ୍ତି । ଏହା ତାଙ୍କର ପ୍ରତିଭାର ହିଁ ପରିଚୟ ଦେଇଚି ଓ ତାଙ୍କୁ ଅତ୍ୟୁଚ୍ଚ ସମ୍ମାନର ଅଧିକାରୀ କରାଇ ପାରିଚି ।

ଅତି ଆଦିମ ଓ ଦୀନହୀନ ଅବସ୍ଥାରେ ଜୀବନଯାପନ କରୁଥିବା ତାଙ୍କର ପୋଲିଶ୍ ଚାଷୀମାନେ ହୁଏତ ସେହି କାରଣରୁ ହିଁ ସରଳ ସ୍ୱଭାବର ଦୃଷ୍ଟାନ୍ତ ହୋଇ ରହିଚନ୍ତି । ମହାକାବ୍ୟିକ କଳାର ସୃଷ୍ଟି କରିବାଲାଗି ଅତ୍ୟାବଶ୍ୟକ ଏକ ପ୍ରାଚୀନତା ମଧ ସେମାନଙ୍କର ଜୀବନ ପରିବେଶରେ ପରିପୂର୍ଣ୍ଣ ହୋଇ ରହିଚି । ରଚନାଟିର ଅନ୍ୟାନ୍ୟ ଦିଗରେ ନାନାପ୍ରକାର ଅପୂର୍ଣ୍ଣତା ସୃଷ୍ଟିକରି ଏହି ପ୍ରାଚୀନତାକୁ ବଜାୟ ରଖିବାକୁ ପଡ଼ିଥିଲେ ହେଁ ସୌନ୍ଦର୍ଯ୍ୟାନୁଭୂତିର ଉପାଦାନ ଯୋଗାଇଦେବା ଦୃଷ୍ଟିରୁ ଏହାର ଅତିବେଶୀ ମୂଲ୍ୟ ନିଶ୍ଚୟ ରହିଚି । ଆମେ ଚରିତ୍ର କହିଲେ ସାଧାରଣତଃ ଯାହା ବୁଝିଥାଉ, ଉପନ୍ୟାସଟିରେ ବର୍ଣ୍ଣିତ ଅନେକାନେକ ବ୍ୟକ୍ତିଙ୍କ ମଧରେ ସେହି ଚରିତ୍ରର ହୁଏତ ଲେଶମାତ୍ର ହିଁ ନାହିଁ । ପୁରୁଷ ଭୂମିକାଗୁଡ଼ିକ ମଧରୁ ମାତ୍ର କେତେଜଣଙ୍କଠାରେ ଯେଉଁ ମାନସିକ ଶକ୍ତି ଓ ଦୃଢ଼ତାର କିଞ୍ଚିତ୍ ପରିଚୟ ମିଳୁଛି, ହୁଏତ ସେଇଥିରୁ ସେମାନଙ୍କ ଭିତରେ ଚରିତ୍ରର କିଛି ଅପକ୍ୱ ଉପାଦାନ ରହିଚି ବୋଲି କୁହାଯାଇ ପାରିବ । ପୁଣି ଏହି ଉପାଦାନଗୁଡ଼ିକୁ ସେମାନେ ଯେପରି ଭାବରେ ଆପଣା ଜୀବନରେ ଆଣି ପ୍ରୟୋଗ କରୁଚନ୍ତି, ସେଥିରୁ ସେମାନଙ୍କ ପ୍ରତି କୌଣସି ପ୍ରକାର ସମ୍ମାନ ମଧ ଜାତ ହୁଏ ନାହିଁ । ପୁରୁଷୋଚିତ ଚରିତ୍ର ମଧରେ ଆମେ ସାଧାରଣତଃ ଯେଉଁ ଆତ୍ମଶୃଙ୍ଖଳା, ଦାୟିତ୍ୱଜ୍ଞାନ ଓ ହିତାହିତବୋଧର ପ୍ରତ୍ୟାଶା କରିଥାଉ, କେବଳ ଏକ ସମଷ୍ଟିଗତ ଓ ଅସ୍ପଷ୍ଟ ଯୌଥାନୁଭୂତି ବ୍ୟତୀତ କାହାରିଠାରେ ଏହିସବୁ ଗୁଣର ଅନ୍ୟ କୌଣସି ବିକାଶ ମଧ ହୋଇନାହିଁ । ସେମାନଙ୍କର ଜୀବନ ଭିତରେ ଯେଉଁଠି ବିବେକଗୁଣର କିଞ୍ଚିତ୍ ଆଭାସ ମିଳୁଚି, ତାହାକୁ ବ୍ୟକ୍ତିଜୀବନର କୌଣସି ଉପାର୍ଜିତ ଗୁଣ ବୋଲି ନକହି

Digitized by srujanika@gmail.com

କରି ରହିଥିବା ପ୍ରକୃତି ମଧ୍ୟରେ ଏକ ଛନ୍ଦୋମୟ ସମାବେଶ—ଏଠାରେ ମୁଁ ଏହିସବୁ ଉପାଦାନ ଉଲ୍ଲେଖ କରିବାକୁ ଇଚ୍ଛା କରୁଚି ।

ତଥାପି "The Peasants" ଉପନ୍ୟାସଟି କେବଳ ଏକ ଯଥାର୍ଥବାଦୀ ଉପନ୍ୟାସ ନହୋଇ ସଂପୂର୍ଣ୍ଣ ଭିନ୍ନ ଆପଣାର ଏକ ବିଶିଷ୍ଟ ପ୍ରକୃତି ଧାରଣ କରିଚି । ଏହାର ଅନ୍ତର୍ଗତ ବିଶିଷ୍ଟ ପ୍ରାଣପ୍ରେରଣା ଏହାକୁ ଏକ ଗଦ୍ୟ-ମହାକାବ୍ୟର ସ୍ତରକୁ ଉନ୍ନୀତ କରିନେଇଚି । ଯଥାର୍ଥବାଦୀ ଉପାଦାନଗୁଡ଼ିକ ଅବଶ୍ୟ ଲୁପ୍ତ ହୋଇଯାଇନାହିଁ, କିନ୍ତୁ ତଥାପି ଗ୍ରନ୍ଥଟି ଏକ ଗଦ୍ୟ-ମହାକାବ୍ୟରେ ରୂପାନ୍ତରିତ ହୋଇଯାଇଚି ।

ଆମେ ଆଧୁନିକମାନେ କୌଣସି କବିତାକୁ ମହାକାବ୍ୟ ବୋଲି କହିବା ପୂର୍ବରୁ ସାଧାରଣତଃ ସେଥିରେ ନିମ୍ନଲିଖିତ ଉପାଦାନଗୁଡ଼ିକର ପ୍ରତ୍ୟାଶା କରିଥାଉ । ତାହା ପରିପୂର୍ଣ୍ଣତା ଓ ଛନ୍ଦୋମୟତାର ଆବେଶ ସୃଷ୍ଟି କରିପାରୁଥିବ, ଘଟଣାବଳୀର ଚିତ୍ରଣରେ ଯେତେଯେତେ ଦୁଃଖ ଓ ସଂଘର୍ଷ ରହିଥାଉ ପଛକେ, ସାଧାରଣତଃ ସେଥିରୁ ଏକ ଶାନ୍ତିମୟତାର ଅନୁଭୂତି ମିଳୁଥିବ । ଶବ୍ଦବନ୍ଧର ସାଧନ ଦେଇ ଏହି ପ୍ରଭାବଟିକୁ ପ୍ରକାଶ କରିପାରିବା ଆଦୌ ସହଜ ନୁହେଁ, କାରଣ ଏହି ପ୍ରଭାବ ହେଉଚି ମୂଳତଃ ଅନୁଭୂତିଲବ୍ଧ । ସକଳ ସଂଘର୍ଷ ଓ ଅଶାନ୍ତତାର ଉପାଦାନଗୁଡ଼ିକ କ୍ରମଶଃ ଆମର ଚେତନା ସମକ୍ଷରେ ସମତଳ ଓ ଶାନ୍ତ ହୋଇ ଆସିଲେ ହିଁ ଆମେ ଏହି ଅନୁଭୂତି ଲାଭ କରିଥାଉ । ପରସ୍ପରର ସଂଘାତରେ ପରସ୍ପରକୁ ଆକୁଳ କରି ରଖିଥିବା ତରଙ୍ଗଗୁଡ଼ିକ କ୍ରମେ ଶାନ୍ତ ହୋଇ ଜଳସମତଳରେ ନିଲୀନ ହୋଇଯିବାପରି ଏହି ପ୍ରଭାବଟି ଆପଣାକୁ ଅନୁଭୂତ କରାଇଥାଏ । ଚଞ୍ଚଳ ଓ ସଂଘାତମୟ ତରଙ୍ଗରାଜିର ବୃତ୍ତଗୁଡ଼ିକ କଦାପି କବିତାଟିର ସୀମାଙ୍କିତ କରୁଥିବା ଶାନ୍ତ ଚକ୍ରବାଳକୁ ସ୍ପର୍ଶ କରି ପାରନ୍ତିନାହିଁ । ତରଙ୍ଗର ଚାଞ୍ଚଲ୍ୟ ସେଠାରେ ଆଉ କୌଣସି ପ୍ରଶ୍ନ ଉତ୍‌ଥାପିତ କରି ପାରେନାହିଁ ଏବଂ ସେହି ସୀମାର ସେ ପାଖକୁ କୌଣସିପ୍ରକାର ବିଳାପ ବା ବେଦନା ବହନକରି ନେଇଯାଇ ପାରେନାହିଁ । ଆମ ଚକ୍ଷୁର ସମ୍ମୁଖରେ ବିସ୍ତୀର୍ଣ୍ଣ ହୋଇ ରହିଥିବା ଜଗତ ଅବଶ୍ୟ ସୀମିତ, ଏହାର ପଉନଗୁଡ଼ିକ ଅବଶ୍ୟ ବଡ଼ ନିର୍ଦ୍ଦିଷ୍ଟ ଓ ଅପରିବର୍ତ୍ତନୀୟ । କିନ୍ତୁ ଏହି ଜଗତ କଦାପି ଏକ କାରାଗାର ନୁହେଁ, କୌଣସି ବାଧବାଧକତାର ରାଜତ୍ୱ ଏଥିରେ ଚଳେନାହିଁ । ଆପଣାର ଶକ୍ତି ଅନୁସାରେ ଆପଣାକୁ ପ୍ରକାଶିତ କରିବାଲାଗି ପ୍ରତ୍ୟେକ ମଣିଷର ଯେତିକି ପରିସର ଲୋଡ଼ା, ଏହି ଜଗତରେ ସେହି ପର୍ଯ୍ୟାପ୍ତ ପରିସର ଅବଶ୍ୟ ରହିଚି । ତେଣୁ କବିତାଟିରେ ଯେତେ କମ୍ ବା ଯେତେ ବେଶୀ ସୁଖର ବର୍ଣ୍ଣନ କରାଯାଇଥିଲେ ହେଁ, କବିତାଟିର ମହାକାବ୍ୟିକ ରୂପରେ ଆମେ ଏକ ଛନ୍ଦୋମୟ ଶାନ୍ତି ହିଁ ଅନୁଭବ କରିଥାଉ । ଆମର ବାସ୍ତବ ଓ ଆଦର୍ଶର କଳ୍ପନା ମଧ୍ୟରେ ରହିଯାଇଥିବା ବିଭେଦ ଆମକୁ ଯେଉଁ ଅନିବାର୍ଯ୍ୟ ଦୁଃଖରେ ଭାଗୀ କରାଇଥାଏ, ମହାକାବ୍ୟରେ ସେହି ଦୁଃଖର ଲେଶମାତ୍ର ନଥାଏ—ବା ଏହି ଦୁଃଖ ଅନ୍ତତଃ ଆମର ଚେତନା ଭିତରେ କଦାପି ଧରାଦିଏ ନାହିଁ । କୌଣସି ଜୀବନ-ଏକକକୁ ଭିତରୁ ହିଁ ସମୂଳେ ଛିନ୍ନଭିନ୍ନ କରିଦେଉଥିବା ଭଳି ଏକ ସ୍ଥାୟୀ ଓ ଅତିତିକ୍ତ ବିୟୋଗାତ୍ମକତାର ଜନ୍ମ

Digitized by srujanika@gmail.com

ଏପର୍ଯ୍ୟନ୍ତ ଏହି ସଂସାରରେ ସଂଘଟିତ ହୋଇ ନାହିଁ । ଜୀବନ-ରଙ୍ଗମଞ୍ଚର ଛୋଟ ବଡ଼ ନାନା ଭୂମିକାରେ ଅବତୀର୍ଣ୍ଣ ଏହି କଳେବରଗୁଡ଼ିକ ଶୁଭଦ ବା ଅଶୁଭଦ ଯେପରି ସୂଚନା ଦେଉଥାନ୍ତୁ ପଛକେ, ତଥାପି ସେଗୁଡ଼ିକ ଏକ ଗଠନକ୍ଷମ ସୌନ୍ଦର୍ଯ୍ୟ ଓ ମହନୀୟତା ନେଇ ଆମ ସମକ୍ଷରେ ଆବିର୍ଭୂତ ହୋଇଥାଆନ୍ତି ।

"The Peasants" ଉପନ୍ୟାସରେ ଲେଖକ ଏହି ଲକ୍ଷ୍ୟରେ ଉପନୀତ ହେବାକୁ ସମର୍ଥ ହୋଇଛନ୍ତି । ଏହି ଲକ୍ଷ୍ୟରେ ଉପନୀତ ହେବାଲାଗି ସମ୍ପୂର୍ଣ୍ଣ ଅନନୁକୂଳ ଏକ ଆଧୁନିକ ଦୃଷ୍ଟିପଦ୍ଧତିରେ ତାଲିମ ହୋଇଥିବା ସତ୍ତ୍ୱେ ମଧ ସେ ଏହି ଲକ୍ଷ୍ୟରେ ଉପନୀତ ହୋଇଚନ୍ତି । ଆପଣାର ଉପନ୍ୟାସଟି ଲାଗି ସେ ଯେଉଁ ବିଷୟବସ୍ତୁର ନିର୍ବାଚନ କରିଚନ୍ତି, ସେହି ବିଷୟବସ୍ତୁ ହିଁ ତାଙ୍କ ରଚନା ଭିତରେ ଏକ ମହାକାବ୍ୟିକ ରୂପ ଆଣି ଦେଇପାରିଚି ବୋଲି ମୁଁ କହିବି । ହୁଏତ ଲେଖକ ନିଜେ ମଧ ଏପରି ଏକ ସୃଷ୍ଟିମାଧମର ଅନ୍ୱେଷଣ କରିବାକୁ ଯାଇନଥିଲେ, ତାଙ୍କର ଅନ୍ୟାନ୍ୟ ରଚନାରୁ ଏପରି ଅନୁମାନ କରିବାଲାଗି ଯଥେଷ୍ଟ କାରଣ ମଧ ରହିଚି । କିନ୍ତୁ "The Peasants"ର ବିଷୟବସ୍ତୁ ତାଙ୍କର ହାତରେ ଏହି ସୃଷ୍ଟମାଧମଟିକୁ ଆଣି ଯୋଗାଇ ଦେଇଚି, ଲେଖକ ଏହି ମାଧମଟିର ଉପାଦେୟତାକୁ ହୃଦୟଙ୍ଗମ କରିଚନ୍ତି ଓ ତାହାରି ଅନୁସରଣ କରିଚନ୍ତି । ଏହା ତାଙ୍କର ପ୍ରତିଭାର ହିଁ ପରିଚୟ ଦେଇଚି ଓ ତାଙ୍କୁ ଅତ୍ୟୁଚ୍ଚ ସମ୍ମାନର ଅଧିକାରୀ କରାଇ ପାରିଚି ।

ଅତି ଆଦିମ ଓ ଦୀନହୀନ ଅବସ୍ଥାରେ ଜୀବନଯାପନ କରୁଥିବା ତାଙ୍କର ପୋଲିଶ୍ ଚାଷୀମାନେ ହୁଏତ ସେହି କାରଣରୁ ହିଁ ସରଳ ସ୍ୱଭାବର ଦୃଷ୍ଟାନ୍ତ ହୋଇ ରହିଚନ୍ତି । ମହାକାବ୍ୟିକ କଳାର ସୃଷ୍ଟି କରିବାଲାଗି ଅତ୍ୟାବଶ୍ୟକ ଏକ ପ୍ରାଚୀନତା ମଧ ସେମାନଙ୍କର ଜୀବନ ପରିବେଶରେ ପରିପୂର୍ଣ୍ଣ ହୋଇ ରହିଚି । ରଚନାଟିର ଅନ୍ୟାନ୍ୟ ଦିଗରେ ନାନାପ୍ରକାର ଅପୂର୍ଣ୍ଣତା ସୃଷ୍ଟିକରି ଏହି ପ୍ରାଚୀନତାକୁ ବଜାୟ ରଖିବାକୁ ପଡ଼ିଥିଲେ ହେଁ ସୌନ୍ଦର୍ଯ୍ୟାନୁଭୂତିର ଉପାଦାନ ଯୋଗାଇଦେବା ଦୃଷ୍ଟିରୁ ଏହାର ଅତିବେଶୀ ମୂଲ୍ୟ ନିଶ୍ଚୟ ରହିଚି । ଆମେ ଚରିତ୍ର କହିଲେ ସାଧାରଣତଃ ଯାହା ବୁଝିଥାଉ, ଉପନ୍ୟାସଟିରେ ବର୍ଣ୍ଣିତ ଅନେକାନେକ ବ୍ୟକ୍ତିଙ୍କ ମଧରେ ସେହି ଚରିତ୍ରର ହୁଏତ ଲେଶମାତ୍ର ହିଁ ନାହିଁ । ପୁରୁଷ ଭୂମିକାଗୁଡ଼ିକ ମଧରୁ ମାତ୍ର କେତେଜଣଙ୍କଠାରେ ଯେଉଁ ମାନସିକ ଶକ୍ତି ଓ ଦୃଢ଼ତାର କିଞ୍ଚିତ୍ ପରିଚୟ ମିଳୁଛି, ହୁଏତ ସେଇଥିରୁ ସେମାନଙ୍କ ଭିତରେ ଚରିତ୍ରର କିଛି ଅପକ୍ୱ ଉପାଦାନ ରହିଚି ବୋଲି କୁହାଯାଇ ପାରିବ । ପୁଣି ଏହି ଉପାଦାନଗୁଡ଼ିକୁ ସେମାନେ ଯେପରି ଭାବରେ ଆପଣା ଜୀବନରେ ଆଣି ପ୍ରୟୋଗ କରୁଚନ୍ତି, ସେଥିରୁ ସେମାନଙ୍କ ପ୍ରତି କୌଣସି ପ୍ରକାର ସମ୍ମାନ ମଧ ଜାତ ହୁଏ ନାହିଁ । ପୁରୁଷୋଚିତ ଚରିତ୍ର ମଧରେ ଆମେ ସାଧାରଣତଃ ଯେଉଁ ଆତ୍ମଶୃଙ୍ଖଳା, ଦାୟିତ୍ୱଜ୍ଞାନ ଓ ହିତାହିତବୋଧର ପ୍ରତ୍ୟାଶା କରିଥାଉ, କେବଳ ଏକ ସମଷ୍ଟିଗତ ଓ ଅସ୍ପଷ୍ଟ ଯୌଥାନୁଭୂତି ବ୍ୟତୀତ କାହାରିଠାରେ ଏହିସବୁ ଗୁଣର ଅନ୍ୟ କୌଣସି ବିକାଶ ମଧ ହୋଇନାହିଁ । ସେମାନଙ୍କର ଜୀବନ ଭିତରେ ଯେଉଁଠି ବିବେକଗୁଣର କିଞ୍ଚିତ୍ ଆଭାସ ମିଳୁଚି, ତାହାକୁ ବ୍ୟକ୍ତିଜୀବନର କୌଣସି ଉପାର୍ଜିତ ଗୁଣ ବୋଲି ନକହି

Digitized by srujanika@gmail.com

ଗ୍ରାମଗୋଷ୍ଠୀର କେବଳ ଏକ ସାଧାରଣ ଜୀବନଭୂମି ବୋଲି କୁହାଯାଇ ପାରିବ । ଗ୍ରନ୍ଥର ସ୍ତ୍ରୀଚରିତ୍ରଗୁଡ଼ିକରୁ ମଧ୍ୟ ଆମେ ଏହାଠାରୁ ଅଧିକ କିଛି ଆଶା କରି ପାରିବାନାହିଁ ।

ମନ୍ଦଗାମିନୀ ନଦୀତଟରେ ଅବସ୍ଥିତ ଏହି ସମତଳ ଗ୍ରାମଭୂଇଁର ଜୀବନରେ ଆମେ କ୍ୱଚିତ୍ କୌଣସି ନୈତିକ ମେରୁଦଣ୍ଡ ରହିଥିବାର ଦେଖିବାକୁ ପାଇବା । ନଳବଣରେ ଝଡ଼ପବନ ବହିଯିବା ପରି ଏକ ଅତିପ୍ରଖର ବାସନାମୟତା ଏହି ଗ୍ରାମବାସୀଙ୍କର ଇଚ୍ଛାଶକ୍ତିକୁ ପ୍ରଧାବିତ କରି ରଖିଚି । ପବନର ଶ୍ୱାସ ବାଜିବା କ୍ଷଣି ସେହି ଇଚ୍ଛାଶକ୍ତି ଆତ୍ମସମର୍ପଣ କରି ନଇଁପଡୁଚି, ନିଆଁର ଗୋଟାଏ ମାତ୍ର କଣା ଆସି କୋଉଠି ପଡ଼ିଯିବା ମାତ୍ରକେ ସମଗ୍ର ବଣଟାଯାକ ହୁତୁହୁତୁ ହୋଇ ଜଳିଉଠୁଚି । ଏମାନଙ୍କର ସାଧୁତାଜ୍ଞାନ ଉପରେ ମଧ୍ୟ ଆମେ ଖୁବ୍‌ବେଶୀ ନିର୍ଭର କରି ପାରିବାନାହିଁ । କାରଣ ସାଧୁତାର କୌଣସି ବିକାଶଲାଗି ଅନ୍ତତଃ ଯେତିକି ସ୍ୱାଧୀନତାର ବାତାବରଣ ଅବଶ୍ୟ ଦରକାର, ସେତିକି ସ୍ୱାଧୀନତାରୁ ମଧ୍ୟ ଏହି ମଣିଷ-ପ୍ରାଣୀମାନେ ବଞ୍ଚିତ ହୋଇ ରହିଚନ୍ତି । କାଳକାଳରୁ ଏହି ଲୋକମାନଙ୍କୁ ଜମିମାଲିକମାନଙ୍କର ଅତ୍ୟାଚାରରୁ ବହୁକଷ୍ଟରେ ଆପଣାକୁ ବଞ୍ଚାଇ ରଖିବାକୁ ପଡ଼ିଚି ଏବଂ ଏହି ଜମିକୁ ଛାଡ଼ିଦେଲେ ଏମାନଙ୍କ ପାଖରେ ବଞ୍ଚିବାର ଅନ୍ୟ କୌଣସି ସମ୍ବଳ ମଧ୍ୟ ନାହିଁ । ସମାନ ପରିସ୍ଥିତିରେ ସ୍ଲାଭୋନିକ୍ ଜାତିର ଅନ୍ତର୍ଗତ ପଡ଼ିଶା ଦେଶମାନଙ୍କର ଅଧିବାସୀମାନଙ୍କ ମଧ୍ୟରେ ଯେଉଁ ଉଦାସୀନତା, ଭାଗ୍ୟବାଦ ଓ ସରଳ ଆତ୍ମସମ୍ମାନ-ଜ୍ଞାନ ପ୍ରଭୃତି ଗୁଣଗୁଡ଼ିକର ବିକାଶ ହୋଇଥିଲା, ପୋଲିଶ୍ ଲୋକପ୍ରକୃତିରେ ସେହିସବୁ ଗୁଣ ପରିଲକ୍ଷିତ ହୁଏନାହିଁ । ବରଂ ପୋଲିଶ୍ ଚାଷୀ ଭିତରେ ଅତି ସହଜରେ ଉତ୍ତେଜିତ ବା କାତର ହୋଇପଡ଼ିବାର ଏକ ଅଦ୍‌ଭୁତ ଭାବ ରହିଚି, ଯାହାକି ଆମେ ଆଉ କୌଣସି ଦେଶର ଚାଷୀକୁଳରେ ଦେଖିବାକୁ ପାଇବାନାହିଁ । ପ୍ରଚଣ୍ଡ କ୍ରୋଧ ଓ ହିଂସ୍ରତାପରବଶ ନାନା କାର୍ଯ୍ୟମଧ୍ୟରେ ଏହି ଉତ୍ତେଜନା ଓ କାତରତା ଆପଣାକୁ ପ୍ରକାଶ କରିବାକୁ ଚେଷ୍ଟା କରିଥାଏ । ଯୁଗଯୁଗର ନିଷ୍ପେଷଣ ସତ୍ତ୍ୱେ ସେମାନଙ୍କର ଗର୍ବବୋଧ ତଥାପି ଭାଙ୍ଗିଯାଇନାହିଁ, କିନ୍ତୁ ଏହି ଗର୍ବବୋଧ ମଧ୍ୟରେ ଏକ ବୃଥା ଦମ୍ଭଭାବ ମଧ୍ୟ ଅନେକାଂଶରେ ସମ୍ମିଶ୍ରିତ ହୋଇ ରହିଚି । ବଡ଼ ସ୍ପର୍ଶକାତର ଏହି ଦମ୍ଭରେ କେଉଁଠି ହେଲେ କୌଣସି ଭାରସାମ୍ୟ ନାହିଁ ଏବଂ ମନୁଷ୍ୟର ମନୁଷ୍ୟୋଚିତ ସମ୍ମାନକୁ ବଜାୟ ରଖିବାକୁ ଏହା କୌଣସି ପ୍ରକାରେ ସହାୟତା କରିପାରୁନାହିଁ । ସେମାନଙ୍କ ଗୁଣଗୁଡ଼ିକର ମୂଳ ଠିକ୍ ସାନପିଲାଙ୍କର ଗୁଣଗୁଡ଼ିକ ପରି ଆଦୌ ଗଭୀରକୁ ଭେଦି ପାରିନାହିଁ, କିନ୍ତୁ ଏଣେ ଅପର ଦିଗରେ ସେମାନଙ୍କର ଜୀବନ ଠିକ୍ ସାନପିଲାଙ୍କର ଜୀବନପରି ବଡ଼ ଜୀବନମୟ ଓ ଆକର୍ଷକ ମଧ୍ୟ ହୋଇରହିଚି । ସେମାନଙ୍କ ଜୀବନରେ ବଙ୍କା ବା ତେଢ଼ା ବୋଲି କହିବାକୁ କିଛିହେଲେ ନାହିଁ, ସେମାନଙ୍କ ଜୀବନ ଭରି ଏକ ସହଜ ସଂବେଦନଶୀଳତା ରାଜତ୍ୱ କରୁଚି । କିନ୍ତୁ ଏହି ମଣିଷମାନଙ୍କ ଜୀବନର ସର୍ବପ୍ରଧାନ ଆକର୍ଷଣ ହେଉଚି ସେମାନଙ୍କର ଶକ୍ତିମୟ କଳ୍ପନାପ୍ରବଣ ଜୀବନ : ଦାରୁଣ ଦାରିଦ୍ର୍ୟ ଓ ଅକିଞ୍ଚନତାର ମଧ୍ୟରେ ବାସକରି ମଧ୍ୟ ଏକ ସ୍ୱପ୍ନଚ୍ଛବିମୟ ଜଗତ ଅଭିମୁଖରେ ସେମାନଙ୍କର ଜୀବନ ବାତାୟନ ନିରନ୍ତର ଉନ୍ମୁକ୍ତ ହୋଇ ରହିଚି । ସେମାନଙ୍କ ଜୀବନରେ ଯାହାକିଛି କୋମଳ,

Digitized by srujanika@gmail.com

ଯାହାକିଛି ଭଲ ଓ ଯାହାକିଛି ସୁନ୍ଦର—ସବୁ ଏହି ସ୍ୱପ୍ନର-ଜଗତ ଭିତରେ ହିଁ ପବନ ଓ ପାଣି ପାଇ ବଢୁଚି ।

ଗାଁର ଗିର୍ଜା ହିଁ ସେମାନଙ୍କ ଲାଗି ଏହି ଆଶ୍ରୟ-ସଦନକୁ ସମ୍ଭାରି ରଖିଚି । ଗିର୍ଜା ପ୍ରତି ଏହି ଅଧିବାସୀଙ୍କ ମନରେ ଗଭୀର ଶ୍ରଦ୍ଧା ରହିଚି, କର୍ତ୍ତବ୍ୟ-ବୋଧ ଓ ଅନୁରାଗ ମଧ ରହିଚି । ଏହି ଗିର୍ଜାର ଜରିଆରେ ସେମାନଙ୍କ ଜୀବନରେ ଦିନେ ପ୍ରାୟଶ୍ଚିତ୍ତ ଓ ପରିତ୍ରାଣ ଅବଶ୍ୟ ଆସିବ ବୋଲି ସେମାନେ ଆଶା କରି ରହିଚନ୍ତି—ଏବଂ କବି ଆଖିର କଳନା ଦେଇ ଦେଖିଲେ ସେମାନେ ଆପଣାର ବର୍ତ୍ତମାନ ଜୀବନରେ ମଧ ଏହିସବୁ ଶୁଭର ଆସ୍ୱାଦ ଲାଭକରି ପାରୁଚନ୍ତି । ସେମାନଙ୍କ ଜୀବନର ଏହି ଦିଗଟିକୁ ବାରବାର ଦର୍ଶାଇଦେଇ ଉପନ୍ୟାସକାର ଗଦ୍ୟ-ମହାକାବ୍ୟଟିର ବାତାବରଣରେ ସୌନ୍ଦର୍ଯ୍ୟ ଭରାଇ ରଖିବାରେ ସଫଳ ହୋଇଚନ୍ତି ।

ଯେକୌଣସି ମହାକାବ୍ୟରେ ଯେତିକି ପରିମାଣରେ ବୀରତାର ପ୍ରଭା ରହିବା ଦରକାର, କୌଣସି ଚେଷ୍ଟା ନକରି ମଧ ଲେଖକ ତାଙ୍କର ଉପନ୍ୟାସରେ ଏହି ପ୍ରଭାର ସନ୍ନିବେଶ କରାଇ ପାରିଚନ୍ତି । ଅବଶ୍ୟ ଉପନ୍ୟାସଟିର ବିଷୟବସ୍ତୁ ଦୃଷ୍ଟିରୁ ବିଚାର କଲେ ତାଙ୍କୁ ବୀରୋଚିତ ଚରିତ୍ର ମିଳିବାର ହୁଏତ କୌଣସି ସମ୍ଭାବନା ନଥିଲା । କିନ୍ତୁ ଅପର ପକ୍ଷରେ ତାଙ୍କର ଚରିତ୍ରମାନେ ଆଦିମ ଓ ଗଭୀର ଭାବରେ ମାଟି ପ୍ରତି ଆସକ୍ତ ହୋଇ ରହିଚନ୍ତି । ସେମାନେ ସେଇଥିରୁ ହିଁ ଶକ୍ତି ପାଉଚନ୍ତି । ସେହି ମାଟି ସେମାନଙ୍କୁ ଜୀବନ ଦେଉଚି, ସେମାନଙ୍କର ଜୀବନ ନେଉଚି ଓ ସେମାନଙ୍କର ଯାବତୀୟ ସଙ୍ଘର୍ଷ ଓ ଭଲପାଇବାରେ ସେହି ମାଟି ହିଁ ପ୍ରାକୃତିକ ଶକ୍ତିର ମହନୀୟତା ଭରି ଦେଉଚି । ଚାରିଋତୁ-ସନ୍ନିବିଷ୍ଟ ଏକ ଚକ୍ରର ମାଧମରେ ଜୀବନଚକ୍ରକୁ ଏକ ସାହିତ୍ୟରୂପ ଦେବାର ଲେଖକ ଯେଉଁ ପ୍ରତିଭାପନ୍ନତା ଦେଖାଇଚନ୍ତି, ତାହା ମଧ ଉପନ୍ୟାସଟିକୁ ଏକ ମହାକାବ୍ୟିକ ଉପାଦାନରେ ମଣ୍ଡାଇ ରଖିଚି । ଜୀବନର ଏକ ସମଗ୍ର ସ୍ରୋତ୍ରରେ ଲେଖକ ଅତି ନିପୁଣ ଭାବରେ ଚାରିଋତୁର ବୈଷମ୍ୟ ଓ ଐକ୍ୟଗୁଡ଼ିକୁ ଏକତ୍ର ଆଣି ଗୁନ୍ଥି ଦେଇଚନ୍ତି ଏବଂ ଏହି ବର୍ଣ୍ଣନା ଭିତରେ ଆମ ପୃଥିବୀର ଚିରନ୍ତନ ଯୌବନ ଶକ୍ତି ସବେଗ ମନ୍ଦ୍ରିତ ହୋଇ ଉଠିଚି ।

ଚାଷୀକୁଳ ଜୀବନକୁ ଅତି ତନ୍ନତନ୍ନ କରି ବର୍ଣ୍ଣନା କରିବାଦ୍ୱାରା ଉପନ୍ୟାସଟି ନୀରସ ହୋଇପଡ଼ିବ ବୋଲି ଯେଉଁ ଆଶଙ୍କା ରହିବା ଅତି ସ୍ୱାଭାବିକ, ଲେଖକ ବିଷୟସାମଗ୍ରୀର ବୈଚିତ୍ର୍ୟବିଭବ ଓ ବେଗମୟତା ଦ୍ୱାରା ଅତି ସଫଳ ଭାବରେ ସେହି ନୀରସତାକୁ ଏଡ଼ିଦେଇ ପାରିଚନ୍ତି । ଗଭୀର ନିଷ୍ଠାର ସହିତ ଉପନ୍ୟାସକାର ଆପଣା ଦେଶର ଚାଷୀକୁଳର ସଂକଳ୍ପହୀନ ଜୀବନର ଯେଉଁପରି ବର୍ଣ୍ଣନା କରିଚନ୍ତି, ସତେ ଯେପରି ତାହା ଉପନ୍ୟାସର ନାୟିକା ଯଗ୍‌ନାର ଚରିତ୍ର ମଧଦେଇ ଏକକ ରୂପରେ ପ୍ରସ୍ଫୁଟିତ ହୋଇ ଉଠିଚି । ଆପଣାର ଗ୍ରନ୍ଥଟି ଲାଗି ସେ ଯଗ୍‌ନାର ଚରିତ୍ରକୁ ଏକ କରୁଣ ବ୍ୟଞ୍ଜନାମୟ ତନ୍ତ୍ରୀରୂପେ ବ୍ୟବହାର କରିଚନ୍ତି । କେଉଁଠି ହେଲେ ସେ ବିଚାରପତିର ଆସନରେ ବସି ସ୍ପଷ୍ଟଭାବରେ କାହାରି ବିଚାର କରିବାକୁ ଯାଇନାହାନ୍ତି, କିନ୍ତୁ ଗ୍ରନ୍ଥଟିର ବିୟୋଗାତ୍ମକ ଭାବଟିକୁ ମଧ କୌଣସି ପ୍ରକାରେ କ୍ଷୁଣ୍ଣ କରିଦେଇ ନାହାନ୍ତି ।

ଉପସଂହାରରେ ମୁଁ ଉପନ୍ୟାସଟିକୁ ହୃଦୟୋଦ୍‌ଭାସକ ଓ ଶକ୍ତିଶାଳୀ କଳାର ଏକ ନିଦର୍ଶନ ବୋଲି କହିବି । ଏହି ଗ୍ରନ୍ଥର ମୂଲ୍ୟ ଓ ସମ୍ମାନ ଅବଶ୍ୟ ଚିରକାଳ ସ୍ଥାୟୀ ହୋଇ

Digitized by srujanika@gmail.com

ରହିବ । କେବଳ ପୋଲାଣ୍ଡ ଦେଶର ସାହିତ୍ୟରେ ନୁହେଁ, ଯେଉଁ ଉପନ୍ୟାସ-ଶୈଳୀର ମାଧ୍ୟମରେ ଏହି ଗ୍ରନ୍ଥଟିକୁ ଏକ ବିଶିଷ୍ଟ ଓ ପ୍ରକୀର୍ତ୍ତିତ ଆକାର ଦେବା ସମ୍ଭବ ହୋଇଚି, ସେହି ଉପନ୍ୟାସ-ଜଗତରେ ମଧ୍ୟ ଏହି ଗ୍ରନ୍ଥ ଏକ ସ୍ଥାୟୀ ଆସନ ଅଧିକାର କରି ରହିବ ।*

ଡାଃ ପିଅର୍ ହାଲ୍‌ଷ୍ଟ୍ରୟମ୍
ସୁଇଡେନ୍‌ ଦେଶରେ ନୋବେଲ କମିଟିର ସଭାପତି

* Discourse of Dr. Per Hallstrom, Chairman, Nobel Commitee of the Academy Sweden.

Digitized by srujanika@gmail.com

ଶରତ୍‌କାଳ

''ଭଗବାନ ଯୀଶୁଙ୍କର ଜୟ ହେଉ !''

''ଅନନ୍ତ ଅତୁଳ ସାମ୍ରାଜ୍ୟର ଅଧିକାରିଣୀ ହୋଇଥାଆ !—କିନ୍ତୁ ଆଗାଥା, କହିଲୁ, ବର୍ତ୍ତମାନ ତୁ ଏପରିଭାବରେ କୁଆଡ଼େ ବୁଲିବାରେ ଲାଗିଚୁ ?''

ଆଗାଥା ଉତ୍ତର ଦେଲା—''ହଁ ପ୍ରଭୁ, ଏହି ଜଗତରେ ବୁଲୁଚି, ଏହି ଜଗତର ଦାଣ୍ଡରେ ମୁଁ ଅରକ୍ଷ ହୋଇ ବୁଲୁଚି !''—ଉତ୍ତର ଦେଉଦେଉ ସେ ଆପଣାର ବାଡ଼ି ସାହାଯ୍ୟରେ ପୂର୍ବ ଓ ପଶ୍ଚିମ ଦିଗ ଆଡ଼କୁ ନିର୍ଦ୍ଦେଶ କରି ଦେଖାଇଦେଲା ।

ଆଗାଥାର ହସ୍ତନିର୍ଦ୍ଦେଶ ଅନୁସାରେ ପାଦ୍ରି ଆଖି ବୁଲାଇ ଯେହି ଦିଗକୁ ଅନାଇଲେ, କିନ୍ତୁ ପଶ୍ଚିମ ଆକାଶରେ କିରଣ ଦେଉଥିବା ସୂର୍ଯ୍ୟଙ୍କର ଧାସରେ ତାଙ୍କର ଆଖି ବୁଜି ହୋଇଗଲା । ତା'ପରେ ଈଷତ୍ ଧୀର ଓ କୁଣ୍ଠିତ ସ୍ୱରରେ ସେ କହିଲେ—''ତେବେ କ୍ଳେମ୍ୟାଙ୍କ ପରିବାରରୁ ତୋତେ କ'ଣ ବାହାର କରି ଦେଇଚନ୍ତି କି ? ନା—ଘରେ କାହାରି ସହିତ କୌଣସି କଳିଆ କରି ତୁ ସେଠାରୁ ବାହାରି ଚାଲିଆସିଚୁ ?''

ଆଗାଥା ଆଉ ଟିକିଏ ପାଖକୁ ଆଗେଇ ଆସିଲା ଏବଂ ଉତ୍ତର ଦେବା ପୂର୍ବରୁ ଚତୁର୍ଦ୍ଦିଗକୁ ଚାହିଁ ଶରତ୍‌କାଳର ଲଣ୍ଡା ଶସ୍ୟକ୍ଷେତ ଓ ଫଳ ବଗିଚାଦ୍ୱାରା ପରିବେଷ୍ଟିତ ହୋଇ ରହିଥିବା ଗାଆଁଟିର ଘର ଛାତଗୁଡ଼ିକ ଉପରେ ଥରେ ଆଖି ବୁଲାଇନେଲା ।

''ନାଇଁ—ସେମାନେ ମୋତେ ଘରୁ ବାହାର କରିଦେବେ କାହିଁକି ? ସେମାନେ କେଡ଼େ ଭଲ ଲୋକ, ମୋ'ର ଆପଣା ଲୋକଙ୍କଠାରୁ ବଳନ୍ତି । କଳିଆ କରି ବାହାରି ଆସିଥିବା କଥା ଆପଣ ପଚାରୁଥିଲେ ନା ? ନାଇଁ, କଳିଆ ଲାଗିବ କାହିଁକି ? କଳିଆ ଫଳିଆ ଲାଗିନାହିଁ । ମୁଁ ଭାବି ଦେଖିଲି ଯେ ମୋର ସେହି ଘରଛାଡ଼ି ବାହାରକୁ ବାହାରି ଆସିବା ବରଂ ଅଧିକ ଉଚିତ ହେବ । ବାସ୍, କଥା ଭିତରେ ଏତିକି । କଥାରେ କହନ୍ତି ନାଇଁ —'ପାଣି ଭିତରକୁ ଡେଇଁବ ପଛକେ କାହାର ନାବ ଉପରେ ଗୋଡ଼ ଦେଇ ତାକୁ ହନ୍ତସନ୍ତ କରିବ ନାହିଁ !' ଏହିପରି ଭାବି ମୁଁ ତାଙ୍କ ଘରଛାଡ଼ି ବାହାରି ଆସିଲି । ସେ ଘରେ ପ୍ରକୃତରେ ମୋ'ଲାଗି ଆଉ କୌଣସି କାମ କରିବାକୁ ନଥିଲା । ହଁ, ଏଥର ଶୀତକାଳ ମାଡ଼ିଆସିବ—କିନ୍ତୁ ତା'ବୋଲି ମୋର ଆଉ ଚାରା କ'ଣ ? ମୁଁ ଘରେ କୁଟା ଖଣ୍ଡିକୁ ମଧ ଦୁଇଖଣ୍ଡ କରିବି ନାହିଁ, ଖାଲି କୁଆପରି ସେମାନେ ମୋ' ପାଇଁ ଖାଇବା ସଜାଡୁଥିବେ ଆଉ ଶୋଇବାପାଇଁ ଜାଗା ଛାଡ଼ି ଦେଉଥିବେ ? ହଁ, ପୁଣି ତାଙ୍କର ବାଛୁରୀ ଏବେ ମାଆକତି ଛାଡ଼ିଚି । ଘର ଭିତରେ

Digitized by srujanika@gmail.com

କେଉଁଠି ଚାଖଣ୍ଡେ ଥାନ ବାହାରକରି ତ ପୁଣି ତା'ପାଇଁ ମଧ କଣେ ଜାଗା କରିବାକୁ ପଡ଼ିବ ! ନହେଲେ ଏହି ଶୀତ ହେମାଳ ରାତିରେ ବିଚାରୀ ବାଛୁରୀଟି ଶୋଇବ କେଉଁଠି ? ତେଣୁ ଏଣେ ମୁଁ ଘରର ଏତେଗୁଡ଼ାଏ ଜାଗା ମାଡ଼ିବସିଲେ ଆଉ ଚଳିବ କିପରି ? କାହିଁକି, ଖାଲି ମଣିଷଠାରେ କ'ଣ ନିଠ ମରାହେଇଚି, ପଶୁ ହେଲାବୋଲି କ'ଣ ବାଛୁରୀଟାର ଜୀବନ ନାହିଁ ? ଠାକୁର କ'ଣ ତାକୁ ମଧ ତିଆରି କରିନାହାନ୍ତି ? ... କିନ୍ତୁ ଯେତେ ଯାହା ହେଲେ ମଧ ତାଙ୍କ ଘରେ ସମସ୍ତେ ଭାରି ଭଲଲୋକ, ଭାରି ଦୟାଶୀଳ ଲୋକ । ଖରାଦିନେ ତ ସେମାନେ ମୋତେ ଆପଣା ଇଚ୍ଛାରେ ଘରଜାଗା ଛାଡ଼ି ଦିଅନ୍ତି, କୌଣସି ପ୍ରକାରେ କୌଣସି କଚ୍ଚନା ହୁଅନ୍ତି ନାହିଁ, ଆପଣାର ଖାଇବା ଚିଜରୁ ମୋ' ଲାଗି ମଧ ଗୋଟାଏ ଅଂଶ ଭାଗ ବାଣ୍ଟି ଦିଅନ୍ତି । ଆଉ ଖରାମାସ ଯାଇ ଶୀତମାସ ଆସିଲେ ମୁଁ ମଧ ଆପେ ଆପେ ଘରଛାଡ଼ି ସଂସାରକୁ ଗୋଡ଼କାଢ଼େ, ଭିକ ମାଗି ପେଟ ପୋଷେ ।... ମୁଁ ତ ଗୋଟାଏ ମଣିଷ, ମୋ'ର ବା କେତେ ଦରକାର ? ଦୟାବନ୍ତ ମଣିଷମାନଙ୍କଠାରୁ ଭିକ ମାଗି ମୁଁ ସେତକ ଯୋଗାଡ଼ କରିନିଏ । ଭଗବାନ ଯୀଶୁ ମାଲିକ ଅଛନ୍ତି, ତାଙ୍କରି ଉପରେ ଭରସା କରି ପୁଣି ବସନ୍ତ କାଳ ଆସିବା ଯାଏ ମୋର ଆଉ ଚିନ୍ତା କରିବାକୁ କିଛି ରହିବ ନାହିଁ । ଆପଣା ପେଟ ମାଣକ ପୂରାଇ ମୁଁ କିଛି ସାଇତି ମଧ ରଖିପାରିବି । ଭଗବାନ୍ ଯୀଶୁ, କରୁଣାମୟ ଉଦାରହୃଦୟ ଯୀଶୁ, ସେ କେବେହେଲେ ତାଙ୍କର ଗରିବମାନଙ୍କୁ ନିଆଶ୍ରୀ କରି ଫୋପାଡ଼ି ଦେବେନାହିଁ !''

''ନା, ଭଗବାନ କେବେହେଲେ ଏପରି କରିବେ ନାହିଁ''—ନିଷ୍ଠା ଗଦ୍‌ଗଦ କଣ୍ଠରେ ପାଦ୍ରି ତାକୁ ଆଶ୍ୱାସ ଦେଇ କହିଲେ ଓ ଆପଣାର ହାତ ଦେଇ ଗୋଟିଏ ରୌପ୍ୟମୁଦ୍ରା ଥିରି କରି ତା'ର ହାତ ଭିତରେ ନେଇ ଗୁଞ୍ଜିଦେଲେ ।

''ଅନେକ ଧନ୍ୟବାଦ, ପ୍ରଭୁ, ଅନେକ ଧନ୍ୟବାଦ । ଭଗବାନ ତୁମର କଲ୍ୟାଣ କରିଥାନ୍ତୁ !'' ଆପଣାର ମୁଣ୍ଡଟିକୁ ତଳକୁ କରି ଆଗାଥା ପାଦ୍ରିଙ୍କର ଆଣ୍ଠୁପର୍ଯ୍ୟନ୍ତ ନୁଆଁଇ ଆଣିଲା । ତା'ର ଗାଲ ଉପର ଦେଇ ବଡ଼ ବଡ଼ ଅଶ୍ରୁଟୋପାମାନ ଖସିପଡ଼ିବାରେ ଲାଗିଥାଏ, ଅଶ୍ରୁର ଧାର ବହିଯାଇ ତା'ର ମୁହଁ ଉପରଟା ନୂଆ ଧରାହୋଇଥିବା ଶରତ୍‌କାଳର ସିଆରକଟା ଖାବଖାବଡ଼ିଆ ଚାଷଜମି ପରି ଦେଖାଯାଉଥାଏ ।

ଏହି ଦୃଶ୍ୟ ଦେଖି ହଠାତ୍ ପାଦ୍ରି କିଞ୍ଚିତ୍ ଇତସ୍ତତଃ ଅନୁଭବ କରିବାକୁ ଲାଗିଲେ ।

'' ଆଚ୍ଛା ତୁ ଯା' । ଭଗବାନ ତୋତେ ନିରାପଦରେ ବାଟ କଢ଼ାଇ ନିଅନ୍ତୁ ।''— ଆଗାଥାକୁ ତଳୁ ଉଠାଉ ଉଠାଉ ପାଦ୍ରି ସକୁଣ୍ଠ ହୋଇ କହିଲେ ।

ଥରଥର ହାତରେ ଶୂନ୍ୟରେ ଗାରକାଟି ଆଗାଥା କ୍ରସ୍‌ଚିହ୍ନ ଅଙ୍କିତ କଲା, ତଳେ ଥୁଆହୋଇଥିବା ଆପଣାର ଝୁଲି ଓ ବାଡ଼ିଟିକୁ ଉଠାଇ ହାତରେ ଧରିଲା ଏବଂ ରାସ୍ତା ଧରି ଗୋଟିଏ ଗୋଟିଏ ବାଟ ଚାଲିବାକୁ ଆରମ୍ଭ କଲା । ଚଉଡ଼ା ରାସ୍ତା, ଗାଡ଼ିର ଚକ ଲାଗି ଲାଗି ଧରସା କାଟିହୋଇ ଯାଇଚି, ଆଗରେ ଜଙ୍ଗଲ । ବେଳେବେଳେ ପଛକୁ ମୁହଁ ବୁଲାଇ ଆଗାଥା

Digitized by srujanika@gmail.com

ଗାଆଁଟି ଉପରେ ପୁଣି ଥରକପାଇଁ ଦୃଷ୍ଟି ବୁଲାଇ ନେଉଥାଏ । ଗାଆଁର କ୍ଷେତମାନଙ୍କରେ ଆଳୁ ଖୋଳା ହେଉଚି, କେତେ କେତେ ଗୋରୁଗୋଠରୁ ଧୂଆଁ ଉଠି ଶସ୍ୟ କଟାହୋଇଥିବା କିଆରିଗୁଡ଼ିକ ଉପରେ ଚାନ୍ଦୁଆପରି ଝୁଲିରହିଚି ।

ଆଗାଥା ଆସି ପହଞ୍ଚିବା ପୂର୍ବରୁ ପାଦ୍ରିସାହେବ ଲଙ୍ଗଳ ଉପରେ ବସିଥିଲେ, ଆଗାଥା ବିଦାୟ ନେଇ ଯିବାପରେ ସେ ବର୍ତ୍ତମାନ ପୁଣି ସେହି ସ୍ଥାନରେ ଯାଇ ବସିଲେ ଓ ନାକରେ ଚୁମୁଟାଏ ନାସ ଟାଣିନେଇ ଆପଣାର କର୍ମକାଣ୍ଡ ପୁସ୍ତକ ଉପରେ ଆଖି ପକାଇବାକୁ ଲାଗିଲେ । କିନ୍ତୁ ମଝିରେ ମଝିରେ ତାଙ୍କର ଆଖି ପୁସ୍ତକଟିର ନାଲିନାଲି ଛପାଅକ୍ଷର ଉପରେ ସ୍ଥିର ହୋଇ ରହିନପାରି ଶାରଦ ଶାନ୍ତିର ଅଙ୍କଭିତରେ ଶୟାନ ହୋଇ ରହିଥିବା ପ୍ରସାରିତ ଶୋଭାଭୁବନ ଆଡ଼କୁ ବିକ୍ଷିପ୍ତ ହୋଇଯାଉଥାଏ । କେତେବେଳେ ଉପରକୁ ମୁହଁ ଟେକି ସେ ବିବର୍ଣ୍ଣ ନୀଳାକାଶ ଆଡ଼କୁ ଅନାଇ ରହୁଥାନ୍ତି ବା ସମ୍ମୁଖସ୍ଥ କ୍ଷେତରେ ହଳ କରୁଥିବା ହଳିଆମାନଙ୍କୁ ଅନାଇ ତାଗିଦା କରି ଦେଉଥାନ୍ତି ।

''ହେ,ହେ ଭାଲେକ୍, ସେଠି ଗୋଟାଏ ସିଆର ବଙ୍କା ରହିଗଲା, ତାକୁ ସିଧା ମଡ଼ାଇଦେଇ ଯାଆ''—ବସିକରି ସେ ହୁକୁମ କରୁଥାନ୍ତି । ହଳ ଟାଣୁଥିବା କସରା ଘୋଡ଼ାମାନଙ୍କର ଖୋଜ ପଛେ ପଛେ ତାଙ୍କର ଦୁଇ ଆଖି ଅନୁସରଣ କରିବାରେ ଲାଗିଥାଏ ।

ସେ ପୁଣି ଆପଣାର ପୁସ୍ତକ ଉପରକୁ ଆଖି ଫେରାଇ ଆଣିଲେ ଏବଂ ନିମିଷକ ମଧ୍ୟରେ ତାଙ୍କର ଓଠ ଦୁଇଟା ପୁଟୁ-ପୁଟୁ ହେବାକୁ ଆରମ୍ଭ କଲା । କିନ୍ତୁ ତଥାପି ଆଖି ଦୁଇଟା ବଡ଼ ଅଜାଣତରେ ପୁଣି ଘୋଡ଼ାମାନଙ୍କ ପାଖକୁ ଦଉଡ଼ିଯିବାକୁ ଆଦୌ ଅଧିକ ସମୟ ଲାଗିଲା ନାହିଁ । ନୂଆକଟା ସିଆର ଉପରେ ଲମ୍ବା ଲମ୍ବା ଥଣ୍ଟଗୁଡ଼ାକୁ ବଢ଼ାଇ ଦେଇ ପଞ୍ଝାଏ କାଉ ଫକଫକ ହୋଇ ବୁଲିବାରେ ଲାଗିଥାନ୍ତି । କେତେବେଳେ ହଳିଆର ପାଞ୍ଚଣରୁ ଟିକିଏ ପାଏଁ କରି ଶବ୍ଦ ହେଲାବେଳକୁ ବା ଘୋଡ଼ାମାନେ କୋଉଠି ମୋଡ଼ ବୁଲିଲା ବେଳକୁ କୁଆଗୁଡ଼ାକ ଫଡ଼କରି ଉଡ଼ି ପଳାଉଥାନ୍ତି ଏବଂ ପୁଣି ଯାଇ ହଳ ପଛରେ କୌଣସି ଜାଗା ଦେଖି ବସି ଯାଉଥାନ୍ତି, ସଦ୍ୟ ଓଲଟା ହୋଇଥିବା ଖରାପଚା ମାଟିର ଟାଣୁଆ ଢେଲା ଉପରେ ଥଣ୍ଟଗୁଡ଼ାକ ଘଷି ପକାଇ ନେଉଥାନ୍ତି ।

''ଭାଲେକ୍, ଡାହାଣପାଖର ଛଡ଼ାଟାକୁ ଟିକିଏ ପାହାରେ ବଜାଇ ଚେଙ୍ଗା କରିଦେବୁଟି, ସେ ଯେପରି ପଛଉଥିବା ପରି ମନେହେଉଚି !''

ପାଦ୍ରିଙ୍କର ଆଦେଶ ପାଳନ କରାଗଲା ଓ ତାହାର ପ୍ରତ୍ୟାଶିତ ଫଳ ମଧ୍ୟ ଜରୁର ଫଳିଲା । ପାଦ୍ରି ମନେ ମନେ ଖୁସିହୋଇ ମୁରୁକି ହସୁଥାନ୍ତି । ଘୋଡ଼ାମାନେ ରାସ୍ତାପାଖ କେଇ ବୁଲି ଯାଉଥିବାବେଳକୁ ସେ ଦଉଡ଼ିଆସି ଅତି ଆଦରରେ ସେମାନଙ୍କର ବେକ ଉପରେ ଥାପୁଡ଼ାଇବାକୁ ଲାଗିଲେ । ପଶୁଜାତି ହେଲେ କ'ଣ ହେଲା, ଘୋଡ଼ାଗୁଡ଼ିକ ଏହି ଆଦର-ପ୍ରଦର୍ଶନର ପ୍ରତ୍ୟୁତ୍ତର ଦେଇ ପାଦ୍ରିଙ୍କର ମୁହଁଆଡ଼କୁ ଆପଣାର ଥୋଡ଼ିଗୁଡ଼ାକୁ ବଢ଼ାଇଦେଲେ ଓ ପୁଲକ ପ୍ରକାଶ କରି ସଅଁ ସଅଁ ହେବାକୁ ଲାଗିଲେ ।

Digitized by srujanika@gmail.com

''ହେତ୍—ଆ—ହା !''—ସେଉଠୁ ଭାଲେକ୍ ଆପଣାର ଗୀତ ଆରମ୍ଭ କରିଦେଲା । ସିଆର ଭିତରୁ ରୁପାରଙ୍ଗର ଲଙ୍ଗଳ ଲୁହାଟାକୁ ବାହାର କରିଆଣି ସେ ଅତି ନିପୁଣ ଭାବରେ ଲଙ୍ଗଳଟାକୁ ଉଠାଇ ଧରିଲା ଓ ଘୋଡ଼ା ଦୁଇଟାକୁ ଭଲ କରି ଅଡ଼ାଇଦେଇ ଚକଚକ ଲୁହାଟାକୁ ପୁଣି ମାଟିଭିତରକୁ ଭୁଷି ଦେଲା । ପାଞ୍ଚଣରୁ ପାଏଁକରି ଗୋଟାଏ ଶବ୍ଦ ବାହାରିବା ମାତ୍ରକେ ଘୋଡ଼ାମାନେ ପୁଣି ଲଙ୍ଗଳ ଧରି ଟାଣିବାକୁ ଲାଗିଲେ । ସେମାନଙ୍କର ବେକ ଉପରେ ପଡ଼ିଥିବା ଯୁଆଳି ମଟମଟ ଶବ୍ଦ କରିବାକୁ ଆରମ୍ଭ କଲା ଓ ସେମାନେ ଖେତଟିର ଏହି ଲମ୍ୱା ପଟିଟିକୁ ଚଷିବାରେ ଲାଗିପଡ଼ିଲେ । ଜମି ଖଣ୍ଡକ ରାସ୍ତାକୁ ସମକୋଣ କରି ଅନେକ ଦୂରକୁ ପ୍ରଲମ୍ବିତ ହୋଇ ରହିଚି, ମଝିରେ ଗୋଟାଏ ଜାଗାରେ ଢାଲୁ ହୋଇ ଟାଣି ବନ୍ଧା ହୋଇଥିବା ଠିକ୍ ସରିଏ ଝୋଟପରି ସେପାଖ ଗଡ଼ନ୍ତିର ଛୋଟ ଗାଆଁଟି ପର୍ଯ୍ୟନ୍ତ ବିସ୍ତୃତ ହୋଇ ରହିଚି । ଫଳବଗିଚାର ନାଲି ଓ ହଳଦିଆ ପତ୍ରର ସମାହାର ଭିତରେ ଗାଆଁଟି ପରମ ଶାନ୍ତିରେ ବିରାଜମାନ କରୁଚି ।

ଶରତ୍‌କାଳ ବର୍ତ୍ତମାନ ଶେଷ ହୋଇ ଆସିଲାଣି, କିନ୍ତୁ ପାଗଟା ତଥାପି ସେହିପରି ଗରମ ଆଉ ଘାଲିଆ ହୋଇ ରହିଚି । ଏପର୍ଯ୍ୟନ୍ତ ମଧ ଦେହକୁ ଖରା କାଟୁଚି । ଦକ୍ଷିଣ-ପଶ୍ଚିମ ଦିଗରେ ଅରଣ୍ୟର ସୀମା ଉପରେ ସୂର୍ଯ୍ୟ ଲଟ୍‌କି ରହିଥିଲା ପରି ମନେହେଉଚି । ସେହି ସୂର୍ଯ୍ୟର କିରଣ ପଡ଼ି ବଣବୁଦା, ପିଅର୍‌ଫଳର ଗଛ ଓ ଟାଣ, ଶୁଖିଲା ମାଟିହିଡ଼ରୁ ମଧ ବହଳିଆ ଶୀତଳ ଛାଇମାନ ଲମ୍ୱହୋଇ ପଡ଼ିଚି ।

ବାୟୁମଣ୍ଡଳରେ ଆଜି ଏକ ଅନିର୍ବଚନୀୟ ମାଧୁରୀ ଓ ମୃଦୁଲତା ପରିପୂର୍ଣ୍ଣ ହୋଇ ରହିଚି, ସୂର୍ଯ୍ୟକିରଣ ଲାଗି ସ୍ୱର୍ଣ୍ଣବର୍ଣ୍ଣରେ ଉଦ୍‌ଭାସିତ ହୋଇ ଉଠୁଥିବା ଧୂଳିକଣାମାନ ମେଘର ପଟଳ ବାନ୍ଧି ସଦ୍ୟ ଫସଲ କଟାହୋଇ ଯାଇଥିବା ଶସ୍ୟଖେତଗୁଡ଼ିକ ଉପରେ ଝୁଲିକରି ରହିଥିବାପରି ଦେଖାଯାଉଚି, ପୁଣି ଉପରେ ନୀଳ ଆକାଶରେ ବିପୁଳକାୟ ଶୁଭ୍ର ମେଘଖଣ୍ଡମାନ ଠିକ୍ ପ୍ରବଳ ତୋଫାନରେ ଉଡ଼ିଯାଉଥିବା ବରଫଖଣ୍ଡ ପରି ଦେଖାଯାଉଚନ୍ତି ।

ତଳ ଆଡ଼କୁ ଅନାଇ ଦେଖିଲେ ଆଖି ଯେତେଦୂରକୁ ପାଉଚି, କେବଳ ନୀରସ ମାଟିଆ ରଙ୍ଗର ଖେତଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି କିଛି ଦୃଷ୍ଟିଗୋଚର ହେଉନାହିଁ । ହଠାତ୍ ଅନାଇଦେଲା ବେଳକୁ ଠିକ୍ ଗୋଟିଏ ବୃହତ୍ ଅବବାହିକା ପରି ମନେ ହେଉଚି, ଉପରେ ଥିବା କଳା ଅରଣ୍ୟର ନୀଳ ଧାରଗୁଡ଼ିକ ଏହି ଅବବାହିକାର ସୀମାପରି ଦେଖାଯାଉଚି । ଅବବାହିକାଟିର ବକ୍ଷଦେଇ ବହିଯାଇଥିବା ଛୋଟିଆ ନଦୀର ଗତିପଥଟି ଠିକ୍ ରେଶମ ସୂତା ସରିଏ ପରି ଖରାପଡ଼ି ଚକ୍‌ଚକ୍ କରି ଉଠୁଚି । ଆପଣାର ଦୁଇ ତଟରେ ଅବସ୍ଥିତ ଥିବା କେତେ କେତେ ଗଛ ଭିତରେ ବଙ୍କାଟଙ୍କା ବାଟ କାଟି ନଦୀଟି କେତେ ସ୍ୱତରରେ ବହି ଚାଲିଯାଉଚି । ଗାଆଁ ଭିତରକୁ ଆସି ନଦୀର ଧାର ବେଶ୍ ଚଉଡ଼ା ହୋଇଯାଇଚି, ବେଶ୍ ଗୋଟାଏ ବଡ଼ ମୋଡ଼ କାଟି ନଈର ପାଣି ଗୋଟିଏ ଗଣ୍ଡ ତିଆରିକରି ରଖିଚି ଓ ତା'ପରେ ପୁଣି ଅଣଓସାରିଆ ହୋଇ ପାହାଡ଼ଭୂଇଁ ଭିତରେ ଅଦୃଶ୍ୟ ହୋଇଯାଇଚି । ଉପତ୍ୟକାର ନିମ୍ନ ଦେଶରେ ଏହି

Digitized by srujanika@gmail.com

ଜଳଭଣ୍ଡାରକୁ ଆବୋରି ରହିଥିବାପରି ଗାଆଁଟି ଅବସ୍ଥିତ ରହିଚି, ଗାଆଁର ଅଗଣିତ ଫଳବଗିଚାଗୁଡ଼ିକର ବିଚିତ୍ର ଶରଦରଙ୍ଗର ସମାହାର ଭିତରେ ଦିନବେଳର ଖରା ନାଚିନାଚି ବୁଲୁଚି । ତା'ପରେ, ଏକାବେଳେକେ ଅରଣ୍ୟର କିନାରା ପର୍ଯ୍ୟନ୍ତ କେବଳ ଗହୀର ବିଲର ପଟିମାନ ପ୍ରଲମ୍ବିତ ହୋଇ ରହିଚି । ଧୂସର ରଙ୍ଗର ବିଲଗୁଡ଼ିକ—ତା' ମଝିରେ ଅଣଓସାରିଆ ବାଟଗୁଡ଼ିକ ସୂତାସରିପରି ଛନ୍ଦିଛାନ୍ଦି ହୋଇ ରହିଚି । ସେହି ବାଟଗୁଡ଼ିକର କଡ଼େ କଡ଼େ ପିଅର ଫଳର ଗଛ ଆଉ କଣ୍ଟାବୁଦା । ପାଉଁଶିଆରଙ୍ଗର ଏହି ଉଦ୍ଭିଦ ଆସ୍ତରଣ ଉପରେ ସୁବାସିତ ନାନା ଫଳର ସ୍ୱର୍ଣ୍ଣପୀତ ଶୋଭାମୟତା ଏକ ମନୋମୁଗ୍‌ଧକର ବୈଚିତ୍ର୍ୟ ସୃଷ୍ଟି କରିରଖିଚି । ପୁଣି କେଉଁଠି କେଉଁ ଶୁଷ୍କଧାରା ଝରଣାର ସିକତା ମଉଳନ ପଡ଼ିଯାଇଥିବା ରୂପାପରି ଦୃଷ୍ଟିଗୋଚର ହୋଇଯାଉଚି । ମଝିରେ ମଝିରେ ବାଲିରେ ପୂର୍ଣ୍ଣ ହୋଇରହିଥିବା ଶାନ୍ତ ରାସ୍ତାଗୁଡ଼ିକ—ଦୁଇପାଖରେ ଡେଙ୍ଗା ପପ୍‌ଲାର୍ ଗଛମାନ—ଗଛର ଅତିକାୟ ଛାଇମାନ ରାସ୍ତାର ପ୍ରସାରକୁ ଗ୍ରାସ କରି ମାଡ଼ିରହିଚି । ରାସ୍ତାଟି କ୍ରମେ ଉଠାଣିଆ ଉଠି ପର୍ବତ ଆଉ ଅରଣ୍ୟ ଭିତରେ ଅଦୃଶ୍ୟ ହୋଇଯାଇଚି ।

ପାଦ୍ରି ଏହି ପ୍ରକୃତିର ସାମନାସାମନି ମଉନ ହୋଇ ବସି ଧ୍ୟାନ ନିମଗ୍ନ ହୋଇଯାଇଥିଲେ । ଠିକ୍ ଏହି ସମୟରେ ନିଦ ଭାଙ୍ଗିଗଲା ପରି ହଠାତ୍ ତାଙ୍କର ଧ୍ୟାନଭଗ୍ନ ହେଲା । ଅନତିଦୂରରୁ ସେ ଏକ ବିକଳ, ଦୀର୍ଘ ଓ କରୁଣ ସ୍ୱର ଶୁଣିବାକୁ ପାଇଲେ । ଏହି ସ୍ୱର ଶୁଣି କାଉପଲଗୁଡ଼ାକ ମଧ ହଠାତ୍ ବସିଥିବା ସ୍ଥାନରୁ ଉଡ଼ିଯାଇ ଖୋଳା ହୋଇଥିବା ଆଳୁସିଆର ପାଖରେ ଯାଇ ବସିପଡ଼ିଲେ । ସେମାନଙ୍କ ଦେହର ଉଡ଼ନ୍ତା ଛାଇଗୁଡ଼ାକ ଅଧା ବୁଣାସରିଥିବା ଚାଷଜମି ଉପରଦେଇ ଭାସି ଭାସି ଚାଲିଗଲା । ଭୂରୁ ଉପରେ ହାତଦେଇ ଆଖିକୁ ଛାଇ ଉଢୁଆଳ କରି ରଖି ସେ ସୂର୍ଯ୍ୟ ଓ ଅରଣ୍ୟ ଆଡ଼କୁ ଅନାଇ ଦେଖିବାକୁ ଲାଗିଲେ । ଦେଖିଲେ ଗୋଟିଏ ଅଳ୍ପବୟସ୍କା ଝିଅ ସେହି ବାଟଦେଇ ତାଙ୍କରି ଆଡ଼କୁ ଆସୁଚି । ତା'ର ହାତରେ ଥିବା ପଘାରେ ବନ୍ଧା ହୋଇ ଛୋଟିଆ ନାଲି ଗାଈଟିଏ ମଧ ପଛେ ପଛେ ଚାଲିଛି । ପାଖକୁ ଆସି ଝିଅଟି କହିଲା, "ଭଗବାନଙ୍କର ଜୟ ହେଉ ।" ଏତକ କହୁ କହୁ ସେ ପାଦ୍ରିଙ୍କର ହାତ ପାପୁଲି ଉପରେ ଚୁମ୍ବନ ଦେବବୋଲି ଆଗଭର ହୋଇଆସୁଚି, ଠିକ୍ ଏହି ସମୟରେ ଗାଈଟା ତାକୁ ଗୋଟାଏ ନାତ ମାରିଲା ଏବଂ ପୁଣି ବୋବେଇବାକୁ ଆରମ୍ଭକଲା ।

"ଗାଈଟିକୁ କ'ଣ ତୁ ହାଟକୁ ନେଇ ବାହାରିଚୁ ?"—ପାଦ୍ରି ପଚାରିଲେ ।

ଝିଅଟି ଉତ୍ତର ଦେଲା, ନାଇଁ ଆଜ୍ଞା, ହାଟକୁ ଯାଉନାହିଁ । ଯାଉଚି ଏଇ ଚକିବାଲା ପାଖକୁ । "ହେ ମୁଦେଇ ଗାଈ , ତୁ କ'ଣ ଥିରିହୋଇ ଠିଆହୋଇ ପାରୁନୁ ? ତୋତେ କ'ଣ ଭୂତ ଲାଗିଚି ନା କ'ଣ ?"—କହୁକହୁ ସେ ଧଇଁସଇଁ ହୋଇଗଲା ପରି ହେଉଥାଏ ଓ ଗାଈଟିକୁ ଆୟତ୍ତରେ ଆଣିବାକୁ ଚେଷ୍ଟା କରୁଥାଏ । କିନ୍ତୁ ଗାଈଟା କି ସହଜେ ସମ୍ଭାଳିହେବା ଜନ୍ତୁ ? ସେ ଝିଅଟିକୁ ଟାଣିଟାଣି ନେଇଯାଉଥାଏ । ଏହିପରି ଯାଉଯାଉ ବିହେଁ ଧୂଳିପଟଳ ଭିତରେ ଅଦୃଶ୍ୟ ହୋଇଗଲେ ।

Digitized by srujanika@gmail.com

କ୍ଷଣକ ପରେ ସେହି ଧୂଳିଆ ରାସ୍ତାଦେଇ ଜଣେ ଇହୁଦୀ ବେପାରୀ ମଧ ଆସି ପହଞ୍ଚିଲା । ଛିଣ୍ଡାକନା ଓ କନ୍ଥାମାନ ସଂଗ୍ରହ କରିବା ହେଉଚି ତାର ବେପାର । ତାର ପିଠିଉପରେ ଏହିସବୁ ସଂଗୃହୀତ ସମ୍ପଦର ଗୋଟାଏ ପର୍ବତ ସମାନ ଗଣ୍ଠିରା ପଡ଼ିଥାଏ । ସେହି ଗଣ୍ଠିରାଟା ଏତେ ବେଶୀ ଭାରୀ ହୋଇଥାଏ ଯେ ବିଚାରା ବେପାରୀକୁ ଘଡ଼ିକେ ଦଣ୍ଡେକେ କ୍ଷଣେ ଠିଆହୋଇ ଦମ୍ ମାରିବାକୁ ପଡୁଥାଏ ।

ବଡ଼ପାଟିକରି ଡାକି ପାଦ୍ରି ପଚାରିଲେ, ''ହେ ମୋଶେକ, କ'ଣ ଖବର ?''

''ଖବର କ'ଣ ? ଯେଉଁମାନେ ଭାଗ୍ୟବାନ୍, ସେମାନଙ୍କ ପାଇଁ ଖବର ସବୁ ଭଲ । ଭଗବାନ ମାଲିକ ଅଛନ୍ତି, ତାଙ୍କରି ଦୟାରୁ ଆଳୁଫସଲଟା ଏଥର ଭାରି ଭଲ ହୋଇଥିବାପରି ମାଲୁମ ହେଉଚି । ଯାହାକୁ ଯେତେ ଆଳୁ ! ହଁ, ମାଣ୍ଡିଆ ବି କୌଣସି ପ୍ରକାରେ ଊଣା ହୋଇନାହିଁ, ବନ୍ଧାକୋବି ମଧ ବେଶ୍ ଦେଦାର ମିଳିବ । ଯେଉଁ ଚାଷୀମାନେ ଏବର୍ଷ ଆଳୁ, ମାଣ୍ଡିଆ ଆଉ ବନ୍ଧାକୋବି କରିଚନ୍ତି, ଏ ବର୍ଷଟାଯାକ ସେମାନଙ୍କର ପୁଷମାସ ।'' ଭକ୍ତିଭରେ ସେ ପାଦ୍ରିଙ୍କର ଆସ୍ତିନ୍ ଉପରେ ଚୁମ୍ବନ କଲା ଏବଂ ତା'ପରେ ମୁଣ୍ଡଉପରର ବୋଝଟାକୁ ସଜାଡ଼ିଦେଇ ଆଗରେ ଥିବା ଗଡ଼ନ୍ତିଆ ରାସ୍ତା ଗଡ଼ି ଗୋଟିଏ ଗୋଟିଏ ଚାଲିଗଲା । ସେ ଚାଲିଯାଉଥିବା ବାଟଉପରେ ତାହାର ଖୋଜ ବାଜି ଯେଉଁ ଧୂଳି ଉଡୁଥିଲା, ସେହି ଧୂଳିଭିତରୁ ମଝିରାସ୍ତାରେ ଜଣେ ଅନ୍ଧ ଭିକାରିର ଆବିର୍ଭାବ ହେଲା । ତା' ହାତରେ ଗୋଟିଏ ଦଉଡ଼ିରେ କୁକୁରଟିଏ ବନ୍ଧାହୋଇଚି । କୁକୁରଟି ଖାଇପିଇ ବେଶ୍ ମୋଟାସୋଟା ଓ ବଳୁଆ ମାଲୁମ ହେଉଚି । ଏହି ସମୟରେ ଜଙ୍ଗଲ ଆଡୁ ଗୋଟିଏ ପିଲା ମଧ ଆସୁଥିବାର ଦେଖାଗଲା । ତା' ହାତରେ ସେ ବୋତଲଟିଏ ଧରିଥାଏ । ରାସ୍ତା ଉପରେ ପବିତ୍ର ପାଦ୍ରିସାହେବଙ୍କୁ ଠିଆ ହୋଇଥିବାର ଦେଖି ପିଲାଟି ତାଙ୍କୁ ଦୂରରୁ ଥାଇ ଦଣ୍ଡବତ କଲା ଓ ବିଲ ଭିତରେ ସଳଖ ବାଟ କାଟି ଗାଆଁରେ ଥିବା ଚଟିଘରକୁ ଚାଲିଗଲା ।

ଆରଗାଆଁରୁ ଜଣେ ଚାଷୀ ଚଟିଘରକୁ ଅଟାପେଷି ଆସୁଥାଏ । ତା'ପଛକୁ ପଲେ ବତକ ଅଡ଼ାଇ କୌଣସି ଇହୁଦୀ ଘରର ଜଣେ ଘରଣୀ ମଧ ସେହି ବାଟଦେଇ ଚାଲିଗଲା । ପ୍ରତ୍ୟେକଙ୍କ ସହିତ ପାଦ୍ରିଙ୍କର ସାକ୍ଷାତ ହେଲା, ପ୍ରତ୍ୟେକେ 'ଭଗବାନଙ୍କର ଜୟ ହେଉ' ବୋଲି କହିଗଲେ ଓ ଏହି ଶୁଭସମ୍ଭାଷଣର ପ୍ରତ୍ୟୁତ୍ତର ଦେଇ ପାଦ୍ରି ମଧ ପ୍ରତ୍ୟେକଙ୍କୁ ପଦେପଦେ ଭଲକଥା କହିଲେ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଚାହାଣିରେ ଥରେ ସେମାନଙ୍କ ଆଡ଼କୁ ଚାହିଁଲେ । ଏବଂ ତା'ପରେ ସେମାନେ ଆପଣା ଆପଣା ବାଟରେ ଚାଲିଗଲେ ।

ସେତେବେଳକୁ ଖରା ନଇଁସାରିଲାଣି । ବସିବା ଥାନରୁ ଉଠି ଠିଆହୋଇ ପାଦ୍ରି ଭାଲେକ୍‌କୁ ଡାକି କହିଲେ—''ବାସ୍, ଆଜି ଏହି ଭୂର୍ଜଗଛର ଧାଡ଼ିପର୍ଯ୍ୟନ୍ତ ସମସ୍ତ ଜମି ଧରି ତା'ପରେ ତୁ ଘରକୁ ଚାଲିଯିବୁ । ବିଚରା ଘୋଡ଼ାଗୁଡ଼ାକ ମଧ ଭାରି ଥକିଗଲେଣି ।''

ବିଲମଝିରେ ଯାଇଥିବା ରାସ୍ତା ଦେଇ ଯାଉଯାଉ ସେ ମନେ ମନେ ଆପଣାର ନିତ୍ୟକୃତ୍ୟ ପ୍ରାର୍ଥନାମନ୍ତ୍ରଗୁଡ଼ିକ ଉଚ୍ଚାରଣ କରି କରି ଯାଉଥାନ୍ତି ଏବଂ ବାରବାର ସମ୍ମୋହିତ ଓ

Digitized by srujanika@gmail.com

ଛଳଛଳ ଆଖିକୁ ବୁଲାଇ ଚତୁର୍ଦ୍ଦିଗର ଦୃଶ୍ୟମାନ ଦେଖିବାରେ ଲାଗିଥାନ୍ତି । ନାଲିଆ ପରିଧାନ ପିନ୍ଧି କୃଷକ ଗୃହିଣୀମାନେ ଆଳୁ ଖୋଳା ହେଇଥିବା ସିଆର ଉପରେ ଧାଡ଼ି ବାନ୍ଧି ବସିଥାନ୍ତି, ଆପଣାର ଟୋକେଇଟିମାନ ଭରିଯିବା ସଙ୍ଗେ ସଙ୍ଗେ ତାହାକୁ ନେଇ ଗାଡ଼ିଭିତରେ ଖାଲି କରି ନେଇ ଆସୁଥାନ୍ତି । ଏଠି ସେଠି ମଞ୍ଜି ବୁଣାହେବା ଲାଗି ଜମିରେ ଓଡ଼ ଧରା ହେଉଥାଏ । ଏପର୍ଯ୍ୟନ୍ତ ଲଙ୍ଗଳ ଲାଗିନଥିବା ଜମିରେ ପଲେ ଗୋରୁ ଚରିବାରେ ଲାଗିଥାନ୍ତି । କେତେକ ଜମିରେ ପାଉଁଶିଆ ଧୂସର ରଙ୍ଗ ନୂଆ ଗଜୁରି ଆସୁଥିବା ଶସ୍ୟ-ପତ୍ରର ସବୁଜ ବାଜି କ୍ରମେ ରୂପାନ୍ତରିତ ହେବାକୁ ଆରମ୍ଭ କରୁଥାଏ । କଣ୍ଟା କଣ୍ଟା ଘାସଭୂଇଁ ଉପରେ କେଉଁଠି ଚରିବୁଲୁଥିବା ହଂସଗୁଡ଼ିକ ଧଳା ଧଳା ବରଫଢେଲା ପରି ଦେଖାଯାଉଥାନ୍ତି । କୋଉଠି କେତେଦୂରରୁ ଗୋଟାଏ ଗୋରୁର ହମ୍ବାଶବ୍ଦ ଶୁଣାଯାଉଚି । ଘରମାନଙ୍କରେ କୁହୁଳା ପଡ଼ି ସାରିଲାଣି, ଜମିଉପରେ ନୀଳବର୍ଣ୍ଣର ପ୍ରଲମ୍ବିତ ମେଘଖଣ୍ଡମାନ ଭାସି ବୁଲୁଚନ୍ତି । କେଉଁଠି କେଉଁଠି ଜମିରେ ହିଡ଼ ବନ୍ଧା ହେଉଚି, ସେହିସବୁ ସ୍ଥାନରୁ ଧୂଳିମେଘର ଘନଖଣ୍ଡମାନ ଉଠି ଉପରେ ଭାସି ଭାସି ପୁଣି ଯାଇ ପର୍ବତର ପାଦଦେଶରେ ଶାନ୍ତ ଓ ବିଲୀନ ହୋଇ ବସିଯାଉଚି । ସତେ ଅବା କେଉଁ ମେଘଖଣ୍ଡର ଗର୍ଭ ଭିତରୁ ବାହାରି ଆସିଲାପରି ତାହାରି ତଳୁ ଜଣେ ଚାଷୀର ଆବିର୍ଭାବ ହେଲା । ତା'ର ମୁଣ୍ଡରେ କୌଣସି ଆଭରଣ ନାହିଁ, ଗୋଡ଼ରେ କୌଣସି ପରିଧାନ ମଧ ନାହିଁ । ଗୋଟାଏ ଲୁଗାରେ ମାଣ୍ଡିଆ ବନ୍ଧାହୋଇ ତା'ର ଅଣ୍ଟା ଚାରିପାଖରେ ଗୁଡ଼ିଆହୋଇଚି । ଚାଷୀଟି ଗୋଟିଏ ଗୋଟିଏ ଗୁଣ୍ଠିଣି ପାଦ ପକାଇ ଧୀରେ ଧୀରେ ଚାଲିବାରେ ଲାଗିଚି । ହାତମୁଠାରେ ମୁଠାଏ ମୁଠାଏ ଶସ୍ୟ ନେଇ ସେ ଅତି ଗମ୍ଭୀରଭାବରେ ସତେ ଅବା କାହାକୁ ଆଶୀର୍ବାଦ କରୁଥିବାର ବରଦ-ମୁଦ୍ରାରେ ମାଟିଉପରେ ବିଞ୍ଚି ବିଞ୍ଚି ଚାଲିଯାଉଚି । ଆବାଦ ହୋଇ ସାରିଥିବା ଜମିର ଶେଷ ମୁଣ୍ଡରେ ପହଞ୍ଚି ସେ ପୁଣି ବୁଲିପଡ଼ି ଧୀରେ ଧୀରେ ଉଠାଣି ଉଠିବାକୁ ଆରମ୍ଭ କରୁଚି । ଦିକ୍‌ରେଖା ଉପରେ ସବାଆଗ ତାର ଅଲରା ବଲରା ବାଳଗୁଡ଼ାକ ଦୃଶ୍ୟ ହେଉଚି, ତା'ପରେ କାନ୍ଧ, ତା'ପରେ ତା'ର ସମସ୍ତ ଶରୀର । କିନ୍ତୁ ତା'ର ଭାବଟା ଠିକ୍ ସେହି ପୂର୍ବପରି ଗମ୍ଭୀର । ସେହି ପୂର୍ବପରି ବରଦ ଓ ପ୍ରଶାନ୍ତ । ହଁ, ସେ କେବଳ ମଞ୍ଜି ବୁଣୁନାହିଁ । ସବୁ ବୁଣାଳିପରି ସେ ପ୍ରକୃତରେ ମାଟିଉପରେ ଆଶୀର୍ବାଦ ବିଞ୍ଚି ବିଞ୍ଚି ଯାଉଚି, ଏକ ଅତି ପବିତ୍ର କାର୍ଯ୍ୟ ସମ୍ପାଦନ କରୁଚି, ତା'ର ହାତମୁଠାରୁ ସୁନାରଙ୍ଗର ଅକ୍ଷତମୁଠି ଅର୍ଦ୍ଧବୃତ୍ତାକାର ହୋଇ ତା'ର ଚାରିପାଖରେ ଛିଞ୍ଚାଡ଼ିହୋଇ ପଡ଼ିଚି ।

ପାଦ୍ରିଙ୍କର ପଦକ୍ଷେପ କ୍ରମେ ଅଧିକରୁ ଅଧିକ ଧୀର ହୋଇ ଆସୁଥାଏ । କେତେବେଳେ ସେ ନିଶ୍ୱାସ ନେବାଲାଗି ଠିଆହୋଇ ଯାଉଥାନ୍ତି, କେତେବେଳେ ତାଙ୍କର ଦୁଇଟାଯାକ କସରା ଘୋଡ଼ାଙ୍କ ଆଡ଼କୁ ଅନାଇବାକୁ ବା ଗୋଟାଏ ବଡ଼ ପିଅର୍ ଗଛକୁ ଟେକା ପକାଇବାରେ ବ୍ୟସ୍ତଥିବା ବେଳେ ପିଲାଙ୍କୁ ଚାହିଁ ଦେଖିବାକୁ ସେ ପଦପଦକେ ଅଟକି ଯାଉଥାନ୍ତି । ପିଲାମାନେ ତାଙ୍କୁ ଦେଖିବାମାତ୍ରକେ ଦଉଡ଼ି ଦଉଡ଼ି ତାଙ୍କପାଖରେ ଆସି ପହଞ୍ଚିଲେ, ଆପଣାର ହାତଗୁଡ଼ାକୁ

Digitized by srujanika@gmail.com

ପଛପଟେ ଲୁଚାଇକରି ରଖି ସେମାନେ ପାଦ୍ରିଙ୍କର ପରିଧାନ ଉପରେ ଚୁମ୍ବନ କରିବାକୁ ଲାଗିଲେ ।

ସେମାନଙ୍କର ଝୋଟିଆ ମୁଣ୍ଡଉପରେ ଆଦରରେ ଥାପଡ଼ାଇ ଦେଉ ଦେଉ ସେ ତଥାପି ଆକଟ କରିବାର ସ୍ୱରରେ କହିବାକୁ ଲାଗିଲେ—"ଫଳ ଖାଇଲେ ଖାଅ ପଛକେ, କିନ୍ତୁ ତାଳପତ୍ରର ଯେପରି କୌଣସି ଲୋକସାନ ନହୁଏ । ଏବର୍ଷ ତାଳପତ୍ର ଭାଙ୍ଗିଦେଲେ ଆରବର୍ଷକୁ ଗୋଟିଏ ହେଲେ ଫଳ ଧରିବନାହିଁ ।"

ଦଳଭିତରୁ ଅପେକ୍ଷାକୃତ ଅଧିକ ସାହସୀ ଗୋଟିଏ ପିଲା ଭରସିକରି ଉତ୍ତର ଦେଲା—"ଆଜ୍ଞା, ଆମେ କ'ଣ ଫଳକୁ ଟେକା ମାରୁଥିଲୁ କି ? ଗଛଉପରେ ଗୋଟାଏ ଚଢ଼େଇବସା ଅଛି—ଆମ୍ଭେ ସେଇଟାକୁ ଟେକା ପକାଉଥିଲୁ ।"

ସୌହାର୍ଦ୍ଦ୍ୟପୂର୍ଣ୍ଣ ଈଷତ୍ ହସ ହସି ପାଦ୍ରି ପୁଣି ଆଗକୁ ଯିବାକୁ ଲାଗିଲେ ଏବଂ ଅଳ୍ପସମୟ ଭିତରେ ସେ ଯାଇ ଆଳୁ ଖୋଳୁଥିବା ଚାଷୀମାନଙ୍କ ପାଖରେ ପହଞ୍ଚିଲେ ।

"ଭଗବାନ୍ ତୁମମାନଙ୍କର କାମକୁ ଅତିଶୀଘ୍ର ସାରିଦିଅନ୍ତୁ !"

"ଭଗବାନ ଆପଣଙ୍କର ମଙ୍ଗଳ କରିଥାନ୍ତୁ !"— ସମ୍ମିଳିତ ସ୍ୱରରେ ଚାଷୀମାନେ ଉତ୍ତର ଦେଲେ । ତା'ପରେ ସମସ୍ତେ ଗୋଟିଗୋଟି କରି ଆପଣାର ପ୍ରିୟ ପାଦ୍ରିଙ୍କର ହାତକୁ ଚୁମ୍ବନ କରିବା ଲାଗି ଉଠିଆସିଲେ ।

ପାଦ୍ରି କହିଲେ, "ମୋର ମନେହେଉଚି, ଭଗବାନ ଏବର୍ଷ ଆମକୁ ଦେବାର ଆଳୁ କୃପା କରିଚନ୍ତି । ପୋଷାକ ଭିତରୁ ନାସଡିବା ବାହାର କରି ସେ ଚାଷୀମାନଙ୍କ ହାତକୁ ବଢ଼ାଇଦେଲେ । ଚାଷୀମାନେ ଅତ୍ୟନ୍ତ ସମ୍ଭ୍ରମର ସହିତ ତାହା ଗ୍ରହଣ କଲେ । ଅବଶ୍ୟ ପାଦ୍ରିଙ୍କର ଉପସ୍ଥିତିରେ ନାସ ଗ୍ରହଣ କରିବାଲାଗି ସେମାନଙ୍କର କାହାରି ସାହସ ହେଲାନାହିଁ ।

"ଆରେ ବାପ୍‌ରେ, ଏବର୍ଷ ଯୋଉ ଆଳୁ ଫଳିଚି, ତାହାକୁ ତ ଆଳୁ କୁହାଯିବନାହିଁ, ତାହା ହେଉଚି ଗୋଟାଏ ଗୋଟାଏ ବିଲେଇମୁଣ୍ଡ ! ଗୋଟାଏ ଗୋଟାଏ ମୂଳରୁ ପୁଣି କେତେବେଶୀ ଆଳୁ ବାହାରୁଚି !"

"କିନ୍ତୁ ଏଣେ ଆଳୁ ଫସଲ ଭଲ ହେଲେ କ'ଣ ହେଲା, ତେଣେ ଘୁଷୁରିର ଦାମ୍ ଭାରି ବଢ଼ିଯିବ ଯେ ! ଏଥିରେ ହେଉ କି ସେଥିରେ ହେଉ, ପଇସା ସରିବହିଁ ସରିବ ।"

"ବର୍ତ୍ତମାନ ଏବେ ଘୁଷୁରି କୋଉ ଶସ୍ତା ହୋଇଚନ୍ତି ? ଏବର୍ଷ ଖରାମାସରେ କୁଆଡୁ ଗୋଟାଏ ଘୁଷୁରିମଡ଼କ ଆସି ପହଞ୍ଚିଲା ଯେ ବର୍ତ୍ତମାନ ଏ ଦେଶରେ ମଧ୍ୟ ହାଟରୁ ଘୁଷୁରି କିଣିବାକୁ ପଡୁଚି !"

"ହଁ ହଁ, ସତକଥା, ସତକଥା ! ଆଚ୍ଛା, ତୁମେମାନେ କାହା ବିଲରୁ ଏ ଆଳୁ ଖୋଳୁଚ ?"

"କାହିଁକି, ବୋରିନାର ବିଲରୁ !"

Digitized by srujanika@gmail.com

"କିନ୍ତୁ ବୋରିନା ତ କାହିଁ ତୁମମାନଙ୍କ ସହିତ ଏଠାରେ କାମ କରୁନାହିଁ ୫ ସେହି କାରଣରୁ ମୁଁ ସେ କଥାଟା ଠଉରାଇ ପାରିନଥିଲି ।"

"ମୋ' ଗେରସ୍ତ ସହିତ ବାପା ବର୍ତ୍ତମାନ ଜଙ୍ଗଲକୁ କାମ କରି ଯାଇଚନ୍ତି ।"

"ଆଚ୍ଛା, କିଏ ଉତ୍ତର ଦେଲା ? ହାଙ୍କା ? ତୋର ଖବର କ'ଣ ହାଙ୍କା ?"— ଏପାଖକୁ ମୁହଁ ବୁଲାଇ ପାଦ୍ରି ଗୋଟିଏ ସୁନ୍ଦରୀ ଯୁବତୀ ବାଳିକାକୁ ଲକ୍ଷ୍ୟ କରି କହିଲେ । ବାଳିକାଟି ଆପଣାର ଲାଲ ରୁମାଲଟିକୁ ମୁଣ୍ଡ ଚାରିପାଖରେ ଗୁଡ଼ାଇ ବାନ୍ଧିଦେଇଥାଏ । ହାଙ୍କା ସଙ୍ଗେ ସଙ୍ଗେ କାମ କରୁଥିବା ଜାଗାରୁ ପାଦ୍ରିଙ୍କ ପାଖକୁ ଉଠିଆସିଲା । ହାତଦୁଇଟା ମାଟି ବଲବଲ ହୋଇଥାଏ । ତେଣୁ ହାତ ଉପରେ ଆପଣାର ପଣନ୍ତକାନିଟା ପକାଇଦେଇ ସେ ଚୁମ୍ବନ ଦେବା ଉଦ୍ଦେଶ୍ୟରେ ପାଦ୍ରିଙ୍କର ହାତକୁ ଆପଣା ଆଡ଼କୁ ଟେକିନେଲା ।

"ଆଚ୍ଛା କହିଲୁ ସେଦିନ ମୁଁ ତୋର ଯେଉଁ ଛୁଆପୁଅଟିର ସମର୍ପଣ କରାଇଥିଲି, ସେଇଟି ବର୍ତ୍ତମାନ କିପରି ଅଛି ? ସେଇ ଫସଲକଟା ସମୟରେ..."

"ଭଗବାନ ଆପଣଙ୍କର କୋଟି କଲ୍ୟାଣ କରନ୍ତୁ, ମାଲିକ । ସେଇ ପିଲାଟି ଭାରି ଭଲ ଅଛି ? ଚାନ୍ଦକଳାପରି ବଢୁଚି ।"

"ଭଗବାନ ତୁମ ସମସ୍ତଙ୍କର ମଙ୍ଗଳ କରିଥାନ୍ତୁ ।"

"ଆପଣଙ୍କର ମଧ ମଙ୍ଗଳ କରିଥାନ୍ତୁ ।"

ସେଠା ଛାଡ଼ି ପାଦ୍ରି ଏଥର ଡାହାଣହାତି ବାଟ ଧରି ଆଗକୁ ଚାଲିଲେ । ଗାଆଁର ଏଇପାଖରେ ହେଉଚି ଗାଆଁର ଶ୍ମଶାନ—ପାଖରେ ଛୋଟ ରାସ୍ତାଟିଏ ଚାଲିଯାଇଚି— ରାସ୍ତାର ଦୁଇକଡ଼ରେ ଦୁଇଧାଡ଼ି ପପ୍‌ଲାର୍ ଗଛ । ଲୋକମାନେ ପଛରୁ ଥକାହୋଇ କିଛି ସମୟ ପର୍ଯ୍ୟନ୍ତ ତାଙ୍କର ଯିବାବାଟକୁ ଚାହିଁ ରହିଲେ । ପାଦ୍ରିଙ୍କର ଈଷତ୍‌ବକ୍ର କ୍ଷୀଣ ଶରୀରଟି କ୍ରମେ ପଥରର ପାଚେରି ପାରହୋଇ ମଡ଼ାଭୂଇଁର ଉପାସନା ମନ୍ଦିର ଭିତରେ ପ୍ରବେଶ କଲା । ଭୂର୍ଜ ଓ ଆହୁରି କେତେପ୍ରକାର ବୃକ୍ଷର ପତ୍ରସ୍ତବକଗୁଡ଼ିକ ହଳଦିଆ ଓ ନାଲିଆ ରଙ୍ଗରେ ଚକଚକ କରୁଥାଏ । ପାଦ୍ରି ତାହାରି ସେପାଖରେ ଅଦୃଶ୍ୟ ହୋଇଯିବା ପରେ ଲୋକମାନେ ପୁଣି ତୁଣ୍ଡ ଫିଟାଇଲେ ।

ସ୍ତ୍ରୀ ଲୋକମାନଙ୍କ ଭିତରୁ ଜଣେ କେହି କହିଲା— "ସଂସାରଟାଯାକରେ ଏମିତି ଜଣେ ଭଲ ମଣିଷ କେଉଁଠିହେଲେ ନଥିବେ ।"

କଥାରେ ତାଳଦେଇ ହାଙ୍କା କହିଲା, "ହଁ ହଁ, ନିଶ୍ଚୟ ।" ସଦ୍ୟ ଖୋଳାହୋଇଥିବା ସିଆର ଓ ଶୁଖିଲା ଆଳୁନଟା ଭିତରେ ଅତି ସ୍ପଷ୍ଟଭାବରେ ଦେଖାଯାଉଥିବା ହଳଦିଆ ଆଳୁଗଦାରେ ଆପଣା ଟୋକେଇର ଆଳୁତକ ଅଜାଡ଼ି ଦେଉଦେଉ ସେ କହିଚାଲିଥାଏ— "ସେମାନେ ପରା ତାଙ୍କୁ ଏଠୁ ନେଇ କୋଉ ସହରରେ ରଖିଦେବେବୋଲି ଠିକ୍ କରି ସାରିଥିଲେ । କିନ୍ତୁ ମୋ'ବାପା ପଧାନଙ୍କୁ ସାଙ୍ଗରେ ନେଇ ବିଶପଙ୍କ ପାଖକୁ ଗଲେ ଓ ତାଙ୍କୁ

Digitized by srujanika@gmail.com

ନାନାପ୍ରକାରେ ପ୍ରବର୍ତ୍ତାଇବା ପରେ ଯାଇ ସେ ପୁଣି ପାଦ୍ରିଙ୍କୁ ଆମ ଗାଆଁରେ ରଖିବାକୁ ରାଜିହେଲେ । କିନ୍ତୁ ସେସବୁ କଥା ବର୍ତ୍ତମାନ ଥାଉ । ତୁମ୍ଭେମାନେ ଟିକିଏ ଟାଉଟାଉ କରି ହାତ ଚଳାଇବଟି । ଦିନ ନଇଁ ଆସିଲାଣି, କିଆରିଟା ମଧ ସରି ଆସିଲାଣି ।''

ପୁଣି ସମସ୍ତେ ଚୁପ୍ ହୋଇ କାମରେ ଲାଗିପଡ଼ିଲେ । ମଟାଳ ମାଟିଭିତରେ କୋଦାଳର ଲୁହାଟା ଗଳିଗଲା ବେଳକୁ ଯେଉଁ ଟାଏଁ ଟାଏଁ ଶବ୍ଦ ହୁଏ, କେବଳ ସେହି ଶବ୍ଦ ହିଁ ଶୁଣାଯିବାକୁ ଲାଗିଲା । ହଁ, କୋଉଠି ଗୋଡ଼ି ବା ପଥରରେ ଲୁହାଟା ବାଜିଗଲେ ତତ୍କ୍ଷଣାତ୍ ଝଣ୍‌କରି ମଧ ଗୋଟାଏ ଶବ୍ଦ ଶୁଣାଯାଉଥାଏ ।

ସେଠି ପ୍ରାୟ କୋଡ଼ିଏ ଜଣ ସରିକି ମୂଲିଆ କାମ କରୁଥା'ନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ହେଉଚନ୍ତି ବୁଢ଼ୀ ଆଉ କୋଠିଆ । ଅନତିଦୂରରେ ଦୁଇଯୋଡ଼ା ଖୁଣ୍ଟକୁ ପରସ୍ପରକୁ ଛେଦ କରୁଥିବା ଅବସ୍ଥାରେ ପୋତି ଦିଆଯାଇଥାଏ ଏବଂ ସେଥିରେ ଲଗାହୋଇଥିବା ଦୋଳିରେ ଦୁଇଟି କୁନିଛୁଆ ଝୁଲିବାରେ ଲାଗିଥାନ୍ତି ଏବଂ ବେଳେବେଳେ କୁଆଁ କୁଆଁ ହୋଇ କାନ୍ଦୁଥାନ୍ତି ।

''ତେବେ ବର୍ତ୍ତମାନ ବୁଢ଼ୀ ପାରିଧିରେ ବାହାରିଚି ?''—କିଛି ସମୟ ପରେ ଯଗୁଷ୍କି ପଚାରିଲା ।

ଆନ୍ନା ଓଲଟା ପ୍ରଶ୍ନ ପଚାରିଲା, ''ବୁଢ଼ୀ ? କୋଉ ବୁଢ଼ୀ ?''

''ସେଇ ମ—ସେଇ ଆଗାଥା ।''

''ପାରିଧିରେ ?—ନା ଭିକମାଗି ?''

'ହଁ ହଁ, ଭିକମାଗି ! ଖୁସୀରେ କ'ଣ କିଏ କେବେହେଲେ ଏପରି ଭାବରେ ଦାଣ୍ଡକୁ ଗୋଡ଼ କାଢ଼ି ବାହାରେ ? ଖରାମାସତକ ସେ ଆପଣା ଜାତିମାନଙ୍କ ଘରେ ରହି ସେମାନଙ୍କୁ ସବୁପ୍ରକାର କାମରେ ସାହାଯ୍ୟ କଲା, ସବୁପ୍ରକାର ଖଟଣି ଖଟିଲା—ଆଉ ବର୍ତ୍ତମାନ ସେମାନେ ତାକୁ ନିଆଶ୍ରୀ କରି ଘରୁ ବାହାର କରିଦେଲେ—ତାକୁ ଆକାଶତଳର ମୁକ୍ତବିହାରକୁ ପଠାଇଦେଲେ ! ଶୀତ ଯାଇ ବସନ୍ତଋତୁ ଆସିଲେ ସେ ପୁଣି ଲେଉଟିଆସିବ, ଆପଣାର ଟୋକେଇ ଭରି ଚିନି ଆଉ ଚାହା ସାଙ୍ଗରେ ନେଇ ଆସିଥିବ, କିଛି ପଇସା ମଧ କାନିରେ ବାନ୍ଧି ଆଣିଥିବ । ସେତେବେଳେ ସମସ୍ତେ ତାକୁ କେତେ ଆଗଭର ହୋଇ ଆପଣାର କରିନେବେ । କେତେ ସୁଆଗ ଦେଖାଇବେ । ତାକୁ ଘରେ ଜାଗା ଦେବେ । ତା'ପାଇଁ ଶେଯ ପାତିଦେବେ, କୌଣସି କାମରେ ତାକୁ ହାତ ବଜାଇବାକୁ ଦେବେନାହିଁ, ଖାଲି ବାବୁଆଣୀ ହୋଇ ବସିରହିବାକୁ କହିବେ । ସେତେବେଳେ କିଏ ଡାକିବ ମାଉସୀ ତ ଆଉ କିଏ ଡାକିବ ଖୁଡ଼ୀ । କିନ୍ତୁ ତା'ର କାନିରୁ ସବୁ ପଇସାତକ ଫିଟାଇ ନେବାପର୍ଯ୍ୟନ୍ତ ସିନା ଏସବୁ ସୁଆଗ ! ମାସପରେ ମାସ କଟିଯିବ । ଶେଷକୁ ଗ୍ରୀଷ୍ମ ଯାଇ ଶରତ୍‌କାଳ ଆସିବ । ସେତେବେଳକୁ ଆଉ ତାପାଇଁ ଘରେ ଜାଗା ନଥିବ । ବାଟଘରେ ନୁହେଁ କି ଗୋହିରିଘରେ ମଧ ନୁହେଁ, ଘୁଷୁରି ବନ୍ଧାହେଉଥିବା

Digitized by srujanika@gmail.com

ଗୁହାଳଭିତରେ ମଧ୍ୟ ନୁହେଁ । ହାଇରେ ଭଗବାନ୍, ସେମାନେ କ'ଣ ମଣିଷ ? ସେମାନେ ହେଉଚନ୍ତି ରକତ ଶୋଷିନେବା ଲୋକ ! ସେମାନଙ୍କୁ ମଣିଷ କହିଲେ ଭୁଲ ହେବ । ସେମାନେ ହେଉଚନ୍ତି ଗୋଟାଏ ଗୋଟାଏ ପଶୁ !''

ଆପଣାର କଥାକୁ ଯଗୁଷ୍ଟିଙ୍କା ଏପରି ଭାବପ୍ରବଣ ଓ ଉତ୍ତେଜିତ ଭାବରେ କହୁଥାଏ ଯେ କଥା କହୁକହୁ ତାର ମୁହଁଟାଉପରେ ଗୋଟାଏ ରଙ୍ଗା ସର ପଡ଼ିଆସୁଥାଏ ।

ଆଉଜଣେ ବୁଢ଼ା କୋଠିଆ, ଜୀବନଯାକ ମିହନ୍ତ ଖଟିଖଟି ତା'ର ଦେହ ଧୋକଡ଼ା ହୋଇଗଲାଣି, ମୁହଁ ଉପରେ ବିରକ୍ତିର ରେଖା ପଡ଼ିସାରିଲାଣି, ସେ ମୁହଁଫିଟାଇ କହିଲା— ନହେଲେ କ'ଣ କଥାରେ କହନ୍ତି, ''ଗରିବ ମାଇପ ସମସ୍ତଙ୍କର... ।''

ଟାଉକରି ମାଡ଼ିବସିଲା ପରି ହାଙ୍କା କହିଲା—''ଆରେ ବାବୁ, ଏଥର ବଚନିକା ବନ୍ଦଥାଉ, ଏଥର ଟିକିଏ ହାତଫୂର୍ତ୍ତିକର ଭଲା !'' କଥାଟା ବର୍ତ୍ତମାନ ଯେଉଁ ବାଙ୍କରେ ଯିବାକୁ ବସୁଥିଲା, ସେଇଟା ତାକୁ ଆଦୌ ଆରୋଉ ନଥାଏ । କିନ୍ତୁ ଯଗୁଷ୍ଟିଙ୍କାର ତୁଣ୍ଡ ସମ୍ଭାଳି ହୋଇ ରହୁଚି କେତେକେ, ସେ ମୁହଁଟାକୁ ଉପରକୁ କରିଦେଇ ପୁଣି କହିବାକୁ ଆରମ୍ଭ କଲା—

''ସେମାନଙ୍କର ବୟସ ଆସି କେତେକେତେ ହେଲାଣି କହିଲ ? ମୁଣ୍ଡରୁ ତ ବାଳ ଉପୁଡ଼ିବାକୁ ଆରମ୍ଭ କଲାଣି ।''

''ଆଉ ଜଣେ ଦୁଆଦେଇ କହିଲା, ''କିନ୍ତୁ ତେବେ ବି ବାହାସାହା ହେବାର କଥା ସେମାନଙ୍କର ମୁଣ୍ଡରେ ପଶୁନାହିଁ !''

''କିନ୍ତୁ ଏଣେ କେତେ ଅଭିଆଡ଼ୀ ଝିଅ ବି ବୁଢ଼ୀ ହେବାକୁ ବସିଲେଣି ବା ଘର ଛାଡ଼ି ଆଉ କେଉଁଜାଗାରେ ଯାଇ କାମ କରିବାକୁ ବାଧ ହେଉଚନ୍ତି !'' ସେମାନଙ୍କର ମାଣ ମାଣ ଜମି ପଡ଼ିରହିଚି । ଅସୁମାରି ବୋଲି କହିଲେ ମଧ୍ୟ ଭୁଲ ହେବ ନାହିଁ । ହଁ, ତାହାଛଡ଼ା ଗୋଚର ଭୂଇଁ ମଧ୍ୟ ରହିଚି ।''

''କିନ୍ତୁ ସେମାନଙ୍କର ଯୋଉ ମାଆ, ସେ କ'ଣ କେବେହେଲେ ସେମାନଙ୍କୁ ବାହାହେବାକୁ ଦେବ ନା ଆଉକିଛି କରିବାକୁ ଦେବ ?''

''ହଁ ଲୋ ମା'—ପୁଅଝିଅମାନେ ବାହାହୋଇ ଚାଲିଗଲେ ଘରେ ଦୁଧ ଦୁହିଁବ କିଏ, ଲୁଗା କାଚିବ କିଏ, ବିଲବାରି ଆଉ ଘୁଷୁରିଙ୍କର ତତ୍ତ୍ୱ ନେବ କିଏ ?''

''ହଁ, ଆପଣାର ମାଆ ଆଉ ଯଗ୍ନା ପାଇଁ ସେମାନଙ୍କୁ ଘର ସମ୍ଭାଳି ରହିବାକୁ ହିଁ ପଡ଼ିବ । ତା' ନହେଲେ ଯଗ୍ନା ପୁଣି ସାଆନ୍ତାଣୀ ବୋଲାଇବ କିପରି ? ବାବୁଆଣୀ ହୋଇ ବେଶ ଫେଶନ ହେବ ଆଉ କେତେବେଳେ ? ଆପଣାର ଦେହକୁ ନାନା ଯତନରେ ଘଷିମାଜି, ଆରସିରେ ନିକୁଟିକରି ମୁହଁ ଦେଖି ଦିନକୁ ପଚାଶବାର ବେଣୀ ସଜାଡ଼ିବ କେତେବେଳେ ?''

''ହଁ, ତା' ସାଙ୍ଗକୁ ପୁଣି ଘଇତା କରିବ କେତେବେଳେ ? ଯୋଉଦିନ ଯିଏ ଆସି ହାବୁଡ଼ିଗଲା, ସେଇ ତ ହେଲା ଘଇତା—ଖାଲି ବଅସ ବଳ ରହିଥିଲେ ହେଲା !''—ବଡ଼ ବିଦ୍ୱେଷପୂର୍ଣ୍ଣ ମୁଖଭଙ୍ଗୀ କରି ଯଗୁଷ୍ଟିଙ୍କା ଛିଗୁଲେଇ କହିଲା ।

Digitized by srujanika@gmail.com

''ସେଦିନ ଯୋଶେପ୍ ବନ୍‌ଡେକ୍ ଭଡ୍‌କାର ଭାର ସାଙ୍ଗରେ ଦେଇ ତା'ପାଖକୁ ଭଲଲୋକ* ପଠାଇଥିଲା । କିନ୍ତୁ ଝିଅଙ୍କର ପସନ୍ଦ ହେଲା ନାହିଁ ।''

''ପୋଡ଼ିଯାଆନ୍ତୁ ସେ ଝିଅ ! ତାଙ୍କ ଗେଲବସର ହେବାକୁ ଧିକ୍ ବୋଲି କହିବ ।''

''ଆଉ ସେ ବୁଢ଼ୀଟାର ବାଲିଙ୍ଗି କ'ଣ କମ୍ କି ? ଏଣେ ଗିର୍ଜାକୁ ଯାଇ ଡଗଡଗ କରି ପ୍ରାର୍ଥନା ପୁସ୍ତକ ଗାଇଯିବାରେ କୌଣସି ହେଳା ନାହିଁ । କିନ୍ତୁ ଗିର୍ଜାରୁ ବାହାରିଲେ ଯୋଉଆଡ଼କୁ ପାପ ଡାକିବ ସିଏ କେବଳ ସେଇ ଆଡ଼କୁ ଗୋଡ଼ ବଢ଼ାଇବାବାଲା !''

''ଆଲୋ, ସେ ଗୋଟାଏ ଡାଆଣୀ, ତୁଚ୍ଛା ଡାଆଣୀ ! ଭାବ୍‌ରେକ୍ ଘରର ଗାଈର ଥନରୁ କ୍ଷୀର ହରିନେଲା କିଏ କହିଲୁ । ଆଉ ସେଦିନ ଯାଶେକ୍‌ର ଛୁଆ ପୁଅଟା ବାରିରୁ କେଉଟା କୋଳି ଛିଣ୍ଡାଇ ନେଲା ଯେ, ତା' ଉପରେ ସେ ମନଇଚ୍ଛା ଗାଳି ବରଷିବାକୁ ଲାଗିଲା । ତାକୁ ସେ କେତେ ନ ସମ୍ପିଚି ସେଦିନ ?''

''ଯୋଉଘରେ ଏପରି ରାକ୍ଷାସୁଣୀମାନେ ରହିଚନ୍ତି, ସେଇଘର ଉପରେ ଭଗବାନଙ୍କର ଦୃଷ୍ଟି କିପରି ପଡ଼େ କେଜାଣି ?''

ଯଗୁଷ୍ଟିଙ୍କା ଉତ୍ତର ଦେଲା, ''ସିଏ ଅନେକଦିନ ତଳର କଥା ଲୋ ଭଉଣୀ । ସେତେବେଳେ ମୁଁ ବାପଘରେ ଗାଈ ଚରାଉଥାଏ । ସେମାନେ ଆମଘରୁ ଲୋକମାନଙ୍କୁ ଛଡ଼ାଇ ନେବାକୁ କେତେ ଯେ ଚକ୍ରାନ୍ତ କରିଚନ୍ତି, ମୁଁ ସେକଥା କ'ଣ କହିବି ? ... କିନ୍ତୁ କିଏ ସେମାନଙ୍କର କ'ଣ କରିବ ଲୋ ମାଆ—ତାଙ୍କର ପକ୍ଷ ନେବାକୁ କ'ଣ ସଂସାରରେ ଲୋକ ଅଭାବ ଅଛନ୍ତି ?''—କ୍ରମେ ତା'ର କଣ୍ଠସ୍ୱର ଧୀର ଓ କ୍ଷୀଣ ହୋଇଆସିଲା । ସବାଆଗ ଧାଡ଼ିରେ ଆଳୁ ଖୋଳୁଥିବା ହାଙ୍କା ଆଡ଼କୁ ବଙ୍କେଇକରି ଚାହିଁ ଦେଇ ସେ ଫୁସ୍‌ଫୁସ୍ କରି ପାଖରେ କାମ କରୁଥିବା ଲୋକମାନଙ୍କୁ କହିଲା—''ସେଇ ହାଙ୍କାର ଯୋଉ ଗେରସ୍ତ ଜଣକ, ସେଇ ତ କହିଲେ ବାହାରିପଡ଼ି ସେଇ ମାଇପିଟାର ପଟ ନେବାକୁ ଆସିବ ! ଯଗ୍‌ନା ଯୋଉଠିକି ଯିବ, ସିଏ ମଧ ତା' ପଛେପଛେ ଠିକ୍ କୁକୁରପରି ଗୋଡ଼ାଇଥିବ !''

''ଆଲୋ, ତୋତେ ମୁଁ ଠାକୁରଙ୍କର ଦୁହାଇ ଦେଇ କହୁଚି, ତୁ ମୁହଁ ବନ୍ଦକର ଭଲା ! ଆମକୁ ତୁ କିପରି ଭୟଙ୍କର କଥାମାନ କହୁଚୁ କହିଲୁ ! ଏପରି କଥାମାନ ତୁଣ୍ଡରେ ପୂରାଇଲେ ତୋ'ର ପାପ ହେବନାହିଁ, ଭଗବାନ ତୋତେ ଦଣ୍ଡ ଦେବେନାହିଁ ?''— ପାଖରେ ଥିବା ଲୋକମାନେ ଫୁସ୍‌ଫୁସ୍ କରି ଉତ୍ତର ଦେଲେ ଓ କାନ୍ଧ ଦୁଇଟାକୁ ଧନୁପରି ବଙ୍କା କରି ଆଳୁ ଖୋଳିବାରେ ଲାଗିଲେ ।

''ସେଇ କ'ଣ ଗୋଟାଏ ଲୋକ ? ଗାଆଁଯାକ ଯେତେ ଟୋକା, ସମସ୍ତେ ପରା ତା'ଠ ପଛରେ ଲାଗିଚନ୍ତି, ଠିକ୍ ମାଈବିଲେଇ ପଛରେ ସବୁ ଭୁଆ ଲାଗି ରହିଥିଲା ପରି !''

''ହଁ ହଁ, କିନ୍ତୁ ଭଗବାନ ତାକୁ ସେଇଲାଖି ରୂପ ଦେଇନଥିଲେ କ'ଣ ତାହା ହୁଅନ୍ତା ? ଠିକ୍ ଖାଇପିଇ ଶସିଆଳ ହୋଇ ବଢ଼ିଥିବା ଗୋଟିଏ ଛଡ଼ାପରି ତା'ର ଦେହ । ମୁହଁ ଠିକ୍

*ଦେଶର ରୀତି ଅନୁସାରେ ଦୁଇଜଣ ଭଲଲୋକ ଭଡ୍‌କା (ମଦ)ର ଭାର ଧରି ଝିଅଘରକୁ ଯାଆନ୍ତି । ଝିଅ ସେହି ମଦକୁ ସେବନ କଲେ ସେ ବିବାହ ପ୍ରସ୍ତାବରେ ରାଜି ହେଲା ବୋଲି ଧରିନିଆଯାଏ ।

Digitized by srujanika@gmail.com

ଦୁଧସରପରି ଗୋରା, ଆଖି ଦୁଇଟି କେଡ଼େ ସୁନ୍ଦର ଡଉଲଡାଉଲ, ଦେହରେ ବଳ ଭରତି ହୋଇ ରହିଚି । କେଡ଼େକେଡ଼େ ମରଦ ଆସିଲେ ମଧ ତା'ପାଖରୁ ହଟିଯିବେ !''

''କିନ୍ତୁ ବସି ଖାଇଲେ ମଣିଷ ଡଉଲଡାଉଲ ହେବନାହିଁ ତ ଆଉ କ'ଣ ହେବ ? ସତରେ କହିଲ ଖାଲି ଖାଇବା ଆଉ ଶୋଇବା ଛଡ଼ା ସେ ଆଉ କେଉଁ କୁଟାଖଣ୍ଡିକ ଦିଖଣ୍ଡ କରୁଚି ?''

ତା'ପରେ ସମସ୍ତେ ଚୁପ୍‌ଚାପ୍ । ଆପଣା ଆପଣାର ଟୋକେଇ ଭିତରୁ ସେମାନେ ଆଳୁତକ ଗଦାଉପରେ ନେଇ ଅଜାଡ଼ି ଦେଉଥାନ୍ତି । ତା'ପରେ ଗପସପଟା ଅନ୍ୟ ପ୍ରସଙ୍ଗ ଆଡ଼କୁ ଲଟେଇ ଚାଲିଗଲା । ଠିକ୍ ଏହି ସମୟରେ ବୋରିନାର ଝିଅ ଯୁକ୍‌କାକୁ ଖେତର ସେପାଖରୁ ନସରପସର ହୋଇ ଧାଇଁ ଆସୁଥିବାର ଦେଖାଗଲା । ତାକୁ ଦେଖି ସମସ୍ତେ କଥା ବନ୍ଦକଲେ । ଅଣନିଶ୍ୱାସୀ ହେଲାପରି ଦଉଡ଼ି ଆସି ଖଣ୍ଡେଦୂରରୁ ଯୁକ୍‌କା ଏଡ଼େବଡ଼ ପାଟି କରି କହିବାକୁ ଲାଗିଲା—

''ହାଙ୍କା, ତୁ ଧଅସି ଘରକୁ ଆ' । ତେଣେ ଆମ ଗାଈର କ'ଣ ହୋଇଯାଉଚି !''

''ହେ ଭଗବାନ, କୋଉ ଗାଈର ?''

''ସେଇ ନାଲିଆ ଆଉ ଧଳାମିଶା ଛାପିଛାପିକିଆ ଗାଈର ।''

ଆଶ୍ୱସ୍ତ ହୋଇ ହାଙ୍କା ନିଶ୍ୱାସ ମାରିଲା । ''ହେ ଭଗବାନ ! ମୁଁ ତ ତୋ'ର କଥାଶୁଣି ଗୋଟାସୁଦ୍ଧା ଛାନିଆ ହୋଇଯାଇଥିଲି । ମୁଁ ଭାବିଥିଲି ମୋ' ଗାଈ ବୋଲି !''

''ଭିତେକ୍ ବର୍ତ୍ତମାନ ସେହି ଗାଈକୁ ଅଡ଼ାଇ ଆଣି ଘରେ ପହଞ୍ଚିଲା । ଗାଈଆଳ ଚାକର ତାକୁ ଗୋଠରୁ ବାହାର କରି ଦେଇଥିଲା । ସହଜରେ ତ ତା'ର ଦେହଟା ଭାରି ମୋଟା, ବାଟଯାକ ଦଉଡ଼ି ଦଉଡ଼ି ଗାଈଟି ଏପରି ନୟାନ୍ତ ହୋଇଯାଇଥିଲା ଯେ ଗୁହାଳ ଦୁଆରମୁହଁରେ ଆସି ପହଞ୍ଚିଲା ମାତ୍ରକେ ସେ ଦୁଲ୍‌କରି ତଳେ ପଡ଼ିଗଲା । ସେତିକିବେଳୁ ସେ ମୁହଁରେ ଦାନା ମାରିବାକୁ ନାହିଁ । ପାଣି ମୋହିଁଦେଲେ ମଧ ପିଇବାର ନାଆଁ ଧରୁନାହିଁ । ଖାଲି ମାଟିଉପରେ ପଡ଼ି ଗଡ଼ିବାରେ ଲାଗିଚି ଆଉ ଭାରି ବିକଳ ହୋଇ ରଡ଼ି କରୁଚି ।''

''ବାପା ଘରକୁ ଫେରିଆସିଲେଣି ନା ନାହିଁ ?''

''ନା, ଏପର୍ଯ୍ୟନ୍ତ ଫେରିନାହାନ୍ତି । ହେ ଠାକୁରେ, ଏଭଳିଆ ଗାଈର ପୁଣି ଏପରି ଦଶା ଭୋଗିବାକୁ ଥିଲା ! ଥରକରେ ଦୁଇସେରେ ଦୁଧ ଦେବାର ଦୁଧିଆଳୀ ଗାଈ ସେ । ତୁ ଟିକିଏ ଚଞ୍ଚଳ ଚାଲିବୁଟି ! ଆଉ ଡେରି କରନା !''

''ହଁ ହଁ, ମୋର ଆଉ ଡେରି ନାହିଁ । ମୁଁ ସଙ୍ଗେସଙ୍ଗେ ଯାଉଚି ।''

ହାଙ୍କାର ନୁନିଛୁଆଟି କନାଦୋଳିରେ ଝୁଲୁଥିଲା । ସେଠାରୁ ଛୁଆଟିକୁ ନେଇ ସେ ଏପରି ତରବର ହୋଇ ସେଠାରୁ ବାହାରି ପଡ଼ିଲା ଯେ କାମବେଳେ ଅଣ୍ଟାରେ ଖୋସା ହୋଇଥିବା ଲୁଗାକୁ ପୁଣି ଆଣ୍ଠୁତଳକୁ ଖସାଇ ଦେବାକୁ ଆଉ ତା'ର ଖିଆଲ ରହିଲା ନାହିଁ ।

Digitized by srujanika@gmail.com

ୟୁକ୍‌କା ପଛରେ ବାଟ ଚାଲୁଚାଲୁ ବିଲ ଭିତରେ ତା'ର ଗୋଡ଼ ଦୁଇଟି ଟଳଟଳହୋଇ କେଉଁଠି ଯେ ପଡୁଥାଏ, ସେ ବିଷୟରେ ତା'ର କୌଣସି ହୋ'ବ ନଥାଏ ।

ଆଳୁ ଖୋଳୁଥିବା ମୂଲିଆମାନଙ୍କର କାମର ତ୍ୱରା କ୍ରମେ ଧୀରହୋଇ ଆସିଲା, ସେମାନଙ୍କର ଦୁଇଗୋଡ଼ ମଝିରେ ଚାଲୁଥିବା କୋଦାଳଗୁଡ଼ିକର ଚୋଟ କ୍ରମେ ବଳହୀନ ମନେହେଲା । ଏଥର ଆକଟି କହିବାକୁ ତ କେହି ନାହାନ୍ତି, ଗୋଡ଼େଗୋଡ଼େ ଗାଳି ଦେଇ ଫୁର୍ତ୍ତି କରାଇବାକୁ ତ କେହି ନାହାନ୍ତି, ତେଣୁ ଏଡ଼େ ତରବର କିଆଁ ?

ସୂର୍ଯ୍ୟ ସେତେବେଳକୁ ପଶ୍ଚିମ ଆକାଶ ଉପରକୁ ଢଳି ସାରିଲେଣି । ପଶ୍ଚିମ ଦିଗଟାଯାକ ତାଙ୍କର କିରଣରେ ପାଚି ନାଲି ଟହଟହ ଦିଶୁଚି । ସତେ ଯେପରି ତରତର ହୋଇ ଖସିଯାଉଥିବାରୁ ସେ ଆହୁରି ପାଚିଲା ଦେଖାଯାଉଚନ୍ତି । ପଶ୍ଚିମ ଦିଗ୍‌ବଳୟର ଉଚ୍ଚ କୃଷ୍ଣବର୍ଣ୍ଣ ଅରଣ୍ୟରେଖା ଉପରେ ତାଙ୍କର ବିରାଟ ଗୋଲକଟି ନିଆଁରଙ୍ଗର ପିଣ୍ଡୁଳାଟିଏ ହୋଇ ଝୁଲୁଚି । କ୍ରମେ ଗୋଧୂଳି ଘନ ହୋଇ ଆସିଲାଣି ଓ ଧରିତ୍ରୀର ଗାତ୍ର ଉପରେ ପ୍ରସାରିତ ହେବାକୁ ଲାଗିଲାଣି । କିଆରିର ସିଆରମାନ ସେହି ଗୋଧୂଳିର ଝାପ୍‌ସା ଆଲୁଅରେ ପୂର୍ଣ୍ଣ ହୋଇଗଲାଣି, କେଉଁଠି କେତେ ଖାଲ ଓ ଗାଡ଼ଭିତରେ ଏହି ଗୋଧୂଳି ଲୁଚକାଳି ଖେଳୁଚି, ବଣବୁଦାର ଆଡୁଆଳ ଦେଖି ବିଶ୍ରାମ ନେଉଚି ଏବଂ ପ୍ରସାରିତ ଧରାପୃଷ୍ଠ ଉପରେ କ୍ରମେ ବ୍ୟାପ୍ତ ହୋଇଯାଉଚି । ସେହି ଗୋଧୂଳିର ସ୍ରୋତମୁହଁରେ ପଡ଼ି ଧରଣୀର ସମସ୍ତ ରଙ୍ଗବୈଚିତ୍ର୍ୟ କ୍ରମେ ଘନତର ହୋଇ ଶେଷକୁ ଅନ୍ତର୍ହିତ ହୋଇଯାଉଚି । ଶେଷକୁ ଖାଲି ବୃକ୍ଷଚୂଡ଼ାମାନ ଓ ଗାଆଁ-ଗିର୍ଜାର ମୁନିଆଁ ଅଗ୍ରଭାଗଟି ଅନ୍ଧାରଭିତରୁ ଜକଜକ ହୋଇ ଫୁଟି ଦେଖାଯାଉଚି । ଆଜି ଦିନମାନର କାମ ସାରି ମୂଲିଆମାନେ ଗୋଟିଏ ଗୋଟିଏ ଘରକୁ ଫେରିବାକୁ ଆରମ୍ଭ କଲେଣି ।

ଚାରିଆଡୁ କେବଳ ଡାକହାକ, ନାନା ଚିତ୍କାର ଓ ହମ୍ବାରବ ଶୁଣାଯାଉଚି । କେଉଁଠି ଶଗଡ଼ କେଁକଟର ଡାକ ଛାଡ଼ିଚି । ପାଖକୁ ପାଖକୁ ଆସୁଥିବା ସଙ୍ଗେସଙ୍ଗେ ସେହି ଡାକ ଅଧିକରୁ ଅଧିକ କର୍କଶ ହେବାରେ ଲାଗିଚି ଏବଂ ଶାନ୍ତ ସାନ୍ଧ୍ୟସମୀରକୁ ସତେଅବା ଦୋହଲାଇ ଦେଉଚି । କିନ୍ତୁ ହଠାତ୍ ଗିର୍ଜା ଉପରେ ଥିବା ଘଣ୍ଟାଘରୁ ଘଣ୍ଟା ଶବ୍ଦ ହେବାକୁ ଲାଗିଲା ଓ ସେହି ଶବ୍ଦର ସ୍ପର୍ଶାଘାତ ବାଜିବା ମାତ୍ରକେ ଯେପରି ଅନ୍ୟାନ୍ୟ ଯାବତୀୟ ପ୍ରକାରର ଶବ୍ଦ କ୍ରମେ ନିସ୍ତବ୍‌ଧ ହୋଇଯିବାକୁ ଲାଗିଲା । ସେହି ଘଣ୍ଟାଶବ୍ଦର ଗାମ୍ଭୀର୍ଯ୍ୟପୂର୍ଣ୍ଣ ସ୍ପନ୍ଦନ ଭିତରେ ଯେପରି ଚାରିଆଡୁ ଅର୍ଦ୍ଧସ୍ଫୁରିତ କଣ୍ଠସ୍ୱରରେ ପ୍ରାର୍ଥନାମାନ ଧ୍ୱନିତ ହେବାକୁ ଲାଗିଲା । ଗଛରୁ ପତରମାନ ଖସିଆସିଲେ କାନର ପର୍ଦ୍ଦା ଉପରେ ତାହାର ଶବ୍ଦାଘାତ ବାଜି ଯେପରି ଶୁଭେ, ଠିକ୍ ସେହିପରି ।

ଗୋଧୂଳି ଅସିଲା, ଗୋଧନ ବାହୁଡ଼ାର ସମୟ ମଧ ହୋଇ ଆସିଲା । ଆନନ୍ଦରେ ନାନା ପ୍ରକାର ରବକରି ଗାଈଗୋଠ ଘରକୁ ଫେରିଆସିଲେ । କେତେପ୍ରକାର ଶବ୍ଦ ଓ ସଙ୍ଗୀତର ସମ୍ମିଳିତ ମିଶ୍ରତାନରେ ଗ୍ରାମପଥ ମୁଖର ହୋଇଉଠିଲା । ଧୂଳିର ପଟଳ ଉଡ଼ି ଆଉ କିଛି ଦୃଶ୍ୟ ହେଲାନାହିଁ । କେବଳ ସେହି ଧୂଳିମେଘର ଫାଙ୍କ ଭିତରୁ ବେଳେବେଳେ ଗୋରୁମାନଙ୍କର ବିଶାଳକାୟ ଓ ଶିଙ୍ଗ ସମନ୍ୱିତ ମଣ୍ଡଗଡ଼ିକ ମହର୍ତ୍ତକ ପାଇଁ ଦୃଷ୍ଟିଗୋଚର ହୋଇଯାଉଥାଏ ।

Digitized by srujanika@gmail.com

ଗୋରୁପଲଙ୍କ ସହିତ ମେଣ୍ଢାପଲ ଘରକୁ ଫେରିଆସୁଥାନ୍ତି । ମାଳମାଳ ହଂସ ଶସ୍ୟଖେତ ଉପରେ ଧାଡ଼ିବାନ୍ଧି ଉଡ଼ିଯାଉଥାନ୍ତି ଏବଂ ପଶ୍ଚିମ ଆକାଶର ବର୍ଣ୍ଣଭାସ୍ୱରତା ଭିତରେ ଅଦୃଶ୍ୟ ହୋଇଯାଉଥାନ୍ତି । କେବଳ ସେମାନଙ୍କର କଣ୍ଠରୁ ନିଃସୃତ ହୋଇ ଉଠୁଥିବା ମୁଖର କାକଳି ସେମାନେ ଏପର୍ଯ୍ୟନ୍ତ ମଧ୍ୟ ଉଡ଼ିଯାଉଚନ୍ତି ବୋଲି ଯାହା ସୂଚନା ଦେଇ ଯାଉଥାଏ ।

''ବିଚାରା ସେହି ଛାପଛାପିକିଆ ଗାଈର ପେଟରେ ବାଛୁରୀ ମଧ୍ୟ ଥିଲା ।''

''ଯାହାହେଉ, ବୋରିନା ଥିଲାବାଲା ଲୋକ । ନହେଲେ ଏହି କ୍ଷତିଟା ଭାରି ଆଘାତ ଦେଇଥାନ୍ତା ।''

''କିନ୍ତୁ ଧନ କ'ଣ ସ୍ୱର୍ଗକୁ ନେଇଯିବ ? ଏଡ଼େ ବଢ଼ିଆ ମଜଭୁତ ଗୋରୁଟାଏ ଚାଲିଗଲେ ତାହାକୁ କେବଳ ଦୁର୍ଭାଗ୍ୟ ବୋଲି କୁହାଯିବ ସିନା !''

''ବୋରିନାର ଘରକୁ ତ ଘରଣୀ ନାହିଁ । ତେଣୁ ଚାଲୁଣୀରୁ ପାଣି ଗଳିଗଲା ପରି ତା'ର ସବୁ ସମ୍ପତ୍ତି କେବଳ ଉଜୁଡ଼ିବାରେ ଲାଗିଚି !''

''ହଁ, ଘର ସମ୍ଭାଳିବାକୁ ହାଙ୍କା ଯେମିତି ପାରୁଆ ମଣିଷ, ସେକଥା ତ ସମସ୍ତଙ୍କୁ ଭାରି ଭଲକରି ଜଣାଅଛି !''

''ଘର କଥା ସିନା ସମ୍ଭାଳି ପାରେ ନାହିଁ, କିନ୍ତୁ ଆପଣାର କଥା ସମ୍ଭାଳିବାକୁ ତା'ର ଭାରି ବୁଦ୍ଧି ଅଛି । ସେମାନେ ସମସ୍ତେ ତା'ର ବାପ ପାଖରେ ଠିକ୍ କୋଠିଆ ରହିଲାପରି ରହିଥାନ୍ତି । କିନ୍ତୁ ପ୍ରତ୍ୟେକ ଓର ଖୋଜୁଥାନ୍ତି କିପରି ତା'ପାଖରୁ ଆପଣାଲାଗି ଅଧିକ ଲାଭ ମାରିନେବେ । କିନ୍ତୁ ବୋରିନାର ସମ୍ପତ୍ତି ଦେଖିବାକୁ ଆଉ କାହାର ଭେକ ସରୁଚି ? ସେ ସମ୍ପତ୍ତି ରହିଲେ କେତେ ଗଲେ କେତେ ?''

''ୟୁଜ୍‌କା ତ ପିଲାଲୋକ, ତା'ର ବା କି ବୁଦ୍ଧି ହେଲାଣି ? ସେ କ'ଣ କରି ପାରିବ ?''

''କିନ୍ତୁ ବୋରିନା ଇଚ୍ଛାକଲେ କଣ ଆପଣାର ଜମିବାଡ଼ିକୁ ଆନ୍ତେକ୍ ହାତରେ ଦେଇ ପାରନ୍ତା ନାହିଁ ?''

''ହଁ ହଁ, ଖାସା କଥା ତୁ କହିଲୁରେ ! ଆପଣା ଜମିକୁ ତା' ହାତରେ ଦେଇଦିଅନ୍ତା, ଆଉ ତା'ଠାରୁ ଭିକମୁଠି ମାଗି ଖାଆନ୍ତା !''—ଭାରି ଗରମ ହୋଇ ଯଗୁଷ୍ଟିଙ୍କା ଉତ୍ତର ଦେଲା । ''ଭାଭ୍‌ରେକ, ତୁ ଆସି ବୁଢ଼ାଟିଏ ହେଲୁଣି, କିନ୍ତୁ ତଥାପି ତୋ' ମୁଣ୍ଡଭିତରେ ଖାଲି ଗୋବର ଭର୍ତ୍ତି ହୋଇ ରହିଚି । ଆରେ, ବୋରିନାର ବୟସ ତ ପଳାଇ ଯାଇନାହିଁ । ସେ ମନକଲେ ଆଉ ଗୋଟାଏ ବାହା ନହବ କାହିଁକି ? କିନ୍ତୁ ତା' ନକରି ଆପଣାର ସବୁ ସମ୍ପତ୍ତିକୁ ପିଲାଙ୍କ ହାତରେ ପାଣି ଛଡ଼ାଇଦେଲେ ସମସ୍ତେ ତାକୁ ଗୋଟାଏ ନିର୍ଦ୍ଧୁମ ବୋକା ବୋଲି କହିବେ ସିନା !''

''ବୟସ ସିନା ପଳେଇ ଯାଇନାହିଁ—କିନ୍ତୁ ଆସି ତିନିକୋଡ଼ିକୁ ଛୁଇଁସାରିଲାଣି ।''

''ଆରେ ଭାଭ୍‌ରେକ, ସେଥିପାଇଁ ଚିନ୍ତା କରିବାର କ'ଣ ଅଛି ? ସେ ଖାଲି ମନ କଲେ କେତେ ଝିଅ ତା'ର ହାତଧରିବାକୁ ବାହାରିବେ ।''

Digitized by srujanika@gmail.com

''କିନ୍ତୁ ସେ ଗୋଟାଏ ପରେ ଗୋଟାଏ କରି ଦୁଇଟା ମାଇପ ଖାଇ ସାରିଲାଣି ଯେ !''

''ତିନିଟା ଏବେ ଖାଉ, ସେଥିରେ ତୋ'ର କ'ଣ ଭାସିଯାଉଚି ? କିନ୍ତୁ ଭଗବାନ ତା'ପ୍ରତି ଦୃଷ୍ଟି ରଖିଥାନ୍ତୁ । ସେ ରହିଥିବାତକ ଆପଣାର ସମ୍ପତ୍ତିକୁ ପିଲାଙ୍କ ହାତରେ ସମର୍ପି ଦେବାକୁ ଯେପରି କୌଣସି ଦିନ ତା'ର ଦୁର୍ବୁଦ୍ଧି ନହେଉ ! ସେମାନଙ୍କ ହାତରେ ଯେପରି ସେ ଖୋକେହେଲେ ଭୂମି ମଧ ନଦେଉ ! ଡାଆଣା ଅସୁରଗୁଡ଼ାକ ! ଚିଲ ଛଞ୍ଚାଣଙ୍କଠାରୁ ବଳନ୍ତି । ହାତକୁ କମି ଆସିଲେ ସେମାନେ ବାପକୁ ଯାହା ଫସଲରୁ ଭାଗ ଦେବେ, ସେକଥା ମାଆ ଗଙ୍ଗେଇ ଜାଣନ୍ତି । କେଇଟାଦିନ ଯାଇନଥିବ, ତାକୁ ସେମାନେ ଜବରଦସ୍ତି ଧରିଆଣି ବିଲରେ କାମ କରିବାକୁ କହିବେ । କହିବେ, 'ଖାଇବୁ ଯଦି କାମ କର, ନହେଲେ ଉପାସ ରହ । ଇଚ୍ଛା ହେଉଚି ତ ଯାଆ କୋଉଠି କାହାଦୁଆରୁ ମାଗିକରି ଖାଇବୁ !' ସଂସାରଟା ସବୁଠାରେ ସେମିତିଆ । ଆପଣା ଅର୍ଜିଲା ସମ୍ପତ୍ତିକୁ ଆପଣା ପିଲାଙ୍କ ହାତରେ ସମର୍ପିଦିଅ, ସେମାନେ ତୁମକୁ ଗୋଟିଏ ଦଉଡ଼ି କିଣିବାକୁ ଯେତିକି ଅର୍ଥ ଦରକାର ସେତିକି ଅର୍ଥ ଦେବେ । ତୁମେ ତାହାରି ସାହାଯ୍ୟରେ ଦଉଡ଼ିଦେଇ ମରିବ, ନଚେତ୍ ବେକରେ ପଥର ବାନ୍ଧି ପାଣିକୁ ଡେଇଁପଡ଼ିବ !''

''ଚାଲ, ଘରକୁ ଯିବା ଚାଲ । ଏଣେ ଅନ୍ଧାର ହୋଇ ଆସିଲାଣି ।''

''ହଁ, ଅନ୍ଧାର ହୋଇ ଆସିଲାଣି, ସୂର୍ଯ୍ୟ ମଧ ଢଳି ପଡ଼ିଲେଣି ।''

ଏହାପରେ ସେମାନେ ତରତର ହୋଇ କୋଦାଳଗୁଡ଼ିକୁ କାନ୍ଧଉପରେ ପକାଇଦେଲେ ଏବଂ ହାତରେ ଟୋକେଇ ଓ ଖାଇବା କଂସାଟିମାନ ଧରି ଗୋଟିଗୋଟି ହୋଇ ଧାଡ଼ି ବାନ୍ଧି ବାଟରେ ଚାଲିବାକୁ ଆରମ୍ଭ କଲେ । ବୁଢ଼ୀ ଯଗୁଷ୍ଟିଙ୍କା ଆପଣା ପିଲା ଓ ଅନ୍ୟମାନଙ୍କ ପିଲାମାନଙ୍କୁ ସମ୍ଭାଳି ଧରି ଭାରି ଉଦ୍‌ବେଗର ସହିତ ବାଟ ଚାଲି ଯାଉଥାଏ ।

ଆଉଗୋଟାଏ ବାଟ ଦେଇ ଗୋଟିଏ ଝିଅ ମଧ ଅଦୂରରେ ଘରକୁ ଫେରି ଯାଉଥିଲା । ଆଗରେ ଚାଲିଥିବା ଗୋଟିଏ ମାଇଘୁଷୁରିକୁ ସେ ଅଡ଼େଇ ଘରକୁ ନେଉଥିଲା । ବାଟଚାଲି ଯାଉଯାଉ ତା'ର କଣ୍ଠରୁ ଚେଁ ଚେଁ ସ୍ୱରରେ ଗୀତ ମଧ ଉଚ୍ଛୁଳି ପଡୁଥିଲା ।

''ଶୁଣ ବା ସେଇ ଅଲାଜୁକୀ ଝିଅଟାକୁ । ସତେ ଯେପରି ତା'ର ଜୀଅନ୍ତା ଦେହଉପରୁ କିଏ ଛାଲ ଉତାରି ନେଉଥିଲା ପରି ସେ କିପରି ରଡ଼ି କରିବାରେ ଲାଗିଚି !''

Digitized by srujanika@gmail.com

ଦୁଇ

ଇତିମଧ୍ୟରେ ବୋରିନାର ଘରଦୁଆରେ ସାହିପଡ଼ିଶାର ଅନେକ ଲୋକ ଆସି ଜମା ହୋଇଯାଇଥିଲେ । ଦୁଆରର ତିନିପାଖରେ ତିନିଧାଡ଼ି ଘର, ଅନ୍ୟପାଖରେ ରାସ୍ତା । ରାସ୍ତା ଓ ଦୁଆର ମଝିରେ ଫଳବଗିଚା । ନାଲି ଆଉ ଧଳାରଙ୍ଗର ସେହି ଛାପଛାପିକିଆ ଗାଈଟି ଆଡ଼କୁ ବିସ୍ମୟ ଓ କାରୁଣ୍ୟପୂର୍ଣ୍ଣ ଦୃଷ୍ଟିରେ ଅନାଇ କେତେ ସ୍ତ୍ରୀଲୋକ କେତେକେତେ ପରାମର୍ଶ ଦେଉଥାନ୍ତି, କେତେ ଉପାୟ ବତାଉଥାନ୍ତି । ଗୁହାଳ ଘରର ଠିକ୍ ସମ୍ମୁଖରେ ଗୋବର ବାଟୁ ବାଟୁ ହୋଇଥିବା ମାଟିଉପରେ ପଡ଼ିରହି ଗାଈଟି ବୋବାଳି ଛାଡ଼ିବାରେ ଲାଗିଥାଏ ।

ସେଇ ଗାଆଁର ଗୋଟାଏ ବୁଢ଼ା କୁକୁର—ଗୋଟାଏ ଗୋଡ଼ରେ ଟିକିଏ ଛୋଟା, ପିଠିଉପରୁ ଗୋଟାଏ ଗୋଟାଏ ଜାଗାରେ ଲୋମ ଛାଡ଼ିଛାଡ଼ି ଯାଇଥାଏ । ସେହି କୁକୁରଟି ମଧ୍ୟ ରହିରହି ଗାଈର ଏଠୁସେଠୁ ନାକମାରି ଶୁଙ୍ଘୁଥାଏ ଓ ଭୁକିବାରେ ଲାଗିଥାଏ । କେତେବେଳେ ସେ ବାଡ଼ ଆଡ଼କୁ ଦଉଡ଼ି ଚାଲିଯାଉଥାଏ ଓ ବାଡ଼ଉପରେ ଚଢ଼ି ଗାଈଟିକୁ ଦେଖିବାଲାଗି ବଡ଼ ଉତ୍ସୁକ ହୋଇ ଅନାଇ ରହିଥିବା ସାନସାନ ପିଲାମାନଙ୍କୁ ଡରାଇ ହୁରୁଡ଼ାଇ ଦେଉଥାଏ । କୁକୁରଟି ପୁଣି କେତେବେଳେ ଘରପାଖରେ ଶୋଇ ମୃଦୁ ସ୍ୱରରେ ଗଅଁ ଗଅଁ ହୋଇ ଆପଣାର ଚାରୋଟି ଧଳା କୁନିଛୁଆଙ୍କୁ ଦୁଧ ଦେବାରେ ବ୍ୟସ୍ତ ଥିବା ମାଈଘୁଷୁରିଟି ଆଡ଼କୁ ମଧ୍ୟ ଦଉଡ଼ିଯାଉଥାଏ ।

ଘରେ ପହଞ୍ଚିବା ମାତ୍ରକେ ହାଙ୍କା ସିଧାଯାଇ ଗାଈଟି ପାଖରେ ପହଞ୍ଚିଲା ଏବଂ ସଙ୍ଗେ ସଙ୍ଗେ ତା'ର ମୁହଁ ଓ ମୁଣ୍ଡକୁ ହାତରେ ବାଡ଼େଇ ଦେଖିବାକୁ ଲାଗିଲା ।

''ବିଚରା ନାଲି ଆଉ ଧଉଳୀ ଗାଈର କ'ଣ ହେଲା ଲୋ !'' —ତା'ର ଆଖିରୁ ଲୁହଧାର ବୋହିଆସୁଥାଏ ଏବଂ ସେ ଭାଗ୍ୟକୁ ଅଭିଶାପ ଦେଇ ରୋଦନ କରିବାରେ ଲାଗିଥାଏ ।

ବାଧିକିଥିବା ଗୋରୁଟି ପାଇଁ କେତେବେଳେ କ'ଣ ଉପାୟ ବତାଇ ସେଠାରେ ରୁଣ୍ଡ ହୋଇଥିବା ସ୍ତ୍ରୀଲୋକମାନେ ନାନାପ୍ରକାର ପରାମର୍ଶ ଦେଉଥାନ୍ତି । ଗାଈଟିକୁ କେତେବେଳେ ଲୁଣପାଣି ପିଆଇ ଦିଆଯାଉଥାଏ, କେତେବେଳେ ଠାକୁରଘରର ମହମବତିରୁ ତରଳି ଖସିପଡ଼ିଥିବା ମହମକୁ ଦୁଧସହିତ ମିଶାଇ ତା'ର ମୁହଁଭିତରେ ଢାଳି ଦିଆଯାଉଥାଏ । ଆଉଜଣେ ଆସି ଉପାୟ କହିଲା ଯେ, ସାବୁନକୁ ଘୋଳ ଦହିରେ ଫେଣ୍ଟି ପିଆଇଦେଲେ ଗାଈଟି ଆରାମ ହୋଇଯିବ, ଆଉକିଏ କହିଲା ଗାଈଟିର ଦେହରୁ କିଛି ରକ୍ତ ବାହାରିଗଲେ ଉପକାର କରିବ ପରା ! କିନ୍ତୁ ଏ ସମସ୍ତ ପରାମର୍ଶର ପୂର୍ଣ୍ଣ ପ୍ରୟୋଗ ହେଲା ପରେ ମଧ୍ୟ ଗାଈଟିର ଅବସ୍ଥାରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରି ହେଲାନାହିଁ । ବେଳେବେଳେ ସେ ଆପଣାର ମୁଣ୍ଡଟି ଉପରକୁ ଟେକି ଦେଉଥାଏ ଏବଂ ସତେଅବା ବଡ଼ କାକୁସ୍ଥ ହୋଇ ସାହାଯ୍ୟ

Digitized by srujanika@gmail.com

ପ୍ରାର୍ଥନା କଲାପରି ଧୀରେ ଧୀରେ ଆର୍ତ୍ତନାଦ କରି ଉଠୁଥାଏ । ତା'ର ସୁନ୍ଦର ବଡ଼ ବଡ଼ ଆଖିଦିଓଟି କ୍ରମେ ବିବର୍ଣ୍ଣ ଓ ନିଷ୍ପ୍ରଭ ଦେଖାଯାଉଥାଏ । ତା'ପରେ ଦାରୁଣ ଯନ୍ତ୍ରଣାରେ ଅତିଶୟ ପରିଶ୍ରାନ୍ତ ହୋଇପଡ଼ି ଗାଈଟି ମୁଣ୍ଡର ଶିଙ୍ଗ ଦୁଇଟିକୁ ନୁଆଁଇ ଆଣୁଥାଏ ଏବଂ ଜିଭଟିକୁ ବଢ଼ାଇଦେଇ ହାଙ୍କାର ହାତକୁ ଚାଟିବାରେ ଲାଗିଥାଏ ।

ଉପସ୍ଥିତ ଥିବା ସ୍ତ୍ରୀଲୋକମାନଙ୍କ ଭିତରୁ ଜଣେ ପଚାରିଲା, ''ଆମ୍ବ୍ରୋଜ୍‌କୁ ଡାକିଲେ ସେ କିଛି ସାହାଯ୍ୟ କରି ପାରନ୍ତା ନାହିଁ ?''

''ହଁ ହଁ, ଜନ୍ତୁଙ୍କର ବେମାରି ବିଷୟରେ ତାକୁ ଅନେକ ବିଷୟ ଜଣାଅଛି ।''

''ୟୁଜ୍‌କା, ତୁ ଧଅସି ତା'ପାଖକୁ ଦଉଡ଼ିକରି ଯାଆ ! ଏଇ ଟିକିଏ ଆଗରୁ ସେ ଗିର୍ଜାରେ ଘଣ୍ଟା ବଜାଉଥିଲା । ତେଣୁ ବର୍ତ୍ତମାନ ଗିର୍ଜାର ଆଖପାଖରେ ନିଶ୍ଚୟ କୋଉଠି ଥିବ । ହେ ଭଗବାନ ! ବାପା ଘରକୁ ଫେରି- ଆସିଲେ କ୍ରୋଧରେ ନିଆଁ ହୋଇଯିବେ ସିନା ! କିନ୍ତୁ ତଥାପି ଏଥିରେ ଆମର ଆଉ କି ଦୋଷ ଅଛି ?''—ହାଙ୍କା କଇଁକଇଁ ହୋଇ କାନ୍ଦିବାକୁ ଲାଗିଲା ।

ତା'ପରେ ସେଠାରୁ ଉଠିଯାଇ ସେ ଗୁହାଳର ଦୁଆରବନ୍ଧ ଉପରେ ବସିପଡ଼ିଲା ଏବଂ ସେଠାରେ ଭୋକରେ କାନ୍ଦୁଥିବା ଆପଣାର ପିଲାଟିକୁ ଆପଣା ଶୁଭ୍ରବର୍ଣ୍ଣ ସ୍ତନଟିକୁ ବାହାର କରି ଦୁଧ ଦେବାକୁ ଲାଗିଲା । ତେଣେ ଦୁଧ ଦେଉଥାଏ, ଏଣେ ସଶଙ୍କ ଦୃଷ୍ଟିରେ ଯନ୍ତ୍ରଣାରେ କଷ୍ଟ ପାଉଥିବା ଜନ୍ତୁଟି ଆଡ଼କୁ ଅନାଇ ରହିଥାଏ । ଏବଂ କାଳେ ବୋରିନା ଆସି କେତେବେଳେ ଘରେ ପହଞ୍ଚିଯିବ, ଏହି ଭୟରେ ବେଳେବେଳେ ବଡ଼ ଅସ୍ୱସ୍ତ ଭାବରେ ବାଡ଼ ସେପାଖକୁ ତରକି ତରକି ଚାହୁଁଥାଏ ।

କିଛି ସମୟ ଗତ ହୋଇଯିବା ପରେ ୟୁଜ୍‌କା ଆମ୍ବ୍ରୋଜ୍‌କୁ ସାଙ୍ଗରେ ନେଇ ଫେରିଆସିଲା । ଆମ୍ବ୍ରୋଜ୍‌ର ବୟସ ଆସି ଶହେର ସୀମାକୁ ସ୍ପର୍ଶ କରିବାକୁ ବସିଲାଣି । ଗୋଟିଏ ଗୋଡ଼ ନଥିବାରୁ ବାଡ଼ି ଉପରେ ଭରାଦେଇ ବାଟ ଚାଲେ । ତଥାପି ତା'ର ଦେହଟା ସବୁବେଳେ ତୀର ପରି ସିଧା ହୋଇ ରହିଥାଏ । ତା'ର ମୁହଁଉପରେ ପୁରୁଣା ଆଳୁପରି ଶୁଖିଲା ଦାଗସବୁ ପଡ଼ି ଆସିଲାଣି । ମୁହଁଟି ନିକ କରି ଖିଅର ହୋଇଚି, କିନ୍ତୁ ତଦ୍ୱାରା ମୁହଁର କଟାଦାଗଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ ହୋଇପଡୁଚି । ମୁଣ୍ଡର ବାଳ ଦୁଧଫେଣ ପରି ଧଳା । ଜଟାଗୁଡ଼ାକ ଲମ୍ବହୋଇ ଆସି ମୁହଁ ଉପରେ ଓ କାନ୍ଧଉପରେ ପଡ଼ିଚି । ଆମ୍ବ୍ରୋଜ୍ ସିଧା ଗାଈଟି ପାଖକୁ ଯାଇ ଏକଦୃଷ୍ଟିରେ ଦେଖିବାକୁ ଲାଗିଲା ।

କହିଲା, ''ମୋର ଯେତେଦୂର ମନେହେଉଚି, ତୁମ କପାଳରେ ଆଜି ଟଟକା ମାଉଁସ ଖାଇବାର ଯୋଗ ଲେଖାହୋଇ ରହିଚି ।''

ତା'କଥା ଶୁଣି ଯୋଜିଆ କାନ୍ଦିକାନ୍ଦି କହିଲା, ''ତୋତେ ଠାକୁରଙ୍କ ଦେଇ, ତୁ ସେପରି ଅମଙ୍ଗଳ କଥା ତୁଣ୍ଡରେ ଧରନା । ତୋର ଗୋଡ଼ତଳେ ପଡୁଚି, ତୁ ଯେମିତିହେଲେ ପ୍ରାଣୀଟିର ଜୀବନ ରକ୍ଷା କର । ସତୁରି କି ଅଶୀ ମୋର ଗାଈ, ପୁଣି ଏବେ ଫଳ ଯାଇଚି ! ଆମ୍ବ୍ରୋଜ୍, ଯେପରି ହେଉ ପଛକେ, ତୁ ତା'ର ଜୀବନ ରକ୍ଷା କର !''

Digitized by srujanika@gmail.com

ଆନ୍ତୋକ୍ ଗୋଟିଏ ଛୁରୀ ବାହାରକରି ଆପଣାର ଜୋତାଉପରେ ଆଗ ତାକୁ ପକାଇନେଲା, ତା'ପରେ ଆକାଶର ପୃଷ୍ଠଭୂମିଉପରେ ରଖି ଛୁରୀଟିର ଦାଡ଼କୁ ଭଲକରି ଦେଖିନେଲା ଏବଂ ସେଉଠୁ ଗାଈଟିର ପେଟରେ ଗୋଟିଏ ଥାନରେ ଚର୍ କରି କାଟିଦେଲା । କିନ୍ତୁ ରକ୍ତ ବୋହିବାର କୌଣସି ନାଁଗନ୍ଧ ନାହିଁ । ହଁ, କଳା ଓ ଫେଣୁଆ ହୋଇ ମାତ୍ର କେତେଟା ଠୋପା ବାହାରିଲା, କିନ୍ତୁ ସେ ନବାହାରିବାର ସମାନ ।

ଚାରିପାଖରୁ ସମସ୍ତେ ଉଦ୍‌ଗ୍ରୀବ ହୋଇ ଅନାଇ ରହିଥାନ୍ତି— କାହାରି ଆଖିରେ ପିଛୁଳା ପଡୁନାହିଁ, ସତେ ଯେପରି ସମସ୍ତଙ୍କର ନିଶ୍ୱାସ ମଧ ବନ୍ଦ ହୋଇଯାଇଚି !

ଦୁଃଖ ପ୍ରକାଶ କରି ଆନ୍ତୋକ୍ କହିଲା, ''ବଡ଼ ବିଳମ୍ବ ହୋଇଗଲାଣି । ହଁ, ବିଚାରା ଜନ୍ତୁଟିର ଅଣଚାଶ ବହିବାକୁ ଆରମ୍ଭ କଲାଣି । ହୁଏତ ଗୋମଡ଼କ ବା ଆଉ କୌଣସି ଦୁଃସାଧ ବେମାରି ହୋଇଥିବ । ରୋଗର ଉକୁ ହେଉହେଉ ମୋତେ ଖବର ଦେଇଥିଲେ ହୁଏତ ମୁଁ କିଛି କରିପାରିଥାନ୍ତି । କିନ୍ତୁ ସେଇ ସ୍ତ୍ରୀଲୋକଗୁଡ଼ାଙ୍କର ବୁଦ୍ଧି ବା କେତେ ? ଖାଲି କାନ୍ଦି ଜାଣନ୍ତି । ଆଉ କୌଣସି କାମ ପଡ଼ିଲାବେଳକୁ ଆବୁକାବୁ ହୋଇଯାନ୍ତି । କାମ କରିବାବେଳେ ଖାଲି ନିକିମା ହୋଇ ବସି ବାହୁନିବାରେ ଲାଗିଯାଆନ୍ତି । ଏଗୁଡ଼ାଙ୍କୁ ମଣିଷ ନକହି ମେଣ୍ଢାପଲ କହିଲେ ଠିକ୍ ହେବ !''

କଥା କହୁକହୁ ଆନ୍ତୋକ୍ ଏକାଧିକବାର ମୁହଁ ଭିତରର ଛେପକୁ ଥୁ' ଥୁ' କରି ବାହାରକୁ ପକାଇ ଦେଉଥାଏ । କଥା କହିସାରି ସେ ପୁଣିଥରେ ଗାଈଟିର ଆଖି ପରୀକ୍ଷାକରି ଦେଖିଲା, ତା'ପରେ ଆପଣାର ହାତରେ ଲାଗିଥିବା ରକ୍ତକୁ ଗାଈର ଚମଡ଼ାଉପରେ ଘଷି ପୋଛିଦେଲା ଏବଂ ଯିବାଲାଗି ସଜବାଜ ହେଲା ।

''ଏ ଗାଈଟିକୁ ପୋତିବାଲାଗି ମୁଁ ଗିର୍ଜାର ଘଣ୍ଟା ବଜାଇବି ନାହିଁ ।''

''ହେଇ ବାପା ଆଉ ଆନ୍ତେକ୍ ଆସିଲେଣି !''— ଯୁବ୍‌କା ଅତ୍ୟନ୍ତ ଆଗ୍ରହଭରେ ହୋଇ କହିଲା । କହି ସେ ସେମାନଙ୍କୁ ଭେଟିବବୋଲି ସେଠାରୁ ଉଠି ଦଉଡ଼ିଗଲା । ପୋଖରୀର ସେପାଖରୁ ସେମାନଙ୍କ ଆସିବା ଶବ୍ଦ ଶୁଣାଗଲା, ତା'ପରେ ସେମାନଙ୍କର ଗାଡ଼ି ଓ ସେଥିରେ ଯୋଚାହୋଇଥିବା ଘୋଡ଼ାମାନେ ଦୃଷ୍ଟିଗୋଚର ହେଲେ । ଅସ୍ତଗାମୀ ସୂର୍ଯ୍ୟର ଶୋଣିତବର୍ଣ୍ଣ ରଙ୍ଗର ଉଦ୍‌ଭାସ ଭିତରୁ ଗାଡ଼ିଟି ଓ ଘୋଡ଼ାମାନେ ଘନ କୃଷ୍ଣବର୍ଣ୍ଣ ଦେଖାଯାଉଥିଲେ ।

ଯୁବ୍‌କା ଚିତ୍କାର କରି ବଡ଼ ପାଟିରେ କହିଲା, ''ବାପା, ବାପା, ଆମ ଛାପଛାପିକିଆ ଗାଈଟି ବର୍ତ୍ତମାନ ଶେଷ ଅବସ୍ଥାରେ ଆସି ପହଞ୍ଚିଚି । ବୋରିନା ଗାଡ଼ିରୁ ଓହ୍ଲାଇ ପୋଖରୀର ହୁଡ଼ାରେ ଆସୁଥାଏ , ଆନ୍ତେକ୍ ଗାଡ଼ିରୁ ଓହ୍ଲାଇ ତଳେ ଠିଆ ହୋଇଥାଏ । ଗାଡ଼ିରେ ଗୋଟାଏ ବଡ଼ କାଠଗଡ଼ ବୋଝାଇହୋଇ ରହିଥିବାରୁ ଗାଡ଼ିଟିକୁ ସେହି ବାହାରେ ରଖି ତାକୁ ଓହ୍ଲାଇ ଆସିବାକୁ ପଡ଼ିଲା ।

ଘୋଡ଼ାକୁ ଅଡ଼ାଇକରି ଆଣୁଆଣୁ ସେ ଉତ୍ତର ଦେଇ କହିଲା, ''ମିଛଟାରେ କାହିଁକି ବାଜେକଥାଗୁଡ଼ାକ କହୁଚୁ ?''

Digitized by srujanika@gmail.com

''ନାଇଁ-ନାଇଁ—ବାଜେକଥା ନୁହେଁ, ସତକଥା । ଆନ୍ତୋକ୍ ଗାଈର ପେଟ ଚିରି ରକ୍ତ ବାହାର କରିବାକୁ ଚେଷ୍ଟାକଲା, କିନ୍ତୁ ପାରିଲାନାହିଁ । ଗାଈର ପାଟିରେ ତରଳା ମହମ ପିଆଇ ଦିଆଗଲା, କିନ୍ତୁ ସେଥିରେ କୌଣସି ଫଳ ହେଲାନାହିଁ । ଲୁଣପାଣି ପିଆଇ ମଧ ବଞ୍ଚାଇ ହେଲାନାହିଁ । ନିଶ୍ଚୟ ତାକୁ ଗୋମଡ଼କ ଆସି ଧରିଲା । ଭିତେକ୍ କହୁଚି, ଯେ ଜଙ୍ଗଲାଦ୍ଧର ବାବୁ ତାକୁ ଜଙ୍ଗଲ ଭିତରୁ ତଡ଼ି ବାହାର କରିଦେଲେ ଏବଂ ତା'ପରେ ଛାପଛାପିକିଆ ଗାଈ ତଳେ ପଡ଼ି ବୋବାଳି ଛାଡ଼ିବାକୁ ଲାଗିଲା । ଏବଂ ସେଥିପାଇଁ ସେ ତାକୁ ଆଣି ଏଠାରେ ଛାଡ଼ିଦେଇଗଲେ ।''

''ଛାପଛାପିକିଆ ଗାଈ, ଆମ ଗାଈଙ୍କ ଭିତରେ ସବୁଠାରୁ ଭଲ ଗାଈଟି ? ତା'ହେଲେ ଏଠି ଏହି ଗଧମାନେ ବସି କ'ଣ କରୁଥିଲେ ? ତୁମେମାନେ ଯେପରି ଉପରମୁହାଁ ହୋଇ ଗାଈଗୋରୁଙ୍କର ତତ୍ତ୍ୱ ବୁଝୁଚ, ସେଥିପାଇଁ ତୁମକୁ ସଇତାନର ଦଣ୍ଡ ଭୋଗିବାକୁ ପଡୁ ।''

ସ୍ତ୍ରୀଲୋକମାନେ ଆଡ଼ି ହୋଇଗଲେ । ଏପର୍ଯ୍ୟନ୍ତ ଭିତେକ୍ ସେଇଠି ରହି ଏଇଟା ସେଇଟା କରି ଘରର ନାନା କାର୍ଯ୍ୟ କରିବାରେ ବ୍ୟସ୍ତ ଥିଲା, ବୋରିନାର ଗରମ ମିଜାଜ ଦେଖି ଭୟରେ ଛାନିଆ ହୋଇ ସେ ବଗିଚାଆଡ଼େ ଖସି ବାହାରିଗଲା । ଏପରିକି ହାଙ୍କା ମଧ ଆଚମ୍ବିତ ଓ ଶଙ୍କିତ ହୋଇପଡ଼ି ଦୁଆରବନ୍ଧ ଉପରେ ଠିଆହୋଇ ରହିଲା ।

ବୁଢ଼ା ବୋରିନା ଅନେକ ସମୟ ପର୍ଯ୍ୟନ୍ତ ଏକ ନିଘାରେ ଗାଈଟି ଆଡ଼କୁ ଅନାଇ ରହିଲା ଏବଂ ତା'ପରେ ଚିତ୍କାର କରି କହିଉଠିଲା—

''ହଁହଁ, ତା'ର କଥା ସରିଗଲାଣି । କିନ୍ତୁ ସେଇ ପାଜିଗୁଡ଼ାଙ୍କ ସକାଶେ ହିଁ ଏହି ଘଟଣା ଘଟିଲା ! ମୋ'ର ବେଳକୁ ସବୁ ନିକିମାଦାରୀଗୁଡ଼ାକ ଆସି ବନ୍ଧାହୋଇଚନ୍ତି ! ଖାଇ ବସିବା ବେଳକୁ ଭୀମସେନ , କିନ୍ତୁ ଗାଈ ଜଗିଲା ବେଳକୁ ସବୁ ଅଡୁଆ ! କେଡ଼େ ବଢ଼ିଆ ଗାଈଟାର କି ଦଶା ହେଲା ଦେଖିଲ ! ଏ ଘରୁ ଟିକିଏ କୁଆଡ଼କୁ ଗୋଡ଼ କାଢ଼ିଲେ ହିଁ କୌଣସି-ନା-କୌଣସି ଦୁର୍ଘଟଣା ଘଟିବ ହିଁ ଘଟିବ, କୌଣସି ଦୁର୍ଯୋଗ ପଡ଼ିବ ହିଁ ପଡ଼ିବ !''

ସଫେଇ ଦେବାକୁ ଯାଇ ହାଙ୍କା କହିଲା, ''କିନ୍ତୁ ଆଜି ଉପରଓଳି ମୁଁ କ'ଣ ଘରେ ଥିଲି ? ମୁଁ ପରା ମୂଲିଆମାନଙ୍କ ସହିତ ଆଳୁ ଖୋଳି ଯାଇଥିଲି !''

ରାଗରେ ତମତମ ହୋଇ ବୋରିନା ତା'ଆଡ଼କୁ ମୁହଁ ବୁଲାଇ କହିଲା, ''ତୁ ? ଘରେ କୋଉଠି କ'ଣ ସୁବିଧା ହେଲା କି ନହେଲା, ସେକଥା ଦେଖିବାକୁ ତୋ'ର ଟିକିଏ ହେଲେ ଖାତର ଅଛି ? ମୋ'ର ସମ୍ପତ୍ତିଲାଗି ତୁ କେବେହେଲେ କୌଣସି ହେପାଜତ କରୁ ? ଏମିତିଆ ଗାଈଟାଏ ଆଉ ଏ ଚକଡ଼ା ଗୋଟାକରେ କୋଉଠି ମିଳିବ କହିଲୁ ?''

କିଛି ସମୟଯାଏ ଗାଈଟିକୁ ଝୁରିଝୁରି ବୋରିନା ଅନେକ କଥା କହିଲା । ଗାଈଟିକୁ ନାନା ପ୍ରକାରେ ପରୀକ୍ଷା କରି ଦେଖିଲା, ତାକୁ ଉଠାଇ ଠିଆ କରାଇବାକୁ ଚେଷ୍ଟା କଲା ଏବଂ ପାଟି ଆଁ କରାଇ ଭିତରକୁ ଅନାଇ ଦେଖିଲା । ସେତେବେଳକୁ ଗାଈର ନାକବାଟେ ଖର ନିଶ୍ୱାସ ଉଠୁଥାଏ ଓ ପଡୁଥାଏ, ନିଶ୍ୱାସ ମାରିବାବେଳକୁ ତଣ୍ଟିଭିତରୁ ଘଡ଼ଘଡ଼ ଶବ୍ଦ ଶୁଭୁଥାଏ ।

Digitized by srujanika@gmail.com

ପେଟପାଖରେ କଟାହୋଇଥିବା ଜାଗାରୁ ରକ୍ତର ଧାର କେତେବେଳୁ ବନ୍ଦ ହୋଇ ରକ୍ତ ମୁଣ୍ଡାହୋଇ ବସିଯାଇଥାଏ, ଠିକ୍ ଅଙ୍ଗାର ମୁଣ୍ଡା ପରି କଳା ହୋଇ ଦେଖାଯାଉଥାଏ ।

"ବର୍ତ୍ତମାନ ମୁଁ କ'ଣ କରିବି, ମୋତେ କିଏ ବୁଦ୍ଧି ଦିଅ ଭଲା ! ବର୍ତ୍ତମାନ ଗାଈଟିକୁ ମାରିଦେଲେ ସବୁଠାରୁ ଭଲ ହୁଅନ୍ତା ନାହିଁ ? ଘରପୋଡ଼ିରୁ କିଛି ନହେଲେ କୁଟାଖିଅକ ତ ବଞ୍ଚାଇ ରଖିହେବ !"

ଏହିପରି ମନରେ ପାଞ୍ଚି ସେ କଟୁରି ଆଣିବାକୁ ଖଳାଘର ଭିତରକୁ ଗଲା । ଗୁହାଳ ପାଖରେ ପଡ଼ିଥିବା ଗୋଟାଏ ଚକି ଉପରେ ଦିଇତିନି ଥର ଘଷି ସେ କଟୁରିଟିକୁ ପକାଇନେଲା ଏବଂ ତା'ପରେ ଦେହରୁ ଆପଣାର କୋଟ୍ ଉତାରିଦେଇ ଓ କମିଜର ହାତ ଦୁଇଟାକୁ ଉପରକୁ ଉଠାଇଦେଇ ତା'ର ଅପ୍ରିୟ କର୍ମଟିକୁ କରିବାକୁ ଉଦ୍ୟତ ହେଲା ।

ପଶୁ ହେଲେ କ'ଣ ହେବ, ବର୍ତ୍ତମାନ ଆଖର ସମୟ ଆସି ଉପସ୍ଥିତ ହେଲାବୋଲି ସମ୍ଭବତଃ ଜାଣିପାରି ଛାପଛାପିକିଆ ଗାଈ ଧୀରେ ଧୀରେ ଆପଣାର ମୁଣ୍ଡଟିକୁ ଉପରକୁ ଟେକିଲା ଏବଂ ଅତି କ୍ଷୀଣ ଓ ଅସ୍ପଷ୍ଟ ଭାବରେ ଏକ ବିକଳ ଶବ୍ଦ କରି ତଣ୍ଟିରେ କଟୁରି ବସିବା ମାତ୍ରକେ ଚାରି ଗୋଡ଼ ଫରକଟା କରି ନିର୍ଜୀବହୋଇ ଭୂଇଁ ଉପରେ ପଡ଼ିରହିଲା । ପ୍ରାଣବାୟୁ ଉଡ଼ିଯିବା ପୂର୍ବରୁ ତା'ର ଗୋଡ଼ଗୁଡ଼ାକ ଥରେ ଦୁଇଥର ବାତ ମାରିଲାପରି ଛାଟିପିଟି ହୋଇ ଉଠିଲା । ଏହି କରୁଣ ଦୃଶ୍ୟ ଦେଖୁଦେଖୁ ହାଙ୍କା ଆଉ ୟୁକ୍‌କା ଭୋ' ଭୋ' ଡକା ପାଡ଼ିବାକୁ ଆରମ୍ଭ କଲେ ।

ଧାରେ ରକ୍ତ ବହିଯାଇ ମାଟିଉପରେ ବହଳ ହୋଇ ବସିଯିବା ପୂର୍ବରୁ କୁକୁରଟା ତାହାକୁ ଚାଟି ଖାଇବାକୁ ଆରମ୍ଭ କରିଦେଲା ।

ଆନ୍ତେକ୍ ଠିକ୍ ସେହି ସମୟରେ ଆସି ଘଟଣାସ୍ଥଳରେ ପହଞ୍ଚିଥାଏ । କର୍ଣ୍ଣବିକର୍ଣ୍ଣ ହୋଇ କାନ୍ଦୁଥିବା ଆପଣାର ଭାରିଯାକୁ ସେ ରାଗ ତମତମ ହୋଇ କହିଲା—

"ତୁ କାହିଁକି ଶୁଖିଲାଟାରେ କାନ୍ଦୁଚୁ, ବାଲୁରୀଟା ? ବାପର ଗାଈ ମଲା, ବାପର କ୍ଷତି ହେବ । ସେଥିରେ ଆମର କ'ଣ ହେବ ?"

ଏତକ କହି ସେ ଘୋଡ଼ାମାନଙ୍କୁ ଫିଟାଇବାକୁ ବାହାରିଗଲା । ଭିତେକ୍ ଘୋଡ଼ାମାନଙ୍କୁ ଗୁହାଳ ଭିତରକୁ ନେଇଗଲା ।

"ଆଳୁଫସଲ ଏବର୍ଷ କେମିତି ହେଇଚି ? ଭଲ ନା ଖରାପ ?" — କୂଅପାଖରେ ବସି ହାତ ଧୋଉଧୋଉ ବୋରିନା ପଚାରିଲା ।

"ଖରାପ କାହିଁକି ହେବ ? ପ୍ରାୟ କୋଡ଼ିଏ ବସ୍ତା ସରିକି ଆଳୁ ମିଳିବ ।" —ଉତ୍ତର ଆସିଲା ।

"ଖୋଳା ହୋଇଥିବା ଆଳୁକୁ ଆଜି ଘରକୁ ଆଣିବା ଚାହି !"

"ତୁମେ ନିଜେଯାଇ ନେଇଆସ"—ଚିଡ଼ିହେଇ ଆନ୍ତେକ୍ ଉତ୍ତର ଦେଲା । "ମୁଁ ଭାରି ହାଲିଆ ହୋଇ ପଡ଼ିଚି । ମୋର ଆଉ ହଲଚଲ ହେବାକୁ ଶକ୍ତିନାହିଁ । ଗୋଟାଏ ପଟ ଘୋଡ଼ାର ମଧ ଗୋଟାଏ ଆଗଗୋଡ଼ ଖଳିଆ ହୋଇଯାଇଚି ।"

Digitized by srujanika@gmail.com

''ୟୁଜ୍କା, ତୁ ଯାଆ କୁବାକୁ କହିଦେବୁ ଆଜି ଏତିକିରେ ଆଳୁଖୋଳା ବନ୍ଦ କରିଦେବ । ଖଲିଆ ଘୋଡ଼ାଟିକୁ ଫିଟାଇଦେଇ ସେ ସାନ ଘୋଡ଼ୀଟିକୁ ତା' ଜାଗାରେ ଯୋଚିବ ଏବଂ ଆଜି ଯେକୌଣସିମତେ ଖୋଳା ହୋଇଥିବା ଆଳୁକୁ ଘରକୁ ନେଇଆସିବ । ଆଜି ରାତିରେ ପାଣି ବରଷିଲା ପରି ମନେହେଉଚି ।''

ବୋରିନାର ଭିତରଟା ରାଗ ଆଉ ଲଜ୍ଜାରେ ସତେଅବା ଟକଟକ ହୋଇ ଫୁଟିବାରେ ଲାଗିଥାଏ । ମଝିରେ ମଝିରେ ବସିବା ଥାନରୁ ଉଠିଯାଇ ସେ ନିହତ ହୋଇଥିବା ଗାଈଟିକୁ ଥରେ ଚାହିଁଦେଇ ଚାଲିଆସୁଥାଏ ଏବଂ କ୍ରୁଦ୍ଧ ଉତ୍‌କ୍ଷିପ୍ତ ଭାବରେ ମନକୁମନ ଆପଣାକୁ ଭର୍ତ୍ସନା କରିବାରେ ଲାଗିଥାଏ । ପୁଣି କେତେବେଳେ ସେ ତରତର ପାହୁଣ୍ଡ ପକାଇ ଖଳାଘର ଏପାଖରୁ ସେପାଖଯାଏ ଚାଲିଯାଉଥାଏ, ଗୁହାଳ, ଅମାରଘର ଆଉ ଗୋରୁ ବନ୍ଧାହେବା ଅଡ଼ାଆଡ଼କୁ ଅନାଇ ରହୁଥାଏ । ଆପଣାର ଦୁଃଖ ଓ କ୍ଷତିରେ ସେ ଏତେଦୂର ବିହ୍ୱଳ ହୋଇପଡ଼ିଥାଏ ଯେ ସେ ବର୍ତ୍ତମାନ କ'ଣ ସବୁ କରୁଚି, ସେ ବିଷୟରେ ତା'ର କୌଣସି ଖିଆଲ ମଧ୍ୟ ନଥାଏ ।

''ଭିତେକ୍ ! ହେ ଭିତେକ୍ !''— ଶେଷରେ ସେ ଗର୍ଜନ କଲାପରି ଭିତେକ୍‌କୁ ବଡ଼ ପାଟି କରି ଡାକିଲା ଓ ଡାକୁ ଡାକୁ ଆପଣାର ଅଣ୍ଟା ଚାରିପାଖରେ ବନ୍ଧାହୋଇଥିବା ଚମଡ଼ାର ପଟିଟିକୁ ଖୋଲିବାକୁ ଲାଗିଲା । କିନ୍ତୁ ଭିତେକ୍‌ଠାରୁ ସେ କୌଣସି ଜବାବ ପାଇଲାନାହିଁ ।

ସାଇପଡ଼ିଶାର ଲୋକମାନେ ସେତେବେଳକୁ ସେଠାରୁ ଯିଏ ଯାହାର ଘରକୁ ଚାଲିଗଲେଣି । ଏପରିକି ଏକ ଅସହ୍ୟ ଓ ଅପୂରଣୀୟ ଦୁଃଖ ଭୋଗ କରିବାର ପରିଣାମ ସ୍ୱରୂପ ଯେ ଘରେ ମାର୍‌ଧର୍ ଓ ବାଡ଼ିଆପିଟାର ଅଭିନୟ ହେବ, ଏପରି ଅନୁମାନ କରି ସେମାନେ ସେଠାରୁ ଗୋଟି ଗୋଟି ହୋଇ ଖସି ଚାଲିଯାଇଥିଲେ । ବୋରିନା ମଧ୍ୟ ଏହିପରି ଗୋଟାଏ ଯୁଦ୍ଧ ପାଇଁ କେତେବେଳେ ହେଲେ ପଛକୁ ହଟିଯିବାର ଲୋକ ନଥିଲା । କିନ୍ତୁ ଆଜି ଅବଶ୍ୟ ସେ ସେସବୁର କୌଣସି ଲକ୍ଷଣ ପ୍ରକାଶ ନକରି କେବଳ ଆପଣା ଓ ଆଉ ସମସ୍ତଙ୍କ ଉପରେ ବାକ୍ୟବାଣ ନିକ୍ଷେପ କରିବାରେ ଲାଗିଥାଏ ।

କୁଡ଼ିଆ ଆଡ଼କୁ ଅଗ୍ରସର ହୋଇ ଖୋଲା ଝରକାବାଟେ ସେ ଗର୍ଜନ କରି କହିଲା— ''ହେ ହାଙ୍କା, ମୋତେ ଭାରି ଭୋକ କଲାଣି । ମୋତେ କ'ଣ ଗଣ୍ଡାଏ ଶୀଘ୍ର ଖାଇବାକୁ ଦେ'!''— କହି ସେ ଆପଣାର ଶୋଇବାଘର ଆଡ଼କୁ ଚାଲିଗଲା ।

ତା'ର ଶୋଇବାଘରଟି ଦେଶର ଯେକୌଣସି ଚାଷୀର ଶୋଇବାଘରର ନକ୍‌ସା ଅନୁସାରେ ତିଆରି ହୋଇଚି । ଦୁଇପାଖରେ ଦୁଇଟି କୋଠରି, ମଝିରେ ଓସାରିଆ ପିଣ୍ଡା, ଯିବାଆସିବାର ବାଟ । ପଛପଟକୁ ଦୁଆର । ସାମନାପଟର ଚାରୋଟିଯାକ ଝରକାବାଟେ ଅନାଇଲେ ଦାଣ୍ଡପଟରେ ଥିବା ବଗିଚା ଓ ରାସ୍ତା ଦେଖାଯାଉଚି । ବଗିଚାପଟ କୋଠରିଟିରେ ବୋରିନା ଓ ତା'ର ଝିଅ ୟୁଜ୍‌କା ଶୋଉଥିଲେ । ଅନ୍ୟପଟଟିରେ ଆନ୍ତେକ୍ ଆପଣାର ପରିବାରକୁ ନେଇ ରହୁଥିଲା । ଗାଈଆଳ ଚାକର ଓ କୋଠିଆମାନେ ଗୁହାଳଘରେ ଶୋଉଥିଲେ ।

Digitized by srujanika@gmail.com

ବେଳ ବୁଡ଼ି ଆସିଲାଣି । ତେଣୁ ଘରଭିତରଟା କ୍ରମଶଃ ଅନ୍ଧାର ହୋଇ ଆସୁଚି । କେବଳ ଯାହା ଛୋଟିଆ ଛୋଟିଆ ଝରକାଗୁଡ଼ିକର ବାଟ ଦେଇ ବାହାରର କିଛି ଆଲୁଅ ଆସି ଘରଭିତରେ ପଡୁଚି, ସେତିକି । ଏହି ଆଲୁଅଉପରେ ମଧ ବାହାରୁ ଘରଛାତ ଓ ବଗିଚାରେ ଥିବା ଗଛଗୁଡ଼ିକର କଳାଛାଇ ଆସି ପଡୁଚି । ଚୂନଧଉଳା କାନ୍ଥଉପରେ କଳା ଫ୍ରେମ୍‌ଭିତରେ ଟଙ୍ଗାହୋଇଥିବା ପବିତ୍ର ଦେବଦେବୀମାନଙ୍କର ଚିତ୍ରପଟର କାଚଗୁଡ଼ିକ ଅନ୍ଧାର ଭିତରେ ଜକଜକ କରିଉଠୁଚି । ଘରଟି ପ୍ରକୃତରେ ବେଶ୍ ଓସାରିଆ, କିନ୍ତୁ ଆଟୁ ନୁଆଁଣିଆ ଥିବାରୁ ଭାରି ଅଣଓସାରିଆ ପରି ମନେହେଉଚି । ଆଟୁତଳେ ଆଟୁକୁ ସମ୍ଭାଳି ରଖିବାପାଇଁ ବଡ଼ ବଡ଼ କାଠର 'ରାମାନ । ଘରଯାକ ନାନାପ୍ରକାର ଆସବାବ ଭର୍ତ୍ତିହୋଇ ରହିଚି, କେବଳ ନିଆଁ ଜଳାହେବା ଜାଗାରେ ହାତଗୋଡ଼ ଚାଲିବାଭଳି ଟିକିଏ ଖାଲି ଥାନ ଛାଡ଼ି ଦିଆ ହୋଇଚି ।

ସେହିଠାରେ ପହଞ୍ଚି ବୋରିନା ଆପଣା ଗୋଡ଼ରୁ ବୁଟ୍‌ଜୋତା ଓହ୍ଲାଇଦେଲା ଏବଂ ତା'ପରେ ଗୋଟିଏ ଅଧବଖୁରି ଭିତରେ ପ୍ରବେଶ କରି ଭିତରୁ କବାଟ ବନ୍ଦ କରିଦେଲା । ଗୋଟିଏ ଝରକାର କାଚଉପରୁ ସେ ପର୍ଦ୍ଦା ଉଠାଇନେବା ମାତ୍ରକେ ସୂର୍ଯ୍ୟାସ୍ତରାଗର ରକ୍ତରଙ୍ଗ ବନ୍ୟାର ଜଳପରି ସମସ୍ତ ଘରଟିକୁ ପ୍ଳାବିତ କରିଦେଲା ।

ବଖରାଟି ଅତି ସଂକୀର୍ଣ୍ଣ, ଏଠାରେ ମଧ ନାନାପ୍ରକାର ଘରକରଣାର ଦରବମାନ ଭର୍ତ୍ତି ହୋଇ ରହିଚି । ଗୋଟାକପରେ ଗୋଟାଏ ହୋଇ କେତେ ଅଳଗୁଣି ଉପରୁ କେତେକେତେ ଲୁଗାପଟା ଓ ସୁକ୍‌ମାନା (ପୋଲାଣ୍ଡର ଚାଷୀମାନେ ବ୍ୟବହାର କରୁଥିବା ଏକ ଲମ୍ବା କୋଟ୍) ଝୁଲିକରି ରହିଚି । ଏଠିସେଠି ଗଦାଗଦା ହୋଇ ସୂତା, କୁଢ଼କୁଢ଼ ହୋଇ ମେଣ୍ଢାମାନଙ୍କ ଦେହରୁ କଟାହୋଇ ଆସିଥିବା ପଶମ । ଅଖାମାନଙ୍କରେ ଭର୍ତ୍ତି ହୋଇ ଚଢ଼େଇପରମାନ ମଧ ସାଇତା ହୋଇ ରହିଚି । ବୋରିନା ଅଳଗୁଣି ଉପରୁ ଗୋଟିଏ ଧଳାରଙ୍ଗର ସୁକ୍‌ମାନା କାଢ଼ି ଆପଣା ହାତରେ ଧରିଲା, ନାଲିରଙ୍ଗର ଗୋଟିଏ କମରପଟି ବାହାର କରି ଆଣିଲା, ତା'ପରେ କେତେ ସମୟ ପର୍ଯ୍ୟନ୍ତ ଶସ୍ୟ ପୂର୍ଣ୍ଣହୋଇ ରହିଥିବା ଘୁମମାନଙ୍କରେ ହାତ ପୂରାଇ କ'ଣସବୁ ଦେଖିଲା । ସେଠୁ ଆଉ ପହୁଣ୍ଡେ ଆଗକୁ ଆସି ଗୋଟାଏ କଣକୁ ଚମଡ଼ା ଓ ପୁରୁଣା ଲୁହାର ଜିନିଷପାତିଗୁଡ଼ାକ ଉପରେ ମଧ ହାତ ଅଣ୍ଡାଳିନେଲା । ଏତକିବେଳେ ଆରଘରୁ ହାଙ୍କାର କଣ୍ଠସ୍ୱର ଶୁଣିପାରି ସଙ୍ଗେ ସଙ୍ଗେ ପର୍ଦ୍ଦାଟାକୁ ଟାଣିଦେଲା ଏବଂ ଶସ୍ୟ ପଶି ରହିଥିବା ଘୁମଭିତରେ ପୁଣି ହାତ ବୁଲାଇବାକୁ ଲାଗିଲା ।

ଝରକା ତଳକୁ ତା'ର ରାତ୍ରିଭୋଜନ ସଜଡ଼ାହୋଇ ରହିଥାଏ । ଭୀମକୁଣ୍ଡ ପରି ଗୋଟାଏ ଏଡ଼େ ବଡ଼ ପାତ୍ରରେ ବନ୍ଧାକୋବି ପଡ଼ି ରନ୍ଧାହୋଇଥିବା ମାଉଁସ—ବେଞ୍ଚ ଉପରେ ଥୁଆ ହୋଇଥିବା ସେହି ପାତ୍ରଟିରୁ ମହମହ ସଜରନ୍ଧାର ବାମ୍ଫ ବାହାରି ଯାଉଚି । ପାଖରେ ଆଉ ଗୋଟିଏ ଥାଳିରେ ରଖାହୋଇଥିବା ଅଣ୍ଡାସନ୍ତୁଳାର ମହକ ପବନ ଭିତରକୁ ଆସି ମାଉଁସ ତୁଣର ମହକ ସହିତ ଏକାଠି ହୋଇ ମିଶିଯାଉଚି ।

Digitized by srujanika@gmail.com

ବୋରିନା ପଚାରିଲା, ''ଆଜି ସକାଳେ ଭିତେକ୍ ଗାଈପଲକୁ କେଉଁଠିକି ଚରାଇବାକୁ ନେଇଥିଲା ?'' କହି ପାଉଁରୁଟିର ମୁଣ୍ଡାଟାରୁ କୁଲାପରି ଗୋଟାଏ ବଡ଼ ଚୁରୁଲା କାଟିବାକୁ ଲାଗିଲା ।

''ତୋଟା ଆଡ଼କୁ । ତୋଟା ଜଗୁଆଳ ସେଠାରୁ ଗାଈପଲକୁ ହୁରୁଡ଼ାଇଦେଲା ।''

''ଶଳା ଗୋରୁଖିଆ ଶାଗୁଣାଗୁଡ଼ାକ ! ସେହିମାନେ ହିଁ ମୋର ଗାଈକୁ ମାରିଚନ୍ତି ।''

''ହଁ, ଆମର ନାଲି ଛାପଛାପିକିଆ ଗାଈଟି ଦଉଡ଼ି ଦଉଡ଼ି ଏପରି ଧଇଁସଇଁ ହୋଇଯାଇଥିଲା ଯେ, ତା' ଫଳରେ ତା'ର ପେଟରେ କି ଛାତିରେ ନିଶ୍ଚୟ କେଉଁଠି କ'ଣ ଫୁଲିଗଲା ।''

''ଶଳା ଭିକମଗା କୁକୁରଗୁଡ଼ାକ ! ସେଠି ଆମେ ଗାଈ ନେଇ ଚରାଇଲୁ ତ ସେମାନଙ୍କ ବାପର କ'ଣ ଯାଉଥିଲା ? ସରକାରର ଆଇନ୍ ବହିରେ ଏଡ଼େ ଏଡ଼େ ଅକ୍ଷରରେ ତ ଏହି ଆଇନ୍ ଲେଖାହୋଇ ରହିଚି ! କିନ୍ତୁ ତଥାପି ଶଳାଗୁଡ଼ାଙ୍କର ଆଖିକୁ ଦିଶୁନାହିଁ ଯେ ଆମେ ସେଠାକୁ ଗାଈ ଚରାଇ ନେଲେ ହିଁ ସେମାନେ ଗାଈପଲକୁ ସେଠାରୁ ତଡ଼ି ବାହାର କରି ଦେଉଚନ୍ତି । ଆଉ କହୁଚନ୍ତି ଯେ ଏପରି ବେଆଇନ୍ ଗାଈ ଚରାଇବାକୁ ଆମର କୌଣସି ଅଧିକାର ନାହିଁ ।''

''ସେମାନେ ସବୁ ଚାଷୀଙ୍କ ଗାଈଙ୍କୁ ମଧ ଠିକ୍ ଏହିପରି ତଡ଼ି ବାହାର କରି ଦେଇଚନ୍ତି ! ଖାଲି କ'ଣ ସେତିକି—ଭାଲେକ୍‌ର ଚାକରଟୋକାକୁ ମାଡ଼ ମାରି ନୋଳା ଫଟାଇଚନ୍ତି ।''

''ଆଚ୍ଛା, ଏଡ଼େ ଗଉଁ ସେମାନଙ୍କର ? ମୁଁ ହୁଏତ କଚେରିକୁ ଯାଇ ମକଦମା କରିବି, ନଚେତ୍ ସରକାରୀ କମିଶନର୍‌ଙ୍କ ଅଫିସରେ ଅଭିଯୋଗ କରିଆସିବି । ବିକା ହୋଇଥିଲେ ମୋର ଗାଈ ପଚସ୍ତରି ଟଙ୍କାରେ ବିକା ହୋଇଥାଆନ୍ତା !''

''ନିଶ୍ଚୟ, ନିଶ୍ଚୟ !''—ହାଙ୍କା ମୁଣ୍ଡ ଟୁଙ୍ଗାରି ଉତ୍ତର ଦେଲା । ଯାହାହେଉ ଭାଗ୍ୟକୁ ବାପାର ରାଗଟା ଆଜି ତା'ଉପରେ ବରଷିଲା ନାହିଁ, ଏହା ଭାବି ସେ ମନେ ମନେ ଭାରି ଆଶ୍ୱସ୍ତି ଅନୁଭବ କରୁଥାଏ ।

''ଆନ୍ତେକ୍‌କୁ ଯାଇ କହିଦେ, ଆଲୁତକ ଘରକୁ ଆଣିସାରିବା ପରେ ସେମାନେ ସଙ୍ଗେ ସଙ୍ଗେ ଯାଇ ଗାଈଟାରୁ ଛାଲ ଉତାରିବେ ଏବଂ ସାଗୁଆତି ତିଆରି କରି ରଖିବେ । ମୁଁ ସାଇରୁ ଫେରିଲେ ଅବଶ୍ୟ ଯାଇ ସେମାନଙ୍କୁ ସାହାଯ୍ୟ କରିବି । ଫଡ଼ିଆଗୁଡ଼ାକୁ ନେଇ ଓରାରେ ଟାଙ୍ଗିଦେବାକୁ ପଡ଼ିବ, ଯେପରିକି କୁକୁର ବା ମାଛି ସେଠାରେ ଯାଇ ପହଞ୍ଚି ପାରିବେନାହିଁ ।''

ଭୋଜନ ସମାପନ କରି ବାହାରକୁ ଯିବବୋଲି ବୋରିନା ଲୁଗାପଟା ପିନ୍ଧିବାକୁ ଗଲା । କିନ୍ତୁ ସେତିକିବେଳେ ତା'ର ଦେହଟା ଏପରି ଗରୁ ଲାଗିଲା ଓ ନିଦର ପ୍ରକୋପରେ ଆଖି ଉପରଟା ଏପରି ମାଡ଼ିମାଡ଼ି ପଡ଼ିଲା ଯେ ସେ ଯାଇ ନଥିକରି ବିଛଣା ଉପରେ ପଡ଼ିଲା ଏବଂ ଆଗ କେତେଦଣ୍ଡ ଶୋଇପଡ଼ି ତା'ପରେ ବାହାରିବ ବୋଲି ସ୍ଥିର କଲା ।

Digitized by srujanika@gmail.com

ହାଙ୍କା ଆସି ଅଇଁଠାବାସନଗୁଡ଼ାକ ଘରଭିତରୁ ଉଠାଇ ନେଇଗଲା । ମଝିରେ ମଝିରେ ସେ ଝରକା ପାଖକୁ ଯାଇ ଉଙ୍କିମାରି ଆନ୍ତେକ୍ ଆଡ଼କୁ ଅନାଉଥାଏ । ଘର ସାମନାରେ ଥିବା ବାହାର ପିଣ୍ଡାରେ ବସି ଆନ୍ତେକ୍ ସେତେବେଳେ ତା'ର ରାତ୍ରିଭୋଜନରେ ବ୍ୟସ୍ତ ଥାଏ । ଆପଣାର ଖାଇବାଥାଳି ପାଖରୁ ସେ ବେଶ୍ ଖଣ୍ଡେଦୂରକୁ ବସିଥାଏ ଏବଂ ପାତ୍ରରୁ କୋରି କୋରି ଚାମଚ ପରେ ଚାମଚ ଖାଇବାରେ ଲାଗିଥାଏ । ତା'ର ହାତରେ ବା ଖାଇବାରେ କୌଣସି ତ୍ୱରା ନଥାଏ । ମଝିରେ ମଝିରେ ଖାଇବାଥାଳି ଉପରୁ ମୁହଁ ଟେକି ସେ ଗଡ଼ିଆ ଆଡ଼କୁ ଅନାଇ ଦେଉଥାଏ । ସୂର୍ଯ୍ୟାସ୍ତର ଛଟା ବାଜି ଗଡ଼ିଆ ପାଣିର ଉପରଭାଗରେ ସେତେବେଳକୁ ସୁନା ଓ ଡାଉରଙ୍ଗର କେତେ କୁଣ୍ଡଳ କାଟିହୋଇ ଯାଉଥାଏ । ସେହି କୁଣ୍ଡଳକଟାର ଉତ୍ସବ ଭିତରେ ଦଳେ ଧଳା ବତକ ପହଁରିବାରେ ଲାଗିଥାନ୍ତି । ସତେଅବା ଇନ୍ଦ୍ରଧନୁର ଚାରିପାଖରେ ମେଞ୍ଚାଏ ଧଳାମେଘ ଆସି ଲାଗିଯାଇଚି, ପୋଖରୀ ଆଡ଼କୁ ଅନାଇଲେ ହଠାତ୍ ସେହିପରି ମନେହେଉଥାଏ । ସେମାନଙ୍କର ଥଣ୍ଟଉପରୁ ବିନ୍ଦୁ ବିନ୍ଦୁ ପାଣି ଖସିପଡ଼ିଲା ବେଳକୁ ରକ୍ତରାଗମଣିର ହାରମାନ ଖସିପଡ଼ିଲା ପରି ଭ୍ରମ ହେଉଥାଏ ।

ମଣିଷମାନଙ୍କର ଭିଡ଼ ଓ କୋଳାହଳରେ ଗାଆଁ ଭିତରଟା ଉଠୁଚି ଆଉ ପଡୁଚି । ପୋଖରୀର ଦୁଇପାଖରେ ପଡ଼ିଥିବା ଦୁଇଟିଯାକ ରାସ୍ତାଉପରେ ଧୂଳିର ମେଘମାନ ପଟଳ ବାନ୍ଧି ରହିଚି । ଗାଡ଼ିମାନ ଚାଲିଗଲା ବେଳକୁ କେଁକଟର ଶବ୍ଦରେ କାନ ଅତଡ଼ା ପଡ଼ିଯାଉଚି । ପୋଖରୀ ଭିତରେ ପ୍ରାୟ ଆଣ୍ଠୁଏ ପାଣିରେ ଗୋରୁପଲ ଠିଆହୋଇ ରହିଚନ୍ତି ଏବଂ ରହିରହି ଘଡ଼ିକେ ଦଣ୍ଡକେ ସଅଁ ସଅଁ କରି ପାଣି ପିଇବାରେ ଲାଗିଚନ୍ତି । ଥରେ ପାଣି ଶୋଷିନେଇ ସେମାନେ ଆପଣାର ସତେଅବା ଚିନ୍ତାସଙ୍କୁଳ ମସ୍ତକଗୁଡ଼ିକୁ ଉପରକୁ ଟେକୁଚନ୍ତି । ସେମାନଙ୍କର ଦାନ୍ତର ମାଡ଼ିଭିତରୁ ମୁକୁତା ଝରିବାପରି ଜଳବିନ୍ଦୁର ହାରମାନ ଝରିପଡୁଚି । ପୋଖରୀର ସେପାଖରେ ଥିବା ଧୋବାତୁଠ ମଧ ଯାବତୀୟ କାର୍ଯ୍ୟବ୍ୟସ୍ତତାରେ ବଡ଼ ତତ୍ପର ହୋଇଉଠିଚି । ଧୋବଣୀମାନେ ହାତରେ କାଠର ମୂଷଳମାନ ଧରି କାଚୁଥିବା ଲୁଗାପଟା ଉପରେ ବଡ଼ ବଡ଼ ପାହାର ପକାଇବାରେ ଲାଗିଚନ୍ତି ।

''ଆନ୍ତେକ୍, ଏ କାଠଗୁଡ଼ାକୁ ଟିକିଏ ଚିରିଦେଇ ଯାଆ ! ମୋ'ଦେଇ ଏ କାମ ହୋଇପାରିବ ନାହିଁ''—ଲାଜ ଗରଗର ହୋଇ ଆନ୍ତେକ୍‌ର ଭାରିଯା ଆନ୍ତେକ୍‌କୁ ଡାକିଲା । ଗେରସ୍ତକୁ ତା'ର ପ୍ରାଣେ ଭୟ । କାରଣ ଟିକିଏ ସୁଯୋଗ ପାଇଲେ ତା' ମୁହଁରୁ ଯେ କୋଉ ବାଣ ବରଷିପଡ଼ିବ ବା ଦେହ ଉପରେ ଯେ ଉତ୍ତମ-ମଧମ ଆସି ବାଜିଯିବ, ସେକଥା କିଏ କହିପାରିବ ?

ଆନ୍ତେକ୍ ହୁଁ କି ଚୁଁ କୌଣସି ଜବାବ ଦେଲାନାହିଁ, ସତେ ଯେପରି ଭାରିଯାର କଥା ଯାଇ ତା'କାନରେ ବାଜିନାହିଁ, ସେହିପରି ଅଭିନୟ କରିବାକୁ ଲାଗିଲା । ଭାରିଯାର ମଧ ଭରସି କରି ଆଉଥରେ ତାକୁ ବୋଲି ବତାଇବାକୁ ସାହସ ହେଲାନାହିଁ । ତେବେ ଆଉ ଚାରା କଣ, ଆପଣା ଦ୍ୱାରା ଯେତିକି ହୋଇପାରିବ, କାଠଗଡ଼ଗୁଡ଼ାକରୁ ସେତିକି ନାଗୁଆଣି ସଂଗ୍ରହ କରି ଆଣିବାକୁ ସେ ବାହାରି ପଡ଼ିଲା । ଗେରସ୍ତ ଅସଲ ମନୁଆ, ଏଣେ ଦିନମାନର ହାଡ଼ଭଙ୍ଗା

Digitized by srujanika@gmail.com

ମେହନତ ପରେ ତା'ର ଦେହରେ ସତେଅବା ଆଉ ଜୀଅ ନଥିଲା । ସେ ଯୋଉଠି ବସିଥିଲା, ସେହିଠାରେ ବସିରହି ବାଆଁରେଇ ହେଲା ପରି ପୋଖରୀର ସେପାଖ ହୁଡ଼ାକୁ ଅନାଇ ରହିଲା । ସେପାଖ ହୁଡ଼ାରେ ଗୋଟିଏ ଛୋଟିଆ ଘର—ଚୂନ ଧଉଳା କାନ୍ଥ ଓ କାଚଦିଆ ଝରକା ଉପରେ ଅସ୍ତଗତ ସୂର୍ଯ୍ୟର ଆଭା ପଡ଼ି ଚକଚକ ଦେଖାଯାଉଚି । ଘରର ଚାରିପାଖରେ ଅଳପ ଉଚ୍ଚ ଗୋଟିଏ ପାଚେରି ବୁଲିଚି, ପାଚେରି ସେପାଖରୁ ଘରଅଗଣାରେ ଥିବା ଡାଲିଆ ଗଛର ସୁରଙ୍ଗ ଫୁଲଗୁଡ଼ିକ ଉଙ୍କିମାରି ଅନାଇଲା ପରି ଦେଖାଯାଉଚି । ଫୁଲଗୁଡ଼ିକ ଘରକାନ୍ଥର ଧବଳ ପୃଷ୍ଠଭୂମି ଉପରେ ଭାରି ଚମତ୍କାର ଶୋଭା ଧାରଣ କରିଚି । ଘରଟିର ଆଗରେ ଥିବା ଫଳବଗିଚାର ଉଡ଼ାଳ ଭିତରେ କାହାର ଏକ ଡେଙ୍ଗା ଦେହ ଚାଲିଯାଉଥିବା ପରି ମନେ ହେଉଚି । ହଁ, ସେହି ଆକୃତିଟି ବଗିଚାଭିତରୁ ଦାଣ୍ଡପିଣ୍ଡା ଉପରକୁ ଉଠିଗଲା ଓ ଦେଖୁଦେଖୁ ଘର ଭିତରକୁ ଅଦୃଶ୍ୟ ହୋଇଗଲା—କିଏ ବୋଲି ଚିହ୍ନିକରି କହିବା ଆଉ ସମ୍ଭବ ହୋଇପାରିଲାନାହିଁ ।

ବସିଥିବା ଜାଗାରୁ ଆନ୍ତେକ୍ ବାପର ଘୁଙ୍ଗୁଡ଼ିଶବ୍ଦ ଶୁଣିବାକୁ ପାଇଲା । ଶୁଣିବାମାତ୍ରକେ ତା'ର ବ୍ରହ୍ମ ଏକାବେଳେକେ ଜଳି ଉଠିଲା । ଅତିଶୟ ଉତ୍‌କ୍ଷିପ୍ତ ହୋଇ ସେ କହିଉଠିଲା, ''ସେ ପରା ଘରର ମାଲିକ, ସେ ଦିନମାନ ଶୋଇ ରହିଲେ ତୁ ପାଟି ଫିଟାଇବାକୁ କିଏ ? ତୁ'ତ ମୂଲିଆ, ଘରର ସବୁ ପାଇଟି କରିବୁ, ଦିନ ଯାଇ ରାତି ହେଲେ ମଧ ପାଇଟି କରୁଥିବୁ !''

ଦୁଆର ଭିତରକୁ ଉଠିଯାଇ ସେ ଗାଈଟି ଉପରେ ଆଉ ଥରେ ଆଖି ବୁଲାଇ ଦେଖିଲା ।

''ଗାଈଟି ସିନା ବାପର ଗାଈ, ତଥାପି ଏଥିରେ ଆମକୁ ମଧ ଭାରି ଲୋକସାନ ପଡ଼ିଲା''—ଭାରିଯାକୁ ଉଦ୍ଦେଶ୍ୟ କରି ଆନ୍ତେକ୍ କହିବାକୁ ଲାଗିଲା । ଭାରିଯା ସେତେବେଳକୁ କାଠଗଡ଼ରୁ ନାଗୁଆଣି ବାହାର କରିସାରି ଗାଡ଼ିପାଖକୁ ଯାଇଥାଏ । ଠିକ୍ ଅଳ୍ପସମୟ ପୂର୍ବରୁ ଗାଡ଼ି ସହିତ କୁବା ଆସି ଘରେ ପହଞ୍ଚିଥାଏ ।

''ଆଳୁ ସାଇତି ରଖିବା ପାଇଁ ଏ ପର୍ଯ୍ୟନ୍ତ ଗାତ ଖୋଳା ସରିନାହିଁ । ତେଣୁ ବର୍ତ୍ତମାନ ପାଇଁ ଆଳୁଗୁଡ଼ିକୁ ଘରକୋଠାରେ ଗଦାକରି ରଖିବାକୁ ପଡ଼ିବ ।''

''କିନ୍ତୁ ବାପା ପରା କହିଗଲେ ଯେ ତୁମେ ଆଗ ଗାଈଟାରୁ ଛାଲ ଉତାରିଦେବ ଆଉ ଫଡ଼ିଆଗୁଡ଼ାକ ଅଲଗା କରିଦେବ ? କୁବା ତ ଘରକୁ ଆସିଲାଣି, ସେ ମଧ ତୁମକୁ ଏଥିରେ ସାହାଯ୍ୟ କରିବ ।''

''ଏହି ଦୁଆରଟାରେ ଗାଈ ଆଉ ଆଳୁପାଇଁ ଯଥେଷ୍ଟ ଥାନ ହୋଇଯିବ''—ଖଳାଘର ଦୁଆରଟାକୁ ମେଲାକରି ଦେଉଦେଉ କୁବା କହିଲା ।

ଆନ୍ତେକ୍ ଚେଡ଼ିହେଲା ପରି ଉତ୍ତର ଦେଲା, ''ମୁଁ କ'ଣ କଂସେଇଖାନାର କଂସେଇ ହୋଇଚି ଯେ ମଲା ଗାଈଟା ଦେହରୁ ଛାଲ ଉତାରିବାକୁ ଯିବି ?''

ଆଉ କାହାରି ତୁଣ୍ଡରୁ କୌଣସି କଥା ଶୁଣାଗଲାନାହିଁ । ଖଳାଘର ଦୁଆର ଉପରେ ଆଳୁ ଗଦା କରାଯାଉଥିବାର ଶବ୍ଦ ଶୁଣାଯିବାକୁ ଲାଗିଲା ।

Digitized by srujanika@gmail.com

ଇତ୍ୟବସରରେ ସୂର୍ଯ୍ୟଦେବ ମାଆ କୋଳକୁ ଯାଇସାରିଲେଣି । କିନ୍ତୁ ସୂର୍ଯ୍ୟାସ୍ତପରର ଗାଢ଼କୃଷ୍ଣ ରକ୍ତ ଓ ସୁନେଲି ରଙ୍ଗମାନ ପୋଖରୀପାଣିର ସମତଳ ଉପରେ ତଥାପି ପ୍ରତିବିମ୍ବିତ ହୋଇ ରହିଥାଏ । ପୋଖରୀର ଥିର ଜଳ ରହି ରହି ସତେଅବା କମ୍ପି ଉଠିବା ପରି ମନେ ହେଉଥାଏ, ସତେଅବା କେଉଁ ନିଦ୍ରାଳସ କ୍ଷୀଣ ଶବ୍ଦାଘାତରେ ସ୍ପନ୍ଦିତ ହୋଇ ଉଠୁଥାଏ ।

ମୁହୂର୍ତ୍ତକ ମଧ୍ୟରେ ସମସ୍ତ ଜନବସତିଟି ରାତ୍ରିର ଛାଇଭିତରେ ନିମଗ୍ନ ହୋଇ ରହିଲା, ଶରତ୍‌ରାତ୍ରିର ଗଭୀର ନିସ୍ପନ୍ଦତାର ଆବରଣ ତଳେ ଲୁକ୍‌କାୟିତ ହୋଇ ରହିଲା । ବାସଘରଗୁଡ଼ିକର ଆକୃତି କ୍ରମେ ଛୋଟ ହୋଇଆସିଲା । ସେଗୁଡ଼ିକ ସତେ ଯେପରି କ୍ରମଶଃ ମାଟି ଭିତରେ ପୋତିହୋଇ ପଡ଼ିବାକୁ ବସିଲେ, ସେମାନଙ୍କର ଉପରେ ସ୍ୱପ୍ନାବିଷ୍ଟ କଳେବର ପ୍ରସାର କରି ଠିଆ ହୋଇଥିବା ବୃକ୍ଷ ସମୂହର ଗର୍ଭଭିତରେ ସେମାନେ ସତେ ଅବା ବିଲୀନ ହୋଇଗଲେ । ଆନ୍ତେକ୍ ଆଉ କୁବା ଏକାଠି ମିଶି ଆଳୁକୁ ଗାଡ଼ିଉପରୁ ଖଳାଘର ଦୁଆରକୁ ବୋହି ନେଉଥାନ୍ତି । ହାଙ୍କା ଆଉ ୟୁଜ୍‌କା ଏଠିସେଠି ନାନା ଘରକରଣାରେ ବ୍ୟସ୍ତ ଥାଆନ୍ତି । ହୁଏତ ବତକଗୁଡ଼ାଙ୍କୁ ପୋଖରୀଆଡୁ ହୁରୁଡ଼ାଇ ଘରକୁ ଆଣୁଥାନ୍ତି ବା ଭୋକ ଦାଉରେ ଗଣଗଣ ହୋଇ ପିଣ୍ଡା ଉପରକୁ ଉଠି ଆସୁଥିବା ଘୁଷୁରିଗୁଡାକୁ ଖାଇବାକୁ ଦେବାରେ ବ୍ୟସ୍ତ ଥାଆନ୍ତି । ଏସବୁ କାମ ସରିଲେ ତେଣେ ଗାଈ ଦୁହିଁବା ମଧ୍ୟ ବାକୀ ରହିଚି । ଭିତେକ୍ ମଧ୍ୟ ଏଇ ଅଳ୍ପସମୟ ହେଲା ସେମାନଙ୍କୁ ଗୋଠରୁ ନେଇ ଘରକୁ ଫେରିଚି ଓ ସେମାନଙ୍କ ଆଗରେ ପୁଳାଏ ପୁଳାଏ ପାଳକୁଟା ପକାଇ ଦେଇଚି । ମୁହଁ ପାଖରେ କୁଟା ପଡ଼ିଥିବାତକ ସେମାନେ ଆଉ ଦୁଧ ଦୁହାଁ ହେଲାବେଳେ କୌଣସି ହନ୍ତସନ୍ତ କରିବେ ନାହିଁ ।

ୟୁଜ୍‌କା ସଜବାଜ ହୋଇ ପହିଲି ଗାଈଟିକୁ ଦୁହିଁବାକୁ ଯାଉଚି, ଏହି ସମୟରେ ଥିରିଥିରି ତୁଣ୍ଡରେ ଭିତେକ୍ ତାକୁ ଡାକି କହିଲା, ''ୟୁଜ୍‌କା, ଆଜି ଖାମିନ୍ଦ ମୋ'ଉପରେ ଭାରି ରାଗିଚନ୍ତି, ନୁହଁ ?''

ୟୁଜ୍‌କା ଉତ୍ତର ଦେଇ କହିଲା, ''ହେ ଭଗବାନ୍, ନରାଗିଚନ୍ତି ବୋଲି କ'ଣ ଲେଶମାତ୍ର ସନ୍ଦେହ କରିବାକୁ ଅଛି ? ସେ ତ ତୋତେ ଆଗ ପାହାରେ ଦି'ପାହାର ପକାଇ ତା'ପରେ ଯାଇ ମନ ଶାନ୍ତି କରିବେ ବୋଲି ବିଚାର କରି ଅପେକ୍ଷା କରିଚନ୍ତି ।'' — କହି ସେ ଆପଣାର ମୁହଁ ଆଲୁଅ ଆଡ଼କୁ ବୁଲାଇନେଲା ଏବଂ ଗାଈ ଦୁହିଁବାକୁ ହାତ ବଢ଼ାଇଲା । ମାଛିଗୁଡ଼ାକ ଭଣଭଣ ହୋଇ ଭାରି ହଇରାଣ କରୁଥାନ୍ତି । ସେମାନଙ୍କର ଦାଉରେ ଅସ୍ଥିର ହୋଇ ଗାଈଟା ଆପଣାର ପୁଚ୍ଛକୁ ଏପରି ଭାବରେ ହଲାଇଦେଲା ଯେ ତାହା ଆସି ୟୁଜ୍‌କାର ମୁହଁ ଉପରେ ପିଟିହୋଇଗଲା ।

''କିନ୍ତୁ ଜଙ୍ଗଲାଡ଼ର ଲୋକମାନେ ଗାଈଗୋଠକୁ ଏପରି ନିର୍ଘାତିଆ ହୋଇ ତଡ଼ିଦେଲେ, ସେଥିରେ ମୋର ଆଉ କି ଦୋଷ ରହିଲା ? ସରକାରୀ ଜଗୁଆଳଟା ମୋତେ ବି ମାଡ଼ ମାରିବବୋଲି ବାହାରିଥିଲା, କିନ୍ତୁ ମୁଁ ଆଖିବୁଜି ସେଠାରୁ ଦଉଡ଼ି ପଳାଇ ଆସିଲି । ବାଟରେ ଦେଖିଲି ନାଲି ଛାପଛାପିକିଆ ଗାଈଟା ଭୂଇଁରେ ପଡ଼ି ବଡ଼ କରୁଣ ଭାବରେ ବୋବାଳି ଛାଡୁଚି । ତେଣୁ ତାକୁ ମୁଁ ସେଠାରୁ ଅଡ଼ାଇକରି ଘରକୁ ନେଇ ଆସିଲି ।''

Digitized by srujanika@gmail.com

ସେ ଆଉ ଅଧିକ କିଛି କହିଲା ନାହିଁ । ୟୁଜ୍‌କା ବେଶ୍ ଶୁଣିବାକୁ ପାଇଲା ଯେ ସେ ନାକ ସୁଉଁ -ସୁଉଁ କରି ଚୁପ୍‌ଚାପ୍ କାନ୍ଦିବାରେ ଲାଗିଚି ।

"ଭିତେକ୍, ତୁ କଣ କଅଁଳା ବାଛୁରୀ ହୋଇଚୁ ଯେ ଏଇ କଥାରେ କାନ୍ଦିପକାଉଚୁ ? ତୁନି ହ' ! ବାପା କ'ଣ ଆଗରୁ ତୋତେ କେବେ ମାରିନାହାନ୍ତି ଯେ ତୁ ତାଙ୍କର ମାରିବାକୁ ଆଜି ନୂଆ ହୋଇ ଡରୁଚୁ ?"

"ନାଇଁ—ନୂଆ ହୋଇ ଡରିବି କାହିଁକି ? ତାଙ୍କର ମାଡ଼ ତ ମୁଁ କେତେଥର ସହିଚି ! କିନ୍ତୁ ଏହି ମାଡ଼କୁ ମୁଁ କେତେବେଳେ ହେଲେ ସହିପାରେନାହିଁ । ସେଥିପାଇଁ ମୋତେ ଏହି ମାଡ଼କୁ ସବୁବେଳେ ଭାରି ଡରମାଡ଼େ ।"

"ତୁ କେଡ଼େ ଓଲମା ମଣିଷଟାଏ ବା ! ଏଡ଼େବଡ଼ ମରଦଟାଏ ହେଲୁଣି, ତେବେ ବି ତୋତେ ଡର ମାଡୁଚି ? ଆଚ୍ଛା, ମୁଁ ବାପାଙ୍କୁ ସବୁକଥା ବୁଝାଇକରି କହିଦେବି ।"

"ସତରେ ତୁ କହିବୁ, ୟୁଜ୍‌କା ?"—ଭିତେକ୍ ଆନନ୍ଦରେ ଗଦ୍‌ଗଦ ହୋଇ ଉଠିଲା ।

"ହଁ, କହିବି । ତୁ ଆଉ ଏପରି ଡରିମରନା !"

"ଯଦି ତୁ ପ୍ରକୃତରେ ମୋ' ପାଇଁ ଏତକ କରିପାରିବୁ, ତେବେ ତୋ'ପାଇଁ ମୁଁ ଗୋଟିଏ ଚଢ଼େଇ ଆଣିଚି, ଦେଖ୍ !"—ଭାରି ଖୁସୀ ହୋଇ ଭିତେକ୍ ୟୁଜ୍‌କାର କାନପାଖରେ ଫୁସ୍‌ଫୁସ୍ କରି କହିଲା ଏବଂ ଆପଣାର ଛାତିଭିତରୁ ସୁନ୍ଦର ଖେଳନାଟିଏ ବାହାର କରି ଦେଖାଇଲା । "ଦେଖିଲୁ, ଏ ଚଢ଼େଇଟା କେମିତି ଡଗଡଗ ହୋଇ ଚାଲିଯାଉଚି, ଅବିକଳ ଜୀଅନ୍ତା ଚଢ଼େଇ ପରି !"

ଭିତେକ୍ ଚଢ଼େଇଟିକୁ ଦୁଆରବନ୍ଧ ଉପରେ ରଖି ସେଥିରେ ଚାବି ଦେଇଦେଲା । ସଙ୍ଗେସଙ୍ଗେ ଲମ୍ବଲମ୍ବ ଗୋଡ଼ ଦିଇଟାକୁ ଉଠାଇ ଓ ମୁଣ୍ଡଟାକୁ ହଲାଇ ଚଢ଼େଇଟି ଚାଲିବାକୁ ଆରମ୍ଭ କଲା ।

"ହେ ଭଗବାନ୍ ! ଏଇଟା ହେଉଚି ଗୋଟାଏ କାଣ୍ଠିଆ ବଗ, ଠିକ୍ ଜୀଅନ୍ତା ଚଢ଼େଇପରି ଗୋଡ଼ ପକାଇ ଚାଲୁଚି !"— ବିସ୍ମୟ ଚକିତ ଭାବରେ ୟୁଜ୍‌କା ଚିତ୍କାର କରି ଉଠିଲା । ଦୁଧ ଠେକିଟାକୁ ତଳକୁ ରଖିଦେଇ ସେ ଗୁରୁଣ୍ଡିଲାପରି ହୋଇ ଅତିଶୟ ଉଲ୍ଲାସର ସହିତ ଏହି ଦୃଶ୍ୟ ଦେଖିବାକୁ ଲାଗିଲା ।

"ତୁ ସତରେ କେତେ ବୁଦ୍ଧି ଖରଚ କରି ଏଇଟିକୁ ତିଆରି କରି ଆଣିଚୁ ! ଏଇ ଚଢ଼େଇଟା ଆପଣା ମନକୁମନ ଚାଲୁଚି ନା ।—ସତ କହିଲୁ !'

"ହଁ ୟୁଜ୍‌କା, ମନକୁମନ ! ପହିଲୁ ଯାହା ମୁଁ ଏହି କାଠ ଖିଲଟି ସାହାଯ୍ୟରେ ଟିକିଏ ଚାବି ଦେଇଦେଉଚି, ସେତିକି ! ଦେଖ୍ ଦେଖ୍, ପେଟେ ଖାଇସାରି ବାବୁମାନେ ଯେମିତି ଗୁଣ୍ଡୁଣି ହାତୀ ପରି ଚାଲନ୍ତି, ଚଢ଼େଇଟି ଠିକ୍ ସେହିପରି ଚାଲିଯାଉଚି ।"—ଚଢ଼େଇଟିକୁ ହାତରେ ଧରି ଭିତେକ୍ ଏପାଖ ସେପାଖ ବୁଲାଇ ଦେଖାଇବାକୁ ଲାଗିଲା । ଡେଗା ଡେଗା ଗୋଡ଼

Digitized by srujanika@gmail.com

ଦୁଇଟିକୁ ବଡ଼ କୌତୁକପୂର୍ଣ୍ଣ ଆଡ଼ମ୍ବରରେ ପକାଇ ପକାଇ ଚଢ଼େଇଟି ଚାଲିବାରେ ଲାଗିଥାଏ—ଚାଲିବାବେଳକୁ ତାର ବେକଟି ମଧ ଆଗକୁ ଓ ପଛକୁ ଉହୁଙ୍କି ପଡୁଥାଏ ।

ଚଢ଼େଇର ଏହିସବୁ କରାମତି ଦେଖୁଦେଖୁ ହଠାତ୍ ଦୁହିଁଙ୍କୁଦୁହେଁ ହସି ଉଠିଲେ । ୟୁଜ୍‌କା ସତେଅବା ଭିତେକ୍‌ର ବାହାଦୁରୀର ପ୍ରଶଂସା କଲାପରି ବାରବାର ତା'ଆଡ଼କୁ ଅନାଇ ରହୁଥାଏ ।

ହଠାତ୍ ଏତିକିବେଳେ ବୋରିନାର ତୁଣ୍ଡ ଶୁଣାଗଲା, ସେପାଖ ଦୁଆରରୁ ସେ ୟୁଜ୍‌କାକୁ ଡାକୁଥିଲା ।

ୟୁଜ୍‌କା ଉତ୍ତର ଦେଇ କହିଲା, ''କ'ଣ ? ମୁଁ ଏଇଠି ଅଛି ।''

''ଏଠିକି ଆ !''

''ମୁଁ ପରା ଗାଇ ଦୁହୁଁଚି । ବର୍ତ୍ତମାନ କିପରି ସେଠିକି ଯିବି ?''

''ଆଚ୍ଛା, ମୁଁ ଗାଆଁଆଡ଼େ ଯାଉଚି''—ଏତିକି କହି ବୋରିନା ଅନ୍ଧାର ଗୁହାଳ ଆଡ଼କୁ ଅନାଇଦେଲା । ରାଗରେ ଜଳିଉଠିଲା ପରି କହିଲା—''ଆରେ, ସେ ବେଧୁଆ ଚାକରଟା ବି ସେଇଠି ବସିଚି, ନା ?''

''କିଏ, ଭିତ୍ରେକ ? ସେ ଆନ୍ତେକ୍ ସାଙ୍ଗରେ ତେଣେ ଯାଇଚି ।'' —ବଡ଼ ଅପ୍ରସ୍ତୁତ ହେଲାପରି ୟୁଜ୍‌କା ତରତର ହୋଇ ଉତ୍ତର ଦେଲା । ସେତେବେଳକୁ ଭୟରେ ଗୋଟାସୁଦ୍ଧା ଛାନିଆ ହୋଇ ଭିତେକ୍ ତା'ପଛକୁ ଆସି ଗୁଞ୍ଜିହୋଇ ବସିଥାଏ ।

''ଶଳା, ଚିତାକାଟି ସେ ମୋ' ହାବୁଡ଼ରୁ ଖସି ପଳାଇ ଯାଇଚି ! ଶଳା ଗଧ, ଘୁଷୁରି—ମୋର କେଡ଼େ ବଢ଼ିଆ ଗାଇଟାକୁ ଖତମ କରିଦେଲା !''—କହି ବୋରିନା ଆପଣାର ନୂଆ ଧଳା ସୁକ୍‌ମାନାଟିକୁ ପିନ୍ଧିବ ବୋଲି ପୁଣି ଖଞ୍ଜା ଭିତରକୁ ଚାଲିଗଲା । ମୁଣ୍ଡରେ ମଧ ଗୋଜିଆ କଳା ଟୋପିଟିକୁ ପିନ୍ଧି ବାହାରକୁ ଯିବାକୁ ହେବ । ତା'ପରେ କମର ଉପରେ ନାଲିଆ କମରପଟିଟି କଷି ସେ ଅଟାପେକ୍ଷା ହେଉଥିବା ଘର ଅଭିମୁଖରେ ବାହାରିଲା ।

ବାଟରେ ଚାଲି ଯାଉଯାଉ ସେ ମନେ ମନେ କହିବାରେ ଲାଗିଥାଏ, ''ତଥାପି ଏତେଗୁଡ଼ାଏ କାମ ବର୍ତ୍ତମାନ ମଧ ବାକୀ ରହିଚି ! ଶୀତଦିନଲାଗି ଜାଳେଣି କାଠ ସଂଗ୍ରହ କରି ରଖିବାକୁ ହେବ । କେତେଟା ଚଙ୍କ ଏପର୍ଯ୍ୟନ୍ତ ବୁଣା ହୋଇନାହିଁ, ସେଗୁଡ଼ାକ ବୁଣାହେବ । ବନ୍ଧାକୋବିଗୁଡ଼ାକ ଏପର୍ଯ୍ୟନ୍ତ ପଟାଳି ଉପରୁ ଘରକୁ ଆସିନାହିଁ ! ଆଳୁ ଖୋଳା ସରିଲେ ସେଇ ବିଲଗୁଡ଼ାକରେ ମଧ ହଳ ଧରିନେବାକୁ ପଡ଼ିବ । ଯଅ ଜମିତକ ମଧ ଧରାହେବ । ହାଇରେ ବିଧାତା, ଯେତେ ତରତର ହେଲେ ମଧ ଏ ମଣିଷର କାମ କେତେବେଳେ ହେଲେ ସରିବନାହିଁ ! କାନ୍ଧରେ ଯୁଆଳି ପଡ଼ିଥିବା ବଳଦ ଯାହା, ମଣିଷ ମଧ ସେଇଆ । ହଁ, ତେଣେ ପୁଣି ଅଦାଲତ କାମ ମଧ ବାକୀ ରହିଚି ।... ସେ ମାଇକିନିଆଟାର ପୁଣି ଏଡ଼େ ଭୁରୁଡ଼; ମୋର ଭେକ ସରୁନଥିଲା ଯେ ମୁଁ ତା' ସହିତ ଶୋଇବାକୁ ଯାଉଥିଲି !—ସେ ଯୋଉସବୁ ସୃଷ୍ଟିଛଡ଼ା ମିଛକଥାମାନ କହୁଚି, ଏଥିରେ ତା'ର ଜିଭ କେମିତି ଛିଡ଼ି ନ ପଡ଼ି ରହିବ, କହିଲ ?''

Digitized by srujanika@gmail.com

ବଡ଼ ଉତ୍ତେଜିତ ଭାବରେ ସେ ଥୁ' ଥୁ' କରି ନଣ୍ଡା ନଣ୍ଡା ଛେପ ପକାଇବାକୁ ଲାଗିଲା । ଆପଣା ପାଇପ୍‌ରେ ତମାଖୁ ଭରିନେଇ ଚିଲମ ଲଗାଇଲା । ଦିଆସିଲି କାଠିଗୁଡ଼ାକ କୋଉଠୁ ପାଣି ଲାଗି ଭାରି କାଉଁଦା ହୋଇଯାଇଚି, ଗୋଡ଼ର ଜୋତାରେ ମାରି ତାହା ଲଗାଇବାକୁ ହେଲା ।

ତା'ପରେ କଳକଳ ଧୂଆଁ ଟାଣି ସେ ଗୋଟିଏ ଗୋଟିଏ ବାଟ ଚାଲିବାକୁ ଲାଗିଲା । ଆପଣାର କେତେ ଦୁଃଖ ଓ କେତେ ଦହଗଞ୍ଜ ବିଷୟରେ କେତେ ଭାବନା ଆସି ତା'ର ମୁଣ୍ଡକୁ ଭାରିକରି ଦେଉଥାଏ । ହଁ, ଆଜି ମରିଥିବା ଗାଈଟା କଥା ମଧ ତା'ର ମନେପଡ଼ିଯାଉଥିଲା ।

ଏ ପୃଥିବୀରେ ଆଜିଠାରୁ ସେ ବଡ଼ ଏକୁଟିଆ ହୋଇଗଲା, ଠିକ୍ ରାସ୍ତାଉପରର ବତିଖୁମ୍ବ ପରି । ଆପତ୍ତି ବା ଅଭିଯୋଗ କରିବାକୁ, କୌଣସି କାମରେ ବା କଥାରେ ମନ ନମାନିଲେ କାହାପାଖରେ ଯାଇ କହିବାକୁ ତା'ର ଏହି ପୃଥିବୀରେ ଆଉ କେହି ନାହାନ୍ତି । ଆପେ ସବୁ କଥା ନ ଭାବିଲେ ତା'ପାଇଁ ଭାବିବାକୁ ଆଉ କେହି ନାହାନ୍ତି । ସେ ଏକା ସବୁ ଚିନ୍ତା କରିବ, ସବୁ ଠିକଣା କରିବ, ସବୁ କଥାର ହେପାଜତ କରିବ । ଠିକ୍ ଗୋଟାଏ କୁକୁରର ଜୀବନ ! କାହାସହିତ ପଦେ କଥା କହିବ ବା କାହାପାଖରେ ଯାଇ ଗୋଟାଏ କିଛି ପରାମର୍ଶ କରିବ ବୋଲି ଆଉ ତା'ର କିଏ ଅଛି ? କିଏ ତାକୁ କୌଣସି କାମରେ ସାହାଯ୍ୟ କରିବାକୁ ଅଛି ? ତେଣୁ ଫଳରେ ଯାହା ହେବାର ବର୍ତ୍ତମାନ ତାହାହିଁ ହେବାରେ ଲାଗିଛି —ସୋଟମୁହଁରେ ପାଣି ଗଲାପରି ତା'ର ଲୋକସାନ ପରେ କେବଳ ଲୋକସାନ ହେବାରେ ହିଁ ଲାଗିଚି !

ଗାଆଁଭିତରଟା ମଧ କ୍ରମେ ଅନ୍ଧାର ହୋଇଆସିଲାଣି । ଭଲକରି ଶୀତ ପଡ଼ିନାହିଁ । ତେଣୁ ଅନେକ ଘରର କବାଟ ଆଉ ଝରକାମାନ ଏପର୍ଯ୍ୟନ୍ତ ମେଲାହୋଇ ରହିଚି ଏବଂ ଘର ଭିତରେ ଜଳୁଥିବା ନିଆଁର ଧାସ ବାହାରେ ଆସି ପଡୁଚି । କୋଉଠି ଚୁଲି ଉପରେ ଆଳୁ ସିଝା ହେଉଚି, କୋଉଠି ମାଉଁସ ପଡ଼ି ପଇତି ରନ୍ଧା ହେଉଚି । ରନ୍ଧା ଦରବର ସୁବାସରେ ରାସ୍ତା ମହକି ଉଠୁଚି । ପିଣ୍ଡା ଉପରେ ବସି କୋଉ ପରିବାର ରାତ୍ରିଭୋଜନରେ ବ୍ୟସ୍ତ ଅଛନ୍ତି । ହୁଏତ କେଉଁମାନେ ଅଗଣାରେ ବସି ଖାଉଚନ୍ତି ଏବଂ ଚାମଚ ଝଣଝଣ ଶବ୍ଦର ତାଳ ସହିତ ତାଳ ମିଳାଇ ଖୁସୀଗପ କରିବାରେ ଲାଗିଚନ୍ତି ।

ବୋରିନାର ଗତି କ୍ରମେ ମନ୍ଦ ହୋଇ ଆସିଲା । ଆଜି ଦିନଟାଯାକ ତା'ର ନାନା ଉତ୍ତେଜନା ଭିତରେ କଟିଯାଇଚି, ସେହିସବୁ ଉତ୍ତେଜନା ତାକୁ କ୍ଳାନ୍ତକରି ପକାଇଚି ବୋଲି ମନେ ହେଉଥାଏ । ଏହି ସାଲେ ବସନ୍ତ ସମୟରେ ତା'ର ଭାରିଯାକୁ ମଧ ସେ କବର ଦେଇ ଆସିଚି । ସେହି କଥା ହଠାତ୍ ମନେପଡ଼ିଯିବା ମାତ୍ରକେ ତା'ର ଦୁଃଖ ତାକୁ ଏକାବେଳେକେ କବଳିତ କରି ପକାଇଲା ଏବଂ ମୁହଁ ଉପରେ ଉଛୁଳି ପଡୁଥିବା ଏକ ଶୋକୋଚ୍ଛ୍ୱାସକୁ ସେ ପାରୁପର୍ଯ୍ୟନ୍ତ ଢୋକିନେବାକୁ ଚେଷ୍ଟା କଲା ।

''ନାଇଁ, ନାଇଁ —କଦାପି ନୁହେଁ ! ଆଜି କେଡ଼େ ଜଳଜଳ ହୋଇ ମୋର ତା'ର କଥାଗୁଡ଼ାକ ମନେପଡ଼ିଯାଉଚି ! ସିଏ ଯଦି ଆଜି ବଞ୍ଚିଥାଆନ୍ତା, ତେବେ କ'ଣ ମୋତେ ଏଡ଼େ ବଢ଼ିଆ ଗାଈଟାକୁ ହରାଇବାକୁ ପଡ଼ିଥାଆନ୍ତା ? ତା'ପରି ଗୋଟାଏ ଘରଣୀ ଆଉ କୋଉଠି

Digitized by srujanika@gmail.com

ମିଳିବେ ନାହିଁ । ହଁ, ତା'ର ତୁଣ୍ଡଟା ଅବଶ୍ୟ ଟିକିଏ ଖର ଥିଲା ସିନା ! କାହାକୁ ହେଲେ ସେ କେବେ ଭୁଲରେ ମଧ ଭଲ କଥା ପଦିଏ କହୁନଥିଲା । କିନ୍ତୁ ଘର ସମ୍ଭାଳିବାକୁ ସେ ଭାରି ମଜଭୁତ୍, ଭାରି ପାରୁଆ ଥିଲା । ଘରର ଯାବତୀୟ ଟିକିନିଖି କଥା ତା'ର ଆଖି ଆଗରେ ରହିଥିଲା ''—ଏହିପରି ଭାବିବା ପରେ ସେ ମନେ ମନେ ଭାରିଯା ଉଦ୍ଦେଶ୍ୟରେ ପଦେ ପ୍ରାର୍ଥନାମନ୍ତ୍ର ଉଚ୍ଚାରଣ କଲା । ତା'ର ଆତ୍ମାର ସଦ୍‌ଗତି ଲାଗି ଈଶ୍ୱରଙ୍କୁ ଜଣାଇଲା । ଅତୀତ କଥାଗୁଡ଼ିକର ସ୍ମରଣ କରି ତା'ର ହୃଦୟ ବିଦୀର୍ଣ୍ଣ ହୋଇଯାଉଥାଏ ।

ଦିନଶେଷର କାମଧନ୍ଦା କରି କ୍ଲାନ୍ତଶ୍ରାନ୍ତ ହୋଇ ଘରକୁ ଫେରିଲେ ଭାରିଯା ଘରେ ସାଇତି ରଖିଥିବା ସବୁଠାରୁ ଭଲ ଚିଜ ଆଣି ତା'ଆଗରେ ବାଢ଼ି ଦେଉଥିଲା । ପିଲାଙ୍କଠାରୁ ଲୁଚାଇ ରଖିଥିବା ମାଉଁସ ଖଣ୍ଡେ କି ମିଠାଇଟାଏ ବାହାର କରି ସେ କେତେ ଆଦରରେ ତାକୁ ଖାଇବାକୁ ଆଣିଦେଉଥିଲା । ପିଲାଗୁଡ଼ାକ ମଧ ମାଆ ବଞ୍ଚିଥିଲାତକ ଭାରି ଭଲରେ ବଢୁଥିଲେ । ଗାଈ ବାଛୁରୀ ଜନ୍ମ କରୁଥିଲା, ବତକ ଛୁଆ କରୁଥିଲେ, ଘୁଷୁରି ଛୁଆଙ୍କର ସଂଖ୍ୟା କେବଳ ବଢ଼ିବାରେ ଲାଗିଥିଲା । ଯାନିଯାତ୍ରା ଦିନ ସହରକୁ ହାତରେ ଧରି ନେବାକୁ ଏଇଘରେ ନାନାପ୍ରକାର ସମ୍ପଦ ଭରତି ହୋଇ ରହିଥିଲା । ମନକଲେ ଏଇ ଘରୁ ଦଶ ପଚିଶ ନଗଦ ମଧ ବାହାରୁଥିଲା, ସମୟ ଅସମୟବେଳେ କାମରେ ଆସିବ ବୋଲି ସବୁବେଳେ କିଛି-ନା-କିଛି ସାଇତା ହୋଇ ରହିଥିଲା । କିନ୍ତୁ ବର୍ତ୍ତମାନ ?

ଆନ୍ତେକ୍ ତ ଦିନକୁଦିନ ବାଆଁଖାଡ଼ିଆ ଦେଇ ଅଲଗା ହୋଇଯାଉଚି । କମାରଶାଳ ବସାଇଥିବା ତା'ର ଜୁଆଇଁଟା ମଧ କିଛି କମ୍ ନୁହେଁ । ଯେତେବେଳେ ପାରୁଚି ଆସି ତା'ପାଖରୁ କିଛି-ନା-କିଛି ବାହାରକରି ନେଇଯାଉଚି । ଆଉ ୟୁଜ୍‌କା ?—ସେଇଟାର କ'ଣ ବୟସ ହେଲାଣି ? ଭଗବାନ ତ ତା'ର ଖପୁରି ଭିତରେ ବୁଦ୍ଧି ପରିବର୍ତ୍ତରେ କେବଳ ତଷୁ ଭର୍ତ୍ତି କରି ରଖିଚନ୍ତି । ପୁଣି ସେଥିରେ ବା ଆଚମ୍ୱିତ ହେବାର କ'ଣ ଅଛି । ଦଶବରଷର ବାଳୁତ ପିଲାଟାର ଆଉ କେତେ ବୁଦ୍ଧି ହୁଅନ୍ତା ? ଆଉ ହାଙ୍କା ?—ସେଇଟା ତ ଖାଲି ଝିଣ୍ଟିକାପରି ଏଣେତେଣେ ଡେଇଁ ବୁଲିବାରେ ଲାଗିଚି । ତା' ଉପରକୁ ପୁଣି ବାରମାସରେ ବିଶାଣହେ ବେମାରି । ତା'ଦେଇ କ'ଣ ହୋଇପାରିବ ? ଆପଣା ଦେହଦୁଃଖର ପେଖନା କରି ଖାଲି କୁକୁରପରି ଘାଲେଇ ପଡ଼ିରହିବା ହିଁ ତା'ର କାମ ।

ଏହିପରି ଯୁଆଡ଼କୁ ଚାହିଁଦେଖିବ, ସିଆଡ଼ ଭାଙ୍ଗି ଚୂନା ହୋଇଯାଉଚି, ସବୁ ଭୁଶୁଡ଼ି ପଡ଼ି ତା'ର ଏଡ଼େ ବଡ଼ ସଂସାରଟା ଖାଲି ଉଜୁଡ଼ିଯିବାକୁ ବସିଚି । ଆଜି ଏଡ଼େ ବଢ଼ିଆ ଗାଈଟା ଗଲା, ଫସଲ ଅମଳ ସମୟରେ ଘୁଷୁରିଟାଏ ଯାଇଥିଲା । କାଉଗୁଡ଼ାକ ଯେ ଝାମ୍ପମାରି କେତେ ବତକ ଛୁଆ ନେଇଗଲେ, ଯାଇ ଯାଇ ବର୍ତ୍ତମାନ ଆଉ କେବଳ ଅଧେ ବାକୀ ରହିଚନ୍ତି । କେତେ କେତେ ଲୋକସାନ କହିଲ ! କେତେବଡ଼ କ୍ଷତି କହିଲ ! କେବଳ ପ୍ରମାଦ ପରେ ପ୍ରମାଦ ପଡ଼ିବାରେ ଲାଗିଚି ! ତାହାର ସମସ୍ତ ଧନସମ୍ପତ୍ତି କେବଳ ଉଜୁଡ଼ିଯିବାରେ ଲାଗିଚି । ଚାଲୁଣୀ ଫୋଡ଼ଦେଇ ପାଣି ବୋହିଯିବା ପରି ଖାଲି ବୋହିଯିବାରେ ଲାଗିଚି !

Digitized by srujanika@gmail.com

''କିନ୍ତୁ ମୁଁ ସହଜରେ ଛାଡ଼ିଦେବା ଲୋକ ନୁହେଁ !''—ସେ ପାଟିକରି କହି ଉଠିଲା, ''ଯେତେଦିନଯାଏ ଏଇ ଗୋଡ଼ହାତ ଚଳୁଚି, ସେତେଦିନଯାଏ ମୁଁ ଗୋଟାଏ ମାଣ ଜମି ମଧ୍ୟ କାହାକୁ ଛାଡ଼ିଦେବି ନାହିଁ ।''

''ଜୟ ରାମ !'' ବାଟରେ ଯାଉଯାଉ କିଏ ଜଣେ ତାକୁ ନମସ୍କାର କରି କହିଲା ।

''ମଙ୍ଗଳ ହୋଇଥାଉ !''—ଯନ୍ତ୍ରଚାଳିତ ପରି ବଡ଼ ଅଭ୍ୟସ୍ତ ଭାବରେ ସେ ଜବାବ ଦେଇ ମୁହଁ ବୁଲାଇ ଦୁଇପାଖରେ ବାଡ଼ ବସାହୋଇଥିବା ଗଳିଟି ଭିତରକୁ ଅନାଇଲା । ଗଳିମୁଣ୍ଡରେ ପଧାନ ଘର । ଘରର ଝରକା ଭିତରୁ ବାହାରକୁ ଆଲୁଅ ବିଞ୍ଛିହୋଇ ପଡୁଚି । କୁକୁରଗୁଡ଼ାକ ଗନ୍ଧପାଇ ଭୋ' ଭୋ' କରିବାକୁ ଆରମ୍ଭ କରିଦେଲେ । ବୋରିନା ସିଧା ସେଇଆଡ଼କୁ ବାଟ ଭାଙ୍ଗି ଚାଲିଲା ।

''ପଧାନେ ଘ'ଟି ଅଛନ୍ତି ?—ଦୋଳିପାଖରେ ହାମୁଡ଼େଇ ପଡ଼ି ଗୋଟିଏ ପିଲାକୁ ଦୁଧ ଦେଉଥିବା ଜଣେ ମୋଟାସୋଟା ଆକୃତିର ସ୍ତ୍ରୀଲୋକକୁ ଦେଖି ସେ ପଚାରିଲା ।

''ନାଇଁ, ନାହାନ୍ତି । କିନ୍ତୁ ଏଇଲାଗେ ସେ ଘରକୁ ଆସୁଥିବେ । ବସ ବାପ, ବସ । ତାଙ୍କପାଇଁ ଆଉ ଜଣେ କିଏ ମଧ୍ୟ ଅପେକ୍ଷା କରି ବସିଚି ।''—କହି ସ୍ତ୍ରୀଲୋକଟି ନିଆଁ ଉହ୍ଲେଇ ଜଳୁଥିବା ଜାଗାରେ ବସିଥିବା ଭିକାରିଟି ଆଡ଼କୁ ଅନାଇଲା । ଭିକାରିଟି ଅନ୍ଧ, ସାଙ୍ଗରେ ଗୋଟିଏ କୁକୁର । ପାଠକମାନଙ୍କର ଏହି ଭିକାରିଟି ସହିତ ଆଗରୁ ଥରେ ସାକ୍ଷାତ ହୋଇଚି । ଉହ୍ଲେଇରେ ଜଳୁଥିବା କାଠନିଆଁର ଧାସ ପଡ଼ି ତା'ର ଚିକ୍କଣ ମୁହଁ, ନଣ୍ଡା ମୁଣ୍ଡ ଆଉ ମେଲାହୋଇ ରହିଥିବା ଏଡ଼େଏଡ଼େ ଆଖି ଦୁଇଟା ରଙ୍ଗରେ ପାଚି ଲାଲ ଦେଖାଯାଉଥିଲା । ଆଖି ଉପରେ ଗୋଟିଏ ପତଳା ଧଳା ପରଳ ମାଡ଼ି ରହିଥିଲା, ଧୂସର ପତାତଳେ ଆଖି ଦୁଇଟି ସ୍ଥିର ଓ ନିସ୍ପନ୍ଦ ହୋଇ ରହିଥିଲା ।

''ଆରେ, ତୁ କେମିତି ଏଠିକି ଆସିଲୁ ମ ?''—ଉହ୍ଲେଇର ଏପାଖରେ ଯାଇ ବ୍ସୁବସୁ ବୋରିନା ତାକୁ ପଚାରିଲା ।

''ବାଟରେ ବୁଲୁବୁଲୁ ଏଇଠି ଆସି ପହଞ୍ଚିଗଲି, ସାଆନ୍ତ ! ମୋ' କପାଳରେ ଆଉ ଏହାଠାରୁ ଅଧିକ କ'ଣ ଲେଖା ଅଛି ?''— ବଡ଼ କରୁଣ ଉଦାସ କଣ୍ଠରେ ଭିକାରି ଉତ୍ତର ଦେଲା । ଆପଣାର ପ୍ରତ୍ୟେକଟି ଶବ୍ଦକୁ କାନଡେରି ଶୁଣୁଶୁଣୁ ଭିକାରି ଆପଣାର ନାସଡିବା ବାହାରକଲା ।

''ଚୁମୁଟାଏ ନିଅ, ସାଆନ୍ତ !''

ହାତ ବଢ଼ାଇ ବୋରିନା ଚୁମୁଟାଏ ନାସ ଆଣିଲା । କିନ୍ତୁ ସେଇ ଗୋଟାଏ ଚୁମୁଟାରେ ସେ ଏତେବେଶୀ ନାସ ଆଣି ନାକରେ ଟାଣିଦେଲା ଯେ ତାହା ଫଳରେ ତାକୁ ତିନିଥର ଛିଙ୍କିବାକୁ ପଡ଼ିଲା, ଆଉ ଏଣେ ଆଖିବାଟେ ପାଣି ବାହାରି ପଡ଼ିଲା ।

''ଭାରି କଡ଼ା ନାସରେ ବାବା !'' —ନୟାନ୍ତ ହୋଇପଡ଼ି କହୁକହୁ ସେ କହୁଣିଦେଇ ଆଖିରୁ ଲୁହ ପୋଛିଦେବାକୁ ଲାଗିଲା ।

Digitized by srujanika@gmail.com

''ଇଏ ହେଉଚି ପିଟର୍ସବର୍ଗ ନାସ —ଅସଲି ନାସ । ଆଖିକୁ ଭାରି ଉପକାରୀ । ତୁମ ଆଖିକୁ ମଧ ଉପକାର କରିବ ।''

''କାଲିଆଡ଼କୁ କେତେବେଳେ ଆମ ଘରଆଡ଼େ ଆସିବୁ ? ଆମଘରେ ଗୋଟାଏ ଗାଈ ମରାହୋଇଚି ।''

''ଭଗବାନଙ୍କ ବରାଦ । କିନ୍ତୁ ବୋରିନା, ତୁମେ ପ୍ରକୃତରେ ସତ କହୁଚ ?''

''ତୋ'ର ଅନୁମାନ ପ୍ରକୃତରେ ସତ ।''

''ତୁମ କଥାରୁ ମୁଁ ସବୁ ଠଉରାଇ ନେଲି ନା !''

''ଆଚ୍ଛା, ତୁ'ତ ଦୁନିଆ ଗୋଟାକ ସବୁଆଡ଼େ ବୁଲୁଚୁ । ଖବରସବୁ କ'ଣ କହିଲୁ !''

''ଖବର ? ହଁ—-ଭଲ ଖବର ଅଛି, ଖରାପ ଖବର ବି ଅଛି, ଭଲ କି ଖରାପ କିଛି ନୁହେଁ, ଏଭଳି ଖବର ମଧ ଅଛି । ଏଇଆ ତ ହେଲା ଏହି ଦୁନିଆର ରୀତି ! ଭିକାରିକୁ ମୁଠାଏ ଭିକ ଦେବାକୁ ପଡ଼ିଲାବେଳକୁ ସିନା ଲୋକମାନେ କେତେ ପେଖନା ବାହାର କରନ୍ତି, କେତେ ବଙ୍କେଇ ମୋଡ଼ି କଥା କହନ୍ତି । କିନ୍ତୁ ଭଡ଼୍କା ପିଇଲାବେଳକୁ ସେମାନଙ୍କର ହାତ କେତେବେଳେ ଖାଲି ନଥାଏ ।''

''ତୁ ସତକଥା କହୁଚୁ । ଏକାବେଳେକେ ସତକଥା !''

''ଆରେ, କହିବିନାହିଁ ? ଭଗବାନଙ୍କର ପୃଥିବୀଯାକ ବୁଲି ମୁଁ କ'ଣ ନଦେଖୁଚି କହିଲ ? କୋଉ କଥା ମୋ' ଆଖିରେ ନପଡୁଚି ?''

''ଆଛା କହିଲୁ''—ପଧାନ ଘରଣୀ ଏତେବେଳକେ ପଦେ କଥା ପଚାରି ବସିଲା— ''କହିଲୁ, ଆର ବର୍ଷ ଯୋଉ ପିଲାଟା ତୋ' ସହିତ ହାତଧରି ବୁଲୁଥିଲା, ସିଏ କୁଆଡ଼େ ଗଲା ?''

''ତା'କଥା ଆଉ କହନା ! ମୋ' ମୁଣାରୁ ପଇସାପତ୍ର ଧରି ସିଏ ଚମ୍ପଟ ଦେଲା । କେତେକେତେ ଭଲଲୋକ ଦୟା କରି ମୋତେ ପାହୁଲାଏ ପଇସାଏ ଦେଇଥିଲେ, ମୁଁ ତାକୁ ଠାକୁରାଣୀଙ୍କ ଦେଉଳରେ ଲାଗି କରିବି ବୋଲି ରଖିଥିଲି । କିନ୍ତୁ ସେଇ ଛତରା ପିଲାଟା ଆଉ ସେକଥା କରାଇ ଦେଲାନାହିଁ, ପଇସାତକ ଧରି କୋଉ ସୁତରରେ କୁଆଡ଼େ ଖସି ପଳାଇଗଲା । କିନ୍ତୁ ଏଥର କଥା ବନ୍ଦକର—ମୋର ଅନୁମାନ ହେଉଚି ଯେ ପଧାନେ ଆସି ଘରେ ପହଞ୍ଚିଗଲେଣି ।'' କହି ସେ ହାତରେ ଧରିଥିବା ଡୋରଟିକୁ ଟିକିଏ କଷିକରି ଟାଣିଦେଲା ଓ ସେହି ଡୋରରେ ବନ୍ଧା ହୋଇଥିବା କୁକୁରଟି ଭୋ' ଭୋ' କରି ଭୁକୁଥିଲା, ଇମାରା ପାଇ ତୁନି ହୋଇଗଲା ।

ତା'ର ଅନୁମାନ ପ୍ରକୃତରେ ଠିକ୍ । ପଧାନେ ଘର ଭିତରକୁ ପଶି ଆସିଲେ ଓ ଦୁଆରବନ୍ଧ ପାଖରେ ଠିଆହୋଇଆପଣାର ବାଡ଼ିଟିକୁ ଘରର ଗୋଟିଏ କଣକୁ ପକାଇଦେଇ ବଡ଼ ପାଟିରେ କହିଲେ—''ହେ,ଶୁଭଚି ! ମୋ' ପାଇଁ ଶୀଘ୍ର ଖାଇବାକୁ ଆଣ । ଭୋକରେ ପେଟ ଜଳିବାରେ ଲାଗିଚି । ଆରେ ମାଥିଆସ୍, ତୋ' ଖବର କଣ ? ଆରେ, ତୁ ବୁଢ଼ା କେତେବେଳେ ଆସିଲୁ, କ'ଣ ସବୁ ଖବର ?''

Digitized by srujanika@gmail.com

''କାଲି କଚେରିରେ ହାଜିରି ଦେବାକୁ ଅଛି ନା, ସେଇଥିଲାଗି ତୁମକୁ ପଚାରିବାକୁ ଆସିଥିଲି ।''

''ହଉ ହଉ, ବସ୍ ବସ୍ ! ମୁଁ ପିଣ୍ଡାରେ ବସୁଚି , କିଛି ଚିନ୍ତା କରନା । ନା—ମୁଁ ପରା ବୁଢ଼ାମଣିଷ, ତେଣୁ ନିଆଁ ପାଖରେ ବସିଲେ ମୋର ସବୁଠାରୁ ଭଲ ହେବ । ହଁ — ତୋ'ର ଆଳୁ ଓ ତୋ'ର ଗହମରୁ ମୋତେ କିଛି ମିଳିଲେ ମୁଁ ଅବଶ୍ୟ ତୋ'ପାଇଁ ଚେଷ୍ଟା କରିବି, ଚେଷ୍ଟା ନକରିବି କାହିଁକି ? ଟଙ୍କା ଦେବା ଯାହା, ଆଳୁ ବା ଗହମ ଦେବା କ'ଣ ଠିକ୍ ସେଇକଥା ନୁହେଁ ?''

''ଆପଣ ଆଗ ବସ । ଆଗ ଖିଆପିଆ କର । ଏଇ ଥାନଟି ଏପରି ଉଷୁମ ହୋଇଚି ଯେ ରାତିରେ ଏଠି ଶୋଇଲେ ମଧ କିଛି ଅସୁବିଧା ହେବନାହିଁ ?''

ପଧାନେ ମଣୋହିରେ ବସିଲେ । ଆଗରେ ବଢ଼ା ହୋଇଥିବା ଖାଇବା ଥାଳିରୁ ମହମହ ବାମ୍ଫ ବାହାରୁଚି । ଆଳୁ ଚକଟା, ସେଥିରେ ପୁଣି ମାଉଁସ ପଡ଼ିଚି । ଥାଳି ପାଖକୁ ଗୋଟାଏ ଥାଳରେ ଥାଳିଆଏ ଘୋଳଦହି ।

''ବସ୍ ମାଥିଆସ୍, ବସ୍ ! ଯାହା ଘରେ ଅଛି, ତୁମକୁ ଖାଇବାକୁ ଠିକ୍ ସେଇଆ ମିଳିବ ।'' ଅତି ସମ୍ଭ୍ରମ ଦେଖାଇ ପଧାନ-ଘରଣୀ ବୋରିନାକୁ କହିଲେ ଓ ଟେବୁଲ୍ ଉପରେ ଆଉ ଗୋଟିଏ ଚାମଚ ଆଣି ରଖିଦେଲେ ।

''ନାଇଁ ନାଇଁ, ଧନ୍ୟବାଦ ! ଜଙ୍ଗଲରୁ ଘରକୁ ଲେଉଟି ଆଜି ମୁଁ ଘରେ ପେଟେ ଖାଇ ଆସିଚି ।''

''ଚାମଚେ ଦି'ଚାମଚ ଖାଇଲେ କ'ଣ ବା ଲୋକସାନ ହୋଇଯିବ ? ଏଣିକି ଏଣିକି ତ ରାତି ବଡ଼ ହେବାକୁ ବସିଲାଣି ।''

ଢଗ ପକାଇ ଭିକାରିଟି ଗାଇଲା—

'ଠାକୁରଙ୍କୁ ଜଣାଣ, ପେଟଲାଗି ଭୋଜନ,
ଯେତେ ବେଶୀ କଲେ ପଛେ ନାହିଁ କିଛି ଲୋକସାନ !'

ଭଦ୍ରତା ଦେଖାଇ ବୋରିନା କେତେ ସମୟ ଯାଏ ନାହିଁ ନାହିଁ କରୁଥାଏ, କେତେମନ୍ତେ ଗୋଡ଼ ଲମ୍ବାଉଥାଏ । କିନ୍ତୁ ଶେଷକୁ ଯେତେବେଳେ ରନ୍ଧା ମାଉଁସର ମୋହକ ସୁଗନ୍ଧ ଆସି ତା'ର ନାକପୁଡ଼ା ଭିତରେ ବାଜିବାକୁ ଲାଗିଲା, ସେତେବେଳେ ସେ ଆଉ ଅଟକି ରହିପାରିଲା ନାହିଁ । ସୁନାପୁଅ ପରି ବସି ଖାଇବାକୁ ଆରମ୍ଭ କଲା । କିନ୍ତୁ ଭାରି ଧୀରେ ଧୀରେ ଖାଉଥାଏ, ଭାରି ଲାଜ କଲାପରି ସାଆନ୍ତିଆ ଚଳଣିରେ ହାତ ଚଳାଉଥାଏ ।

ଭିକାରିର କୁକୁରଟି ସେତେବେଳକୁ ଭାରି ଅସ୍ଥିର ହୋଇ ଏପାଖ ସେପାଖ ହେବାକୁ ଆରମ୍ଭ କଲାଣି ଏବଂ ଖାଇବାର ଆଶାରେ କ୍ଷୀଣ ଶବ୍ଦ ମଧ କରିବାକୁ ଲାଗିଲାଣି ।

''ବୁରେକ୍, ଚୁପ୍ ! ଚାଷୀ କୁଟୁମ୍ବର ସମସ୍ତେ ଖାଇବସିଚନ୍ତି । ତୋତେ କ'ଣ ତୋ'ର ଭାଗ ବଳେ ମିଳିବନାହିଁ ! ଅପେକ୍ଷା କର !''—ସାନ୍ତ୍ୱନାଦେଇ ଭିକାରି କୁକୁରଟିକୁ ଥର

Digitized by srujanika@gmail.com

କରିବାକୁ ଚେଷ୍ଟା କଲା । ନିଆଁ ପାଖରେ ବସି ମେ ହାତଦୁଇଟାକୁ ଉଷୁମ କରିବାରେ ଲାଗିଥାଏ ଆଉ ରନ୍ଧା ଖାଦ୍ୟଦ୍ରବ୍ୟର ମହକକୁ ଅତି ଆନନ୍ଦରେ ଆଘ୍ରାଣ କରୁଥାଏ ।

ପହିଲି କେତେପଣ ଭୋକ ମରିଯିବା ଉତ୍ତାରେ ମାଥିଆସ୍ ଆଡ଼କୁ ଅନାଇ ପଧାନେ କହିଲେ— ''ମୁଁ ଯାହା ଶୁଣିବାକୁ ପାଇଲି, ଇଭା ତୋ' ନାଆଁରେ କଚେରିରେ କ'ଣ ସବୁ ଅଭିଯୋଗ କରିଚି ।''

''ଇଭା ? ସେଇ ଟିର୍ଲାଟା ? ମୁଁ ଶପଥ କରି କହୁଚି—ହଁ, ତାକୁ ମୁଁ ତାର ପାଉଣା ଦେଇନାହିଁ—ଏଇଥିପାଇଁ, ନୁହେଁ ? କିନ୍ତୁ ଭଗବାନ ତ ପୁଣି ଉପରେ ରହି ସବୁକଥା ଦେଖୁଚନ୍ତି ! ତା'ର ଯେତେ ପାଇବା କଥା, ମୁଁ ତା'ଠାରୁ ଅଧିକ ଦେଇଚି । ହଁ, ଯେତେବେଳେ ମଧ ମୁଁ ମୋ'ଆଡୁ ଆପଣା ଇଚ୍ଛାରେ ବସ୍ତାଏ ଯଅ ପାଦ୍ରିଙ୍କ ଘରକୁ ପଠାଇଦେଲି ତା'ର ପିଲାଟିର ଦିଅଁକାମରେ ଲାଗିବ ବୋଲି ।''

''କିନ୍ତୁ ସେ କହୁଚି ଯେ କୁଆଡ଼େ ତୁଇ —''

''ସତେ ? ତା'ର ଏଡ଼େ ସାହସ ! ବଡ଼ ସାହସିଆ କଥା ଏ ! ତା'ର କଣ ମୁଣ୍ଡ ଖରାପ ହୋଇଚି ନା କ'ଣ ? ମୁଣ୍ଡ ଖରାପ ହୋଇଚି ?''

''ଆରେ, ବଅସ ସିନା ଗଲାଣି, କିନ୍ତୁ ଭଗବାନ କ'ଣ ତୋତେ ସେଥିପାଇଁ ଅକ୍ଷମତା କରିଚନ୍ତି ?'' —ପଧାନ ଆଉ ପଧାନ-ଘରଣୀ କିରିକିରି ହୋଇ ହସିବାକୁ ଲାଗିଲେ ।

ଅନ୍ଧ ଭିକାରିଟି ମଧ କଥା ସହିତ କଥା ଯୋଡ଼ିଦେଇ କହିଲା, ''ବଅସ ହେଲେ ତ ଜ୍ଞାନ ହୁଏ; ଆଉ ଜ୍ଞାନ ହେଲେ ମଣିଷ ବାଗ ପାଏ ।''

''କିନ୍ତୁ ସେ ଛିଣ୍ଡାଳ ତାହା ମିଛକଥା କହୁଚି ! ମୁଁ ସେ ପୋଇଲୀଟାକୁ କେବେହେଲେ ଥରେ ସ୍ପର୍ଶ ବି କରିନାହିଁ ! ତା'ର ତ ଘର ନଥିଲା, ସେ ନିଆଶ୍ରୀ ହୋଇ ବୁଲୁଥିଲା । ଛତରଖାଇ ହୋଇ ଭିକମାଗି ବୁଲୁଥିଲା । ଦିନେ ଆମଘରକୁ ଆସି ମୁଣ୍ଡ ଗୁଞ୍ଜିବାକୁ ଆଶ୍ରା ମାଗି କେତେ ନେହୁରା ହୋଇ କହିଲା । ଖାଲି ଗଣ୍ଡାଏ ଖାଇବ ଆଉ ଶୋଇବାଲାଗି କୋଉଠି କଣେହେଲେ ଜାଗା ତାକୁ ମିଳିବ ! ଶୀତକାଳ ମାଡ଼ି ଆସୁଥାଏ । ମୁଁ ତ ସିଧା ସିଧା ନାହିଁ କରିଦେଲି । କିନ୍ତୁ ମୋର ଭାରିଯା ସେତେବେଳେ ବଞ୍ଚିଥାଏ । ସେଇ କହିଲା, ତାକୁ ଆମଘରେ ରଖିବା । ସେ ଘରକାମ କରିବ, ଗଣ୍ଡାଏ ଖାଇବାକୁ ପାଇବ । ପାଖରେ ଆସି ଜଣେ ପହଞ୍ଚିଥିବା ବେଳେ ଆମେ ଆଉ କାହିଁକି କୋଉଠି ଚାକରାଣୀ ଖୋଜିବାକୁ ଯିବା ? କିନ୍ତୁ ଏହି ପ୍ରସ୍ତାବଟି ଆଦୌ ମୋର ମନକୁ ପାଉନଥାଏ । ଶୀତକାଳ—ବଡ଼ ଦହଗଞ୍ଜ କାଳ ! ସେତେବେଳେ ଆଉ ଗୋଟାଏ ମଣିଷକୁ ରୋଜରୋଜ ଖାଇବାକୁ ଦେବା କ'ଣ ସହଜ କଥା ? ଶୀତଦିନରେ ଘରେ କୋଉ ବଡ଼ କାମ ଅବା ରହିଚି ? କିନ୍ତୁ ଭାରିଯା କହିଲା— ''ତୁମେ କିଛି ଚିନ୍ତା କରନା । ଆଉ କିଛି କାମ ନଥିଲେ ମଧ ଲୁଗା ଆଉ ପଟ ବୁଣିବା ତ ତାକୁ ଜଣାଅଛି । ତାକୁ କାମ ଯୋଗାଇଦେବାର ଦାୟିତ୍ୱ ପଛେ ମୁଁ ନେଉଚି । ଯେକୌଣସି ସମୟରେ ମଧ ଘରେ ତା'ପାଇଁ କିଛି-ନା-କିଛି କାମ ଅବଶ୍ୟ ରହିଥିବ । ଏହିପରି ଭାବରେ ସେ ସେହିଦିନଠାରୁ ଆମଘରେ

Digitized by srujanika@gmail.com

ରହିଲା, ଦିନକୁଦିନ ଖାଇପିଇ ମଜଭୁତ ହେବାକୁ ଲାଗିଲା । ଏବେ ପୁଣି ତା'ର ଛୁଆ ମଧ୍ୟ ଜନମ ହୋଇଚି । କିନ୍ତୁ ବର୍ତ୍ତମାନ ପ୍ରଶ୍ନ ହେଉଚି, କାହାଆଡ଼ୁ ଏଇ ଛୁଆଟା ଜନ୍ମ ହେଲା ?''

''କିନ୍ତୁ ସିଏ ତ କହୁଚି, ଯେ ତୋ'ଆଡ଼ୁ—''

''ସେ ଏପରି କଥା କହିଲେ ମୁଁ ତାକୁ ଖୁନ୍ କରିବି । ଛତରଖାଇ ଏଡ଼େ ମିଛ କଥା କହିଲାବାଲା ?''

''କେଜାଣି କ'ଣ ହୋଇଥିବ ! କିନ୍ତୁ ସେ ଯାହାହେଉ ପଛକେ ତୋତେ କଚେରିରେ ଯାଇ ଠିଆହେବାକୁ ପଡ଼ିବ ।''

''ଠିଆହେବାକୁ ହେଲେ ମୁଁ ଠିଆ ନହେବି କାହିଁକି ? ଆପଣ ମୋତେ ଏତକ ସମ୍ବାଦ ଦେଲେ, ଭଗବାନ ଆପଣଙ୍କର ମଙ୍ଗଳ କରିଥାନ୍ତୁ । କାରଣ ମୁଁ ଭାବିଥିଲି, ସିଏ ତା'ର ବେତନ ବିଷୟରେ କଚେରିରେ ଯାଇ ଫେରାଦ ହୋଇଥିବ । କିନ୍ତୁ ମୁଁ ତାକୁ ତା'ର ସମସ୍ତ ବେତନ ପରିଶୋଧ କରିଦେଇଚି । ଏକଥା ପ୍ରମାଣ କରିବାଲାଗି ମୋ'ପାଖରେ ସାକ୍ଷୀ ମହଜୁଦ ରହିଚନ୍ତି । ସେ ମିଛୋଇକୁ ଯଖମା ହୋଇଯାଉ ! କି ଅପବାଦ ଏ ? ଛାର ଭିକାରୁଣୀଟା ବି ଆସି ଶେଷକୁ ମୋ'ର ମୁଦେଇ ହେବାକୁ ବସିଚି ? ହେ ଭଗବାନ ! ଗୋଟାଏ ପରେ ଗୋଟାଏ କରି ଆଉ କେତେଟା ବଜ୍ର ମୋ' ମୁଣ୍ଡରେ ତୁମେ ପକାଇବ ? ମୁଁ କଦାପି ଏସବୁ ସହ୍ୟ କରି ପାରିବିନାହିଁ । ଏଡ଼େ ବଢ଼ିଆ ଗାଇକୁ ମୋତେ ଶେଷକୁ ହତ୍ୟା କରିବାକୁ ହିଁ ପଡ଼ିଲା ! ତେଣେ ବିଲରେ ମଧ୍ୟ କେତେ କାମ ବାକୀ ପଡ଼ିରହିଚି । ଆଉ ଏଣେ ମୁଁ ଏକାଟିଆ ମଣିଷ, ସାଙ୍ଗକୁ ହେମତ କରିବାକୁ ସଂସାର ଗୋଟାକରେ ଜଣେହେଲେ କେହି ନାହାନ୍ତି !''

''ମାଇପ ମରିଗଲା ପରେ ଏପରି ଝୁରି ମରୁଥିବା ମଣିଷକୁ ମଣିଷ ନକହି ଗଧିଆ ହାବୁଡ଼ରେ ପଡ଼ିଥିବା ମେଣ୍ଢା ବୋଲି କୁହାଯାଏ ।'' —ଅନ୍ଧ ମନ୍ତବ୍ୟ ପ୍ରକାଶ କଲା ।

''ମୁଁ ବି ଗାଇ ବିଷୟରେ ସବୁ ଶୁଣିଚି । ଗାଆଁବାଲା ମୋତେ କହିଚନ୍ତି ।''

''ସେ ବିଷୟରେ ମଧ୍ୟ ମୋର ଗୋଟାଏ ଅଭିଯୋଗ କରିବାର ଅଛି । ଜଙ୍ଗଲାତ୍‌ର କର୍ମଚାରୀ ଆମ ଗାଇପଲକୁ ଜଙ୍ଗଲରୁ ତଡ଼ି ବାହାର କରିଦେଲେ ବୋଲି ମୁଁ ଶୁଣିବାକୁ ପାଇଲି । ଆମ ସବୁ ଗାଇଙ୍କ ଭିତରେ ସେ ସବୁଠାରୁ ବଢ଼ିଆ ଗାଇ ଥିଲା—ବିକା ହୋଇଥିଲେ ଅଶୀଟଙ୍କାରେ ବି ମୁଁ ମଙ୍ଗିନଥାନ୍ତି । ବିଚାରୀର ପେଟରେ ପୁଣି ଛୁଆ ବି ଥିଲା । ଦଉଡ଼ି ଦଉଡ଼ି ସେ ଏପରି ନୟାନ୍ତ ହୋଇ ପଡ଼ିଲା ଯେ ଏହା ଫଳରେ ତା'ର ପ୍ରାଣାନ୍ତକ ଆସି ପହଞ୍ଚିଲା ପରି ଅନୁମାନ ହେଲା । ଶେଷକୁ ସେଇଟିକୁ ମାରି ମାଉଁସତକ ରଖିବା ବ୍ୟତୀତ ମୋର ଆଉ ଅନ୍ୟ ଉପାୟ ନଥିଲା । ନା— ମୁଁ ଏକଥାଟା ସହଜରେ ଛାଡ଼ି ଦେବିନାହିଁ । ମୁଁ ମକଦ୍ଦମା କରିବି ।''

ଏଣେ ପଧାନେ ହେଉଚନ୍ତି ସରକାରୀ କର୍ମଚାରୀଙ୍କର ସାଙ୍ଗ, ତେଣୁ ସେ ବୋରିନାର କୋପ ଶାନ୍ତ କରିବାକୁ ନାନାପ୍ରକାରେ ପାକଳାପାକଳି କଲେ— ଆରେ, ରାଗିଲେ ମଣିଷର ବିବେକ ମଧ୍ୟ ହଜିଯାଏ । ତେଣୁ ରାଗର ପ୍ରକୋପ ପଡ଼ି ସେ ଅଣହୁସିଆର ହୋଇ କିଛି କରିପକାଇବାଟା ଆଦୌ ଉଚିତ ହେବନାହିଁ । ତା'ପରେ କଥାଟାକୁ ଅନ୍ୟଆଡ଼େ ମୋଡ଼ିଦେବାର ମତଲବରେ ପତ୍ନୀଆଡ଼କୁ ଇସାରା ଦେଇ ସେ କହିଲେ ।

Digitized by srujanika@gmail.com

''ମାଥିଆସ୍, ତୁ ହେଉଚୁ ମରଦପୁଅ । ତୋର ଆଉ ଗୋଟାଏ ଘରକୁ ଆଣିବା ଉଚିତ । ଘରକୁ ଆଉ ଜଣେ ଆସିଲେ ସିନା ତୋ'ର ଘର ସମ୍ଭାଳିବା ସମ୍ଭବ ହେବ !''

''ଆପଣ କ'ଣ ମୋ' ସହିତ ରହସ୍ୟ କରୁଚନ୍ତି ? ସେଦିନ ପର୍ବଦିନ ପରା ମୋତେ ଅଠାବନ ପୂରି ଅଣଷଠି ପଶିଲା । ଆପଣ କ'ଣ ସପନ ଦେଖୁଚନ୍ତି ? ପୁଣି ମାଇପ ମରିବା ତ କାଲିପରି ଯାଇଚି, ଏପର୍ଯ୍ୟନ୍ତ ଲୁଇ ଶୀତଳ ହୋଇନାହିଁ !''

''ଆରେ, ଏଥିରେ ଅସୁବିଧା କ'ଣ ଅଛି ? ଆପଣାର ବୟସକୁ ଅନାଇ ତୁମେ ଆଉ ଗୋଟାଏ ବାହାହୋଇ ପଡ଼ିବ । ମାଥିଆସ୍, ଏ କଥା ମାନିଲେ ତୁମର ସଂସାରରେ ସବୁ ସୁଧୁରିଯିବ ।''—ଟେବୁଲ ଉପରୁ ସଙ୍କୁଡ଼ି ବାସନ ଉଠାଉ ଉଠାଉ ପଧାନ-ଘରଣୀ କହିଲେ ।

''ଘରକୁ ସିନା ଘରଣୀ ଆସିଲେ ଶୋଭା ପାଏ ! ଘରଣୀ ଯଦି ଭଲ ହୋଇଥିବ, ସେ ଯଦି ହୃଦୟବତୀ ହୋଇଥିବ, ତେବେ ସେ ଗେରସ୍ତର ଜୀବନରେ ମୁକୁଟ ପରି ଝଲଝଲ ହେଉଥିବ !''—ପଧାନ-ଘରଣୀ ଆଣି ଆଗରେ ରଖି ଦେଇଥିବା ଅଇଁଠା ଥାଳି ଆଡ଼କୁ ହାତ ବଢ଼ାଉ ବଢ଼ାଉ ଅନ୍ଧ ମତ ପ୍ରକାଶ କଲା ।

ଏଇ କଥାଟା ପ୍ରକୃତରେ କାହିଁକି ଆଜିଯାଏ ତା' ମୁଣ୍ଡରେ ପଶି ନଥିଲା, ଏକଥା ଭାବି ବୋରିନା ମନେ ମନେ ଅବାକ୍ ହେଉଥିଲା । ଖୋଜି ବସିଲେ କନିଆ କ'ଣ ଅପୂରୁବ ରହିବେ ? ପୁଣି ମୋଟେ ଭାରିଯା ନଥିବା ଅପେକ୍ଷା ଜଣେ କେହି ଭାରିଯା ରହିବା ତ ସବୁବେଳେ ଭଲ ।

ଖାଉଖାଉ ଅନ୍ଧ କହିବାକୁ ଲାଗିଲା—''ମାଇପେ ଅନେକ ପ୍ରକାରର ଅଛନ୍ତି । ଜଣେ ଜଣେ ବାଲୁରୀ, ମୁହଁରେ କୋଳପ ପଡ଼ିଥିବାପରି । ଖାଲି ବକବକ ହେଉଥିବେ । ଆଉ ଜଣେ ଜଣେ କଳିବୁରୀ, ଖୋଜରେ ଖୋଜ ବଜାଇ କଜିଆକରି ବାହାରିବେ । କିଏ କିଏ ପିଲାଙ୍କୁ ଅନାଦର କରିବେ ତ ଆଉ କିଏ ଫୁଲେଇ ହୋଇ ବଜାର ବୁଲୁଥିବେ । କିନ୍ତୁ ସେ ଯେପରି ହୁଅନ୍ତୁ ପଛକେ, ମୋଟେ ଭାରିଯା ନଥିବା ଅପେକ୍ଷା ଭାରିଯା ଥିବାଟା ପୁରୁଷ ପକ୍ଷରେ ସବୁବେଳେ ହିତକାରୀ ।''

''କିନ୍ତୁ ଲୋକେ କ'ଣ ଭାବିବେ କହିଲ !'' —ଆପତ୍ତି କରି ବୋରିନା କହିଲା ।

''ଭାବିବେ ? ଭାବିବେ ବୋଲି କ'ଣ ସେମାନେ ତୁମର ଗାଈକୁ ଫେରାଇ ଆଣିବେ ନା ଆଉ କୌଣସି ପ୍ରକାରେ ସାହାପକ୍ଷ ହେବାକୁ ଦଉଡ଼ି ଆସିବେ ?'' —ଉତ୍ତେଜିତ କଣ୍ଠରେ ପଧାନ-ଘରଣୀ ଭରଣା କଲା ।

''ନା ତୋ'ର ବିଛଣା ବିଛାଇଦେବାକୁ ଆସିବେ ?'' ହେଁ-ହେଁ ହୋଇ ହସି ପଧାନେ କହିଲେ ।

'' ଏ ଆଖପାଖରେ କେତେକେତେ ଟୋକୀ ଅଛନ୍ତି । ଥରେ ସାଇ ସାଇ ବୁଲିଆସ, ଦେହ ଭିତରଟା ଯେପରି ଜଳନ୍ତା କୋଇଲା ପରି ଧକଧକ ହେବାରେ ଲାଗିବ ।''

''ଦେଖ, ଦେଖ, ଅନାଇଦେଖ । ବୋରିନା ବର୍ତ୍ତମାନ ମନେମନେ କାହାକୁ ମନ କରୁଚି, ଭାବିକରି କହିଲ ?''

Digitized by srujanika@gmail.com

''ସେଇ ଗ୍ରିଗୋରିର ଝିଅ ସୋଫିକୁ ମନେ କରୁଥିବ । ଦେଖିବାକୁ ପାତଳା, ତଉଲତାଉଲ । ଯୌତୁକ ମଧ ବେଶ୍ ମିଳିବ ।''

''ମାଥିଆସର କ'ଣ ନାହିଁ ଯେ ସେ ଯୌତୁକ ପାଇଁ ଲୋଭ କରିବାକୁ ଯିବ ? ସେ ପରା ଏହି ଅଞ୍ଚଳରେ ସବୁଠାରୁ ଅଧିକ ଥିଲାବାଲା ଚାଷୀ !''

''ଧନସମ୍ପତ୍ତି, ଜମିବାଡ଼ି— କାହାର ଅଧିକ ଅଛି ବୋଲି କିଏ ସ୍ୱୀକାର କରିବ କହିଲ ?'' —ଅନ୍ଧ ପଚାରିଲା ।

ଗାର କାଟିଦେଇ ପଧାନେ କହିଲେ —''ନାଇଁ, ଗ୍ରିଗୋରିର ଝିଅ ତା'ଲାଗି ହେବନାହିଁ । ପିଲା ମେଞ୍ଚଡ଼ଟା ବଅସ ହୋଇନାହିଁ ।''

''ତା'ହେଲେ ଆଣ୍ଡିଭର ଝିଅ କାଥାରିନ୍ ''— ପଧାନ-ଘରଣୀ ଦ୍ୱିତୀୟ ପ୍ରସ୍ତାବ ଦେଇ କହିଲେ ।

''ତା'ର ବାହାଘର ଠିକ୍ ହୋଇସାରିଚି । ରୋଚ୍‌ର ପୁଅ ଆଡାମ ପାଇଁ କାଲି ଭଲଲୋକ ପଠାହୋଇ ସାରିଚନ୍ତି ।''

''ତେବେ ଷ୍ଟାଚ୍‌ର ଝିଅ ଭେରୋଙ୍କା କେମିତି, ପସନ୍ଦ ହେଉଚି ?''

''ଉଁ-ହୁଁ ! ବଙ୍କବଙ୍କୀଟା—ଖାଲି ଚବର ଚବର ହେଉଥିବ । ଗୋଟାଏ ପାଖ ଅଣ୍ଟାଟା ବି ଟିକିଏ ଅଧିକ ଉଚ୍ଚ !''

''କିନ୍ତୁ ଟମାସ୍‌ର ବିଧବାପତ୍ନୀ ସହିତ କଲେ ତ ଭଲ ହୁଅନ୍ତା !''

''ହଁ—କିନ୍ତୁ ତିନିତିନିଟା ପିଲା, ଚାରିମାଣ ଜମି, ଦୁଇଟା ଗାଈ ଆଉ ଗୋଟାଏ ପୁରୁଣା ମେଣ୍ଢାଛାଲ ! ଟମାସ୍ ମଲା ପୂର୍ବରୁ ମାଇପ ପାଇଁ ଏତକ ରଖିଯାଇଚି ।''

''ତା'ହେଲେ ଆଡ଼ାଲ୍ ବର୍ଟର ଝିଅ ଉଲିସିଆ ବିଷୟରେ ପକାଇଲେ କିପରି ହୁଅନ୍ତା ? ଯାହାର ଘର ଗିର୍ଜା ପାଖରେ ମ !''

''ହଁ, ବାତୁଅ ମରଦ ପାଇଁ ସେ ଝିଅ ବେଶ୍ ହୁଅନ୍ତା । ତା'ର ଯେଉଁ ପିଲାଟା ଅଛି, ତାହାର ବୟସ ବି ଅନେକ ହୋଇଗଲାଣି, ଗାଈ ଚରାଇଯିବାର ବୟସ ହୋଇଗଲାଣି । କିନ୍ତୁ ମାଥିଆସ୍‌ର ଗାଈଆଳ ଚାକର ରହିଚି । ଏ ପିଲାଟାକୁ ନେଇ ସେ କ'ଣ କରିବ ?''

''ସେଠି ନହଲେ ଆହୁରି କେତେ କେତେ ଝିଅ ଅଛନ୍ତି । ଜଣେ କାହାକୁ ଉପଯୁକ୍ତ ଦେଖି ଖାଲି ଠିକ୍ କଲେ ହେଲା ।''

''କିନ୍ତୁ ଯାହା ବିଷୟରେ ପକାଇଲେ ସବୁଠାରୁ ଭଲ ହୁଅନ୍ତା, ତା'କଥା ତୁମର ଏପର୍ଯ୍ୟନ୍ତ ମନେପଡ଼ିନାହିଁ ।''

''ସେ କିଏ ମ ?''

''କାହିଁକି ? ଡୋମିନିକ୍‌ର ଝିଅ ଯଗ୍ନା ।''

''ହଁ, ସତକଥା ଏକା । ମୁଁ ତା'କଥା ଏକାବେଳେକେ ପାସୋରି ଦେଇଥିଲି ।''

''ମଜଭୁତ୍ ଦେହ, ଦେଖିବାକୁ ବେଶ୍ ଉଚ୍ଚ । ଗଛଡାଳ ଉପରେ ବସିଲେ ଗଛଡାଳ ଭାଙ୍ଗିପଡ଼ିବ !''

Digitized by srujanika@gmail.com

''ଯନ୍ତ୍ରଣା ?''—ବୋରିନା ଦୋହରେଇବାକୁ ଲାଗିଲା । ସେ ଏପର୍ଯ୍ୟନ୍ତ ନୀରବ ରହି କନିଆମାନଙ୍କର ତାଲିକା ଶୁଣୁଥିଲା । ''କିନ୍ତୁ ଲୋକମାନେ କହନ୍ତି ଯେ ତା'ର ପୁରୁଷମାନଙ୍କ ପଛରେ ଗୋଡ଼ାଇବାର ପ୍ରକୃତି ବି ରହିଚି !''

ପଧାନ ଘରଣୀ କଥାକୁ ମାଡ଼ିବସିଲା ପରି ଆଗଭର ହୋଇ କହିଲେ, ''କିଏ କ'ଣ ଦେଖିଚି ମୁଁ ଶୁଣେ ! କିଏ କ'ଣ ଜାଣିଚି ! ପରଚର୍ଚ୍ଚା କରିବା ଛଡ଼ା ଯେଉଁମାନଙ୍କର ଆଉ କିଛି କାମ ନାହିଁ, ପରଚର୍ଚ୍ଚା ନକଲେ ସେମାନଙ୍କର ଭାତ ହଜମ ହେବ କିପରି ? ଯିଏ କହୁଥିବେ, ସେମାନେ ଖାଲି ଈର୍ଷାରେ କହୁଥିବେ !''

''ନାଇଁ—ମୁଁ କ'ଣ ନିଜେ ସେକଥା କହୁଚି । ସାଇପଡ଼ିଶାରେ ଯାହା ଶୁଣିଚି, ମୁଁ ତାହାହିଁ କହୁଥିଲି । ଆଚ୍ଛା, ଆଜି ଏତିକିରେ ଥାଉ । ମୋତେ ପୁଣି ଘରକୁ ଯିବାକୁ ହେବ ।'' କମରପଟିକୁ ଟାଣକରି ବାନ୍ଧିଦେଇ, ପାଇପ୍‌ରେ ଆଉ ଖଣ୍ଡେ ରଡ଼ନିଆଁ ପକାଇଦେଇ ଓ ସେଥିରୁ ଦୁଇ ତିନିକଳ ଧୂଆଁ ଟାଣିନେଇ ସେ ଯିବାକୁ ସଜହେଲା ।

''କାଲି କେତେଟା ବେଳକୁ କଚେରିରେ ହାଜର ହେବାକୁ ପଡ଼ିବ ?''

''ନଅଟାବେଳେ । କଚେରିର କାଗଜପତ୍ରରେ ତ ଏଇଆ ଲେଖାହୋଇଚି । ଯଦି ଚାଲିକରି ଯିବାର କଥା, ତେବେ କାଲି ସକାଳୁ ତୋତେ ଭାରି ସହଳ ଉଠିବାକୁ ହେବ ।''

''ନା— ମୁଁ ଭାବୁଚି କାଲି ଗାଡ଼ି ନେଇ ଯିବି । ହାଉଲେ ହାଉଲେ ଗଲେ ମଧ ଠିକ୍ ସମୟରେ ପହଞ୍ଚି ଯାଇପାରିବି । ଆଚ୍ଛା ନମସ୍କାର । ଆପଣ ଯେଉଁ ଉତ୍ସାହ ଆଉ ପରାମର୍ଶମାନ ଦେଇଛନ୍ତି, ସେଥିଲାଗି ଅନେକ ଅନେକ ଧନ୍ୟବାଦ ।''

''ଭଗବାନ ତୋ'ର ମଧ ସାହାପକ୍ଷ ହୋଇଥାନ୍ତୁ । ଆଉ ଆମେ ଆଜି ତୋ'ପାଖରେ ଯେଉଁ ପ୍ରସ୍ତାବଟି ପକାଇଥିଲୁ, ସେ ବିଷୟରେ ମଧ ତୁ ଚିନ୍ତାକରି ଦେଖିବୁ । ଖାଲି ତୁ ହଁ ବୋଲି କହିଦେଲେ ମୁଁ ନିଜେ ତୋ'ତରଫରୁ ଭଡ଼୍‌କା ଭାର ଧରି ସେଇ ବୁଢ଼ୀ ଘରକୁ ଯିବି । ଆଉ ତା'ପରେ ପାଖରେ ଗୋଟାଏ ତିଥି ଦେଖି ଆମେ ବାହାଘରଟା ସାରିଦେବା ।''

ବୋରିନା ହଁ କି ନାହିଁ କିଛି ଜବାବ ଦେଲାନାହିଁ । ତଥାପି ଗଲାବେଳେ ସେମାନଙ୍କୁ ଅନାଇ ଅନାଇ ଗଲା । ହୁଏତ ସେହି ଚାହାଣିରୁ ତା'ର ମନୋଭାବର ଯଦି କିଛି ଅର୍ଥ ପ୍ରକାଶ ପାଇଥିବ, ପାଇଥିବ ।

''ବୁଢ଼ାସାଙ୍ଗକୁ ଛଡ଼ାକୁ ଆଣି ବାହାଘର କଲାବେଳେ ସଇତାନ ଭାରି ଆନନ୍ଦ ପାଏ, କାରଣ ସେଥିରେ ତାହାରି ହିଁ ସବୁଠାରୁ ଅଧିକ ଲାଭ ହୁଏ''—ଅନ୍ଧ ଭିକାରି ଚିନ୍ତିତ ଗମ୍ଭୀର ଭାବରେ କହିଲା । ସେତେବେଳେ ତା'ର ମଧ ଭୋଜନ ସରିଲାଣି । ଥିରିଥିରି ପାଦ ପକାଇ ବୋରିନା ଗୃହାଭିମୁଖରେ ଚାଲି ଯାଉଥାଏ, ପଧାନେ ଓ ପଧାନ-ଘରଣୀ ବର୍ତ୍ତମାନ ତାକୁ ଯେଉଁ ଉପଦେଶ ଦେଲେ, ସେ ଭାରି ଗମ୍ଭୀର ହୋଇ ସେହି ବିଷୟରେ ଚିନ୍ତା କରୁଥାଏ । ବାହାହେବା ପକ୍ଷରେ ତା'ର ଯେ ମଧ ସମ୍ପୂର୍ଣ୍ଣ ମତ ରହିଚି, ପଧାନ ଘରେ କାହାରିକୁ ଏହି କଥାର କୌଣସି ସୂଚନା ନଦେବାଲାଗି ସେ ଭାରି ହୁସିଆର ହୋଇ କଥା କହିବାକୁ ଚେଷ୍ଟା

Digitized by srujanika@gmail.com

କରିଥିଲା । ଏହି ସୂଚନାଟା ଦେଇଥିଲେ ତାହା କେଡ଼େ ବଡ଼ ଲାଜର ବିଷୟ ନହୁଅନ୍ତା କହିଲ ? ତା'ର ତ ଆଉ ଟୋକା ବଅସ ନାହିଁ ଯେ ବାହାଘରର ନାଆଁ ପଡ଼ିଲାକ୍ଷଣି ସେ ଝିଙ୍ଗିକା ପରି ଫକଫକ ଡେଇଁବାକୁ ଲାଗିଯିବ, ହୋ' ହୋ' ହୋଇ ପାଟି କରିବ ! ତା'ର ବଅସ ହେଲାଣି, ଜାଣିବାଶୁଣିବା ଚାଷୀ ହିସାବରେ ତା'ର ନାମଡାକ ଅଛି, ତେଣୁ ଫକଫକ ହେଲେ ଚଳିବ କିପରି ?

ସେତେବେଳକୁ ଧରଣୀ ଉପରେ ରାତ୍ରିର ପହଡ଼ ପଡ଼ିସାରିଲାଣି । ଅନ୍ତରିକ୍ଷର ପ୍ରଶାନ୍ତ ଗଭୀର ଭିତରୁ ଚକଚକ ହେଉଥିବା ତାରାଗୁଡ଼ିକ ଠିକ୍ ରଜତବିନ୍ଦୁ ପରି ଦେଖାଯାଉଚନ୍ତି । ଚାରିଆଡ଼େ ସବୁ ଶାନ୍ତ, ସବୁ ସ୍ଥିର । ମଝିରେ ମଝିରେ ରହିରହି କୋଉ ଦୂରରେ କେତେଟା କୁକୁରଙ୍କର ଭୁକିବାଶବ୍ଦ ଶୁଣାଯାଉଚି । ତୋଟାର ଫାଙ୍କ ଭିତରୁ ଅତି କ୍ଷୀଣ ହୋଇ ଜଳୁଥିବା ଏଠିସେଠି ଗୋଟାଏ ଦୁଇଟା ଆଲୁଅ ମଧ୍ୟ ଦୂରରୁ ଦେଖାଯାଉଚି । ରହିରହି ପଡ଼ିଆ ଆଡୁ ଝଲକାଏ କରି ଶୀତଳ ସିକ୍ତ ପବନ ବହିଆସୁଚି । ସେହି ପବନର ବେଗ ବାଜି ଗଛର ଅଗଗୁଡ଼ିକ ଥିରିଥିରି ଦୋହଲି ଯାଉଚନ୍ତି ଏବଂ ସେଗୁଡ଼ିକର ପତ୍ରପୁଞ୍ଜ ଭିତରୁ କ୍ଷୀଣ ମର୍ମରଶବ୍ଦ ଶୁଣାଯାଉଚି ।

ଆଜି ଆଉ ଗୋଟାଏ ବାଟରେ ପୋଲ ଉପରଦେଇ ବୋରିନା ଘରକୁ ଫେରିଯାଉଥିଲା । ପୋଲତଳେ ପୋଖରୀର ପାଣି କଳକଳ ସଶବ୍ଦ ଧାରାରେ ଅଟାପେଷା ଘରଆଡ଼କୁ ବୋହିଯାଉଥାଏ ଏବଂ ଶେଷରେ ଯାଇ ଗୋଟିଏ ଝରଣାର ପାଣି ସହିତ ମିଶିଯାଉଥାଏ । ପୋଲ ପାରି ହୋଇ ସେ ଆରପାରିକୁ ଗଲା । ପୋଖରୀର କୂଳେ କୂଳେ ବାଟ ପଡ଼ିଚି । ପୋଖରୀର ପାଣି ରାତିର ଅନ୍ଧାରରେ କଳା କାଚ ପରି ଦେଖାଯାଉଥାଏ । ପୋଖରୀହୁଡ଼ାର ଗଛମାନଙ୍କରୁ ଘନକୃଷ୍ଣ ଛାଇମାନ ଲମ୍ବିଯାଇ ପାଣି ଉପରେ ପଡ଼ିଥାଏ, ସତେ ଯେପରି କିଏ ପୋଖରୀର ଚାରିପଟକୁ କଳା ଶିଶୁକାଠରେ ଛୁଆଣି କରି ଦେଇଚି ! ପୋଖରୀ ମଝିରେ ଗଛର ଛାଇଗୁଡ଼ିକ କ୍ରମେ ଧୂସର ହୋଇଆସିଥାଏ ଏବଂ ଇସ୍ପାତ୍ ରଙ୍ଗର ଜଳ ଦର୍ପଣ ଉପରେ ଆକାଶର ତାରାଗୁଡ଼ିକ ପ୍ରତିବିମ୍ବିତ ହୋଇ ଉଠୁଥାନ୍ତି ।

ଆଜି ଏପରି ଗୋଟିଏ ନୂଆବାଟରେ ମାଥିଆସ୍ କାହିଁକି ଘରକୁ ଫେରୁଚି, ସେ ନିଜେ ମଧ୍ୟ ତାହାର କାରଣ ଜାଣିନଥିଲା । ସବୁଦିନର ଚିହ୍ନା ସିଧାବାଟ ଛାଡ଼ି ସେ ଆଜି ଏ ବଙ୍କାବାଟରେ ଯାଉଚି କାହିଁକି ? ୟଗ୍ନାର ଘର ବାଟ ଦେଇ ଯିବାର ମତଲବ ରଖି ଆଉ କ'ଣ ସେ ଏହିବାଟ ଧରିଚି କି ? ବା ହୁଏତ କେବଳ ଥିରହୋଇ ଆପଣା ମନ ଭିତରେ ସବୁ ବିଷୟ ଚିନ୍ତା କରିପାରିବ ବୋଲି ବୋଧହୁଏ ସେ ଏକୁଟିଆ ଏହି ବାଟରେ ଚାଲିଯାଉଚି ।

''ନା—ଏପରି ହେଲେ ଆଦୌ ମନ୍ଦ ହୁଅନ୍ତା ନାହିଁ । କନିଆ ବିଷୟରେ ସେମାନେ ଯାହାସବୁ ମତପ୍ରକାଶ କଲେ, ସେ ସମସ୍ତ ସଂପୂର୍ଣ୍ଣ ସତକଥା । ପ୍ରକୃତରେ ସେ ଝିଅଟି ଭାରି ମଜଭୁତ ।''

Digitized by srujanika@gmail.com

ତା'ର ଶରୀରଯାକ ହଠାତ୍ କ'ଣ ଗୋଟାଏ ଜମି ଉଠିବା ପରି ମନେହେଲା । ପୋଖରୀର ଚାରିପାଖରେ ତାକୁ ବେଶ୍ କାଲୁଆ ଓ ସନ୍ତସନ୍ତିଆ ଲାଗୁଥାଏ । ସେ ପୁଣି ପଧାନ ଘରର ନିଁଆ ଉହ୍ଲେଇ ପାଖରୁ ସିଧାସିଧା ଏଠାକୁ ଆସିଚି !

''ଘରକୁ ଘରଣୀ ନରହିଲେ ହୁଏତ ମୋର ସର୍ବନାଶ ହେବ ବା ଶେଷକୁ ମୋତେ ବାଧ ହୋଇ ମୋର ଜମିବାଡ଼ିତକ ପିଲାଙ୍କ ହାତରେ ସମର୍ପଣ କରିଦେବାକୁ ପଡ଼ିବ ।'' — ସେ ଭାବି ଚାଲିଥାଏ । ''ଝିଅଟି ଭାରି ଭଲ, ଦେଖିବାକୁ ବି ସୁନ୍ଦର, ଠିକ୍ ଗୋଟିଏ ଫଟ ପରି । ଆଜି ମୋ' ଘରର ସଂ୍ଠାରୁ ବଢ଼ିଆ ଗାଈ ଚାଲିଗଲା ! କାଲି ଯେ ଆଉ କ'ଣ ଯିବ, ସେକଥା କାହାକୁ ଜଣାଅଛି ? ଖୁବ୍ ସମ୍ଭବ ମୋତେ ଆଉ ଗୋଟିଏ ଭାରିଯାର ତଲାସ କରିବାକୁ ହିଁ ପଡ଼ିବ । ମୋର ପହିଲି ଭାରିଯା ‍ମୋତେ ରାସ୍ତା ଉପରେ ବସାଇଦେଇ ଚାଲିଯାଇଚି । କିନ୍ତୁ ଡୋମିନିକର ବୁଢ଼ୀ ବିଧବାଟା—ସେଇଟା ଭାରି ଦୁଷ୍ଟ ! ସାଙ୍ଗରେ ବି ତିନିଟା ପିଲା, ଜମି ପନ୍ଦରମାଣ . ଯଗ୍‌ନାର ଭାଗରେ ପାଞ୍ଚମାଣ ଜମି ପଡ଼ିବ, ଘରୁ ମଧ ତାକୁ ଭାଗ ମିଳିବ । ଗୋରୁଗାଈରୁ ମଧ ମିଳିବ । ପାଞ୍ଚମାଣ ଜମି—ମୋ' ଆଳୁବିଲର ଠିକ୍ ସରହଦକୁ ଲାଗିଚି । ମୋ ବିଲ ସହିତ ଏକାଠି ମିଶାଇଦେଲେ ପଇଁତିରିଶି ମାଣ ଆକ୍ରାନ୍ତର ଗୋଟାଏ ବେଶ୍ ବଡ଼ ଚକ ହୋଇଯିବ !''

ହାତରେ ହାତ ଘଷି ସେ ତା'ପରେ ଆପଣାର କମରପଟି କଷିନେଲା । ''ଏତକ ଜମି ପାଇଗଲେ ବୋଧହୁଏ ଖାଲି ଅଟାପେଷା ଘରର ମାଲିକଙ୍କୁ ଛାଡ଼ିଦେଲେ ଏ ଗାଆଁରେ ମୋ'ଠାରୁ ଅଧିକ ଥିଲାବାଲା ଆଉ କେହି ରହିବେନାହିଁ । ଆସନ୍ତା ସନକୁ ମୁଁ ଜମିରେ ଭଲକରି ଖତ ପକାଇଦେବି ଆଉ ସବୁଜମିରେ ଗହମ ବୁଣିବି । ହଁ, ଗୋଟିଏ ଘୋଡ଼ା ମଧ କିଣିବାକୁ ପଡ଼ିବ । ଛାପଛାପିକିଆ ଗାଈଟା ଚାଲିଗଲା, ମୋତେ ଆଉ ଗୋଟାଏ ଗାଈ ବି କିଣିବାକୁ ହେବ । ଆରେ, ମୁଁ ସବୁକଥା ଭୁଲିଯାଉଚି କିପରି ? ସେ ନିଜେ ତ ବାପଘରୁ ଗୋଟାଏ ଗାଈ ନେଇ ଆସିବ !''

ଏହିପରି ଚିନ୍ତାମଗ୍ନ ହୋଇ ସେ ବାଟଚାଲି ଯାଉଥାଏ; ସାଧାରଣତଃ ଚାଷୀଘର ପୁଅ ଯେଉଁସବୁ ସ୍ୱପ୍ନ ଦେଖେ, ସେ ସେହିସବୁ ସ୍ୱପ୍ନ ଦେଖି ଦେଖି ଚାଲିଥାଏ । ଏତେଗୁଡ଼ାଏ ଚିନ୍ତା କରିବାପରେ ତା'ର ଚିନ୍ତାଗୁଡ଼ାକ କ୍ରମେ ତା'ର ମୁଣ୍ଡକୁ ବଡ଼ ଭାରି ଭାରି ମନେହେଲା । ଏତେଗୁଡ଼ାଏ ବିଚାର ଏଇ ଛୋଟିଆ ମୁଣ୍ଡଟା ଭିତରେ ଏକାବେଳେକେ ଜାଗା ହେବ କିପରି ? କାରଣ ସେ ପ୍ରତ୍ୟେକ କଥାକୁ ଭାରି ଟିକିନିଖି କରି ବିଚାର କରିବାକୁ ଆରମ୍ଭ କରି ପକାଇଥିଲା । ସେ ଚାଷୀଘର ପୁଅ, ତା'ର ମୁଣ୍ଡରେ କେତେ ବୁଦ୍ଧି ! କାଳେ କୌଣସି ଦରକାରୀ କଥାର ବିଚାର ନ କରି ସେ ଭୁଲରେ ଛାଡ଼ିଯାଇଥିବ, ସେ ତାହା ହିଁ ପରୀକ୍ଷା କରି ଦେଖୁଥିଲା ।

''ସେମାନେ ଶୁଣିଲେ ଏଥିରୁ ମହାଭାରତ ସୃଷ୍ଟି କରିବେ !'' —ଆପଣା ପୁଅଝିଅମାନଙ୍କ କଥା ମନେପକାଇ ସେ ଭାବିବାକୁ ଲାଗିଲା । କିନ୍ତୁ ଏହିପରି ଚିନ୍ତା କରିବା ସଙ୍ଗେ ସଙ୍ଗେ ତା'ର ମନଭିତରଟା ଏକ ଅଦମ୍ୟ ଆତ୍ମବିଶ୍ୱାସରେ ପୂର୍ଣ୍ଣହୋଇଗଲା ପରି

Digitized by srujanika@gmail.com

ମନେହେଲା । ସତେଅବା ଏକ ଉତ୍ସାହର ଉଚ୍ଛ୍ୱାସ ଆସି ତା'ର ଅନ୍ତରର ପାତ୍ରକୁ ପୂର୍ଣ୍ଣ କରିଦେଲା, ଆପଣାର ଉଦ୍ଦେଶ୍ୟ ବିଷୟରେ ତାକୁ ପରିପୂର୍ଣ୍ଣ ନିର୍ଭର ଦେଇଗଲା । ଏପର୍ଯ୍ୟନ୍ତ ସବୁକଥାରେ ସେ କେବଳ ଅନିଶ୍ଚିତ ଭାବରେ ଏପାଖସେପାଖ ହେଉଥିଲା, ଏଥର ଯେପରି ସେ ଭାରି ଦମ୍ଭ ପାଇଲା !

''ଜମିର ମାଲିକ ହେଉଚି ମୁଁ, ମୋ'ସମ୍ପତ୍ତିକୁ ଦାବି କରିବାର ବୀର କିଏ ଅଛି ବାହାରୁ ତ ଦେଖି ! ଯଦି ଏସବୁ କଥାରେ ସେମାନଙ୍କର ମନ ନପାଉଚି, ତେବେ...'' ସେ ଆଉ ଅଧିକ କିଛି କହିପାରିଲା ନାହିଁ । କାରଣ ଅଜାଣତରେ ଆସି ସେତେବେଳକୁ ଯଗ୍ନାଙ୍କ ଘର ଆଗରେ ପହଞ୍ଚି ଯାଇଥିଲା ।

ଘରେ ଏ ପର୍ଯ୍ୟନ୍ତ ବତି ନିଭି ନଥାଏ । ଡାହ୍ଲିଆ ଫୁଲର ଗଛ ଓ ବଗିଚାର ବାଡ଼ ଭେଦ କରି ଖୋଲା ଝରକା ବାଟେ ଘରର ଆଲୁଅ ରାସ୍ତାକୁ ଆଲୋକିତ କରି ରଖିଥାଏ । ଗୋଟିଏ ଛାଇ ଜାଗା ଦେଖି ଠିଆହୋଇ ବୋରିନା ଘର ଭିତରକୁ ଆଖି ପକାଇବାକୁ ଲାଗିଲା । ଘରଭିତରେ ଉହ୍ନେଇରେ ଥିବା ନିଆଁ ନିଶ୍ଚୟ ଦାଉଦାଉ ହୋଇ ଜଳୁଚି । ଜଳୁଥିବା କାଠର ଚଡ଼୍ ଚଡ଼୍ ଶବ୍ଦ ରାସ୍ତା ଉପରୁ ମଧ୍ୟ ବେଶ୍ ଭଲକରି ଶୁଣାଯାଉଚି । ବେଶ୍ ଓସାରିଆ ସେହି ବଖରାଟି ନାଲି ରଙ୍ଗର କୌଣସି ଆଲୁଅରେ ପ୍ଲାବିତ ହୋଇ ରହିଚି । ଅବଶ୍ୟ ଘରର କଣ ଜାଗାଗୁଡ଼ିକ ଟିକିଏ ଧୂସର ମଧ୍ୟ ଦେଖାଯାଉଚି । ଉହ୍ନେଇ ପାଖରେ ଢାକିଢୁକି ହୋଇ ବସି ବୁଢ଼ୀ ବଡ଼ ପାଟିକରି କ'ଣ ଗୋଟାଏ ବହି ପଢ଼ିବାରେ ଲାଗିଚି, ଆଉ ଯଗ୍ନା ଝରକା ଆଡ଼କୁ ମୁହଁ କରି ଗୋଟାଏ ଜୀଅନ୍ତା ବତକରୁ ପର ଛଡ଼ାଇବାକୁ ଚେଷ୍ଟା କରୁଚି ।

''ଝିଅଟି ପ୍ରକୃତରେ ବଡ଼ ଖାସା ଝିଅ !'' —ବୋରିନା ଭାବିବାକୁ ଲାଗିଲା ।

ଯଗ୍ନା ମଝିରେ ମଝିରେ ଉପରକୁ ମୁଣ୍ଡ ଉଠାଉଥାଏ, କାନ ଡେରି ପଢ଼ା ହେଉଥିବା ବହିରୁ ପଦେ ଦୁଇପଦ ଶୁଣୁଥାଏ ଓ ତା'ପରେ ଗୋଟିଏ ଲେଖାଏଁ ଦୀର୍ଘନିଶ୍ୱାସ ପକାଉଥାଏ । ତା'ପରେ ପୁଣି ଚଢ଼େଇଟି ଦେହରୁ ପର ଛଡ଼ାଇବାରେ ଲାଗିଯାଉଥାଏ । କିନ୍ତୁ ଏପରି ଅପାରଗ ଭାବରେ ଛଡ଼ାଉଥାଏ ଯେ ଚଢ଼େଇଟି ଯନ୍ତ୍ରଣାରେ ଚେଁ ଚେଁ କରି ଉଠୁଥାଏ । ବାଗ ପାଇ ତା'ର ହାତଭିତରୁ ଖସିଯାଇ ଯେତେବେଳେ ତାହା ଘରର ଚାରିଆଡ଼େ କୁଦିବୁଲିବାକୁ ଲାଗୁଥାଏ, ସେତେବେଳେ ତା'ର ଡେଣାର ପବନରେ ଉଲୁରାହୋଇ ସାରିଥିବା ପରଗୁଡ଼ାକ ଘରମୟ ହୋଇ ଉଡ଼ିବାକୁ ଆରମ୍ଭ କରୁଥାଏ । କିନ୍ତୁ ଯଗ୍ନା ତତ୍‌କ୍ଷଣାତ୍ ଦଉଡ଼ିଯାଇ ବତକଟିକୁ ଧରି ପକାଉଥାଏ ଓ ଦୁଇ ଆଣ୍ଠୁ ଭିତରେ ତାକୁ ଜାକିରଖି ପୁଣି ଆପଣାର କାମରେ ଲାଗିଯାଉଥାଏ । ଚଢ଼େଇଟି ପୁଣି ବଡ଼ ବିକଳହୋଇ ଚିତ୍କାର କରୁଥାଏ, କିନ୍ତୁ ପିଣ୍ଡା ଓ ଦୁଆରଆଡୁ ଅନ୍ୟାନ୍ୟ ଚିତ୍କାରମାନ ଆସି ତା'ର ଚିତ୍କାରକୁ କୁଆଡ଼େ ବୁଡ଼ାଇ ଦେଉଥାଏ ।

''ଝିଅଟି ପ୍ରକୃତରେ ଭାରି ସୁନ୍ଦର !''— ବୋରିନା ଭାବିବାକୁ ଲାଗିଲା । ଏକଥା ଭାବିବା ମାତ୍ରକେ କ'ଣ ଗୋଟାଏ ଉତ୍ତେଜନାର ବଶବର୍ତ୍ତୀ ହୋଇ ତା'ର ମଥା ଭିତରକୁ ରକ୍ତ ଚହଟି ଗଲାପରି ମନେହେଲା । ସେହି ଆଶଙ୍କାରେ ବିତାଡ଼ିତ ହେଲାପରି ସେ ମଛର

Digitized by srujanika@gmail.com

ପଦକ୍ଷେପରେ ସେଠାରୁ ପୁଣି ଆଗକୁ ଚାଲିବାକୁ ଆରମ୍ଭ କଲା । ଆଖିପତା ଉପରକୁ ହାତ ଉଠାଇ ଆର ହାତରେ ସେ ପୁଣି ଥରେ ଆପଣାର କମରପଟି ଭିଡ଼ିନେଲା ।

ଆପଣା ଘରହତାର ବାଡ଼ ଡେଇଁ ଫାଟକ ପାଖରେ ଆସି ପହଞ୍ଚିଲା ଉତ୍ତାରୁ ସେ ମୁହଁ ବୁଲାଇ ପୁଣି ଥରେ ଯଗ୍‌ନାଙ୍କ ଘର ଆଡ଼କୁ ଅନାଇ ଦେଖିଲା ! ତାଙ୍କର ଘରଟା ଠିକ୍ ସାମନାରେ, ପୋଖରୀର ଠିକ୍ ଆରପାଖରେ । ଠିକ୍ ସେତିକିବେଳକୁ ଖୁବ୍‌ସମ୍ଭବ କେହିଜଣେ ଲୋକ ଘର ଭିତରୁ ବାହାରି ପଦାକୁ ଆସିଲା, କାରଣ କବାଟର ଫାଙ୍କ ଦେଇ ଘରର ଆଲୁଅ ପୁଣି ଥରେ ପୋଖରୀ ଉପରେ ଝଲସି ଉଠିଲା । ତା'ପରେ କାହାର ଭାରି ଭାରି ପାଦଶବ୍ଦ ଶୁଣାଗଲା, ତା'ପରେ ପାଣିରେ ବାଲ୍‌ଟି ବୁଡ଼ିବାର ଶବ୍ଦ ଶୁଭିଲା । ଶେଷକୁ ସେହି ଅନ୍ଧାର ଓ ଗହୀର ବିଲରୁ ମାଡ଼ିଆସୁଥିବା କୁହୁଡ଼ିର ଅନ୍ତରାଳରୁ ଧୀର କଣ୍ଠରେ କାହାର ସଙ୍ଗୀତ ମଧ ଭାସି ଆସିଲା—

''ହେ ଦୁଃଖ, ଆମ ଦୁହିଁଙ୍କ ଭିତରେ ଏହି ପାଣିର ବ୍ୟବଧାନ—
ଏଠି ଥାଇ ଦୂରରୁ ମୁଁ କିପରି ଚୁମ୍ବନ ପଠାଇବି ?
ପତର ଭେଳାରେ ମୁଁ ଏହି ପାଣିକୁ ପାର ହୋଇଯିବି ।
ହେ ପ୍ରିୟ, ପାଣି ପାରିହୋଇ ମୁଁ ତୁମର ଚରଣ ତଳେ—
ଆପଣା ପ୍ରେମର ନିବେଦନ କରିବି ।''

ଏକାଧାନରେ ବୋରିନା ଗୀତ ଶୁଣୁଥାଏ, କିନ୍ତୁ ଶେଷକୁ ଆଉ ସେହିଁ କଣ୍ଠସ୍ୱର ଶୁଣାଗଲାନାହିଁ ଓ ପୁଣି ମୁହୂର୍ତ୍ତକ ପରେ ଘରର ଆଲୁଅ ମଧ ଲିଭିଗଲା ।

ଆଜି ପୂର୍ଣ୍ଣିମା ରାତି । ଅରଣ୍ୟର ଗଛଦାଢ଼ରୁ ଉଠି ଜହ୍ନ ଆକାଶକୁ ଆସିଲାଣି— ଗଛର ଅଗଗୁଡ଼ାକ ରୁପାରଙ୍ଗରେ ଧବଳ ହୋଇଯାଇଚି । ଡାଳପତ୍ରର ଅନ୍ଧିସନ୍ଧି ଭେଦକରି ସେହି ଚନ୍ଦ୍ରକିରଣ ପୋଖରୀର ପାଣି ଉପରେ ଆସି ପଡ଼ିଚି, ଘରର ଝରକା ପାଖରେ ମଧ ତାହା ଉଙ୍କି ମାରିବାକୁ ଆରମ୍ଭ କଲାଣି । ଏହାଭିତରେ କୁକୁରଗୁଡ଼ାକ ମଧ ଭୁକିବା ବନ୍ଦ କରି ଦେଲେଣି । ଏକ ଅତଳ ଓ ଅପାରଗମ୍ୟ ଶାନ୍ତିମୟତା ସମସ୍ତ ଗ୍ରାମ ଓ ସମସ୍ତ ପ୍ରକୃତିର କଳେବରକୁ ଆବୋରିଧରି ବିରାଜମାନ କରୁଚି ।

ଦୁଆରକୁ ଆସି ବୋରିନା ଆଗ ଚାରିଆଡ଼େ ଆଖି ବୁଲାଇନେଲା, ଘାସ ଚୋବାଉ ଚୋବାଉ ଘଡ଼ଘଡ଼ ଶବ୍ଦ କରୁଥିବା ଘୋଡ଼ାଙ୍କ ଆଡ଼କୁ ଚାହିଁ ଦେଖିଲା, ତା'ପରେ ମୁଣ୍ଡ ଗଳାଇ ଗୁହାଳ ଭିତରକୁ ଅନାଇଲା । ରାତିରେ ଭାରି ଗରମ ହେଉଥିବାରୁ ଗୁହାଳର କବାଟମାନ ମେଲାଥାଏ । ଗାଈମାନେ ଭୂଇଁଉପରେ ଶୋଇ ପାକୁଳି କରିବାରେ ଲାଗିଥାନ୍ତି ଓ ସଚରାଚର ଗାଈମାନେ ଯେପରି କ୍ଷୀଣଶବ୍ଦମାନ କରନ୍ତି, ସେହିପରି କ୍ଷୀଣଶବ୍ଦ କରୁଥାନ୍ତି ।

ଅମାର ଘର କବାଟ ବନ୍ଦ କରି ବୋରିନା ଖଞ୍ଜାଭିତରକୁ ଆସିଲା ଏବଂ ମୁଣ୍ଡରୁ ଟୋପି କାଢ଼ି ଆପଣାର ଶୋଇବାଘରେ ପ୍ରବେଶ କଲା । ଦରସ୍ପଷ୍ଟ କଣ୍ଠରେ ନିଜର ସନ୍ଧ୍ୟାମନ୍ତ୍ର ପାଠ କରିସାରି ସେ ନୀରବରେ ଲୁଗାପଟା ଓହ୍ଲାଇଲା ଓ ସଙ୍ଗେ ସଙ୍ଗେ ଶୋଇବାକୁ ଗଲା । ସେତେବେଳକୁ ସମସ୍ତେ ଶୋଇସାରିଲେଣି ।

Digitized by srujanika@gmail.com

କିନ୍ତୁ ତା'ର ଆଖିକୁ ଆଜି ନିଦ ଆସିନାହିଁ । ଦେହ ଉପରର ରେଜେଇଟା ଭାରି ଗରମ ବୋଧହେବାରୁ ସେ ରେଜେଇଟାକୁ ଗୋଡ଼ଆଡୁ ଖସାଇ ଉପରକୁ ଟାଣିଆଣିଲା । ତା'ର ମୁଣ୍ଡ ସେତେବେଳକୁ ନାନାପ୍ରକାର ଜଟିଳ ଓ କଠିନ ଭାବନାରେ ଆନ୍ଦୋଳିତ ହେଉଥାଏ । ତା'ପରେ ତା'ର ଦେହଟା ମଧ ସେତେଦୂର ଭଲ ଲାଗୁନଥାଏ !

ସେ କ୍ଷୀଣ ସ୍ୱରରେ କହିଲା—"ମୁଁ ପରା ସବୁଦିନେ କହେ ଯେ ରାତିରେ ଦହି ପିଇଲେ ତାହା ଦେହକୁ ଭାରି ଅପକାର କରେ !"

ତା'ପରେ ସେ ଆପଣାର ପିଲାମାନଙ୍କ କଥା ଭାବିବାକୁ ଲାଗିଲା । ତା'ପରେ ଯଗ୍‌ନା ବିଷୟରେ ଶୁଣିଥିବା କଥାଗୁଡ଼ିକ ବିଷୟରେ ଚିନ୍ତା କଲା । ଶେଷକୁ ବାରଆଡୁ ବାର ପ୍ରକାର ଭାବନା ଆସି ତା'ର ମସ୍ତିଷ୍କ ଭିତରେ ଗୋଳିଆମିଶା ହୋଇଗଲା । ସେ କ'ଣ କରିବ, ଭାବିକରି କିଛି ଠିକ୍ କରି ପାରିଲାନାହିଁ । ପୁରାତନ ଅଭ୍ୟାସର ବଶବର୍ତ୍ତୀ ହୋଇ ସେ ପାର୍ଶ୍ୱବର୍ତ୍ତୀ ବିଛଣାରେ ଆଗେ ଶୋଇଥିବା ବ୍ୟକ୍ତିକୁ ପଚାରିବାଲାଗି ଉଦ୍ୟତ ହେଉଥିଲା ।

"ମେରୀ, କହିଲୁ ମୋ'ର ବାହାହେବା ଉଚିତ ହେବ ନା ନାହିଁ ?"

କିନ୍ତୁ ସଙ୍ଗେ ସଙ୍ଗେ ସେ ହୋସ୍‌କୁ ଫେରିଆସିଲା । ମେରୀ ବର୍ତ୍ତମାନ ଏହି ବିଛଣା ଉପରେ କୁଆଡୁ ଆସିବ ? ସେ ତ ଗତ ବସନ୍ତ ସମୟରୁ ଗିର୍ଜା-ଅଗଣାରେ ଥିବା କବର ଭିତରେ ଯାଇ ଶୋଇଚି ! ସିଏ ଶୋଉଥିବା ବିଛଣାରେ ବର୍ତ୍ତମାନ ଯୁକ୍‌ବା ଶୋଇଚି, ଗାଢ଼ ନିଦରେ ଶୋଇ ସଁ ସଁ ହୋଇ ନିଶ୍ୱାସ ମାରୁଚି । ପ୍ରକୃତରେ ତା'ର ଜୀବନ କେଡ଼େ ଦରିଦ୍ର, କେଡ଼େ ନିଃସଙ୍ଗ ! ଦରକାରବେଳେ ତା'ର ହୋଇ ପଦେ ପରାମର୍ଶ ଦେବାକୁ ତା'ର ଆଜି ଏହି ସଂସାରରେ ଜଣେହେଲେ କେହି ନାହାନ୍ତି । ଏହିପରି ଭାବି ସେ ଏକ ଗଭୀର ଦୀର୍ଘଶ୍ୱାସ ପକାଇଲା, ଶୂନ୍ୟରେ କ୍ରସ୍‌ଚିହ୍ନ ଅଙ୍କିତ କରି ପୂର୍ବପୁରୁଷମାନଙ୍କର ଆତ୍ମାର ସଦ୍‌ଗତି ନିମିତ୍ତ କେତେଥର ଦେବୀମନ୍ତ୍ର ଉଚ୍ଚାରଣ କଲା, ନରକର ପରୀକ୍ଷା ମଧଦେଇ ଉତ୍ତୀର୍ଣ୍ଣ ହେଉଥିବା ସକଳ ଈଶ୍ୱର-ବିଶ୍ୱାସୀ ଧର୍ମାତ୍ମାମାନଙ୍କର ଆତ୍ମାର ସଦ୍‌ଗତିଲାଗି କାମନା କଲା ।

Digitized by srujanika@gmail.com

ତିନି

ସକାଳର କିରଣ ଆସି ଘର ଚାଳ ଉପରେ ପଡ଼ିଲାଣି । ରାତିର ଅନ୍ଧାର ଏକାବେଳେକେ ଲୁଚି ପଳାଇଗଲାଣି । ଆକାଶର ତାରା ଆକାଶ ଭିତରେ ଫିକା ହୋଇ ଲୁଚି ସାରିଲେଣି, ବୋରିନାର ଗୃହସଂସାରରେ ନୂତନ ଜୀବନର ସଞ୍ଚାର ଆରମ୍ଭ ହୋଇଗଲାଣି ।

କୁବା ଘୋଡ଼ା ଗୁହାଳଠାରୁ ବାହାରି ବାହାରକୁ ଆସିଲା । ବଡ଼ିସକାଳର ହେମାଳ ହିମ ହୋଇ ପାତଳା ସରପରି ମାଟିଉପରେ ବସି ରହିଚି । ମୋଟେ ଏଇନାକେ ରାତି ପାହିଚି । ଚାରିଆଡ଼ର ପାଉଁଶିଆ କୁହୁଡ଼ି ଭିତରେ ପୂର୍ବଦିଗର ଆକାଶରେ ଜଳନ୍ତା ନିଆଁ ରଙ୍ଗର ଛିଟିକାମାନ ଦେଖାଯାଉଚି । କୁହୁଡ଼ିରେ ବୁଡ଼ିରହିଥିବା ଗଛଗୁଡ଼ିକର ଅଗରେ ମଧ୍ୟ ସକାଳର ପ୍ରଭା ଉକୁଟି ଉଠିଲାଣି । ଅଳସ ଭାଙ୍ଗି କୁବା ହାଇଟାଏ ମାରିଲା ଏବଂ ତା'ପରେ ଭିତେକ୍‌କୁ ଉଠାଇବା ପାଇଁ ଗାଈ ଗୁହାଳ ଭିତରକୁ ଗଲା । ଆରେ, ଏତେବେଳ ଯାଏ କ'ଣ ଉଠିବାକୁ ମନ ହେଉନାହିଁ ? କିନ୍ତୁ ଗାଈଆଳ ଟୋକାଟା ଆପଣାର ନିଦଭାରୀ ମୁଣ୍ଡଟାକୁ ଉଠାଇ ନିଶା ଲାଗିଥିବା ପରି ଫୁସ୍ ଫୁସ୍ ହୋଇ କହିଲା, ''ଏଇ ଉଠିଲି ବୋଲି ଜାଣ, କୁବା, ଉଠିଲି ବୋଲି ଜାଣ ।''—ଏତକ କହି ସେ ପୁଣି ନିଦରେ ଶୋଇପଡ଼ିଲା ।

''ଆଚ୍ଛା, ବିଚାରାଟା ଯଦି ଆଉ ଦଣ୍ଡେ ଶୋଇବାକୁ ଚାହୁଁଚୁ, ତେବେ ଶୋଇଥା'' —କୁବା ତା'ର ଦେହ ଉପରେ ଆଉ ଗୋଟାଏ ମେଣ୍ଢାଛାଲର କୋଟ୍ ନେଇ ପକାଇଦେଲା ଏବଂ ଗୁହାଳଭିତରୁ ପଦାକୁ ବାହାରିଗଲା । ସେ ଚାଲିବାବେଳେ ଟିକିଏ ଛୋଟେଇ ଛୋଟେଇ ଚାଲେ । ଆଗେ କେତେବର୍ଷ ତଳେ ଥରେ ତା'ର ଆଣ୍ଠୁରେ ଗୋଟାଏ ଗୁଳି ଆସି ବାଜିଥିଲା, ସେହିଦିନଠାରୁ ସାରା ଜୀବନଟା ପାଇଁ ତାକୁ ଛୋଟା କରିଦେଇ ଯାଇଚି । କୂଅପାଖକୁ ଯାଇ କୁବା ମୁହଁ ଧୋଇଆସିଲା, ମୁଣ୍ଡର ପାତଳା ବାଳଭିତରେ ଥରେ ହାତର ଆଙ୍ଗୁଠିଗୁଡ଼ାକୁ ବୁଲାଇ ଆଣିଲା । ରାତିରେ ବିଛଣା ଉପରେ ମାଡ଼ିମକଚି ହୋଇ ବାଳଗୁଡ଼ାକ ଅଲରା ହୋଇ ବସିଯାଇଥିଲା, ବର୍ତ୍ତମାନ ତା'ର ହାତ ବାଜି ସଜାଡ଼ି ହୋଇଗଲା । ତା'ପରେ ଘୋଡ଼ା ଗୁହାଳର କବାଟ ପାଖରେ ଆଣ୍ଠୁମାଡ଼ି ବସି ସେ ପ୍ରାର୍ଥନା-ମନ୍ତ୍ର ପାଠ କରିବାକୁ ଗଲା ।

ଘରର ମାଲିକ ଏପର୍ଯ୍ୟନ୍ତ ବିଛଣାରୁ ଉଠିନାହାନ୍ତି । ତାଙ୍କ ଶୋଇବା ଘରର ଝରକାଗୁଡ଼ାକ ସକାଳ କିରଣର ଆଭାସ ବାଜି ନାଲିଚକଚକ ଦେଖାଗଲାଣି । କୁବା ଆଙ୍ଗୁଠି ଭିତରେ ଗଡ଼ାଇ ଗଡ଼ାଇ ମାଳା ଜପିବାରେ ଲାଗିଥାଏ । ସେ ବେଶ୍ ଅନେକ ସମୟଧରି ପ୍ରାର୍ଥନା କଲା, ଅବଶ୍ୟ ତଥାପି ତା'ର ଆଖିଡୋଳାଗୁଡ଼ାକ ଏଣେତେଣେ ବୁଲିବାରେ ଲାଗିଥାଏ । କେତେବେଳେ ଦୁଆରେ, କେତେବେଳେ ଝରକାଗୁଡ଼ାକ ଉପରେ ଓ ପୁଣି କେତେବେଳେ କୁହୁଡ଼ି ଛାଡ଼ିନଥିବା ବଗିଚାର ଗଛମାନଙ୍କ ଉପରେ ତା'ର ଆଖି ପଇଁତରା

Digitized by srujanika@gmail.com

ମାରି ଆସୁଥାଏ । ଗଛଗୁଡ଼ାକର ଗଣ୍ଡିରେ ହିମର ସର ପଡ଼ିଯାଇଚି । ସେଉଗଛରେ ସେଉଫଳ ଭର୍ତ୍ତି ହୋଇଚି, ଗୋଟାଏ ଗୋଟାଏ ସେଉ ଠିକ୍ ତା'ର ହାତମୁଠା ପରି ହେବ ! ପାଖରେ ଧୋବଲା ଦେହକୁ ଲୟାଇଦେଇ ଲାପା କୁକୁର ଶୋଇରହିଚି, ସେ ତାହାରି ଆଡ଼କୁ କ'ଣ ଗୋଟାଏ ଜିନିଷ ପକାଇଦେଲା । କୁକୁରଟା କେବଳ ପ୍ରଲମ୍ବିତ ତାଳରେ ଥରେ ଚିତ୍କାର କଲା, ତା'ପରେ ମୋଡ଼ିମାଡ଼ି ହୋଇ ପୁଣି ଶୋଇପଡ଼ିଲା ।

''ଶଳା ପାଜି କୁକୁର ! ତା'ର କେଡ଼େ ଗଉଁ ଦେଖ ! ଆସି ଖରା ପଡ଼ିଲାଣି, ତଥାପି ସଇତାନ କୁକୁରଟାର ନିଦ ଭାଙ୍ଗୁନାହିଁ !''—କହି ସେ କୁକୁର ଉପରକୁ ଗୋଡ଼ି ପକାଇବାକୁ ଲାଗିଲା । ବିଚରା କୁକୁର ଶେଷକୁ ଉପାୟାନ୍ତର ନଦେଖି ଉଠି ବାହାରକୁ ବାହାରି ଆସିଲା । ଆଗ ଦେହଟାକୁ ଟେଙ୍ଗା କରିନେଲା । ତା'ପରେ ହାଇଟାଏ ମାରିଲା ଓ ତା'ପରେ ଲାଙ୍ଗୁଡ଼ ହଲାଇ ହଲାଇ କୁବା ନିକଟକୁ ଆସିଲା—ଭାରି ପୁଲକରେ ଖୁରା ରାମ୍ପୁଡ଼ିବାକୁ ଲାଗିଲା ଓ ଆପଣାର ଦାନ୍ତ ଦେଇ ରୋମ ଉପରୁ ମଇଳାଗୁଡ଼ାକୁ ପରିଷ୍କାର କରି ପକାଇଲା ।

''ତୁମକୁ ନମସ୍କାର, ତୁମରାଜ୍ୟର ସମସ୍ତ ମୁନିରଷିଙ୍କୁ ନମସ୍କାର । ହେ ଭଗବାନ, ମୋର ପ୍ରାର୍ଥନା-ମନ୍ତ୍ର ପାଠକରି ମୁଁ ତୁମ ସମସ୍ତଙ୍କୁ ସ୍ମରଣ କରୁଚି ! ଆମେନ୍ !''

ଆପଣାର ଛାତିଉପରେ ଏକାଧିକବାର ହାତକୁ ବାଡ଼େଇ ସେ ସିଧାହୋଇ ଠିଆହେଲା ଓ ଲାପାକୁ ଡାକିଲା—

''ତୁ—ତୁ—ଶଳା କୁକୁରର ନବରଙ୍ଗ ଦେଖ । ଶଳା ବାହାହୋଇ ଯାଉଥିବା କନିଆଙ୍କ ପରି ଆପଣା ଦେହରୁ ଉକୁଣି ମାରି ବସିଲାଣି !''

କୁବା କେବେହେଲେ ଆପଣାର କାମରେ ମଠ କରେନାହିଁ । ଆଜି ମଧ ସେ ସମୟ ଅନୁସାରେ ତା'ର କାମରେ ବାହାରିଗଲା । ପ୍ରଥମେ ଗୁହାଳଘରୁ ଗାଡ଼ି ବାହାରକଲା, ଗାଡ଼ି ଚକରେ ତେଲ ଦେଲା, ଘୋଡ଼ାଙ୍କୁ ପାଣି ମୋହିଁଦେଲା । ସେମାନଙ୍କ ଆଗରେ କୁଟା ପକାଇଦେଲା । ଘୋଡ଼ାଗୁଡ଼ାକ ଆନନ୍ଦରେ ହେଁ ହେଁ ଶବ୍ଦ କରି ଗୁହାଳ ଘର ଭିତରେ ପଦଚାରଣା କରିବାକୁ ଲାଗିଲେ । ତା'ପରେ ଅମାର ଭିତରକୁ ଯାଇ ସେ ଅଗାଡ଼ିମିଶା ଯଅଦାନାରୁ ପୁଳାଏ ନେଇଆସିଲା ଏବଂ ତାକୁ ନେଇ ଘୋଡ଼ୀର କୁଣ୍ଡରେ ପକାଇଦେଲା । ଘୋଡ଼ୀ ପାଇଁ ଏ ଗୁହାଳରେ ଅଲଗାକରି ଅଡ଼ା ତିଆରି ହୋଇଥିଲା ।

''ଖାଆଲୋ ମାଆ ଖାଆ ! ତୋ'ର ପରା ଛୁଆ ହେବାର ଅଛି, ଦେହରେ ବଳ ନହେଲେ ଚଳିବ କିପରି ? ଖାଆ ! ସବୁ ଖାଇଦେ' !''—କହି ଘୋଡ଼ୀର ନାକ ଉପରେ ସେ ଅତି ଆଦରରେ ହାତ ଥାପୁଡ଼େଇବାକୁ ଲାଗିଲା । ଘୋଡ଼ା ପ୍ରତ୍ୟୁତ୍ତର ଦେଲାପରି ଆପଣାର ମୁଣ୍ଡକୁ ଆଣି କୁବାର କାନ୍ଧ ଉପରେ ନେଇ ରଖିଲା ଏବଂ ଜିଭଟାକୁ ବଢ଼ାଇଦେଇ ତା' ମୁଣ୍ଡର ବାଳକୁ ଥିରିଥିରି କରି ଆହ୍ଲାଦରେ ଟାଣିବାକୁ ଲାଗିଲା ।

''ଆଜି ଖରାବେଳଯାଏ ଆଳୁ ବୁହା ହେବ, ପୁଣି ସଞ୍ଜବେଳକୁ ଭାରବୋହି ଯିବାର ଅଛି । ନା—ସେଥିପାଇଁ ଡରିବାର କୌଣସି କାରଣ ନାହିଁ । ଗାଡ଼ିଏ କୁଟା ଏବେ କେତେ ଭାରୀ ହେବ ? କିଛି ଭୟ କରନା !''

Digitized by srujanika@gmail.com

''କିନ୍ତୁ ତୁ ! ତୋ' କପାଳରେ ଆଜି କାହାଣେ ମାଡ଼ ଲେଖାହୋଇ ରହିଚି । ଶଳା ଅଳସୁଆ କେମିତି ସେଠି ଫାଆଁ ଗାଳିଦେଇ ପଡ଼ିଚି ଦେଖ !''— ପାଖରେ ଠିଆହୋଇ ସୁନେଲି ରଙ୍ଗର ଘୋଡ଼ାଟାକୁ ଉଦ୍ଦେଶ୍ୟ କରି ସେ କହିଲା । ଘୋଡ଼ାଟା ବେକକୁ ଲମ୍ୱାଇଦେଇ ଘୋଡ଼ୀର ଅଡ଼ା ଭିତରକୁ ମୁହଁ ଗଳାଇବାକୁ ଚେଷ୍ଟା କରୁଥିଲା ।

''ହେ ହେ ଦାନଦିଆ, ମେଳେଛ ଇହୁଦୀ ! ତା'ଭିତରକୁ ମୁଣ୍ଡ ଗଳାଉଚୁ ଯଥତକ ଗିଳିବୁ ବୋଲି, ନୁହଁ ? କିନ୍ତୁ ଆଉ ଗୋଟାଏ ଖୋଜ ଆଗକୁ ପକାଇଲେ ମନେରଖିଥାଆ, ତୋ' ପିଠି ଜାଣେ କି ମୋର ପାଞ୍ଚଣ ଜାଣେ !''

ଘୋଡ଼ାପାଖରୁ ଉଠିଯାଇ ସେ କାନ୍ଥ ପାଖରେ ଥିବା ଅଡ଼ାଭିତରକୁ ଅନାଇଲା । ଘନ ବାଦାମୀ ରଙ୍ଗର ରୋମ ଭିତରେ ଧଳା ଚାନ୍ଦ ଥିବା ମୁହଁଟାକୁ କାଢ଼ିଦେଇ ଘୋଡ଼ାଛଡ଼ାଟି ତା'ଆଡ଼କୁ କେତେବେଳ ହେଲା ଅନାଇ ରହିଥିଲା । କୁବା ପହଞ୍ଚିଲାମାତ୍ରକେ ସେ ଅତି ଧୀରଭାବରେ ମୁଖରୁ ଏକ ଧ୍ୱନି ବାହାର କରି ସ୍ୱାଗତ ଜଣାଇଲା ।

''ହାଉଲେ ବଛା, ହାଉଲେ ! ଆଗ ପେଟପୂରା କରି ଖାଇଦେ', ତା'ପରେ ଆଜି ଖାମିନ୍ଦକୁ ନେଇ ସହରକୁ ଯିବୁ ...'' କିନ୍ତୁ ତା'ର ପଛପଟଟା ଗୋଟାସୁଦ୍ଧା ମୂତ ଆଉ ଗୋବରରେ ବୁଡ଼ିଥାଏ । କୁବା ପୁଳାଏ କୁଟା ନେଇ ତା'ର ଦେହରୁ ମଇଳା ପୋଛି ପକାଇଲା । ''ଛଡ଼ାଟା ବେଶ୍ ପାକଳ ହୋଇ ଆସିଲାଣି, ଏଥର ଫଳ ଯିବାଲାଗି ନେଇଗଲେ ବି ଚଳିବ । କିନ୍ତୁ ଭାରି ମଇଳା ! ଯେତେବେଳେ ଆସିବ, ସେତେବେଳେ ଖାଲି ଅସନାରେ ବୁଡ଼ିଥିବ । ଠିକ୍ ଗୋଟାଏ ମାଇଘୁଷୁରି ପରି ଗୁହାଳ ଭିତରୁ ବୋବାଳି ଛାଡ଼ିଥିବ !''

ଏହିପରି ସବୁ ଜନ୍ତୁଙ୍କ ସହିତ କଥାବାର୍ତ୍ତା ହୋଇ ସେ ଗୁହାଳ ପାରିହୋଇ ଘୁଷୁରିମାନଙ୍କ ଅଡ଼ାକୁ ଗଲା ଓ ଖାଇବାଲାଗି କୁଲୁରୁକାଲୁରୁ ହେଉଥିବା ଘୁଷୁରିଙ୍କୁ ଅଡ଼ାଭିତରୁ ବାହାରକୁ ଛାଡ଼ିଦେଲା । ତା'ମୁହଁକୁ ବଲବଲ କରି ଅନାଇ ଲାପା ମଧ ତା'ର ଅନୁସରଣ କରୁଥାଏ ।

''ତୋ'ର ପୁଣି କ'ଣ ଲୋଡ଼ା କହିଲୁ ? ଆଚ୍ଛା ନେ—ଏଠି ଖଣ୍ଡେ ବଢ଼ିଆ ରୁଟି ପଡ଼ିଚି, ପାଇଦେ ।'' —ଆପଣାର ପକେଟରେ ପଡ଼ିଥିବା ଖଣ୍ଡେ ରୁଟି ବାହାରକରି ସେ କୁକୁର ଆଗରେ ହଲାଇବାକୁ ଲାଗିଲା ଓ ଉପରକୁ ଫିଙ୍ଗିଦେଲା । ଚତୁର କୁକୁର ଶୂନ୍ୟଭିତରୁ ହିଁ ରୁଟି ଖଣ୍ଡଟିକୁ ଟାଉକରି ମାଡ଼ିବସିଲା ଏବଂ ମୁହଁରେ ଧରି ଆପଣାର ଶୋଇବାଥାନକୁ ଚମ୍ପଟ କଲା । କାଳେ ଘୁଷୁରିଗୁଡ଼ାକ ମାଡ଼ିଆସି ତା' ମୁହଁର ଆହାର ଛଡ଼ାଇନେବେ, ସେଇ ଭୟରେ ।

''ବିଧାତାକୁ କହିବ ! ଏଇ ଘୁଷୁରିଗୁଡ଼ାକ ମଣିଷଠାରୁ ବି ବଳିଲେଣି ! ଗୋଟାଏ ଗୋଟାଏ ମଣିଷ ଯେମିତି ପରର ଧନ ଝାମ୍ପିନେବାକୁ ହନ୍ତସନ୍ତ ହେଉଥାନ୍ତି, ଏଗୁଡ଼ାକ ଠିକ୍ ସେହିପରି ହେଉଚନ୍ତି !''

ଖଳାଘରକୁ ଆସି ସେ କାଲି ମରାହୋଇଥିବା ଗାଈଟିକୁ ଅନାଇଲା । ଗାଈଟିର ଫଡ଼ିଆଗୁଡ଼ିକ ଓରା ଦେହରେ ଟଙ୍ଗାହୋଇ ରହିଥାଏ ।

Digitized by srujanika@gmail.com

''ଏଡ଼େ ବୋକା ଓଲମା ଜନ୍ତୁ ! ବାସ୍, ଆପଣାର ଓଲମାପଣର ପରାପତ ପାଇଲା ! କାଲି ପଅରିକୁ ସେ ରନ୍ଧାହାଣ୍ଡି ଭିତରେ ଯାଇ ପଡ଼ିବ । ବିଚାରା ଗୋରୁ ! ଆପେ ମରି ଆମ ସମସ୍ତଙ୍କ ଲାଗି ରବିବାର ଭୋଜିର ବରାଦ କରିଦେଇଗଲା !''

ଅଦୂର ଭବିଷ୍ୟତରେ ଅପେକ୍ଷା କରି ରହିଥିବା ଏହି ଭୋଜିର କଳ୍ପନା କରି ସେ ଭାରି ନିଶ୍ଚିନ୍ତରେ ଗୋଟାଏ ଲମ୍ୱା ନିଶ୍ୱାସ ମାରିଲା ଏବଂ ତା'ପରେ ପୁଣି ଭିତେକ୍‌କୁ ଉଠାଇଦେବାକୁ ଗଲା । ''ଆରେ, ସୂର୍ଯ୍ୟ ଆସି ଉଦୟହେବାକୁ ବସିଲେଣି, ତୁ ଆଉ କେତେବେଳଯାଏ ଶୋଇଥିବୁ ? ଉଠ୍ । ଆଜି ଗାଈମାନେ ଘାସକୁ ବାହାରିବେ ନା ନାହିଁ ?''

ଭିତେକ୍‌ର ଭେକ ସରୁନାହିଁ ସେ ଏଇ କଥାକୁ ଶୁଣିବାକୁ ଯିବ ! କୁବାର ଆକଟ ଶୁଣି ସେ ମେଣ୍ଢା ଛାଲଟାକୁ ଆହୁରି ଭଲକରି ଦେହ ଉପରକୁ ଟାଣିନେଇ ଆରାମରେ ଘୁଙ୍ଗୁଡ଼ି ମାରିବାକୁ ଲାଗିଲା । କିନ୍ତୁ ଶେଷକୁ ସେ ଆପଣା ମନକୁ ବିଛଣାରୁ ଉଠି ବସିଲା ଏବଂ ଟଳଟଳ ହୋଇ ଭଣଭଣ ମୁହଁ କରି ଅଗଣା ଭିତରକୁ ଆସିଲା ।

ଆଜି ସାଆନ୍ତଙ୍କର ଏତେବେଳଯାଏ ନିଦ ଭାଙ୍ଗିବାକୁ ନାହିଁ । ସୂର୍ଯ୍ୟ ବର୍ତ୍ତମାନ କେଡ଼େ ଉପରକୁ ଉଠିଗଲେଣି, ଧରଣୀ ଉପରେ ଲାଗିରହିଥିବା ଲାଖ ତାଙ୍କର କିରଣ ପଡ଼ି ଝଲମଲ ଜରିକାମ ପରି ଦେଖାଯାଉଚି, ପ୍ରତ୍ୟେକ ଝରକାର କାଚ, ପ୍ରତ୍ୟେକ ପୋଖରୀ ଓ ଗଡ଼ିଆ ଜଳନ୍ତା ନିଆଁର ଦର୍ପଣ ପରି ଦେଖାଯାଉଚି । ତଥାପି ସାଆନ୍ତଙ୍କର ଶୋଇବା ଘରେ କାହାରି ହେଲେ ନିଦ ଭାଙ୍ଗିନାହିଁ ।

ଗୋରୁ ଗୁହାଳର ଏରୁଣ୍ଡିବନ୍ଧ ଉପରେ ବସି ଭିତେକ୍ ଅଳସ ହାଇ ମାରୁଥାଏ ଓ ଦେହହାତ କୁଣ୍ଡାଇ ହେଉଥାଏ । ଘରଚଟିଆ ଚଢ଼େଇମାନ ଘର ଛାତରୁ ଆସି କୂଅଉପରେ ଯାଇ ବସିଲେଣି ଏବଂ କୂଅପାଖରେ ଥିବା ନଳାରେ ଗାଧୋଇବାରେ ଲାଗିଲେଣି । ଗୋଟିଏ ସିଡ଼ି ନେଇ ଭିତେକ୍ ଚାଳଭିତରୁ ଘରଚଟିଆ ବସାର ସନ୍ଧାନ କରି ବାହାରିଲା । କାରଣ ସେଠାରେ ଖୁଡ୍‌ଖାଡ୍ କୌଣସି ଶବ୍ଦ ନଶୁଣିପାରି ଚଢ଼େଇଗୁଡ଼ାକ କାଳେ କାଲୁଆ ଲାଗି ମରିଯାଇଥିବେ ବୋଲି ସେ ଭାରି ଆଶଙ୍କା କରୁଥିଲା । ବସାମାନ ଖୋଜି ଦେଖିଲା, କେତୋଟି ଚଢ଼େଇ ସେଠି ଏକାବେଳେକେ ଜଡ଼ ହୋଇ ପଡ଼ିଛନ୍ତି, ଶୀତରେ କାଲୁଆ ହୋଇ ମଲାପରି ହୋଇଯାଇଚନ୍ତି । ସେମାନଙ୍କୁ ଅତି ସାବଧାନ ଭାବରେ ସେଠାରୁ ବାହାର କରି ଆଣି ସେ ଆପଣାର ଛାତିଉପରେ କମିଜତଳେ ନେଇ ଧରିଲା ଓ ସେମାନଙ୍କୁ ଟିକିଏ ଉଷୁମ ଦେବାକୁ ଚେଷ୍ଟା କଲା ।

''ଆ ଦେଖିବୁ, କୁବା ! ଏ ଚଢ଼େଇଗୁଡ଼ାକ କିପରି ଶୀତରେ ମରିଯାଇଚନ୍ତି !''— କହି ସେ କୁବାକୁ ଶୁଖିଲା ଡାଙ୍ଗପରି ହୋଇଯାଇଥିବା ଚଢ଼େଇମାନଙ୍କୁ ଦେଖାଇବାକୁ ଲାଗିଲା । କୁବା ଗୋଟି ଗୋଟି କରି ସେଗୁଡ଼ିକୁ ହାତକୁ ନେଲା, ନେଇ କାନପାଖରେ ଧରିଲା, ସେମାନଙ୍କର ଆଖି ଫୁଙ୍କିଦେଲା ଏବଂ ତା'ପରେ ମତ ପ୍ରକାଶ କରି କହିଲା —

''ଆରେ ମରିନାହାନ୍ତି । ରାତିରେ କାଲୁଆ ସହିନପାରି କେବଳ ନିର୍ଜୀବପରି ହୋଇଯାଇଚନ୍ତି । ଓଲମା ଚଢ଼େଇଗୁଡ଼ାକ, ଶୀତଦିନ ପଡ଼ିବା ଆଗରୁ ଆଉ କୌଣସି ଉଷୁମ

Digitized by srujanika@gmail.com

ଦେଶକୁ ଉଡ଼ି ନଯାଇ ଏଇଠି ରହିଯାଇଚନ୍ତି । ହାୟ ହାୟ''—କହି ସେ ଆପଣା କାମରେ ପୁଣି ମନଦେଲା ।

''ଭିଟେକ୍ ସେହିପରି ଭାବରେ ଖଞ୍ଜା ଆଗରେ ବସିରହିଥାଏ, ଚୂନଧଉଳା କାନ୍ଥଉପରେ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଅଜାଡ଼ିହୋଇ ପଡୁଥାଏ । ମାଛିମାନେ ସେତେବେଳକୁ ଭଣଭଣ ହୋଇ ଉଠି ଏଠିସେଠି ବସିବାକୁ ଆରମ୍ଭ କରିଦେଲେଣି । ତା' ଦେହର ଉଷୁମଲାଗି ଯେଉଁ ଚଢ଼େଇଙ୍କର ଦେହରେ ଟିକିଏ ଜୀବନ ଆସିଥିଲା, ସେ ସେଗୁଡ଼ିକୁ ବାହାର କରି ଭଲକରି ଫୁଙ୍କିଦେଲା, ସେମାନଙ୍କର ଥଣ୍ଡ ମେଲାକରି ଆପଣାର ଉଷୁମ ଓଠର ଛେପ ଢୋକାଇଦେଲା । ତେବେଯାଇ ସେଗୁଡ଼ିକ ଜୀଅନ୍ତା ଚଢ଼େଇପରି ଚେଙ୍ଗାହୋଇ ଉଠିଲେ ଓ ଆଖି ମେଲାକରି ଉଡ଼ି ପଳାଇବାକୁ ପର ଫଡ଼ଫଡ଼ କରିବାକୁ ଲାଗିଲେ । ତା'ପରେ କାନ୍ଥଉପରେ ବସିଥିବା ମାଛିଙ୍କୁ ମାରି ଗୋଟାଏ ଗୋଟାଏ କରି ସେ ଚଢ଼େଇଙ୍କୁ ଖାଇବାକୁ ଦେଲା ଓ ତା'ପରେ ସେମାନଙ୍କୁ ଛାଡ଼ିଦେଲା ।

''ଯାଥା, ତୁମର ମାଆପାଖକୁ ଯାଆ !''—ସାନସାନ ଚଢ଼େଇଗୁଡ଼ିକ ତା'ହାତରୁ ଉଡ଼ିଯାଇ ଗୁହାଳଘରର ଓରାଉପରେ ବସିଲେ, ଡେଣାଭିତରେ ଥଣ୍ଟକୁ ପୂରାଇ ଖୁମ୍ପିବାକୁ ଲାଗିଲେ । ସତେଅବା ବଡ଼ କୃତଜ୍ଞ ଭାବରେ ସେମାନେ ଭିଟେକ୍‌କୁ ଧନ୍ୟବାଦ ଦେଉଚନ୍ତି, ସେହିପାରି ଚୁଁ' ଚାଁ' ଶବ୍ଦ କରିବାକୁ ଲାଗିଲେ ।

ଏତେବେଳଯାଏ ଲାପା ଲାଙ୍ଗୁଳ ମାଡ଼ି ବସିରହି ଭାରି ଉତ୍କଣ୍ଠାର ସହିତ ଏହିସବୁ ବ୍ୟାପାର ଦେଖୁଥିଲା, ବେଳେବେଳେ ଜିଭ ମେଲାକରି କ'ଣ ସବୁ କ୍ଷୀଣ ଶବ୍ଦ କରୁଥିଲା ଏବଂ ଗୋଟିଗୋଟି କରି ଚଢ଼େଇ ଉଡ଼ିଗଲା ବେଳକୁ ସେ ପ୍ରତ୍ୟେକଟି ପଛରେ ତାକୁ ଧରିବାଲାଗି ଖଣ୍ଡେଦୂର ଦଉଡ଼ି ଯାଉଥିଲା । ତା'ପରେ ନିରସ୍ତ ହୋଇ ପୁଣି ଆପଣା ଥାନକୁ ଫେରିଆସି ପୂର୍ବବତ୍ ଆସନରେ ବସି ଘଟଣାଗୁଡ଼ିକୁ ଲକ୍ଷ୍ୟକରି ଦେଖୁଥିଲା ।

''ଯାଥା, ଯାଆ, ପବନକୁ ବି ଧରିବୁ ଯାଆ !''—ଭିଟେକ୍ କୁକୁରକୁ ଉଦ୍ଦେଶ୍ୟ କରି କହିଲା । ମରମର ଚଢ଼େଇଗୁଡ଼ିକୁ ବଞ୍ଚାଇବାରେ ସେ ଏତେଦୂର ନିମଗ୍ନ ଓ ବ୍ୟସ୍ତ ହୋଇ ରହିଥିଲା ଯେ, ବୋରିନା ଯେ କେତେବେଳେ ବିଛଣାରୁ ଉଠି ଖଞ୍ଜା ବାହାରକୁ ଆସିଲାଣି, ସେ ବିଷୟରେ ତା'ର କୌଣସି ନିଘା ନଥିଲା । ବୋରିନା ଆସି ଯେତେବେଳେ ତା'ର ଆଗରେ ଠିଆହେଲା, ସେତେବେଳେ ଯାଇ ସେ ତାକୁ ଦେଖିବାକୁ ପାଇଲା ।

''ଶଳା ଚାକର, ବାଲିଙ୍ଗି ଦେଖ ! ଚଢ଼େଇ ସାଙ୍ଗରେ ଖେଳ ଲାଗିଚି, ନା ?''

ସେଠାରୁ ଦଉଡ଼ି ପଳାଇବ ବୋଲି ଭିଟେକ୍ ତରବର କରି ଡେଇଁପଡ଼ି ଠିଆ ହୋଇଗଲା । କିନ୍ତୁ ବୋରିନା ଗୋଟାଏ ହାତରେ ତାହାର କୋଟ୍ କଲାରକୁ କଷିକରି ଧରି ଆର ହାତରେ ଆପଣାର ଅଣ୍ଟାରେ ବନ୍ଧା ହୋଇଥିବା ଚମଡ଼ାର ପଟିଟିକୁ ବାହାର କରିବାକୁ ଲାଗିଲା ।

Digitized by srujanika@gmail.com

"ତୁମ ଗୋଡ଼ତଳେ ପଡୁଚି ସାଆନ୍ତ, ମୋତେ ମାରନାହିଁ ।"—ବିକଳରେ ଓ ଭୟରେ ଏତିକି କହିବା ବ୍ୟତୀତ ବିଚାରା ଚାକରର ଆଉ କୌଣସି ଚାରା ନଥିଲା ।

"ତୁ କୋଉ ବାଗିଆ ଗାଈଆଳ ହୋଇଚୁ, ମୋତେ କହିବୁଟି ? ଏମିତି ଗାଈ ଜଗୁଚୁ, ନା ? ତୋ'ର ସକାଶେ କାଲି ମୋର ସବୁଠାରୁ ବଢ଼ିଆ ଗାଈର ଏ ଦଶା ହେଲା ! ଶଳା ଛତରଖିଆ, ମେଳଛ କାହାଁକା—ଶଳା ବଜାରି ନିର୍ବୁଦ୍ଧିଆ ! ତୋ'ର ଓସ୍ତାଦ ତ ଏହିପରି ନିର୍ବୁଦ୍ଧିଆ, ତୁ ଆଉ କରିବୁ କଅଣ ?"—କହି ଯୋଉଠି ବାଜିବା ସମ୍ଭବ, ଚମଡ଼ା ପଟି ସାହାଯ୍ୟରେ ବୋରିନା ଚାକର ଦେହରେ ପାଏଁ ପାଏଁ ବଜାଇବାକୁ ଲାଗିଲା, ମନଭିତରର ସବୁ ରାଗ ଓ ସବୁ ଓରିମାନା ମେଣ୍ଟାଇବାକୁ ଲାଗିଲା । ପଟିଟା ଶୂନ୍ୟରେ ଥାଇ ଲହଲହ ଶବ୍ଦ କରୁଥାଏ । ଭିଟେକ୍ ଡହଳବିକଳ ହୋଇ ମାଟିରେ ପଡ଼ି କୋଚିଆ ପରି ଲଟରପଟର ହେଉଥାଏ ଓ ଆର୍ତ୍ତକଣ୍ଠରେ ଚତ୍କାର କରି କହୁଥାଏ—

"ମରିଗଲି ଲୋ ! ହେ ଭଗବାନ୍, ଏ ସାଆନ୍ତେ ମୋତେ ମାରିପକାଇଲେ ଲୋ । ସାଆନ୍ତେ ! ହେ ଭଗବାନ , ମୋର ପ୍ରାଣ ରକ୍ଷାକର !—"

ଘଟଣା କ'ଣ ଦେଖିବାଲାଗି ହାଙ୍କା ସେପାଖରୁ ଉଙ୍କିମାରି ଅନାଇଲା । ଅତିଶୟ ବିରକ୍ତି ଭାବରେ କୁବା ନେଥାଏ ଛେପ ପକାଇଦେଇ ଘୋଡ଼ାଗୁହାଳ ଭିତରକୁ ଚାଲିଗଲା ।

ଆପଣାର ଦମ୍ ହଟିଲା ପର୍ଯ୍ୟନ୍ତ ବୋରିନା ଭିଟେକ୍‌କୁ ମାରିବାରେ ଲାଗିଥାଏ । ଗାଈଟା ଚାଲିଯାଇଥିବାରୁ ତା'ର ମନରେ ଯେଉଁ ଦୁଃଖ ଓ ପ୍ରତିହିଂସାମାନ ରହିଥିଲା, ଚାକରଟୋକାର ଦେହ ଉପରେ ତାହାର କ୍ଷତିପୂରଣ କରିନେଉଥାଏ । ଭିଟେକ୍ ଅତି ଆର୍ତ୍ତକଣ୍ଠରେ ବୋବାଳି ଛାଡ଼ିବାରେ ଲାଗିଥାଏ । ଶେଷରେ ସୌଭାଗ୍ୟବଶତଃ ବିଚାରା ଟିକିଏ ସୁଯୋଗ ପାଇ ମାଲିକର କବଳରୁ ଆପଣାକୁ ବଞ୍ଚାଇ ଖସି ଚାଲିଯାଇ ପାରିଲା ଏବଂ ଦୁଇହାତରେ ଆପଣାର ଦୁଇପିଚାକୁ ଧରି ବିକଳରେ ବଗିଚା ଆଡ଼କୁ ଦଉଡ଼ି ପଳାଇଲା । ଯାଉଯାଉ ବଡ଼ ପାଟିରେ ଚିତ୍କାର କରି କହୁଥାଏ— "ସାଆନ୍ତେ ମୋତେ ମାରିପକାଇଲେ ଲୋ ! ହେ ଭଗବାନ ! ମୋତେ ମାରିପକାଇଲେ ଲୋ !" ତାର ଛାତି ଭିତରେ କମିଜତଳେ ସେପର୍ଯ୍ୟନ୍ତ ରହିଥିବା ଚଢ଼େଇଗୁଡ଼ିକ ଗୋଟିଗୋଟି କରି ତଳକୁ ଖସି ପଡ଼ି ରାସ୍ତାଉପରେ ବିକ୍ଷିପ୍ତ ହୋଇ ପଡୁଥାନ୍ତି ।

ତେବେବି ବୋରିନାର ରାଗ ଶାନ୍ତ ହୋଇନଥାଏ, ସେ ତମତମ ହୋଇ ଆହୁରି କେତେକ'ଣ ଧମକ ଦେବାରେ ଲାଗିଥାଏ । କିଛିସମୟ ପରେ ଖଞ୍ଜାଭିତରକୁ ଆସି ସେ ଆନ୍ତେକ୍‌ର ଶୋଇବାଘର ଭିତରକୁ ଅନାଇଲା ।

ଆନ୍ତେକ୍ ଉପରେ ଆଖି ପଡ଼ିଯିବାକ୍ଷଣି ବଡ଼ପାଟିକରି ଡାକି କହିଲା, "କଣହେଲା ! ଖରା ଆସି ଅଧଦୁଆରେ ହେଲାଣି, ଏତେବେଳଯାଏ ବାବୁଙ୍କର ନିଦ ଭାଙ୍ଗିନାହିଁ ?"

"ନଶୋଇଲେ କିପରି ହୋଇଥାନ୍ତା କହିଲ ? କାଲି ଯୋଉ ଗଧଖଟଣି ଖଟି ନୟାନ୍ତ ହୋଇଯାଇଥିଲି, ତା'ପରେ ବିଶ୍ରାମ ନେବା ଉଚିତ ନା ନାହିଁ ?"

Digitized by srujanika@gmail.com

"ଆଜି ମୁଁ କଚେରିକୁ ଯାଉଚି । ତୁ ଆଜି ଆଳୁତକ ବିଲରୁ ଘରକୁ ନେଇଆସିବୁ । ସେ କାମ ସରିଗଲେ ମୂଲିଆମାନଙ୍କୁ ଜଙ୍ଗଲକୁ ପଠାଇଦେବୁ । ହଁ, ପାରିଲେ ତୁ ନିଜେ ଯାଇ ପାତଳାକାଠ ସଂଗ୍ରହ କରି ଆଣିବୁ, ଶୀତ ଦିନରେ ଘଚାରିପାଖରେ ଦେବାକୁ ହେବ ।*

"ସେ କାମ ତୁମେ ନିଜେ କରିବ । ଆମର ଏକଡ଼କୁ ତ ସେତେ ପବନ ପିଟେନାହିଁ । ତେଣୁ ଆମର କୌଣସି ଦରକାର ନାହିଁ ।"

"ତୋ ଇଚ୍ଛା' ! ମୁଁ ତେବେ ମୋ'ପଟଟା କରିନେବି । ଆଉ ତୁ, ଶ୍ରୀମାନ୍ ଅଳସୁଆ ଆଚାର, ଶୀତଦିନ ଆସିଲେ କାଲୁଆ ହୋଇ କଷ୍ଟ ପାଉଥିବୁ ।"

ପଛରୁ କବାଟଟାକୁ ଦୁଲ୍‌କରି ପକାଇଦେଇ ବୋରିନା ଆପଣା ଶୋଇବାଘର ଭିତରକୁ ଗଲା । ସେତେବେଳକୁ ଘରଭିତରେ ଉହ୍ଲେଇ ଜଳିସାରିଲାଣି ଆଉ ଯୁକ୍‌କା ଗାଈ ଦୁହିଁବାକୁ ଯାଉଚି ।

"ମତେ ଧଅସି କ'ଣ ଗଣ୍ଡାଏ ଖାଇବାକୁ ଦେବୁଚି ! ମୋର ବାହାରକୁ ଯିବାର ଅଛି !"

"କିନ୍ତୁ ମୁଁ ଏକାବେଳେକେ କିପରି ଦୁଇଆଡ଼କୁ ହେବି କହିଲ ? ମୋର ତ ଆଉ ଚାରିଟା ହାତ ନାହିଁ ଯେ ତେଣେ ଦୁଧ ଦୁହିଁବି ଆଉ ଏଣେ ତୁମପାଇଁ ଖାଇବାକୁ ସଜାଡ଼ିଦେବି !"

ଯୁକ୍‌କା ବାହାରକୁ ବାହାରିଗଲା ।

"ଏ ଘରେ ଦଣ୍ଡେହେଲେ ଶାନ୍ତିରେ କଟିବନାହିଁ ! ଯେତେ ନାହିଁ-ନାହିଁ ହେଉଥିଲେ ମଧ ବାଧହୋଇ ସମସ୍ତଙ୍କୁ ଗାଳିଦେବାକୁ ପଡ଼ିବ, ସମସ୍ତଙ୍କ ସହିତ କଜିଆ କରିବାକୁ ହିଁ ପଡ଼ିବ ! —ମନେମନେ ଏତକ କହି ସେ ଭାରି ବିଗିଡ଼ା ମିଜାଜରେ ଲୁଗାପଟା ପିନ୍ଧିବାକୁ ଗଲା । ଆପଣା ପୁଅଟା ସହିତ ତା'ର କେତେବେଳେ ହେଲେ ପଡ଼ିଲା ନାହିଁ । କଥାବାର୍ତ୍ତା ହେବାକୁ ବସିଲେ ହିଁ ତେଢ଼ାତେଢ଼ି ଆରମ୍ଭ ହୋଇ ଯିବ ! ପୁଣି ବେଳେବେଳେ ଏପରି କଥା ଶୁଣିବାକୁ ପଡ଼ିବ ଯେ ତାହା ଛୁରୀପରି ଆସି ଛାତିଭିତରେ ଭୁଷା ମାରି ଦେଇ ଯାଉଥିବ ! ଏହିସବୁ ଭାବୁଭାବୁ ତା'ର ମନଭିତରଟା କ୍ରମେ ଅଧିକ ବିରକ୍ତ ହେବାରେ ଲାଗିଥାଏ । ଶେଷକୁ ସେ ଆପଣା ମନକୁମନ ଗାଳିଗୁଲଜ ଦେବାରେ ଲାଗିଲା, ଆପଣାର ଜୋତାଗୁଡ଼ାକୁ ଘରଭିତରେ ଏଣେତେଣେ ଫୋପାଡ଼ିବାକୁ ଆରମ୍ଭ କଲା ।

"ସେମାନଙ୍କର କ'ଣ ମୋ' କଥା ମାନିବା ଉଚିତ ନୁହେଁ ? କିନ୍ତୁ ନମାନିବେ ତ ମଣିଷ ଆଉ ସେଗୁଡ଼ାକୁ ନେଇ କ'ଣ କରିବ ? କିନ୍ତୁ କାହିଁକି ନମାନିବେ କହିଲ ?" —ସେ ଆପଣା ମନକୁ ପଚାରିଲା ।

"ସେଇଥିପାଇଁ ପରା ମୁଁ କହେ, ମାଡ଼ ନହେଲେ ସେମାନେ କେହି ସାବାଡ଼ ହେବେନାହିଁ ! ଆଜି କାହିଁକି, ଅନେକ ଆଗରୁ ମଧ ମୋର ଏହା କରିବା ଉଚିତ ଥିଲା । କିନ୍ତୁ ମୁଁ

* ଶୀତକାଳରେ ଆପଣାର ବାସଗୃହକୁ ଟିକିଏ ଉଷୁମ ରଖିବାକୁ ପୋଲାଣ୍ଡର ଚାଷୀମାନେ ଘରଚାରିପାଖରେ ପ୍ରାୟ ତିନିଫୁଟର ପାତଳାକାଠ ଜମାକରି ରଖନ୍ତି । ତା'ପରେ ଘରକାନ୍ଥ ଓ ଏହିପରି ଜମା ହୋଇଥିବା କାଠ ମଝିରେ ଥିବା ସ୍ଥାନକୁ ସେମାନେ ପାଳ, ଶୁଖିଲାପତର, ଡାଳ ଓ ମାଟି କାଦୁଅ ଭର୍ତ୍ତିକରି ଭରାଇ ଦିଅନ୍ତି ।

Digitized by srujanika@gmail.com

ଭାବିଥିଲି, କାହିଁକି ତୁଚ୍ଛାଟାରେ ଘରେ ମାଡ଼ଗୋଳ ଭିଆଇ ଗାଆଁରେ ନାଆଁ ପକାଇବାକୁ ଯିବି ? ସେଇଥିପାଇଁ ଚୁପ୍‌ଚାପ୍ ରହିଗଲି । କାରଣ ମୁଁ କ'ଣ ଭିକାରି ମାଗିଖିଆ ହୋଇଚିକି ? ମୋ' ହାତରେ ତିରିଶିମାଣ ଚାଷଜମି ! ମୋ' ବଂଶ ହେଉଚି ଖାନଦାନ୍ ବଂଶ । ବୋରିନା ନାଆଁଟା ଏ ଇଲାକାରେ କାହାକୁ ଅଜଣା ଅଛି ? କିନ୍ତୁ ଯେତେ ଦୟା ବା ଉପରୋଧ ଦେଖାଇଲେ ସେ ମାଦଳଗୁଡ଼ାକ କ'ଣ ଶୁଣିବାକୁ ହେଲେ ରାଜି ଅଛନ୍ତି ?''—ସେଉଠୁ ସେ ଆପଣାର କୁଆଇଁ କଥା ଭାବିବାକୁ ଲାଗିଲା । ସେଠି ସେ କମାରଶାଳ ବସାଇଚି ଆଉ ଶଶୁର ବିରୁଦ୍ଧରେ ଗାଆଁ ଗୋଟାକର ସମସ୍ତଙ୍କୁ ଉସ୍‌କାଇବାରେ ଲାଗିଚି । ମୋ'ଠାରୁ ଛଅମାଣ ଚାଷଜମି ଆଉ ଚକଡ଼ାଏ ଜଙ୍ଗଲ ନେବବୋଲି ମୋ' ପଛେ ପଛେ ଗୋଡ଼ାଇଚି ! ସେ କହିଲା— ''ସେତିକି ଆଗନେଲେ ତା'ପରେ ପୁଣି ଅବଶିଷ୍ଟ ସମ୍ପତ୍ତିକୁ ମନ ବଳାଇବ ।''

''ହଁ, ମୋ' ଭାଗ୍ୟ ସେହିପରି ମନ୍ଦ । ମୁଁ ମରିବାତକ ଦିନେହେଲେ ଏ ଦହଗଞ୍ଜ ମୋତେ ଛାଡ଼ିବନାହିଁ ।''—ମନେମନେ ବଡ଼ ସନ୍ତପ୍ତ ହୋଇ ସେ ଭାବିବାରେ ଲାଗିଥାଏ । ମୁଁ କେତେଥର କହିଲିଣି, ଆରେ ବାବୁ, ସବରାତ କର । ମୁଁ ବଞ୍ଚିଥିବାତକ ମୋର ଜମିରୁ ମୁଁ ଚୁମୁଟାଏ ହେଲେ ମଧ୍ୟ କାହାରିକୁ ଦେବିନାହିଁ । ଆଉ ତୁ ଛଅମାଣକୁ ମନବଳାଉଚୁ କେମିତି ?''

ଦୁଧ ଦୁହିଁସାରି ୟୁଜ୍‌କା ଘରଭିତରକୁ ଆସିଲା । ଚୁଲିଉପରେ ଆଳୁ ହାଣ୍ଡିରେ ଆଳୁ ସିଝିବାରେ ଲାଗିଚି । ଭୋଜନ ପ୍ରସ୍ତୁତ ହେବାକୁ ଆଉ ଅଧିକ ବିଳମ୍ବ ହେବନାହିଁ ।

ୟୁଜ୍‌କା ! ମାଉଁସତକ ତୁ ନିଜେ ବିକିବୁ । ଆଉ କାହାରି ହାତକୁ ଦେବୁନାହିଁ । କାଲି ରବିବାର ଅଛି ଆଉ ଆମଘରେ ଗାଈ ମରାହୋଇଚି ବୋଲି ସମସ୍ତେ ଜାଣିଚନ୍ତି । ତେଣୁ ସମସ୍ତେ ନିଶ୍ଚୟ ଆସିବେ । କିନ୍ତୁ ମନେରଖିଥା, କାହାକୁ ଜଣକୁହେଲେ ବାକୀ ଦେବୁନାହିଁ । ହଁ, ପଛପଟ ଫଡ଼ିଆ ଦୁଇଟା ଘରେ ଖାଇବା ପାଇଁ ରଖିଦେବୁ । ଆନ୍ତୋଜ୍‌କୁ ଡାକି ତାହାଉପରେ ଲୁଣ ମଡ଼ାଇଦେବୁ ।''

''କିନ୍ତୁ କମାରପୁଅ କ'ଣ ସେତକ କରିପାରି ନାହିଁ ?''

''ହଁ, ସେ ତା'ର ଭାଗ ନପାଇ ଛାଡ଼ିବ କିପରି ? ମେଣ୍ଢାଟାରୁ ଗଧିଆକୁ ଭାଗ ନଦେଲେ ରକ୍ଷା ମିଳିବ କୁଆଡୁ ?''

''କିନ୍ତୁ ମାଗ୍‌ଡ଼ାର ମନ କଷ୍ଟନା ହେବନାହିଁ ? ଏଇଟା ହେଉଚି ଆମର ଗାଈ, ଆଉ ତାକୁ ସେଥିରୁ ଗୋଟାଏ ଭାଗ ଦିଆଯିବନାହିଁ ?''

''ଆଚ୍ଛା, ତେବେ ତୁ ଫଡ଼ିଆରୁ ଖଣ୍ଡେ କାଟି ମାଗ୍‌ଡ଼ା ଘରକୁ ପଠାଇଦେବୁ । କିନ୍ତୁ ମନେ ରଖିଥା, କମାର ପୁଅକୁ କେବେହେଲେ ଡାକି ଯିବୁନାହିଁ ।''

''ମୋ' ବାପା ଭାରି ଭଲ ବାପା !'

''ଆଚ୍ଛା ଝୁଅ, ମୁଁ ବାହାରିଲି । ତୁ ଘରେ ରହିଲୁ, ସବୁ କଥା ତୋତେ ଲାଗିଲା । ମୁଁ ଘରକୁ ଲେଉଟିଲା ବେଳକୁ ତୋ'ପାଇଁ ସହରରୁ ମିଠାଇଟାଏ କି ନିସ୍‌କୁଡ଼ିଟାଏ ନିଶ୍ଚୟ କିଣିକରି ନେଇଆସିବି ।''

Digitized by srujanika@gmail.com

ବୋରିନା ଖାଇବସିଲା, ଖାଇସାରି କମରପଟି ବାନ୍ଧିଲା, ଆପଣାର ଦରଉପୁଡ଼ା ଅଲରା ବାଳଗୁଡ଼ାକୁ ଟିକିଏ ସାଉଁଳେଇନେଲା ଏବଂ ହାତରେ ବାଡ଼ି ଧରି ଘର ଚାରିଆଡ଼କୁ ଅନାଇଲା ।

"ମୁଁ କିଛି ପାସୋରି ଯାଉନାହିଁ ତ ?"

ହଁ, ଆପଣାର ଅଧବଖୁରି ଭିତରକୁ ଯାଇ ଥରେ ଦେଖି ଆସିବାକୁ ତା'ର ଇଚ୍ଛା ହେଉଥିଲା । କିନ୍ତୁ ୟୁକ୍‌କାର ଆଖି ତା'ର ପଛେ ପଛେ ରହିଚି । ତେଣୁ ସେ ସଙ୍ଗେ ସଙ୍ଗେ ଶୂନ୍ୟରେ କ୍ରସ୍‌ଚିହ୍ନ ଅଙ୍କିତ କରି ଘରୁ ବାହାରି ପଡ଼ିଲା ।

ଦୁଆରକୁ ଆସି ସେ ଗାଡ଼ିରେ ବସିଲା, ହାତରେ ଲଗାମ ଧରିଲା ଓ ପିଣ୍ଡା କବାଟ ପାଖରେ ଠିଆ ହୋଇଥିବା ୟୁକ୍‌କାକୁ ଆଉଗୋଟାଏ ବୋଲ ବତାଇଗଲା—

"ଆଳୁଖୋଳା ସରିଗଲେ ତୁ ସେମାନଙ୍କୁ ଜଙ୍ଗଲକୁ ପଠାଇଦେବୁ । କାନ୍ଥରେ ଟଙ୍ଗାହୋଇଥିବା ଫଟ ପଛରେ ଖତ ଆଣିବାର ଅନୁମତିପତ୍ର ରହିଚି, ଜାଣିଲୁ ? ...ହଁ , ସେମାନଙ୍କୁ କହିବୁ ଜଙ୍ଗଲରୁ ସେମାନେ କେତେଟା ଗଜାଗଛ ମଧ କାଟି ଆଣିବେ । ଗାଡ଼ି ଉପରେ ବେଶ୍ ଚାଲିଆସିବ ।"

ଗାଡ଼ି ଯାଇ ବଗିଚାର ବାଡ଼ ପାରିହୋଇ ଗଲାବେଳକୁ ସେଉଗଛ ଭିତରୁ ଭିତେକ୍ ମଧ ଆଖିରେ ପଡ଼ିଗଲା ।

"ଆରେ ଭିତେକ୍, ମୁଁ କହିବାକୁ ଭୁଲିଗଲି ।...ହେଁ -ହେଁ —ଭିତେକ୍, ଶୁଭୁନାହିଁ କିରେ ? ତୁ ଆଜି ଗାଈନେଇ ନିଶ୍ଚୟ ପଡ଼ିଆକୁ ଯିବୁ, ବୁଝିଲୁ ? ହଁ, ସେମାନଙ୍କୁ ଭଲକରି ଚରାଇଆଣିବୁ । ନହେଲେ ମୁଁ ଘରକୁ ଆସିଲେ ପିଠିରେ ଏମିତି ବେତ ବାଜିବ ଯେ ଯେପରି ଆଉ ଦିନେହେଲେ ତୁ ତାହା ଭୁଲିପାରିବୁ ନାହିଁ ।"

"ଆଉ ତୁମେ ଯାଉଚ ସେ ମାଇପିଟାକୁ —"

"ଶଳା, ସେଥିରେ ତୋ'ର କଣ ଅଛି ବେ ? ଗାଡ଼ିରୁ ଓହ୍ଲାଇବି ଦେଖିବୁ ?"

ଡାହାଣଆଡ଼କୁ ମୋଡ଼ି ସେ ଗିର୍ଜାର ରାସ୍ତା ଧରି ଯିବାକୁ ଲାଗିଲା । ସେତେବେଳକୁ ସୂର୍ଯ୍ୟ ଚାଳକାନ୍ଥକୁ ଉଠିଗଲାଣି, ଟାଣଖରା ପାଏଁ ପାଏଁ ମାରୁଥାଏ । ଘରଚାଳମାନଙ୍କରୁ କୁହୁଡ଼ି କଟିଯାଇ ଉପରକୁ ଉଠିଯାଉଚି ଆଉ ଥୋପା ଥୋପା ହୋଇ ତଳକୁ ପାଣି ପଡ଼ିବାରେ ଲାଗିଚି । କିନ୍ତୁ ବାଡ଼ତଳେ ଓ ଗାତ ଭିତରେ ହିମ ଏପର୍ଯ୍ୟନ୍ତ ଧଳାହୋଇ ବସିରହିଥାଏ । ପୋଖରୀ ଉପରୁ ସକାଳ-ପହରର କୁହୁଡ଼ିଧୂଆଁ କ୍ରମେ ପାତଳା ହୋଇ ଆସିଲାଣି, ପୋଖରୀ ପାଣି ସୂର୍ଯ୍ୟକିରଣ ପଡ଼ି ଚକ୍‌ଚକ୍ କରୁଚି ।

ଗାଆଁ ଭିତରେ ନୂଆ ଦିନଟିର ଧନ୍ଦାମାନ ଆରମ୍ଭ ହେଉଥାଏ । ଆଜି ସକାଳେ ଭାରି ବଢ଼ିଆ ଖରାପାଗ ହୋଇଚି, ମନଉଲାସିଆ ଶୀତଳ ପବନ ବହୁଚି । ତେଣୁ ସାଧାରଣ ଦିନଗୁଡ଼ିକ ଅପେକ୍ଷା ଆଜି ଗାଆଁର ଜୀବନ ଅଧିକ ସଚଳ ଓ ସଜୀବ ହୋଇଉଠିଥିଲା ପରି ମନେହେଉଚି । ତେଣେ କେଉଁମାନେ ଦଳବାନ୍ଧି କୋଦାଳ ଆଉ କାଙ୍କ ନେଇ ଆଳୁ ଖୋଳିବାକୁ ବିଲକୁ

Digitized by srujanika@gmail.com

ଯାଉଚନ୍ତି । ହାତରେ ଖାଲେଇ ଭିତରେ ଦିନମାନର ଖାଇବା ବନ୍ଧାହୋଇ ଯାଉଚି । ଆଉ କିଏ ଫସଲ କଟାସରିଥିବା ଖେତରେ ପହିଲିଗାର ମାରିବେ ବୋଲି ଯାଉଚନ୍ତି । କିଏ ଗାଡ଼ି ଚଢ଼ି, ଅଖାରେ ବିହନ ଧରି ବାହାରିଚି । ଅନ୍ୟମାନେ କାଠ ସଂଗ୍ରହ କରି ଆଣିବାକୁ ଜଙ୍ଗଲଆଡ଼େ ଯାଉଚନ୍ତି, ସେମାନଙ୍କର କାନ୍ଧଉପରେ ବାହୁଙ୍ଗି ପଡ଼ିଚି । ପୋଖରୀର ଦୁଇପାଖଯାକ କ୍ରମେ ଅଧିକ କୋଳାହଳମୟ ହୋଇ ଉଠୁଚି । ହଠାତ୍ ଘାସକୁ ଯାଉଥିବା ଗାଈପଲ ଆସି ରାସ୍ତାରେ ଭିଡ଼ କରି ପକାଇଲେ । ସେମାନଙ୍କୁ ଦେଖି କୁକୁରଗୁଡ଼ାକ ଭୁକି ଉଠିଲେ, ଲୋକମାାନେ ପାଟିକରି ଉଠିଲେ । ରାତିର କାକରମଡ଼ା ଖାଇ ମାଟିଉପରେ ଆଂଶିକ ଭାବରେ ବସିଯାଇଥିବା ଧୂଳି ପୁଣି ଖୋଜମଡ଼ା ପାଇ ଉପରକୁ ଉଠିବାକୁ ଆରମ୍ଭ କଲା ।

ଗୋରୁପଲଙ୍କ ଭିତରେ ବୋରିନା ଗାଡ଼ି ଚଲାଇ ନେଉଥାଏ । ଘୋଡ଼ୀ ଆଗରେ କଦବା କେତେବେଳେ ମେଣ୍ଢାଛୁଆଟାଏ କି ବାଛୁରୀଟାଏ ହାବୁଡ଼ିଗଲେ, ସେ ଛାଟମାରି ସେମାନଙ୍କୁ ଘଉଡ଼ାଇ ଦେଉଥାଏ । ଶେଷକୁ ଅତି କଷ୍ଟରେ ଗାଡ଼ି ଗୋରୁପଲକୁ ପାରିହୋଇ ଆଗକୁ ବାହାରିଗଲା ଓ ଗିର୍ଜାଘର ପାଖରେ ଆସି ପହଞ୍ଚିଲା । ଧାଡ଼ିଏ ଉଚ ଉଚ ଗଛ ଏକାଠି ଠିଆହୋଇ ଗିର୍ଜାକୁ ରାସ୍ତାଉପରୁ ଉଢୁଆଳ କରି ରଖିଚନ୍ତି । ଗଛର ପତର ହଳଦିଆ ହୋଇ ଆସିଲାଣି । ସେଠୁ ବାହାରି ସେ ବଡ଼ରାସ୍ତାରେ ଆସି ପହଞ୍ଚିଲା । ରାସ୍ତାର ଦୁଇ ପାଖରେ ଦୁଇଧାଡ଼ି ପପ୍‌ଲାର ଗଛ ।

ଗିର୍ଜାର ଘଣ୍ଟା ବାଜିଉଠିଲା ଓ ବର୍ତ୍ତମାନ ଉପାସନା ଆରମ୍ଭ ହେବାକୁ ଯାଉଚି ବୋଲି ସୂଚନା ଦେଲା । ଗିର୍ଜାଘର ଭିତରୁ ବାଦ୍ୟଯନ୍ତ୍ର ଧ୍ୱନି ଶୁଣାଗଲା । ବୋରିନା ମୁଣ୍ଡଉପରୁ ଟୋପି କାଢ଼ିନେଇ ଅତ୍ୟନ୍ତ ଭକ୍ତିଭରେ ପ୍ରାର୍ଥନାମନ୍ତ୍ର ବୋଲିବାକୁ ଲାଗିଲା ।

ରାସ୍ତାରେ ଲୋକବାକ କେହି ଯା'ଆସ କରୁନଥାନ୍ତି । ଗଛରୁ ପାଚିଲା ପତର ଝରି ରାସ୍ତାଉପରେ ବିଛାଇ ହୋଇ ରହିଥାଏ, ରାସ୍ତାରେ ଥିବା ସମସ୍ତପ୍ରକାର ଖମା ଓ ଖାଲକୁ ଭରାଇଦେଇ ମଉଳନ ପଡ଼ିଆସିଥିବା ସୁନାରଙ୍ଗର ଗାଲିଚା ପରି ବିଛାଇ ହୋଇ ରହିଥାଏ । ମାଟିଉପରେ ମଡ଼ିଥିବା ସିଅଗୁଡ଼ାକ ମଧ ଏହି ପତରରେ ବୁଡ଼ିଥାଏ । ରାସ୍ତା ସେପାଖରେ ଉଦୟ ହୋଇଥିବା ସୂର୍ଯ୍ୟଙ୍କର ଖରାପଡ଼ି ଗଛଗୁଡ଼ିକର ଛାଇ ରାସ୍ତାଉପରେ ସତେଅବା ଲମ୍ବ ଲମ୍ବ ଗାରମାନ ଟାଟିଦେଇ ଥାଏ ।

"ଚାଲରେ ଛଡ଼ା, ବେଗି ଚାଲ !"—ଉଠାଣି ବାଟ ପଡ଼ିବାରୁ ସେ ଘୋଡ଼ୀପିଠିରେ ପାହାରେ ମାରିଦେଇ କହିବାକୁ ଲାଗିଲା । ଆଗରେ ଥିବା ଜଙ୍ଗଲ ଦୂରରୁ କଳା ହୋଇ ଦେଖାଯାଉଥାଏ ।

ଚାରିଆଡ଼ ଭାରି ଶୂନ୍‌ଶାନ୍ । ବୋରିନାକୁ ଭାରି ନିଦ ମାଡୁଥାଏ । ଗଛଗୁଡ଼ିକର ଫାଙ୍କରେ ଆଖି ବଡ଼ାଇ ସେ ସକାଳର ଗୋଲାପୀ କିରଣରେ ପ୍ଲାବିତ ହୋଇ ରହିଥିବା ଶସ୍ୟଖେତଗୁଡ଼ିକ ଆଡ଼କୁ ଅନାଇଲା ଓ ଇଭାର ଅଭିଯୋଗ ଏବଂ କାଲି ମରିଥିବା ଗାଈର

Digitized by srujanika@gmail.com

କଥା ଭାବିବାକୁ ଲାଗିଲା । ତଥାପି ତା'ର ଆଖିରୁ ନିଦ ଛାଡ଼ିଲାନାହିଁ, ବରଂ ଅଧିକରୁ ଅଧିକ ମାଡ଼ିଆସିଲାପରି ମନେହେଲା । ବଣବୁଦାର ଉହାଡ଼ରେ କେତେପ୍ରକାରର ଚଢ଼େଇ କେଁକଟର ହେଉଥାନ୍ତି, ଗଛଅଗରେ ପବନ ମର୍ମରଶବ୍ଦ କରି ବହିଯାଉଥାଏ । କୋଉଠି କୋଉ ଖଞ୍ଜରେ ଗଛର କୋଉ ନିଭୃତରୁ ଗୋଟିଏ ଗୋଟିଏ ପାଚିଲା ପତର ଖସିପଡ଼ି, ଠିକ୍ ଗୋଟିଏ ସୁନେଲି ପ୍ରଜାପତି ପରି ଆସି ଥରେ ଦୁଇଥର ଭଉଁରୀ କାଟି ଆସି ରାସ୍ତାଉପରେ ପଡ଼ିଯାଉଥାଏ । ବା କୌଣସି କଣ୍ଟାବୁଦା ଭିତରେ ଆସି ଲାଖି ରହୁଥାଏ । କଣ୍ଟାଗଛଗୁଡ଼ାକ ସତେଅବା ଜଳନ୍ତା ଆଖିମାନ ତରାଟି ଭାରି ଦର୍ପରେ ଖରାଆଡ଼କୁ ଅନେଇ ରହିଥାନ୍ତି । ପପ୍‌ଲାର୍ ଗଛଗୁଡ଼ିକ ଆପଣା ଆପଣା ଭିତରେ କଥାବାର୍ତ୍ତା ଆରମ୍ଭ କରି ଦେଇଥାନ୍ତି ଏବଂ ଈଷତ୍ ଆନ୍ଦୋଳିତ ଡାଳ ଭିତରୁ କାହାକୁ କ'ଣ କେତେପଦ ଫୁସ୍‌ଫୁସ୍ କଥା କହିଦେଇ ତା'ପରେ ନିସ୍ତବ୍‌ଧ ହୋଇ ଯାଉଥାନ୍ତି ।

ଶେଷକୁ ଯେତେବେଳେ ଗାଡ଼ି ଆସି ଜଙ୍ଗଲ ପାଖରେ ପହଞ୍ଚିଲା ଓ ଯେତେବେଳେ ଘୋଡ଼ୀ ଆଉ ଆଗକୁ ନ ଯାଇ ଅଟକି ଠିଆହୋଇ ରହିଲା, ସେତେବେଳେ ଯାଇ ବୋରିନାର ନିଦ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଗଲା ।

''ଏଇ ଚକଟାରେ ମାଣ୍ଡିଆଫସଲ ଭାରି ଭଲ ହୋଇଚି ।''—ଖରାପଡ଼ିଥିବା ଧୂସର ଖେତଗୁଡ଼ାକୁ ଅନାଇ ସେ ମନେମନେ ଭାବିଲା । ସେତେବେଳକୁ ମାଣ୍ଡିଆ ଗଛରୁ ମାଟିଆ ଶିଁଷାମାନ ବାହାରି ଆସିଲାଣି ।

''ମୋରି ଜମିପାଖକୁ ଲାଗିକରି ଏଠାରେ ବେଶ୍ ଚକେ ଜମି ରହିଚି । ସତେଅବା ବରାଦ କରି ଭଗବାନ ଏ ଖଣ୍ଡଟାକୁ ଏଠାରେ ଆଣି ରଖିଦେଇଚନ୍ତି । ଖୁବ୍‌ସମ୍ଭବ ଏଠି ଟିକିଏ ବିଳମ୍ବରେ ମାଣ୍ଡିଆ ବୁଣା ହୋଇଚି ।''—ଏବେ ଓର ମଡ଼ାହୋଇଥିବା ଜମିଆଡ଼କୁ ଲୋଲୁପ ଦୃଷ୍ଟିପାତ କରି ସେ ଦୀର୍ଘଶ୍ୱାସ ପକାଇଲା ଓ ଜଙ୍ଗଲଭିତରେ ପ୍ରବେଶ କଲା ।

ଜଙ୍ଗଲ ଭିତରର ହେମାଳ ପବନ ତା'ର ମୁହଁଉପରେ ସିରିସିରି ହୋଇ ପିଟିବାକୁ ଲାଗିଲା ଓ ତଦ୍ୱାରା ବୋରିନାର ନିଦ ଏକାବେଳେକେ ଭାଙ୍ଗିଗଲା ।

କୋଉକାଳର ଏଇ ଜଙ୍ଗଲ, ଯୋଜନ ଯୋଜନ ଲମ୍ବିକରି ରହିଚି । ବୟସରେ ଯେତିକି ପୁରାତନ, ଘନତାରେ ମଧ ସେତିକି ଭୟଙ୍କର ଓ ଶାଳୀନ । ପ୍ରାୟ ସବୁ ଗଛ ହେଉଛି ପାଇନ୍ ଗଛ, ତଥାପି ଏଠିସେଠି ଗୋଟାଏ ଦୁଇଟା ଓକ୍ ଗଛ ମଧ ଦେଖିବାକୁ ମିଳୁଚି । କୋଉଠି କଦବା ଭୁର୍ଜଗଛର ଧୋବଲା କାଣ୍ଡମାନ ଠିଆହୋଇ ରହିଚି ଓ ପବନର ପ୍ରସାର ଭିତରେ ଆପଣାର ପୀତାଭ ପତ୍ରଗୁଚ୍ଛମାନଙ୍କୁ ପ୍ରସାରିତ କରି ରହିଚି । ବଡ଼ ବଡ଼ ଗଛ ତଳେ କେତେଭଳି କଣ୍ଟାବୁଦା ଓ କୋଳିଗଛମାନ ପାଇନ୍ ଗଛର ଅତିକାୟ ମୂଳଗୁଡ଼ିକୁ ପରିବେଷ୍ଟନ କରି ରହିଚି । ତାଳପତ୍ରରେ ଛନ୍ଦିହୋଇ ରହିଥିବା ଏହି ଘନଜାଲ ଭେଦ କରି ସୂର୍ଯ୍ୟର କିରଣ ଭଲକରି ଭିତରକୁ ଭେଦକରି ଆସିପାରୁନାହିଁ । ଏଠିସେଠି ଯେଉଁଠି କିରଣର ରେଖାମାନ ପଡ଼ିଚି, ସେଠାରେ ସେଗୁଡ଼ିକ ଚକ୍‌ଚକ୍ ରଙ୍ଗର କୌଣସି ପୋକପରି ନାନାପ୍ରକାର ଶିଉଳି ଓ

Digitized by srujanika@gmail.com

ମଉଳା ନାଲିଆ ପାଣି ଘାସଡାପରେ ଘୁଷୁରି ଘୁଷୁରି ବୁଲୁଥିବାପରି ମନେହେଉଚି ।

''ଏଇ ଜଙ୍ଗଲ ଅରାକଯାକ ମୋର—ଏଇ ଚାରିମାଣଯାକ ।''—ଜଙ୍ଗଲର ଏହି ପ୍ରସାରକୁ ଆପଣାର ଦୃଷ୍ଟିଦ୍ୱାରା ପାନକରି ନେଉନେଉ ସେ ଭାବିବାକୁ ଲାଗିଲା । ଜଙ୍ଗଲରେ ଯେଉଁଠି ସବୁ ପାକଳ ଗଛମାନ ଥିଲା, ସେହିସବୁର କଳ୍ପନାରେ ସେ ଭାରି ଗୌରବ ଅନୁଭବ କଲା ।

''ନା—ଭଗବାନ ଆମର କାହିଁକି କ'ଣ ଲୋକସାନ କରିବେ ? ଅନ୍ୟ ଲୋକମାନେ ମଧ ଆମର କୌଣସି ଲୋକସାନ କରିବାକୁ ଆମେ ଦେବୁ ବା କାହିଁକି ? ଜଙ୍ଗଲାତ୍ ଲୋକମାନେ ହୁଏତ ଭାବୁଚନ୍ତି ଯେ ଆମ ଭାଗରେ ଗୁଡ଼ାଏ ଜଙ୍ଗଲ ପଡ଼ିଯାଇଚି । ଆମେ ଭାବୁଚୁ, ଆମ ହାତରେ ଯାହା ଅଛି, ତାହା ଅତି ଅଳ୍ପ, ଆମର କାମକୁ ପାଇବନାହିଁ, ତେଣୁ ଆହୁରି ଅଧିକ ଥିଲେ ଭଲ ହୋଇଥାନ୍ତା । ଆଚ୍ଛା, ବର୍ତ୍ତମାନ ହିସାବ କରି ଦେଖାଯାଉ — ମୋ'ର ଚାରିମାଣ ଆଉ ଯଗ୍‌ନାର ଭାଗ ଏକମାଣ—ଚାରିମାଣ ଆଉ ଏକମାଣ ମିଶାଇଲେ...ହେ ଘୋଡ଼ୀ, ସେମିତି ପେଗୋଉଚୁ କାହିଁକି, ଭଲକରି ଚାଲ ! କ'ଣ ଡର ମାଡୁଚି ?''—ହାତରେ ଧରିଥିବା ପାଞ୍ଚଣରେ ସେ ଘୋଡ଼ୀ ପିଠିରେ ପାଏଁକରି ଗୋଟାଏ ପାହାର ବଜାଇଦେଲା । କାରଣ କ୍ରୁଶବିଦ୍ଧ ଯୀଶୁଙ୍କର କାଠର ମୂର୍ତ୍ତି ଝୁଲୁଥିବା ସମ୍ମୁଖର ସେହି ଶୁଖିଲା ଗଛଟାରେ ନୀଳକଣ୍ଠ ଚଢ଼େଇଗୁଡ଼ାକ ଏପରି ଚେଁ ଚେଁ ହେଉଥିଲେ ଯେ ସେହି ଶବ୍ଦ ଶୁଣିପାରି ଘୋଡ଼ୀର ଦୁଇଟାଯାକ କାନ ଖାଡ଼ା ଠିଆହୋଇଯାଇଥିଲା ଏବଂ ତା'ର ଗୋଡ଼ ରହିଯିବା ପରି ମନେ ହେଉଥିଲା ।

''ନୀଳକଣ୍ଠ ଚଢ଼େଇ କଜିଆ କରି ରାଉରାଉ ଶବ୍ଦ କଲେ ନିଶ୍ଚୟ ପାଣି ବର୍ଷିବ ।''—ବୋରିନା ଆପଣା ମନଭିତରେ ଧୀରେଧୀରେ କହିବାକୁ ଲାଗିଲା ଏବଂ ଆହୁରି କେତେ ଛାଟ ପାହାର ବସାଇ ଘୋଡ଼ୀର ଥିରିଚାଲିକୁ ମନ୍ଥର ଟାପୁଶବ୍ଦରେ ପରିଣତ କରିଦେଲା ।

ପ୍ରାୟ ଆଠଟା ବାଜିସାରିବଣି, କାରଣ ଖେତରେ କାମ କରୁଥିବା ଚାଷୀମାନେ ଖେତକାମ ସାରି ସକାଳର ଖାଇବା ଖାଇବସିଚନ୍ତି । ଏହିସମୟରେ ସେ ଆସି ଟାଇମଘରେ ପହଞ୍ଚିଲା । ଅତି ଛୋଟିଆ ସହରଟିଏ, ଛୋଟଛୋଟ ନିଛାଟିଆ ରାସ୍ତାର ଦୁଇପାଖରେ ସତେଅବା ଦୋକାନ ମେଲି ବସିଥିବା ବୁଢ଼ୀଙ୍କପରି ଭଙ୍ଗା ପୁରୁଣା ଘରମାନ ଠିଆହୋଇ ରହିଚି । ଦୁଇପାଖର ନର୍ଦ୍ଦମାରେ ଦୁନିଆଯାକର ଆବର୍ଜନା ଭର୍ତ୍ତିହୋଇ ରହିଚି—ମଇଳା ଇହୁଦୀ ଛୁଆଗୁଡ଼ାକ ରାସ୍ତା ଉପରେ ଲଙ୍ଗରପଙ୍ଗର ହେଉଚନ୍ତି—ଏଠିସେଠି ଘୁଷୁରିଗୁଡ଼ାକ ମଧ ପଲପଲ ବୁଲୁଚନ୍ତି ।

ସହର ଭିତରେ ପ୍ରବେଶ କରୁକରୁ ଇହୁଦୀ ପୁରୁଷ ଓ ସ୍ତ୍ରୀଲୋକମାନେ ତା'ର ଚାରିପାଖରେ ଘେରି ରୁଣ୍ଡ ହୋଇଗଲେ, ଭାରି କୁତୂହଳୀ ହୋଇ ତା'ର ଗାଡ଼ିଭିତରକୁ ଚାହିଁ ଦେଖିଲେ, ଗାଡ଼ି ଭିତରେ ବିଛାହୋଇଥିବା ପାଳକୁଟା ଭିତରକୁ ହାତ ଅଣ୍ଡାଳି ଦେଖିଲେ, ବସିବା ଥାନଟାକୁ ମଧ ଉପରକୁ ଟେକି ଦେଖିବାକୁ ଲାଗିଲେ, କାଳେ ସେ ବିକିବାଲାଗି ସଙ୍ଗରେ କୌଣସି ଜିନିଷ ଆଣିଥିବ !

Digitized by srujanika@gmail.com

''ପଳା, କ'ଣ ସବୁ ଅଣ୍ଡାଳି ପଶିଲ ? ମେଳେଛ ମାଗିଖିଆଗୁଡ଼ାକ !'' ପାଟିକରି ଧମକ ଦେଖାଇଲା ପରି ବୋରିନା ଗର୍ଜନ କରି କହିଲା ଓ ତା'ପରେ ବଜାରଥାଡ଼କୁ ଆଖି ପକାଇ ଦେଖିବାକୁ ଲାଗିଲା । ସେଠି କେତେଟା ଦରମରା ପାଙ୍ଗର୍ ଗଛର ଛାଇରେ ଚଉରାସ୍ତା ଉପରେ କେତେଟା ଗାଡ଼ି ଥୁଆ ହୋଇରହିଥାଏ । ଗାଡ଼ିର ଘୋଡ଼ାଗୁଡ଼ିକ ଗାଡ଼ିରୁ ଫିଟି ଏଣେତେଣେ ଚରି ବୁଲୁଥାନ୍ତି ।

ଆପଣାର ଗାଡିଟିକୁ ଅଡ଼ାଇନେଇ ସେ ସେହିଠାରେ ରଖିଲା ଓ ଆପଣାର କୋଟ୍‌ରେ ଲାଗିଥିବା କୁଟାକୁ ଝାଡିଝୁଡ଼ି ଦେଇ ଖିଅର ହେବାପାଇଁ ସିଧା ଭଣ୍ଡାରି ଦୋକାନକୁ ଗଲା । କିଛି ସମୟପରେ ସେଠୁ ସେ ଚିକଣମୁହଁ ହୋଇ ବାହାରକୁ ଆସିଲା । ଅବଶ୍ୟ ଥୋଡ଼ି ଉପରେ କେବଳ ଗୋଟାଏ ଜାଗାରେ ଖୁର ବାଜି ଟିକିଏ କାଟିହୋଇ ଯାଇଥାଏ, ସେହି କଟାଥାନ ଉପରେ କାଗଜର ଗୋଟାଏ ପଟି ପଡ଼ିଥାଏ, ପଟିତଳୁ ରକ୍ତବିନ୍ଦୁମାନ ବାହାରି ବାହାରକୁ ଦେଖାଯାଉଥାଏ ।

ଏ ପର୍ଯ୍ୟନ୍ତ କଚେରି ଖୋଲିନାହିଁ । କିନ୍ତୁ ବଜାରଛକର ଡାହାଣପାଖକୁ ଅବସ୍ଥିତ କୋଠାଘରେ ବେଶ୍ କେତେଲୋକ ରୁଣ୍ଡ ହୋଇଥାନ୍ତି । କିଏସବୁ କଚେରିଘରର ପୁରୁଣା ପାହାଚ ଉପରେ ବସିଥାନ୍ତି ତ ଆଉ କେଉଁମାନେ ଝରକା ବାହାରେ ଝରକାକୁ ଆଉଜିକରି ବସିଥାନ୍ତି । ଧଳା ପାଚେରିର କଡ଼େ କଡ଼େ ସ୍ତ୍ରୀ ଲୋକମାନଙ୍କର ମେଳା ବସିଥାଏ । ସେମାନଙ୍କ ଭିତରେ କେତେଆଡ଼ର କେତେ ଗପ ପଡ଼ିଥାଏ । ଏଠାରେ ଆସି ପହଞ୍ଚିଲା ବେଳେ ସେମାନଙ୍କ ମୁଣ୍ଡ ଉପରେ ଯେଉଁ ନାଲି ଝାଡ଼ଣ ବନ୍ଧା ହୋଇଥିଲା, କଥା ବାଉଳାରେ ବର୍ତ୍ତମାନ ସେଗୁଡ଼ିକ କାନ୍ଧ ଉପରକୁ ଖସିପଡ଼ିଲାଣି ।

ବୋରିନା ଲକ୍ଷ୍ୟ କରି ଦେଖିଲା ଯେ ଏହିପରି ଗୋଟିଏ ଜାଗାରେ ହାତରେ ପିଲାଟିକୁ ଧରି ଇଭା ମଧ ବସିଚି, ତା'ପକ୍ଷର ସାକ୍ଷୀମାନେ ତାକୁ ଘେରିକରି ବସିଚନ୍ତି । ଦେଖିଲାମାତ୍ରକେ ତା'ର ହାଡ଼ଭିତର ରାଗରେ ଜଳି ଉଠିଲା । ବିରକ୍ତିର ଆତିଶଯ୍ୟରେ ସେ ବାରବାର ଥୁ'ଥୁ' କରି ଛେପ ପକାଇବାକୁ ଲାଗିଲା ଏବଂ ଅଫିସରମାନଙ୍କର ନିବାସଗୃହ ମଝିରେ ପଡ଼ିଥିବା ବାରଣ୍ଡାର ଅନେକ ଦୂରକୁ ଚାଲିଯାଇ ପ୍ରାୟ ସେ ମୁଣ୍ଡରେ ଯାଇ ପହଞ୍ଚିଲା । ବାଆଁପାଖରେ କଚେରି ଘର । ଡାହାଣ ପାଖରେ କଚେରିର ସମ୍ପାଦକଙ୍କର ଅଫିସ୍ ।

ଠିକ୍ ସେହି ସମୟରେ ଚାକର ଯାସେକ୍ ହାତରେ ଗୋଟିଏ ଉଠାଚୁଲି ହଲାଇ ହଲାଇ ଚାଲିଯାଉଥାଏ । ଚୁଲି ଭିତରୁ ବାହାରୁଥିବା ଧୂଆଁ ଠିକ୍ କୌଣସି ଚେମଣିର ଧୂଆଁ ପରି ବାହାରିବାରେ ଲାଗିଥାଏ । ସେହି ଧୂଆଁରେ ଅସ୍ପଷ୍ଟ ହୋଇ ଦେଖାଯାଉଥିବା ସେପାଖ କଣରୁ କାହାର ରୋଷାନ୍ୱିତ କଟୁକଣ୍ଠ ଶୁଣାଯାଉଥାଏ —

''ଯାସେକ୍, ବୋହୁସାଆନ୍ତାଣୀଙ୍କର ଜୋତା !''

''ଦଉଚି, ଦଉଚି !''

'ଯାସେକ୍, ବାବୁ ମୁହଁ ଧୋଇବେ, ପାଣି ଆଣ !''

Digitized by srujanika@gmail.com

''ହଁ ହଁ, ଏଇ ଆଣିଲିବୋଲି ଜାଣ !''

ତା'ର ଦେହରୁ ଗୋଟାସୁଦ୍ଧା ଝାଳ ବୋହିଯାଉଥାଏ । ସମସ୍ତଙ୍କର ବୋଲ ଅନୁସାରେ କାମ କରିବାକୁ ତାକୁ ବାରଣ୍ଡାଯାକ ନସରପସରହୋଇ ଦଉଡ଼ିବାକୁ ହେଉଥାଏ ।

ଏହିପରି କିଛିସମୟ ପର୍ଯ୍ୟନ୍ତ ଏହିସବୁ ଅଭିନୟ ଚାଲିବାପରେ ଶେଷକୁ କଚେରିର କବାଟ ଫିଟିଲା ଏବଂ ଏବେ ଚୂନ ଧଉଳା ହୋଇଥିବା ସେହି କକ୍ଷଟିକୁ ପୂର୍ଣ୍ଣ କରି ଚାରିଆଡୁ ଅନେକ ମଣିଷ ଆସି ସେଠାରେ ଜମାହେବାକୁ ଲାଗିଲେ ।

ଏଠି ମଧ ୟାସେକ୍ ଆସି ହାଜର । କିନ୍ତୁ ଚାକର ହିସାବରେ ନୁହେଁ, ଅର୍ଦ୍ଦଳି ହିସାବରେ । ତା'ର ଗୋଡ଼ରେ ଜୋତା ନାହିଁ । ଗାଢ଼ ବାଇଗଣି ରଙ୍ଗର ପେଣ୍ଟ୍ ଆଉ କୁରୁତା ପିନ୍ଧିଚି, ପିତଳର ବଡ଼ବଡ଼ ବୋତାମ ଲଗାଇଚି । ତା'ର ରଙ୍ଗାମୁହଁରୁ ଗମଗମ ଝାଳ ବୋହିବାରେ ଲାଗିଚି, କେତେବେଳେ ଗୋଟାଏ କନ୍ଦି ଭିତରକୁ ପଶିଯାଇ ସେ ତରତର ହୋଇ ଆପଣା କମିଜରେ ମୁହଁର ଝାଳକୁ ପୋଛିଦେଇ ପୁଣି ତତ୍‌କ୍ଷଣାତ୍ ବାହାରକୁ ବାହାରି ଆସୁଚି । ମାଛି କାମୁଡ଼ି ପକାଉଥିଲା, କୌଣସି ଏକ ଘୋଡ଼ା ପରି (କାରଣ ତାହାର କହରା ବାଳଗୁଡାକ ମୁହଁ ଉପରକୁ ପଡ଼ି ଆଖିଭିତରକୁ ପଶିପଶି ଯାଇଚି) ମୁଣ୍ଡକୁ ହଲାଇ ହଠାତ୍ ସେ ଦଣ୍ଡେ ଫୁରସତ ନେବ ବୋଲି ଉହ୍ଲେଇ ପାଖରେ ଯାଇ ଥିରହୋଇ ବସିପଡ଼ିଲା ଓ ଉଙ୍କିମାରି ଆରଘର ଭିତରକୁ ଅନାଇଲା ।

ସେତେବେଳକୁ ସେହି ଘରଭିତରେ ମଣିଷ ଭିଡ଼ରେ ଅଣନିଶ୍ୱାସୀ ହୋଇଗଲାପରି ଲାଗିଲାଣି । ଲୋକମାନେ ଚାରିଆଡୁ କ୍ରମେ ଖୁନ୍ଦିଖାନ୍ଦିହୋଇ ଆସୁଚନ୍ତି । ସେମାନଙ୍କର ପାଟି- ତୁଣ୍ଡରେ ସମସ୍ତ କକ୍ଷଟି ପ୍ରତିଧ୍ୱନିତ ହୋଇ କମ୍ପିବାରେ ଲାଗିଚି ।

ବାହାରେ ଝରକାତଳେ ଇହୁଦୀମାନଙ୍କର ଚବରଚବର ଶବ୍ଦ ଶୁଣାଯାଉଚି । ଘରଭିତରେ ସ୍ତ୍ରୀଲୋକମାନେ କେତେପ୍ରକାର ଅଭିନୟ ଓ ପ୍ରଦର୍ଶନ କରି ସେମାନଙ୍କ ଉପରେ ହୋଇଥିବା ଅନ୍ୟାୟଗୁଡ଼ିକର ବର୍ଣ୍ଣନା କରୁଚନ୍ତି, ଏବଂ କହୁ କହୁ ଆହୁରି ଅଧିକ ବଡ଼ ପାଟିରେ ବାହୁନିବାରେ ଲାଗିଚନ୍ତି । କିନ୍ତୁ ପ୍ରକୃତରେ ସେମାନଙ୍କ ଉପରେ କ'ଣସବୁ ଅନ୍ୟାୟ କରାହୋଇଚି, ସେକଥା ଠିକ୍‌କରି ଜାଣିବାକୁ କାହାର ଜ୍ଞ ନାହିଁ । ସମସ୍ତେ ଘେଁସାଘେଁସି ହୋଇ ଠିଆହୋଇ ରହିଚନ୍ତି, ଅନାଇଦେଲାବେଳକୁ ଘନହୋଇ ବଢ଼ିଥିବା ଗୋଟିଏ ମାଣ୍ଡିଆ କିଆରି ପରି ମନେହେଉଚି । ଶୂନ୍ୟରେ କେତେକେତେ ହାତ କେତେ ଢଙ୍ଗରେ ଦୋହଲିବାରେ ଲାଗିଚି, କେତେ ତୁଣ୍ଡରୁ କେତେ ପ୍ରକାଶ୍ୟ ଓ ଅର୍ଦ୍ଧପ୍ରକାଶ୍ୟ ଶବ୍ଦ ବାହାରି ଘର ଧ୍ୱନିତ ହୋଇଉଠୁଚି ।

ଏତିକିବେଳେ ବୋରିନା ଉପରେ ଇଭାର ନଜର ପଡ଼ିଗଲା । ଆଉ ତାକୁ ଅଟକାଇ ରଖୁଚି କିଏ, ତା'ର ମୁହଁରୁ ଗାଳି ଉପରେ ଗାଳି ବରଷିବାରେ ଲାଗିଲା । ଏଥିରେ ବୋରିନା ବା ଆଉ କେତେ ସମୟ ସମ୍ଭାଳି ହୋଇ ରହନ୍ତା ? ସେ ମଧ ଗରମାଗରମ ଜବାବ ଦେବାକୁ ଲାଗିଲା ।

''ଚୁପ୍ ହ' କହୁଚି କୁତୀ । ଆଉ ବେଶୀ ବକବକ ହେଲେ ତୋ' ମୁହଁକୁ ଏମିତି ବଙ୍କା କରିଦେବି ଯେ ତୋ'ର ମାଆ ମଧ ତୋତେ ଚିହ୍ନି ପାରିବ ନାହିଁ ।''

Digitized by srujanika@gmail.com

ଏକଥା ଶୁଣି ବଡ଼ ଉତ୍ତେଜିତ ଓ ଅଧୀର ହୋଇ ଭଉ ଆହୁରି ଆଗକୁ ମାଡ଼ିଆସିଲା ଏବଂ ବୋରିନାର ପାଖକୁ ଚମକି ଆସିବାକୁ ଚେଷ୍ଟାକଲା । କିନ୍ତୁ ଏହି ସମୟରେ ତା'ର ମୁଣ୍ଡର ଝାଡ଼ଣଟା ଖସି ତଳେ ପଡ଼ିଗଲା ଓ ପିଲାଟା ମଧ ପଡ଼ିଯାଇ ଡକା ପାରିବାକୁ ଲାଗିଲା । ଠିକ୍ ସେତିକିବେଳେ ପାଖରୁ ଭିତର କବାଟଟା ଫିଟାଇଦେଇ ୟାସେକ ପାଟିକରି କହିଲା —

''ପାଟି ବନ୍ଦ କର, ବର୍ତ୍ତମାନ ହାକିମ ଆସୁଚନ୍ତି !''

ହଁ, ପ୍ରକୃତରେ ହାକିମ କଚେରିଘରେ ପ୍ରବେଶ କଲେ । ତାଙ୍କ ପଛରେ ଦୁଇଜଣ ସହକାରୀ ଓ ପେସ୍କାର । ପାଖରେ ପଡ଼ିଥିବା ଗୋଟାଏ ଟେବୁଲ ପାଖରେ ପେସ୍କାର ଆସନ ଗ୍ରହଣ କଲେ ଓ କ'ଣସବୁ କାଗଜପତ୍ର ସଜାଡ଼ିକରି ରଖିଲେ । ହାକିମ ତିନିଜଣ ଆଗ ଆପଣାର ସୁନାଚେନ୍‌ଗୁଡ଼ିକୁ ବେକରେ ନେଇ ପକାଇଲେ, ନାଲିଆ କନା ପଡ଼ିଥିବା ଗୋଟିଏ ସବୁଜ ରଙ୍ଗର ଟେବୁଲ ସେପାଖରେ ଯାଇ ଉପବେଶନ କଲେ ।

ଘରଭିତରେ ସମସ୍ତେ ଚୁପ୍‌ଚାପ—ଏହି ନୀରବତା ଭିତରୁ ଝରକା ବାହାରେ କଥାବାର୍ତ୍ତା ହେଉଥିବା ଲୋକମାନଙ୍କର ପାଟିତୁଣ୍ଡ ପରିଷ୍କାର ଭାବରେ ଶୁଣାଯାଉଥାଏ । କଚେରି ଆରମ୍ଭ ହେଲା ।

ପ୍ରଥମେ ମକଦ୍ଦମାଟି ଜଣେ ପୋଲିସ୍ କନେଷ୍ଟବ୍‌ଲ୍ ଜଣେ ଖୁଚୁରା ବେପାରୀ ବିରୁଦ୍ଧରେ ଦାଏର କରିଥିଲା । ବେପାରୀଟି କୁଆଡ଼େ ତା'ର ଘର ଦୁଆରେ କ'ଣସବୁ ଭ୍ରଷ୍ଟାଚାର କରିଥିଲା । ଆସାମୀର ଅନୁପସ୍ଥିତିରେ ତା'ର ଦୋଷ ସାବ୍ୟସ୍ତ ହେଲା ।

କୌଣସି ଏକ ଗାଈଆଳ ଟୋକା କାହାର ବାଡ଼ିରେ ନେଇ ଘୋଡ଼ା ଭର୍ତ୍ତିକରି ଦେଇଥିଲା ବୋଲି ବାଡ଼ିର ମାଲିକ ତାକୁ ପ୍ରହାର କରିଥିଲା । ତାହାରି ଅଭିଯୋଗର ଶୁଣାଣି ହୋଇ ଦ୍ୱିତୀୟ ମକଦ୍ଦମାଟି ପଡ଼ିଲା । ହାକିମ ଦୁଇପକ୍ଷ ଭିତରେ ମିଳାମିଶା କରିଦେଲେ । ପିଲାଟିର ମାଆ ପାଞ୍ଚ ରବଲ୍ କ୍ଷତିପୂରଣ ପାଇଲା, ପିଲାଟିକୁ ମଧ ନୂଆ ପ୍ୟାଣ୍ଟ ଓ ଜାମା ମିଳିଲା ।

ତା'ପରେ କାହାର ଜମିରେ କିଏ ଜବରଦସ୍ତି ହଳ କରିଥିବାର ଅଭିଯୋଗ ଆସିଲା । ପ୍ରମାଣ ନମିଳିବାରୁ ତାହା ଖାରଜ କରାଗଲା ।

ତା'ପରେ ଜଙ୍ଗଲରୁ କାଠ ଚୋରି କରିଥିବା ମକଦ୍ଦମା ପଡ଼ିଲା । ଜଙ୍ଗଲ ହେଉଚି ଖୋଦ୍ ଜମିଦାରଙ୍କର ସମ୍ପତ୍ତି । ମୁଦେଇ ସରକାର, ମୁଦାଲା ହେଉଚନ୍ତି ଗୋଟିଏ ଗାଆଁର ସମସ୍ତ ଗ୍ରାମବାସୀ । ଗ୍ରାମବାସୀମାନଙ୍କ ଉପରେ ଜୋରିମାନା ଦଣ୍ଡ ଘୋଷଣା କରାଗଲା । ଜୋରିମାନା ନଦେଲେ ପନ୍ଦରଦିନ ଜେଲ୍ । ଲୋକମାନେ ଉପରକୋର୍ଟରେ ଅପିଲ କରିବାର ନୋଟିସ୍ ଦେଲେ । ହାକିମଙ୍କର ଏହି ରାୟଦେବା ବଡ଼ ଅନ୍ୟାୟ ହୋଇଚି ବୋଲି ଓ ଜଙ୍ଗଲରୁ ଜାଳେଣିକାଠ ସଂଗ୍ରହ କରିବା ବିଷୟରେ ପ୍ରଜାମାନେ ଚିରଦିନ ଉପଭୋଗ କରିଆସୁଥିବା ଅଧିକାରର ଖିଲାପ କରାଯାଉଚି ବୋଲି ସେମାନେ ଏପରି ପାଟି କରିବାକୁ ଆରମ୍ଭ କଲେ ଯେ ଶାନ୍ତିରକ୍ଷା କରାଇବାପାଇଁ ସବା ବଡ଼ ହାକିମ ୟାସେକ୍‌କୁ ଇସାରା ଦେଲେ । ୟାସେକ୍ ଗର୍ଜନ କରି କହିଲା—

Digitized by srujanika@gmail.com

''ଚୁପ୍ ! ଚୁପ୍ ! ଇଏ କ'ଣ କଚେରି ନା ଦୋକାନଘର ?''

ସିଆର ପରେ ସିଆର ମଡ଼ାହେଲା ପରି ମକଦ୍ଦମା ପରେ ମକଦ୍ଦମାର ବିଚାର ହେଉଥାଏ । ହାକିମଙ୍କର ନିଷ୍ପତ୍ତିଗୁଡ଼ାକ ସାଧାରଣତଃ ନ୍ୟାୟ ଅନୁସାରେ ହିଁ ହେଉଥାଏ । ସାଧାରଣତଃ ଲୋକମାନେ ଶାନ୍ତିରକ୍ଷା କରି ନିଷ୍ପତ୍ତି ଶୁଣୁଥାନ୍ତି । ଅବଶ୍ୟ ମଝିରେ ମଝିରେ କିଏ ଅଧୀର ହୋଇ ଭାଗ୍ୟକୁ ନିନ୍ଦି ବସୁଥାଏ ତ କିଏ ଭେଁ ଭେଁ କରି କାନ୍ଦିବାରେ ଲାଗିଥାଏ । କିଏ ବେଳେବେଳେ ଆପଣା ମନକୁ ସମ୍ପିକାଟି ହେଉଥାଏ । କିନ୍ତୁ ଯାସେକ୍ ସଙ୍ଗେ ସଙ୍ଗେ ଏହି ସବୁ ଅବାଧତାକୁ ବନ୍ଦ କରି ଦେଉଥାଏ ।

କ୍ରମେ କଚେରିଘରୁ କେତେକ ଲୋକ ବାହାରକୁ ଚାଲିଗଲେଣି, ସେମାନଙ୍କ ପରିବର୍ତ୍ତେ ପୁଣି ଅନେକ ନୂଆଲୋକ ମଧ ଆସି ପହଞ୍ଚିଗଲେଣି । ସମସ୍ତେ ଠିକ୍ ଗୋଟାଏ ଧାନ ହଳାର ଧାନ କେଣ୍ଡାପରି ଠିଆହୋଇ ରହିଥାନ୍ତି । ଏପାଖ ସେପାଖ ହେବାକୁ ଆଉ କାହାରି କୁ ନଥାଏ । କ୍ରମେ କଚେରିଘର ଭିତରଟାର ପବନ ରୁନ୍ଧି ହୋଇ ଭାରି ଗରମ ବୋଧ ହେଉଥାଏ । ଶେଷକୁ ହାକିମ ଝରକାଗୁଡ଼ାକୁ ମେଲାକରି ଦେବାପାଇଁ ହୁକୁମ ଦେଲେ ।

ବର୍ତ୍ତମାନ ଲିପ୍‌କା ଗାଆଁର ବାର୍ତେକ୍ କୋଜିଓଲାର ମକଦ୍ଦମା ପଡ଼ିଲା । ଆନ୍ଥୋନିର ଝିଅ ମାର୍‌ସିଆନା ପାଚେସ୍‌ର ଗୁହାଳୁ ମାଈ ଘୁଷୁରିଟାଏ ଚୋରି କରି ନେଇଯାଇଥିବାର ଅଭିଯୋଗରେ ତାହାକୁ ଅଭିଯୁକ୍ତ କରାଯାଇଥିଲା । ସାକ୍ଷୀମାନେ ହେଉଚନ୍ତି—ମୁଦେଇ ମାର୍‌ସିଆନା, ତା'ର ପୁଅ ସାଇମନ୍, ବାର୍ବାରା ପେସେକ୍ ଇତ୍ୟାଦି ।

''ସାକ୍ଷୀମାନେ ହାଜର ଅଛନ୍ତି ?'' —ସାନ ହାକିମ ପଚାରିଲେ ।

ଏତେବେଳଯାଏ ବୋରିନା ଅଲଗା ହୋଇ ଗୋଟିଏ ଥାନରେ ଠିଆ ହୋଇଥିଲା । କିନ୍ତୁ ସେ ବର୍ତ୍ତମାନ ପାଚେସ୍‌କୁ ନମସ୍କାର କରିବ ବୋଲି ଆଗଭର ହୋଇ ଆସିଲା । କାରଣ ଏହି ମାରସିଆନା ପାଚେସ୍ ହେଉଚି ଡୋମିନିକ୍‌ର ବିଧବାପତ୍ନୀ, ୟଗ୍‌ନାର ମାଆ ।''

''ମୁଦାଲା ଅଡ଼ା ଭିତରକୁ ଆସୁ ।''

ବାଙ୍ଗରା ହୋଇ ଦେଖାଯାଉଥିବା ଜଣେ କୃଷକ ଆଗକୁ ବାହାରି ଆସିଲା ।

''ତୋ'ରି ନାଆଁ ବାର୍‌ତେକ୍ କୋଜିଓଲ୍ ?''

ଲୋକଟି ବୋଧହୁଏ ଭାରି ଭୀତ ହୋଇପଡ଼ିଥିଲା । ଏହି ପ୍ରଶ୍ନଟି ଶୁଣି ସେ ମୁଣ୍ଡର ବାଳଗୁଡ଼ାକୁ ନଖ ଅଗରେ କୁଣ୍ଡାଇବାକୁ ଲାଗିଲା, ତା'ର ଚିକଣ ହୋଇ ଖିଅର ହୋଇଥିବା ମୁହଁକୁ ଦେଖାଇ ସେ ବୋକାଙ୍କ ପରି ଦାନ୍ତ ନିକୁଟିବାରେ ଲାଗିଲା ଏବଂ ତା'ର ନାଲିଆ ନାଲିଆ ଆଖିଦୁଇଟା ଠିକ୍ ଗୁଣ୍ଡୁଚିମୂଷା ଡେଇଁବାପରି ଏ ହାକିମ ପାଖରୁ ସେ ହାକିମ ହୋଇ ଡେଇଁବାକୁ ଆରମ୍ଭକଲା ।

ତା'ଠାରୁ କୌଣସି ଜବାବ ନପାଇ ହାକିମ ପୁଣିଥରେ ପଚାରିଲେ ।

ଆଉ ଜଣେ ସ୍ତ୍ରୀଲୋକ ଟାଉଟାଉ ହୋଇ ଅଡ଼ାଭିତରକୁ ପଶିଯାଇ ଉତ୍ତର ଦେଲା—''ଆଜ୍ଞା ହଁ, ସେ ହେଉଚି ବାର୍‌ତେକ୍ କୋଜିଓଲ୍ !''

Digitized by srujanika@gmail.com

"କିନ୍ତୁ ତୁ କିଏ ?"

"ମୁଁ ହେଉଚି ଏହି ବିଚାରାର ଭାରିଯା !"—କହି ସେ ଆପଣାର ହାତଦୁଇଟାକୁ ବଢ଼ାଇ ଦେଇ ମୁଣ୍ଡ ନୁଆଁଇ ହାକିମଙ୍କୁ ଓଳଗି ହେଲା । ତା'ର ମୁଣ୍ଡର ଟୋପିଟା ହାକିମଙ୍କର ଟେବୁଲକୁ ପ୍ରାୟ ସ୍ପର୍ଶ କରି ପକାଉଥିଲା ବୋଲି କହିବାକୁ ହେବ ।

"ତୁ କ'ଣ ସାକ୍ଷୀ ହୋଇ ଆସିଚୁ ?"

"କ'ଣ କହିଲ ହାକିମ ? ସାକ୍ଷୀହୋଇ ? ନା,—କିନ୍ତୁ ..."

"ଅର୍ଦ୍ଦଳି, ଏହାକୁ ଅଡ଼ାଭିତରୁ ବାହାରକୁ ବାହାର କରି ଦେ !"

"ହେ ମାଇକିନିଆ, ସେଠୁ ବାହାରିଯାଆ, ସେଠି ତୁ ଠିଆ ହୋଇ ପାରିବୁନାହିଁ ।"

ସ୍ତ୍ରୀ ଲୋକଟିର ଡେଣାଧରି ୟାସେକ୍ ତାକୁ ଜବରଦସ୍ତି ଠେଲିପେଲି ଅଡ଼ାଭିତରୁ ବାହାର କରିନେଲା ।

ଯାଉଯାଉ ସ୍ତ୍ରୀ ଲୋକଟି ଭୋ' ଭୋ' ଡକାପାରିବାକୁ ଲାଗିଲା ଓ କହିଲା, "ହାକିମଙ୍କର କ'ଣ ମୋ'ପ୍ରତି ଏତିକି ଦୟା ହେଲାନାହିଁ ! ମୋ' ଗେରସ୍ତ ଟିକିଏ ବଡ଼ବୋଲା, କାନରେ ଭଲକରି ଶୁଣିପାରେନାହିଁ ।"

"ବାହାରିଯାଆ କହୁଚି ! ଭଲରେ ଭଲରେ ବାହାରିଯାଆ, ନହେଲେ ମୁଁ କିଛି ମାନିବିନାହିଁ, ଜାଣିଚୁ ?"—ୟାସେକ୍ ଗର୍ଜନ କରି କହିଲା ଓ ତା'ର ଡେଣାଧରି ଘୋଷାରିବାକୁ ଲାଗିଲା । ସ୍ତ୍ରୀଲୋକଟି ବିକଳହୋଇ ଚିତ୍କାର କରିବାରେ ଲାଗିଥାଏ ।

"ଚୁପ୍ ହୋଇ ସେଠାରୁ ଚାଲିଯାଆ । ଆମେ ସମସ୍ତେ ବଡ଼ପାଟି କରି କଥା କହିବୁ, ଯେପରିକି କୋଜିଓଲ୍‌କୁ ଶୁଣିବାରେ କୌଣସି ଅସୁବିଧା ହେବନାହିଁ ।"

ସେଇଠୁ ଜେରା ଆରମ୍ଭ ହେଲା ।

"ତୋ ନାଆଁ କଅଣ ?"

"ମୋ ନାଆଁ ? ତୁମମାନଙ୍କୁ ତ ମୋର ନାଆଁ ନିଶ୍ଚୟ ମାଲୁମ ଥିବ, କାରଣ ମୋ ନାଆଁରେ ତୁମେମାନେ ସମନ ପଠାଇଚ କି ନାହିଁ ? କ'ଣ ମୋ'ର ଡାକନାଆଁଟା ଆପଣମାନଙ୍କର ଲୋଡ଼ା କି ?"

"ହେ ଗଧ, ତୋ'ର ନାଆଁ କ'ଣ କହିଦେ ।"—ହାକୀମ ବଡ଼ପାଟି କରି କହିଲେ ।

"ଆଜ୍ଞା, ବାର୍‌ତେକ୍ କୋଜିଓଲ୍ !"ତା'ପକ୍ଷରୁ ତା'ର ସ୍ତ୍ରୀ ଉତ୍ତର ଦେଲା ।

"ବୟସ ?"

"ସେ କଥା କ'ଣ ମୋର ମନେଅଛି ? ହେ ଛୁଆର ମାଆ, ମୋତେ କେତେ ବର୍ଷ ହେଲାଣିଟି ?"

"ମୋର ଅନୁମାନ ହେଉଚି ବାଉନ ବର୍ଷ, ଦି'କୋଡ଼ି ବାଆର ।"

"କ'ଣ ଚାଷବାସ କରୁ ?"

"ଆଜ୍ଞା ହଁ । ତିନିମାଣ ବାଲିଆ ଜମି ଆଉ ହଳେ ବଳଦ । ମୁଁ ଚାଷକାମ କରେ ।"

Digitized by srujanika@gmail.com

"ଆଗରୁ କେବେ କୋର୍ଟରେ ସଜା ପାଇଚୁ ?"

"ସଜା ?"

"ଆରେ, ଆଗରୁ କେବେ ଜିହଲ ଯାଇଚୁ ?"

"ଜିହଲ ? ଛୁଆର ମାଆ, ମୁଁ ଆଗରୁ କେବେ ଜିହଲ ଯାଇଚି ?"

"ହଁ ବାରତେକ୍, ଯାଇଚୁ । ସେଇ ବଦମାସ ଜଙ୍ଗଲାତ୍‌ର ଲୋକଗୁଡ଼ାକ ଛାର ଗୋଟାଏ ମଲା ମେଣ୍ଢା ପାଇଁ ତୋତେ ନେଇ ଜିହଲରେ ପୂରାଇଥିଲେ ।"

"ହଁ ହଁ, ମନେପଡ଼ିଲା । ପଡ଼ିଆରେ ଗୋଟାଏ ମେଣ୍ଢା ମରିକରି ପଡ଼ିଥିଲା । ସେଇଠି ପଡ଼ିରହିଥିଲେ କେବଳ କୁକୁର ମୁହଁରେ ଯାଇଥାନ୍ତା । ତେଣୁ ମୁଁ ମେଣ୍ଢାଟିକୁ ଘରକୁ ଉଠାଇନେଲି । ସେମାନେ ମୋ ନାଆଁରେ କଚେରିରେ ମକଦ୍ଦମା କଲେ । କହିଲେ, ମୁଁ କୁଆଡ଼େ ମେଣ୍ଢାଟାକୁ ଚୋରି କରି ନେଇଯାଇଚି । କଚେରିର ହାକିମ ମୋତେ ଦଣ୍ଡ ଦେଲେ । ସେମାନେ ମୋତେ ଜିହଲକୁ ପଠାଇଦେଲେ । କିନ୍ତୁ ଏହା ଏକବାରେ ଅନ୍ୟାୟ ବିଚାର ଥିଲା"— ଆପଣାର ସ୍ତ୍ରୀ ଆଡ଼କୁ ଟେରେଇ ଟେରେଇ ଅନାଉ ଅନାଉ ସେ ଧୀରେ ଧୀରେ ସାନପାଟିକରି କହିବାକୁ ଲାଗିଲା ।

"ବର୍ତ୍ତମାନ ତୁ ଗୋଟାଏ ମାଈଘୁଷୁରି ଚୋରିକରି ନେଇଚୁ ବୋଲି ମୁଦେଇ ମାର୍‌ସିଆନା ପାଚେସ୍ ତୋ' ନାମରେ ମକଦ୍ଦମା ଦାଏର୍ କରିଚି । ତା'ର କହିବା ଅନୁସାରେ କୁଆଡ଼େ ତା' ଘୁଷୁରିଟି ପଡ଼ିଆରେ ଚରୁଥିଲା, ତୁ ତାକୁ ପଡ଼ିଆରୁ ଅଡ଼ାଇ ଆପଣା ଘରକୁ ନେଇଗଲୁ ଏବଂ ତା'କୁ ମାରି ଘରେ ସାଗୁଆତି କରି ଖାଇଲୁ । ଏ ବିଷୟରେ ତୋ'ର କିଛି କହିବାର ଅଛି ?"

"ମୁଁ ? ମୁଁ କେବେ ସେ ଘୁଷୁରିକୁ ଖାଇନାହିଁ । ଯଦି ଖାଇଥିବି, ତେବେ ମଲା ସମୟକୁ ଠାକୁରେ ମୋତେ ବଳେ ଦଣ୍ଡିବେନାହିଁ ? ମୁଁ ଖାଇବି ସେ ଘୁଷୁରିକୁ ?"

"ତୋ' କଥାର ପ୍ରମାଣ କ'ଣ ଅଛି ?"

"ପ୍ରମାଣ ? ପ୍ରମାଣ ଅଛି ଛୁଆର ମାଆ ? ହଁ ହଁ, ମନେ ପଡ଼ିଲା । ହଁ, ମୁଁ କୌଣସି ଅପରାଧ କରିନାହିଁ, କାରଣ ମୁଁ ଘୁଷୁରିଟାକୁ କଦାପି ଖାଇନାହିଁ । ସେଇ ଡୋମିନିକର ବିଧବା ମାଇପ ମିଛରେ କୁକୁରପରି ମୋ ନାଆଁ ରେ ଭୁକିବାକୁ ଆସିଚି !"

"ସଂସାରରେ ପୁଣି ଏମିତି ମିଛୁଆ ସାହସିଆ ମଣିଷ ଥାଆନ୍ତି ?"— ଦୀର୍ଘନିଃଶ୍ୱାସ ମାରି ଡୋମିନିକ୍‌ର ବିଧବାପତ୍ନୀ କହିଉଠିଲା ।

"ପାଚେସ୍‌ର ଘୁଷୁରି କେମିତି ତୋ' ଘରକୁ ଆସିଲା, ତୁ ସେକଥା ଆମକୁ ବୁଝାଇଦେ !"

"ମୋ' ଘରକୁ ? ପାଚେସ୍ ଘରର ଘୁଷୁରି ? ହେ ଛୁଆର ମାଆ, ହାକିମ କ'ଣ ପଚାରିଲେ କହିବୁଟି ?"

"ସେ ପଚାରିଲେ ଘୁଷୁରିଟା ତୋ' ପଛେପଛେ ଆମଘରକୁ ଆସିଲା କିପରି ?"

Digitized by srujanika@gmail.com

"ହଁ ହଁ, ବୁଝିଲି । ହାକିମ ମୋ'ର ଦୋଷ କ୍ଷମା କରିବେ ଯେ, ମୁଁ ତାଙ୍କର ପ୍ରଶ୍ନ ଭଲକରି ବୁଝି ପାରିନଥିଲି । ଶୁଣିବା ହୁଅନ୍ତୁ ମଣିମା, ମୁଁ ଆଗରୁ ଯାହା କହିଥିଲି, ବର୍ତ୍ତମାନ ସେଇ କଥାକୁ ଆଉଥରେ କହିବାକୁ ଯାଉଚି । ଏହି ଘୁଷୁରିଟା ମାଈ ନୁହଁ , ଅଣ୍ଡିରା । ଦେହର ବର୍ଣ୍ଣ ବିଲକୁଲ ଧୋବଲା, ଲାଙ୍ଗୁଡ଼ ଉପରକୁ ଅରାଏ କଳାଦାଗ ଅଛି ।... ଠିକ୍ ଲାଙ୍ଗୁଡ଼ ଉପରେ ନୁହେଁ, ଆଉଟିକିଏ ତଳକୁ ।"

"କିନ୍ତୁ ସେହି ଘୁଷୁରିଟା ତୋ' ଘରେ ଆସି ପଶିଲା କିପରି ?"

"ମୋ' ଘରେ ? ମୁଁ ସବୁକଥା ବୁଝାଇ ଦେଉଚି, ଶୁଣ ହାକିମ ! ମୁଁ କହୁଚି ଯେ ମୋର କୌଣସି ଅପରାଧ ନାହିଁ । ଡୋମିନିକ୍‌ର ବିଧବା କଞ୍ଚା ମିଛକଥା କହୁଚି —ସେ ମାଇକିନିଆଟା ଭାରି ବଦମାସ୍, ଭାରି ଚଲାଖି । ଏଠାରେ ଥିବା ଭଲଲୋକମାନେ ଏହି କଥାର ବିଚାର କରନ୍ତୁ ।"

"ହାକିମ, ସେ ପୁଣି ମିଛକଥା କହୁଚି । ଯଦି ପ୍ରକୃତରେ ଠାକୁରାଣୀ ଏକଥା ଶୁଣୁଥିବେ, ତେବେ ସାଙ୍ଗେ ସାଙ୍ଗେ ତୋ' ଉପରେ ବଜ୍ର ପଡ଼ିବରେ !" —ଦୀର୍ଘ ନିଃଶ୍ୱାସ ପକାଇ କଚେରିଘରର ଗୋଟାଏ କଣକୁ ଟଙ୍ଗା ହୋଇଥିବା ଯୀଶୁମାତା କୁମାରୀ ମେରୀଙ୍କର ଗୋଟିଏ ମୂର୍ତ୍ତି ଆଡ଼କୁ ଅନାଇଁ ସ୍ତ୍ରୀ ଲୋକଟି ଉତ୍ତର ଦେଲା । ତା'ପରେ ଆପଣାର ହାଡୁଆ ଆଙ୍ଗୁଠିଗୁଡ଼ାକୁ ମୁଠା ବାନ୍ଧି ବାର୍‌ତେକ୍ ଆଡ଼କୁ ଉଞ୍ଚାଇ ସାପପରି ଗର୍ଜନ କରି କହିଲା—

"ସାପଖିଆ, ପାଜି, କେଉଁ କାଇଦାରେ ମୋ' ଘୁଷୁରିଟାକୁ ତୁ ଉଠାଇ ନେଇଗଲୁ ? ଆଉ ଏଠି ଆସି ଛଟକ ବାହାର କରୁଚୁ ?" —କହି ସେ ଆପଣାର ଆଙ୍ଗୁଠିଗୁଡ଼ାକୁ ଦେଖାଇବାକୁ ଲାଗିଲା, ସତେଅବା ନଖରେ ବାର୍‌ତେକ୍‌କୁ ରାମ୍ପୁଡ଼ି ବିଦାରି ପକାଇବ ।

ବାର୍‌ତେକ୍‌ର ସ୍ତ୍ରୀ ମଝିରେ ପଡ଼ି ଚିତ୍କାର କରି କହିଲା—"ଆଲୋ, ତୁ କ'ଣ ତାକୁ ସତରେ ମାରିବୁ ବୋଲି ବାହାରିଚୁ ? ଡାଆଣୀ, ପୁଅ ମୁଣ୍ଡଖାଇ ?"

"ଚୁପ୍ କର"—ହାକିମ ଆଦେଶ ଦେଲେ ।

"ହାକିମ କଥା କହୁଥିଲାବେଳେ ଆଉ କେହି କଥା କହିପାରିବେ ନାହିଁ । ନହେଲେ ମୁଁ ଦୁହିଙ୍କୁ କଚେରି ବାହାରକୁ ବାହାର କରିଦେଇ ଆସିବି ।" ଦୁଇହାତରେ ଆପଣାର ପ୍ୟାଣ୍ଟଟାକୁ ଧରି ୟାସେକ୍ ଧମକ ଦେଇ କହିଲା । ସେତେବେଳକୁ ତା'ପ୍ୟାଣ୍ଟର କଡ଼ବୋତାମ ଦୁଇଟା ଫିଟିଯାଇଥାଏ ।

କଚେରିଘର ପୁଣି ଶାନ୍ତହୋଇ ଆସିଲା । ପରସ୍ପର ଆଡ଼କୁ ଆକ୍ରମଣ କରି ମାଡ଼ିଆସୁଥିବା ସ୍ତ୍ରୀଲୋକ ଦୁଇଜଣ ପୁଣି ଶାନ୍ତହୋଇ ଠିଆହେଲେ । କିନ୍ତୁ ସେମାନଙ୍କର ଆଖିଭିତରୁ ନିଆଁ ବରଷିବାରେ ଲାଗିଥାଏ, ସେମାନଙ୍କର ନିଃଶ୍ୱାସ ପବନରେ ପରସ୍ପର ପ୍ରତି ଘୃଣାଭାବ ପୂରିରହିଥାଏ ।

"ବାର୍‌ତେକ୍, ତୁ ବର୍ତ୍ତମାନ ସତ କରି ସବୁକଥା କହିଦେ !"

"ହଁ ହଁ, ବିଲ୍‌କୁଲ୍ ସତକଥା କହୁଚି । ଗିର୍ଜାରେ ପାଦ୍ରିପାଖରେ ବସି ସତକଥା କହିଲାପରି ମୁଁ କହୁଚି । କଥାଟି ହେଉଚି...."

Digitized by srujanika@gmail.com

"ଭଲକରି ଭାବିଚିନ୍ତି ସବୁକଥା କହିବୁ । ଯେମିତି କୌଣସି କଥା ଭୁଲିନଯାଉ !"—ତା'ର ସ୍ତ୍ରୀ ମାଗ୍‌ଡ଼ା ତାକୁ ଚେତାଇଦେଇ କହିଲା ।

"ମୁଁ ଭାବିଚିନ୍ତି କହିବି, ମାଗ୍‌ଡା ! ଘଟଣାଟି ହେଉଚି ଏହିପରି—ମୁଁ ବାଟେବାଟେ ଚାଲିଯାଉଥିଲି । (ବସନ୍ତ ସମୟ । ମୁଁ ବୋରିନାର ଜମିପାଖରେ ହୋଇଥାଏ ।) ସେତେବେଳକୁ ରାତି ହୋଇଆସୁଥାଏ, ତେଣୁ ମୁଁ ମନେମନେ ମୋର ସନ୍ଧ୍ୟା-ଉପାସନାର ମନ୍ତ୍ର କହିକହି ଯାଉଥାଏ । ଯାଉଯାଉ ଶୁଣିବାକୁ ପାଇଲି .... କାହାର ଶବ୍ଦ ପରି ମୋତେ ଶୁଣାଗଲା । ମୁଁ ଆଶ୍ଚର୍ଯ୍ୟ ହୋଇ ଭାବିଲି, କିଏ ଆଉ କୋଉଠି ଗଅଁ ଗଅଁ ହେଉଚି କି ? ପଛକୁ ଚାହିଁ ଦେଖିଲି କିଛିନାହିଁ । ସବୁଆଡ଼ ଶୂନ୍‌ଶାନ୍ । ଆଉ କ'ଣ ଭୂତ ଆସି ମୋ' ସାଙ୍ଗରେ ଖେଳିବାକୁ ବସିଚି କି ? ଏକଥା ଭାବି ମୋର ଭିତରଟା ଖାଲି ଥରିବାକୁ ଲାଗିଲା । ମୁଁ ମେରୀ ଠାକୁରାଣୀଙ୍କର ନାମ ଜପ କରିବାକୁ ଲାଗିଲି । ପୁଣି ସେହିପରି ଗଅଁ ଗଅଁ ଶବ୍ଦ । ଶବ୍ଦ ବାରି ମୁଁ ମନେ ମନେ କହିଲି, ଏଇଟା ହେଉଚି ଗୋଟାଏ ଘୁଷୁରିର ଶବ୍ଦ—ମାଈ କି ଅଣ୍ଡିରା ଭଗବାନ ଜାଣନ୍ତି । ବିଲେବିଲେ ଆଉ କେତେ ପହଣ୍ଡ ଆଗକୁ ଚାଲିଯିବା ପରେ ମୋତେ ଲାଗିଲା, ଯେପରି କ'ଣ ଗୋଟାଏ ଜୀବ ମୋ'ପଛେ ପଛେ ଆସିବାରେ ଲାଗିଚି । ମୁଁ ଠିଆହୋଇଗଲି, ସେ ଜୀବଟା ମଧ ଅଟକି ଠିଆହେଲା । ଦୂରରୁ ସେଇଟା ବେଶ୍ ଧୋବଲା ଲମ୍ୱାହୋଇ ଦେଖାଯାଉଥାଏ, ଗୋଡ଼ଗୁଡ଼ିକ ଛୋଟଛୋଟ । ତା'ର ଆଖିଦୁଇଟା ଠିକ୍ ବଣଭୁଆ ବା ଭୂତର ଆଖିପରି ଜଳଜଳ ହୋଇ ଜଳୁଥାଏ । ମୁଁ ଶୂନ୍ୟରେ ହାତ ବୁଲାଇ କ୍ରସ୍‌ଚିହ୍ନ ଆଙ୍କିବାକୁ ଲାଗିଲି ଏବଂ ଭୟରେ ଜଡ଼ପରି ହୋଇ ପୁଣି ଆଗକୁ ଖୋଜ ପକାଇବାକୁ ଆରମ୍ଭ କଲି । ରାତି ହେଲାଣି, ଏଇଟା ଯେ କ'ଣ ମୋ' ପଛରେ ନସରପସର ହୋଇ ଧାଇଁଚି, ସେକଥା ମୁଁ ଜାଣିବି କିପରି ? ସେହି ଜାଗାଟା ମଧ ଭାରି ଭୟର ଜାଗା, ସେକଥା ତ ଗାଆଁଟାଯାକ ସମସ୍ତଙ୍କୁ ଜଣା !"

"ହଁ ହଁ, ସେ ବିବାକ ସତକଥା କହୁଚି"—ତା'ର ସ୍ତ୍ରୀ କହିବସିଲା, " ତିଦସ୍ତା ସନ, ଦିନେ ସିକୋରା ସେଇ ବାଟଦେଇ ଯାଉଥିଲା । ରାତି ହୋଇଯାଇଥାଏ । ପଛରୁ କିଏ ଗୋଟାଏ ଆସି ତା'ର ତଣ୍ଟିକୁ ଚିପିଧରିଲା, ତାକୁ ଅକଳ କରି ତଳେ ପକାଇଦେଲା ଆଉ ଏପରି ନିର୍ଘାତିଆ ମାଡ଼ ମାରିଲା ଯେ ସିକୋରା ପରା ପନ୍ଦରଦିନଯାଏ ବିଛଣାରେ ପଡ଼ିରହିଲା !"

"ତୁ ତୁନି ହ', ମାଗ୍‌ଡା ! ମୁଁ ସବୁକଥା କହୁଚି । ସେଇଠୁ ମୁଁ ଆଗକୁ ଚାଲିଲି, ପଛରୁ ସେହି ଜନ୍ତୁଟା ମଧ ମୋର ପଛେ ପଛେ ଗୋଡ଼ାଇବାକୁ ଲାଗିଲା —ଠିକ୍ ଆଗପରି ଗଅଁ ଗଅଁ ହୋଇ ସେ ଗୋଡ଼ାଉଥାଏ । ଠିକ୍ ସେତିକିବେଳେ ଜହ୍ନ ଉଠିଆସିଲା, ଚାରିଆଡ଼ ଆଲୁଅ ହୋଇଗଲା । ମୁଁ ପଛକୁ ଅନାଇ ଦେଖିଲି, ଭୂତ ନୁହଁ କି ସଇତାନ ନୁହଁ, ଗୋଟାଏ ଘୁଷୁରି । ରାଗରେ ମୋର ବ୍ରହ୍ମ ଜଳିଉଠିଲା । ଶଳା ଛାର ଘୁଷୁରିଟା ମୋତେ ଏତେବେଳଯାଏ ଏପରି ଭୟ ଦେଖାଉଥିଲା ? ତା' ଉପରକୁ ଗୋଟାଏ ଫୋପଡ଼ ମାରିଦେଇ ମୁଁ ମାଇକେଲର ବିଟ୍

Digitized by srujanika@gmail.com

ଆଉ ବୋରିନାର ଗହମକ୍ଷେତ ମଝିରେ ଥିବା ହିଡ଼ ଧରି ଚାଲିବାକୁ ଲାଗିଲି । ତା'ପରେ ଟମାସ୍‌ର ମାଣ୍ଡିଆ ବିଲ ଆଉ ୟାସେକ୍‌ର ଯଅ ବିଲ ମଝିରେ ଥିବା ହିଡ଼ ଉପରେ ଆସି ପହଞ୍ଚିଲି । (ଗତବର୍ଷ ସେମାନେ ଆସି ୟାସେକ୍‌କୁ ଯୁଦ୍ଧକୁ ଧରିନେଇଗଲେ । ତା'ର ଭାରିଯାର କାଲି ଗୋଟାଏ ଛୁଆ ହୋଇଚି ।)... କିନ୍ତୁ ତେବେକେ ଘୁଷୁରିଟା ମୋର ପିଛା ଛାଡ଼ିଲାନାହିଁ, ଠିକ୍ ଗୋଟାଏ କୁକୁରପରି ମୋତେ ଅନୁସରଣ କରିବାକୁ ଲାଗିଲା । ଏବଂ ତା'ପରେ ଏକପାଖିଆ ହୋଇ ଡୋମିନିକ୍‌ର ଆଳୁବିଲ ଭିତରକୁ ପଶିଯାଇ ଆହୁରି ଜୋର୍‌ରେ ଗଅଁ ଗଅଁ ଶବ୍ଦ କଲା । ମୁଁ ବୁଲିପଡ଼ି ବିଲ ମଝିରେ ବାଟ କାଟି ଯିବାକୁ ଲାଗିଲି, ଘୁଷୁରିଟା ବି ମୋ' ପଛେ ପଛେ ଦଉଡ଼ିବାକୁ ଲାଗିଲା, ଆଉ ମୁଁ ଥିରହୋଇ ରହିପାରିଲି ନାହିଁ । ବିଧାତାକୁ କହିବ ! ଏ ମାଈଘୁଷୁରିଟା ତ ଗୋଟାଏ ଅଦ୍ଭୁତ ଜୀବ ! ବୋଧହୁଏ ମାଈ ନୁହେଁ ଅଣ୍ଡିରା, ତା'ପରେ ମୁଁ ବିଲମଝିରେ ଥିବା କ୍ରୁସ୍‌ପାଖକୁ ଗଲି, ଘୁଷୁରିଟା ମଧ ମୋ' ପଛେପଛେ ଗଲା । ମୁଁ ଗୋଟାଏ ଖନ୍ଦ ଡେଇଁ ସେପାଖକୁ ଗଲି, ଘୁଷୁରି ମଧ ମୋ' ପଛେପଛେ ଖନ୍ଦ ଡେଇଁ ଆସିଲା, ମୁଁ ଯୁଆଡ଼େ ଗଲି ସେ ମୋ' ପଛେପଛେ ଗଲା । ପିଅରଗଛର ଦାଣ୍ଡିଦେଇ ମୁଁ ଦଉଡ଼ି ଯାଉଯାଉ ସେ ମୋର ଦୁଇଗୋଡ଼ ଭିତରେ ଆସି ହାବୁଡ଼ିଗଲା ଓ ମୋତେ ଛନ୍ଦିପକାଇଲା । ତଳେ ପଡ଼ିଯାଇ ମୁଁ ଭାବିଲି, ଏଇଟାକୁ କ'ଣ ଭୂତ ଲାଗିଚି ନା କ'ଣ ? ମୁଁ ଭୂଇଁରୁ ଉଠି ପୁଣି ଯିବାକୁ ଆରମ୍ଭ ନକରୁଣୁ ସେଇଟା ଲାଙ୍ଗୁଡ଼ଟାକୁ ହଲାଇ ହଲାଇ ମୋ'ର ଆଗେ ଆଗେ ଦଉଡ଼ିଲା । ''ଶଳା ଘୁଷୁରି, ଯାଉଚୁ ନା ପୁଣି ଦେଖିବୁ ?'' —ମୁଁ ରାଗରେ ଗର୍ଜନ କରିଉଠିଲି । ତଥାପି ସେ ଦୁଗୁଣେଇ ହୋଇ ଦଉଡ଼ିବାକୁ ଲାଗିଲା । ଶେଷକୁ ମୁଁ ଘରେ ପହଞ୍ଚିଲି, ସେ ମଧ ସିଧା ଆସି ମୋ' ଘରଭିତରେ ପଶିଗଲା । ହାକିମ, ମୁଁ ସତ କହୁଚି, ସେ ବାଡ଼ ପାରହୋଇ ଦୁଆର ଭିତରକୁ ଆସିଲା । ତା'ପରେ ପିଣ୍ଡାକୁ ଓ ତା'ପରେ ମେଲାହୋଇଥିବା କବାଟ ଦେଇ ଏକାବେଳକେ ଘର ଭିତରକୁ । ମୁଁ କିଛି ବୁଝିନପାରି ଖାଲି ଠାକୁରଙ୍କୁ ଡାକୁଥାଏ ।''

''ସେଇଠୁ ତୁ ତାକୁ ମାରି ସାଗୁଆତି କରି ଖାଇଲୁ, ନୁହଁ ?'' —ମୁରୁକି ହସି ହାକିମ ପ୍ରଶ୍ନ କଲେ ।

''ମାରି ସାଗୁଆତି କଲି ? ହଁ—ମୁଁ ଆଉ କ'ଣ କରିଥାନ୍ତି କହିଲ ? ଗୋଟିଏ ଦିନ ଗଲା, ତଥାପି ଘୁଷୁରି ଘରୁ ଗଲାନାହିଁ । ଦିନଦିନ ହୋଇ ସାତଦିନ ଗଲା, ସେ ତଥାପି ଯିବାର ନାଆଁ ଧରିଲାନାହିଁ । ମୁଁ ଯେତେଥର ବାହାର କରିଦେଇ ଆସିଲି, ସେ ସେତେଥର ଆସି ପୁଣି ଘରଭିତରେ ପଶିଲା । ମୋର ଭାରିଯା ତାକୁ ଖାଇବାକୁ ଦେଉଥାଏ । ଘରେ ଗୋଟାଏ ଜନ୍ତୁକୁ ଆମେ ଉପାସ ରଖିଥାନ୍ତୁ କିପରି କହିଲ ? ଘୁଷୁରି ତ ପୁଣି ସେଇ ଭଗବାନଙ୍କର ଜୀବ ? ମଣିଷ ନହେଲେ କ'ଣ ହେଲା ? ... କିନ୍ତୁ ବର୍ତ୍ତମାନ ହାକିମ ଏହାର ବିଚାର କରନ୍ତୁ । ମୁଁ ଗରିବ ଲୋକ, ଏହି ଘୁଷୁରିଟାକୁ ଘରେ ରଖି କ'ଣ କରିଥାନ୍ତି ? କେହି ଏହି ଘୁଷୁରିଟାକୁ ଭଲା ଖୋଜିବାକୁ ବା ନେବାକୁ ଆସିଥାନ୍ତେ ! ଆମେ ତ ଗରିବ ମଣିଷ, ଅଭାବ ଲାଗିରହିଚି— ଏହି ଜନ୍ତୁଟାକୁ ଦାନା ଯୋଗାଇବାକୁ ଆମର ବଳ କାହିଁ ? ଏଇଟା ପୁଣି ଠିକ୍ ଦୁଇଟା ଘୁଷୁରିଙ୍କର

Digitized by srujanika@gmail.com

ଦାନା ଖାଉଥାଏ । ତେବେ ଆମେ ଆଉ କ'ଣ କରିଥାନ୍ତୁ ? ଗୋଟାଏ ମାସ ଏହି ଘୁଷୁରି ଆମଘରେ ରହିଥିଲେ ଘରଦୁଆର ଖାଇ ଶେଷକୁ ଆମକୁ ମଧ୍ୟ ଖାଇଥାନ୍ତା । ତେବେ ବର୍ତ୍ତମାନ ଉପାୟ କ'ଣ ଅଛି ? ହୁଏତ ତାକୁ ଖାଅ, ନଚେତ୍ ସିଏ ତୁମକୁ ଖାଇବ—ଅବସ୍ଥା ଆସି ଏହପରି ହେବାକୁ ବସିଲା । ଶେଷକୁ ବାଧହୋଇ ଆମକୁ ତାକୁ ଖାଇବାକୁ ପଡ଼ିଲା । କିନ୍ତୁ ଆମେ ସବୁ ଖାଇନାହୁଁ । କାରଣ ସାଇପଡ଼ିଶାରେ ଏହି ଖବର ରାଷ୍ଟ୍ର ହୋଇଗଲା ଏବଂ ଡୋମିନିକ୍‌ର ରାଣ୍ଡ ଭାରିଯା ଯାଇ ଗାଆଁ ପଧାନ ଆଗରେ ଆପତ୍ତି କଲା । ପଧାନକୁ ସାଙ୍ଗରେ ନେଇ ଆମଘରକୁ ଆସିଲା ଓ ମାଉଁସତକ ନେଇଗଲା ।''

''ମାଉଁସତକ ନେଇଗଲା, ନାହିଁ ?''—ଡୋମିନିକ୍‌ର ବିଧବା ପତ୍ନୀ ରାଗରେ ତମତମ ହୋଇ କହିଲା । ''ଫଡ଼ିଆତକ କାହା ପେଟରେ ପଡ଼ିଲା କହିଲୁ ?''

''ଯାଆ, ଯୋଉ କୁକୁରମାନେ ଖାଇଚନ୍ତି, ସେହିମାନଙ୍କୁ ପଚାରିବୁ ! ଆମେ ରାତିରେ ତାକୁ ଖଳାଘରେ ରଖିଥିଲୁ । କୁକୁରଗୁଡ଼ାଙ୍କର ଆଖି ତା'ଉପରେ ପଡ଼ିଥିଲା । ଖଳାଘର ଦୁଆର ଭିତରେ ଗୋଟାଏ ଏଡ଼େବଡ଼ କଣାଥିଲା । ସେହିବାଟ ଦେଇ ଭିତରେ ପଶି ସେମାନେ ମାଉଁସତକ ଖାଇଗଲେ । ଆଉ ତୁ ମତେ ଚୋରି ଅପବାଦ ଦେଇ ତଣ୍ଡିବାକୁ ବସିଚୁ ?''

''ତା'ହେଲେ ମାଇଘୁଷୁରିଟା ଆପଣା ମନକୁ ତୋ' ପଛେପଛେ ଗଲା, ନୁହେଁ ? ଯାଆ, ଆଉ କୋଉ ବୋକାଆଗରେ ସେକଥା କହିବୁ, ଏ କଚେରିରେ କେହି ବୋକା ନାହାନ୍ତି ତୋ' କଥା ଶୁଣିବାକୁ । ତୁଇ ହେଉଚୁ ପ୍ରକୃତ ଚୋର, ବଦମାସ କାହାଁକା ? ଅଟାପେଶଣିଆ ଘରର ପେଣ୍ଡାକୁ କିଏ ଚୋରାଇଥିଲା କହିଲୁ ? ପାଦ୍ରିଙ୍କର ବତକ ଚୋରାଇ ନେଇଥିଲା କିଏ ? କହ, କିଏ ଚୋରାଇଥିଲା ?''

''କିଏ ଚୋରାଇଥିଲା ତୁ ଦେଖିଚୁ ? ତୁ ଦେଖିଛୁ କିଏ ଚୋରାଇଥିଲା ?''—କୋଜିଓଲ୍‌ର ଭାରିଯା ଜବାବ ଦେଇ କହିଲା । କହି ଆପଣା ନଖର ସଦ୍‌ବ୍ୟବହାର କରିବାକୁ ସେ ଆଗକୁ ଚହଟି ଯାଉଥିଲା । ଏତିକିବେଳେ ଆରପକ୍ଷରୁ ଚଢ଼ା ଜବାବ ଆସିଲା ।

''ଗିର୍ଜାର ବାଜାବଜାଳିର ଆଳୁଖଣିରୁ ଆଳୁ ଚୋରି କରିଥିଲା କିଏ ? ଗାଆଁରେ ଯାହାସବୁ ଚୋରିହୋଇ ଯାଉଚି, ତାକୁ ସବୁ କିଏ ନେଉଚି, ସେସବୁ କାହାଘରକୁ ଯାଉଚି ? ବତକ, କୁକୁଡ଼ା, କୋଡ଼ି, କୋଦାଳ—ଏସବୁ କିଏ ନେଉଚି ?''

''ତୁ ମଣିଷ ନୋହୁ, ମଣିଷ ଝାମ୍ପିନେବା ଛଞ୍ଚାଣ । ତୁ ଯାହା, ମୋତେ ଭଲକରି ଜଣା ଅଛି ଲୋ ! ତୋ' ଝିଅଟି କି ନାଆଁ ପକଉଚି କହିଲୁ ? ଗାଆଁଟୋକା ଗୁଡ଼ାକଙ୍କ ସାଙ୍ଗରେ ତୋର ଝିଅ ଯଗ୍‌ନା କି ଲୀଳା ଲଗାଇଚି ? ଏଗୁଡ଼ାକ କହିଲେ କ'ଣ ତୋତେ କାଟିବ କି ? ତୁ'ପରା କଂସାରୀଘରର ପାରା !''

ଡୋମିନିକ୍‌ର ବିଧବା ପତ୍ନୀର ମଞ୍ଜ ଭିତରେ ଯାଇ ଏହି କଥାର ଚୋଟ ବାଜିଲା । ''ଆଲୋ, ତୋ' ଜିଭରେ ଏଡ଼େ ହାଡ଼ ହେଲାଣି ତୁ ମୋ ଯଗନାର ନାଆଁ ଧରିବୁ ?'' —

Digitized by srujanika@gmail.com

ସେ ଭୟଙ୍କର ଗର୍ଜନ କରି କହିବାକୁ ଲାଗିଲା । ''ଏଡ଼େ ସାହସ ? ଆଉଥରେ କହିଲେ ମୁଁ ତୋ'ର ଦାନ୍ତ ଝାଡ଼ିଦେବିନାହିଁ ?''

''ଚୁପ୍ , ଚୁପ୍ ! ଏଇଟା କ'ଣ କଜିଆ କରିବାର ଜାଗା ? ପାଟି ବନ୍ଦ ନକଲେ ତୁମ ଦୁହିଁଙ୍କୁ କଚେରିଘରୁ ବାହାରକରି ଦିଆଯିବ ।'' —ସେମାନଙ୍କୁ ଚୁପ୍ କରାଇଦେଇ ୟାସେକ୍ କହିଉଠିଲା । ଗୋଟାଏ ହାତରେ ସେ ଠିକ୍ ଆଗପରି ଆପଣାର ପ୍ୟାଣ୍ଟଟାକୁ ଧରିଥାଏ ।

ତା'ପରେ ସାକ୍ଷୀମାନଙ୍କର ସାକ୍ଷ୍ୟ ନିଆଗଲା ।

ପ୍ରଥମେ ମୁଦେଇ ଅର୍ଥାତ୍ ଡୋମିନିକ୍‌ର ବିଧବାପତ୍ନୀ ସାକ୍ଷ୍ୟ ଦେଲା । ଭାରି ଧୀର ଓ ନରମ କଣ୍ଠରେ ସେ କଥା କହୁଥାଏ, ପଦପଦକେ ଗାଆଁ ଠାକୁରାଣୀଙ୍କର ଦୁହାଇ ଦେଉଥାଏ । ସେ କହିଲା ଯେ ମାଈ ଘୁଷୁରିଟି ହେଉଚି ପ୍ରକୃତରେ ତା'ର, ସେ ଚରୁଥିବାବେଳେ କୋଜିଓଲ୍ ତାକୁ ପଡ଼ିଆରୁ ଚୋରିକରି ନେଇଚି । ହାକିମ ତାକୁ ସେହି ଅପରାଧ ପାଇଁ ଶାସ୍ତି ଦିଅନ୍ତୁ ବୋଲି ନକହି ଭଗବାନ ତାକୁ ଆହୁରି ଅନେକ ଯୁଗ ନର୍କ ଭିତରେ ପକାଇ ଘାଣ୍ଟନ୍ତୁ ବୋଲି ସେ କାମନା ପ୍ରକାଶ କରିଥିଲା । କିନ୍ତୁ —(ଏହିଠାରେ ସେ ଭାରି ବଡ଼ପାଟି କରି କହିବାକୁ ଆରମ୍ଭ କଲା ।) ୟଗ୍‌ନା, ତା' ନାମରେ ବର୍ତ୍ତମାନ ସେ ଯେଉଁସବୁ କାନରେ ନଶୁଣିବା କଥାମାନ କହିଲା, ସେଥିଲାଗି ଧର୍ମାବତାର ଅବଶ୍ୟ ବିଚାର କରିବେ ବୋଲି ସେ ପ୍ରାର୍ଥନା କରିଥିଲା ।

ଡୋମିନିକ୍‌ର ପୁଅ ସାଇମନ୍ ଅଡ଼ାଭିତରକୁ ସାକ୍ଷ୍ୟ ଦେବାପାଇଁ ଗଲାବେଳେ ଆପଣା ଟୋପିତଳେ ଆପଣାର ଦୁଇହାତର ପଂଝାକୁ ଜାବୁଡ଼ିକରି ଧରିଥିଲା, ସତେ ଯେପରି ସେ ଗିର୍ଜାଘରକୁ ପ୍ରାର୍ଥନା କରିବ ବୋଲି ଯାଉଚି । ଅପଲକ ଆଖିରେ ବିଚାରପତିଙ୍କ ଆଡ଼କୁ ଅନାଇରହି ସେ ବଡ଼ ମାନ୍ଦା ସ୍ୱରରେ ଆପଣାର ସାକ୍ଷ୍ୟ ଦେଉଥାଏ । ସେ କହିଲା ଯେ ମାଈଘୁଷୁରିଟି ହେଉଚି ପ୍ରକୃତରେ ତା'ର ମାଆର, ଦେଖିବାକୁ ଧୋବଲା । ଲାଙ୍ଗୁଡ଼ ପାଖରେ ଗୋଟାଏ କଳାଚିହ୍ନ, ବୋରିନାର କୁକୁର ଲାପା ଦାନ୍ତ ଲଗାଇ ତା'ର ଗୋଟିଏ କାନକୁ ଚିରିଦେଇଚି । ସେ ହେଉଚି ଗତ ବସନ୍ତ ସମୟର ଘଟଣା ।

ତା'ପରେ ଅନ୍ୟ ସାକ୍ଷୀମାନେ ସାକ୍ଷ୍ୟ ଦେବାକୁ ଆସିଲେ । ସମସ୍ତେ ସେହି ଏକ କଥାର ସମର୍ଥନ କଲେ । ମାଗ୍‌ଡା ଅଡ଼ା ବାହାରେ ଠିଆହୋଇ ସାକ୍ଷୀମାନଙ୍କର କଥା ଶୁଣୁଥାଏ ଏବଂ ସବୁଗୁଡ଼ାକୁ ଭୁରୁଡ଼ାଇ ସାକ୍ଷୀମାନଙ୍କୁ ଅପଶାଇପ ଦେବାରେ ଲାଗିଥାଏ । ଡୋମିନିକ୍‌ର ବିଧବାପତ୍ନୀ ବାରବାର ଠାକୁରାଣୀଙ୍କର ମୂର୍ତ୍ତିଆଡ଼କୁ ଅନାଇ ରହୁଥାଏ ଓ ବେଳେବେଳେ କୋଜିଓଲ ଆଡ଼କୁ ମଧ୍ୟ ଅନାଉଥାଏ । କୋଜିଓଲ୍ କାନ ଡେରି ସାକ୍ଷୀମାନଙ୍କର କଥା ଶୁଣୁଥାଏ, କେତେବେଳେ ସେମାନଙ୍କର ମୁହଁକୁ ଓ ଆଉ କେତେବେଳେ ଭାରିଯାର ମୁହଁଆଡ଼କୁ ବଲବଲ କରି ଅନାଉଥାଏ ।

ଶ୍ରୋତାମାନେ ଭାରି ଆଗ୍ରହରେ ମକଦ୍ଦମାର ସୁଆଲଜବାବ ଶୁଣୁଥାନ୍ତି । କିଏ ଆଗ୍ରହାଧିକ୍ୟ ହେତୁ ହଠାତ୍ କଣସବୁ ପ୍ରକାଶ୍ୟରେ କହି ଉଠୁଥାଏ, କିଏ ବ୍ୟଙ୍ଗ କରି କ'ଣ

Digitized by srujanika@gmail.com

ଗୋଟାଏ ଟାପରା ମାରିଦେଉଥାଏ, ପୁଣି ଆଉ କିଏ ହସ ସମ୍ଭାଳି ନପାରି ହୋ' ହୋ' ହସି ଉଠୁଥାଏ । ତତ୍‌କ୍ଷଣାତ୍ ଯାସେକ୍ ଆଖି ଦେଖାଇ ଓ ତୁଣ୍ଡ ଶୁଣାଇ ସମସ୍ତଙ୍କୁ ଶାନ୍ତ କରି ରଖୁଥାଏ ।

ଅନେକ ସମୟ ପର୍ଯ୍ୟନ୍ତ ମକଦ୍ଦମାର ଶୁଣାଣି ଚାଲିଲା । ମଝିରେ ଖାଇବା ଛୁଟିରେ ଲୋକମାନେ କଚେରିଘର ଖାଲି କରି ବାହାରକୁ ଚାଲିଗଲେ । କିଏ ଟିକିଏ ଖୋଲା ପବନରେ ବୁଲିଆସିବାକୁ ଗଲା, କିଏ ଜଳଖିଆ ଖାଇବାକୁ ଗଲା, କିଏ ସାକ୍ଷୀମାନଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କୁ ଭୁଲ୍ ଠିକ୍ ଦେଖାଇ ଦେବାକୁ ଗଲା । ଆଉ କେତେକ ବ୍ୟକ୍ତି ଅତ୍ୟନ୍ତ କର୍କଶ ବାକ୍ୟବାଣମାନ ପ୍ରୟୋଗ କରି ବିଚାରକଙ୍କର ଅନ୍ୟାୟ ଗୁଡ଼ାକୁ ବଖାଣିବାକୁ ଲାଗିଲେ । ଏସବୁ ହେଉଛି କଚେରି ଜୀବନରେ ପ୍ରତିଦିନର ବ୍ୟାପାର ।

ପୁଣିଥରେ କଚେରି ବସି ଫଇସଲା ଶୁଣାଇ ଦିଆଯିବାପରେ ବୋରିନାର ମକଦ୍ଦମା ଆସି ପଡ଼ିଲା । ପିଲାଟାକୁ କାଖରେ ଧରି ଇଭା କଚେରି ଭିତରେ ଠିଆହୋଇଥାଏ । କଥା କହିଲାବେଳକୁ ତା' ଆଖିରୁ ଲୁହର ଧାର ବହିଯାଉଥାଏ । ସେ କିପରି ପ୍ରଥମେ ବୋରିନାର ଘରକୁ କାମ କରିବାକୁ ଆସିଥିଲା, କିପରି ଗଧ ଖଟଣି ଖଟୁଥିଲା, ତଥାପି କିପରି ତାକୁ କେହି ପଦେହେଲେ ଭଲକଥା କହୁ ନଥିଲେ, ଶୋଇବାପାଇଁ ମଧ ତାକୁ କଣେ ଜାଗା ମିଳୁନଥିଲା, ଖାଇବାକୁ ନପାଇ ସେ କିପରି ସାଇପଡ଼ିଶାରୁ ମାଗିକରି ଖାଉଥିଲା, କିପରି ବୋରିନା ତାକୁ ତା'ର ଦରମା ନଦେଇ ଘରୁ ବାହାର କରି ଦେଇଚି, କୋଡ଼ର ଏହି ପିଲାଟା ସହିତ ସେ କିପରି ତାକୁ ଆଣି ଦାଣ୍ଡରେ ଠିଆ କରାଇଚି— କହୁ କହୁ ସେ ଆଉ ଧୈର୍ଯ୍ୟ ଧରି ରହି ପାରିଲାନାହିଁ, ଭେଁ ଭେଁ ବାହୁନିବାକୁ ଲାଗିଲା ଓ ଲମ୍ବହୋଇ ବିଚାରପତିଙ୍କର ଗୋଡ଼ତଳେ ପଡ଼ିଯାଇ କହିଲା—

''ଧର୍ମାବତାର, ମୋତେ ସେ ଏତେ ନରଖର କରିଚି । ଆଉ ଏଇ ପିଲାଟା ମଧ ତା'ରି ଆଡ଼ର !''

''ବଡ ବିରକ୍ତ ଅସହିଷ୍ଣୁ ଭାବରେ ବୋରିନା କହି ଉଠିଲା, ''ସେ ଛିଣ୍ଡାଳୀ ମିଛକଥା କହୁଚି !''

''ମିଛ କହୁଚି ? ଗଲୁ, ଲିପ୍‌କା ଗାଆଁ ଗୋଟାକୁ ପଚାରି ଆସିବୁ !''

''କ'ଣ ପଚାରିବାକୁ ଯିବି ? ତୁ ମାଗିଖାଇ ଛତରପଶୀ ବୋଲି ?''

''ହେ ଧର୍ମାବତାର ! ତା'ଘରେ ଥିଲାବେଳେ ମୋତେ ସେ କେତେ ଗେଲବସର ନାଆଁ ଧରି ଡାକୁଥିଲା । ମୋ'ପାଇଁ ହାଟରୁ ମାଳି ଆଣି ଦେଉଥିଲା, ଖାଇବା ଜିନିଷ କିଣି ଆଣୁଥିଲା ଆଉ କହୁଥିଲା ନେ ମୋ' ମାଆ । ମୁଁ ତତେ କେତେ ସୁଆଗ ପାଏ କହିଲୁ ! ଆଉ ଶେଷକୁ— ହେ ଭଗବାନ୍ । ହେ ଠାକୁରେ !''

ସେ ଭୋ ଭୋ ଡକାପାରି କାନ୍ଦିବାକୁ ଲାଗିଲା ।

''ତୁ ବଜାରବୁଲୀ ମାଗିଖାଇ ! କହୁନୁ, ମୁଁ ତୋ' ପାଇଁ ଦିନେ ଗୋଟାଏ ମଖମଲ ରେଜେଇ ଆଣି ଦେଲି ଆଉ କହିଲି — ଏଇ ରେଜେଇ ଘୋରାଇ ହୋଇ ଶୋଇଥାଆ ଲୋ ମାଆ, ଶୋଇଥାଆ ଲୋ ମାଆ !''

Digitized by srujanika@gmail.com

ଶୁଣିବା ଲୋକମାନେ କିରିକିରି ହୋଇ ହସିଉଠିଲେ ।

''କ'ଣ କହିଲୁ ? ତୁ କହିନାହୁଁ ? ତୁ ମତେ କେତେ କ'ଣ ଲୋଭ ନଦେଖାଇଚୁ କହିଲୁ ?''

ବଡ଼ ଭୟଙ୍କର ଭାବରେ ବିଚଳିତ ହୋଇପଡ଼ି ବୋରିନା ଉତ୍ତର ଦେଲା—''ହେ ଭଗବାନ୍ , ଏପରି ସାହସିଆ କଥା ତ ମୁଁ କେବେ ଶୁଣିନଥିଲି ! ତା'ଉପରେ ଏହିକ୍ଷଣି ଚଡ଼କ ନପଡ଼ିଲା କିପରି କେଜାଣି ?''

''ଧର୍ମାବତାର୍, ସାରା ସଂସାର ଏକଥା ଜାଣିଚି ! ମୁଁ ଯାହା କହୁଚି ସତ କହୁଚି ବୋଲି ଲିପ୍‌କା ଗାଆଁ ଗୋଟାକ ଆସି ପ୍ରମାଣ ଦେବ । ଆପଣ ସାକ୍ଷୀମାନଙ୍କୁ ଡାକି ପରୀକ୍ଷା କରାନ୍ତୁ ।'' ଇଭା ଘନଘନ ଅଶ୍ରୁବର୍ଷଣ ଓ କାତରୋକ୍ତି ମଧ୍ୟରେ କହିବାକୁ ଲାଗିଲା ।

ସାକ୍ଷୀମାନଙ୍କର ସାକ୍ଷ୍ୟରୁ ଜଣାପଡ଼ିଲା ଯେ ସେମାନେ ନିଶ୍ଚିତ କରି କିଛି ଜାଣିନାହାନ୍ତି, କେବଳ ଏଠୁସେଠୁ ଯା'ଠାରୁ ତା'ଠାରୁ କଥାଏ ଦି'କଥା ଶୁଣିଚନ୍ତି ମାତ୍ର । ତେଣୁ ଇଭାକୁ ଆଉଥରେ ଅଡ଼ା ଭିତରେ ଠିଆହୋଇ ପ୍ରମାଣ ବାଢ଼ିବାକୁ ପଡ଼ିଲା । ଶେଷକୁ ସବୁ କହିସାରି କୋଡ଼ର ପିଲାଟିକୁ ବାହାରକରି ସେ ସମସ୍ତଙ୍କୁ ଦେଖାଇବାକୁ ଲାଗିଲା ଓ ବିଚାରକଙ୍କ ପାଖରେ ଗୁହାରି କରିବାକୁ ଲାଗିଲା । ପିଲାଟା ସେତେବେଳକୁ ହାତଗୋଡ଼ ଛାଟି ଗର୍ଜନ କରିବାରେ ଲାଗିଥାଏ ।

ସେ ଜଣାଇଲା, ''ଧର୍ମାବତାର, ଆପଣ ନିଜେ ଦେଖିକରି କହନ୍ତୁ ଏଇ ଛୁଆଟା ତାଆରିଆଡୁ ହୋଇଚି ନା ଆଉ କାହାଆଡୁ ହୋଇଚି ! ଏ ଚେପଟା ବିଲେଇଡି ଆଳୁ ନାକ କାହାର, ଏଇ ଚିଲା ମାଟିଆ ଆଖି ଦୁଇଟା କାହାର ! ବୋରିନା ସାଙ୍ଗକୁ ଏ ପିଲା ଏକାବେଳେକେ ମିଳିଯାଉଚି, ଠିକ୍ ଯେପରି ଦୁଇଠୋପା ପାଣି ପରସ୍ପର ମିଳିଯାଆନ୍ତି !''

କିନ୍ତୁ ବିଚାରାଳୟ ପରି ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ସ୍ଥାନକୁ ଏପରି କଥାଗୁଡ଼ାକ ଆଦୌ ଶୋଭନୀୟ ବୋଧ ହେଲାନାହିଁ । ଶ୍ରୋତାମାନେ କଥାଗୁଡ଼ାକ ଉପଭୋଗ କରି ଉଚ୍ଚସ୍ୱରରେ ହସିବାରେ ଲାଗିଥାନ୍ତି । କେହି କେହି ପ୍ରକାଶ୍ୟ କଥାରେ ବୋରିନା ସହିତ ପିଲାଟିର ତୁଳନା କରିବାରେ ବ୍ୟସ୍ତ ଥାନ୍ତି । କେତେ ତୁଣ୍ଡରୁ କେତେପ୍ରକାର ଢଗଢମାଳି ଅକାଡ଼ି ହୋଇ ପଡୁଥାଏ ।

''ଏଥର ବୋରିନା ତାକୁ ବାହାହୋଇ ପଡ଼ିବା ଉଚିତ । ପିଲାଟା ବଡ଼ହେଲେ ତା'ଘରେ ଘୁଷୁରି ଚରାଇବ ।''

''ବାହା ହେବ ? ବସନ୍ତକାଳରେ ଗାଈଦେହରୁ ରୁମ ଉପୁଡ଼ିଗଲା ପରି ତ ସେ ସ୍ତ୍ରୀଲୋକଟାର ମୁଣ୍ଡ ନାଣ୍ଡି ହୋଇଗଲାଣି !''

''ନା—ରୂପଟା କିନ୍ତୁ ଭାରି ପସନ୍ଦର ! ଶସ୍ୟଖେତରେ ଯାଇ ବସିଲେ ଚଢ଼େଇମାନେ ଡରିକରି କିଏ କୁଆଡ଼େ ଉଡ଼ି ପଳାଇବେ !''

'ତା'ମୁହଁ ଉପରେ କେତେ କିସମର କ'ଣ ସବୁ ବୋଳାହୋଇଚି ଦେଖ !''

''ଆରେ, ସେ ଭାରି ଭାବିଚିନ୍ତି ପଇସା ଖରଚ କରେ ! ସାବୁନରେ ବେଶୀ ପଇସା ଖରଚ ନକରିବାକୁ ସେ ବାରମାସରେ ଥରେ ଗାଧୁଆଏ !''

Digitized by srujanika@gmail.com

"ଆଦୌ ଅସମ୍ଭବ ନୁହେଁ ! ତାର କେତେ କାମ ! ଇହୁଦୀମାନଙ୍କର ଚୁଲି ଜାଳିବ* ପୁଣି କେତେବେଳେ ?"

କଥାର ନିଶାରେ ସେମାନଙ୍କର ତୁଣ୍ଡ କ୍ରମେ ଅଧିକରୁ ଅଧିକ ଖର ହେବାକୁ ଲାଗିଥାଏ ଏବଂ ସମସ୍ତଙ୍କୁ ଅନାଉ ଅନାଉ ଇଭା କୌଣସି ପ୍ରକାର କାବୁ ନଥିବା କୁକୁର ପରି ଶୂନ୍ୟ ସ୍ୱପ୍ନହୀନ ଦୃଷ୍ଟିରେ ଖୁଣ୍ଟଟାଏ ପରି ଠିଆ ରହିଥାଏ । ତା'ର ମୁଣ୍ଡଭିତରେ ସ୍ପଷ୍ଟ ଅସ୍ପଷ୍ଟ କେତେ ପ୍ରକାର କଥା ଭାସିଯିବାରେ ଲାଗିଥାଏ । ଠିକ୍ ଏହି ସମୟରେ ଡୋମିନିକ୍‌ର ବିଧବାପତ୍ନୀ ବଡ଼ପାଟି କରି କହିଲା "ସମସ୍ତେ ଚୁପ୍ ହୁଅ । ଗୋଟାଏ ନିଆଶିରୀ ସ୍ତ୍ରୀଲୋକକୁ ଏପରି ଟାପରା କରି କହିଲେ ତୁମ୍ଭମାନଙ୍କର ଭାରି ପାପ ହେବ !" ଏହି କଥାରେ ସମସ୍ତେ ହଠାତ୍ ନୀରବ ହୋଇଗଲେ ଏବଂ ଏକାଧିକ ବ୍ୟକ୍ତି ଟିକିଏ ଲଜ୍ଜିତ ଅନୁଭବ କରୁଥିବାର ସୂଚନା ମଧ୍ୟ ଦେଲେ ।

କିନ୍ତୁ ଅଭିଯୋଗ ପରେ ଆଉ କୌଣସି ପ୍ରମାଣ ମିଳିଲା ନାହିଁ ।

ଏତେବେଳେ ଯାଇ ବୋରିନାର ମନ ଥୟ ହେଲା । ସେ ପ୍ରକୃତ ଅପରାଧୀ ହୋଇନଥିଲେ ମଧ୍ୟ କାଳେ ତାକୁ ଏହି ଅଭିଯୋଗର ଅପବାଦ ସହ୍ୟକରିବାକୁ ହେବ ଏବଂ ପିଲାଟାର ଖୋରାକିପୋଷାକୀ ବହନ କରିବାଲାଗି କାଳେ ହାକିମ ତାକୁ ଆଦେଶ ଦେବେ, ସେ ଏହି ଆଶଙ୍କାରେ ବଡ଼ କାତର ହୋଇ ପଡ଼ିଥିଲା । ଆଇନର କ'ଣ ଆଖି ଅଛି ଯେ ତାହା ସତକଥା କ'ଣ ଦେଖିବାକୁ ଯିବ ? କେତେବେଳେ ଦୋଷୀକୁ ଛାଡ଼ି ନିର୍ଦ୍ଦୋଷ ଉପରେ ଯେ ପାହାର ପଡ଼ିବ, ସେକଥା କିଏ ଜାଣେ ? ଏପରି ଅନେକ ଦୃଷ୍ଟାନ୍ତ ବୋରିନାର ଆଙ୍ଗୁଠି ଅଗରେ ରହିଥିଲା ।

ସେ ଏକମୁହାଁ ହୋଇ କଚେରିରୁ ବାହାରକୁ ବାହାରିଗଲା ଓ ଡୋମିନିକ୍ ପରିବାର ପଛରୁ ଆସି ପହଞ୍ଚିବା ପର୍ଯ୍ୟନ୍ତ ବାଟରେ ଅପେକ୍ଷା କରୁଥିବାବେଳେ ପୁଣି ଥରେ ସମସ୍ତ ବ୍ୟାପାରଟିକୁ ବିଚାରକରି ଦେଖିଲା । ଏପରି ଗୋଟାଏ ମିଛ ଅଭିଯୋଗ ଆଣିବା ପଛରେ ଯେ ଇଭାର କି ମତଲବ ଥାଇପାରେ, ସେ ଭାବିଭାବି କିଛି ଠିକ୍‌କରି ପାରିଲାନାହିଁ ।

"ନା —ଇଏ କଦାପି କେବଳ ତାହାରି କାମ ନୁହଁ । ତା'ର ଛୋଟ ମୁଣ୍ଡରେ ଏହି କଥା କଦାପି ସମ୍ଭବ ହେବନାହିଁ । ନିଶ୍ଚୟ ଆଉ କାହାରି ଶିକ୍ଷାରେ ପଡ଼ି ସେ ଏକଥା କରିଚି । କିନ୍ତୁ ସେ ଜଣକ କିଏ ହୋଇଥିବ ?"

ଗୋଟାଏ ଜଳଖିଆ ଦୋକାନକୁ ସେ ଡୋମିନିକ୍‌ର ବିଧବାପତ୍ନୀ ଓ ପୁଅ ସାଇମନ୍ ସାଙ୍ଗରେ କିଛି ଜଳଖିଆ କରିବାକୁ ଗଲା । ଡୋମିନିକ୍‌ଭା ସୂଚନା ଦେଇ କହିଲା ଯେ ଏସବୁ ହେଉଚି ତା'ର ଜୁଆଇଁ ସେହି କମାରର କାରସାଦି । କିନ୍ତୁ ବୋରିନା ଏକଥା ବିଶ୍ୱାସ କରିପାରିଲା ନାହିଁ ।

* ପୁରାତନ ଧର୍ମାଚାର ମାନୁଥିବା ଇହୁଦୀମାନେ ଶୀତଦିନେ ମଧ୍ୟ ଶନିବାର ଦିନ ଘରେ ନିଆଁ ଜାଳନ୍ତି ନାହିଁ, ତେଣୁ ସେମାନେ କୌଣସି ଗରିବ ଘରର ସ୍ତ୍ରୀଲୋକକୁ ଆପଣା ଘରେ ରଖିଥାନ୍ତି । ସେହି ସ୍ତ୍ରୀଲୋକଟି ସେଦିନ ଘରଘର ବୁଲି ସମସ୍ତଙ୍କର ଚୁଲି ଲଗାଇଦେଇ ଆସେ ।

Digitized by srujanika@gmail.com

''ଏପରି କରି ତା'ର କି ଲାଭ ହେବ ?''

''ତୋତେ ହଇରାଣ କରି ଓ ଅପମାନ ଦେଇ ସେ ମନେ ମନେ ଖୁସି ହେବ । ସାଇପଡ଼ିଶା ତୋତେ ଟାପରା କରୁଥିବେ । ସେ କମାରପୁଅ ସହଜ ଜଣେ ନୁହେଁ । କେବଳ ମଜା ଦେଖିବାପାଇଁ ସେ ଜିଅନ୍ତା ମଣିଷର ଦେହରୁ ଛାଲ ଉତାରିବା ଲୋକ ।''

''କିନ୍ତୁ ଇଭା ଯେ କାହିଁକି ମୋ'ସହିତ ଏପରି ଖଳବୃତ୍ତି କରିବାକୁ ଯିବ, ମୁଁ ସେକଥା ଆଦୌ ବୁଝିପାରୁନାହିଁ । ମୁଁ ତ କେବେ ଅଜାଣତରେ ମଧ୍ୟ ତା'ର କୌଣସି କ୍ଷତି କରିନାହିଁ । ଓଲଟି ତା' ଛୁଆର ଦିଅଁଲାଗି ପାଇଁ ମୁଁ ପାଦ୍ରିଙ୍କ ଘରକୁ ବସ୍ତାଏ ଯଅ ଦେଇ ପଠାଇଥିଲି ।''

''ମଲା ? ବୁଝି ନପାରିବାର ଏଥିରେ ଆଉ କ'ଣ ଅଛି ? ଇଭା ପେଷଣିଆ ଘରେ କାମ କରୁଚି । ପୁଣି ପେଷଣିଆ ସହିତ କମାରପୁଅର କ୍ଷୀରନୀର ସମ୍ବନ୍ଧ ! ଏତିକି ବୁଝିହେଉନାହିଁ ?''

''ବୁଝିଚି, କିନ୍ତୁ ତଥାପି ସେଥିରେ କୌଣସି କାରଣ ଦେଖିପାରୁ ନାହିଁ । ଆଉ କିଛି ପିଇବ ?''

''ହଁ ହଁ, କିନ୍ତୁ ଆଗ ତୁମେ ପିଅ, ମାଥିଆସ୍ !''

ସେମାନେ ତିନିଗିଲାସ କରି ପିଇସାରିବା ପରେ ଅଧସେର ମାଉଁସ ଓ ଗୋଟାଏ ଅଧା ପାଉଁରୁଟି ଖତମ କଲେ । ଯୁକ୍କା ପାଇଁ ଆଉକିଛି ଖାଇବା ପଦାର୍ଥ କିଣି ବୋରିନା ସେଠାରୁ ଗୋଡ଼ କାଢ଼ିଲା ।

''ଡୋମିନିକଭା, ସାଙ୍ଗହୋଇ ଯିବା ଆସ । ସାଙ୍ଗହୋଇ କଥାବାର୍ତ୍ତା କରିକରି ଯିବା । ଏକୁଟିଆ ଗଲେ ମୋଟେ ଭଲ ଲାଗିବ ନାହିଁ ।''

''ଆଚ୍ଛା ହଉ । କିନ୍ତୁ ମୁଁ ଆଗ ଗିର୍ଜାକୁ ଯିବି । ମୋ'ର ପ୍ରାର୍ଥନା କରିବା ବାକୀରହିଚି !''

ସେ ଗିର୍ଜାରୁ ଫେରିଆସିବା ପରେ ସେମାନେ ଗାଆଁକୁ ଫେରିବାକୁ ଲାଗିଲେ ।

ଜଙ୍ଗଲ ପାଖରେ ଆସି ପହଞ୍ଚିବା ବେଳକୁ ଦିନ ନଇଁବାକୁ ଆରମ୍ଭ କଲାଣି ।

ବେଳେବେଳେ ଦୁହିଁଙ୍କ ଭିତରେ ପଦେ ପଦେ କଥାବାର୍ତ୍ତା ହେଉଥାଏ । କିନ୍ତୁ ସେ ସବୁ କେବଳ ଭଦ୍ରତା ଖାତିରରେ । ଦୁହିଁଙ୍କ ଭିତରେ ଜମିପାରିବା ଭଳି କୌଣସି କଥା ମଧ୍ୟ ଜଗତରେ ନଥିଲା । କେବଳ ନିଦ ନମାଡ଼ିବା ଲାଗି ଯେତିକି କଥାବାର୍ତ୍ତାକରିବା ଆବଶ୍ୟକ, ସେମାନେ ସେତିକି କଥାବାର୍ତ୍ତା କରୁଥିଲେ । କଥାରେ ପରା କହନ୍ତି, କଥାବାର୍ତ୍ତା ନହେଲେ ଜିଭଟା ମଧ୍ୟ ଶୁଖିଶୁଖିଯାଏ ।

ଘୋଡ଼ାଟା ଭାରି ଧୀରେ ଧୀରେ ଯାଉଥାଏ । ବୋଧହୁଏ ସେ ଭାରି କ୍ଲାନ୍ତ ହୋଇପଡ଼ିଥାଏ, ଏଣେ ଭାରି ଗରମ ମଧ୍ୟ ହେଉଥାଏ । ଘୋଡ଼ାର ଗତି ବଢ଼ାଇବାଲାଗି ବୋରିନା ତା' ପିଠିରେ ପାଞ୍ଚଣ ପିଟିବାରେ ଲାଗିଥାଏ । କେତେବେଳେ ମୁହଁରେ ସିସିରି ବଜାଉଥାଏ, ପୁଣି କେତେବେଳେ ବିଲକୁଲ ଚୁପ୍ ହୋଇଯାଉଥାଏ ଓ ମୁଣ୍ଡଭିତରେ କେତେ କଣ ବିଷୟର ରୋମନ୍ଥନ ଓ ଚିନ୍ତନ କରିବାରେ ଲାଗିଥାଏ । ମଝିରେ ମଝିରେ ବଙ୍କେଇ କରି

Digitized by srujanika@gmail.com

ଚାହିଁ ବୁଢ଼ୀ ଆଡ଼କୁ ଥରେ ଅନାଉଥାଏ । ବୁଢ଼ୀ ଗମ୍ଭୀର ମୁହଁ କରି ବସିରହିଥାଏ, ତା'ର ମୁଖଉପରେ ବୟସର ରେଖାମାନ ଉଙ୍କୁଟି ଉଠିଥାଏ । ତା'ର ପାକୁଆ ପାଟିଟା ବେଳେବେଳେ ଘେରାଏ କରି ଚକିବୁଲି ଆସୁଥାଏ, ମନେହେଉଥାଏ, ଯେପରି ସେ ମନେ ମନେ ପ୍ରାର୍ଥନା କରିବାରେ ଲାଗିଚି । ବେକରେ ବନ୍ଧା ହୋଇଥିବା ନାଲି ଝାଡ଼ଣଟିକୁ ସେ ଭଲକରି ଟାଣିଦେଉଥାଏ ଓ ତାହାଦ୍ୱାରା ଆପଣାର ଆଖିକୁ ଆଢୁଆଳ କରି ରଖୁଥାଏ । କାରଣ ଖରାଧାସଟା ଠିକ୍ ତା'ର ଆଖିଉପରେ ଆସି ପଡୁଚି । କେବଳ ଆଖିଦୁଇଟା ମିଟିମିଟି କରିବାଟିକୁ ଛାଡ଼ିଦେଲେ ତା'ର ଦେହର ଅଂଶ ହଲ କି ଚଳ କିଛି ହେଉନଥାଏ ।

''ତମର ଆଳୁଖୋଳା ସରିଲାଣି ?'' —ଶେଷକୁ ବୋରିନା ପଚାରିଲା ।

''ହଁ, ସରିଲାଣି । ଏବର୍ଷ ଭଲ ଫସଲ ମିଳିଲା ।''

''ତେବେ, ତୁମେ ସହଜରେ ଗୋଟାଏ ଘୁଷୁରି ରଖିପାରିବ ।''

''ଗୋଟାଏ ତ ପାଳିଚି । ଖରାଦିନ ପର୍ବବେଳକୁ ସେଇଟା ବିକିବାଭଳି ହୋଇଯିବ ।''

''ହଁ ହଁ, ନିଶ୍ଚୟ । ମୁଁ ଶୁଣୁଥିଲି, ରଫାଲ୍‌ର ପୁଅ ଭାଲେକ୍ କୁଆଡ଼େ ତୁମ ଘରକୁ ଭଡ଼୍‌କା ସହିତ ଭଲଲୋକ ପଠାଇଥିଲା ।''

''ହଁ, ଆଉ ଅନ୍ୟମାନେ ମଧ ପଠାଇଥିଲେ । କିନ୍ତୁ ସେମାନେ ସମସ୍ତେ ଖାଲି ଲୋକସାନରେ ପଡ଼ିଲେ । ମୋ'ର ୟଗନାପାଇଁ ସେମାନେ କେହି ଉପଯୁକ୍ତ ହେବେନାହିଁ ।''

ମୁଣ୍ଡ ଟେକି ଡୋମିନିକଭା ଠିକ୍ ଚିଲପରି ବୋରିନାର ଆଖିକୁ ସିଧା ଅନାଇ ରହିଲା । କିନ୍ତୁ ବୋରିନା ତ ପୁରୁଖା ମଣିଷ, ସେ ଏଥିରେ କୌଣସି ପ୍ରକାର ଇତସ୍ତତଃ ନହୋଇ ସେହିପରି ବସି ରହିଲା । ଟୋକାଟାକଳିଆ ମଣିଷ ହୋଇଥିଲେ ପ୍ରକୃତରେ ଇତସ୍ତତଃ ହୋଇପଡ଼ିଥାନ୍ତା । ଅତ୍ୟନ୍ତ ଶାନ୍ତ ଓ ଅବିଚଳିତ ଭାବରେ ସେ ବୁଢ଼ୀର ଆଖିର ସମ୍ମୁଖୀନ ହେଲା । ବେଶ୍ କିଛି ସମୟ ପର୍ଯ୍ୟନ୍ତ କାହାରି ମୁହଁରୁ କୌଣସି କଥା ବାହାରିଲାନାହିଁ । ସତେ ଅବା ଦୁହିଁଙ୍କ ଭିତରେ ନୀରବ ରହିବାର ଏକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥାଏ ।

ବୋରିନା ତରଫରୁ କଥାଟା ଆରମ୍ଭ ହେଲେ ଆଦୌ ସୁନ୍ଦର ହୁଅନ୍ତାନାହିଁ । ତା'ର ଆସି ଅଧାବୟସ ପାରି ହୋଇଗଲାଣି । ଲିପ୍‌କାର ବୟସ୍କମାନଙ୍କର ତାଲିକାରେ ତା'ର ନାଆଁ ରହିଚି, ସେ କିପରି ବେହିଆଙ୍କ ପରି ଆଗ ବାହାରିପଡ଼ି କହିବ ଯେ ବୁଢ଼ୀର ଝିଅ ୟଗ୍‌ନା ଉପରେ ତା'ର ନଜର ପଡ଼ିଚି ? କିନ୍ତୁ ସ୍ୱଭାବତଃ ଟିକିଏ ଗରମ ମିଜାଜର ଲୋକ ହୋଇଥିବାରୁ, ସେ ଆପଣା ଭିତରେ ପିତ୍ତ ଚହଟି ଉଠିଲାପରି ଅନୁଭବ କଲା ଏବଂ ବାଆଁରେଇ ହୋଇ ନାନାକଥା ଭିତରେ ଅସଲ କଥାକୁ ଆସିବାକୁ ତତ୍ପର ହେବାକୁ ଲାଗିଲା ।

ଡୋମିନିକଭା ମଧ ବୋରିନା ବିରକ୍ତ ହେଲାଣି ବୋଲି ବେଶ୍ ଠଉରାଇ ପାରିଲା । ରାଗିବାର କାରଣଟା ମଧ ତାକୁ ଆଚ୍ଛାକରି ଜଣା । ତଥାପି ତା'ର ମୁହଁରୁ ପଦେହେଲେ କଥା ବାହାରିଲାନାହିଁ । ସେ କେବଳ ନୀରବ ହୋଇ ବସି ତା' ଆଡ଼କୁ ଦୃଷ୍ଟିପାତ କରିବାକୁ ଲାଗିଲା । ଶେଷକୁ କିଛି ଗୋଟାଏ କଥା ପକାଇବା ଆବଶ୍ୟକ ହେବାରୁ ସେ କହିଲା—

Digitized by srujanika@gmail.com

''ତୁମକୁ ଦେଖି ଭାରି ବିରକ୍ତ ଓ ଗରମ ମନେହେଉଚି । ସତେ ଯେପରି ଫସଲ କାଟି ଘରକୁ ଫେରୁଚ !''

''ହଁ, ପ୍ରକୃତରେ ହିଁ ମୋତେ ଭାରି ଗରମ ଲାଗୁଚି ।''

ପ୍ରକୃତରେ ମଧ ଆଜି ଭାରି ଗରମ ହେଉଥାଏ । ଚାରିପାଖରେ ଜଙ୍ଗଲ ଘେରିହୋଇ ରହିଚି, ଏହାର ପାଚେରି ଭେଦକରି ପବନ ଆଦୌ ଭିତରେ ପ୍ରବେଶ କରି ପାରୁନଥିଲା । ମୁଣ୍ଡ ଉପରେ ସୂର୍ଯ୍ୟର ଉତ୍ତାପ ନିଆଁ ହୋଇ ଜଳିବାରେ ଲାଗିଥାଏ । ସେହି ଉତ୍ତାପରେ ସିଝିଗଲା ପରି ହୋଇ ଗଛର ଡାଳଗୁଡ଼ାକ ରାସ୍ତାଉପରକୁ ଲହକି ପଡ଼ିଥାନ୍ତି । ଏଠିସେଠି ଜମିରହିଥିବା ପଚାପାଣି ଓ ପାଚିଲା ପତରଗୁଡ଼ାକରୁ ଗୋଟାଏ ପ୍ରକାର ରହଣିଆ ଫିମ୍ପିମରା ଗନ୍ଧ ଆସି ନାକକୁ ରୁନ୍ଧି ଦେଲାପରି ଲାଗୁଥାଏ ।

ବୁଢ଼ୀ ପଚାରିଲା, ''ଗୋଟାଏ କଥା ତୁମେ କେବେହେଲେ କଳ୍ପନା କରିଚ ? ସାଇପଡ଼ିଶାରେ ଆମେ ଅନେକବାର ଭାବିଚୁ ଯେ ଚାଷୀ ହିସାବରେ ତୁମର ଏତେ ନାମଡାକ ରହିଚି, ହାତରେ ଧନ ରହିଚି, ଅନ୍ୟାନ୍ୟ ଅନେକ ଲୋକଙ୍କଠାରୁ ତୁମର ପାରୁଆପଣ ଅଧିକ ରହିଚି, ତଥାପି କାହିଁକି ତୁମେ କୌଣସି ସରକାରୀ ବା ସାଧାରଣ ପଦଲାଗି ପ୍ରାର୍ଥୀ ହେବାକୁ କୌଣସି ପ୍ରକାରେ ମନ ବଳାଉ ନାହଁ ?''

''ହଁ, ସତକଥା । ସେସବୁ ଆଡ଼କୁ ମୋ'ର ପ୍ରକୃତରେ କୌଣସି ମନ ନାହିଁ । ଏସବୁ ପଦରେ ରହିଲେ ମୋ'ର କ'ଣଗୁଡ଼ାଏ ଲାଭ ହୋଇଯିବ କହିଲ ? ହଁ, ଥରେ ତିନିବର୍ଷ ପାଇଁ ମୁଁ ଗାଆଁର ପ୍ରଧାନ ହୋଇଥିଲି । ସେଥିରେ ମୋ'ର ଲାଭ ନହୋଇ ବରଂ ଲୋକସାନ ହେଲା, ହାତରୁ ଏତେ ପଇସା ସରିଲା ଯେ ସେଥିପାଇଁ ମୋ'ର ସ୍ତ୍ରୀ ମଧ ଅନେକ ସମୟରେ ମୋ'ଉପରେ ଭାରି ବିରକ୍ତ ହେଉଥିଲା ।''

''ହଁ, ତା'ର ବିରକ୍ତ ହେବାର କାରଣ ମଧ ଥିଲା । କାରଣ କୌଣସି ବଡ଼ପଦରେ ରହିଲେ ସମ୍ମାନ ଆଉ ପଇସା ଉଭୟରେ ଲାଭ ହେବା ଦରକାର ।''

''ଧନ୍ୟବାଦ ! ସମ୍ମାନ କଥା ଛାଡ଼ିଦିଅ ! ପୋଲିସ୍‌ବାଲାଙ୍କ ପାଖରେ ଯାଇ ଗୋଡ଼ତଳେ ପଡ଼ିବାକୁ ହେବ, କଚେରି ମହକୁମାରେ କିରାନି ଚପରାସୀ ସମସ୍ତଙ୍କୁ ଖୋସାମଦ କରିବାକୁ ପଡ଼ିବ । ... ଆଉ ଯଦି ଠିକ୍ ସମୟରେ ଖଜଣା ଦାଖଲହୋଇ ନପାରିଲା, ବା କୋଉଠି ଗୋଟାଏ ପୋଲ ଯଦି ମରାମତ ହୋଇ ନପାରିଲା, ବା ପଡ଼ାରେ ଯଦି ଗୋଟାଏ କୁକୁର ପାଗଳ ହୋଇଗଲା, ତେବେ ସମସ୍ତେ ତଣ୍ଡିବାକୁ ଆସିବେ ସେଇ ପଧାନକୁ ! ଆଉ ରୋଜଗାର କଥା କହୁଚ ? କିରାନି ଆଉ ଜିଲ୍ଲାଅଫିସ୍‌ର ଅମଲାମାନଙ୍କୁ ମୁଁ କେତେକେତେ କୁକୁଡ଼ା, ବତକ ଆଉ ଅଣ୍ଡା ଯୋଗାଇ ନ ଦେଇଥିବି, କହିଲ ? ''

''ହଁ, ତୁମେ ଠିକ୍‌କଥା କହୁଚ । କିନ୍ତୁ ବର୍ତ୍ତମାନ ପିଟର୍ ପଧାନ ହୋଇଚି । ସେଥିପାଇଁ ତା'ର ମନରେ କୌଣସି କଳପନା ନାହିଁ । ସେ ପଧାନ ହୋଇ ଜମି କିଣିଚି । ଅମାରଘର

Digitized by srujanika@gmail.com

ତୋଳିଛି ।''

''ହଁ, କିନ୍ତୁ ଯୋଉଦିନ ପଧାନ ପଦ ଚାଲିଯିବ, ସେଦିନ ସେ କ'ଣ କରିବ ?''

''ତୁମେ କ'ଣ ଭାବୁଚ... ?''

''ଆରେ, ମୁଁ ତ ଆଉ ଆଖି ବୁଜି ବସିନାହିଁ ! କିଛି ନହେଲେ ଗୋଟାଏ ଦୁଇଟା କଥା ତ ଅବଶ୍ୟ ମୋ ଆଖିରେ ପଡୁଚି !''

''ତା'ର ଗର୍ବ ଭାରି , ମନମୋଟଙ୍କୁ ଲଙ୍ଗଳ ଦଉଡ଼ି ପାଇବ ନାହିଁ । ପାଦ୍ରିଙ୍କ ସାଙ୍ଗରେ ମଧ କଜିଆ ।''

''ତଥାପି ଯେ ସେ ଚଳିଯାଉଚି, ସେଥିଲାଗି ତା'ର ଭାରିଯାକୁ ବାହାଦୁରୀ ଦେବାକୁ ପଡ଼ିବ । ଭାରିଯା ହେଉଚି ଅସଲ ପଧାନ, ସେଇ ବୋଲି ସବୁ ସମ୍ଭାଳି ନେଉଚି ।''

ତା'ପରେ କିଛି ସମୟ ପର୍ଯ୍ୟନ୍ତ ଦୁହେଁ ନୀରବ ରହିଲେ ।

ଘଡ଼ିକ ପରେ ବୁଢ଼ୀ ପୁଣି ନିଠେଇ ପଚାରିଲା, ''ସତ କହ ମାଥିଆସ୍, ତୁମେ ମଧ କ'ଣ ଭଡ଼୍କା ଭାର ସହିତ କାହାଘରକୁ ଭଲ ଲୋକ ପଠାଇବାର ବିଚାର କରୁଚ ନା ନାହିଁ ?''

''ନା—ଆଉ ବାହାସାହା ହୋଇ ଷିରୀସୁଖ କରିବାକୁ ମୋର ମନ ନାହିଁ । ଆସି ବୁଢ଼ା ହେଲିଣି !''

''ସେସବୁ ଭୁରୁଡ ମୋ' ଆଗରେ କାହିଁକି କରୁଚ ମ ? ଯେତେବେଳେ ଗୋଡ଼ ହାତ ରହିଯାଏ, ଘରୁ ବାହାରି କୁଆଡ଼କୁ ଯାଇ ହୁଏ ନାହିଁ, ଆପଣା ହାତରେ ଖାଇବା ପିଇବା ବନ୍ଦ ହୋଇଯାଏ, ଚୁଲିମୁଣ୍ଡ ଛଡା ଆଉ କୋଉଠି ବସିବାକୁ ମଧ ଶକ୍ତି ନଥାଏ, ସେତେବେଳେ ସିନା ମଣିଷ ବୁଢ଼ା ହେଲା ବୋଲି କହନ୍ତି ! କାହିଁକି ? ସେଦିନ ତ ମୁଁ ତୁମକୁ ବସ୍ତାଏ ଯଅ ନେଇ ଯାଉଥିବାର ଦେଖିଚି ।''

''ହେଲା ବା ଏବେ ମୋ'ର ଏବେସୁଦ୍ଧା ବୟସ ଅଛି । କିନ୍ତୁ ମୋତେ ଝିଅ ଦେବାକୁ କିଏ ଖାତର କରିବ କହିଲ ?''

''ଚେଷ୍ଟା ନକଲାଯାଏ ସେକଥା ତୁମେ ଜାଣିବ କିପରି ?''

''ତା'ଛଡ଼ା ପିଲାଗୁଡ଼ାକ ମଧ ଏଡ଼େ ଏଡ଼େ ହୋଇଗଲେଣି । ତେଣୁ ପହିଲି ଝିଅକୁ ମୁଁ ବାହାହେବାଟା କ'ଣ ସୁନ୍ଦର ଦିଶିବ ?''

''କିଛି ସଂପତ୍ତି ଦେବାର ଲୋଭ ଦେଖାଇଲେ, ଦେଖିବ କେଡ଼େ କେଡ଼େ ସୁନ୍ଦର ଝିଅମାନେ ଆସି ତୁମ ପାଖରେ ଗଡ଼ଗଡ଼େଇବେ ?''

''ସମ୍ପତ୍ତି ? ମାଣେ ଜମିର ଲୋଭ ଦେଖାଇଲେ କି କୌଣସି ଝିଅ ଗିର୍ଜା ପାହାଚ ଉପରେ ବସି ଭିକ ମାଗୁଥିବା ଭିକାରିଟାର ହାତ ଧରିବାକୁ ଆସିବ ?''

''ଆଚ୍ଛା, ମରଦମାନେ କ'ଣ କରିବେ କହିଲ ? ସେମାନେ କ'ଣ କେବେହେଲେ ଯୌତୁକ ସହିତ ଝିଅ ନେବାକୁ ଇଚ୍ଛା କରିବେ ?''

Digitized by srujanika@gmail.com

ବୋରିନା କୌଣସି ଜବାବ ଦେଲାନାହିଁ, କିନ୍ତୁ ଘୋଡ଼ୀଟା ଉପରେ ଭାରି ଜୋର୍‌ରେ ପାଞ୍ଚଣଟାକୁ ପିଟିଦେଲା । ମାଡ଼ର କୋପରେ ଘୋଡ଼ୀ ଗୋଟାସୁଦ୍ଧା ଦଉଡ଼ିବାକୁ ଆରମ୍ଭ କଲା ।

ତା'ପରେ ପୁଣି ଘଡ଼ିକ ଲାଗି ଦୁହେଁ ଚୁପ୍‌ଚାପ୍ । ଜଙ୍ଗଲ ଭିତରୁ ବାହାରି ସେମାନେ ପପ୍‌ଲାରଗଛ ଧାଡ଼ିବାନ୍ଧି ଠିଆ ହୋଇଥିବା ରାସ୍ତା ଉପରକୁ ଆସିଲେ । ଠିକ୍ ସେତିକିବେଳେ ବୋରିନା ହଠାତ୍ କହି ଉଠିଲା—

''ସଂସାରଟା ଉଚ୍ଛନ୍ନ ହୋଇଯିବା ବ୍ୟତୀତ ଆଉ ଅନ୍ୟ ଗତି ନାହିଁ । ଯାହା କରିବାକୁ ଯାଅ ପଛକେ, ଆଗ ପଇସା ଦିଅ ! ଭଲ କଥା ପଦେ ମଧ ପଇସା ନଦେଲେ ଶୁଣିବାକୁ ମିଳିବ ନାହିଁ । ଏହାଠାରୁ ଆଉ ଅଧିକ ଖରାପ ଅବସ୍ଥା କ'ଣ ହୋଇପାରେ ? କାଳ ତ ଏମିତି ହେଲାଣି ଯେ ପୁଅଝିଅମାନେ ବାପା ବିରୁଦ୍ଧରେ ହାତ ଉଠାଇଲେଣି, କେହି ଆଉ କାହାରିକୁ ମାନିବାକୁ ରାଜି ନୁହନ୍ତ, ସମସ୍ତେ ଟାକି ବସିଚନ୍ତି, ଖାଲି ଟିକିଏ ଓର ପାଇଲେ ଗୋଟାସୁଦ୍ଧା ଗିଳି ପକାଇବେ ! ମଣିଷଗୁଡ଼ାକ କୁକୁରଠାରୁ ବି ବଳିଲେଣି ।''

''ସେମାନେ ଖାଲି ଭ୍ରମଭିତରେ ଘାଣ୍ଟି ହେଉଚନ୍ତି । ସେମାନେ ଭୁଲିଗଲେଣି ଯେ ଦିନେ ସମସ୍ତଙ୍କୁ ସେହି ମାଟି ଆଦରି ଏ ସଂସାରରୁ ଯିବାକୁ ପଡ଼ିବ !''

''ଆରେ ବାବୁ, କାଲିକାର ପିଲାଖଣ୍ଡକ ଆଜି ମଣିଷ ହେଉ ନହେଉଣୁ ବାପଠାରୁ ଭିନେ ହେବାକୁ ବସୁଚି, ସମ୍ପତ୍ତି ଭାଗ ଦାବି କରୁଚି । ବଡ଼ ବୋଲି ଭଲା ଟିକିଏ ଡର ଥାଆନ୍ତା, ଭୟ କି ସଙ୍କୋଚ ହେଲେ ଥାଆନ୍ତା । ଆଜିକାର ଏଇ ବଦମାସ ଟୋକାଗୁଡ଼ାଙ୍କୁ ଆଉ ଆପଣା ଗାଆଁ ମଧ ଗନ୍ଧେଇଲାଣି, ସେମାନେ ପୁରୁଷପରମ୍ପରାରୁ ଚଳିଆସୁଥିବା ସବୁ ନୀତି, ସୁବ ନିୟମକୁ ନାକ ଟେକିବାକୁ ଆରମ୍ଭ କଲେଣି; ସେମାନଙ୍କ ଭିତରୁ ପୁଣି ଏପରି କେତେଜଣ ଅଛନ୍ତି ଯୋଉମାନଙ୍କୁ କି ଚାଷୀର ପୋଷାକ ପିନ୍ଧିବାକୁ ମଧ ଲାଜ ମାଡୁଚି !''

''ଠାକୁରଙ୍କ ଉପରେ ଆଉ ସେମାନଙ୍କର ବିଶ୍ୱାସ ନାହିଁ ବୋଲି ଏସବୁ ହେଉଚି !''

''ସେଥିପାଇଁ ହେଉ ବା ଆଉ ଯେଉଁଥିପାଇଁ ହେଉ, ଦୁନିଆଟା ଭାରି ଅବାଗିଆ ହୋଇଗଲାଣି ।''

''ଆଉ କେବେ ହେଲେ ବାଗକୁ ଆସିବା ପରି ଦିଶୁନାହିଁ ।''

''ଅଲବତ ବାଗକୁ ଆସିବ ! କିନ୍ତୁ ଭଲବାଟରେ ଆସିବାପାଇଁ କିଏ ସେମାନଙ୍କ ଉପରେ ଜବରଦସ୍ତି କରିବ କହିଲ ?''

''ଭଗବାନ କରିବେ । ମୋ' କଥା ମନେରଖିଥା, ଦିନେ-ନା-ଦିନେ ତାଙ୍କର ବିଚାର କରିବାର ଦିନ ଆସି ପହଞ୍ଚିବ ଓ ଭଗବାନ ସେଦିନ ସମସ୍ତଙ୍କୁ ଉଚିତ ଶାସ୍ତି ନିଶ୍ଚୟ ଦେବେ ।''

''ହଁ, କିନ୍ତୁ ସେହିଦିନ ଆସି ପହଞ୍ଚିବା ପୂର୍ବରୁ କେତେ ଲୋକଙ୍କର ସର୍ବନାଶ ହେବ କହିଲ ?''

''ସମୟ ଯେମିତି ଖରାପ ପଡ଼ିଲାଣି, ଦେଶଯାକ ମହାମାରୀ ଘୋଟିଗଲେ ହୁଏତ ଏହାଠାରୁ ଅଧିକ ଭଲ ହୋଇଥାନ୍ତା ?''

Digitized by srujanika@gmail.com

''ଖାଲି ସମୟକୁ ଖରାପ କହିଲେ କ'ଣ ହେବ, ମଣିଷଗୁଡ଼ାକ ମଧ ସେମିତି ହେଲେଣି । ଆଛା ସେ କମାରଟା କଥା ବିଚାର କରି ଦେଖିଲ ? ପଧାନ ମଧ କୋଉ ଭଲଲୋକ ? ସେମାନେ ପାଦ୍ରିଙ୍କ ସହିତ ମଧ କଜିଆ କରିବାକୁ ବାହାରିଲେଣି, ମଣିଷଗୁଡ଼ାଙ୍କୁ ନାନା ଶିକ୍ଷାରେ ମତାଇ ହୁଡ଼ାଇ ଦେବାର ଷଡ଼ଯନ୍ତ୍ର କରୁଚନ୍ତି । ନାନା କଥାରେ ସେମାନଙ୍କୁ ଭଣ୍ଡାଇବାକୁ ବସିଚନ୍ତି । ଲୋକଗୁଡାକ ମଧ ସେମାନଙ୍କ କଥାରେ ବିଶ୍ୱାସ କରୁଚନ୍ତି । ମୋ'ର ଜୁଆଇଁ ହେଲେ କ'ଣ ହେଲା, ସେ କମାରଟା ମୋ' ଭାତ କଂସାରେ ଥିବା ଜହରଠାରୁ ବଳିଲାଣି ।''

ସଂସାରର ଶଠତା ବିଷୟରେ ସେମାନେ ବେଶ୍ ଅନେକ ସମୟ ପର୍ଯ୍ୟନ୍ତ ସମସ୍ୱରରେ ଅଭିଯୋଗ କରିବାକୁ ଲାଗିଲେ ଏବଂ ପପ୍‌ଲାର ଗଛର ଫାଙ୍କଦେଇ ଆଖିଆଗରେ ଦେଖାଯାଉଥିବା ଆପଣାର ଗାଆଁ ଉପରେ ଦୃଷ୍ଟିପାତ କଲେ ।

ଗିର୍ଜା ଦୁଆରେ ଥିବା କବର ଭୂଇଁରେ ଧାଡ଼ିଏ ସ୍ତ୍ରୀଲୋକ ମୁଣ୍ଡ ନୁଆଁଇ କ'ଣସବୁ କରୁଛନ୍ତି, ଏତେଦୂରରୁ ମଧ ତାହା ତଥାପି ଅସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହେଉଚି । ଗାଆଁର ଗୋଚରଭୂଇଁକୁ ବହିଆସୁଥିବା ଧୀର ସମୀରଣ ସହିତ ନିତିଦିନର ଅତି ପରିଚିତ ଝୋଟ ପିଟା ହେଉଥିବାର ଶବ୍ଦ ମଧ ଭାସିଆସି କାନକୁ ବିରକ୍ତ କରିପକାଉଚି ।

''ନଳିତା ପିଟାହେବାର ପାଗ ମଧ ଆଜି ହୋଇଚି । ମୁଁ ସେଇଠି ଓହ୍ଲାଇ ସେମାନଙ୍କ ପାଖକୁ ଯିବି, କାରଣ ୟଗନା ମଧ ସେଇଠାରେ ଥିବ ।''

''ମୁଁ ସେଠାକୁ ଗାଡ଼ି ଅଡ଼ାଇ ନେବି । ସେଥିରେ ମୋ'ର କିଛି କ୍ଷତି ହେବ ନାହିଁ ।''

''ଆଜି ତୁମର ମନରେ ଭାରି ଦୟା, ମାଥିଆସ୍ ''—ଧୂର୍ତ୍ତ ହସ ହସି ବୁଢ଼ୀ କହିଲା ।

ବଡ଼ ରାସ୍ତା ଛାଡ଼ି ସେମାନେ ଶସ୍ୟଖେତ ମଧଦେଇ ଗିର୍ଜାକୁ ପଡ଼ିଥିବା ରାସ୍ତାକୁ ଆସିଲେ । ଧୂସର ପଥରର ଗୋଟିଏ ଛୋଟିଆ ପାଚେରି ଗିର୍ଜାର ଚାରିପାଖରେ ବୁଲିଚି । ପାଚେରି ଉପରେ ଭୂର୍ଜ ଓ ଆଉ କେତେ ପ୍ରକାର ଗଛର ଛାଇମାନ ପଡ଼ିଚି । ପାଚେରି ଉପରକୁ ଡେରା ହୋଇ କେତୋଟି କ୍ରୁଶ ଖୁଣ୍ଟ ମଧ ଥୁଆ ହୋଇଚି । ସେଇଠି ପ୍ରାୟ କୋଡ଼ିଏ ଜଣ ସରିକି ସ୍ତ୍ରୀଲୋକ ନଳିତା ବାଡ଼େଇବାରେ ବ୍ୟସ୍ତ ଅଛନ୍ତି । ସେମାନଙ୍କର ମୁଣ୍ଡଉପରେ ଟିକିଟିକି ହୋଇ ପବନରେ ଉଡୁଥିବା ଝୋଟର ମେଘ ଆବୋରି ରହିଚି, ପୁଳାଏ ପୁଳାଏ ଉପରକୁ ଉଠିଯାଇ ଭୂର୍ଜପତରରେ ଲାଖି ରହିଚି, କ୍ରୁଶଖୁଣ୍ଟଗୁଡ଼ିକର ଦୁଇ କଡ଼ରୁ ମଧ ପୁଳାଏ ପୁଳାଏ ଓହଳି ରହିଚି । ଟିକିଏ ତଳ ଆଡକୁ ଗାତମାନଙ୍କ ଭିତରେ ନିଆଁ ଜଳୁଚି, ତାହାରି ଉପରେ ଖୁଣ୍ଟରେ ଦଉଡ଼ି ବନ୍ଧାହୋଇ ଝୋଟକେରିଗୁଡ଼ିକୁ ଶୁଖାଇ ଦିଆଯାଇଚି ।

ନଳିତା ପିଟି ଝୋଟ ବାହାର କରିବାର କାମ ଭାରି ଶକ୍ତ କାମ । ଠିକ୍ ବୈଠକ କଲାପରି ସ୍ତ୍ରୀଲୋକମାନେ ଏକାବେଳେକେ ଅଣ୍ଟା ଭାଙ୍ଗି ତଳକୁ ନଇଁ ପଡୁଚନ୍ତି, ପୁଣି ଏକାବେଳେକେ ଉପରକୁ ଉଠିଯାଉଚନ୍ତି । ମଝିରେ ମଝିରେ ସେମାନଙ୍କ ଭିତରୁ ଜଣେଅଧେ ଦଣ୍ଡେ ଠିଆହୋଇ ପିଟଣାରେ ଲାଗିଥିବା ଝୋଟକୁ ନିକକରି ବାହାର କରି ଦେଉଚନ୍ତି ଏବଂ ଆଗରେ ପଡ଼ିକରି ରହିଥିବା ଗୋଟାଏ ଲୁଗା ଉପରକୁ ଫିଙ୍ଗିଦେଉଚନ୍ତି ।

Digitized by srujanika@gmail.com

ସୂର୍ଯ୍ୟ ସେତେବେଳକୁ ଜଙ୍ଗଲର ଉପରେ ଆସି ହେଲେଣି । ତାଙ୍କର ଟାଣ କିରଣ ସିଧା ଆସି ଏହି ସ୍ତ୍ରୀଲୋକମାନଙ୍କର ମୁହଁରେ ଟାଏଁ ଟାଏଁ ବାଜୁଚି । କିନ୍ତୁ ସେକଥା ଭାବିବାକୁ କାହାକୁ ତର ଅଛି ? କାମ, କାମ ସହିତ ହସ ଆଉ ଖୁସିଗପ—ଆଉ କୌଣସି ଲାଗି ମୁହୂର୍ତ୍ତେ ସୁଦ୍ଧା ଫୁରସତ ନାହିଁ ।

"ଭଗବାନ ତୋ' କାମର ଫଳ ତୋତେ ଦିଅନ୍ତୁ ।" ଆଶୀର୍ବାଦ କରି ବୋରିନା ଯଗନାକୁ କହିଲା । ଯଗନା ଆପଣାର ସମସ୍ତ ଶକ୍ତି ପ୍ରୟୋଗ କରି ନଳିତା ପିଟିବାରେ ଲାଗିଥାଏ । ତା' ଦେହରେ କେବଳ ଖଣ୍ଡେ ଧଳା କୁରୁତା ଛଡ଼ା ଆଉ କିଛି ନଥାଏ—ତଳେ ଛାତିଉପରେ ଗୋଟିଏ ନାଲି ବ୍ଲାଉଜ ଓ ଧୂଳିରୁ ରକ୍ଷା ପାଇବା ଲାଗି ମୁଣ୍ଡଉପରେ ବନ୍ଧା ହୋଇଥିବା ଖଣ୍ଡେ ଝାଡ଼ଣ ।

'ଧନ୍ୟବାଦ !'—ଜବାବ ଦେଇ ଯଗନା କହିଲା ଓ ଆପଣାର ଘନନୀଳ ଆଖି ଦିଓଟି ଉଠାଇ ସେ ବୋରିନା ଆଡ଼କୁ ଅନାଇଲା । ଖରା ତେଜରେ ପାଚିକରି ରହିଥିବା ତା'ର ସୁନ୍ଦର ମୁହଁଟି ଉପରେ ଗୋଟିଏ ଦରସ୍ମିତର ରେଖା ଝଲସି ଉଠିଲା ।

ପିଟା ହୋଇଥିବା ଝୋଟଉପରେ ହାତମାରି ମାଆ ପଚାରିଲା "ଏଗୁଡ଼ାକ ଶୁଖିଲା ନା ଓଦା, ଝିଅ ?"

"ଶୁଖିଲା, ହାତମାରିଲେ ସତେ ଅବା ଖଡ଼ଖଡ଼ ହୋଇ ଭାଙ୍ଗିଯିବ !"

ପୁଣି ସେ ବୁଢ଼ା ବୋରିନା ଆଡ଼କୁ ଅନାଇ ଈଷଦ୍ ହସିଦେଲା । ବୋରିନା ସତେ ଅବା ଲାଜରେ ଗୋଟାସୁଦ୍ଧା ଲୋସଡି ପଡୁଥାଏ । ଘୋଡ଼ାକୁ ଅନାଇ ସେ ବାଆଁରେଇ ହୋଇ ସେଠାରୁ ଚାଲିଗଲା । ଗଲାବେଳେ ବାରବାର ମୁହଁ ବୁଲାଇ ସେ ଯଗନା ଆଡକୁ ଅନାଇବାରେ ଲାଗୁଥାଏ । ଦୂରକୁ ଚାଲିଯିବା ପରେ ଆଉ ଯଗ୍‌ନା ଦୃଷ୍ଟିଗୋଚର ହେଲାନାହିଁ; କିନ୍ତୁ ତା'ର ମାନସଚକ୍ଷୁରେ ସେ ତଥାପି ତାକୁ ଦେଖିବାରେ ଲାଗିଥାଏ ।

"ଭାରି ସୁନ୍ଦର ଝିଅଟି, ଠିକ୍ ଗୋଟିଏ ହରିଣୀ ପରି !" — ସେ ମନେମନେ କହିଲା ।

Digitized by srujanika@gmail.com

ଚାରି

ଆଜି ରବିବାର । ଶରତ୍‌କାଳର ଏହି ରବିବାର ଦିନଟିରେ ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ଦଶଦିଶ ତୋରା ଦେଖାଯାଉଚି, ଆକାଶଟାଯାକ ଖରାଆଲୁଅରେ ଫାଟିପଡୁଚି ।

ଖଳାଘର ବାହାରେ ବୋରିନାର ଗାଈଗୋରୁ ଚରିବାରେ ଲାଗିଛନ୍ତି । ଗୋଟାଏ ଉଚ ପାଳଗଦାର ଛାଇରେ ବସି କୁବା ଗୋରୁ ଜଗିଚି ଓ ଏଣେ ଭିତେକ୍‌କୁ ଉପାସନା ମନ୍ତ୍ର ଶିଖାଇବାରେ ଲାଗିଚି ।

''ଏଣେ ଶୁଣ, ମୁଁ ତୋତେ କ'ଣ କହୁଚି''— ସେ ଗମ୍ଭୀର ଭାବରେ କହିଲା । ''ଏସବୁ ହେଉଚି ଅତ୍ୟନ୍ତ ପବିତ୍ର ଶବ୍ଦ, ମନ ଚଗଲା କଲେ ଅଶୁଭ ହେବ ।''

''ହଁ, ମୁଁ ଶୁଣୁଚି । ତୁ କହୁନୁ !''

''ତେବେ ତୁ ସେ ତୋଟା ଆଡ଼କୁ ଅନାଉଚୁ କାହିଁକି ?''

''ଦେଖୁଥିଲି, କ୍ଳେମ୍ୟାଙ୍କ ଘରର ସେଉଗଛରେ ଏପର୍ଯ୍ୟନ୍ତ ବି କେତେଟା ସେଉଫଳ ରହିଚି ।''

''କ'ଣ, ଖାଇବାକୁ ମନ ହେଉଚି ନା କ'ଣ ? ସେ ଗଛ କ'ଣ ତୁ ଲଗାଇଚ୍‌ ? ଥାଉ, ତେଣେ ଚଗଲା ନହୋଇ ଏଣେ ଧର୍ମକଥାରେ ମନ ଦେ ।''

''ଚଢ଼େଇଗୁଡ଼ାଙ୍କର ସେବା କଲା କିଏ, କିନ୍ତୁ ଡିମ୍ବରୁ ଫୁଟି ଛୁଆ ବାହାରିଲା ବେଳକୁ ସବୁ ନେଲୁ ତୁ !''

''ଆରେ ବୋକା ପିଲା, ସେଉଗୁଡ଼ାକ ହେଉଚି କ୍ଳେମ୍ୟାଙ୍କର, କିନ୍ତୁ ଚଢ଼େଇ ହେଉଚନ୍ତି ଭଗବାନଙ୍କର, ଏତିକି ବୁଝିପାରୁନୁ ?''

''କିନ୍ତୁ ଯୋଉ ଜାଗାରୁ ତୁ ଚଢେଇ ନେଲୁ, ସେ ବିଲ ତ ହେଉଚି ଖାମିନ୍ଦର !''

''ନା—ବିଲ ମଧ ଭଗବାନଙ୍କର । ତୁ ଆଜିକାଲି ଭାରି ଚଲାଖ ହେଲୁଣି । ଖଣ୍ଡିଉଡ଼ାଦେଇ ଶିଖିଲୁଣି । ଆଚ୍ଛା, ଏଥର ଏଣେ ମନ ଦେ ' ।''

ଭିତେକ୍ ଏଣେ ମନଦେଲା, କିନ୍ତୁ ସେ ଭାରି ତରବର ହେଉଥାଏ । କାରଣ ଏତେ ସମୟ ପର୍ଯ୍ୟନ୍ତ ଆଣ୍ଠୁ ଉପରେ ବସିଥିବାରୁ ତାକୁ ଭାରି କଷ୍ଟ ହେଉଥାଏ ।

''ଆରେ ଆରେ, ସେଠି ସେ ଘୋଡ଼ାଛଡ଼ାଟା ମାଇକେଲ୍ ଘରର ବିଲଭିତରେ ପଶିବାକୁ ଯାଉଚି !'' —ହଠାତ୍ ଅସ୍ଥିର ହେଲାପରି କହିଉଠି ଭିତେକ୍ ସେଠାକୁ ଦଉଡ଼ିଯିବାକୁ ବସିଲା ।

''ତା' ବିଷୟରେ ଚିନ୍ତା କରିବା ଦରକାର ନାହିଁ, ତୁ ମନ୍ତ୍ର ପାଠ କରିବୁଟି !''

ଶେଷକୁ ଭିତେକ୍ ମନ୍ତ୍ରଆଡ଼େ ମନ ଦେଲା, କିନ୍ତୁ ଆଣ୍ଠୁ ଉପରେ ନବସି ଏଥର ସେ ଚେକାମାଡ଼ି ବସିଲା । ପ୍ରତି ମୁହୂର୍ତ୍ତରେ ତା'ର ଶରୀରଟାଯାକ କଥା କହିବାରେ ଲାଗିଥାଏ,

Digitized by srujanika@gmail.com

ସେ ବାରବାର ଏପାଖ ସେପାଖ ମୋଡ଼ିହେବାରେ ଲାଗିଥାଏ । ପାଖରେ ଥିବା ଗୋଟାଏ ଗଛ ଉପରେ ପଲେ ଘରଚଟିଆ ଚଢ଼େଇ ଆସି ବସିବା ମାତ୍ରକେ ସେ ତତ୍‌କ୍ଷଣାତ୍ ଗୋଟାଏ ଢେଲା ଗୋଟାଇ ଆଣି ସେମାନଙ୍କ ଉପରକୁ ପକାଇଲା ଏବଂ କହିଲା—

"ଓଃ, ଶେଷ ମନ୍ତ୍ରରେ କ'ଣ ସବୁ କୁହାଯାଇଚି ଟି ?"

ମନ୍ତ୍ରପାଠ ଶେଷ କରି ସେଠାରୁ ଉଠିଯାଇ ଲାପାକୁ ଉଠାଇବାକୁ ଗଲା । ଲାପା ନିଦରୁ ଉଠିଲେ ତା'ସହିତ ଖେଳିବ ।

"ଚଢ଼େଇଗୁଡ଼ାଙ୍କୁ ତୁ ପାଦ୍ରିଙ୍କ ପାଖକୁ ନେଇକରି ଯିବୁ ନା ନାହିଁ ?"

"ହଁ, ଯିବି ।"

"କିନ୍ତୁ ଏଇଠି ସେଗୁଡ଼ାକ ଖତମ କରି ଦେଇଥିଲେ ଭାରି ବଢ଼ିଆ ହୋଇଥାନ୍ତା ।"

"ତୁ ଖାଇବାକୁ ତ ଆଳୁ ରହିଚି । ଚଢେଇପାଇଁ କାହିଁକି ମନ ହେଉଚି ?"

"ଦେଖ୍, ଦେଖ୍ ସେମାନେ ଗିର୍ଜାକୁ ଆସିବାକୁ ଆରମ୍ଭ କଲେଣି" —ଭିଟେକ୍ ପାଟିକରି କୁବାକୁ କହିଲା । ବାଡ଼ ଆଉ ତୋଟାର ସେପାଖରୁ ଗଛଗୁଡ଼ିକର ଫାଙ୍କ ଭିତର ଦେଇ ରାସ୍ତାରେ ଚାଲିଯାଉଥିବା ଲୋକମାନଙ୍କର ନାଲିଆ ପୋଷାକମାନ ଚହଟି ଦେଖାଯାଉଥାଏ ।

ଆଜି ବେଶ୍ ଗରମ ଲାଗୁଚି । ଚାଷୀମାନଙ୍କର ଘରେ କବାଟ ଓ ଝରକାମାନ ବିଲକୁଲ ଠିଆମେଲା ହୋଇ ରହିଚି । ଘର ସମ୍ମୁଖରେ ଦୁଆରେ ବସି କେହି କେହି ଏପର୍ଯ୍ୟନ୍ତ ମଧ ମୁହଁ ଧୋଇବାରେ ବ୍ୟସ୍ତ ଅଛନ୍ତି, କିଏ ମୁଣ୍ଡକୁଣ୍ଡାଇ ସୁଛା ପକାଉଚି, କିଏ ଆଜି ରବିବାର ବୋଲି ସାତଦିନର ମହଳ ଲୁଗାପଟା କାଚିବା ଆରମ୍ଭ କରିଦେଇଚି । କିନ୍ତୁ ଅନ୍ୟମାନେ ଭଲିଭଲି ପୋଷାକ ପିନ୍ଧି ସଜ ହେବାରେ ଲାଗିଗଲେଣି । କାହାର ପୋଷାକ ସିନ୍ଦୂର ବରନ ପପିଫୁଲ ପରି ତୋରା ଦିଶୁଚି, ଆଉ କାହାର କମଳାରଙ୍ଗର ଡାହଲିଆଫୁଲ ପରି ଦେଖାଯାଉଚି ପୁଣି ଆଉ କିଏ ନାଷ୍ଟରସିଅମ୍ ଫୁଲପରି ଉଜ୍ଜ୍ୱଳ ଚକ୍ ଚକ୍ ଦେଖାଯାଉଛି । ମାଆ, ବୋହୂ, ଝିଅ— ଆଜି ସମସ୍ତେ ସଜବାଜ ଚକଚକ ବାହାରିଚନ୍ତି । ଛୋଟ ଛୋଟ ପିଲା, ଗମ୍ଭୀରମୁଖ ଚାଷୀ ସମସ୍ତେ ଆପଣା ଆପଣାର ପୋଷାକ ପିନ୍ଧି ପୋଖରୀ ଚାରିପାଖରେ ବାଙ୍କ ବୁଲି ଯାଇଥିବା ରାସ୍ତା ଦେଇ ଗିର୍ଜା ଅଭିମୁଖରେ ଚାଲିଚନ୍ତି । ଦିନଟିର ସୁନାକିରଣ ପୋଖରୀର ପାଣି ଉପରେ ପଡ଼ି ଚାରିଆଡ଼ ସୁନା ଛୁଆଇଁ ଦେଇଚି ।

ଗିର୍ଜାର ଘଣ୍ଟା ଢଂ ଢଂ ହୋଇ ବାଜିଉଠିଲା । ଆଜି ରବିବାର, ଆଜି ବିଶ୍ରାମର ଦିନ, ଆଜି ଭଗବାନଙ୍କୁ ପ୍ରାର୍ଥନା କରି ଆସିବାର ଦିନ, ଘଣ୍ଟାର ଆନନ୍ଦଧ୍ୱନି ଏହି ସନ୍ଦେଶ ପ୍ରଚାର କରିବାରେ ଲାଗିଲା ।

କୁବା ଭାବିଥିଲା ଘଣ୍ଟା ବାଜିବା ବନ୍ଦ ହେଲେ ଯାଇ ସେ ଘରୁ ବାହାରିବ । କିନ୍ତୁ ତା'ର ଆଉ ଧୈର୍ଯ୍ୟ ରହିଲା ନାହିଁ । ଶେଷକୁ ଆପଣାର କୁରୁତାତଳେ ଚଢେଇଗୁଡ଼ିକୁ ଧରି ସେ ମଧ ବାହାରିପଡ଼ିଲା । ଭିଟେକ୍‌କୁ ଡାକି କହିଲା —

Digitized by srujanika@gmail.com

''ଭିଟେକ୍, ଘଣ୍ଟା ବାଜିବା ବନ୍ଦ ହୋଇଗଲେ ତୁ ଆଗ ଗୋରୁଙ୍କୁ ଅଡ଼ାଭିତରକୁ ବାହାର କରିଦେବୁ, ତା'ପରେ ଗିର୍ଜାକୁ ଆସିବୁ ।''

ତା'ପରେ ସେ ଭାଗି ତରତର ହୋଇ ବାହାରିପଡ଼ିଲା । ଗୋଡ଼ଟା ଛୋଟା, ତେଣୁ ଛୋଟେଇ ଛୋଟେଇ ଯିବାକୁ ପଡୁଥାଏ । ରାସ୍ତାର ଦୁଇପାଖରେ ଫଳଗଛର ତୋଟାମାନ— କେତେଆଡୁ କେତେ ପାଚିଲା ହଳଦିଆ ପତର ଉଡ଼ିଆସି ରାସ୍ତାଉପରେ ପଡ଼ିଛି । ଚାଲିଗଲାବେଳେ କୁବା ଭବୁଥିଲା, ସତେ ଯେପରି ନାନାରଙ୍ଗରେ ଛାପଛାପିକିଆ ଦେଖାଯାଉଥିବା ଗୋଟିଏ ଗାଲିଚା ଉପରେ ସେ ଚାଲିଚାଲି ଯାଉଚି ।

ଗିର୍ଜା କାନ୍ଥକୁ ପାଦ୍ରିଙ୍କର ନିବାସ—ଚାରିପାଖରେ ଗୋଟିଏ ବଡ଼ ବଗିଚା । ବଗିଚାର ଗଛଗୁଡ଼ିକରେ ଏପର୍ଯ୍ୟନ୍ତ ସବୁଜ ରଙ୍ଗର ପିଅର୍ ଫଳ ଓ ଲାଲରଙ୍ଗର ସେଉ ଲାଗି ରହିଚି, ସବୁ ପରାହୋଇନାହିଁ । ଘରଆଗରେ ଅଙ୍ଗୁରଲତା ମାଡ଼ି ଠିକ୍ ଗୋଟିଏ କୁନିପରି ହୋଇ ରହିଚି, ଅଙ୍ଗୁରଲତାର ପତର ପାଚି ନାଲି ଚକଚକ ଦେଖାଯାଉଚି । କୁବା ସେଠାରେ ଯାଇ ହଠାତ୍ କ'ଣ କରିବ ସ୍ଥିର କରି ନପାରିଲାପରି ଠିଆହୋଇ ରହିଲା, କନକନ ହୋଇ ଝରକାଆଡ଼କୁ ଓ ଖଞ୍ଜାଭିତରକୁ ପଡ଼ିଥିବା ବାଟଟି ଆଡ଼କୁ ଅନାଇବାକୁ ଲାଗିଲା । ଭିତରକୁ ଯିବାଲିଗି ତା'ର ମୋଟେ ସାହସ ହେଉନଥାଏ । ସେ ଗୋଟିଏ ଓସାରିଆ ଫୁଲପଟାଳି ପାଖରେ ଠିଆହୋଇ ରହିଥାଏ । ପଟାଳି ଭିତରୁ ଗୋଲାପ ଓ ଅଷ୍ଟର୍ ଫୁଲର ସୁଗନ୍ଧ ଆସି ତା'ର ନାକରେ ବାଜୁଥାଏ । ଘରର ଛାତ ଶିଉଳି ପଡ଼ି ନେଳିଆ ଦେଖାଯାଉଥାଏ, ପଲେ କପୋତପକ୍ଷୀ କୁଆଡୁ ଉଡ଼ିଆସି ସେହି ଛାତଉପରେ ବସିଲେ ।

ପାଦ୍ରି ବଗିଚା ଭିତରେ ପଦଚାରଣ କରୁଥାନ୍ତି, ଆପଣାର ଆହ୍ନିକ ମନ୍ତ୍ରମାନ ପାଠ କରୁଥାନ୍ତି ଏବଂ ବେଳେବେଳେ ଆପଣା ହାତ ବଢ଼ାଇ ଫଳଗଛମାନଙ୍କୁ ହଲାଇ ଦେବାରେ ଲାଗିଥାନ୍ତି । ହଲାଇବା ମାତ୍ରକେ ଗଛଡାଳରୁ ଫଳମାନ ତଳକୁ ଅଜାଡ଼ି ହୋଇ ପଡୁଥାଏ ଏବଂ ପାଦ୍ରିସାହେବ ଆପଣାର ଅଣ୍ଟିରେ ସେଗୁଡ଼ିକୁ ସାଉଁଟିବାରେ ଲାଗିଥାନ୍ତି ।

କୁବା ସାହସ କରି ତାଙ୍କ ପାଖକୁ ଆସିଲା ଓ ତଳକୁ ନଇଁପଡ଼ି ଭକ୍ତିଭରେ ତାଙ୍କର ଆଣ୍ଠୁ ଦୁଇଟାକୁ ଆବୋରି ଧରିଲା ।

''ଆରେ କଥା କ'ଣ କୁବା ? ତୁ ବୋରିନାଘର ଚାକର ନା ?''

''ହଁ ଆଜ୍ଞା, ମୁଁ ପ୍ରଭୁଙ୍କ ଲାଗି ଚଢ଼େଇ କେତୋଟି ଆଣିଥିଲି ।''

''ଧନ୍ୟବାଦ, ଅନେକ ଧନ୍ୟବାଦ ! ଆଚ୍ଛା, ଏବାଟେ ଆ !''

କୁବା ପାଦ୍ରିଙ୍କର ଅନୁସରଣ କଲା, କିନ୍ତୁ ଯାଇ ଦୁଆର ପାଖରେ ଅଟକି ଠିଆହେଲା । ଦୁଆର ବନ୍ଧ ଡେଇଁ ଯିବାକୁ ତା'ର ଆଦୌ ସାହସ ହେଲାନାହିଁ, ସେ କେବଳ ଭିତରକୁ ଉହୁଙ୍କି ମାରି ଘର ଭିତରେ କାନ୍ଥରେ ଟଙ୍ଗା ହୋଇଥିବା ନାନାପ୍ରକାର ଚିତ୍ରପଟ ଆଡ଼କୁ ଆଖି ପକାଇବାକୁ ଲାଗିଲା । ଭକ୍ତି ଓ ବିନୟଭାବରେ ଗଦ୍‌ଗଦ ହୋଇ ସେ ଭଗବାନଙ୍କ ଉଦ୍ଦେଶ୍ୟରେ ଶୂନ୍ୟରେ କ୍ରସ୍‌ଚିହ୍ନ ଅଙ୍କିତ କରିବାକୁ ଲାଗିଲା, ଏକ ନୀରବ ଦୀର୍ଘଶ୍ୱାସ ପକାଇ ସେହିସବୁ

Digitized by srujanika@gmail.com

ସୁନ୍ଦର ସୁସଜ୍ଜିତ ଚିତ୍ରପଟ ଆଡ଼କୁ ଚାହିଁ ଦେଖୁ ଦେଖୁ ତାର ଡୋଳାଭିତରେ ଲୁହ ଭରିଆସିଲା ଏବଂ ସେ ପ୍ରାର୍ଥନାମନ୍ତ୍ର ପାଠ କରିବାଭଳି ଅନୁଭବ କଲା । କିନ୍ତୁ ଏଡ଼େ ଚିକଣ ଚଟାଣ ଉପରେ ଆଣ୍ଠୁମାଡ଼ି ବସି ଚଟାଣଟାକୁ ମଇଳା କରିଦେବାକୁ ତା'ର ମନ ବଳିଲାନାହିଁ, ସେ ଭାରି ସଙ୍କୋଚ ଅନୁଭବ କରିବାକୁ ଲାଗିଲା ।

ପାଦ୍ରି ଘରଭିତରୁ ବାହାରିଆସିଲେ ଓ ତା'ର ହାତକୁ ସୁଉକାଏ ପଇସା ବଢ଼ାଇଦେଇ କହିଲେ—''ଭଗବାନ ତୋର ମଙ୍ଗଳ କରିବେ, କୁବା ତୁ ଭାରି ଭଲ ସ୍ୱଭାବର ମଣିଷ, ଭଗବାନଙ୍କଠାରେ ତୋ'ର ଭାରି ଭକ୍ତି ଅଛି । ମୁଁ ଭଲକରି ଜାଣେ, ତୁ ରବିବାରକୁ ରବିବାର ଉପାସନାରେ ଯୋଗ ଦେବାକୁ ବଡ଼ ନିୟମିତ ଭାବରେ ଗିର୍ଜାକୁ ଆସୁ ।''

କୁବା ପୁଣି ନଇଁପଡ଼ି ଭକ୍ତିଭରେ ପାଦ୍ରିଙ୍କର ଆଣ୍ଠୁ ଦୁଇଟାକୁ ଆବୋରି ଧରିଲା । ପାଦ୍ରିଙ୍କର ଆଶୀର୍ବଚନରେ ସେ ଏପରି ଭାବଗଦ୍‌ଗଦ ହୋଇ ପଡ଼ିଥିଲା ଯେ ସେଠୁ ସେ ଯେ କିପରି ଗୋଡ କାଢ଼ି ପୁଣି ରାସ୍ତାଉପରକୁ ଆସିଲା, ସେହିକଥା ସେ ଆଦୌ ଜାଣିପାରିଲାନାହିଁ ।

''ଖାଲି କେତୁଟା ଚଢ଼େଇପାଇଁ ଏତେଗୁଡ଼ାଏ ପଇସା ? ପାଦ୍ରି ପ୍ରକୃତରେ କେଡ଼େ ଭଲ ଦୟାବାନ୍ ମଣିଷ ? ତାଙ୍କଠାରେ ମୋ'ର କେତେ ଭକ୍ତି ?'' — ପଇସାଗୁଡ଼ାକୁ ଅନାଇ ଦେଖୁଦେଖୁ ସେ ମନକୁମନ କହିବାକୁ ଲାଗିଲା । ଆଜି ତ ନୂଆ ନୁହେଁ, ଆଗରୁ କେତେଥର ସେ ପାଦ୍ରିଙ୍କ ଲାଗି ଚଢ଼େଇ, ଠେକୁଆ ବା ଛତୁ ନେଇ ଆସିଚି, କିନ୍ତୁ ପାଦ୍ରି ଆଗରୁ ତାକୁ ଏତେଗୁଡ଼ାଏ ପଇସା କେବେହେଲେ ଦେଇନଥିଲେ । କେତେବେଳେ ଅଣାଏ ଦୁଇଅଣା, ବା ଆଉ କେତେବେଳେ ଉପରୋଧ କରି କେବଳ ପଦେ ଦି'ପଦ କଥା ! କିନ୍ତୁ ଆଜି ! ହେ ଭଗବାନ୍ ! ଆଜି ଏକାବେଳେକେ ସୁଉକାଏ ପଇସା । କେବଳ ସେତିକି ନୁହେଁ—ଆଜି ସେ କେତେ ଆଦର ଦେଖାଇ ତାକୁ ଘରଭିତରକୁ ଡାକି ନେଇଗଲେ, ପୁଣି କେତେ ଆଦରରେ ତାକୁ କେତେ କଥା କହିଲେ ! ସବୁ ଭଗବାନଙ୍କର ଦୟା !

''ଖାଲି ଏଇ ପାଦ୍ରିଙ୍କୁ ଛାଡ଼ିଦେଲେ ଆଉ ଜଣେ କାହାରିହେଲେ ଗରିବଙ୍କ ପ୍ରତି ଏତେଟିକିଏ ହେଲେ ଦୟା ନାହିଁ । ଭଗବାନ ଆଉ ମାଆ ଠାକୁରାଣୀ ତାଙ୍କୁ ସର୍ବକୁଶଳରେ ରଖିଥାନ୍ତୁ, ତାଙ୍କୁ ଅନେକଦିନ ବଞ୍ଚାଇ ରଖିଥାନ୍ତୁ ! ସତେ ସେ କେଡ଼େ ଭଲ ମଣିଷ, କେଡ଼େ ଦୟାଳୁ ମଣିଷ ! ମୋ'ଠାରେ ତାଙ୍କର କେତେ ଦୟା ! ମୂଳିଆଠାରୁ ସାଆନ୍ତଯାଏ ଏ ଗାଆଁରେ ସମସ୍ତେ ମୋତେ ଏଣୁତେଣୁ ନାଆଁ ଦେଇ ଟାପରା କରିବାରେ ଲାଗିଥାନ୍ତି । କିଏ କହେ ଛୋଟା, କିଏ କହେ ଅପାଳ ପାଉଁଶ, ପୁଣି ଟାହୁଲ କରି ଆଉ କିଏ କହେ ଫାଲ୍‌ତୁ, ଉପରଖିଆ ! କାହାରି କେତେବେଳେ ହେଲେ ମୋ'ପ୍ରତି କୌଣସି ଦୟା ନଥାଏ, ମୋ' ଦୁଃଖ କେହି ବୁଝେନାହିଁ । ଘୋଡ଼ା ଆଉ କୁକୁରଗୁଡ଼ାକ ଛାଡ଼ିଦେଲେ କେହି ମୋ' କଥା ଏତେଟିକିଏ ହେଲେ ଭାବେନାହିଁ । କିନ୍ତୁ ତଥାପି ମୁଁ ଗୋଟିଏ ଭଲ ଘରେ ଜନ୍ମ ହୋଇଚି — ମୁଁ ତ ଛତରରୁ ଆସିନାହିଁ, ମୁଁ ଚାଷୀ ଘରେ ଜନ୍ମ ହୋଇଚି ! ମୁଁ ଚାଷୀର ପୁଅ !''

Digitized by srujanika@gmail.com

ଏହି କଥା ଭାବି ସେ ବେକ ସିଧା କରି ଠିଆହେଲା ଏବଂ ଏକ ଅବଜ୍ଞାସୂଚକ ଦର୍ପରେ ଗିର୍ଜା ଉପାସନାକୁ ଯାଉଥିବା ଲୋକମାନଙ୍କ ଆଡ଼କୁ ନିରୀକ୍ଷଣ କରିବାକୁ ଲାଗିଲା । ଗିର୍ଜା ବାହାରେ ରଖାହୋଇଥିବା ଗାଡ଼ିଗୁଡ଼ିକରେ ଯୋଚା ହୋଇଥିବା ଘୋଡ଼ାଗୁଡ଼ାକୁ ମଧ୍ୟ ସେ ଏକପ୍ରକାର ବେଖାତିର ଭାବରେ ଅନାଇଲା । ମୁଣ୍ଡର ଅଇରା ବାଳଗୁଡ଼ାକୁ ସଜାଡ଼ି ଦେଇ ସେ ଆପଣାର ଟୋପିଟି ପିନ୍ଧିଲା ଏବଂ ଭାରି ଆତ୍ମସମ୍ମାନିତ ମନୋମୁଦ୍ରାରେ ଗିର୍ଜାଆଡ଼କୁ ଯିବାକୁ ଲାଗିଲା । ଠିକ୍ ଗୋଟାଏ ଚାଷୀପୁଅ ପରି ସେ ହାତ ଦୁଇଟାକୁ ପ୍ୟାଣ୍ଟ ପକେଟ ଭିତରେ ଗଳାଇ ଦେଇ ଯିବାରେ ଲାଗିଥାଏ, ଅବଶ୍ୟ ଛୋଟ ଗୋଡ଼ଟା ଘୁଷୁରି ଗଲାବେଳକୁ ରାସ୍ତାରୁ ଧୂଳି ଉଠି ଉପରକୁ ଉଡ଼ୁଥାଏ ।

ନା, ସବୁଦିନ ପରି ସେ ଆଜି କଦାପି ଗିର୍ଜା ଦୁଆର ପାଖରେ ଅଟକି ଯିବ ନାହିଁ । ଖୁବ୍ ସାହସର ସହିତ ସେ ଭିଡ଼କୁ ଠେଲି ଆଗକୁ ଯାଇ ଏକାବେଳେ ଉପାସନାର ବେଦୀ ପାଖରେ ଯାଇ ପହଞ୍ଚିଲା । ସେଠାରେ କେବଳ ଜମିର ମାଲିକ ଅର୍ଥାତ୍ ବଡ଼ ଚାଷୀମାନଙ୍କର ଠିଆହେବାର ସ୍ଥାନ । ଅନାଇ ଦେଖିଲା, ସେଠାରେ ତାର ଖାମିନ୍ଦ ଠିଆ ହୋଇଛନ୍ତି, ଗାଁର ପଧାନ ମଧ୍ୟ ଠିଆ ହୋଇଚନ୍ତି । ପାଦ୍ରି ଗଲାବେଳେ ତାଙ୍କ ଉପରେ ଚାନ୍ଦୁଆ ଧରି ଯିବା ଲୋକମାନେ ଠିଆ ହୋଇଚନ୍ତି, ଉପାସନା ବେଳେ ବତି ହାତରେ ଧରି ଠିଆହେବା ଲୋକମାନେ ମଧ୍ୟ ଠିଆ ହୋଇଚନ୍ତି ।

ସମସ୍ତେ ଏକ ତାଚ୍ଛଲ୍ୟ ମିଶ୍ରିତ ବିସ୍ମୟର ସହିତ ତା ଆଡ଼କୁ ଦୃଷ୍ଟିପାତ କରିବାକୁ ଲାଗିଲେ । କିଏ ପଦେ ଦୁଇପଦ ଟାହି କରି ମଧ୍ୟ କ'ଣ କହିଲେ; କୁକୁର ଘର ଭିତରକୁ ପଶିଆସିଲେ ସମସ୍ତେ ଯେମିତି ହଠାତ୍ ଚିତ୍କାର କରି ଉଠନ୍ତି, ସେହିପରି ଏକ ମନୋଭବ ମଧ୍ୟ କେହି କେହି ପ୍ରକାଶ କରୁଥାନ୍ତି । ସେମାନଙ୍କର ପଦେ ପଦେ କଥା ଆସି କୁବାର କାନରେ ବାଜୁଥାଏ । କିନ୍ତୁ ଆଜି ସେ କୌଣସି କଥା ଶୁଣିଲା ନାହିଁ । ପାଦ୍ରି ଦେଇଥିବା ସେଇ ସୁଉକାଏ ପଇସା ଏ ପର୍ଯ୍ୟନ୍ତ ତାହାର ହାତମୁଠା ଭିତରେ ରହିଥାଏ । ନାନା ପ୍ରକାର ମଧୁର ଓ ଶାନ୍ତ ଅନୁଭୂତିରେ ତା'ର ମନ ପରିପୂର୍ଣ୍ଣ ହୋଇ ରହିଥାଏ । ସେ ଯେପରି ସତେ ଏଇଲାଗେ ଆପଣାର ସବୁ ପାପକୁ କ୍ଷାଳନ କରି ଆସିଚି, ତାକୁ ଠିକ୍ ସେହିପରି ବୋଧ ହେଉଥାଏ, ନା—ତା'ଠାରୁ ଆହୁରି ଅଧିକ ସୁଖକର ବୋଧ ହେଉଥାଏ ।

ଉପାସନା ଆରମ୍ଭ ହେଲା । ସେ ଉପାସନା ବେଦୀର ପାଖକୁ ବସିଥାଏ ଓ ଅନ୍ୟମାନଙ୍କ ସହିତ ସ୍ତବମାନ ଗାନ କରୁଥାଏ । ତା'ର ଆଖିର ଡୋଳା ଦୁଇଟିଯାକ ଯାଇ ବେଦୀ ଉପରେ ଦୃଢ଼ନିବଦ୍ଧ ହୋଇ ରହିଥାଏ । ବେଦୀ ଉପରେ ପରମପିତା ଭଗବାନଙ୍କର ପ୍ରତିମା ପ୍ରତିଷ୍ଠିତ ହୋଇ ରହିଚି । ମଝିରେ ସୁନାଜରିର ପୋଷାକ ପିନ୍ଧି ଠାକୁରାଣୀଙ୍କର ମୂର୍ତ୍ତିଟି ମଧ୍ୟ ଶୋଭା ପାଉଚି ।

ଚାରିପାଖରୁ କେତେପ୍ରକାର ସୁନାଜରିର କାମ ଝଲସି ଉଠୁଚି, ବତିଗୁଡ଼ିକ ଦପ୍‌ଦପ୍ ହୋଇ ଜଳୁଚି, ଉପରେ ନାଲି ଫୁଲର ଫାନୁସମାନ ଝୁଲୁଚି । କାଛ ଉପରୁ, ରଙ୍ଗିନ କାଚଦ୍ୱାରା

Digitized by srujanika@gmail.com

ପରିଶୋଭିତ ଝରକାମାନଙ୍କ ଜମଲ୍ କେଜେ 'କେତେ ସାଧୁ ଓ ସନ୍ଥମାନଙ୍କର ଶୁଭ ଓ ଆଶୀର୍ବାଦସୂଚକ ଦୃଷ୍ଟି ଆସି ତା' ଉପରେ ଅଜାଡ଼ି ହୋଇ ପଡୁଚି । ସୁନା, ବାଇଗଣି ଓ ଲାଲରଙ୍ଗର ଉଜ୍ଜ୍ୱଳ ପ୍ରତିଫଳନମାନ ତାର ମୁହଁ ଓ ଦେହ ଉପରେ ଇନ୍ଦ୍ରଧନୁ ରଙ୍ଗର ସୁନ୍ଦର ଛଟାମାନ ବିସ୍ତାର କରି ରହିଚି । ସେ ଅନୁଭବ କଲା ସତେ ଯେପରି ସୂର୍ଯ୍ୟାସ୍ତ-ଆକାଶର ରଙ୍ଗରେ ଗୋଳା ହୋଇ ରହିଥିବା ଗାଆଁର ସେହି ପୋଖରୀ ଭିତରେ ପଶି ସେ ସେଥିରୁ ରଙ୍ଗବୋଳା ହୋଇ ବର୍ତ୍ତମାନ ବାହାରି ଆସିଚି । ଏହିସବୁ ସୁନ୍ଦର କଳ୍ପନା ଭିତରେ ନିମଗ୍ନ ଓ ଅଭିଭୂତ ହୋଇ ସେ ଆତ୍ମହରା ହୋଇପଡ଼ିଲା । ତାହାର ଶରୀରର ସମସ୍ତ ଚଞ୍ଚଳତା ଅପସରିଗଲା ଓ ଠାକୁରାଣୀଙ୍କର ସେହି ଜନନୀତୁଲ୍ୟ ମୁଖମଣ୍ଡଳକୁ ଅବଲୋକନ କରୁ କରୁ ସେ ସ୍ତବ୍ଧ ଭାବରେ ଆଣ୍ଠୁମାଡ଼ି ବସି ରହିଲା । ଶୁଷ୍କ ଓଷ୍ଠ ଦୁଇଟିକୁ ସଞ୍ଚାଳିତ କରି ସେ ଗୋଟିଏ ପରେ ଗୋଟିଏ କରି କେତେ ଯେ ସ୍ତବର ଆବୃତ୍ତି କରିଗଲା, ଆପଣା ମୁଗ୍ଧ ହୃଦୟର ଗଭୀରତମ ଉତ୍ସରୁ ଉତ୍ସରିତ ହେଉଥିବା ଅମିତ ଶକ୍ତି ଓ ଆଗ୍ରହର ସହିତ ସେ ଯେ କେତେ ସ୍ତୋତ୍ର ଗାଇଲା, ସେ ତାହାର କୌଣସି ଖବର ରଖି ପାରିଲା ନାହିଁ । କିନ୍ତୁ ତାହାର ଘୋଡ଼ାକଣ୍ଠର ଅତାଳୁଆ ଶବ୍ଦଗୁଡ଼ାକ ଅନ୍ୟମାନଙ୍କର ସଙ୍ଗୀତ ଶବ୍ଦ ଉପରେ ବଡ଼ ସ୍ପଷ୍ଟ ଭାବରେ ବାରି ହୋଇପଡୁଥିଲା ।

''ହେ କୁବା, ଇହୁଦୀଘରର ବକରି ପରି ସେମିତି ମେଁ ମେଁ ହେଉଚୁ କାହିଁକି ?''—ତା'ର କହୁଣି ପାଖରୁ ତାକୁ କିଏ ଜଣେ ସତର୍କ କରିଦେଇ କହିଲା ।

''ଭଗବାନ ଯୀଶୁ ଓ ତାଙ୍କର ମାଆଙ୍କର ଜୟ ହେଉ''—କୁବା ଉତ୍ତର ଦେଲା ।

ଏତିକିବେଳେ ପାଦ୍ରି ଧର୍ମୋପଦେଶ ଦେବାକୁ ମଞ୍ଚ ଉପରକୁ ଗଲେ । ସମସ୍ତେ ମୁଣ୍ଡ ଟେକି ତାଙ୍କର ଶୁଭ୍ରବସନ ପରିଶୋଭିତ ଶରୀର ଆଡ଼କୁ ଅନାଇ ରହିଲେ । ଉପାସକମଣ୍ଡଳୀ ଉଦ୍ଦେଶ୍ୟରେ ଆପଣାର ସମ୍ମାନ ଜ୍ଞାପନ କରି ସମ୍ମୁଖ ଦିଗରେ ଆପଣା ମସ୍ତକ ନୁଆଁଇ ପାଦ୍ରି ଧର୍ମୋପଦେଶ ଆରମ୍ଭ କଲେ । ଉପଦେଶ ଅନେକ ସମୟ ଧରି ଚାଲିଲା, କିନ୍ତୁ ସେହି ଉପଦେଶ ଭିତରେ ଏତେ ଶକ୍ତି ନିହିତ ହୋଇ ରହିଥିଲା ଯେ ତାହାକୁ ଶୁଣୁଶୁଣୁ ଅନେକଙ୍କର ଆଖି ଲୋତକ ଛଳଛଳ ହୋଇ ଆସିଲା ଏବଂ ଆପଣାର ପାପ ଓ ମନ୍ଦକୃତ୍ୟଜନିତ ଅନୁତାପରେ ଅନେକଙ୍କର ମସ୍ତକ ନତ ହୋଇ ଆସିଲା । କୁବା ଏକା ନିଘାରେ ପାଦ୍ରିଙ୍କ ଆଡ଼କୁ ଅନାଇ ରହିଥାଏ, ସତେ ଅବା ସେ କୌଣସି ଦେବତାଙ୍କର ମୂର୍ତ୍ତି ଆଡ଼କୁ ଅନାଇ ରହିଚି । ଏହି ପାଦ୍ରି ମହାଶୟ ଘଡ଼ିକ ପୂର୍ବେ ତା' ସହିତ କଥା କହୁଥିଲେ । ହାତ ବଢ଼ାଇ ତାକୁ ସୁଉକାଏ ପଇସା ଦେଇଥିଲେ, ଏକଥା ଭାବି ସେ ମନେ ମନେ ବଡ଼ ବିସ୍ମିତ ହେଉଥାଏ । କାରଣ ବର୍ତ୍ତମାନ ଏହି ପାଦ୍ରିଙ୍କୁ ତ ଜଣେ ସାମାନ୍ୟ ମନୁଷ୍ୟ କୁହାଯିବ ନାହିଁ, ତାଙ୍କୁ ଚାହିଁଦେଲା ବେଳକୁ ସେ ଯେପରି ସତେ ଅବା ଏକ ଅଗ୍ନିମୟ ଆଲୋକରଥ ଉପରେ ଆସୀନ ରଥୀ ସଦୃଶ ଦେଖାଯାଉଚନ୍ତି । ଲୋକମାନଙ୍କୁ ଜଡ଼ିତ କରି ରହିଥିବା ପାପର ନିନ୍ଦା କରିବା ବେଳକୁ ତାଙ୍କର ମୁଖମଣ୍ଡଳ କ୍ରମେ ବିବର୍ଣ୍ଣ ହୋଇ ଆସିଲା, ତାଙ୍କର ଆଖି ଦୁଇଟା ସତେ ଯେପରି ଧକଧକ ହୋଇ ଜଳିବାକୁ ଲାଗିଲା । ଲୋକଙ୍କର ଲୋଭ ଓ ମଦ୍ୟାସକ୍ତ, କାମନା ଓ ଘୃଣା, ବୃଦ୍ଧ

Digitized by srujanika@gmail.com

ଗୁରୁଜନମାନଙ୍କ ପ୍ରତି ଅଶ୍ରଦ୍ଧା ଏବଂ ଅବଜ୍ଞା ଓ ଅଧମ, ପତିତ ଓ ଭ୍ରଷ୍ଟ ଜୀବନାଚାର—ପାଦ୍ରି ଗୋଟି ଗୋଟି କରି ଉଲ୍ଲେଖ କରିବାରେ ଲାଗିଥାନ୍ତି । ତାଙ୍କର ବଜ୍ରଗମ୍ଭୀର ବାଣୀ ଗିର୍ଜା ଘର ଭିତରେ ପ୍ରତିଧ୍ୱନି ହୋଇ ଉଠୁଥାଏ । ଉପସ୍ଥିତ ଉପାସକମଣ୍ଡଳୀକୁ ଆହ୍ୱାନ ଜଣାଇ ଦେଇ ଯାଉଥାଏ, ସେମାନଙ୍କୁ ଆପଣା ଆପଣାର ଦୁଷ୍କୃତ ସକାଶେ ଅନୁତାପ କରିବାଲାଗି ଉଦ୍‌ବୋଧନ ଦେବାରେ ଲାଗିଥାଏ । ଏହିସବୁ ପାପର ବର୍ଣ୍ଣନାମାନ ଶୁଣୁଶୁଣୁ କୁବାର ହୃଦୟ କାରୁଣ୍ୟ ଓ ଦୁଃଖରେ ଉଚ୍ଛ୍ୱସିତ ହୋଇ ଉଠିଲା, ସେ ଆଉ ଥୟ ଧରିନପାରି ବଡ଼ ଅଧୀର ହୋଇ ରୋଦନ କରିବାକୁ ଲାଗିଲା ଏବଂ ତା' ସହିତ ସମସ୍ତ ଉପାସକମଣ୍ଡଳୀ ମଧ୍ୟ କାନ୍ଦିବାକୁ ଆରମ୍ଭ କଲେ । କେବଳ ସ୍ତ୍ରୀଲୋକମାନେ ଯେ କାନ୍ଦୁଥଲେ ତା ନୁହେଁ; ବଡ଼ ବଡ଼ ଚାଷୀମାନେ ମଧ୍ୟ ଭେଁ ଭେଁ ହୋଇ କାନ୍ଦିବାରେ ଲାଗିଥାନ୍ତି । ସମସ୍ତ ଗିର୍ଜାଘର ଏହି ରୋଦନ ଶବ୍ଦରେ ଧ୍ୱନିତ ହେବାକୁ ଲାଗିଲା । ଶେଷରେ ଆପଣା ଭାଷଣର ଇତିଶ୍ରୀକରି ପାଦ୍ରି ମହୋଦୟ ଉପାସନା ମଣ୍ଡପକୁ ଗଲେ ଏବଂ ସେଠାରେ ନତଜାନୁ ହୋଇ ବସିଲେ । ସଙ୍ଗେ ସଙ୍ଗେ ଶ୍ରୋତାମଣ୍ଡଳୀଙ୍କ ମୁଖରୁ ଏକ ବିକଳ ଅନୁତାପମିଶ୍ରିତ ଚିତ୍କାର ଉଦ୍‌ଥିତ ହେଲା, ସମସ୍ତେ ଆସନ ଛାଡ଼ି ଗିର୍ଜାର ଚଟାଣ ଉପରେ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ—ସତେ ଅବା କୋଉଠୁ ଗୋଟାଏ ଘୂର୍ଣ୍ଣିବାୟୁ ଆସି କୌଣସି ଅରଣ୍ୟର ସମସ୍ତ ଗଛକୁ ଭୂତଳଶାୟୀ କରି ଦେଇଗଲା । ତଳେ ଲୋଟୁଥିବା ଏହି ଭକ୍ତମଣ୍ଡଳୀଙ୍କର ଅଙ୍ଗ ବାଜି ଚଟାଣ ଉପରୁ ଏକ ଧୂଳିପଟଳ ଉପରକୁ ଉଠିବାକୁ ଅରମ୍ଭ କଲା । ଅଶ୍ରୁପୂର୍ଣ୍ଣ ଲୋଚନରେ ଆପଣାର କୃତ ଦୁଷ୍କର୍ମଗୁଡ଼ିକ ଲାଗି ଅନୁତାପ ପ୍ରକାଶ କରୁ କରୁ ବିବର୍ଣ୍ଣ ହୃଦୟ ଏହି ବ୍ୟକ୍ତିମାନେ ଭଗବାନଙ୍କର କରୁଣା ଭିକ୍ଷା କରୁଥିଲେ ।

ତା'ପରେ ପୁଣି ସବୁ ନୀରବ ହୋଇଆସିଲା—ପ୍ରାର୍ଥନା ଓ ହୃଦୟ ତଳେ ଭଗବତ୍ ସାକ୍ଷାତର ନୀରବତା ସମସ୍ତ ଗିର୍ଜା ଘର ପୂର୍ଣ୍ଣକରି ବିରାଜମାନ କରିବାକୁ ଲାଗିଲା । ବର୍ତ୍ତମାନ ପୁଣି ଉପାସନା ଆରମ୍ଭ ହେବ । ପଛରେ ଥିବା ବାଦ୍ୟଯନ୍ତ୍ରରୁ ବିସ୍ମୟ ଓ ଶ୍ରଦ୍ଧାର ବ୍ୟଞ୍ଜନା ସୃଷ୍ଟି କରି ଶବ୍ଦତାନ ଧ୍ୱନିତ ହେବାକୁ ଆରମ୍ଭ କଲା, ଏକ ଅନିର୍ବଚନୀୟ ପ୍ରେମ ଓ କଲ୍ୟାଣମୟତାର ଉଚ୍ଛ୍ୱସିତ ଅନୁଭୂତି ଭିତରେ କୁବାର ଅନ୍ତର ଭିତର ପରିପୂର୍ଣ୍ଣ ହୋଇ ଫାଟିଯିବା ପରି ମନେହେଲା ।

ଏତିକିବେଳେ ଉପାସନାର ବେଦୀ ଉପରୁ ପୁଣି ପାଦ୍ରିଙ୍କର କଣ୍ଠସ୍ୱର ଶୁଣାଗଲା, ସେହି କଣ୍ଠସ୍ୱର ଶ୍ରୋତୃମଣ୍ଡଳୀର ଅବନତ ମସ୍ତକଗୁଡ଼ିକ ଉପରେ ଭାସିଭାସି ଯାଉଥିବା ପରି ବୋଧ ହେଲା । ଗମ୍ଭୀର ବଜ୍ରନିର୍ଘୋଷ ପରି ସେହି କଣ୍ଠର ଶବ୍ଦ ପବିତ୍ରତାରେ ପୂତ ହୋଇ ରହିଥିଲା । ହଠାତ୍ ଏହି ସମୟରେ ଢଂ ଢଂ ହୋଇ ଗିର୍ଜା ଚୂଡ଼ାରୁ ଘଣ୍ଟା ବାଜି ଉଠିଲା, ସୁଗନ୍ଧ ଧୂମ୍ର ସ୍ତମ୍ଭମାନ ସୃଷ୍ଟି କରି ବେଦୀ ଉପରୁ ପବିତ୍ର ଧୂପ ଉଦ୍‌ଥିତ ହେବାକୁ ଲାଗିଲା, ସମସ୍ତ ଉପାସକମଣ୍ଡଳୀକୁ ଏକ ସୁଗନ୍ଧ ଉଲ୍ଲସିତ ଆଚ୍ଛାଦାନ ଭିତରେ ଆଚ୍ଛାଦିତ କରି ରଖିଲା । ଆନନ୍ଦବିଭୋର ପ୍ରଶାନ୍ତ ମନରେ ସେତେବେଳେ କୁବାର ହୃଦୟରେ ସବୁ ଭାଷାର ଦ୍ୱାର ବନ୍ଦ ହୋଇଯାଇଥାଏ, ସେ କେବଳ ଦୀର୍ଘଶ୍ୱାସ ପକାଇବାରେ ଲାଗିଥାଏ, ଆପଣାର ହାତ ଦୁଇଟା

Digitized by srujanika@gmail.com

ଆଗକୁ ବଢ଼ାଇ ଦେଇ ପୁଣି ଛାତି ଉପରେ କରାଘାତ କରିବାକୁ ଲାଗିଥାଏ, ଆପଣା ଅକିଞ୍ଚନତାର ଆନନ୍ଦରେ ସେ ସତେ ଅବା ଚେତନା ହରାଇ ପକାଇବାକୁ ବସିଥାଏ ।

''ହେ ଭଗବାନ ଯୀଶୁ, ହେ ମୋ'ର ପ୍ରେମାସ୍ପଦ ଯୀଶୁ !''—ସତେଅବା ଆପଣା ଭିତରେ ଆପଣାର ସମସ୍ତ ଅସ୍ତିତ୍ୱ ହରାଇ ବସି ସେ ବିସ୍ମିତ ହୋଇ କହିବାକୁ ଲାଗିଲା । କିନ୍ତୁ ସେତେବେଳେ ମଧ ତା'ର ହାତମୁଠା ଭିତରେ ପଇସାତକ ଠିକ୍ ସେହିପରି ଭାବରେ ରହିଥାଏ । କାରଣ ବର୍ତ୍ତମାନ ଉପାସନା ସରି ଆସିଲାଣି, ଆମ୍ବ୍ରୋଜ ନୈବେଦ୍ୟ ଥାଳି ହାତରେ ଧରି ଉପାସକମାନଙ୍କ ଆଡ଼କୁ ଆସୁଚି, ଗିର୍ଜାରେ ବତି ଜଳାଇବା ଖରଚ ପାଇଁ ଅର୍ଥ ସଂଗ୍ରହ କରିବା ଲାଗି ସେ ଥାଳି ଉପରେ ପଇସାଗୁଡ଼ାକୁ ଝଣଝଣ କରୁଚି । ଆମ୍ବ୍ରୋଜ ପାଖକୁ ଆସିବାକ୍ଷଣି କୁବା ବସିବା ଜାଗାରୁ ଉଠି ଠିଆହେଲା । ଆପଣା ହାତରେ ଧରିଥିବା ସୁଉକିଟିକୁ ଥାଳି ଭିତରକୁ ପକାଇଦେଲା ଓ ଥାଳି ଉପରୁ କେତୋଟି ରେଜା ପଇସା ଫେରାଇ ଆଣିଲା । ଆଗରୁ ଅନେକ ଚାଷୀଙ୍କୁ ସେ ଠିକ୍ ଏହିପରି କରିଥିବାର ଦେଖିଆସିଥିଲା । ''ଭଗବାନ ତୋ'ର ମନସ୍କାମନା ପୂର୍ଣ୍ଣ କରନ୍ତୁ''—ଆମ୍ବ୍ରୋଜଠାରୁ ଏହି ଆଶୀର୍ବଚନ ପଦକ ଶୁଣି ତା'ର ମନ ଆନନ୍ଦରେ କୁଣ୍ଢେମୋଟ ହୋଇଗଲା ।

ଏଥର ଧର୍ମପୁସ୍ତକକୁ ଶୋଭାଯାତ୍ରାରେ ବାହାର କରି ଗିର୍ଜାର ବେଢ଼ା ପରିକ୍ରମା କରିବା କଥା । ଶ୍ରୋତୃମଣ୍ଡଳୀ ଆସନରୁ ଉଠି ଆପଣା ଆପଣା ଲାଗି ଗୋଟିଏ କରି ବତି ଆଣିବାକୁ ଗଲେ । ଗୋଟିଏ ବଡ଼ ମହମବତି ଦେଖି ଆଣିବାକୁ ମନସ୍ଥ କରି କୁବା ହାତ ବଢ଼ାଇଲା, କିନ୍ତୁ ଏତିକିବେଳେ ତା'ର ଦୃଷ୍ଟି ଡୋମିନିକଭାର ଦୃଷ୍ଟି ଉପରେ ଯାଇ ପଡ଼ିଗଲା । ସେ ସତେଅବା କୁବାର ଏହି ଅଭିଳାଷକୁ ମୋଟେ ପସନ୍ଦ କରୁନଥିଲା । ଡୋମିନିକଭାର ପାଖକୁ ଲାଗିକରି ତା'ର ଝିଅ ୟଗନା ଠିଆ ହୋଇଥାଏ । ଟିକିଏ ଭରସିପଡ଼ି ସେ ଲୋଭ ସମ୍ବରଣ କଲା ଓ ଛୋଟ ମହମବତିଟିଏ ଉଠାଇ ହାତରେ ଧରିଲା । ପାଦ୍ରି ଶୋଭାଯାତ୍ରା ଲାଗି ସଜହୋଇ ଆସି ଠିଆ ହେଲେଣି । କୁବା ତରତର ହୋଇ ବତିଟି ଜଳାଇଲା । ସମସ୍ତେ ଉପାସନା ସ୍ତବମାନ ଗାଇ ଗାଇ ଉପାସନା ବେଦୀର ପାହାଚରେ ତଳକୁ ଓହ୍ଲାଇ ଆସିଲେ । ହାତରେ ଦପ୍‌ଦପ୍ ଆଲୁଅ ଧରିଥିବା ବହୁ ରଙ୍ଗର ବସନ ପିନ୍ଧିଥିବା ଏହି ଉପାସକଦଳ ସ୍ତୁତି ଗାନକରି ଯିବାକୁ ଲାଗିଲେ । ସେତେବେଳକୁ ଗିର୍ଜାର ବାଦ୍ୟଯନ୍ତ୍ର କମ୍ପି କମ୍ପି ବାଜି ଉଠୁଥାଏ, ଗିର୍ଜା ଉପରୁ ଘଣ୍ଟି ବାଜିଉଠି ଏହି ଶୋଭାଯାତ୍ରା ସହିତ ତାଳ ଦେଉଥାଏ, ଭଗବତ୍ ବିଶ୍ୱାସ-ଜନିତ ସମ୍ମିଳିତ ମୂର୍ଚ୍ଛନାରେ ଉପାସକମଣ୍ଡଳୀର କଣ୍ଠସଙ୍ଗୀତ ନିନାଦିତ ହୋଇ ଉଠୁଥାଏ । ଶୋଭାଯାତ୍ରାରେ ଚାଲିଯାଉଥିବା ଏହି ଶ୍ରଦ୍ଧାମଗ୍ନ ଜନତା ଓ ପ୍ରଜ୍ଜ୍ୱଳିତ ପ୍ରଦୀପଗୁଡ଼ିକର ସମ୍ମୁଖ ଭାଗରେ ସବା ଆଗରେ ଗୋଟିଏ ରଜତ ନିର୍ମିତ କ୍ରୁସ ଝଲମଲ ହେଉଥାଏ । ତା'ପଛକୁ ଦେବଦେବୀମାନଙ୍କର ମୂର୍ତ୍ତି ସବୁ ସଜ ହୋଇ ଚାଲିଥାଆନ୍ତି—ସେମାନଙ୍କର ସମସ୍ତ ଶରୀର ଅଳଙ୍କାର ଓ ପୁଷ୍ପମାଳାରେ ବିମଣ୍ଡିତ ହୋଇ ରହିଥାଏ । କ୍ରମେ ମଣ୍ଡଳୀ ଆସି ଗିର୍ଜାର ଦ୍ୱାରଦେଶରେ ପହଞ୍ଚିଲା । ସେତେବେଳକୁ ଦିନର ଶୁଭ୍ର ଉଜ୍ଜ୍ୱଳ କିରଣ ଧୂପଧୂଆଁର ମେଘ ଭିତରକୁ ଭେଦ

Digitized by srujanika@gmail.com

କରି ଟକଟକ କଟିବାରେ ଲାଗିଥାଏ । ପତାକାମାନ ଘର ଭିତର ଅତିକ୍ରମ କରି ବାହାରକୁ ବାହାରିବା ମାତ୍ରକେ ପବନର ହିଲ୍ଲୋଳରେ ସେଗୁଡ଼ିକ ଫରଫର ହୋଇ ଉଡ଼ିବାକୁ ଆରମ୍ଭ କଲା, ମନେହେଲା ସତେ ଯେପରି ସବୁଜ ଓ ଲାଲରଙ୍ଗର ବଡ଼ ବଡ଼ ଚଢ଼େଇମାନ ଡେଣା ଫଡ଼ଫଡ଼ କରି ଆକାଶରେ ଉଡ଼ିବାରେ ଲାଗିଚନ୍ତି !

ଶୋଭାଯାତ୍ରା ଗିର୍ଜାର ବେଢ଼ା ପରିକ୍ରମା କରିବାକୁ ବାହାରିଲା । କୁବା ଗୋଟିଏ ହାତରେ ବତିଟିକୁ ଧରିଥାଏ ଏବଂ ପାଦ୍ରିଙ୍କର ପାଖେ ପାଖେ ଆପଣାର ଛୋଟା ଗୋଡ଼ଟିକୁ ଘୋଷାରି ଘୋଷାରି ଆଗକୁ ଚାଲିବାରେ ଲାଗିଥାଏ । ପାଦ୍ରିଙ୍କର ମୁଣ୍ଡ ଉପରେ ବୋରିନା, କମାରପୁଅ, ଗାଆଁର ପଧାନ ଓ ଟମାସ କ୍ଲେୟା ଚାରିଜଣଯାକ ମିଶି ଗୋଟିଏ ନାଲି ଚାନ୍ଦୁଆ ଟାଣିକରି ଧରିଥାନ୍ତି । ଚାନ୍ଦୁଆ ତଳେ ସୁନାର ମଣ୍ଡଳ ବୁଲିଥବା ମୂର୍ତ୍ତିଟିରୁ ଉଜ୍ଜ୍ୱଳ କିରଣଜାଳ ବିକୀର୍ଣ୍ଣ ହୋଇ ପଡୁଥାଏ, ସୂର୍ଯ୍ୟର କିରଣ ପ୍ରତିଫଳିତ ହୋଇ ଏହା ଠିକ୍ ନିଆଁପରି ଦପ୍‌ଦପ୍ ହୋଇ ଜଳିବାରେ ଲାଗିଥାଏ ।

କୁବା ଏପରି ଆତ୍ମହରା ହୋଇପଡ଼ିଥିଲା ଯେ ବାଟ ଚାଲୁଚାଲୁ ସେ ବେଳେବେଳେ ଝୁଣ୍ଟି ପଡୁଥିଲା ବା କାହାର ଗୋଡ଼ ଉପରେ ତାହାର ଗୋଡ଼ ମାଡ଼ି ହୋଇଯାଉଥିଲା ।

''ହେ କଣା, କ'ଣ ଦେଖାଯାଉନାହିଁ ନା କ'ଣ ?''

''ହେ ଛୋଟା, ହାଉଳେ ଚାଲ, ଏମିତି ଅସମ୍ଭାଳ କାହିଁକି ?''

କିନ୍ତୁ ଏସବୁ ଗାଳି ଭର୍ତ୍ସନା ଶୁଣିପାରିବା ଲାଗି କୁବାର ବେଳ ନଥିଲା । ମନ୍ତ୍ରସବୁ କେଡ଼େ ମହିମାରେ ପ୍ରତିଧ୍ୱନିତ ହେବାରେ ଲାଗିଥାଏ, ଏହି ଧ୍ୱନିର ଝଙ୍କାର ଯେପରି ଏକାଠି ଗୋଟିଏ ତରଙ୍ଗୋଚ୍ଛ୍ୱାସ ପରି ଯାଇ ଦେବମୂର୍ତ୍ତିର ମଣ୍ଡଳ ଉପରେ ବାଡ଼େଇ ହୋଇ ଆସୁଥାଏ । ନାନା ବାଦ୍ୟର ସଙ୍ଗୀତ ଧ୍ୱନି ଏକାଠି ହୋଇ ଶୂନ୍ୟରେ ବାହୁପ୍ରସାରି ରହିଥିବା ବୃକ୍ଷରାଜିର ଶାଖାପ୍ରଶାଖାକୁ ଦୋହଲାଇ ଦେଉଥାଏ । ବେଳେବେଳେ କେଉଁ ଗଛ ଅଗରୁ ଠିକ୍ ଗୋଟିଏ ଭୟାକୁଳ ପକ୍ଷୀପରି ପାଚିଲା ପତରଟିଏ ତଳକୁ ଝରିପଡୁଥାଏ । ଆହୁରି ଉପରେ ଉଚ୍ଚ ଉଚ୍ଚ ଗଛ ଗିର୍ଜାର ଚୂଡ଼ା ଉପରେ ଗୋଟିଏ ତରକା କପୋତଦଳ ମୁଣ୍ଡଳାକାର ହୋଇ ଉଡ଼ିବାରେ ଲାଗିଥାନ୍ତି ।

* * *

ଉପାସନା ସମାପ୍ତ ହେବା ପରେ ସମସ୍ତେ ଗିର୍ଜାର ଚାରିପାଖରେ ଥିବା ସମାଧି ପ୍ରାଙ୍ଗଣ ଆଡ଼କୁ ଗଲେ । କୁବା ମଧ୍ୟ ଅନ୍ୟମାନଙ୍କ ସାଙ୍ଗରେ ଯାଇ ସେଠାରେ ଉପସ୍ଥିତ ହେଲା ।

ଆଜି ଖାମିନ୍ଦ ଘରେ ଭୋଜିଭାତ ହେବାର ଅଛି, ଏହି କଥା ଜାଣିଥିଲେ ମଧ୍ୟ ସେ ଆଦୌ ତରତର ହେଉ ନଥିଲା । ଚିହ୍ନାପରିଚ ଥିବା ଲୋକମାନଙ୍କ ସହିତ ସେ କେତେ କ'ଣ କଥାବାର୍ତ୍ତା ହେଲା ଏବଂ ତା'ପରେ ସାଆନ୍ତମାନଙ୍କ ପାଖକୁ ଆସିଲା । ସାଧାରଣତଃ ରବିବାର ଦିନ ସମବେତ ଉପାସନାରେ ଯେପରି ହୋଇଥାଏ, ସେତେବେଳେ ଆନ୍ତେକ ଓ ତା'ର ସ୍ତ୍ରୀ ଠିଆହୋଇ ଅନ୍ୟମାନଙ୍କ ସହିତ କ'ଣ ସବୁ କଥାବାର୍ତ୍ତା ହେଉଥିଲେ ।

Digitized by srujanika@gmail.com

ଯଗ୍‌ନା ମାଆ ପାଖରେ ଠିଆହୋଇ ଲୋକମାନଙ୍କର କଥାବାର୍ତ୍ତା ଶୁଣିବାରେ ଲାଗିଥାଏ । ଏହି ସମୟରେ ହଠାତ୍ ତା'ର ଆଖିଯାଇ ଆନ୍ତେକ୍‌ର ଆଖି ସହିତ ମିଳିଗଲା । ଆନ୍ତେକ୍ ବେଶ୍ କେତେ ସମୟ ପୂର୍ବରୁ ଯଗନା ଆଡ଼କୁ ଚାହିଁ ରହିଥିଲା । ଯଗ୍‌ନାର ମୁହଁ ଲାଜରେ ଏକାବେଳକେ ରଙ୍ଗା ପଡ଼ିଗଲା ଓ ମାଆର କାନି ଧରି ସେ ତତ୍‌କ୍ଷଣାତ୍ ଘରକୁ ଯିବ ବୋଲି ଉଦ୍ୟତ ହେଲା ।

''ଯଗ୍‌ନା, ଟିକିଏ ରଇଥା—ବୋରିନାକୁ ନମସ୍କାର କରୁ କରୁ ମାଆ କହିଲା ।

ଯଗ୍‌ନାର ଆଉ ପଳାଇଯିବା ପାଇଁ କୌଣସି ବାଟ ନଥିଲା । ଚାଷୀମାନଙ୍କ ଘରେ କାମ କରୁଥିବା କୋଠିଆମାନେ ତା'ର କତିକୁ ମାଡ଼ି ଆସି ତାକୁ ଛିଗୁଲେଇ ହୋଇ ଓଳଗି ହେବାରେ ଲାଗିଥାନ୍ତି । କେହି କେହି କୁବାକୁ ମଧ ଉଦ୍ଦେଶ୍ୟ କରି ଟାହି କରୁଥାନ୍ତି । ସତେ ଅବା କୌଣସି ସୁନ୍ଦର ଚିତ୍ରପଟ ଆଡ଼କୁ ଏକ ଆଖିରେ ଚାହିଁରହିଲା ପରି କୁବା ଯଗନା ଆଡ଼କୁ ଚାହିଁରହି ତା'ର ଅନୁସରଣ କରୁଥାଏ । ଟୋକାମାନଙ୍କର ଟାପରାରେ ଭାରି ବିରକ୍ତ ହୋଇ ସେ ବୁଲିପଡ଼ି ଛୋଟା ଗୋଡ଼ରେ ଘର ଆଡ଼କୁ ଯିବାକୁ ଆରମ୍ଭ କଲା । ସାଆନ୍ତମାନେ ମଧ ବର୍ତ୍ତମାନ ସେଇଆଡ଼କୁ ଯିବାକୁ ଆରମ୍ଭ କଲେଣି । ଘରକୁ ଯାଇ ତାକୁ ଘୋଡ଼ାମାନଙ୍କର ଖବର ବୁଝିବାକୁ ହେବ ।

''ସତରେ ଏକା, ସେ ଗୋଟିଏ ଚିତ୍ରପ୍ରତିମା ପରି ସୁନ୍ଦର ! ''—ଘର ଦୁଆର ମୁହଁରେ ବସି ପଡୁପଡୁ ସେ କହିବାକୁ ଲାଗିଲା ।

ସେତେବେଳକୁ ଯୁଜକା ତା' ଲାଗି ଖାଇବା ନେଇ ଆସୁଥାଏ କଥା ଶୁଣି ସେ ପଚାରିଲା—

''କିଏମ ସେଇ ଚିତ୍ରପ୍ରତିମା ?''

ତା'ର ମନର କଥାଟାକୁ ସେ ପଦାରେ ପକାଇଦେଲା ବୋଲି ଜାଣି କୁବା ହଠାତ୍ ବଡ଼ ସଚେତ ଓ ଅପ୍ରତିଭ ହୋଇପଡ଼ିଲା । କିନ୍ତୁ ମନବୋଧ କରି ଖାଇବାରେ ବ୍ୟସ୍ତ ରହି ସେ ସେହି ଭୋଳରେ ସେସବୁ ବିଷୟରେ ସବୁକଥା କୁଆଡ଼େ ଭୁଲିଗଲା ।

ଆଜି ସମସ୍ତେ ବସି ବସି ଖାଉଥାଆନ୍ତି, କାହାରିଠାରେ କୌଣସି ତରତର ବା ତ୍ୱରା କିଛି ନଥାଏ । କାହାରି ତୁଣ୍ଡରୁ କୌଣସି ପ୍ରକାର କଥା ଶୁଣାଯାଉ ନଥାଏ । ଶେଷରେ ପେଟରୁ କଣେ ଭୋକ ମରିଆସିବା ପରେ ଜଣଜଣ କରି କଥାବାର୍ତ୍ତା କରିବାକୁ ଆରମ୍ଭ କଲେ ଓ ନାନାପ୍ରକାର ଖୁସୀଗପ ପକାଇ ଭୋଜନର ଆନନ୍ଦ ଉପଭୋଗ କରିବାକୁ ଲାଗିଲେ ।

ସେଦିନ ରନ୍ଧାବଢ଼ା କାମ ହେଉଚି ଯୁଜକାର । ସେ ସମସ୍ତଙ୍କୁ ମନବୋଧ କରି ଖାଇବା ପରଶିବାରେ ଲାଗିଥାଏ । କାହାରି ଥାଳିରୁ କିଛି ଖାଦ୍ୟପଦାର୍ଥ ସରୁ ନସରୁଣୁ ସେ ସେହିକ୍ଷଣି ଯାଇ ଅଧିକ ଖାଇବା ଆଣି ଅଜାଡ଼ିଦେଇ ଯାଉଥାଏ । ଯେପରି ଖାଇବା ସରିଯାଇ କାହାରି ଥାଳି ବାହାରକୁ ଦେଖା ନଯାଏ, ସେଥିପ୍ରତି ସେ ବଡ଼ ତତ୍ପର ଥାଏ ।

ଏପରି ଏକ ବଢ଼ିଆ ପାଗରେ ଏହି ବାରଣ୍ଡାଠାରୁ ବଳି ଖାଇବା ପାଇଁ ଆଉ ଅଧିକ ଭଲ ଜାଗା ସେମାନଙ୍କୁ କଦାପି ମିଳି ନଥାନ୍ତା । ଲାପା କୁକୁରଟା ଏଣେତେଣେ ନଡ଼ବଡ଼

Digitized by srujanika@gmail.com

ହେବାରେ ଲାଗିଥାଏ, ଖାଇବାର ଲାଳସା ପ୍ରକାଶ କରି କ୍ଷୀଣ ଚିତ୍କାର କରୁଥାଏ, ଏପରିକି ବେଳେବେଳେ ଆଗକୁ ଉହୁଙ୍କି ପଡ଼ି ଖାଇବା ଥାଳି ଭିତରକୁ ଅନାଇ ଦେଉଥାଏ । କେହି କଦବା ତା'ଆଡ଼କୁ ଖଣ୍ଡେ ହାଡ଼ ଫୋପାଡ଼ି ଦେଲେ ସେ ତାହାରି ସହିତ ଘଡ଼ିଏ ଯୁଦ୍ଧ କରିବାରେ ଲାଗିଯାଉଥାଏ । ହାଡ଼ଖଣ୍ଡକୁ ମୁହଁରେ କାମୁଡ଼ି ଧରି ସେ ବିଜୁଳି ପରି କୁଆଡ଼େ ଛୁ' କରି ପଳାଉଥାଏ, ସାଆନ୍ତମାନେ ନାଆଁ ଧରି ଡାକିଲାବେଳକୁ ଆହ୍ଲାଦରେ ଭୋ' ଭୋ' ଭୁକୁଥାଏ, ଘରଚଟିଆ ଚଢ଼େଇଗୁଡ଼ାଙ୍କ ଆଡ଼କୁ ଦଉଡ଼ିଯାଇ ସେମାନଙ୍କୁ ହୁରୁଡ଼ାଇ ଦେଉଥାଏ, ପୁଣି ଅଇଁଠା ପତରର ଆଶାରେ ଯାଇ ବାଡ଼ପାଖରେ ଅପେକ୍ଷା କରି ବସୁଥାଏ ।

ଦାଣ୍ଡରେ ଚାଲିଯାଉଥିବା ଲୋକମାନେ ସେମାନଙ୍କର ଶୁଭ ସଂଖୋଳି ଦେଇ ଯାଉଥାନ୍ତି, ତାହାର ପ୍ରତ୍ୟୁତ୍ତରରେ ବଉଁଶଯାକ ସମସ୍ୱରରେ ଧନ୍ୟବାଦର ବାଣୀ ବରଷିବାରେ ଲାଗିଥାନ୍ତି ।

''ମୁଁ ଶୁଣିଲି, ତୁ କୁଆଡ଼େ କେତେଟା ଚଢ଼େଇ ନେଇ ପାଦ୍ରିଙ୍କ ଘରକୁ ଯାଇଥିଲୁ''— ବୋରିନା ପଚାରିଲା ।

''ହଁ, ଯାଇଥିଲି ।''—ଚାମଚଟାକୁ ହାତରୁ ନେଇ ଥାଳି ଉପରେ ରଖି କୁବା ପାଦ୍ରି ତାକୁ କିପରି ଆପଣା ଘରଭିତରକୁ ଡାକିନେଲେ ଏବଂ ସେଠାରେ ସେ କେଡ଼େକେଡ଼େ ବଡ଼ ବହିମାନ ଦେଖିବାକୁ ପାଇଲା, ସେହିକଥା ବର୍ଣ୍ଣନା କରିବାକୁ ଲାଗିଲା ।

''ଏସବୁ ବହି ପଢ଼ିବାଲାଗି ପାଦ୍ରିଙ୍କୁ କେତେବେଳେ ସମୟ ମିଳୁଥିବ ? '' ଯୁକ୍କା ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

''କେତେବେଳେ ? କାହିଁକି, ସଞ୍ଜବେଳେ ! ରାତିରେ ସେ ଆପଣା କୋଠରି ଭିତରେ ବୁଲାଚଲା କରୁଥାନ୍ତି, ଚାହା ପିଉଥାନ୍ତି ଆଉ ହାତରେ ବହିଧରି ପଢ଼ିବାରେ ଲାଗିଥାନ୍ତି !''

''ସେସବୁ ପୁସ୍ତକ ହେଉଚି ଧର୍ମପୁସ୍ତକ !'' କୁବା କହିଲା ।

''ଧର୍ମ ପୁସ୍ତକ ନହୋଇ ଆଉ କ'ଣ ହେବ ? ଆଉ କ'ଣ ବନାନ୍ ପୁସ୍ତକ ହେବ ନା ବ୍ୟାକରଣ ପୁସ୍ତକ ?''

''ପାଦ୍ରି ସବୁଦିନ ଖବରକାଗଜ ବି ପଢ଼ନ୍ତି !'' ହାଙ୍କା କହିଲା । ତା'ପରେ ତା'ର ସ୍ୱାମୀ ମଧ କହିବାକୁ ଆରମ୍ଭ କଲା !

''ହଁ, ଖବରକାଗଜ ପଢ଼ିଲେ ସିନା ଦୁନିଆ ଗୋଟାକର ଖବର ଜାଣିପାରିବ !''

''କମାରପୁଅ ମଧ ଖବରକାଗଜ ମଗାଏ, ପେଷଣିଆଘର ବି ମଗାନ୍ତି ।''

''କମାରପୁଅର ବି ଖବରକାଗଜ ନ ପଢ଼ିଲେ ଚଳୁନାହିଁ—ତାହା ସେହିଭଳି ଖବରକାଗଜ ହୋଇଥିବ !'' ଉପହାସ କରି ବୋରିନା କହିଲା ।

''ଖୋଦ୍ ପାଦ୍ରି ମଧ ସେହି ଖବରକାଗଜ ମଗାଇ ପଢ଼ନ୍ତି''—ଠେଁସିଦେଇ ଆନ୍ତେକ୍ ଜବାବ ଦେଲା ।

''ତୁ ସବୁ ଜାଣିଚୁ, ନା ? ନିଜେ କେବେ ଯାଇ ତୁ ସେ ଖବରକାଗଜ ପଢ଼ିଚୁ ?''

Digitized by srujanika@gmail.com

"ହଁ ହଁ, ପଢ଼ିଚି । ଥରେ କାହିଁକି, କେତେଥର ପଢ଼ିଚି !"

"ତା ବୋଲରେ ପଡ଼ିଲେ ତୋ'ର ଯାହା ଦଶା ହେବ, ସେ କଥା ମୋତେ ଭଲ କରି ଜଣାଅଛି ।"

"ଆଉ ତୁମେ କାହାକୁ ଭଲଲୋକ ବୋଲି କହୁଚ, କହିଲ ? କ'ଣ ସତରମାଣ ଜମି ବା ଆଠଟା ଗାଈଥିଲେ ମଣିଷକୁ ଭଲଲୋକ ବୋଲି କୁହାଯିବ ?"

"ତୁ ଚୁପ୍‌କର । ମୋର ରାଗ ଉଠିଲେ ପୁଣି କିଛି ବାକି ରହିବ ନାହିଁ ଟି ! ସବୁବେଳେ ଏଇଟା ଆସିବ ମୋ' ସହିତ ଝଗଡ଼ା ଲଗାଇବାକୁ । ଖାଇକରି ଦେହରେ ଲାଗିଲାଣି, ନାହିଁ ? ମୋର ଖାଇକରି ଏତେ ବହପ ବାହାରୁଚି ?"

"ଦେହରେ ଲାଗିନାହିଁ ଯେ ମୋ' ତଣ୍ଟିରେ ଲାଗିଚି । ଠିକ୍ ଗୋଟାଏ ମାଛକଣ୍ଟା ପରି !"

"ଯଦି ଏଠି ତୋତେ ଖାଇବା ଗନ୍ଧଉଚି, ତେବେ ଯାଉନୁ ଆଉ କୋଉଠି ପଶିବୁ, ସେଠି ତୋତେ ଭଲ ଖାଇବାକୁ ମିଳିବ ! ହାଙ୍କା ଭାଗରେ ପଡ଼ିଥିବା ତିନିମାଣ ଜମିକୁ ଭୋଗକରି ହେଣ୍ଡି ମାରିବୁ ଯାଆ !"

"ତୁମେ ଏକଥା କହୁଚ ? ମୁଁ ବଳଦପରି ଖଟିବି, ଆଉ ଶୁଣିଲାବେଳକୁ ଏହିକଥା ଶୁଣିବି ?"

"ଯଦି ମନ ହେଉଚି ତେବେ ଯାଉନୁ ଆଉ କୋଉଠିକି ! ଅଳସ ମାରି ବସିବୁ, ମାଗଣା ଖାଇବାକୁ ପାଇବୁ ?"

"ଆଉ କିଛି ନହେଉ ପଛକେ, ଏଠା ଅପେକ୍ଷା ଅଧିକ ଶାନ୍ତି ନିଶ୍ଚୟ ମିଳିବ !"

"ତେବେ ଚେଷ୍ଟାକରି ଦେଖିବୁ ଯାଆ !"

"ହାତରେ କିଛି ନନେଇ ମୁଁ ଯିବି କିପରି ?"

"ତେବେ କୁକୁର ହୁରୁଡ଼ାଇବାକୁ ମୁଁ ତୋତେ ଖଣ୍ଡେ ବାଡ଼ି ହାତରେ ଦେଉଚି, ଯାଆ !"

"ବାପା !"—ଆନ୍ତେକ ବଡ଼ପାଟିରେ ଚିତ୍କାର କରି ଉଠିଲା, ତା'ର ମୁଣ୍ଡରୁ ଗୋଡ଼ଯାଏ ଗୋଟାସୁଦ୍ଧା ଥରିବାରେ ଲାଗିଥାଏ । କିନ୍ତୁ ସଂଗେ ସଂଗେ ସେ ଆପଣାକୁ ସଂବୃତ କରିନେଲା, କାରଣ ହାଙ୍କା ପଛରୁ ଆସି ତା'ର ଅଣ୍ଟାଟାକୁ ଧରିପକାଇଲା । ବୁଢ଼ା କଟକଟ ଭୟଙ୍କର ଆଖିକରି ତା' ଆଡ଼କୁ ଅନାଇ ରହିଥାଏ । ତା'ପରେ ଖାଇବା ଶେଷ ହୋଇଥିବାର ଅଭିନୟ କରି ସେ ଶୂନ୍ୟରେ କ୍ରୁସ ଚିହ୍ନ ଅଙ୍କନ କଲା ଏବଂ ସିଧା ସେଠାରୁ ଉଠି ଆପଣାର ଶୋଇବା ଘରକୁ ଚାଲିଗଲା । ଯାଉଯାଉ ବଡ଼ ରୁକ୍ଷ ଓ କର୍କଶ ଭାବରେ କହିଲା —

"ତୁ ଭାବିଚୁ, ମୋତେ ଏହିପରି ତୁ ଜହର ଦେଇ ଖତମ କରିଦେବୁ, ନାଇଁ ? କଦାପି ନୁହେଁ !"

ସଙ୍ଗେ ସଙ୍ଗେ ଅନ୍ୟମାନେ ମଧ୍ୟ ସେଠାରୁ ଉଠି ଚାଲିଗଲେ । କେବଳ ଆନ୍ତେକ୍ ସେଠାରେ ଏକୁଟିଆ ବସିରହି କ'ଣ ସବୁ ଚିନ୍ତା କରିବାକୁ ଲାଗିଲା । ଖଳାଘର ସେପାଖରେ

Digitized by srujanika@gmail.com

ଥିବା ଘାସବିଲକୁ କୁବା ଘୋଡ଼ାପଲକୁ ଫିଟାଇ ନେଇଗଲା ଓ ତା'ପରେ ଘଡ଼ିଏ ବିଶ୍ରାମ ନେବବୋଲି ଆସି ପାଳଗଦା ଉପରେ ଗଡ଼ପଡ଼ ହେବାକୁ ଲାଗିଲା । କିନ୍ତୁ ଆଖିକୁ ଆଜି ନିଦ ଆସିବାକୁ ନାହିଁ, ଆଜି ଠିକ୍ ତଣ୍ଟି ପର୍ଯ୍ୟନ୍ତ ଖାଇ ଛାତିଭିତରଟା ଗୋଟାଏ ମାଦଳ ପରି ମନେହେଉଚି । ତା'ଛଡ଼ା ସେ ବର୍ତ୍ତମାନ ଆଉ ଗୋଟାଏ କଥା ମଧ ଭାବିବାରେ ବ୍ୟସ୍ତ ଥିଲା । ସେ ଭାବୁଥିଲା, ହାତରେ ଯଦି ଖଣ୍ଡେ ବନ୍ଧୁକ ଥାଆନ୍ତା, ତେବେ ସେ କେତେକେତେ ଚଢ଼େଇ ମାରି ରବିବାରକୁ ରବିବାର ନେଇ ପାଦ୍ରିଙ୍କ ଘରେ ପହଞ୍ଚାଇ ଦେଇ ଆସନ୍ତା । ଗୋଟାଏ ଦୁଇଟା ଠେକୁଆ ମିଳିଲେ ମଧ ଭେଟିଟା ଆହୁରି ଚମତ୍କାର ହୁଅନ୍ତା ।

କମାର ପୁଅକୁ କହିଲେ ସେ ନିଶ୍ଚୟ ତା'ପାଇଁ ଗୋଟାଏ ବନ୍ଧୁକନଳୀ ତିଆରି କରି ଦିଅନ୍ତା ! ଜଙ୍ଗଲ ଜଗୁଆଳି ପାଇଁ ତ ସେ ବନ୍ଧୁକଟାଏ ତିଆରିକରି ଦେଇଚି । ଜଗୁଆଳି ଜଙ୍ଗଲଭିତରେ ବନ୍ଧୁକ ମାରିଲେ ଗାଆଁକୁ ମଧ ଢୋ' ଢୋ' ହୋଇ ଶୁଭୁଚି !

"ଗୋଟାଏ ବଢ଼ିଆ କାରିଗର ଏକା—କିନ୍ତୁ ଗୋଟାଏ ବନ୍ଧୁକ ତିଆରି କରିଦେବାକୁ ବର୍ତ୍ତମାନ ସେ ପାଞ୍ଚ ରବଲ୍ ମାଗିବ !"—ଗମ୍ଭୀର ହୋଇ ସେ ଏହି କଥା ଚିନ୍ତା କରିବାକୁ ଲଗିଲା ।

"ତେବେ ଏଥିପାଇଁ ଆଉ କି ବ୍ୟବସ୍ଥା କଲେ ହେବ ? ଶୀତଦିନ ବି ଆସୁଚି, ମେଣ୍ଢାଛାଲରେ ତିଆରି ଗୋଟାଏ କୋଟ୍ ମଧ କିଣିବାକୁ ପଡ଼ିବ । ଜୋତା ଦୁଇଟା ଏକାବେଳକେ ଘୋରି ହୋଇଗଲାଣି, ବଡ଼ଦିନ ସରିକି ଯିବ ବୋଲି ମଧ ମନେ ହେଉନାହିଁ । ହଁ, ଖାମିନ୍ଦଘରୁ ତ ମୁଁ ଦଶ ରବଲ୍ ପାଇବି, ପ୍ୟାଣ୍ଟ ଆଉ କୁରୁତା ହୋଇ ଦୁଇଟା ପୋଷାକ ପାଇବି । ମେଣ୍ଢାଛାଲର କୋଟ୍ କିଣିଲେ ପାଞ୍ଚ ରବଲ୍ ପଡ଼ିବ । ହଁ ବୁଟଜୋତା ପାଇଁ ଆଉ ତିନି ରବଲ୍ ଖଚେ କରିବାକୁ ହେବ । ଟୋପିଟାଏ ମଧ ନ କିଣିଲେ ଚଳିବ କିପରି ? ପିତୃପୁରୁଷମାନଙ୍କ ପାଇଁ ଗିର୍ଜାରେ ପ୍ରାର୍ଥନା କରାଇବା ଲାଗି ପାଦ୍ରିଙ୍କୁ ମଧ ଗୋଟାଏ ରବଲ୍ ଦେବାକୁ ପଡ଼ିବ । ବାସ୍, ଏମିତି ଏଇଟା ସେଇଟା ଖରଚ କରୁ କରୁ ଆଉ ହାତରେ କାଣିକଉଡ଼ିଟାଏ ମଧ ରହିବ ନାହିଁ"—ମନେ ମନେ ଭାରି ଦୁଃଖିତ ହୋଇ ସେ ଆପଣା କୁରୁତାର ପକେଟ୍ ଦରାଣ୍ଡିବାକୁ ଲାଗିଲା, କାଳେ ଚୁମୁଟାଏ ଦୋକ୍ତା କୋଉଠି ମିଳିଯିବ । ଦୋକ୍ତା ଖୋଜୁଖୋଜୁ ତା'ର ହାତରେ ନଗଦ ପଇସା ଆସି ବାଜିଲା । ପକେଟ୍ ଭିତରେ ନଗଦ ପଇସା ଅଛି ବୋଲି ସେ ବିବାକ ପାସୋରି ଯାଇଥିଲା ।

"ଆରେ ବାହାରେ, ତେବେ ହାତରେ କିଛି- ନା-କିଛି ଅବଶ୍ୟ ଅଛି !" ତା'ର ନିଦ ମୁହୂର୍ତ୍ତକ ଭିତରେ କୁଆଡ଼େ ଉଡ଼ିପଳାଇଲା । ଦୂର ସରାଇଘରୁ ସଙ୍ଗୀତଧ୍ୱନି ଭାସିଆସୁଥାଏ, ଆମୋଦରତ ବ୍ୟକ୍ତିମାନଙ୍କର କୋଳାହଳ ମଧ ଦୂରତାର ଗର୍ଭ ଭେଦକରି ଅସ୍ପଷ୍ଟ ହୋଇ ଶୁଣାଯାଉଥାଏ ।

କ୍ଷୁଣ୍ଣଭାବରେ ସେ ଭାବିବାକୁ ଲାଗିଲା—"ସେଠି କେତେ ଲୋକ ନାଚୁଚନ୍ତି, ଭଡ୍କା ପିଉଚନ୍ତି ଓ ପିକାରୁ ଧୂଆଁ ଉଡ଼ାଇ କେତେ ମଜା କରୁଚନ୍ତି !" ପେଟମୋଡ଼ି ଶୋଇ ସେ ମୁହଁଟେକି

Digitized by srujanika@gmail.com

ଘୋଡ଼ାପଲ ଆଡ଼କୁ ଅନାଇବାକୁ ଲାଗିଲା । ଘୋଡ଼ାଗୁଡ଼ାକ ଗୋଟାଏ ଜାଗାରେ ଜମା ହୋଇ ପରସ୍ପରର ବେକକୁ ଝୁଙ୍କିବାରେ ଲାଗିଥାନ୍ତି । ନା—ଆଜି ସଞ୍ଜକୁ ସେ ମଧ ସରାଇଘରକୁ ଯିବ, ତମାଖୁ କିଣିବ, ନାଚୁଥିବା ଲୋକମାନଙ୍କ ଉପରେ ଘଡ଼ିଏ ଆଖିବୁଲାଇ ଆସିବ ।

ଥର ଥର କରି ସେ ଆପଣା ହାତରେ ଥିବା ପଇସାକୁ ଅନାଉଥାଏ, ତା'ପରେ ପୁଣି ସୂର୍ଯ୍ୟ ଆଡ଼କୁ ଚାହିଁ ଦେଖୁଥାଏ । ଆଜି କେଜାଣି କାହିଁକି ସୂର୍ଯ୍ୟଦେବ ଭାରି କାଉଁଦା ହୋଇପଡ଼ିଥିଲାପରି ମନେ ହେଉଚି । ଭାରି ଥିରି ଥିରି ହୋଇ ସେ ଆକାଶ ଉପରୁ ତଳକୁ ଖସିବାକୁ ଆରମ୍ଭ କଲେଣି । ଆଜି ରବିବାର, ସତେଅବା ତାଙ୍କର ମଧ ଆଜି ରବିବାରର ଛୁଟି ଦରକାର ହୋଇ ପଡ଼ିଥିବାପରି ଲାଗୁଚି । ସରାଇଖାନାର ଲୋଭ କ୍ରମେ ବଢ଼ି ପ୍ରବଳ ହେବାକୁ ଲାଗିଲା । ଆଉ ସମ୍ଭାଳି ରହିବା ସମ୍ଭବ ନୁହେଁ । କିନ୍ତୁ ତଥାପି ସେହି ମୁହୂର୍ତ୍ତରେ ସେଠାକୁ ଯିବାରୁ ସେ ଆପଣାକୁ ନିବୃତ୍ତ କରି ରଖିଲା ଓ କଡ଼ ଲେଉଟାଇ ଆପଣା ମନକୁମନ ଗଅଁ ଗଅଁ ହୋଇ କ'ଣସବୁ କହିବାକୁ ଲାଗିଲା । ପଛରୁ ଖଳାଘରୁ ଆନ୍ତେକ୍ ଆଉ ହାଙ୍କା ବାହାରକୁ ଆସିଲେ ଏବଂ ବିଲ ଭିତରେ ପଡ଼ିଥିବା ହିଡ଼େ ହିଡ଼େ ଯିବାକୁ ଲାଗିଲେ ।

ଆନ୍ତେକ୍ ଆଗେ ଆଗେ ଯାଉଥାଏ, ହାତରେ ଛୁଆ ପୁଅଟିର ହାତ ଧରି ହାଙ୍କା ପଛେ ପଛେ ଚାଲିଥାଏ । ବେଳେବେଳେ ସେମାନଙ୍କର ଗତି ଧୀର ହୋଇଯାଉଥାଏ, ସେମାନେ ପରସ୍ପରକୁ କ'ଣ ପଦେ ଦି'ପଦ କଥା କହୁଥାନ୍ତି, ତା'ପରେ ପୁଣି ଗୋଡ଼ କାଢ଼ି ଚାଲୁଥାନ୍ତି । ତା'ପରେ ଆନ୍ତେକ୍ ନଇଁପଡ଼ି ନୂଆ କଅଁଳି ଆସୁଥିବା ଗଜା ଗଛଗୁଡ଼ାକୁ ହାତ ଲଗାଇ ସାଉଁଳେଇ ପକାଉଥାଏ ।

''ଠିକ୍ କଣ୍ଢାବୁଦା ପରି ଏଗୁଡାକ ବହଳ ହୋଇ ବଢ଼ିଆସିଲାଣି !''—କହି ସେ ଖେତ ଉପରେ ଘେରାଏ ଆଖି ବୁଲାଇ ନେଉଥାଏ । ଏହିସବୁ ଜମି ତା' ନିଜର, ଏସବୁ ଜମିରେ ସେ ନିଜ ହାତରେ ବିହନ ପକାଇଚି । ବାପାର ଜମିରେ ମଜୁରି ଖଟିବା ବାବଦକୁ ଏତକ ଜମି ତାକୁ ହାତଚାଷ ପାଇଁ ମିଳିଚି ।

''ହଁ, ବହଳ ହୋଇଚି ସତ, କିନ୍ତୁ ବାପାଙ୍କର ଜମି ଆହୁରି ବହଳ ଦେଖାଯାଉଚି । ସତେ ଯେମିତି ଜଙ୍ଗଲ ବଢ଼ିବାରେ ଲାଗିଚି ।''—ଆଖପାଖର ଖେତଗୁଡାକୁ ଅନାଇ ହାଙ୍କା ଉତ୍ତର ଦେଲା ।

''ସେହି ଜମିରେ ବେଶୀ ଖତ ପଡ଼ିଥିବ । ଆମର ଯଦି ତିନିଟା ଗାଈ ଥାଆନ୍ତେ—''

''ତା' ସାଙ୍ଗକୁ ଗୋଟାଏ ଘୋଡ଼ା ବି ।''

''ହଁ, ତାହେଲେ ଆମେ କିଛି କୁକୁଡ଼ା ମଧ ପାଳିଥାନ୍ତେ ଓ ହାଟରେ ବିକିବା ଲଗି ଏଇଟା ସେଇଟା ପଠାଇ ପାରୁଥାନ୍ତେ । କିନ୍ତୁ ଆମର ସେଡ଼େ ଭାଗ୍ୟ କୁଆଡୁ ହେବ ? ବାପା ତ ଏମିତି ଚିକିଟା ଯେ ଗହମ ଗୋଟିଗଣିତା କରି ତେବେ ଯାଇ ଛାଡ଼ିବ, କୋଉଠି ଗୋଟାଏ ଆଳୁରୁ ଚୋପା ଛାଡ଼ିଗଲେ ବି ତା'ର ହାଲୁକ ଶୁଖିଯିବ !''

''ଆଉ ଆମକୁ କୋଉଠି କ'ଣ ଦେଲା, ସେହି ବିଷୟରେ ଉଲୁଗୁଣା ଦେବାରେ ଲାଗିଥିବ !''

Digitized by srujanika@gmail.com

ଆଉ କାହାରି ତୁଣ୍ଡରୁ କୌଣସି କଥା ବାହାରିଲା ନାହିଁ । ଦୁହିଁଙ୍କର ହୃଦୟ ସେତେବେଳକୁ ଖାଲି ହିଂସା ଆଉ ଘୃଣାରେ ଜଳିଯିବାରେ ଲାଗିଥାଏ, ବିଦ୍ରୋହ କରିବାର ପ୍ରବଳ ଆକାଂକ୍ଷାର ଅଙ୍କୁଶ ସେମାନଙ୍କୁ ଚାରିଆଡୁ ବିନ୍ଧି ଦେବାରେ ଲାଗିଥାଏ ।

ପୁଣି କିଛି ସମୟ ପରେ ! ''ଆମ ଭାଗରେ ଆଠ କିନଅମାଣ ଜମି ପଡ଼ନ୍ତା, ଯଦି...'' ଅନ୍ୟମନସ୍କ ଭାବରେ ଆନ୍ତେକ୍ ମତ ପ୍ରକାଶ କଲା ।

''ଥାଉ, ଏତେଗୁଡ଼ାଏ ଖଜା ଖାଅନାହିଁ । ତେଣେ ଯୁଜ୍କା ଅଛି, କମାରପୁଅର ଭାରିଯା ଅଛି । ଗ୍ରିଗୋରି ମଧ ଅଛି, ତା'ପଛକୁ ଯାଇ ସିନା ଆମର ପାଳି ।''—ହାଙ୍କା ହିସାବ କରି କହିଲା ।

''ଯଦି ଆମେ କମାରପୁଅକୁ କିଛି ଟଙ୍କା ଦେଇ ପାରନ୍ତେ, ତେବେ ଘର ଆଉ ଷୋଳମାଣ ଜମି କ'ଣ ଆମ ହାତରେ ରହନ୍ତା ନାହିଁ ?''

''କିନ୍ତୁ ହାତରେ ପଇସା ଅଛି ନା ଖାଲି କଳ୍ପନାରେ ଭାସିଯାଇ କହୁଚ ?''— ଏକ ପ୍ରକାର ସମ୍ବଳହୀନତାର ଭାବରେ ବଡ଼ କ୍ଷୁଣ୍ଣହୋଇ ହାଙ୍କା ପାଟିକରି କହିଲା ଓ ଶଶୁରଙ୍କ ଖେତ ଆଡ଼କୁ ଅନାଇ ଦେଉ ଦେଉ ତା'ର ଆଖିରୁ ଟୋପା ଟୋପା ହୋଇ ଲୁହ ଗଡ଼ିପଡ଼ିଲା । ସିଏ ତ ମାଟି ନୁହେଁ, ସାକ୍ଷାତରେ ସୁନାମୁଣ୍ଡା । ଗହମ, ଯଅ ଆଉ କନ୍ଦମୂଳ ଫସଲରେ ଖେତ ଭରି ହୋଇ ରହିଚି । କୋଉଠି ଗୋଟାଏ ଆଙ୍ଗୁଳ ମଧ ଫାଙ୍କ ନାହିଁ ।

''ତୁ ସେମିତି ବାଳୁରୀଙ୍କ ପରି କାନ୍ଦୁଚୁ କାହିଁକି ? ଆଉ କିଛି ନ ହେଲା ପଛକେ, ଦିନେ-ନା-ଦିନେ ତ ପୁଣି ଆମ ହାତକୁ ଆଠମାଣ ଜମି ନିଶ୍ଚୟ ଆସିବ !''

''ହଁ—ଆଠମାଣ କଥା ପଡ଼ିଚି କାହିଁକି ? ଯଦି ଆମ ହାତକୁ ଚାରିଟା ମାଣ ହେଲେ ଆସନ୍ତା, ତା ସହିତ ଘରଡିହ ଆଉ ସେଇ ବାରିଅରାକ !''—ବନ୍ଧାକୋବି ଲଗା ହୋଇଥିବା ବାରି ଆଡ଼କୁ ହାତ ଦେଖାଇ ସେ କହିଲା । ତା'ପରେ ସେମାନେ ସେଇଆଡ଼େ ବାଟ ଭାଙ୍ଗିଲେ ଓ କିଛି ଦୂର ଯାଇ ଗୋଟିଏ ବୁଦାମୂଳ ଦେଖି ବସିଲେ । ହାଙ୍କା ଛୁଆକୁ ଦୁଧ ଦେଲା । ଛୁଆଟା ସେତେବେଳକୁ ଭୋକରେ କାନ୍ଦିବାକୁ ଆରମ୍ଭ କରିଥାଏ । ଆନ୍ତେକ୍ ଧୂଆଁପତ୍ର ବାହାର କରି ପିକାଟିଏ ବଳିଲା ଓ ସେଇଟିକୁ ଲଗାଇ ଫାସୁଫାସୁ କରି ଟାଣିବାକୁ ଲାଗିଲା ।

ଆପଣା ମନର ଦୁଃଖ ତାକୁ ସେହି ମନଭିତରେ ସତେ ଅବା ବିଦାରି ପକାଉଥାଏ, ନିଆଁ ଭିତରେ ଅଙ୍ଗାରମୁଣ୍ଡା ଜଳିଲାପରି ହୃଦୟ ଭିତରେ ଜଳି ହୃଦୟଟାକୁ ଦହିଦେଇ ଯାଉଥାଏ । କିନ୍ତୁ ଭାରିଯାକୁ ସେ ଖୋଲିକରି ପଦେ ହେଲେ କଥା କହିଲା ନାହିଁ । ସେଗୁଡ଼ାକ ତା'ଆଗରେ ସେ କିପରି ବା କହନ୍ତା ? କହିଲେ କ'ଣ ସେ କେବେହେଲେ ବୁଝିପାରିବ ? ମାଇପିଜାତି, ତାର କେତେ ବା ବୁଦ୍ଧି, କେତେ ବା କାଢ଼ ? କାୟା ପଛେ ପଛେ ଛାଇଟା ଗୋଡ଼ାଇଥିଲା ପରି ପୁରୁଷ ପଛେ ପଛେ ଯିବା ବ୍ୟତୀତ ସ୍ତ୍ରୀର ଆଉ କ'ଣ ବା ବଳ ରହିଚି !

''କିନ୍ତୁ ବାପାଙ୍କ ପାଖରେ କିଛି ନଗଦ ପଇସା ବି ରହିଚି, ନୁହେଁ ?''—ହାଙ୍କା ପଚାରି ବସିଲା ।

Digitized by srujanika@gmail.com

''ନିଶ୍ଚୟ ଅଛି ।''

''ମଲା'' ସେଦିନ ପରା ସେ ଯୁବ୍କା ପାଇଁ ପୋହଳା ଲଗା ହାର ଆଣିଥିଲେ ! ଗୋଟାଏ ଗାଈର ଦାମ୍ ଯେତିକି, ସେଇ ହାରର ଦାମ୍ ମଧ୍ୟ ସେତିକି ହେବ । ପୁଣି ପଧାନ ହାତରେ ସେ ମାସକୁମାସ ଗ୍ରିଗୋରି ପାଖକୁ ବି ଟଙ୍କା ପଠାଉଚନ୍ତି !''

ଆନ୍ତେକ୍ ମୁଣ୍ଡ ହଲାଇ ହଁ ଭରିଲା, କିନ୍ତୁ ସେତେବେଳକୁ ତା'ର ମୁଣ୍ଡ ଭିତରେ ସେ ଆହୁରି କେତେ କ'ଣ ଚିନ୍ତା କରିବାରେ ଲାଗିଥାଏ ।

''ଏ କେଡ଼େ ଅନ୍ୟାୟ କଥା, କହିଲ ! ପୁଣି ତୁମ ବୋଉଙ୍କର ଯୋଉ ସବୁ ଲୁଗାପଟା ଥିଲା, ସେସବୁକୁ ସେ ପେଟରା ଭିତରେ କୋଲପ ପକାଇ ରଖିଚନ୍ତି, କିଏ ଟିକିଏ ଆଖି ପକାଇ ଦେଖିବ ବୋଲି ମଧ୍ୟ ଜୁ ନାହିଁ । କେତେ ଖଣ୍ଡୁଆ, କେତେ ବେଢ଼ଣି, କେତେ ଟୋପି ଆଉ କେତେ ମାଳି !''—ସେ ଗୋଟିଗୋଟି କରି ସବୁଟିର ହିସାବ ଦେଇ କହିଯାଉଥାଏ । ସେମାନଙ୍କୁ ଯେତେପ୍ରକାରେ ହୀନିମାନ କରାଯାଉଚି, ମନ ଭିତରେ ଯେତେଆଡ଼ର ଯେତେ ଓରିମାନା ଓ ଅଭିଳାଷ ରହିଚି, ସବୁ ଗୋଟି ଗୋଟି କରି ସେ ବଖାଣି ଚାଲିଥାଏ । ଏବଂ ସବୁ ଶୁଣି ତଥାପି ଆନ୍ତେକ୍ ମୁହଁ ବନ୍ଦ କରି ପଥର ହୋଇ ବସିଥାଏ । ଶେଷକୁ ଧୈର୍ଯ୍ୟ ରହି ନପାରିବାରୁ ହାଙ୍କା ଆନ୍ତେକ୍‌ର କାନ୍ଧକୁ ହାତରେ ହଲାଇ ଦେଇ ପଚାରିଲା—''କ'ଣ ଶୋଇଲଣି କି ?''

''ନାଇଁ, ନାଇଁ—ମୁଁ ଶୁଣୁଚି । ତୁ ସବୁ କହିଯାଆ । ସବୁ ଖଲାସ ହୋଇଗଲେ ତୋର ମନଟା ବି ଉଶ୍ୱାସ ହୋଇଯିବ । ଯେତେବେଳେ କଥାତକ ସରିବ, ସେତେବେଳେ ଯାଇ ମୋତେ କହିବୁ ।''

ଏ କଥା ଶୁଣି ହାଙ୍କା କାନ୍ଦ କାନ୍ଦ ହୋଇଆସିଲା । ତା'ର ଦୁଃଖ ଶୁଣିବାକୁ ସତେ କ'ଣ ଏହି ସଂସାରରେ ଜଣେ କେହି ହେଲେ ନାହିଁ । ଆଉ ସମ୍ଭାଳି ନ ପାରି ସେ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । କଥା ଆରମ୍ଭ କଲା ସେଇ, ପୁଣି କଥା ଶୁଣି କାନ୍ଦ ମାଡ଼ିଲା ବୋଲି ତା'ଠାରୁ ଗାଳି ଖାଇବାକୁ ପଡ଼ିବ ? ଠିକ୍ ଛୋଟ ଝିଅଙ୍କୁ ଯେମିତି ଗାଳି ଦିଅନ୍ତି, ଠିକ୍ ସେହିପରି । ଏ ମିଣିପଟାର ସତେ ତା'ପ୍ରତି ବା ଛୁଆଟା ପ୍ରତି ଏତେ ଟିକିଏ ହେଲେ ଲୋଭ ନାହିଁ କି ସୋଗ ନାହିଁ ।

ଏଥିଉତ୍ତାରୁ ଆନ୍ତେକ୍ ବସିବା ଥାନରୁ ଉଠି ଠିଆହେଲା ଓ ଭର୍ତ୍ସନା କରି କହିଲା—''ହଁ, ଆହୁରି ବଡ଼ପାଟି କରି କାନ୍ଦ ! ଆହୁିର ବଡ଼ପାଟି କରି !'' ମୁଣ୍ଡ ଉପରେ ଉଡ଼ି ଯାଉଥିବା ପଲେ କାଉଙ୍କୁ ଲକ୍ଷ୍ୟ କରି ସେ କହିବାକୁ ଲାଗିଲା—''ଏଇ କାଉଗୁଡ଼ାକ ବି ତୋ' କାନ୍ଦ ଶୁଣିବେ ଓ ତୋ'ପ୍ରତି କରୁଣା କରିବେ ।'' କହି ମୁଣ୍ଡରେ ଟୋପି ଲଗାଇ ସେ ଖର ପାଦ ପକାଇ ଗାଆଁଆଡ଼କୁ ଯିବାକୁ ଆରମ୍ଭ କଲା ।

''ଆନ୍ତେକ, ଆନ୍ତେକ୍ !''—ହାଙ୍କା ପଛରୁ ଡାକୁଥାଏ । କିନ୍ତୁ ରହିବାକଥା ଦୂରେଥାଉ, ସେ ମୁହଁବୁଲାଇ ଥରେ ସୁଦ୍ଧା ଅନାଇଲା ବି ନାହିଁ ।

Digitized by srujanika@gmail.com

ଏଥିକୁ ଆଉ ହାଙ୍କାର କ'ଣ ବଳ ଅଛି ? ଭାରି ଦୁଃଖିତ ହୃଦୟରେ ଏଡ଼େ ବଡ଼ ମୁହଁ କରି ସେ ଛୁଆଟିକୁ କନା ଭିତରେ ଗୁଡ଼ାଇକରି ହାତରେ ଧରିଲା ଓ ଘର ଆଡ଼େ ଯିବାକୁ ଆରମ୍ଭ କଲା । ତେବେ ଗେରସ୍ତ ତାକୁ କଥାପଦେ ମଧ କହିବାକୁ ଦେଲାନାହିଁ, କୋଉ କଥାଟା ମନକୁ ଆସିଲାନାହିଁ ବୋଲି ମଧ କହିବାକୁ ଦେଲାନାହିଁ ! ଏ ମିଣିପଟାର ମନରେ ସତେ ଟିକିଏ ହେଲେ ଉପରୋଧ ନାହିଁ । ସବୁବେଳେ ଖାଲି କାମ ଆଉ କାମ ! ଖାଲି ଏଇଟା କର, ସେଇଟା କର, ଏଇଟା ଦେଖ୍, ସେଇଟା ଦେଖ୍ । ଖାଲି ଘରେ ଥାଆ— ବାସ୍ ଆଉ କିଛି ନାହିଁ, କୋଉ କଥାକୁ ବିଚାର ନାହିଁ । ଉପରୋଧ ନାହିଁ କି ସୁଆଗ ନାହିଁ । ସାହିର ଆଉ ଆଉ ମାଇପିମାନେ ସରାଇଘରକୁ ଆସି କେତେ ଅୟସ କରୁଚନ୍ତି, କେତେ ବାହାସାହା ଦେଖିବାକୁ ଯାଉଚନ୍ତି, କିନ୍ତୁ ଆନ୍ତେକ୍ ! ଏମିତି ଗୋଟାଏ ଗେରସ୍ତକୁ ନେଇ ସେ ଆଉ କ'ଣ କରିବ କହିଲ ? ବେଳେ ବେଳେ ସେଇ ମଣିଷଟା କେଡ଼େ ଭଲ, କେଡ଼େ ଥିର—ଆଉ ବେଳେବେଳେ କ'ଣ ହେବ କେଜାଣି ସାତ ସାତ ଦିନଯାଏ ପଦେହେଲେ କଥା ବି କହିବ ନାହିଁ, ଆଡ଼ଆଖିରେ ଅନାଇବ ବି ନାହିଁ । ଖାଲି ମାଦଳଙ୍କ ପରି ବସି ଭାବୁଥିବ ଆଉ ଭାବୁଥିବ ! ହଁ, ତା'ର ଚିନ୍ତାର ବିଷୟ ସତେ କହିଲେ ନସରେ ! ତା' ବାପ କାହିଁକି ତାକୁ ତା' ଭାଗର ଜମିତକ ବର୍ତ୍ତମାନ ଦେଇ ନଦେବ କହିଲ ? ଆଜି ବୁଢ଼ା ହେଲାଣି, ଡାଳରୁ ଝଡ଼ିବାକୁ ବସିଲାଣି, ପୁଅବୋହୂଙ୍କ ହାତରେ ସମ୍ପତ୍ତିଗୁଡ଼ାକ ଜିମାଦେଇ ଦିଅନ୍ତା ନାହିଁ ? ଯଦି ସିଏ ସେତକ କରନ୍ତା, ତେବେ ଠିକ୍ ଆପଣା ବାପପରି ସେ ଶଶୁରର ସେବା କରନ୍ତା, ତା'ର ସବୁ ଖବର ବୁଝନ୍ତା ...

କୁବାକୁ କ'ଣ ଗୋଟାଏ କଥା କହିବ ବୋଲି ତା'ପ ଭାରି ମନ ହେଉଥିଲା । କିନ୍ତୁ ସେ କୁଟାଗଦାଟା ଉପରକୁ ଆଉଜି ଶୋଇଚି ବୋଲି ପେଖନା ଦେଖାଉଥିଲା—ଏଣେ ଦିନର ଟାଣଖରା ଆସି ତା'ର ଆଖିରେ ସିଧା ଟାଇଁଟାଇଁ ବାକୁଥିଲା । ଖଳାଘର ଭିତରେ ହାଙ୍କା ଅଦୃଶ୍ୟ ହୋଇ ନଯାଉଣୁ କୁବା ଉଠିବସିଲା, ଲୁଗାପଟାରେ ଲାଗିଥିବା କୁଟାଗୁଡ଼ାକୁ ଝାଡ଼ିଝୁଡ଼ି ଦେଲା ଏବଂ ବାରିଭିତର ଦେଇ ଭାରି ତରକରେ ସରାଇଘର ଆଡ଼କୁ ଚାଲିଗଲା ।

ଗାଆଁ ସେମୁଣ୍ଡରେ ସରାଇଘର—ପାଦ୍ରିଙ୍କ ଘର ପାରହୋଇ ଗଲେ ଯୋଉଠି ରାସ୍ତାର ଦୁଇକଡ଼ରେ ପପ୍ଲାର ଗଛ ଅଛି, ସେଇଠି ।

ଏପର୍ଯ୍ୟନ୍ତ ସରାଇଘରେ ଭିଡ଼ ଲାଗିନାହିଁ । ମଝିରେ ମଝିରେ ସଙ୍ଗୀତ ବାଜଣା ହେଉଚି, କିନ୍ତୁ କେହି ନାଚିବା ଆରମ୍ଭ କରିନାହାନ୍ତି । ଟୋକା ଟୋକଲୀମାନେ ଏପର୍ଯ୍ୟନ୍ତ ତୋଟା ଭିତରେ ଖେଳରେ ମସ୍ତ ଅଛନ୍ତି । କେହି କେହି ନାଚଘର ପାଖରେ କାନ୍ଥକୁ ଆଉଜି ଠିଆ ହୋଇଚନ୍ତି ଓ ସଦ୍ୟ ଜଙ୍ଗଲରୁ କଟାହୋଇ ଆସିଥିବା କାଠଗଦା ଉପରେ ରୁଣ୍ଡ ହୋଇ ବସିଥିବା ସ୍ତ୍ରୀଲୋକ ଓ ଝିଅମାନଙ୍କ ଉପରେ ଆଖି ପକାଇବାରେ ଲାଗିଚନ୍ତି । ନାଚଘରର ଓରାଗୁଡ଼ାକ ଧୂଆଁର ଅଳନ୍ଧୁ ଲାଗି କଳା ଦେଖାଯାଉଚି । ଏପର୍ଯ୍ୟନ୍ତ କେହି ଘରଭିତରକୁ ଆସିନାହାନ୍ତି । ଝରକାର କାଚଗୁଡ଼ାକ ଉପରେ ଧୂଳି ବସିଯାଇ ଧୂସର ଦିଶୁଚି । ଆସନ୍ନ ସୂର୍ଯ୍ୟାସ୍ତର କିରଣଛିଟାଗୁଡ଼ାକ ସେଇ କାଚଦେଇ ଭଲକରି ଭେଦି ଘରଭିତରର ପୁରୁଣା ଓ ଖାବଖାବଡ଼ିଆ ଚଟାଣ ଉପରେ ପଡ଼ିପାରୁ ନାହିଁ । ଘରର କଣଗୁଡ଼ାକ ଭାରି ଅନ୍ଧାରୁଆ ଦିଶୁଚି ।

Digitized by srujanika@gmail.com

ଗାଆଁ ଗିର୍ଜାର ଆଉ ଜଣେ ଉପାସକ-ସଭ୍ୟ ସହିତ କେବଳ ଆନ୍ତ୍ରୋକ୍ ଘରଭିତରେ ଠିଆ ହୋଇଥାଏ । ଝରକାପାଖରେ ଠିଆହୋଇ ଦୁହେଁ କ'ଣ ସବୁ କଥାବାର୍ତ୍ତା ହେବାରେ ଲାଗିଥାନ୍ତି । ସେମାନଙ୍କର ହାତରେ ଥିବା ବୋତଲରୁ ସେମାନେ ମୁହୁର୍ମୁହୁଃ ମଦ୍ୟପାନ କରୁଥାନ୍ତି ଓ ପରସ୍ପରର ଆରୋଗ୍ୟ ମନାସୁଥାନ୍ତି ।

ହଁ, ଯଗୁଷ୍ଟିଙ୍କା ମଧ ସେତେବେଳକୁ ସରାଇଘରେ ପହଞ୍ଚି ଆପଣାର ତୁଣ୍ଡ ବଜାଇବା ଆରମ୍ଭ କରିଦେଇଥାଏ । ସାରା ସଂସାରରେ କେହି ହେଲେ କେବେ ତା'ର ମନକୁ ଆସନ୍ତି ନାହିଁ, ତେଣୁ ସେ ସମସ୍ତଙ୍କ ଉପରେ ବାକ୍ୟବାଣ ବର୍ଷଣ କରିବାରେ ଲାଗିଥାଏ । ଏଇ ସଂସାରର ମଣିଷଗୁଡ଼ାକ ଏଡ଼େ ରାଢ଼ ଯେ ସମସ୍ତେ ମିଶି ତାକୁ କେବଳ ଉତ୍ପୀଡ଼ନ କରିବାରେ ଲାଗିଚନ୍ତି, ଏହି ବୁଢ଼ୀ ବୟସରେ ମଧ ତାକୁ ଦୁଆର ଦୁଆର ବୁଲି ସେମାନଙ୍କ ଘରେ ଯାଇ ମଜୁରି ଖଟିବାକୁ ପଡୁଚି । ଅବଶ୍ୟ କେହି ତା'ର ଭର୍ତ୍ସନା ବାକ୍ୟଗୁଡ଼ାକର ଜବାବ ଦେଉ ନଥାନ୍ତି । ଶେଷକୁ ନିରସ୍ତ ହୋଇ ସେ ଆନ୍ତେକ୍ ଓ ଆଉ କେତେଜଣ ଯୁବକଙ୍କ ସହିତ କମାରପୁଅ ବସିଥିବା ସାନ ଅନ୍ଧାରୁଆ କୋଠରି ଭିତରକୁ ଚାଲିଗଲା ।

ଅନ୍ଧାରୁଆ ଓରାରୁ ଗୋଟିଏ ଦୀପ ଟଙ୍ଗା ହୋଇ ମିଞ୍ଜିମିଞ୍ଜି କଳୁଚି, ଅଳରା କହରା ବାଳ ଉପରେ ସେହି ଦୀପର ହଳଦିଆ ଆଲୁଅ ବିଞ୍ଚିହୋଇ ପଡୁଚି । ଟେବୁଲ ଉପରେ କହୁଣି ଭରା ଦେଇ ଲୋକମାନେ ଗୋଲହୋଇ ବସିଚନ୍ତି । ସମସ୍ତଙ୍କର ଆଖି କମାରପୁଅ ଉପରେ ଯାଇ ନିବଦ୍ଧ ରହିଚି । ବଡ଼ ଗମ୍ଭୀର ଓ ସତର୍କ କଣ୍ଠରେ କମାରପୁଅ କ'ଣ ସବୁ କଥା କହିବାରେ ଲାଗିଚି । କେତେବେଳେ ସେ ଆଗକୁ ଉହୁଙ୍କି ପଡ଼ି ହାତକୁ ଲମ୍ବାଇ ଦେଉଚି ତ ପୁଣି ଆଉ କେତେବେଳେ ହାତମୁଠାକୁ ଭାରି ଜୋର୍‌ରେ ଟେବୁଲ ଉପରେ ଆଣି ବାଡ଼େଇ ଦେଉଚି ।

କୁବା ଆସି ସିଧା ଯେଉଁଠି ମଦ୍ୟ ବିକ୍ରୟ ଓ ମଦ୍ୟପାନ ଚାଲିଥିଲା, ସେଠାରେ ଆସି ପହଞ୍ଚିଲା । ସରାଇଖାନାର ଇହୁଦୀ ମାଲିକ ଯାଙ୍କେଲ୍ ସେଠି ହାତ ଉପରୁ କମିଜ ଉପରକୁ ଉଠାଇ ଖୋସି ଦେଇ ବସିଥାଏ । କାରଣ ଆଜି ସତରେ ଭାରି ଗରମ ହେଉଚି । ଏପାଖ ସେପାଖ ଦୋହଲି ଦୋହଲି ଆପଣା ହାତରେ ଧରିଥିବା ଗୋଟାଏ ବହିରୁ ସେ ଏକମନ ହୋଇ କ'ଣ ସବୁ ପଢ଼ିବାରେ ଲାଗିଥାଏ ।

ଖୋଜ ପକାଇ କୁବା ଆଗକୁ ଆସିଲା, ଆପଣାର ପଇସାତକ ଆଉ ଥରେ ଗଣିନେଲା ଓ ନଖ ଅଗରେ ମୁଣ୍ଡଟାକୁ ଟିକିଏ କୁଣ୍ଡାଇ ଦେଇ ଯାଇ ଥିରିହୋଇ ଛିଡ଼ାହେଲା । ଶେଷକୁ ତା'ଉପରେ ଦୃଷ୍ଟି ପଡ଼ିଯିବା ମାତ୍ରକେ ଯାଙ୍କେଲ୍ ଆଗରେ ରଖା ହୋଇଥିବା ଗିଲାସଗୁଡ଼ାକ ଥରେ ଦୁଇଥର ଟିଣ୍ ଟିଣ୍ କରି ବଜାଇଦେଲା, ମାତ୍ର ଏପରି କରିବା ଦ୍ୱାରା ତା'ର ପ୍ରାର୍ଥନା ଓ ମୁଣ୍ଡ ହଲାରେ କୌଣସି ବ୍ୟାଘାତ ହେଲାନାହିଁ ।

"ମୋତେ ସେଥିରୁ ଅଧପାଏ ଦିଅ, କିନ୍ତୁ ପାଣି ମିଶାଇବା ଦରକାର ନାହିଁ ।" — କୁବା ଶେଷକୁ ବରାଦ ଦେଲା । ଯାଙ୍କେଲ୍ କିଛି ନକହି ବାଆଁ ହାତ ବଢ଼ାଇ ଦେଇ ପଇସା ମାଗିଲା ଓ କଳଙ୍କି ଲାଗିଯାଇଥିବା ପଇସାତକ ଗୋଟାଏ ହାତବାକ୍ସ ଭିତରକୁ ପକାଇଦେଇ କହିଲା —

Digitized by srujanika@gmail.com

''ଗିଲାସରେ ଦେବି ?''

''ଗିଲାସରେ ଦେବନାହିଁ ତ ଆଉ କୋଉଥିରେ ଦେବ ?'' —କୁବା ଜବାବ ଦେଲା ଓ ତା'ପରେ ପାନାଗାରର ଗୋଟିଏ କଣକୁ ଯାଇ ସେଇଠି ବସି ପହିଲି ଗିଲାସଟିକୁ ନିଃଶେଷ କରି ପିଇ ଶେଷ କରିଦେଲା । ତା'ପରେ ଥୁ' ଥୁ' କେଇ ନଣ୍ଡା ଛେପ ପକାଇ ଦେଇ ସେ ଚାରିଆଡ଼କୁ ଆଖି ପକାଇଲା । ଦ୍ୱିତୀୟ ଗିଲାସଟି ଶେଷ ହେବା ଉତ୍ତାରୁ ସେ ବୋତଲଟାକୁ ଆଲୁଅକୁ ଟେକି ଦେଇ ଅନାଇଲା । ବୋତଲରେ ଆଉ ଟୋପାଏ ହେଲେ ମଦ ବାକୀ ନାହିଁ, ଖାଲି ବୋତଲଟା ଧରି ସେ ପୁଣି ୟାଙ୍କେଲ ପାଖରେ ଆସି ପହଞ୍ଚିଲା ।

''ଆଉ ବୋତଲ ଦିଅ—ବିଡ଼ାଏ ଧୂଆଁପତ୍ର ବି''—ସଦ୍ୟ ପାନ କରିଥିବା ଭଡ୍‌କାର ଉଷ୍ଣତାରେ ବେଶ୍ ସତେଜ ଅନୁଭବ କରୁଥିବା ପରି ବେଶ୍ ଗରମ ଗଳାରେ ସେ ପୁଣି ବରାଦ ଦେଲା । ତା'ର କଥାରୁ ମନେ ହେଉଥାଏ, ଯେପରି ସଂସାରରେ କାହାରି ପ୍ରତି ତା'ର ଏତେ ଟିକିଏ ହେଲେ ଭୟ ନାହିଁ ।

''କ'ଣ ଆଜି ମଜୁରି ମିଳୁଚି କିରେ କୁବା ?''

''ଆଜି କିପରି ମିଳିବ ? ଆଜି କ'ଣ ନୂଆବର୍ଷ କି ?''

''ଟିକିଏ ଏଥିରୁ ହେଉ !''

''ନା, ସେଇଟା ମୋତେ ଭଲ ଲାଗେ ନାହିଁ ।''—କହି ସେ ଆପଣାର ପଇସା ଗଣୁଗଣୁ ମଦ୍ୟଭାଣ୍ଡ ଉପରେ ଖେଦଶ୍ଳିଷ୍ଟ ଦୃଷ୍ଟି ନିକ୍ଷେପ କରିବାକୁ ଲାଗିଲା ।

''ଆରେ ପଇସା ନଥିଲେ କ'ଣ ହେଲା ? କୁବା କ'ଣ ଆଉ କୋଉ ଗାଆଁର ହୋଇଚି ?''

''ନା, ଥାଉ । ଥରେ ଉଧାର ଆରମ୍ଭ ହେଲେ ସର୍ବନାଶ ବ୍ୟତୀତ ଆଉ ଅନ୍ୟ ଗତି ନାହିଁ ।'' ସେ ଭାରି ଶୁଷ୍କ ଭାବରେ ଉତ୍ତର ଦେଲା ।

ତଥାପି—ମଦ ବୋତଲଟା ଠିକ୍ ତା'ର କହୁଣିପାଖକୁ କରି ଥୁଆ ହୋଇଥାଏ । ନା—ଆଜି ଆଉ ଏଥିରେ କୌଣସି ଲୋଡ଼ାନାହିଁ ଭାବି ସେ ବାହାରକୁ ଯିବାକୁ ବସିଥିଲା । କିନ୍ତୁ ମଦ ବୋତଲରୁ ଆସୁଥିବା ମହମହ ଗନ୍ଧଟା ଶେଷକୁ ତାକୁ ଫାନ୍ଦ ଭିତରେ ପକାଇଦେଲା ଏବଂ ସେହି ମୁହୂର୍ତ୍ତଟିର ଉତ୍ତେଜନାରେ ପଡ଼ିଯାଇ ସେ ଆଉ ଗୋଟାଏ ବଡ଼ ବୋତଲ କିଣି ଆଣିଲା ।

''କିରେ, କ'ଣ ଜଙ୍ଗଲରେ କାମ କରି ଏଇ ପଇସା ପାଇଥିଲୁ କି ?''ପୁଣି ଘୋରତେଇ ହୋଇ ୟାଙ୍କେଲ୍ ପଚାରିଲା ।

''ନାଇଁ—ଜାଲ ବସାଇ ଚଢ଼େଇ ଧରିଥିଲି । ପାଦ୍ରିଙ୍କ ଘରେ ନେଇ ଛଅଟା ଚଢ଼େଇ ଦେଇ ଆସିଲି ଯେ ସେ ମୋତେ ସୁଉକାଏ ପଇସା ଦେଇଥିଲେ ।''

''ଛଅଟା ଚଢ଼େଇକୁ ମୋଟେ ସୁଉକାଏ ପଇସା ? କାହିଁକି, ମୁଁ ତ ଅନେକ ବେଶୀ ଦେଇଥାନ୍ତି !''

''କିନ୍ତୁ ଚଢ଼େଇ ମାଉଁସ କ'ଣ ପୂଜାଭୋଜିରେ ଲାଗେ କି ?''—କୁବା ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

Digitized by srujanika@gmail.com

''ନଲାଗିଲେ ଏବେ ସେଥିରେ କ'ଣ ଅଛି ? ତୁ ଆଉ ଯେତେବେଳେ ଚଢ଼େଇ ଧରିବୁ, ମୋ ପାଖକୁ ନେଇ ଆସିବୁ । ଦେଖିବୁ ମୁଁ ତୋତେ କେତେ ପଇସା ଦେବି ! ଆଉ ଯୋଉ ଶେଷ ବୋତଲଟା ତୁ ପିଇଲୁ, ସେଇଟା ବାକି ରହିଲା, ବୁଝିଲୁ ?''

''ୟାଙ୍କେଲ୍, ତୁ ସତ କହୁଚୁ ମୋତେ ବେଶୀ ପଇସା ଦେବୁ !''

''ମୋ କଥାରେ କେବେ ଏପାଖ ସେପାଖ ହୁଏ ନା ଆଜି ହେବ ? ସେଇ ଛଅଟିଯାକ ଚଢେଇ ଆଣି ମୋତେ ଦେଇଥିଲେ ତୋତେ ଅଧପାଆ ବୋତଲରେ ଦୁଇବୋତଲ ନୁହେଁ, ଠିକ୍ ଚାରିବୋତଲ ପିଇବାକୁ ମିଳିଥାନ୍ତା । ତା'ସହିତ ପାଉଁରୁଟି ଓ ମାଛ ଖାଇବାକୁ ମିଳିଥାନ୍ତା । ତମାଖୁ ମଧ ମିଳିଥାନ୍ତା, ବୁଝିଲୁ ?''

ହଁ, ଅଧପାଆ ବୋତଲରେ ଚାରି ବୋତଲ, ରୁଟି, ମାଛ —ମୁଁ କ'ଣ ନିର୍ବୁଦ୍ଧିଆ ହୋଇଚି ଯେ ଏତିକି ହିସାବ କରିପାରିବି ନାହିଁ ?'' —ଭଡ୍କାର ନିଶା ତାକୁ ସେତେବେଳକୁ କାବୁ କରି ଆସିଲାଣି ।

''ତେବେ ତୁ ଚଢ଼େଇ ଧରିଲେ ଆଗ ମୋ' ପାଖକୁ ଆଣିବୁ ?''

''ହଁ ହଁ, ଆଣିବି । କିନ୍ତୁ ମୋ' ହାତରେ ଗୋଟାଏ ବନ୍ଧୁକ ଥିଲେ ଆଉ କୌଣସି ଚିନ୍ତା ନଥିଲା ।'' ତା'ର ମୁଣ୍ଡ ଭିତରେ ମଦର ନିଶାଟା ଟିକିଏ ଛାଡ଼ି ଛାଡ଼ି ଯାଉଥିଲା ପରି ମନେହେଉଥାଏ । ସେ ପୁଣି ହିସାବ କରି ବସିଲା—''ମେଣ୍ଢାଛାଲର କୋଟ୍‌ଟା ପଡ଼ିବ ପାଞ୍ଚ ରବଲ୍, ବୁଟ୍ ଜୋତା ହଳକ ତିନି ରବଲ୍ । ଏଣେ କମାରପୁଅ କହୁଚି ପାଞ୍ଚ ରବଲ୍ ଦେଲେ ଯାଇ ସେ ବନ୍ଧୁକ ଗଢ଼ିଦେବ ।''—ବଡ଼ ପାଟିରେ କଥା କହି ସେ ଭାବିବାରେ ଲାଗିଥାଏ ।

ଚକ୍‌ଖଡ଼ିରେ କ'ଣ ହିସାବ କରି ସାରିବା ପରେ ୟାକେଲ୍ ତା'ର କାନ ପାଖରେ କହିଲା— ''ତୁ ହରିଣ ମାରିପାରିବୁ ?''

''କ'ଣ ବିଧାରେ ମାରିବି ? ବନ୍ଧୁକ ସିନା ଥିଲେ ମାରନ୍ତି !''

''ତୋତେ ଭଲ କରି ବନ୍ଧୁକ ମାରିଆସେ ତ ?''

''ତୁ ଇହୁଦୀ କିଛି ଜାଣିନାହୁଁ । ଗାଆଁଟାଯାକ ଲୋକ ସମସ୍ତେ ଜାଣିଚନ୍ତି । ଗତବର୍ଷ ମୁଁ ସାଆନ୍ତମାନଙ୍କ ସହିତ ଶିକାରକୁ ଯାଇଥିଲି, ମୋ'ଗୋଡ଼ରେ ମଧ ଗୋଟାଏ ଟୁଳିଚୋଟ ଆସି ବାଜିଥିଲା । ହଁ ହଁ, ମୋତେ ଭଲକରି ବନ୍ଧୁକ ମାରି ଆସେ ।''

''ଆଚ୍ଛା, ମୁଁ ତୋତେ ବନ୍ଧୁକ ଦେବି, ବାରୁଦ ଦେବି, ତୋର ଯେତେ ଯାହା ଦରକାର ହେବ, ମୁଁ ସବୁ ଦେବି । କିନ୍ତୁ ସେହି ଗୋଟିଏ ସର୍ତ୍ତ ରହିବ ଯେ ତୁ ଯାହା ଶିକାର କରିବୁ, ସବୁ ଆଣି ମୋ' ପାଖରେ ପହଞ୍ଚାଇବୁ । ହରିଣ ମାରି ଆଣିଦେଲେ ତୋତେ ଗୋଟାଏ ରବଲ୍ ମିଳିବ । ବୁଝିଲୁ ? ବାରୁଦ ପାଇଁ ଅବଶ୍ୟ ମୋତେ କିଛି ପଇସା ଦେବାକୁ ପଡ଼ିବ । ମୁଁ ତାକୁ ଅଳପ ଅଳପ କରି ଶିକାର ବାବତରୁ କାଟି ନେଉଥିବି । ହଁ, ବନ୍ଧୁକଟାକୁ ମରାମତି କରିଦେବା ପାଇଁ ତୋତେ ଆହୁରି ଅଧଗଉଣିଏ ଯଅ ଦେବାକୁ ହେବ ।''

''ଗୋଟାଏ ହରିଣ ପାଇଁ ଗୋଟାଏ ରବଲ୍ ?— ତୁ କ'ଣ ବାଇଆ ହେଲୁ ନା କ'ଣ ?''

Digitized by srujanika@gmail.com

ୟାଙ୍କେଲ ଗୋଟି ଗୋଟି କରି ତାକୁ ସବୁ ବୁଝାଇଦେଲା । କୁବା କେବଳ ଗୋଟିଏ ବିଷୟ ଛଡ଼ା ଆଉ କିଛି ବୁଝିପାରିଲା ନାହିଁ ।''

''ଘୋଡ଼ା ଦାନାରୁ କାଟି ମୁଁ ତୋତେ ଯଅ ଆଣି ଦେବି ? ନାଇଁ ନାଇଁ—ସେ କଥା ମୋ ଦ୍ୱାରା ହୋଇ ପାରିବ ନାହିଁ ।''

''ନା—ସେ କଥା କାହିଁକି କରିବୁ ? ବୋରିନା ଘରେ କ'ଣ ଖାଲି ଘୋଡ଼ା କୁଣ୍ଡରେ ଯଅ ଅଛି, ଆଉ କୋଉଠି ନାହିଁ ?''

''କିନ୍ତୁ ତାହା ...'' ଆଶ୍ଚର୍ଯ୍ୟ ହୋଇ କୁବା ୟାଙ୍କେଲ୍‌ର ମୁହଁକୁ କଟମଟ କରି ଅନାଇଲା ଓ ତା'କଥାର ମତଲବ ବୁଝିବାକୁ ଚେଷ୍ଟା କଲା ।

''ଆରେ, ସବୁ ଚାକର ସେଇ କଥା କରୁଚନ୍ତି ନା ମୁଁ କ'ଣ କିଛି ନୂଆ କଥା କହୁଚି ? କୋଠିଆମାନେ ଆପଣା ହାତଖରଚ ପାଇଁ ଏତେ ପଇସା କିପରି ପାଆନ୍ତି, ସେକଥା କ'ଣ ତୁ କେବେହେଲେ ଜାଣିବାକୁ ଚେଷ୍ଟା କରିନାହୁଁ ? ଧୂଆଁ ଖାଇବା ଖରଚ, ଭଡ୍‌କା ପିଇବା ଖରଚ, ରବିବାରକୁ ରବିବାର ନାଚଘରେ ନାଚିବାର ଖରଚ ସେମାନେ କୁଆଡୁ ଯୋଗାଡ଼ କରନ୍ତି ?''

''କ'ଣ ହେଲା ? ତୁ ଛୋଟଲୋକ କ'ଣ କହିଲୁ ? ମୋତେ ଚୋର ବୋଲି ପାଇଚୁ, ନା ?''—ଟେବୁଲ ଉପରେ ହାତ ବାଡ଼େଇ କୁବା ଗର୍ଜନ କରି କହିଲା । ତା' ହାତମାଡ଼ର ଆଘାତରେ ଗିଲାସଗୁଡ଼ାକ କମ୍ପି ଉଠିବା ପରି ମନେହେଲା ।

''କୁବା, ମୋ ସହିତ କଜିଆ କରିବାର ମନ କାହିଁକି କରୁଚୁ କହିଲୁ ? ତେବେ ଭଲରେ ଭଲରେ ମୋ' ପଇସାତକ ଗଣିଦେଇ ଆପଣା ବାଟେ ବାଟେ ଚାଲିଯାଆ !''

କିନ୍ତୁ କୁବା ପଇସା ଦେଲାନାହିଁ କି ସେଠାରୁ ଗଲାନାହିଁ । ତା' ପାଖରେ ତ ଫଟା ପାହୁଲାଟାଏ ବି ନାହିଁ—ଆଗରୁ ମଧ ଇହୁଦୀର କେତେଗୁଡ଼ାଏ ପଇସା ବାକି ରହିଚି । ତେଣୁ ହୁଁ କି ଚୁଁ ନକରି ସେ ଘଡ଼ିକଯାଏ ଟେବୁଲଉପରେ ହାତଭରା ଦେଇ ତଳକୁ ମୁହଁପୋତି ଠିଆ ହୋଇ ରହିଲା । ତା'ର ଅବସ୍ଥା ଦେଖି ଆଙ୍କେଲ୍ ସମ୍ଭବତଃ ଦୟାପରବଶ ହୋଇ ତା'ର ଗିଲାସରେ ଆହୁରି କିଛି ମଦ ଢାଳିଦେଲା । ପାଣି ମିଶା ନୁହେଁ, ଏକାବେଳକେ ଖାଣ୍ଟି ମଦ । ଏବଂ ତାକୁ ପଦହେଲେ କିଛି କହିଲାନାହିଁ ।

ଇତିମଧ୍ୟରେ ସରାଇଖାନାରେ ଆହୁରି ଅନେକ ଲୋକ ଆସି ଉପସ୍ଥିତ ହୋଇ ସାରିଥିଲେ । ମୁହଁସଞ୍ଜ ହୋଇ ଆସିଲାଣି । ଘର ଭିତରେ ବତି ଲାଗି ସାରଲାଣି । ସଂଗୀତର ଝଙ୍କାର କ୍ରମେ ସବେଗ ହେବାକୁ ଆରମ୍ଭ କରୁଚି, ଲୋକମାନଙ୍କର କୋଳାହଳ ମଧ କ୍ରମେ ବଢ଼ିବାରେ ଲାଗିଚି, ଲୋକମାନେ ମେଳାମେଳା ହୋଇ ମଦ୍ୟ ବିପଣି ପାଖରେ, କାନ୍ଥ କଡ଼ରେ ବା ଘର ମଝିରେ ବୁଲିବାରେ ଲାଗିଚନ୍ତି । ସେମାନେ କେତେ ଜଣ କଥାବାର୍ତ୍ତା ପକାଇଚନ୍ତି, କେତେ ପ୍ରକାର ମୁଖମୁଦ୍ରା କରି କଥା କହି ଚାଲିଚନ୍ତି, ପୁଣି କେଉଁମାନେ ଏକାଠି ମଦ ପିଇବାରେ ବ୍ୟସ୍ତ ଅଛନ୍ତି । କିନ୍ତୁ କେବଳ ମଝିରେ ମଝିରେ ମଦପିଆ ହେଉଚି । ସବୁବେଳେ ମଦ ପିଇବାକୁ ସମ୍ବଳ ବା କାହିଁ ? ସେମାନେ ତ ଏଠାକୁ ମଦ ପିଇ ପଇସା ଉଡ଼ାଇ ଦେବାକୁ ଆସିନାହାନ୍ତି । ସାଇ ପଡ଼ିଶାର ଲୋକମାନଙ୍କ ସହିତ ଏକାଠି ମିଶି ଦି'ପଦ ଖୁସୀଗପ ହେବେ, ଗାଆଁର

Digitized by srujanika@gmail.com

ଦି'ଖବର ଜାଣିବେ—ଏଠାକୁ ଆସିବାରେ ସର୍ବପ୍ରଧାନ ଉଦ୍ଦେଶ୍ୟ ହେଲା ତାହାହିଁ । ଆଜି ରବିବାର, ବିଶ୍ରାମଦିନ—ଆଜି କାନ ମେଲାକରି ଦି'ମୁହଁରୁ ଚାରିକଥା ଶୁଣିବାରେ ବା ବନ୍ଧୁବାନ୍ଧବ ମେଳରେ ଦୁଇତିନି ଗିଲାସ ମଦ ପିଇବାରେ କୌଣସି ପାପ ନାହିଁ । ଅବଶ୍ୟ ସୀମା ଭିତରେ ରହି ଭଗବାନଙ୍କର କୌଣସି ପ୍ରକାରେ କୌଣସି ଅସମ୍ମାନ ନକରି ଏସବୁ କଲେ ହେଲା; ଖୋଦ୍ ପାଦ୍ରି ମଧ ଏସବୁଥିରେ କେବେ ହେଲେ କୌଣସି ଆପତ୍ତି କରିନାହାନ୍ତି । ମଣିଷ କଥା କାହିଁକି ପଡ଼ିଚି, ଛାର ପଶୁ ମଧ ସ୍ୱଭାବତଃ ଦିନମାନର କାମ ପରେ କେଡ଼େ ଖୁସୀ ହୁଏ, କେଡ଼େ ଉଶ୍ୱାସ ହୋଇ ବିଶ୍ରାମ ନେବାକୁ ଯାଏ ! କିଛି ସମୟ ପରେ ବୟସ୍କ କେତେଜଣ ଆସି ଟେବୁଲ ଚାରିପାଖରେ ବସିଲେ, ସେମାନଙ୍କ ସହିତ କେତେଜଣ ସ୍ତ୍ରୀଲୋକ ମଧ ଆସି ସେହିଠାରେ ବସିଲେ । ସ୍ତ୍ରୀଲୋକମାନେ ନାଲିଆ କୁରୁତା ଉପରେ ନାଲିଆ ଝାଡ଼ଣମାନ ବାନ୍ଧି ଆସିଚନ୍ତି, ଅନାଇଦେଲା ବେଳକୁ ଠିକ୍ ଗୋଟିଏ ଗୋଟିଏ ହଲିହକ୍ ଫୁଲପରି ଦେଖାଯାଉଚନ୍ତି । ସମସ୍ତେ ଏକାବେଳେକେ ତୁଣ୍ଡ ଖୋଲିଦେଇ କେତେରକମର କଥାବାର୍ତ୍ତା ହେବାକୁ ଲାଗିଲେ । ସେମାନଙ୍କର ତୁଣ୍ଡଶବ୍ଦରେ ଘରଟାଯାକ ପୂର୍ଣ୍ଣ ହୋଇ ଜଙ୍ଗଲ ଭିତର ପରି ସୁ ସୁ' ଶୁଭିଲା । ଲୋକମାନେ ଡଗଡଗ ହୋଇ ପାହୁଲ ପକାଇ ଏପାଖ ସେପାଖ ହେଉଥିବା ବେଳେ ଗହମ ବାଡ଼ିଆର ପାହାର ପଡୁଥିବା ପରି ମନେହେଲା । ଏଣେ ଏତିକିବେଳେ ରସରାଗର ଉପକ୍ରମ କରି ସଂଗୀତଧ୍ୱନି ଶୁଣାଗଲା ।

ସେଇଠୁ ନାଚ ଆରମ୍ଭ ହେଲା । ଆଜି ନାଚିବାବାଲାଙ୍କର ସଂଖ୍ୟା ଆଦୌ ଖୁବ୍ ବେଶୀ ନଥିଲା । କିନ୍ତୁ ସେମାନେ ଏପରି ସାଗ୍ରହ ଆହ୍ଲାଦରେ ଭୂଇଁ ଉପରେ ଆପଣାଆପଣାର ପାଦ ପକାଇବାକୁ ଲାଗିଲେ ଯେ ଘରକୋଠା ଦୁଲଦୁଲ ହୋଇ ଶୁଣାଗଲା, ଟେବୁଲ କମ୍ପିଲା, ବୋତଲଗୁଡ଼ାକ ପରସ୍ପର ସହିତ ଲଢ଼ିହୋଇ ଝଣଝଣ ବାଜିବାକୁ ଲାଗିଲେ—କୋଉଠି କାଚଗିଲାସ ଉପରୁ ତଳେ ପଡ଼ି ଚୂନା ହୋଇଗଲା ।

ତଥାପି ଆଜିକାର ନୃତ୍ୟୋତ୍ସବ ଆଦୌ ଜମିଲାପରି ମନେହେଲାନାହିଁ । ହଁ, ଯଦି କୌଣସି ବିଶେଷ ଦିନ ହୋଇଥାନ୍ତା, ଗିର୍ଜାରେ ଯଦି କୌଣସି ବିବାହ ବା ନିର୍ବନ୍ଧ ଅନୁଷ୍ଠିତ ହେଉଥାନ୍ତା ! ଆଜି ସେସବୁ କିଛି ନାହିଁ, କେବଳ ଟିକିଏ ଆନନ୍ଦ ପାଇବାକୁ ଓ ଆସୁଥିବା ସପ୍ତାହର କାମ ଆରମ୍ଭ ହେବା ପୂର୍ବରୁ ଟିକିଏ ଗୋଡ଼ହାତ ଖେଳାଇ ନେବାକୁ ଏମାନେ ଏଠାରେ ଆସି ରୁଣ୍ଡ ହୋଇଚନ୍ତି । ହଁ, ଆଜିର ସମୂହ ଭିତରେ କେତୋଟି ଅଳ୍ପବୟସ୍କ ଟୋକା ମଧ ଅଛନ୍ତି, ଶରତକାଳ ସରିଗଲେ ଏମାନେ ସୈନ୍ୟବାହିନୀରେ ଭର୍ତ୍ତି ହେବାକୁ ଯିବେ । ଯୁଦ୍ଧକୁ ଯିବାର ଦୁଃଖଶଙ୍କାକୁ ଭୁଲିଯିବାକୁ ସେମାନେ ଆଜି ମନବୋଧ କରି ମଦ ପିଇଚନ୍ତି । ଏପରି ହେବା ଅତି ସ୍ୱାଭାବିକ, କାରଣ ଆଉ ମାତ୍ର କେଇଟାଦିନ ଗଲେ ସେମାନେ ଘରଛାଡ଼ି ବିଦେଶ ଯିବେ, ବିଦେଶୀଙ୍କ ସହିତ ରହିବେ ।

ପଧାନଙ୍କର ସାନଭାଇ ସେଇ ଟୋକାଟାର ପାଟି ଆଜି ସବୁଠାରୁ ବେଶୀ ଅଜାଡ଼ି ହୋଇ ପଡୁଚି । ତା' ପଛକୁ ମାର୍ଟିନ ବିୟାଲେକ, ଥୋମାସ୍ ସିକୋରା ଆଉ ପାଉଲ ବୋରିନା

Digitized by srujanika@gmail.com

ଭଏ ଆନ୍ତେକ୍‌ର ଲେଖାଯୋଖା ଭାଇ ହିସାବ ହେବ । ଆଜି ସେ ମଧ୍ୟ ସରାଇଘରକୁ ଆସିଚି, କିନ୍ତୁ ସେ ନାଚରେ ଯୋଗ ଦେଉନାହିଁ, ସେପାଖରେ ଛୋଟ ବଖୁରିଟିରେ କମାରପୁଅ ଓ ତା'ର ସାଥୀମାନଙ୍କ ସାଙ୍ଗରେ ଯାଇ ବସଚି, ଓ ସବାଶେଷକୁ ଫ୍ରାନେକ୍, ପେଷଣିଆ ଘରର ସେଇ ଟୋକାଟି ଦେଖିବାକୁ ଟିକିଏ ବାଙ୍ଗରା । ସେଇ ସବୁଠାରୁ ଅଧିକ ଚବରଚବର ହେଉଚି, ଥଟାତାମସାରେ ସେ କୌଣସି ବାଡ଼ବତା ମାନୁନାହିଁ । ପାଗଳଙ୍କପରି ସେ ଏପରି ଭାବରେ ଟୋକଲୀଙ୍କ ପଛରେ ଲାଗିଥାଏ ଯେ ତା'ର ମୁହଁ ଉପରଟା କେତେବେଳେ ହେଲେ ଖଣ୍ଡିଆଖାବରା ହେବାରୁ ବା ଆଞ୍ଚୁଡ଼ି ହୋଇଯିବାରୁ ନିସ୍ତାର ପାଇ ପାରେ ନାହିଁ । ଆଜି ଆରମ୍ଭରୁ ହିଁ ସେ ନିଶାରେ ଖାଲି ଟଳଟଳ ହେଉଚି, ବର୍ତ୍ତମାନ ଯାଇ ସେ ମୋଟୀ ମାଗ୍‌ଡା ପାଖରେ ମଦବିପଣିରେ ଠିଆହୋଇଚି, ମାଗ୍‌ଡ଼ାର ପେଟରେ ଛଅ ମାସର ଗୋଟାଏ ପିଲା ।

ଥରେ ପାଦ୍ରି ସମସ୍ତଙ୍କ ଆଗରେ ଗିର୍ଜାଘରେ ତାକୁ ଏ ବିଷୟରେ ଆକଟ କରି କହିଥିଲେ ଓ ମାଗ୍‌ଡାକୁ ବାହାହେବା ଲାଗି ତାକୁ ବାରବାର କହିଥିଲେ । କିନ୍ତୁ ଫ୍ରାନେକ୍ ତାଙ୍କର ଆଦେଶ ମାନିଲାନାହିଁ । କାରଣ ଆଉ କେତେଟା ଦିନ ଗଲେ ତ ସେ ସୈନ୍ୟବାହିନୀରେ ଯୋଗଦେବ, ଗୋଟାଏ ଭାରିଯା ବେକରେ ବାନ୍ଧି ସେ ସେଠାରେ କ'ଣ କରିବ ?

ମାଗ୍‌ଡା ତାକୁ ଗୋଟାଏ କଣକୁ ଡାକିନେଇ ଛଳଛଳ କଣ୍ଠରେ କ'ଣ ସବୁ କହିବାରେ ଲାଗିଥାଏ । କିନ୍ତୁ ଫ୍ରାନେକ୍ ସବୁଦିନ ପରି ଆଜି ମଧ୍ୟ ବହଳ ମୁହଁରେ ଉତ୍ତର ଦେଉଥାଏ—

"ତୁ ଗୋଟାଏ ଭାରି ବୋକା ମଣିଷ । ସତରେ କହିଲୁ, ମୁଁ କ'ଣ ତୋତେ ଲୋଭ ଦେଖାଇଥିଲି ? ଛୁଆକୁ ଦିଅଁଲାଗି କଲାବେଳକୁ ପଛେ ଯାହା ଖରଚ ହେବ ମୁଁ ଦେବି, ମୋର ସଖ୍ୟ ଅନୁସାରେ ପଛେ ତୋ' ହାତରେ ଗୋଟାଏ କି ଦୁଇଟା ରବଲ୍ ମଧ୍ୟ ଦେବି ।"— ନିଶାର ପ୍ରକୋପରେ ସେ ଆଉ ପ୍ରକୃତିସ୍ଥ ଅବସ୍ଥାରେ ନଥାଏ । ସେଇ ଭୋର୍ଲରେ ସେ ମାଗ୍‌ଡାକୁ ଏପରି ବଳାତ୍କାର କରି ଠେଲିଦେଲା ଯେ ବିଚାରୀ ଯାଇ କୁବା ପାଖରେ ମାଟିଉପରେ ଛିଆଡ଼ି ହୋଇ ପଡ଼ିଲା । ସେତେବେଳକୁ ପାଉଁଶ ଉପରେ ମୁଣ୍ଡଦେଇ କୁବା ଉହ୍ଲେଇ ପାଖରେ ଶୋଇଥାଏ । ଏହି କାଣ୍ଡଟି ସାରି ଫ୍ରାନେକ୍ ଆନ୍ତୋକ୍ ଓ ଅନ୍ୟ ଚାଷୀଙ୍କ ସହିତ ପୁଣି ମଦ ପିଇବାକୁ ଚାଲିଗଲା । ମଦ ପିଆଇବାର ସର୍ତ୍ତ ହେଉଚି ଯେ ସେମାନେ ତାକୁ ମଦ ପିଆଇବେ ଆଉ ସେ ଯାଇ ଶୀଘ୍ର ସେମାନଙ୍କର ଗହମ ପେଷିଦେଇ ଆସିବ ।

"ଫ୍ରାନେକ୍ , ତୁ ଯେତେ ପିଇବାର ପି'ପଛକେ, ମନେକରି ଯେପରି ମୋର ଗହମତକ ଧଅସି ପେଷିଦେଇ ଆସିବୁ । ଘରେ ତା'ର ମାଆ ମୋତେ ଆଉ ବସେଇ ଉଠେଇ ଦେଉନାହିଁ । ସେ କହୁଚି ଯେ ଘରେ ଓଷଦ କରିବାକୁ ମଧ୍ୟ ଆଉ ଅଟା ନାହିଁ ।"

"ଆମ ଘରେ ମଧ୍ୟ ଠିକ୍ ସେଇ ଅବସ୍ଥା । ମୋ' ଭାରିଯା ବି ମୋ' ସହିତ ଭାରି ଲଗାଇଚି ।"

ଫ୍ରାନେକ୍ ମଦ ପିଇଲା, ସମସ୍ତଙ୍କୁ ସବୁ ଜବାବ ଦେଲା ଏବଂ ଆପଣାର ପରାକ୍ରମ ବିଷୟରେ ନାନାପ୍ରକାରେ ବାହାଦୁରୀ କରି କହିବାକୁ ଲାଗିଲା । ତା'ରି କଥା ଅନୁସାରେ

Digitized by srujanika@gmail.com

ପେଷଣିଆର ସବୁ ଅଟା ପେଷା ହେଉଚି ବୋଲି ସେ ପାଟିକରି କହିଲା । ତା'କଥା ନମାନି ଆଉ ପେଷଣିଆର ବାଟ କାହିଁ ? ଥରେ ଏପାଖ ସେପାଖ ହେଲେ ସେ ଏମିତି ସୂତର କରିଦେବ ଯେ ଅଟା ଭିତରେ ପୋକ ପଡ଼ିଯିବେ, ତଳେ ଝରଣାରୁ ପାଣି ଶୁଖିଯିବ, ପୋଖରୀର ମାଛତକ ମରିଯାଇ ପୋଖରୀ ଭଣଭଣ ଗନ୍ଧ ଛାଡ଼ିବ, ସଂସାରରେ ସବୁ କାମ ଅଚଳ ରହିଯିବ !

''ଯଦି ମୋ' ଉପରେ ତୁ କୌଣସି ଦିନ ଏ ଦାଉ ସାଧିବୁ, ତେବେ ତୋ'ର ସେଇ ମେଣ୍ଢାମୁଣ୍ଡରୁ ମୁଁ ସବୁ ବାଳତକ ଦୁହିଁ ବାହାର କରିଦେବି, ଜାଣିଥା ! ଦୂରରେ ଥାଇ ଯଗୁଷ୍ଟିଙ୍କା ପାଟିକରି କହିଲା । ଯୋଉଠି ପାଟିତୁଣ୍ଡ ଫିଟାଇବାର ମଉକା ଥାଏ, ସେ ସେଠି ଯାଇ ହାଜର ହୋଇଯାଏ । ତା'ର ଖରତୁଣ୍ଡକୁ ପ୍ରାଣେ ଭୟକରି କେହି କେହି ଚଳେ ପୋଷେ ଭଡ଼କା ପିଆଇ ତାକୁ ସନ୍ତୁଷ୍ଟ କରିବାକୁ ମଧ ଚେଷ୍ଟା କରନ୍ତି । ଫ୍ରାନେକ ନିଶା ଖାଇ ଟଳଟଳ ହେଉଥିଲା, ତଥାପି ତା'କଥାରେ ପ୍ରମାଦ ଗଣି ଆଉ ରାମ କି ବିଷ୍ଣୁ ପଦେ ହେଲେ କିଛି କହିଲାନାହିଁ । ତା'ର ଯାବତ୍ ଖୋଇ ଯଗୁଷ୍ଟିକାଙ୍କୁ ଜଣା ଅଛି । ଚକିଶାଳରେ ତା'ର କାଢ଼ପଣଗୁଡ଼ାକ ମଧ ତାକୁ ଆଦୌ ଅଛପା ନାହିଁ । ଗଡ଼ ଜିତିଥିବା ପରି ଖୁସୀଟିଏ ହୋଇ ନିଶା ଭୋଳରେ ଯଗୁଷ୍ଟିଙ୍କା ଅଣ୍ଟାରେ ଦୁଇହାତ ଲଗାଇ କହୁଣି ଦୁଇଟାକୁ ବାହାରକୁ ବାହାର କରିଦେଇ ବାଜୁଥିବା ସଂଗୀତର ତାଳରେ ଗୋଡ଼ ପକାଇ ଓ ହୋ' ହୋ' ଶବ୍ଦକରି ନାଚିବାକୁ ଆରମ୍ଭ କଲା ।

''ମୁଁ ବିଲକୁଲ ସତକଥା କହୁଚି ''—ଆରଘରୁ କମାରପୁଅର ତୁଣ୍ଡ ଶୁଣାଗଲା । ''ଠିକ୍ ଏହିକଥା ମଧ କାଗଜରେ ଲେଖାହୋଇ ରହିଚି—ଏଡ଼େ ଏଡ଼େ ଅକ୍ଷରରେ ଲେଖାହୋଇ ରହିଚି । ସଂସାରରେ କୌଣସି ଜାତି ଆମପରି ଏଡ଼େ ହୀନମାନ ଜୀବନ ଯାପନ କରୁନାହିଁ । କୌଣସି ଗୋଟିଏ ଜାତି ମଧ ନୁହେଁ । ଆମ ଉପରେ ଆସନ ମାଡ଼ିବସି ଜମିଦାର ଅତ୍ୟାଚାର କରୁଚି, ଏଣେ ପାଦ୍ରି ମଧ ଆମ ଉପରେ ହାକିମି ଚଳାଉଚି, ସରକାରୀ ଅମଲାମାନେ ମଧ ହାକିମି ଚଳାଇଛନ୍ତି । ଆଉ ଆମ ଗଧଗୁଡ଼ାଙ୍କର ଭାଗ୍ୟରେ ଖାଲି କାମ ଖଟିବା, ଉପାସ ରହିବା ଓ ଯାଉଣୁ ଆସୁଣୁ ଯାକୁତାକୁ ମୁଣ୍ଡ ନୁଆଁଇବା ବ୍ୟତୀତ ଆଉ କିଛି ଲେଖା ହୋଇନାହିଁ ! ମୁଣ୍ଡ ନ ନୁଆଁଇ ଆଉ ଗତି ଅଛିନା ? ନହେଲେ କେତେବେଳେ ଯେ ଚଟକଣାମାଡ଼ ବସିଯିବ, ସେକଥା କିଏ କହିପାରିବ ? ଆମପାଖରେ ନିଜର ବୋଲି କହିବାକୁ ଚେନାଏ ଜମି ମଧ ନାହିଁ; ଏଣେ ଦୁଇଟା ଗାଆଁ ଏକାଠି ମିଶାଇଲେ ଯେତିକି ଜମି ହେବ, ଜମିଦାର ପାଖରେ ସେତିକି ଜମି ରହିଚି ! କାଲି କଚେରିରେ ଲୋକମାନେ କଥାବାର୍ତ୍ତା ହେଉଥିଲେ ଯେ କୁଆଡ଼େ ଆମ ଦେଶରେ ଜମିବାଡ଼ିର ସାନି ବଣ୍ଟାକୁଣ୍ଟା ହେବାକୁ ଯାଉଚି ।''

''କାହା ଜମି ?''

''ଜମିଦାରମାନଙ୍କର ଜମି, ଆଉ କାହାର ?''

ଯଗୁଷ୍ଟିଙ୍କା ମଧ ଯା ଭିତରେ ସେଠାରେ ଆସି ପହଞ୍ଚିଯାଇଥିଲା । ଟେବୁଲ ଉପରେ ହାତଭରା ଦେଇ ସେ ଦାନ୍ତ ନିକୁଟିବାରେ ଲାଗିଲା ।

''ସତେ ଯେମିତି ଇଏ ଜମିଗୁଡ଼ାକ କାହାକୁ ଦେଇ ପକାଇଥିଲେ ଯେ ବର୍ତ୍ତମାନ ପୁଣି ଛଡ଼ାଇ ନେଇଯିବେ ! ଅନ୍ୟମାନଙ୍କର ଜମି ଛଡ଼ାଇ ନେବାରେ ତୁମେ ବାବୁ ବଡ଼ ଓସ୍ତାଦ୍ !

Digitized by srujanika@gmail.com

ବୁଢ଼ୀର କଥାକୁ ବେଖାତିର କଲାପରି କମାରପୁଅ କହିଚାଲିଥାଏ—''ସେ ଦେଶରେ ଲୋକେ ନିଜ ଦେଶକୁ ନିଜେ ଶାସନ କରୁଚନ୍ତି । ସେ ଦେଶରେ ସମସ୍ତେ ଇସ୍କୁଲ୍‌କୁ ପାଠପଢ଼ି ଯାଉଚନ୍ତି, ସମସ୍ତେ ସାଆନ୍ତମାନଙ୍କ ପରି ନିଜଘରେ ରହୁଚନ୍ତି । ସେ ଦେଶରେ ସମସ୍ତେ ସାଆନ୍ତ ।''

''କୋଉଠି ମ ? କୋଉଠି ଏସବୁ ହେଉଚି ମୁଁ ଶୁଣେ !'' ଟେବୁଲର ସେପାଖକୁ ବସିଥିବା ଆନ୍ତେକ୍‌କୁ ଯଗୁଷ୍ଟିଙ୍କା ପଚାରିଲା ।

''ତେଣେ ଦକ୍ଷିଣରେ, ଆଉ ଆଉ ଦେଶରେ ।''

ରାଗ ତମତମ ହୋଇ ଯଗୁଷ୍ଟିଙ୍କା ଏଡ଼େ ପାଟି କରି କହିଉଠିଲା, ତେବେ କମାରପୁଅ ଏ ଦେଶ ଛାଡ଼ି ସେଠିକି ଚାଲିଯାଉନାହିଁ କାହିଁକି ? ଏଡ଼େ ସାହସିଆ ଚଲାଖି ମଣିଷ, ଦିନ ଦିପହରେ ମିଛକଥା କହି ସେ ସମସ୍ତଙ୍କ ଆଖିରେ ଧୂଳି ଦେବାକୁ ବସିଚି ! ଆଉ ତୁମେ ସବୁ ଏଡ଼ିକି ବୋକା ଯେ ତା'କଥାକୁ ସତ ବୋଲି ବିଶ୍ୱାସ କରୁଚ !

''ଯଗୁଷ୍ଟିଙ୍କା, ମୁଁ ଭଲରେ ଭଲରେ କହୁଚି ତୁ ଏଠୁ ଚାଲିଯାଆ !''

''କାହିଁକି ମ ? ଖାଲି ତୋ'କଥାରେ ଚାଲିଯିବି ? ଏ ସରାଇଘର କ'ଣ ଏକା ତୋ'ର କି ? ଏଠି ବସିବା ଲାଗି ତୋ'ର ଯେତିକି ହକ୍ ଅଛି, ଆମ ଗରିବଙ୍କର ମଧ୍ୟ ସେତିକି ହକ୍ ରହିଚି । ଏଠି ବସି ତୁ ସମସ୍ତଙ୍କୁ କଥା ଶିଖାଉଚୁ, ନାଇଁ ? ତୋ କଥା ମୁଁ ଜାଣିନାହିଁ ! ତୁ ପରା ସମସ୍ତଙ୍କ ପଛରେ ନଙ୍ଗନଙ୍ଗ ହେଉଥିବୁ, ସମସ୍ତଙ୍କର ସେବା ଖଟୁଥିବୁ ! ସରକାରୀ ଅମଲାଙ୍କର ପାଦ ଚାଟୁଥିବୁ ! ଜମିଦାରକୁ ଦେଖିଲେ କୋଶକ ବାଟରୁ ମୁଣ୍ଡରୁ ଟୋପି କାଢ଼ି ହାତ ମଳୁଥିବୁ ! ଆଉ ଏଠି ବସି ଢମ ଦେଖାଉଚୁ କାହିଁକି ? ତୋର କଥାଗୁଡ଼ାକ ମତେ ସବୁ ଜଣାଅଛି ! ସେ ଆଉ ଅଧିକ କିଛି କହି ପାରିଲା ନାହିଁ । କମାରପୁଅ ବସିବା ଥାନରୁ ଚହଟି ଆସି ତା'ର ବେଣା ପାଖରୁ ଧରିଲା, ଗୋଇଠାଟାଏ ମାରି ଘରର କବାଟଟାକୁ ଠିଆମେଲା କରିଦେଲା ଓ ସେପାଖରେ ଥିବା ବଡ଼ ଘର ଭିତରକୁ ତାକୁ ଠେଲିଦେଲା । ବୁଢ଼ୀ ଯାଇ ସେଘରେ ମାଟି ଉପରେ ମୁହଁମାଡ଼ି ପଡ଼ିଲା ।

ଆଉ କୌଣସି ପ୍ରକାର ଗାଳିମନ୍ଦ ନଦେଇ ସେ ଝାଡ଼ିଝୁଡ଼ି ହୋଇ ତଳୁ ଉଠିଲା ଓ ପାଟିକରି କହିଲା—''ଏ ଗୋଟାଏ ମରଦର ସତେ କେତେ ବଳ ବା ? ଏମିତିଆ ବଳୁଆ ମରଦକୁ ମୁଁ କେବେହେଲେ ଗେରସ୍ତ କରିନଥାନ୍ତି !''

ଶୁଣୁଥିବା ଲୋକମାନେ କିରିକିରି ହୋଇ ହସି ଉଠିଲେ । ବୁଢ଼ୀ ଚୁପ୍ ହୋଇ ସେଠାରୁ ଉଠି ଆପଣାର ମନ ଭିତରେ କମାରପୁଅକୁ ଗାଳିଦେବାକୁ ଗଲା ।

ସରାଇଘରୁ କ୍ରମେ ଲୋକବାକ ଚାଲିଯିବାକୁ ଆରମ୍ଭ କଲେଣି । ଆଜି ରାତିଟା ଆଦୌ ଥଣ୍ଡା ଲାଗୁନାହିଁ, ଆକାଶରେ ଜହ୍ନର ଆଲୁଅ ମଡ଼ିଚି । ଶେଷକୁ ସୈନ୍ୟବାହିନୀରେ ଭର୍ତ୍ତି ହେବାକୁ ଯାଉଥିବା ଟୋକାମାନଙ୍କୁ ଛାଡ଼ିଦେଲେ ସରାଇଘରେ ଆଉ କେହି ରହିଲେ ନାହିଁ । ସେମାନେ ମନ ଆନନ୍ଦ[redacted] କୋଳାହଳ କରଥାନ୍ତି ଓ ମଦ ପିଇବାରେ

Digitized by srujanika@gmail.com

ଲାଗିଥାନ୍ତି । ନିଶାରେ ଟଳଟଳ ହୋଇ ଆମ୍ଭେ୍ରଜ ଆସି ରାସ୍ତା ମଝିରେ ଏଡ଼େ ପାଟିରେ ଗୀତ ଗାଇବାରେ ଲାଗିଥାଏ ଓ ରାସ୍ତାରେ ଏପାଖକୁ ସେପାଖକୁ ଦଉଡ଼ିବାରେ ଲାଗିଥାଏ ।

କମାରପୁଅକୁ ନେତା ବୋଲି ମାନୁଥିବା ଲୋକଙ୍କର ଦଳ ମଧ ସେତେବେଳକୁ ସରାଇଘରୁ ଯାଇସାରିଲେଣି ।

ଶେଷକୁ ୟାଙ୍କେଲ ବତି ନିଭାଇ ଦେବାକୁ ଆରମ୍ଭ କଲା । ପରସ୍ପରର ହାତ ଧରାଧରି ହୋଇ ଟୋକାଗୁଡ଼ାକ ଟଳଟଳ ହୋଇ ଘରଭିତରୁ ରାସ୍ତାକୁ ବାହାରିପଡ଼ିଲେ । ସେମାନଙ୍କ ଭିତରୁ କିଏ ଗୀତର ଲହଡ଼ା ଛାଡ଼ିଥାଏ, କିଏ ବିଲୁଆଙ୍କ ପରି ବୋବାଳି ଛାଡ଼ିଥାଏ— ସେମାନଙ୍କର ହୋ' ହୋ' ତୁଣ୍ଡରେ ତରକି ଯାଇ ଗାଆଁର କୁକୁରଗୁଡ଼ାକ ମଧ ଭୋ' ଭୋ' ଭୁକିବାରେ ଲାଗିଥାନ୍ତି ।

ସେତେବେଳକୁ ମଧ କୁବାର ନିଦ ଭାଙ୍ଗି ନଥାଏ । ଶେଷକୁ ୟାଙ୍କେଲ ତାକୁ ହାତରେ ହଲାଇ ଉଠାଇବାକୁ ଗଲା । କିନ୍ତୁ ସେ କି ସହଜରେ ଉଠିବା ମଣିଷ ? ନିଦବାଉଳାରେ ହାତଗୋଡ଼ ଛାଟି ସେ ପବନକୁ ବିଧା ମାରିବାକୁ ଲାଗିଲା ।

''ମୋ' ଇଚ୍ଛା ଯେତେବେଳେଯାଏ ହେବ, ମୁଁ ସେତେବେଳେଯାଏ ଶୋଇବି । ତୁ ଇହୁଦୀ ମୋତେ କହିବାକୁ କିଏ ? ମୁଁ ହେଉଚି ଚାଷୀ, ଚାଷ ହେଉଚି ମୋର ଫନ୍ଦା ! ମୁଁ କ'ଣ ତୋ'ପରି ଠକ ବେପାରୀ ହୋଇଚି ନା କ'ଣ ?''

ଦେହ ଉପରେ ମନ୍ଦାଏ ପାଣି ଆସି ପଡ଼ିଲାପରେ କୁବାର ନିଦ ଭାଙ୍ଗିଗଲା ଓ ସେ ତତ୍‌କ୍ଷଣାତ୍ ଉଠି ବସିଲା । ଚେତା ହେବାପରେ ସେ ଶୁଣିବାକୁ ପାଇଲା ଯେ ଆଜି ସେ କାଳିକରି ଗୋଟାଏ ରବଲ୍ ମଦ ପିଇଚି । ଯେକୌଣସି ପ୍ରକାରେ ତାକୁ ଏହି ପଇସାତକ ଶୁଝିବାକୁ ହିଁ ପଡ଼ିବ । ଭାବିକରି ସେ ବଡ଼ କ୍ଷୁଣ୍ଣ ହୋଇପଡ଼ିଲା ଓ ମନେ ମନେ ବିସ୍ମିତ ହେବାକୁ ଲାଗିଲା ।

''କଣ ହେଲା, ମୁଁ ଏମିତି କଣ ଖାଇଲି ବା ପିଇଲି ଯେ ଗୋଟାଏ ରବଲ କାଳି ହୋଇଗଲା ?'' ଭାବି ଭାବି ମୁଣ୍ଡ ଭିତରେ ସେ ବଡ଼ ଧନ୍ଦିହୋଇ ପଡ଼ିଲା ।

ଗୋଟିଗୋଟି କରି ହିସାବ ଦେଖାଇ ୟାଙ୍କେଲ୍ ତାକୁ ସବୁକଥା ବୁଝାଇଦେଲାପରେ ଦୁହେଁ ବନ୍ଧୁକ ବିଷୟରେ ମଧ ଗୋଟାଏ ଶେଷ ନିଷ୍ପତ୍ତିରେ ଆସି ପହଞ୍ଚିଲେ । ଇହୁଦୀ ତାକୁ ଗୋଟାଏ ବନ୍ଧୁକ କିଣିଆଣି ଦେବାକୁ ରାଜି ହେଲା, କିନ୍ତୁ ସେ ଦାବି କରୁଥିବା ଯଅ ବିଷୟରେ କୁବା ଏପର୍ଯ୍ୟନ୍ତ ମଧ ଅସମ୍ମତି ପ୍ରକାଶ କରୁଥାଏ ।

''ମୋ' ବାପା ଚୋର ନଥିଲା କି ମୁଁ ମଧ କେବେ ଚୋରିକରିନାହିଁ ।''

''ବର୍ତ୍ତମାନ ତୁ ଯାଆ, କୁବା । ଆଜି ଅନେକ ବିଳମ୍ବ ହୋଇଗଲାଣି । ମୁଁ ଏପର୍ଯ୍ୟନ୍ତ ମୋର ପ୍ରାର୍ଥନା ଉପାସନା ମଧ ସାରିନାହିଁ ।''

''ଏଇ ଶଠ ଲମ୍ପଟକୁ ଦେଖିଲ ! ଏଣେ ଗୋଟାଏ ମଣିଷକୁ ଚୋରି କରିବାଲାଗି ପ୍ରବର୍ତ୍ତାଉଚି, ପୁଣି ସେଇ ମୁହଁରେ ଭଗବାନଙ୍କୁ ପ୍ରାର୍ଥନା ମଧ କରିବାକୁ ତାକୁ ଏତେଟିକିଏ

Digitized by srujanika@gmail.com

ହେଲେ ଲାଜ ମାଡୁନାହିଁ''—ଘରକୁ ଗଲାବେଳେ ସେ କହି କହି ଯାଉଥିଲା ଓ ମନ ଭିତରେ ନାନା ଅସ୍ପଷ୍ଟ ବିଷୟକୁ ସ୍ପଷ୍ଟ କରି ବୁଝିବାକୁ ଚେଷ୍ଟା କରୁଥିଲା । ପ୍ରକୃତରେ ସେ ଏଇ କେତେ ଘଣ୍ଟା ଭିତରେ କିପରି ଗୋଟାଏ ରବଲ୍‌ର ମଦ ପିଇ ଶେଷ କରିଦେଲା, ସେକଥା ସେ କୌଣସି ପ୍ରକାରେ ବୁଝିପାରୁ ନଥାଏ । କିନ୍ତୁ ଏପର୍ଯ୍ୟନ୍ତ ମଧ ତା'ଠାରୁ ଭଲକରି ନିଶା ଛାଡ଼ିନଥାଏ, ରାତିର କାଲୁଆ ଥଣ୍ଡା ପବନରେ ତା'ର ମୁଣ୍ଡଭିତରଟା ସିରିସିରି ହୋଇଯାଉଥାଏ । ତେଣୁ ସେ ସେହିପରି ଟଳମଟଳ ହୋଇ ବାଟ ଚାଲିବାରେ ଲାଗିଥାଏ, କେତେବେଳେ ରାସ୍ତା କଡ଼ରେ ଥିବା ବାଡ଼ରେ ଆସି ଧକ୍‌କା ବାଜି ଯାଉଥାଏ, ବା କାହା ଘର ସାମନାରେ ରଖାଯାଇଥିବା କାଠଗଦା ଉପରେ ଆସି ପଡୁଥାଏ । ପଡ଼ିଯାଇ ସେ ସଂସାରଯାକ ସମସ୍ତଙ୍କୁ ଗାଳିଗୁଲଜ କରିବାରେ ଲାଗିଥାଏ ।

''ଶଳା ତୁମକୁ ସବୁ ଭୂତ ଖାଉ, ଶଳାଏ ଆସି ରାସ୍ତା ଉପରେ ଘରଯାକ ଜିନିଷ ଜମାକରି ରଖିଛନ୍ତି । ଶଳାଏ କ'ଣ ନିଶା ଖାଇଥିଲ ଯେ ତୁମର ଅକଲ ହେଲାନାହିଁ ? ଗିର୍ଜାରେ ପାଦ୍ରି ତୁମ୍ଭମାନଙ୍କୁ ସେଦିନ ଏତେ ଭର୍ତ୍ସନା ଓ ବାରଣ କରି କହିଲେ, ତଥାପି ଶଳାଏ ନମାନି ନିଶା ଖାଇଲ ?''—ଏତିକିବେଳେ ହଠାତ୍ ତା'ର ମନ ଆସି ଘର ଧରିଲା, ସେ ଆପଣାର ଅବସ୍ଥାକୁ ମଧ ଅଳ୍ପ ବହୁତ ସମଝିବାକୁ ଆରମ୍ଭ କଲା— ଆପଣାକୃତ ପାପର ଗ୍ଲାନି ତାକୁ ଏକାବେଳେକେ ଅବଶ ଓ ଅଭିଭୂତ କରିପକାଇଲା । ହଠାତ୍ ଟଳଟଳ ହୋଇ ରାସ୍ତାମଝିରେ ଅଟକିଯାଇ ସେ କାହାର ସାହାରା ଧରି ଠିଆହେବାକୁ ଚାରିଆଡ଼କୁ ହାତ ବଢ଼ାଇଲା । କିନ୍ତୁ ପୁଣି ନିମେଷକ ମଧରେ ସବୁ ଭୁଲି ଆପଣାର ଗୋଟିଏ ହାତରେ ତଣ୍ଟିଟାକୁ ଜାବୁଡ଼ି ଧରି ଆରହାତରେ ଆପଣା ମୁହଁ ଉପରେ ବିଧା ମାରିବାକୁ ଲାଗିଲା ।

''ହତଭାଗ ଘୁଷୁରି, ତୁ ବି ଶେଷକୁ ଏଇ ବୁଦ୍ଧି କରି ମଦ ପିଇଲୁ । ରଇଥା, ତୋତେ ତଣ୍ଟିଆ ମାରି ମୁଁ ପାଦ୍ରିଙ୍କ ପାଖକୁ ନେଇଯିବି ଓ ଧର୍ମଭକ୍ତଙ୍କ ଆଗରେ ଗିର୍ଜା ଭିତରେ ସେ ତୋତେ ଆଚ୍ଛାକରି ପଟାଏ ଗାଳି ଦେଲେ ତେବେ ଯାଇ ତୋ'ର ଚେତା ପଶିବ । ଗୋଟାଏ ରାତିରେ ତୁ ଗୋଟାଏ ରବଲ୍‌ର ମଦ ପିଇଦେଲୁ ! ତୁ ଏଡ଼ିକି ପଶୁ—ନା ପଶୁଠାରୁ ଆହୁରି ହୀନ ?'' —ହଠାତ୍ ଆପଣା ଉପରେ ତା'ର ଭାରି କରୁଣା ଜାତ ହେଲା ଓ ରାସ୍ତା ଉପରେ ବସିପଡ଼ି ସେ ଭୋ' ଭୋ ହୋଇ କାନ୍ଦିବାକୁ ଲାଗିଲା ।

ଆକାଶରୁ ପୂର୍ଣ୍ଣ ଜହ୍ନର ଚମତ୍କାର ଚନ୍ଦ୍ର କିରଣ ଝରି ପଡୁଥାଏ । କୃଷ୍ଣବର୍ଣ୍ଣ ଶୂନ୍ୟର ଗର୍ଭଭେଦ କରି ଜହ୍ନ ଭାସି ଭାସି ଚାଲିଯାଉଥାଏ । ଆକାଶରେ ଫୁଟିଥିବା ଅଳ୍ପ କେତେଟା ତାରା ରୁପାର କଣ୍ଟାପରି ଝଲମଲ ହେଉଥାନ୍ତି । କୁହୁଡ଼ିର ଏକ ପାତଳା ଧୂଆଁ ପରସ୍ତ ଠିକ୍ ଏକ ଅଙ୍ଗାବରଣ ପରି ପୋଖରୀ ଉପରେ ଝୁଲିକରି ରହିଥାଏ ଏବଂ ଗାଆଁ ଉପରେ ଆପଣାର ବସ୍ତ୍ରାଞ୍ଚଳ ବିସ୍ତାର କରିବାରେ ଲାଗିଥାଏ । ବର୍ତ୍ତମାନ ସମଗ୍ର ଜଗତ ଶାରଦ ରାତ୍ରିର ସେହି ଅତଳ ଓ ଅଭେଦ୍ୟ ନିସ୍ତବ୍‌ଧତା ଭିତରେ ପ୍ରବେଶ କରି ସାରିଲାଣି । କେବଳ ଘରକୁ ଫେରୁଥିବା ଓ ବାଟରେ ଗୀତଗାଇ ଯାଉଥିବା ବ୍ୟକ୍ତିଙ୍କର କଣ୍ଠଶବ୍ଦ ଶୁଣାଯାଉଥାଏ, ମଝିରେ ମଝିରେ କେତେ ଦୂରରୁ କୁକୁରମାନଙ୍କର ଭୁକିବା ମଧ ଭାସି ଭାସି ଆସୁଥାଏ ।

Digitized by srujanika@gmail.com

ପାଞ୍ଚ

ଶରତ୍‌କାଳର ଶାରଦ ସ୍ୱରୂପଟି କ୍ରମେ ଅଧିକରୁ ଅଧିକ ହୋଇ ପ୍ରକାଶ ପାଇବାକୁ ଆରମ୍ଭ କଲାଣି । ନିର୍ଜୀବ ଶୂନ୍ୟ ଶସ୍ୟଖେତଗୁଡ଼ିକ ଉପରଦେଇ ଦିନପରେ ଦିନ ଅତିକ୍ରାନ୍ତ ହୋଇ ଚାଲିଯାଉଚି ଓ ଅରଣ୍ୟଗର୍ଭରେ ଯାଇ ଲୀନ ହୋଇଯାଉଚି । କ୍ରମେ କ୍ରମେ ନିର୍ବାପିତ ହୋଇଆସୁଥିବା ବତିର କ୍ରମକ୍ଷୀଣ ଆଲୁଅରେ ଦେବତାର ମୂର୍ତ୍ତି କ୍ରମଶଃ କ୍ଷୀଣଜ୍ୟୋତି ହୋଇଆସିଲା ପରି ଦିନଗୁଡ଼ିକ ମଧ ଦିନକୁଦିନ ଅଧିକ ନିଷ୍ପନ୍ଦ ଓ ଅଧିକ ଶୀର୍ଣ୍ଣ ହୋଇ ଆସୁଚି ।

ଦିନକୁଦିନ ପ୍ରଭାତର ଗତିମଧ କ୍ରମଶଃ ବିଳମ୍ବିତ, ମନ୍ଦ ଓ ବେଗହୀନ ହୋଇ ଆସିବାପରି ମନେହେଉଚି । ସମ୍ଭବତଃ ରାତ୍ରିକାଳୀନ ହିମର ଅତିଶୀତଳତା, ଏହି ଦୁଃଖଦାୟକ ସ୍ପନ୍ଦନହୀନତା ଓ ଭୂପୃଷ୍ଠରୁ ନିଭିନିଭି ଆସୁଥିବା ଜୀବନର ପ୍ରଭାବ ବାଜି ତାହାର ଜୀବନୀଶକ୍ତି କ୍ରମେ କ୍ଷୀଣ ହେବାକୁ ବସିଚି ! ସୂର୍ଯ୍ୟ ଉଠିଆସିଲା ବେଳକୁ ମନେହେଉଚି ଯେପରି ତା'ର କିରଣଜାଳକୁ କେହି ଅପହରଣ କରି କୁଆଡ଼େ ନେଇଯାଇଚି । ପୂର୍ବଦିଗର କେଉଁ ଦୂରଦେଶରୁ ଉଡ଼ିଆସିଥିବା କେତେଟା କାଉ ସୂର୍ଯ୍ୟଥାଳିର ଚାରିପାଖରେ ମୁଣ୍ଡଳା କାଟି ଉଡ଼ିବାରେ ଲାଗିଚନ୍ତି, ତଳେତଳେ ଉଡ଼ି ସେମାନେ ଗହୀର ବିଲ ଅତିକ୍ରମକରି ଚାଲିଯାଉଚନ୍ତି ଓ ସତେ ଅବା କାହାପାଇଁ ଶୋକ ପ୍ରକାଶ କରୁଥିଲାପରି ବଡ଼ ଜୀବନହୀନ ଭାବରେ କାଆ-କାଆ ଶବ୍ଦ କରୁଚନ୍ତି । ସେମାନଙ୍କ ପଛରେ ବହିଯାଉଥିବା କାଲୁଆ ପବନ ସେମାନଙ୍କର ଅନୁସରଣ କରି ଚାଲିଚି — ତାହାର ଆଘାତ ଲାଗି ପାଣିର ସମତଳ କମ୍ପିକମ୍ପି ଉଠୁଚି, ଏ ପର୍ଯ୍ୟନ୍ତ ଅବଶେଷ ହୋଇ ରହିଥିବା ହରିତ୍ ରଙ୍ଗକୁ ଏହାର ସ୍ପର୍ଶ ନିଆଁଲଗାଇ ଧୂସର ପାଉଁଶରେ ପରିଣତ କରିଦେଇ ଯାଉଚି, ରାସ୍ତାର ଦୁଇପାଖରେ ଠିଆହୋଇ ରହିଥିବା ପପ୍‌ଲାଲ ଗଛଗୁଡ଼ିକରୁ ଝଡ଼ିପଡ଼ି ରାସ୍ତା ଉପରେ ଜମାହୋଇ ରହିଥିବା ପାଚିଲାପତର ଭିତରେ ଗାର ଟିରିଦେଇ ଚାଲିଯାଉଚି । ପବନର ଆଘାତରେ ଉଡ଼ିଯାଉଥିବା ପତରଗୁଡ଼ିକ ପୁଣି ଅତ୍ୟନ୍ତ ଧୀର ଗତିରେ ଆସି ମାଟି ଉପରେ ବସିଯାଉଚି । ମନେ ହେଉଚି, ସତେ ଅବା କାହା ଆଖିର ଲୁହ ଯେପରି ଠୋପାଠୋପା ହୋଇ ଗଡ଼ି ମାଟି ଉପରେ ଆସି ପଡୁଚି ! ଏ ଲୁହ ଲୋତକ ନୁହେଁ, ଏହା ହେଉଚି ଲହୁ— ସଦ୍ୟମୃତ ନିଦାଘର ଆଖିରୁ ଠୋପାଠୋପା ହୋଇ ବାହାରି ଧରଣୀ ଉପରେ ପଡ଼ିବାରେ ଲଗିଚି ।

ଆଉ ଦିନକୁଦିନ ଗାଆଁର ଲୋକମାନେ ଯେପରି ଅଧିକରୁ ଅଧିକ ଡେରିକରି ନିଦରୁ ଉଠୁଥିବାପରି ମନେହେଉଚି, ସକାଳେ ପଡ଼ିଆକୁ ଚରିଯାଉଥିବା ଗୋରୁଙ୍କର ଖୋଜର ଗତି ମଧ ଦିନକୁଦିନ ଅଧିକ ମଠ ହେବାରେ ଲାଗିଚି, ଖଳାଘର କବାଟ ମେଲାହୋଇଯିବାର ଶବ୍ଦ ମଧ ଦିନକୁଦିନ କ୍ଷୀଣତର ହୋଇଆସୁଚି । ମୃତ୍ୟୁ ରାଜତ୍ୱ କରି ରହିଥିବା ଖାଲି ଖେତରେ ଠିଆହୋଇ କେହି କୌଣସି କଥା କହିଲେ ସତେ ଯେପରି ତାହାର ଶବ୍ଦ କେଉଁଠି ରୁଦ୍ଧି ହୋଇ

Digitized by srujanika@gmail.com

ଅଣନିଶ୍ୱାସୀ ହୋଇଗଲାପରି ବୋଧ ହେଉଚି । ଲୋକମାନଙ୍କର ହୃତ୍‌ସ୍ପନ୍ଦନ ମଧ୍ୟ କ୍ରମେ ଅଧିକ ଧୀର ହୋଇ ଆସୁଚି । ବେଳେବେଳେ ସେମାନଙ୍କୁ ଆପଣାର ଦାଣ୍ଡଦୁଆରେ ବା ଗହୀରବିଲରେ ଦେଖିବାକୁ ମିଳୁଚି । ସେମାନେ ହଠାତ୍ ଠିଆହୋଇ ପଡ଼ି ଅନେକ ସମୟ ପର୍ଯ୍ୟନ୍ତ ନୀଳକୃଷ୍ଣ ସୁଦୂରର ଗର୍ଭକୁ ଅନାଇ ରହୁଚନ୍ତି । ହଳଦିଆ ପଡ଼ିଯାଇଥିବା ଘାସର ଚରାଭୂଇଁରେ ହଠତ୍ କାହାର ଅତିକାୟ ସଶୃଙ୍ଗ ମସ୍ତକମାନ ଦୃଷ୍ଟିଗୋଚର ହୋଇଯାଉଚି ଏବଂ ଧୀର ଗତିରେ ମୁଖ ଚାଳି ରୋମନ୍ଥନ କରୁକରୁ ସେମାନେ ମଧ୍ୟ ଦୃଷ୍ଟିକୁ ପ୍ରଲମ୍ବିତ କରି ସୁଦୂର ଆଡ଼କୁ ଅନାଇ ରହୁଚନ୍ତି—ଅନେକ ଦୂରକୁ ଅନାଇ ରହୁଚନ୍ତି ଓ ମଝିରେ ମଝିରେ ସେମାନଙ୍କର ଅତିକ୍ଷୀଣ ହମ୍ବା ଶବ୍ଦମାନ ଜନଶୂନ୍ୟ ଗହୀର ପ୍ରାନ୍ତର ଭିତରୁ ପ୍ରତିଧ୍ୱନିତ ହୋଇ ଉଠୁଚି ।

ପୁଣି ଦିନକୁଦିନ ହେମାଳ ମଧ୍ୟ ବଢ଼ିବାରେ ଲାଗିଥାଏ, ଅନ୍ଧାର ବଢ଼ିବାରେ ଲାଗିଥାଏ । ତୋଟା ଉପରେ ଧୂଆଁର ମେଘ ଝୁଲିକରି ରହିଥାଏ ଏବଂ ଅମାରଘରମାନଙ୍କରେ ବସା ବାନ୍ଧି ଆଶ୍ରୟ ନେବାପାଇଁ ଅଧିକରୁ ଅଧିକ ଚଢ଼େଇ ଆସିବାରେ ଲାଗିଥାନ୍ତି । କାଉଗୁଡ଼ାକ କେତେବେଳେ ଘରର ଚାଳଉପରେ ଆସି ବସୁଥାନ୍ତି, ପୁଣି କେତେବେଳେ ଗଛର ଥୁଣ୍ଟା ଡାଳମାନଙ୍କ ଉପରେ ବସୁଥାଆନ୍ତି, ପୁଣି କେତେବେଳେ ରାଉରାଉ କର୍କଶ ରାବଦେଇ ଭୂଇଁଉପରେ ଉଡ଼ିବାରେ ଲାଗିଥାନ୍ତି । ସତେ ଯେପରି ସେମାନେ ଆସନ୍ନ ଶୀତକାଳର ନିରାନନ୍ଦମୟ ଆଗମନ ସଙ୍ଗୀତ ଗାଇ ବୁଲୁଥାନ୍ତି !

ବିଲମାନଙ୍କରୁ ହଳକାମ ସରିଆସିଲାଣି—ମୁହଁସଞ୍ଜବେଳକୁ ବିଲର ଶେଷ ସିଆରାରେ ଗାର ମଡ଼ାଇଦେଇ ଘରକୁ ଫେରୁ ଫେରୁ ଚାଷୀମାନେ ପଛକୁ ଅନାଇ ଆପଣା ବିଲ ଉପରେ ଆଖି ପକାଇ ଦେଖୁଚନ୍ତି, ଏବର୍ଷ ବସନ୍ତକାଳ ଅତିଶୀଘ୍ର ଆସୁବୋଲି ମନେମନେ ମନାସ କରୁଚନ୍ତି ।

ଅନେକ ସମୟରେ ସଞ୍ଜବୁଡ଼ିବା ବେଳକୁ ମନ୍ଦାଏ ମନ୍ଦାଏ ପାଣି ମଧ୍ୟ ବରଷି ଯାଉଚି—ସଞ୍ଜବୁଡ଼ି ଅନ୍ଧାର ହେବା ପର୍ଯ୍ୟନ୍ତ ଏହି ବରଷଣା ପାଣିର ଟପର ଟପର ଶବ୍ଦ ଶୁଣାଯାଉଚି । ଶରତ୍‌କାଳର ସେହି ପ୍ରଲମ୍ବିତ ଗୋଧୂଳି ସମୟରେ ଚାଷୀ ଘରମାନଙ୍କର ଝରକାଗୁଡ଼ିକ ସୁନାଝଲା ହୋଇଥିବା ଫୁଲ ପରି ନିଆଁରଙ୍ଗରେ ଝଟକି ଉଠୁଚି, ଅମଡ଼ା ରାସ୍ତାକଡ଼ରେ ଥିବା ଟୁବ୍‌ଗାଡ଼ିଆଗୁଡ଼ିକ ମଧ୍ୟ କାଚପରି ଚକ୍‌ଚକ କରିବାରେ ଲାଗିଚି—ରାତିର ଶୀତଳ ସିକ୍ତ ପବନ ଏହି ଝରକାଗୁଡ଼ିକ ଉପରେ ବରଷାର ବିନ୍ଦୁଗୁଡ଼ିକୁ ଆଣି ପିଟିଦେଇ ଯାଉଚି ଏବଂ ଲେଉଟିଯାଇ ତୋଟା ଭିତରେ ଆକୁଳ ସ୍ୱରରେ ମର୍ମରିତ ହୋଇ ଉଠୁଚି ।

ଡେଣା ଭାଙ୍ଗିଯାଇଥିବା ଗୋଟାଏ କାଣ୍ଡିଆ ବଗ ଏପର୍ଯ୍ୟନ୍ତ ଉଡ଼ିଯାଇ ନପାରି ପଛରେ ରହିଯାଉଥିଲା ଓ ପଡ଼ିଆରେ ଏପାଖ ସେପାଖ ହୋଇ ଡେଗା ଡେଗା ଗୋଡ଼ ପକାଇ ବୁଲିବାରେ ଲାଗିଥିଲା । ବଗଟି ହଠାତ୍ ଉଡ଼ିଆସି ବୋରିନାର ପାଳଗଦା ଉପରେ ବସିଲା, ଓ ଲୋଭ ଦେଖାଇ ଆନ୍ତେକ୍ ତାକୁ ଆହାର ଦେଇ ଆ' ଆ' ବୋଲି ଡାକିବାକୁ ଲାଗିଲା ।

Digitized by srujanika@gmail.com

ଏଣିକି ଗାଆଁମାନଙ୍କରେ ଭିକାରିମାନଙ୍କୁ ଅଧିକରୁ ଅଧିକ ଦେଖିବାକୁ ମିଳିଲାଣି । ହାତରେ ଭିକ୍ଷାମୁଣି ଧରି ଭଜନ ଗୀତ ଗାଇ ଯେଉଁମାନେ ଦୁଆର ଦୁଆର ବୁଲି ଭିକମାଗି ବୁଲନ୍ତି; କେବଳ ସେମାନେ ନୁହନ୍ତି, ଯେଉଁମାନଙ୍କୁ ଦାଣ୍ଡରେ ଦେଖିଲେ କୁକୁରଗୁଡ଼ାକ ଭୋ' ଭୋ' ଭୁକିବାରେ ଲାଗନ୍ତି; କେବଳ ସେମାନେ ନୁହନ୍ତି, ଅନ୍ୟ ପ୍ରକାରର ଆଉ ଅନେକ ଭିକାରି ମଧ ଗାଆଁରେ ଦୃଶ୍ୟ ହେବାକୁ ଲାଗିଲେଣି । ଏହି ଭିକାରିମାନେ ବରଷସାରା କେତେକେତେ ଦୂର ଥାନରେ ବୁଲିଥାନ୍ତି, କେତେ ତୀର୍ଥ ହୋଇ ଆସନ୍ତି, ଏହି ଇଲାକାଟା ମଧରେ ଯେତେ ଦେବଦେବୀ ଯେଉଁଠି ଅଛନ୍ତି, ସେମାନେ ସବୁଠାରେ ପାଦ ପକାଇ ଆସିଚନ୍ତି । ଶୀତଦିନର ଦୀର୍ଘ ରାତ୍ରିଗୁଡ଼ିକରେ ପ୍ରଥମ କେତେ ପହର ସେମାନେ ଗାଆଁରେ ବସି ଗ୍ରାମବାସୀମାନଙ୍କୁ ନାନାଆଡ଼ର ନାନାକଥା ଶୁଣାଇ ସେମାନଙ୍କର ଚିତ୍ତବିନୋଦନ କରନ୍ତି । ସଂସାରର ସବୁ ହାଲଚାଲ ଏହିମାନଙ୍କଠାରୁ ଶୁଣିବାକୁ ମିଳେ, ଦୂର ବିଦେଶମାନଙ୍କରେ କ'ଣସବୁ ନୂଆନୂଆ ଘଟଣା ଘଟୁଚି, ତାହା ଏହିମାନଙ୍କର ମୁଖରୁ ହିଁ ଶୁଣାଯାଏ । କେହି କେହି ପବିତ୍ରଭୂମି ଜେରୁଜେଲମ ବିଷୟରେ ମଧ କେତେକେତେ ବିବରଣୀ ଆଣିଦିଅନ୍ତି, ଅତିକ୍ରମ କରି ଆସିଥିବା କେତେକେତେ ବିସ୍ତୃତ ସମୁଦ୍ର, ଅଙ୍ଗେ ନିଭାଇଥିବା କେତେକେତେ ବିପଦ ଏବଂ ଦୁଃସାହସିକ ଘଟଣା —ଏହିସବୁକୁ ସେମାନେ ଏପରି ଚମତ୍କାର ଭାବରେ ବର୍ଣ୍ଣନା କରି ଏପରି ବିସ୍ମୟ ସୃଷ୍ଟି କରନ୍ତି ଯେ ଗ୍ରାମବାସୀମାନେ ବଡ଼ ଧର୍ମଭାବପୂର୍ଣ୍ଣ ଓ ଚକିତ ଭାବରେ ଏକଧ୍ୟାନରେ ସେ ସବୁକୁ ଶୁଣିବାରେ ଲାଗି ଥାନ୍ତି । ଏପରି ଅଦ୍‌ଭୁତ ଘଟଣାମାନ ଏହି ସଂସାରରେ ପ୍ରକୃତରେ କେଉଁଠି ଘଟୁଥିବ ବୋଲି ସେମାନେ କଳ୍ପନା ମଧ କରିପାରନ୍ତି ନାହିଁ ।

ଚାହୁଁଚାହୁଁ ଶରତ୍ ଆସି ଉପଗତ ହୋଇଗଲାଣି, ଶରତ୍‌ଋତୁର ଅଧାଅଧି ଅତିକ୍ରାନ୍ତ ହୋଇଗଲାଣି !

ବର୍ତ୍ତମାନ ସବୁ ସଙ୍ଗୀତ ଓ ଉଲ୍ଲାସ ଚିତ୍କାର ସ୍ଥଗିତ ହୋଇଯାଇଚି, ଚଢ଼େଇମାନେ ମଧ ଏକାବେଳେକେ ଚୁପ୍ ହୋଇଯାଇଚନ୍ତି—ଗାଆଁରେ କୋଉଠିହେଲେ କୌଣସି ଶବ୍ଦ ଶୁଣାଯାଉନାହିଁ । କେବଳ ଘରଚାଳକୁ ଉଠାଇ ପୁଣି ପକାଇ ଦେଉଥିବା ପ୍ରବଳ ପବନର ଶବ୍ଦାକୁଳ ଗର୍ଜନ ହିଁ ଶୁଣିବାକୁ ମିଳୁଚି, ପୁଣି କେତେବେଳେ ବରଫର ବରଷା ହୋଇ ଝରକାର କାଚଉପରେ ସଶବ୍ଦ କୁଣ୍ଡା ଝାଡ଼ିଦେଇ ଯାଉଚି, ଗହମ ଅମଳ ହେଉଥିବା ଖଳାମାନଙ୍କରୁ ଗହମ-ବାଡ଼ିଆର ପାହାରମାନ ଶୁଭୁଚି —ଏହି ପାହାରର ଶବ୍ଦ ଯେପରି ଦିନକୁଦିନ ଅଧିକ ଉଚ୍ଚାଟ ହେଉଥିବାପରି ବୋଧ ହେଉଚି ।

ହଁ, ପ୍ରକୃତରେ ଶରତ୍‌କାଳ ଆସି ଉପଗତ ହୋଇଗଲାଣି, ଶୀତକାଳର ଜନନୀ ଆସି ଉପଗତ ହୋଇଗଲାଣି !

ମନଭିତରେ ଆଶ୍ୱାସନା ଦେବାଲାଗି ଏପର୍ଯ୍ୟନ୍ତ କେବଳ ଗୋଟିଏ ସୂଚନା ବାକୀ ରହିଚି । ପାଗଟା ଏପର୍ଯ୍ୟନ୍ତ ମଧ ଖୁବ୍ ଖରାପ ହୋଇନାହିଁ, ରାସ୍ତାଘାଟ ଏପର୍ଯ୍ୟନ୍ତ କାଦୁଅ ହୋଇନାହିଁ । ହୁଏତ ମେଳାଯାଏ ବର୍ତ୍ତମାନ ଏହିପରି ପାଗ କରିବ—ସତେ ଯେପରି କୌଣସି

Digitized by srujanika@gmail.com

ଉତ୍ସବଭୋଜି ଖାଇବାକୁ ବାହାରିବାପରି ଲିପ୍‌କା ଗାଆଁ ଗୋଟାକର ଲୋକେ ସଜବାଜ ହୋଇ ମେଳା ଦେଖି ବାହାରିବେ ।

ମେଳା ଆଉ ଅଳ୍ପଦିନ ରହିଲା । ବଡ଼ଦିନ ପୂର୍ବରୁ ଏହାହିଁ ହେଉଚି ଶେଷ ପରବ । ତେଣୁ ଗାଆଁ ଲୋକମାନେ ଏଥିଲାଗି ସଜ ହେବାକୁ ଲାଗିଲେ ।

ମେଳା ଆହୁରି ଅନେକଦିନ ଅଛି, ଲୋକମାନଙ୍କର ମନଭିତରେ ସେହି ବୃହତ୍ ପ୍ରଶ୍ନଟି ଆସି ବାରମ୍ବାର ଆଘାତ କରିବାକୁ ଲାଗିଲା—ଏଥର କ'ଣ ବିକିଲେ ହେବ ? ଏହି ପ୍ରଶ୍ନଟି ଉପରେ ସେମାନେ କେତେପ୍ରକାର କେତେ ବିଚାର କରିବାକୁ ଆରମ୍ଭ କରି ସାରିଲେଣି । ଗାଈ ବିକିବା ନା ଶସ୍ୟ ବିକିବା, ବା ଛୋଟମୋଟ ଦେଖି ଗୋଟାଏ ଘୁଷୁରି ବିକିଲେ ଚଳିଯିବ ? ଆଗରେ ଶୀତକାଳ ବି ମାଡ଼ିଆସୁଚି, ତେଣୁ ସେଥିପାଇଁ କିଛି ଆବଶ୍ୟକ ସାମଗ୍ରୀ କିଣି ସାଇତି ରଖିବାକୁ ମଧ ପଡ଼ିବ । ସେଥିରେ ତ ଅନେକ ପଇସା ଲାଗିଯିବ । ଏହି କଥା ନେଇ ପରିବାରମାନଙ୍କରେ କେତେ ତର୍କ, କେତେ ବଚସା ଓ କେତେ କଳହ ମଧ ଆରମ୍ଭ ହୋଇଗଲା । ଏଣେ ଅଣ୍ଟାରେ କାହାରିହେଲେ ଯଥେଷ୍ଟ ପଇସା ନାହିଁ, ନଗଦ ପଇସା ପାଇବା ମଧ ଦିନକୁଦିନ କଠିନ ହୋଇପଡ଼ିଲାଣି ।

ହଁ, ଠିକ୍ ଏତିକିବେଳେ ମଧ ଲାଟବନ୍ଦୀ ସମୟ ଆସି ପହଞ୍ଚିଲା । ବରଷଯାକର ଖଜଣା ମଧ ବର୍ତ୍ତମାନ ଦେବାକୁ ପଡ଼ିବ ! ଏହା ବ୍ୟତୀତ ଆହୁରି କେତେପ୍ରକାର ଟିକସ ଓ ଦେ'ଣା ମଧ ଦେବାକୁ ହେବ । ଆଗରୁ କରଜ କରିଥିବା ପଇସାଗୁଡ଼ାକୁ ମଧ ଏତିକିବେଳେ ଶୁଝିବାକୁ ପଡ଼ିବ, ଚାକରମାନେ ମଧ ସେମାନଙ୍କର ପାଉଣା ପାଇବେ—ଏହିପରି ନାନା ସମସ୍ୟା ଭିତରେ ପଡ଼ି କେଉଁଟା କ'ଣ କଲେ କାମ ଚଳିଯିବ ବୋଲି ଭାବି ଚାଷୀମାନେ ବଡ଼ ବିବ୍ରତ ହୋଇପଡୁଥାନ୍ତି, ସତର ଅଠର ମାଣ ଜମି ଥିଲାବାଲାମାନଙ୍କର ମୁଣ୍ଡ ମଧ ଏହି ଚିନ୍ତାରୁ ଉଦ୍ଧାର ପାଉନଥାଏ ।

ଏହିପରି ନାନା ବିଚାର କରିସାରିବା ପରେ କିଏ ଆପଣାର ଗୁହାଳରୁ ଗୋଟିଏ ଗାଈ ବାହାର କରିନେଲା, କୁଟା ଦେଇ ଗାଈର ପଛଗୋଡ଼ ଉପରେ କୋଉଦିନୁ ଲାଗିରହିଥିବା ଗୋବର କଷଗୁଡ଼ାକୁ ପୋଛି ପରିଷ୍କାର କରିଦେଲା, ରାତିରେ ତାକୁ ଭଲକରି ଘାସ ଖାଇବାକୁ ଦେଲା ବା ଯଅସହିତ ଆଳୁ ସିଝାଇ ଖାଇବାକୁ ଦେଲା, ଯେତେଟିକିଏ ହେଲେ ମଧ ଗାଈଟି ଟିକିଏ ବଢ଼ିଆଳ ହୋଇ ଦିଶିବ ବୋଲି ଆପଣାର ପାରୁପର୍ଯ୍ୟନ୍ତ ଚେଷ୍ଟା କରିବାରେ କୌଣସି ହେଳା କଲାନାହିଁ । ବିଲକୁଲ ଅକାମୀ ହୋଇଯାଇଥିବା ବୁଢ଼ା ଘୋଡ଼ାଟିକୁ ଦେଖି କିଏ ବାହାରକୁ ବାହାର କରି ଅଣିଲା; ଯେପରିକି ଅନ୍ତତଃ ତାହା ଟିକିଏ ହେଲେ ଘୋଡ଼ାପରି ଦିଶିପାରିବ, ସେଥିଲାଗି ସେ ସବୁପ୍ରକାରେ ଚେଷ୍ଟା କରିବାକୁ ଲାଗିଲା ।

ଠିକ୍ ସମୟ ଅନୁସାରେ ଆପଣାର ଫସଲକୁ ବିକିବାଲାଗି ମହଜୁଦ୍ କରି ରଖିବାର ମତଲବରେ ଅନ୍ୟମାନେ ଭାରି ତରତର ହୋଇ ଫସଲବାଡ଼ିଆରେ ବ୍ୟସ୍ତ ହୋଇ ରହିଲେ ।

Digitized by srujanika@gmail.com

ବୋରିନା ସଂସାରରେ ମଧ୍ୟ ନାନା କାମର ଧୁମ୍‌ଧାମ୍ ଲାଗିଗଲାଣି । କୁବାର ସାହାଯ୍ୟରେ ବୁଢ଼ା ବୋରିନା ଆପଣାର ସମସ୍ତ ଗହମକୁ ଅମଳ କରିନେଲା—ଯୁଜ୍‌କା ଆଉ ହାଙ୍କା ଆପଣା ଅବସରର ସମସ୍ତ ସମୟ ଦେଇ ମାଈ ଘୁଷୁରିଟାକୁ ମୋଟା କରିବାକୁ ଲାଗିଲେ, ବିକିବାଲାଗି ମନକରି ରଖିଥିବା ବତକମାନଙ୍କୁ ମଧ୍ୟ ଭଲକରି ଖାଇବାକୁ ଦେଲେ । କେତେବେଳେ ଯେ ଅସରାଏ ପାଣି ବରଷିଯିବ, ସେକଥା ଏବେ କିଏ ଜାଣିଚି—ତେଣୁ ଭିତେକ୍‌କୁ ସାଙ୍ଗରେ ନେଇ ଆନ୍ତେକ୍‌କୁ ଅନେକବାର ଜଙ୍ଗଲକୁ ଯିବାକୁ ପଡ଼ିଲା, ଶୀତ ମାସରେ ଜଳା ହେବାପାଇଁ ଶୁଖିଲା କାଠ ଓ ଡାଳପତ୍ର ସାଉଁଟି ନେଇ ଆସିଲା । ଏଥିରୁ କେତେଗୋଛା ଗୁହାଳଘରକୁ ଗଲା ଓ ଅବଶିଷ୍ଟ ଘରର ଚଉବେଢ଼ରେ ପଡ଼ି ଶୀତଦିନଲାଗି ରକ୍ଷାବରଣ ହୋଇ ରହିଲା ।

ଠିକ୍ ମେଳାଦିନ ଆସି ପହଞ୍ଚିବାର ଶେଷଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟବ୍ୟସ୍ତତାର ଧୁମ୍ ଲାଗିରହିଥିଲା । ଶେଷକୁ ବଡ଼ବଡ଼ ବସ୍ତାଭିତରେ ପଶି ଗାଡ଼ିରେ ବୋଝାଇହୋଇ ଗହମ ଖଳାଘରକୁ ଆସିଲା, ଶୀତକାଳ ପାଇଁ ସମସ୍ତ ସଜବାଜ ସମ୍ପୂର୍ଣ୍ଣ ହେଲା ଏବଂ ବୋରିନାର ଶୋଇବାଘରେ ସମସ୍ତେ ଏକଜୁଟ ହୋଇ ରାତ୍ରିଭୋଜନ କରିବାକୁ ଆସିଲେ ।

ଚେମଣିତଳେ ହୁତ୍‌ହୁତ୍ ଉଲ୍ଲାସରେ ନିଆଁ ଜଳିବାରେ ଲାଗିଥାଏ, ସେହି ନିଆଁର ଆଲୁଅରେ ସମସ୍ତେ ମନଆନନ୍ଦରେ ଧୀରେଧୀରେ ହାତ ଚାଳି ଖାଇବାରେ ଲାଗିଥାନ୍ତି—କାହାରି ତୁଣ୍ଡରୁ କୌଣସି କଥା ବାହାରୁନଥାଏ । କିଛି ସମୟ ଉତ୍ତାରୁ ଖିଆପିଆ ସରିଗଲା, ଘରର ସ୍ତ୍ରୀଲୋକମାନେ ଅଇଁଠା ବାସନକୁସନ ଉଠାଇ ପରିଷ୍କାର କରିଦେଲେ ଓ ନିଆଁ ଜଳୁଥିବା ଥାନର ଅଧିକ ନିକଟବର୍ତ୍ତୀ ହୋଇ ଆସି ବୋରିନା କହିବାକୁ ଆରମ୍ଭ କଲା—

‘‘କାଲି ସିନ୍ଦୂରା ନଫାଟୁଣୁ ପୁଣି କାମ ଆରମ୍ଭ କରିବାକୁ ହେବ !’’

‘‘ନିଶ୍ଚୟ, ମଠ କଲେ ଚଳିବ କେମିତି ?’’—ଆନ୍ତେକ୍ ଉତ୍ତରଦେଲା ଓ ଘୋଡ଼ାସାଜରେ ତେଲ ଦେବାକୁ ଲାଗିଲା । ଗହମ ବାଡ଼େଇବାର ପିଟଣାପାଇଁ କୁବା ଗୋଟାଏ ଖିଲ ତିଆରି କରିବାରେ ବ୍ୟସ୍ତଥାଏ । ଭିତେକ୍ କାଲି ସକାଳେ ଖାଇବାଲାଗି ସିଝିବାକୁ ଯାଉଥିବା ଆଳୁରୁ ଚୋପା ଛଡ଼ାଇ ବସିଥାଏ ଏବଂ ତଥାପି ଅବସର ବାହାରକରି ଲାପାସହିତ ଖୁରି ମଧ୍ୟ ଖାଉଥାଏ । ଖଣ୍ଡେଦୂରରେ ମାଟିଉପରେ ଲମ୍ବହୋଇ ପଡ଼ି କୁକୁରଟା ମାଛିର ସନ୍ଧାନ କରିବାରେ ଲାଗିଥାଏ ।

କିଛି ସମୟ ପର୍ଯ୍ୟନ୍ତ କାହାରି ତୁଣ୍ଡରୁ କୌଣସି ଶବ୍ଦ ଶୁଣାଗଲାନାହିଁ—କେବଳ ନିଆଁରେ ପଡ଼ି ଜଳୁଥିବା କାଠଗୁଡ଼ାକ ଚଡ଼ଚଡ଼ ହୋଇ ଜଳିବାରେ ଲଗିଥାଏ, ଉହ୍ଲେଇଥାନର ଅନ୍ଧିସନ୍ଧିରୁ ଝିଙ୍କାରିମାନେ ଝିଁ ଝିଁ ହେଉଥାନ୍ତି— ବଖରାର ବାହାରୁ ପାଣି ଚଳଚଳ ହେବାର ଓ ବାସନକୁସନ ଝଣଝଣ ହେବାର ଶବ୍ଦ ଶୁଣାଯାଉଥାଏ ।

‘‘କୁବା, ତୁ ଏବର୍ଷ ମୋ’ଘରେ କୋଠିଆ ହୋଇ ରହିବୁ ନା ନାହିଁ ?’’

Digitized by srujanika@gmail.com

କୁବାର ହାତରୁ ଖାଇବାର ଛୁରୀ ତଳେ ଖସିପଡ଼ିଲା, ସେ ବକବକ ହୋଇ ଆଖି ତରାଟି ନିଆଁଆଡ଼କୁ ଅନାଇ ରହିଲା । ତା'ର ପ୍ରଶ୍ନ କୁବା ଶୁଣିଚି କି ନାହିଁ, ବୋରିନା ପୁଣିଥରେ ପ୍ରଶ୍ନ କଲା ।

''ଶୁଣିଚି ? ହଁ ହଁ, ଶୁଣିଚି—ମୁଁ ପରା ଠିକ୍ ସେହିକଥା ଭାବୁଥିଲି । ପ୍ରକୃତ କଥା କହିବାକୁ ଗଲେ ତୁମେ ଏବର୍ଷ ମୋ'ପ୍ରତି କୌଣସି ମନ୍ଦ ବ୍ୟବହାର ଦେଖାଇନାହଁ । ଖାଲି ଯାହା...'' —ସେ କ'ଣ ଗୋଟାଏ ଗୋଳମାଳ ଭିତରେ ପଡ଼ିଯାଇ ହଠାତ୍ ଅଟକିଗଲା ।

''ୟୁଜ୍‌କା ! ମୋ' ପାଇଁ ଟିକିଏ ଭଡ଼୍‌କା ଆଣ, ତା'ସାଙ୍ଗକୁ କିଛି ଖାଇବାକୁ ମଧ୍ୟ ନେଇ ଆ' ! ଇଏ କ'ଣ ଇହୁଦୀଘର ହୋଇଚି ଯେ କାମର କଥା ପଡ଼ିଥିଲାବେଳେ ଆମର ତଣ୍ଟି ଶୁଖିଲା ରହିବ ?''

ବୋଲ ବତାଇଦେଇ ସେ ବେଞ୍ଚଟାକୁ ଟାଣିନେଇ ନିଆଁର ଆହୁରି ପାଖକୁ ଯାଇ ବସିଲା । କ୍ଷଣକପରେ ୟୁଜ୍‌କା ବୋତଲେ ମଦ ଓ ତା'ସାଙ୍ଗକୁ ପାଉଁରୁଟି ଓ ମାଉଁସର ଗଇଁଠା ଆଣି ବେଞ୍ଚଉପରେ ବାଢ଼ିଦେଇ ଗଲା ।

''ତୁ ବି ଟିକିଏ ପି', କୁବା ! ହଁ, ମୁଁ ପଚାରିଥିବା କଥାଟି ପୁଣି କ'ଣ ହେଲା ?''

''ଧନ୍ୟବାଦ, ସାଆନ୍ତ । ହଁ, ଆଉବର୍ଷେ ରହିବାକୁ ମୋର ଇଛା ନହେବ କାହିଁକି—କିନ୍ତୁ ...କିନ୍ତୁ...''

''ଦରମା ବଢ଼ାଇବା ଦରକାର—ତୁ ଏଇଆ କହିବାକୁ ଚାହୁଁଚୁ ତ ?''

''ବଢ଼ିଲେ ଏକା ଭାରି ଉପକାର ହୁଅନ୍ତା । ଏଇ ଦେଖିଲ, ମେଣ୍ଢାଛାଲର ଏଇ କୋଟ୍‌ଟା ଚିରି ବିଲ୍‌କୁଲ ଟିକିଟିକି ହୋଇଗଲାଣି । ଜୋତାଦୁଇଟା ବି ଆଉ ଜୋତା ଅବସ୍ଥାରେ ନାହିଁ । ତା' ଛଡ଼ା ମୋର ଟୋପିଟିଏ ମଧ୍ୟ ନିହାତି ଦରକାର । ଏଇ ଟୋପିଟି ନଥିବାରୁ ଗିର୍ଜାକୁ ଗଲେ ମୋତେ ବାହାରେ ବାହାରେ ରହିବାକୁ ପଡୁଚି । ଏମିତି ଛିଣ୍ଡାକନା ପିନ୍ଧି ମୁଁ ଉପାସନାବେଦୀ ପାଖକୁ କିପରି ଯାଇପାରିବି କହିଲ ?''

ଗମ୍ଭୀର ଭାବରେ ବୋରିନା ଉତ୍ତର ଦେଲା, ''ହଁ'ରେ ହଁ —ସେଦିନ ରବିବାର ଉପାସନାବେଳେ ତୁ କିଛି ନମାନି ସମସ୍ତଙ୍କୁ ଠେଲିପେଲି ସିଧା ଆଗରେ ଯାଇ ଠିଆହେଲୁ, ଯୋଉଠି ଗାଆଁର ମୁଖିଆ ଲୋକମାନେ ଠିଆ ହୋଇଥିଲେ !''

''ହଁ, ସତକଥା—ସତକଥା—କିନ୍ତୁ ...'' କଥାଟା ହଠାତ୍ ତା'ର ତଣ୍ଟିରେ ଲାଗିଯିବାପରି ହେଲା—କ'ଣ ଗୋଟାଏ ସଙ୍କୋଚରେ ସେ ବଡ଼ ଅପ୍ରସ୍ତୁତ ହୋଇପଡ଼ିଲା, ତା'ର ମୁହଁ ରଙ୍ଗା ପଡ଼ିଗଲା ।

''ଆଉ ଖୋଦ୍ ପାଦ୍ରି ଆମକୁ କେତେଥର ଉପଦେଶ ଦେଇ କହିଚନ୍ତି ଯେ ବଡ଼ମାନଙ୍କୁ ସବୁବେଳେ ଖାତିର ଦେଖାଇବା ଉଚିତ । ଶୁଣ୍ କୁବା—ଆମଭିତରେ ଭଲ ବୁଝାମଣା ରହିବ, ଏହି ପ୍ରତିଶ୍ରୁତି ରଖି ଆମେ ଆଜି ଏ ମଦ ପିଇବା । ବର୍ତ୍ତମାନ ମୁଁ ଯାହାସବୁ କହୁଚି, ଶୁଣ ! ତୁ ଭଲକରି ଜାଣିଚୁ ଯେ କୋଠିଆକୁ କେବଳ କୋଠିଆ ହିଁ କୁହାଯିବ, ଚାଷୀ ବୋଲି କଦାପି

Digitized by srujanika@gmail.com

କୁହାଯାଇ ପାରିବନାହିଁ । ଭଗବାନ ଯାହାକୁ ଯୋଉ ପାହାଚରେ ରଖିବାର ଆଗରୁ ନିର୍ଣ୍ଣୟ କରି ଆମକୁ ସଂସାରକୁ ପଠାଇଛନ୍ତି । ଭଗବାନ ଯୀଶୁ ମଧ ତୋ'ର ଉଚିତ ଥାନ ନିର୍ଣ୍ଣୟକରି ଦେଇଚନ୍ତି । ତୋ'ର ଆପଣା ଥାନରେ ରହିବା ଉଚିତ, ଏପରି ମସ୍ତ ହୋଇ ଆଗକୁ ମାଡ଼ିଆସିବା ଉଚିତ ନୁହେଁ, ଅନ୍ୟମାନଙ୍କଠାରୁ ଆପଣାକୁ ଉପରକୁ ନେଇଯିବା ଉଚିତ ନୁହେଁ । କାରଣ ଏପରି କଲେ ତୋ'ର ଭାରି ଅପରାଧ ହେବ । ପାଦ୍ରିଙ୍କୁ ପଚାରିଲେ ମଧ ସେ ତୋତେ ଠିକ୍ ଏହିକଥା କହିବେ । ଏପରି ନହେଲେ ସଂସାର ପୁଣି ରହିବ କିପରି ? ମୋ' କଥାମାନ ବୁଝିଲୁ ?''

''ମୁଁ କ'ଣ ଗଧ ହୋଇଚି ଯେ ଶବ୍ଦଗୁଡ଼ାକର ଅର୍ଥ ବୁଝି ପାରିବିନାହିଁ ?''

''ତେବେ ହୋସିଆର ହୋଇଥା' —ଯେପରିକି ଆପଣାକୁ ଆଉ କାହାରିଠାରୁ ଉପରକୁ ନେଇଯିବା ଲାଗି ତୋ'ର କେବେ କୌଣସି ଅଭିମାନ ନହୁଏ !''

''କିନ୍ତୁ ସେଦିନ ମୁଁ ତ ଆଉକିଛି ଭାବିନଥିଲି, କେବଳ ଭଗବାନଙ୍କର ଉପାସନାବେଦୀ ପାଖକୁ ଯିବାଲାଗି ମନ ବଳାଇଥିଲି !''

''ତୁ ଗିର୍ଜା ଭିତରେ ଯେତେ ଦୂରରେ ଯୋଉ କଣରେ ଥାଆ ପଛକେ, ତୋ'ର ପ୍ରାର୍ଥନା ନିଶ୍ଚୟ ଭଗବାନଙ୍କର କାନରେ ଯାଇ ବେଶ୍ ବାଜିପାରିବ । ସେଥିପାଇଁ ତୋ'ର ମନରେ କୌଣସି ଦକା ରହିବା ଉଚିତ ନୁହେଁ । ପୁଣି ଯେଉଁଠି ଗାଆଁର ମୁଖିଆ ମୁଖିଆ ଲୋକମାନେ ଠିଆହୋଇଚନ୍ତି, ପଛରୁ ଠେଲିପେଲି ଯାଇ ସେଠାରେ ଠିଆହେବାଟା କେଉଁ ସୁନ୍ଦର ହେବ କହିଲୁ ? ଏଇ ଗାଆଁରେ ତୋତେ ସମସ୍ତେ ଭଲକରି ଚିହ୍ନିଚନ୍ତି, ତୁ କ'ଣ ଏକଥା ଜାଣିନୁ ?''

''ତୁମେ ସତକଥା କହିଚ, ସାଆନ୍ତେ—ତୁମେ ବିବାକେ ସତକଥା କହିଚ'। ଯଦି ମୁଁ ଜଣେ ଚାଷୀ ହୋଇଥାନ୍ତି, ତେବେ ପାଦ୍ରିଙ୍କର ମୁଣ୍ଡଉପରେ ଚାନ୍ଦୁଆ ଟାଣିଧରିବାର ଅଧିକାର ମୁଁ ଅବଶ୍ୟ ପାଇଥାନ୍ତି । ବେଞ୍ଚଉପରେ ବସିପାରୁଥାନ୍ତି, ଭଜନପୁସ୍ତକରୁ ବଡ଼ପାଟି କରି ଭଜନମାନ ଗାଇପାରୁଥାନ୍ତି । କିନ୍ତୁ...'', ଦୀର୍ଘନିଶ୍ୱାସ ପକାଇ ସେ କହିଲା, ''ମୁଁ ତ ଜଣେ ସାଧାରଣ କୋଠିଆ, ସାମାନ୍ୟ ଚାକର—ଚାଷୀର ଛୁଆ ହେଲି ବୋଲି ସେଥିରେ କ'ଣ ହେଲା ? —ମୋର ବାହାରେ ବାହାରେ ଠିଆହୋଇ ହିଁ ପ୍ରାର୍ଥନା କରିବା ଉଚିତ—ଠିକ୍ କୁକୁରର ଯେମିତି ହେବା ଉଚିତ, ସେହିପରି !''

''ସାରା ସଂସାର ଏହି ନିୟମରେ ଚଳୁଚି , ଖାଲି ତୁ ଭାବିଦେଲେ ତ ଏହା ବଦଳି ଯିବନାହିଁ !''

'ନା—ମୁଁ କେବେ ଏପରି ଭାବିବିନାହିଁ ।''

''ଆଚ୍ଛା, ଆଉ ଟିକିଏ ପି'—ଆଉ ଦରମା କେତେ ବଢ଼ିଲେ ହେବ ମୋତେ ସେହିକଥା କହ !''

କୁବା ଭଡ୍‌କା ପିଇଲା । ସେତେବେଳକୁ ତାକୁ ନିଶା ଲାଗିଆସିଲଣି । ସରାଇଘରେ ସେଦିନ ଯେମିତି ବୋଧ [illegible] ବୋଧ ହେଲାପରି ଲାଗୁଚି । ତା'ର

Digitized by srujanika@gmail.com

ମନେହେଲା, ସତେ ଯେପରି ସେ ଆପଣାର ସାଙ୍ଗସରିସାମାନଙ୍କ ସାଥିରେ କଥାବାର୍ତ୍ତା କରୁଚି ! ଭାରି ଉଶ୍ୱାସ ମନରେ ସେ ଆପଣା କୁରୁତାରୁ ଗୋଟାଏ ଦୁଇଟା ବୋତାମ ଫିଟାଇଦେଲା, ଗୋଡ଼କୁ ଫରକଟା କରି ଲମ୍ୱାଇଦେଲା ଓ ବେଞ୍ଚଉପରେ ହାତକୁ ବାଡ଼େଇ ପାଟିକରି କହିଲା—

‘‘ମୋତେ ଆଉ ଅଧିକ ଚାରି ରବଲ୍ ମିଳିବ, ତେବେଯାଇ ମୁଁ ତୁମଘରେ ରହିବି !’’

‘‘ନିଶାକୋରରେ ତୋ’ର ମୁଣ୍ଡ ଖରାପ ହୋଇଗଲାଣି’’—ବୋରିନା ପ୍ରତିବାଦ କରି ଉତ୍ତର ଦେଲା । କିନ୍ତୁ ବୋରିନା ଆଉ ହଟିଲାନାହିଁ । ଏପର୍ଯ୍ୟନ୍ତ ମନଭିତରେ ସେ ଯେଉଁ ଇଚ୍ଛାର ସ୍ୱପ୍ନ ଦେଖୁଥିଲା, ଥରେ ଯେତେବେଳେ ତାହା ମୁହଁରୁ ବାହାରି ପଡ଼ିଲାଣି, ତେବେ ସେ ଆଉ ହଟିବ କାହିଁକି ? ସାଥୀଙ୍କର କଥାକୁ ସେ ଆଦୌ କାନକୁ ନେଲାନାହିଁ । ତା’ର କଳ୍ପନାଉପରୁ ତା’ର ସମସ୍ତ ଲଗାମ ଖସିଗଲା, ମନପକ୍ଷୀ ଡେଣା ମେଲାଇ ଉଡ଼ିବାରେ ଲାଗିଲା, ଆପଣାଉପରେ ତା’ର ବିଶ୍ୱାସ କ୍ରମେ ବଢ଼ିବାକୁ ଆରମ୍ଭକଲା, ସେ ଆପଣାକୁ ଠିକ୍ ଯେକୌଣସି ଚାଷୀ ପରି କ୍ଷମତାଶାଳୀ ଅନୁଭବ କରିବାକୁ ଲାଗିଲା ।

‘‘ହଁ ହଁ, ଚାରି ରବଲ୍ ହେଲେ ଯାଇ ମୁଁ ରହିବି । ନହେଲେ ତୁମେ ଆଉକାହାକୁ ଠିକ୍ କର, ମୁଁ ସିଧା ମେଳାକୁ ଚାଲିଯିବି, ସେଠି ମୋତେ କେତେକେତେ କାମ ମିଳିବ । ସେଠି ମୋତେ ସମସ୍ତେ ଚିହ୍ନିଚନ୍ତି । ସମସ୍ତେ ମୋର ନିଷ୍ଠା କଥା ଜାଣିଚନ୍ତି, ଘରେ ହେଉ କି ଖେତରେ ହେଉ, ଯେକୌଣସି ଚାଷକାମରେ ମୁଁ କଦାପି ହଟିଯିବିନାହିଁ ବୋଲି ସମସ୍ତେ ଭଲକରି ଜାଣିଚନ୍ତି । ଆରେ, କେତେକେତେ ଚାଷୀ ମନକଲେ ମୋ’ଠାରୁ କାମ ଶିଖିବାକୁ ଆସିବେ ! ମୁଁ ଗାଈଗୋରୁଙ୍କର କିପରି ହିପାଜତ ନେଇପାରେ, ସେକଥା ଶିଖିବାକୁ ଆସିବେ । ଚାଷ ନହେଲେ ମୋତେ ତ ଶିକାର କରିବା ମଧ ଜଣାଅଛି । ପାଦ୍ରିଙ୍କ ପାଇଁ ହେଉ ବା ଯାଙ୍କେଲ୍ ପାଇଁ ହେଉ, ମୁଁ ଚଢ଼େଇ ମାରି ଆଣିଦେବି ନହେଲେ...’’

‘‘ତା’ର ବଢ଼ିଆପଣ ଦେଖ’’—ବୁଢ଼ା ଗର୍ଜନ କରି କହିଲା—‘‘ଦେଖ, ତା’ର ଛୋଟାଗୋଡ଼ଟା କିପରି ନାଚିବାରେ ଲାଗିଚି, ଦେଖ !’’

ଏତିକି ଅପମାନରେ କୁବାର ସବୁ ତାନ ଘର ଧରିଲା, ତା’ର ସ୍ୱପ୍ନମଗ୍ନତା ଏକାବେଳେକେ ଭାଙ୍ଗିଗଲା । ଆପଣାର ବାହାଦୁରୀ ବଖାଣିବା ତା’ର ଏତିକିରେ ବନ୍ଦ ହୋଇଗଲା । ତଥାପି ଥରେ ଯାହା କହିଚି, ସେଥିରୁ ପଦେହେଲେ ନଇଁଲାନାହିଁ, ଏକାଜିଦ୍ କରି ଆଣ୍ଠିବସିଲା । ବୋରିନା କମାଇ କମାଇ ଶେଷକୁ ଅଧିକା ତିନି ରବଲ୍‌ରେ ଆସି ଦରମା ଛିଣ୍ଡାଇଲା—କଥାହେଲା ଦରମା ବ୍ୟତୀତ ସେ ଦୁଇଖଣ୍ଡ ନୂଆ କୁରୁତା ମଧ ପାଇବ ।

‘‘ତୁ ସତେ କେଡ଼େ ଅବାଗିଆ ମଣିଷ କହିଲୁ ?’’—ଶେଷ ରାଜିନାମାଟି ଲାଗି ସମ୍ମାନ ଜଣାଇ କୁବା ସହିତ ଆଉଟୋପାଏ ମଦ ପିଉପିଉ ବୋରିନା କହିଲା । ଏବର୍ଷ ଏତେଗୁଡ଼ାଏ ବେଶୀ ଖରଚ କରିବାକୁ ହେବ ବୋଲି ଅବଶ୍ୟ ଭିତରେ ତା’ର ମିଜାଜଟା ଭାରି ବିଗିଡ଼ି ଯାଇଥାଏ । ତଥାପି କୁବା ପରି ଚାକରଲାଗି ଏତକ ଅଧିକ ଖରଚ ହେଲେ ମଧ ବେଶୀ କ୍ଷତି

Digitized by srujanika@gmail.com

ହେବନାହିଁ । ଖେତକାମରେ ସେ ଦୁଇଟା ମଣିଷଙ୍କର କାମ କରିଦେବ । ପୁଣି ବୋକଟା ଭାରି ସଚୋଟ, ମିଛ ନାହିଁ କି ଭୁରୁଡ଼ ନାହିଁ, ଗୋରୁଗାଈଙ୍କ ଉପରେ ସାଆନ୍ତଠାରୁ ମଧ ତା'ର ଅଧିକ ନିଘା ।

ଆଉ ଗୋଟାଏ ଦୁଇଟା କଥା ଠିକ୍ ହୋଇସାରିବା ପରେ କୁବା ଉଠିଯିବାକୁ ବାହାରୁଥିଲା, ମାତ୍ର କବାଟ ପାଖରେ ପହଞ୍ଚି ପୁଣି ପଛକୁ ମୁହଁ ବୁଲାଇ ବଲବଲ କରି କହିବାକୁ ଲାଗିଲା—

"ତା'ହେଲେ ଏବର୍ଷ ପାଇଁ ଏଇ ରାଜିନାମା ହେଲା, ନା ?—ଅଧିକା ତିନିରବଲ୍ ଆଉ ଦୁଇଖଣ୍ଡ କୁରୁତା । କିନ୍ତୁ ମୋର ଆଉ ଗୋଟାଏ କଥା ନେହୁରା କରିବାର ଅଛି । ଏବର୍ଷ ତୁମେ ଘୋଡ଼ାଛଡ଼ାକୁ ମୋଟେ ବିକନାହିଁ ! ମୋର ଥିବାବେଳେ ସେ ଜନ୍ମ ହୋଇଚି —ଜନମ ହେଲାବେଳେ ନିଜର ମେଣ୍ଢାଛାଲରେ ଘୋଡ଼ାଇଦେଇ ମୁଁ ତାକୁ ଉଷୁମ ଦେଇଚି, ନହେଲେ ବିଚାରୀ କାଲୁଆ ହୋଇ ଖତମ ହୋଇଯାଇଥାନ୍ତା । ବର୍ତ୍ତମାନ ତୁମେ ତାକୁ ଇହୁଦୀ ହାତରେ ଦେବ କି କଂସେଇ ହାତ୍‌ରେ ଦେବ, ତା'ର ନରଖର ମୁଁ ଆଖିରେ ଦେଖିପାରିବିନାହିଁ । ଗୋଟାଏ ଘୋଡ଼ା ଆଗରେ ଜଣେ ମଣିଷ ମଧ କିଛି ନୁହେଁ । ଏବର୍ଷଟା ସବରାତ କରିଯା', ସେଇଟାକୁ ବିକନାହିଁ ।"

"କିନ୍ତୁ ମୁଁ ତାକୁ ବିକିବି ବୋଲି ତୋତେ କିଏ କହିଲା ?"

"ସେଦିନ ସରାଇଘରେ ମୁଁ ଶୁଣିଆସିଲି—ଲୋକେ କଥାବାର୍ତ୍ତା ହେଉଥିଲେ ।"

"ଲୋକଙ୍କର ତ ଆଉ କାମ ନାହିଁ ! ତେଣୁ ଏସବୁ କଥାବର୍ତ୍ତା ନହେଲେ ଖାଇବା ହଜମ ହେବ କିପରି ? ସବୁକଥା ଯାଇ ଆଗ ସେଇମାନଙ୍କୁ ଜଣା ହୋଇଯାଉଚି !"

କୁବାର ମନ ଆନନ୍ଦରେ କୁଣ୍ଢେମୋଟ ହୋଇଗଲା । ସେହି ଆନନ୍ଦର ଉତ୍ତେଜନାରେ ସାହସ କରିଥିଲେ ହୁଏତ ସେ ତତ୍‌କ୍ଷଣାତ୍ ଯାଇ ସାଆନ୍ତଙ୍କର ଆଣ୍ଠୁକୁ ଧରି ଆଲିଙ୍ଗନ କରି ପକାଇଥାନ୍ତା । କିନ୍ତୁ ରାତି ଅନେକ ହୋଇଗଲାଣି, ଏଥର ଶୋଇବାକୁ ଯିବାକୁ ହେବ । ପୁଣି କାଲି ମେଳାଟା ବି ରହିଚି !

* * *

ତା'ଆରଦିନ ସକାଳେ କୁକୁଡ଼ା ଦୁଇଥର ଡାକୁ ନଡାକୁଣୁ ଟାଇମୋଭ୍‌କୁ ଯିବାର ସାନବଡ଼ ସବୁ ରାସ୍ତା ମଣିଷଗହଳିରେ ଭରପୂର ହୋଇଉଠିଲା । ଆଜି ସମସ୍ତେ ଟାଇମୋଭ୍ ଯିବାକୁ ବାହାରିଚନ୍ତି !

ପାହାନ୍ତା ପହରକୁ ମୁନ୍ଦାଏ ପାଣି ମଧ ବରଷି ଯାଇଚି । ପୂର୍ବଦିଗରେ ଟିକିଏ ଟିକିଏ ସିନ୍ଦୂରା ଫାଟି ଆସିଲାଣି, କିନ୍ତୁ ଆକାଶଯାକ ମାଟିଆ ରଙ୍ଗର ମେଘମାନ ଘୋରାଘୋରା କରି ରହିଚି । ଖେତଉପରେ କୁହୁଡ଼ି କିରିଚି, ଠିକ୍ ଗୋଟାଏ ମୋଟା କେରପାଲ ପରି ଓଦା ଧୂସରରଙ୍ଗ ହୋଇ ଝୁଲିକରି ରହିଥିବାପରି ମନେ ହେଉଚି । ରାସ୍ତାର ଖାଲଖମାମାନଙ୍କରେ ପାଣି ଜମିଯାଇଚି ।

Digitized by srujanika@gmail.com

ସେମାନେ ସମସ୍ତେ ବଡ଼ିଭୋରୁ ଲିପ୍‌କାରୁ ବାହାରି ପଡ଼ିଥିଲେ ।

ଗିର୍ଜା ସେପାଖରୁ ଆରମ୍ଭ କରି ଜଙ୍ଗଲ ପର୍ଯ୍ୟନ୍ତ ପପ୍‌ଲାର ଗଛର ଧାଡ଼ିଲାଗିଥିବା ରାସ୍ତା ଉପରେ ଆଜି କେତେ ଗାଡ଼ିର ଧାଡ଼ି ଲାଗିରହିଚି ଏବଂ ଦୁଇପାଖଯାକ ନାଲିଆ ବ୍ଲାଉଜ୍ ଓ ଧଳାକୁରୁତାର ଝଲମଲରେ ଝଟକି ଉଠୁଚି ।

ଏ ଭିଡ଼ ଦେଖି ମନେହେଉଚି ଯେପରି ଗାଆଁଟାଯାକ ଆଜି ଯାତ୍ରା ଦେଖି ବାହାରିଚି !

ଅଳପ ଥିଲାବାଲା ଛୋଟିଆ ଚାଷୀମାନେ ପାଦରେ ଚାଲିଚାଲି ଯାଉଚନ୍ତି—ସେମାନଙ୍କ ସହିତ ସ୍ତ୍ରୀଲୋକ, ଚାକରବାକର ଓ ଝିଅମାନେ ମଧ ଚାଲିକରି ଯାଉଚନ୍ତି । ଏହି ଯାତ୍ରାରେ ଠିକାକାମ ମିଳିବାର ଭାରି ସମ୍ଭାବନା ରହିଥିବାରୁ ନିତି ମୂଲଲାଗି ଖାଇବା ମୂଲିଆମାନେ ମଧ ସେଠାକୁ ଯାଉଚନ୍ତି ।

କିଏ କିଣିବାକୁ ଯାଉଚି ତ ଆଉ କିଏ ବିକିବାକୁ ଯାଉଚି, ପୁଣି ଆଉକିଏ କେବଳ ଯାତ୍ରା ଦେଖିବାକୁ ହିଁ ବାହାରିଚି ।

କିଏ ହାତରେ ଥିବା ପଘାରେ ଗାଈଟାଏ କି ଦାମୁଡ଼ିଟାଏ ବାନ୍ଧିକରି ଚାଲିଚି, କିଏ ଆଗରେ ପଲେ ମେଣ୍ଢା ଅଡ଼ାଇ ଅଡ଼ାଇ ଯାଉଚି, ଆଉ କିଏ ମାଆସହିତ ପଲେ ଛୁଆ ଘୁଷୁରିଙ୍କର ପଛେପଛେ ଚାଲିଚି ବା ପଲେ ବତକ ଅଡ଼ାଇ ଚାଲିଚି । କିଏ ଗୋଟାଏ ମୁରୁକୁଟିଆ ଘୋଡ଼ା ଉପରେ ବସି ଯାଉଚି, କାହାର ଅଣ୍ଟିଭିତରୁ ଗୋଟାଏ ଗଞ୍ଜାକୁକୁଡ଼ାର ନାଲିଆ ଚୂଳ ବାହାରକୁ ଦିଶିଦିଶି ଯାଉଚି । ଗାଡ଼ିଗୁଡ଼ାକରେ ମଧ କେତେରକମର ମାଲ ବୋଝାଇ ହୋଇଚି । ଚାଞ୍ଚ ବା ପାଳରେ ତିଆରି ହୋଇଥିବା ଲୋଦର ଭିତରୁ କୋଉ ଗାଡ଼ିରେ ଗୋଟାଏ ଘୁଷୁରି ଥୋଡ଼ି ବାହାରକରି ବୋବାଳି ଛାଡ଼ିଚି, ତା'ର ବୋବାଳିରେ ତରକିଯାଇ ବତକଗୁଡ଼ାକ କେଁକଟର କରି ଉଠୁଚନ୍ତି—ମାଲିକମାନଙ୍କର ପିଛା ଧରି ଚାଲିଥିବା କୁକୁରଗୁଡ଼ାକ ମଧ ସମସ୍ୱରରେ ରଡ଼ିଦେବାରେ ଲାଗିଚନ୍ତି ।

କିନ୍ତୁ ରାତି ପାହି ଭଲକରି ଫରଚା ହୋଇଗଲାପରେ ଯାଇ ବୋରିନା ଘରୁ ବାହାରିଲା । ୟୁକ୍‌କା ଆଉ ହାଙ୍କା କୋଉ ପାହାନ୍ତାରୁ ଉଠି ବାହାରି ଚାଲିଗଲେଣି—ସେମାନେ ଗଲାବେଳେ ମାଈଘୁଷୁରି ଓ ଖାସିକୁ ନେଇ ଯାଇଚନ୍ତି, ଗାଡ଼ିରେ ଲଦି ଆନ୍ତେକ୍ ଦଶବସ୍ତା ଗହମ ଓ ପାଞ୍ଚପସୁରି ଘାସମଞ୍ଜି ନେଇ ଯାଇଚି । କେବଳ କୁବା, ଭିତେକ୍ ଆଉ ୟଗୁଷ୍ଟିଙ୍କା, ଏହି ତିନିଜଣ ଘରେ ଅଛନ୍ତି । ସେମାନେ ଆଜି ଘରେ ରହି ଗାଈ ଦୁହିଁବେ ଓ ରାତିପାଇଁ ଭୋଜନ ପ୍ରସ୍ତୁତ କରି ରଖିବେ ।

ଯାତ୍ରାକୁ ଯିବାପାଇଁ ଭିତେକ୍‌ର ମନ ଭାରି ଛକପକ ହେଉଥାଏ, ତେଣୁ ସେ ଗୁହାଳଘର ବାହାରେ ବସି ସାଆନ୍ତକୁ ଶୁଣାଇ ରାଉରାଉ ହେଉଥିଲା ।

''ତୋ'ର ପୁଣି ଏତେ ଦିମାକ କାହିଁକି ବାହାରୁଚି ?''—ତୋଡ଼ ଦେଖାଇ ବୋରିନା କହିଲା ଏବଂ ଶୂନ୍ୟରେ କ୍ରସ୍‌ଚିହ୍ନ ଅଙ୍କିତ କରି ଅନୁକୂଳ କରି ବାହାରିଲା । ସେ ପାଦରେ ଚାଲିଚାଲି ଯିବ, ଅବଶ୍ୟ ବାଟରେ କିଏ ଆପଣା ଗାଡ଼ିରେ ଉଠାଇନେଲେ ସେକଥା ନିଆରା ।

Digitized by srujanika@gmail.com

ଠିକ୍ ସେହିକଥା ହିଁ ଘଟିଲା—ସରାଇଘର ଡେଉଁ ନଡେଉଁଣୁ ଗିର୍ଜାରେ ବାଜା ବଜାଇବାରେ ନିଯୁକ୍ତଥିବା ଲୋକଟି ଦୁଇଟି ଘୋଡ଼ା ଯୋଚା ଆପଣାର ଗାଡ଼ିଟି ଧରି ପଛରୁ ଯାଇ ତାକୁ ହାବୁଡ଼ିଗଲା ।

"କିଓ ମାଥିଆସ୍, ତୁମେ ଚାଲିଚାଲି ଯାଉଚ ?"

"ହଁ , ଟିକିଏ ଗୋଡ଼ଦୁଇଟାକୁ ଖେଳାଇ ବାହାରିଚି । ନମସ୍କାର !"

ଗାଡ଼ିଭିତରୁ ଘରଣୀ କହିଲା, "ଇଏ କୋଉଆଡ଼ର କଥା ମ ? ତୁମେ ଗାଡ଼ିଉପରକୁ ଉଠି ଆସିବଟି, ଏଠି କେତେ ଜାଗା ଅଛି !"

"ଅନେକ ଧନ୍ୟବାଦ । ମୁଁ ତ ଚାଲିକରି ଯିବିବୋଲି ବାହାରିଥିଲି , କିନ୍ତୁ", ସେ ଉଠିପଡ଼ି ଘୋଡ଼ାଙ୍କ ଆଡ଼କୁ ପିଠିକରି ଆଗପଟେ ଯାଇ ବସିଲା ।

"ଆଜି ତେବେ ୟାନେକ୍ ଇସ୍କୁଲକୁ ନଯାଇ ଯାତ୍ରା ଦେଖି ବାହାରିଚି ?"— ଚାକର ସହିତ ଆଗରେ ବସି ଘୋଡ଼ା ଅଡ଼ାଇ ଯାଉଥିବା ଗୋଟିଏ ବାଳକକୁ ଉଦ୍ଦେଶ୍ୟ କରି ବୋରିନା କହିଲା ।

ବାଳକଟି ଉତ୍ତର ଦେଲା, "ହଁ , ଯାତ୍ରା ଦେଖି ଯାଉଚି । ହାତରେ ଥିବା ଗୋଟିଏ ଡିବା ଆଗକୁ ବଢ଼ାଇଦେଇ ବାପ କହିଲା— "ଫରାସୀ ନାସ, ଭାରି ବଢ଼ିଆ ନାସ, ଚୁମୁଟାଏ ନିଅ !" ଦୁହେଁ ନାସ ଟାଣିଲେ ଏବଂ ଦୁହେଁଯାକ ଛିଙ୍କିବାକୁ ଲାଗିଲେ ।

"ଆଉ ସବୁ ଖବର କ'ଣ କହିବଟି ? କ'ଣ କିଛି ବିକାବିକି କରି ବାହାରିଚ ?"

"ନା—ସେପରି କିଛି ନୁହେଁ । କିଛି ଗହମ ଆଗରୁ ପଠାଇ ଦେଇଚି । ଝିଅମାନେ ଘୁଷୁରି ଧରି ମଧ୍ୟ ଯାଇଚନ୍ତି ।"

"ମନ୍ଦ ନୁହେଁ, ମନ୍ଦ ନୁହେଁ !" —ଘରଣୀ ଜବାବ ଦେଲା । "ୟାନେକ୍, ଏଇ କମ୍ଫଟ୍‌ଟାକୁ ନେଇ ବେକରେ ବାନ୍ଧିଦେ, ଭାରି ଥଣ୍ଡାପାଗ ହୋଇଚି !"

"ନା—ମୋର କିଛି ହେବନାହିଁ ।"—ୟାନେକ୍ ଉତ୍ତରରେ କହିଲା । କିନ୍ତୁ ମାଆ ଏକା ଜିଦ୍ ଧରି ତାକୁ କମ୍ଫଟ୍‌ଟି ବେକରେ ଗୁଡ଼ାଇ ବସିବାକୁ କହୁଥାଏ ।

ବୋରିନା କହିଲା, "କିନ୍ତୁ ମୋତେ କ'ଣ ଗାଡ଼ିଭଡ଼ା ଦେବାକୁ ପଡ଼ିବ ? ପାଖରେ ତ ମୋର ଜମାରୁ ପଇସା ନାହିଁ !"

"ମାଥିଆସ୍, ସେସବୁ କଥା କାହିଁକି ପଡ଼ିଚି ? ଭଡ଼ା ଦେବାକୁ ତମକୁ କିଏ କହୁଚି ? ଠାକୁରଙ୍କ ଦୟାରୁ ତୁମର ଏବେ କୋଉକଥାର ଅଭାବ ରହିଚି ?"

ଆଗରେ ଘରର ଚାକରଟା ବସିଚି । ତା'ରି ଆଗରେ ତାକୁ ଏପରି ଦୟା ଦେଖାଇହେବାଟା ଆଦୌ ଭଲ ଲାଗିଲାନାହିଁ । ତେଣୁ ସେ ତତ୍‌କ୍ଷଣାତ୍ ଆଗକୁ ଉହୁଙ୍କି ପଡ଼ି କାନପାଖରେ ଫୁସ୍‌ଫୁସ୍ କରି ପଚାରିଲା—

"ୟାନେକ୍ ଆଉ କେତେଦିନ ଇସ୍କୁଲକୁ ଯିବ ?"

"ମୋଟେ ଏଇ ଇଷ୍ଟର୍‌ଛୁଟି ପର୍ଯ୍ୟନ୍ତ ।"

Digitized by srujanika@gmail.com

''ପୁଣି ତା'ପରେ ? ତା'ପରେ ଘରେ ରହିବ ନା ହାକିମ ହେବାକୁ ଯିବ ?''

''ଘରେ ବସି ପୁଣି ସିଏ କରିବ କ'ଣ ? ଘରେ ତ ପଲେ ପିଲା, ଜମି ମୋଟେ ପନ୍ଦର ମାଣ । ସମୟ ତ ଭାରି ଖରାପ ପଡ଼ିଚି । ଗିର୍ଜାରେ ଅବଶ୍ୟ ଦିଅଁଲାଗି ଅନେକ ହେଉଚି, କିନ୍ତୁ ସେଥିରୁ ଯାହା ମିଳୁଚି, ସେତିକିରେ କ'ଣ ପେଟ ପୂରିଯିବ ?''

''ପୁଣି କବରଦିଆ ମଧ ଅଛି ତ ? ଲୋକମାନେ କ'ଣ କମ୍ ମରୁଚନ୍ତି ?'' —ବ୍ୟଙ୍ଗ କରି ବୋରିନା ପଚାରିଲା ।

''କବରଦିଆରୁ ଆମକୁ କ'ଣ ବା ମିଳୁଚି ? ଧନୀଲୋକ ତ ମରୁନାହାନ୍ତି, ଖାଲି ଗରିବଗୁଡ଼ାକ ହିଁ ମରୁଚନ୍ତି । କଦବା କୋଉଠି ଜଣେ ବଡ଼ଚାଷୀ ମଲେ ହୁଏତ ଆମର କିଛି ଆୟ ହୁଅନ୍ତା—କିନ୍ତୁ ତାହା ବରଷକରେ କେବଳ ଥରେ ଦୁଇଥରରୁ ବେଶୀ ନୁହେଁ ।''

''ଆଉ ଅଭିଷେକ ମାଜଣା ତ ଆଜିକାଲି ସପନପରି ହେଲାଣି । ସେଥିରେ ପୁଣି ଲୋକମାନେ ଦେହରୁ ମଳିଟାଏ ଦେବାକୁ ବି ରାଜି ନୁହନ୍ତି, ଠିକ୍ ଇହୁଦୀଙ୍କ ପରି ଆସି ଦରଦାମ୍ କରୁଚନ୍ତି !'' —ଘରଣୀ କହିଲା ।

''ହଁ, ସମୟଟା ମଧ ଭାରି ଖରାପ ପଡ଼ିଚି । ଲୋକମାନେ ଭାରି ଗରିବ ହୋଇଗଲେଣି ।'' —ବୋରିନା ଉତ୍ତର ଦେଲା ।

''ମଣିଷଗୁଡ଼ାକ ମଧ ଆଜିକାଲି ଆପଣାର ମୁକ୍ତି ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି—ନରକରେ ଘାଣ୍ଟି ହେଉଥିବା ସନ୍ତପ୍ତ ଆତ୍ମାଗୁଡ଼ିକ ବିଷୟରେ ସେମାନେ ଆଦୌ କିଛି ଭାବୁନାହାନ୍ତି !''

ଏତିକିବେଳେ ସ୍ୱାମୀ କହିବାକୁ ଆରମ୍ଭ କଲା—''ଲୋକମାନଙ୍କଠାରୁ ମଧ ଆମକୁ ଆଉ ସେପରି କିଛି ମିଳୁନାହିଁ । ଆଗେ ବରଷକେ କେତେଥର ଆମେ ଗାଆଁକୁ ମାଗୁଣି କରି ଯାଉଥିଲୁ । ଗହମ, ପଇସା ବା ପିଠାପଣା କରିବାଲାଗି ଅଟାଦେବାକୁ ସେତେବେଳେ କେହି ନାହିଁ ବୋଲି କହୁନଥିଲେ । କିନ୍ତୁ ଆଜି ଆଉ ସେକାଳ ପଖାଳ ଅଛି ? ସମସ୍ତେ ଆଜି ବଡ଼ କୃପଣ ହୋଇଗଲେଣି । କିଏ ପୋଷେ ମାଣ୍ଡିଆ ଦେଉଚି ତ ସିଏ ପୁଣି ମୂଷାଖିଆ—କିଏ ଯଅ ମାଣେ ଦେଉଚି ତ ସେଥିରେ ପୁଣି ଅଧକରୁ ବେଶୀ ଅଗାଡ଼ି, ଖାଲି ଚୋପା ! ଆମର ଯଦି ଆପଣାର ଅରାଏ ଜମି ନଥାନ୍ତା, ତେବେ ଆମକୁ କ'ଣ ପ୍ରକୃତରେ ଭିକ ମାଗିବାକୁ ପଡୁଥାନ୍ତା !'' — ନାସଡିବାଟାକୁ ପୁଣି ବୋରିନା ଆଡ଼କୁ ବଢ଼ାଇଦେଇ ସେ ଆପଣାର କଥା ଶେଷ କଲା ।

''ହଁ ହଁ, ସତକଥା !''—ବୋରିନା ଉତ୍ତରଦେଇ କହିଲା । କିନ୍ତୁ ସେ କ'ଣ ଓଲା ହୋଇଚି ଏଇ କଥାରେ ବିଶ୍ୱାସ କରିଯିବ ? ଏ ଲୋକଟି ପାଖରେ ଯେ ପଇସା ଅଛି, ସେକଥା ତାକୁ ଭଲକରି ଜଣା ଥିଲା । କିଛି ବ୍ୟାଙ୍କରେ ଅଛି , କିଛି ସୁଧପାଇଁ ଲଗାହୋଇଚି; କେତେକେତେ ଚାଷୀ ଏହାରିଠାରୁ କରଜ ନେଇଚନ୍ତି । ତେଣୁ ବର୍ତ୍ତମାନ ଏଇ ସାକୁଲା କଥାମାନ ଶୁଣି ସେ ମୁରୁକି ହସି ପୁଣିଥରେ ୟାନେକ୍ ବିଷୟରେ ପ୍ରଶ୍ନ କଲା ।

Digitized by srujanika@gmail.com

''ତୁମେ କ'ଣ ତାକୁ ସରକାରୀ ଅଫିସରେ କିରାନି କରି ପଠାଇବ ?''

''ତାକୁ —ଯାନେକ୍‌କୁ— ସରକାରୀ ଅଫିସ୍‌ରେ ? ଏତିକିରେ ତା'ର ପାଠପଢ଼ା ଶେଷ ହୋଇଯିବ ବୋଲି କ'ଣ ମୁଁ ତାକୁ ଆପଣା ପେଟରୁ କାଟି ପାଠ ପଢ଼ାଇଚି ? ନାଇଁ ନାଇଁ—ସେ ପାଦ୍ରି ହେବ ।''

''ପାଦ୍ରି ?''

''ହଁ ହଁ, ନହେବ କାହିଁକି ? ସେଥିରେ କ'ଣ ତା'ର କୌଣସି ଲୋକସାନ୍ ହେବ ? ସେ ପାଦ୍ରି ହେଲେ କାହାର ବା କ'ଣ ଲୋକସାନ୍ ହୋଇଯିବ ? କାହା ଦିହ କାହିଁକି ସହିବନାହିଁ ?''

''ନାଇଁ ନାଇଁ, ମୁଁ ସେକଥା କହୁନାହିଁ ଯେ —'' କ'ଣ ଗୋଟାଏ କଥା ଭାବୁଥିଲାପରି ବୋରିନା ଉତ୍ତର ଦେଲା ଓ ଅତ୍ୟନ୍ତ ସମ୍ମାନପୂର୍ଣ୍ଣ ଦୃଷ୍ଟିରେ ପଛରେ ବସିଥିବା ପିଲାଟି ଆଡ଼କୁ ଅନାଇଲା । ''ଇଏତ ଅତି ଗୌରବର କଥା । ପୁଣି ପାଦ୍ରି ହେଲେ ଆଉ ଅଭାବ କ'ଣ ଅଛି ?''

''ଲୋକେ କହୁଥିଲେ ପେଷଣିଆର ପୁଅ ଷ୍ଟାହୋ କୁଆଡ଼େ ପାଦ୍ରି ହେବାକୁ ଯାଉଥିଲା । କିନ୍ତୁ ବର୍ତ୍ତମାନ ଶୁଣିବାକୁ ପାଉଚି ଯେ ସେ କଲେଜରେ ଡାକ୍ତରୀ ପଢ଼ିବାକୁ ଯାଇଚି ।''

ଆଚ୍ଛା, ସେଇ ପାପୀଟା ପୁଣି ପାଦ୍ରି ହୋଇଥାନ୍ତା ? ହେ ଭଗବାନ୍ ! ମୋର ଚାକରାଣୀ ମାଗ୍‌ଡ଼ା ପରା ତା'ରି ଆଡୁ ଗର୍ଭ ହୋଇଚି ଯେ ଛୁଆ ଆସି ପେଟରେ ଛଅମାସ ହେଲାଣି !''

''କିନ୍ତୁ ଲୋକେ ତ କହୁଚନ୍ତି, ଖୋଦ୍ ପେଷଣିଆ ଆଡୁ !''

''ଲୋକେ କହୁନାହାନ୍ତି ଯେ ତା'ର ମାଆ କହୁଚି । କିନ୍ତୁ ତାହା କେବଳ ପୁଅର ନିନ୍ଦାକୁ ଘୋଡ଼ାଇ ରଖିବାକୁ । ପୁଅର କଥା କହିଲେ ସରିବନାହିଁ । ଭଗବାନ କରନ୍ତୁ, ଏପରି ଗୋଟାଏ ଚରିତ୍ରହୀନ ମଣିଷ ପାଦ୍ରି ନହେଉ । ହଁ—ଡାକ୍ତରହେଲେ ସେ ପ୍ରକୃତରେ ଭାରି ଉନ୍ନତି କରିବ ।''

ବୋରିନା ଏହିପରି ସେମାନଙ୍କର କଥା ଶୁଣୁଥାଏ ଓ ସେମାନଙ୍କୁ ପ୍ରସନ୍ନ କରି ରଖିବାକୁ ମଝିରେ ମଝିରେ ହଁ ମାରୁଥାଏ । ରାସ୍ତାରେ ଯାଉଥିବା କେତେଲୋକ ନମସ୍କାର ବୋଲି କହୁଥାନ୍ତି । ଗାଡ଼ି ବେଶ୍ ଗତିରେ ଆଗକୁ ଚାଲିଥାଏ । ରାସ୍ତାର ଗାଡ଼ି, ମଣିଷ ଓ ଗୋରୁଗାଈଙ୍କ ଭିତରେ ବାଟ କାଟି ଯାନେକ ଭାରି ନିପୁଣ ଭାବରେ ଗାଡ଼ି ଚଳାଇ ନେଇଯାଉଥାଏ । ଆଖର ସେମାନେ ଜଙ୍ଗଲକାଛରେ ଆସି ପହଞ୍ଚିଲେ । ଏଠି ସେତେବେଶୀ ଭିଡ ନଥିଲା, ରାସ୍ତା ମଧ ବେଶ୍ ଓସାରିଆ ଥିଲା ।

ସେଇଠି ସେମାନଙ୍କର ଡୋମିନିକଭା ସହିତ ଭେଟ ହେଲା । ଡୋମିନିକଭା ସହିତ ଝିଅ ୟଗନା ଓ ପୁଅ ସିମନ୍ ମଧ ଯାତ୍ରା ଦେଖି ଯାଉଥାନ୍ତି ଏବଂ ଗାଡ଼ି ପଛରେ ଗୋଟିଏ ଗାଈ ମଧ ବନ୍ଧାହୋଇ ଯାଉଥାଏ ଓ ଗାଡ଼ି ଭିତରୁ କେତୋଟି ଧଳା ଅଣ୍ଡିରା ବତକଙ୍କର ବେକ ସାପପରି ଲହଲହ ହେଉଥାଏ ।

Digitized by srujanika@gmail.com

ସେମାନେ ପରସ୍ପରକୁ ଅଭିବାଦନ ଜଣାଇଲେ ଏବଂ ଦୁଇଗାଡ଼ି ପରସ୍ପରକୁ ଅତିକ୍ରମ କରୁଥିବା ସମୟରେ ବୋରିନା ଆଗକୁ ଉହୁଙ୍କି ପଡ଼ି ସେମାନଙ୍କୁ କହିଲା— "ତୁମମାନଙ୍କର ଭାରି ବିଳମ୍ବ ହୋଇଯିବ !"

"ନାଇଁ, ବିଳମ୍ବ କାହିଁକି ହେବ ? ବର୍ତ୍ତମାନ ତ କେତେ ସମୟ ପଡ଼ିଚି !" ହସିକରି ଯଗନା ଉତ୍ତର ଦେଲା ।

ଗାଡ଼ି ଦୁଇଟା ପରସ୍ପରକୁ ଅତିକ୍ରମ କରିଯିବା ପରେ ୟାନେକ୍ ଅନେକବାର ପଛକୁ ମୁହଁ ବୁଲାଇ ଯଗ୍‌ନା ଆଡ଼କୁ ଅନାଇ ଦେଖିବାରେ ଲାଗିଥାଏ । ଶେଷରେ ସେ ପଚାରିଲା—

"ଇଏ କ'ଣ ସେଇ ଡୋମିନିକଭାର ଝୁଅ ଯଗ୍‌ନା ?"

ହଁ ହଁ, ଡୋମିନିକଭାର ଝୁଅ"—ବୋରିନା ଉତ୍ତର ଦେଲା । ସେ ମଧ୍ୟ ସେତେବେଳେ ଯଗ୍‌ନା ଆଡ଼କୁ ଅନାଇ ରହିଥାଏ । ସେମାନେ ସେତେବେଳକୁ ଅନେକ ପଛରେ ରହିଲେଣି ।

"ମୁଁ ଠିକ୍ ଚିହ୍ନିପାରିଲି ନାହିଁ । କାରଣ ପ୍ରାୟ ଦୁଇ ବର୍ଷ ତଳେ ଯାଇ ତା' ସହିତ ମୋର ଦେଖା ହୋଇଥିଲା ।"

"ଆଃ, ସେତେବେଳେ ତ ସିଏ ଭାରି ସାନ ଥିବ, ଠିକ୍ ସୁକୁମାର ପିଲା ଥିବ । ବର୍ତ୍ତମାନ ମଧ୍ୟ ତା'ର ବୟସ ଅତି କମ୍, କିନ୍ତୁ ବର୍ତ୍ତମାନ ତ ସିଏ କଅଁଳ ଘାସ ଖାଉଥିବା ଗୋଟାଏ ଛଡ଼ାପରି ବଢ଼ିଆଳ ହୋଇ ବଢ଼ିଚି !"

"ହଁ—ଦେଖିବାକୁ ସେ ପ୍ରକୃତରେ ସୁନ୍ଦର । ତା' ଉପରେ ଏତେ ଲୋକଙ୍କର ଶୁଭଦୃଷ୍ଟି ପଡ଼ିଚି ଯେ ପ୍ରାୟ ପ୍ରତ୍ୟେକ ସପ୍ତାହରେ ଭଡ୍‌କା ଭାର ନେଇ ତା'ଘରକୁ ମଣିଷ ଆସୁଚନ୍ତି— ପ୍ରସ୍ତାବ ନେଇ ଭଲଲୋକ ଆସୁଚନ୍ତି ।"

"କିନ୍ତୁ ସିଏ ସେମାନଙ୍କୁ କାହାରିକୁ ହେଲେ ଜବାବ ଦେବନାହିଁ । ବୁଢ଼ୀ ମନେ ମନେ ଭାବିଚି ଯେ ଦିନେ କୋଉଠୁ ଜଣେ ତହସିଲଦାର ମଧ୍ୟ ତା'ଘରକୁ ପ୍ରସ୍ତାବ ନେଇ ଆସିବ ଏବଂ ତା'ହେଲେ ବର୍ତ୍ତମାନ ମେଳାମେଳା ହେଉଥିବା ଚାଷୀମାନେ ହୁରୁଡ଼ି ପଳାଇବେ ।"— ୟାନେକ୍‌ର ମାଆ କହିଲା ।

"ନିଶ୍ଚୟ ନିଶ୍ଚୟ, ସେ ପଇଁତିରିଶ ମାଣ ଚାଷ ଥିବା ଚାଷୀର ଲାଖି ହୋଇପାରିବ ।"

"ମାଥିଆସ୍, ତୁମ ଆଖିରେ ଯଦି ଝିଅଟି ଏଡ଼େ ଯୋଗ୍ୟର ମନେ ହେଉଚି, ତେବେ ତୁମେ ମଧ୍ୟ ଭଲ ଲୋକ ପଠାଇ ଥରେ ଦେଖୁନା କାହିଁକି ? " ହସି ହସି ୟାନେକ୍‌ର ମାଆ କହିଲା । ତା'ପରେ ବୋରିନା ମୁହଁରୁ ଆଉ ପଦେ ସୁଦ୍ଧା କଥା ବାହାରିଲାନାହିଁ ।

"ତୁ ସହରୁଣୀ, ବଜାରୁଣୀ—ଏଠି ଗାଆଁକୁ ଆସି ତୁ ଭାରି କଥା କହି ଶିଖିଚୁ, ନା ? ଘର ଘର ବୁଲି ଚାଷୀମାନଙ୍କର ଘରେ ବସିଥିବା କୋଉ କୁକୁଡ଼ାର ପେଟତଳେ କେତେଟା ଅଣ୍ଡା ଅଛି, ସେକଥା ଅଣ୍ଡାଳି ଦେଖିବାରେ ତୁମେ ସବୁ ଭାରି ମୁହଁ ପାଇଯାଇଚ, ନା ? ଚାଷୀମାନଙ୍କଠାରୁ ପଇସା ଟାଣି ଭାରି ମୁହଁ ବଢ଼ିଯାଇଚି, ନା ? ମୋ'ପରି ଗୋଟାଏ ଚାଷୀକୁ ମଧ୍ୟ ବେଇଜତି କରି କହିବାକୁ ତୁମର ସାହସ ହେଉଚି । ଯଗ୍‌ନା ପରଘର ଝୁଅ, ତା'ପିଛାରେ

Digitized by srujanika@gmail.com

କାହିଁକି ତୁମେମାନେ ଲାଗିଛ ?''—ସେ ମନେ ମନେ ଭାବିଲା ଓ ଭାରି ରୁଷ୍ଟ ଓ ଉତ୍ତେଜିତ ଭାବରେ ସିଧା ଡୋମିନିକଭାର ଗାଡ଼ିଆଡ଼କୁ ଅନାଇରହିଲା । ଗାଡ଼ିଟା ସେତେବେଳକୁ ଅନେକ ପଙ୍କରେ ପଡ଼ିଗଲାଣି, ଗାଡ଼ିରେ ବସିଥିବା ମଣିଷମାନଙ୍କର ନାଲିଆ ପୋଷାକମାନ ଖରାପଡ଼ି ଦୂରରୁ ଚକଚକ ଦେଖାଯାଉଚି । ସେତେବେଳେ ୟାନେକ୍ ଛାଟମାରି ଘୋଡ଼ାଙ୍କୁ ଭାରି ଜୋର୍‌ରେ ଦଉଡ଼ାଇବାରେ ଲାଗିଥାଏ ଏବଂ ରାସ୍ତାର କାଦୁଅ ଉପରେ ଘୋଡ଼ାଙ୍କର ଖୁରା ଗଳିଯାଇ ବଡ଼ବଡ଼ ଗାତ ହୋଇଯାଉଥାଏ ।

ୟାନେକ୍‌ର ମାଆ କେତେକ'ଣ ଗପିଗପି ଯାଉଥାଏ । ବୋରିନା କିଛି ନକହି କେବଳ ମୁଣ୍ଡ ହଲାଇବାରେ ଲାଗିଥାଏ ବା ଅସ୍ପଷ୍ଟ ଭାବରେ କ'ଣ କେତେପଦ କହି ପକାଉଥାଏ — କିନ୍ତୁ ଆପଣାକୁ ଭାରି ସଂଯତ କରି ମୁହଁ ବନ୍ଦ କରି ବସିଥାଏ ।

ଜଙ୍ଗଲ ପାରିହୋଇ ସେମାନେ ସହର ରାସ୍ତାରେ ଯାଇ ପହଞ୍ଚିଲା ବେଳକୁ ବୋରିନା ଗାଡ଼ିଉପରୁ ତଳକୁ ଓହ୍ଲାଇପଡ଼ିଲା ଓ ତାକୁ ଗାଡ଼ିରେ ବସାଇ ଆଣିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଲା ।

''ସଞ୍ଜ ବୁଡ଼ିଲା ବେଳକୁ ଆମେ ଯାତ୍ରାରୁ ଫେରିବୁ''—ୟାନେକ୍‌ର ମାଆ କହିଲା ।

ବୋରିନା ଉତ୍ତର ଦେଲା, ''ନାଇଁ—ଅନେକ ଧନ୍ୟବାଦ । ମୋର ନିଜର ଘୋଡ଼ା ମଧ୍ୟ ଅଛି । ନହେଲେ ଲୋକେ ଦେଖିଲେ ଟାପରା କରି କହିବେ ଯେ ମୁଁ ବୋଧହଏ ଗିର୍ଜାରେ ବାଜା ବଜାଇବାର ସହକାରୀ ହୋଇ ରହିବାକୁ ମନ ବଳାଇଲିଣି । ତୁମେ ତ ଜାଣିଚ, ମୋତେ ଗୀତଗାଇ ଆସେନାହିଁ କି ଗିର୍ଜାର ବତି ନିଭାଇ ମଧ୍ୟ ଆସେନାହିଁ !''

ଛୋଟରାସ୍ତାରୁ ବଡ଼ରାସ୍ତାକୁ ଆସି ସେ ଶେଷକୁ ବଜାରରେ ଯାଇ ପହଞ୍ଚିଲା । ଭାରି ବଢ଼ିଆ ମେଳା ଲାଗିଚି, ମଣିଷଙ୍କର ଗହଳି ଲାଗିଗଲାଣି । ରାସ୍ତା, ଗଳି , ଅନ୍ଦିକନ୍ଦି ସବୁ ମଣିଷ, ଗାଡ଼ି, ଘୋଡ଼ା ଓ ଗାଆଁମାନଙ୍କରୁ ଆସିଥିବା କେତେକେତେ ସାମଗ୍ରୀରେ ଭରପୂର ହୋଇ ରହିଚି; ସତେଅବା କେଉଁ ବନ୍ୟାର ପ୍ଲାବନରେ ଭାସିଆସି କେତେକେତେ ମଣିଷଙ୍କର ନଦୀସ୍ରୋତ ଏଠାରେ ଏକାଠି ମିଶିବାରେ ଲାଗିଚନ୍ତି, ଲହଡ଼ିପରେ ଲହଡ଼ି ମାରି ଯେପରି ସେମାନେ ଗଳିରାସ୍ତାର ଘରଗୁଡ଼ିକୁ ଭୁଶୁଡ଼ାଇ ଦେବାକୁ ବସିଚନ୍ତି ଏବଂ ଶେଷକୁ ଆସି ମଠପାଖରେ ଥିବା ଛକଉପରେ ଆସି ଅଜାଡ଼ିହୋଇ ପଡୁଚନ୍ତି । ସହର ରାସ୍ତାରେ ମାଟିକାଦୁଅ ଟିକିଏ କମ୍—କିନ୍ତୁ ଆଜି ଏଠାରେ ହଜାର ହଜାର ପାଦର ମଛାଚକଟାରେ ଗୋଡ଼ ଗୋଇଠି ଯାଏ କାଦୁଅରେ ପଶିଯାଉଚି । ଗାଡ଼ିମାନଙ୍କର ଚକରୁ ପିଚିକି କାଦୁଅପାଣି ନାନାଦିଗକୁ ପଡ଼ିବାରେ ଲାଗିଚି ।

ଯାତ୍ରାର ଘୋ' ଘୋ' ଶବ୍ଦ ଯେପରି ପ୍ରତିମୁହୂର୍ତ୍ତରେ ମଧ୍ୟ ଅଧିକରୁ ଅଧିକ ହୋଇ ଚାଲିଚି । କୋଉଠି ବୋବାଉଥିବା ଗୋଟାଏ ଗାଈର ବୋବାଳି ବା ନାଗରଦୋଳିର ବୁଲିବା ସହିତ ବାଜୁଥିବା କୌଣସି ବାଜାର ଶବ୍ଦ ବା ଭିକମାଗି ବୁଲୁଥିବା ଯୋଗୀଭିକାରିଙ୍କର ଗୀତବୋଲିବା ଶବ୍ଦ ବ୍ୟତୀତ ଆଉ କିଛି ସ୍ପଷ୍ଟଭାବରେ ଶୁଣାଯାଉନାହିଁ ।

Digitized by srujanika@gmail.com

ପ୍ରକୃତରେ ଏହି ଯାତଟି ଭାରି ବଡ଼ଯାତ । ଭିଡ଼ ଭିତରେ ଆଗକୁ ଗୋଡ଼ ପକାଇବାର କୁ ନାହିଁ—ଛକ ଉପରେ ଯାଇ ପହଞ୍ଚିବାଲାଗି ଦୋକାନ ବଜାରର ମଣିଷଗହଳି ଭିତରେ ବୋରିନାକୁ କେତେ ଯେ ପେଲିପେଲି ଆଗକୁ ଯିବାକୁ ପଡ଼ିଚି, ସେକଥା ସିଏ ଜାଣେ ।

ଏହି ଯାତରେ ପୁଣି କେତେ ଚିଜ ଭରତିହୋଇ ରହିଚି, ସେକଥା କିଏ ସୁମାରିକରି କହିପାରିବ ?

ଦୁଇଧାଡ଼ି ପାଲ ଟଣାହୋଇ ବସିଥିବା ଦୋକାନ ଭିତରେ ସ୍ତ୍ରୀଲୋକମାନଙ୍କର ସାଜ-ପୋଷାକ, ଝାଡ଼ଣ ଓ ପପିଫୁଲ ପରି ନାଲିରଙ୍ଗର କେତେକ'ଣ ଲୁଗାପଟା ଖୁଣ୍ଟ ଉପରେ ଟଙ୍ଗାହୋଇ ଝୁଲୁଚି । ଅନାଇଲାବେଳକୁ ଆଖି କ'ଣ ହୋଇଯାଉଚି । ଆଉ ଗୋଟାଏ ଦୋକାନରେ ମେଲାଇ ଦିଆଯାଇଥିବା ପସରାରୁ ହଳଦିଆ ପୋଷାକମାନ ଝଟକି ଉଠୁଚି । ଏସବୁ ଦେଖି ମନେରଖିବାକୁ କାହାର ଶକ୍ତି ରହିଚି ?

ଏହିସବୁ ଦୋକାନରେ କେତେକେତେ ଝିଅବୋହୂ ଏପରି ଗହଳି କରି ଠିଆ ହୋଇଚନ୍ତି ଯେ ସେଠି ସୋରିଷଟାଏ ପକାଇବାକୁ ମଧ ଆଉ ଜାଗା ନାହିଁ । କିଏ ପସନ୍ଦ କରିବାରେ ଲାଗିଚି, କିଏ ଦରଦାମ୍ ଛିଣ୍ଡାଉଚି, କିଏ କେବଳ ଠିଆହୋଇ ଲୋଭାସକ୍ତ ନୟନରେ ଖାଲି ଅନାଇ ରହିଚି ।

ତା'ପରେ ଯୋଉସବୁ ଦୋକାନ ବସିଚି, ସେଥିରେ କେତେଭଳି ମାଳି, ଆଇନା, ନକଲି ଅଳଙ୍କାର, ବୁରୁଜୁ ଓ ନାଲି ନେଳି ସୁନେଲି ନାନାରଙ୍ଗର ଫୁଲମାନ ଚକ୍‌ଚକ୍ କରି ଉଠୁଚି, ଆଉ ଯେ କେତେକେତେ ସାମଗ୍ରୀ ରହିଚି, ସେକଥା ଭଗବାନ ଜାଣନ୍ତି ।

ଆଉ ଆଉ ଦୋକାନରେ ଠାକୁରଙ୍କର ମୂର୍ତ୍ତିମାନ ବିକାହେଉଚି । ସେସବୁ ଥାକଥାକ ହୋଇ ଠଣାରେ ସଜାହୋଇ ଏପରି ଜାକଜମକ ଦେଖାଯାଉଚି ଯେ ସେଠାକୁ ଆସି କେତେକେତେ ଚାଷୀ ଭକ୍ତିଭରେ ଆପଣା ମୁଣ୍ଡରୁ ଟୋପି କାଢ଼ି ପକାଉଚନ୍ତି ଏବଂ ଶୂନ୍ୟରେ ପବିତ୍ର କ୍ରସ୍‌ଚିହ୍ନ ଆଙ୍କିବାରେ ଲାଗିଚନ୍ତି ।

ୟୁଜ୍‌କା ଲାଗି ପ୍ରତିଶ୍ରୁତି ଦେଇଥିବା ଖଣ୍ଡେ ମୁଣ୍ଡବନ୍ଧା ରୁମାଲ କିଣି ସାରିବା ପରେ ବୋରିନା ଭିଡ଼ ଭିତରେ ଠେଲିପେଲି ବାଟକାଟି ମଠ ସେପାଖକୁ ବସିଥିବା ଘୁଷୁରି ହାଟରେ ଯାଇ ପହଞ୍ଚିଲା । ବାଟର ମଣିଷଭିଡ଼ କାଟି ଓ ଦୁଇପାଖରେ ସଜାହୋଇ ରହିଥିବା ଭଳିଭଳି ମନୋହରି ଦରବଉପରେ ଆଖି ପକାଇ ପକାଇ ଯାଉଯାଉ ତାକୁ ପ୍ରକୃତରେ ଅନେକ ସମୟ ଲାଗିଗଲା ।

ଆଗ ଟୋପି ଦୋକାନ, ତା'ପରେ ଜୋତାର ଦୋକାନ, ତା'ପରେ ଘୋଡ଼ା ଓ ଗାଡ଼ିର ସାଜମାନ ଓ ପୁଣି ତା'ପରେ ଦଉଡ଼ି, ଜାଲ ଓ କୁଲା ପାଚିଆର ଦୋକାନ । ତା'ସେପାଖକୁ କମାରଶାଳ ଓ ମୋଚିମାନଙ୍କର ବସିବା ଥାନ ।

ତା' ସେପାଖକୁ ଦରଜି ଓ ପୁଣି ତା' ସେପାଖକୁ ବଣିଆଙ୍କର ଦୋକାନ । ବଣିଆଦୋକାନରେ ବିକାହେଉଥିବା କେତେପ୍ରକାରର ମସଲାରେ ନାକ ଫାଟିଯାଉଚି ।

Digitized by srujanika@gmail.com

ଆଗକୁ ଶୀତଋତୁ ଆସୁଚି, ଘରେ ସବୁପ୍ରକାରର ମସଲା ସାଇତିକରି ରଖିବାକୁ ହେବ । ତେଣୁ ଏହିସବୁ ଦୋକାନମାନଙ୍କରେ କମ୍ ଗହଳି ଲାଗିନାହିଁ ।

ତାକୁ ପାରିହୋଇ ଗଲେ ମାଉଁସର ଦୋକାନ । ପାଲର ଛାତତଳେ ମେଣ୍ଢା ବନ୍ଧାହେବା ଦଉଡ଼ିପରି ଏଡ଼େ ମୋଟ ସସେଜ୍‌ମାନ ମାଳମାଳ ହୋଇ ଝୁଲୁଚି, ହଳଦିଆ ରଙ୍ଗର ଚର୍ବି ଓ ମହଣମାନ ମେଦ ହୋଇ ରହିଚି, ତା'ପରେ ଧୂଆଁ ଦିଆ ହୋଇଥିବା ଏବଂ ଲୁଣରେ କୁଆହୋଇଥିବା ଘୁଷୁରି ମାଉଁସ କୁଢ଼କୁଢ଼ ହୋଇ ଥୁଆହୋଇଚି । ଆଉଆଉ ଦୋକାନମାନଙ୍କରେ ଉପରୁ କଣ୍ଟାରେ ଟଙ୍ଗାହୋଇ ଗୋଟାଗୋଟା ମଲା ଘୁଷୁରି ଖାସି ଝୁଲୁଚନ୍ତି । ସେମାନଙ୍କର ଶରୀରରୁ ଥପଥପ ରକତ ବୋହିଯାଉଚି, ସେଇଥାକୁ ଦେଖି କେତେଟା ଟକଳା କୁକୁର ମଧ ଆସି ସେଠାରେ ଜମା ହେଉଚନ୍ତି ଏବଂ ଦୋକାନଦାରମାନେ ସେମାନଙ୍କୁ ଘଉଡ଼ାଇ ବାହାର କରିଦେବାକୁ ଚେଷ୍ଟା କରୁଚନ୍ତି ।

କଂସେଇମାନଙ୍କର ଦୋକାନ ସେ ପାଖକୁ ପାଉଁରୁଟିର ଦୋକାନ । ମଝିରେ ହୁତୁହୁତୁ ଜଳୁଥିବା ଭାଟିଭିତରେ ରୁଟି ସେକାହେବାରେ ଲାଗିଚି । ଟୋକେଇ, କୁଲା, ବାଉଁଶିଆ ଓ ଆହୁରି ନାନାକାଗାରେ କୁଢ଼କୁଢ଼ ପାଉଁରୁଟି ଭରତି ହୋଇ ରହିଚି, କେତେପ୍ରକାର କେକ୍ ଉପରେ ଅଣ୍ଡାର ହଳଦୀଅଂଶ ବୁଲାଇ ଦିଆହୋଇ ଚକଚକ ଦିଶୁଚି, ଆହୁରି କେତେପ୍ରକାର ବଡ଼ ଓ ସାନ ରୁଟିମାନ ସଜାହୋଇ ରହିଚି ।

ଖେଳନାର ଦୋକାନମାନ ଯାହାକୁ ଯେତେ । ତା'ପରେ ବହି ଦୋକାନ—ପାଞ୍ଜି, ଭଜନମାଳା, ସ୍ତୁତି, ଜଣାଣ, ଚୋରି ଡକାଇତିର ଗପ ଓ ପାରିଧିଗପ—ଯାହା ଖୋଜିବ ତାହା ମିଳିବ । ଇହୁଦୀ ବଣିଆମାନେ କେତେପ୍ରକାରର କଣ୍ଢେଇ ଓ ଖେଳନାର ବିପଣି ଖୋଲି ବସିଚନ୍ତି, ସେମାନଙ୍କର ଚବରଚବର ଘାଗରା ପାଟି କାନପାଖରେ ଡାଉଁଡାଉଁ ହୋଇ ବାଜୁଚି, କୋଉଠି ପେଁକାଳି ପେଁ କରି ଶୁଭୁଚି ତ କୋଉଠି ଚଢ଼େଇକୁ ଚିପିଦେଲେ କୁଁ କୁଁ ଶବ୍ଦ କରି ଉଠୁଚି । କୋଉଠି ବେଙ୍ଗବାଇଦ ଭଁ ଭଁ ବୁଲିବାରେ ଲଗିଚି ବା କୋଉଠି ଢୋଲ ବାଜା ଫଟଫଟ ହୋଇ ବାଜୁଚି । ମଣିଷ ତୁଣ୍ଡର କୋଳାହଳରେ ମୁଣ୍ଡ ଝାଇଁଝାଇଁ ହୋଇଯାଉଚି ।

ଛକ ମଝିରେ ଗଛ ଛାଇରେ କମାର ଓ କୁମ୍ଭାରମାନେ ଆପଣାର ଅଲଗା ବଜାର ଜମାଇ ବସିଚନ୍ତି । ତା'ପରେ ବଢ଼େଇମାନେ ଭଳିଭଳି କାଠର ସରଞ୍ଜାମମାନ ମେଲାଇ ଦେଇଚନ୍ତି ।

ଏହାବ୍ୟତୀତ ଗାଡ଼ିଉପରଠାରୁ ଆରମ୍ଭ କରି କାଛ, ବାଡ଼ ଆଉ ରାସ୍ତା ଦୁଇପାଖରେ ଥିବା ନଳାଉପର ପର୍ଯ୍ୟନ୍ତ ସ୍ତ୍ରୀଲୋକମାନେ ନାନାପ୍ରକାର ଚିଜ ବିକି ବସିଚନ୍ତି । କିଏ ଭୋଗେଇରେ ପୂରାଇ ବା ମାଳ ଛନ୍ଦି ପିଆଜ ବିକୁଚି, କିଏ ହାତତିଆରି କୁରୁତା ବିକି ବସିଚି, କିଏ ଅଣ୍ଡା, ଛେନା, ଛତୁ ବା କନାରେ ଗୁଡ଼ାହୋଇ ଥୁଆହୋଇଥିବା ନହୁଣିର ପସରା ମେଲାଇ ବସିଚି । କିଏ ଆଳୁ ବିକୁଚି, କିଏ ଦିଇଟା ବତକଙ୍କୁ ଆଗରେ ଧରି ବସିଚି, କିଏ ତା'ର ଓଲଗା ହୋଇଥିବା କୁକୁଡ଼ା ବିକିବାକୁ ଆଣିଚି, କୋଉଠି ପୁଣି ଝୋଟ ବିକାହେଉଚି । ଆପଣାଆପଣା

Digitized by srujanika@gmail.com

ପସରା ଆବୋରି ବସି ସମସ୍ତେ ପାଖରେ ବସିଥିବା ଆଉ ଲୋକମାନଙ୍କ ସହିତ ଖୁସୀଗପ କରିବାରେ ଲାଗିଚନ୍ତି, ସାଧାରଣତଃ ଯାନିଯାତରାରେ ଲୋକମାନେ ସଚରାଚର ଯେପରି କରିଥାନ୍ତି । କିନ୍ତୁ କେହି ଜଣେ କିଣିବାବାଲା ଆସି ପହଞ୍ଚିଗଲେ ସେମାନେ ଭାରି ଶାନ୍ତ ଓ ଗମ୍ଭୀର ଭାବରେ ସେମାନଙ୍କ ସହିତ କଥାବର୍ତ୍ତା କରୁଚନ୍ତି, ଠିକ୍ ଭଲ ଚାଷୀକୁଳର ଘରଣୀମାନଙ୍କ ପରି କଥାବାର୍ତ୍ତା କରୁଚନ୍ତି; ଏକାବେଳେକେ କଳହ, ଚିତ୍କାର ଓ ଠେଲାପେଲା ହାତଛଡ଼ାଛଡ଼ି କରୁଥିବା ମୁଣ୍ଡଖରାପ ଖଳ ଇହୁଦୀମାନଙ୍କର ଦୁର୍ବ୍ୟବହାର ଏଠାରେ ଆଦୌ ଦେଖିବାକୁ ମିଳୁନାହିଁ ।

କେତେ କେତେ ଜାଗାରେ ଭିତରେ ଜଳୁଥିବା ଚୁଲିମାନଙ୍କରୁ ଉପରକୁ ଧୂଆଁ ଉଠିବାକୁ ଲାଗିଚି । ଏଠି ଗରମ ଚାହା ବିକାହେଉଚି । ଆଉକୋଉଠି ତଟକା ଛଣା ବା ସେକାହେଉଥିବା ଖାଇବାଜିନିଷ ମଧ ମିଳୁଚି—ଗରମ ସସେଜ୍, ବନ୍ଧାକୋବି, କନ୍ଦମୂଳ ଓ ଆଳୁସିଝା ଯାହା ଖୋଜିବ ତାହା ।

ଭିକାରିମାନେ ପଲପଲ ହୋଇ ଚାରିଆଡ଼େ ବୁଲିବାରେ ଲାଗିଚନ୍ତି । ଅନ୍ଧ, ଛୋଟା, ଘୁଙ୍ଗା ବା କଣା କାହାରି ଅଭାବ ନାହିଁ । କାହାର ଗୋଟାଏ ଗୋଡ଼ ନାହିଁ ତ ଆଉ କାହାର ଗୋଟାଏ ହାତ ନାହିଁ । ମଫସଲର ଯାନିଯାତରେ ସବୁଠି ଏମାନଙ୍କୁ ପଲପଲ ହୋଇ ଦେଖିବାକୁ ମିଳେ । କିଏ କେଁ କେଁ କରି କେନ୍ଦରା ବଜାଉଚି, କିଏ ଭଜନ ଗୀତ ଗାଉଚି—ଆପଣା ହାତରେ ଧରିଥିବା କାଠକୁଣ୍ଡାଟିକୁ ହଲାଇ ହଲାଇ ସେମାନେ ପଇସା ଝମଝମ କରିବାରେ ଲାଗିଚନ୍ତି ।

ବୋରିନା ଚାରିଆଡ଼କୁ ଆଖିବୁଲାଇ ସମସ୍ତ ଦୃଶ୍ୟ ଦେଖିବାରେ ଲାଗିଥାଏ, ମନେମନେ ସେ ଅବାକ୍ ହୋଇପଡୁଥାଏ ଏବଂ କଦବା କେଉଁଠି ପରିଚିତ ବନ୍ଧୁବାନ୍ଧବଙ୍କ ସହିତ ଭେଟ ହେଲେ ଦଣ୍ଡେ ଠିଆହୋଇ କଥାବାର୍ତ୍ତା ମଧ କରୁଥାଏ । ଶେଷକୁ ମଠ ପାରହୋଇ ସେ ଘୁଷୁରିହାଟରେ ଆସି ପହଞ୍ଚିଲା । ବାଲିଆମାଟିର ଗୋଟିଏ ଖୋଲା ଓସାରିଆ ପଡ଼ିଆ , ମଝିରେ ମଝିରେ ପଲା ମରାହୋଇଚି । ମଠପାଚେରି କଡ଼େକଡ଼େ ବଡ଼ବଡ଼ ଓକ୍‌ଗଛ ପାଚେରି ଉପରେ ଭୀମକାୟ ଶାଖାପ୍ରଶାଖା ବିସ୍ତାରକରି ରହିଚି । ସେଇଠି ଛାଇଜାଗା ଦେଖି ଅନେକ ଲୋକ ଜମା ହୋଇଚନ୍ତି । ପାଖରେ ଗାଡ଼ିସବୁ ଥୁଆହୋଇଚି ଓ ତା'ଆଗକୁ ଯାତ୍ରାରେ ବିକା ହେବାଲଗି ଆସିଥିବା ଘୁଷୁରିପଲ ମଧ ଦୃଷ୍ଟିଗୋଚର ହେଉଚନ୍ତି ।

ତା'ରି ଭିତରୁ ୟୁକ୍‌କା ଓ ହାଙ୍କାକୁ ଖୋଜି ବାହାର କରିବାକୁ ତାକୁ ବେଶୀ ବେଳ ଲାଗିଲାନାହିଁ ।

''କିଛି ବିକିଲଣି ନା ନାହିଁ ?''

''ହଁ, କଂସେଇମାନେ ଆସି ମୂଲକରି ଯାଇଚନ୍ତି । କିନ୍ତୁ ସେମାନେ ଭାରି ଶସ୍ତାରେ କିଣିବାକୁ ଚାହୁଚନ୍ତି ।''

''ଘୁଷୁରିଙ୍କର ଭାଉ କେମିତି ହୋଇଚି ? କ'ଣ ଭାରି ଚଢ଼ା ?''

''ନା—ଯାତ୍ରାକୁ ଘୁଷୁରି ଆସିଚନ୍ତି ଅନେକ, କିନ୍ତୁ କିଣିବା ଲୋକ କମ୍ ।''

Digitized by srujanika@gmail.com

"ଲିପ୍‌କାରୁ ଆଉ କେହି ଆସିଚନ୍ତି ?"

"ହଁ, କ୍ଲେୟାଙ୍କ ଘରଲୋକେ ଛୋଟ ଛୋଟ କେତୋଟି ଘୁଷୁରି ନେଇ ଆସିଚନ୍ତି । ଡୋମିନିକଭାଉର ପୁଅ ସିମନ୍ ମଧ ଗୋଟାଏ ଘୁଷୁରି ନେଇ ଆସିଚି ।"

"ହଁ ଧଅସି ଧଅସି ଯାହା ବିକିବାର ବିକିପକାଅ । ପୁଣି ଯାତ୍ରା ଦେଖିଯିବ ନା ନାହିଁ ?"

"ଆମେ ତ କେତେବେଳୁ ଏଠି ବସିକରି ରହିଲୁଣି ।"

'ମାଇଘୁଷୁରିଟା ପାଇଁ ସେମାନେ କେତେ ଦେବାକୁ କହୁଚନ୍ତି ?'

"ତିରିଶି ରବଲ୍ । ସେମାନେ କହୁଚନ୍ତି ମାଈଘୁଷୁରିଟା କୁଆଡ଼େ ଆହୁରି ଟିକିଏ ମୋଟାସୋଟା ହୋଇଥାନ୍ତା । ଖାଲି ହାଡ଼—ଚର୍ବି ବୋଲି ଟିକିଏ ନାହିଁ ।"

"ସେମାନେ ତୁଚ୍ଛା ମିଛକଥା କହୁଚନ୍ତି । ତା' ଦେହରେ ଚାରିଆଙ୍ଗୁଳ ବହଳର ଚର୍ବି ରହିଚି ।" ଘୁଷୁରିର ପିଠି ଓ କଡ଼ପାଖରେ ହାତ ବୁଲାଇ ବୋରିନା ଉତ୍ତରଦେଲା । "ସାନ ଖାସିଟାର ଅବଶ୍ୟ ଚର୍ବି ହୋଇନାହିଁ, କିନ୍ତୁ ସେଥିରୁ ମାଉଁସ ବହୁତ ମିଳିବ ।"—କହି ବାଲି ଭିତରେ ଅଧେ ପୋତିହୋଇ ଶୋଇଥିବା ଖାସିଟାକୁ ସେ ହାତତରକା ଦେଇ ଠିଆ କରାଇଦେଲା ।

"ପଇଁତିରିଶ ରବଲ୍ ହେଲେ ଏଇଟାକୁ ବିକିଦିଅ । ମୁଁ ଏଇନାଗେ ଆନ୍ତେକ୍ ପାଖରୁ ହୋଇ ପୁଣି ଏଠାକୁ ତୁମମାନଙ୍କ ପାଖକୁ ଆସିବି । କିଛି ଖାଇବାକୁ ମନ ହେଉଚି କି ?"

"ଆମେ ସାଙ୍ଗରେ ଆଣିଥିବା ରୁଟିତକ ଶେଷ କରିସାରିଲୁଣି ।"

"ଆଚ୍ଛା, ମୁଁ କିଛି ସସେଜ୍ କିଣିଆଣି ଦେଉଚି । କିନ୍ତୁ ଘୁଷୁରି ଖାସିଟା ଯେପରି ଆଜି ଭଲ ଭାଉରେ କଟିଯାଏ ?"

"ବାପା, ଖରାଦିନେ ମୋତେ ଯେଉଁ ରୁମାଲ କିଣିଦେବବୋଲି କହିଥିଲ, ଆଜି କିଣି ଦେବନାହିଁ ?"

ବୋରିନା ତତକ୍ଷଣାତ୍ ଛାତିଭିତରକୁ ହାତ ଗଳାଇ କ'ଣ ବାହାର କରିବାକୁ ଯାଉଥିଲା, କିନ୍ତୁ ପୁଣି କ'ଣ ମନେକରି ହାତଟାକୁ ବାହାର କରିଆଣି କହିଲା— "ହଁ ହଁ, ଅବଶ୍ୟ, ଅବଶ୍ୟ !"

ସେ ତରତର ହୋଇ ସେଠୁ ବାହାରି ଚାଲିଗଲା, କାରଣ ଦୂରରୁ କେଉଁ ଗାଡ଼ିପାଖରୁ ସେ ଯଗ୍‌ନାର ମୁହଁ ଦେଖିବାକୁ ପାଇଲା । କିନ୍ତୁ ସେଠି ଯାଇ ପହଞ୍ଚୁ ପହଞ୍ଚୁ ଯଗ୍‌ନା ଭିଡ଼ଭିତରେ କୁଆଡ଼େ ଅଦୃଶ୍ୟ ହୋଇଯାଇଥିଲା । ବୋରିନା ଆଉ ଖୋଜି ଖୋଜି ଠାବ କରି ପାରିଲାନାହିଁ ।

ତେଣୁ ସେ ପୁଣି ଆନ୍ତେକ୍‌କୁ ଖୋଜି ବାହାରିଲା । କିନ୍ତୁ ଏଇ ଭିଡ଼ଭିତରେ ତାକୁ ଖୋଜି ବାହାର କରିବା କି ସହଜ କଥା ? ଘୁଷୁରିହାଟ ପାଖରୁ ବଜାର ଛକଯାଏ ଯାଇଥିବା ରାସ୍ତାଟି ଉପରେ ଗାଡ଼ିମାନ ଏପରି ଛନ୍ଦାଛନ୍ଦି ହୋଇ ରହିଚି ଯେ ସେସବୁ ଭିତରେ ବାଟ କାଟି ଯିବା ପ୍ରକୃତରେ କାଠିକର ପାଠ ହୋଇଯାଉଚି ।

ଏହିପରି ଖୋଜୁଖୋଜୁ ସେ ହଠାତ୍ ଆସି ଆନ୍ତେକ୍ ପାଖରେ ହାବୁଡ଼ିଗଲା । ଆନ୍ତେକ୍ ଗୋଟିଏ ଗହମ ବସ୍ତା ଉପରେ ବସି ଛାଟ ଧରି ଇହୁଦୀମାନଙ୍କର କୁକୁଡ଼ାପଲ ହୁରୁଡ଼ାଇବାରେ

Digitized by srujanika@gmail.com

ଲାଗିଚି । ଘୋଡ଼ା ଖାଉଥିବା ଆଖପାଖକୁ କୁକୁଡ଼ାଗୁଡ଼ାକ ବାରବାର ମାଡ଼ିମାଡ଼ି ଆସୁଚନ୍ତି । କୁକୁଡ଼ା ହୁରୁଡ଼ାଇବା ସଙ୍ଗେ ସଙ୍ଗେ ଏଣେ ସେ ଗର୍‌ହାକମାନଙ୍କ ସହିତ କଥାବାର୍ତ୍ତାରେ ମଧ ବ୍ୟସ୍ତଅଛି ।

''ମୁଁ ପରା ସାତ ବୋଲି କହିଲି, ସାତରୁ କଦାପି କମ୍ ହେବନାହିଁ ।''

''ମୁଁ ସାଢ଼େଛଅ ଦେବି । ଗହମଟା ଟିକିଏ ନୀରସ ଜଣାପଡୁଚି ।''

''କ'ଣ କହିଲୁ ? ନୀରସ ଜଣାପଡୁଚି ? ତୋ' ଅବର୍ଜିଆ ମୁହଁରେ ଗୋଟାଏ ମୁଥ ବସାଇଲେ ଯାଇ ସେଥିରେ ଯେତେ ରସ ଅଛି, ସବୁ ବାହାରି ପଡ଼ିବ । ମୋ' ଗହମକୁ ପୁଣି ତୁ ନୀରସ ବୋଲି କହିବୁ ?''

''ହଁ, ଗହମଟା ଟିକିଏ ପାଣି ଖାଇଯାଇଚି । ହଁ, ମୁଁ ମାପିକରି ନେବି ଆଉ ସାଢ଼େ ଛଅ ଭାଉରେ ଦେବି ।''

''ନାଇଁ—ମୁଁ ଓଜନ କରି ଦେବି, ଆଉ ସାତରେ ବିକିବି ।''

''କିନ୍ତୁ ବାବୁ ତୁ ଏପରି ଲାଲ ହୋଇଯାଉଚୁ କାହିଁକି କହିଲୁ ? କିଣିବି କି ନକିଣିବି, ସିଏ ତ ମୋର ଖୁସୀର କଥା । କିନ୍ତୁ ଦରଦାମ୍ ତ ପୁଣି କରିବାକୁ ପଡ଼ିବ ?''

''ତେବେ ଯାଆ ଆଉକୋଉଠି ଦରଦାମ୍ କରିବୁ !'' —ଗୋଟାକପରେ ଗୋଟାଏ ବସ୍ତା ଫିଟାଇ ପରୀକ୍ଷା କରି ଗହମ ଦେଖୁଥିବା ଇହୁଦୀମାନଙ୍କ ପ୍ରତି ସେ ଆଉ କୌଣସି ନିଘା ଦେଲାନାହିଁ ।

''ଆନ୍ତେକ୍, ମୁଁ ଟିକିଏ ମୋହରିର ପାଖ ହୋଇ ଆଖିପିଛୁଳାକେ ଆସୁଚି !''

''କ'ଣ ଜଙ୍ଗଲାଡ୍‌ର ଲୋକମାନଙ୍କ ନାଆଁରେ ନାଲିସ୍ କରିବାକୁ ?''

''କରିବିନାହିଁ-ଆଉ କ'ଣ ଛାଡ଼ିଦେବି ? ସେମାନେ ମୋର ଯେଡ଼େବଡ଼ କ୍ଷତିଟାଏ କରିଦେଲେ—''

''ତେବେ ଜଙ୍ଗଲ ଜଗୁଆଳକୁ ଗଛରେ ବାନ୍ଧି ଦିନେ ପିଟିପିଟି ତାକୁ ଗୋଗଛବାଡ଼ିଆ କରିଦେଲେ ତ ସବୁ କାମ ସିଦ୍ଧ ହୋଇଯିବ ।''

''ସେକଥା ତ ହେବ, କିନ୍ତୁ ଜଙ୍ଗଲାଡ୍‌ର ଲୋକମାନେ ତ ପୁଣି ସେମାନଙ୍କର ଭାଗ ପାଇବେ ନା ନାହିଁ ?''—ସେ କର୍କଶ କଣ୍ଠରେ କହିଲା ।

''ମତେ ସୁଉକାଏ ପଇସା ଦେବ ?

''କାହିଁକି ?''

''ଟୋପାଏ କ'ଣ ପିଇବି ଆଉ ଗଣ୍ଡାଏ କ'ଣ ଖାଇବି ।''

''ବାପର ବଟୁଆକୁ ତୋ'ର ସବୁବେଳେ ଭାରି ଲୋଭ ! ତୋ'ପାଖରେ କ'ଣ ମୋଟେ ପଇସା ନାହିଁ ?''

ରାଗରେ ଆନ୍ତେକ୍ ବାପଆଡୁ ମୁହଁ ବୁଲାଇ ଅନ୍ୟଆଡ଼େ ଅନାଇବାକୁ ଲାଗିଲା । ଆଉ ଯେତେ ଅନିଚ୍ଛା ରହିଥିଲେ ମଧ ବୁଢ଼ା ସୁଉକାଏ ପଇସା ବାହାରକରି ପୁଅକୁ ଦେଲା ।

Digitized by srujanika@gmail.com

''ହଁ, ଆପଣା ଦିହର ରକ୍ତକୁ ପଇସା କରି ଯେତେ ହାଡ଼ିବାଉରି ସମସ୍ତଙ୍କୁ ଦାନ କରିବ''—କଣରେ ଥିବା ଗୋଟାଏ ସରାଇଘର ଆଡ଼କୁ ଯାଉଯାଉ ଆନ୍ତେକ୍ ମନେମନେ ଭାବିବାକୁ ଲାଗିଲା । ସରାଇଘରେ କେତେକେତେ ଲୋକ ଜଳଖିଆ କରୁଥାନ୍ତି । ସରାଇଘର ଦୁଆରେ ଗୋଟିଏ ଛୋଟ ବଖରାରେ ମୋହରିର ବସାଘର । ମୋହରିର ଦେହରେ ଖଣ୍ଡିଏ ମାତ୍ର କୁରୁତା ଥାଏ, ଅଗାଧୁଆ ଓ ଅଲରାସଲରା ବେଶରେ ମୁହଁ ଭିତରେ ଗୋଟାଏ ପିକା କାମୁଡ଼ିଧରି ସେ ଝରକା ଆଡ଼କୁ ପଡ଼ିଥିବା ଟେବୁଲ ପାଖରେ ବସିଥାଏ । ଘରକୋଣରୁ ଗୋଟାଏ ହେଁସଉପରେ ଜଣେ ସ୍ତ୍ରୀଲୋକ କୋଟ୍ ଘେରିହୋଇ ଶୋଇରହିଥାଏ ।

''ବସ, ଏଇ ଚଉକି ଉପରେ ବସ !'' —ଚଉକି ଉପରେ ଥିବା ପୋଷାକମାନ ମାଟି ଉପରକୁ ପକାଇଦେଇ ସେ ବୋରିନାକୁ ବସିବାକୁ ନିର୍ଦ୍ଦେଶ ଦେଲା । ବୋରିନା ଗୋଟିଗୋଟି କରି ଆପଣାର ସମସ୍ତ କଥା ତାକୁ ବୁଝାଇ କହିବାକୁ ଲାଗିଲା ।

''କିନ୍ତୁ ପିଲାର ତ କିଛି ହୋଇନାହିଁ ।''

''ହେଲା ଏବେ ! କିନ୍ତୁ ତା' ଦିହ ଖରାପ ହୋଇଥିଲେ ପୁଣି କ'ଣ ହୋଇଥାନ୍ତା କହିଲ ? ଜଗୁଆଳି ତାକୁ ମାଡ଼ ମାରିଲା କାହିଁକି ?''

''ତାକୁ ତ ମାରିନାହିଁ, ପଡ଼ିଶାଘରର ଗାଈଆଳକୁ ମାରିଚି ।''

''ହେଲା ଏବେ—କିନ୍ତୁ ଆମେ ଏମିତି ବାଗରେ ଲେଖିବା, ଯେପରି ସେଥିରୁ ଜଣାପଡ଼ିବ ଯେ ଗାଈଟା ମରିଗଲା, ପିଲାଟାର ଦେହ ମଧ ଭାରି ଖରାପ ହେଲା । ଜଙ୍ଗଲାଦ୍ଙ୍କୁ ଏହାର କ୍ଷତିପୂରଣ ଦେବାକୁ ହିଁ ହେବ !''

''ହଉ, ସେଇଆ କରିଦିଅ । ମୁଁ କିଛି ଚାହୁନାହିଁ, କେବଳ ନ୍ୟାୟବିଚାର ଚାହୁଚି ।''

''ମୁଁ ସାଙ୍ଗେ ସାଙ୍ଗେ ତୋ'ର ଅର୍ଜି ଲେଖିଦେଉଚି । ହେ ଫ୍ରାଙ୍କା ! ମଣିଷଟାଏ ନା ଗଧଟାଏ !''—ତଳେ ଶୋଇଥିବା ସ୍ତ୍ରୀଲୋକଟିକୁ ଗୋଡ଼ରେ ହଲାଇଦେଇ ସେ ତାକୁ ଉଠାଇଦେଲା । ସ୍ତ୍ରୀଲୋକଟି ଆପଣାର ବାଳମୁକୁଳା ଝାମ୍ପୁରା ମୁଣ୍ଡକୁ ଉପରକୁ ଟେକିଲା । ''ଆଲୋ, ଆମପାଇଁ କିଛି ଭଡ୍କା ଆଉ କିଛି ଖାଇବାକୁ ନେଇଆ ।''

''ମୋ' ପାଖରେ ତ ଫଟା ପାହୁଲାଟାଏ ନାହିଁ । ତୁମେ ତ ଭଲକରି ଜାଣିଚ ଯେ ବିଶ୍ୱାସକରି ଆମକୁ କେହି ଉଧାର ଦେବେନାହିଁ''—ସ୍ତ୍ରୀଲୋକଟି ଆପତ୍ତି ଜଣାଇଲା ଏବଂ ହାଇମାରି ହେଁସ ଉପରୁ ଉଠି ଅଳସ ଭାଙ୍ଗି ଭିଡ଼ିମୋଡ଼ି ହେବାକୁ ଲାଗିଲା । ଦେଖିବାକୁ ଏଡ଼େବଡ଼ ଜବର ମାଇପିଟାଏ, ମୁହଁଟା ଠିକ୍ ଗୋଟାଏ ମଦପିଇଲା ଲୋକର ମୁହଁପରି ଫଣଫଣ ଦିଶୁଚି, କିନ୍ତୁ ଏଣେ କଣ୍ଠର ଶବ୍ଦ କୁନିପିଲାର କଣ୍ଠଶବ୍ଦଠାରୁ ମଧ ଅଧିକ ଚେଁ'ଚେଁ' ଶୁଭୁଚି ।

କାଗଜ ଉପରେ କଲମଟାକୁ ଚରଚର୍ର୍ କରି ମୋହରିର ଲେଖିବସିଲା । ଏଣେ ଫାସୁଫାସୁ କରି ମୁହଁଭିତରୁ ଧୂଆଁ ଉଡ଼ାଇ ସେ ପିକା ଟାଣୁଥାଏ ଓ ତା'ଆଡ଼କୁ ଏକାନିଘାରେ ଅନାଇ ରହିଥିବା ବୋରିନାର ମୁହଁ ଉପରେ ଧୂଆଁ ଛାଡ଼ିବାରେ ଲାଗିଥାଏ । ମଝିରେ ମଝିରେ

Digitized by srujanika@gmail.com

ଲେଖା ବନ୍ଦକରି ହାତରେ ହାତ ଘଷି ସେ ଫ୍ରାଙ୍କା ଆଡ଼କୁ ମୁହଁ ବୁଲାଇ ଅନାଉଥାଏ । ତା'ର ଆଗଦାନ୍ତ କେଇଟା ଭାଙ୍ଗିଯାଇଚି, ଓଠଦୁଇଟା କଳା ଦେଖାଯାଉଚି ।

ଅର୍ଜି ଲେଖା ସରିଲା । ଲେଖିବାର ଖରଚ ଗୋଟାଏ ରବଲ ଓ ଟିକଟ ପାଇଁ ଆଉଗୋଟାଏ ରବଲ୍ ଦେବାକୁ ପଡ଼ିଲା ଏବଂ ଆଉ ତିନିରବଲ୍ ଦେଲେ ସେ ଏହାକୁ ନେଇ କଚେରିରେ ଦାଖଲ କରିବ ବୋଲି ମୋହରିର ଜବାବ ଦେଲା ।

ଏସବୁ ଖରଚ ଓ କ୍ଷତିପୂରଣ ତ ଜଙ୍ଗଲାଡ୍ ଦେବ, ଏହିପରି ଭାବି ବୋରିନା କୌଣସି ଆପତ୍ତି ନକରି ପଇସାତକ ଗଣିଦେଲା ।

''ସଂସାରରୁ କ'ଣ ନ୍ୟାୟ ବୋଲି ଗୋଟାଏ ଜିନିଷ କୁଆଡ଼େ ଚାଲିଗଲା ?''—ଗଲାବେଳେ ସେ କହିକହି ଗଲା । ''ଏ କଚେରିରେ ନହେଲେ ମୁଁ ଉପର କଚେରିକୁ ଯିବି, ସେଠି ନହେଲେ ଆହୁରି ଉପରକୁ ଯିବି, କିନ୍ତୁ କଦାପି ଛାଡ଼ିଦେବିନାହିଁ ।'' ସେ ଅତ୍ୟନ୍ତ ଏକ୍‌ଜିଦିଆ କଣ୍ଠରେ କହିବାକୁ ଲାଗିଲା । ''ଯାହା ହକ୍ ମୋ'ର ହେଉଚି, ମୁଁ ତାହା ଛାଡ଼ିଦେବାକୁ ଯିବି କାହିଁକି ? ଆଉ ଛାଡ଼ିଦେବି କାହାକୁ ? ଯାହା ହାତରେ ଏତେଏତେ ଜଙ୍ଗଲ ରହିଚି, ଏତେଏତେ ଜମି ରହିଚି, ସେଇମାନଙ୍କୁ ? ନା—କଦାପି ନୁହେଁ !''

ବଜାରଭିତରକୁ ଯାଉଥିବାବେଳେ ତା'ର ମନଭିତରେ ଏହିସବୁ କଥା ଗୋଳେଇଘାଣ୍ଟି ହେଉଥାଏ । କିନ୍ତୁ ଟୋପିଦୋକାନ ଡେଇଁକରି ଗଲାବେଳେ ଯଗ୍‌ନା ସହିତ ତା'ର ସାକ୍ଷାତ ହେଲା ।

ମୁଣ୍ଡଉପରେ ଗୋଟାଏ ଗାଢ଼ନୀଳ ରଙ୍ଗର ଟୋପିପିନ୍ଧି ସେ ଠିଆ ହୋଇଥାଏ ଓ ଆଉ ଗୋଟାଏ ଟୋପି ମୂଲାଇବାରେ ଲାଗିଥାଏ ।

''ଦେଖିଲ ମାଥିଆସ୍, ଏ 'ହଳଦିଆ' * ଠକ କହୁଚି ଏଇଟା କୁଆଡ଼େ ଭାରି ଭଲ ଟୋପି ! ମୋତେ ଭଣ୍ଡିଦେବାକୁ ବସିଚି !''

''ବେଶ୍ ଖାସା ଟୋପିଟି । କାହାପାଇଁ, ଆଣ୍ଡ୍ରିଉ ପାଇଁ କିଣୁଚୁ ?''

''ହଁ, କାରଣ ସିମନ୍ ଆପଣାଲାଗି କିଣିସାରିଚି ।''

''କିନ୍ତୁ ତା'ମୁଣ୍ଡକୁ ଏଇଟା ସାନ ହେବନାହିଁ ?''

''ମୋ' ମୁଣ୍ଡ ଯେଡ଼ିକି ତା' ମୁଣ୍ଡ ମଧ ଠିକ୍ ସେଡ଼ିକି ।''

''ତୁ ମଧ କେତେ ଚମତ୍କାର ଭାବରେ ଗାଈଆଳ ପିଲାର କାମ କରିପାରୁଥାନ୍ତୁ ?''

''ପାରନ୍ତିନାହିଁ ?''—ମୁଣ୍ଡର ଟୋପିଟାକୁ ଆଉ ଗୋଟାଏ ଆଡ଼କୁ କରିଦେଇ ସେ ଭାରି ଗର୍ବରେ କହିଲା ।

'ତା'ହେଲେ ମୁଁ ଆଗଯାଇ ତୋତେ ମୋ'ଘର କାମ ଲାଗି ନେଇଆସନ୍ତି !''

'ଖାଲି ମୋତେ ଟିକିଏ ବେଶୀ ଦରମା ଦେବାକୁ ପଡ଼ନ୍ତା''—ଯଗ୍‌ନା ହସିହସି କହିଲା ।

* 'ହଳଦିଆ' ଠକ—ଚାଷୀମାନେ ସାଧାରଣତଃ ଏହି ବ୍ୟଙ୍ଗନାମ ଦେଇ ଇହୁଦୀମାନଙ୍କୁ ସମ୍ବୋଧନ କରିଥାନ୍ତି ।

Digitized by srujanika@gmail.com

"ଆଉ କାହାକୁ ଦେବାକୁ ପଡ଼ନ୍ତା ସିନା, କିନ୍ତୁ ମୋତେ ନୁହେଁ !"

"କାରଣ ମୁଁ ଖେତରେ କୌଣସି କାମ କରିବାକୁ ଯାଆନ୍ତିନାହିଁ ।"

"କିନ୍ତୁ ମୁଁ ତୋ'ର ସବୁକାମ କରିଦିଅନ୍ତି !"—କାନପାଖରେ ବୋରିନା ଫୁସ୍‌ଫୁସ୍ କରି କହିଲା ଏବଂ ଏପରି ଏକ ବାସନାବିହ୍ୱଳ ଦୃଷ୍ଟିରେ ଯଗ୍‌ନା ଆଡ଼କୁ ଅନାଇଲା ଯେ ସେ ଭାରି ଇତସ୍ତତଃ ହୋଇପଡ଼ି ପଛକୁ ଘୁଞ୍ଚିଗଲା ଓ ଆଉ ଅଧିକ ଦରଦାମ୍ ନକରି ଟୋପିର ପଇସା ଗଣିଦେଲା ।

"ତୁମର ଗାଈବିକା ସରିଲାଣି ?" —ଆପଣାକୁ ପ୍ରକୃତିସ୍ଥ କରିସାରିବା ପରେ ବୋରିନା ପୁଣି ପଚାରିଲା, ଏବଂ ଆପଣା ମୁଣ୍ଡଉପରକୁ ଉଠିଆସିଥିବା ନିଆଁକୁ କ୍ରମେ ସଂଯତ କରିବାକୁ ଚେଷ୍ଟା କଲା ।

"ହଁ, ଯେର୍ଜଭ୍‌ର ପାଦ୍ରିଙ୍କ ପାଇଁ ସେମାନେ ଗାଈଟିକୁ କିଣିନେଇ ଗଲେ । ବୋଉ ମଧ ଗିର୍ଜାର ବାଜାବଜାଳି ସାଙ୍ଗରେ ଯାଇଚି, ଖେତଲାଗି ତା'ର ଜଣେ ମୂଲିଆ ଦରକାର ।"

"ତେବେ ଚାଲ, ଦୁହେଁ କୋଉ ଦୋକାନକୁ ଯାଇ ମନ୍ଦାଏ ମନ୍ଦାଏ ମିଠା ଭଡ଼୍‌କାପାଣି ପିଇଆସିବା !"

"ତୁମେ ଏମିତି ସବୁ କି କଥା କହୁଚ ?"

"ତୁ ଶୀତରେ କାଲୁଆ ହୋଇଗଲୁଣି । ଭଡ୍‌କା ପେଟକୁ ଗଲେ ଟିକିଏ ଉଷୁମ ଲାଗିବ ।"

"ତୁମ ସାଙ୍ଗରେ ମଦ ପିଇବାକୁ ଯିବି ?... କୋଉଠିକି ?"

"ଆଚ୍ଛା ତେବେ ମୁଁ ଏକା ଯାଉଚି, ନେଇଆସିବି ଆଉ ଏଇଠି ବସି ଦୁହେଁ ଏକାଠି ହୋଇ ପିଇବା !"

"ତୁମର ଦୟାଲାଗି ଅନେକ ଧନ୍ୟବାଦ୍, କିନ୍ତୁ ମୋତେ ପରା ବୋଉକୁ ଖୋଜିବାକୁ ଯିବାକୁ ପଡ଼ିବ !"

"ଆଚ୍ଛା, ତେବେ ମୁଁ ତୋ'ପାଇଁ ଖୋଜିଦେବି ।"—ଫୁସ୍‌ଫୁସ୍ କରି ଏତିକି କହି ବୋରିନା ମଣିଷ ଭିଡ଼କୁ ଠେଲିପେଲି ଆଗରେ ଚାଲିଲା ଓ ଯଗ୍‌ନାକୁ ପଛେପଛେ ଯିବାପାଇଁ ରାସ୍ତା ପରିଷ୍କାର କରିଦେଲା । କିନ୍ତୁ କପଡ଼ା ଦୋକାନମାନ ପାରିହୋଇ ଯାଉଥିବା ସମୟରେ ଯଗ୍‌ନାର ପାଦ କ୍ରମେ ଧୀରହୋଇ ଆସିଲା ଓ ଶେଷକୁ ଅଟକିଯାଇ ସେ ଲୋଭାସକ୍ତ ଟୁଲୁଟୁଲୁ ଆଖିରେ ଆଗରେ ଥିବା ସାମଗ୍ରୀଗୁଡ଼ିକୁ ଦେଖିବାକୁ ଲାଗିଲା ।

"ହେ ଭଗବାନ୍ ,କେଡ଼େ କେଡ଼େ ବଢ଼ିଆ ଜିନିଷମାନ ଏଠି ବିକା ହେଉଚି !" ଆଗରେ ଝୁଲୁଥିବା ମାଳେ ରିବନ୍ ଆଡ଼କୁ ଅନାଇ ସେ କହିଲା । ପବନରେ ଦୋହଲି ରିବନ୍‌ଫିତାଗୁଡ଼ିକ ଠିକ୍ ଚକଚକ ଇନ୍ଦ୍ରଧନୁପରି ଝଟକି ଯାଉଥାଏ ।

"ତୋ'ର ଯୋଉଟାକୁ ମନ ହେଉଚି, ତୁ ବାଛିଦେ' !"

"କିନ୍ତୁ ସେଇ ଫୁଲପକା ହୋଇଥିବା ହଳଦିଆ ରିବନଟା ତ ଗୋଟାଏ ରବଲ୍ ହେବ ନା କ'ଣ —ବା ଏତେବେଶୀ ନହେଲେ ଦଶସୁଉକା ତ ନିଶ୍ଚୟ ହେବ !"

Digitized by srujanika@gmail.com

''ସେଥିପାଇଁ କୌଣସି ଭାବନା କରିବା ଦରକାର ନାହିଁ । ଇଚ୍ଛା ହେଉଚି ତ ନେ' !''

ମନକୁ ଅନେକ ଦୁଃଖ ଦେଇ ଓ ଆପଣାକୁ ଅନେକ ଚେଷ୍ଟାରେ ଅଟକାଇ ରଖି ଯଗ୍‌ନା ରିବନ୍‌ର ଲୋଭ ସମ୍ବରଣ କଲା ଓ ଆର ଦୋକାନକୁ ଗଲା ! ବୋରିନା ଦଣ୍ଡକଲାଗି ପଛରେ ରହିଗଲା ।

ଏଥର ଯଗ୍‌ନାର ଆଖି ଯାଇ ରୁମାଲଗୁଡ଼ିକ ଉପରେ ପଡ଼ିଲା—ତା'ପରେ ବ୍ଲାଉଜକନା, ସେମିଜକନା ଓ ଆହୁରି କେତେ ଚିଜ... !

''କେଡ଼େକେଡ଼େ ବଢ଼ିଆ ଜିନିଷ ! ହେ ଭଗବାନ୍ !''—ଅଭିଭୂତ ହୋଇପଡ଼ିବା ପରି ସେ ମନେମନେ କହିବାକୁ ଲାଗିଲା । ନାଲି ଓ ନେଳି ରଙ୍ଗର ସେହି କପଡ଼ାଭିତରେ ଥରଥର ହାତ ମାରି ସେ ଥରକୁଥର ଦେଖିବାକୁ ଲାଗିଥାଏ । ଶେଷକୁ ଆନନ୍ଦବିହ୍ୱଳ ଭାବରେ ତା'ର ଆଖି ଛୋଟ ହୋଇ ଆସିଲା ଓ ଛାତିଟା ଦପଦପ ହୋଇ ପଡ଼ିବାକୁ ଲାଗିଲା ।

ଆହା—ସେଇ ଯୋଉ ରୁମାଲଟି ସେଠି ଟଙ୍ଗାହୋଇଚି, ସଞ୍ଜବେଳର ସୂର୍ଯ୍ୟକିରଣରେ ପାଣି ଝଟକି ଉଠିଲାପରି ତା'ର ରଙ୍ଗ ! ନା—ଆଉ ଲୋଭକୁ ଦବାଇରଖିବା ସମ୍ଭବ ହେବନାହିଁ । ସେହି ରୁମାଲଟି ଆଣି ଅବଶ୍ୟ ମୁଣ୍ଡରେ ବାନ୍ଧି ଦେଖିବାକୁ ପଡ଼ିବ ଏବଂ ଇହୁଦୀ ସ୍ତ୍ରୀଲୋକଟି ତା'ଆଗରେ ଧରିଥିବା ଦର୍ପଣରେ ଆପଣାର ମୁହଁ ଦେଖି କେମିତି ଦିଶୁଚି, ସେକଥା ଜାଣିବାକୁ ହିଁ ପଡ଼ିବ !

ହଁ, ରୁମାଲଟି ଏକା ତାହାରି ମୁଣ୍ଡଲାଗି ହୋଇଚି । ତା ପିନ୍ଧିଲା ମାତ୍ରକେ ସେ ଏପରି ସୁନ୍ଦର ଦିଶିବାକୁ ଲାଗିଲା ଯେ ଲୋକମାନେ ଚାରିଆଡୁ ତା'ରି ଆଡ଼କୁ ଅନାଇବାରେ ଲାଗିଥାନ୍ତି । ସତେ ଯେପରି ତା'ର ମୁହଁଭିତରୁ ପୂର୍ଣ୍ଣଯୌବନ ଓ ପୂର୍ଣ୍ଣସ୍ୱାସ୍ଥ୍ୟର ପ୍ରଭାମାନ ବିଛୁରିହୋଇ ପଡୁଥାଏ !

ଅନେକ ସମୟ ପର୍ଯ୍ୟନ୍ତ ସେ ରୁମାଲଟି ବିଷୟରେ ଭାରି ଚିନ୍ତା କରିବାକୁ ଲାଗିଲା ଏବଂ ତା'ପରେ ନିରାଶ ହେଲାପରି ସେଇଟିକୁ ମୁଣ୍ଡରୁ କାଢ଼ି ମୂଲାଇବାକୁ ଆରମ୍ଭ କଲା । ଅବଶ୍ୟ ଏଇଟା କିଣିବାର କୌଣସି ପ୍ରଶ୍ନ ହିଁ ଉଠୁନାହିଁ, ମାତ୍ର କେବଳ ଆଉ କେତେ ସମୟପାଇଁ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାପାଇଁ ସେ ମୂଲ କରିବାର ଛଳନା କରୁଥାଏ ।

କିନ୍ତୁ ତା'ର ଉତ୍ସାହ ଶୀତଳ ହୋଇ ଆସିବାକୁ ଅଧିକ ବିଳମ୍ବ ହେଲାନାହିଁ । ଇହୁଦୀ ସ୍ତ୍ରୀଲୋକଟି ପାଞ୍ଚ ରବଲ୍ ବୋଲି କହିଲା । ଦାମ୍ ଶୁଣି ବୋରିନା ମଧ୍ୟ ତାକୁ ନିବୃତ୍ତ କରିବାକୁ ଚେଷ୍ଟା କଲା ।

ତା'ପରେ ସେମାନେ ମାଳିର ଦୋକାନକୁ ଆସିଲେ । ଦୋକାନକୁ ଅନାଇ ମନେହେଉଥାଏ, ସତେ ଯେପରି କିଏ ଏଠି କେତେକେତେ ମୁକୁତା ବିଛୁରିକରି ରଖିଚି ! ଚାରିଆଡ଼ ଖାଲି ଚକଚକ ଦିଶୁଚି, ଖାଲି ଦାଉଦାଉ ହୋଇ ଜଳୁଚି ! ଦଣ୍ଡେହେଲେ ସେଆଡୁ ଆଖି ବୁଲାଇନେଇ ଆଉ କୁଆଡ଼କୁ ଅନାଇବାକୁ ଆଦୌ ଇଚ୍ଛା ହେଉନାହିଁ ।

Digitized by srujanika@gmail.com

ନାନାପ୍ରକାରେ ପରୀକ୍ଷା କରିବାପରେ ଯଗ୍‌ନା ସବୁଠାରୁ ଭଲ ମାଳିଟିକୁ ବାଛିବାକୁ ଲାଗିଲା । ଶେଷକୁ ପୋହଳାମାଳଟିଏ ବାଛି ଆପଣା ବେକରେ ଚାରିଥର ପିନ୍ଧି ଦେଖିଲା ଓ ବୁଢ଼ାଆଡ଼କୁ ଅନାଇ ପଚାରିଲା—

''ଏଇଟି ମୋତେ ସୁନ୍ଦର ଦିଶୁଚି ? ସତ କହିଲ ?''

''ଭାରି ସୁନ୍ଦର ଦେଖାଯାଉଚି । କିନ୍ତୁ ପୋହଳାମାଳ କ'ଣ ଅପୂରୁବ ଜିନିଷ ହୋଇଚି ? ମୋ'ଘରେ ସିନ୍ଦୁକ ଭିତରେ ଆଠସରିର ଗୋଟିଏ ହାର ରହିଚି । ଏହା ମୋର ସ୍ତ୍ରୀ'ର ହାର । ପ୍ରତ୍ୟେକଟି ମାଳି ଠିକ୍ ଏଡ଼େଏଡ଼େ ମଟରଦାନା ପରି !''—ଟିକିଏ ଉଦାସ ଭାବରେ ବୋରିନା କହିଲା ।

''କିନ୍ତୁ ସେଇ ହାରଟା ତ ମୋ'ର ନୁହେଁ, ମୁଁ ତାକୁ ନେଇ କ'ଣ କରିବି ?''—ପୋହଳା ମାଳଟାକୁ ଫେରାଇଦେଇ ସେ କ'ଣ ଭାବି ଉଦ୍ବିଗ୍ନ ହୋଇପଡ଼ିବାପରି ସେଠାରୁ ଚାଲିଗଲା ।

''ଯଗ୍‌ନା, ଆ' ଏଇଠି ଟିକିଏ ବସିବା ।''

''କିନ୍ତୁ ବୋଉକୁ ପରା ଖୋଜିବାକୁ ପଡ଼ିବ !''

''କିଛି ଭୟନାହିଁ, ସେ କଦାପି ତୋତେ ଏକା ଛାଡ଼ିଦେଇ ଚାଲିଯିବନାହିଁ ।''

ଦୁହେଁ ଯାଇ ଗୋଟାଏ ଗାଡ଼ିଉପରେ ଏକାଠି ବସିଲେ ।

''ହାଟଆଡ଼କୁ ଅନାଇ ବୋରିନା କହିଲା, ''ଏଇ ଯାତଟା ଭାରି ବଡ଼ଯାତ !''

ଅଳ୍ପସମୟ ପୂର୍ବରୁ ଛାଡ଼ିକରି ଆସିଥିବା ଦୋକାନଗୁଡ଼ିକ ଆଡ଼କୁ ଅନାଉ ଅନାଉ ଯଗ୍‌ନା ମନ ମରିଯାଇଥିବା ପରି ଉତ୍ତର ଦେଲା— ''ହଁ, ଛୋଟିଆ ତ ଆଦୌ ନୁହେଁ !'' କହି ଗୋଟାଏ ଗଭୀର ନିଶ୍ୱାସ ପକାଇଲା । ତା'ପରେ ଦଣ୍ଡେ ଚୁପ୍‌ରହି ଆପଣାର ମନଦୁଃଖକୁ ଝାଡ଼ିଦେବାକୁ ଚେଷ୍ଟାକରି ସେ ପୁଣି କହିଲା—

''ଏସବୁ ଚିଜ ଜମିଦାର ଘରକୁ ମାନିବ ! ଥରେ ଜଣେ ଜମିଦାର ଘରର ଝିଅକୁ ମୁଁ ଏଇ ଯାତରେ ଦେଖିଥିଲି । ସେ ଯାତରୁ ଏତେଏତେ ଚିଜମାନ କିଣିଲା ଯେ ସେସବୁକୁ ଘରକୁ ବୋହିନେଇ ଯିବାଲାଗି ଗୋଟାଏ ବୋଝିଆ କରିବାକୁ ପଡ଼ିଲା !''

''ଯିଏ ଲାଗଲାଗ ଯାତକୁ ଯାଏ, ସିଏ ଅଳପଦିନରେ ସର୍ବସ୍ୱାନ୍ତ ହୁଏ ।''—ବୋରିନା କହିଲା ।

''କିନ୍ତୁ ଏଇ କଥାଟା ଆମକୁ ଖାପ ଖାଇବ, ସେମାନଙ୍କୁ ନୁହେଁ ।''

''ଇହୁଦୀମାନଙ୍କଠାରୁ କରଜ କରୁଥିବା ପର୍ଯ୍ୟନ୍ତ ଅବଶ୍ୟ ଖାପ ଖାଇବନାହିଁ'' —ସେ ତିକ୍ତଭାବରେ ଉତ୍ତରଦେଲା । ଯଗ୍‌ନା ଆଶ୍ଚର୍ଯ୍ୟ ହୋଇ ତା'ଆଡ଼କୁ ଅନାଇ ରହିଥାଏ ଓ କ'ଣ କହିବ କିଛି ଠିକ୍ କରିପାରୁନଥାଏ । ଅନ୍ୟଆଡ଼କୁ ଆଖି ବୁଲାଇ ବୋରିନା ଧୀରକଣ୍ଠରେ ପଚାରିଲା —

''ପଧାନପୁଅ ମାଇକେଲ ବିଷୟରେ ପ୍ରସ୍ତାବ ଆଣି ତୋ'ପାଖକୁ ଭଲଲୋକ ଆସିଥିଲେ, ନୁହଁ ?''

Digitized by srujanika@gmail.com

''ହଁ ଆସିଥିଲେ, କିନ୍ତୁ ଯେମିତି ଆସିଥିଲେ, ସେମିତି ଲେଉଟିଗଲେ । ତା'ର କେଡ଼େ ସାହସ— ମୋ' ପାଖକୁ ପୁଣି ପ୍ରସ୍ତାବ ପଠାଇଥିଲା !''

ବୋରିନା ତରବର ହୋଇ ଠିଆହୋଇ ପଡ଼ିଲା ଏବଂ କୁରୁତାଭିତରୁ ଗୋଟିଏ ରୁମାଲ ଓ କାଗଜରେ ବନ୍ଧା ହୋଇଥିବା କ'ଣ ଗୋଟିଏ ଚିଜ ବାହାରକରି କହିଲା—

''ଏତକ ରଖିଥାଆ, ଯଗ୍‌ନା । ମୁଁ ଆନ୍ତେକ୍ ପାଖରୁ ଆସେ ।''

ନାଆଁ ଶୁଣି ଯଗ୍‌ନାର ଆଖିଦୁଇଟା ଉଜ୍ଜ୍ୱଳ ହୋଇ ଉଠିଲା । ''ସେ ଯାତ୍ରାକୁ ଆସିଚି ?''

''ହଁ, ସିଆଡ଼େ ଗୋଟାଏ ଜାଗାରେ ବସି ସିଏ ଗହମ ବିକୁଚି । ଏତକ ରଖ ଯଗ୍‌ନା, ଏସବୁ ଜିନିଷ ତୋ'ର—ତୋ'ପାଇଁ କିଣାହୋଇଚି ।''—ବିସ୍ମିତ ନୟନରେ ରୁମାଲଟିକୁ ଦେଖୁଥିବା ଯଗ୍‌ନାଆଡ଼କୁ ଅନାଇ ବୋରିନା କହିଲା ।

''ତୁମେ ସତରେ ଏହିସବୁ ଚିଜ ମୋତେ ଦେଉଚ ? ସତରେ ? କେଡ଼େ ବଢ଼ିଆ ଜିନିଷଗୁଡ଼ିକ !''—ଯଗ୍‌ନା କାଗଜର ପୁଡ଼ିଆଟି ଖୋଲିବସିଲା । କ୍ଷଣକ ଆଗରୁ ଦୋକାନରେ ଥିବା ଯେଉଁ ରିବନଟି ତା'ର ଭାରି ପସନ୍ଦ ହୋଇଥିଲା, ପୁଡ଼ିଆଟି ଭିତରେ ସେଇ ରିବନଟି ବନ୍ଧାହୋଇଚି ! ଯଗ୍‌ନା ଆନନ୍ଦବିହ୍ୱଳ ହୋଇ ପଚାରିଲା, ''ତୁମେ ସତରେ ଏସବୁ ମୋ'ପାଇଁ କିଣିଚ ? କିନ୍ତୁ ମୋ'ପାଇଁ କିଣିଚ କାହିଁକି ? ଏସବୁ ତ ଭାରି ଦାମିକା ଜିନିଷ, ପୁଣି ରୁମାଲଟି ବି ରେଶମରେ ତିଆରି ହୋଇଚି !''

''ଏ'ସବୁ ତୋ'ର ଯଗ୍‌ନା, ତୋ'ରି ପାଇଁ କିଣାହୋଇଚି । ଆଉ ଯଦି କୌଣସି ଚାଷୀ ଆସି ତୋ'ର ଶୁଭମନାସି ମଦ ପିଇବସିବ, ତୁ ତରତର ହୋଇ ତା'ର ପ୍ରତ୍ୟୁତ୍ତରରେ ମଦପିଇ ବସିଯିବୁ ନାହିଁ । ଏତେ ତରତର ହେବାର କ'ଣ ଲୋଡ଼ା ଅଛି ? ଆଚ୍ଛା, ମୁଁ ଯାଉଚି ।''

''କିନ୍ତୁ ସତରେ କହୁଚି, ଏସବୁ ଜିନିଷ ମୋର ?''

''କିନ୍ତୁ ମୁଁ ତୋତେ ମିଛକଥା କହନ୍ତି କାହିଁକି ?''

''କିନ୍ତୁ ମୋ'ର ମନକୁ ଆଦୌ ପରତେ ଯାଉନାହିଁ !—କହି ସେ ରୁମାଲଟିର ଭାଙ୍ଗ ଫିଟାଇ ଦେଖିଲା, ରିବନ୍‌ଟିକୁ ମଧ୍ୟ ଆଉଥରେ ବାହାରକରି ଦେଖିବାକୁ ଲାଗିଲା ।

''ଭଗବାନ୍ ତୋର ମଙ୍ଗଳ କରନ୍ତୁ, ଯଗ୍‌ନା !''

''ତୁମକୁ କୋଟିକୋଟି ଧନ୍ୟବାଦ, ମାଥିଆସ୍ !''

ବୋରିନା ଚାଲିଗଲା । ଜିନିଷଗୁଡ଼ିକୁ ଆଉଥରେ ଫିଟାଇ ଯଗ୍‌ନା ବଡ଼ ଲୋଭାସକ୍ତ ଭାବରେ ସେଗୁଡ଼ିକ ଉପରେ ଆଖିବୁଲାଇ ଦେଖିବାକୁ ଲାଗିଲା । ତା'ପରେ ସେ ସେଗୁଡ଼ିକୁ ଏକାଠି ପୁଟୁଳାଭିତରେ ବାନ୍ଧିଲା, ଦଉଡ଼ିଯାଇ ଜିନିଷଗୁଡ଼ିକୁ ବୋରିନାକୁ ଫେରାଇଦେଇ ଆସିବବୋଲି ହଠାତ୍ ତା'ର ଭାରି ଇଚ୍ଛା ହେଲା । କିନ୍ତୁ ଜଣେ ଅପରଲୋକଠାରୁ ସେ ଏପରି ଚିଜସବୁ ଗ୍ରହଣ କରିବ,ବା କିପରି ? କିନ୍ତୁ ବୋରିନା ଭିଡ଼ଭିତରେ ଅଦୃଶ୍ୟ ହୋଇଗଲାଣି । ନିରସ୍ତ ହୋଇ ସେ ମାଆକୁ ଖୋଜିବା ଉଦ୍ଦେଶ୍ୟରେ ଧୀରେ ଧୀରେ ଆଗକୁ ଖୋଜ ପକାଇ ଯିବାକୁ ଲାଗିଲା, କୁରୁତାଭିତରେ ଖୋସିକରି ରଖିଥିବା ଉପହାରଦୁଇଟି ଉପରେ ଥିରିକରି

Digitized by srujanika@gmail.com

ହାତମାରି ଦେଖିଲାବେଳକୁ ତା'ର ମନ ବାରବାର ଉତ୍‌ଫୁଲ୍ଲ ହୋଇପଡୁଥାଏ । ଆନନ୍ଦରେ ତା'ର ଗାଲଦୁଇଟା ରଙ୍ଗା ପଡ଼ିଯାଇଥାଏ, ଧଳାଦାନ୍ତ ଦୁଇଧାଡ଼ି ବାହାର କରି ସେ ମୁରୁକି ମୁରୁକି ହସିବାରେ ଲାଗିଥାଏ ।

"ଯଗ୍‌ନା, ଏ ଭିକାରିଟାକୁ କିଛି ମିଳୁ ! ତୁମର ଲୋକମାନେ ଭାରି ଦୟାଳୁ, ଖ୍ରୀଷ୍ଟପ୍ରଭୁଙ୍କଠାରେ ସେମାନଙ୍କର ପ୍ରକୃତ ବିଶ୍ୱାସ ରହିଚି ! ତୁମର ପୂର୍ବପୁରୁଷଙ୍କ ପାଇଁ ମୁଁ ମେରୀଠାକୁରାଣୀଙ୍କ ପାଖରେ ପ୍ରାର୍ଥନାକରିବି... ଯଗ୍‌ନା !"

କଥା କେଇପଦ ଶୁଣି ଯଗ୍‌ନାର ଧ୍ୟାନ ଭାଙ୍ଗିଗଲା । କିଏ ବୋଲି ଜାଣିବାଲାଗି ସେ ମୁହଁ ବୁଲାଇ ଏପାଖକୁ ଅନାଇଲା । ଦେଖିଲା, ମଠପାଚେରିକୁ ଲାଗିକରି ଆଗାଥା ବିଡ଼ାଏ କୁଟାଉପରେ ବସିଚି ! କାରଣ ସେଠି କାଦୁଅ ହୋଇ ପ୍ରାୟ ଆଣ୍ଠୁ ଗଳିଯିବାପରି ହୋଇଚି ।

ଅଟକି ଠିଆହୋଇ ସିଏ ତମ୍ବାପଇସା ବାହାର କରିବାକୁ କୁରୁତାଭିତରେ ହାତ ପୂରାଇ ଅଣ୍ଡାଳି ବସିଲା । ଆପଣା ଗାଆଁର ଜଣକୁ ଭେଟିଥିବାରୁ ଭାରି ହୃଷ୍ଟ ହୋଇ ଆଗାଥା ତାକୁ ଗାଆଁର ଖବରମାନ ସଂଖୋଳିବାକୁ ଲାଗିଲା ।

"ସମସ୍ତଙ୍କ ବିଲରୁ ଆଳୁ ଖୋଳା ସରିଲାଣି ?"

"ହଁ, ବିବାକେ ସମସ୍ତଙ୍କର ସରିଲାଣି ।"

"କ୍ଲେମ୍ବାଙ୍କ ଘରେ କିଛି ନୂଆ ଖବର ?"

"ସେମାନେ ପରା ତୋତେ ଘରୁ ବାହାର କରିଦେଇଚନ୍ତି ? ତଥାପି ତାଙ୍କପ୍ରତି ତୋ'ର ଏଡ଼େ ଉପରୋଧ ?"

"ଘରୁ ବାହାର କରି ଦେଇଚନ୍ତି ? କିଏ କହିଲା ? ମୁଁ ତ ଆପେ ଆପେ ବାହାରି ଆସିଚି । ବାହାରି ଆସିବା ଉଚିତ ମନେକରି ମୁଁ ବାହାରି ଆସିଚି । ତାଙ୍କପ୍ରତି ଉପରୋଧ ରହିବନାହିଁ, ସେମାନେ ପରା ମୋର ଆପଣାଲୋକ ?"

"ତୁ ବର୍ତ୍ତମାନ କଅଣ କରୁଚୁ ?"

"ଗିର୍ଜାରୁ ଗିର୍ଜା, ଗାଆଁରୁ ଗାଆଁ, ଆଉ ଯାତ୍ରାରୁ ଯାତ୍ରା ହୋଇ ବୁଲୁଚି । ଆଉ ମୋର ପ୍ରାର୍ଥନାର ପୁରସ୍କାର ସ୍ୱରୂପ ଭଲଭଲ ଲୋକମାନେ ମୋ' କାନିରେ ପୋଷେ ମୁଠାଏ ପକାଇ ଦେଉଚନ୍ତି । କିଏ କୋଉଦିନ ମୁଁ ଶୋଇବି ବୋଲି ଘରେ କଣେ ଜାଗା ଛାଡ଼ିଦେଉଚି, କିଏ ଖାଇବାଲାଗି ଖାଇବାଜିନିଷ ଦେଉଚି, ଆଉକିଏ ପଇସାଏ ଅଧଲାଏ ମଧ୍ୟ ଦେଉଚି । ଲୋକମାନେ ଭାରି ଭଲ । ଗୋଟାଏ ଗରିବ ମଣିଷ ନଖାଇ ଉପାସ ରହୁ, ହତସନ୍ତ ହେଉ, ଏକଥା ସେମାନେ ଆଦୌ ଚାହାନ୍ତିନାହିଁ !" ଦଣ୍ଡେ ଚୁପ୍ ରହି ସେ ପୁଣି ଟିକିଏ ଥତମତ ହେଲାପରି ପଚାରିଲା, "କ୍ଲେମ୍ବାଙ୍କ ଘରେ ସମସ୍ତଙ୍କର ଦେହ ଭଲ ଅଛି ତ ?"

"ହଁ, ଅଛି ! ଆଉ ତୋ' ଦେହ କିପରି ଅଛି ?"

"ମୋ' ଦେହକଥା କାହିଁକି ପଡ଼ିଚି ! ଛାତିଭିତରଟା ସବୁବେଳେ ସେହିପରି ଖେଞ୍ଚି ଖେଞ୍ଚି ଦେଉଚି ଆଉ ସର୍ଦ୍ଦି ଲାଗିଲେ ଖଙ୍କାରରେ ରକତ ପଡୁଚି । ଯଦି କୌଣସିପ୍ରକାରେ ଏଇ

Digitized by srujanika@gmail.com

ଶୀତକାଳଟା କଟାଇନେଇ ପାରିବି, ତେବେ ବସନ୍ତସମୟକୁ ମୁଁ ଗାଆଁକୁ ଲେଉଟିଯିବି, ସେଇଠି ମୋର ଆପଣା ଲୋକଙ୍କର ମୁହଁ ଦେଖୁଦେଖୁ ମରିବି । ଭଗବାନଙ୍କଠାରେ ମୋର କେବଳ ଏତିକି ପ୍ରାର୍ଥନା ! ମୁଁ ଆଉ କିଛି ମାଗୁନାହିଁ !''

''ବାପା ପାଇଁ ଭଗବାନଙ୍କୁ ଜଣାଇବୁ, ବୁଝିଲୁ ?'' —କହି ଯଗ୍‌ନା ତା'ର ହାତରେ କେତୁଟା ପଇସା ଗୁଞ୍ଜିଦେଲା ।

''ତୁମ ବଂଶରେ ମରିଥିବା ସମସ୍ତଙ୍କ ପାଇଁ ଜଣାଇବି: ମୁଁ ଯେତେଜଣଙ୍କୁ ଜାଣିଚି, ସମସ୍ତଙ୍କ ପାଇଁ ଜଣାଇବି । କିନ୍ତୁ ଯଗ୍‌ନା—ଭଡ଼କା ସଂଖୋଳି କେହି ତୋ' ପାଖକୁ ଭଲଲୋକ ପଠାଇଲେଣି ନା ନାହିଁ ?''

''ହଁ, ପଠାଇଲେଣି ।''

''କିନ୍ତୁ ତୁ କାହାରି କଥାରେ ମଙ୍ଗିଚୁ ନା ନାହିଁ ?''

''ନା, କାହାରି କଥାରେ ନୁହେଁ ।''— ଯଗନା କଥାବାର୍ତ୍ତାକୁ ସଂକ୍ଷେପ କରି କହିଲା, ''ଆଚ୍ଛା, ଠାକୁରେ ତୋତେ ଭଲରେ ରଖିଥାନ୍ତୁ । ଶୀତକାଳ ଅନ୍ତେ ଆମ ଗାଆଁକୁ ଆସିବୁ, ମନେ ରହିଲା ?''—ଖଣ୍ଡେଦୂରରେ ମାଆକୁ ଦେଖିପାରି ସେ ସେଇଆଡ଼କୁ ବାହାରିଗଲା ।

ଥିରିଥିରି ଖୋଜ ପକାଇ ବୋରିନା ଆନ୍ତେକ୍ ପାଖକୁ ଆସୁଥାଏ । ମଣିଷଭିଡ଼ ଠେଲି ଚଞ୍ଚଳ ଆସିବା ଏକେତ ସମ୍ଭବ ନୁହେଁ, ପୁଣି ଯଗ୍‌ନାର କଥାଗୁଡ଼ାକ ମଧ ବାରବାର ତା'ର ମନେପଡ଼ିଯାଉଥାଏ । ପୁଅ ପାଖରେ ଆସି ପହଞ୍ଚିବା ପୂର୍ବରୁ ସେ ଆଗ କମାରପୁଅକୁ ଭେଟିଲା । ଦୁହେଁ ଦୁହିଁଙ୍କୁ ନମସ୍କାର କଲେ, କିନ୍ତୁ କୌଣସି କଥା ନକହି ଆପଣା ବାଟରେ ଚାଲିଗଲେ । ମାତ୍ର ଶେଷରେ !

''କିନ୍ତୁ ସେ କଥାଟା ପୁଣି ତୁଟିବ ନା ସେମିତି ରହିଥିବ ?''—ଟିକିଏ କର୍କଶ ଭାବରେ କମାରପୁଅ ଆରମ୍ଭ କଲା । ସାଙ୍ଗେ ସାଙ୍ଗେ ବୋରିନା ଯୁଝିବ ବୋଲି ତିଆର ହୋଇଗଲା ।

''କ'ଣଟାଏ ତୁଟିବ ? ମୋ ସାଙ୍ଗେ ଗାଆଁରେ ଯାଇ କଥାବାର୍ତ୍ତା ହେବୁ !''

''ମୁଁ ତିନିତିନି ବରଷ ସବରାତ କଲିଣି । ଲୋକେ ମୋତେ କଚେରିକୁ ଯିବାକୁ କହୁଚନ୍ତି— କିନ୍ତୁ ...''

''ଯାଉନୁ କଚେରିକୁ ! ଚାଲ, ମୁଁ ଗୋଟାଏ ମୋହରିର ପାଖକୁ ନେଇଯିବି ଆଉ କହିବୁ ତ ହାତରୁ ପଇସା ଦେଇ ତୋ'ପାଇଁ ଅର୍ଜି ଲେଖାଇ ଦେବି !''

''...କିନ୍ତୁ ମୁଁ ଭାବୁଚି''—ଚତୁର ଭାବରେ ଆପଣାକୁ ସଂଯତ ରଖି କମାରପୁଅ କହିଲା, ''କିନ୍ତୁ ଏକାଠି ବସି ଗୋଟାଏ ବୁଝାମଣା କରିନେଲେ କ'ଣ ଭଲ ହୁଅନ୍ତା ନାହିଁ ?''

''ହଁ, ହୁଅନ୍ତା । କିଏ ସେଥିପାଇଁ ମନା କରୁଚି ?''

''ତୁମେ କ'ଣ କହୁଚ ସତକରି କହିଲ !''

''ଏବାଟେ ଗଲେ ପାଇବୁନାହିଁ କି ସେବାଟେ ଗଲେ ପାଇବୁନାହିଁ !''

''ମୁଁ ତ ମୋର ଭାରିଯାକୁ ସବୁବେଳେ କହିଆସିଚି ଯେ ତୁମେ ନିଶ୍ଚୟ ନ୍ୟାୟବାଟରେ ଯିବ !''

Digitized by srujanika@gmail.com

''ଆରେ ନ୍ୟାୟବାଟ ନଚାହେ କିଏ ? ଖାଲି ନ୍ୟାୟଟା ଆପଣା ପକ୍ଷରେ ଗଲେ ହେଲା ! ଏଥିରେ କିନ୍ତୁ ମୋର ମୁଣ୍ଡ ବଥାଇବାର କ'ଣ ଅଛି । ମୋ'ପାଖରେ ତ ତୋ'ର କିଛି ପାଉଣା ନାହିଁ !''—ଏହି ଟାଣ ଟାଣ କଥା ଶୁଣି କମାରପୁଅ ବେଶ୍ ବୁଝିପାରିଲା ଯେ ପୁରୁଣା କାଇଦାରେ ଆଉ କିଛି ଫଳ ହେବନାହିଁ । ତେଣୁ କାଇଦା ବଦଳାଇ, ସତେ ଯେପରି ଆଗରୁ କିଛି ବିବାଦ ହୋଇନାହିଁ, ସେହିପରି ସେ ଶାନ୍ତ ଭାବରେ ଅନୁରୋଧ ଜଣାଇଲା—

''ତୁମ ହାତରୁ ଏକାଠି ମଦ ପିଇବାକୁ ଗଲେ ହୁଅନ୍ତାନାହିଁ ?''

''ହଁ ଜୁଆଇଁ, ସେକଥା ନହେବ କାହିଁକି ? ଏଥିପାଇଁ ପୁଣି ମାଗିବାକୁ ପଡିବ ନା କ'ଣ ?''—ବୋରିନା ଛିଗୁଲେଇ ଉତ୍ତର ଦେଲା । ସେମାନେ ଏକାଠି ଗୋଟିଏ ଦୋକାନ ଭିତରକୁ ଗଲେ । ଭିତରକୁ ଯାଇ ଦେଖିଲେ ସେଠି ଆମ୍ବ୍ରୋଜ୍ ମଧ୍ୟ ଅଛି, ମଦ ପିଉନାହିଁ, ଖାଲି ମନ ମାରିଦେଇ ଗୋଟାଏ କଣକୁ ଚୁପ୍ ହୋଇ ବସିଚି ।

''ମୋ'ର ଦେହଟା ଭାରି ଖରାପ ଲାଗୁଚି । ପାଗଟା କିଛି ଭଲ ହେବ ବୋଲି ଆଦୌ ମନେ ହେଉନାହିଁ ''—ଆମ୍ବ୍ରୋଜ୍ କହିଲା ।

ସେମାନେ ମଦପିଇ ବସିଲେ । ରାଗରେ ଦୁହେଁ ଦୁହିଁଙ୍କ ଉପରେ ଜଳିବାରେ ଲାଗିଥାନ୍ତି, କିନ୍ତୁ କେହି କାହାରିକୁ କିଛି ହେଲେ କହୁନଥାନ୍ତି ।

''ମୁର୍ଦ୍ଦାର ପୋତା ହେଲାବେଳେ ଲୋକେ ଯେମିତି ମଦ ପିଅନ୍ତି, ତୁମେ ଦୁହେଁ ସେମିତି ପିଉଚ ''—ସେମାନେ ତାକୁ ଡାକିଲେ ନାହିଁ ବୋଲି ସେ ଭାରି ଅପମାନିତ ବୋଧ କରୁଥାଏ । ଆଜି ସକାଳୁ ତା'ର ପେଟରେ କିଛି ହେଲେ ପଡ଼ିନାହିଁ ।

''କଥା କହିବାକୁ ଆଉ ବାଟ ଅଛି ନା ? ବାପାଙ୍କର ଆଜି ଏତେ ବିକ୍ରି ହେଉଚି ଯେ ନଗଦଟଙ୍କାଗୁଡ଼ାକ କାହାକୁ କରଜ ଦେବେ, ସେ କେବଳ ସେଇକଥା ଭାବୁଚନ୍ତି ।''

''ମାଥିଆସ, ମାଥିଆସ, ମୋ'ର କହିବାର କଥା ହେଉଚି, ଭଗବାନ...'' ଆମ୍ବ୍ରୋଜ୍ ବଡ଼ପାଟିରେ କହିବାକୁ ଆରମ୍ଭ କଲା ।

''ମୁଁ ଆଉ କାହାପାଇଁ ସିନା ମାଥିଆସ, କିନ୍ତୁ ତୋ'ପାଇଁ ନୁହେଁ । ତୁ ମୋତେ ମାଥିଆସ ବୋଲି ଡାକିବୁ ? ଦେଖିବଟି ତା'ର ମୁହଁ କେଡ଼େ ! ଘୁଷୁରି କହୁଚି ଘୁଷୁରିଆକୁ, ଭାଇ, ମୁଁ ତୋ' ମୁଣ୍ଡରେ ବସିବି !''

ସେତେବେଳକୁ କମାରପୁଅ ବେଶ୍ ଟାଣକରି ଦୁଇଗିଲାସ ପକାଇ ସାରିଲାଣି । କଥାଉପରେ କଥା କହିବାଲାଗି ତା'ର ପାଟି ଖଲଖଲ ହେଉଥାଏ । କଣ୍ଠଟାକୁ ଧୀର କରିଆଣି ସେ କହିଲା —

''ବାପା, ମୋତେ ଶେଷଥର ପାଇଁ ଗୋଟାଏ ଜବାବ ଦିଅ । ମୁଁ ଯାହା ଦାବି କରୁଚି, ତମେ ମୋତେ ସେତକ ଦେବ ନା ନାହିଁ ?''

''ଜବାବ ତ ମୁଁ ଆଗରୁ ଦେଇସାରିଚି । ମୁଁ କ'ଣ ଜମିଗୁଡ଼ାକୁ ମଶାଣିକୁ ନେଇକରି ଯିବି କି ? କିନ୍ତୁ ମୁଁ ବଞ୍ଚିଥିଲାତକ ମାଣେ ଜମି ମଧ୍ୟ କାହାରିକୁ ଦେବିନାହିଁ ।''

Digitized by srujanika@gmail.com

''ମୁଁ କାହାରି ଦୁଆରେ ହାତ ପତାଇ ଖାଇବାକୁ ଯିବିନାହିଁ । ଆରେ ଆଉ ଗୋଟାଏ କି ଦୁଇଟା ବରଷ ଏହି ସଂସାରରେ ରହିବା କଥା, ମୁଁ ଟିକିଏ ଭଲରେ ରହିବିନାହିଁ ?''

''ତା ହେଲେ ଟଙ୍କା ଦିଅ !''

''ମୁଁ ଯାହା କହିଲି, ତୋତେ ଶୁଭିଲା ନା ନାହିଁ ?''

କାନପାଖରେ ଆମ୍ବ୍ରୋଜ୍ ଫୋଡ଼ିଦେଇ କହିଲା— ''ସେ ଆଉ ଗୋଟାଏ ବାହାହେବ ! ଏଇଟାକୁ ମିଶାଇ ତିନିଟା ହେବ ନା ? ପିଲାଙ୍କ ପ୍ରତି ତା'ର ଲଗା ଅଛି ନା ପଘା ଅଛି ?''

''ମୋର ଖୁସୀ ହେଲେ ମୁଁ ବାହାହେବି, ସେଥିରେ ତୋ'ର କ'ଣ ଅଛି ?''

''ନାଇଁ, ମୋର କାହିଁକି କ'ଣ ରହିବ ? ଖାଲି...''

ମୋର ମନେହେଲେ ମୁଁ କାହାପାଖକୁ ଏବେ ପ୍ରସ୍ତାବ କରି ପଠାଇବି । ହଁ ମନହେଲେ କାଲି ବି ପଠାଇବି !''

''ପଠାଉନା ! ମୋର ସେଥିରେ କାହିଁକି କି ଆପତ୍ତି ରହିବ ? ଖାଲି ମୋତେ ସେଇ ଛାପିଛାପିକିଆ ଗାଈର ବାଛୁରୀଟାକୁ ଦେଇଦିଅ, ଦେଖିବ, ମୁଁ ତୁମର କେତେ ଉପକାର କରିବି । ତୁମେ ଜାଣିବା ଶୁଣିବା ମଣିଷ, ଯେଉଁଥିରେ ଆପଣାର ଭଲ ହେବ ତାହାହିଁ କରିବ । ମୁଁ ତ ମୋ' ଭାରିଯାକୁ କେତେଥର କହିଚି, ''ଆଲୋ, ଘର ସମ୍ଭାଳିବ ତ ଘରେ ଗୋଟାଏ ଭାରିଯା ଆଣି ରଖିବ !''

''ମାଇକେଲ, ତୁ ସତରେ ସେକଥା କହିଚୁ ?''

''ନ କହିଥିଲେ ମୋର ମୂର୍ଦ୍ଧନା ଫାଟିଯିବ ! ହଁ କହିଚି । ଯୋଉ ମଣିଷର ଯେପରି ଦରକାର, ଗାଆଁରେ ମୁଁ ତାକୁ ସେହିପରି ପରାମର୍ଶ ଦିଏ । ତୁମର କୋଉଥିରେ ଭଲ ହେବ, ମୋତେ କ'ଣ ସେକଥା ଅଛପା ରହିଚି ?''

''ତୁ ପାଜି, ତୁ ନିଶ୍ଚୟ ମିଛକଥା କହୁଚୁ । କିନ୍ତୁ କାଲି ମୋ'ଘରକୁ ଆସିଲେ ତୁ ନିଶ୍ଚୟ ବାଛୁରୀଟି ପାଇବୁ । ମୋତେ ଯାହା ମାଗିବୁ, ମୁଁ ଅବଶ୍ୟ ଦେବି । କିନ୍ତୁ ସେମିତି ଜବରଦସ୍ତି କଲେ ପାହାର ଖାଇବୁ ।''

ତା'ପରେ ମଦପିଆ ଚାଲିଲା । ଏଥର କମାରପୁଅ ବୋରିନାକୁ ପିଆଉଥାଏ । ଆମ୍ବ୍ରୋଜ୍‌କୁ ମଧ୍ୟ ସେ ପିଇବାକୁ ଡାକିଆଣିଲା । ଆମ୍ବ୍ରୋଜ୍ ଆଗଭର ହୋଇ ଆସି ପାଖରେ ବସିଲା, କେତେକେତେ ହସକଥା କହିଲା । ଶଶୁର ଜୁଆଁଇ ଦୁହେଁ କଥାଶୁଣି ଖାଲି ହସି ହସି ଗଡ଼ିଯାଉଥାନ୍ତି ।

ଗଲାବେଳକୁ ଦୁହେଁ ଭଲରେ ଭଲରେ ପରସ୍ପରଠାରୁ ବିଦାହୋଇ ଗଲେ । କିନ୍ତୁ ପରସ୍ପରର କାହାପ୍ରତି ଏତେ ଟିକିଏ ହେଲେ ବିଶ୍ୱାସ ନଥାଏ । ପରସ୍ପରର ଭିତରଟା ପରସ୍ପରର ଆଖିକୁ ବେଶ୍ କାଚପରି ଜଳଜଳ ହୋଇ ଦେଖାଯାଉଥାଏ —ଚାନ୍ଦିଆଘୋଡ଼ାର ଚାନ୍ଦ ପୁଣି କାହାଆଖିରେ ନପଡ଼ି ଲୁଚିକରି ରହିଯିବ !

ଆମ୍ବ୍ରୋଜ୍ ଦୋକାନ ଭିତରେ ବସିରହିଥାଏ । କେତେ ଲୋକ ଆସିବେ, କଥାବାର୍ତ୍ତା ଜମିବ । ଚିହ୍ନାପରିଚିତ ଥିବା ଆଉ କେତେଲୋକ ଆସି ମନ୍ଦାଏ ପିଇବାକୁ ମଧ୍ୟ ଡାକିବେ । ଏହି

Digitized by srujanika@gmail.com

ଆଶାରେ ସେ ବସିରହିଥାଏ । ପେଟରେ କିଛି ନଥିବା କୁକୁର ମାଛିଟାଏ ଦେଖିଲେ ମଧ ଟାଉକରି ପାଟିକୁ ପକାଇ ଦେବାକୁ ଯାଏ ।

ସେତେବେଳକୁ ଯାତ୍ରା ଭାଙ୍ଗିଆସିବାକୁ ବସିଲାଣି ।

ଖରାବେଳେ କେବଳ ଗୋଟାଏ ମୁହୂର୍ତ୍ତ ପାଇଁ ସୂର୍ଯ୍ୟ ମେଘ ଉହାଡ଼ରୁ ବାହାରିଥିଲା ଓ ଭଲକରି ଖର ପଡ଼ିଥିଲା, ପୃଥିବୀ ଉପରେ ଗୋଟାଏ ଦର୍ପଣ ପରି ଚକଚକ ହୋଇ ଦେଖାଯାଉଥିଲା । ତା'ପରେ ପୁଣି ମେଘ ଘୋରାଇ ପକାଇଲା । ସଂଧ୍ୟା ବୁଡ଼ିବାର ଅନେକ ଆଗରୁ ଚତୁର୍ଦ୍ଦିଗ ଅନ୍ଧାରୁଆ ଦିଶିଲା । ଜଳଭାରି ମେଘଖଣ୍ଡମାନ ଘରଚାଳମାନଙ୍କ ପାଖକୁ ଲାଗିଲାଗି ଆସିଲେ, କୁଲାରୁ ତଷୁ ଝାଡ଼ିଲାପରି ଅସରାଏ ବରଷା ମଧ ଝାଡ଼ିଦେଇ ଚାଲିଗଲା । ପାଗର ଏପରି ଉପକ୍ରମ ଦେଖି ଲୋକମାନେ ଶୀଘ୍ର ଶୀଘ୍ର ଘରକୁ ଲେଉଟିଯିବାକୁ ସଜବାଜ ହେଲେ । ରାତି ମାଡ଼ି ଆସୁଚି, ବରଷା ଘୋଟିଆସିବା ପୂର୍ବରୁ ଘରେ ଯାଇ ପହଞ୍ଚିପାରିଲେ ରକ୍ଷା ।

ଚାରିଆଡୁ ଅନ୍ଧାର କରି ଗୋଧୂଳି ଘନାଇ ଆସିଲା । ବଜାରଟାଯାକ ପୁଣି ଜନଶୂନ୍ୟ ହୋଇ ଖାଁ ଖାଁ ଦେଖାଗଲା ।

କେବଳ ପାଚେରି କଡ଼ରେ ଏଠିସେଠି କେତେଜଣ ଭିକାରିଙ୍କର ପାଟିତୁଣ୍ଡ ଶୁଭୁଥାଏ । ସରାଇଘର ଭିତରେ ଲୋକମାନେ ବଡ଼ ପାଟିରେ ନାନାପ୍ରକାର ଚିତ୍କାର ଓ କଳହ କରିବାରେ ଲାଗିଥାନ୍ତି ।

ସବୁକାମ ସାରି ବୋରିନା ମଧ ଆପଣା କୁଟୁମ୍ବ ସହିତ ଘରକୁ ବାହାରିଲା । ଘରୁ ଆଣିଥିବା ସମସ୍ତ ଜିନିଷ ବିକ୍ରି ହୋଇଯାଇଚି, ଆଉ କେତେ ଜିନିଷ କିଣା ମଧ ହୋଇଚି । ସମସ୍ତେ ମନଖୁସୀ ହେବା ପର୍ଯ୍ୟନ୍ତ ମେଳାରେ ମଉଜକରି ବୁଲିଚନ୍ତି । ଘୋଡ଼ାଙ୍କ ପିଠିରେ ଆନ୍ତେକ ପାଏଁ ପାଏଁ ଛାଟ ପିଟୁଥାଏ, ରାସ୍ତାର କାଦୁଅକୁ ପାଟୁ ପାଟୁ କରିଦେଇ ଗାଡ଼ି ଦଉଡ଼ି ଯାଉଥାଏ । ତାକୁ ଭାରି ଜାଡ଼ ଲାଗିଲାଣି, ଏଣେ ଠିକ୍ ନାକପୁଡ଼ାଯାଏ ମଦ ବି ପିଆହୋଇଚି । ବୁଢ଼ାର ସ୍ୱଭାବ ଭାରି କୃପଣ, ଅଜାଣତରେ ମଧ ସେ କେବେହେଲେ ଅଣ୍ଟାରୁ ପଇସା କାଢ଼େନାହିଁ, କାଣିକଉଡ଼ିଟାର ମଧ ହିସାବ ନେବ । କିନ୍ତୁ ଆଜି ସେ ହାତ ଖୋଲି ଦେଇ ସମସ୍ତଙ୍କୁ ଖୁଆଇଚି, ପିଆଇଚି, କେତେ ଭଲ କଥା କହିଚି । ସମସ୍ତେ ଆଜି ବୁଢ଼ାର ଏହି ବ୍ୟବହାର ଦେଖି ବିସ୍ମିତ ହୋଇଯାଇଚନ୍ତି ।

ସେମାନେ ଜଙ୍ଗଲ କତିରେ ଆସି ପହଞ୍ଚିଲା ବେଳକୁ ରାତି ହୋଇଯାଇଥାଏ । ଅନ୍ଧାରରେ କୁଆଡ଼େ କିଛି ଦେଖାଯାଉ ନଥାଏ । ବାରକୋଳିଆ ଟୋପାରେ ପାଣି ପଡ଼ିବାକୁ ଆରମ୍ଭ କଲାଣି । ରାସ୍ତାର କେତେ କୁଆଡୁ ଗାଡ଼ି ଚାଲିଯାଉଥିବାର କେଁକଟର ଶୁଣାଯାଉଚି, କୋଉଠୁ କୋଉ ମାତାଲ ଗୀତଗାଇବା ନାମରେ ଭୋ' ଭୋ' ହୋଇ ଚାଲିଯାଉଚି, ପୁଣି କାଦୁଅ ଭିତରେ ବାଟ ଅଣ୍ଡାଳି ଚାଲିଯାଉଥିବା ବାଟୋଇର ପାଦଶବ୍ଦ ମଧ ଦୂଲ୍‌ଦୂଲ ଶୁଣାଯାଉଚି ।

Digitized by srujanika@gmail.com

ପପ୍ଲାର ଗଛରୁ ସୁ' ସୁ' ପବନ ଶବ୍ଦ ଶୁଣାଯାଉଚି, ସତେଅବା ଗଛଗୁଡ଼ାକ ଶୀତରେ ଥରିବାରେ ଲାଗିଚନ୍ତି। ସେଇଠି ମଦନିଶାରେ ଟୁଲୁଟୁଲୁ ହୋଇ ଆମ୍ବ୍ରୋଜ ସଂଜ୍ଞାହୀନ ଭାବରେ ବାଟ ଚାଲିଚି। ଗୋଡ଼ କେତେବେଳେ କୋଉଠି ପଡୁଚି, ତାର ଠିକଣା ନାହିଁ। କେତେବେଳେ ରାସ୍ତାର ଏପାଖକୁ ତ ଆଉ କେତେବେଳେ ସେପାଖକୁ ମୁହାଁଇ ଚାଲିଯାଉଚି। କୋଉଠି ଗଛରେ ଯାଇ ଧକ୍କା ବାଜୁଚି ତ ପୁଣି କୋଉଠି କାଦୁଅ ଭିତରେ ପଡ଼ିଯାଉଚି। କିନ୍ତୁ ପୁଣି ତତ୍କ୍ଷଣାତ୍ ଉଠି ନସରପସର ହୋଇ ଆପଣାର ଚିରାଚରିତ ଅଭ୍ୟାସରେ ଗୀତଗାଇ ଗଗନ କମ୍ପାଇ ଚାଲିବାରେ ଲାଗିଚି।

Digitized by srujanika@gmail.com

ଛଅ

ଏତେବେଳଯାଏ ମେଘ ହେବ ହେବ ହେଉଥିଲା । ବର୍ତ୍ତମାନ ଠିକ୍ ଭାବରେ ଆରମ୍ଭ ହେଲା ।

ମେଳା ଶେଷ ହେବା ଦିନଠାରୁ ସମସ୍ତ ଜଗତ ଯେପରି ଏକ ଧୂସର ଆଲୋକ ପ୍ରଭାଭିତରେ ନିମଗ୍ନ ହୋଇଯାଉଥିଲା ପରି ମନେ ହେଉଥିଲା । ସେହି ପ୍ରଭାର ପୃଷ୍ଠଭୂମି ଉପରେ ଦୂର ଜଙ୍ଗଲ ଓ ଗାଆଁର ସୀମାରେଖାଗୁଡ଼ିକ ଝଲକି ଉଠୁଥିଲା, ସିକ୍ତ ପୃଥିବୀପଟ ଉପରେ କମକୁଟ ହୋଇ ରହିଥିବା ପରି ମନେହେଉଥିଲା ।

ଶରତ କାଳର ମେଘଅସୁରିମାନ ଆକାଶ ଉପରୁ ପୃଥିବୀ ଉପରକୁ ଅଜାଡ଼ି ହୋଇ ପଡ଼ିଲା । ହିମ-ଶୀତଳ ବରଷାର ଅସରା, ଦେହରେ ବାଜିଲା ବେଳକୁ କଣ୍ଟା ଫୋଡ଼ି ହୋଇଯାଉଚି । ଏହି ବରଷାର ଆଉ ବିରାମନାହିଁ ବୋଲି ମନେ ହେଉଚି ।

ପାଉଁଶିଆ ରଙ୍ଗର ତୀରପରି ଦେଖାଯାଉଥିବା ବରଷାର ବିନ୍ଦୁମାନ ମାଟିଉପରେ ଆସି ତୀର ମାରିଦେଇ ଯାଉଚି । ଗଛପତରର ମଞ୍ଜଯାଏ ଏ ପାଣି ଭେଦିଗଲାଣି, ସତେଅବା ପ୍ରବଳ ଯନ୍ତଣାରେ ଛଟପଟ ହୋଇ ତୃଣଭୂମିର ଗାତ୍ର କମ୍ପିଉଠୁଚି ।

ଚଉଦିଗ ଆଚ୍ଛନ୍ନ କରି ରଖିଥିବା ଏହି ଘନ ମେଘସ୍ତୂପ ଓ ଧୂସରରଙ୍ଗର ଭୀଷଣ ବୃଷ୍ଟିଧାରାରେ ନିମେଷକ ପାଇଁ ଟିକିଏ ଫାଙ୍କା ହୋଇଗଲେ ପଛରୁ ଶସ୍ୟଖେତର କନ୍ଦା, ସନ୍ତସନ୍ତିଆ ସମତଳ ଭୂଇଁମାନ ଦିଶିଦିଶି ଯାଉଚି । କୋଉଠି ଅବା ବହିଯାଉଥିବା ପାଣିର ଫେଣ ଦିଶିଯାଉଚି । କୋଉଠି ରାସ୍ତାର ଦୁଇକଡ଼ରେ କଳାକଳା ଏଡ଼େ ଏଡ଼େ ଗଛମାନ ଠିଆହୋଇ ରହିଚି, ସେଗୁଡ଼ିକର ଡାଳ ବରଷାପାଣିରେ ଗୋଟାସୁଦ୍ଧା ଜୁଡୁବୁଡୁ ହୋଇ ତଳକୁ ଝୁଲିପଡ଼ିଚି, ଏପର୍ଯ୍ୟନ୍ତ ଅବଶେଷ ଥିବା ପତରମାନ ଝରିଝରି ଖସିପଡୁଚି ।

ରାସ୍ତାଗୁଡ଼ିକ ବଡ଼ ନିର୍ଜନ, ବଡ଼ ଜନଶୂନ୍ୟ । ସେଗୁଡ଼ିକ କ୍ରମେ ନାନାପ୍ରକାର ଆବର୍ଜନାର କୁଡ଼ରେ ପୋତିହୋଇଯିବାକୁ ବସିଲାଣି ।

ଛୋଟିଆ, ସୂର୍ଯ୍ୟହୀନ, ଉଦାସ ଦିନଗୁଡ଼ିକ ଗୋଟିକ ପରେ ଗୋଟିଏ କରି ବିଦାୟ ନେଇ ଚାଲିଯାଉଚି । ହେମାଳ ବଢୁଚି, ସରସତା ମରିମରି ଯାଉଚି । ରାତିରେ ବରଷାର ବଜର ବଜର ଶବ୍ଦ ବଡ଼ ଅବିରାମ ଭାବରେ କାନଅତଡ଼ା ପକାଇବାରେ ଲାଗିଚି ।

ଶସ୍ୟଖେତ, ଗାଆଁ ଆଉ ଅରଣ୍ୟ—ଆଜି ସବୁ ନିର୍ଜନ ଓ ନିଶୂନ୍ । ବିବର୍ଣ୍ଣ ଗୃହଗୁଡ଼ିକ ସତେଅବା କ୍ରମେ ମାଟିରେ ମିଳାଇ ଯାଇ ଏକାକାର ହୋଇଗଲା ପରି ଲାଗୁଚି । ବାଡ଼, ବାରି ଓ ତୋଟାର ପତ୍ରହୀନ ନଣ୍ଡା ଡାଳଗୁଡ଼ିକ ସତେଅବା କ୍ଷୀଣସ୍ୱରରେ ଆର୍ତ୍ତନାଦ କରିଉଠୁଚନ୍ତି ।

ଏଇ ଝୁପୁରୁ ଝୁପୁରୁ ବରଷା ଆଉ ଶେଷ ହେବ ବୋଲି ମନେହେଉନାହିଁ । ବରଷାର ଆଚ୍ଛାଦନ ତଳେ ଲିପ୍‌କା ଗାଆଁର ଅବୟବମାନ ଅଦୃଶ୍ୟ ହୋଇ ରହିଚି । କଳାକଳା ଘରଛାତ, ପାଚେରି କାଛର ବଳାପଥର, ଚେମଣିଗୁଡ଼ିକରୁ ଉପରକୁ ଉଠି ତୋଟା ଉପରେ ପଇଁତାରା

Digitized by srujanika@gmail.com

ମାରୁଥିବା କଳା ଧୂଆଁ—ବରଷାର ଫାଙ୍କ ଭିତରୁ କେବଳ ବେଳେ ବେଳେ ଦୃଷ୍ଟିଗୋଚର ହୋଇଯାଉଚି ।

ଗାଆଁରେ ଖୁଡ୍ କି ଖାଡ୍ କୌଣସି ଶବ୍ଦ ଶୁଣାଯାଉନାହିଁ । କେବଳ କୋଉଠୁ କଦବା ଖଳାଘରୁ ଗହମବାଡ଼ିଆର ଶବ୍ଦ ଶୁଭୁଚି । ଅଧିକାଂଶ ଲୋକ ବନ୍ଧାକୋବିର କିଆରିକୁ ବାହାରି ଯାଇଚନ୍ତି । କାଦୁଅ ପଙ୍କରେ ଗାଆଁର ରାସ୍ତା ଅମଡ଼ାହୋଇ ପଡ଼ିଚି । ଘରଦୁଆର ମଧ୍ୟ ଅସନା ଅଖରକା ଦେଖାଯାଉଚି । ହୁଏତ ମଝିରେ ମଝିରେ କୁହୁଡ଼ି ଭିତରୁ ଭୂତ ବାହାରିବା ପରି ଜଣେ ଦୁଇଜଣ ମଣିଷ ଦୃଷ୍ଟିଗୋଚର ହେଉଚନ୍ତି ଓ କ୍ଷଣକ ପରେ ପୁଣି ସେହି କୁହୁଡ଼ିଭିତରେ ଅଦୃଶ୍ୟ ହୋଇଯାଉଚନ୍ତି । କେବଳ ସେମାନଙ୍କର କାଠ କଠାଉର ଠପଠପ ଶବ୍ଦ କାନରେ ଆସି ବାଜୁଚି । ପୁଣି କେତେବେଳେ ବନ୍ଧାକୋବିରେ ବୋଝେଇ ହୋଇଥିବା ଗୋଟାଏ ଗାଡ଼ି ରାସ୍ତା ଉପର ଦେଇ ଚାଲିଯାଉଚି ଓ ଗାଡ଼ିରୁ ଖସିପଡ଼ିଥିବା କୋବିପତରର ଲୋଭରେ ମାଳମାଳ ହୋଇ ଦଉଡୁଥିବା ବତକମାନଙ୍କୁ ହୁରୁଡ଼ାଇଦେଇ ଯାଉଚି ।

ଗାଆଁର ପୋଖରୀ ଆପଣାର ଚାରିଦାଢ଼ ଦେଇ ବର୍ଷଣାପାଣି ସହିତ ସଂଗ୍ରାମ କରିବାରେ ଲାଗିଚି । ପୋଖରୀର ପାଣି ଦିନକୁଦିନ ବଢ଼ିଚାଲିଚି । ବୋରିନାର ଦୁଆର ସରିକି ଆସି ଲାଗିବା ପୂର୍ବରୁ ଏହା କୂଳଡେଇଁ ବାଡ଼ର ସୀମା ସ୍ପର୍ଶ କଲାଣି ।

ବନ୍ଧାକୋବି କାଟି ସେଗୁଡ଼ିକ ବୋଝେଇ କରି ଘରକୁ ବୋହିଆଣିବା କାମରେ ଗାଆଁଟାଯାକ ସବୁଲୋକ ବ୍ୟସ୍ତ ଅଛନ୍ତି । ସବୁଠି ବନ୍ଧାକୋବିମାନ କୁଢ଼ ହୋଇ ରହିଚି । ଖଳାଘରେ, ବାଟରେ, ଗୋହିରୀରେ, ଶୋଇବାଘରେ, ଅଧଚାଳି ତଳେ, ସବୁଠି ଶହ ଶହ କୋବି ଜମାହୋଇଚି ।

ବରଷା ପାଗ ଲାଗି ରହିଥିବାରୁ ସମସ୍ତେ ଭାରି ତରତର ହେଉଚନ୍ତି । ରାସ୍ତାଉପରଟା ଦଖଲ ହୋଇଗଲାଣି, ଗାଡ଼ିର ଚକ ପୋତିହୋଇ ଲାଖିଯାଉଚି ।

ସେଦିନ ସେମାନେ ଡୋମିନିକଭାର କିଆରିରୁ କୋବି ଓପାଡ଼ି ଯାଇଥିଲେ ।

ୟଗ୍ନା ଆଉ ସିମନ୍ ସକାଳ ପହରରୁ ଯାଇ ବିଲରେ ଥିଲେ, ଚାଳରେ ଖୁଞ୍ଚା କେଇଟା ମାରିଦେବାକୁ ଆଣ୍ଟୁ ଘରେ ଥିଲା ।

ମୁହଁସଞ୍ଜ ହୋଇ ଆସିଲାଣି, ସେମାନେ ଘରକୁ ଫେରିନାହାନ୍ତି । ଥରକୁ ଥର ଦାଣ୍ଡଦୁଆରକୁ ଆସି ଘରଣୀ ବୁଢ଼ୀ ଅଟାପେକ୍ଷା ଘରଆଡ଼େ ଦୂରକୁ ଅନାଇବାରେ ଲାଗିଚି । ସେମାନେ ଆସୁଥିବେ ପରା, ସେଥିପାଇଁ ସେଇଆଡ଼କୁ କାନଡେରି ରହୁଚି ।

କିନ୍ତୁ ଅଟାପେକ୍ଷା ଘରର ସେପାଖରୁ ଆରମ୍ଭ ହୋଇଥିବା କିଆରିଗୁଡ଼ିକରେ ଏପର୍ଯ୍ୟନ୍ତ କାମ ଲାଗିଚି । ବିଲଉପରେ କୁହୁଡ଼ିର ବହଳ ପରସ୍ତ ଚାନ୍ଦୁଆ ଟାଣିଦେଇ ଗଲାଣି । ଖାଲଖମାରେ ଭରି ରହିଥିବା ପାଣି ଗୋଧୂଳିର ଆଲୁଅରେ ଚକଚକ ଦେଖାଯାଉଛି । କୋବି କିଆରି ଉପରେ ନଇଁପଡ଼ି ନାଲିଆ କୁରୁତା ପିନ୍ଧିଥିବା ସ୍ତ୍ରୀଲୋକମାନେ ଗଦାଗଦା କୋବି ଜମା କରିବାରେ ଲାଗିଚନ୍ତି ।

କୋଉ କିଆରିରେ କାମ ସରିଗଲାଣି, ଲୋକମାନେ ଘରକୁ ଫେରି ଆସୁଚନ୍ତି । କୁହୁଡ଼ି ଭିତରୁ ସେମାନଙ୍କର ତୁଣ୍ଡର ଶବ୍ଦ ଏପାଖରେ ଆସି ଅଜାଡ଼ି ହୋଇ ପଡୁଚି ।

Digitized by srujanika@gmail.com

ଯଗ୍‌ନାର କାମ ମୋଟେ ଏଇନାଗେ ଶେଷ ହୋଇଚି । ସେ ଏକାବେଳେକେ ହାଲିଆ ହୋଇପଡ଼ିଚି, ତାର ଗୋଡ଼ର ବୁଟ୍‌କୋତା ଦୁଇଟା ପାଣିକାଦୁଅରେ ଜୁବୁବୁବୁ ହୋଇରହିଚି । ଆଣ୍ଠୁଏ କାଦୁଅରେ ପଶି ଦିନମାନ କାମକଲେ ଯୋଉ ଦଶା ହେବାକଥା, ତାହାର ଠିକ୍ ସେହି ଦଶା ହୋଇଚି । ବୁଟତଳେ ପନ୍ଧିଥିବା କାଠର କୋତା ଯୋଡ଼ାକରେ ମଧ୍ୟ ପାଣି ଭରତି ହୋଇ ରହିଚି । ଦିନଯାକ ଯେ କେତେଥର ତାକୁ ଗୋଡ଼ରୁ କୋତାକାଢ଼ି ପାଣିଗୁଡାକୁ ବାହାର କରିଦେବାକୁ ପଡ଼ିଚି, ସେକଥା ଏକା ସେଇ ଜାଣେ ।

"ସିମନ୍, ଚଞ୍ଚଳ କାମ ସାର । ମୋର ହାତଗୋଡ଼ରେ ଆଉ ଜୀବନ ନାହିଁ"—ବଡ଼ କ୍ଲାନ୍ତ ଭାବରେ ସେ ସିମନ୍‌କୁ ଡାକିକରି କହିଲା । ଯୁଆନ୍ ଟୋକା ସିମନ୍ ସେତେବେଳକୁ ତା'ର ପିଠିଉପରର ବୋଝକୁ ଉଠାଇବାକୁ ଯାଇ ନୟାନ୍ତ ହୋଇପଡୁଥାଏ, ତଥାପି ଉଠାଇ ପାରୁନଥାଏ । ଦଉଡ଼ିଯାଇ ଯଗ୍‌ନା ତା'ର ବୋଝଟିକୁ ଧରିଲା ଓ ପିଠିରେ ପକାଇ ଗାଡ଼ି ପାଖକୁ ନେଇଆସିଲା ।

"ଆସି ଏଡ଼େବଡ ଟୋକାଟାଏ ହେଲୁଣି, ତଥାପି ଏଇ ବୋଝରେ ତୋ'ର ଅଣ୍ଟା ଭାଙ୍ଗିପଡୁଚି ?"—ଯଗ୍‌ନା ବିରକ୍ତ ହୋଇ କହିଲା ଓ କୋବିଗୁଡ଼ାକୁ ଲୋଦର ଭିତରକୁ ଅଜାଡ଼ି ଦେଲା ।

ଲାଜରା ହୋଇ ସିମନ୍ କ'ଣ ଗଣଗଣ ହୋଇ କହୁଥିଲା ପରି ମନେ ହେଲା । ସେ ଗାଡ଼ିଆଗକୁ ଯାଇ ଘୋଡ଼ା ଯୋଚିବାକୁ ଆରମ୍ଭ କଲା ।

"ଚଞ୍ଚଳ କର୍, ସିମନ୍ !"—ଗୋଟାକ ପରେ ଗୋଟାଏ ବୋଝ ଆଣି ଗାଡ଼ି ଭିତରେ ଅଜାଡୁ ଅଜାଡୁ ଯଗ୍‌ନା ପୁଣି ପାଟି କରି କହିଲା ।

ରାତି ହୋଇଗଲାଣି, ଧରଣୀର ଛାଇ କଳାହୋଇ ସାରିଲାଣି । ବଡ଼ ବଡ଼ ଟୋପାରେ ବରଷା ମଧ୍ୟ ପଡୁଚି । କାଦୁଅ କଞ୍ଚା ମାଟି ଓ ଖାଲଭିତରେ ଜମାହୋଇ ରହିଥିବା ପାଣି ଉପରେ ବରଷାର ବିନ୍ଦୁଗୁଡ଼ାକ ପଡ଼ି ବାଟୁଳି ବାଜିଲା ପରି ଶୁଣାଯାଉଚି ।

"ଯୁଜ୍‌କା, ଆଜିର କାମ ସରିଲାଣି ନା ନାହିଁ ?"—ହାଙ୍କା ଆଉ ଜୁବା ସହିତ କିଆରିରୁ କୋବି କାଟୁଥିବା ବୋରିନା- ଝିଅକୁ ଡାକି ସେ ପଚାରିଲା ।

"ହଁ, ସରିଲାଣି । ଆମେ ଘରକୁ ଯିବାକୁ ବାହାରିଲୁଣି । ପାଗ ଯାହା ହେଲାଣି, ତାକୁ ଦେଖି ଡର ମାଡୁଚି । ମୁଁ ଗୋଟାସୁଦ୍ଧା ଓଦା । ତୁ ବି ଏଇନାଗେ ଯିବୁ ନା ଡେରି ହେବ ?"

"ଡେରି କରିବାକୁ ଆଉ ବେଳ ଅଛି ? ରାସ୍ତାଘାଟ ଅନ୍ଧାର ହୋଇଗଲେ ତ ବାଟ ଦିଶିବ ନାହିଁ । ଆଜି ଯେତିକି ହେଲା ସେତିକି । ଯାହା ନହେଲା, ତାହା କାଲିକି ଥାଉ । ଆରେ ବାଃ, ତୁମ କିଆରି କୋବିଗୁଡ଼ାକ ତ ଭାରି ବଢ଼ିଆ ହୋଇଚି ! କୁହୁଡ଼ି ଭିତରକୁ ଜକଜକ ହୋଇ ଦେଖାଯାଉଥିବା କୋବିଗଦା ଆଡ଼କୁ ଚାହିଁ ଯଗନା କହିଲା ।

"ତୁମ କୋବିଗୁଡ଼ାକ ବି କୋଉ ଖରାପ ହୋଇଚି ? ଆଉ ତୁମ କିଆରିର ସାଲଗମ୍‌ଗୁଡ଼ାକ ତ ଆମ କିଆରିର ସାଲଗମ୍‌ର ଦୁଇଦୁଇ ଗୁଣ ହେବ !"

Digitized by srujanika@gmail.com

''ହଁ, ଆମେ ଏବର୍ଷ ନୂଆ ମଞ୍ଜି ମଗାଇଥିଲୁ, ପାଦ୍ରି ୱାର୍‌ସରୁ ମଗାଇ ଆମକୁ ଦେଇଥିଲେ।''

''ଯଗ୍‌ନା !''—କୁହୁଡ଼ି ଭିତରୁ ଡାକି ଯୁକ୍‌କା ପୁଣି କହିଲା। ''ତୁ ଶୁଣିଚୁ, ଯୋସେଫ୍‌ର ପୁଅ ଭାଲେକ୍ କାଲି ମେରୀ ପୋସିଓଟେକ୍ ପାଖକୁ ପ୍ରସ୍ତାବ ଦେଇ ଭଲଲୋକ ପଠାଉଚି !''

''କ'ଣହେଲା, ସେଇ ମେଞ୍ଚଡ଼ୀଟା ପାଖକୁ ? ସିଏ ତ ଅତି ପିଲାଟାଏ, ନୁହଁ ? ମୋର ଯାହା ମନେହେଉଚି ଆରବର୍ଷ ସେ ଗାଈ ଚରାଇ ବୁଲୁଥିଲା ନା ?''

''ହଁ, କିନ୍ତୁ ତା'ର ବୟସ ଆସି ହୋଇଗଲାଣି। ପୁଣି ତା' ନାଆଁରେ ଏତେ ଜମିଅଛି ଯେ, ତାକୁ ବାହାହେବାପାଇଁ ଟୋକାଗୁଡ଼ାକ ଖାଲି ହାଇଁପାଇଁ ହେଉଚନ୍ତି ।''

''ଯୁକ୍‌କା, ଆଉ କେଇଦିନଗଲେ ତୋତେ ବାହାହେବାକୁ କେତେ ଟୋକା ହାଇଁପାଇଁ ହେବେ !''

''ହଁ, ଖାଲି ବାପ ଆଉ ଗୋଟାଏ ବାହା ନହେଲେ ହେଲା !''—ଆଉ ଗୋଟାଏ ଖେତରେ ଥାଇ ଯଗୁଷ୍କିଙ୍କା କଥା ଯୋଖିଦେଲେ କହିଲା।

ଆଶ୍ଚର୍ଯ୍ୟ ଶଙ୍କିତ ଭାବରେ ହାଙ୍କା ଜାବାବ ଦେଇ କହିଲା, ''ଏହାର ଅର୍ଥ ? ମାଆ ମରିବା ବରଷେ ହୋଇନାହିଁ !''

''ସେଥିପାଇଁ କ'ଣ ମରଦପୁଅର ପରୁଆ ଅଛି ? ଘୁଷୁରି ପ୍ରକୃତି ଯାହା, ମରଦ ପ୍ରକୃତି ମଧ ସେଇଆ। ପେଟ ଯେତିକି ପୂରୁଥିବ, ସେତିକି ସେତିକି ଆଉ ଗୋଟାଏ କୁଣ୍ଡରେ ଯାଇ ମୁହଁ ମାରିବାକୁ ମନ ହେଉଥିବ। ଆଲୋ, ବଅସ ଚାଲିଗଲାଣି ନା' ପାରୁଆପଣ ଚାଲିଗଲାଣି ? ବୁଢ଼ା ଆଉ ଗୋଟାଏ ବାହାହେବ ବୋଲି ମନ କରିଚି। ମରଦଜାତି କୁକୁରଜାତି। ସିକୋରା ପୁଣି କଲା କ'ଣ ? ପହିଲି ମାଇପ ଗାଡ଼କୁ ଯିବାର ମାସ ନପୂରୁଣୁ ସିଏ ଆଉ ଗୋଟାଏ ବାହା ହେଲା ନା ନାହିଁ ?''

''ହଁ, ସତକଥା। କିନ୍ତୁ ତା'ର ପାଞ୍ଚପାଞ୍ଚଟା ପିଲା ଥିଲେ ଯେ !''

''କିନ୍ତୁ ଯିଏ ବୋକା ହୋଇଥିବ, ସେଇ କହିବ ଯେ କେବଳ ପିଲାଙ୍କ ସକାଶେ ସେ ଆଉ ଗୋଟାଏ ବାହାହେଲା। ଆରେ ବାବୁ, ଆପଣା ସୁଖର ସାଥୀ ସମସ୍ତେ। ଆଉ ଗୋଟାଏ ଘରକୁ ନ ଆସିଲେ କତିରେ ଶୋଇବାକୁ ପୁଣି କିଏ ଆସିବ ?''

ଏହି କଥା ଶୁଣି ଯୁକ୍‌କା ତୋଡ଼ ଦେଖାଇ କହିଲା, 'କିନ୍ତୁ ବାପାଙ୍କୁ ଏପରି କରିବାକୁ ଆମେ କଦାପି ଦେବୁନାହିଁ। କଦାପି ନୁହେଁ !''

''ତୁ ପିଲା ବକଟେ କ'ଣ ଜାଣିଚୁ ? ଜମିଗୁଡ଼ାକ ଯେମିତି ବାପର, ଇଚ୍ଛାଟା ମଧ ସେମିତି କେବଳ ତା'ରି !''

''କିନ୍ତୁ ପିଲାମାନଙ୍କର କଥା ପୁଣି ସେ ଭାବିବେ ନା ନାହିଁ ? ସେମାନଙ୍କର ତ ପୁଣି ଦାବି ରହିଚି !'' —ହାଙ୍କା କହିଲା।

''ଆରେ ଆପଣା କଥା ଆଗ ନା ପରକଥା ?''—ଯଗୁଷ୍କିଙ୍କା ଉତ୍ତର ଦେଲା ।

Digitized by srujanika@gmail.com

ଯଗ୍‌ନା ଏସବୁ କଥାବାର୍ତ୍ତାରେ ହୁଁ କି ଚୁଁ କିଛି କହୁନଥାଏ । କେବଳ ଚୁପ୍ ରହି ମରୁକି ମୁରୁକି ହସି ସେ କୋବି ବୋହିଆଣିବାରେ ଲାଗିଥାଏ । ଯାତ୍ରାରେ ସେଦିନ ଘଟିଥିବା କଥାଗୁଡ଼ାକ ତା'ର ଭାରି ମନେପଡ଼ିଯାଉଥାଏ ।

ଗାଡ଼ି ଲଦଉହୋଇ ସାରିବାପରେ ସିମନ୍ ଗାଡ଼ି ଅଡ଼ାଇ ରାସ୍ତାକୁ ବାହାରିଲା ।

"ମୁଁ ଯାଉଚି ଲୋ । ବହୁତ ବହୁତ କହିକରି ଯାଉଚି !"—ଯଗ୍‌ନା ଅନ୍ୟମାନଙ୍କ ଉଦ୍ଦେଶ୍ୟ କରି କହିଲା ।

"ବହୁତ ବହୁତ । ଆମେ ବି ତୋ ପଛେ ପଛେ ଆସୁଚୁ । ପତରଗୁଡ଼ାକୁ ଛଡ଼ାଇବାରେ ତୁ ଆମକୁ ସାହାଯ୍ୟ କରିବାକୁ ଆସିବୁ ଯଗ୍‌ନା ?

"କେତେବେଳେ କହୁନା ! ଆସିବିନାହିଁ କାହିଁକି ?"

"ଏଇ ରବିବାରଦିନ କ୍ଲେମାଙ୍କ ଘରେ ଗାଆଁଟୋକାଏ ଗାଆଣ ବଜାଣର ବରାଦ କରିଚନ୍ତି, ତୁ ଜାଣିଚୁଟିକି ?"

"ଜାଣିଚି ।"

ହାଙ୍କା କହିଲା, "ଆନ୍ତେକ୍‌କୁ ଦେଖିଲେ ଧଅସି ଆସିବାକୁ କହିଦେବୁ । ଆମେ ଏଠି ତା'ପାଇଁ ଅନିଷା କରି ରହିଚୁ ।"

"ହଉ ।"

ଦଉଡ଼ିକରି ସେ ଗାଡ଼ିକୁ ଧରିବାକୁ ଗଲା । ସିମନ୍ ଗାଡ଼ି ଅଡ଼ାଇ ରାସ୍ତାକୁ ବାହାରିଗଲାଣି । ଦୂରରୁ ସେ ଘୋଡ଼ାକୁ ଗାଳି ଦେଉଥିବାର ଶୁଣାଯାଉଚି । କୋଉଠି କାଦୁଅଭିତରେ ଗାଡ଼ିର ଚକ ଲାଖିକରି ରହିଯାଇଚି, ଠିକ୍ ଅଖଯାଏ କାଦୁଅଭିତରେ ପଶିଯାଇଚି । ଦୁହେଁଯାକ ଏକାଠି ମିଶି ଚକଦୁଇଟାକୁ ପଙ୍କଭିତରୁ ବାହାରକଲେ ଓ ଆଗକୁ ଗାଡ଼ି ଚଲାଇ ନେଲେ ।

କାହାରି ମୁହଁରୁ କୌଣସି କଥା ଶୁଣାଯାଉ ନଥାଏ । ରାସ୍ତା ଭିତରେ କୋଉଠି ଖାଲ କୋଉଠି ଖମା ସେଥିପାଇଁ କାଳେ ଲଦଉ ଗାଡ଼ିଟା କୋଉଠି ଲେଉଟିପଡ଼ିବ, ଏହି ଭୟରେ ସିମନ୍ ଭାରି ହୁସିଆରହୋଇ ଘୋଡ଼ାକୁ ଅଡ଼ାଇ ନେଉଥାଏ । ଯଗ୍‌ନା ପଛେ ପଛେ ଥାଇ ଦରକାର ବେଳେ ଗାଡ଼ିରେ କାନ୍ଧ ଲଗାଇ ଦେଉଥାଏ ଏବଂ ବୋରିନାଘରକୁ ପତର ଛଡ଼ାଇ ଯିବା ଦିନ କ'ଣ ସବୁ ପିନ୍ଧିକରି ଯିବ, ତାହାହିଁ ଚିନ୍ତା କରିବାରେ ମଗ୍ନ ହୋଇ ରହିଥାଏ ।

ଗୋଟାଏ ଜାଗାରେ ଭାରି କଠିନ ଉଠାଣି ପଡ଼ିଲା । ପାହାଡ଼ କାନ୍ଥ ପରି ଉଠାଣି, ପୁଣି ଏଥିରେ ବାଟ ବି ଖସଡ଼ା, ଗୋଡ଼ ଠାକିବାକୁ ବଳ ପାଉନାହିଁ ।

"ଗୋଟାଏ ଘୋଡ଼ାକୁ ବୋଝ ବହୁତ ହୋଇଯାଉଚି "—ଖଣ୍ଡେ ଦୂରରୁ କିଏ ମତ ପ୍ରକାଶ କଲା ।

"କିଏ ଆନ୍ତେକ୍ ନା କ'ଣ ?"

"ହଁ ।"

Digitized by srujanika@gmail.com

''ତେବେ ଚଞ୍ଚଳ ଯାଆ । ହାଙ୍କା ତେଣେ ଅନିଷା କରି ବସିରହିଚି । କିନ୍ତୁ ଆମକୁ ଟିକିଏ ସାହାଯ୍ୟ କରିଯାଆ !''

''ଟିକିଏ ରହଥା, ମୁଁ ଆଗ ତଳକୁ ଓହ୍ଲାଇଯାଏ । ଏମିତି କିଟିକିଟି ଅନ୍ଧାର ହୋଇଚି ଯେ ମୁହଁକୁ ମୁହଁ ମଧ ଦିଶୁନାହିଁ ।''

ଆନ୍ତେକର ବଳୁଆ ବାହୁର ସାହାଯ୍ୟଲାଗି ଗାଡ଼ି ଉପରକୁ ଉଠିଆସିଲା । ବାଟରେ କୋଉଠି ନଅଟକି ଏକାବେଳେକେ ମଥାନଉପରେ ଆସି ଠିଆହେଲା ।

''ତୋତେ ଅନେକ ଧନ୍ୟବାଦ ।'' —ଯଗ୍‌ନା କୃତଜ୍ଞତା ପ୍ରକାଶ କରି କହିଲା । ''କିନ୍ତୁ ତୁ ସତରେ କେଡ଼େ ବଳୁଆ କହିଲୁ !''

ହାତ ବଢ଼ାଇଦେଇ ସେ ଆନ୍ତେକ୍ ସହିତ କରମର୍ଦ୍ଦନ କଲା ।

ତା'ପରେ ପୁଣି ସମସ୍ତେ ନୀରବ ହୋଇଗଲେ । ଗାଡ଼ି ଆଗେ ଆଗେ ଯାଉଥାଏ, ସେମାନେ ପଛେ ପଛେ ଯାଉଥାନ୍ତି । କଥାବାର୍ତ୍ତା ହେବାଲାଗି ସେମାନଙ୍କର ମୁଣ୍ଡକୁ କୌଣସି କଥା ଜୁଟୁ ନଥାଏ । ଅଥଚ ଦୁହିଁଙ୍କୁ ଦୁହେଁ ଭାରି ଉତ୍ତେଜିତ ହୋଇପଡ଼ିଥିବା ପରି ଦିଶୁଥାନ୍ତି ।

''ତୁ କ'ଣ ପୁଣି ଲେଉଟି ଯାଉଚୁ କି ?''—ଯଗ୍‌ନା ଫୁସ୍‌ଫୁସ୍ କରି ପଚାରିଲା ।

''ହଁ, ମୁଁ ଅଟାପେଷା ଘରଯାଏ ଯିବି । ସେଠି ପାଣିରେ ଗୋଟାଏ ବଡ଼ ଘୋଳିଆ ପଡ଼ିଯାଇଚି, ଯାଇ ଦେଖିବାକୁ ପଡ଼ିବ ।''

''ଭାରି କିଟିକିଟି ଅନ୍ଧାର, ନୁହେଁ ?'' —ଯଗ୍‌ନା ପଚାରିଲା ।

''କ'ଣ ଡରମାଡୁଚି କି ?'' —ସେ ପାଖକୁ ଲାଗିଆସି କହିଲା ।

ପୁଣି ଚୁପ୍ ହୋଇ ଦୁହେଁ ବାଟ ଚାଲିଲେ । କାନ୍ଧକୁ କାନ୍ଧ ବାଜିଯାଉଥାଏ, ଦେହରେ ଦେହ ଘଷି ହୋଇଯାଉଥାଏ ।

''ତୋର ଆଖି ଦୁଇଟାରୁ ସତେ ଯେପରି ନିଆଁ ବାହାରୁଚି !... ଠିକ୍ ବାଘର ଆଖି ପରି !''

''ରବିବାରଦିନ ତୁ କ୍ଳେୟାଙ୍କ ଘରକୁ ଆସିବୁ ନା ? ଗାଆଣ ବଜାଣର ବ୍ୟବସ୍ଥା ହେଉଚି ।''

''କିନ୍ତୁ ମୋ' ବୋଉ କ'ଣ ମୋତେ ଛାଡ଼ିଦେବ ?''

''ନାଇଁ, ନାଇଁ ! ତୁ ନିଶ୍ଚୟ ଆସିବୁ''—ଥିରିଥିରି ଶବ୍ଦରେ ସେ ଅନୁନୟ କରି କହିଲା ।

''ମୁଁ ଆସେ ବୋଲି ତୋ'ର କ'ଣ ପ୍ରକୃତରେ ଇଚ୍ଛା ?''—ତା'ର ଆଖି ଦୁଇଟି ଆଡ଼କୁ ଅନାଇ ଯଗ୍‌ନା କଅଁଳ ସ୍ୱରରେ ପଚାରିଲା ।

''ସେଥିରେ ପୁଣି ସନ୍ଦେହ କରିବାକୁ ଅଛି ନା ? ମୁଁ ପରା ନିଜେ ଯାଇ ବାଜାବଜାଇବା ବାଲାଙ୍କୁ ବରାଦଦେଇ ଆସିଚି ! ଖାସ୍ ତୋ'ରି ସକାଶେ । ଖାସ୍ ତୋ'ରି ସକାଶେ ମୁଁ କ୍ଳେୟାଙ୍କ ମେଲାଘରଟା ଛାଡ଼ିଦେବା ପାଇଁ ଅନୁରୋଧ କରିବାକୁ ଯାଇଚି !''—ଆନ୍ତେକ୍ ଥିରିଥିରି ଉତ୍ତର ଦେଲା । ତା'ର ମୁହଁ ଯଗ୍‌ନାର ମୁହଁ ପାଖକୁ ଲାଗିଲାଗି ଆସୁଥାଏ, ତା'ର ଖର

Digitized by srujanika@gmail.com

ନିଃଶ୍ୱାସ ଆସି ଯଗନାର ମୁହଁ ଉପରେ ବାଜିବାରୁ ଭାବାବେଗରେ ଅଧୀର ହୋଇପଡ଼ି ଯଗନା ମୁହଁଟାକୁ ଟିକିଏ ଆଡ଼େଇ ନେଇଗଲା ।

''ହଉ ତୁ ଯା'ଆ । ସେମାନେ ତୋ'ଲାଗି ଅପେକ୍ଷା କରି ବସିଚନ୍ତି । କାଳେ କିଏ ଆମକୁ ଦେଖିପକାଇବ । ତୁ ଯାଆ !''

''କିନ୍ତୁ ତୁ ଆସିବୁଟି କି ?''

''ହଁ ହଁ, ନିଶ୍ଚୟ ଆସିବି ।''—ଆନ୍ତେକ୍ର ଯିବାବାଟକୁ ଅନାଇ ଯଗନା ଉତ୍ତର ଦେଲା । କିନ୍ତୁ କୁହୁଡ଼ି ତାକୁ ନିମେଷକ ମଧ୍ୟରେ ଏପରି ଗିଳିପକାଇଲା ଯେ କାଦୁଅ ଭିତରେ ତା'ର ଗୋଡ଼ପଡ଼ି ସେଥିରୁ ଶୁଭୁଥିବା କେବଳ ଏକ ପାଟୁରୁ ପାଟୁରୁ ଶବ୍ଦ ଶୁଣିବା ବ୍ୟତୀତ ଯଗନା ଆଉ କିଛି ଦେଖିପାରିଲା ନାହିଁ ।

ତା'ପରେ ଯଗନାର ସମସ୍ତ ଶରୀରକୁ ଗୋଟାଏ ଅଦମ୍ୟ କମ୍ପନ ମାଡ଼ିବସିଲା ପରି ଲାଗିଲା । କିନ୍ତୁ ତଥାପି ଯେପରି ତା'ର ହୃଦୟ ଓ ମୁଣ୍ଡ ଭିତରଦେଇ ନିଆଁପବନ ବୋହିଯିବାରେ ଲାଗିଥାଏ ! ସେ ଏସବୁର କୌଣସି ଅର୍ଥ ବୁଝି ପାରିଲାନାହିଁ — ଆଖିଦୁଇଟା ଦାଉଦାଉ ହୋଇ ଜଳୁଚି, ଛାତିଭିତରେ ନିଃଶ୍ୱାସ ଅଟକିଗଲା ପରି ମନେ ହେଉଚି, ହୃଦୟର ସେହି ଦ୍ରୁତ ସ୍ପନ୍ଦନକୁ ଅଟକାଇ ରଖିବା ତା'ପକ୍ଷରେ ଆଦୌ ସମ୍ଭବ ହେଲାନାହିଁ । ଯନ୍ତ୍ରଚାଳିତ ହେଲାପରି କାହାକୁ ଆଲିଙ୍ଗନ କରିବା ଉଦ୍ଦେଶ୍ୟରେ ସେ ଆପଣାର ଦୁଇହାତ ଆଗକୁ ପ୍ରସାରିତ କରିଦେଲା । ତା'ପରେ ସତେ ଯେପରି ତା'ର ଦେହଟାଯାକ ଏକାବେଳେକେ କାଠ ହୋଇଗଲା—ସତେ ଯେପରି ସେ ବଡ଼ପାଟିରେ ଚିତ୍କାର କରି ଉଠିବ, ତା'ର ଠିକ୍ ସେହିପରି ମନେହେଉଥାଏ । କିନ୍ତୁ ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ଗାଡ଼ିଯାଏ ଆସିଲା ଓ ଦଣ୍ଡାଟାକୁ ଧରି ଅତି ଅନାବଶ୍ୟକ ବେଗରେ ଗାଡ଼ିଟାକୁ ଆଗକୁ ଠେଲିଦେଲା । ଗାଡ଼ିଟା କେଁ କରି ଶବ୍ଦକରି ଗୋଟାଏ ଆଡ଼କୁ ଫକ୍‌କରି ଅଣେଇହୋଇଗଲା ଓ କେତୋଟି ବନ୍ଧାକୋବି ଖସିଯାଇ ତଳେ କାଦୁଅ ଉପରେ ଆସି ପଡ଼ିଲା । ତଥାପି ସେପର୍ଯ୍ୟନ୍ତ ମଧ୍ୟ ତା'ର ଆଁଖିଆଗରେ କେବଳ ସେହି ମୁହଁଟି ଦିଶିଦିଶି ଯାଉଥାଏ । କେଡ଼େ ଉଜ୍ଜ୍ୱଳ ସେଇ ଆଖିଦିଓଟି, କେତେ ଆକାଂକ୍ଷା ଓ କାମନାରେ ଟୁଳୁଟୁଳୁ ହୋଇ ରହିଚି ।

''ସିଏ ତ ମଣିଷ ନୁହେଁ, ସିଏ ହେଉଚି ଝଞ୍ଜାପବନ''—ଆପଣା ମନକୁମନ ସେ ଭାବିବାକୁ ଲାଗିଲା ।'' ସାରା ପୃଥିବୀଟା ବୁଲିଆସିଲେ ତା'ପରି ଗୋଟାଏ ମରଦ ମିଳିବ ନା ?''

ଅଟାପେଷା ଘରର ଘିଷିରି ଘିଷିରି ଶବ୍ଦ ଶୁଣି ଯାଇ ତା'ର ଜ୍ଞାନ ହେଲା । ଜଳଧାରାରେ ଆଜି ଅନେକ ପାଣି ଥିବାରୁ ପଟାଗୁଡ଼ାକୁ ଖୋଲି ଦିଆଯାଇଚି । କୋଳାହଳମୟ ଗର୍ଜନ କରି ପାଣିର ସ୍ରୁଅ ତଳକୁ ଧାଇଁଯାଉଚି, ନଦୀର ଜଳ ସମତଳ ଉପରେ ଫେଣର ଧଳା ଗାରମାନ କାଟିହୋଇ ଯାଉଚି ।

ଠିକ୍ ରାସ୍ତାଉପରେ ପେଷଣିଆର ଘର । ଘରଭିତରେ ଗୋଟିଏ ଟେବୁଲ ଉପରେ ବତି ଜଳୁଚି । ସେହି ଆଲୁଅରେ ଝରକାବାଟେ ଅନାଇଲେ ଘରଭିତରଟା ସ୍ପଷ୍ଟ ଦେଖାଯାଉଚି ।

Digitized by srujanika@gmail.com

''ଖାସା ବଡ଼ିଟାଏ ଏକା ! ଠିକ୍ ପାଦ୍ରିଙ୍କ ଘରେ ଯେମିତି ଗୋଟାଏ ବଡ଼ି ଅଛି, ସେମିତି ।''

''ଆରେ, ସେମାନେ କେଡ଼େ ଧନୀଘର କହିଲୁ !''—ସିମନ୍ କହିଲା । ବୋରିନାଠାରୁ ମଧ୍ୟ ଯାଙ୍କର ବେଶୀ ଜମି ଅଛି, କେତେକେତେ ଲୋକଙ୍କୁ କରଜ ଦେଇ ସେମାନେ ସୁଧ ଖାଉଚନ୍ତି, ଆଉ ତାଙ୍କ ଚକିକୁ ଆମେ ଅଟା ପେଷାଇନେଲେ କେମିତି ଲାଭ ମାରିନେଉଚନ୍ତି !''

''ଠିକ୍ ଜମିଦାରଘର ପରି ସେମାନେ ଅୟସରେ ରହିଚନ୍ତି । ଫରଚା ଫରଚା ଘର, ଶୋଇବାକୁ ଖଟ । ଖାଇବାବେଳକୁ କେତେ ବଢ଼ିଆ ବଢ଼ିଆ ଜିନିଷ ଆସି ଆଗରେ ବଢ଼ା ହେଉଚି । ସେମାନଙ୍କ ଜମିରେ କେତେକେତେ ଲୋକ କାମ କରିବାକୁ ଆସୁଚନ୍ତି !''—ଯଗ୍‌ନା ଭାବି ଚାଲିଥାଏ । କିନ୍ତୁ ଏଥିରେ ତା'ର ମନରେ କୌଣସି ଈର୍ଷାଭାବ ଆଦୌ ଆସୁନଥାଏ ବା ସିମନ୍ କହିଥିବା କଥାକୁ ମଧ୍ୟ ସେ କୌଣସି ଧ୍ୟାନ ଦେଉନଥାଏ । ସିମନ୍ ସ୍ୱଭାବତଃ ଅଳପ କଥା କହେ, କିନ୍ତୁ ଆଜି ଏଇକଥାଟା ପଡ଼ିବାରୁ ସେ ପେଡ଼ି ଫିଟାଇଲା ପରି ଅନର୍ଗଳ କହିବାରେ ଲାଗିଥାଏ ।

ପରିଶେଷରେ ସେମାନେ ଆସି ଘରେ ପହଞ୍ଚିଲେ । ଘରଭିତରେ ଉହ୍ଲେଇରେ ହୁତୁହୁତୁ ହୋଇ ନିଆଁ ଜଳୁଥାଏ । ଆଣ୍ଟୁ ଆଳୁରୁ ଚୋପା ଛଡ଼ାଉଥାଏ, ଆଉ ମାଆ ରାତିପାଇଁ ଖାଇବା ତିଆରି କରୁଥାଏ ।

ନିଆଁ ପାଖକୁ ଲାଗିକରି ପାକଲା ଝୋଟପରି ବାଳଥିବା ଗୋଟିଏ ବୁଢ଼ା ବସିଥାଏ ।

''ଯଗ୍‌ନା, ଆଜି କ'ଣ ସବୁ କାମ ସରିଗଲା ?''

''ଆଉ ତିନିଟା କିଆରି ବାକୀ ରହିଲା ।''

ଭିତର ଘରକୁ ଲୁଗା ପାଲଟିବାକୁ ଯାଇ ଯଗ୍‌ନା କିଛି ସମୟ ପରେ ପୁଣି ଫେରିଆସିଲା ଓ ରାତି ଖାଇବାଲାଗି ଆୟୋଜନ କରିବାକୁ ଲାଗିଲା । ଆଖି ବୁଲାଇ ସେ ଭାରି ଏକାନିଘାରେ ସେଠାରେ ବସିରହିଥିବା ବୁଢ଼ାଟି ଆଡ଼କୁ ଅନାଇଥାଏ । ବୁଢ଼ା ଚୁପ୍ ହୋଇ ବସିଥାଏ, ନିଆଁଆଡ଼କୁ ଅନାଇଥାଏ, ହାତର ଆଙ୍ଗୁଠିଭିତର ଦେଇ ମାଳାର ମାଳିଗୁଡ଼ାକ ଗଡ଼ିଯିବା ସଙ୍ଗେ ସଙ୍ଗେ ତା'ର ପାଟିର ଓଠ ଦୁଇଟା ମଧ୍ୟ ପାକୁପାକୁ ହେଉଥାଏ । ଖାଇବା ବଢ଼ାହୋଇ ସାରିବାବେଳକୁ ବୁଢ଼ୀ ତା'ପାଇଁ ମଧ୍ୟ ଗୋଟିଏ ଚାମଚ ନେଇ ଟେବୁଲ ଉପରେ ରଖିଲା ଏବଂ ତାକୁ ଖାଇବାକୁ ଡାକିଲା ।

''ନାଇଁ ଥାଉ, ଧନ୍ୟବାଦ ! ମୁଁ ବର୍ତ୍ତମାନ ଯାଉଚି !'' —ସେ ଉତ୍ତର ଦେଲା । ''କିନ୍ତୁ ଆଉଦିନେ ମୁଁ ପୁଣି ଆସିବି ଆଉ ସମ୍ଭବତଃ ଲିପ୍‌କା ଗାଆଁରେ ଅଧିକ ସମୟ ରହିବାକୁ ବେଳ ପାଇବି ।''

ଘରମଝିରେ ଆଣ୍ଠୁମାଡ଼ି ବସି ସେ ପବିତ୍ର ଦେବମୂର୍ତ୍ତିଗୁଡ଼ିକ ଉଦ୍ଦେଶ୍ୟରେ ପ୍ରଣାମ କଲା ଓ ଶୂନ୍ୟରେ କ୍ରସଚିହ୍ନ ଆଙ୍କି ଗୋଟିଏ ଗୋଟିଏ ପାଦ ପକାଇ ଘରୁ ବାହାରିଗଲା ।

''ସେ କିଏ କି ?''—ଯଗ୍‌ନା ପଚାରିଲା ।

Digitized by srujanika@gmail.com

''ଯୋଗୀ ଭିକାରି—-ସାଧୁଲୋକ ଜଣେ ! ତାଙ୍କ ସହିତ ମୋ'ର ଅନେକ ଦିନର ପରିଚୟ । ଏଠାକୁ ସେ ଆଗରୁ ମଧ କେତେଥର ଆସିଚନ୍ତି ଏବଂ ତୀର୍ଥସ୍ଥାନମାନଙ୍କରୁ ମୋ' ଲାଗି କେତେକେତେ ପବିତ୍ର ସାମଗ୍ରୀମାନ ଆଣି ଦେଇଚନ୍ତି । ପ୍ରାୟ ତିନିବର୍ଷ ହେଲା...''

ଆମ୍ବ୍ରୋଜ୍‌କୁ ଘର ଭିତରକୁ ଆସିବାର ଦେଖି ତା' କଥା ଅଧାରୁ ବନ୍ଦ ହୋଇଗଲା । ଓଳଗି ହୋଇ ଆମ୍ବ୍ରୋଜ୍ ନିଆଁ ପାଖରେ ଯାଇ ବସିଲା ।

''ବାହାରେ ଏମିତି ଥଣ୍ଡା ପଡ଼ିଚି ଆଉ ପାଣି ବରଷୁଚି ଯେ ମୋ'ର କାଠଡିଆରି ଗୋଡ଼ଟା ମଧ କାଲୁଆ ମାରିଗଲା ପରି ମନେହେଉଚି ।''

''ପାଗ ଯେମିତି ହୋଇଚି, ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ପୁଣି ରାତିକଥା ତ ଛାଡ଼ିଦିଅ !'' —ଡୋମିନିକ୍‌ଭା ଉତ୍ତର ଦେଲା । ''ବାହାରକୁ ବାହାରିବାକୁ ତୋତେ କିଏ କହୁଥିଲା ?''

''ଘରେ ଏକୁଟିଆ ଭାରି ଖରାପ ଲାଗିଲା । ଭାବିଲି, ଯାଉଚି ଝିଅମାନଙ୍କ ପାଖରେ ଟିକିଏ ମୁହଁ ମାରିଦେଇ ଆସେ । ଏହିପରି ଭାବି ଆଗ ଯଗ୍‌ନା ପାଖକୁ ଆସିଲି ।''

''କାହିଁକି ମରିବାକୁ ଗଲୁନାହିଁ ?''

''ମରିବାକୁ ? ମରଣ କ'ଣ ଆଉ ମୋତେ ମନେରଖିଚି ? ଟୋକାମାନଙ୍କୁ ଛାଡ଼ିଦେଇ ସେ ଏ ବୁଢ଼ାଟାକୁ କାହିଁକି ଖାତର କରିବାକୁ ଆସିବ ?''

''ତୋ କଥାଗୁଡ଼ାକ ମୁଁ କିଛି ବୁଝିପାରୁନାହିଁ ।'' —ଡୋମିନିକଭା କହିଲା ।

''ପାଦ୍ରି ପରା ବର୍ତ୍ତମାନ ବାର୍ତ୍ତେକ୍ ଉପରେ ପାଦୁକ-ପାଣି ସିଞ୍ଚିଦେଇ ଆସିଲେ !'

''କାହିଁକିମ ମୁଁ ତ ତାକୁ ଏବେ ଯାତ୍ରାରେ ଦେଖିଥିଲି, ତା'ର ତ କିଛି ହୋଇନଥିଲା !''

''ତା'ର ଜୁଆଇଁ ତାକୁ ଏମିତି ନିର୍ଘାତିଆ କରି ବାଡ଼େଇଚି ଯେ ତା'ର ଅନ୍ତବୁଜୁଳା ବାହାରି ପଡ଼ିଚି !''

''କେତେବେଳେ ? କାହିଁକି ବାଡ଼େଇଲା କହିଲୁ !''

''ଜମିପାଇଁ ! ଆଉ କୋଉଥି ସକାଶେ ବାଡ଼େଇବ ? ଛଅମାସ ହେଲା ଦୁହିଁଙ୍କ ଭିତରେ ଖୁରି ଖିଆଖୋଇ ଚାଲିଥିଲା—ଆଜି ଖରାବେଳେ ସବୁ ଫଇସଲା ହୋଇଗଲା ।''

''କାହିଁକି ?''—ଚିତ୍କାର କରି ଯଗ୍‌ନା ପଚାରିଲା । '' ଏ ମଣିଷମାରୁଙ୍କ ଉପରେ କ'ଣ ଭଗବାନଙ୍କ ଆଖି ପଡୁନାହିଁ ନା କ'ଣ ?''

''ପଡ଼ିବ, ପଡ଼ିବ ! ଭଗବାନ ନିଶ୍ଚୟ ଏହାର ବିଚାର କରିବେ !''— ଠାକୁରଙ୍କର ପିତୁଳାଗୁଡ଼ିକ ଆଡ଼କୁ ଆଖି ଉଠାଇ ତା'ର ମାଆ ଭାରି କର୍କଶ ଭାବରେ ଉତ୍ତର ଦେଲା ।

''ହଁ, ବିଚାର ସିନା କରିବେ, କିନ୍ତୁ ଭଲା ମଣିଷ ତ ଆଉ ଫେରିଆସିବ ନାହିଁ !'' — ଆମ୍ବ୍ରୋଜ ଜବାବ ଦେଇ କହିଲା ।

''ଆ' —ଆମ ସାଙ୍ଗରେ ଖାଇବସ !''

''ସେଥିରେ ମୋ'ର କୌଣସି ଆପତ୍ତି ନାହିଁ । ବର୍ତ୍ତମାନ ମଧ ମୁଁ ଥାଳିରେ ଥାଳିଏ ଖାଇପାରିବି !''

Digitized by srujanika@gmail.com

‘‘ସବୁବେଳେ ଖାଲି ତୋ’ର ଥଟ୍ଟା ଆଉ ତାମସା !’’

‘‘ଆଉ ମୋ’ର ସଂସାରରେ କ’ଣ ଅଛି କହିଲ ? କୋଉଥିକୁ ମୁଁ ଆଉ କାହିଁକି ଖାତର କରିବି ?’’

ଟେବୁଲ ଉପରେ ଦୁଇଟି ବଡ଼ ଥାଳିରେ ଆଳୁ ଓ ଘୋଳଦହି ବଢ଼ା ହୋଇ ଥୁଆ ହୋଇଥାଏ । ସମସ୍ତେ ଯାଇ ଟେବୁଲ ଚାରିପାଖରେ ବସିଲେ ଏବଂ ଖାଇବାକୁ ଆରମ୍ଭ କଲେ । କେତେବେଳେ କଥାବାର୍ତ୍ତା ହେଉଥାନ୍ତି ତ ପୁଣି କେତେବେଳେ ଚୁପ୍ ହୋଇ ରହିଯାଉଥାନ୍ତି । କାହାରି ଖାଇବା ଥାଳି ଯେପରି ଖାଲି ହୋଇନଯାଏ, ଆଣ୍ଟୁ ସେଥିପ୍ରତି ନିଘା ରଖିଥାଏ । ଆମ୍ବ୍ରୋଜ ମଝିରେ ମଝିରେ ଥାଇ ଥାଇ ଗୋଟାଏ ଗୋଟାଏ ହସକଥା କହୁଥାଏ ଓ ଅନ୍ୟକେହି ହସିବା ଆଗରୁ ଆପେ ହସି ପକାଉଥାଏ ।

‘‘ପାଦ୍ରି ଘରେ ଅଛନ୍ତି ନା ନାହିଁ ?’’—ଖାଇବା ଶେଷହୋଇ ଆସିବାବେଳକୁ ଡୋମିନିକଭା ପଚାରିଲେ ।

‘‘ଏଇ ପାଗରେ ଆଉ କୁଆଡ଼କୁ ଯାଆନ୍ତେ ? ଠିକ୍ ଗୋଟାଏ ଇହୁଦୀ ପରି ଘରେ ବସି ଖାଲି ବହି ପରେ ବହି ପଢ଼ିବାରେ ଲାଗିଚନ୍ତି !’’

‘‘ପାଦ୍ରି ଆମର ଭାରି ପଣ୍ଡିତ ଲୋକ !’’

‘‘ପୁଣି କେଡ଼େ ଭଲଲୋକ କହିଲ ! ସଂସାର ଗୋଟାକରେ ଏପରି ଆଉଜଣେ ମଣିଷ ବାହାରିବେ ନା !’’—ଯଗ୍‌ନା ଉଲ୍ଲସିତ ହୋଇ କହିଲା ।

‘‘ହଁ, ଭାରି ଭଲଲୋକ । ତାଙ୍କ ମନରେ ଖରାପକଥା ବୋଲି କିଛି ନାହିଁ । ଆପଣା କାମରେ ବ୍ୟସ୍ତ ଥାଆନ୍ତି, କାହାରି ଅନିଷ୍ଟ ପାଞ୍ଚନ୍ତି ନାହିଁ ।’’

‘‘ତୁ ସେମିତି ଅବାଗିଆ କରି କାହିଁକି କଥା କହୁଚୁ, ଆମ୍ବ୍ରୋଜ୍ ?’’

ଖାଇବା ସରିଲା । ଯଗ୍‌ନା ତା’ର ମାଆ ସହିତ ଚୁଲିପଖା ଉପରେ ଖୋସାହୋଇଥିବା ଟାକୁଡ଼ି ଆଣିବାକୁ ଗଲା । ସବୁଦିନ ପରି ଦୁଇ ଭାଇ ବାସନକୁସନ ଉଠାଇନେଲେ, ଧୋଇଧାଇ ସେଗୁଡ଼ିକୁ ଆପଣା ଜାଗାରେ ଆଣି ରଖିଦେଲେ । ଡୋମିନିକଭାର ଶାସନ ଭାରି କଡ଼ା, ପୁଅ ଦୁହିଁଙ୍କୁ ସେ ଭାରି ନଜରରେ ରଖିଆସିଚି । ଯଗ୍‌ନାର ସୁନ୍ଦର ହାତଦୁଇଟି ଏଣୁତେଣୁ କାମକରି କାଳେ ଟାଆଁସିଆ ହୋଇଯିବ, ସେଥିପାଇଁ ସେ ପୁଅମାନଙ୍କ ଦ୍ୱାରା ଝିଅର କାମ କରାଇଆଣିଚି ।

ଆମ୍ବ୍ରୋଜ୍ ପିକା ଲଗାଇ କଳକଳ ଧୂଆଁ ଛାଡ଼ିବାକୁ ଲାଗିଲା । ନିଭି ଆସୁଥିବା ନିଆଁ ଆଡ଼କୁ କିଛି ସମୟ ଅନାଇ ଦେଖିଲା, ତା’ପରେ ସେଥିରେ ଆଉ କେତେଖଣ୍ଡ କାଠ ନେଇ ପକାଇଦେଲା ଓ ତା’ପରେ ସ୍ତ୍ରୀଲୋକମାନଙ୍କ ଆଡ଼କୁ ଅନାଇବାକୁ ଲାଗିଲା । ମନେ ହେଉଥାଏ, ଯେପରି ସେ କ’ଣ ଗୋଟାଏ ଖାସ୍ ବିଷୟ ଭାବୁଚି, କିନ୍ତୁ କଥାଟା କିପରି ଭାବରେ ଉକ୍ତ କରିବ ଭାବି ଠିକ୍ କରିପାରୁନାହିଁ ।

‘‘ତୁମ ଘରକୁ ଥରେ ଦୁଇଥର ଭଲଲୋକ ଆସିବେଣି !’’

‘‘ଦୁଇଥର କାହିଁକି , ଅନେକ ଥର ।’’

Digitized by srujanika@gmail.com

''ଅବଶ୍ୟ, ଅତି ସ୍ୱାଭାବିକ କଥା । ଯଗ୍ନା ଯୋଉ ରୂପଖଣ୍ଡକ ପାଇଚି, ସାକ୍ଷାତ ଗୋଟିଏ ଛବିପରି । ପାଦ୍ରି କହୁଥିଲେ ଯେ ତା'ପରି ସୁନ୍ଦରୀ ଝିଅ ଏ ଗାଆଁରେ ଆଉ କେହି ନାହାନ୍ତି ।''

ମନ ଆନନ୍ଦରେ ଯଗ୍ନାର ମୁହଁ ରଙ୍ଗା ହୋଇଆସିଲା ।

''ପାଦ୍ରି କହୁଥିଲେ ?''—ବୁଢ଼ୀ ପଚାରିଲା । ''ଭଗବାନ ତାଙ୍କୁ ଆଇଷ ଦେଇ ରଖନ୍ତୁ ! ମୁଁ ତ ଗିର୍ଜାରେ ଦିଅଁଲାଗି କରିବିବୋଲି କେତେଦିନୁଁ ପଇସା ସଞ୍ଚି ରଖୁଚି— ମୁଁ ନିଶ୍ଚୟ ପୂରା ଗୋଟାଏ ଅଷ୍ଟକ ବୋଲାଇବି ।''

''ତୁମଘରକୁ ପ୍ରସ୍ତାବ ପଠାଇବ ବୋଲି ଜଣେ ଭାବୁଥିଲା ଯେ—କିନ୍ତୁ ତାକୁ ଏମିତି ଲାଜ ମାଡୁଚି ଯେ ସେ ସେଥିଲାଗି ଭରସି ପାରୁନାହିଁ ।''

''କିଏ ମ ? ଚାଷୀ ଘରର କେହି ନା ଆଉ କିଏ ?''—ତାକୁଡ଼ିଟାକୁ ଜୋର କରି ବୁଲାଇ ଦେଇ ଡୋମିନିକଭା ପଚାରି ବସିଲା । ଘରର ଚଟାଣ ଉପରେ ତାକୁଡ଼ିଟା ଘର୍‌ଘର୍ ବୁଲିବାକୁ ଲାଗିଲା ।

''ହଁ, ତା'ର ଘର ସଂସାର ମଧ୍ୟ ରହିଚି । ଭଲ ଘର, କିନ୍ତୁ ମାଇପ ମରିଚି ।''

''କ'ଣ ହେଲା ? ମୁଁ ଆଉ କାହା ପିଲାଙ୍କର ଖିଦମତ କରିବାକୁ ଯିବି ? ମୋ' ଭେକ ସରୁନାହିଁ !''

''ସେମିତି ଡରିବାର କୌଣସି କାରଣ ନାହିଁ, ଯଗ୍ନା ! ପିଲାମାନେ ବେଶ୍ ବଡ଼ ବଡ଼ ହୋଇଗଲେଣି, ସେମାନଙ୍କର ହେତୁ ପାଇଲାଣି । ତୋତେ ସେମାନଙ୍କର କିଛି କରିବାକୁ ପଡ଼ିବନାହିଁ ।''

''ମୋ' ଝିଅର ବୟସ ତ ଚାଲିଯାଇନାହିଁ ଯେ ସେ ଗୋଟାଏ ବୁଢ଼ାର ହାତ ଧରିବାକୁ ଯିବ ! ଏତେ ତରତର କୋଉଥିପାଇଁ ? ଆଉ କିଛିଦିନ ଅପେକ୍ଷା କଲେ କ'ଣ ଅଳପ ବୟସର ପାତ୍ର ମିଳିବେ ନାହିଁ ?''

''ଆରେ ମିଳିବେନାହିଁ କାହିଁକି, ବହୁତ ମିଳିବେ । ଟୋକାଙ୍କର ଦ'ଣ ଅଭାବ ପଡ଼ିଚି ? ଏ ଗାଆଁରେ ଷଣ୍ଢା ଷଣ୍ଢା କେତେ ଟୋକା ବୁଲୁଚନ୍ତି, ସିଗାରେଟ ଟାଣି ସରାଇଘରକୁ ନାଚିବାକୁ ଯାଉଚନ୍ତି, ଡବାଏ ଲେଖାଏଁ ଭଡ୍‌କା ପିଇଯାଉଚନ୍ତି, ଆଉ ଯେଉଁ ଝିଅ ହାତରେ ଜମି ଅଛି ବା ପଇସା ଅଛି, ତାହାରି ତଲାସ କରି ବୁଲୁଚନ୍ତି । ଅବଶ୍ୟ ସେମାନେ ଚାଷୀ ନୁହନ୍ତି, କେବଳ କୋଠିଆ । ଦିନ ଦିପହରେ ବିଛଣାରୁ ଉଠୁଚନ୍ତି, ଉପରବେଳାକୁ ଗାଡ଼ିରେ ଗୋବର ଲଦି ବିଲକୁ ଯାଉଚନ୍ତି ଆଉ ଲଙ୍ଗଳ ଧରି ଜମି ଚଷୁଚନ୍ତି !''

''ମୋ' ଯଗ୍ନାକୁ ମୁଁ କଦାପି ଏମିତି ଟୋକାଙ୍କ ହାତରେ ଦେବି ନାହିଁ !''

''ସମସ୍ତେ କ'ଣ ଆଉ ମିଛରେ କହନ୍ତି ଯେ ତୁମର ବୁଦ୍ଧିପରି ଆଉ କାହାରି ବୁଦ୍ଧି ହେବନାହିଁ !''

''କିନ୍ତୁ —ବୁଢ଼ାଟା ସାଥିରେ ବାହାହେଲେ ମୋ' ଝିଅ କି ରସ ପାଇବ କହିଲ ?''

Digitized by srujanika@gmail.com

''ରସ ? —ରସ ପାଇବା ଲାଗି କ'ଣ ସାନ ପିଲାଙ୍କର ଅଭାବ ଅଛି ? ଯେତେ ଇଚ୍ଛା !''

ବୁଢ଼ୀ କଟମଟ କରି ଆମ୍ବ୍ରୋଜ୍‌କୁ ଅନାଇ କହିଲା—''ବୟସରେ ଏତୁଟିଏ ହେଲୁଣି, କିନ୍ତୁ ତୋ'ର କଥାଗୁଡ଼ାକ କେଡ଼େ ଅବାଗିଆ ମ !''

ସମସ୍ତେ କିଛିକ୍ଷଣ ନୀରବ ରହିଲେ ।

''ମୁଁ ଯାହାର କଥା କହୁଚି, ଏ ଗାଆଁରେ ତା'ର ଭାରି ସମ୍ମାନ । ସେ ଜଣେ ଭାରି ପୁରୁଖା ଲୋକ । କାହାରି ପଇସାକୁ ସେ କେବେହେଲେ ଆଖି ଦିଏନାହିଁ ।''

''ନାଇଁ ନାଇଁ— ଏମିତି ବହାଘରରେ ଖାଲି ଅନର୍ଥ ଭୋଗିବାହିଁ ଲାଭ ହେବ ।''

''ତୁମେମାନେ ମତ ଦେଲେ ସେ ପ୍ରସ୍ତାବଟାକୁ ପକ୍‌କା କରିନେବ !''— ପିକାଭିତରୁ ପାଉଁଶ ଝାଡ଼ି ଦେଉଦେଉ ଆମ୍ବ୍ରୋଜ୍ ଗମ୍ଭୀରଭାବରେ କହିଲା ।

ଅତି କୁଣ୍ଠାର ସହିତ ଉତ୍ତର ମିଳିଲା—

''ଯଗନାର କ'ଣ ନାହିଁ ଯେ ସେ ଏପରି ହୀନିମାନ ହେବାକୁ ଯିବ ?''

''କିନ୍ତୁ ସେ ପାଇବ ଯେତେ, ଦେବ ତାହାରି ଦଶଗୁଣ। । ଆହୁରି ବେଶୀ ।''

''ତୁ କ'ଣ ସବୁ ଖିଆଲ ନିଶାରେ କହିଯାଉଚୁ କହିଲୁ ?''

''ମୁଁ ଯାହା ଜାଣିଚି, ତାହାହିଁ କହୁଚି । ଖିଆଲ ନିଶାରେ ଉଡ଼ାକଥା କହୁନାହିଁ । ମୁଁ ବର୍ତ୍ତମାନ ଆଉ ଜଣକ ତରଫରୁ ଏଠିକି ଆସିଚି ।''

ପୁଣି ସମସ୍ତେ ଚୁପ୍ ରହିଲେ । ଅତୁଆ ହୋଇ ତାକୁଡ଼ିରେ ଗୁରାଇ ହୋଇ-ଯାଇଥିବା ତୁଳାକୁ ସଜାଡ଼ି ବାହାର କରିବାକୁ ବୁଢ଼ୀକୁ ବେଶ୍ କିଛି ସମୟ ଲାଗିଲା । ତା'ପରେ ବାଆଁ ହାତର ଆଙ୍ଗୁଠିଗୁଡ଼ାକୁ ପାଣିରେ ଟିକିଏ ଓଦାକରି ଦେଇ ସେ ତୁଳାମେଞ୍ଚାକ ଧରି ଟାଣି ନେବାକୁ ଲାଗିଲା ଓ ଡାହାଣ ହାତରେ ତାକୁଡ଼ିଟାକୁ ଘର୍‌କରି ବୁଲାଇ ଦେଲା । ତାକୁଡ଼ିଟା ଘରର ଟାଣ ଚଟାଣ ଉପରେ ନଟୁପରି ଠକଠକ ବାଜି ବୁଲିବାରେ ଲାଗିଥାଏ ।

''ତେବେ ସେ କ'ଣ ଭଦ୍‌କା ଭାର ସହିତ ଝୁଅପାଖକୁ ଭଲଲୋକ ପଠାଇବ ?''

''ସିଏ ବୋଇଲେ କିଏ ?''

''କିଏ ତୁମକୁ ଜଣାନାହିଁ, ସେଇ ଯିଏ ପୋଖରୀ ସେ ପାଖରେ ଘରକରି ରହିଚି !'' —ଆମ୍ବ୍ରୋଜ୍ ହାତ ଲମ୍ବାଇ ବୋରିନାର ଘର ଭିତରେ ଜଳୁଥିବା ବତିଆଡ଼କୁ ସୂଚିତ କରିଦେଲା । ବତିର ଆଲୁଅ ଆସି ପୋଖରୀର ପାଣି ଉପରେ ପଡ଼ିଥାଏ ।

''ତା'ର ପିଲାମାନେ ବଡ଼ ହୋଇଗଲେଣି, ସେମାନେ ଏଥିରେ ଆପତ୍ତି କରିବେ ନାହିଁ ? ପୁଣି, ବାପର ସମ୍ପତ୍ତିରୁ ତ ସେମାନେ ଭାଗ ଦାବି କରିବେ ନା ନାହିଁ ?''

''କିନ୍ତୁ ଆପଣା ସମ୍ପତ୍ତି ବିଷୟରେ ସବୁ ନିଷ୍ପତ୍ତି କରିବାକୁ ତାକୁ ଘଡ଼ିଏ ସମୟ ବି ଲାଗିବ ନାହିଁ । ସେ ଭାରି ଭଲ ମଣିଷ । ଆପଣାର ଜମିବାଡ଼ିରେ ତା'ର ଭାରି ଲୋଭ, ଧର୍ମରେ ମଧ ଭାରି ବିଶ୍ୱାସ ! ଆଉ ଦିହର ତାକତ କଥା କାହିଁକି କହୁଚ । ମୁଁ ନିଜେ ତାକୁ

Digitized by srujanika@gmail.com

ଦୁଇଦୁଇ ବସ୍ତା ମାଣିଆ କାନ୍ଧ ଉପରକୁ ଉଠାଇବାର ଦେଖିଚି । ପାରା ଦୁଧକୁ ଛାଡ଼ିଦେଇ ତୁମର ଝିଅ ଯଗ୍ନା ଯେତେବେଳେ ଯାହା ମାଗିବ, ସେତେବେଳେ ତାହା ପାଇବ । ହଁ, ତୁମ ଆଣ୍ଟୁ ଆସନ୍ତା ବର୍ଷକୁ ଫଉଜରେ ଭରତି ହେବାକୁ ଯିବ ନା ? ବୋରିନା ସେ ବିଷୟରେ ସବୁ କଥା ଜାଣିଚି । କୋଉଠିକି ଯିବାକୁ ହେବ, କୋଉଠି ଦରଖାସ୍ତ ପକାଇବାକୁ ହେବ, ତାକୁ ସବୁକଥା ଜଣାଅଛି ।''

''କିନ୍ତୁ ତୁ କହିଲୁ, ଯଗ୍ନା, ତୋ'ମନ ଏଥିରେ କିପରି ମାନୁଚି ?''

''ମୋ'ମନ ମାନିବାରେ କ'ଣ ଅଛି ? ତୁ ଯଦି ସେଇଠି ବାହାହେବାକୁ କହିବୁ, ମୁଁ ନିଶ୍ଚୟ ବାହାହେବି । ତୁ ସିନା ଠିକ୍ କରିବୁ, ମୋତେ କାହିଁକି ପଚାରୁଚୁ ?''—ଧୀର କଣ୍ଠରେ ଯଗ୍ନା ଜବାବ ଦେଇ କହିଲା । ତା'ର ମୁଣ୍ଡଟି ତାକୁଡ଼ି ପାଖକୁ ଏକାବେଳେକେ ଲାଗିଆସିଥିଲା ପରି ଦେଖାଯାଉଥାଏ । ଉଦାସ ମନରେ ଜଳୁଥିବା ନିଆଁ ଆଡ଼କୁ ଅନାଇ ସେ କାଠ ଫାଳିଆଗୁଡ଼ାକର ଚଡ଼ଚଡ଼ ଜଳିବା ଶବ୍ଦ ଶୁଣୁଥାଏ ।

''ତେବେ ମୁଁ କ'ଣ ଯାଇ କହିବି ?''—ଉଠିବାର ଉପକ୍ରମ କରି ଆନ୍ତ୍ରୋକ୍ ପଚାରିଲା ।

''ସେ ଆଗ ଭଲଲୋକ ପଠାଉ'' —ବୁଢ଼ୀର ମୁହଁରୁ କଥାଗୁଡ଼ିକ ଗୋଟିଗୋଟି ହୋଇ ବାହାରି ଆସିବାପରେ ମନେ ହେଉଥାଏ । ''କଥା ପଡ଼ିବା ଆଉ ବାହାଘର ହେବା କ'ଣ ସମାନ କଥା ?''

ଶୂନ୍ୟରେ କ୍ରୁସଚିହ୍ନ ଅଙ୍କନ କରି ଆନ୍ତ୍ରୋକ୍ ଉଠି ଠିଆହେଲା ଓ ସିଧା ବୋରିନା ଘରକୁ ବାହାରିଗଲା ।

ଯଗ୍ନା ସେଇଠି ସ୍ଥିରହୋଇ ସେମିତି ବସି ରହିଥାଏ । ତା'ପାଟିରୁ କୌଣସି କଥା ବାହାରୁ ନଥାଏ ।

''ଯଗ୍ନା, ମୋ' ସୁନାଝିଅ ! ତୋ'ର ମନକଥା କ'ଣ ମତେ କହିଲୁ !''

''ମୋ'ର ମନକଥା ପୁଣି କ'ଣ । ତୋ'ର ଯାହା, ମୋର ସେଇଆ । ତୁ ବୋରିନାକୁ ବାହାହେବାକୁ କହିଲେ ମୁଁ ନିଶ୍ଚୟ ବାହାହେବି । ନହେଲେ ମୁଁ ତୋ' କତିରେ ରହିବି । ତୋ' କତିରେ ଥିଲାପର୍ଯ୍ୟନ୍ତ ମୋର ଆଉ ଚିନ୍ତା କରିବାର କ'ଣ ଅଛି ?''

ତାକୁଡ଼ିରେ ସୂତା କାଟୁକଟୁ ମାଆ ରୁଦ୍ଧକଣ୍ଠରେ କହିବାକୁ ଲାଗିଲା—

''ଯୋଉଥିରେ ମୋ' ଝିଅର ଭଲ ହେବ, ମୁଁ କ'ଣ ସେକଥା କରିବିନାହିଁ ? ହଁ, ତା'ର ବଅସ ସିନା ବହୁତ ହୋଇଗଲାଣି, କିନ୍ତୁ ଦିହରେ ତାକତ ତ ପୁଣି ରହିଚି, ମନଟା ତ ଯୁଆନ୍ ରହିଚି ! ସେ ତୋତେ ଭାରି ଭଲରେ ରଖିବ, ଆଉ ଚାଷୀଙ୍କପରି ନରଖର କରିବନାହିଁ । ତୁ ତା'ଘରର ମାଲିକାଣୀ ହୋଇ ରହିବୁ, ତା'ର ଘରଗୋଟାକୁ ଚଳାଇବୁ । ଯେତେବେଳେ କଥାବାର୍ତ୍ତା ପଡ଼ିବ, ସେତେବେଳେ ମୁଁ ସବୁ କଥାର ଏପରି ମୀମାଂସା କରିନେବି ଯେପରି ସେ ଆମକୁ ଦେବା ଜମିତକ ଠିକ୍ ଆମ ଜମିର ସରହଦକୁ ଲାଗିକରି ପଡ଼ିବ ।... ଛଅମାଣ ଜମି ! କାହାକୁ ଏମିତି ଛଅମାଣ ଜମି ମିଳେ କହିଲୁ ! ଜାଣିଲୁ ଝିଅ, ତୁ ସେଇଠି

Digitized by srujanika@gmail.com

ବାହାହେବୁ , ସେଇଠି ଅବଶ୍ୟ ବାହାହେବୁ ! ଗାଆଁ ଲୋକଙ୍କର ସେଥିରେ କ'ଣ ଅଛି, ସେମାନେ କାହିଁକି କୁକୁର ଲାଙ୍ଗୁଡ଼ ପରି ଜିଭ ହଲାଇ ତୋ'ର ନିନ୍ଦା କରିବାକୁ ଆସିବେ ? ହଁ, ଘରେ ରହିଥିବା ଘୁଷୁରିଟାକୁ ମଧ ମାରିବାକୁ ପଡ଼ିବ...'' ହଠାତ୍ କହିବା ବନ୍ଦକରି ଆଉଆଉ କଥାଗୁଡ଼ାକର ସମାଧାନ ଆପଣା ମନଭିତରେ କରିବାଲାଗି ସେ ଚୁପ୍ ହୋଇଗଲା । ୟଗ୍‌ନା ଯନ୍ତ୍ରବତ୍ ତାକୁଡ଼ି ବୁଲାଇ ସୂତାକାଟି ଚାଲିଥାଏ, ସତେଅବା ମାଆର କଥା ତା'ର କାନଭିତରେ ଆଦୌ ପ୍ରବେଶ ମଧ କରୁନଥାଏ ।

ନୀରବହୋଇ ୟଗ୍‌ନା କେତେକ'ଣ ଭାବିବାରେ ଲାଗିଥାଏ । ତା'ର ଆଖିର ଡୋଳାଦୁଇଟା ବସନ୍ତ ମଧାହ୍ନର ଥିର ଜଳପରି ଥିର ହୋଇ ରହିଥାଏ, ତାରାପରି ଜଳଜଳ କରିବାରେ ଲାଗିଥାଏ ।

ହଠାତ୍ ତା'ର ସ୍ୱପ୍ନାବେଶ ଭାଙ୍ଗିଗଲା । ଘରର କବାଟ ମେଲାକରି କିଏ ଯେପରି ଭିତରକୁ ଆସିଲା । ଅଣନିଃଶ୍ୱାସୀ ହୋଇ ୟୁଜ୍‌କା ଘରଭିତରେ ପ୍ରବେଶ କଲା ।

ଆପଣାର କାଠଜୋତାରୁ ପାଣି ଝାଡ଼ିଦେଇ ସେ କହିଲା —''ୟଗ୍‌ନା କାଲି ଆମେ ପତର ଛଡ଼ାଇବା କାମ କରିବୁ । ତୁ ଆସିବୁ ତ ?''

''ନିଶ୍ଚୟ ଆସିବି ।''

''ଆମ ବଡ଼ଘରେ ଆମେ ପତର ଛଡ଼ାଇବାକୁ ଠିକ୍ କରିଚୁ । ବର୍ତ୍ତମାନ ଆନ୍ତୋଜ୍ ସେଠି ବସି ବାପାସାଙ୍ଗରେ କ'ଣ କଥାବାର୍ତ୍ତା ହେଉଚି । ଏହି ଅବସରରେ ତୋତେ ମୁଁ ଖବରଟା ଦେବାକୁ ଦଉଡ଼ି ଆସିଲି । ଉଲିସିଆ, ମେରୀ, ଭିତ୍‌କା, ଏମାନେ ଆସିବେ । ସାଇର ଟୋକାମାନେ ବି ଆସିବେ । ପିଟର୍ ତା'ର ବାଜାକୁ ସାଙ୍ଗରେ ନେଇ ଆସିବାକୁ କହିଚି ।''

''ପିଟର୍ ? ସେ ପୁଣି କିଏ ?''

''ପଧାନଘର ସେପାଖରେ ଯୋଉ ମାଇକେଲ ଘର, ପିଟର ହେଉଚି ତାହାରି ପୁଅ । ଆଳୁ ଖୋଳା ହେଉଥିବାବେଳେ ଯିଏ ଫଉଜରୁ ଗାଆଁକୁ ଆସିଲା, ସେଇ । ଫଉଜରେ ରହି ତା'ର କଥା କହିବା ଏମିତି ବଦଳିଯାଇଚି ଯେ ସେ କ'ଣ କହୁଚି ବୁଝିବା ସହଜ କଥା ନୁହେଁ ।''

ଏହିପରି କିଛି ସମୟ କଥାବାର୍ତ୍ତା ହୋଇ ୟୁଜ୍‌କା ପୁଣି ଘରକୁ ଫେରିଗଲା । ଘରେ ସମସ୍ତେ ନୀରବ ହୋଇ ବସିରହିଲେ ।

ଝରକାର କାଚଉପରେ ବରଷାର ବିନ୍ଦୁମାନ ବାଡ଼େଇହୋଇ ଯାଉଚି, ସତେ ଯେପରି କିଏ ମୁଠା ମୁଠା ବାଲି ଧରି ଝରକାଉପରକୁ ପକାଉଥିଲା ପରି ଶବ୍ଦ ଶୁଭୁଚି । ବଗିଚାଭିତରେ ବତାସ ପବନ ସାଇଁ ସାଇଁ ଗର୍ଜନ କରୁଚି, ଘରର ଚାଳ ପଡୁଥିଲା ଉଠୁଥିଲାପରି ମନେହେଉଚି । ଚେମଣି ଭିତରେ ଉପରୁ ପବନର ହାଲୁପାମାନ ପଶିଯାଇ ଘରଭିତରଟାକୁ ଧୂଆଁମୟ କରିପକାଉଚି । କିନ୍ତୁ ତଥାପି ତାକୁଡ଼ି ଦୁଇଟା ଘର୍‌ଘର୍ ହୋଇ ଘରର ଚଟାଣ ଉପରେ ଘୂରିବାରେ ଲାଗିଚି ।

Digitized by srujanika@gmail.com

ରାତି କ୍ରମେ ଅଧିକରୁ ଅଧିକ ହେବାକୁ ଆରମ୍ଭ କଲାଣି । ଶେଷକୁ ଥରଥର ସ୍ୱରରେ ଯଗ୍‌ନାର ମାଆ ପ୍ରାର୍ଥନାଗୀତ ଗାଇବାକୁ ଲାଗିଲା । ଯଗ୍‌ନା ଓ ତା'ର ଭାଇମାନେ ମାଆସହିତ ଏପରି ବଡ଼ପାଟିରେ ଧୂସାଧରି ଗାଇବାକୁ ଆରମ୍ଭ କରିଦେଲେ ଯେ ଘରପିଣ୍ଡାରେ ଅଣ୍ଡା ଉପରେ ବସିଥିବା ମାଇକୁକୁଡ଼ାଗୁଡ଼ାକ ମଧ କେଁ କେଁ ଶବ୍ଦ କରି ତାଳରେ ତାଳ ମିଳାଇ ବସିଲେ ।

Digitized by srujanika@gmail.com

ସାତ

ସେଦିନ ଯେମିତି ବରଷାପାଗ କରିଥିଲା, ଯେମିତି ନୀରସ ଲାଗୁଥିଲା, ତା'ପର ଦିନ ମଧ ଠିକ୍ ସେମିତି ବରଷାପାଗ କଲା, ସେମିତି ନୀରସ ଲାଗିଲା ।

ବେଳେବେଳେ କେହିକେହି ଆପଣାର କୁଡ଼ିଆଘରୁ ବାହାରକୁ ବାହାରିଆସି କୁହୁଡ଼ିଦ୍ୱାରା ଆଛନ୍ନ ହୋଇ ରହିଥିବା ପୃଥିବୀ ଭିତରକୁ ଅନାଇ ଦେଖୁଥାନ୍ତି, କୁହୁଡ଼ି ଟିକିଏ ପାତଳା ହୋଇ ଆସୁଚି କି ନାହିଁ, ବଡ଼ ବ୍ୟସ୍ତ ଭାବରେ ସେହିକଥା ଜାଣିବାକୁ ଚାହୁଥାନ୍ତି । କିନ୍ତୁ କେବଳ ସିଲଟରଙ୍ଗର ମେଘପରସ୍ତ ବ୍ୟତୀତ ଆଉ କିଛି ଦୃଷ୍ଟିଗୋଚର ହେଉନଥାଏ, ମେଘମାଳା ନଇଁ ଆସି ଗଛଅଗକୁ ସ୍ପର୍ଶ କରୁଥିଲାପରି ମନେହେଉଥାଏ । ଏଣେ ପାଣି ବରଷିବାରେ ହିଁ ଲାଗିଥାଏ ।

ଲୋକମାନଙ୍କର ପଦାକୁ ବାହାରିବା ଏଣିକି ପ୍ରାୟ ବନ୍ଦହୋଇ ଆସିଲାଣି । ଖରାପ ପାଗଟା ସଙ୍ଗେସଙ୍ଗେ ଦେହଟା ମଧ କେମିତି ଖରାପ ଖରାପ ଲାଗିଲାଣି । କେହି କେହି ଆଣ୍ଠୁଏ କାଦୁଅରେ ପଶି ବରଷାପାଣିରେ ତିନ୍ତି ପଡ଼ିଶାଘରେ ମୁହଁ ମାରିଦେଇ ଆସିବାକୁ ଯାଉଥାନ୍ତି । କାହାର ଘାସ ଜଙ୍ଗଲରେ ରହିଗଲା, ସେ ତାକୁ ବେଳଥାଉଁ ଘରକୁ ଆଣି ପାରିଲାନାହିଁ, କାହାର ଜାଳେଣିକାଠ ଏପର୍ଯ୍ୟନ୍ତ ଘରକୁ ଆସି ନାହିଁ । ପ୍ରାୟ ସମସ୍ତଙ୍କର ଜମିରେ ଏପର୍ଯ୍ୟନ୍ତ ବନ୍ଧାକୋବି ରହିଯାଇଚି, କଟା ସରିନାହିଁ, ଆଉ ବର୍ତ୍ତମାନ ଯାଇ ସେଗୁଡ଼ିକ କାଟିଆଣିବା ଆଦୌ ସମ୍ଭବ ହେବନାହିଁ—ଲୋକମାନେ ଏକାଠି ହେଲେ ଏହି ସବୁ ଦୁଃଖକଥାମାନ ପଡ଼ିଥାଏ । ପୋଖରୀପାଣି ଫୁଲିଫୁଲି ରାତିକଭିତରେ ବନ୍ଧଭାଙ୍ଗି ସାରିଲାଣି ଓ ନାଳୀ ଭିତରେ ଯାଇ ନଦୀସହିତ ମିଶିଗଲାଣି, ନଈରୁ ବଢ଼ିପାଣି ମାଡ଼ିଆସି ପାଟକୁ ବୁଡ଼ାଇ ରଖିଚି, ସେହି ସମୁଦ୍ରଭିତରେ କୋବିପଟାଳିଗୁଡ଼ିକ ଛୋଟଛୋଟ ଟାପୁପରି ଦେଖାଯାଉଚି ।

ଡୋମିନିକଭା ମଧ ଏବର୍ଷ ଆପଣା ଜମିରୁ ସବୁ କୋବିତକ ଘରକୁ ଆଣିପାରିନାହିଁ ।

ସକାଳ ପହରରୁ ଆଜି ଯଗ୍‌ନାକୁ କିଛିହେଲେ ଭଲଲାଗୁନାହିଁ, ତା'ର ମନଭିତରଟା ଏକାବେଳେକେ ମରିଯାଇଚି, ଏକଣରୁ ସେକଣ ପର୍ଯ୍ୟନ୍ତ ଯାଉଯାଉ ସେ କେବଳ ବିରକ୍ତିକର ଦୀର୍ଘନିଶ୍ୱାସ ପକାଇବାରେ ଲାଗିଚି । ବେଳେବେଳେ ସେ ଝରକାବାଟେ ବାହାରେ ଫୁଟିଥିବା ଡାହ୍‌ଲିଆ ଗଛଗୁଡ଼ିକୁ ଅନାଇ ଦେଖୁଚି ଓ ବଢ଼ିପାଣିରେ ବୁଡ଼ିରହିଥିବା ସଂସାରଟା ଆଡ଼କୁ ଅନାଇରହୁଚି ।

''ହେ ଭଗବାନ୍, ଏ କି ଅଶାନ୍ତି ମୋତେ ତୁମେ ଆଣି ଦେଲ !''— ସେ ମନେମନେ କହିବାକୁ ଲାଗିଲା । କେତେବେଳେ ସଞ୍ଜ ବୁଡ଼ିବ ଓ ସେ ବୋରିନାର ଘରକୁ ଯିବ, ଏହି ଅନିଷାରେ ସେ ଅପେକ୍ଷା କରି ରହିଥାଏ । କାଦୁଅ ଭିତରେ ଥିରିଥିରି ବାଡ଼ି ପକାଇ ଯାଉଥିବା ବୁଢ଼ାଟିଏ ପରି ଦିନମାନର ପ୍ରହରଗୁଡ଼ିକ ଯିବାପରି ମନେହେଉଥାଏ । ଏପରି ଅଳସ, କ୍ଳାନ୍ତ ଓ

Digitized by srujanika@gmail.com

ବିରକ୍ତିକର ଭାବରେ ସମୟ ଯାଉଥାଏ ଯେ ବେଳେବେଳେ ଭାରି ଅସହ୍ୟ ବୋଧ ହେଉଥାଏ । କ୍ରମେ ତାକୁ ସବୁକଥା ଭାରି ଚିଡ଼ିଚିଡ଼ି ଲାଗିଲା । କେତେବେଳେ ସେ ଆପଣାର ଭାଇମାନଙ୍କୁ ଗାଳିଦେବାରେ ଲାଗିଥାଏ, ପୁଣି ଆପଣା ହାତରେ ଆଗରେ ଆସି ପଡୁଥିବା ଜିନିଷପତ୍ରଗୁଡ଼ାକୁ ସେ ଖାଲି କଚାଡ଼ିବାରେ ଲାଗିଥାଏ । ଏଣେ ମୁଣ୍ଡଟା ବି ବଥାଇଲାଣି, ସେଥିପାଇଁ ଯଅଚ୍ନାକୁ ପାଣିରେ ଚକଟି ତା'ଉପରେ ଭିନିଗାର ଛିଞ୍ଚି ସେ କପାଳ ଉପରେ ଗୋଟାଏ ପଟି ବାନ୍ଧିକରି ରଖିଚି । କେତେବେଳେକେ ଯାଇ ମୁଣ୍ଡଟା ଟିକିଏ ଭଲ ଲାଗିଲା, କିନ୍ତୁ ତଥାପି ଯେପରି ଆପଣାଭିତରେ ସବୁ କେବଳ ବିଗିଡ଼ି ଯାଇଥିବାପରି ମନେହେଉଥାଏ । କୋଉକାମରେ ହେଲେ ତା'ର ମନ ଲାଗୁନଥାଏ, ମଝିରେ ମଝିରେ ସେ ପୋଖରୀରେ ଫୁଲୁଥିବା ପାଣିଆଡ଼କୁ ଅନାଇକରି ଦେଖୁଥାଏ । ଗୋଟାଏ ପକ୍ଷୀଚଟା ଚଢ଼େଇପରି ଡେଣା ମେଲାଇ ପୋଖରୀଟା ଆଜି କେବଳ ଫୁଲିଉଠିବାରେ ଲାଗିଚି । ଶେଷକୁ ପୋଖରୀର ପାଣି କୂଳ ବୁଡ଼ାଇ ରାସ୍ତା ଉପରକୁ ଉଠିଲା ।

ଗାଆଁ ସେ ମୁଣ୍ଡରେ କାହାଘରେ କିଏ ପୋଖତି ହୋଇଚି, ସକାଳୁ ଡୋମିନିକଭା ଆଜି ତାହାରି ଶୁଶ୍ରୁଷା କରି ଯାଇଥିଲା । ତାକୁ ଏସବୁ କାମ ଭାରି ଜଣା, ଓଷଦ ମଧ ଦେଇପାରେ, ନାନାପ୍ରକାର ରୋଗ ଚିହ୍ନି ଆରୋଗ୍ୟ ମଧ କରିପାରେ ।

ଯଗ୍‌ନାକୁ ଏକୁଟିଆ ବସିବସି ଭାରି ଖରାପ ଲାଗୁଥାଏ । ସେ ମଧ ଟିକିଏ ବାହାରକୁ ଯାଇ କାହାସହିତ ସାକ୍ଷାତ କରି ଆସିବବୋଲି ଅସ୍ଥିର ଭାବରେ ଅନାଇ ରହିଥାଏ । କିନ୍ତୁ ଯେତେଥର ମୁଣ୍ଡରେ ରୁମାଲଟି ବାନ୍ଧିଦେଇ କବାଟପାଖରେ ଠିଆହୋଇ ସେ ବାହାରର ସେଇ ପାଣିକାଦୁଅ ଆଡ଼କୁ ଅନାଉଥାଏ, ସେତେଥର ତା'ର ସରାଗ ଭାଙ୍ଗି ଯାଉଥାଏ । ଶେଷକୁ କ'ଣ କରିବ କିଛି ଠିକ୍ କରିନପାରି ସେ ଆପଣାର ବାକ୍ସ ଖୋଲି ଭଲଦିନେ ପିନ୍ଧିକରି ଯିବାର ସାଜମାନ ବାହାରକଲା ଏବଂ ବିଛଣା ଉପରେ ମେଲାଇକରି ରଖିଲା । କେତେପ୍ରକାର ଭଲିଭଲି ଜାମା ଓ କୁରୁତାରେ ବିଛଣାଉପରଟା ନାଲି ଚକଚକ ଦେଖାଯାଉଥାଏ । କିନ୍ତୁ ଆଜି ଏସବୁ ତାକୁ ଆଦୌ ଖୁସି ଲାଗିଲାନାହିଁ, କେବଳ ଏକ ପରିକ୍ଳାନ୍ତ ଉଦାସୀନତାର ସହିତ ସେ ଏହିସବୁ ସାମଗ୍ରୀଆଡ଼କୁ ଅନାଇବାକୁ ଲାଗିଲା । କିନ୍ତୁ ଶେଷକୁ ବାକ୍ସଭିତରୁ ଲୁଗାତଳୁ ସେ ବୋରିନା ଦେଇଥିବା ରୁମାଲ ଓ ରିବନ ବାହାରକଲା । ସେଇଥାକୁ ପିନ୍ଧି ସେ ଆରସିଭିତରେ ଆପଣାର ମୁହଁ ଦେଖିବାକୁ ଗଲା ।

''ଭାରି ଭଲ ଦିଶୁଛି । ଆଜି ମୁଁ ଏଇଥାକୁ ପିନ୍ଧିବି ।'' —କିନ୍ତୁ ପୁଣି କ'ଣ ଭାବି ସେ ତରତର ହୋଇ ସେଗୁଡ଼ିକୁ ଓହ୍ଲାଇ ପକାଇଲା । ବାଡ଼ପାଖରେ ଯେପରି କେହିଜଣେ ଏଆଡ଼କୁ ଆସୁଚି ।

ହଁ, ମାଥିଉ ଆସୁଚି । ସେ ଆସିବାମାତ୍ରେକେ ଯଗ୍‌ନା ସ୍ୱତେଅବା ବିସ୍ମୟରେ ଚିତ୍କାର କରି ଉଠୁଥାଏ । ଏହାରିପାଇଁ ଗାଆଁ ଲୋକେ ତା' ନାଆଁରେ କେତେକଥା ଲଗାଇକରି କହିଚନ୍ତି । ସେ କୁଆଡ଼େ ବାରିଭିତରେ ରାତିରେ କେତେଥର ତା'ସହିତ ଭେଟିବାକୁ ଆସିଚି, ଏପରି ନିନ୍ଦାମାନ ମଧ ଦେଇଚନ୍ତି । ତା'ର ବୟସ ତିରିଶିରୁ ସେପାଖକୁ ଡେଇଁଗଲାଣି । ତଥାପି

Digitized by srujanika@gmail.com

ବାହା ହୋଇନାହିଁ । ବାହା ହେବାକୁ ମନ ମଧ କରିନାହିଁ । ଘରେ ତ ତା'ର ଆପଣା ଭଉଣୀମାନେ ବସିଚନ୍ତି, ତା'କଥା କିଏ ପଚାରୁଚି ! (ବା ଯଗ୍ନାଙ୍କ ଆପଣାର ଖର ତୁଣ୍ଡରେ ଯାହା କହିପକାଏ, ସାଇରେ କେତେ ଝିଅବୋହୂ ଅଛନ୍ତି —ତାଙ୍କ ଉପରେ ଯାହାର ମନ ଲାଗିଚି, ସେ ବାହାହେବାକୁ ଯିବ କାହିଁକି ?) ଡେଙ୍ଗା ସଡ଼ସଡ଼ ଭେଣ୍ଡାଟାଏ, ଭିତରେ ଏତେ ଦର୍ପ ଆଉ ଗର୍ବ ଯେ ଗାଆଁଯାକ ସମସ୍ତେ ତାକୁ ଗୋଡ଼େଗୋଡ଼େ ଡରି କରି ରହିଥାନ୍ତି । ତାକୁ କେଉଁକଥା ନଆସେ କହିଲ ? ବଇଁଶୀ ବଜାଇପାରେ, ଗାଡ଼ି ତିଆରି କରିପାରେ, ଘରତୋଳି ଜାଣେ, ଚୁଲି ବସାଇପାରେ —ଯାହାକରେ, ଭାରି ସଣ୍ଢଣାରେ କରେ । ସେଥିପାଇଁ ତା'ର ହାତଦୁଇଟାକୁ ଆଉ କେତେବେଳେ ହେଲେ ଡର ନଥାଏ । ଏତେ କାମ କରେ, କିନ୍ତୁ କାହାଠାରୁ ପଇସାଟାଏ ମଧ ଛୁଏଁ ନାହିଁ । ହାତକୁ ଯାହା ପଇସା ଆସେ, ତାହା ସେଇଛୁଣିକା ହାତରୁ ଉଡ଼ିପଳାଏ । ପିଏ, ପିଆଏ, ସାଙ୍ଗସାଥୀଙ୍କୁ ଉଧାର ମଧ ଦିଏ । ତା'ର ଆଖିଭିତରୁ ଓ ନିଆଁପରି ପ୍ରକୃତିରୁ ଛଞ୍ଚାଣ ପ୍ରକୃତିର ଅଧିକ ପରିଚୟ ମିଳୁଥିଲେ ମଧ ସାଇପଡ଼ିଶାରେ ତାର 'କାବତା' ବୋଲି ଡାକନାମ ଥାଏ ।

''କିଏ, ମାଥିଉ !''

''ହଁ, ଯଗ୍ନା, ମୁଁ !''

ମାଥିଉ ଆସି ଯଗ୍ନାର ଦୁଇହାତକୁ ଜାବୁଡ଼ି ଧରିଲା ଏବଂ ଏପରି କାମନାପୂର୍ଣ୍ଣ ଉତ୍ସୁକତାରେ ଦୁଇଆଖି ଢଳଢଳ କରି ତା' ଆଡ଼କୁ ଅନାଇବାକୁ ଲାଗିଲା ଯେ ଯଗ୍ନା ଗୋଟାସୁଦ୍ଧା ରଙ୍ଗା ପଡ଼ିଗଲା ଏବଂ ବଡ଼ ଅସ୍ୱସ୍ତ ଭାବରେ କବାଟ ଆଡ଼କୁ ଅନାଇ ରହିଲା ।

''ତୁ ଏ ଛଅମାସ ହେଲା କୁଆଡ଼େ ଯାଇଥିଲୁ କହିଲୁ !''—ତା'ର ପାଟି ଖନି ମାରି ଯାଉଥାଏ ।

''ଠିକ୍‌ଠିକ୍ କହିଲେ ଛଅମାସ ଆଉ ତେଇଶି ଦିନ''—ମାଥିଉ ଏ ପର୍ଯ୍ୟନ୍ତ ମଧ ଯଗ୍ନାର ହାତକୁ ସେହିପରି ଜାବୁଡ଼ି ଧରିଥାଏ ।

''ମୁଁ ଗୋଟାଏ ଆଲୁଅ ନେଇ ଆସେ !''—ଯଗ୍ନା କହିଲା । କାରଣ ସେତେବେଳକୁ ଅନ୍ଧାର ହୋଇ ଆସିଲାଣି । ସେ ଆପଣା ହାତ ଦୁଇଟାକୁ ମଧ ତା'ର ମୁଠାଭିତରୁ ଛଡ଼ାଇବାକୁ ଚାହୁଁଥାଏ ।

''ମୋତେ ତୁ ନମସ୍କାର ବୋଲି ବି କହିଲୁ ନାହିଁ !''—ଯଗ୍ନାର କାନପାଖରେ ଫୁସ୍‌ଫୁସ୍ କରି କହି ସେ ତା'ର ଅଣ୍ଟା ଉପରେ ଆପଣା ହାତ ବେଢ଼ାଇ ରଖିବାକୁ ଚେଷ୍ଟା କଲା । ଯଗ୍ନା ଖସିଯାଇ ଚୁଲିପାଖକୁ ଆଲୁଅ ଲଗାଇବା ପାଇଁ ଦଉଡ଼ି ପଳାଇଲା । ଭୟ ହେଉଥାଏ, କାଳେ ବୋଉ ଆସି ସେମାନଙ୍କୁ ଅନ୍ଧାର ଘରେ ଏକାଠି ଦେଖିବାକୁ ପାଇବ ! କିନ୍ତୁ ମାଥିଉ ବି ଛାଡ଼ିବା ଲୋକ ନୁହେଁ । ସେ ଦଉଡ଼ିଯାଇ ତାକୁ ଧରିପକାଇଲା, ଆପଣାର ଦେହ ପାଖକୁ ଟାଣିଆଣିଲା ଓ ବିହ୍ୱଳ ଉଦ୍‌ବେଗର ସହିତ ତାହାକୁ ଚୁମ୍ବନ କରିବାକୁ ଚେଷ୍ଟା କଲା ।

Digitized by srujanika@gmail.com

ଯଗ୍‌ନା ଠିକ୍ ଗୋଟିଏ ସଂତ୍ରସ୍ତ ଚଢ଼େଇପରି ଛାଟିପିଟି ହେଉଥାଏ, କିନ୍ତୁ ଏଇ ଛଞ୍ଚାଣ କବଳରୁ ମୁକ୍ତିଲାଭ କରିବାକୁ ତା'ର ବଳ କାହିଁ । ତା'ର ପ୍ରବଳ ଆଲିଙ୍ଗନ ଭିତରେ ଯଗ୍‌ନାର ପିଞ୍ଜରା ହାଡ଼ଗୁଡ଼ାକ ମଡ଼ମଡ଼ ହୋଇ ଭାଙ୍ଗିଗଲାପରି ମନେହେଉଥାଏ, ତା'ର ପାଗଳ ଚୁମ୍ବନାଘାତରେ ସେ ମୂର୍ଚ୍ଛିତପ୍ରାୟ ହୋଇଯାଉଥାଏ । ତା'ର ଆଖିଉପରକୁ ଯେପରି ଗୋଟାଏ ଭୟଙ୍କର ପର୍ଦ୍ଦା ମାଡ଼ିଆସିଲା, ତାକୁ ଆଉ କିଛି ଦେଖାଗଲାନାହିଁ । ଏଣେ ନିଶ୍ୱାସ ମଧ ବନ୍ଦହୋଇଗଲା ପରି ଲାଗିଲା ।

"ମାଥିଉ, ମାଥିଉ, ମୋ' ଉପରେ ଟିକିଏହେଲେ ଦୟା କର, ମୋତେ ଛାଡ଼ି ଦେ !"

"ଟିକିଏ ରହିଥା, ଯଗ୍‌ନା—ଆଉ ଟିକିଏ—ଆଉଥରେ—ମୁଁ ପରା ଏକାବେଳେକେ ଅସମ୍ଭାଳ ହୋଇ ପଡ଼ିଚି !" ତା'ର ମୁହୁର୍ମୁହୁଃ ଚୁମ୍ବନରେ ଶେଷରେ ବାଳିକାଟି ସମ୍ପୂର୍ଣ୍ଣ ଅକର୍ତ୍ତବ୍ୟ ହୋଇପଡ଼ିଲା ଓ ଜୀବନ ନଥିବା ପରି ତାହାର କୋଳଭିତରେ ଢଳିପଡ଼ିଲା । ଠିକ୍ ଏହି ସମୟରେ ମାଥିଉ କବାଟ ପାଖରୁ କାହାର ପାଦଶବ୍ଦ ଶୁଣିବାକୁ ପାଇଲା । ତେଣୁ ଯଗ୍‌ନାକୁ ଛାଡ଼ିଦେଇ ସେ ଚୁଲି ପାଖକୁ ଆସି ଗୋଟାଏ ଡିବିରି ଜାଳିଦେଲା ଓ ଗୋଟାଏ ସିଗାରେଟ୍ ବଳିବାକୁ ଲାଗିଲା । ଉନ୍ମତ୍ତ ଆନନ୍ଦରେ ଢଳଢଳ ହେଉଥିବା ଆଖିରେ ସେ ଅବିରାମ ଭାବରେ ଯଗ୍‌ନା ଆଡ଼କୁ ଅନାଇ ରହିଥାଏ ।

ଆଣ୍ଟୁ ଘର ଭିତରକୁ ଆସିଲା, ଚୁଲିରେ ଥିବା ନିଆଁକୁ ପବନ କରି ଜଳାଇଦେଲା ଏବଂ ଘର ଭିତରେ ଏପାଖସେପାଖ ହେବାକୁ ଲାଗିଲା । ଯଗ୍‌ନା ଓ ମାଥିଉ ପରସ୍ପର ସହିତ କୌଣସି କଥାବର୍ତ୍ତା ହେଉନଥାନ୍ତି, କେବଳ କ୍ଷୁଧିତ ଓ ଅତୃପ୍ତ ବାସନାରେ ଉତ୍ତପ୍ତ ହୋଇ ରହିଥିବା ଚାହାଣିରେ ପରସ୍ପର ଆଡ଼କୁ ଅନାଇ ରହିଥାନ୍ତି ।

ଦଣ୍ଡକପରେ ଡୋମିନିକଭା ମଧ ଘର ଭିତରକୁ ଆସିଲା । ଆଗରୁ ବୋଧହୁଏ କ'ଣ ଗୋଟାଏ କଥାରେ ସେ ଭାରି ବିରକ୍ତ ହୋଇପଡ଼ିଥିଲା, କାରଣ ପିଣ୍ଡାରେ ଆସୁଥିବାବେଳେ ସେ ସିମନ୍‌କୁ କ'ଣପାଇଁ ଗାଳି ଦେଇ ଦେଇ ଆସୁଥିଲା । ମାଥିଉ ଉପରେ ଆଖି ପଡ଼ିଯିବା ମାତ୍ରକେ ସେ ଅତି ଭୟଙ୍କର ଭାବରେ ତା'ଆଡ଼କୁ ଅନାଇବାକୁ ଲାଗିଲା, ତା'ର ନମସ୍କାରର ପ୍ରତ୍ୟୁତ୍ତର ମଧ ଦେଲା ନାହିଁ ଏବଂ ଲୁଗା ପାଲଟିବାକୁ ଶୋଇବାଘର ଭିତରକୁ ଚାଲିଗଲା ।

"ତୁ ଏଇକ୍ଷଣି ଚାଲିଯାଆ !"—ଯଗ୍‌ନା ଅନୁନୟ କରି କହିଲା, "ନ ହେଲେ ବୋଉ ଆସିଲେ ତୋତେ ନିଶ୍ଚୟ ଗାଳିଗୁଲଜ କରିବ ।"

କିନ୍ତୁ ମାଥିଉ ନଯାଇ ଡୋମିନିକଭାକୁ ଡାକି ବାହାରକୁ ଆସିବାକୁ ଅନୁରୋଧ କଲା ।

ଡୋମିନିକଭା ଶୋଇବାଘରୁ ଏ ଘରକୁ ଆସିଲା । "ତୁ -ତୁ-ତୁ ପୁଣି ଫେରି ଆସିଲୁଣି ?"—ସତେ ଯେପରି ସେ ଆଗରୁ କେବେହେଲେ ମାଥିଉକୁ ଦେଖିନାହିଁ ସେହିପରି ଅଭିନୟ କରି ପଚାରିଲା ।

"ହଁ, ମାଆ ମୁଁ ଫେରିଆସିଲିଣି !" —ମାଥିଉ ଭାରି ଭଦ୍ରଭାବରେ ଉତ୍ତର ଦେଲା ଓ ଡୋମିନିକଭାର ହାତକୁ ଚୁମ୍ବନ କରିବାକୁ ଉଦ୍ୟତ ହେଲା ।

Digitized by srujanika@gmail.com

"ମୁଁ କ'ଣ ଏଡ଼େ ହୀନୀମାନୀ ହୋଇଛି ଯେ ତୁ ମୋତେ ମାଆ ବୋଲି କହିବୁ ?"— ରାଗରେ ହାତଟାକୁ ନେଇଯାଇ ସେ ତମତମ ହୋଇ କହିଲା । "ତୁ କାହିଁକି ମୋ'ଘରକୁ ଆସୁଚୁ, କହିଲୁ ? ମୁଁ କେତେଥର କହିଚି ଯେ ତୁ ଖଣ୍ଡିଆ ମୋ' ଦୁଆର ମାଡ଼ିବୁ ନାହିଁ ?"

"ମୁଁ ତ ତୋ'ପାଖକୁ ଆସେ ନାହିଁ, ୟଗ୍ନା ପାଖକୁ ଆସେ ।"—ଖାତିରି ନ କଲାପରି ମାଥିଉ ଉତ୍ତର ଦେଲା । କ୍ରମେ ତା'ର ରାଗ ଚହଟିବାକୁ ଆରମ୍ଭ କରୁଥାଏ ।

"ମୁଁ କହି ରଖୁଚି, ୟଗ୍ନା ପାଖକୁ ଆସିବା ମଧ ଏଣିକି ଛାଡ଼ିଦେବାକୁ ପଡ଼ିବ ! ହଁ, ଏଣିକି ତୁ ତା'ପିଛା ଛାଡ଼ିଦେ, ନହେଲେ ଖାସ୍ ତୋରି ସକାଶେ ଲୋକମାନେ ତାକୁ ବାର ନିନ୍ଦାକରି କହିବେ । ଯାଆ, ଚାଲିଯାଆ ମୋ' ଆଗରୁ କହୁଚି !"

"କାଉ ପରି ଏମିତି ରାଉରାଉ କ'ଣ ପାଇଁ ହେଉଚୁ ? ଗାଆଁଲୋକ ଶୁଣିବାକୁ ପାଇବେ ।"

"ଶୁଣନ୍ତୁ, ଆସି ଦେଖିଯାନ୍ତୁ ! କୁକୁର ଲାଙ୍ଗୁଡ଼ ପଛରେ ମାଛି ଗୋଡ଼ାଇଥିଲା ପରି ତୁ କେମିତି ମୋ' ୟଗ୍ନା ପଛରେ ଗୋଡ଼ାଇଚୁ, ସେଇକଥା ସେମାନେ ଦେଖିଯାଆନ୍ତୁ— ଗୋଟାଏ ଜଳନ୍ତା କାଠଫାଳିଆ ନ ହେଲେ କ'ଣ ତୁ ସେମିତି ସେମିତି ଯିବୁ କି ?"

"ତୁ ଛାର ମାଇକିନିଆଟା, ତୁ ପୁଣି କେଡ଼େ ମୁହଁରେ କଥା କହୁଚୁ ?"

"କ'ଣ ମାରିବୁ କି ? ମାରିଲୁ ! ଖଣ୍ଡିଆ, ସଇତାନ ଟୋକା, ହାତ ଲଗାଇଲୁ ଦେଖି !" ଏକଥା କହୁକହୁ ସେ ଯାଇ ନିଆଁ ଫୁଙ୍କିବାର ଲୁହା ନଳୀଟାକୁ ହାତରେ ଧରିଲା ।

ଏହିଠାରେ ହିଁ ଏଇ ଦୃଶ୍ୟଟି ଶେଷ ହୋଇଗଲା । ରାଗରେ ମାଟି ଉପରକୁ ଥୁ' ଥୁ' କରି ଛେପ ପକାଉ ପକାଉ ମାଥିଉ ସେଠାରୁ ପ୍ରସ୍ଥାନ କଲା, ଗଲାବେଳକୁ କବାଟଟାକୁ ଦୁଲ କରି ବାଡ଼େଇ ଦେଇ ଗଲା । ସ୍ତ୍ରୀ ଲୋକଟା ସାଙ୍ଗରେ ପରାପରି ଲାଗି ସେ କାହିଁକି ସମସ୍ତଙ୍କ ଆଖିରେ ହାସ୍ୟାସ୍ପଦ ହେବାକୁ ଯାଇଥାନ୍ତା ?

ଏଥି ଉତ୍ତାରୁ ବୁଢ଼ୀ ୟଗ୍ନା ଉପରେ ଆପଣାର ସବୁ ରାଗ ଶୁଝାଇବାକୁ ଆସିଲା । ଆପଣା ଭିତରେ କ୍ରୋଧର ଯେଉଁ ନିଆଁ ବରଷୁଥିଲା, ତାକୁ ସେ ଝୁଅ ଉପରେ ଆଖିବୁଜା ହୋଇ ଝାଡ଼ି ଦେଇଗଲା । ଶେଷକୁ ୟଗ୍ନା ନିର୍ବାକ୍ ପଥରଟିଏ ହୋଇ ବସିପଡ଼ିଲା, ତା'ର ମନଭିତରଟା ଭାରି ଦୁଃଖରେ ବିଦୀର୍ଣ୍ଣ ହୋଇଯାଉଥାଏ । ମାଆର ଖରମୁହଁରୁ ବାହାରୁଥିବା ଶବ୍ଦଗୁଡ଼ାକ ତା'ର ହୃଦୟ ଭିତରେ କଣ୍ଟା ବିନ୍ଧିଦେଇ ଯାଉଥାଏ । ବସିଥିବା ବିଛଣା ଉପରେ ମୁହଁଟାକୁ ମାଡ଼ିଦେଇ ସେ ବଡ଼ ବିକଳ ଭାବରେ କାନ୍ଦିବାକୁ ଲାଗିଲା, ତା'ର ହୃଦୟକୁ ପ୍ରକୃତରେ ଭାରି ବାଧୁଥାଏ... ତା'ର ଏଥିରେ କି ଦୋଷ ହେଲା ? ତାକୁ ସେ କେତେବେଳେ ଘରେ ପଶିବାକୁ କହିଲା—ସେ ଟୋକାଟା ତ ଆପଣାଛାଏଁ ଆସିଥିଲା...ହଁ, ଗଲାବର୍ଷ ଫଗୁଣ ମାସରେ ଯେଉଁ କାଣ୍ଡ ଘଟିଥିଲା, ମାଆ ସେ ବିଷୟରେ ତାକୁ ଚେତାଇ ଦେଇଚି...ହଁ, ମାଥିଉ ଆସି ବାରିପଟ ଧଡ଼ା ପାଖରେ ତା'ସହିତ ସାକ୍ଷାତ କରିଥିଲା... ଏଡ଼େ ବଡ଼ ବଳୁଆ ମରଦଟୋକା ପାଖରୁ ଆପଣାକୁ ବଞ୍ଚାଇ ରଖିବାକୁ ତା'ର ଆଉ କି ଶକ୍ତିଥିଲା କହିଲ ? ଆଉ

Digitized by srujanika@gmail.com

ତା'ପରେ...ସେ କେମିତି ତାକୁ ସେଠାରୁ ବାହାରିକରି ଦେଇଥାନ୍ତା ? ଅସମ୍ଭବ। ସବୁକାଳେ ତା'ର ଜୀବନରେ ଏଇକଥାହିଁ ଘଟିଚି। କୋଉ ମରଦ ପୁଅ ଯେତେବେଳେ ତା'ର ଆଖିକୁ କଟମଟକରି ଅନାଇଚି ବା କୋଳକରି କୁଣ୍ଢାଇ ଧରି ତାକୁ ଆଲିଙ୍ଗନ କରିଚି, ସେତେବେଳେ ତା'ର ଭିତରଟାଯାକ ଖାଲି ଠକଠକ ହୋଇ କମ୍ପିବାରେ ଲାଗିଚି, ତା'ର ଦେହର ସବୁବଳ ତାକୁ ଛାଡ଼ି କୁଆଡ଼େ ଚାଲିଗଲା ପରି ମନେହୋଇଚି, ତା'ର ଭିତରଟା ଝାଇଁ ମାରିଯାଇଚି ଏବଂ ତା'ପରେ ସେ ଆଉ କିଛି ଜାଣିପାରିନାହିଁ। କିନ୍ତୁ ଏଥିପାଇଁ କ'ଣ ତାକୁ ଦୋଷ ଦେବା ଉଚିତ ?

ଭେଁ ଭେଁ ହୋଇ କାନ୍ଦିକାନ୍ଦି ସେ ଏହିସବୁ ଅଭିଯୋଗ କରିବାରେ ଲାଗିଥାଏ, ତା'ର ଆଖିରୁ ଧାରଧାର ଲୁହ ବୋହିଯାଉଥାଏ। କ୍ରମେ ତା'ର ମାଆର ହୃଦୟ ଟିକିଏ ଦବି ଆସିଲା। ସେ ଯାଇ ଆପଣା କାନିରେ ଝିଅର ମୁହଁ ପୋଛିଦେଲା, ଭାରି ଆଦର ଦେଖାଇଲା ପରି ଆଖିରୁ ଲୁହ ପୋଛିଦେଲା, ତା'ର ମୁଣ୍ଡର ବାଳକୁ ସାଉଁଳେଇ ଦେଉଦେଉ ତାକୁ ସାନ୍ତ୍ୱନା ଦେବାକୁ ଲାଗିଲା —

''ଆଉ କାନ୍ଦନା ମୋ ଝିଅ, ତୁନି ହୋଇଯା। ବେଶୀ କାନ୍ଦିଲେ ତୋ'ର ଆଖିଦୁଇଟା କେମିତି ଦିଶିବ କହିଲୁ ? ତେବେ ବୋରିନା ଘରକୁ ତୁ କିପିରି ଯାଇପାରିବୁଂ ?''

ଟିକିଏ ସାନ୍ତ୍ୱନା ପାଇ କ୍ଷଣକପରେ ୟଗନା ପଚାରିଲା, ''କ'ଣ ଯିବା ବେଳ ହୋଇଗଲାଣି ?'

''ହଁ, ହୋଇ ଆସିଲାଣି, ଏଥର ଲୁଗାପଟା ପିନ୍ଧି ସଜ ହୋଇଯାଆ। ସେଠି ଆଉ କେତେ କେତେ ଲୋକ ମଧ୍ୟ ଆସିଥିବେ, ବୋରିନା ମଧ୍ୟ ତୋତେ ଦେଖିବାକୁ ପାଇବ।''

ୟଗ୍‌ନା ଉଠି ଠିଆହେଲା ଓ ସଜ ହେବାକୁ ବାହାରିଲା।

''ତୋ'ପାଇଁ ମୁଁ କିଛି କ୍ଷୀର ଆଉଟିଦେବି କି ?'

''ନା, ବର୍ତ୍ତମାନ କିଛି ଖାଇବାକୁ କି ପିଇବାକୁ ଇଚ୍ଛା ନାହିଁ, ଥାଉ ମାଆ।''

''ସିମନ୍, ହେ ମାଦଳ ! ସେଠି ନିଆଁ ପାଖରେ ବସି ସେକି କ'ଣ ହେଉଚୁ ? ଆଉ ତେଣେ ଗୋରୁଗାଈ ଖାଲି କୁଣ୍ଡକୁ ଚାଟିବାରେ ଲାଗିଚନ୍ତି !''—ଆପଣା ଭିତରେ ଥିବା ରାଗର ଅବଶେଷତକ ସେ ପୁଅ ଉପରେ ଝାଡ଼ିଦେଲା। ମାଡ ଭୟରେ ପୁଅ ସେଠାରୁ ଦଉଡ଼ି ପଳାଇଲା।

ୟଗ୍‌ନାକୁ ସଜକରି ଦେଉଦେଉ ବୁଢ଼ୀ କହୁଥଏ—''ମୋର ମନେହେଉଚି ବୋରିନା ସହିତ କମାରପୁଅର ଅନେକଦିନରୁ ରହିଥିବା କଜିଆ ମେଣ୍ଟିମାଣ୍ଟି ଗଲାଣି। ସେଦିନ ମୁଁ ବାଟରେ ଦେଖିଲି କମାରପୁଅ ବୋରିନା ଘରୁ ଗୋଟାଏ ବାଛୁରୀ ବାନ୍ଧିକରି ଆଣୁଚି। ଦୁର୍ଭାଗ୍ୟର କଥା, କାରଣ ବାଛୁରୀଟା ଘରେ ଥିଲେ ପନ୍ଦର ରବଲ୍‌ରୁ କମ୍‌ଦାମ୍‌ରେ କଦାପି ବିକାହୋଇ ନଥାନ୍ତା। ତଥାପି ଯାହାହେଉ ପଛେ, ସେମାନେ ମିଳିମାଳିଗଲେ, ଭାରି ଭଲ ହେଲା। କାରଣ କମାରପୁଅର ଯୋଉ ଖରତୁଣ୍ଡ, ତାକୁ କେହି ପାରିବେନାହିଁ। ପୁଣି କଚେରି ବାଚେରି କଥା ମଧ୍ୟ ତାକୁ ସବୁ ଭାରି ଭଲଭାବରେ ଜଣାଅଛି।''

Digitized by srujanika@gmail.com

ଯଗ୍‌ନା ବାହାରିଗଲା; ଘୁଷୁରିଗୁଡ଼ାଙ୍କୁ ଗୁହାଳୁ ଫିଟାଇ ଦେଇଥିବାରୁ ଓ କୁକୁଡ଼ାଙ୍କୁ ଗଛଉପରକୁ ହୁରୁଡ଼ାଇ ଦେଇଥିବାରୁ ମାଆ ଆଣ୍ଟୁ ଉପରେ ଗାଳିବର୍ଷଣ କରିବାରେ ଲଗିଥାଏ, ବାଟରେ ଚାଲି ଯାଉଯାଉ ଯଗ୍‌ନା ସେସବୁ ବେଶ୍ ଶୁଣିବାକୁ ପାଉଥାଏ ।

ସେ ଯାଇ ବୋରିନାର ଘରେ ପହଞ୍ଚିଲା ବେଳକୁ ସେଠାରୁ ଆହୁରି କେତେ ଲୋକ ଆସି ସାରିଥିଲେ ।

ଚେମଣିତଳେ ହୁତୁହୁତୁ ହୋଇ ନିଆଁ ଜଳୁଚି, ଘରଯାକ ହାଲୋଳମୟ ଦେଖାଯାଉଚି । କାନ୍ଥରେ ଟଙ୍ଗାହୋଇଥିବା ଚିତ୍ରପଟଗୁଡ଼ିକ ନିଆଁ ଧାସରେ ଝଟକିଉଠୁଚି । ଘରମଝିରେ ଗଦାଏ ବନ୍ଧାକୋବି ଜମାହୋଇ ରହିଥାଏ, ଏହି ଗଦାର ଚାରିପାଖରେ ଗୋଟିଏ ବଡ଼ ଅର୍ଦ୍ଧବୃତ୍ତ ଆକାରରେ ନିଆଁକୁ ମୁହଁକରି ବସି କେତେ ଝିଅ ଓ ବୟସ ହୋଇଯାଇଥିବା ସ୍ତ୍ରୀଲୋକ ବନ୍ଧାକୋବିଗୁଡ଼ାକରୁ ବାହାର ପତରମାନ ଛଡ଼ାଇବାରେ ଲାଗିଥାନ୍ତି ଓ ଝରକା ତଳେ ପଡ଼ିଥିବା ଗୋଟିଏ ପଟିଉପରକୁ ସେଗୁଡ଼ିକୁ ଫୋପାଡ଼ି ଦେଉଥାନ୍ତି ।

ଆଗ ଆପଣାର ହାତଦୁଇଟାକୁ ନିଆଁକୁ ଦେଖାଇ ଟିକିଏ ଉଷୁମ କରିନେଇ ଯଗ୍‌ନା ଗୋଡ଼ରୁ କାଠକୋତା ଓହ୍ଲାଇଦେଲା ଏବଂ ଧାଡ଼ିର ଶେଷମୁଣ୍ଡକୁ ବସିପଡ଼ି ପତର ଛଡ଼ାଇବା ଆରମ୍ଭ କରିଦେଲା । ତା'ପାଖକୁ ଲାଗିକରି ଯଗୁଷ୍ଟିଙ୍କା ବସିଥାଏ ।

ବେଳୁଁବେଳ ଅଧିକ ମଣିଷ ଘର ଭିତରକୁ ଆସିଲେ । ମରଦ ଆସିଲେ, ମାଇପେ ମଧ ଆସିଲେ । ତୁଣ୍ଡଗୋଳରେ ଘରଭିତରଟା କ୍ରମେ ସରଗରମ ହୋଇଉଠିଲା । ମରଦମାନେ କୁବା ସହିତ ମିଶି ଖଳାଘରୁ ବେତାବେତା ବନ୍ଧାକୋବି ଆଣି ଘରଭିତରେ ଜମାକରି ଦେଉଥାନ୍ତି । କିନ୍ତୁ ଅଧିକାଂଶ ସମୟ ସେମାନେ କେବଳ ସିଗାରେଟ୍ ଟାଣି ଝିଅମାନଙ୍କ ଆଡ଼କୁ ଅନାଇ ଦାନ୍ତ ନିକୁଟିବାରେ ଲାଗିଥାନ୍ତି ବା ଆପଣା ଭିତରେ ଥଟ୍ଟାତାମସା କରିବରେ ବ୍ୟସ୍ତ ଥାଆନ୍ତି ।

ଯୁକ୍‌କାର ବୟସ ଏପର୍ଯ୍ୟନ୍ତ ପାକଳ ହୋଇନାହିଁ—ସେ ଏହି କାମ ଓ ଥଟ୍ଟାତାମସାର ତଦାରଖ କରୁଥାଏ । କାରଣ ବୋରିନା ଏପର୍ଯ୍ୟନ୍ତ ଘରକୁ ଫେରିନଥାଏ, ଏବଂ ହାଙ୍କା ମଧ ତା'ର ଚିରାଚରିତ ପ୍ରକୃତି ଅନୁସାରେ ଘରଭିତରେ ଏଠିସେଠି ନଡ଼ବଡ଼ ହେଉଥାଏ ।

"ନାଲିଆ ପପିଫୁଲର ପଟାଳିପରି ଏଇ ଘରଟା ଖାଲି ନାଲିଟହଟହ ଦିଶୁଚି, ନୁହଁ ?"—ଆନ୍ତେକ୍ ଭାରି ଉଲ୍ଲସିତ ଭାବରେ କହିଲା ।

"ଏ ଝିଅଗୁଡ଼ାକ ପୁଣି କେମିତି ବେଶଭୂଷା ହୋଇ ଆସିଚନ୍ତି ଦେଖ ! ସତେଅବା ବାହାଘର ଦେଖି ଆସିଚନ୍ତି !"—ବୟସ ଗଡ଼ିଯାଇଥିବା ଜଣେ ସ୍ତ୍ରୀଲୋକ ମତପ୍ରକାଶ କରି କହିଲା ।

"ଆଉ ଏଣେ ଯଗ୍‌ନାକୁ ଦେଖିଲ ! ସତେ ଯେପରି ଦୁଧହାଣ୍ଡିରୁ ଉଠିକରି ଆସିଚି !"—ଉପହାସ କଲାପରି ଯଗୁଷ୍ଟିଙ୍କା କହିଲା ।

"ମୋ' ଇଚ୍ଛା, ସେଥିରେ ତୋ'ର କ'ଣ ଗଲା ?"—ସରମରେ ଲୋସଡ଼ି ପଡ଼ି ଯଗ୍‌ନା ତା'ର କାନପାଖରେ ଫୁସ୍‌ଫୁସ୍ କରି ଉତ୍ତର ଦେଲା ।

Digitized by srujanika@gmail.com

କିନ୍ତୁ ଯଗୁଷ୍ଟିଙ୍କା କି କେବେହେଲେ ଦବିଯିବା ମଣିଷ ? ସେ କହିଲା, ''ହଁ ଲୋ ମାଆ, ହେବାନାହିଁ କାହିଁକି ? ମାଥିଉ ପରା ବିଦେଶରୁ ଗାଆଁକୁ ଲେଉଟିଚି, ଏଥର ତ ଝିଅମାନଙ୍କର ପାଳକ ପଡ଼ିବ । ଏଥର କେତେ ଗାଆଣ ହେବ, ନାଚହେବ, ପୁଣି ତୋଟାଭିତରେ ଭେଟାଭେଟି ବି ହେବ !''

''ସତେ ଏବର୍ଷ ସେ ଖରାଦିନଯାକ କୁଆଡ଼େ ଯାଇଥିଲା କେଜାଣି ?''

''ହଁ, ସହରରେ ଘର ତିଆର କରିବାକୁ ଯାଇଥିଲା ।''

''ତା'ଭଳି ବିନ୍ଧାଣି ଆଉ କିଏ ଅଛି କହିଲ ? ଶୂନ୍ୟଉପରେ ସେ ପଥରକିଲା ତିଆରି କଲାବାଲା ।''—କାହାଘର କୋଠିଆ କହିଲା ।

''ଆଉ ଛୁଆଟାଏ ତିଆରି କରିଦେବାକୁ ତାକୁ ନଅଟାମାସ ବି ଲାଗିବନାହିଁ''—ଯଗୁଷ୍ଟିଙ୍କା କଥାସହିତ କଥା ଯୋଖିଦେଲା ।

''ସବୁବେଳେ କାହାରି ନା କାହାରି ନାଆଁରେ ଲଗାଇକରି କହିବା କ'ଣ ତୋ'ର ଖୋଇ ହୋଇଗଲାଣି କି ? —ଜଣେ ଝିଅ ପ୍ରତିବାଦ କଲା ।

''ହୁସିଆର୍, ନହେଲେ ତୋ'ର ଗୋଇଠକେ ଖୋଳି ବାହାର କରିଦେବିଟି !''—ଯଗୁଷ୍ଟିଙ୍କା ଜବାବଦେଲା ।

''ତୁମେସବୁ ଶୁଣିଚ ସେଇ ବୁଢ଼ାଫକୀର ମଧ ଏବେ ପୁଣି ଲିପ୍‌କାକୁ ଆସିଚି !''

''ସେ ଆଜିରାତିରେ ଆମଘରକୁ ମଧ ଆସିବ !''—ୟୁଜ୍‌କା ଗୌରବ ଅନୁଭବ କରି କହିଲା ।

''ତିନିବର୍ଷ ହେଲା ତା'ର ଦେଖାନଥିଲା ।''

''ହଁ , ସିଏ କେତେକେତେ ଜାଗାକୁ ତୀର୍ଥକରି ଯାଇଥିଲା ।''

''ତୁଚ୍ଛା ମିଛକଥା ! କିଏ ତାକୁ କୋଉ ତୀର୍ଥରେ ଦେଖିଚି କହିଲ ? ସିଏ ମିଛ କହିବାକୁ ଯେମିତି, ବୋକା ମଣିଷଗୁଡ଼ାକ ସେଥିରେ ବିଶ୍ୱାସ କରିବାକୁ ମଧ ସେମିତି ! ଠିକ୍ କମାରପୁଅ କହିଲାଭଳି ଯେ ସେ କୁଆଡ଼େ ଖବରକାଗଜରେ ବିଦେଶର ଖବରମାନ ପଢ଼ିଚି !''

''ଏପରି କହିବା ଭାରି ଅନ୍ୟାୟ, ଯଗୁଷ୍ଟିଙ୍କା ! ଫକୀର ତୀର୍ଥକରି ଯାଇଥିଲା ବୋଲି ନିଜେ ପାଦ୍ରି ପରା ମୋ' ବୋଉଆଗରେ କହୁଥିଲେ !''

''ଆଲୋ ମୁଁ କ'ଣ ସେକଥା ଜାଣେନାହିଁ ? ଆଜିକାଲି ପରା ଡୋମିନିକଭା ଯାଇ ପାଦ୍ରିଙ୍କ ଘରେ ବସାଘର କଲାଣି ! ପାଦ୍ରିଙ୍କର ପେଟ କ'ଣ ହେଲେ ପରା ତାକୁ ଆଗ ଖବର ମିଳିଯାଉଚି !''

ଯଗ୍‌ନା ରାମ କି ବିଷ୍ଟୁ କିଛି ପାଟି ଫିଟାଉ ନଥାଏ । କିନ୍ତୁ ତା'ର ଇଚ୍ଛା ହେଉଥାଏ, ଗୋଟାଏ ଛୁରୀ ନେଇ ସେ ତତ୍‌କ୍ଷଣାତ୍ କଳିବୁରୀ ବୁଢ଼ୀ ଦେହରେ ଭୁଷିଦେବ । କାରଣ ତା'ର କଥା ସରିଲେ ସମସ୍ତେ ହୋ' ହୋ' ହୋଇ ହସିବେ । ତାହା କେଡ଼େବଡ଼ ଲାଜର କଥା ନହେବ ?

Digitized by srujanika@gmail.com

ତା'ପରେ ସେହି ଫକୀର ବିଷୟରେ କଥା ପଡ଼ିଲା । ହଠାତ୍ ସମସ୍ତେ ହୋ' ହୋ' ହୋଇ ହସିଉଠିଲେ । କଥା କ'ଣ, କଥା କ'ଣ ବୋଲି ବୁଝିଲାବେଳକୁ ଜଣାପଡ଼ିଲା ଯେ କୁବା ଗୋଟାଏ ପଟି ଭିତରେ ବନ୍ଧାକୋବିଗୁଡ଼ାକୁ ଧରି ଯାଉଯାଉ ମାଟିଉପରେ କଚାଡ଼ି ହୋଇ ପଡ଼ିଲା । ବୋଧହୁଏ ମଜା ଦେଖିବାପାଇଁ କିଏ ତାକୁ ପଛରୁ ଠେଲିଦେଇଚି । ଘରଯାକ ବନ୍ଧାକୋବିଗୁଡ଼ାକ ଗଡ଼ିବାରେ ଲାଗିଥାଏ । ସେ ତଳୁ ଉଠି ପୁଣି ଯିବାକୁ ବାହାରିଲା, କିନ୍ତୁ ଆଉଗୋଟାଏ ଠେଲାରେ ପୁଣି ତଳେ ପଡ଼ିଗଲା ।

ଶେଷରେ ଯୁକ୍କା ଉଠିପଡ଼ି ତାକୁ ସାହାଯ୍ୟ କରିବାକୁ ଆସିଲା । କିନ୍ତୁ ସେତେବେଳକୁ କୁବାର ମିଜାଜ ଗରମ ହୋଇଯାଇଥାଏ, ସେ ଯାହା ମନକୁ ଆସୁଥାଏ, ଖାଲି ବକିଯିବାରେ ଲାଗିଥାଏ ।

କିନ୍ତୁ ଆହୁରି ନାନାପ୍ରକାର ଉତ୍‌ଥାପିତ ଆଗ୍ରହରେ ଏହି ଘଟଣାଟି କୁଆଡ଼େ ଦବିଦାବିଗଲା । କ୍ରମେ କୋଳାହଳ ଅଧିକରୁ ଅଧିକ ହେବାରେ ଲାଗୁଥାଏ । ଚାକୁଗୁଡ଼ାକ ଚର୍ ଚର୍ ହୋଇ ଚାଲିଚି, ବନ୍ଧାକୋବିଗୁଡ଼ାକ ଖର ବେଗରେ ଧାଉଁଥିବା ତୋପଗୁଳାପରି ଯାଇ ପଟିଉପରେ ପଡୁଚି, ବନ୍ଧାକୋବିର ଗଦାଟି ପ୍ରତିମୁହୂର୍ତ୍ତରେ ଅଧିକରୁ ଅଧିକ ବଡ଼ ହେବାରେ ଲାଗିଚି । ନିଆଁ ପାଖରେ ଠିଆହୋଇ ବନ୍ଧାକୋବିକଟା କଳରେ ଆନ୍ତେକ୍ ବନ୍ଧାକୋବି କାଟି ଚାଲିଚି । ତା'ଦେହରେ ଆଜି କେବଳ ଜଙ୍ଘିଆ ଆଉ କୁରୁତା— ମୁଣ୍ଡର ବାଳଗୁଡ଼ିକ ଅଲରାହୋଇ ଚାରିପାଖକୁ ପଡ଼ିଚି, ଦେହଗୋଟାକରୁ ଗମ୍ ଗମ୍ ହୋଇ ଝାଳ ବୋହିଯାଉଚି । ତଥାପି ସେ ଏଡ଼େ ସୁନ୍ଦର ଦେଖାଯାଉଚି ଯେ ଯଗ୍‌ନା ମୁଗ୍‌ଧ ନୟନରେ ତାହାର ଛବିଳ ଶରୀରର ରୂପସୌନ୍ଦର୍ଯ୍ୟକୁ ପାନ କରିବାରେ ଲାଗିଚି । ଆନ୍ତେକ୍ ମଝିରେ ମଝିରେ ଅଟକିଯାଇ ଟିକିଏ ଦମ୍ ମାରୁଚି, ତା'ପରେ ଯଗ୍‌ନାଆଡ଼କୁ ଅନାଉଚି । ଲାଜରେ ଯଗ୍‌ନା ମୁହଁ ତଳକୁ ପୋତିଦେଉଚି । ଏ କଥାଟି କେବଳ ଯଗୁଷ୍କିଙ୍କା ବ୍ୟତୀତ ଆଉ କାହାରି ଆଖିରେ ପଡୁନାହିଁ । ସେ କିଛି ଦେଖୁନଥିବାର ବାହାନା କରୁଚି, କିନ୍ତୁ ଗାଆଁରେ କିପରି ଭାବରେ ଏହି ଘଟନାଟାକୁ ରଟାଇବାକୁ ହେବ, ମନେମନେ ତାହାର ଉପାୟ ଚିନ୍ତା କରୁଚି ।

"ମାରସିଆନ୍ନାର ପେଟରେ ହୋଇଚି ବୋଲି ଯାହା ଶୁଣାଯାଉଥିଲା, ସେକଥା ସତ ନା ମିଛ ମ ?"—କ୍ଲେମ୍ବୋଭା ପଚାରିଲା ।

"ଗୋଟାଏ ଭାରି ଖବର ତୁ କହିଲୁ ! ଇଏ କ'ଣ ଖବର, ଇଏତ ଫି' ବରଷର କଥା ।"

"ସିଏ ତ ମଣିଷ ନୁହେଁ, ସିଏ ହେଉଚି ଗୋଟାଏ ମଇଁଷି ! ଛୁଆଗୁଡ଼ାକ ଜନ୍ମ ହେଉନଥିଲେ ସେ ଆହୁରି କ'ଣ ମନ କରୁଥାନ୍ତା !"—ଯଗୁଷ୍କିଙ୍କା ଆହୁରି କେତେ କ'ଣ କହିଯାଇଥାନ୍ତା । କିନ୍ତୁ ଅନ୍ୟମାନେ ଗାଳିଦେବାରୁ ସେ ବାଧହୋଇ ନିରସ୍ତ ହେଲା । ଏଠି ସାନସାନ ଝୁଅଗୁଡ଼ାକ ଅଛନ୍ତି, ଏଠାରେ ଏସବୁ କଥା କହିବା ଉଚିତ ନୁହେଁ ।

Digitized by srujanika@gmail.com

ଉତ୍ତର ଦେଇ ଯଗୁଷ୍ଟିଙ୍କା କହିଲା—"ଆଲୋ ମାଆ, ସେଇଗୁଡ଼ାଙ୍କୁ ତୁମ୍ଭେମାନେ ଡରୁଚ ? ସେମାନେ ପରା ଆଜିକାଲିକା ଛୁଆ, ସେମାନେ କ'ଣ ଜାଣିନାହାନ୍ତି କହିଲ ? ଆଜିକାଲି ପିଲାଙ୍କ ପାଖରେ ତୁମେ କ'ଣ କେବେ ବଗବଗୁଲି ଗପ କହି ରକ୍ଷାପାଇ ପାରିବ ? କହିଲେ ସେମାନେ ଠୋ' ଠୋ' ହସି ତୁମ କଥାକୁ କୁଆଡ଼େ ଉଡ଼ାଇଦେବେ । ଆଗକାଳ ପିଲାଙ୍କ କଥା ସିନା ନିଆରା ଥିଲା !"

"ତୁ ଛୁଅହୋଇ ଗାଈ ଚରାଉଥିଲାବେଳେ ସବୁକଥା ଜାଣିସାରିଥିଲୁ, ନୁହଁ ?"—ଭାରି ଗମ୍ଭୀର ହୋଇ ଭାଉ୍‌ରେକର ବଅସୀ ଭାରିଯା କହିଲା, "ସେଇ ବୟସରେ ତୁ ଯାହାସବୁ କରିଚୁ, ମୋର କ'ଣ ସେକଥା ପାସୋର ଗଲାଣି ?"

"ଯଦି ପାସୋର ନଯାଇଚି, ତେବେ ଆପଣା ଭିତରେ ସାଇତିକରି ରଖିଥା"—ରାଗରେ ତମତମ ହୋଇ ଯଗୁଷ୍ଟିଙ୍କା କହିଲା ।

ଏହି ସମୟରେ ମାଥିଉର ଭଉଣୀ ନାଷ୍ଟସିଆ ଅଣନିଶ୍ୱାସୀ ହେଲାପରି ଦଉଡ଼ି ସେଠାରେ ଆସି ପହଞ୍ଚିଲା । "ଆଲୋ, ତୁମେସବୁ ଏଠି ବସିଚ । ତେଣେ କ'ଣ ହେଲାଣି, ତୁମ୍ଭମାନଙ୍କୁ ଜଣାନାହିଁ କି ?"

ତା'ଆଡ଼କୁ ଅନାଇ ସମସ୍ତେ ଏକାବେଳେକେ ପଚାରିବାକୁ ଆରମ୍ଭ କଲେ— "କ'ଣ ହେଲା, କ'ଣ ହେଲା ?" "କ'ଣ ହେଲା ?"—ସେ ଉତ୍ତର ଦେଇ କହିଲା । "ପେଷଣିଆ ଘରର ଘୋଡ଼ାମାନଙ୍କୁ କିଏ ଚୋରିକରି ନେଇଯାଇଚି !"

"କେତେବେଳେ ?"

"ଦୁଇ ମିନିଟ ବି ହେବନାହିଁ । ମାଥିଉ ପରା ବର୍ତ୍ତମାନ ୟାଙ୍କେଲ୍ ପାଖରୁ ଶୁଣିଆସି କହିଲା !"

"ୟାଙ୍କେଲକୁ ସବୁକଥା ଆଗ ଜଣାପଡ଼ିଯାଏ—ହଁ, ଆଗରୁ ବି ଜଣାପଡ଼ିଯାଏ !"

"ସେମାନଙ୍କୁ ଗୁହାଳରୁ ଫିଟାଇ ଦିଆଯାଇଥିଲା । ଜଗୁଆଳ ଚାକରଟା ଆପଣାର ଖାଇବାସାମଗ୍ରୀ ଆଣିବାକୁ ପେଷାଘର ଭିତରକୁ ଯାଇଥିଲା । ଚାକର ତେଣୁ ଲେଉଟିଆସି ଦେଖିଲା ଯେ ଗୁହାଳଘର ଖାଲିପଡ଼ିଚି । କୁକୁରଟାକୁ ମଧ୍ୟ ବିଷଦେଇ କିଏ ମାରିଦେଇଚି ।"

"ଶୀତକାଳ ପରା ଆସୁଚି ! ଏଇ ଶୀତକାଳେ କେତେ ବିଡମ୍ବଣ କଥା ଶୁଣିବାକୁ ମିଳିବ !"

"କାରଣ ଏ ଦେଶରେ ଚୋରଙ୍କଲାଗି କୌଣସି ଦଣ୍ଡ ନାହିଁ ! ଚୋରଙ୍କର ତ ମଜା । ଜିହଲ ଘରେ ନିବୁଜ ବଖରାଟିରେ ବସି ଉଷୁମ ଟାଣିବାକୁ ମିଳିବ, ପେଟପୂରା ଖାଇବାକୁ ଦିଆଯିବ—ପୁଣି ଆଉ ଚୋରମାନଙ୍କଠାରୁ ଏତେକଥା ଶିଖିବାକୁ ମିଳିବ ଯେ ଜିହଲରୁ ଖଲାସ ହେଲାବେଳକୁ ସେମାନେ ଦୁଇଗୁଣ ସିଆଣିଆ ହୋଇ ପଦାକୁ ବାହାରିବେ । ଦୁଇଗୁଣ ପାଷଣ୍ଡ ହୋଇ ବାହାରିବେ ।"

Digitized by srujanika@gmail.com

''କିନ୍ତୁ ଯଦି ମୋର ଘୋଡ଼ାକୁ କେହି ଚୋରି କରିବାକୁ ଆସି ମୋର ହାବୁଡ଼ରେ ପଡ଼େ, ତେବେ ମୁଁ ସେଇଠି ତାକୁ କାଟି ଦି'ଖଣ୍ଡ କରିପକାଇବି''—ଜଣେ କୋଠିଆ କହିବାକୁ ଲାଗିଲା ।

''ଯିଏ ବୋକା ହୋଇଥିବ, କେବଳ ସେଇ ଏ ସଂସାରରେ ନ୍ୟାୟ ଚାହିବାକୁ ଯିବ । ଯିଏ ଚାଲାଖ, ସିଏ ଆପେ ଆପଣାପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବ ।''

''ଯଦି ଅନେକ ଲୋକ ଏକାଠି ମିଶି ଚୋରିକରୁଥିବା ମଣିଷକୁ ଜୀବନରୁ ମାରିଦିଅନ୍ତି, ତେବେ ସେମାନଙ୍କୁ ଆଉ କୌଣସି ଦଣ୍ଡ ଦେବା ସମ୍ଭବ ହେବନାହିଁ । ଏତେଗୁଡାଏ ଲୋକଙ୍କୁ କିଏ କିପରି ଦଣ୍ଡ ଦେବାକୁ ଆସିବ ?''

ଏହି ସମୟରେ ବୋରିନା ଆସି ଘରଭିତରେ ପହଞ୍ଚିଲା । ତା'ର ମିଜାଜ ଆଜି ଭାରି ଖୁସୀ । ସେ ଘରଭିତରକୁ ପଶିଆସି କହିଲା, ''ତୁମେସବୁ ଏଠାରେ ଏଡ଼େବଡ଼ ପାଟିରେ କଥାବାର୍ତ୍ତା ହେଉଚ ଯେ ତାହା ପୋଖରୀ ସେପାଖକୁ ମଧ ଶୁଣାଯାଉଚି ।'' ମୁଣ୍ଡରୁ ଟୋପି କାଢ଼ି ସେ ଜଣକଣ କରି ସମସ୍ତଙ୍କୁ ପ୍ରଣାମ ଜଣାଇଲା । ୟଗ୍‌ନା ପାଖରେ ଆସି ବସିବାଲାଗି ତା'ର ବଳବତୀ ଇଚ୍ଛାହେଉଥିଲେ ହେଁ ସେ ତଥାପି ସେପରି କରିବାକୁ ସାହସ କରିପାରିଲାନାହିଁ । ବିବାହ ବିଷୟରେ ଗୋଟାଏ କିଛି ପକା ହୋଇନଗଲା ପର୍ଯ୍ୟନ୍ତ ସେ ଏକଥା କିପରି କରିପାରିବ ? ତେଣୁ ଦୂରରେ ଥାଇ ସେ କେବଳ ତାର ଚାହାଣି ଓ ଚେହେରାକୁ ଦେଖିବାକୁ ଲାଗିଲା । ଆଜି ସେ କେତେ ବଢ଼ିଆ ପୋଷାକମାନ ପିନ୍ଧି ଆସିଚି । ଯାତ୍ରାରେ ସେ କିଣିଦେଇଥିବା ରୁମାଲଟିକୁ ୟଗ୍‌ନା ଆଜି ମୁଣ୍ଡରେ ବାନ୍ଧି ଆସିଚି ।

ଭିଟେକ୍ ଆଉ କୁବା ନିଆଁ ପାଖରେ ଗୋଟାଏ ଲମ୍ବା ବେଞ୍ଚ୍ ଆଣି ପକାଇଦେଲେ । ୟୁଜ୍‌କା ଖଣ୍ଡେ ସଫାକନାରେ ବେଞ୍ଚଉପରଟି ନିକକରି ପୋଛିଦେଲା ଏବଂ ରାତ୍ରିଭୋଜନ ପାଇଁ ଥାଳିଆ ଓ ଚାମଚମାନ ଆଣି ସଜାଇଦେବାକୁ ଲାଗିଲା ।

ଭଣ୍ଡାରଘରୁ ବୋରିନା ଗୋଟିଏ ଠୋଲା ବୋତଲ ବାହାରକରି ଆଣିଲା ଏବଂ ସେଥିରୁ ଭଡ୍‌କା ବାହାରକରି ଗିଲାସରେ ଢାଳି ଅତିଥିମାନଙ୍କୁ ପିଆଇବାରେ ଲାଗିଲା, ନିଜେ ମଧ ପିଇଲା ।

ମଦପିଆ ଚାଲିଥିବାବେଳେ ଝିଅମାନେ ଅବର୍ଜିଆ ମୁହଁକରି ଦୂରଛଡ଼ା ହୋଇ ବସିଥାନ୍ତି । ଏହା ଦେଖି କୋଠିଆ ଜଣେ କହିଲା, ''ବିଲେଇ କ୍ଷୀର ଦେଖିଲେ ଯେମିତି ହୁଏ, ଏ ଝିଅଗୁଡାକ ଭଡ୍‌କା ଦେଖି ଠିକ୍ ସେମିତି ହେଉଚନ୍ତି । କିନ୍ତୁ ଖାଲି ଲୋକନିନ୍ଦାକୁ ଡରି ଆଡ଼େଇହୋଇ ରହିଚନ୍ତି ।''

''ତୁ ସିନା ମଦଖାଇ ସବୁବେଳେ ୟାଙ୍କେଲ୍‌ର ଦୋକାନରେ ଯାଇ ପଶିଥାଉ, ସମସ୍ତେ କାହିଁକି ତୋରିପରି ହେବାକୁ ଯିବେ ?''

ଶେଷକୁ ଝିଅମାନେ ମଧ ଭଡ୍‌କା ପିଇଲେ । ପ୍ରଥମେ ପ୍ରଥମେ ନପିଇଲାପରି ଅଭିନୟ କଲେ, ପାଟିଉପରେ ହାତଦେଇ ମୁହଁ ଆଡ଼େଇନେଲେ, ଶେଷରେ ପିଇସାରି ଗିଲାସ ଗେଣ୍ଡୁରେ

Digitized by srujanika@gmail.com

ରହିଥିବା ମଦକୁ ମାଟିଉପରେ ଢାଳିଦେଇ କହିଲେ, ''ଭାରି କଡ଼ା ମଦ !''— ଓ ଗୋଟିଗୋଟି କରି ଗିଲାସମାନ ବୋରିନାକୁ ଫେରାଇଦେଲେ ।

କିନ୍ତୁ ଯେତେ ଯିଏ ଅନୁରୋଧ କରି କହିଲେ ମଧ ଯଗ୍‌ନା ଭଡ୍‌କା ପିଇଲାନାହିଁ ।

''ମୁଁ ଭଡ୍‌କା କେମିତି ଲାଗେ, ଥରେହେଲେ ମଧ ସେକଥା ଜାଣିନାହିଁ । ସେକଥା ଜାଣିବାଲାଗି ମଧ ମୋର ଏତେଟିକିଏ ଆଗ୍ରହ ନାହିଁ ।''

''ଆଚ୍ଛା, ଏଥର ସମସ୍ତେ ବସି ଆମ ଘରେ ଯାହା ଅଛି, ସେଥିରୁ ଟିକିଏ ଟିକିଏ ପାଟିରେ ମାର !''—ଭଡ୍‌କା ପରେ ବୋରିନା ଖାଇବାଲାଗି ନିମନ୍ତ୍ରଣ ଜଣାଇଲା ।

ଭଦ୍ରଘରର ଅନେକ ରୀତିର ଆଚରଣ କରାଗଲାପରେ ସମସ୍ତେ ଯାଇ ଖାଇବାକୁ ବସିଲେ ଓ ତା'ପରେ ଭାରି ଜୋରସୋରରେ କଥାବାର୍ତ୍ତା ଆରମ୍ଭ ହୋଇଗଲା ।

ଖାଇବା ସାମଗ୍ରୀ ସେଦିନ ଏପରି ଚମତ୍କାର ଭାବରେ ତିଆରି କରାହୋଇଥିଲା ଯେ ଅତିଥିମାନେ ଖାଉଖାଉ ଭାରି ଆଶ୍ଚର୍ଯ୍ୟ ହୋଇଯାଉଥାନ୍ତି । ଆଳୁସିଝା, ତା'ସାଙ୍ଗକୁ ଝୋଳ । ପୁଣି ଯଅପଡ଼ି ରନ୍ଧା ହୋଇଥିବା ମାଉଁସ । ଆଉଗୋଟାଏ ଥାଳିରେ ମଟର ଆଉ ବନ୍ଧାକୋବିର ତରକାରି । ସବୁ ଜିନିଷକୁ ଭାରି ସଣ୍ଣା କରି ବାଢ଼ି ଦିଆଯାଇଚି । ବୋରିନା ସମସ୍ତଙ୍କ ପାଖକୁ ଯାଇ କେଡ଼େ ବିନୟ ଦେଖାଇ 'ଖାଅ, ଖାଅ' ବୋଲି କହୁଚି ।

ଭିତେକ୍ ଆଉକେତେଟା କାଠମୂଳି ନେଇ ନିଆଁ ଭିତରେ ମୋହିଁଦେଲା । ଚଡ଼ଚଡ଼ ଶବ୍ଦ କରି ନିଆଁ ଜଳିଉଠିଲା । ସମସ୍ତେ ଖାଇ ବସିଥିବାବେଳେ କୁବା ଯାଇ ଆହୁରି ବୋଝେ ବନ୍ଧାକୋବି ନେଇ ଆସିଲା । ସେଗୁଡ଼ାକୁ ତଳେ ଜମାକରି ଭାରି ଲୋଭାସକ୍ତ ଭାବରେ ଟେବୁଲ ଉପରେ ବଢ଼ାଇହୋଇଥିବା ଖାଇବା ପଦାର୍ଥଗୁଡ଼ିକର ମହକକୁ ନାକଭିତରକୁ ଟାଣି ନେବାକୁ ଲାଗିଲା ଓ ନିରାଶ ହୋଇ ଦୀର୍ଘଶ୍ୱାସ ତ୍ୟାଗ କରିବାକୁ ଲାଗିଲା ।

ସେ ଆପଣା ମନକୁମନ କହୁଥାଏ, ''ଶଳାଏ ଆଜି ରାକ୍ଷସଙ୍କ ପରି କେମିତି ଖାଇବାରେ ଲାଗିଚନ୍ତି ଦେଖ ! ଘୋଡ଼ା ଅନେକଦିନ ଖାଇବାକୁ ନପାଇଲେ ଯେମିତି ହୁଏ, ଏମାନେ ଠିକ୍ ସେମିତି ହେଉଚନ୍ତି । ଏମାନଙ୍କୁ ଦେଖି ଯାହା ମନେହେଉଚି, ଏମାନେ ଆଉ କିଏ ଖାଇବବୋଲି ଖଣ୍ଡିଆ ହାଡ଼ଟାଏ ମଧ ଛାଡ଼ିକରି ଯିବେନାହିଁ !''

ଖାଇବା ଅନ୍ତେ ସମସ୍ତେ ଠିଆହୋଇ ସମସ୍ୱରରେ ଗୃହସ୍ୱାମୀକୁ ଧନ୍ୟବାଦ ଦେଲେ !

''ଭଗବାନ ତୁମକୁ ବହୁତରୁ ବହୁତ ଦେଇଥାନ୍ତୁ !''

''ତୁମ୍ଭମାନଙ୍କର ମଧ ମଙ୍ଗଳ ହେଉ !''—ସାମାଜିକ ରୀତିରେ ଉତ୍ତର ମିଳିଲା ।

ତା'ପରେ କିଛିସମୟ ପାଇଁ କେହିକେହି ଟିକିଏ ଗୋଡ଼ହାତ ଖେଳାଇ ଆସିବାପାଇଁ ବାହାରକୁ ଗଲେ, କେହିକେହି ଉପରକୁ ଅନାଇ ମେଘର ଗତି ଦେଖିବାକୁ ଲାଗିଲେ ଏବଂ କୋଠିଆ ଟୋକାଗୁଡ଼ାକ ଦୁଆରବନ୍ଧ ପାଖରେ ଠିଆହୋଇ ଝିଅମାନଙ୍କ ସହିତ ଖୁରି ଖାଇବାକୁ ଲାଗିଲେ ।

Digitized by srujanika@gmail.com

ଏତିକିବେଳେ କୁବା ଗୋଟିଏ ଥାଳି ଧରି ଖାଇ ବସିଲା । ଏପରି ଅଣନିଶ୍ୱାସୀ ହୋଇ ସେ ଖାଇବାରେ ଲାଗିଗଲା ଯେ ଲାପା କୁକୁର ଉପରେ ତା'ର ଦୃଷ୍ଟି ମଧ ପଡ଼ିଲାନାହିଁ । ଲାପା ନାନାପ୍ରକାରେ ଇଙ୍ଗିତ କରିବାରେ ଲାଗିଥାଏ । ଶେଷକୁ କୁବା ପାଖରୁ ଆଜି କିଛି ମିଳିବାର ଆଶା ନଦେଖି ସେ ପିଣ୍ଡାପାଖକୁ ଚାଲିଗଲା ଓ ୟୁଜ୍‌କା ବାହାରକୁ ଫୋପାଡ଼ିଦେଉଥିବା ହାଡ଼ଖଣ୍ଡମାନଙ୍କୁ ଦାନ୍ତେଇବାକୁ ଲାଗିଲା । ଅତିଥିମାନଙ୍କ ସହିତ ଆସିଥିବା ଅନ୍ୟ କୁକୁରମାନେ ମଧ ସେଇଠି ଜମାହୋଇ ହାଡ଼ ଦାନ୍ତେଇବାରେ ବ୍ୟସ୍ତ ଥାଆନ୍ତି ।

ସେମାନେ ପୁଣି କାମ ଆରମ୍ଭ କରିବାକୁ ଯାଉଚନ୍ତି ଏହି ସମୟରେ ବୁଲାଫକୀର ରୋକ୍ ମଧ ଆସି ସେଠାରେ ପହଞ୍ଚିଲା ଓ 'ଜୟ, ଭଗବାନ ଯୀଶୁଙ୍କର ଜୟ !' ବୋଲି ବଡ଼ପାଟିରେ କହିଲା ।

''କୋଟିକୋଟି ଜୟ !''—ସମସ୍ତେ ଏକସ୍ୱରରେ ଉତ୍ତର ଦେଇ କହିଲେ ।

''ଯେତେବେଳେ ଖାଇବାପିଇବା ସରିବ, ହାଣ୍ଡିପୋଛା ସରିବ, ତୁ ଆସି ସେତିକିବେଳେ ପହଞ୍ଚିବୁ !''—ବୋରିନା କହିଲା ।

ୟୁଜ୍‌କାକୁ କହିଦିଅ, ମୋତେ ଖଣ୍ଡେ ରୁଟି ଆଉ ଟୋପାଏ କ୍ଷୀର ଦେବ—ମୋ'ପାଇଁ ସେତିକି ହେଲେ ଯଥେଷ୍ଟ !''

''ନାଇଁ, ଏପର୍ଯ୍ୟନ୍ତ ମଧ କେତେଖଣ୍ଡ ମାଉଁସ ହାଣ୍ଡିରେ ଲାଗିଚି ।''—ହାଙ୍କା କହିଲା ।

''ନାଇଁ ଥାଉ, ମୁଁ ସାଗୁଆଡି ଖାଏନାହିଁ ।''

ପ୍ରଥମେ ସମସ୍ତେ ଚୁପ୍ ହୋଇ ଏକ ବନ୍ଧୁତାପୂର୍ଣ୍ଣ କୌତୂହଳର ସହିତ ତା'ଆଡ଼କୁ ଅନାଇ ଦେଖୁଥିଲେ । କିନ୍ତୁ ସେ ଖାଇବସିଲାପରେ ପୁଣି ସମସ୍ତଙ୍କର ଖୁସୀଗପ ଆଉ ହସ ଆରମ୍ଭ ହୋଇଗଲା ।

କେବଳ ୟଗ୍‌ନା ଏହି ଫକୀରଟି ଆଡ଼କୁ ବାରବାର ଅନାଉଥାଏ । ଯେତିକି ଅନାଉଥାଏ, ସେ ସେତିକି ଆଶ୍ଚର୍ଯ୍ୟ ହେବାରେ ଲାଗିଥାଏ । ଏଇ ଲୋକଟି ସାଧାରଣ ଲୋକଙ୍କଠାରୁ ଏକାବେଳେକେ ଅଲଗା । ଇଏ ନିଜେ ତୀର୍ଥଯାତ୍ରା କରି ଯୀଶୁଖ୍ରୀଷ୍ଟଙ୍କର ସମାଧି ଦେଖିଆସିଚି, ସଂସାରର ଅଧେ ଥାନ ବୁଲି ଦେଖିଚି, କେତେକେତେ ଆଶ୍ଚର୍ଯ୍ୟଜନକ କଥା ଦେଖି ତା'ର ଆଖି ଧନ୍ୟ ହୋଇଚି । ସେ ଦେଖିଆସିଥିବା ସଂସାର ବିଷୟରେ ତାକୁ କେତେକଥା ପଚାରିବାଲଗି ତା'ର ଭାରି ମନ ହେଉଥାଏ, କିନ୍ତୁ ସାହସ ହେଉନଥାଏ । ଏଠି ଏତେଲୋକ ଭର୍ତ୍ତି ହୋଇଚନ୍ତି, ତା'ର ପ୍ରଶ୍ନ ଶୁଣିଲେ ଖାଲି ହସିବେ ସିନା !

ତା'ପରେ ହଠାତ୍ ପିଣ୍ଡାଆଡୁ ଗୋଟିଏ କୁକୁରର ବିକଳ ଚିତ୍କାର ଶୁଣାଗଲା । ଏହି ବିକଳ ଚିତ୍କାର ଶୁଣି ଘରର ସବୁ କୋଳାହଳ ଏକାବେଳେକେ ସ୍ତମ୍ଭିତ ହୋଇଗଲା ।

''କ'ଣ ହେଲା ?''

Digitized by srujanika@gmail.com

''କିଛି ହୋଇନାହିଁ''—ପିଣ୍ଡାକୁ ଅନାଇଦେଇ ଆନ୍ଦ୍ରେକ ଫେରିଆସି କହିଲା । ''ବୋଧହୁଏ ଗୋଟାଏ ଟୋକା କିଏ ଗୋଟାଏ କୁକୁରର ଲାଙ୍ଗୁଳକୁ ଦୁଇକବାଟ ଭିତରେ ଜାକି ଧରିଥିଲା ।''

''ନିଶ୍ଚୟ ଭିତେକ୍‌ର କାମ, ଏଥିରେ କୌଣସି ସନ୍ଦେହ ନାହିଁ ।''—ବୋରିନା କହିଲା ।

ଭିତେକ୍‌ର ପକ୍ଷ ସମର୍ଥନ କରି ୟୁଜ୍‌କା ତତ୍‌କ୍ଷଣାତ୍ ଉତ୍ତର ଦେଲା, ''କ'ଣ କହିଲ ? ଭିତେକ୍ କେବେ କୁକୁରଙ୍କୁ ଏପରିଭାବରେ କଷ୍ଟ ଦେବ ? କଦାପି ନୁହେଁ ।''

ଏହି ସମୟରେ ରୋକ୍ ଆସି ପୁଣି ଘରଭିତରେ ପ୍ରବେଶ କଲା । ବର୍ତ୍ତମାନ ମଧ୍ୟ ତାକୁ ଦେଖି ଭାରି ଉତ୍ତେଜିତ ମନେହେଉଥାଏ । ସେ ଇତିମଧ୍ୟରେ ବାହାରକୁ ଯାଇ କୁକୁରଟାକୁ ମୁକ୍ତ କରିଦେଇଚି । ସେଇ କୁକୁରଟା ବର୍ତ୍ତମାନ ବାଡ଼ ପାଖରେ ଠିଆହୋଇ ବାହୁନିବାରେ ଲାଗିଚି ।

ସେ ସେହିପରି ଉତ୍ତେଜିତ ଭାବରେ କହିଲା, ''କୁକୁର ହେଲେ କ'ଣ ହେଲା, ତାକୁ ତ ପୁଣି ସେହି ଭଗବାନ ତିଆରି କରିଚନ୍ତି ! ମଣିଷପ୍ରତି କେହି ଦୁର୍ବ୍ୟବହାର କଲେ ତାକୁ ଯେମିତି କଷ୍ଟ ହୁଏ, କୁକୁର ପ୍ରତି ଦୁର୍ବ୍ୟବହାର କଲେ କୁକୁରକୁ ମଧ୍ୟ ଠିକ୍ ସେମିତି କଷ୍ଟ ହୁଏ । ଆମ ପ୍ରଭୁ ଯୀଶୁଙ୍କର ମଧ୍ୟ ଗୋଟିଏ କୁକୁର ଥିଲା । ତା ପ୍ରତି କେହି ଦୁର୍ବ୍ୟବହାର କଲେ ସେ ଜମାରୁ ସହି ପାରୁନଥିଲେ ।''

''କ'ଣ ହେଲା ? ମଣିଷଙ୍କ ପରି ପ୍ରଭୁ ଯୀଶୁଙ୍କର ମଧ୍ୟ ଗୋଟାଏ କୁକୁର ଥିଲା ?''—ପରତେ ନଯାଇ ୟଗୁଷ୍ଟିଙ୍କା ପଚାରିଲା ।

''ହଁ, ଥିଲା । ତା'ର ନାଆଁ ହେଉଚି ବୁରେକ୍ ।''

ଏକଥା ଶୁଣି ସମସ୍ତେ ଭାରି ଆଶ୍ଚର୍ଯ୍ୟ ହୋଇଗଲେ ।

ରୋକ୍ କିଛିସମୟ ସକାଶେ ଚୁପ୍ ହୋଇ ବସିରହିଲା । ସେଇଠୁ ପାଚିଲା ବାଳରେ ଝୋଟ ହୋଇଯାଇଥିବା ମୁଣ୍ଡଟିକୁ ଉପରକୁ ଉଠାଇଲା, ଲୁହ ଗଡ଼ିଗଡ଼ି ବିବର୍ଣ୍ଣ ହୋଇଯାଇଥିବା ଆଖିରେ ନିଆଁ ଆଡ଼କୁ ଅନାଇଲା, ହାତରେ ମାଳା ଗଡ଼ାଉ ଗଡ଼ାଉ ଧୀରେଧୀରେ କହିବାକୁ ଆରମ୍ଭ କଲା—

''ସେ ଅନେକ ଯୁଗ ତଳର କଥା । ସେତେବେଳେ ଆମର ପ୍ରଭୁ ଯୀଶୁ ଏହି ଧରାଧାମରେ ମନୁଷ୍ୟଶରୀରରେ ବିଚରଣ କରୁଥିଲେ ଓ ନିଜେ ରାଜାହୋଇ ସଂସାରଯାକ ମଣିଷଙ୍କ ଉପରେ ଶାସନ କରୁଥିଲେ ।

''ସେତିକିବେଳେ ଥରେ ପାଖରେ ଥିବା ସଷ୍ଟୋଭ ମଠକୁ ସେ ଦିନେ କୌଣସି ଉତ୍ସବରେ ଯୋଗଦେବାକୁ ଯାଉଥିଲେ । ସେତେବେଳେ ରାସ୍ତାଘାଟ କିଛି ନଥିଲା, କେବଳ ଜନଶୂନ୍ୟ ମରୁଭୂମି ମଧ୍ୟରେ ଯିବାକୁ ପଡୁଥିଲା । ଉପରେ ମୁଣ୍ଡଫଟା ଖରା, କେତେବେଳେ ଯେ ଆଖିପିଛୁଳାକେ ବାଲିର ଝଡ଼ ମାଡ଼ିଆସିବ, ପବନରୁ ସର୍ବଦା ସେହିପରି ଏକ ଭୟଙ୍କର ସୂଚନା ମିଳୁଥିଲା ।

''ବାଟରେ କୋଉଠି ଗଛଛାଇ କି ଅନ୍ୟ କୌଣସି ଆଶ୍ରୟ ମିଳିବା ଆଦୌ ସମ୍ଭବ ନଥିଲା ।

Digitized by srujanika@gmail.com

''ପ୍ରଭୁ ଅସୀମ ଧୈର୍ଯ୍ୟ ସହକାରେ ଗୋଟିଏ ଗୋଟିଏ ପାହୁଣ୍ଡ ପକାଇ ଯାଉଥାନ୍ତି । ଏପର୍ଯ୍ୟନ୍ତ ଅରଣ୍ୟର ସମୀପବର୍ତ୍ତୀ ହୋଇନଥିଲେ ମଧ ଏତେ ବାଟ ଚାଲିଚାଲି ତାଙ୍କର ପାଦ ବଡ଼ କ୍ଲାନ୍ତ ଓ ଅବଶ ହୋଇପଡ଼ିଲା ଏବଂ ସେ ଦାରୁଣ ତୃଷାରେ ସନ୍ତପ୍ତ ହେବାକୁ ଲାଗିଲେ । ତେଣୁ ବାଟରେ ଏଠିସେଠି ଛୋଟ ପାହାଡ଼ ବା ମୁଣ୍ଡିଆ ପଡୁଥିବାବେଳେ ସେ ଦଣ୍ଡେ ବସିଯାଇ ସେଠି ବିଶ୍ରାମ ନେଉଥିଲେ ।

''କିନ୍ତୁ ମାଟି ଉପରେ ବସିପଡ଼ିବା ମାତ୍ରକେ ପବନ ଅଭାବରେ ସେ ଅଣନିଶ୍ୱାସୀ ପ୍ରାୟ ହୋଇଯାଉଥିଲେ । ସେତିକିବେଳେ ସଇତାନ ତାଙ୍କୁ ଭୟ ଦେଖାଇବାକୁ ଗୋଟିଏ ଚଢ଼େଇ ରୂପ ଧରି ସେଠି ଆସି ପହଞ୍ଚି ଯାଉଥିଲା, ଗୋଡ଼ଖୁରାରେ ଧୂଳି ଉଡ଼ାଇବାରେ ଲାଗୁଥିଲା । ସେଥିରୁ ପ୍ରବଳ ଧୂଳି ଉଠି ମେଘସମାନ ଚତୁର୍ଦ୍ଦିଗକୁ ଆଚ୍ଛନ୍ନ କରି ରଖୁଥିଲା, କୁଆଡ଼େ ହେଲେ କିଛି ଦୃଷ୍ଟିଗୋଚର ହେଉନଥିଲା ।

''ସଇତାନର ଏସବୁ ଖଳ-ଆୟୋଜନ ଦେଖି ପ୍ରଭୁ ଭୂଇଁରୁ ଉଠି ପୁଣି ଚାଲିବାକୁ ଆରମ୍ଭ କରୁଥିଲେ । ସେ ବେଶ୍ ବୁଝିପାରୁଥିଲେ ଯେ ସଇତାନ ତାଙ୍କୁ ବାଟବଣା କରିଦେବା ପାଇଁ ଏପରି ଚକ୍ରାନ୍ତମାନ କରିବାକୁ ବସିଚି । ଏହି ମରୁଭୂଇଁରେ ବାଟବଣା ହୋଇଗଲେ ପ୍ରଭୁ ଆଉ ଉତ୍ସବସ୍ଥାନରେ ପହଞ୍ଚି ପାରିବେନାହିଁ ଓ ତେଣୁ ସେଠାର ଲୋକମାନେ ଆଉ ପାପରୁ ଉଦ୍ଧାର ପାଇ ପାରିବେ ନାହିଁ ।

''ଏହିପରି ଚାଲିଚାଲି ପ୍ରଭୁ ଯୀଶୁ ଅରଣ୍ୟପାଖରେ ଆସି ପହଞ୍ଚିଲେ ।

''ସେଠି ସେ ଗଛଛାଇରେ ବିଶ୍ରାମ କଲେ, ଝରଣାର ଜଳ ପାନକରି ତୃଷାନିବାରଣ କଲେ । ତା'ପରେ ଗଛରୁ ଗୋଟିଏ ଡାଳ ଭାଙ୍ଗିଆଣି ବାଡ଼ିପରି ହାତରେ ଧରିଲେ ଓ ଶୂନ୍ୟରେ କ୍ରସଚିହ୍ନ ଅଙ୍କିତ କରି ଅରଣ୍ୟ ଭିତରେ ପ୍ରବେଶ କଲେ ।

''ଅନେକ ଦିନର ପୁରାତନ ଗହନ ଅରଣ୍ୟ, ପକ୍ଷୀମାନଙ୍କ ପାଇଁ ମଧ ଦୁର୍ଗମ ହୋଇ ରହିଚି ! ସେଇଠି ହେଉଚି ସଇତାନର ନିବାସ । ତଥାପି ପ୍ରଭୁ ସେହି ଅରଣ୍ୟଭିତରକୁ ପ୍ରବେଶ କଲେ ।

''ସଇତାନ ତାଙ୍କୁ କେତେପ୍ରକାରେ କି ହଇରାଣ ନକଲା ? ଗଛର ଡାଳମାନ ହଲାଇବାକୁ ଲାଗିଲା, ପଶୁପରି ବିକଟ ଭାବରେ ବୋବାଳି ଛାଡ଼ିଲା, ଝଡ଼ତୋଫାନ ଆଣି ଡାଳଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିପକାଇଲା । ଅରଣ୍ୟତମାମ ଯେପରି କେଉଁ ପାଗଳ ଦୈତ୍ୟ ଗର୍ଜନ କରିବାରେ ଲାଗିଥାଏ !

''ଏଣେ କିଟିକିଟି ଅନ୍ଧାର ମଧ ମାଡ଼ିଆସିଲାଣି । ଚାରିପାଖରୁ ନାନାପ୍ରକାର ବିକଟ ଶବ୍ଦ କାନକୁ ବଧିରା କରିଦେଉଥାଏ । ପ୍ରଭୁଙ୍କୁ ଘେରି ତାଙ୍କର ଚାରିପାଖରେ କେତେ ଡାଆଣୀ ଚିରଗୁଣୀ ନାଚି ନାଚି ଡେଇଁ ଡେଇଁ ଯିବାରେ ଲାଗିଥାନ୍ତି, ଲମ୍ୱ ଲମ୍ୱ ଦାନ୍ତମାନ ବାହାରକରି ବୋବାଳି ଛାଡୁଥାନ୍ତି, ନଖ ବାହାର କରି ପ୍ରଭୁଙ୍କୁ ଭୟ ଦେଖାଇବାକୁ ଆସୁଥାନ୍ତି । ଅବଶ୍ୟ ପ୍ରଭୁଙ୍କର ପବିତ୍ର ଶରୀରରେ ହାତ ଲଗାଇବାକୁ ସେମାନେ ଆଦୌ ସାହସ କରିପାରୁନଥାନ୍ତି ।

Digitized by srujanika@gmail.com

''କିନ୍ତୁ ଏମାନଙ୍କର ଅତ୍ୟାଚାରରେ ପ୍ରଭୁ ବଡ଼ ହନ୍ତସନ୍ତ ହୋଇପଡ଼ିଲେ । ଉତ୍ସବସ୍ଥାନରେ ଯାଇ ପହଞ୍ଚିବାକୁ ମଧ୍ୟ ସେ ଭାରି ତରତର ହେଉଥାଆନ୍ତି । ଏହି ସମୟରେ ସେ ସେହି ପ୍ରେତମାନଙ୍କ ଉପରେ କ୍ରସଚିହ୍ନ ଅଙ୍କନ କରିଦେଲେ । ମୁହୂର୍ତ୍ତକ ମଧ୍ୟରେ ସେମାନେ ଦଳବଳଙ୍କ ସହିତ ସେହି ଜଙ୍ଗଲ ଭିତରେ କୁଆଡ଼େ ଅଦୃଶ୍ୟ ହୋଇଗଲେ ।

''ସମସ୍ତେ ସିନା ଗଲେ, କିନ୍ତୁ କେବଳ ଗୋଟିଏ ବଣୁଆକୁକୁର ସେଠାରେ ବାକୀ ରହିଗଲା । ହଁ, ବଣୁଆକୁକୁର, କାରଣ ସେତେବେଳେ କୁକୁରଜାତି ମଣିଷର ପୋଷ ମାନିନଥାନ୍ତି ।

''କୁକୁରଟି ପଳାଇ ନଯାଇ ପ୍ରଭୁଙ୍କ ପଛେ ପଛେ ଗୋଡ଼ାଇ ଭୁକିବାକୁ ଆରମ୍ଭ କଲା । ପ୍ରଭୁଙ୍କର ଅଙ୍ଗବସନକୁ ଚିରିଦେଲା ଏବଂ ତାଙ୍କର ମୁଣିକୁ ଝାମ୍ପିଆଣି ସେଥିରେ ଥିବା ମାଂସକୁ ଖାଇବାକୁ ମନ ବଳାଉଥିଲା । କିନ୍ତୁ ପ୍ରଭୁଙ୍କର ଅସୀମ କରୁଣା, ସେ ତାଙ୍କର କୌଣସି ପ୍ରାଣୀର କେବେହେଲେ କୌଣସି ଅନିଷ୍ଟ କରନ୍ତିନାହିଁ । । ତେଣୁ ସେ କୁକୁରଟିକୁ କହିଲେ—

''ବୋକାକୁକୁର, କ'ଣ ଭାରି ଭୋକ କରୁଚି ? ନେ, ଏଥିରେ ମାଉଁସ ଅଛି ନେ— ଆପଣା ମୁଣି ଭିତରୁ କିଛି ମାଉଁସ ବାହାର କରି ସେ କୁକୁର ଆଡ଼କୁ ଫୋପାଡ଼ିଦେଲେ । କିନ୍ତୁ ଏଥିରେ କୁକୁରର କ୍ରୋଧ ଆହୁରି ବଢ଼ିଗଲା ଏବଂ ଦାନ୍ତ ବାହାରକରି ସେ ପ୍ରଭୁଙ୍କ ଉପରେ ଆକ୍ରମଣ କଲା ଏବଂ ତାଙ୍କର ପରିହିତ ବସନକୁ ଖଣ୍ଡ ଖଣ୍ଡ କରି ଚିରି ପକାଇଲା ।

''ମୁଁ ତୋତେ ଖାଇବାକୁ ଦେଲି । ମୁଁ ତୋ'ର କୌଣସି କ୍ଷତି କରିନାହିଁ । ତଥାପି ତୁ ମୋର ଲୁଗାପଟା ଚିରିଦେଇ ମିଛଟାରେ ଭୁକିବାରେ ଲାଗିଚୁ ? ଏଡ଼ିକି ବୋକା କୁକୁରଟାଏ ତୁ—ଆପଣାର ପ୍ରଭୁକୁ ମଧ୍ୟ ଚିହ୍ନିପାରୁନାହୁଁ ? ତୋ'ର ଏହି ଦୁଷ୍କୃତ ସକାଶେ ତୋତେ ଆଜିଠାରୁ ମନୁଷ୍ୟର ଆଜ୍ଞାବହ ହୋଇ ରହିବାକୁ ପଡ଼ିବ, ମଣିଷ ହିଁ ତୋର ଏକମାତ୍ର ସହାୟ ହୋଇ ରହିବ !

''ପ୍ରଭୁଙ୍କର ଏହି ବାକ୍ୟଗୁଡ଼ିକ ଶୁଣିସାରିବା ପରେ କୁକୁରଟି ପ୍ରଥମେ ପଛ ଦୁଇଗୋଡ଼ ଉପରେ କିଛି ସମୟ ପର୍ଯ୍ୟନ୍ତ ବସିରହିଲା ଏବଂ ତା'ପରେ ଦୁଇଗୋଡ଼ ଭିତରେ ଲାଙ୍ଗୁଡ଼ ଜାକିଧରି ସଂସାର ଭିତରକୁ ଆସିଲା ।

''ଉତ୍ସବରେ କେତେକେତେ ମଣିଷ ଯେ ଉପସ୍ଥିତ ଥିଲେ, ସେକଥା କେହି ସୁମାରି କରି କହି ପାରିବନାହିଁ । ଠିକ୍ ଘାସପଡ଼ିଆର ଘାସ ପରି ଅସୁମାରି !

''କେବଳ ଗିର୍ଜାଘରଟି ଖାଲି ପଡ଼ିଥାଏ ! ଲୋକମାନେ ଯାଇ ଦୋକାନମାନଙ୍କରେ ଭର୍ତ୍ତି ହୋଇ ରହିଥାନ୍ତି । ଗିର୍ଜାପାଖକୁ ଲାଗିକରି ଥିବା ମଠଭିତରେ ଯାତ୍ରା ବସିଥାଏ । ମଦପିଆ ହେଉଥାଏ, ସବୁ ପ୍ରକାରର ଭ୍ରଷ୍ଟାଚାରରେ ପ୍ରଭୁଙ୍କର ଥାନଟି ଦୂଷିତ ହୋଇ ରହିଥାଏ । ଏହିସବୁ ପାପ ଏବେ ମଧ୍ୟ କ'ଣ ହେଉନାହିଁ ?

''ପ୍ରଭୁ ସେଠାରେ ଯାଇ ପହଞ୍ଚିଲା ବେଳକୁ ପ୍ରାର୍ଥନା ଶେଷ ହୋଇଗଲାଣି ଲୋକମାନେ ସତେଅବା ଭାରି ଭୀତତ୍ରସ୍ତ ହେଲାପରି ଏଣେତେଣେ ଦଉଡ଼ିବାରେ

Digitized by srujanika@gmail.com

ଲାଗିଚନ୍ତି । କିଏ ହାତରେ ପାଞ୍ଚଣଟାଏ ଧରି ସଜ ହେଉଚି, କିଏ ଟେକାପଥର ଗୋଟାଇ ହାତରେ ଧରୁଚି । ସ୍ତ୍ରୀଲୋକମାନେ ଆକୁଳ ଭାବରେ ଗାଡ଼ିଭିତରକୁ ଚାଲିଯାଇ ଲୁଚିବାକୁ ଚେଷ୍ଟା କରୁଚନ୍ତି, ପିଲାମାନେ ଭୋ' ଭୋ' ହୋଇ କାନ୍ଦୁଚନ୍ତି ।

''ସମସ୍ତେ ଚିତ୍କାର କରି କହୁଚନ୍ତି— 'ସାବଧାନ, ପାଗଳା କୁକୁର ଯାଉଚି, ସାବଧାନ !

''ମଣିଷ ଭିଡ଼ ଭିତରେ ବାଟ ଚିରି କୁକୁର ଆଗକୁ ଯିବାରେ ଲାଗିଚି । ତା'ଲାଗି ସମସ୍ତେ ବାଟ ଛାଡ଼ି ଦେଉଚନ୍ତି ଏବଂ ଜିଭଟାକୁ ଲହଲହ କରି କୁକୁରଟା ପ୍ରଭୁଙ୍କ ଉଦ୍ଦେଶ୍ୟରେ ଯିବାରେ ଲାଗିଚି ।

''ପ୍ରଭୁଙ୍କର ମନରେ କୌଣସି ଭୟ ଜାତ ହେଉନଥାଏ । ସେ ଭଲକରି ଜାଣିଥାନ୍ତି ଯେ ଜଙ୍ଗଲର ସେହି କୁକୁରଟି ବର୍ତ୍ତମାନ ଏଠାରେ ଆସି ପହଞ୍ଚିଚି । ଆପଣାର ଅଙ୍ଗବସ୍ତ୍ର କାଢ଼ି ପ୍ରଭୁ ମାଟିଉପରକୁ ପକାଇଦେଲେ ଓ କୁକୁରଟି ସେଇଠି ଅଟକି ଠିଆହୋଇ ରହିଲା । ପ୍ରଭୁ କହିଲେ, 'ବୁରେକ, ଆ, ଏଠିକି ମୋ'ପାଖକୁ ଆ' ! ମୋ ପାଖରେ ଥିଲା ପର୍ଯ୍ୟନ୍ତ ତୁ ଜଙ୍ଗଲ ଅପେକ୍ଷା ଅଧିକ ନିରାପଦ ହୋଇ ରହିପାରିବୁ ।

''ଆପଣା ବସନଦେଇ ପ୍ରଭୁ କୁକୁରଟିକୁ ଘୋଡ଼ାଇଦେଲେ ଏବଂ ତା'ଉପରେ ଆପଣାର ହାତ ରଖି ଲୋକମାନଙ୍କୁ କହିଲେ— 'ଏହାକୁ ତମେମାନେ କେହି ମାରିବନାହିଁ । କାରଣ ଏହାକୁ ମଧ ଭଗବାନ ତିଆରି କରିଚନ୍ତି, ବିଚରା ଭୋକରେ ଇଏ ଏଣେତେଣେ ବୁଲୁଚି, ଏହାର ମାଲିକ କେହି ନାହାନ୍ତି' ।

''ଏହି ଦୃଶ୍ୟ ଦେଖି ସେଠାରେ ଉପସ୍ଥିତ ଥିବା କୃଷକମାନେ କହିଲେ—'ଆଜିଯାଏ ଏହି କୁକୁର ବଣରେ ଥିଲା, ହିଂସ୍ରଜନ୍ତୁ ପରି ଆଚରଣ କରୁଥିଲା । କେତେ ବତକ ଆଉ ମେଣ୍ଢାଛୁଆ ଧରି ଏହା ଜଙ୍ଗଲକୁ ପଳାଉଥିଲା, କେତେ କେତେ ଦୁଷ୍କର୍ମ କରୁଥିଲା । ମଣିଷ ପ୍ରତି ଏହାର କୌଣସି ଭୟ ବା ସମ୍ମାନ ନଥିଲା । ଏହାରି ଭୟରେ ହାତରେ ବାଡ଼ି ନଧରି ବାହାରକୁ ବାହାରିବା ଆଦୌ ସମ୍ଭବ ହେଉନଥିଲା । ତେଣୁ ଏହାକୁ ପ୍ରାଣରେ ନମାରି ଛାଡ଼ିଦେଲେ ଭାରି ବିପତ୍ତି ହେବ ।

କିନ୍ତୁ ପ୍ରଭୁ ସମସ୍ତଙ୍କୁ ସାବଧାନ କରି ଦେଇ କହିଲେ, ''ହୁସିଆର, କେହି ଯେପରି ପାଦେହେଲେ ଅଗ୍ରସର ନହୁଅନ୍ତି ! ତୁମେମାନେ ମଦ ପିଇଚ କି ? ଛାର କୁକୁରଟାକୁ ଏତେ ଭୟ କରୁଚ, ଅଥଚ ତୁମର ଭଗବାନ ପ୍ରଭୁଙ୍କ ପ୍ରତି ତୁମର ଏତେଟିକିଏ ଭୟ ହେଉନାହିଁ ?''

''ତାଙ୍କର ଅତ୍ୟନ୍ତ ଶକ୍ତିଶାଳୀ ବାକ୍ୟମାନ ଶୁଣି ଲୋକମାନେ ଶଙ୍କି ରହିଲେ । ସେଇଠୁ ପ୍ରଭୁ ସେମାନଙ୍କୁ ଭର୍ତ୍ସନା କରି କହିଲେ ଯେ ସେମାନେ ହେଉଚନ୍ତି ପାପୀ । ସେମାନଙ୍କ ଜୀବନରେ କୌଣସି ସଂଯମ ନାହିଁ । କେବଳ ମଦଖଟିରେ ବସି ସେମାନେ ମଦ ପିଇବାରେ ଲାଗିଚନ୍ତି, ଭଗବାନଙ୍କର ଅବମାନନା କରୁଚନ୍ତି ଓ ତଥାପି ପଶ୍ଚାତ୍ତାପ କରୁନାହାନ୍ତି । କିନ୍ତୁ ତଥାପି ସେମାନେ ଭଗବାନଙ୍କର ବିଚାର ସମ୍ମୁଖରୁ କଦାପି ଉଦ୍ଧାର ପାଇ ପାରିବେ ନାହିଁ ।

''ଏତିକି କହି ପ୍ରଭୁ ଆପଣାର ବାଡ଼ିଟି ଧରି ଯିବାକୁ ଯିବାକୁ ବସିଲେ ।

Digitized by srujanika@gmail.com

''କିନ୍ତୁ ଇତ୍ୟବସରରେ ଲୋକମାନେ ପ୍ରଭୁଙ୍କର ପରିଚୟ ପାଇ ତାଙ୍କର ସମ୍ମୁଖରେ ନତଜାନୁ ହୋଇ ବସି ବିକଳଭାବରେ ରୋଦନ କରିବାକୁ ଆରମ୍ଭ କଲେ ଓ କହିଲେ— ହେ ପ୍ରଭୁ ଯୀଶୁ, ତୁମେ ଆମକୁ ଛାଡ଼ି ଚାଲିଯାଅ ନାହିଁ। ଆମକୁ ପ୍ରସନ୍ନ ହୁଅ ! ଆମେ ମଦ୍ୟପ, ଅମେ ପାପୀ, ଆମେ ପଥଭ୍ରଷ୍ଟ ! ଆମେ ଅବଶ୍ୟ ତୁମପ୍ରତି ବିଶ୍ୱସ୍ତ ରହିବୁ। ତୁମେ ଆମକୁ ଛାଡି ଚାଲିଯାଅ ନାହିଁ। ଆମକୁ ଦଣ୍ଡଦିଅ ପଛେ, ଆମ ଉପରେ ପ୍ରହାରକର ପଛେ, କିନ୍ତୁ ଆମକୁ ଛାଡ଼ି ଚାଲିଯାଅ ନାହିଁ। ତୁମବିନା ଆମେ ଅନାଥ ହୋଇ ରହିବୁ, ପ୍ରଭୁହୀନ ହୋଇ ରହିବୁ ।''... ଯୀଶୁଙ୍କର ପବିତ୍ର ହସ୍ତ ଓ ପାଦକୁ ବାରମ୍ବାର ଚୁମ୍ବନ କରି ସେମାନେ ଏହିପରି ଭାରି ଅନୁନୟ କରିବାରୁ ପ୍ରଭୁଙ୍କର ହୃଦୟ କରୁଣାରେ ବିଗଳିତ ହୋଇପଡ଼ିଲା ଏବଂ ସେ ସେଠାରେ କିଛି କାଳ ଅବସ୍ଥାନ କଲେ, ସେମାନଙ୍କୁ ଉପଦେଶ ପ୍ରଦାନ କଲେ ଓ ଆଶୀର୍ବାଦ ଦେଲେ।

''ଏବଂ ଗଲାବେଳେ ସେମାନଙ୍କୁ କହିକରି ଗଲେ— ଏହି କୁକୁରଟି କ'ଣ ତୁମର କୌଣସି ଅନିଷ୍ଟ କରିଚି ? ଆଜିଠାରୁ ଏ ତୁମମାନଙ୍କର ବୋଲ ମାନିବ, ବତକ ଓ ମେଣ୍ଢାପଲ ଜଗିବ—ପୁଣି ଅତ୍ୟଧିକ ମଦ ପିଇ ତୁମମାନଙ୍କ ଭିତରୁ କେହି ଶୋଇପଡ଼ିଲେ ଏହି କୁକୁର ଜଗୁଆଳ ହୋଇ ତୁମର ଘରକୁ ଜଗିବ ଓ ତୁମର ବନ୍ଧୁ ହୋଇ ରହିବ।

''ଏହା ପ୍ରତି ତୁମେମାନେ ସର୍ବଦା ସଦୟ ବ୍ୟବହାର କରିବ, ଏହା ଉପରେ କୌଣସି ଅତ୍ୟାଚର କରିବ ନାହିଁ।

''ଏହିପରି କହି ପ୍ରଭୁ ଯୀଶୁ ସେଠାରୁ ପ୍ରସ୍ଥାନ କଲେ। ଆପଣା ପାଖରେ କୁକୁରଟିକୁ ବସିଥିବାର ଦେଖି ସେ କହିଲେ—'ବୁରେକ୍, ତୁ ମୋ' ସାଙ୍ଗରେ ଯିବୁ ନା ଏଠି ରହିବୁ' ?

''କୁକୁରଟି ଆପଣାର ବସିବାଥାନରୁ ଉଠି ଠିଆହେଲା ଓ ସେହିଦିନଠାରୁ ସେ ସର୍ବଦା ପ୍ରଭୁଙ୍କର ଅନୁସରଣ କରିବାକୁ ଲାଗିଲା, ଠିକ୍ ଜଣେ ଅନୁଗତ ଭୃତ୍ୟପରି ଯୀଶୁଙ୍କର ବିଶ୍ୱାସଭାଜନ ହୋଇ ରହିଲା ଏବଂ ସେହିଦିନଠାରୁ ସେ ଦୁହେଁ ଯୁଆଡ଼େ ଗଲେ ସାଙ୍ଗହୋଇ ଗଲେ।

''ଯଦି କୌଣସି ଦେଶରେ କେତେବେଳେ ଦୁର୍ଭିକ୍ଷ ପଡୁଥିଲା, ତେବେ କୁକୁର ଦଉଡ଼ିଯାଇ ଗୋଟାଏ ଚଢ଼େଇ ବା ମେଣ୍ଢାଛୁଆ ଧରି ଆଣୁଥିଲା ଓ ସେଇଥିରେ ଦୁହିଁଙ୍କର ବେଶ୍ ଚଳିଯାଉଥିଲା।

''ବେଳେବେଳେ ପ୍ରଭୁ ପଥକ୍ଳାନ୍ତ ହୋଇ ଶୋଇ ପଡିଲେ ବୁରେକ୍ ସେଠାରେ ପହରା ଦେଉଥିଲା, ଦୁଷ୍ଟଲୋକ ଓ ବଣଜନ୍ତୁମାନଙ୍କୁ ଘଉଡ଼ାଇ ରଖୁଥିଲା।

''କିନ୍ତୁ ଯେତେବେଳେ ଖଳ ଇହୁଦୀ ଓ ନିଷ୍ଠୁର ପଣ୍ଡିତମାନେ ପ୍ରଭୁଙ୍କର ପ୍ରାଣନାଶ କରିବାପାଇଁ ତାଙ୍କୁ ବନ୍ଦୀ କରି ଆଣିଲେ, ସେତେବେଳେ ମଧ୍ୟ ଏହି କୁକୁରଟି ସେମାନଙ୍କୁ କାମୁଡ଼ିବାକୁ ଗୋଡ଼ାଇଥିଲା ଏବଂ ଆପଣାର ସମସ୍ତ ଶକ୍ତିଦେଇ ପ୍ରଭୁଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲା।

''କିନ୍ତୁ ପ୍ରଭୁ କୁକୁରଟିକୁ ଉଦ୍ଦେଶ୍ୟ କରି କହିଲେ, 'ବର୍ତ୍ତମାନ ତୁ ମୋର କୌଣସି ସାହାଯ୍ୟ କରିପାରିବୁ ନାହିଁ। ତୋ'ର ଦାନ୍ତ ଅପେକ୍ଷା ସେମାନଙ୍କର ଆପଣା ବିବେକ ହିଁ ପରିଶେଷରେ ସେମାନଙ୍କୁ ଅଧିକ ତୀବ୍ରହୋଇ ବିଦ୍ଧ କରିବ'।

Digitized by srujanika@gmail.com

''ପୁଣି ସେମାନେ ଯେତେବେଳେ ପ୍ରଭୁଙ୍କୁ ନେଇ କ୍ରୁସବିଦ୍ଧ କଲେ ଓ ତାଙ୍କୁ ହତ୍ୟାକଲେ, ସେତେବେଳେ ମଧ୍ୟ ଏହି କୁକୁର ସେଠାରେ ବସିରହି ଭୋ' ଭୋ' ହୋଇ ଭୁକୁଥିଲା ।

''ପରଦିନ ସେଠାରୁ ସମସ୍ତେ ଚାଲିଯିବା ପରେ, ଯେତେବେଳେ ପ୍ରଭୁଙ୍କର ମାଆ ଓ ପବିତ୍ର ଶିଷ୍ୟବର୍ଗ ମଧ୍ୟ ସେଠାରେ ନଥିଲେ, କେବଳ ଏହି ବୁରେକ୍ ହିଁ ସେଠାରେ ଏକାକୀ ବସିରହିଥିଲା ଏବଂ ପ୍ରଭୁଙ୍କର କଣ୍ଟକବିଦ୍ଧ ପବିତ୍ର ପାଦଦୁଇଟିକୁ ଚାଟିବାରେ ଲାଗିଥିଲା । ଏବଂ ବଡ଼ ବିକଳଭାବରେ ଅବିରତ ଖାଲି ବାହୁନିବାରେ ଲାଗିଥିଲା ।

''ତିନିଦିନ ଗତ ହୋଇଯିବା ପରେ ଯୀଶୁ ନିଦରୁ ଉଠିବାପରି ଉଠି ଚାରିଆଡ଼କୁ ଅନାଇଲେ, କ୍ରୁସ ପାଖରେ ସେ କେବଳ ବୁରେକରୁ ଛାଡ଼ିଦେଲେ ଆଉ କାହାରିକୁ ଦେଖିବାକୁ ପାଇଲେ ନାହିଁ ।

''ଏଥିରେ ଅତିଶୟ ପ୍ରୀତ ହୋଇ ଆମର ପରମ ପବିତ୍ର ଭଗବାନ ଯୀଶୁଖ୍ରୀଷ୍ଟ କରୁଣାପୂର୍ଣ୍ଣ ନୟନରେ କୁକୁରଟି ଆଡ଼କୁ ଅନାଇ ରହିଲେ ଓ ଆପଣାର ଶେଷ ନିଶ୍ୱାସ ତ୍ୟାଗ କରୁ କରୁ କହିଲେ, ଆ' ବୁରେକ୍ , ତୁ ମୋ'ସାଙ୍ଗରେ ଯିବୁ ଆ !

''ଠିକ୍ ସେହି ମୁହୂର୍ତ୍ତରେ ମଧ୍ୟ କୁକୁରଟାର ପିଣ୍ଡରୁ ପ୍ରାଣ ବାହାରିଗଲା ଓ ସେ ପ୍ରଭୁଙ୍କର ଅନୁଗମନ କଲା । ଆମେନ୍ !''

''ମୁଁ ଯେପରି ଭାବରେ ଏହିସବୁ କଥା କହିଲି, ଘଟଣାଗୁଡିକ ଅବିକଳ ସେହିପରି ଭାବରେ ଘଟିଥିଲା ''—ଭାବଗଦ୍‌ଗଦ ହେଲାପରି ରୋକ୍ କାହାଣୀଟିକୁ ଶେଷ କରି କହିଲା ଏବଂ ଶୂନ୍ୟରେ କ୍ରୁସଚିହ୍ନ ଅଙ୍କିତ କରି ସେ ଆର ଘରକୁ ବାହାରିଗଲା । ସେଠି ତା'ର ଶୋଇବା ଲାଗି ହାଙ୍କା ବିଛଣା ପାରିଦେଇଥିଲା । ଦିନଯାକ ବୁଲି ବୁଲି ହାଲିଆ ହୋଇପଡ଼ିଥିବାରୁ ସେ ସେଇଠି ଯାଇ ଶୋଇପଡ଼ିଲା ।

କିଛି ସମୟ ପାଇଁ ଘରେ ସମସ୍ତେ ନୀରବ ସ୍ତମ୍ଭିତ ହୋଇ ରହିଲେ । ଏହି ଅଦ୍‌ଭୁତ କଳ୍ପନାତୀତ କାହାଣୀଟି ବିଷୟରେ ସମସ୍ତେ ଭାବିବାରେ ଲାଗିଥାନ୍ତି । ଯଗ୍‌ନା, ୟୁକ୍‌କା ଓ ଆଉ କେତେଜଣ ଝିଅ ଏକାନ୍ତରେ ଆଖିରୁ ଲୁହ ପୋଛି ଦେଉଥାନ୍ତି । ପ୍ରଭୁ ଯୀଶୁଙ୍କର ନିଧନ ଓ ସେଥିରେ ଛାର କୁକୁର ବୁରେକ୍ ଅଭିନୟ କରିଥିବା ଭୂମିକାର କାହାଣୀ ଶ୍ରବଣ କରି ସେମାନେ ପ୍ରକୃତରେ ବଡ଼ ଅଧୀର ହୋଇପଡ଼ିଥାନ୍ତି । ଯଗୁଷ୍କିଙ୍କା ମଧ୍ୟ କାନକୁ ଡେରି ଏକଧ୍ୟାନରେ ଏହିସବୁ କଥା ଶୁଣୁଥିଲା, ଫକୀର ଚାଲିଯିବା ପରେ ସେ ମୁଣ୍ଡଟାକୁ ଉପରକୁ ଟେକି ନାକଟାକୁ ବଙ୍କାଇ କହିବାକୁ ଲାଗିଲା—

''ଏମିତି ମନଗଢ଼ା କଥା ମୁଁ ଗଣ୍ଡା ଗଣ୍ଡା ଶୁଣିଚି ! ତୁମମାନଙ୍କର ଯଦି କଥା ଶୁଣି ମନେବୋଧ ହୋଇନାହିଁ, ତେବେ ମୋ'ଠାରୁ ତା' ଅପେକ୍ଷା ଆହୁରି ବଢ଼ିଆ ଗୋଟାଏ କଥା ଶୁଣିବ ଆସ !''

—କହି ସେ ତା'ର କାହାଣୀ କହିବା ଆରମ୍ଭ କରିଦେଲା ଓ କିରିକିରି କରି ହସିବାକୁ ଲାଗିଲା । ତା'ର କାହାଣୀ ଶୁଣୁଥିବା ଆଉମାନେ ମଧ୍ୟ ହସିବାରେ ଲାଗିଥାନ୍ତି । କେତେ ପ୍ରକାର ଥଟ୍ଟା ତାମସା ଓ ରଙ୍ଗ ରହସ୍ୟରେ ଘରଟାଯାକ ଫାଟି ପଡୁଥାଏ ।

Digitized by srujanika@gmail.com

କାମସାରି ସେମାନେ ଆପଣା ଆପଣାର ଘରକୁ ଯିବେ ବୋଲି ବାହାରୁଛନ୍ତି, ଏହି ସମୟରେ ମୋହରିରଙ୍କୁ ସାଙ୍ଗରେ ଧରି ପଧାନେ ଆସି ସେଠାରେ ପହଞ୍ଚିଲେ । ସେ ଆଦେଶ ଦେଲେ ଯେ କାଲି ଚାଷୀମାନେ ଏକାଠି ମିଶି ପେଷାଘର ବାଟ ଦେଇ ଯାଉଥିବା ରାସ୍ତାଟିକୁ ମରାମତି କରିବାକୁ ଯିବେ । ଏତେ ଗୁଡ଼ାଏ ପାଣି ବରଷିବା ଫଳରେ ରାସ୍ତାଟା ଏକାବେଳକେ ଭାଙ୍ଗିଭୁଙ୍ଗି ଯାଇଚି । ଘର ଭିତରକୁ ପଶିଆସି ପଧାନେ ପାଟିଟାଏ କରି କହିଲେ—

"ବୁଢ଼ା ଆଜି ଗାଆଁଯାକର ସବୁ ସୁନ୍ଦରୀ ଝିଅଙ୍କୁ ଏଠିକି ଡାକି ଆଣିଥିବା ପରି ମନେହେଉଚି !"

ବୋରିନା ସହିତ ପଧାନେ କ'ଣ ସବୁ ବ୍ୟକ୍ତିଗତ କଥାବାର୍ତ୍ତା ମଧ୍ୟ ହେଲେ, କିନ୍ତୁ ସେମାନଙ୍କର କହିବା କଥା ଆଉ କେହି ଶୁଣିପାରିଲେ ନାହିଁ । ଝିଅମାନଙ୍କୁ ଦି'ପଦ ଟାପରା କରିଦେଇ ସେ ତତ୍‌କ୍ଷଣାତ୍ ସେଠାରୁ ଚାଲିଗଲେ । ପଧାନେ ଯିବାପରେ ଅନ୍ୟମାନେ ମଧ୍ୟ ଯେଝା ଯେଝା ଘରକୁ ପ୍ରସ୍ଥାନ କଲେ ।

ବୋରିନା ଜଣ ଜଣ କରି ସମସ୍ତଙ୍କୁ ବିଦାୟ ଦେଲା, ବୟସ୍କାମାନଙ୍କୁ ଫାଟକଯାଏ ପାଛୋଟି ଦେଇ ଆସିଲା ।

ଗଲାବେଳେ ଯଗୁଷ୍ଟିଙ୍କା ତୁଣ୍ଡ ବଜାଇ କହିଲା—

"ଆଜିକାର ଆନନ୍ଦ ସକାଶେ ଭଗବାନ ତୁମର ମଙ୍ଗଳ କରିଥାନ୍ତୁ । କିନ୍ତୁ ଯେତେ ମଜା ହେବାର ଉଚିତ ଥିଲା, ସେତେଦୂର ହୋଇ ପାରିଲା ନାହିଁ ।"

"ସତେ ?"

'ମାଥିଆସ, ଘରକୁ ଘରଣୀ ନଥିଲେ କୋଉ କଥା ଘଟଣ କରି ହୋଇପାରେ ନାହିଁ । ତୁମେ ଚଞ୍ଚଳ ଘରକୁ ଗୋଟିଏ ଘରଣୀ ଆଣ !"

"ମୁଁ ଆଉ କ'ଣ କରିବି, ମୋର ଆଉ କ'ଣ କର୍ତ୍ତବ୍ୟ ଅଛି ?... ସେ ତ ମରିଗଲା, ତାକୁ ଭଗବାନ ମୋ' ପାଖରୁ ଛଡ଼ାଇନେଲେ ..."

"ଆଉ କ'ଣ ଗାଆଁ ଗୋଟାକରେ ଝିଅ ନାହାନ୍ତି !" ତୁମର ଇସାରା ପାଇଁ କେତେ ଝିଅ ବାଟ ଚାହିଁ ବସିଥିବେ ! ତା'ମୁହଁରୁ କଥା ବାହାର କରିବା ପାଇଁ ଯଗୁଷ୍ଟିଙ୍କା ଭାରି ଚତୁର ଭାବରେ ଏହି କଥା କହିଲା । କିନ୍ତୁ ବୋରିନା କେବଳ ଆଙ୍ଗୁଠି ଅଗରେ ମୁଣ୍ଡ କୁଣ୍ଡାଉ କୁଣ୍ଡାଉ ମୁରୁକି ମୁରୁକି ହସିବାକୁ ଲାଗିଲା ଏବଂ ଘରୁ ବାହାରି ଚାଲିଯାଉଥିବା ଯଗ୍‌ନା ଆଡ଼କୁ ଉତ୍ତେଜିତ ଦୃଷ୍ଟିରେ ଅନାଇ ରହିଲା ।

ଯଗ୍‌ନା କେତେବେଳେ ବାହାରିବ, ସେଇଥିପାଇଁ ଆନ୍ତେକ୍ ଟାକି କରି ରହିଥିଲା । ବର୍ତ୍ତମାନ ସେ ଝିଅଟି ପୋଷାକ ପିନ୍ଧି ଆଗ ବାହାରକୁ ବାହାରିଗଲା ।

ଯଗ୍‌ନାକୁ ଏକାକୀ ଘରଯାଏ ଯିବାକୁ ପଡ଼ିବ । ଅନ୍ୟ ଝିଅମାନେ ଆର ସାହିରୁ ଆସିଥିଲେ ।

"ଯଗ୍‌ନା !" —ବାଡ଼ ଭିତରୁ ବାହାରିପଡ଼ି ଆନ୍ତେକ୍ ଡାକିଲା ।

Digitized by srujanika@gmail.com

ଆନ୍ତେକ୍‌ର ତୁଣ୍ଡ ବାରିପାରି ଯଗ୍‌ନା ଠିଆ ହୋଇଗଲା ଏବଂ ତା'ର ଭିତରେ ଏକ ପ୍ରବଳ ଭାବର ଉଦ୍ରେକ ହେବାକୁ ଲାଗିଲା । ସେ ଆପଣାକୁ ସଂଯତ କରି ରଖି ପାରିଲା ନାହିଁ ।

''ଯଗ୍‌ନା, ଚାଲ୍ ମୁଁ ତୋତେ ଘରଠି ଛାଡ଼ିଦେଇ ଆସିବି ।'' —ଆନ୍ତେକ୍ ତରକି ତରକି ଚାରିଆଡ଼କୁ ଅନାଇଲା । ଚାରିଆଡ଼େ ଅନ୍ଧାର କିଟିକିଟି, ଆକାଶରେ ଗୋଟିଏ ବୋଲି ତରା ଦିଶୁନାହିଁ । ଉପରେ ପବନ ସାଇଁସାଇଁ ଗର୍ଜନ କରିବାରେ ଲାଗିଚି । ଗଛର ଅଗଗୁଡ଼ାକୁ ଦୋହାଲାଇ ଦେଉଚି ।

ଯଗ୍‌ନାର ଅଣ୍ଟା ଚାରିପାଖରେ ଆନ୍ତେକ ହାତ ବେଢ଼ାଇ ଦେଇ ତାକୁ ପାଖକୁ ଟାଣି ଆଣିଲା । ଦୁହେଁଯାକ ସତେ ଅବା ଗୋଟିଏ ଶରୀର ହୋଇଗଲା ପରି ଅନ୍ଧାର ଭିତରେ ଅନ୍ତର୍ହିତ ହୋଇଗଲେ ।

Digitized by srujanika@gmail.com

ଆଠ

ତହିଁ ଆରଦିନ ଲିପ୍‌କା ଗାଆଁରେ ରାଷ୍ଟ୍ର ହୋଇଗଲା ଯେ ବୋରିନା ଆଉ ଯଗନାଭିତରେ ବିବାହ ସମ୍ବନ୍ଧ ସ୍ଥିର ହୋଇଯାଇଚି ।

ନିଜେ ପଧାନେ ଯଗ୍‌ନାପାଖକୁ ବିବାହର ପ୍ରସ୍ତାବ ନେଇ ଯାଇଥିଲେ । ସବୁକଥା ପକ୍‌କାକରି ଘରକୁ ଫେରିଆସିବା ପର୍ଯ୍ୟନ୍ତ ଏହି ପ୍ରସ୍ତାବଟି ବିଷୟରେ କାହାରି ଆଗରେ କିଛି ନକହିବାଲାଗି ସେ ତାଙ୍କ ଗୃହିଣୀକୁ ତାଗିଦା କରିଦେଇ ଯାଇଥିଲେ । ପଡ଼ିଶାଘରୁ ପୋଷେ ଲୁଣ ମାଗିଯିବା ବାହାନାରେ ବାହାରକୁ ବାହାରିବେ ବୋଲି ତଥାପି ତାଗିଦା ମାନି ଗୃହିଣୀ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କଲେ । ଶେଷକୁ ସମ୍ଭାଳି ନପାରି ଆପଣାର ଜଣେ ପରିଚିତ ସହୀର କାନରେ ଫୁସ୍‌ଫୁସ୍ କରି କହିଲେ—

''ଜାଣିଚୁ ଲୋ ସହୀ ? ବୋରିନା ଆଜି ଡୋମିନିକଭାର ଝୁଅ ଯଗ୍‌ନା ପାଖକୁ ଟିଟୋଇ ପଠାଇଚି । କିନ୍ତୁ ତୋତେ ମୋ' ରାଣ, ଏକଥା ଯେପରି କାନରୁ ଦି'କାନ ନହୁଏ । ମୋ' ଗେରସ୍ତ ପରା ମତେ ଏ କଥାଟିକୁ ଗୁପ୍ତ ରଖିବାକୁ ତାଗିଦା କରି ଯାଇଚନ୍ତି !''

''କେବେ ନୁହେଁ ।'—ପଡ଼ିଶାର ସହୀ ଆଶ୍ଚର୍ଯ୍ୟ ହୋଇ ପଚାରିଲେ । ''ମୋ'ର ଜିଭ କଦାପି ଏକଥା ଆଉ କାହା ଆଗରେ କହିବାକୁ ଡଗଡଗ ହେବନାହିଁ । କିନ୍ତୁ ସେ ତ ଆସି ବୁଢ଼ା ହେଲାଣି, ଦୁଇଟା ତିରୀ ଖାଇ ମନବୋଧ ହୋଇନାହିଁ ଯେ ପୁଣି ଆହୁରି ଗୋଟାଏ ନେବାକୁ ବାହାରିଚି ? ଆଉ ତା'ର ପିଲାମାନେ ଏଥିରେ ତାକୁ କ'ଣ କହିବେ କହିଲ ? —ଏ ସଂସାରଟା ପୁଣି ଏଡ଼ିକି ବିଡ଼ମ୍ବଣ ହେଲା ?''

ମୁଣ୍ଡଉପରକୁ ଝାଡ଼ଣଟାକୁ ଉଠାଇଦେଇ ପଧାନଘରଣୀ ସେଠୁ ଗୋଡ଼ କାଢ଼ି ଯାଇଚି କି ନଯାଇଚି, ସେ ତରବର କରି ବାରିଡେଇଁ କ୍ଲେୟାଙ୍କ ଘରକୁ ଦଉଡ଼ିଗଲା, 'କେବଳ ଚୁଞ୍ଚକନାଟା ମାଗିବାଲାଗି ଗଲା ।'

''ଶୁଣିଲଣି ଗୋ ! ବୋରିନା ପୁଣି ଡୋମିନିକଭାର ଝୁଅ ଯଗ୍‌ନାକୁ ବାହାହେବାକୁ ଯାଉଚି ! ସେ କୁଆଡ଼େ ଆଜି ବିବାହର ପ୍ରସ୍ତାବ ସହିତ ତା'ଘରକୁ ମଣିଷ ପଠାଇଚି !''

''ଅସମ୍ଭବ କଥା । ତୁମକୁ ଭାରି ଲଗାଇକରି କହିଆସେ । ତା'ର ଏତେ ଏଡ଼େ ପିଲା —ଏଣେ ବୟସ ଯିବାକୁ ବସିଲାଣି !''

''ଆଗୋ, ବୟସ ସିନା ନାହିଁ, କିନ୍ତୁ ସେଥିପାଇଁ କ'ଣ ସେମାନେ ନାହିଁ କରି ପଠାଇବେ ?... ଏଡ଼େ ବଡ଼ ଚାଷୀ, ଚାରିଆଡ଼େ ନାଆଁଡାକ—ହାତରେ ସମ୍ପତ୍ତି ରହିଚି !''

''କିନ୍ତୁ ବିଚାରୀ ଯଗ୍‌ନା ! ତା'ର ତ କେତେଜଣଙ୍କ ସାଙ୍ଗରେ ଖିଅ ଲାଗିଚି ଲୋ ! ସେ ପୁଣି ଏ' ଗାଆଁର ସବୁଠାରୁ ବଡ଼ ଚାଷୀର ଘରକୁ ଘରଣୀ ହୋଇ ଯିବ ? ସଂସାରକୁ

Digitized by srujanika@gmail.com

କ'ଣ ନ୍ୟାୟଧର୍ମ କୁଆଡ଼େ ଛାଡି ପଳାଇଲାଣି ? କେତେକେତେ ଝିଅ ଆଜିଯାଏ ବାଡୁଆ ରହିଚନ୍ତି ନା ସେ ଏକା ?''

''ମୋ'ମନକୁ ବି ଏହି ପ୍ରସ୍ତାବଟା ଜମାରୁ ପାଉନାହିଁ । ତୁମେ କ'ଣ କହୁଚ ?''

''ସିଏତ ଏଣିକି କେତେ ଫୁଲିବ ଲୋ ! ମୟୂରପରି କେତେ ଫକଫକ ହୋଇ ବୁଲିବ !''

''କିନ୍ତୁ ଏଇଟା ଭାରି ଅଧର୍ମ ହେବ ଏକା ! ମୋ' କଥା ମନେ ରଖିଥାଆ ଯେ କମାରପୁଅ ବା ବୋରିନାର ପିଲାମାନେ କେବେହେଲେ ତାହାକୁ ସାବତମାଆ ବୋଲି ଆଦରିବେ ନାହିଁ ।''

''କିନ୍ତୁ ନ ଆଦରି ଆଉ କି ଗତି ଅଛି କହିଲୁ ? ସବୁ ଜମି ତ ତାହାରି ହାତରେ ରହିଚି । ତେଣୁ ସେ ଯାହା ଇଚ୍ଛା କରିବ ତାହାହିଁ ହେବ !''

''ଆଲୋ, ଖାଲି ଆଇନ୍‌ରେ ସିନା ଜମିଗୁଡ଼ାକ ତା'ରି, କିନ୍ତୁ ନ୍ୟାୟକରି ବସିଲେ ତ ସେ ଜମିରେ ସମସ୍ତଙ୍କର ଭାଗ ରହିଚି ।''

''ନ୍ୟାୟ ପୁଣି ଗୋଟାଏ କ'ଣ ? ନ୍ୟାୟ କିଣିବାକୁ ଯାହାପାଖରେ ଧନ ଅଛି, ନ୍ୟାୟ ତ ତାହାରି !''

ଏହିପରି ଭାବରେ ସେମାନଙ୍କର କଥାବାର୍ତ୍ତା ଗଡ଼ିଚାଲିଥାଏ । ମନ୍ଦ ସଂସାରର ଯାବତୀୟ ମନ୍ଦରୀତିକୁ ଉଦ୍ଦେଶ୍ୟକରି ସେମାନେ କେତେ ଅଭିଯୋଗ କରୁଥାନ୍ତି, କେତେ ଗାଳି ଦେଉଥାନ୍ତି । ଏହିପରି ଘଡ଼ିକପରେ ସେମାନେ ଆପଣା ଆପଣା ଧନ୍ଦାରେ ଚାଲିଗଲେ ଓ ସେହିମାନଙ୍କ ସହାୟତାରେ ସଂବାଦଟି ମଧ ଗାଆଁସାରା ବ୍ୟାପ୍ତ ହୋଇଗଲା ।

ବର୍ତ୍ତମାନ ଏବେ କୋଉ କାମ ମୁଣ୍ଡଉପରେ ମାଡ଼ିପଡୁଚି, ରାସ୍ତାଘାଟ ମଧ ଦଖଲରେ ପୂରି ରହିଚି, ତେଣୁ ଗାଆଁର ଅଧିକାଂଶ ଲୋକ ଆପଣାର ଘରେ ହିଁ ଅଛନ୍ତି । ତେଣୁ ଘଡ଼ିକଭିତରେ ଏହି ସମ୍ଭାବ୍ୟ ବିବାହଟି ପ୍ରତ୍ୟେକ ଘରର ଚର୍ଚ୍ଚାବସ୍ତୁରେ ପରିଣତ ହୋଇଗଲା । ପ୍ରକୃତ ଘଟଣାରେ କ'ଣ ଘଟିବ, ଏହା ଜାଣିବାଲାଗି ସମସ୍ତେ ଟାକିକରି ରହିଥାନ୍ତି । ବୋରିନା ଯେଉଁ ଏକବାଗିଆ ମଣିଷ ସେକଥା ବା କାହାକୁ ଅଛପା ରହିଚି ? ଥରେ ସେ ଯେଉଁ କଥା ଠିକ୍ କରିଥିବ, ସେଥିରୁ ସେ କଦାପି ଟିପେହେଲେ ହଟିବନାହିଁ । ପାଦ୍ରି ଆସନ୍ତୁ ଆଉ ଯିଏ ଆସନ୍ତୁ, ସେ କାହାରି କଥା ଶୁଣିବନାହିଁ । ଆନ୍ତେକ୍‌ର କିଦ୍ ମଧ ବାପର କିଦ୍ ତୁଳନାରେ କୌଣସି ଗୁଣରେ ଊଣା ନୁହେଁ ।

ସେଦିନ ଦି'ପହରଯାକ ଗାଆଁରେ ସମସ୍ତେ ଏହି ବିଷୟରେ ନାନାପ୍ରକାରେ ଟୁପ୍‌ଟାପ୍ ହେବାକୁ ଲାଗିଲେ । କିନ୍ତୁ ବୋରିନାର ପିଲାମାନଙ୍କ କାନରେ ନେଇ ଏହି ସମ୍ବାଦଟିକୁ ପହୁଞ୍ଚାଇବାକୁ କାହାରି ସାହସ ହେଲାନାହିଁ । ଏକଥା କହିଲାମାତ୍ରେକେ ବୋରିନାର ଘରେ ଏପରି କନ୍ଦଳ ଆରମ୍ଭ ହୋଇଯିବ ଯେ କହିଲାଲୋକର ପିଠିରେ ମାଡ଼ ବସିବା ବ୍ୟତୀତ ଆଉ ଅନ୍ୟଗତି ନଥିବ ।

Digitized by srujanika@gmail.com

ତେଣୁ ବୋରିନାଘରେ ସବୁ ସେହିପରି ଥିର ହୋଇ ରହିଲା । ଅନ୍ୟ ସାଧାରଣ ଦିନ ଅନେକ୍ଷା ଆଜି ଅଧିକ ଥିର ଥିଲାପରି ମନେ ହେଉଥିଲା । ସକାଳୁ ବରଷା ଛାଡ଼ିଯାଇଚି, ଆକାଶ ପରିଷ୍କାର ଅଛି । ସକାଳ ଜଳଖିଆ ଖିଆସରିବା ପରେ ଆନ୍ତେକ୍ କୁବା ଓ ଘରର ସ୍ତ୍ରୀଲୋକମାନଙ୍କୁ ସାଙ୍ଗରେ ନେଇ ଶୁଖିଲାକାଠ ଆଣିବାକୁ ଜଙ୍ଗଲକୁ ଯାଉଚି । ଶୁଖିଲାକାଠ ସହିତ କିଛି ପିରୁଲ୍ ଗୋଟାଇ ମଧ ଆଣିବାକୁ ହେବ ।

ବୋରିନା ସକାଳ ପହରୁ ଘରେ ଅଛି, କୁଆଡ଼େ ଯାଇନାହିଁ । ଆଜି ସକାଳୁ ତାକୁ କାହିଁକି ସବୁକଥା ଭାରି ଚିଡ଼ିଚିଡ଼ି ଲାଗୁଚି, ତାକୁ କାବୁ କରି ବସିଥିବା ଅଧୀରତା ଓ କାତରତାରେ ସହାୟ ହେବାକୁ ସତେ ଯେପରି ସେ ଆଉଜଣେ କାହାର ଆଶ୍ରା ଖୋଜିବାରେ ଲାଗିଚି । ଗୋରୁ ଗୁହାଳରେ କୁଟା ପକାଇଲାନାହିଁ ବୋଲି ସେ ଭିଟେକ୍‌କୁ ପରସ୍ତେ ମାଡ଼ ମାରି ସାରିଲାଣି । ରାତିଯାକ ଗୋରୁଗୁଡ଼ାଙ୍କୁ ସେଇ ଗୋବର ଉପରେ ଶୋଇବାକୁ ପଡ଼ିଚି, ଏକଥା ଏବେ ସେ ସହିପାରନ୍ତା କିପରି ? ହଁ, ସେ ଆନ୍ତେକ୍ ସହିତ ମଧ କଜିଆ କରିଚି, ହାଙ୍କାକୁ ଗାଳିଦେଇଚି । ଦାଣ୍ଡରେ ତା'ର ଛୁଆପୁଅଟା ଯାଇ କାଦୁଅରେ ବାଟୁବାଟୁ ହେଉଥିଲା, ଏକଥା କ'ଣ ମାଆର ଦେଖିବା କଥା ନୁହେଁ ? ୟୁକ୍‌କା ମଧ ଆଜି ବୋରିନାଠାରୁ ବେଶ୍ କେତେପଦ କର୍କଶ କଥା ଶୁଣିବାକୁ ପାଇଚି ।

ବଡ଼ ଅସ୍ୱସ୍ତଭାବରେ ଆଜି ବୋରିନା କେବଳ ଏପାଖ ସେପାଖ ହେବାରେ ଲାଗିଚି । ଆଜି ତା'ର ମନ କୋଉଥିରେ ହେଲେ ଲାଗୁନାହିଁ । କେତେବେଳେ ସେ ଝରକାବାଟେ ବାହାରକୁ ଅନାଉଚି, ପୋଖାରୀ ସେ ପାଖରେ ଥିବା ୟଗ୍‌ନାଙ୍କ ଘରଆଡ଼େ ଅନାଇ ଦେଖୁଚି; ଏବଂ ଠିକ୍ କୌଣସି ଭିକାରି ଭିକପାଇଁ ଅପେକ୍ଷା କରି ରହିଥିବା ପରି ସେ ରାତି ପାଇଁ ଅପେକ୍ଷା କରି ରହିଚି ।

ସେ କେତେଥର ଭାବିସାରିଲାଣି ଯେ ତ୍‌ତକ୍ଷଣାତ୍ ପଧାନଘରକୁ ଦଉଡ଼ିଯାଇ ତାଙ୍କୁ ସବୁକଥା ଟିକିଏ ଧଅସି ଧଅସି କରିବାକୁ କହିଦେଇ ଆସିବ । କିନ୍ତୁ ସେ ବାଧହୋଇ ଆଜି ଏହି ଘରଟା ଭିତରେ ବନ୍ଦହୋଇ ରହିଚି, ୟଗୁଷ୍ଟିଙ୍କାର ଆଖିକୁ ଅନାଇ ସେ ଆପଣାକୁ ସଂଯତ କରି ରଖୁଚି । ୟଗୁଷ୍ଟିଙ୍କା ଆପଣାର ଆଖିଭିତରେ ଏକ ବ୍ୟଙ୍ଗପୂର୍ଣ୍ଣ ତାଛଲ୍ୟ ଭରିକରି ରଖି ତା'ଆଡ଼କୁ ବାରବାର କଟମଟ କରି ଅନାଇବାରେ ଲାଗିଚି ।

''ରାଣ୍ଡୀର ଆଖି ଦି'ଟା ସତେ ଯେମିତି କଟାସର ଆଖି !''

କିଛି ସମୟ ପରେ ୟଗୁଷ୍ଟିଙ୍କା ହଠାତ୍ ବୋରିନାକୁ ପଚାରିଲା—''ଆଜି ତୁମର ମନ କାହିଁକି କୋଉ କାମରେ ନଲାଗୁଥିଲା ପରି ମନେ ହେଉଚି !''

''ନାଇଁ—ନାଇଁ—ମୋ' ମନ ବିଲକୁଲ ଠିକ୍ ଅଛି ତ !''

''ନାଇଁ, ତୁମେ ମିଛ କହୁଚ । ତୁମ ମନରେ ନିଶ୍ଚୟ କୌଣସି ଗୋଟାଏ କଥା ତୁମକୁ ଭାରି ବ୍ୟସ୍ତ କରି ପକାଉଚି ।''

''ହଁ, ତୋ'ର ଅନୁମାନ ପ୍ରକୃତରେ ସତ ।''

Digitized by srujanika@gmail.com

''କିନ୍ତୁ ତୁମର ପୁଣି ଚିନ୍ତା କରିବାକୁ କ'ଣ ଅଛି କହିଲ ?''

''ତୋତେ ତ ଅନେକ କଥା ଜଣା ଅଛି !''

ଯଗୁଷ୍କିଙ୍କା ଆସି କାଛକଡ଼କୁ ବସିପଡ଼ିଲା ଓ ଲମ୍ବା ସୂତାଖିଅଟାକୁ ତାକୁଡ଼ିରେ ଗୁଡାଇ ଦେଉ ଦେଉ କହିଲା—

''ତୁମେ ଏତେ ଭୟ କାହିଁକି କରୁଚ, କହିଲ ? ଡୋମିନିକଭା ଯାହା କରିବ, ବୁଝିବିଚାରି କରିବ । ଯଗ୍‌ନାର ତ ପୁଣି ଅକଲ ଅଛି ନା ନାହିଁ ?''

''ତୁ ସତ କହୁଚୁ ଯଗୁଷ୍କିଙ୍କା ?''—ବୋରିନା ଭାରି ଖୁସୀ ହୋଇ ତା'ପାଖରେ ବସିପଡ଼ିଲା ।''

''ମଲା, ମୋ'ର କ'ଣ ଆଖି ନାହିଁ ଯେ ମୁଁ ଦେଖିପାରିବିନାହିଁ ?''

ଦୁହେଁ ନୀରବ ହୋଇ ପରସ୍ପରର କଥା ଶୁଣିବାକୁ ଅପେକ୍ଷା କରି ରହିଲେ ।

''ତୁମ ବାହାଘରକୁ ଏକା ମତେ ଡାକିବଟି ? ମୁଁ ଆସିଲେ ଏମିତି ବାହାଘର ଗୀତମାନ ଗାଇବି ଯେ ନଅମାସ ଯାଏ ତୁମଘରେ କୌଣସି ଅଶୁଭକଥା ଘଟିବନାହିଁ ।'' —ଯଗୁଷ୍କିଙ୍କା କହିବାକୁ ଆରମ୍ଭ କଲା, କିନ୍ତୁ ହଠାତ୍ ବୋରିନାକୁ ଚିନ୍ତିତ ଥିବାର ଦେଖି ସେ ମଧ କଥାର ସ୍ୱର ବଦଳାଇଦେଲା ।

''ମାଥିଆସ୍, ତୁମର ଯାହା କର୍ତ୍ତବ୍ୟ, ତୁମେ ତ ଠିକ୍ ସେଇଆ କରିବାକୁ ଯାଉଚ । ମୋ' ଘଇତା ମଲାପରେ ମୁଁ ଯଦି ଆଉଗୋଟାଏ ବାହା ହୋଇଥାନ୍ତି, ତେବେ କ'ଣ ଆଜି ମୁଁ ପରପିଣ୍ଡାକୁ ଆଶ୍ରା କରି ପଡ଼ିଥାଆନ୍ତି ? କିନ୍ତୁ ମୁଁ ପରା ଓଲମୀ, ପିଲାଙ୍କ ଉପରେ ଭରସା କରି ରହିଲି । କହିଲି, ମୋ'ପିଲାଏ ବଳେ ମୋ'ଖବର ବୁଝିବେନାହିଁ କି ? ଏମିତି ଭାବି ମୋର ସବୁ ସମ୍ପତ୍ତି ପିଲାଙ୍କ ହାତକୁ ଟେକିଦେଲି । ଆଉ ବର୍ତ୍ତମାନ ଫଳ କ'ଣ ହେଉଚି କହିଲ ?''

''କିନ୍ତୁ ମୁଁ ମୋ'ଜମିରୁ ଟିପେହେଲେ ଭୂଇଁ ଆଉକାହାକୁ ଦେବିନାହିଁ ।''—ବୋରିନା ବଡ଼ କର୍କଶ ସ୍ୱରରେ ଉତ୍ତର ଦେଲା ।

''ଠିକ୍ କହିଚ ! ମୁଁ କେତେବାର କଚେରିକୁ ଦଉଡ଼ି ଦଉଡ଼ି ସର୍ବସ୍ୱାନ୍ତ ହେଲି । ଯେତିକି ପଇସା ପାଖରେ ଥିଲା, ସେତିକ ମଧ ଗଲା । କିନ୍ତୁ ନ୍ୟାୟ ହୋଇପାରିଲାନାହିଁ । ଆଉ ଏ ବୁଢ଼ୀଦିନେ ମୋତେ ପେଟପାଇଁ ଯାବତ କାମ କରିବାକୁ ପଡୁଚି । ଏଇ ରବିବାରଦିନ ମୁଁ ସେମାନଙ୍କୁ ଦେଖିଯାଇଥିଲି । ମୋର ପୁରୁଣା ଘର, ହାତରେ ଲଗାଇଥିବା ଫଳବଗିଚାକୁ ଆଉଥରେ ଦେଖିଆସିବାକୁ ଯାଇଥିଲି । ମୋ' ଉପରେ ଆଖି ପଡ଼ିଯିବା ମାତ୍ରକେ ମୋର ବୋହୂ ଖିଙ୍କାରି ଉଠିଲା, କହିଲା, 'କ'ଣ ଠାବ କରିବାକୁ ଆସିଚୁ କି ?' ହାୟରେ ବିଧାତା, ମୁଁ କୁଆଡ଼େ ଠାବ କରିବାକୁ ଯାଇଥିଲି ! ମୁଁ ଭାବିଲି, ମତେ ମରଣ ହୋଇଯାଆନ୍ତା ହେଲେ ! ମୁଁ ସିଧା ସେଠୁ ପାଦ୍ରିଙ୍କ ପାଖକୁ ଗଲି, ଭାବିଲି, ପାଦ୍ରିଙ୍କୁ ସବୁକଥା ବୁଝାଇ କହିଦେଲେ ସେ ରବିବାର ଗିର୍ଜାପ୍ରାର୍ଥନାରେ କହିଲାବେଳେ ସେମାନଙ୍କୁ ଭଲକରି ଗାଳିଦେଇ କହିବେ । କିନ୍ତୁ ପାଦ୍ରି କହିଲେ, ସେମାନେ ମୋତେ ଯେଉଁସବୁ ଗାଳି ଦେଇଚନ୍ତି, ଆମ ଭଗବାନ ବଳେବଳେ ସେସବୁର

Digitized by srujanika@gmail.com

କ୍ଷତିପୂରଣ କରିଦେବେ । ଯାହାର ସଂସାରରେ କିଛି ନାହିଁ, ସେହି ସିନା କେବଳ ଭଗବାନଙ୍କର କରୁଣାରେ ସନ୍ତୁଷ୍ଟ ହୋଇ ରହିବ ? କିନ୍ତୁ ମୁଁ ତ ଚାହୁଁଚି ମୋ'ର ଆଗ ସମ୍ପତ୍ତି ଦରକାର, ଜମିବାଡ଼ି ଦରକାର, ଟିକିଏ ନିଶ୍ଚିନ୍ତ ହୋଇ ଶୋଇବାକୁ ଭଲ ପାରିଶୁଆ ଆଉ ଉଷୁମ ଘର ଦରକାର, ପେଟକୁ ଭଲକରି ଖାଇବାକୁ ଦୁଧଘିଅ ଦରକାର, ଟିକିଏ ଖୁସୀ କରିବାକୁ ସମ୍ବଳ ଦରକାର !''

ସଂସାରର ଯାବତ କଥାଉପରେ ସେ ତା'ର ରାଗ ଶାନ୍ତିକରିବାରେ ଲାଗିଥାଏ ଓ ଅନର୍ଗଳ ବକ୍ତୃତା ଦେଇ ଚାଲିଥାଏ । ଶେଷକୁ ଭାରି ଚିଡ଼ିମାଡ଼ିବାରୁ ବୋରିନା ସେଠୁ ଚାଲିଯାଇ ସଙ୍ଗେ ସଙ୍ଗେ ସିଧା ପଧାନଘରକୁ ବାହାରିଗଲା । ବର୍ତ୍ତମାନ ବି ମୁହଁସଞ୍ଜ ହୋଇଆସିଲାଣି ।

''ଆଉ କେତେବେଳେ ଯିବ ମ ପଧାନେ ?''

''ଏଇ ବାହାରିଲି ବୋଲିଜାଣ । ସିମନ୍ ଆସି ପହଞ୍ଚିବାମାତ୍ରକେ ମୁଁ ବାହାରିଯିବି ।''

ଏହି ସମୟରେ ସିମନ୍ ମଧ ଆସି ପହଞ୍ଚିଗଲା । ସେଇଠୁ ତିନିହେଁ ଏକାଠି ହୋଇ ଟୋପାଏ ପିଇଆସିବା ପାଇଁ ମଦଖଟିକୁ ଗଲେ । ବିବାହ ପ୍ରସ୍ତାବ ସହିତ ମଧ ବୋତଲେ ମଦ ପଠାଇବାର ବିଧି ରହିଚି । ...ଆନ୍ତୋଜ ମଧ ଆଗରୁ ଖଟିଘରେ ବସିଥିଲା, ବର୍ତ୍ତମାନ ଏମାନଙ୍କର ଜମାୟତରେ ଆସି ଯୋଗଦେଲା । କିନ୍ତୁ ମାଥିଆସ୍ ସମସ୍ତଙ୍କୁ ଏପରି ଚରବର କରୁଥାଏ ଯେ ସେଦିନ ଆଉ ଅଧିକସମୟ ବସି ମଦ ପିଇବା ସମ୍ଭବହୋଇ ପାରିଲାନାହିଁ ।

''ଏଇଠି ମୁଁ ତୁମପାଇଁ ଅପେକ୍ଷା କରିଥିବି । ସେମାନେ ଯଦି ପ୍ରସ୍ତାବରେ ରାଜି ହୋଇଯାଆନ୍ତି, ତେବେ ତୁମେ ସେମାନଙ୍କୁ ସାଙ୍ଗରେ ନେଇ ଏଠାକୁ ଆସିବ । କିନ୍ତୁ ଚଞ୍ଚଳ ଆସିବ, ବୁଝିଲ ?''—ସେମାନେ ବାହାରିଗଲା ପରେ ବୋରିନା ପଛରୁ ଡାକି କହିଲା ।

କାଦୁଅଭିତରେ ପଟରପଟର ଶବ୍ଦ କରି ସେମାନେ ଆଗକୁ ଚାଲିଥାନ୍ତି । କ୍ରମେ ସଞ୍ଜ ହୋଇ ଆସିଲାଣି, ଧରଣୀଉପରକୁ ଏକ ଧୂସର ବୁଢ଼ିଆଣୀଜାଲ ଘୋଡ଼ାଇହୋଇ ଆସିଲାପରି ମନେହେଉଚି । କିଛିସମୟ ପରେ କେବଳ ଘରମାନଙ୍କ ଭିତରୁ ଦେଖାଯାଉଥିବା ଆଲୁଅକୁ ଛାଡ଼ିଦେଲେ ସମସ୍ତ ଗାଆଁଟି ଅନ୍ଧାର ଭିତରେ ଅଦୃଶ୍ୟ ହୋଇଗଲା । ଚାଷୀଘର ଦୁଆରମାନଙ୍କରୁ କୁକୁରମାନଙ୍କର ଭୁକିବାଶବ୍ଦ ଶୁଣାଯାଉଥାଏ ।

''ଶୁଣୁଚି, ସିମନ୍ !''—ପଧାନେ ସିମନ୍‌କୁ ଡାକି କହିଲେ ।

''କ'ଣ କହୁନା !''

''ବୋରିନାର ଏଇ ବାହାଘରଟା ଭାରି ଜାକଜମକରେ ହେବବୋଲି ମୋର ମନେ ହେଉଚି !''

''ଯାହା ହେବାର କଥା ତାହା ନିଶ୍ଚୟ ହେବ'' !—କଥାଟାକୁ ଛିଣ୍ଡାଇଦେଲା ପରି ଅପରଜଣକ ଜବାବ ଦେଲା । ସେ ସବୁଦିନେ ଠିକ୍ ଏହି ସ୍ୱଭାବର ।

''ମୋ' କଥା ତୁ ବିଶ୍ୱାସ କର । ଆମେ ଏମିତି ଘଟଣ ପକାଇଦେବା ଯେ ଯେପରି...''

''କିନ୍ତୁ ଘୋଡ଼ାଷଣ୍ଢ ମନକୁ ନପାଇଲେ ଘୋଡ଼ୀ ପଘା ଛିଣ୍ଡାଇ ପଳାଇବଟି !''

Digitized by srujanika@gmail.com

''ସେ ତାଙ୍କର ଯାହା ହେଉଥାନ୍ତୁ, ସେଥିରେ ଆମର ଭାବିବାକୁ କ'ଣ ଅଛି ?''

''କିନ୍ତୁ ତା'ର ପିଲାମାନେ ଆମକୁ ନିଶ୍ଚୟ ଅଭିଶାପ ଦେବେ ।''

''ସବୁ ଠିକ୍ ହୋଇଯିବ ! ତୁ ପଧାନର କଥାରେ ବିଶ୍ୱାସ କର ।''

ଏହିପରି ଭାବରେ ସେମାନେ ଡୋମିନିକଭାର ଓଳିତଳ ଦେଇ ଘରଭିତରକୁ ଗଲେ ।

ଘରଭିତରେ ଆଲୁଅ ଜଳୁଥାଏ, ଓଳିଆହୋଇ ଚିକଣ ଦିଶୁଥାଏ । ସେମାନେ ଆସିବେବୋଲି ଘରେ ସମସ୍ତଙ୍କୁ ଜଣାଥିଲା ।

ଭଲଲୋକ ଦୁଇଜଣ 'ନମସ୍କାର' ଜଣାଇଲେ, ତା'ପରେ ଉହ୍ଲେଇକୁ ଲାଗିକରି ପଡ଼ିଥିବା ଆସନମାନଙ୍କରେ ଯାଇ ବସିଲେ ଏବଂ କଥାବାର୍ତ୍ତା ଆରମ୍ଭ କଲେ ।

''ଆଜି ପାଗଟା ଭାରି କାଲୁଆ ହୋଇଚି, ହିମ ପଡ଼ିବାକୁ ଆଉ ଡେରି ହେବ ବୋଲି ମନେ ହେଉନାହିଁ ।''

''ହଁ, ଅସମ୍ଭବ କ'ଣ ? ବସନ୍ତକାଳ ତ ଆହୁରି ଅନେକ ଦିନ ବାକି ଅଛି ।''

''ତୁମ କୋବି ଉପୁଡ଼ା ସରିଲାଣି ?''

''ପ୍ରାୟ ସରିଗଲାଣି । ଆଉ ଯୋଉ ଅରାକ ବାକି ଅଛି, ସେ ବର୍ତ୍ତମାନ ହୋଇପାରିବ ନାହିଁ ।'' ଯଗ୍‌ନାଉପରେ ଥରେ ଆଖି ବୁଲାଇନେଇ ବୁଢ଼ୀ ଉତ୍ତର ଦେଲା । ଯଗ୍‌ନା ଝରକାପାଖରେ ବସି ସୂତାରେ ବିଣ୍ଡୁଲା ବାନ୍ଧୁଥାଏ । ଆଜି ସେ ଏପରି ସୁନ୍ଦର ଦେଖାଯାଉଥାଏ ଯେ ପଧାନେ ଲହଲହ ଦୃଷ୍ଟିରେ ବାରବାର ତା'ଆଡ଼କୁ ଅନାଇ ପକାଉଥାନ୍ତି । ତାଙ୍କର ବା କୋଉ ବୟସ ଚାଲିଗଲାଣି ? ସେ କହିଲେ—

''ବାଟଟା ଭାରି ଦଖଲା ହୋଇଚି, ରାତିର କାଲୁଆ ପବନ ଆସି ଦିହ ଭିତରେ ଶରମାରି ଯାଉଚି । ଆମେ ଭାବିଲୁ ତୁମ ଘରେ ଘଡ଼ିକପାଇଁ ଅଟକିଗଲେ ଆଦୌ ମନ୍ଦ ହେବନାହିଁ । କିନ୍ତୁ ତୁମେ ମଧ ଭାରି ସ୍ନେହ ଓ ଆଦର ଦେଖାଇ ଆମର ଅଭ୍ୟର୍ଥନା କଲ । ତେଣୁ ଆମେ ଭାବୁଚୁ ଗୋଟାଏ ପ୍ରସ୍ତାବ ମଧ ତୁମ ଆଗରେ ଆଣି ରଖିଲେ ଅନୁଚିତ ହୁଅନ୍ତା ନାହିଁ ।''

''କିନ୍ତୁ କି ପ୍ରସ୍ତାବ, କାହାଲାଗି ପ୍ରସ୍ତାବ, ଆଗ ଏସବୁ ଜାଣିଲେ ସିନା ହୁଅନ୍ତା !''

''ତୁମେ ସତକଥା କହିଚ, ମାଆ ! ଆମେ ତୁମ ଘରୁ ଗୋରୁଗାଈ ଦେଖିବାକୁ ଆସିଚୁ !''

''ତେବେ କ'ଣ ନେବ କହ !''

''କିଛି ନାହିଁ, ଆମେ ତୁମଘରୁ ଗୋଟାଏ ଛଡ଼ା ନେବାକୁ ଆସିଚୁ ।''

''ସେ କିନ୍ତୁ ସହଜ କଥା ନୁହେଁ ବାପ ! ଖାଲି ମନ କରିବ ବୋଲି ତୁମେ ତାକୁ କଦାପି ଖାଲି ପଘା ପକାଇ ବାନ୍ଧିନେଇ ପାରିବନାହିଁ ।''

''ଆମ ପାଖରେ ରୁପାତାରର ଦଉଡ଼ି ରହିଚି । ତା'ଭଳି ଦଶଟା ହେଲେ ମଧ ଛିଣ୍ଡାଇ ପାରିବେ ନାହିଁ । ତେବେ ଦରଦାମ୍ ବିଷୟରେ ତୁମେ କ'ଣ କହୁଚ, ମାଆ ?''—କହି ପଧାନେ ପକେଟ ଭିତରୁ ମଦ ବୋତଲଟା ବାହାର କରି ବସିଲେ ।

Digitized by srujanika@gmail.com

''ଦରଦାମ୍ ଛିଣ୍ଡାଇବା କ'ଣ ସହଜ କଥା ହୋଇଚି ? ପିଲାଟା, ଫଗୁଣ ମାସକୁ ଉଣେଇଶି ପୂରିଯିବ । ଦେଖିବାକୁ ଡଉଲଡାଉଲ, କାମ କରିବାକୁ ବାଘ । ମନକଲେ ସେ ଆହୁରି ବରଷେ କି ଦି'ବରଷ ତା' ମାଆପାଖରେ ରହିପାରିବ ।''

ପଧାନେ ଠୋ' ଠୋ' ହୋଇ ହସିଉଠିଲେ । ବୁଢ଼ୀର ଆଖିଦୁଇଟା ରାଗରେ ଦପଦପ ହୋଇ ଜଳିଉଠିଲା ଏବଂ ସେ ତତ୍‌କ୍ଷଣାତ୍ ଜବାବ ଦେଇ କହିଲା—

''ତେବେ ତୁମେ ଆଉ କୋଉଠି ଯାଅ ଦେଖିବ । ମୋ' ଚିଜ ମୋ' ଘରେ ଥାଉ ।''

''ହଁ, ଘରେ ଥିବ ଯେ, କିନ୍ତୁ ଏମିତି ସୁନ୍ଦରିଆ ଆଉ ବଢ଼ିଆ ଛଡ଼ାଟିଏ ଆମକୁ ଆଉ କୋଉଠି ମିଳିବ କହିଲ ?''

''ତେବେ ତୁମେ କ'ଣ କହୁଚ କହୁନ !''

''ମୁଁ ଗାଆଁ ପଧାନ କହୁଚି । ତେଣୁ ମୋ' କଥାରେ ବିଶ୍ୱାସ କର''—ପଧାନେ ଗିଲାସଟିଏ ହାତକୁ ନେଇ ଆଗ ଆପଣା କୁରୁତା କାନିରେ ସେଇଟିକୁ ପୋଛି ପରିଷ୍କାର କରିଦେଲେ ଓ ତା'ପରେ ସେଥିରେ ବୋତଲରୁ ମଦ ଢାଳିଦେଇ ଗମ୍ଭୀର ଭାବରେ କହିଲେ —''ମୁଁ ଯାହା କହିବାକୁ ଯାଉଚି, ତୁମେ ଟିକିଏ ମନଦେଇ ଶୁଣ ଡୋମିନିକଭା । ମୁଁ ସରକାରର ଚାକିରି କରିଚି । ଗଛଡାଳରେ ବୋବାଉଥିବା ଚଢ଼େଇର କଥା ଏଇନା ଅଛି, ପୁଣି କ୍ଷଣକପରେ ନାହିଁ । କିନ୍ତୁ ମୋ' କଥାକୁ ତୁମେ ସେଭଳି ଭାବିବନାହିଁ । ସିମନ୍ ମଧ ଯିଏ ସିଏ ମଣିଷ ନୁହେଁ । ଏ ଗାଆଁରେ ତାକୁ ସମସ୍ତେ ଭଲକରି ଜାଣନ୍ତି । ତା'ର ଘର ଅଛି, ପିଲାଛୁଆ ଅଛନ୍ତି, ସେ ଆମ ଗାଆଁର ମୋହରିର । ଆମେ ଦୁହେଁ ଆଜି ତୁମ ପାଖକୁ ଯେଉଁ ମତଲବରେ ଆସିଚୁ, ସେହି ମତଲବଟିକୁ ତୁମେ ଭଲକରି ବୁଝିବାକୁ ଚେଷ୍ଟା କର !''

''ହଁ, ଭଲକରି ବୁଝୁଚି ।''

''ତୁମେ କ'ଣ ନବୁଝିବା ମଣିଷ ହୋଇଚ ? ତୁମେ ତ ଭଲକରି ଜାଣିଚ ଯେ ଯଗ୍‌ନା ଦିନେ-ନା-ଦିନେ ତୁମର ଘରଛାଡ଼ି ତା'ର ନିଜଘର କରିବାକୁ ଚାଲିଯିବ । ଇଏତ ଭଗବାନଙ୍କର ବରାଦ, ଏଥିରେ ମଣିଷର କୋଉ ହାତ ରହିଚି ? ବାପମାଆ ଛୁଆ ଜନମ କରିବେ, କିନ୍ତୁ ଛୁଆମାନେ କେବଳ ସେହିମାନଙ୍କର ହୋଇ ରହିଲେ ପୁଣି ସଂସାର ଚଳିବ କିପରି ? ଆମେ କ'ଣ ଆଉ ସଂସାରର ରୀତିରୁ ବାହାର ହୋଇଯିବା ? ଆଚ୍ଛା, ଏକାଠି ମିଶି ଟୋପାଏ ପିଇଲେ ହୁଅନ୍ତା ନାହିଁ ?''

''ସେକଥା ମୁଁ କିପରି କହିବି ? ମୁଁ କ'ଣ ତାକୁ ଜବରଦସ୍ତି କରିବି ? ତୁ ପିଇବୁ, ଯଗ୍‌ନା ?''

''ମୁଁ....କୋଜାଣି ?''—କଅଁଳ କଣ୍ଠରେ ଯଗ୍‌ନା ଉତ୍ତରଦେଇ କହିଲା ଓ ଆପଣାର ରଙ୍ଗା ମୁହଁଟାକୁ ଝରକାଆଡ଼କୁ ବୁଲାଇଦେଲା ।

''ଝିଅଟି ଭାରି ଶାନ୍ତ, ଭାରି ଧୀର''— ଗମ୍ଭୀର ହୋଇ ମୋହରିର ମନ୍ତବ୍ୟ ପ୍ରକାଶ କଲା ! ''ଛଡ଼ା ଧୀର ଆଉ ହୋସିଆର ହୋଇଥିଲେ ଅନେକଦିନ ରହେ, ଭଲ ଦୁଧ ଦିଏ ଆଉ ମଜଭୁତ ବି ରହେ ।''

Digitized by srujanika@gmail.com

''ଏଇ ଗିଲାସରେ ତୁମପାଇଁ ମନ୍ଦାଏ ଦିଏ ?''

''ହଁ, ଦିଅ ! କିନ୍ତୁ କିଏ ଏହି ପ୍ରସ୍ତାବ ଦେଇ ପଠାଇଚି ସେକଥା ତ ଆମେ ଜାଣି ପାରିଲୁନାହିଁ !''—ଡୋମିନିକଭା ପଚାରିବସିଲା । ଭଲଲୋକମାନେ ଆଗ ନକହିବା ପର୍ଯ୍ୟନ୍ତ ସେ ସବୁକଥା ଜାଣିଚି ବୋଲି ଦେଖାଇଲେ ଭଦ୍ରତାର ରୀତିରେ ଅସଣ୍ଢା ଦେଖାଯାଆନ୍ତା ନାହିଁ ?

''କିଏ ? ବୋରିନା ବ୍ୟତୀତ ଆଉ କିଏ ଏହି ପ୍ରସ୍ତାବ ପଠାନ୍ତା ?''— କହି ପଧାନେ ଆପଣାର ଗିଲାସଟିକୁ ହାତରେ ଉଠାଇ ଧରିଲେ ।

''କ'ଣ ହେଲା ? ସେ ତ ଆସି ବୁଢ଼ା ହେଲାଣି । ପୁଣି ଏବେ ମାଇପ ମରିଚି''— ସାଧାରଣ ରୀତି ମାନି ଡୋମିନିକଭା ଆପତ୍ତି କରି କହିଲା ।

''ତାକୁ ବୁଢ଼ା ବୋଲି କହିଲେ ଭାରି ଅନ୍ୟାୟ ହେବ । ବୋରିନା ବୁଢ଼ା ହୋଇଗଲାଣି ? ଏବେ ପରା ତା'ନାଆଁରେ କଚେରିରେ ଦାଆବା ହୋଇଥିଲା !'

''ମୁଁ ଜାଣିଚି । କିନ୍ତୁ ପିଲାଟା ତ ତା'ଆଡୁ ହୋଇନଥିଲା !''

''କିପରି ହୁଅନ୍ତା କହିଲ ? ସେ ଏପରି ଜଣେ ଇଣାଶୁଣା ଲୋକ, ସେ ଅଉଲକୁ ଛାଡ଼ି ଏଣେତେଣେ ଛନ୍ଦିହେବ କାହିଁକି ? ତୁମ ଗିଲାସଟା ଧର, ମାଆ !''

''ହଁ, ମୁଁ ପିଇବି ଯେ —କିନ୍ତୁ ତା'ର ପରା ମାଇପ ମରିଚି । ଆଉ ଦିନ କେଇଟାରେ ସିଏ ମଶାଣି ଭୂଇଁକୁ ନଯିବ ବୋଲି କିଏ କହିପାରିବ ? ପୁଣି ତା'ର ପିଲାଛୁଆମାନେ ମୋ' ଝିଅକୁ ଘରୁ ବାଡ଼େଇ ବାହାର କରି ଦେବେନାହିଁ ?''

ଏହିଠାରେ ମୋହରିର ଆଗଭର ହୋଇ କହିଲା, ''ବୋରିନା କହିଚି ଯେ ଏ ବିଷୟରେ ନିଶ୍ଚୟ ଗୋଟାଏ କିଛି ବୁଝାମଣା ହୋଇଯିବ । ପଛକୁ ଆଉ କୌଣସି ମଇଳା ରହିବନାହିଁ ।''

''ହଁ' ବାହାଘର ପୂର୍ବରୁ ଅବଶ୍ୟ ହୋଇଯିବ ।''

''ଆଉ ଗୋଟିଏ ଗିଲାସରେ ମଦ ଢାଳିଦେଇ ପଧାନେ ଯଗ୍‌ନା ଆଡ଼କୁ ମୁହଁ ବୁଲାଇ ଡାକି କହିଲେ —''ନେ' ମାଆ ! ଆମ ହିତ ମନ୍ଦାଏ ପିଇବୁ ଆ' । ଆମେ ଯୋଉ ପାତ୍ରର ବିଷୟ ପକାଇଚୁ, ସେ ଶାଳଗଛ ପରି ମଜଭୁତ ହେବ । ତୁ ତା'ର ଘରକୁ ଘରଣୀ ହୋଇ ରହିବୁ, ତା'ର ଘରର ହାନିଲାଭ ସବୁ ବୁଝିବୁ, ଏ ଗାଆଁରେ ସବୁଠାରୁ ବଡ଼ ଚାଷୀର ଚାବିନେଛା ତୋ'ରି ହାତରେ ରହିବ । ଆଛା, ମୁଁ ତୋ'ର କଲ୍ୟାଣ ମନାସି ପିଇବାକୁ ଯାଉଚି, ତୁ ଆଉ ଲାଜ କରନା !''

ଯଗ୍‌ନାର ମୁହଁ ରଙ୍ଗା ପଡ଼ିଯାଇଥାଏ । ପ୍ରଥମେ ସେ ଅନିଚ୍ଛା ପ୍ରକାଶ କରି ମୁହଁଟାକୁ ତେଣିକି ବୁଲାଇ ନେଲା, କିନ୍ତୁ ଶେଷକୁ ମୁଣ୍ଡଉପରକୁ ଝାଡ଼ଣଟାକୁ ଟାଣିଆଣି ସେ ଚାଖିଲାପରି ଟିକିଏ ମଦ ପାଟି ଭିତରକୁ ନେଲା ଓ ବାକୀତକ ତଳେ ଢାଳିଦେଲା ।

ତା'ପରେ ମଦଗିଲାସଟି ସମସ୍ତଙ୍କ ପାଖରେ ଘେରାବୁଲିବାକୁ ଲାଗିଲା । ବୁଢ଼ୀ ମଦସାଙ୍ଗକୁ ରୁଟି ଆଉ ଲୁଣ ଦେଲା, ତା'ପରେ ପାଟିସୁଆଦ ପାଇଁ ଧୂଆଁ ଦିଆହୋଇଥିବା ମାଉଁସ ମଧ୍ୟ ବାଢ଼ିଦେଲା ।

Digitized by srujanika@gmail.com

ସେମାନେ ଜଣକପରେ ଜଣେ ହୋଇ ମଦ ପିଇବାରେ ଲାଗିଥାନ୍ତି । କ୍ରମେ ସେମାନଙ୍କର ପାଟିଟା ମଧ୍ୟ ଖର ହୋଇ ଆସିଲାପରି ମନେହେଲା । କିନ୍ତୁ ସେତେବେଳକୁ ଯଗ୍‌ନା ସେହି ଘରଭିତରୁ ଶୋଇବାଘର ଭିତରକୁ ଚାଲିଯାଇଥାଏ । କଅଣ ପାଇଁ କେଜାଣି ତା'ର ଆଖି ଦୁଇଟାରୁ ତୁହାକୁତୁହା ଲୁହ ଅସରା ଅଜାଡ଼ି ହୋଇ ପଡୁଥାଏ, ମଝିରେ ଥିବା ଅଧକାନ୍ଥି ଡେଇଁ ତା'ର କାନ୍ଦଣା ଏଘରକୁ ମଧ୍ୟ ଶୁଣାଯାଉଥାଏ । ବୁଢ଼ୀ କଥା କଅଣ ବୋଲି ଦେଖିବାକୁ ଯାଉଥିଲା, କିନ୍ତୁ ପଧାନେ ତାକୁ ଅଟକାଇ ରଖିଲେ ।

''ଗାଈଛାଡ଼ ହୋଇଗଲେ ସଂସାରରେ ବାଛୁରୀ ଆଖିରୁ ମଧ୍ୟ ଲୁହ ବୁହେ, ଏଇଟା ତ ଅତି ସାଧାରଣ କଥା । ଝୁଅ ତ ଏଇ ଗାଆଁରେ ରହିବ । କୋଉ ଏବେ ଦୂରକୁ ଚାଲିଯାଉଚି ଯେ ତା'ପାଇଁ ତୁମେ ଏତେ ଚିନ୍ତା କରୁଚ ! ଯେତେବେଳେ ମନ କରିବ, ସେ ସେତେବେଳେ ତୁମପାଖକୁ ଆସିବ ! ମୁଁ ଗାଆଁର ପଧାନ, ମୋ' କଥାରେ ବିଶ୍ୱାସ କର, ଏଥିରେ କୌଣସି ଖରାପ ହେବ ନାହିଁ, ସବୁ ଭଲ ହେବ ।''

''କିନ୍ତୁ ନାତିନାତୁଣୀ ଦେଖିବାପାଇଁ ମୋର ମନଭିତରଟା ସବୁବେଳେ ଭାରି ଛଟପଟ ହେଉଥିଲା !''

''ସେଥିପାଇଁ ତୁମେ କୌଣସି ଚିନ୍ତା କରନାହିଁ । ଆରବର୍ଷ ଫସଲକଟା ଆରମ୍ଭହେବା ଆଗରୁ ତୁମେ ଝୁଅକୋଡ଼ରେ ପହିଲି ପିଲା ଦେଖିବ !''

''ସବୁ ସିନା ସେଇ ଭଗବାନ ଜାଣନ୍ତି । ଆମେ ମଣିଷ ପାପୀ କ'ଣ କହିପାରିବା ? ବିବାହପ୍ରସ୍ତାବ ସମର୍ଥନ କରି ଆମେ ମଦ ପିଇଲେ ସିନା, କିନ୍ତୁ ମୋ'ର ହୃଦୟ ଭିତରଟା କାହିଁକି ବଡ଼ ଭାରିଭାରି ମନେହେଉଚି, ସତେ ଯେମିତି କାହାର କବର ଦିଆହେବ ବୋଲି ଯୋଗାଡ଼ ହେଉଚି !''

''ଭାରିଭାରି ଲାଗିବନାହିଁ କେମିତି କହିଲ ? ଗୋଟିଏ ବୋଲି ଝୁଅ, ସେଥିରେ ମାଆର ମନରେ ଦୁଃଖ ହେବନାହିଁ ?... ଆଚ୍ଛା, ଆଉମନ୍ଦାଏ ହେଉ, ତୁମେ ମନର ସବୁ ଦୁଃଖ କୁଆଡ଼େ ଭୁଲିହୋଇଯିବ । ଚାଲ ,ସମସ୍ତେ ମିଶି ଦୋକାନଆଡ଼େ ଯିବା । ଯଗ୍‌ନାର ଭାବୀ ଗେରସ୍ତ ସେଠି ଆମ ଆସିବାକୁ ଅନାଇ ବସିଥିବ । ଆମର ବାଟ ଚାହିଁ ଅସ୍ଥିର ହୋଇପଡୁଥିବ ।

''ଏଡ଼େବଡ଼ ଭଲ ଦିନଟାରେ ଆମେ ମଦଦୋକାନକୁ ଯିବା ?''

''ସବୁଦିନେ ସେଇଆ ହୋଇଆସୁଥିଲା ନା ଆଜି କ'ଣ ନୂଆ ? ମୁଁ ଗାଆଁ ପଧାନ କହୁଚି, ମୋ' କଥା ବିଶ୍ୱାସ କର ।''

ସେଇଠୁ ଯଗ୍‌ନା ଆଉ ଡୋମିନିକ୍‌ଭା ଆପଣାର ସବୁଠାରୁ ଭଲ ପୋଷାକମାନ ବାହାର କରି ପିନ୍ଧିଲେ ଓ ତା'ପରେ ସମସ୍ତେ ମିଶି ମଦ ଦୋକାନକୁ ଗଲେ । ଯଗ୍‌ନାର ଭାଇ ଦୁହିଁଙ୍କର ଶୁଖିଲା ମୁହଁକୁ ଚାହିଁ ପଧାନେ କହିଲେ, ''ସମସ୍ତେ ଯିବେ, ଆଉ ଏଇ ଟୋକାଦୁଇଟା କ'ଣ ଘରେ ରହିବେ ? ଆଜି ଭଉଣୀର ନିର୍ବନ୍ଧ ହେବ, ଆଉ ସେମାନେ କ'ର ସେହି ଖୁସିରେ କୌଣସି ଭାଗ ନେବେ ନାହିଁ ?''

Digitized by srujanika@gmail.com

''କିନ୍ତୁ ଘରେ କେହି ଜଣେ ନରହିଲେ ହେବ କେମିତି ?''

''ସାଗରୁ ଆଉ ବୋଉ ଝୁଅକୁ ଡାକିଆଣ, ସିଏ ଘର ଜଗିଥିବେ ।''

''ହଉ ! ହଇରେ ସିମନ ଆଉ ଆଣ୍ଟୁ, ତୁମେ ଦୁହେଁ ମଧ ଚାଲ । କିନ୍ତୁ ଜାମା ପିନ୍ଧିକରି ଆସିବ, ବୁଝିଲ ? ସବୁଦିନର ମଇଳା ଲୁଗାପଟା ପିନ୍ଧି ସେଠାକୁ କିପରି ଯିବ କହିଲ ? କିନ୍ତୁ ସେଠି ଯେପରି ମଦ ପିଇ ମାତାଲ ହୋଇ ନଯାଅ । ଏଣେ ଘରେ କେତେ କାମ ବାକୀ ରହିଚି । ଗୋରୁଗାଈଙ୍କ ଖବର ବୁଝାହୋଇନାହିଁ, ଘୁଷୁରିଙ୍କ ପାଇଁ ଆଳୁ ମଧ ବାଟିବାକୁ ଅଛି । ଏସବୁ କାମ ହେବ ନା ନାହିଁ ?''

''ହଁ, ସବୁ ହେବ ବୋଉ, ସବୁ ହେବ !''—ଦୁହେଁଯାକ ଉତ୍ତର ଦେଲେ । ଏଡ଼େଏଡ଼େ ଟୋକାଦୁଇଟା, ତଥାପି ଭୟରେ ଯେପରି ସେମାନଙ୍କର ମଜ୍ଜା କମ୍ପିଯାଉଥାଏ !

ଏହିପରି ଭାବରେ ସମସ୍ତେ ଏକାଠି ମିଶି ମଦଦୋକାନକୁ ଗଲେ ।

ରାତିର କଳା କିଟିକିଟି ଅନ୍ଧାର ଚାରିଆଡ଼ ଆଚ୍ଛନ୍ନ କରି ରଖିଥାଏ । ଶରତଋତୁରେ ବର୍ଷାପାଗ କଲେ ଯେପରି ଅନ୍ଧାର ହେବା କଥା, ଆଜି ଠିକ୍ ସେହିପରି ହୋଇଚି । ଉପରେ ବତାସ ପବନ ସୁ'ସୁ' ଗର୍ଜନ ଛାଡ଼ିଚି । ଗଛର ଡାଳଗୁଡ଼ାକ ଏହି ପବନର ମାଡ଼ରେ ବାଡ଼ ଉପରେ ଆସି ଲାଗିଗଲାପରି ମନେହେଉଚି ।

ମଦଦୋକାନ ଭିତରଟା ମଧ ବେଶ୍ ଅନ୍ଧାରୁଆ ଦେଖାଯାଉଚି । କୋଉଠି ଝରକାରୁ ଗୋଟାଏ କାଚ ଭାଙ୍ଗିଯାଇଥିଲା । ସେହିବାଟେ ବାହାରର ହାଲୁପା ପବନ ଘରଭିତରକୁ ପଶିଆସି ଦଉଡ଼ିରେ ଟଙ୍ଗାହୋଇଥିବା ବତିଟିକୁ ଏପାଖ ସେପାଖ ଦୋହଲାଇ ଦେଉଚି । ଠିକ୍ ଗୋଟାଏ ସୁନାଫୁଲ ପରି ବତିଟି ଏପାଖ ସେପାଖ ହେବାରେ ଲାଗିଚି ।

ସେମାନଙ୍କୁ ଦେଖି ବୋରିନା ଭାରି ଆହ୍ଲାଦରେ ସେମାନଙ୍କର ସ୍ୱାଗତ କରିବାକୁ ଉଠିଆସିଲା । ଆମ୍ବ୍ରୋଜ ମଧ ସେଠାରେ ବସିଥିଲା । ପ୍ରାୟ ଘଣ୍ଟାଏ ହେଲା ସେହିଠାରେ ବସି ସେ ମଦ ପିଉଥିଲା ।

ମଦଦୋକାନର ଇହୁଦୀ ମାଲିକ ତତ୍‌କ୍ଷଣାତ୍ ସେମାନଙ୍କ ସମ୍ମୁଖରେ ଆଣି ନାନା ଖାଦ୍ୟ ଓ ପାନୀୟ ବାଢ଼ି ଦେଇଗଲା ।

''ଖାଅ, ପିଅ, ମଜାକର, ଭାଇମାନେ !''—ଅତିଥିମାନଙ୍କୁ ଆମନ୍ତ୍ରଣ କରିବାର ଭାର ନିଜ ଉପରକୁ ନେଇ ଆମ୍ବ୍ରୋଜ ଏଡ଼େ ପାଟିକରି କହିଲା ।

''ବନ୍ଧୁମାନେ, ଆଜି ତୁମେମାନେ ଯାହା ଖୁସୀ ତାହା ପିଅ, କୌଣସି ସଙ୍କୋଚ କର ନାହିଁ ।''—କହି ବୋରିନା ଆଉଗୋଟାଏ ସୁଉକାର ଚିନିମିଠାଇ କିଣି ୟଗ୍‌ନାର ହାତରେ ନେଇ ଗୁଞ୍ଜିଦେଲା, ''ନେ ୟଗନା, ଏତକ କେବଳ ତୋହରି ପାଇଁ । ଭାରି ମିଠା ଏଇ ମିଠାଇ !''

ମିଠାଇତକ ନେବାଲାଗି ସତେଅବା ଅନିଚ୍ଛା ପ୍ରକାଶ କରୁଥିଲାପରି ୟଗ୍‌ନା ଉତ୍ତର ଦେଲା— ''ଉହୁଁ ! ଏଗୁଡ଼ାକ ଏତେ ପଇସା ଦେଇ କାହିଁକି ଆଣିଲ ?''

Digitized by srujanika@gmail.com

''ସେଥିପାଇଁ ତୁ କିଛି ଭୟ କରନା । ଭଗବାନଙ୍କ କୃପାରୁ ମୋର ସେହି ଶକ୍ତି ଅଛି । ତୁ ପଛକୁ ବଳେ ଦେଖିବୁନାହିଁ ଯେ ! ଯଦି ତୋ ପାଇଁ ପାରାବତର କ୍ଷୀର ଆଣିବା ଦରକାର ହୁଏ, ତେବେ ଯେତେ ପଇସା ଲାଗିଲେ ମଧ ମୁଁ ତୋ'ଲାଗି ତାହା ଅବଶ୍ୟ କିଣିଆଣି ଦେବି । ମୋ' ଘରେ ତୁ ପ୍ରକୃତରେ ଭାରି ସୁଖରେ ରହିବୁ !''—ଯଗ୍‌ନାର ଅଣ୍ଟା ଚାରିପାଖରେ ଆପଣାର ହାତ ବେଢ଼ାଇ ନେଇ ବୋରିନା ତାକୁ ବଢ଼ା ହୋଇ ଥୁଆହୋଇଥିବା ଖାଇବା ଚିଜଗୁଡ଼ିକରେ ହାତ ମାରିବାକୁ ଭାରି ଅଳି କରି କହିଲା । ଅବଶ୍ୟ ଯଗ୍‌ନା ବୋରିନାର କୌଣସି ଅନୁରୋଧରେ ଅମଙ୍ଗ ହେଲା ନାହିଁ । ତଥାପି ସେ ବଡ଼ ଉଦାସ ଭାବରେ ସବୁକଥା ଗ୍ରହଣ କରୁଥାଏ; ସତେଅବା ଆଜି ତାର ନିର୍ବନ୍ଧ ଦିନ ନୁହେଁ, ଆଉ କାହାରି ନିର୍ବନ୍ଧର ଦିନ ! ସେ କେବଳ ଭାବୁଥାଏ, ''ଯାତ୍ରା ସମୟରେ ବୁଢ଼ା ମୋତେ ଯେଉଁ ପୋହଳାମାଳ କିଣିଦେବ ବୋଲି କହିଥିଲା, ବାହାଘର ଆଗରୁ ସେଇଟା କିଣି ଦେବ କି ନାହିଁ କେଜାଣି ?''

ଏଥର ଘମାଘୋଟ ମଦପିଆ ଚାଲିଲା । ଗୋଟାକ ପରେ ଗୋଟାଏ ବୋତଲ ମଦ ପିଆ ହେଉଥାଏ । ଏଣେ କଥାରେ ଆଉ କାହାରି ପାଟିରେ ବାଟୁଳି ମଧ ବାଜୁ ନଥାଏ । ଏପରିକି ଡୋମିନିକଭାର ମନରେ ମଧ ଆଜି ଏତେଟିକିଏ ସଙ୍କୋଚ ଥିଲାପରି ମନେ ହେଉନାହିଁ । ସଂସାରଯାକର ସବୁ କଥାରେ ସେ ଗଳଗଳ ଆପଣାର ମତବ୍ୟକ୍ତ କରିବାରେ ଲାଗିଚି । ପଧାନେ ତା'ର ବୁଦ୍ଧି ଦେଖି ତାଟକା ହୋଇଯାଉଚନ୍ତି ।

ପୁଅ ଦୁହେଁ ମଧ ଗିଲାସ ପରେ ଗିଲାସ ମଦ ଚଳୁ କରିବାରେ ଲାଗିଚନ୍ତି । ଉତ୍ସାହବାଣୀ ଶୁଣାଇବାକୁ କେତେବେଳେ ଆନ୍ତ୍ରୋଜ ବାହାରି ପଡୁଚି ତ ଆଉ କେତେବେଳେ ପଧାନେ ମଧ ବାହାରି ପଡୁଚନ୍ତି । ''ଆରେ ପିଲାଏ, ଆଜି ଆଉ ହଁ-ନାଇଁ କିଛି ଚିନ୍ତା ନକରି ପିଇଯାଅ । ଆଜି ପରା ଯଗ୍‌ନାର ନିର୍ବନ୍ଧ ଦିନ !''

ଏହି ସମୟରେ ଡୋମିନକଭା ବୋରିନାର ହାତ ଧରି ତାକୁ ଆଉ ଗୋଟାଏ ପାଖକୁ ଡାକିନେଲା । ତା'ସହିତ ଏଇଠି ସବୁ କଥା ପକ୍‌କା ହୋଇଯିବା ଉଚିତ ।

''ତେବେ ଯଗ୍‌ନାକୁ ଆଜି ମୁଁ ତୁମ ହାତରେ ଟେକିଦେଲି !''

''ଅନେକ ଧନ୍ୟବାଦ, ମାଅ ! ମୁଁ ତୁମ ପାଖରେ ସେଥିପାଇଁ ଋଣୀ ହୋଇ ରହିବି ।''—ଆପଣା ହାତକୁ ବୋରିନା ଡୋମିନିକଭାର ବେକ ଚାରିପାଖରେ ବେଷ୍ଟନକରି ଧରିଲା ।

''ତୁମେ ତା' ସହିତ ସବୁ ବିଷୟରେ ସବୁ ନିଷତ୍ତି କରିଦେବାକୁ କହିଥିଲ ନା ?''

''ନିଷତ୍ତି ପୁଣି ଗୋଟାଏ କ'ଣ ? ମୋ'ର ସବୁ ସମ୍ପତ୍ତି ତ ତା'ରି !''

''ନାଇଁ —ସବୁକଥା ନିଷତ୍ତି ହୋଇନଗଲେ ସାବତ ପୁଅଝିଅଙ୍କ ମୁହଁକୁ ସେ ଅନାଇ ପାରିବ କିପରି କହିଲ ? ସେମାନଙ୍କର ଗାଳିଫଜିତକୁ କିପରି ସହିପାରିବ କହିଲ ?''

''ସେମାନେ ଯଦି ମଝିରେ ଆସି ପଡ଼ନ୍ତି ତେବେ ତା'ରା ପରାଭବ ସେମାନେ ପାଇବେ । ଘରର ସବୁ ସମ୍ପତ୍ତି ହେଉଚି ମୋ'ର, ତେଣୁ ଯଗ୍‌ନାର ମଧ !''

Digitized by srujanika@gmail.com

"ମୁଁ ସବୁକଥା ବୁଝିଲି ଯେ, କିନ୍ତୁ ଆଉଗୋଟାଏ କଥା ମଧ୍ୟ ଚିନ୍ତା କରିବା ଉଚିତ । ତୁମର ଆସି ବଅସ ହୋଇଗଲାଣି । ଆମେ ସବୁ ମଣିଷ, କିଏ କୋଉଦିନ ଟଳିପଡ଼ିବ ସେକଥା କିଏ ଜାଣିଚି ?"

"ନାଇଁ, ମୁଁ ଆହୁରି କୋଡ଼ିଏ ବର୍ଷଯାଏ ଅଛି । ତୁମେ କିଛି ଚିନ୍ତା କରନାହିଁ ।"

"ଆରେ, ଚିନ୍ତା ନକରିବି କେମିତି କହିଲ ?"

ଆଚ୍ଛା, ବୁଝିଲି । ୟଗ୍ନା ନାମରେ ମୁଁ ତିନିମାଣ ଜମି ଅଲଗା ଲେଖିଦିଏ ବୋଲି ତୁମେ ଇଚ୍ଛା କରୁଚ, ନୁହେଁ ?"

"ଆମେ କ'ଣ କାଙ୍ଗାଳ ହୋଇଚୁ ଯେ ଜମିପାଇଁ ହାଇଁପାଇଁ ହେବୁ ? ୟଗ୍ନା ତା' ବାପଥାଡୁ ପାଞ୍ଚମାଣ ଜମି ପାଇବ, ଅରାଏ ଜଙ୍ଗଲ ମଧ୍ୟ ପାଇବ । ତା'ନାଆଁରେ ତୁମେ ଆଉ ଛଅମାଣ ଲେଖିଦିଅ । ଯୋଉ ଛଅମାଣରେ ତୁମେ ଗଲାବର୍ଷ ଆଳୁ ଲାଗାଇଥିଲ, ସେଇ ଛଅମାଣ —ସେଇ ରାସ୍ତାପାଖରେ ଲାଗିକରି ରହିଥିବା ଛଅମାଣ !"

"ମୋ'ର ଅଉଲ ଜମିତକ ?"

"ୟଗ୍ନା ତ ଏଇ ଗାଆଁର ଅଉଲ ଝିଅ ! ତା'ଭଳି ଏ ଗାଆଁରେ ଆଉ କିଏ ସୁନ୍ଦର ଅଛି କହିଲ ?"

"ହଁ, ମୁଁ ମାନୁଚି । ସେଇଥିପାଇଁ ତ ମୁଁ ତା'ପାଖକୁ ଭଲଲୋକ ପଠାଇଥିଲି । କିନ୍ତୁ ଛଅମାଣ ଜମି କ'ଣ ପାଖର କଥା ହୋଇଚି ?"—ବଡ଼ ଅଡୁଆରେ ପଡ଼ି ବୋରିନା ଆପଣା ଆଙ୍ଗୁଠିରେ ମୁଣ୍ଡର ବାଳକୁ କୁଣ୍ଡାଇବାକୁ ଆରମ୍ଭ କଲା । ତା'ର ବଢ଼ିଆ ଜମିତକ ହାତରୁ ଛାଡ଼ିଦେବାକୁ ହେବ ବୋଲି ଭାବିଲାବେଳେ ତା'ର ହୃଦୟ ଭିତରଟା କ'ଣ ହୋଇଯାଉଥାଏ ।

"ତୁମେ ଏଡ଼େ ବୁଦ୍ଧିଆ ମଣିଷ ଜଣେ, ମୋର ଏତିକି କଥା ବୁଝିପାରୁନାହିଁ ? ମୋର ଝିଅ ଯେପରି ପଛକୁ କୌଣସି ହଇରାଣ ନହେବ, ସେଥିପାଇଁ ସିନା ମୁଁ ଏତିକିବେଳୁ ଜମିବାଡ଼ି ବିଷୟରେ ସବୁ ନିଷ୍ପତ୍ତି ହେଉ ବୋଲି ଜୋର କରି କହୁଚି । ତୁମେ ବସିଥିଲା ପର୍ଯ୍ୟନ୍ତ ତୁମର ସବୁ ଜମି ତୁମରି ହାତରେ ରହିବ । ଏଣେ ବାହାଘରଟା ହୋଇଗଲେ ୟଗ୍ନା ବାପଠାରୁ ପାଇଥିବା ସମ୍ପତ୍ତି ମଧ୍ୟ ତୁମର ହୋଇଯିବ । ଶୀତଦିନଟା ଗତ ହୋଇଗଲେ ମୁଁ ଅମିନ ଡକାଇ ପଠାଇବି । ତେଣୁ ବୁଣାବୁଣି ବେଳକୁ ଜମି ମପାକାମ ସରିଯାଇଥିବ । ତେଣୁ ଏହି ନିଷ୍ପତ୍ତି ଦ୍ୱାରା ଯେତେବେଳେ ତୁମର କୌଣସି କ୍ଷତି ନହେଉଚି, ସେତେବେଳେ ମୋର ଝିଅ ନାଆଁରେ ଛଅମାଣ ଜମି ଲେଖିଦେବାକୁ ତୁମେ ରାଜି ହୋଇଯାଉନା କାହିଁକି ?"

"ବେଶ୍ ଭଲ କଥା, ମୁଁ ରାଜି ହୋଇଯାଉଚି ।"

"ତେବେ କେବକୁ ଏସବୁ ହେବ ?"

"ତୁମେ ଯଦି ଇଚ୍ଛା କରିବ, ତେବେ କାଲି ମଧ୍ୟ ହୋଇଯିବ ।" ନାଇଁ — ଶନିବାରଦିନ । ଆମେ ଦୁହେଁ ସହରକୁ ଯାଇ ସବୁ ଲେଖାପଢ଼ି କରିଦେଇ ଆସିବା ।

Digitized by srujanika@gmail.com

ତେଣେ ପଧାନେ ଯଗ୍‌ନାସହିତ ରଙ୍ଗରସ ଲଗାଇବାରେ ଲାଗିଥାଆନ୍ତି । କ'ଣ ଗୋଟାଏ କଥାରେ ଯଗ୍‌ନା ମଧ କିରିକିରି ହୋଇ ହସିବାରେ ଲାଗିଥାଏ । ଏହି ସମୟରେ ଡୋମିନିକଭା ଡାକି କହିଲା—"ଯଗ୍‌ନା, ଏଠିକି ଆସିଲୁ ମୋ ଝିଅ !"

ଯଗ୍‌ନା ପାଖକୁ ଆସିଲା । ତାକୁ ଉଦ୍ଦେଶ୍ୟ କରି ବୁଢ଼ୀ କହିଲା, "ବୁଝିଲୁ ଝିଅ, ସେଇ ରାସ୍ତାକାଛକୁ ଲାଗିକରି ଥିବା ଛଅମାଣ ଜମିକୁ ମାଥିଆସ୍ ତୋ'ନାଆଁରେ ଲେଖିଦେବାକୁ ରାଜି ହୋଇଚନ୍ତି ।"

"ଧନ୍ୟବାଦ !"—କହି ଯଗ୍‌ନା ବୋରିନା ଆଡ଼କୁ ହାତ ବଢ଼ାଇଦେଲା ।

"ପୁଣି ପିଇବା ଆରମ୍ଭ ହେଉ, ଯଗ୍‌ନାର ମଙ୍ଗଳ କାମନା କରି ପିଇବା ଆରମ୍ଭ ହେଉ !"

ସମସ୍ତେ ପୁଣି ପିଇବା ଆରମ୍ଭ କରିଦେଲେ । ଯଗ୍‌ନାର ଅଣ୍ଟା ଚାରିପାଖରେ ଆପଣାର ହାତକୁ ବେଢ଼ାଇ ଦେଇ ବୋରିନା ତାକୁ ଅନ୍ୟ ଅତିଥିମାନଙ୍କ ପାଖକୁ ନେଇଗଲା । କିନ୍ତୁ ଲାଜରେ ଯଗ୍‌ନା ତା'ର ବେଢ଼ଭିତରୁ ଖସି ଆପଣା ଭାଇମାନଙ୍କ ପାଖକୁ ଚାଲିଗଲା । ଭାଇଦୁହେଁ ଆନ୍ଥୋଜ ସହିତ ଏକାଠି ବସି ମଦ ପିଉଥାନ୍ତି ଆଉ କଥାବାର୍ତ୍ତା କରୁଥାନ୍ତି ।

କ୍ରମେ ଅଧିକରୁ ଅଧିକ ଲୋକ ଦୋକାନ ଭିତରକୁ ଆସିବାକୁ ଲାଗିଲେ ଓ ଦୋକାନର କୋଳାହଳ କ୍ରମେ ଅଧିକରୁ ଅଧିକ ବଢ଼ିବାକୁ ଲାଗିଲା । ଘଟଣା କ'ଣ ବୋଲି ଜାଣିବାକୁ କୁତୂହଳ ହୋଇ ଅନେକେ ଆସିଥିଲେ, ପୁଣି ଆଉ କେହି ମାଗଣାରେ ଟୋପାଏ ମଦ ପିଇବାର ସୁଯୋଗ ପାଇବେ ବୋଲି ଆଶାକରି ଆସିଥିଲେ । ଏହିପରି ସେହି ଅନ୍ଧ ବୁଢ଼ାଟା ମଧ ଆପଣାର କୁକୁରଟିକୁ ସାଙ୍ଗରେ ଧରି ସେଠାରେ ଆସି ଉପସ୍ଥିତ ହୋଇଥିଲା ଏବଂ ଏଡ଼େବଡ଼ ପାଟିକରି ଭଗବାନଙ୍କର ଉପାସନାମନ୍ତ୍ରମାନ ଉଚ୍ଚାରଣ କରିବାରେ ଲାଗିଥିଲା । ତା'ର ତୁଣ୍ଡ ଶୁଣି ଡୋମିନିକଭା ତାକୁ ଟୋପାଏ ମଦ ପିଇବାକୁ ଦେଇଆସିଲା, କିଛି ଖାଇବାକୁ ଦେଲା ଓ ତାହା ସହିତ କିଛି ପଇସା ମଧ ଦେଇ ଆସିଲା ।

ଏହିପରି ଭାବରେ ସଭାର କୋଳାହଳ ବଢ଼ିବାରେ ଲଗିଥାଏ । ସାଧାରଣତଃ ଏସବୁ ସ୍ଥାନରେ ମଣିଷ ମଣିଷ ଭିତରେ ଆତ୍ମୀୟତା ସ୍ଥାପିତ ହେବାକୁ ଆଦୌ ବେଶୀ ସମୟ ଲାଗେନାହିଁ ।

ଖାଲି ଦୋକାନର ମାଲିକ ଇହୁଦୀ କାହାରି ସହିତ କୌଣସି କଥା ହେଉନଥାଏ, ଚୁପ୍‌କରି ସେ ଏଣେତେଣେ ଧାଇଁବାରେ ଲାଗିଥାଏ ଓ ଅତିଥିମାନଙ୍କ ଆଗରେ ଗୋଟିକପରେ ଗୋଟିଏ କରି ମଦବୋତଲ ନେଇ ରଖିଦେଉଥାଏ । ସଙ୍ଗେ ସଙ୍ଗେ ହାତରେ ଚକ୍‌ଖଡ଼ି ଧରି କବାଟର ପଛପଟେ ହିସାବ ଲେଖି ରଖୁଥାଏ ।

ବୋରିନାର ଆନନ୍ଦ ଆଜି ସତେଅବା କୌଣସି ସୀମା ମାନିବାକୁ ରାଜି ନୁହେଁ । ନିଜେ ଗିଲାସ ପରେ ଗିଲାସ ପିଇବା ସଙ୍ଗେସଙ୍ଗେ ସେ ଅତିଥିମାନଙ୍କୁ ମଧ୍ୟ ପିଇବାଲାଗି ଉତ୍ସାହ ଦେବାରେ ଲାଗିଥାଏ । ଆଉ କୋଉଦିନ କେହି ତା' ମୁହଁରୁ ଏତେଗୁଡ଼ାଏ କଥାବାର୍ତ୍ତା

Digitized by srujanika@gmail.com

କେବେହେଲେ ଶୁଣିନଥିଲେ । ବାରବାର ସେ ଯନ୍ତ୍ରଣା ଆଡ଼କୁ ଆଗଭର ହୋଇ ଆସୁଥାଏ, ତା'ହାତରେ ଏଥିରୁ ଗୋଟାଏ ବା ସେଥିରୁ ଗୋଟାଏ ଗୁଞ୍ଜି ଦେଉଥାଏ ଓ ଆପଣାର ହାତଦ୍ୱାରା ତା'ର ଅଣ୍ଟାକୁ ବେଢ଼ାଇଧରି ତାକୁ କକ୍ଷର କୌଣସି ଅଳ୍ପ ଆଲୁଅ ପଡ଼ିଥିବା କଣକୁ ନେଇଯାଉଥାଏ ।

ରାତି ଅନେକ ହୋଇଗଲାଣି, ଏଥର ଘରକୁ ଫେରିବାକୁ ହେବ ବୋଲି ହଠାତ୍ ଡୋମିନିକଭା ଚିନ୍ତା କରିବାକୁ ଲାଗିଲା । ପୁଅ ଦୁହିଁଙ୍କୁ ସେ ଆପଣା ସାଙ୍ଗରେ ଯିବାପାଇଁ ଡାକିଲା ।

ସିମନ୍‌ର ମିଜାଜ ସେତେବେଳେ ମଦର ମାଦକରେ ଗରମ ହୋଇ ରହିଥିଲା । ମାଆର ଡାକଶୁଣି କମରପଟିଟାକୁ ଭିଡ଼ିଦେଇ ଟେବୁଲ ଉପରେ ହାତ ବାଡ଼େଇ ସେ ଗର୍ଜନ କରି କହିଲା—

''ନହିଁ ଜାୟେଙ୍ଗେ ! ମୁଁ ବି ଜଣେ ଚାଷୀ । ଯାହାର ଖୁସୀ, ସେଇ ଯାଉ । ଏଠି ଯଦି ରାତିଯାକ ବସି ମୁଁ ମଦ ପିଇବାକୁ ମନ କରିବି, ତେବେ ମୋତେ ମନା କରିବାକୁ କିଏ ଅଛି ? ହେ ଇହୁଦୀ, ଏଠି ଆହୁରି ମଦ ଦେଇଯା !''

''ତୁ ଚୁପ୍ ହୋଇଯା ସିମନ୍, ନହେଲେ ସେ ଆସି ପିଠିଉପରେ ବିଧା ବସାଇଦେବଟି !'' —ସିମନ୍‌ର କୋଟ୍‌ଟାକୁ ଟାଣିଦେଇ ଆଣ୍ଟୁ ସାବଧାନ କରିଦେଇ କହିଲା । ତା'ର ବି ଆଉ ହୋସ ଥିଲା ବୋଲି କୁହାଯାଇ ପାରିବ ନାହିଁ ।

ଧମକାଇଲା ପରି କର୍କଶ ସ୍ୱରରେ ଡୋମିନିକଭା ଡାକିଲା, ''ହେ ପିଲାଏ, ତୁମେମାନେ ପୁଣି ଘରକୁ ଯିବ ନା ନାହିଁ ?''

''ମୁଁ ପରା କହିଲି ଯେ ମୁଁ ହେଉଚି ଜଣେ ଚାଷୀ । ମୋ'ର ଖୁସୀ ହେଲେ ମୁଁ ଏଠି ରହିବି, ମୋର ମନଇଚ୍ଛା ମଦ ପିଇବି । ମୋ'ଉପରେ ଆଉ ମାଆର ଶାସନ ଚଳିପାରିବନାହିଁ । ତୁ ଯାଆ, ଏଠୁ ଚାଲିଯାଆ । ମୁଁ କିଛି ପରୁଆ କରେନାହିଁ !''

ଠିକ୍ ଏହି ସମୟରେ ବୁଢ଼ୀ ମାଡ଼ିଆସି ତା'ର ଛାତିଉପରେ ଏମିତି ଗୋଟାଏ ଖୁନ୍ଦା ବସାଇଦେଲା ଯେ ତତ୍‌କ୍ଷଣାତ ସିମନ୍‌ର ସବୁ ନିଶା କୁଆଡ଼େ ଛାଡ଼ି ପଳାଇଲା । ତା'ର ମୁଣ୍ଡରେ ଟୋପି ପିନ୍ଧାଇଦେଇ ଆଣ୍ଟୁ ତାକୁ ଧରିଧରି ରାସ୍ତାଉପରକୁ ନେଇଗଲା । କିନ୍ତୁ ବାହାରର ଶୀତଳ ପବନ ଦେହରେ ବାଜି ସିମନ୍‌କୁ ପୁଣି ନିଶା ଲାଗିଆସିଲା ପରି ମନେହେଲା । ଆଗକୁ ଦିଇତିନି ପାହୁଣ୍ଡ ପକାଇବାପରେ ସେ ରାସ୍ତାକଡ଼ରେ ଥିବା ବାଡ଼ଉପରେ ଯାଇ ହାମୁଡ଼େଇ ପଡ଼ିଲା ଓ ଚିତ୍କାର କରି ଗଅଁ ଗଅଁ ହେବାକୁ ଲାଗିଲା ।

''ଯାଆ ଶଳା ! ମୁଁ ଗୋଟାଏ ଚାଷୀ । ମୋର ଏତେଗୁଡ଼ାଏ ଜମିବାଡ଼ି । ମୋର ଖୁସୀ ହେଲେ ମୁଁ ମଦ ପିଇବି, ଖୁସୀହେଲେ କାମ କରିବି । ହେ ଇହୁଦୀ , ଦେ, ଆଉରି ମଦ ଦେ !''

Digitized by srujanika@gmail.com

ଏସବୁ କାଣ୍ଡ ଦେଖି ଆଣ୍ଟୁ ଭେଁ ଭେଁ ହୋଇ କାନ୍ଦିବାରେ ଲାଗିଥାଏ ଓ କହୁଥାଏ, ‘‘ହେ ସିମନ୍, ତୋତେ ଠାକୁରଙ୍କ ରାଣ, ଘରକୁ ଚାଲ ! ମାଆ ପରା ତେଣେ ପଛରେ ଆସୁଚି !’’

ସତକୁସତ ତତ୍‌କ୍ଷଣାତ୍ ଯଗ୍‌ନାକୁ ସାଙ୍ଗରେ ଧରି ଡୋମିନିକଭା ଆସି ସେଠାରେ ପହଞ୍ଚିଗଲା । ବାଡ଼ କଡ଼ରେ ଦୁଇଭାଇ ସେତେବେଳକୁ ଧରାପରା ହେବାରେ ଲାଗିଥାନ୍ତି । ମାଆଝିଅ ଦୁହେଁ ମିଶି ସେମାନଙ୍କୁ ସେଠାରୁ ଉଠାଇ ଆଣିଲେ ।

ସେମାନେ ଚାଲିଗଲା ଉତ୍ତାରୁ ଅନ୍ୟମାନେ ମଧ୍ୟ ଦୋକାନଘରୁ ବିଦାହୋଇଗଲେ । ଦୋକାନଘରର କୋଳାହଳ କିଞ୍ଚିତ୍ ଊଣା ହୋଇ ଆସିଲା । ଶେଷରେ ବୋରିନା ଓ ତା’ ତରଫର ଲୋକମାନଙ୍କ ବ୍ୟତୀତ ସେଠାରେ ଆଉ କେହି ରହିଲେନାହିଁ । ଆମ୍ବ୍ରୋଜ୍ ଆଉ ସେହି ଅନ୍ଧ ଗାୟକଟି ମଧ୍ୟ ଯାଇନଥାନ୍ତି । ବର୍ତ୍ତମାନ ସମସ୍ତେ ଗୋଟିଏ ଟେବୁଲ ଚାରିପାଖରେ ବସି ମଦ ପିଇବାରେ ଲାଗିଥାନ୍ତି

Digitized by srujanika@gmail.com

ନଅ

ନିର୍ବନ୍ଧଦିନର ମାତ୍ର କେଇଟା ଦିନ ପରେ ପର୍ବଦିନ ଆସି ପହଞ୍ଚିଲା ।

ସକାଳପହରୁ ଲିପ୍‌କା ଗାଆଁର ଗିର୍ଜାଘଣ୍ଟା ଠନ୍‌ଠନ୍ କରି ବାଜିବାରେ ଲାଗିଚି । ତାହାର ବିରସତାପୂର୍ଣ୍ଣ ଉଦାସ ଶବ୍ଦ ଶୂନ୍ୟ ବିଲଗହୀର ଭେଦକରି ବହୁଦୂରକୁ ପ୍ରସାରିତ ହୋଇଯାଉଚି ଏବଂ ଲୋକମାନଙ୍କୁ ସମବେତ ହେବାଲାଗି ଆହ୍ୱାନ ଜଣାଇ ଯାଉଚି । ଆଜି ସକାଳ ପହରୁ ଚତୁର୍ଦ୍ଦିଗରେ କୁହୁଡ଼ି ଘୋଟିରହିଚି, ଦିନଟି ସତେ ଯେପରି ଏକ ଦୁଃଖପୂର୍ଣ୍ଣ ଚାହାଣିରେ ପୃଥିବୀ ଆଉ ଆକାଶ ମିଶିଯାଇଥିବା ସୁଦୂର ଦିଗ୍‌ବଳୟ ଭିତରୁ ଉଙ୍କିମାରି ଉଠିଆସୁଚି ।

ପୂର୍ବଦିଗରୁ ସୂର୍ଯ୍ୟ ଉଠିଆସିଲା, ପୂର୍ବଆକାଶଟା ଏପର୍ଯ୍ୟନ୍ତ ତମ୍ବାରଙ୍ଗରେ ନାଲିଟହଟହ ହୋଇ ଜଳୁଥାଏ । ସେଇଆଡୁ ମେଘ ଉହାଡ଼ରୁ ପଲପଲ ହୋଇ କାଉ ଉଡ଼ିଆସୁଥାନ୍ତି ।

ସେହି କାଉଗୁଡ଼ାକ ଏଡ଼େ ଉଚ୍ଚରେ ଉଡ଼ିଯାଉଥାନ୍ତି ଯେ ଆଖିକୁ ଭଲକରି ଦେଖାଯାଉ ନଥାନ୍ତି ବା ସେମାନଙ୍କର ଦୁଃଖପୂର୍ଣ୍ଣ ରାଉରାଉ ଶବ୍ଦ କାନକୁ ମଧ ଶୁଣାଯାଉ ନଥାଏ । ମନେହେଉଥାଏ, ସତେଅବା ଶରତରାତିରେ କିଏ କେତେଦୂରରେ ବସି କୋଉଠି କାନ୍ଦିବାରେ ଲାଗିଚି !

ଗିର୍ଜାଘଣ୍ଟାରୁ ଠନ୍‌ଠନ୍ ଶବ୍ଦ ଆସି କାନଉପରେ ଅଜାଡ଼ିହୋଇ ପଡୁଥାଏ ।

ଚଢ଼େଇମାନଙ୍କର ପଲ କ୍ରମେ ବଢ଼ିବାରେ ଲାଗିଚି । ସେମାନେ ପଲପଲ ହୋଇ ବର୍ତ୍ତମାନ ଅନେକ ତଳକୁ ଖସିଆସି ଉଡ଼ିବାକୁ ଆରମ୍ଭ କଲେଣି, ଆକାଶ ଆଡକୁ ଅନାଇଲେ ମନେହେଉଚି ଯେପରି କଳା ଅଳନ୍ଧୁଗୁଡ଼ାକ ପୁଳାପୁଳା ହୋଇ ଉଡ଼ି କୁଆଡ଼େ ଚାଲିଯାଉଚି । ସେମାନଙ୍କର କର୍କଶ କଣ୍ଠଶବ୍ଦ ମଧ ବେଶ୍ କାନପାଖରେ ଆସି ଶୁଭିବାକୁ ଆରମ୍ଭ କଲାଣି, ସତେ ଯେପରି କୋଉଠୁ ଧୂମାଳପବନ ମାଡ଼ିଆସୁଚି, ଠିକ୍ ସେହିପରି ଶୁଣାଯାଉଚି । ସେମାନେ କ୍ରମେ ମୁଣ୍ଡଳାକାର ହୋଇ ଗାଆଁଉପରେ ଉଡ଼ିବାକୁ ଆରମ୍ଭ କଲେ, ତା'ପରେ ପବନ ଉଡ଼ାଇ ନେଉଥିବା ମେଞ୍ଚାଏ ପାଚିଲା ପତ୍ରପରି ଏବେ ଗାର ପଡ଼ିଥିବା ବିଲଉପରେ ଚକା ବୁଲି ଉଡ଼ିଗଲେ, ତା'ପରେ ଜଙ୍ଗଲ ଆଡ଼କୁ ଉଡ଼ିଯାଇ ଥୁଣ୍ଟା ପପ୍‌ଲାର ଗଛଗୁଡ଼ିକ ଉପରେ ବସିଲେ ।

''ଏବର୍ଷ ଭାରି ହାଡ଼ଭଙ୍ଗା ଶୀତ ପଡ଼ିବ''— ଲୋକମାନେ କୁହାକୁହି ହେଉଥାନ୍ତି ।

''ବରଫ ବରଷିବାକୁ ଆଉ ବେଶୀ ଡେରି ନାହିଁ । ଦେଖୁନ, ସେଗୁଡ଼ାକ କିପରି ଜଙ୍ଗଲଆଡ଼କୁ ଉଡ଼ିବାରେ ଲାଗିଲେଣି !''

ଚଢ଼େଇମାନେ କ୍ରମେ ଅଧିକତର ସଂଖ୍ୟାରେ ବସ୍ତିଆଡ଼କୁ ଉଡ଼ିଆସିଲେ । କୋଉବର୍ଷ ତ ଏମାନଙ୍କର ଏତେସଂଖ୍ୟାରେ କେବେ ଦେଖାନଥିଲା ! ଗୋଟାଏ ଅଶୁଭର ସୂଚନା ପାଇଲାପରି ଲୋକମାନେ ଦୀର୍ଘଶ୍ୱାସ ପକାଇ ସେମାନଙ୍କ ଆଡ଼କ ଅନାଉଥାନ୍ତି, କେହିକେହି

Digitized by srujanika@gmail.com

ଆଖିପତା ଉପରେ ଶୂନ୍ୟରେ କ୍ରସଚିହ୍ନ କାଟି ଦେଉଥାନ୍ତି । ଆସନ୍ନ ହୋଇଆସୁଥିବା ବିପଦରୁ ଭଗବାନ ହୁଏତ ବଞ୍ଚାଇ ରଖିବେ ! ତା'ପରେ ସମସ୍ତେ ଲୁଗାପଟା ପିନ୍ଧି ଗିର୍ଜାକୁ ଯିବାଲାଗି ସଜହେବାକୁ ଲାଗିଲେ । ଏପର୍ଯ୍ୟନ୍ତ ମଧ ଗିର୍ଜାର ଘଣ୍ଟାଟା ସେହିପରି ଅପରିବର୍ତ୍ତିତ ଢଂ ଢଂ ଶବ୍ଦ କରିବାରେ ଲାଗିଥାଏ । ଅନ୍ୟଗାଆଁର ଲୋକମାନେ ମଧ ଗିର୍ଜା-ଉପାସନାଲାଗି ଆସି ପହଞ୍ଚିବାରେ ଲାଗିଲେଣି ।

ସମସ୍ତଙ୍କର ହୃଦୟଭିତରଟା ଆଜି ଯେପରି ଭାରି ନିକାଞ୍ଚନ ବୋଧ ହେଉଚି, ଭାରି ଏକାଏକା ଲାଗୁଚି । ସବୁରି ହୃଦୟରେ ଏକପ୍ରକାର ଅଦ୍ଭୁତ ନୈରାଶ୍ୟପୂର୍ଣ୍ଣ ନୀରବତା ରାଜତ୍ୱ କରୁଚି । ଆଜି କେତେଦିନର କେତେ ଦୁଃଖପୂର୍ଣ୍ଣ ସ୍ମୃତି ମନ ଭିତରେ ଉଦୟ ହୋଇ ଭିତରଟାକୁ ନୀରବ କରି ପକାଇଚି । ଯୋଉମାନେ ଆଗରୁ ଛାଡ଼ି ଚାଲିଯାଇଚନ୍ତି, ବର୍ତ୍ତମାନ ସେହିମାନଙ୍କର କଥା ମନେପଡୁଚି । ସେମାନଙ୍କର ଶରୀର ଆଜି ଭୂର୍ଜଗଛଗୁଡ଼ିକର ଆଲୁଳାୟିତ ଶାଖାତଳେ ସମାଧିସ୍ଥ ହୋଇ ରହିଚି —ସାକ୍ଷୀରୂପେ ଠିଆହୋଇ ରହିଥିବା କ୍ରସ୍‌ଗୁଡ଼ିକ ସେମାନଙ୍କ ସୂଚନା ଦେଇ ଯାଉଚି ।

'ହେ ଯୀଶୁ, ହେ ପ୍ରିୟ ପ୍ରଭୁ ଯୀଶୁ'—ନୀରବରେ ଏତିକି ଜପକରି ସେମାନେ ଧୂସର ମୁହଁଗୁଡ଼ିକୁ ଉପରକୁ ଉଠାଇ ଅନାଉଚନ୍ତି ଓ ଭବିଷ୍ୟତର ଗର୍ଭଭିତରେ କ'ଣସବୁ ସନ୍ଧାନ କରିବାରେ ଲାଗିଚନ୍ତି । ଯୀଶୁଙ୍କର ନାମ ନେବା ସଙ୍ଗେସଙ୍ଗେ ସେମାନଙ୍କର ମନରୁ ସକଳ ଭୟ ବିଦୂରିତ ହୋଇଯାଉଚି ଏବଂ ସେମାନେ ଅତି ଧୀର ଓ ଶାନ୍ତଭାବରେ ମୃତବ୍ୟକ୍ତିମାନଙ୍କର ଉଦ୍ଦେଶ୍ୟରେ ପୂଜା ଦେବାକୁ ଓ ପ୍ରାର୍ଥନା କରିବାକୁ ଆଗକୁ ଯିବାରେ ଲାଗିଚନ୍ତି ।

ଦେଖି ମନେହେଉଚି, ଯେପରି ଆଜି ସମଗ୍ର ଗାଆଁଟି ଏକ ଗମ୍ଭୀର ଓ ହୃଦୟସ୍ପର୍ଶୀ ଶାନ୍ତିମୟତାର ସମୁଦ୍ରଭିତରେ ନିମଗ୍ନ ହୋଇ ରହିଚି । କେବଳ ଗିର୍ଜା'ଦୁଆରେ ଠିଆହୋଇ ଗୀତଗାଉଥିବା ଫକୀରମାନେ ହିଁ ମଝିରେ ମଝିରେ ଏହି ଶାନ୍ତିକୁ ଭଗ୍ନ କରୁଚନ୍ତି ।

ବୋରିନାଘରେ ଏହି ନୀରବତା ଅଧିକ ଗଭୀର ଭାବରେ ରାଜତ୍ୱ କଲାପରି ମନେହେଉଥାଏ । ଅବଶ୍ୟ ଏହି ଶାନ୍ତି ହେଉଛି ନରକର ଶାନ୍ତି । ଘରେ ସମସ୍ତଙ୍କୁ ଦେଖି ମନେହେଉଥାଏ, ଯେପରି ଏମାନେ ହଠାତ୍ କ'ଣ ଗୋଟାଏ ଦୁଃସମ୍ବାଦରେ ସ୍ତମ୍ଭିତପ୍ରାୟ ହୋଇ ରହିଚନ୍ତି, କିନ୍ତୁ ଏହି ନିସ୍ପନ୍ଦତା ଠୋ'କରି ଫାଟିବାକୁ ଯେପରି ଆଉ ଅଧିକ ବେଳ ନାହିଁ ।

ସେତେବେଳକୁ ତା'ର ପିଲାଙ୍କ କାନରେ ଆସି ସବୁକଥା ପଡ଼ିସାରିଲାଣି ।

କାଲି ରବିବାର ଥିଲା, ତେଣୁ କାଲି ଗିର୍ଜାପ୍ରାର୍ଥନା ପରେ ଏହି ବିବାହପ୍ରସ୍ତାବଟି ସମସ୍ତଙ୍କୁ ଶୁଣାଇ ଦିଆଯାଇଥିଲା । ଶନିବାରଦିନ ବୋରିନା ଯଗ୍‌ନାକୁ ନେଇ ସହରକୁ ଯାଇଥିଲା, ସେଇଦିନ ସେ ସାକ୍ଷୀଗୁହା ରଖି ତା' ନାଆଁରେ ଛଅମାଣ ଜମି ଲେଖିଦେଇ ଆସିଚି । ସେଦିନ ଘରକୁ ଫେରୁଫେରୁ ତା'ର ଅନେକ ଡେରି ହୋଇଗଲା । ଏଣେ ମୁହଁରେ ମଧ କେତେଟା କାଗାରେ ନଖ ବାଜି ଗାରପଡ଼ି ଯାଇଥାଏ । ମଦପିଇ ସେଦିନ ସେ ଏପରି ମାତାଲ

Digitized by srujanika@gmail.com

ହୋଇଯାଇଥିଲା ଯେ ଯଗ୍‌ନାସହିତ ବ୍ୟବହାର କଲାବେଳେ ତା'ର ଆଉ କୌଣସି ବାଡ଼ବତା ରହିଲାନାହିଁ । କିନ୍ତୁ ଯଗ୍‌ନା କ'ଣ ଯିଏସିଏ ହୋଇଚି ? ତା'ର ବଲୁଆ ବାହାଦୁଇଟା ଆଉ ମୁନିଆଁ ନଖଗୁଡ଼ାକର ପରିଚୟ ସେଦିନ ବୋରିନାକୁ ବେଶ୍ ମିଳିଗଲା ।

ଘରକୁ ଲେଉଟି ସେ କାହାରିକୁ ପଦେହେଲେ କୌଣସି କଥା କହିଲାନାହିଁ । ଜୋତା ନ କାଢ଼ି ଓ ଦେହରୁ ପୋଷାକ ନ ଓହ୍ଲାଇ ସେ ସିଧା ଶୋଇବାକୁ ଚାଲିଗଲା । ଆରଦିନ ସକାଳେ ବିଛଣାଟାଯାକ କାଦୁଅରେ ବୁଡ଼ିଚି ବୋଲି ଯୁଜ୍‌କା ଆସି ଅଭିଯୋଗ କରିବସିଲା ।

''ଆରେ ସେଥିରେ କିଛି ଯାଏଆସେ ନାହିଁ, କିଛି ଯାଏଆସେ ନାହି''—ହସିହସି ବୋରିନା ଝିଅକୁ କହିବାକୁ ଲାଗିଲା । ମଦ ପିଇନଥିବା ଲୋକର ମଧ ବେଳେବେଳେ ଏପରି ହୋଇଯାଏ ।

ସକାଳୁ ଉଠି ସେ ଯଗ୍‌ନା ପାଖକୁ ଯାଇଥିଲା, ଦିନଯାକ ସେଇଆଡ଼େ ରହିଲା । ଘରେ ତା'ପାଇଁ ଦିନ ଓ ରାତିର ଖାଇବା ସେମିତି ବଢ଼ାହୋଇ ରହି ଶୁଖିବାରେ ଲାଗିଥାଏ ।

ଆଜିମଧ ସେ ବିଛଣାରୁ ଉଠିବାବେଳକୁ ସକାଳ ହୋଇସାରିଲାଣି । ଉଠି ବୋରିନା ଆପଣାର ସବୁଠାରୁ ଭଲ କୁରୁତାଟି ବାହାର କରି ପିନ୍ଧିଲା, ଭିଟେକ୍‌କୁ ଆପଣାର ଜୋତାହଳଟା ପାଲିସ୍‌କରି ତା'ର ଦାଡ଼ରେ ସଜ କଟାହୋଇଥିବା କୁଟା ବସାଇ କମ କରିଦେବାକୁ କହିଲା, କୁବା ହାତରେ ଖିଅରହୋଇ ଆସିଲା, ତା'ପରେ ଅଣ୍ଟାରେ କମରପଟି ପିନ୍ଧି ଓ ମୁଣ୍ଡରେ ଟୋପି ଲଗାଇ ବାଡ଼ବାଟରେ ଗଳି ବାହାରକୁ ବାହାରିଗଲା, ସେଦିନ ଦିନମାନ ଆଉ ତାକୁ ଘରେ ଦେଖିବାକୁ ମିଳିଲାନାହିଁ ।

ଯୁଜ୍‌କା କେବଳ କାନ୍ଦିବାରେ ଲାଗିଥାଏ । ଆନ୍‌ଟେକ୍‌ର ଛାତିଭିତରେ କିଏ ଯେପରି ଛୁରୀ ମାରିଦେଇ ଯାଉଥାଏ, ମନର ଦାରୁଣ ଉତ୍ତେଜିତ ଯନ୍ତ୍ରଣାରେ ଆଜି ସେ ଖାଇ ପାରିଲାନାହିଁ, ଶୋଇ ପାରିଲାନାହିଁ ବା ମନଲଗାଇ କୌଣସି କାମରେ ହାତ ଦେଇ ପାରିଲାନାହିଁ, ଏପର୍ଯ୍ୟନ୍ତ ମଧ ତାକୁ ସବୁବିଷୟ ବଡ଼ ଅସମ୍ଭବ ମନେହେଉଥାଏ । ଘଟଣା ଗୁଡ଼ିକୁ ସେ ସମ୍ପୂର୍ଣ୍ଣଭାବରେ ହୃଦୟଙ୍ଗମ କରି ପାରୁନଥାଏ । ତା'ର ମୁହଁଟା ଶୁଖି ଛୋଟିଆ ଦିଶୁଥାଏ, କିନ୍ତୁ ଆଖିଦୁଇଟା ଏଡ଼େ ବଡ଼ବଡ଼ ଆକାର ଧାରଣ କରି ଜଳିବାରେ ଲାଗିଥାଏ । କାଳେ ମୁହଁରୁ କ'ଣସବୁ ବଦକଥା ବାହାରିଯିବ, ସେଥିପାଇଁ ପାଟିଭିତରେ ସେ ଦାନ୍ତଗୁଡ଼ାକୁ ଜାବିକରି ରଖିଥାଏ । ବଡ଼ ଅସ୍ଥିର ଭାବରେ ସେ ଘରୁ ବାହାରକୁ ଓ ବାହାରୁ ଘରଭିତରକୁ ପଦଚାରଣା କରିବାରେ ଲାଗିଥାଏ । କେତେବେଳେ ରାସ୍ତାଉପରକୁ ଯାଉଥାଏ, ପୁଣି ଫେରିଆସି ପିଣ୍ଡାରେ ପଡ଼ିଥିବା ଗୋଟାଏ ବେଞ୍ଚଉପରେ ଘଡ଼ିଏ ଥିରହୋଇ ବସିରହୁଥାଏ । ତା'ର ହୃଦୟଭିତରର ପୀଡ଼ନ କ୍ରମେ ଅଧିକ ଯନ୍ତ୍ରଣାଦାୟକ ଓ ଅସହ୍ୟ ହୋଇ ଉଠୁଥାଏ ।

ଘରଟାଯାକ ଆଜି ଭାରି ଶୁଖିଲା ଖାଆଁ ଖାଆଁ ଲାଗୁଛି । ଘରେ ପଶିଗଲା ମାତ୍ରକେ ଖାଲି ଚାରିଆଡ଼ କଇଁକଇଁ କାନ୍ଦ ଓ ଦୀର୍ଘନିଶ୍ୱାସର ଶବ୍ଦ ଶୁଣିବାକୁ ମିଳୁଛି । ଯତେ ଯେପରି ଘରଭିତରେ ମୁର୍ଦ୍ଦାର ପଡ଼ିଚି ! ଗୁହାଳ ଆଉ ଖଳାଘରର କବାଟ ଠିଆମେଲା ପଡ଼ିଚି,

Digitized by srujanika@gmail.com

ଗାଈଗୋରୁ ଓ ଘୁଷୁରିଗୁଡ଼ାକ ଫିଟି ଆଜି ଭାରି ସ୍ୱାଧୀନ ଭାବରେ ଫଳବଗିଚା ଭିତରେ ବୁଲିବାରେ ଲାଗିଚନ୍ତି । କେହିକେହି ଝରକା ସେପାଖରେ ବାହାରେ ଠିଆହୋଇ ଘରଭିତରକୁ ଅନାଉଚନ୍ତି । କେବଳ ବୁଢ଼ାକୁକୁର ଲାପାକୁ ଛାଡ଼ିଦେଲେ ସେମାନଙ୍କର ଗତିବିଧିରେ ଆଜି ଆଉ କେହି କୌଣସି ବାଧା ଦେଉନାହାନ୍ତି । ଲାପା ଭୋ' ଭୋ' ଭୁକିବାରେ ଲାଗିଚି ଓ ସେମାନଙ୍କୁ ଗୁହାଳ ଭିତରକୁ ଫେରାଇ ଆଣିବାକୁ ଭାରି ଚେଷ୍ଟା କରୁଚି, କିନ୍ତୁ ପାରୁନାହିଁ ।

ଗୁହାଳଘରେ ଆପଣାର ଖଟିଆଟି ଉପରେ ବସି କୁବା ବନ୍ଧୁକ ସଫା କରିବାରେ ବ୍ୟସ୍ତ ଅଛି । ଭିତେକ୍ ନିର୍ବାକ୍ ବିସ୍ମୟରେ ତା'ରିଆଡ଼କୁ ଚାହିଁ ଦେଖୁଚି ଓ କାଳେ କିଏ ହଠାତ୍ ଆସି ପହଞ୍ଚିଯିବ ବୋଲି ଗୋଟାଏ ଆଖିରେ ଦୁଆରଆଡ଼କୁ ମଧ ଅନାଇ ରହିଚି ।

କୁବା କାଲିରାତିର ଶିକାରଗପ କହିଯାଉଚି ଓ ଭିତେକ୍ ଭାରି ଉତ୍ସାହର ସହିତ ଏକକର୍ଣ୍ଣହୋଇ ସେହିସବୁ ବର୍ଣ୍ଣନା ଶୁଣୁଚି ।

''କିନ୍ତୁ ମନେରଖିଥା, ଏସବୁ କଥା ଯେପରି କାନରୁ ଦୁଇକାନ ନହୁଏ । ହେଲେ ଏଇ ବନ୍ଧୁକକୁ ମନେ ରଖିଥିବୁ !''

''ନାଇଁ, ମୁଁ କଦାପି କାହାକୁ କହିବିନାହିଁ । କିନ୍ତୁ ୟୁଜ୍‌କାକୁ ମଧ କ'ଣ କହିବାକୁ ମନା ?''

''ୟୁଜ୍‌କା ଶୁଣିଲେ ସେ ଘଡ଼ିକେ ଗାଆଁଟାଯାକ ରାଷ୍ଟ୍ର କରିଦେବ । ଆଚ୍ଛା, ନେ, ଏଇ ପଇସାଟକ ନେ''—କ'ଣ ସବୁ କିଣିବୁ !''

''ପଇସା ଥାଉ । ମୁଁ କାହାରି ଆଗରେ କହିବିନାହିଁ, ତୁ ମୋତେ ବିଶ୍ୱାସ କର !'' କିନ୍ତୁ କୁବା, ତୁ ଥରେ ମୋତେ ସାଙ୍ଗରେ ନେଇ ଯାଆନ୍ତୁନାହିଁ ?''

''ଖାଇବାକୁ ଆସ''—ଘରପିଣ୍ଡାରେ ଠିଆହୋଇ ୟୁଜ୍‌କା ସେମାନଙ୍କୁ ଡାକିଲା ।

''ସେମିତି ଅସ୍ଥିର କାହିଁକି ହେଉଚୁ ? ତୋତେ ମଧ ଦିନେ ମୁଁ ସାଙ୍ଗରେ ନେଇଯିବି ।''

''ଆଉ ମତେ ତୁ ବନ୍ଧୁକ ମାରିବାକୁ ଦେବୁ ନା ? ବେଶୀ ନୁହେଁ, କେବଳ ଥରେ ।''

''ଆରେ, ବାରୁଦଗୁଡ଼ାକ କ'ଣ ମୋଫତ ପଡ଼ିଚି ନା କ'ଣ ?''

''କିନ୍ତୁ କୁବା, ମୋ'ପାଖରେ ମଧ କିଛି ପଇସା ଅଛି । ଏଥର ଯାତ୍ରାଦେଖି ଯିବାପାଇଁ ମୋତେ ସାଆନ୍ତେ ଦି'ସୁଭକା ପଇସା ଦେଇଥିଲେ । ମୁଁ ତାକୁ ଗିର୍ଜାରେ ଦିଅଁଲାଗି କରିବାପାଇଁ ସଞ୍ଚିକରି ରଖିଚି । କିନ୍ତୁ—''

''ଆଚ୍ଛା ହେଉ, ମୁଁ ତୋତେ ବନ୍ଧୁକମରା ଶିଖାଇଦେବି ।''—ଭିତେକ୍‌ର ମୁଣ୍ଡଉପରେ ହାତ ଥାପଡ଼େଇ ଦେଉଦେଉ କୁବା ବୋଧଦେଇ କହିଲା ।

ସକାଳର ଖାଇବା ଖାଇସାରିବାପରେ ଦୁହେଁ ଗିର୍ଜାକୁ ବାହାରିଗଲେ । କୁବା ଡରତରହୋଇ ଆପଣାର ଛୋଟାଗୋଡ଼ରେ ନସରପସର ହୋଇ ଧାଇଁଥାଏ, ଭିତେକ୍ ବାରବାର ପଛରେ ପଡ଼ିଯାଉଥାଏ । ତା'ର ତ ଆପଣାର ବୁଟ୍‌ଜୋତା ନାହିଁ, ତେଣୁ ଆଜି ଖାଲିଗୋଡ଼ରେ ଗିର୍ଜାକୁ ଯାଉଥିବାରୁ ତାକୁ ଭାରି ଲାଜ ମାଡୁଥାଏ ।

''ଖାଲିଗୋଡ଼ରେ ଗିର୍ଜାଘର ଭିତରକୁ ଯିବାଟା କ'ଣ ଉଚିତ ହେବ ?''—ସେ ଥିରକଣ୍ଠରେ ପଚାରିଲା ।

Digitized by srujanika@gmail.com

"ତୁ ବଡ଼ ବୋକା, ଭିତେକ୍ ! ଆମ ଭଗବାନ୍ କ'ଣ ଏଡ଼େ ନୀଚମନା ହୋଇଚନ୍ତି ଯେ ମଣିଷର ପ୍ରାର୍ଥନା ନଶୁଣି ସେ ତା'ର ଜୋତା ଅଛି କି ନାହିଁ ଦେଖିବାକୁ ଯିବେ ?"

"ହଁ, ବୁଝିଲି । କିନ୍ତୁ ଗୋଡ଼ରେ ଜୋତା ଥିଲେ ଟିକିଏ ଅଧିକ ସମ୍ମାନ ମିଳେ ତ !"

"ତୁ ଚିନ୍ତା କରନା, ଆଉ ଅଳ୍ପଦିନରେ ତୋତେ ମଧ ବୁଟ୍‌ଜୋତା ମିଳିଯିବ ।"

"ହଁ ନିଶ୍ଚୟ, ନିଶ୍ଚୟ ! ମୁଁ ଆଉ ଟିକିଏ ବଡ଼ ହୋଇଯାଏ, ଚାଷକାମରେ କୋଠିଆ ହୋଇ ଶିଖେ । ଦେଖିବୁ, ମୁଁ ସିଧା ୱାର୍‌ସ ଯାଇ ସେଇଠି କୋଉ ଅସ୍ତାବଲରେ କାମ କରିବି । ସହରରେ ସମସ୍ତେ ଜୋତାମାଡ଼ ବାଟ ଚାଲନ୍ତି, ନୁହେଁ କୁବା ?"

"ହଁ, ୱାର୍‌ସ ବିଷୟରେ ତୋ'ର କିଛି ମନେଅଛି, ଭିତେକ୍ ?"

"ନିଶ୍ଚୟ, ନିଶ୍ଚୟ । ଏଠିକି ମୁଁ ପାଞ୍ଚବର୍ଷ ବୟସ ହେଲାପରେ ୱାର୍‌ସରୁ ଆସିଚି । ତେଣୁ ମୋର ସେହି ସହରର ସବୁକଥା ମନେଅଛି । ଆମେ ଚାଲି ଚାଲି ଷ୍ଟେସନକୁ ଆସିଲୁ, ସେଠାରେ କେତେରକମର ଆଲୁଅ ମାଳମାଳ ହୋଇ ଜଳୁଥିଲା । ଘରଗୁଡ଼ାକ ଭାରି ଲାଗିଲାଗି କରି ରହିଥିବା ପରି ଦେଖାଯାଉଥାନ୍ତି । ଗୋଟାଏ ଗୋଟାଏ ଘର ଠିକ୍ ଗୋଟାଏ ଗୋଟାଏ ଗିର୍ଜାପରି !"

"ଏଗୁଡ଼ାକ ସବୁ ଖାଲି ବାଜେକଥା !"—ନାପସନ୍ଦ କରି କୁବା କହିଲା ।

"ନାଇଁମ, ମୁଁ ସତ କହୁଚି ! ଘରଗୁଡ଼ାକ ଏତେ ଉଚ୍ଚ ହୋଇ ଠିଆହୋଇ ରହିଥିଲା ଯେ ଘରର ଛାତକୁ ମୋର ଆଖି ପାଉନଥିଲା । ମାଟି ଉପରୁ ଝରକା ବସିବା ଆରମ୍ଭ ହୋଇଥିଲା । କାଛଗୁଡ଼ାକରେ ଖାଲି ଝରକା ଭର୍ତ୍ତି ! ଚାରିଆଡୁ ଖାଲି ଠଣ-ଠଣ ହୋଇ ଘଣ୍ଟି ବାଜୁଥାଏ ।"

"ଅସମ୍ଭବ ନୁହେଁ । ସହରରେ ତ କେତେ ଗିର୍ଜା ଅଛି !"

"ହଁ, ଗିର୍ଜା ନଥିଲେ ଏହି ଘଣ୍ଟାଶବ୍ଦ ଆଉ କୁଆଡୁ ଶୁଭୁଥାଆନ୍ତା ?"

ଗିର୍ଜାର ହତାଭିତରକୁ ଆସି ସେମାନେ ବର୍ତ୍ତମାନ ଚୁପ୍ ହେଲେ । ଆଜି ଗିର୍ଜା ଭିତରେ ଭାରି ଭିଡ଼, ଠେଲିପେଲି ଯେକୌଣସି ପ୍ରକାରେ ଆଗକୁ ଯିବାକୁ ହେଲା ।

ରାସ୍ତାରୁ ଗିର୍ଜାଘରର ଦୁଆରଯାଏ ଫକୀରମାନେ ଧାଡ଼ିକରି ଠିଆ ହୋଇଥାନ୍ତି; ଗୀତଗାଇ, ଡାକଛାଡ଼ି ଭିକ ମାଗିବାରେ ଲାଗିଥାନ୍ତି । କିଏ ଆପଣାର କେନ୍ଦରାଟି ବଜାଇ ଗୁଉଁ ଗୁଉଁ ହୋଇ ଗୀତ ଗାଉଥାଏ । ଆଉ କିଏ ଏଡ଼େବଡ଼ ପାଟି ବାହାର କରି କାନଅତଡ଼ା ପକାଉଥାଏ ।

ଗିର୍ଜାଘର ଭିତରେ ମଧ ଆଜି ମଣିଷଭିଡ଼ରେ ସୋରିଷ ପଡ଼ିବାକୁ ଜାଗାନାହିଁ ! ଅର୍‌ଗାନ ବଜାଇବାକୁ ନିଯୁକ୍ତ ହୋଇଥିବା କର୍ମଚାରୀ ଓ ତା'ର ପୁଅ ସେହି ଭିଡ଼ଭିତରେ ବୁଲି ଦିଅଁଲାଗି ପାଇଁ ନାମତାଲିକା ସଂଗ୍ରହ କରୁଥାନ୍ତି । କୁବା ଦଉଡ଼ିଯାଇ କେତେଜଣଙ୍କର ନାଆଁ ଲେଖାଇଦେଇ ଆସିଲା । ଗୋଟିଏ ନାଆଁ ପାଇଁ ତିନିପଇସା କରି ଦେବାକୁ ପଡୁଥାଏ, ପଇସା ନଥିଲେ ତିନିଟା ଅଣ୍ଡାଲାଗି ପ୍ରତିଶ୍ରୁତି ଦେବାକୁ ପଡୁଥାଏ ।

Digitized by srujanika@gmail.com

ଭିଡ଼୍‌କ ପକ୍ଷରେ ଏହି ଭିଡ଼କୁ ଠେଲି ଆଗକୁ ଯିବା କାଠିକର ପାଠ ହୋଇପଡୁଥାଏ । ତା'ର ଗୋଡ଼ରେ ତ ଜୋତା ନଥାଏ, ତେଣୁ କେତେ ଲୋକଙ୍କର ପାଦପଡ଼ି ତା'ର ପାଦଦୁଇଟା ମାଡ଼ିଦଳି ହୋଇଯାଉଥାଏ । ତଥାପି ହାତ ଭିତରେ ପଇସାତକ ଜାଗ୍ରତ କରି ଧରି ସେ ପ୍ରାଣପଣେ ଆଗକୁ ବାଟ କାଢ଼ି ଯାଉଥାଏ । ଶେଷକୁ ଅରଗାନ ପାଖରେ ଆସି ପହଞ୍ଚିବା ପରେ ସେ ଚାରିପାଖକୁ ଅନାଉ ଅନାଉ ସ୍ତବ୍ଧ ହୋଇ ଠିଆହୋଇ ରହିଲା । ତା' ଚାରିପାଖରେ ଚାଷୀ ଆଉ ଚାଷୀଘରଣୀମାନେ ଭର୍ତ୍ତି ହୋଇ ରହିଛନ୍ତି । ପ୍ରାୟ ସମସ୍ତେ ହେଉଛନ୍ତି ଏଇ ଗାଆଁର ବାସିନ୍ଦା । ପେଷଣିଆ ଘରର ଘରଣୀ ମୁଣ୍ଡରେ ଟୋପିଲଗାଇ ଠିକ୍ ଗୋଟାଏ ଜମିଦାରିଆଣୀ ପରି ବସିଚି । ସେପାଖକୁ କମାରପୁଅ ଆଉ ପଧାନ ଆପଣାର ଭାରିଯାମାନଙ୍କୁ ସାଙ୍ଗରେ ନେଇ ବସିଚନ୍ତି । ସମସ୍ତେ ଦିଅଁଲାଗି କରିବାପାଇଁ ତାଲିକାରେ ନାଆଁ ଲେଖାଇ ଆସୁଚନ୍ତି । ଆଜି ପ୍ରାର୍ଥନା ବେଳେ ସେମାନଙ୍କର ଆତ୍ମାର ମୁକ୍ତିଲାଗି ପ୍ରାର୍ଥନା କରାଯିବ, ସେମାନଙ୍କୁ ସ୍ମରଣ କରାଯିବ । କିନ୍ତୁ ସେ ? ସେ ପୁଣି କାହାର ନାଆଁ ଦେବ ? ତା'ର ଆପଣା ବାପ, ଆପଣାର ଜନମକଲା ମାଆ—କିନ୍ତୁ ସେମାନଙ୍କର ନାଆଁ କଅଣ ? ସେ ଠିକ୍ ଠିକ୍ ନାଆଁଗୁଡ଼ାକୁ କହିପାରିବ ତ ? ତେବେ ସେ ଆଉ କାହାଲାଗି ଦିଅଁଲାଗି କରିବ ?... 'ହେ ଭଗବାନ, ହେ ଯୀଶୁ !'' —ଆପଣାର ଆତ୍ମା ଭିତରେ ସେ ଆକୁଳ ହୋଇ କହିଉଠିଲା । ତା'ର ପାଟିଟା ସେହିପରି ଆଁ ହୋଇ ରହିଥାଏ ଓ ସେ କାବା ହୋଇ ଠିଆ ହୋଇଥାଏ । ତା'ର ଅନ୍ତର ଭିତରେ ଯେପରି କେଉଁ ଦୁଃଖର କରୁଣ ମୂର୍ଚ୍ଛନା ବାଜି ଉଠୁଥାଏ, ନିଶ୍ୱାସ ବନ୍ଦ ହୋଇ ଆସିଲାପରି ମନେହେଉଥାଏ । ସତେ ଯେପରି ସେ ଏହିକ୍ଷଣି ତଳେ ପଡ଼ିଯିବ, ତାକୁ ଠିକ୍ ସେହିପରି ବୋଧ ହେଉଥାଏ । କିନ୍ତୁ ଠିଆହୋଇ ରହିବାକୁ ତା'ର ଜୁ' କାହିଁ ? ମଣିଷଭିଡ଼ର ଠେଲାପେଲାରେ ସେ ଏକପାଖିଆ ହୋଇ ଗୋଟାଏ କଣ ଆଡ଼କୁ ଠେଲିହୋଇ ଚାଲିଗଲା, ତଳେ ପଡ଼ିଯିବା ଭୟରେ ସେ ଆପଣା ମୁଣ୍ଡକୁ ନେଇ ସେଠି ରଖାହୋଇଥିବା ଟିଣର ଜଳପାତ୍ର ଦେହରେ ଭିଡ଼ି ଦେଇ ଠିଆହୋଇ ରହିଲା । ତା'ର ଆଖିରୁ ଠୋପା ଠୋପା ହୋଇ ଲୁହ ବୋହିଯାଉଥାଏ, ମନେହେଉଥାଏ ସତେ ଯେପରି କେଉଁ ସନ୍ତପ୍ତ ପ୍ରାଣର ଜପାମାଳିରୁ ଗୋଟି ଗୋଟି ହୋଇ ମାଳି ଗଡ଼ିପଡ଼ି ଚାଲିଯାଉଛି । ସେ ଯେତେ ଚେଷ୍ଟାକଲେ ମଧ ଲୁହକୁ ସମ୍ଭାଳିକରି ରଖିପାରୁନଥାଏ । ଭିତରେ ସେ ଏପରି ଭାବରେ କାତର ଓ କାକୁସ୍ଥ ହୋଇପଡ଼ିଥାଏ ଯେ ଦାନ୍ତକୁ ଜାକି ଧରି ଠିଆହୋଇ ପାରିବାକୁ ମଧ ତା'ର ଆଉ ବଳ ପାଉନଥାଏ । ଶେଷକୁ ଅନ୍ୟ ଉପାୟ ନଦେଖି ସେ ଗିର୍ଜାଘରର ଗୋଟିଏ କଣ ଜାଗାକୁ ଚାଲିଗଲା ଓ ସେହିଠାରେ ହୃଦୟର ସମସ୍ତ ଦୁଃଖକୁ ମୁକୁଳା କରିଦେଇ କାନ୍ଦିବାକୁ ଲାଗିଲା—ବାପ କି ମାଆ ନଥିବା କୌଣସି ବାଳକ ଯେପରି ବିକଳ ଅଶ୍ରୁପାତ କରି କାନ୍ଦେ, ଠିକ୍ ସେହିପରି ।

''ବୋଉ, ମୋ' ବୋଉ କୁଆଡ଼େ ଗଲା ଲୋ !'' —ହୃଦୟ ଭିତରଟାକୁ ଚିରିଚିରି କରି ଚିରିଦେଇ ସତେ ଯେପରି ତା'ଭିତରେ ଥାଇ କିଏ ରୋଦନ କରିବାକୁ ଲାଗିଲା । ସଂସାରରେ ଏତେ ପିଲା ଅଛନ୍ତି, ସମସ୍ତଙ୍କର ବାପମାଆ ଅଛନ୍ତି, ଖାଲି ତାହାରି କପାଳକୁ

Digitized by srujanika@gmail.com

କାହିଁକି କେହି ନାହାନ୍ତି, ସେ ଏକଥା କଳ୍ପନା ମଧ କରି ପାରିଲାନାହିଁ । ସତେ ଏ ସଂସାରରେ ତା'ର ଭାଗ୍ୟଟା କେଡ଼େ ଛୋଟ !

ଏହି ସମୟରେ କୁବା ସେଠାକୁ ଆସି ତାକୁ ପଚାରିଲା—

''ଭିଟେକ୍, ଦିଅଁଲାଗି ପାଇଁ ତୁ ପଇସା ଦେଇଚୁ ତ ?''

''ଉହୁଁ, କେତେବେଳେ ଦେଲି ?''—ତରତର କରି ଆଖିବୁଇଟା ପୋଛିପକାଇ ଭିଟେକ୍ ଉତ୍ତର ଦେଲା ଏବଂ ପୁଣି ଆଗକୁ ଯିବାକୁ ବାହାରିଲା । ହଁ, ସେ ନିଶ୍ଚୟ ନାଆଁ ଦେଇଆସିବ । ତା'ର ଜାଣିବାରେ ଯେ ତା'ର ବାପା ନାହିଁ କି ମାଆ ନାହିଁ, ଏକଥା କିଏ କାହିଁକି ଜାଣିବାକୁ ଯିବ ? ନାହାନ୍ତି ତ ନାହାନ୍ତି, ସେଇଟା ତ ତା'ର ନିଜର କଥା, ସେଥିରେ ଆଉ କାହାର କାହିଁକି କଅଣ ଯିବ ? ସେ ଅରକ୍ଷିତ ଛୁଆ ହେଲେ ହେଲା ପଛକେ ! ଏହିପରି ଭାବରେ ଆପଣାକୁ ଦମ୍ଭ ଦେଇ ସେ ଆଖିରୁ ଲୁହ ପୋଛି ପକାଇଲା ଓ ଯେଉଁ ନାଆଁଗୁଡ଼ାକ ଆଗ ତା'ର ମନକୁ ଆସିଲା, ସେଗୁଡ଼ିକୁ ଦିଅଁଲାଗିର ତାଲିକାରେ ଲେଖିଦେଇ ଆସିଲା ।

ଦିଅଁଲାଗିର ପାଉଣାଟକ ଦେଇସାରିବା ପରେ ସେ କୁବା ସାଙ୍ଗରେ ଉପାସନା କରିବାକୁ ଗଲା । ଆଉ ଟିକିଏ ଗଲେ ନିଜେ ପାଦ୍ରି ତା'ର ଦେଇଥିବା ଲୋକମାନଙ୍କର ନାଆଁକୁ ଗିର୍ଜା ଭିତରେ ଉଚ୍ଚାରଣ କରିବେ, ସେ ଅବଶ୍ୟ ଶୁଣିବାକୁ ପାଇବ ।

ପାଦ୍ରି ଗୋଟିଏ ପରେ ଗୋଟିଏ କରି ପଢ଼ିଯାଉଥାନ୍ତି । ଭିଟେକ୍ କୁବା ପାଖରେ ନତଜାନୁ ହୋଇ ରହିଥାଏ । କୁବା ହାତରେ ଗୋଟିଏ ଜପାମାଳି ଧରି ପାଦ୍ରିତାକୁ ସୁପାରିଶ କରିଦେଇଥିବା ମନ୍ତ୍ରଗୁଡ଼ିକୁ ଜପିବାରେ ଲାଗିଥାଏ । ଭିଟେକ ମଧ ଆଗ କେତୋଟି ପ୍ରାର୍ଥନା ଆବୃତ୍ତି କଲା, କିନ୍ତୁ ଚାରିଆଡୁ ଖାଲି ପ୍ରାର୍ଥନାମନ୍ତ୍ରର ଶବ୍ଦଗୁଡ଼ାକ ଶୁଣି ଶୁଣି ତାକୁ ଭାରି ଘୋଡିଆ ଲାଗିଲା ଓ ନିଦ ମାଡ଼ିଲା ପରି ମନେହେଲା । ହଠାତ୍ ଭାରି କ୍ଳାନ୍ତ ଅନୁଭବ କରି ସେ କୁବାର ଦେହଉପରକୁ ଆଉଜି ଶୋଇପଡ଼ିଲା ।

Digitized by srujanika@gmail.com

ଦଶ

''ଉପାସନାର ବେଦୀ ଉପରେ ଠିଆହୋଇ ପ୍ରତ୍ୟେକ ମଣିଷକୁ ମୁଁ ଏହି କଥା କହିବାକୁ ଇଚ୍ଛା କରୁଚି...''—ହଠାତ୍ ପାଦ୍ରିଙ୍କର କଣ୍ଠ ଭିତରେ ପବନ ଅଟକିଯିବାରୁ ସେ ବାକ୍ୟଟିକୁ ପୂରଣ କରି କହି ପାରିଲେ ନାହିଁ। ସେ ଖଁ ଖଁ ହୋଇ ଭାରି ଜୋରରେ କାଶିବାକୁ ଲାଗିଲେ। ଆନ୍ତେକ୍ ନୀରବ ରହିଥାଏ।

ପବନର ପ୍ରକୋପ କ୍ରମେ ବଢ଼ିବାରେ ଲାଗିଚି, ରାସ୍ତାରୁ ଧୂଳି ଉଡ଼ାଇ ନେଇ ପବନ ସିଧା ଯାଇ ପପ୍‌ଲାର ଗଛଗୁଡ଼ିକରେ ପିଟି ହୋଇଯାଉଚି, ପବନର ପରାକ୍ରମରେ ଗଛଗୁଡ଼ାକ ନଇଁ ପଡୁଚନ୍ତି ଓ ବିକଳରେ ଚିତ୍କାର କରି ଉଠୁଚନ୍ତି।

ପାଦ୍ରି ପୁଣି କହିବାକୁ ଆରମ୍ଭ କଲେ—''ଶୁଣ, ମୁଁ ତୋତେ କହିସାରିଚି ଯେ ମୁଁ ନିଜେ ଘୋଡ଼ୀଟିକୁ ପୋଖରୀକୁ ପାଣି ପିଆଇବାକୁ ନେଇଥିଲି। ଘୋଡ଼ୀଟିର ତ ଆଖି ନାହିଁ, ତେଣୁ ସେ ଦେଖିପାରିବ କୁଆଡୁ ? ତେଣୁ ବାଟବଣା ହୋଇ ଯେ ସେ ଆଉ କୁଆଡ଼େ ଚାଲିଯିବ ବା ହୁଏତ କୋଉଠି ପଡ଼ିଯାଇ ଗୋଡ଼ ଛୋଟା କରିଦେବ, ସେ କଥାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?—କଥାଟି କହୁ କହୁ ପାଦ୍ରିଙ୍କର ମୁହଁ ହଠାତ୍ ବିବର୍ଣ୍ଣ ହୋଇପଡ଼ିଲା ଏବଂ ସେ ସମ୍ମୁଖରେ ଥିବା ପ୍ରତ୍ୟେକଟି ଗଛ ଓ ପ୍ରତ୍ୟେକଟି ବିଲ ଉପରେ ଦୃଷ୍ଟିପାତ କରିବାକୁ ଲଗିଲେ।

''କିନ୍ତୁ ସିଏ ସବୁଦିନେ ତ ସେମିତି ଏକା ଏକା ଯାଉଥିଲା, ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଯାଉଥିଲା !''

''ହଁ, ପୋଖରୀକୁ ଯିବାଲାଗି ବାଟଟା ତାକୁ ଭଲକରି ମାଲୁମ ଅଛି। କିନ୍ତୁ କୋଉଠି କିଏ ଚାଲାଖି କରି ତା'ପାଇଁ ଗୋଟାଏ କୁଣ୍ଡରେ ପାଣି ମୋହିଁଦେବ ଏବଂ ସେଇଠାରୁ ତାକୁ ଲେଉଟାଇ ଆଣିବ। କିନ୍ତୁ ଏପରି ନହୋଇଥିଲେ ତ ସେ ଆପଣାଛାଏଁ ଘରକୁ ଲେଉଟି ଆସିଥାନ୍ତା।... ହେ ହେ ଭାଲେକ୍ !''—ପପ୍‌ଲାର ଗଛଗୁଡ଼ିକର ଉହାଡ଼ରେ କାହାକୁ ଯାଉଥିବାରୁ ଅନୁମାନ କରି ସେ ଡାକ ଛାଡ଼ିଲେ।

''ସଞ୍ଜ ବୁଡ଼ିବା ଆଗରୁ ମୁଁ ଭାଲେକ୍‌କୁ ଆମ ବଡ଼ ପୋଖରୀହୁଡ଼ାରେ ଦେଖିଥିଲି।''

''ଖୁବ୍ ସମ୍ଭବ ସିଏ ତାହାରି ସନ୍ଧାନରେ ଯାଇଚି, କିନ୍ତୁ ଟିକିଏ ଅଧିକ ବିଳମ୍ବ ହୋଇଗଲା !... ଘୋଡ଼ୀଟିକୁ ଆସି କୋଡ଼ିଏ ବରଷ ହେଲାଣି ! ମୁଁ ଆସିବା ପରେ ପରେ ସେ ଫଳ ଯାଉଥିଲା। ତେଣୁ ବର୍ତ୍ତମାନ କେହି ଦୟାକରି ସେହି ଘୋଡ଼ୀଟିକୁ ଖାଇବାକୁ ଦେଲେ ସେ ବିଚାରୀ ବଞ୍ଚିଯିବ।...''

''କଥାଟା ସତେ ଓଲଟା ହେଲା ନା କ'ଣ ?'' —ଆନ୍ତେକ୍ ବଡ଼ ଅପ୍ରସନ୍ନ ଭାବରେ ଗଣଗଣ ହୋଇ କହିଲା। ଗୋଟାଏ ଅଭିଯୋଗ ଜଣାଇ ସେ ବିଷୟରେ କୌଣସି ପରାମର୍ଶ

Digitized by srujanika@gmail.com

ନେବାକୁ ସେ ପାଦ୍ରିଙ୍କ ପାଖକୁ ଆସିଥିଲା । କିନ୍ତୁ ଓଲଟି ତାକୁ ଗାଳି ଶୁଣିବାକୁ ପଡ଼ିଲା, ହଜିଯାଇଥିବା ଘୋଡ଼ାଟିକୁ ଖୋଜିଆଣି ଦେବାକୁ ପୁଣି ପାଦ୍ରି ତାକୁ କହୁଛନ୍ତି ! ହଁ, ଘୋଡ଼ାଟିର ବୟସ ହୋଇଗଲାଣି, ଏଣେ ଆଖି ନାହିଁ, ତେଣୁ ତା'ପ୍ରତି ଦୟା ଦେଖାଇବା ଅବଶ୍ୟ ଉଚିତ । କିନ୍ତୁ ତା'ର ଆପଣା ଲୋକମାନେ କ'ଣ ଆଗ ସାହାଯ୍ୟ କରିବାକୁ ବାହାରି ଆସନ୍ତେ ନାହିଁ ?

''ତୋତେ ମୁଁ ସାବଧାନ କରିଦେଉଚି, ତୁ ଆପଣାକୁ ଅକ୍ତିଆରରେ ରଖିବାକୁ ଚେଷ୍ଟାକର । ମୋ'କଥା ଶୁଭିଲା ତ ? ଆଉ ତାକୁ କୌଣସି ଅଭିଶାପ ବା ଗାଳିଗୁଲଜ ଦେବା ଉଚିତ ହେବନାହିଁ । ସେ ହେଉଚି ତୋ'ର ବାପା !''

''ସେକଥା ମୋତେ ଭଲକରି ଜଣାଅଛି !''—ଭାରି ତିକ୍ତସ୍ୱରରେ ଆନ୍ତେକ୍ ଉତ୍ତର ଦେଲା ।

''ଏପରି କଲେ ତୁ ଭଗବାନଙ୍କ ବିରୁଦ୍ଧରେ ଏକ ଗୁରୁତର ଅପରାଧ ଓ ପାପ କରି ବସିବୁ । କ୍ରୋଧପରବଶ ହୋଇ ଯିଏ ଆପାଣା ବାପଉପରକୁ ହାତ ଉଠାଏ ଓ ଏହିପରି କରିବାଦ୍ୱାରା ଭଗବାନଙ୍କର ଆଜ୍ଞାକୁ ଲଙ୍ଘନ କରେ ତାକୁ ଭଗବାନ କଦାପି କ୍ଷମା କରିବେନାହିଁ ।''

''କିନ୍ତୁ ମୁଁ କିଛି ଚାହୁନାହିଁ, କେବଳ ନ୍ୟାୟବିଚାର ଚାହୁଁଚି ।''

''ନା —ତୁ ପ୍ରତିଶୋଧ ନେବାକୁ ଚାହୁଁଚୁ...ମୋ'କଥା ସତ ନା ମିଛ ?''

କ'ଣ ଉତ୍ତର ଦେବ ବୋଲି ଆନ୍ତେକ୍ କିଛି ଠିକ୍ କରି ପାରିଲାନାହିଁ ।

''ହଁ, ଆଉଗୋଟାଏ କଥ ମନେରଖିଥା —ଥିର ବାଛୁରୀ ବେଶୀଦିନ ବଞ୍ଚେ, ବେଶୀ ଦୁଧ ପିଏ ଓ ବଳୁଆ ହୋଇ ବଢ଼େ ।''

''ଥିର ! ଥିର ହେବାର ଢେର୍ ଫଳ ମୁଁ ପାଇଲିଣି । ସଂସାରରେ ଯାବତ ଅନ୍ୟାୟ କରିବାଲାଗି ମୁଁ ଗୋଟାଏ ଲୋକକୁ ପ୍ରଶୟ ଦେବାରେ ଲାଗିଥିବି, ସେ ଖାଲି ମୋର ବାପ ବୋଲି ମୁଁ ସବୁ ସହିଯାଉଥିବି, ନା ? ବାପ ଅପରାଧ କଲେ ପିଲାମାନଙ୍କର କ'ଣ ନ୍ୟାୟ ଦାବି କରିବାକୁ କୌଣସି ଅଧିକାର ନାହିଁ ?— ଭଲାରେ ବିଧାତା ! ଯଦି ଏହାହିଁ ତୋ'ର ବିଚାର ହୁଏ, ତେବେ ମୋର ଏହି ବିଚାର ଆଦୌ ଲୋଡ଼ାନାହିଁ, ମୋର ଆଉ କୋଉଠିକି ବାହାରି ଚାଲିଯିବା ଭଲ ।''

''ଯାଉନୁ ! କିଏ ତୋତେ ମନା କରି ରଖିଚି ?''—ରାଗରେ ଜଳିଉଠିବା ପରି ହୋଇ ପାଦ୍ରି ଉତ୍ତର ଦେଲେ ।

''ଯିବିନାହିଁ ତ ଆଉ କ'ଣ କରିବି ? ଏଠି ମୋ' ପାଇଁ କ'ଣ ଅଛି ଯେ ଏଠାରେ ପଡ଼ି ରହିଥିବି ?''—ଆନ୍ତେକ୍ କାନ୍ଦକାନ୍ଦ ହୋଇ କହିଲା ।

''ତୋ' କଥାର କୌଣସି ଅର୍ଥନାହିଁ । ଆଉମାନଙ୍କର ନଖେ ହେଲେ ଜମି ନାହିଁ; ତଥାପି ସେମାନେ ପଡ଼ିରହିଛନ୍ତି, କାମ କରୁଚନ୍ତି, ଭଗବାନଙ୍କର ଅଶେଷ କୃପାରୁ ସେମାନଙ୍କୁ କାମ ବି ମିଳିଯାଉଚି । ତେଣୁ ତୋ'ର ମଧ୍ୟ ସେହିପରି କୌଣସି କାମ ଆଦରିନେଇ ଆପଣା

Digitized by srujanika@gmail.com

ପେଟ ପୋଷିବା ଉଚିତ । ସ୍ତ୍ରୀଲୋକଙ୍କ ପରି ଏହି ଅଭିଯୋଗ କରିବା ବଡ଼ ଅସୁନ୍ଦର ଦିଶୁଚି । ତୋ' ଦେହରେ ବଳ ରହିଚି, ସାମର୍ଥ୍ୟ ରହିଚି—ହାତରେ ନାନାପ୍ରକାର କାମଧନ୍ଦା ମଧ୍ୟ ରହିଚି । କିଛି ଜମି ମଧ୍ୟ ରହିଚି !''

''ହଁ, ଜମି ନାହିଁ କ'ଣ ! ଏକ, ଦୁଇ, ତିନି ଏକର ଅଛି !'' ଆନ୍ତେକ୍ ବ୍ୟଙ୍ଗ କଲାପରି ଉତ୍ତରଦେଲା ।

''ତା'ସହିତ ଘରେ ତୋ'ର ମାଇପ ଅଛି, ପିଲାମାନେ ଅଛନ୍ତି । ସେ କଥା କାହିଁକି ଭୁଲିଯାଉଚୁ ?''

ସେତେବେଳକୁ ଦୁହେଁ ଯାଇ ସରାଇଘର ପାଖରେ ଖେଟି ସାରିଥିଲେ । ଘରଭିତରୁ ଝରକାବାଟେ ଆଲୁଅ ଦେଖାଯାଉଥାଏ, ରାସ୍ତା ଉପରଯାଏ ଲୋକମାନଙ୍କର କୋଳାହଳ ମଧ୍ୟ ଶୁଭୁଥାଏ ।

''କ'ଣ ହେଲା, ଏଠି ପୁଣି ମାତଲାମି ଚାଲିଛି ?''

''ଗଲା ଖରାଦିନେ ଯେଉଁମାନଙ୍କୁ ଫଉଜରେ ଯିବାପାଇଁ ବଛାଯାଇଥିଲା, ସେଇମାନେ । ଆସନ୍ତା ରବିବାରଦିନ ରୁଷ୍ ସରକାର ଏମାନଙ୍କୁ କୁଆଡ଼କୁ କେତେଦୂରକୁ ନେଇଯିବ ବୋଲି ଆଦେଶ ଆସିଚି । ତେଣୁ ସେମାନେ ଟିକିଏ ସୁଖ କରି ନେଉଚନ୍ତି ।''

ପପ୍‌ଲାର ଗଛଗୁଡ଼ିକ ପାଖରେ ଠିଆହୋଇ ପାଦ୍ରି ଝରକାବାଟେ ଘରଭିତରେ ଚାଲିଥିବା ଯାବତୀୟ ବ୍ୟାପାରକୁ ବେଶ୍ ସ୍ପଷ୍ଟଭାବରେ ଦେଖିପାରୁଥିଲେ । ମଣିଷଭିଡ଼ରେ ଘରଗୋଟାଯାକ ପୂରିଚି । ସେ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଆରେ ଏହି ଘରଟା ଭିତରେ ତ ଅନେକଲୋକ ଆସି ଜୁଣ୍ଡ ହୋଇଚନ୍ତି !''

''ଆଜି ସେମାନେ ଗୋଟାଏ ସଭା ଡାକିଚନ୍ତି । ଜମିଦାର ଇହୁଦୀମାନଙ୍କୁ ଯେଉଁ ଜଙ୍ଗଲ-ଜମିମାନ ବିକିଦେଇଚି, ସେହି ବିଷୟରେ ପରାମର୍ଶ କରିବାକୁ ଏହି ସଭା ଡକାଯାଇଚି ।''

''କିନ୍ତୁ ଜମିଦାର ତ ମୋଟେ ଅଧେ ଜମି ବିକିଚି ।''

''କିନ୍ତୁ ଆମେ ଗ୍ରାମବାସୀ ରାଜି ନ ହେଲା ପର୍ଯ୍ୟନ୍ତ ଗୋଟାଏ କଣ୍ଟାବୁଦା ବିକିବାକୁ ମଧ୍ୟ ତା'ର କ୍ଷମତା ନାହିଁ !''

''ତୁ କ'ଣ କହିଲୁ''—ବଡ଼ ଉଦ୍‌ବେଗ ପ୍ରକାଶ କରି ପାଦ୍ରି ପଚାରିଲେ ।

''ଆମେ ଛାଡ଼ିବୁ ନାହିଁ ! ଇଏ ହେଉଚି ଏକାବେଳକେ ସିଧାକଥା । ଗାଆଁଯାକ ଲୋକ ଠିକ୍ କରିଛନ୍ତି ଯେ ସେମାନେ ଗୋଟାଏ ହେଲେ ଗଛ ମଧ୍ୟ କାଟିବାକୁ ଦେବେନାହିଁ । ଆଉ ଯଦି ମେଳି କରିବାକୁ ଦରକାର ପଡ଼ିବ, ତେବେ ଗାଆଁ ଗୋଟାଯାକ ଟାଙ୍ଗିଆ ଆଉ କୁରାଢ଼ି ଧରି ତିଆର ହୋଇଯିବେ । ଯେଉଁ ସମ୍ପତ୍ତି ଉପରେ ସେମାନଙ୍କର ପୂରା ହକ୍ ରହିଚି, ସେମାନେ ସେ ସମ୍ପତ୍ତିକୁ କଦାପି ଅନ୍ୟ ହାତକୁ ଛାଡ଼ି ଦେବେନାହିଁ !''

''ହେ ଭଗବାନ, ତୁମରି ଇଚ୍ଛା ! ଭଗବାନଙ୍କର କୃପାରୁ କେବଳ କୌଣସି ହିଂସା ବା ଗଣ୍ଡଗୋଳ ନହେଲେ ହେଲା !''

Digitized by srujanika@gmail.com

''ନାଇଁ ନାଇଁ—ବେଶୀ ହେବନାହିଁ । ଖାଲି ଗୋଟାଏ ଦୁଇଟାଙ୍କର ମୁଣ୍ଡ ଫାଟିବ । ତେବେ ଯୋଉ ନ୍ୟାୟବିଚାର ହେବ !''

''ଆନ୍ତେକ୍, ତୋ' ମୁଣ୍ଡକୁ କ'ର ପିତ୍ତ ଚହଟିଯାଉଛି କି ? ତୁ ପାଗଳଙ୍କ ପରି କ'ଣ ସବୁ କହିବାରେ ଲାଗିଚୁ ?''

ଆନ୍ତେକ୍ ଏ କଥାକୁ କାନକୁ ନେଲାନାହିଁ, ବୁଲିପଡ଼ି ସେଠାରୁ ଚାଲିଗଲା ଓ ଅନ୍ଧାରଭିତରେ ଅଦୃଶ୍ୟ ହୋଇଗଲା । ପାଦ୍ରି ମଧ ତରତର ହୋଇ ଆପଣା ଗୃହକୁ ଫେରିବାକୁ ଲାଗିଲେ ।

ଆନ୍ତେକ୍ ପେଷାଘର ବାଟେ ବାଟ କାଟିଗଲା । ଯେପରିକି ତାକୁ ୟଗ୍ନାଙ୍କ ଘରବାଟ ଦେଇ ଯିବାକୁ ନହୁଏ, ସେ ସେହି ଚେଷ୍ଟା କରୁଥିଲା ।

ତାର ଛାତିଭିତରେ ୟଗ୍ନାର ସ୍ମୃତି ତାକୁ ଘାରି ପକାଉଥାଏ, ଗୋଟାଏ ପୁରୁଣାଘାଆ ପରି ତାକୁ କଷ୍ଟ ଦେବାରେ ଲାଗିଥାଏ ।

ସେ ଦୂରରୁ ଅନାଇ ଦେଖିଲା, ୟଗ୍ନାର ଶୋଇବାଘରେ ଆଲୁଅ ଜଳୁଚି । ସେଠି ଯେପରି ସମସ୍ତେ ମହୋତ୍ସବରେ ମାତି ରହିଚନ୍ତି । ଦଣ୍ଡେ ଅଟକିଯାଇ ସେ ପୁଣି ଥରେ ଦେଖିଲା । ୟଗ୍ନାର ଉଦ୍ଦେଶ୍ୟରେ ତା'ର ହୃଦୟଭିତରୁ କର୍କଶ ବାକ୍ୟବାଣମାନ ଛୁଟିଗଲା ପରି ମନେହେଉଥାଏ । କିନ୍ତୁ ହଠାତ୍ ତା' ଉପରେ ଯେପରି କ'ଣ ଗୋଟାଏ ଆସି ଡୁ କରି ପଡ଼ିଲା ଓ ସେ ତରତର ହୋଇ ସେଠାରୁ ବାହାରିଗଲା ।

''ବର୍ତ୍ତମାନ ସେ ମୋ' ବାପର—ମୋ' ବାପର !''

ସେଇଠୁ ଆନ୍ତେକ୍ ଆପଣାର ଭିଣୋଇ କମାରପୁଅ ପାଖକୁ ଗଲା । ଅବଶ୍ୟ ତା'ଠାରୁ କୌଣସି ପରାମର୍ଶ ମିଳିବ ବୋଲି ଆଶା କରି ସେ ସେଠାକୁ ଯାଇନଥିଲା । କିଛି ନହେଉ ପଛକେ, ବାପର ଘରଠାରୁ ତ ଆଉ ଦଣ୍ଡେ ବାହାରେ ରହିବା ସମ୍ଭବ ହୋଇ ପାରିବ ! ଅନ୍ୟମାନଙ୍କ ସହିତ ଗପସପ କଲେ ମନର ଦହନଟା ମଧ ଆଉ ସେତେ କଷ୍ଟ ଦେବନାହିଁ । ଓଃ, ପାଦ୍ରି ପୁଣି ତାକୁ କାମ କରିବାକୁ ଉପଦେଶ ଦେଉଚନ୍ତି ! ଯାହାର ନିଜର କୌଣସି ଚିନ୍ତା ନାହିଁ, ତା'ପକ୍ଷରେ ଅନ୍ୟକୁ ଉପଦେଶ ଦେବା ଭାରି ସହଜ ! ''ତୋର ମାଇପ ଆଉ ପିଲାଙ୍କ କଥା ତୁ ଭାବୁଚୁ ତ ?''—ସତେ ଯେମିତି ସେ ସେମାନଙ୍କ କଥା ପାସୋରି ପକାଇଚି ! ପୁଣି ମାଇପଟାକୁ ସେ ଭୁଲିବ କପରି ? ନାକକାନ୍ଦୁରୀ—ସବୁବେଳେ ଖାଲି ଡାଆଣୀଙ୍କ ପରି ବଲବଲ କରି ଏଣେତେଣେ ଅନାଉଥିବ ! ହେ ଭଗବାନ୍, ବାହା ନ ହୋଇଥିଲେ ସତେ ସେ କେଡ଼େ ନିର୍ଶ୍ଚିନ୍ତରେ ଥାଆନ୍ତା ! ତା'ର ହୃଦୟଭିତରଟା ହଠାତ୍ ଅଥୟ ହୋଇ ପଡ଼ିଲା । ଶରୀରଟାଯାକ ଯେପରି ରାଗରେ ଜଳିଉଠିବାକୁ ଲାଗିଲା । ମନେହେଲା, କାହାକୁ ହାତପାଆନ୍ତାରେ ପାଇଲେ ସେ ଏହିକ୍ଷଣି ତାର ତଣ୍ଟି ଚିପି ମାରିପକାନ୍ତା, ତା'ର ଅନ୍ତନାଡ଼ିସବୁ ଦୁହିଁ ବାହାର କରିଦିଅନ୍ତା !

କିନ୍ତୁ କାହାକୁ ? ସେକଥା ସେ ଠିକ୍ କରି ଜାଣି ନଥିଲା । ଏହି ପ୍ରଚଣ୍ଡ ରାଗଟା ଯେତିକି ବେଗରେ ଆସିଥିଲା, ପୁଣି ସେତିକି ବେଗରେ ଅନ୍ତର୍ହିତ ହୋଇଗଲା । ଶୂନ୍ୟମନରେ ସେ

Digitized by srujanika@gmail.com

ଅନ୍ଧାରଭିତରକୁ ଦୃଷ୍ଟି ଭେଦ କରାଇବାକୁ ଚେଷ୍ଟା କଲା, ଗରଜି ଉଠୁଥିବା ବତାସର ଶବ୍ଦକୁ କାନଡେରି ଶୁଣିବାର ଚେଷ୍ଟାକଲା । ତା'ପରେ ପ୍ରାୟ ଅଚଳନ୍ତି ହୋଇପଡ଼ିଥିବା ଗୋଡ଼ ଦୁଇଟାକୁ ଘୋଷାରିଘୋଷାରି ସେ ଆଗକୁ ଯିବାକୁ ଲାଗିଲା । ସେ ଅନୁଭବ କଲା, ଯେପରି ତା'ର ମନର ଦୁଃଖ ପର୍ବତ ସମାନ ହୋଇ ତାକୁ ମାଡ଼ିବସିଚି । ଏକପ୍ରକାର ନିଦାରୁଣ ଉଦାସୀନତା ତାକୁ କାମୁଡ଼ି ଧରିଥିବାପରି ମନେହେଲା । ସେ ବର୍ତ୍ତମାନ କୁଆଡ଼େ ଯାଉଚି, କାହିଁକି ଯାଉଚି, ସେ ବିଷୟରେ ତା'ର କୌଣସି ହୋସ ରହିଲା ନାହିଁ ।

''ଯନ୍ତ୍ରଣା ହେଉଚି ମୋ' ବାପର —ମୋ' ବାପର !'' ଏକ କ୍ରମକ୍ଷୀଣ କଣ୍ଠରେ ସେ ବାରବାର ଏହି କେତେ ପଦ କଥା କହିବାକୁ ଲାଗିଲା ।

ଆନ୍ତେକ୍‌କୁ ଦେଖି କମାରପୁଅ ପଚାରିଲା— ''କ'ଣ ଖବର ?''

ଗୋଟାଏ ଗାଡ଼ିର ତାଟ ଉପରକୁ ଆଉଜିପଡ଼ି ଆନ୍ତେକ୍ ଉତ୍ତର ଦେଲା, ''ଖବର ଆଉ କ'ଣ ?'' ସେଠାରେ ମରାମତି ପାଇଁ ଅନେକ ଗାଡ଼ି ଥୁଆ ହୋଇଥିଲା । ଆନ୍ତେକ୍ ଜଳୁଥିବା ଉହା ଆଡ଼କୁ ଅନାଇ ରହିଲା ।

କମାରପୁଅ ପୁଣି କାମରେ ଲାଗିଗଲା ଓ ନିହାଣରେ ଲୁହାକୁ ପିଟିବାରେ ଲାଗିଲା । ମଝିରେ ମଝିରେ ସେ ଆଖିବୁଲାଇ ଆନ୍ତେକ୍ ଆଡ଼କୁ ଅନାଇ ଦେଉଥାଏ, ତା'ର ନାଲିଆନିଶର ପହିତଳୁ ଏକ ହିଂସ୍ର ହାସ୍ୟ ଉକୁଟି ଉଠିବା ପରି ମନେହେଉଥାଏ ।

''ତୁ ପାଦ୍ରି ପାଖକୁ ଯାଇଥିଲୁ ନା ? ସେ କ'ଣ କହିଲେ ?''

''କ'ଣ ଆଉ କହିବେ ? କିଛି ନାହିଁ ! ଗିର୍ଜାରେ ଯାହା କହିଥାନ୍ତେ, ଠିକ୍ ସେଇଆ କହିଲେ ।''

''ତୁ ଆଉଗୁଡ଼ାଏ କ'ଣ ଆଶାକରି ଯାଇଥିଲୁ, କହିଲୁ ?''

''କାହିଁକି, ତାଙ୍କୁ କୋଉ ବିଷୟ ଜଣାନାହିଁ, ସେ କ'ଣ ନଜାଣିଚନ୍ତି କହିଲ ?''

''କ'ଣ ଜଣାଅଛି ? ହଁ ବଚନ ଆଦାୟ କରିନେବେ, ଆଉ ନାହିଁ ବଚନ ଶୁଣାଇବେ ।''

ତା'ର କଥା କାଟିବାକୁ ଆଉ ଆନ୍ତେକ୍‌ର ମନ ହେଲା ନାହିଁ ।

''ମୁଁ ବର୍ତ୍ତମାନ ତୁମରି ଘରକୁ ଯାଉଥିଲି ।'' —ଦଣ୍ଡେ ଚୁପ୍ ରହିବା ପରେ ସେ କହିଲା ।

''ଆଚ୍ଛା, ତୁ ଆଗେ ଆଗେ ଯାଆ । ମୁଁ ପଛେ ପଛେ ଯାଇ ପହଞ୍ଚୁଛି । କାରଣ ପଧାନଙ୍କର ମଧ ଆଜି ଆସିବାର ଅଛି । ଭାଡ଼ିଉପରେ ଧୂଆଁପତର ଅଛି, ଜାଣିଲୁ ?''

କମାରପୁଅର କଥା ଶୁଣିବାକୁ ଆଉ ଆନ୍ତେକ୍‌ର ବେଳ ନଥିଲା । ସେ ରାସ୍ତାର ଆରପାଖରେ ଥିବା ଘରଆଡ଼କୁ ଯିବାକୁ ଲାଗିଲା ।

ସେତେବେଳକୁ ଭଉଣୀ ଉହ୍ନେଇରେ ନିଆଁ ପକାଉଥାଏ, ତା'ର ବଡ଼ପୁଅ ଟେବୁଲ ପାଖରେ ବସି ବର୍ଣ୍ଣବୋଧ ପଢୁଥାଏ ।

Digitized by srujanika@gmail.com

"ସିଏ ମତରେ ପଢୁଚି ନା ଆଉ କ'ଣ କରୁଚି ?"—ଆନ୍ତେକ୍ ପଚାରିଲା, ଗୋଟିଏ ବାଡ଼ିଧରି ଗୋଟି ଗୋଟି ଅକ୍ଷର ଚିହ୍ନି ପିଲାଟି ବନାନ ଶିଖିବାରେ ଲାଗିଥାଏ ।

"ହଁ, ଆଳୁ ଖୋଳା ଆରମ୍ଭ ହେବା ଦିନଠାରୁ ତା'ର ପାଠ ଆରମ୍ଭ ହୋଇଚି । ତା' ବାପାର ତ ଫୁରସତ ନାହିଁ, ତେଣୁ ପେଷାକଳରେ କାମ କରୁଥିବା ଜଣେ ସ୍ତ୍ରୀଲୋକ ପିଲାଟାର ପାଠ ଦେଖିଯାଉଚି ।"

"କାହିଁକି, ଆମଘର ପାଖରେ ରୋକ୍ କାଲିଠାରୁ ଚାହାଳି ବସାଇଚି । ସେଠାକୁ ପଠାଇଲେ ହୁଅନ୍ତା ନାହିଁ ?"

"ହଁ, ମୁଁ ବି ସେଇକଥା ଭାବୁଥିଲି । କିନ୍ତୁ ମାଇକେଲ ମନାକଲା । କହିଲା, ଏଇ ସ୍ତ୍ରୀଲୋକଟି ବେଶୀ ଜାଣିଚି, କାରଣ ସେ ୱାରସ ସହରରେ ପାଠ ପଢ଼ିଚି !'

"ହଁ, ହଁ—" ଆନ୍ତେକ୍ ଉତ୍ତର ଦେଲା ।

"ଆମ ପୁଅ ଏମିତି ଡଗଡଗ କରି ବର୍ଣ୍ଣବୋଧ ପଢ଼ିଯାଉଚି ଯେ, ମାଷ୍ଟରାଣୀ କାବା ହୋଇଯାଉଚି !"

'ନିଶ୍ଚୟ, ନିଶ୍ଚୟ ! ଯେତେହେଲେ ଆମ କମାରପୁଅର ରକତ ତ ! ବାପ ଏଡ଼େ ବୁଦ୍ଧିଆ, ପୁଣି ପୁଅ ବୁଦ୍ଧିଆ ନହେବ କିପରି ?"

'ତୁ ବୋଧହୁଏ ଥଟ୍ଟା କରୁଚୁ, ନାଇଁ ? କିନ୍ତୁ ସିଏ ତ ତୋତେ ଆଗରୁ ସାବଧାନ କରାଇ ଦେଇଥିଲା ବଞ୍ଚିଥିଲାତକ ବାପକୁ ଆଦୌ ବିଶ୍ୱାସ କରାଯାଇ ପାରିବନାହିଁ । ସେ ଆଜି ଯୋଉ ରାଜିନାମା କରିଥିବ, ମନକଲେ କାଲିକି ପୁଣି ସେଇଟା ଭାଙ୍ଗିଦେବ !"

"ହଁ, ସେ ଗୋଟାଏ ହେଟା, ତା' ମୁହଁରୁ କିଏ କ'ଣ ଛଡ଼ାଇ ନେଇ ପାରିବ ? ଛଅମାଣ ଜମି ତ ପରର କଥା ! ମୋ' ଭାରିଯା ଆଉ ମୁଁ ତା'ଘରେ ଚାକର ରହିଚୁ । ଆଉ କଥାକୁ ଦେଖିଲ, ଆଖି ଆଗରେ ଯୋଉ ମାଇକିନିଆ ଆଗ ପଡ଼ିଲା, ସେ ଯାଇ ତା'ସହିତ ସମ୍ବନ୍ଧ କରିବ ବୋଲି ବସିଚି !"

"ତୁ ତା' ସହିତ କଜିଆ ଲଗାଇବୁ, ତାକୁ ଗାଳିଗୁଲଜକରି କହିବୁ, ତା' ବିରୁଦ୍ଧରେ ଅନ୍ୟମାନଙ୍କ ପାଖରୁ ସଲା ମାଗିବୁ । ପରିଶେଷରେ ଫଳ ହେବ ଯେ ସେ ତୋତେ ଘରୁ ତଡ଼ି ବାହାର କରିଦେବ !"—କବାଟ ଆଡ଼କୁ ଅନାଇ ସେ ଆନ୍ତେକ୍‌କୁ କହିଲା !

"ଏକଥା ତୋତେ କିଏ କହିଚି କହିଲୁ !"

"ଲୋକମାନେ ସମସ୍ତେ ଏଇକଥା କହୁଚନ୍ତି !"

"କଦାପି ତଡ଼ିଦେଇ ପାରିବ ନାହିଁ ! ଯଦି ତଡ଼ିଦେବ ତେବେ ସେ ବଳାତ୍କାର କରି ତଡ଼ିଦେବାକୁ ଆସୁ ! ମୁଁ କଚେରିକୁ ଯିବାକୁ ମଧ ପ୍ରସ୍ତୁତ ଅଛି । କିନ୍ତୁ ତା'ପାଖରେ କଦାପି ମୁଣ୍ଡ ନୁଆଁଇବି ନାହିଁ !"

ଏତିକିବେଳେ କମାରପୁଅ ଘର ଭିତରକୁ ପଶିଆସିଲା ଓ କହିଲା— "ହଁ ହଁ, ଖାଲି ମେଣ୍ଢାପରି ମୁଣ୍ଡଟାକୁ ନେଇ ପଥର କାନ୍ଥରେ ଦୁଲ୍‌ଦୁଲ୍ ବାଡ଼େଇବୁ, ଫଟାଇଦେବୁ ନାହିଁଟି ?"

Digitized by srujanika@gmail.com

''ତେବେ ଆଉ କ'ଣ କରିବି କହୁନ ? ତୁମେ ଏତେଲୋକଙ୍କୁ ବୁଦ୍ଧି ବତାଉଚ । ମୋତେ ଗୋଟାଏ ବୁଦ୍ଧି ବତାଇଲ ଦେଖି ?''

''ବୁଢ଼ାକଥାରୁ ବାହାର ହେଲେ କିଛି ଫଳ ହେବନାହିଁ ।''—କମାରପୁଅ ଆପଣାର ପିକାରେ ନିଆଁ ଲଗାଇଲା ଓ ସବୁକଥା ବୁଝାଇ କହିବାକୁ ଚେଷ୍ଟା କଲା । ବୋରିନାର କୌଣସି ଦୋଷନାହିଁ ବୋଲି ଦେଖାଇ ସେ ସବୁ କଜିଆ ମେଣ୍ଟାଇ ଦେବାକୁ ଚେଷ୍ଟା କରୁଥାଏ । ହଠାତ୍ କଥା ମଝିରେ ତା'ର ମତଲବଟା ଠଉରାଇ ନେଇ ଆନ୍ତେକ୍ ବଡ଼ ପାଟିରେ କହିଲା—

''ଥାଉ ଥାଉ, ତୁମେ ମଧ ତା'ପକ୍ଷର ହୋଇଗଲଣି ।''

''ନାହିଁରେ ବାବୁ, ମୁଁ ଫାବିଲା କଥା ହିଁ କହୁଚି !''

''ବୁଢ଼ା ନିଶ୍ଚୟ ତୁମ ହାତରେ କିଛି ଦେଇ ତୁମର ମୁହଁ ବନ୍ଦ କରିଦେଇଚି !''

''ଦେଲେ ଦେଲା ପଛକେ, ତୋ'ପକେଟରୁ ତ ଦେଇନାହିଁ !''

''ନାଇଁ, ମୋ' ସମ୍ପତ୍ତିରୁ କାହିଁକି ଦେବ ? ନିଶ୍ଚୟ ତୁମ ହାତରେ ବେଶ୍ ଗୁଡ଼ାଏ ଧନ ପଡ଼ିଯାଇଚି, ତେଣୁ ଆଉ ଅଧିକ ପାଇଁ ତୁମର କୌଣସି ତ୍ୱରା ନାହିଁ ?''

''ତୁ ଯେତିକି ପାଇଚୁ, ମୁଁ ମଧ ସେତିକି ପାଇଚି !''

''ସେତିକି ପାଇଚ ? ଗାଈଟା ପୁଣି କୋଉଠୁ ଆସିଲା ? ତା'ପରେ ଲୁଗାପଟା ଏଇଟା ସେଇଟା—ମୋ'ବାପଠାରୁ କୋଉକଥା ନନେଇ ତୁମେ ବାକୀ ରଖିଚ କହିଲ ? ହଁ, ବତକ, ଘୁଷୁରିଛୁଆ, ମୋ'ମନରୁ କିଛି ପାସୋର ଯାଇନାହିଁ । ହଁ, ପୁଣି ସେଦିନ ସେ ତୁମକୁ ଆଉ ଗୋଟାଏ ବାଛୁରି ବି ଦେଇଚି । ଏସବୁ ଅଧିକ ନୁହେଁ, ନାହିଁ ?''

''ତୁ ବି ଏସବୁ ନପାଇଥିବୁ ବୋଲି କୋଉ ପ୍ରମାଣ ଅଛି ?''

''ମୁଁ କ'ଣ ଛତରଖିଆ ହୋଇଚି ନା ଡକାଇତ ହୋଇଚି ?''

''ଡକାଇତ ? ତୁ ମୋତେ ଡକାଇତ ବୋଲି କହୁଚୁ ?''

ଦୁହେଁ ମାଡ଼ମାରିବେ ବୋଲି ଦୁହିଁଙ୍କ ଆଡ଼କୁ ଚମକି ଆସିଲେ । କିନ୍ତୁ ଏହି ପର୍ବଟା ଏତିକିରେ ରହିଗଲା । କାରଣ ଆନ୍ତେକ୍ ପୁଣି ଭାରି ଥଣ୍ଡା ମିଜାଜରେ କହିଲା

''ମୁଁ ତ ତୁମକଥା କହୁନଥିଲି । କିନ୍ତୁ ମୁଁ କୌଣସି ପ୍ରକାରେ ମୋର ହକ୍ ପାଉଣା ଛାଡ଼ିଦେବିନାହିଁ !''

ଥଟ୍ଟା କରି କମାରପୁଅ ଉତ୍ତର ଦେଲା—''କିନ୍ତୁ ଜମି ପାଇବା ବା ନପାଇବା ଅସଲକଥା ନୁହେଁ, ତୋ'ମନ କୋଉଥିପାଇଁ ହାଇଁପାଇଁ ହେଉଚି, ସେକଥା ମୁଁ ଭଲ କରି ଜାଣିଚି !''

''କୋଉଥିପାଇଁ ?''

''ଯଗ୍ନା ପାଇଁ । ଯଗ୍ନା ତୋ'ହାତରୁ ଖସିଯିବାକୁ ବସିଚି, ସେଇଥିପାଇଁ ।''

''ତୁମେ କୋଉଦିନ ଦେଖିଚ ?...'' ସେ ଚିତ୍କାର କରି କହିଲା । ମାଡ଼ଟା ଠିକ୍ ତାର ମର୍ମରେ ଯାଇ ବାଜିଥିଲା ।

''ଆରେ କ'ଣ ଥରେ, କେତେଲୋକ କେତେଥର ଦେଖିଥିବେ !''

Digitized by srujanika@gmail.com

''ସେମାନଙ୍କର ଆଖିରୁ ଡୋଳା ଖସି ପଡ଼ିବନାହିଁ !''— କିନ୍ତୁ କହୁକହୁ ତା'ର କଣ୍ଠସ୍ୱର କ୍ରମେ ନରମ ହୋଇ ଆସିଲା, କାରଣ ସେତିକିବେଳକୁ ପଧାନେ ଘର ଭିତରେ ପ୍ରବେଶ କଲେ । ଏ ଦୁହେଁ କାହିଁକି ଏପରି କଜିଆ କରୁଚନ୍ତି, ଖୁବ୍ ସମ୍ଭବ ପଧାନେ ସେହିକଥା ଜାଣିଥିଲେ, କାରଣ ସେ ମଧ କମାରପୁଅର କଥା ସହିତ ତାଳଦେଇ ବୁଢ଼ାର ପକ୍ଷ ସମର୍ଥନ କରିବାକୁ ଆରମ୍ଭ କରିଦେଲେ ।

''ତୁମେ ତା'ପକ୍ଷରୁ କହିବନାହିଁ ତ ଆଉ କିଏ କହିବ ? ତା' ପଇସାରେ ଯୋଉ ମଦମାଉଁସ ତୁମର ପେଟରେ ପଡ଼ିଚି, ସେ କ'ଣ ଖାଲି ମୋଫତରେ ?''

''ସେମିତି ଚଗଲାମି କଥା କହନାହିଁ । ମୁଁ ହେଉଚି ଗାଆଁର ପଧାନ । ତୁ ମୁହଁ ସମ୍ଭାଳି କଥା କହ !''

''ତୁମ ପଧାନପଣକୁ ଖାତିରି କରିବାକୁ ମୋର ଭେକ ସରୁନାହିଁ !''

''କ'ଣ କହିଲା—ଏ ଲୋକଟା କ'ଣ କହିଲା ?''

''କ'ଣ ଶୁଭିଲା ନାହିଁ କି ? ଆହୁରି ଶୁଣିବାକୁ ମନ ହେଉଚି ନା କ'ଣ ?''

''କହିଲୁ ଦେଖି ?''

''କହିବିନାହିଁ କ'ଣ ଡରିବି ? ତୁମେ ଗୋଟାଏ ଅସଲ ମଦୁଆ, ବିଶ୍ୱାସଘାତକ, ଶଠ ଲୋକ ! ଗାଆଁର ସବୁ ପଇସାକୁ ତୁମେ ଖାଲି ଉଡ଼ାଇବାରେ ଲାଗିଚ । ଆହୁରି କହିବି ?''—ହାତ ବଢ଼ାଇ ସେ ଗୋଟାଏ ବାଡ଼ି ଅଣ୍ଡାଳିବାକୁ ଲଗିଲା । ''କିନ୍ତୁ ଏଥର ମୁହଁରେ କହିବିନାହିଁ, ବାଡ଼ିରେ !''

''ହୁସିଆର ହୋଇ କାମ କର, ଯେପରି ପଛକୁ ଅନୁତାପ କରିବାକୁ ନପଡ଼େ ! ଆନ୍ତେକ୍, ତୁ ଜାଣିଚୁ ତ ମୁଁ ଜଣେ ସରକାରୀ ଲୋକ ।''

''ଆରେ ମୋ'ଘରେ କାହିଁକି ଧରାପରା ହେବାକୁ ବସିଚ ? ଏଇଟା କ'ଣ ମଦଖଟି ହୋଇଚି ?''—ପଧାନଙ୍କ ଆଗରେ ଠିଆହୋଇପଡ଼ି କମାରପୁଅ କହିବାକୁ ଲାଗିଲା । କିନ୍ତୁ ସେତେବେଳକୁ ଆନ୍ତେକ୍ ଆପଣା ଅକ୍ତିଆରରୁ ବାହାର ହୋଇଯାଇଥିଲା । ସେ ଦୁହିଁଙ୍କ ଉପରେ ମନଇଚ୍ଛା ଗାଳିବର୍ଷଣ କଲା, ଧଡ଼୍‌କରି କବାଟଟାକୁ ବାଡ଼େଇଦେଇ ସେଠାରୁ ପ୍ରସ୍ଥାନ କଲା ।

ତହିଁ ଆରଦିନ ସକାଳେ ଖାଇବସିଥିବା ବେଳେ ସେ ମନେ ମନେ କହୁଥିଲା— ''ଏଥର ସେମାନେ ସମସ୍ତେ ମୋ'ର ବିରୁଦ୍ଧରେ ଠିଆହେବେ !'' କିନ୍ତୁ ହଠାତ୍ କମାରପୁଅକୁ ଘର ଭିତରକୁ ଆସିବା ଦେଖି ସେ ଭାରି ତାଟକା ହୋଇଗଲା । ଦୁହେଁ ଭଦ୍ର ଓ ସାଧାରଣ ଭାବରେ ଦୁହିଁଙ୍କୁ ସମ୍ବୋଧିବାକୁ ଲାଗିଲେ ।

ତା'ପରେ ଯେତେବେଳେ କୁଟା କାଟିବାଲାଗି ଆନ୍ତେକ୍ ଖଳାଘରକୁ ଗଲା, ସେତେବେଳେ କମାରପୁଅ ମଧ ତା'ସହିତ ଗଲା ଓ ଭାରି ବିଶ୍ୱାସର ସହିତ କହିଲା—

''ମୁଁ ସତ କହୁଚି, କାଲି କଜିଆ କଲାବେଳେ ମୋର କୌଣସି ହୋସ୍ ରହିଲା ନାହିଁ । ମୋ ମୁହଁରୁ ଅନେକ ଅନେକ ଖରାପ କଥା ବାହାରିଗଲା । ଆଜି ସେଥିପାଇଁ ମୁଁ ଗୋଟାଏ ମେଣ୍ଟାମେଣ୍ଟି କରିଦେବା ପାଇଁ ଆସିଚି, ତୋ ସହିତ ହାତ ମିଳାଇ ନେବାକୁ ଆସିଚି !''

Digitized by srujanika@gmail.com

ହାତ ବଢ଼ାଇ ଆନ୍ତେକ୍ ଅବଶ୍ୟ ହାତ ମିଳାଇଲା, କିନ୍ତୁ ଏସବୁ ହାବଭାବରେ ତାର ଆଦୌ ପରତେ ହେଉନଥାଏ । ସେ କହିଲା—

"ହଁ, କାଲି ଆମେ ଦୁହେଁ ମୁହାଁ ମୁହିଁ ହୁଡ଼ି ଯାଇଥିଲୁ । କିନ୍ତୁ ସେଥିପାଇଁ ତୁମ ଉପରେ ମୁଁ କୌଣସି ରାଗ ରଖିନାହିଁ । ସେ ପଧାନଟା ଆସି ମୋର ମୁଣ୍ଡକୁ ଏକାବେଳେକେ ବିଗାଡ଼ି ଦେଇ ଗଲା ।.. ଆରେ ତା'ଘରେ ସିଏ, ମୋ'ଘରେ ମୁଁ ! ସେ କାହିଁକି ଉପରେ ପଡ଼ିବାକୁ ଆସିବ ?"

"ମୁଁ ମଧ ତାକୁ କାଲି ସେଇକଥା କହିଲି ।"

"ପୁଣି ମୋ ସହିତ ଯୁଝିବ ବୋଲି ଆସୁଥିଲା ! ତା' ଭାଇକୁ ସେଦିନ ଯେମିତି ମାଡ଼ ଦେଇଥିଲି, କାଲି ତାକୁ ମଧ ସେହିପରି ଚେଙ୍ଗେ ଦେଇଥାନ୍ତି !"

"ସେ ବିଷୟରେ ମଧ ମୁଁ ତାକୁ ଚେତାଇ ଦେଇଚି ।"—କମାରପୁଅ ଉତ୍ତର ଦେଲା । ଭାରି ଧୂର୍ତ୍ତ ଚାହାଣିରେ ଏପାଖ ସେପାଖ ଅନାଇ ସେ ସତେଅବା ଆପଣାର ମତଲବକୁ ଗୋପନ ରଖିବାକୁ ଚେଷ୍ଟା କରୁଥାଏ ।

"ରଇଥା, ମୁଁ କ'ଣ ତାକୁ ସହଜରେ ଛାଡ଼ିଦେଉଚି ? କୁଆଡ଼େ ସେ ଗୋଟାଏ ବଡ଼ ସରକାରୀ ହାକିମ ବୋଲାଉଚି ! ଭଲକରି ପଟାଏ ନଦେଲେ ତାର ମନେ ରହିବ କେମିତି ?"

"ଆରେ ସେଇ ଲୋକଟା ଉପରେ ଏତେ ଗୁରୁତ୍ୱ ଦେଇ କି ଲାଭ ହେବ ? ହଁ, ଗୋଟାଏ କଥା କହିବା ଲାଗି ମୁଁ ତୋ' କତିକି ଆସିଥିଲି । ଆଜି ଉପରଓଳି ମୋ' ଭାରିଯା ଏଠାକୁ ଆସିବ । ତୁ ତା'ସହିତ ବୁଢ଼ା ପାଖକୁ ଯାଇ ପ୍ରତ୍ୟେକ ବିଷୟରେ ଭଲକରି କଥାବାର୍ତ୍ତା କରିନେବୁ... ତାକୁ ସବୁକଥା ସଫା ସଫା ନକହି ଏ ଅନ୍ଧି ସେ କନ୍ଧି ହେଲେ ଫଳ କ'ଣ ହେବ ? ତୋ' ମନରେ ଯେଉଁସବୁ କଥା ରହିଚି, ତୁ ସବୁ ଖୋଲିକରି କହିଦେବୁ । ହୁଏତ ତୋ'କଥା ରହିବ, ହୁଏତ ରହିବନାହିଁ । କିନ୍ତୁ ତଥାପି ଗୋଟାଏ ବଡ଼ ଅଡୁଆ ତୁଟିଯିବ, ନୁହଁ ?"

"କିନ୍ତୁ ନିର୍ବନ୍ଧ ହୋଇସାରିଲାଣି ଯେତେବେଳେ, ବର୍ତ୍ତମାନ ଆଉ କ'ଣ କରାଯାଇ ପାରିବ ?"

"ତୁ ବିଚାରକରି ଦେଖ । କଜିଆ କରି ଆମର କାଣିକଉଡ଼ିଟାଏ ମଧ ଲାଭ ହେବନାହିଁ । ହଁ, ସେ ନିର୍ବନ୍ଧ କରିସାରିଲାଣି, ଏଇଟା ସତକଥା । କିନ୍ତୁ ବଞ୍ଚି ରହିଥିବାତକ ସେ ଇଚ୍ଛାକଲେ ପୁଣି ସେହି ନିର୍ବନ୍ଧକୁ ମଧ ଭାଙ୍ଗି ଦେଇପାରିବ । ବୁଝିଲୁ ? ସେହି କାରଣରୁ ବର୍ତ୍ତମାନ ବୁଢ଼ାକୁ ଅଧିକ ଚିଡ଼ାଇବା ଆମପକ୍ଷରେ ଆଦୌ ଉଚିତ ହେବ ନାହିଁ । ସିଏ ବାହା ହେବାକୁ ମନ କରିଚି, ବାହା ହେଉ । ତା'ର ସୁଖ କରିବାକୁ ମନ ହେଉଚି ତ ସେ ସୁଖ ନକରିବ କାହିଁକି ?"

ବାହାଘରର ପ୍ରସଙ୍ଗଟା ପଡ଼ିବା ମାତ୍ରକେ ଆନ୍ତେକ୍‌ର ମୁହଁ ଗୋଟାସୁଦ୍ଧା ଶେତା ପଡ଼ିଗଲା । ତା'ର ଦେହଟାଯାକ ଖାଲି ଥରିବାକୁ ଲାଗିଲା ।

"ସିଧା ସିଧା ବୁଢ଼ାର ବିରୋଧ କଲେ ଆଦୌ କାମ ଚଳିବ ନାହିଁ । ତୁ ତା'କଥାକୁ ସମର୍ଥନ କରିଯାଆ । ତାକୁ କହ ଯେ ନିର୍ବନ୍ଧ କରିବାକୁ ଯେତେବେଳେ ତା'ର ଇଚ୍ଛା ହେଲା, ସେତେବେଳେ ନିର୍ବନ୍ଧ କରି ସେ ନିଶ୍ଚୟ ଉଚିତ କାମ କରିଚି । କେବଳ ବର୍ତ୍ତମାନ ବାକୀ ଜମିକୁ

Digitized by srujanika@gmail.com

ଆମହୁହିଁଙ୍କ ନାଆଁରେ କରିଦେବା ବିଷୟରେ ସାକ୍ଷୀଗୁହା ବସି ଗୋଟାଏ ରାଜିନାମା ହୋଇଯିବା ଦରକାର, ବୁଢ଼ାକୁ ତୁ ଏହିକଥାରେ ମଙ୍ଗାଇବାକୁ ଚେଷ୍ଟା କର।''—କମାରପୁଅ କହିଲା।

''ହଁ, କିନ୍ତୁ ୟୁକ୍କା ଆଉ ଗ୍ରିଗୋରି ବିଷୟରେ ପୁଣି କିଛି ହେବ ନା ନାହିଁ ?''—ଟିକିଏ କୁଣ୍ଠାପ୍ରକାଶ କରି ଆନ୍ତେକ୍ ପଚାରିଲା।

''ସେମାନେ ଜମି ବଦଳରେ ଟଙ୍କା ପାଇବେ। ଗ୍ରିଗୋରି ତ ଫଉଜରେ ଅଛି, ତା'ର ବା କୋଉ ଅଭାବ ଅଛି ? ହଁ, ମୋ କଥା ଅନୁସାରେ କାମକଲେ ଆଉ ପଛକୁ ପସ୍ତାଇବାକୁ ପଡ଼ିବନାହିଁ। ଏହିପରି ଭାବରେ ଶେଷକୁ ସବୁ ଜମି ଆମର ହୋଇଯିବ, ମୁଁ ତୋତେ ଜବାବ ଦେଇ କହୁଚି।''

''କିନ୍ତୁ ମେଣ୍ଢା ବଞ୍ଚି ଥାଉଥାଉ ତା'ର ଚମଡ଼ାରେ କୁରୁତା ସିଲାଇ କରିବା କଥା ତୁମେ କହୁନାହଁ ତ ?''

''ଶୁଣ ! ଆଗ ସାକ୍ଷୀମାନଙ୍କ ସାମନାରେ ସେ ଗୋଟାଏ ଜବାବ ଦେଇ ଦେଉ। ତା'ପରେ କ'ଣ କରାଯିବ, ତେଣିକି ଦେଖିବା। ଶେଷକୁ କଚେରଘର ତ ରହିଚି ! ହଁ, ଆଉ ଗୋଟାଏ କଥା ମନେପଡ଼ିଲା। ତୋ' ମାଆ ଯୋଉ ଜମିତକ ଯୌତୁକ ଆଣିଥିଲା...''

''ହଁ, ତୋ' ଭାରିଯା ପାଇଁ ଆଉ ମୋ ପାଇଁ ଏକାଠି ମିଶି ଚାରିମାଣ !''

''କିନ୍ତୁ ଏପର୍ଯ୍ୟନ୍ତ ସେ ସେହି ଜମିକୁ କାହାରିକୁ ନଦେଇ ଆପଣା ହାତରେ ରଖିଚି। ସେହି ଜମିକୁ ସେ ଆପେ ଚାଷ କରି ଭୋଗ କରୁଚି। ସେହି ଜମିର ଫସଲରେ ତୋର ମଧ ଭାଗ ରହିବା ଉଚିତ। ମୁଁ ତୋତେ ଆଉଥରେ କହି ରଖୁଚି; କୌଣସି କଥାରେ ବୁଢ଼ାର ବିରୋଧ କରିବୁ ନାହିଁ, ବାହାଘରରେ ଯୋଗ ଦେବାକୁ ଯିବୁ। ତାକୁ ସବୁବେଳେ ଭଲରେ କଥା କହିବୁ। ତା' ହେଲେ ଦେଖିବୁ, ବୁଢ଼ା କାଇଦାକୁ ଆସିଯିବ। ଏବଂ ଯେବେ ସେ ଶେଷକୁ ଜମି ବିଷୟରେ ରାଜିନାମା କରିବାକୁ ଅମଙ୍ଗ ହୁଏ, ତେବେ ସେକଥା କଚେରିରେ ଦେଖାଯିବ। ୟଗ୍‌ନା ସହିତ ତ ତୋର ଭାରି ଭଲ ପଡ଼େ, ଏଥିରେ ସିଏ ମଧ ତୋ'ର ଅନେକ ଉପକାର କରିପାରିବ। ତୁ ଖାଲି ତା'ଆଗରେ ଯାଇ ସବୁକଥା କହିଲେ ହେଲା ! ୟଗ୍‌ନାକୁ ହାତକଲେ ବୁଢ଼ା ବାଗକୁ ଆସିବାକୁ ଆଉ ବେଶୀ ବେଳ ଲାଗିବନାହିଁ। ତା'ହେଲେ ଏଇକଥା ରହିଲା। ମୁଁ ଯାଉଚି।''

''ହଁ, ସେଇକଥା ରହିଲା। ତୁମେ ଶୀଘ୍ର ଏଠୁ ଚାଲିଯାଅ, ନହେଲେ ମୁଁ ତୁମର ଗାଲରେ ଥାପଡ଼ ମାରି ତୁମକୁ ନିକାଲି ଦେଇ ଆସିବି।''—ଦାନ୍ତକୁ କଷିକରି ଜାକିଧରି ଆନ୍ତେକ୍ ଗର୍ଜନ କରି କହିଲା।

''ପୁଣି ତୋ'ର କ'ଣ ହେଲା ?''—ଆନ୍ତେକ୍‌ର ମୁହଁ ଆଡ଼କୁ ଅନାଇ ବଡ଼ ବିସ୍ମିତ ଭାବରେ କମାରପୁଅ ପଚାରିଲା। ଆନ୍ତେକ୍ କୁଟାକାଟିବା ହତିଆରଟାକୁ ଛାଡ଼ିଦେଇ ହଠାତ୍ ଉଠିଆସିଲା। ତା'ର ଆଖିଦୁଇଟା ବଡ଼ ଭୟଙ୍କର ଭାବରେ ଦପଦପ ହୋଇ ଜଳୁଥାଏ, ତା'ର ମୁହଁଟା ଗୋଟାସୁଦ୍ଧା ବିବର୍ଣ୍ଣ ହୋଇଯାଇଥାଏ।

''ଚୋର, ବଦମାସ, ପାଜି''—ଆନ୍ତେକ୍ ପ୍ରଚଣ୍ଡ ଭାବରେ ଗର୍ଜନ କରି ଉଠିଲା ଓ ତୀବ୍ର ଘୃଣାଭାବ ପ୍ରକଟ କରି ଆଗକୁ ମାଡ଼ିମାଡ଼ି ଆସିଲା।

Digitized by srujanika@gmail.com

କମାରପୁଅ ସେଠାରୁ ଖସି ବାହାରିଗଲା ।

ରାସ୍ତା ଉପରକୁ ଆସି ସେ ଭାବିବାକୁ ଲାଗିଲା— "ଏଇଟାର ମୁଣ୍ଡ ବିଗିଡ଼ି ଯାଇଚି ନା କ'ଣ ? ମୁଁ ତାକୁ ଭଲ କଥା କହୁଥିଲି ଆଉ ସିଏ ବୁଝିଲା ଓଲଟା ! ତୋ' ସହିତ ଜମିରେ ଭାଗ ବସି ମୁଁ ତୋ'ପାଖକୁ ବନ୍ଧୁବିରାଦର ଭାବରେ ଆସିଥିଲି, ଆଉ ତୁ ମୋତେ ବାଡ଼େଇକରି ବାହାର କରିଦେବାକୁ ବସିଲୁ ? ହଁ ବୁଝିଲି, ସବୁ ଜମି ଆପେ ଭୋଗ କରିବା ତୋ'ର ମତଲବ, ନୁହେଁ ? ଆରେ ବାବୁ, ସେ ଭାଗ୍ୟ ଆସି ପହଞ୍ଚିବା ବେଳକୁ ତୁ ଖାଲି ବଞ୍ଚି ରହିଥିଲେ ହେଲା ! ମୋତେ ତୁ ଚିହ୍ନିନାହୁଁ, ନାହିଁ ?"—ତା'ର ରାଗ କ୍ରମେ ଉପରକୁ ଉପରକୁ ଚହଟିବାରେ ଲାଗିଥାଏ । ସେ ଭାବୁଥାଏ ଯେ ଆନ୍ତେକ୍ ନିଶ୍ଚୟ ତା'ର ମତଲବକୁ ଯାଇ ବୁଢ଼ା ବୋରିନା ଆଗରେ ପ୍ରକାଶ କରିଦେବ । ତା'ର ସବୁ ଷଡ଼ଯନ୍ତ୍ର ଧରାପଡ଼ି ଯିବ ବୋଲି ତା'ର ମନରେ ଭାରି ଭୟ ହେବାକୁ ଲାଗିଲା ।

"ନା—ଏ ବିଷୟରେ ଅବଶ୍ୟ ଗୋଟାଏ ପ୍ରତିକାର କରିବାକୁ ହେବ !"—ହଠାତ୍ ଗୋଟାଏ ନିଷ୍ପତ୍ତିରେ ପହଞ୍ଚି ସେ ପୁଣି ବୋରିନାର ଘରକୁ ଫେରିଆସିଲା । ଆନ୍ତେକ୍‌ଠାରୁ ମାଡ଼ ଖାଇବାର ଭୟ ତଥାପି ତା'ର ମନରୁ ଦୂର ହୋଇନଥାଏ ।

"ଆରେ, ତୋ' ସାଆନ୍ତ ଘରେ ଅଛନ୍ତି ?" —ସେ ଭିତେକ୍‌କୁ ପଚାରିଲା । ବତକଗୁଡ଼ାଙ୍କୁ କୂଳକୁ ଆଣିବାଲାଗି ଭିତେକ୍ ପୋଖରୀ ଭିତରକୁ ଟେକା ପକାଇବାରେ ଲାଗିଥାଏ ।

"ସାଆନ୍ତ ପେଷଣିଆ ଘରକୁ ଯାଇଚନ୍ତି । ତାଙ୍କ ବାହାଘର ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କରିବାଲାଗି ଯାଇଚନ୍ତି ।"

"ତେବେ ମୋର ମଧ ସେଇଠାକୁ ଯିବା ଉଚିତ । ହୁଏତ ଭେଟ ମିଳିଯିବ !" ଏହିପରି ଚିନ୍ତାକରି ସେ ପେଷଣିଆ ଘରଆଡ଼େ ଯିବାକୁ ଲାଗିଲା । କିନ୍ତୁ ସେ ଆଗ ଆପଣାର ଘରକୁ ଯାଇ ଆପଣାର ସ୍ତ୍ରୀକୁ ସବୁଠାରୁ ଭଲ ଲୁଗାପଟା ପିନ୍ଧି ଓ ପିଲାମାନଙ୍କୁ ସାଙ୍ଗରେ ନେଇ ଖରାବେଳେ ଆନ୍ତେକ୍ ପାଖକୁ ଯିବାଲାଗି କହି ଦେଇଗଲା ।

"କ'ଣ କରିବାକୁ ହେବ, ସେ ତୋତେ ସବୁ ବତାଇଦେବ । ତୁ ଆପଣା ମନକୁ କିଛି କରିବୁ ନାହିଁଟି ! ତୁ ତ ବାଲୁରୀଟାଏ, ଟିକିଏ କଥାରେ ନାକ ସେଁ ସେଁ କରିବୁ, ବାପର ଗୋଡ଼ଧରି ତଳେ ପଡ଼ିଯିବୁ । କିନ୍ତୁ ଆନ୍ତେକ୍ ଯାହାସବୁ କହିବ ଓ ବାପ ଯାହାସବୁ ଉତ୍ତର ଦେବ, ତୁ ସେସବୁ ମନୋଯୋଗ ଦେଇ ଶୁଣିବୁ , ବୁଝିଲୁ ?—ସେ ଭାରିଯାକୁ ଏହିପରି ତାଗିଦା କରିବାରେ ଲାଗିଲା ।

"ଆଚ୍ଛା, ମୁଁ ଟିକିଏ ପେଷଣିଆ ଘରଆଡ଼େ ଯାଉଚି । ଆମର ଅଟାଟକ ପେଷା ସରିଲାଣି କି ନାହିଁ ଦେଖିଆସିବି ।"—ଘର ଭିତରେ ଆଉ ଦଣ୍ଡେ ଅଟକି ରହିବାକୁ ମଧ ତା'ର ମନ ହେଉନଥାଏ । ଶେଷକୁ ଗୋଟିଏ ଗୋଟିଏ ପାଦ ପକାଇ ଓ ସବୁକଥା ଚିନ୍ତା କରି କରି ସେ ବାହାରକୁ ବାହାରିଗଲା ।

Digitized by srujanika@gmail.com

"ଆଣ୍ଟେକ୍ ମୋତେ ମାରିବାପାଇଁ ସିନା ଧମକ ଦେଖାଉଥିଲା । କିନ୍ତୁ ମୋର ଯେତେଦୂର ଅନୁମାନ ହେଉଚି, ସେ ମୋହରି ପରାମର୍ଶ ଅନୁସାରେ ନିଶ୍ଚୟ କାର୍ଯ୍ୟ କରିବ । ବରଂ ମୁଁ ନରହି ସେଠି ମୋର ଭାରିଯା ରହିଲେ ଅଧିକ ଭଲ ହେବ । ମୋ କ'ଥା ନମାନି ଆଉ ତା'ର ଗତି କାହିଁ ? ନହେଲେ କଜିଆ କରି ଘରୁ ତଡ଼ାଖାଇବାହିଁ ସାର ହେବ !"

ମନଭିତରେ ତା'ର ଜିତାପଟ ହେଲାପରି ସେ ଉଲ୍ଲସିତ ହୋଇ ଉଠିଲା, ମୁଣ୍ଡର ଟୋପିଟାକୁ ସିଧା କରିଦେଲା ଓ କୁରୁତାରେ ବୋତାମ ଲଗାଇ ଦେଲା । କାରଣ ପୋଖରୀଆଡୁ ହାଲୁପାଏ ହେମାଳ ପବନ ଆସି ତା' ଦେହରେ ବାଜିବାକୁ ଲାଗିଲା ।

"ନିଶ୍ଚୟ ହିମ ବରଷିବ, ନହେଲେ ଖରାପ ପାଗ କରିବ !"—ପୋଲ ଉପରେ ଠିଆହୋଇ ଆକାଶ ଆଡ଼କୁ ଅନାଉ ଅନାଉ ସେ ଭାବିବାକୁ ଲାଗିଲା । ଆକାଶରେ କେତେଖଣ୍ଡ ବଉଦ ଭାସି ଯାଉଥାନ୍ତି—ଅନାଇଲା ବେଳକୁ ପଲେ କାଦୁଅ ସରସର ହୋଇଥିବା ଅଗାଧୁଆ ମେଣ୍ଢା ଚାଲିଗଲା ପରି ମନେ ହେଉଥାଏ । ପୋଖରୀର ତରଙ୍ଗ ଗୁଡ଼ିକ କୂଳରେ ଆସି ସଶବ୍ଦ ଆଘାତ କରି ଯାଉଥାଏ । ଏଠିସେଠି ଗଛମାନଙ୍କ ଉଦୁଆଳରେ ଥିବା ତୁଠମାନଙ୍କରେ ବସି ସ୍ତ୍ରୀଲୋକମାନେ କପଡ଼ା କାଚୁଥାନ୍ତି । ସେମାନଙ୍କ ହାତର ପାହାରଗୁଡ଼ାକ ଢୁ' ଢୁ' ହୋଇ ଶୁଭୁଥାଏ । ରାସ୍ତାରେ ଜନପ୍ରାଣୀ କେହି ଦିଶୁନାହାନ୍ତି, କେବଳ କାଦୁଅ ସଡ଼ସଡ଼ ହୋଇ କେଇଟା ବତକ ନାନା ପ୍ରକାର ଅଳିଆ ଓ ପାଚିଲା ପତରରେ ଭରତି ହୋଇ ରହିଥିବା ଖାଲଗୁଡ଼ାକରେ ନସରପସର ହେଉଚନ୍ତି । ଘରଦୁଆରମାନଙ୍କରୁ ପିଲାମାନଙ୍କର କୋଳାହଳ ଶୁଣାଯାଉଚି । ବାଡ଼ ଉପରେ ବସି ଗଣ୍ଡାଗୁଡ଼ାକ ଡାକ ଛାଡ଼ିଚନ୍ତି । ସେଇଥିରୁ ଜଣାପଡୁଛି ଯେ ଏହି ପାଗରେ ନିଶ୍ଚୟ ଗୋଟାଏ ବଡ଼ ପରିବର୍ତ୍ତନ ହେବ ।

"ଯାଉଚି, ପେଷାଘରେ ତା'ପାଇଁ ଅପେକ୍ଷା କରି ବସିବି !"—ଏହିପରି ମନରେ ଭାବି ସେ ଢାଲୁ ରାସ୍ତାରେ ତଳକୁ ଖସିଗଲା ।

କମାରପୁଅ ଚାଲିଯିବା ପରେ ଆଣ୍ଟେକ୍ ପୁଣି କୁଟା କାଟିବାରେ ମନ ଦେଲା, କାମରେ ମଗ୍ନ ହୋଇ କ୍ଷଣକ ମଧ୍ୟରେ ସେ ସବୁକଥା ପାସୋରି ପକାଇଲା । ଏହି ସମୟରେ ଜଙ୍ଗଲରୁ ଫେରିଆସି କୁବା ଡାକଛାଡ଼ି କହିଲା—

"ସେତିକି ଥାଉ । ଯେତିକି କଟା ହେଲାଣି ସେତିକିରେ ତ ଗୋରୁଙ୍କର ଗୋଟାଏ ହପ୍ତା ଚାଲିଯିବ !" ପୁଣି ଆଣ୍ଟେକ୍‌ର ଧ୍ୟାନ ଭାଙ୍ଗିଗଲା । ହତିଆରଟାକୁ ଫୋପାଡ଼ି ଦେଇ ସେ ଥରେ ଭିଡ଼ିମୋଡ଼ି ହେଲା ଓ ତା'ପରେ ଘରଭିତରକୁ ଗଲା ।

ସେ ଚିନ୍ତା କରୁଥାଏ— "ଯାହା ହେବାର ହେଉ ପଛକେ, ଆଜି ମୁଁ ନିକେ ଯାଇ ବାପକୁ ସବୁକଥା କହିଆସିବି । ସେ କମାରପୁଅ ଗୋଟାଏ ସକତ ମିଛୁଆ, ତଥାପି ତା'ର ପରାମର୍ଶଟା ଆଦୌ ମନ୍ଦ ନୁହେଁ "—ଏହିପରି ଭାବି ସେ ବାପାର ଶୋଇବା ଘର ଭିତରକୁ ଉଙ୍କିମାରି ଅନାଇଲା ଏବଂ ତତ୍‌କ୍ଷଣାତ୍ ଶଙ୍କିଯାଇ ପଛକୁ ହଟି ଆସିଲା । ଘର ଭିତରେ ପନ୍ଦର କି କୋଡ଼ିଏ ଯାଏ ଛୁଆ ବସିଚନ୍ତି । ରୋକ୍ ସେମାନଙ୍କୁ ପାଠ ପଢ଼ାଉଚି ଓ ସେମାନଙ୍କ ଆଚରଣ

Digitized by srujanika@gmail.com

ଉପରେ କଡ଼ା ନଜର ରଖିଚି । ହାତରେ ମାଳି ଧରି ସେ ସେମାନଙ୍କ ଚାରିପାଖରେ ବୁଲିଆସୁଚି । ସେମାନଙ୍କର ପାଠପଢ଼ାଟା ଶୁଣୁଚି । ସେମାନଙ୍କର ଭୁଲ ଦେଖିଲେ ଠିକ୍ କରିଦେଉଚି, ପୁଣି କେତେବେଳେ କୋଉ ପିଲାର କାନ ଧରି ମୋଡ଼ି ଦେଉଚି ବା ଆଉ କୋଉ ପିଲାର ମୁଣ୍ଡକୁ ଥାପଡ଼େଇ ଦେଉଚି, କିନ୍ତୁ ଅଧିକାଂଶ ସମୟ ଗୋଟିଏ ଜାଗାରେ ବସି ବହିରୁ ପଢ଼ି ପିଲାମାନଙ୍କୁ ପାଠ ବୁଝାଇ ଦେଉଚି । ପ୍ରଶ୍ନ ପଚାରୁଚି । ପିଲାଏ ଚଟ୍ କରି ଏକ ସ୍ୱରରେ ପ୍ରଶ୍ନଗୁଡ଼ିକର ଉତ୍ତର କହିଦେଉଚନ୍ତି, ସେମାନଙ୍କର ଉତ୍କଣ୍ଠା ଓ ଚଞ୍ଚଳତା ଦେଖି ସେମାନଙ୍କୁ ଉତ୍ତେଜିତ ଭାବରେ କେଁ-କଟର କରୁଥିବା ଚଢ଼େଇପଲ ପରି ମନେହେଉଚି ।

ହାଙ୍କା ରନ୍ଧାବଢ଼ାରେ ବ୍ୟସ୍ତଥାଏ ଓ ଆପଣା ବାପ ସହିତ କଥାବାର୍ତ୍ତା ହେଉଥାଏ । ତା'ର ବାପ କନ୍ଦବା କେମିତି ଝୁଅ ଘରକୁ ଆସି ସଙ୍କୋଳିଯାଏ । ସବୁବେଳେ ନାନା ବେମାରିରେ ବାଧିକି ପଡ଼ିଥିବାରୁ ସେ ବାରବାର ଘରୁ ଗୋଡ଼ କାଢ଼ି କୋଉଠିକି ଯାଇପାରେ ନାହିଁ ।

ଖିଆପିଆ ସରିବା ପରେ କମାର-ଘରଣୀ ପିଲାପିଲିଙ୍କୁ ସାଙ୍ଗରେ ନେଇ ବାପଘରେ ଆସି ପହଞ୍ଚିଲା । ହାଙ୍କାର ବାପା ଝୁଅ ବାନ୍ଧି ଦେଇଥିବା ଚିଜଗୁଡ଼ିକୁ ଗୋଟିଏ ପୁଡ଼ିଆ କରି ତତ୍‌କ୍ଷଣାତ୍ ପ୍ରସ୍ଥାନ କଲା । କିନ୍ତୁ ବୋରିନା ଏତେବେଳଯାଏ ମଧ ଘରକୁ ଫେରିନାହିଁ ।

କିନ୍ତୁ କମାର-ଘରଣୀ ମନେ ମନେ ନିଷ୍ପତ୍ତି କରି ଆସିଥାଏ ଯେ ଆଜି ଯେତେ ଡେରି ହେଉ ପଛକେ, ସଞ୍ଜ ବୁଡ଼ିଯାଉ ପଛକେ, ବାପ ସହିତ ଆଗ କଥାବାର୍ତ୍ତା କରି ତେବେ ଯାଇ ସେ ଘରକୁ ଫେରିବ । ଝରକା ପାଖରେ ପଡ଼ିଥିବା ତନ୍ତରେ ବସି ହାଙ୍କା କ'ଣ ଗୋଟାଏ ବୁଣିବାରେ ଲାଗିଥାଏ ଏବଂ ଆନ୍ତେକ୍ ଓ ତା'ଭଉଣୀ ଭିତରେ ଚାଲିଥିବା କଥାବାର୍ତ୍ତାକୁ ଶୁଣିବା ଲାଗି ମଝିରେ ମଝିରେ ଇଆଡ଼କୁ କାନ ଡେରି ଦେଉଥାଏ । ଅବଶ୍ୟ ସେମାନଙ୍କର କଥାବାର୍ତ୍ତା ଶେଷ ହେବାକୁ ବେଶୀ ସମୟ ଲାଗିଲା ନାହିଁ, କାରଣ ଠିକ୍ ସେହି ସମୟକୁ ଯଗୁଷ୍କିଙ୍କା ମଧ ସେଠାରେ ଆସି ପହଞ୍ଚିଲା ଓ କହିବାକୁ ଆରମ୍ଭ କଲା—

"ମାଥିଆସ ଓ ଯଗ୍‌ନାଙ୍କୁ ମୁଁ ବର୍ତ୍ତମାନ ସାହିରେ ଦେଖିଆସିଲି । ସେମାନେ ଗାଆଁର ବଡ଼ ବଡ଼ ଲୋକଙ୍କୁ ବାହାଘରକୁ ନିମନ୍ତ୍ରଣ କରି ଯାଇଚନ୍ତି । ପାଦ୍ରିଙ୍କୁ ମଧ ନିମନ୍ତ୍ରଣ କରିଚନ୍ତି ।"

"କ'ଣ ହେଲା ? ପାଦ୍ରିଙ୍କୁ ଯାଇ ନିମନ୍ତ୍ରଣ କରିବାକୁ ମଧ ସେମାନଙ୍କର ସାହସ ହେଲା ?" ବିସ୍ମିତ ହୋଇ ହାଙ୍କା ପଚାରିଲା ।

"କାହିଁକି, ସିଏ କ'ଣ ମଣିଷ ନୁହନ୍ତି, ଖାଲି ଗୋଟାସୁଦ୍ଧା ଦେବତା ? ସେମାନେ ଯାଇ ତାଙ୍କୁ ନିମନ୍ତ୍ରଣ କଲେ, ପାଦ୍ରି କହିଲେ, ସମ୍ଭବ ହେଲେ ନିଶ୍ଚୟ ଯିବି । କାହିଁକି ନ ଆସିବେ ? ଝୁଅ କ'ଣ ଅବର୍ଜିଆ ହୋଇଚି, ନା କ'ଣ ଭୋଜିଭାତ ଖରାପ ହେବ ନା କଅଣ ? ପିଇବା ପାଇଁ କ'ଣ ଅଭାବ ରହିବ ନା କଅଣ । ପେଷଣିଆ ଘରର ଘରୁଆ, ଘରଣୀ ଆଉ ଝୁଅ ସମସ୍ତେ ଆସିବେ ବୋଲି କହିଚନ୍ତି । ଏଇ ଲିପ୍‌କା ଗାଆଁରେ ଏପରି ଜାକଜମକରେ ଆଗରୁ କେବେ ବାହାଘର ହୋଇ ନଥିଲା । ଆମ୍ବ୍ରୋଜ୍ ବାହାଘର ଲାଗି ଗୋଟାଏ ଘୁଷୁରି ମାରିଚି, ସେମାନେ ସମସ୍ତେ ଖାଇବାସାମଗ୍ରୀ ତିଆରି କରିବାରେ ଲାଗି ପଡ଼ିଲେଣି ।"—କେହି ତାକୁ କୌଣସି

Digitized by srujanika@gmail.com

ପ୍ରଶ୍ନ ପଚାରୁ ନାହାନ୍ତି ଦେଖି ସେ ହତୋତ୍ସାହ ହେଲାପରି ହଠାତ୍ ଅଟକିଗଲା ଓ ଆଖି ବୁଲାଇ ସମସ୍ତଙ୍କର ନୀରସ ମୁହଁକୁ ଅନାଇ ଦେଖିବାକୁ ଲାଗିଲା ଓ ପୁଣି କହିଲା—

''ମୋ'ର ମନେହେଉଚି ଯେପରି ଏଠି ତୁମମାନଙ୍କ ଭିତରେର କ'ଣ ସବୁ ମନ୍ତଣା ଚାଲିଥିଲା ।''

''ମନ୍ତଣା ଚାଲୁ କି ନଚାଲୁ, ସେଥିରେ ତୋର କ'ଣ ଅଛି ?'' ବଡ଼ ବିରକ୍ତିକର ଭାବ ପ୍ରକାଶକରି କମାର ଘରଣୀ ଜବାବ୍ ଦେଲା । ଯଗୁଷ୍ଟିଙ୍କାର ଦେହରେ ଯେପରି ଛୁଞ୍ଚି ଫୋଡ଼ି ହୋଇଗଲା । ସେ ସେଠାରୁ ଉଠି ଆଉ ଧାଉଡ଼ି ଘରଆଡ଼କୁ ଯକ୍‌କା ପାଖକୁ ବାହାରିଗଲା । ଚାଟଶାଳୀ ଭାଙ୍ଗିବା ପରେ ଯୁକ୍‌କା ସେତେବେଳକୁ ଚଉକି ଓ ବେଞ୍ଚଗୁଡ଼ାକୁ ସଜାଡ଼ି କରି ରଖୁଥାଏ ।

ମୁହଁ ଶୁଖାଇ କମାର-ଘରଣୀ କହିଲା— ''ବାପା କଦାପି କାହାକୁ ହେଲେ କିଛି ଛାଡ଼ି ଦେବେ ନାହିଁ ।''

''କାହିଁକି ଛାଡ଼ିବେ ମ ? ହାତର ସମ୍ପତ୍ତି କିଏ କେବେ ଛାଡ଼ିଲାଣି ନା ଆଜି କିଏ ଛାଡ଼ିବ ?''—ହାଙ୍କା ଉତ୍ତର ଦେଲା ଓ ଆନ୍ତେକ୍ ତା'ଆଡ଼କୁ ଭୟଙ୍କର ଦୃଷ୍ଟିରେ ଅନାଇ ରହିଥିବାର ଦେଖି ସେ ଟିକିଏ ଶଙ୍କିଗଲା । ତା'ପରେ ସେମାନେ ସମସ୍ତେ ସେଠାରେ ଚୁପ୍ ହୋଇ ବସିରହିଲେ । ମଝିରେ ମଝିରେ ହୁଏତ କିଏ କ'ଣ ପଦେ କହିଦେଉଥାଏ, ତା'ପରେ ପୁଣି ସମସ୍ତେ ଚୁପ୍ ହୋଇଯାଉଥାନ୍ତି ।

''ତା' ହାତରେ ବର୍ତ୍ତମାନ ଅନେକ ଟଙ୍କା ଜମା ହୋଇଥିବ । ସେ ତ ଖାଲି ବିକିବାରେ ଲାଗିଚି—ଏଣେ ଖରଚ କରିବାକୁ ବା କ'ଣ ଦରକାର ଅଛି ?''

ଆନ୍ତେକ୍ କେବଳ ହାତଟାକୁ ହଲାଇ ଦେଇ ଭଉଣୀ କହୁଥିବା କଥାର ଜବାବ ଦେଲା ଓ ତା'ପରେ ଦେହରେ ଟିକିଏ ଖୋଲା ପବନ ବଜାଇ ଆସିବାକୁ ବାହାରକୁ ଚାଲିଗଲା । ତା'ର ଅସ୍ୱସ୍ତି ବେଳୁଁବେଳ ବଢ଼ିବାରେ ଲାଗିଥାଏ, କିନ୍ତୁ ଏହି ଅସ୍ୱସ୍ତିର କାରଣଟାକୁ ସେ ଆଦୌ ଠଉରାଇ ପାରୁନଥାଏ । କେତେବେଳ ହେଲା ସେ ବାପ ଆସିବ ବୋଲି ଅପେକ୍ଷା କରି ରହିଚି, ତଥାପି ବାପା ଆସିବାକୁ ନାହିଁ, ପୁଣି ଏଣେ ବାପକୁ ଭେଟିବା ପଛାଇ ପଛାଇ ଯାଉଚି ବୋଲି ତା'ର ମନରେ ସେ ଗୋଟାଏ ପ୍ରକାର ଆନନ୍ଦ ମଧ ଅନୁଭବ କରୁଚି । ''ଜମି ସକାଶେ ତୋ'ର ରାଗ ନାହିଁ, ତୋ'ର ରାଗ ଯଗ୍‌ନା ସକାଶେ !'' — କାଲି କମାରପୁଅ କହିଥିବା ଏହି କଥା କେଇପଦ ହଠାତ୍ ତା'ର ମନେପଡ଼ିଗଲା । ''ସେ ଗୋଟାଏ ମିଛୁଆ କୁକୁର !''— ରାଗର ପ୍ରକୋପରେ ତା'ର ଓଠ ଭିତରୁ ଏହି ଉତ୍ତରଟା ବାହାରି ପଡ଼ିଲା । ତା'ପରେ ସେ ଆପଣା କାମରେ ଲାଗିଗଲା । ଭିତେକ୍ ତାକୁ ତାଳପତ୍ର ଯୋଗାଇ ଦେଉଥାଏ । କିନ୍ତୁ କାମ କଲାବେଳକୁ ଆନ୍ତେକ୍‌ର ହାତ ଥରିବାରେ ଲାଗିଥାଏ, ସେ ମଝିରେ ମଝିରେ ହଠାତ୍ ରହିଯାଉଥାଏ ଏବଂ କାନ୍ଥ ଉପରକୁ ଆଉଜିପଡ଼ି ସେ ଥୁଣ୍ଟାଗଛ ଗୁଡ଼ାକର ଫାଙ୍କ ଦେଇ ପୋଖରୀ ସେପାଖରେ ଥିବା ଯଗ୍‌ନାର ଘର ଆଡ଼କୁ ଅନାଇ ରହୁଥାଏ । ନା—ବର୍ତ୍ତମାନ ତା'ର ମନ

Digitized by srujanika@gmail.com

ଭିତରେ ଜାଗ୍ରତ ହେଉଥିବା ଭାବଙ୍କୁ କଦାପି ଭଲ ପାଇବାବୋଲି କୁହାଯାଇ ପାରିବ ନାହିଁ—ଏହା କେବଳ କ୍ରୋଧ, କେବଳ ଘୃଣା । ଯଗ୍‌ନା ମଣିଷ ନୁହେଁ, ସେ କେବଳ ଘୃଣାର ପାତ୍ର । ସେମାନେ ସମସ୍ତେ ମିଳି ତା' ଆଡ଼କୁ ଖଣ୍ଡେ ହାଡ଼ ପକାଇ ଦେଲେ, ଆଉ ସେ ସେହି ହାଡ଼ ପଛରେ ଗୋଡ଼ାଇବାକୁ ଆରମ୍ଭ କରିଦେଲା !

ସେ ଏହିପରି ଭାବି ଭାବି ଚାଲିଥାଏ । କିନ୍ତୁ ହଠାତ୍ କେଉଁ ଅଜ୍ଞାତ ସ୍ଥାନରୁ ମାଡ଼ିଆସିବା ପରି କେତେ ଅତୀତର ସ୍ମୃତିମାନ ଆସି ତା'ର ହୃଦୟକୁ ଅଧିକାର କରି ବସିଲା, ସତେ ଯେପରି ସେହି ସ୍ମୃତିଗୁଡ଼ାକୁ ସେ ଆପଣାର ଆଖିଆଗରେ ଦେଖିବାକୁ ପାଇଲା !... ତା'ର ଆଖିପତା ଦୁଇଟି ହଠାତ୍ ଝାଳେଇ ଆସିଲା । ଆଖି ଫକଫକ ଡେଇଁବାକୁ ଲାଗିଲା, ତା'ର ଶରୀର ଭିତରେ ଯେପରି କ'ଣ ଗୋଟାଏ ଭାରି ତ୍ରସ୍ତ ଓ ଉତ୍ତେଜିତ ହୋଇ ପଡ଼ିଲାପରି କମ୍ପିବାକୁ ଆରମ୍ଭ କଲା । ହଁ, ସେଇ ତୋଟା ଭିତରେ । ହଁ, ତା'ପରେ ଆଉଦିନେ ଜଙ୍ଗଲରେ ! ତା'ପରେ ପୁଣି ଆଉ ଥରେ—ଯେଉଁଦିନ ଦୁହେଁ ଏକାଠି ହୋଇ ସହରରୁ ଘରକୁ ଫେରୁଥିଲେ !

ହଠାତ୍ ତା'ର ସମସ୍ତ ମସ୍ତିଷ୍କଟା ଭ୍ରମିଗଲା ପରି ମନେହେଲା । ସେହି ଜ୍ୱଳନ୍ତ ରୂପବନ୍ତ ମୁହଁଟି, ସେହି ଗାଢ଼ନୀଳ ଆଖି ଦୁଇଟି, ସେହି ଅଦ୍ଭୁତ ଭାବରେ ଘଟଣ ହୋଇ ଖଣ୍ଡା ହୋଇଥିବା ନାଲି ନାଲି ଓଠ—ହଠାତ୍ ସେ ଯଗ୍‌ନାର ବାସନାବିହ୍ୱଳ ଖର ନିଃଶ୍ୱାସକୁ ଆପଣାର କାନ ପାଖରେ ଶୁଣିବାକୁ ପାଇଲା; ପ୍ରେମ ଓ କାମନାରେ ଧୀର ଓ ଅସ୍ପଷ୍ଟ ହୋଇ ଆସୁଥିବା ତାର କଣ୍ଠସ୍ୱର ଶୁଣିବାକୁ ପାଇଲା । ତା'ର ମନେହେଲା ସତେ ଯେପରି ଯଗ୍‌ନା ତାକୁ ଡାକିକରି କହୁଚି—''ଆନ୍ତେକ୍, ଆନ୍ତେକ୍'', ପୁଣି ସେ କ୍ରମେ ତାହାରି ଆଡ଼କୁ ଆନତ ହୋଇ ଆସୁଚି । ତା'ର ଅତି ନିବିଡ଼ ନିକଟକୁ ଆଉଜି ଆସୁଚି—ହଠାତ୍ ଆପଣାର ଶରୀର ଉପରେ ସେ ଯଗ୍‌ନାର ସ୍ପନ୍ଦନମୟ ଦେହର ସ୍ପର୍ଶ ଅନୁଭବ କରିବାକୁ ଲାଗିଲା !... କିନ୍ତୁ ଏହି ମଧୁର ମାୟା ମମତାକୁ ଘୁଞ୍ଚାଇଦେବା ଉଦ୍ଦେଶ୍ୟରେ ଆନ୍ତେକ୍ ଆପଣାର ଆଖିଦୁଇଟା ପୋଛି ପକାଇଲା । ତଥାପି ତା'ର ହୃଦୟଭିତରେ ତା'ର ବେଦନାପୀଡ଼ିତ ପ୍ରେମାଭିଳାଷ ପୁଣି ଥରେ ଆପଣାର କଣ୍ଟକକିରୀଟ ମସ୍ତକଟିକୁ ଉତ୍ତୋଳନ କରିବାକୁ ଆରମ୍ଭ କଲା । ଏହି ଅଭିଳାଷର ବେଦନା ପ୍ରକୃତରେ ବଡ଼ ବିଷମ, ବଡ଼ ମର୍ମନ୍ତୁଦ । ଯେତେ ଜୋରେ ଚିତ୍କାର କଲେ ମଧ୍ୟ ଏହି ବେଦନାର ନିରାକରଣ କଦାପି ସମ୍ଭବ ନୁହେଁ ।

''ବଜ୍ରପାତ ହୋଇ ତା'ର ମୃତ୍ୟୁ ହୋଇଯାଉ ! ''—ଆନ୍ତେକ୍ ଅତ୍ୟନ୍ତ ବିକଳ ହୋଇ ଚିତ୍କାର କରି ଉଠିଲା, କିନ୍ତୁ ପରମୁହୂର୍ତ୍ତରେ ଆପଣାକୁ ସଂବୃତ କରିନେଇ ସେ ତୀକ୍ଷ୍ଣ ଦୃଷ୍ଟିରେ ଚତୁର୍ଦ୍ଦିଗକୁ ଅନାଇ ଦେଖିଲା । ତା'ର ଆଶଙ୍କା ହେଉଥିଲା, କାହାକୁ ଉଦ୍ଦେଶ୍ୟ କରି ସେ ଏପରି ଅଭିଶାପ ଦେଲା, କାଳେ ଭିତେକ୍ ସେ ବିଷୟରେ କିଛି ବୁଝିପାରିଥିବ !

ଥରେ ସାହସ କରି ବାପା ଆଗରେ ଠିଆହୋଇ ସେ କେତେଥର ଏହିକଥା କହିବ ବୋଲି ସଂକଳ୍ପ କରିଚି, ''ତୁମେ ଯଗ୍‌ନାକୁ କଦାପି ବିବାହ କରିପାରିବନାହିଁ, ସେ ହେଉଚି ମୋର !'' କିନ୍ତୁ ଏହି କଥା ଚିନ୍ତା କଲା ମାତ୍ରକେ ଭୟରେ ତା'ର ରୋମାଞ୍ଚ ଜାତ ହୋଇଚି । ଏକଥା ଶୁଣିଲେ ତା'ର ବାପା ତାକୁ କ'ଣ କହିବ, ଗାଆଁଟାଯାକ ଲୋକ କ'ଣ କହିବେ ?

Digitized by srujanika@gmail.com

ତା'ହେଲେ ଏଣିକି ସେହି ଯଗ୍ନା ତା'ର ସାବତମାଆ ହୋଇ ଆସିବ—ଗୋଟାଏ ପ୍ରକାରେ ଦେଖିଲେ ତା'ର ମାଆ ହୋଇ ଆସିବ ! କିନ୍ତୁ ଏକଥା କି କେବେ ସମ୍ଭବ ହୋଇପାରେ ? ଏପରି ଘଟଣାକୁ ଏକ ନିନ୍ଦନୀୟ ପାପ ବୋଲି କହିବା ଉଚିତ ନୁହେଁ କି ? ଏ ବିଷୟରେ ଅଧିକ ଚିନ୍ତା କରିବାକୁ ମଧ ତାକୁ ଡର ମାଡୁଥାଏ । ଏହି ପାପ ଲାଗି ଭଗବାନ ତା'ପାଇଁ କି ଦଣ୍ଡର ବ୍ୟବସ୍ଥା କରିବେ କେଜାଣି ? ତା'ର ହୃଦୟ ଭିତରଟା ସତେଅବା କରତି ହୋଇଯାଉଥାଏ । ଏସବୁ କଥାକୁ ସେ ମନ ଭିତରେ ଲୁଚାଇ ରଖିବ ବା କିପରି, ଛାତି ଭିତରେ ଏହି ଅଙ୍ଗାର ନିଆଁକୁ ଲୁଚାଇ ରଖିଲେ ସେ ତା' ଦେହର ହାଡ଼କୁ ମଧ ପୋଡ଼ି ଭସ୍ମ କରିଦେବ । କୋଉ ମଣିଷ ଏ କଷ୍ଟ ସହ୍ୟ କରିପାରିବ କହିଲ ?

ବାହାଘର ଆଉ ମୋଟେ ସାତଟା ଦିନ ବାକୀ ରହିଲା ?

''ଏଇ ସାଆନ୍ତେ ଆସିଲେଣି !''—ଭିଟେକ୍ ପାଟିକରି କହିଲା, ଆନ୍ତେକ୍ ଏକ ଦୁଃଖମୟ ଅସ୍ୱସ୍ତିରେ ଥରୁଥିବା ପରି ଅନୁଭବ କରୁଥାଏ ।

ସେତେବେଳକୁ ସଞ୍ଜ ହୋଇଆସିଲାଣି ।

ସଞ୍ଜବୁଡ଼ିବା ସଙ୍ଗେ ସଙ୍ଗେ ଶୀତ ବି ମାଡ଼ି ଆସୁଥାଏ । ମାଟି ହେମାଳ ହୋଇଗଲାଣି । ହିମପବନ ଦେହରେ ଛୁଞ୍ଚି ମାରିଦେଇ ଯାଉଚି । ପାଣି ଭିତରେ ଗୋରୁ-ମାନଙ୍କର ଖୁରା ପଡ଼ିବାର ଚବଚବ ଶବ୍ଦ ଶୁଭୁଚି, କୋଉଠି କାହାଘରର ଫାଟକ କେଁ କେଁ ହେଉଚି, ଦୂରରୁ ପିଲାମାନଙ୍କର କୋଳାହଳ ଓ କୁକୁର ଭୁକିବା ଶୁଣାଯାଉଚି । କାହା କାହା ଘରର ଝରକା ଭିତରୁ ବତିର ଆଲୁଅ ଦେଖାଗଲାଣି, ପାଣି ଉପରେ ସେହି ଆଲୁଅର ସୁଦୀର୍ଘ ଛାଇମାନ ଆସି ପଡ଼ିଚି । ଜଙ୍ଗଲ ସେପଟୁ ରଡ଼ ଘଷିଫରାଏ ପରି ପୂର୍ଣ୍ଣିମାର ଜହ୍ନ ନାଲି ହୋଇ ଧୀରେ ଧୀରେ ଉଠିଆସୁଚି ।

ବୋରିନା ଦୁଆରଭିତରକୁ ଆସି ବାଛୁରୀମାନଙ୍କୁ ଗାଈମାନଙ୍କ ଗୁହାଳକୁ ଛାଡ଼ି ଦେଇଥିବାରୁ ଆଗ କୁବା ଓ ଭିଟେକ୍‌କୁ ଗାଳି ଦେଲା । ତା'ପରେ ଘର ଭିତରେ ପ୍ରବେଶ କଲା । ଆଗନ୍ତୁକମାନେ ତା'ପାଇଁ ଅନିଷା କରି ବସିଚନ୍ତି । ସେମାନେ କେହି କିଛି କହିଲେ ନାହିଁ, କେବଳ ଥରେ ତା' ଆଡ଼କୁ ଅନାଇ ତା'ପରେ ତଳକୁ ମୁହଁ ପୋତିଦେଲେ । ଘରମଝିକୁ ଆସି ସେମାନଙ୍କ ଆଡ଼କୁ ଅନାଇ ବୋରିନା ବିରକ୍ତ କଣ୍ଠରେ ପଚାରିଲା—

''ଏଠି ଆସି କାହିଁକି ସମସ୍ତେ ଏକଜୁଟ ହୋଇଚ ଶୁଣେ ! କ'ଣ ବିଚାର ପଡ଼ିବବୋଲି ସଭା ବସିଚି ?''

''ନାଇଁ, କିଛିନାହିଁ''—କମାର-ଘରଣୀ ସଙ୍କୁଚିତ ଭାବରେ ଜବାବ ଦେଲା । ''ଆମେ ବାପ ପାଖରେ ଗୋଟାଏ ଅରଜି ଦେବାକୁ ଆସିଚୁ !''

''କିନ୍ତୁ ତୋ'ର ଗେରସ୍ତ ଆସିନାହିଁ କାହିଁକି ?''

''ତା'ର କାମ ଥିଲା ବୋଲି ସେ ଆସି ପାରିଲାନାହିଁ ।''

''ଓଃ, କାମ ଥିଲା ? ଭାରି କାମିକା ମଣିଷଟାଏ ନା !''—ବୋରିନା ଉତ୍ତର ଦେଲା ଓ ଦେହରୁ କୁରୁତାଟାକୁ କାଢ଼ି ଫୋପାଡ଼ିଦେଇ ଗୋଡ଼ରୁ ଜୋତା ଓହ୍ଲାଇବାକୁ ବସିଲା ।

Digitized by srujanika@gmail.com

ସମସ୍ତେ ଚୁପ୍‌ଚାପ୍ ଥାଆନ୍ତି, କଥାଟାକୁ କେମିତି ଉକ୍ତ କରିବାକୁ ହେବ, ସେଥିପାଇଁ ବାଟ ପାଉନଥାନ୍ତି । ଗଳା ଭିତରଟାକୁ ସାଫ୍ କରିନେଇ କମାର-ଘରଣୀ ଆପଣାର ପିଲାଙ୍କୁ ଆହୁରି କତିକୁ ନେଇଆସିଲା । ଦୁଆରବନ୍ଧ ଉପରେ ବସି ହାଙ୍କା କୋଡ଼ପିଲାଟାକୁ ଦୁଧ ଦେଉଥାଏ ଓ ହାଣିଲାଭଳିଆ ଚାହାଣିରେ ଆନ୍ତେକ୍ ଆଡ଼କୁ ଅନାଉଥାଏ । କ'ଣ କିହବ ଠିକ୍ କରିନପାରି ଆନ୍ତେକ୍ ଝରକା ପାଖରେ ବସି ରହିଥାଏ ଓ ନାନାପ୍ରକାର ଭାବନାରେ ଉତ୍ତେଜିତ ହୋଇ ଗୋଟାସୁଦ୍ଧା ଥରିବାରେ ଲାଗିଥାଏ । କେବଳ ୟୁକ୍‌କା ଯାହା ଥିରହୋଇ ବସି ଆଳୁର ଚୋପା ଛଡ଼ାଉଥାଏ ।

"କ'ଣ କହିବାକୁ ଅଛି କହୁନା କାହିଁକି ?" —ବୁଢ଼ା ତୀକ୍ଷ୍ଣଭାବରେ କହିଲା । ସମସ୍ତଙ୍କର ଏହି ନୀରବତା ତାକୁ ଆଦୌ ଭଲ ଲାଗୁନଥାଏ ।

"ଆଗ ଆନ୍ତେକ୍ ସେହି ନିର୍ବନ୍ଧଟା ବିଷୟରେ କହୁ, ତା'ପରେ ଆମେ ସମସ୍ତେ କହିବୁ"—କହିଲା ବେଳକୁ କମାର-ଘରଣୀର ପାଟି ଲାଗିଯାଉଥାଏ ।

"ନିର୍ବନ୍ଧ ? ନିର୍ବନ୍ଧଟା ତ ପକ୍‌କା ହୋଇ ସାରିଲାଣି । ରବିବାର ଦିନ ବିଭାଘର ହେବ !"

"ଆମକୁ ସେକଥା ଜଣା ଅଛି, କିନ୍ତୁ ଆମେ ଆଉ ଗୋଟାଏ କାରଣରୁ ଆସିଥିଲୁ ।"

"କୋଉ କାରଣରୁ ?"

"ତୁମେ ଛଅ ଛଅ ମାଣ ଜମି ତା'ନାଆଁରେ ଲେଖିଦେଇଚ !"

"ମୋ'ର ଯେପରି ମନହେଲା, ମୁଁ କଲି ! ଇଚ୍ଛାକଲେ ମୁଁ ବର୍ତ୍ତମାନ ମଧ ମୋ'ର ସବୁଜମିକୁ ତା'ନାଆଁରେ ଲେଖି ଦେଇ ଆସିବି !"

"ସବୁଜମି ଯଦି ତୁମର ହୋଇଥାନ୍ତା, ତେବେ ସିନା ତୁମେ ତାହା କରିପାରନ୍ତ !"—ଆନ୍ତେକ୍ କହିଲା ।

"ସବୁ ଜମି ମୋର ନୁହେଁ ତା ଆଉ କାହାର ?"

"ତୁମ ପିଲାଙ୍କର—ଆମର !"

"ମିଛକଥା ! ମୋ'ର ଜମି, ମୁଁ ସେ ଜମିକୁ ଯାହା କରିବି ସେଥିରେ କାହାର କ'ଣ କହିବାର ଅଛି ?"

"ସବୁ ଜମି ତୁମର ନୁହେଁ, ତେଣୁ ତୁମେ ଜମିକୁ ଯାହା କରିବାକୁ ଇଚ୍ଛା କରିବ, ତାହା କରି ପାରିବନାହିଁ ।"

"ତୁ ମୋତେ ମନା କରିବୁ—ତୁ ଅଟକାଇ ରଖିବୁ ?"

"ହଁ ରଖିବି, ଆମେ ଅଲବତ ଅଟକାଇ ରଖିବୁ । ନହେଲେ କଚେରି ଆମ ଆପତ୍ତିର ଫଇସଲା କରିଦେବ ।"—ଆନ୍ତେକ୍ ଆଉ ନିଜକୁ ସମ୍ଭାଳି ରଖି ପାରିଲା ନାହିଁ । ରାଗରେ ସେ ଗୋଟାସୁଦ୍ଧା ଥରିବାରେ ଲାଗିଥାଏ ।

"ମତେ କଚେରିର ଧମକ ଦେଖାଇବାକୁ ଆସିଚୁ ? ଭଲରେ ଭଲରେ କହୁଚି ମୁହଁ ସମ୍ଭାଳିକରି ରଖ । ନଚେତ୍ ମୋର ରାଗ ଚହଟିଗଲେ ତେଣିକି ଆଉ ମୋତେ ଦୋଷ ଦେବୁନାହିଁ !"

Digitized by srujanika@gmail.com

''କିନ୍ତୁ ତୁମେ ଆମ ଉପରେ କଦାପି ଏପରି ଅବିଚାର କରି ପାରିବନାହିଁ !'' —ବଡ଼ ପାଟିକରି ହାଙ୍କା କହିଲା ।

''ସେ ମାଇପିଟା ସେଠି ବସି କ'ଣ କହୁଚି ଟି ? ବାପଘରୁ ଆସିଲା ବେଳେ ତିନିମାଣ ବାଲିଜମି ଆଉ ଅଖାପରି ଖଣ୍ଡେ କନାନେଇ ଆସିଥିଲା ବୋଲି ସିଏ ମଧ୍ୟ ଜିଭ ନଡ଼ନଡ଼ କରିବାକୁ ଆସିଚି ?''

''ତୁମେ ତ ଆଣ୍ଟେକ୍‌କୁ ତା'ଠାରୁ ମଧ୍ୟ କମ୍ ଦେଇଚ ! ତା 'ମାଆ ଯୋଉ ଜମିକୁ ଯୌତୁକରେ ଆଣିଥିଲା, ସେଇ ଜମିକୁ ମଧ୍ୟ ଆପଣା ପାଖରେ ରଖିଚ । ଆମେ ତ ତୁମଘରେ କୋଠିଆପଣ କରି ରହିଚୁ !''

''କିନ୍ତୁ କାମ ଯେମିତି କରୁଚ, ମୋ'ର ତିନିମାଣ ଜମିର ଫସଲ ସେମିତି ଖାଉଚ !''

''କିନ୍ତୁ ଯାହା କାମ କରୁଚୁ, ତାହା ତ କୋଡ଼ିଏ ମାଣର ସରି ହେବ ।''

''ଯଦି ଏଠି ଭଲ ବ୍ୟବହାର ମିଳୁନାହିଁ ବୋଲି ମନେ କରୁଚ, ତେବେ ଯାଉନା ଆଉ କୋଉଠି ଭଲ ବ୍ୟବହାର ପାଇବ ?''

ଏକଥା ଶୁଣି ଆଣ୍ଟେକ୍ ପାଟି କରି ଉଠିଲା— ''ଆମେ ଆଉ କୋଉଠିକି କାହିଁକି ଯିବୁ ? ଏ ଜମି ହେଉଚି ଆମର ଜମି, ଆମ ପୂର୍ବପୁରୁଷଙ୍କର ଜମି !''

ବୁଢ଼ା ବୋରିନା ତା'ଆଡ଼କୁ କଟମଟ କରି ଅନାଇ ରହିଲା, କିନ୍ତୁ ତା କଥାର କୌଣସି ଜବାବ ଦେଲା ନାହିଁ ।

କିଛି ସମୟ ପର୍ଯ୍ୟନ୍ତ ସମସ୍ତେ ଚୁପ୍‌ଚାପ୍ ବସି ରହିଲେ । ସମସ୍ତଙ୍କର ଖରନିଶ୍ୱାସଗୁଡ଼ାକ ବ୍ୟତୀତ ଘରଭିତରର ନୀରବତା ଭଙ୍ଗ କରିବାକୁ ଆଉ କିଛି ଶୁଣା ଯାଉନଥାଏ ।

''ତୁମ ବାହାଘର ବିରୋଧରେ ଆମର କିଛି କହିବାକୁ ନାହିଁ । ତୁମର ଇଚ୍ଛା ହେଉଚି ତ ତୁମେ ବାହା ହେବ । ସେଥିରେ ଆମେ କାହିଁକି କ'ଣ କହିବାକୁ ଯିବୁ ?''

''ତୁମେମାନେ କ'ଣ କହିଲେ ଯେପରି ମୁଁ ସେଥିପାଇଁ ଡରିବାକୁ ବସିଚି !''

''କେବଳ ଜମି ବିଷୟରେ କରିଥିବା ଚୁକ୍ତିଟାକୁ ତୁମେ ଖାରଜ କରିଦିଅ ''— ଲୁହ ଢଳଢଳ ଆଖିରେ ହାଙ୍କା କହିଲା ।

''ସେ କୁକୁରଜନମକାରୀ ସେଠି କାହିଁକି ବାଲୁରୀଙ୍କ ପରି ତୁଣ୍ଡ ବଜର ବଜର କରୁଚି ?''—କହି ବୋରିନା ଏପରି ଜୋରରେ ଉହ୍ନେଇକୁ ଫୁଙ୍କିବାକୁ ଲାଗିଲା ଯେ ଅଗ୍ନିକଣାଗୁଡ଼ାକ ଘର ଭିତରଯାକ ଉଡ଼ିବାକୁ ଆରମ୍ଭ କଲା ।

''ହୁସିଆର ହୋଇ କଥା କହ । ସେ ତୁମର ପୋଇଲୀ ହୋଇନାହିଁ ଯେ ତୁମେ ତାକୁ ଏପରି ଖରାପ କଥାମାନ କହିବ !''

''ତା'ହେଲେ ସେ କାହିଁକି ଉପରେପଡ଼ି କଥା କହୁଚି ?''

''ତା'ର କହିବାକୁ ହକ୍ ଅଛି ବୋଲି ସେ କହୁଚି !''—ଆଣ୍ଟେକ୍ ଜବାବ ଦେଲା । ''ସେ ଆମର ଉଆଜିବ ପାଉଣା ଦାବି କରୁଚି !''

Digitized by srujanika@gmail.com

କମାର-ଘରଣୀ ମଝିରେ ଥାଇ କହିବାକୁ ଲାଗିଲା, ‘‘ଯଦି ତୁମର ମନ ମାନୁନାହିଁ ତେବେ ସେହି ଚୁକ୍ତିଟା ପଛେ ସେମିତି ଥାଉ । କିନ୍ତୁ ବାକୀ ଜମିତକ ଆମ ନାଆଁରେ କରିଦିଅ ।’’

‘‘ଶୁଣ ସେ ଅଲସେଇଟାର କଥାକୁ ! ସେ ମୋର ଜମିରେ ବାଣ୍ଟ ବସାଇବାକୁ ଆସିଚି ! ନାହିଁ, ଏଣିକି ମୁଁ ଆଉ ତୁମମାନଙ୍କ ହାଣ୍ଡିରେ ଖାଇବିନାହିଁ କି ତୁମମାନଙ୍କ ଘରେ ରହିବିନାହିଁ— ଆଜି ସାଫ୍ ସାଫ୍ କହିଦେଲି !’’

‘‘କିନ୍ତୁ ଆମେ କଦାପି ଛାଡ଼ିଦେବୁନାହିଁ । ଆମକୁ ନ୍ୟାୟ ମିଳିବା ଦରକାର ।’’

‘‘ପିଠିରେ ପାହାର ବସିଲେ ନ୍ୟାୟ ମିଳିଯିବ ଯେ !’’

‘‘ପାହାର ବସିବ ? ବସାଇଲ ଦେଖି ! ଥରେ ଛୁଇଁଲେ ବାହାତିଥିଯାଏ ମଧ ବଞ୍ଚିକରି ରହି ପାରିବନାହିଁ !’’

ଏଇଠାରୁ ରୀତିମତ କଳହ ପର୍ବ ଆରମ୍ଭ ହୋଇଗଲା । ପରସ୍ପରକୁ ଧମକ ଦେଖାଇ ସେମାନେ କ୍ରମେ ଆଗକୁ ଆଗକୁ ଘୁଞ୍ଚି ଆସୁଥାନ୍ତି, ହାତମୁଠାରେ ଟେବୁଲକୁ ବାଡ଼େଇବାରେ ଲାଗିଥାନ୍ତି । ଆପଣାର ଅଭିଯୋଗଗୁଡ଼ାକୁ ଚିତ୍କାର କରି କହିବାରେ ଲାଗିଥାନ୍ତି । ଆନ୍ତେକ୍ର ଆଉ ହୋସ୍ ରହିଲା ନାହିଁ । ପ୍ରଚଣ୍ଡ ରାଗରେ ସେ କେତେବେଳେ ବୁଢ଼ାବାପର କାନ୍ଧକୁ ଆସି ଧରି ପକାଉଥାଏ, ପୁଣି କେତେବେଳେ ତଣ୍ଟିପାଖରେ ହାତ ଲଗାଇ ଦେଉଥାଏ, ତଥାପି ବୁଢ଼ା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଆପଣା କାବୁରେ ରହିଥାଏ । ଏଠି ପୁଅ ସାଥିରେ ଯୁଦ୍ଧ କରିବାଲାଗି ତା’ର ଆଦୌ ମନ ନଥାଏ, ତେଣୁ ସେ ବାରବାର ପୁଅକୁ ପାଖରୁ ହୁରୁଡ଼ାଇ ଦେଉଥାଏ, ପୁଅ କରୁଥିବା ଅପମାନର କ୍ୱଚିତ୍ ଜବାବ ଦେଉଥାଏ । ତା’ର ବ୍ୟକ୍ତିଗତ ମାମଲାରେ ଗାଆଁଲୋକେ ଆସି ଭଲଲୋକ ହୁଅନ୍ତୁ, ଏଥିପ୍ରତି ତା’ର କୌଣସି ଆଗ୍ରହ ନଥାଏ । କିନ୍ତୁ ଅବସ୍ଥା କ୍ରମେ ଗୁରୁତର ହେବାକୁ ଲାଗିଲା, ଘରଭିତରର କୋଳାହଳ କ୍ରମେ ବଢ଼ିବାକୁ ଲାଗିଲା । କାରଣ ବୋରିନାର ଝିଅ ଓ ବୋହୂ ଶେଷକୁ ବାହୁନା ଆରମ୍ଭ କରିଦେଲେ ଏବଂ ତୁହାତୁହା କରି ସମ୍ପାକଟା ବରଷିବାକୁ ଲାଗିଲେ । ପିଲାଗୁଡ଼ାକ ମଧ ଆତଙ୍କିତ ହୋଇ ଭେଁ ଭେଁ ତଣ୍ଟା ପାରିବାକୁ ଆରମ୍ଭ କଲେ । ଖବର କ’ଣ ଦେଖିବାଲାଗି କୁକୁରା ଆଉ ଭିତେକ୍ ଗୁହାଳଦୁଆରୁ ଆସି ଝରକା ବାଟେ ଉଙ୍କି ମାରିବାକୁ ଲାଗିଲେ ।

ଚେମଣି ଖୁଣ୍ଟ ଉପରେ ଆଉଜି ପଡ଼ି ହାଙ୍କା ଅନର୍ଗଳ କେତେ କ’ଣ କହିଯାଉ ଥାଏ । ତା’ର ଆଖିରୁ ଅନର୍ଗଳ ଧାରା ବୋହିବାରେ ଲାଗିଥାଏ ।

‘‘ୟାଙ୍କ କଥାକୁ ଶୁଣ ଗୋ ! ଆମେ କୁଆଡ଼େ ଏ ଘରୁ ବାହାରିଯିବୁ ଆଉ ବାରଦୁଆରେ ଭିକମାଗି ବୁଲିବୁ ? ହାୟରେ ଭଗବାନ୍— ୟାଙ୍କ ଜମିରେ ବଳଦଙ୍କ ପରି ଖଟିବାର ଫଳ ପୁଣି ଏଇଆ ହେବାକୁ ଥିଲା ? ଭଗବାନ କ’ଣ ଦିନେ ଏହି ଅନ୍ୟାୟର ପ୍ରତିଶୋଧ ନେବେ ନାହିଁ ! ତାଙ୍କର ଅଭିଶାପ କ’ଣ ଦିନେ ଏ ବୁଢ଼ା ଉପରେ ପଡ଼ିବ ନାହିଁ ! ଛଅ ଛଅ ମାଣ ଜମିକୁ ସେ ଯାଇ ତା’ ନାଆଁରେ କରିଦେଇ ଆସିଲା, ମାଆର ଯେତେ ଲୁଗାପଟା ଆଉ ଗହଣାଗାଣ୍ଠି ଥିଲା, ସବୁ ନେଇ ତା’ରି ଘରେ ପୂରାଇଲା ! ସବୁ ଲୋ ମାଆ ସବୁ ! ପୁଣି କାହାଘରେ

Digitized by srujanika@gmail.com

କହିଲ ? ସେହି ଘୁଷୁରିଟା ଘରେ ! ମଲୁନାହିଁ ବେଧେଇ ଛିଣ୍ଡାଳୀ ବାରଘରଇତାକରୀ ! ଆମକୁ ତୁ ଯୋଉ ନରଖର କରୁଚୁ, ଯଦି ସେଥିପାଇଁ ଦିନେ ତୋତେ ତା'ର ପରାପତ ଭୋଗିବାକୁ ନପଡ଼ିବ, ତେବେ ମୋତେ କହିବୁ !''

''କ'ଣ କହିଲୁ ! ତୁ କ'ଣ କହିଲୁ !''—ଚିତ୍କାର କରୁ କରୁ ବୁଢ଼ା ତା' ଆଡ଼କୁ ଚମକି ଆସିଲା ।

''କ'ଣ କହିଲି ? ମୁଁ କ'ଣ ଏକା କହୁଚି କି ? ଗାଆଁଟାଯାକ ସମସ୍ତେ ତାକୁ ବେଧେଇ ଛିଣ୍ଡାଳୀ ବୋଲି କହୁଚନ୍ତି ନା ମୁଁ କ'ଣ ଏକା ?''

''ତୋ' ମୁହଁରେ ନିଆଁ ! ତୋ'ମୁହଁକୁ ଯେତେବେଳେ ଛତୁ କରିଦେବି, ସେତେବେଳେ ତୁ ଜାଣିବୁ !''—ସେ ହାଙ୍କାକୁ ଧରି ଜୋର କରି ଦୋହଲାଇ ଦେବାକୁ ଲାଗିଲା । କିନ୍ତୁ ତାକୁ ରକ୍ଷା କରିବାପାଇଁ ଆନ୍ତେକ୍ ଫକ୍‌କରି ତେଇଁ ଆଗକୁ ବାହାରି ଆସିଲା ଓ ପାଟି କରି କହିବାକୁ ଲାଗିଲା—

''ମୁଁ ବି ଠିକ୍ ସେଇଆ କହୁଚି ! ସେ ହେଉଚି ବେଧେଇ, ଛିଣ୍ଡାଳୀ । ଯେ ତାକୁ ଚିହ୍ନିଥିବ, ସେ ଅବଶ୍ୟ ଜାଣିଥିବ ।''—ହଠାତ୍ ସେ ଆଉ ଅଧିକ କିଛି କହିବାରୁ ଆପଣାକୁ ନିବୃତ୍ତ କରି ରଖିଲା । ବୁଢ଼ା ବୋରିନା ରାଗରେ ଅନ୍ଧପରି ହୋଇ ତା' ମୁହଁରେ ଏପରି ଗୋଟାଏ ମୁଥ ବସାଇଦେଲା ଯେ ଆନ୍ତେକ୍ ଦୁଲ୍ କରି ଯାଇ ଝରକା ଉପରେ ପଡ଼ିଲା । ତା'ର ମୁଣ୍ଡ ଯାଇ ଝରକାର କାଚ ଉପରେ ବାଡ଼େଇ ହୋଇଗଲା । ତା'ମୁହଁରୁ ଧାରଧାର ଲହୁ ବୋହିଯାଉଥାଏ । ସେ ପାଗଳଙ୍କ ପରି ହୋଇ ବାପାକୁ ଆକ୍ରମଣ କରିବାକୁ ଚମକି ଆସିଲା ।

ଦୁଇଟା ପାଗଳା କୁକୁରଙ୍କ ପରି ବାପ-ପୁଅ ଘର ଭିତରେ ପରାପରି ଲଗାଇଲେ । ଇଏ କେତେବେଳେ ତାକୁ ଖଣ୍ଡେ ଦୂର ଠେଲି ନେଇଯାଉଥାଏ ତ ପୁଣି କେତେବେଳେ ସିଏ ୟାକୁ ବହେ ଠେଲି ନେଇଆସୁଥାଏ ।

ଏମିତି ବିଛଣାଉପରୁ ବାକ୍ସ ଉପରକୁ ଓ ବାକ୍ସ ଉପରୁ କାନ୍ଥଉପରକୁ ଠେଲାପେଲା ଲଗାଉ ଲଗାଉ ହଠାତ୍ ଦୁହିଁଙ୍କର ମୁଣ୍ଡ ଆସି ପରସ୍ପର ସହିତ ଢୋ'କରି ବାଡ଼େଇ ହୋଇଗଲା । ସମସ୍ତେ ଭୟରେ ଚିତ୍କାର କରି ଉଠିଲେ, ସ୍ତ୍ରୀଲୋକମାନେ ଦୁହିଁଙ୍କୁ ଛଡ଼ାଇ ଦେବାକୁ ଚେଷ୍ଟା କଲେ, କିନ୍ତୁ ସେତେବେଳକୁ ଦୁହେଁ ଆସି ଘରକୋଠାରେ ଗଡ଼ାଗଡ଼ି ହେଲେଣି । ଇଏ ତା'ଉପରେ ଚଢ଼ି ବସୁଚି ତ ପୁଣି ପରମୁହୂର୍ତ୍ତରେ ସିଏ ୟା' ଉପରେ ଚଢ଼ି ବସୁଚି, ପରସ୍ପରକୁ କାବୁ ଭିତରକୁ ଆଣି ତଣ୍ଟି ପାଖରୁ ଚିପିଦେବାକୁ ଦୁହେଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଚନ୍ତି ।

ଭାଗ୍ୟବଶତଃ ଏହି ସମୟରେ ପଡ଼ିଶାଘରୁ ଲୋକମାନେ ଦଉଡ଼ିଆସିଲେ ଓ ଅଧିକ କିଛି ଘଟିବା ଆଗରୁ ସେମାନଙ୍କୁ ଅଲଗା କରିଦେଲେ ।

ସେମାନେ ଆନ୍ତେକ୍‌କୁ ଧରି ଆଉଜଣକ ଘରକୁ ନେଇଗଲେ ଓ ତା'ଉପରେ ପାଣି ଢାଳିଦେଲେ । ମୁଣ୍ଡରୁ ଏତେ ଗୁଡ଼ାଏ ରକ୍ତ ବୋହିଯିବା ହେତୁ ସେ ପ୍ରାୟ ଅକର୍ତ୍ତବ୍ୟ ହୋଇ ପଡ଼ିଥାଏ । ଝରକାର କାଚ ତା'ର ମୁହଁରେ ଅନେକ ଭିତରକୁ ପଶିଯାଇଥିଲା !

Digitized by srujanika@gmail.com

ବୁଢ଼ାର କୌଣସି ଜାଗାରେ କୌଣସି ଆଘାତ ଲାଗି ନଥିଲା । ଖାଲି ପିନ୍ଧିଥିବା ଜାମାଟା ଯାହା ଟିକିଏ ଚିରିଯାଇଥାଏ, ସେତିକି । ମୁହଁ ଉପରେ କେତେଟା ଥାନରେ ଟିକିଏ ଟିକିଏ ଆଞ୍ଚୁଡ଼ି ହୋଇଯାଇଥାଏ ଓ ଲାଲ ଦେଖାଯାଉଥାଏ । ବାହାରୁ ଆସିଥିବା ଲୋକମାନଙ୍କୁ ଗାଳି ଦେଇ ସେ ସେମାନଙ୍କୁ ଘରୁ ବାହାର କରିଦେଲା ଓ ତା'ପରେ ନିଆଁ ପାଖରେ ଯାଇ ବସିଲା ।

କିନ୍ତୁ ତା'ର ମନଭିତରଟା ଏପର୍ଯ୍ୟନ୍ତ ବଡ଼ ଉତ୍ତ୍ୟକ୍ତ ହୋଇ ରହିଥାଏ ।

ଯଗ୍ନା ସମ୍ବନ୍ଧରେ ସେ ଯେଉଁସବୁ ଶବ୍ଦ ଶୁଣିବାକୁ ପାଇଥିଲା, ସେହିଗୁଡ଼ାକ ତା'ର ମୁଣ୍ଡ ଭିତରେ ପଶି ତାକୁ ଉଖାରିବାକୁ ଲାଗିଲା, ଛୁରୀ ପରି ତାକୁ ଭୁଷିଦେବା ପରି ମନେହେଲା ।

''ସେ କହିଥିବା କଥାକୁ ମୁଁ କେବେହେଲେ ଭୁଲିବି ନାହିଁ! ମୋ' ଯଗ୍ନାର ନାଆଁରେ ପୁଣି ଅପବାଦ ଦେବାକୁ ସାହସ ?''—କିନ୍ତୁ ଆଗରୁ ମଧ ସେ ଏହିକଥା ଆଉ କେତେଜଣଙ୍କ ମୁହଁରୁ ଶୁଣିଥିଲା, ମାତ୍ର ସେଥିପ୍ରତି କୌଣସି କାନ ଦେଇନଥିଲା । ବର୍ତ୍ତମାନ ପୁଣି ସେହିସବୁ ବିଷୟ ମନେପଡ଼ି ତାକୁ ଅଧିକ ଉତ୍ତ୍ୟକ୍ତ କରିଦେବାକୁ ଲାଗିଲା । ସତେ ଅବା ତା'ର ନିଃଶ୍ୱାସ ବନ୍ଦ ହୋଇଆସୁଥିବା ପରି ବୋଧହେଲା । ହଠାତ୍ ଏକ ଶୋଚନୀୟ ମର୍ମବେଦନା ଆସି ତାକୁ ଅବଶପ୍ରାୟ କରିଦେଲା । ତା'ର ଆପଣା ପୁଅ ଯେତେବେଳେ ଏପରି ଅପବାଦ ଦେବାକୁ ସାହସ କରୁଚି, ସେତେବେଳେ ସେ ସାଇ-ପଡ଼ିଶାଙ୍କର ମୁହଁ ବନ୍ଦ କରିବ କିପରି ? ପୁଅ ନୁହେଁ ଯେ ସଇତାନ ! ସେହି ଶବ୍ଦଗୁଡ଼ାକ ପୁଣି ମନେପଡ଼ିଯିବା ମାତ୍ରକେ ତା'ର ହାଡ଼ରେ ନିଆଁ ଲାଗିଯିବାପରି ମନେହେଲା ।

ପୁଣି ଘରଟିକୁ ସଜାଡ଼ି ଦେଇ ଯୁକ୍କା ବାପପାଇଁ ଖାଇବାକୁ ଆଣିଲା । ସେତେବେଳକୁ ବେଳ ଅନେକ ହୋଇଗଲାଣି । ବୋରିନା ଖାଇବବୋଲି ଅନେକ ଚେଷ୍ଟା କଲା, ତଥାପି ପାରିଲା ନାହିଁ ଏବଂ ହାତର ଚାମଚଟାକୁ ଥାଳି ଉପରେ ନେଇ ରଖିଦେଲା । ''ଘୋଡ଼ାମାନଙ୍କୁ ଖାଇବାକୁ ଦେଇସାରିଲୁଣି ?''—ସେ କୁବାକୁ ପଚାରିଲା ।

''ହଁ ।''

''ଭିତେକ୍ ଗଲା କୁଆଡ଼େ ?''

''ଆନ୍ତ୍ରୋଜକୁ ଡାକିଆଣିବାକୁ ଯାଇଚି । ସେ ଆସିଲେ ଆନ୍ତେକ୍‌ର ମୁଣ୍ଡ ଦେଖିଯିବ । ତା'ର ମୁହଁଟା ଗୋଟାଏ ହାଣ୍ଡିପରି ଫୁଲି କରି ରହିଚି ।''—କହି ସେ ବାହାରକୁ ଚାଲିଗଲା । ଆଜି ଭାରି ତୋରାହୋଇ ଜହ୍ନ ପଡ଼ିଚି । କୁବା ଶିକାର କରି ଯିବ ବୋଲି ସ୍ଥିର କରି ରଖିଥିଲା ।

''ଖାଇବା ବେଶି ହେଲେ କୁକୁରମାନେ ଠିକ୍ ଏହିପରି ହୁଅନ୍ତି ।''—ଗଲାବେଳେ ସେ କହି କହି ଗଲା ।

ବୁଢ଼ା ଘରୁ ବାହାରି ଗାଁ ଆଡ଼କୁ ଗଲା । କିନ୍ତୁ ଯଗ୍ନାଙ୍କ ଘରକୁ ଯିବାରୁ ଆପଣାକୁ ନିବୃତ୍ତ କରି ରଖିଲା । ଯଗ୍ନା ଘର ଝରକା ଭିତରୁ ପଦାକୁ ଆଲୁଅ ବିଛୁରିହୋଇ ପଡ଼ିଥାଏ । ହେମାଳ ରାତିର ମେଘମୁକ୍ତ ଆକାଶରେ ତାରାମାନେ ଫୁଟି ଉଠିଥାନ୍ତି, ରାସ୍ତାକଡ଼ର

Digitized by srujanika@gmail.com

ପୋଖରୀଟି ଖଣ୍ଡେ କଂସାଫାଳ ପରି ଚକ୍‌ଚକ୍ ହୋଇ ଉଠୁଥାଏ । ଜନଶୂନ୍ୟ ଦାଣ୍ଡରେ ଗଛମାନଙ୍କର ଲମ୍ୱା ଲମ୍ୱା ଛାଇ ପଡ଼ିଥାଏ । ରାତି ଅନେକ ହୋଇଗଲାଣି, କାହା କାହା ଘରେ ଲୋକମାନେ ଆଲୁଅ ଲିଭାଇ ଦେବାକୁ ଯାଉଛନ୍ତି । ସେହି ସବୁ ଘରର ଚୂନକାଛମାନ ଫଳବଗିଚାର କଙ୍କାଳପରସ୍ତ ପଛରୁ ଧୋବଫରଫର ହୋଇ ଦିଶିଯାଉଥାଏ । ଆଜି ଏହି ଅନ୍ଧକାର ଓ ଏହି ନୀରବତା ଯେପରି ଗାଆଁଟାଯାକକୁ ଗ୍ରାସ କରି ରହିଛି । କେବଳ ପାଣିର ବହିଯିବା ଓ ପେଷାକଳର ଘୂରିବା ଶବ୍ଦ କାନଭିତରେ ସେହି ନୀରସ ଅତଡ଼ା ପକାଇବାରେ ଲାଗିଛି । ପୋଲ ପାରି ହୋଇ ମାଥିଆସ୍ ଆହୁରି ଆଗକୁ ଯିବାକୁ ଲାଗିଲା । ଅଗ୍ରସର ହେବା ସଂଗେ ତା'ର କ୍ରୋଧ ଓ ଘୃଣା ମଧ୍ୟ ପ୍ରବଳତର ହେବାକୁ ଲାଗିଲା । ମଦ ଦୋକାନରେ ପହଞ୍ଚି ସେ ପଧାନଙ୍କୁ ଖବର ଦେଇ ଡକାଇ ଆଣିଲା ଓ ଦୁହେଁ ଅଧରାତିଯାଏ ସେଠାରେ ବସି ମଦ ପିଇବାରେ ଲାଗିଲେ । ତଥାପି ତା'ର ହୃଦୟକୁ ବିଦାରି ଦେଉଥିବା ଯନ୍ତ୍ରଣାର ଉପଶମ ହେଲା ନାହିଁ । ଠିକ୍ ସେତିକିବେଳେ ସେ ମନେ ମନେ ଗୋଟାଏ ସଂକଳ୍ପ କରି ବସିଲା ।

ତହିଁଆରଦିନ ବଡ଼ିସକାଳୁ ବିଛଣାରୁ ଉଠି ସେ ଘରର ଅନ୍ୟ ଧାଉଡ଼ିଆଡ଼େ ଚାଲିଗଲା । ଆନ୍ତେକ୍ ସେତେବେଳକୁ ବିଛଣାରେ ଥାଏ, ତା'ର ମୁହଁ ଉପରେ ବନ୍ଧା ହୋଇଥିବା ପଟିଟାରେ ରକ୍ତ ଭେଦି ବାହାରକୁ ଦେଖାଯାଉଥାଏ ।

ସେ ପାଟିକରି କହିବାକୁ ଲାଗିଲା— "ବାହାର ମୋ'ଘରୁ, ଏହି ମୁହୂର୍ତ୍ତରେ ବାହାରିଯାଅ । ମୁଁ ତୁମମାନଙ୍କର ମୁହଁ ସୁଦ୍ଧା ଦେଖିବାକୁ ଚାହେ ନାହିଁ । ଯଦି ମୋ ସହିତ ଲଢ଼ିବାକୁ ଇଚ୍ଛାକରୁଛ, ଯଦି କଚେରିକୁ ଯିବାକୁ ମନ ହେଉଛି, ତେବେ ଯାଅ, ସେଇଆ କରିବ । ଏବର୍ଷ ଜମିରେ ନିଜ ତରଫରୁ ଯେଉଁ ମଞ୍ଜି ବୁଣିଚ, ଖରାଦିନ ଆସିଲେ ସେହି ଫସଲ ଆସି କାଟି ନେଇଯିବ । କିନ୍ତୁ ବର୍ତ୍ତମାନ ମୋ ଘରୁ ବାହାରି ଚାଲିଯାଅ, ମୁଁ ଆଉ କାହାରି ମୁହଁ ଦେଖିବାକୁ ଚାହେ ନାହିଁ ! ଆରେ, ତୁମକୁ ସବୁ ଶୁଭିଲା ନା ନାହିଁ ?"—ସେ ଗର୍ଜନ କରି କହିଲା । ଆନ୍ତେକ୍ ଧୀରେ ଧୀରେ ଉଠି ଲୁଗାପଟା ପିନ୍ଧୁଥାଏ ।

"ଖରାବେଳ ଆଗରୁ ଏହି ଘର ଛାଡ଼ି ଚାଲିଯିବା ଦରକାର" —ବୋରିନା ପିଣ୍ଡା ଉପରେ ଥାଇ କହିଲା । ଶୁଣି ମଧ୍ୟ ଆନ୍ତେକ୍ ତଥାପି ନଶୁଣିଲା ପରି ଘାଲେଇ ରହିଗଲା ।

" ୟୁଜ୍‌କା, ତୁ ଯା'ଆ କୁବାକୁ ଡାକିଦେବୁ । ସେ ଗାଡ଼ି ସଜିଲ କରୁ । ଏମାନେ ଯେଉଁଠିକି ଯିବେ ବୋଲି କହିବେ, ସେଠାରେ ନେଇ ଛାଡ଼ିଦେଇ ଆସୁ !"

"କିନ୍ତୁ କୁବାର ଦେହ କ'ଣ ହେଉଚି । ସେ ବିଛଣାରେ ପଡ଼ି ଗଁ ଗଁ ହେଉଚି । ଉଠି ପାରିବନାହିଁ ବୋଲି କହୁଚି । ତା'ର ଛୋଟା ଗୋଡ଼ଟା ଆଜି ଭାରି ବିନ୍ଧୁଚି ।"

"ଶଳା ଅଳସୁଆ, ଶୋଇ ରହିବାକୁ ପେଖନା କାଢୁଛି !"—କହି ବୋରିନା ଗୁହାଳ ଆଡ଼କୁ ବାହାରିଗଲା ।

କୁବାର ଦେହ ପ୍ରକୃତରେ ଆଜି ଭାରି ଖରାପ । କିନ୍ତୁ ସାଆନ୍ତ ଯେତେ ପଚାରିଲେ ମଧ୍ୟ ତା'ର କୋଉଠି କ'ଣ ହେଲା ବୋଲି କହିବାକୁ ସେ କୌଣସିମତେ ରାଜି ହେଲା ନାହିଁ । ସେ

Digitized by srujanika@gmail.com

ବିଛଣାରେ ପଡ଼ି ପଡ଼ି ଏପରି ବିକଳ ଭାବରେ ଚିତ୍କାର କରୁଥାଏ ଯେ ଘୋଡ଼ାମାନେ ଆସି ତା'ର ମୁହଁ ଉପରେ ନାକ ଲଗାଇ ଶୁଙ୍ଘି ଯାଉଥାନ୍ତି ଓ ତା'ର ଦେହକୁ ଚାଟି ଦେଉଥାନ୍ତି । ଗୋଟାଏ ପଲମରେ ପାଣି ଆଣି ଭିତେକ୍ ତାକୁ ଦେଲା ଓ ନଈକୁ ଯାଇ ଅତି ଗୁପ୍ତ ଭାବରେ ରକ୍ତ ଲାଗିଥିବା କେତେକ ଲୁଗାପଟାକୁ ଧୋଇ ନେଇ ଆସିଲା ।

ଆନ୍ତେକ୍ ଆଉ ତା'ର ପରିବାରକୁ ଆଜି ଘରୁ ନିକାଲିବାରେ ବୋରିନା ଏତେଦୂର ବ୍ୟସ୍ତ ରହିଥିଲା ଯେ, ଏସବୁ କଥା ଉପରେ ଆଉ ତା'ର ଆଖି ପଡ଼ିପାରିଲା ନାହିଁ ।

ସେମାନେ ଘର ଛାଡ଼ି ବାହାରିଲେ ।

କୌଣସି ପ୍ରତିବାଦ ନାହିଁ କି କୋଳାହଳ ନାହିଁ । ସେମାନେ ଆପଣାର ଯାବତୀୟ ସାମଗ୍ରୀ ଏକାଠି ବାନ୍ଧି ବୁଜୁଲାଟିଏମାନ ଧରି ଦାଣ୍ଡରେ ନେଇ ରଖିଲେ । ଦୁଃଖରେ ହାଙ୍କାର ମର୍ମ ଭିତରଟା ଦହିହୋଇ ଯାଉଥାଏ । ଆନ୍ତେକ୍ ତାକୁ ବାରବାର ପାଣି ନେଇ ପିଇବାକୁ ଦେଉଥାଏ ଓ ଧଅସି ବାହାରିଯିବାକୁ କହୁଥାଏ । ଯେତେଶୀଘ୍ର ସମ୍ଭବ ବାପର ଘରୁ ବାହାରିଗଲେ ହେଲା ।

ବାପଠାରୁ ଘୋଡ଼ା ମାଗିବାକୁ ତା'ର ମନ ହେଲାନାହିଁ । ହାଙ୍କାର ବାପଘର ହେଉଚି ଗାଆଁ ମୁଣ୍ଡକୁ, ମଦଦୋକାନ ପାରିହୋଇ ଆଉ ଟିକିଏ ଆଗକୁ । ସାଇପଡ଼ିଶାରୁ ଗୋଟାଏ ଘୋଡ଼ା ମାଗିଆଣି ସେ ତାହାରି ଉପରେ ସବୁ ଜିନିଷ ଲଦି ସେଇଠାକୁ ବାହାରିଗଲା ।

ଗାଆଁର ଆଉ କେତେ ଚାଷୀ ବାପପୁଅଙ୍କ ଭିତରେ ଗୋଟାଏ ମିଳାମିଶା କରିଦେବେ ବୋଲି ଆସିଥିଲେ । ରୋକ୍ ସେମାନଙ୍କର ନେତା ହୋଇ ଆସିଥିଲା । କିନ୍ତୁ ବାପ କି ପୁଅ କେହି ହେଲେ ଏଥିପାଇଁ ରାଜି ହେଲେ ନାହିଁ ।

ବାପା ଆଉ ରୋକ୍ ପାଇଁ ଖାଇବା ବାଢ଼ି ଦେଉ ଦେଉ ଯୁଜ୍କାର ଦୁଇ ଆଖିରୁ ଲୁହଧାର ବୋହିଯାଉଥାଏ । ସେତେବେଳକୁ ତା'ର ଭାଇ ଆପଣା ପରିବାର ସହିତ ସବୁ ଜିନିଷପତ୍ର ନେଇ ଘରୁ ବାହାରିଯାଇ ସାରିଲାଣି । ଗଲାବେଳେ ଆନ୍ତେକ୍ ମୁହଁ ବୁଲାଇ ଥରେ ଘର ଆଡ଼କୁ ଅନାଇଲା ମଧ ନାହିଁ, କେବଳ ଗୋଟାଏ ଦୀର୍ଘଶ୍ୱାସ ପକାଇ ଶୂନ୍ୟରେ କ୍ରସଚିହ୍ନ ଆଙ୍କି ସେ ଘୋଡ଼ାର ପିଠି ଉପରେ ପାହାରେ ପିଟିଲା ଓ ଗାଡ଼ିରେ ନେଇ ଆପଣାର କାନ୍ଧକୁ ଲଗାଇଦେଲା । ଗାଡ଼ି ଭାରି ବୋଝଇ ହୋଇଥାଏ । ମନଟାକୁ ଏକାବେଳେକେ ମାରିଦେଇ ହାଙ୍କା ଗାଡ଼ି କଡ଼େ କଡ଼େ ଯାଉଥାଏ, ତା'ର ବଡ଼ପୁଅ ତା'ର କାନିଧରି ଡକା ପାରିବାରେ ଲାଗିଥାଏ, ସାନଟି କାଖରେ ଥାଏ । ଆଗରେ ଗୋଟିଏ ଗାଈ, ପଲେ ହଂସ ଆଉ ଦୁଇଟା ଘୁଷୁରି । ତା'ର ବିକଳ କ୍ରନ୍ଦନ ଶବ୍ଦ ଶୁଣି ଗାଆଁଲୋକ ଘର ଭିତରୁ ବାହାରି ଦାଣ୍ଡକୁ ଆସୁଥାନ୍ତି । ଶୋଭାଯାତ୍ରାରେ ଗଲାପରି ତା'ପଛେ ପଛେ ଯାଉଥାନ୍ତି ।

ଏଣେ ବୋରିନା ଘରେ ସମସ୍ତେ ପୂର୍ଣ୍ଣ ସନ୍ତର୍ପଣରେ ନୀରବରେ ଖାଇବାରେ ଲାଗିଥାନ୍ତି ।

ଘରର ପୁରୁଣା କୁକୁର ଲାପା ଆଗ ଦୁଆର ମଝିରେ ଠିଆହୋଇ କିଛି ସମୟ ଭୋ' ଭୋ' ହୋଇ ଭୁକିଲା, ତା'ପରେ ଗାଡ଼ି ପଛରେ ଖଣ୍ଡେଦୂର ଯାଇ ପୁଣି ଫେରିଆସିଲା ଓ

Digitized by srujanika@gmail.com

ଭୁକିବାକୁ ଲାଗିଲା । ଭିଟେକ୍ ତାକୁ ତୁ' ତୁ' ଡାକୁଥାଏ, କିନ୍ତୁ ସେ ଶୁଣୁନଥାଏ । ତା'ପରେ ସେ ଦୁଆରଯାକ ଏପାଖସେପାଖ ବୁଲି କ'ଣ ସବୁ ଶୁଂଘିବାରେ ଲାଗିଲା, ଆନ୍ତେକ୍‌ର ଖାଲି ପଡ଼ିଥିବା ଘର ଭିତରେ ଘେରାଏ ବୁଲି ଆସିଲା, ତା'ପରେ ଅନନ୍ୟୋପାୟ ହେଲାପରି ଲାଙ୍ଗୁଡ଼ ମାରି ଘଡ଼ିଏ ବସି ରହିଲା ଓ ତା'ପରେ ପୁଣି ପଛ ଦୁଇଗୋଡ଼ ଭିତରେ ଲାଙ୍ଗୁଡ଼ଟାକୁ ପୂରାଇ ଦେଇ ଆନ୍ତେକ୍ ଯାଇଥିବା ବାଟରେ ଦଉଡ଼ି ପଳାଇଲା ।

''ଶେଷକୁ ଲାପା ମଧ ସେଇମାନଙ୍କୁ ଖୋଜି ଖୋଜି ଚାଲିଗଲା ।''

''ତୁ କିଛି ଭୟ କରନା, ୟୁଜକା !''—ଥିର କଣ୍ଠରେ ବାପ ତାକୁ ବୁଝାଇ କହିବାକୁ ଲାଗିଲା । ''ଲାପା ଆଉ ଟିକିଏ ଗଲେ ବଳେ ଲେଉଟି ଆସିବ । ସେମାନଙ୍କ ପାଖରେ କ'ଣ ଅଛି ଯେ ସେମାନେ କୁକୁରକୁ ଖାଇବାକୁ ଦେବେ ? ଆ, ସେ ସବୁ ବିଷୟରେ ବୃଥା ଚିନ୍ତା କରି କିଛି ଫଳ ନାହିଁ । ସେପାଖ ଘରଗୁଡ଼ାକୁ ସଜାଡ଼ି ରଖିବାକୁ ହେବ । ଏଣିକି ରୋକ୍ ସେ ଘରେ ରହିବ । ତୋତେ ସାହାଯ୍ୟ କରିବାକୁ ଯାଆ ୟଗୁଷ୍ଟିଙ୍କାକୁ ଡାକିଆଣ । ଏଣିକି ତୁ ଘରର ସବୁ ଖବର ବୁଝିବୁ । ତୋ'ର ମୁଣ୍ଡ ଉପରେ ସବୁ ଦାୟିତ୍ୱ ରହିଲା । ନାଇଁମ, ମୋ' ଝୁଅ, ତୁ ସେମିତି ଅଥୟ ହେଲେ ଚଳିବ ନାହିଁ !''—ଆପଣାର ଦୁଇ ହାତରେ ତା'ର ମୁଣ୍ଡଟିକୁ ଧରି ବୋରିନା ୟଗ୍‌କାକୁ ଧୀରେ ଧୀରେ ଥାପଡ଼େଇ ଦେବାକୁ ଲାଗିଲା ଓ ଆଲିଙ୍ଗନ କଲାପରି ତାକୁ ଆପଣାର ଛାତି ପାଖକୁ ଟାଣିନେଲା ।

''ଏଥର ସହରକୁ ଗଲେ ମୁଁ ତୋ'ପାଇଁ ହଳେ ଜୋତା କିଣି ନେଇ ଆସିବି ।''

''ସତ କହୁଚ ବାପା, ସତ କହୁଚ ?''

''ହଁ, ସତ କହୁଚି । ଆହୁରି ଅନେକ ଚିଜ ଆଣିବି । ତୁ ଖାଲି ଭଲ ପିଲା ହୋଇ ଘରର ସବୁ କଥା ବୁଝିଲେ ହେଲା !''

''ଆଉ ମୋ' ପାଇଁ ଗୋଟାଏ ସେମିଜି କିଣି ଦେବ ନାହିଁ ? ନାଷ୍ଟୁସିଆର ଯେମିତି ଅଛି, ଠିକ୍ ସେମିତି ଗୋଟାଏ ?''

''ନିଶ୍ଚୟ, ନିଶ୍ଚୟ , ନିଶ୍ଚୟ କିଣିଦେବି ।''

''ଆଉ ମୁଣ୍ଡ ଫିତା ? କିନ୍ତୁ ଭଲ ଫିତା କିଣିଦେବ ବାପା, ଠିକ୍ ତୁମ ବାହାଘରଦିନ ଯେପରି ମୁଁ ତାକୁ ମୁଣ୍ଡରେ ବାନ୍ଧି ପାରିବି !''

''ତୋ'ର ଯାହା ଦରକାର, ମୁଁ ତୋତେ ସବୁ ଆଣିଦେବି, ଝିଅ ! ଯାହା ଦରକାର, ସବୁ !''

Digitized by srujanika@gmail.com

ଏଗାର

''ତୁ କ'ଣ ଶୋଇଚୁ କି ଯଗ୍‌ନା ?''

''ନାଇଁମ ? ଶୋଇବି କିପରି ? ଆଜି ପରା ମୋ'ର ବାହାତିଥି ? ସେଇଥିପାଇଁ ଆଜି ବଡ଼ିସକାଳୁ ନିଦ ଭାଙ୍ଗିଯାଇଚି !''

''ତୋ'ର ମନ ଭଲ ନାହିଁ, ନୁହେଁ ଲୋ ଝିଅ ?'' —ଅଧା ଆଶା ଓ ଅଧା ଭୟମିଶ୍ରିତ ହୃଦୟରେ ସେ ପଚାରିଲା ।

''ଭଲ କାହିଁକି ନହେବ ମ ? ତୋ'ଘର ଛାଡ଼ି ମୋ'ର ଆପଣାର ଘର କରିବାକୁ ଯାଉଚି ବୋଲି କ'ଣ ମୁଁ ମନରେ ଦୁଃଖ କରିବି ?''

ଏହି କଥା ଶୁଣି ଡୋମିନିକଭାର ହୃଦୟରେ କଣ୍ଟା ବିନ୍ଧି ହୋଇଗଲା । କିନ୍ତୁ ଆପଣାର ଯନ୍ତ୍ରଣାକୁ ଆପଣା ଭିତରେ ଚାପିରଖି ଡୋମିନିକଭା ଏହି କଥାର କୌଣସି ଜବାବ ଦେଲା ନାହିଁ । ବିଛଣାରୁ ଉଠି ସେ ଲୁଗାପଟା ପିନ୍ଧିଲା, ତା'ପରେ ପୁଅ ଦୁହିଁଙ୍କୁ ଡାକିଦେବାକୁ ଗୁହାଳ ଘରକୁ ଗଲା । କାଲି ରାତିରେ ଘର ଭିତରେ ବେଣୀଫିଟା* ହୋଇଥିଲା, ସେଥିଲାଗି ପୁଅ ଦୁହେଁ ଆଜି ଏତେବେଳଯାଏ ଶୋଇଚନ୍ତି । ଦୁଆରେ ଫରଚା ହୋଇଗଲାଣି, ହିମ ବୃଷ୍ଟିର ଉତ୍ତରୀ ପକାଇ ଆଜିର ସକାଳଟି ରଜତ ମହିମାରେ ସାରା ସଂସାରକୁ ମଣ୍ଡି ଦେବାକୁ ଆସିଚି ।

ପିଣ୍ଡାକୁ ଯାଇ ଡୋମିନିକଭା ଆପଣାର ମୁହଁ ଧୋଇ ଆସିଲା । ଗଲାବେଳେ ସେ ଅତି ଧୀର ଭାବରେ ବାରବାର ଯଗ୍‌ନା ଆଡ଼କୁ ଅନାଉଥାଏ । ଶୋଇବା ଘରଟା ଏପର୍ଯ୍ୟନ୍ତ ଅନ୍ଧାର ଥିବାରୁ ଯଗ୍‌ନାର ମୁହଁ ବାହାରକୁ ଭଲକରି ଦେଖାଯାଉ ନଥାଏ ।

''ଆଉଟିକିଏ ଶୋଇଥା, ଝୁଅ, ଆଉଟିକିଏ ଶୋଇଥା । ମାଆଘରେ ଆଜି ଶେଷଥର ପାଇଁ ଆଉ ଟିକିଏ ଶୋଇଥା !''—ଡୋମିନିକଭା ବଡ଼ ଆବେଗପୂର୍ଣ୍ଣ ଭାବରେ କହିଲା । ତାହାର ହୃଦୟଭିତରେ ସ୍ନେହ ଆଉ ବେଦନାର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଥାଏ । ତା'ମନରେ ଯେଉଁ ଅଭିଳାଷ ରହିଥିଲା, ଆଜି ସେହି ଅଭିଳାଷ ପୂର୍ଣ୍ଣ ହେବାକୁ ଯାଉଚି । କିନ୍ତୁ ସେକଥା ଭାବିଲାବେଳକୁ ମଧ ତା'ର ହୃଦୟ ଦୁଃଖରେ ବିଦାରି ହୋଇଯାଉଚି । ବଡ଼ ଉଦାସ ଭାବରେ ସେ ଯାଇ ପୁଣି ଖଟ ଉପରେ ବସିପଡ଼ିଲା । ବୋରିନାର ହୃଦୟଟା ଆଦୌ ନିର୍ଦ୍ଦୟ ନୁହେଁ, ସେ ତା'ର ଝୁଅକୁ ନିଶ୍ଚୟ ଭଲରେ ରଖିବ ... ଯଗ୍‌ନା ଯେପରି ଇଚ୍ଛା କରିବ, ବୁଢ଼ାକୁ ଠିକ୍ ସେହିପରି ଚଳାଇବ । ବୁଢ଼ାକୁ ତ ବର୍ତ୍ତମାନ ଖାଲି ତାହାରି ଛଡ଼ା ସଂସାରରେ ଆଉ କିଛି ଦେଖାଯାଉନାହିଁ !

ନାଇଁ—ବୁଢ଼ାପାଇଁ ତା'ର କୌଣସି ଚିନ୍ତା ନାହିଁ, ତାର ଭୟ ତା'ର ପିଲାମାନଙ୍କୁ । ଆହା, କାହିଁକି ସେ ଆନ୍ଟେକ୍ ଆଉ ତା'ର ପିଲାପିଲିଙ୍କୁ ଘରୁ ବାହାର କରିଦେଲାଟି ! ବର୍ତ୍ତମାନ

---

* ବାହାଘର ପରେ ପୋଲାଣ୍ଡର ଚାଷୀଝିଅର ବାଳକୁ କାଟିଦିଆଯାଏ । ସେଥିପାଇଁ ବାହାଘର ପୂର୍ବଦିନ ଘରେ ଗୋଟିଏ ଛୋଟିଆ ଉତ୍ସବ ଅନୁଷ୍ଠିତ ହୁଏ । ସେଥିକୁ କେବଳ ବାଡୁଅ ଝିଅମାନେ ନିମନ୍ତ୍ରିତ ହୋଇ ଆସନ୍ତି । ସେହି ଉତ୍ସବରେ ଝିଅର ବେଣୀକୁ ଫିଟାଇ ଦିଆଯାଏ ।

Digitized by srujanika@gmail.com

ସେମାନେ ଅଧିକ ଅନିଷ୍ଟ କରିବାକୁ ଆସିବେ ଓ ପ୍ରତିଶୋଧ ନେବାକୁ ବସିବେ । କିନ୍ତୁ ଯଦି ସେ ସେମାନଙ୍କୁ ଘରୁ ବାହାର କରିଦେଇ ନଥାନ୍ତା ?... ତେବେ ଯଗ୍‌ନାର ଗୋଡ଼େଗୋଡ଼େ ଆନ୍ତେକ୍ ରହିଥାନ୍ତା ! ଭଗବାନଙ୍କ ବିରୋଧରେ ହୁଏତ କେତେ କେତେ ବଡ଼ ଅନାଚାର ହୋଇଥାନ୍ତା ! ନାଇଁ, ଯାହା ହୋଇଚି ସବୁଠାରୁ ଭଲ ହୋଇଚି । ବାହାଘର ବିଷୟରେ ଗିର୍ଜାରେ ଘୋଷଣା କରି ଦିଆଯାଇଚି, ଘୁଷୁରି ମରାସରିଲାଣି , ନିର୍ବନ୍ଧ ପକ୍‌କା ହୋଇ ସାରିଲାଣି । ନା ନା, ଯାହା ଭଗବାନଙ୍କର ବରାଦ ଥିଲା, ତାହାହିଁ ଘଟିଲା । ଏଥିରେ ଆଉ ମଣିଷର ହାତ କ'ଣ ଅଛି ? ସେ ବଞ୍ଚିଥିବା ଯାଏ ତା' ଝିଅପ୍ରତି କୌଣସି ଅନ୍ୟାୟ ହେବାକୁ ସେ କଦାପି ସହ୍ୟକରି ପାରିବ ନାହିଁ । ମନେ ମନେ ଏହି ନିଷ୍ପତ୍ତି କରି ସେ ଅଳସୁଆ ପୁଅ ଦୁଇଟାକୁ ଆକଟିଦେବାକୁ ଗଲା ।

ଫେରିଆସିବା ପରେ ସେ ଭାବିଲା, ଏଥର ଝିଅକୁ ମଧ ଡାକି ଉଠାଇଦେବା ଉଚିତ । କିନ୍ତୁ ଯଗ୍‌ନାକୁ ପୁଣି ନିଦ ଲାଗିଗଲାଣି ଓ ତା'ର ନିଘୋଡ଼ ନିଦର ନିଶ୍ଚିନ୍ତ ନିଃଶ୍ୱାସଗୁଡ଼ାକ ବେଶ୍ ପରିଷ୍କାର ଭାବରେ ଶୁଣାଯାଉଚି । ମାଥ୍ୟା ମନରେ ପୁଣି ନାନା ପ୍ରକାର ଦୁଶ୍ଚିନ୍ତା ଓ ଅନିଶ୍ଚୟତାର ଉଦୟ ହେବାକୁ ଲାଗିଲା, ସତେ ଯେପରି କେତେକେତେ ଚିଲ କୁଆଡ଼ୁ ଉଡ଼ିଆସି ଆପଣାର ତୀକ୍ଷ୍ଣ ଚଞ୍ଚୁରେ ତା'ର ହୃଦୟର ତନ୍ତୁଗୁଡ଼ାକୁ ଉଖାରିବାକୁ ଆରମ୍ଭ କଲେ । ଯେପରି କୌଣସି ଆସନ୍ନ ଅମଙ୍ଗଳର ଆଶଙ୍କାରେ ସେ ବଡ଼ ଶଙ୍କିତ ହୋଇ ଉଠିଲା । କିନ୍ତୁ ସେ ଅଧୀର ହୃଦୟରେ ଝରକା ପାଖରେ ଆଣ୍ଠୁମାଡ଼ି ବସିପଡ଼ିଲା ଏବଂ ଆପଣାର ଅଶ୍ରୁ ଢଳଢଳ ଲାଲ ଲାଲ ଆଖିରେ ନବୋଦିତ ପ୍ରଭାତ ଆଡ଼କୁ ଅନାଇ ଅନେକସମୟ ପର୍ଯ୍ୟନ୍ତ ପ୍ରାର୍ଥନା କରିବାକୁ ଲାଗିଲା । ଶେଷକୁ ପ୍ରାର୍ଥନାରୁ ଉଠିଲା ବେଳକୁ ସେ ଆପଣାଭିତରେ ଅନେକ ଦମ୍ଭ ଅନୁଭବ କରିବାକୁ ଲାଗିଲା । ଏଥର ଯାହା ଆସୁ, ଯାହା ହେଉ ପଛକେ, ତା'ର ଆଉ କୌଣସି ଭୟ ନାହିଁ !

"ଯଗ୍‌ନା, ମୋ' ମାଆ ! ଏଥର ନିଦ ଭାଙ୍ଗିପକା, ଉଠ, ବେଳ ଅନେକ ହୋଇଗଲାଣି ! ଇଭା ରୋଷେଇ କରିବାଲାଗି ଏଇଲାଗେ ଆସି ପହଞ୍ଚିଯିବ । ଆଜି ଆହୁରି କେତେ କାମ ବାକି ଅଛି ପରା !"

"ଆଜି ଭଲ ପାଗ କରିଚି, ନା ?" —ବିଛଣା ଉପରୁ ମୁଣ୍ଡ ଟେକି ଯଗ୍‌ନା ପଚାରିଲା ।

"ଭାରି ଭଲ ପାଗ କରିଚି । ଦଶ ଦିଶ ହିମ କୁହୁଡ଼ିରେ ଝଟକି ଉଠୁଚି । ଆଉ ଟିକିଏ ଗଲେ ମାହାପୁରୁ ଉଠିଆସିବେ !"

ଯଗ୍‌ନା ଉଠି ଲୁଗାପଟା ପିନ୍ଧିଲା । ତା'ପରେ ମାଥ୍ୟା କହିବାକୁ ଆରମ୍ଭ କଲା—

"ମୁଁ ତୋତେ ଆଗରୁ ଯାହା କହିଚି, ବର୍ତ୍ତମାନ ପୁଣି ସେହିକଥା କହିବାକୁ ଯାଉଚି । ବୋରିନାର ହୃଦୟରେ ଭାରି ଦୟା, ଭାରି ଭଲ ମଣିଷ ସେ ! କିନ୍ତୁ ତୁ ହୁସିଆର ହୋଇ ଚଳିବୁ ଝିଅ ! ହଠାତ୍ କାହାରି ସହିତ ଚିହ୍ନା ହୋଇଗଲା ମାତ୍ରକେ ଗୁଡ଼ାଏ ଭାବ କରିବସିବୁ ନାହିଁ । ଯେପରି ଅପରଲୋକଙ୍କର ଆଉ ଜିଭ ନଡ଼ବଡ଼ କରି କିଛି କହିବାକୁ ନଥିବ । ମଣିଷଗୁଡ଼ାକ ତ

Digitized by srujanika@gmail.com

କୁକୁରଠାରୁ ବଳନ୍ତି, କୋଉଠି ବାଗ ପାଇଲେ ଦାନ୍ତ ବସାଇଦେବାକୁ ଟାକି ବସିଥାନ୍ତି । ମନେ ରହିଲା ଝିଅ ?''

''ହଁ, ରହିଲା । କିନ୍ତୁ ମୁଁ କ'ଣ ସାନ ପିଲା ହୋଇଚି ? ମୋ'ର କ'ଣ ନିଜର ବୁଦ୍ଧି ନାହିଁ ?''

''ତଥାପି ମୁଁ ଦି'ପଦ ତୋ' ଭଲ ପାଇଁ କହିଦେଉଚି । ଶୁଣ, ବୋରିନା କଥାରୁ କେବେହେଲେ ବାହାର ହେବୁନାହିଁ । ତାକୁ ଖାତିରି ଦେଖାଇବୁ । ସେ ବୁଢ଼ାଲୋକ, ଏହିସବୁ କଥାକୁ ସେ ବେଶୀ ନିଘା ରଖି ଚଳିବ !... ଦିନେ ତା'ର ସବୁ ଜମିକୁ ଯେ ସେ ତୋ'ନାମରେ ଲେଖି ନଦେବ, ସେକଥା କିଏ ନାହିଁ କରିପାରିବ ? ବା କିଛି ନଗଦ ଟଙ୍କା ମଧ୍ୟ ଆଣି ତୋ'ହାତରେ ଦେଇଯିବ !''

''ମୋ'ର ସେଥିଲାଗି ଭେକ ସରୁନାହିଁ ''—ଯଗ୍‌ନା ଅଧୀର ହୋଇ ମଝିରେ କହିପକାଇଲା ।

''ଆଲୋ ଝୁଅ ! ତୋ'ର ବୟସ ଅଳପ, ଅଭିଜ୍ଞତା ମଧ୍ୟ କମ୍ । ତୁ ଭାବି କରି ଦେଖିଲୁ, ଏଇ ମଣିଷଗୁଡ଼ାକ କୋଉଥିପାଇଁ କଜିଆ କରନ୍ତି, କୋଉଥିପାଇଁ ଏତେ ମେହେନତ କରନ୍ତି, କ'ଣ ପାଇବାଲାଗି ସବୁ ପ୍ରକାରର ଚେଷ୍ଟା କରିବାରେ ଲାଗିଥାନ୍ତି ? ହଁ, ଖାଲି ସମ୍ପତ୍ତି ପାଇଁ । ଭଗବାନ ତୋତେ କାମ ଖଟିବାକୁ କି ଦୁଃଖ ଭୋଗିବାକୁ କାଦାପି ଏ ସଂସାରକୁ ପଠାଇ ନାହାନ୍ତି । ମୋ' ଯଗ୍‌ନା ସକାଶେ ସିନା ମୁଁ ମୋ' ଜୀବନଟାଯାକ ଏତେ ମିହନ୍ତ କଲି ! ଆଉ ଆଜିଠାରୁ ଏଇ ଘରେ ମୁଁ ଏକା ରହିବି, ଖାଲି ଏକା !''

''କିନ୍ତୁ ତୋ' ପୁଅମାନେ ତ ତୋତେ ଛାଡ଼ି ଚାଲିଯାଉନାହାନ୍ତି, ସେମାନେ ତ ସବୁଦିନେ ତୋ'ପାଖରେ ରହିଥିବେ !''

''ତାଙ୍କ ଉପରେ ମୁଁ ବେଶୀ ଭରସା ରଖିନାହିଁ ଲୋ ମୋ' ମାଆ !'' କହୁ କହୁ ସେ କାନ୍ଦି ପକାଇଲା । ତା'ପରେ ଆଖି ପୋଛୁ ପୋଛୁ କହିଲା, ''ତୋ' ଗେରସ୍ତର ପିଲାମାନଙ୍କ ସହିତ ତୁ ଭଲରେ ଚଳିବୁ, କନ୍ଦଳ ଲଗାଇବୁ ନାହିଁ !''

''ୟୁଜ୍‌କା ପିଲାଟି ଭାରି ଭଲ । ଗ୍ରିଗୋରି ମଧ୍ୟ ବର୍ତ୍ତମାନ ଅନେକ ବର୍ଷ ଲାଗି ଫଉଜରୁ ଫେରିବନାହିଁ । ଆଉ ... ଆଉ...''

''କମାରପୁଅ ପ୍ରତି ହୁସିଆର ରହିଥିବୁ !''

''କାହିଁକି, ତା'ର ତ ମାଥିଆସ୍ ସହିତ ଭାରି ଭଲ ସଂପର୍କ ରହିଚି !''

''ଯଦି ଭଲ ସଂପର୍କ ଥାଏ, ତେବେ ସେ ଆପଣାର କୌଣସି ମତଲବ ସକାଶେ । ତୁ କଦାପି ଭୁଲିଯିବୁ ନାହିଁ । ଆଉ ଆନ୍ଟେକ୍ ଓ ତା'ର ପିଲାପିଲି ହେଉଚନ୍ତି ସବୁଠାରୁ ବଡ଼ ଶତ୍ରୁ, ସେମାନେ କେବେହେଲେ ବଦ୍‌ଲିବେ ନାହିଁ ... କାଲି ଗୋଟାଏ ମେଣ୍ଟାମେଣ୍ଟି କରି ଦେବାପାଇଁ ପାଦ୍ରି କେତେପ୍ରକାର ଚେଷ୍ଟା କଲେ, କିନ୍ତୁ ତାଙ୍କ କଥା ମଧ୍ୟ ସେମାନେ ଶୁଣିଲେ ନାହିଁ !''

Digitized by srujanika@gmail.com

"କିନ୍ତୁ ବୁଢ଼ା ମାଥିଆସ ମଧ ବଡ଼ ଖଳ ଆଚରଣ କରି ସେମାନଙ୍କୁ ଆପଣାଘରୁ ବାହାର କରିଦେଲା !"—ଯଗ୍‌ନା ବଡ଼ ଆବେଗପୂର୍ଣ୍ଣ ଭାବରେ କହିପକାଇଲା ।

"ଛି ଯଗ୍‌ନା, ତୁ ଏଗୁଡ଼ାକ କ'ଣ କହୁଚୁ ? ଏମିତି କହନ୍ତି ? ତୁ ଜାଣୁ ଆନ୍ତେକ୍ ଆମ ନାଆଁରେ ଲେଖି ଦିଆଯାଇଥିବା ଜମିକୁ ଫେରାଇ ନେବାକୁ ଜିଦ୍ କରୁଥିଲା ? ତୋତେ କେତେ ପ୍ରକାର ଖରାପ କରି କହିଲା—ତୋତେ ଯୋଉ ସବୁ ଗାଳିଦେଲା, ତାହା ଏଠାରେ ଆଉଥରେ କହିବା ମଧ ସମ୍ଭବ ନୁହେଁ !"

"ଆନ୍ତେକ୍ ମୋତେ ଗାଳି ଦେଲା ? ଆନ୍ତେକ୍ ? କେବେ ନୁହେଁ । ଯୋଉମାନେ ତୋତେ ଏପରି କହିଚନ୍ତି, ସେମାନେ ତୁଚ୍ଛା ମିଛକଥା କହିଚନ୍ତି । ସେମାନଙ୍କର ଖର ଜିଭ ଯଦି ମୂର୍ଦ୍ଧନାରୁ ଛିଡ଼ି ନ ପଡ଼ିଚି !"

"କିନ୍ତୁ ତୁ କୋଉଥି ସକାଶେ ତା ପଟଧରି ଏମିତି ଲଢ଼ିବାକୁ ବାହାରୁଚୁ ? ମୁଁ ଟିକିଏ ଏହାର କାରଣ କ'ଣ ଶୁଣେ !"—ସେ ଧମକାଇଲା ପରି ମୁଖଭାବ ଦେଖାଇ ପଚାରିଲା ।

"ସେମାନେ ସମସ୍ତେ ମିଶି ଆନ୍ତେକ୍‌ର ବିରୋଧରେ ମେଳି କରିଚନ୍ତି । ମୁଁ କ'ଣ ମାଗିଖିଆ କୁକୁର ହୋଇଚି ଯେ ଯିଏ ମତେ ଖଣ୍ଡେ ରୁଟି ଦେଖାଇ ଡାକିବ, ମୁଁ ତା' ଆଡ଼କୁ ଅନାଇ ଲାଙ୍ଗୁଡ଼ ହଲାଇବାକୁ ଯିବି ? ଆନ୍ତେକ୍‌କୁ ସେମାନେ ଭାରି ନରଖର କରିଚନ୍ତି, ମୁଁ ସବୁକଥା ଭଲକରି ଜାଣିଚି !"

"ତା'ହେଲେ ଯୋଉ ଜମିତକ ବୋରିନା ଆମ ନାଆଁରେ ଲେଖି ଦେଇଚି, ତୁ ସେହି ଜମିକୁ ପୁଣି ଆନ୍ତେକ୍‌କୁ ଫେରାଇଦେବାକୁ କହୁଚୁ, ନୁହେଁ ?"

ଯଗ୍‌ନା ଆଉ କିଛି ଉତ୍ତର ଦେଇ ପାରିଲା ନାହିଁ । ତା'ର ଆଖି ଭିତରୁ ଲୁହଧାର ଉଚ୍ଛୁଳି ଆସିଲା । ସେ ସେଠାରୁ ଘର ଭିତରକୁ ଦଉଡ଼ିଯାଇ କବାଟ କିଳିଦେଲା ଓ ଅନେକ ସମୟ ପର୍ଯ୍ୟନ୍ତ ସେହିଠାରେ ପଡ଼ି କାନ୍ଦିବାକୁ ଲାଗିଲା ।

ଡୋମିନିକଭା ଝିଅକୁ କୌଣସି ପ୍ରକାରେ ବାଧା ଦେବାକୁ ଇଚ୍ଛା କଲା ନାହିଁ । ଝିଅର ଏପରି ଆଚରଣ ଦେଖି ତା'ର ମନରେ ନାନାପ୍ରକାର ସଂଶୟର ଉଦ୍ରେକ ହେଲା । କିନ୍ତୁ ସେହିସବୁରୁ ଶିରା କାଢ଼ିବାକୁ ଆଜି ତା'ର ସମୟ ନାହିଁ । ବିବାହ ପାଇଁ ବର୍ତ୍ତମାନ ସବୁକଥା ପ୍ରସ୍ତୁତ କରି ରଖିବାକୁ ହେବ ।

ସୂର୍ଯ୍ୟ ଉଠି ସାରିଲେଣି, ସକାଳର ଖରା ମାଡ଼ି ମାଡ଼ି ଆସୁଚି ।

କାଲି ରାତିରେ ଭାରି ହିମ ପଡ଼ିଥିଲା । ଆଜି ବେଶ୍ ଉଷୁମ ମାଲୁମ ହେଉଚି । ତଥାପି ଗଛ ଛାଇ ତଳେ ଓ ବାଡ଼ କଡ଼ରେ ହିମ ଜମିକରି ରହିଚି । ଘରଚାଳମାନଙ୍କରୁ ବିଗଳିତ ହିମବିନ୍ଦୁମାନ ଥପଥପ ହୋଇ ତଳକୁ ପଡ଼ିଯାଉଚି, ସନ୍ତସନ୍ତିଆ ଜାଗାମାନଙ୍କରୁ ବାଷ୍ପକୁଣ୍ଡଳିମାନ ଉଠିବାରେ ଲାଗିଚି ।

ସୁନୀଳ ଆକାଶର ବକ୍ଷରେ ଆଜି ମେଘର କୌଣସି ଚିହ୍ନବର୍ଣ୍ଣ ମଧ ଦେଖାଯାଉନାହିଁ ।

ତଥାପି କାଉଗୁଡ଼ାକ ପଲପଲ ହୋଇ ଏଣେତେଣେ ବୁଲିବାରେ ଲାଗିଚନ୍ତି, ଗଞ୍ଜାଗୁଡ଼ାକ ଭାରି ତୁହାକୁତୁହା ଡାକ ଛାଡ଼ିଚନ୍ତି । ପାଗ ଖରାପ ହେବାର ସୂଚନା ମିଳୁଚି ।

Digitized by srujanika@gmail.com

ଆଜି ରବିବାର । ଗିର୍ଜାର ଘଣ୍ଟା ବାଜିବା ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ତଥାପି ସମସ୍ତ ଗ୍ରାମଟି ମହୁମାଛି ଫେଣା ପରି ସରଳ ଓ ତତ୍ପର ହୋଇ ଉଠିଲାଣି । ଆଜି ଗିର୍ଜାଘରେ ବୋରିନା ଆଉ ଯଗ୍‌ନାଙ୍କର ବାହାଘର ହେବ, ସେଥିପାଇଁ ଗାଆଁର ପ୍ରାୟ ଅଧେଲୋକ ବେଶଭୂଷା ପିନ୍ଧି ସଜହେବାରେ ଲାଗିଚନ୍ତି ।

ଡୋମିନିକଭାର ଘର ଦୁଆରେ ଆଜି ସବୁଠାରୁ ଅଧିକ ତତ୍ପରତା । ସବୁ ତରବର ଲାଗିଚି, ନାନା କର୍ମ ଓ କୋଳାହଳରେ ସବୁ କମ୍ପି ଉଠୁଚି ।

ଅଳ୍ପଦିନ ହେଲା ଚୂନଧଉଳା ହୋଇଥିବା ଘରଟି ଅନେକ ଦୂରରୁ ତୋରା ଚକଚକ ଦେଖାଯାଉଚି । ଘର ଦରଜାରେ ସବୁଜ ରଙ୍ଗର କେତେ ଡାଳପତ୍ର ବନ୍ଧାହୋଇଚି । କାଲି ଗାଆଁର ପିଲାମାନେ ଆସି ଘରର ଚାଳଯାକ ପାଇନ୍ ଗଛର ଡାଳମାନ ଖଞ୍ଜିଦେଇ ଯାଇଛନ୍ତି ।

ଘର ଭିତରେ ମଧ୍ୟ କିଛି କମ୍ ସଜବାଜ ହୋଇନାହିଁ !

ଖଞ୍ଜାର ଶେଷମୁଣ୍ଡକୁ ଭଣ୍ଡାର ଘର ପାଖରେ ଗୋଟାଏ ବଡ଼ ଖଦା ଜଳୁଚି । ସେଠାରେ ଇଭା ତା'ର ରନ୍ଧାବଢ଼ା ଆରମ୍ଭ କରିଦେଇଚି । ସାହିର ଆଉ କେତେଜଣ ସ୍ତ୍ରୀଲୋକ ଓ ଯଗୁଷ୍ଟିନା ମଧ୍ୟ ତାକୁ ସାହାଯ୍ୟ କରିବାକୁ ଆସିଚନ୍ତି ।

ଘର ଭିତରୁ ସବୁ ଆସବାବ ବାହାର କରି ଦିଆଯାଇ ଭଲ କରି ଚୂନ ଧଉଳାଇ ଦିଆଯାଇଚି । ଚେମଣି ଖୁଣ୍ଟଟାକୁ ନୀଳବର୍ଣ୍ଣ କପଡ଼ାରେ ଘୋଡ଼ାଇ ଦିଆଯାଇଚି । କାନ୍ଥରେ ରଖା ହୋଇଥିବା ଦିଅଁମାନଙ୍କର ମୂର୍ତ୍ତି କେତେଟି ବ୍ୟତୀତ ଏ ଘରେ ଆଉ କୌଣସି ସାମଗ୍ରୀ ନାହିଁ । ପିଲାମାନେ ଏହି ଘର ଭିତରେ ବଡ଼ ବଡ଼ ବେଞ୍ଚ ଓ ଟେବୁଲ ଆଣି ପକାଇ ଦେଇଚନ୍ତି । କୋଉକାଳର ଅଳନ୍ଧୁଲାଗି କଳା ପଡ଼ିଯାଇଥିବା ଆଟୁଟାକୁ ନାନାପ୍ରକାର କାଗଜଫୁଲରେ ମଣ୍ଡନ କରାଯାଇଚି । ନିଜେ ଯଗ୍‌ନା ଆପଣା ହାତରେ ଏହିସବୁ କାଗଜ-ଫୁଲକୁ କାଟିଦେଇଚି । ମାଥିଆସ୍ ତା'ପାଇଁ ସହରରୁ ରଙ୍ଗିନ୍ କାଗଜ କିଣିଆଣି ଦେଇଚି—ଯଗ୍‌ନା ସେହି କାଗଜରୁ କେତେ କିସମର ଫୁଲ, ପଶୁ ଓ ପକ୍ଷୀ କାଟି ଦେଇଚି । ତା'ର ଏହି ନିପୁଣ ହାତର କାମ ଦେଖି କାଲି ସମସ୍ତେ ଭାରି ପ୍ରଶଂସା କରି ଯାଇଚନ୍ତି !

ଆଂଶିକ ଭାବରେ ଆପଣାର ପରିଧାନ ପିନ୍ଧି ଯଗ୍‌ନା ତା'ର କଟା କାଗଜଫୁଲଗୁଡ଼ିକୁ ଦିଅଁଙ୍କ ତଳେ ଥିବା କାନ୍ଥରେ ସଜାଇଦେବାକୁ ଏ ଘରକୁ ଆସିଲା ।

''ଯଗ୍‌ନା, ଏସବୁ କାମ ପାଇଁ ତୋ'ର ଆଉ ସମୟ କୋଉଠି ଅଛି କହିଲୁ ? ଲୋକମାନେ ଆସି ରୁଣ୍ଡ ହେଲେଣି, ତେଣେ ଗାଆଁ ଦାଣ୍ଡରେ ବାଜା ରୋଷନି ବାହାରି ସାରିଲାଣି । ଆଉ ଏଠି ବସି ତୁ ଏଇ କାମ କରୁଚୁ ?''

''ଅନେକ ସମୟ ଅଛି ଗୋ ଅନେକ ସମୟ ଅଛି ! ''—ସେ ସଂକ୍ଷେପରେ ଉତ୍ତର ଦେଲା । ଘରେ ଚଟାଣକୁ ସେ ପାତଳ ପିରୁଲ୍ (ପାଇନ ଗଛର ପତର କଣ୍ଟା) ବିଛାଇ ପକାଇ ଦେଲା, ଟେବୁଲ ଉପରେ ପାତଳ କପଡ଼ା ବିଛାଇ ଦେଲା । କିନ୍ତୁ ଏସବୁ କାମ ତାକୁ ଆଦୌ ଭଲ ଲାଗୁନଥାଏ । ଆଜି ତାକୁ ନାଚିବାକୁ ପଡ଼ିବ, ବାଜା ଦଳର ବାଜା ତାକୁ ଶୁଣିବାକୁ

Digitized by srujanika@gmail.com

ପଡ଼ିବ । ଚିରଦିନ ସେ ସଙ୍ଗୀତ ଓ ନାଚକୁ ଭାରି ଭଲପାଇ ଆସିଚି । ଆଜିର ଏହି ଶାରଦ ଦିନଟିର ଗମ୍ଭୀରତା ପରି ତା'ର ମାନସପଟରେ ଆଜି କୌଣସି ମେଘର କୌଣସି ଚିହ୍ନ ନାହିଁ, ଚାରିଆଡୁ ସତେ ଅବା କେତେ କିରଣ ଉଛୁଳି ପଡୁଚି । କିନ୍ତୁ ସେଥିରେ ଆଜି କୌଣସି ଜୀବନ ନାହିଁ । ଏହିସବୁ ସାଜସଜ୍ଜା ଯଦି ତାକୁ ସେ ବିଷୟରେ ସ୍ମରଣ କରାଇ ଦେଉ ନଥାନ୍ତେ, ତେବେ ଆଜି ତା'ର ବାହାଘର ବୋଲି ହୁଏତ ତା'ର ମନେ ମଧ ନଥାନ୍ତା । କାଲି ବେଣୀ ଫିଟା ହେଲାବେଳେ ବୋରିନା ତା'ର ହାତ ଭିତରେ ଆଠମାଳ ପୋହଳା ଆଣି ଗୁଞ୍ଜିଦେଲା । ଏହି ମାଳଗୁଡ଼ାକ ତା'ର ପ୍ରଥମ ଭାରିଯା ମଲାବେଳେ ରଖିଯାଇଥିଲା । ବର୍ତ୍ତମାନ ସେଗୁଡ଼ାକ ତା'ର ଟ୍ରଙ୍କ ଭିତରେ ପଡ଼ିଛି, ସେ ଥରେହେଲେ ସେଗୁଡ଼ାକୁ ବାହାର କରି ପିନ୍ଧିବାକୁ ମନ କରିନାହିଁ । ଆଜି କୌଣସିଥିରେ ତା'ର ଏତେ ଟିକିଏ ହେଲେ ଆଗ୍ରହ ନାହିଁ । ମନେହେଉଚି, ସେ ଇଚ୍ଛାକଲା ମାତ୍ରକେ ଆଉ କୋଉଠିକି ଉଡ଼ି ପଳାଇ ଯାଆନ୍ତା କି ? କିନ୍ତୁ ଠିକ୍ କୋଉଠିକି ପଳାଇ ଯାଆନ୍ତା, ସେ ବିଷୟରେ ତା'ର କୌଣସି ଧାରଣା ନାହିଁ । ଆଜି ସବୁକଥା ତାକୁ ଭାରି ଚିଡ୍‌ଚିଡ୍ ଲାଗୁଚି । ମାଆ ସକାଳେ ଆନ୍ତେକ୍ ବିଷୟରେ ତାକୁ ଯାହାସବୁ କହିଲା, ସେହି କଥାଗୁଡ଼ାକ ବାରବାର ତା'ର ମନ ଭିତରଟାକୁ କୋରିଦେଇ ଯାଉଚି । କ'ଣ ହେଲା ? ଆନ୍ତେକ୍ ତାକୁ ଗାଳି ଦେଉଥିଲା, ତା' ନାମରେ ଅକଥା କହୁଥିଲା ? ସେ କଦାପି ଏ କଥାରେ ବିଶ୍ୱାସ କରିବ ନାହିଁ । ସେକଥା ମନେପଡ଼ିଗଲା ବେଳକୁ ଯେପରି ଆଖି ଭିତରେ ଲୁହଧାର ସମ୍ଭାଳି ହୋଇ ରହିପାରୁନାହିଁ । କିନ୍ତୁ ତଥାପି—କିଏ କହିପାରିବ ସେ କଥା ସତ ବି ହୋଇପାରେ ।... କାଲି ଲୁଗା କାଚୁଥିବା ସମୟରେ ସେ ସେଇବାଟେ ଗଲା, କିନ୍ତୁ ମୁହଁ ବୁଲାଇ ଥରେ ହେଲେ ତା'ଆଡ଼କୁ ଅନାଇଲା ନାହିଁ । ସକାଳେ ବୋରିନା ସାଙ୍ଗରେ ସେ ଗିର୍ଜାକୁ ଯାଉଥିଲା । ଆନ୍ତେକ୍ ସେମାନଙ୍କ ଆଡ଼କୁ ଆସୁଥିଲା, ସେମାନଙ୍କୁ ଦେଖି ହଠାତ୍ ବୁଲିପଡ଼ି ପଳାଇଲା—ପାଗଳା କୁକୁର ଦେଖିଲେ ଯେମିତି ଲୋକେ ପଳାଇ ଯାଆନ୍ତି, ଠିକ୍ ସେହିପରି । ହଉ—ତାହାର ଯଦି ଛିଗୁଲେଇବାକୁ ମନ ହେଉଚି, ତେବେ ସେ ଛିଗୁଲେଉ ଥାଉ !

ଆପଣାର ଭିତରଟା ହଠାତ୍ ଆନ୍ତେକ୍ ବିରୋଧରେ ବିଦ୍ରୋହ କରି ଉଠିଲା । କିନ୍ତୁ ସ୍ମୃତିର ଗୋଟାଏ ଝଲକରେ ସେହି ସନ୍ଧ୍ୟାରେ ସବୁ ଘଟଣା ଆସି ତାର ସମ୍ମୁଖରେ ଭାସିବାକୁ ଲାଗିଲା । ବୋରିନାର କୋବି କିଆରିରେ କାମ କରି ଦୁହେଁ ଏକାଠି ଘରକୁ ଫେରୁଥାନ୍ତି । ସବୁ କଥା ମନେପଡ଼ିଲା ବେଳକୁ ତା'ର ସମସ୍ତ ଗାତ୍ରରେ ଯେପରି ହୁତୁହୁତୁ ହୋଇ ନିଆଁ ଜଳିବାକୁ ଲାଗିଲା । ଯଗ୍‌ନା ସେହି ହୁତାଶନର ଜ୍ୱାଳାକୁ ଆଉ ସହି ପାରିଲା ନାହିଁ । ତା'ପରେ ଆପଣା ପାଖରୁ ପଳାଇବାକୁ ଚେଷ୍ଟା କରି ସେ ମାଆକୁ ଡାକି କହିଲା—

''ତୋତେ ମୁଁ ଆଗରୁ କହିଦେଉଚି, ବାହାଘର ପରେ ମୁଁ କଦାପି ମୋ'ର ବାଳ କାଟିବାକୁ ଦେବିନାହିଁ !''

''ସିଏ ପୁଣି କୋଉ ରାଇଜର କଥା ମ ? ବାହାଘର ପରେ କୋଉ ଝିଅର ବାଳ କଟା କେବେ ବନ୍ଦ ହେଲାଣି ନା ଆଜି ହେବ ?''

Digitized by srujanika@gmail.com

''କାହିଁକି, ସହରରେ ତ ଏପରି ହୁଏନାହିଁ !''

''ହଁ, ସହରରେ ସେମାନେ ଲୋକମାନଙ୍କୁ ଭଣ୍ଡାଇବାକୁ ଏପରି କରନ୍ତି । ସହରରେ ଝିଅମାନେ ଯଦି ଭାଲୁକୁଣୀ ହୋଇ ରହିବାକୁ ଚାହୁଁଚନ୍ତି ତେବେ ରହିଥାନ୍ତୁ । କିନ୍ତୁ ତୁ କ'ଣ ସହରର ଅଳିଆଗଦାରେ ଜନ୍ମ ହୋଇଚୁ କି, ତୁ ମଧ ସେହିପରି କରିବୁ ? ତୋ'ର ବାପ ଅଜା ଚଉଦପୁରୁଷ ଗାଆଁରେ ରହିଚନ୍ତି, ଗାଆଁରେ ଘର କରିଚନ୍ତି । ଚାଷୀକୂଳରେ ଯାହା ହେବାର ବିଧି ଅଛି, ତୋ' ବେଳକୁ ଠିକ୍ ତାହାହିଁ ହେବ !''

ତଥାପି ଯଗ୍ନାର ଏକା ଜିଦ୍ ଯେ ସେ ବାଳ କାଟିବ ନାହିଁ । ଯଗ୍ନା ମଧ କେତେ କଥା କହି ତାକୁ କେତେ ପ୍ରବର୍ତ୍ତାଇବାକୁ ଚେଷ୍ଟା କଲା, ଯଗୁଷ୍ଟିଙ୍କା ମଧ କେତେ ଫାଟିଫୁଟି ଗଲା, କେତେ ଟାପରା କରି କହିଲା । ଶେଷରେ ନିରସ୍ତ ହୋଇ କହିବାକୁ ଲାଗିଲା—

''ତୋ'ର ଯଦି ମନ ହେଉଚି, ତେବେ ବାଳ ରଖ । ବୋରିନା ମାଡ଼ ମାରିଲା ବେଳେ ତା'ର କାମରେ ଆସିବ ! ତୋ'ର ଲମ୍ୱା ଲମ୍ୱା ବାଳକୁ ହାତରେ ଧରି ସେ ପିଠିରେ ପାହାର ବସାଇବାକୁ ଅଧିକ କାଇଦା ପାଇବ । ସେତେବେଳେ ତୁ ବଳେ ବଳେ ଆସି ବାଳକାଟି ପକାଇବାକୁ କହିବୁ ।'' ହଠାତ୍ ତା'ର କଥା ଅଧାରୁ ବନ୍ଦ ହୋଇଗଲା । ଭିତେକ୍ ତାକୁ ଡାକିବାକୁ ଆସିଚି । ଆନ୍ତେକ୍‌ର ପରିବାର ବିଦାହୋଇ ଗଲାଦିନଠାରୁ ସେ ଆଜିକାଲି ବୋରିନା ଘରେ ଯାଇ ରହୁଚି । ୟୁଜ୍‌କା କାଲିକାର ପିଲାଟା, ସେ କୁଆଡୁ ଏଡ଼େବଡ଼ ଘରର ହାନିଲାଭ ସମ୍ଭାଳି ପାରିବ ? ତେଣୁ ଇଭାକୁ ଏଠି ରନ୍ଧାବଢ଼ାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ମଧ ମଝିରେ ମଝିରେ ଦଉଡ଼ି ଯାଇ ସେ ବୋରିନା ଘରେ ଏଇଟା ବା ସେଇଟା ବୁଝିଦେଇ ଆସୁଚି । ବୁଢ଼ାର ମୁଣ୍ଡ ଆଜି ଠିକ୍ ନାହିଁ । ସକାଳୁ ଯାଇ ୟୁଜ୍‌କା କମାରପୁଅ ଘରେ ସଇବାଜ ହେବାରେ ଲାଗିଚି । କୁବାର ଦେହ ଏପର୍ଯ୍ୟନ୍ତ ଭଲ ହୋଇନାହିଁ ।

ଭିତେକ୍ ଦଉଡ଼ିଆସି କହିଲା ''କୁବା କାହିଁକି ତୁମକୁ ଖୋଜୁଚି, ଟିକିଏ ଧଅସି ଆସ !''

''ଆଚ୍ଛା ଚାଲ । ଆଲୋ, ମୁଁ ଯାଉଚି, ଅଇଚ୍ଛା ଦଉଡ଼ିଯାଇ ପୁଣି ଅଇଚ୍ଛା ଦଉଡ଼ି ଆସିବି !''

''ତୁ କିନ୍ତୁ ଝଅଟ ଆସିବୁ —ଆଲୋ ଯଗ୍ନା, ତୁ ଶୀଘ୍ର ତିଆରି ହୋଇଯାଆ । ଆଉ ଟିକିଏ ଗଲେ ପରା ଝିଅମାନେ ଆସି ପହଞ୍ଚିଯିବେ !'' ଡୋମିନିକଭା ଚେତାଇ ଦେଇ କହିଲା ।

କିନ୍ତୁ ଯଗ୍ନା ତରତର ହେବାର କୌଣସି ଲକ୍ଷଣ ପ୍ରକାଶ କଲାନାହିଁ । ସତେ ଯେମିତି ତାକୁ କୋଉଯୁଗର କେଉଁ ନିଦ ଘାରିକରି ରହିଚି । ତା'ର ହାତରୁ ଏଇଟା ସେଇଟା ବାରବାର ପଡ଼ିବାରେ ଲାଗିଥାଏ, ପୁଣି କେତେବେଳେ ସେ ଝରକା ପାଖରେ ଠିଆହୋଇ ବୋକାଙ୍କ ପରି ଘଡ଼ିଏକାଳ ବାହାରକୁ ଅନାଇ ରହୁଥାଏ । ସତେ ଯେପରି ଛାତି ଭିତରେ ତା'ର କଲିଜାଟା ଏକାବେଳକେ ପାଣି ଫାଟିଗଲାଣି, ସେହି ପାଣି ଏଣେତେଣେ ବୋହିଯିବାରେ ଲାଗିଚି ଓ ବଡ଼ ବଡ଼ ତରଙ୍ଗ ହୋଇ ଆସି ସ୍ମୃତିର ପଥର ଉପରେ ଲହଡ଼ା ଭାଙ୍ଗି ଚାଲିଯାଉଚି ।

ଘର ଭିତରେ ଯିବାଆସିବା ଲୋକଙ୍କର ମେଳି ଲାଗିଚି । ଗାଆଁର କେତେକେତେ ସ୍ତ୍ରୀଲୋକ ଆସି ପହଞ୍ଚିଗଲେଣି ! ପୁରୁଣା ପରମ୍ପରା ଅନୁସାରେ କିଏ ଡୋମିନିକଭାକୁ ଦେବପାଇଁ

Digitized by srujanika@gmail.com

କୁକୁଡ଼ାଟାଏ ସାଙ୍ଗରେ ଧରି ଆସିଚି । କିଏ ଗହମର ପାଉଁରୁଟି କରି ଆଣିଚି ! ଆଉ କିଏ ଲୁଣ, ଅଟା, ପିଠାପଣା ବା ମାଉଁସ ନେଇ ଆସିଚି, କିଏ କାଗଜ ଭିତରେ ଗୁଡ଼ାଇ ନଗଦ ଟଙ୍କା ବେଭାର ଆଣିଚି । ସମସ୍ତେ ବାହାଘର ନିମନ୍ତ୍ରଣ ଲାଗି କୃତଜ୍ଞତା ଜଣାଇବାକୁ କିଛି-ନା-କିଛି ବେଭାର ନେଇ ଆସିଛନ୍ତି । ଗୋଟାଏ ବାହାଘରର ଯେତେ ଖରଚ, ବନ୍ଧୁବାନ୍ଧବ ଓ ସାଇପଡ଼ିଶାର ଏହି ସାହାଯ୍ୟ ଫଳରେ ସେହି ବୋଝ ଅନେକ ପରିମାଣରେ ହାଲୁକା ହୋଇଯାଉଚି ।

ବନ୍ଧୁବାନ୍ଧବମାନେ ଆସି ପହଞ୍ଚୁଥାନ୍ତି, ମିଠା ପଡ଼ିଥିବା ଭଡ୍‌କାରୁ ମନ୍ଦାଏ ପିଇ କିଛି ସମୟ ପର୍ଯ୍ୟନ୍ତ ବୁଢ଼ୀ ସହିତ କଥାବାର୍ତ୍ତା ହେଉଥାଆନ୍ତି । ସବୁ ସାଜସରଞ୍ଜାମର ପ୍ରଶଂସା କରୁଥାନ୍ତି ଓ ତା'ପରେ ବିଦାୟ ନେଇ ଚାଲିଯାଉଥାନ୍ତି ।

ଡୋମିନିକଭା ନିଜେ ଯାଇ ରୋଷେଇବାସର କାମ ତଦାରଖ କରି ଆସୁଥାଏ । ସବୁକଥା ଠିକଣା ଭାବରେ ବରାଦ କରିବାରେ ଭାରି ବ୍ୟସ୍ତ ଥାଏ । ତା' ମଝିରେ ସମୟପାଇ ସେ ପୁଅଦୁହିଁଙ୍କ ସେମାନଙ୍କର ଅଳସୁଆମି ସକାଶେ ବହେ ଗାଳି ଶୁଣାଇ ଦେଉଥାଏ । ପୁଅ ଦୁହେଁ ମଧ କିଛି କମ୍ ନୁହନ୍ତି । ଟିକିଏ ଓର ପାଇଲେ ସେମାନେ ସିଧା ପଧାନଘରକୁ ଖସି ଯାଉଥାନ୍ତି । ସେଠାରେ ଗାଆଣବଜାଣ, ବନ୍ଧୁ ଓ କୁଣିଆମଇତ୍ର ଜମାହେବାରେ ଲାଗିଥାନ୍ତି ।

ଆଜି ରବିବାର ପ୍ରାର୍ଥନାରେ ବେଶୀଲୋକ ଯୋଗ ଦେବାକୁ ଯାଇନଥିଲେ, ଛାର ଗୋଟାଏ ବିବାହର କାମରେ ଭୋଳ ହୋଇ ଲୋକଗୁଡ଼ାକ ଭଗବାନଙ୍କର ଉପାସନା ଭୁଲିଗଲେ ବୋଲି ପାଦ୍ରି ଆଜି ମନେ ମନେ ଭାରି ବିରକ୍ତ ହୋଇଚନ୍ତି । ପାଦ୍ରିଙ୍କର ଏପରି ଧାରଣା କରିବାରେ ଆଦୌ ଟିକିଏ ହେଲେ ଗଲତି ନାହିଁ । କିନ୍ତୁ ସବୁ ରବିବାର ଦିନ କ'ଣ ଏମିତି ଗୋଟାଏ ବାହାଘର ଦେଖିବାର ସୁଯୋଗ ମିଳିବ ?— ଲୋକମାନେ ଏହିପରି ଭାବି ଗିର୍ଜାକୁ ଯାଇନଥିଲେ ।

ଖରାବେଳ ଖିଆପିଆ ସରିବା ମାତ୍ରକେ ଆଖପାଖ ଗାଆଁରୁ ମଧ ଲୋକମାନେ ଗାଡ଼ିରେ ଆସି ପହଞ୍ଚିଗଲେ ।

ସୂର୍ଯ୍ୟଦେବ ପଶ୍ଚିମକୁ ଢଳିବାକୁ ଆରମ୍ଭ କଲେଣି । ତାଙ୍କରି କିରଣରେ ଝଲମଲ ହେଉଥିବା ଶରତକାଳର ଖେତଗୁଡ଼ିକ ଆଡ଼କୁ ଅନାଇଲେ ଆଖି ଝଲସି ଯାଉଚି । ପୋଖରୀର ପାଣି ଦିନର ଖରା ପଡ଼ି କମ୍ପି କମ୍ପି ଉଠୁଚି । ଶେଷ ଶରତର ଆରାମଦାୟକ ଉଷ୍ଣତା ଓ କ୍ଷୀଣ ହୋଇଆସୁଥିବା ସୂର୍ଯ୍ୟାଲୋକରେ ପ୍ରକୃତିର ପୃଷ୍ଠ ରଞ୍ଜିତ ହୋଇ ରହିଚି ।

ସତେଅବା କୌଣସି ମହମବତି ଜଳିଜଳି ସରିଆସୁଥିଲା ପରି ଦିନଟି ମଧ କ୍ରମଶଃ ନିର୍ବାପିତ ହୋଇ ଆସୁଚି ।

କିନ୍ତୁ ଲିପ୍‌କା ଗାଆଁ ଆଜି ଉତ୍ସବର ପ୍ରେରଣାରେ ପ୍ରେରଣାମୟ ହୋଇ ଉଠିଚି, ସତେଅବା ଗାଆଁରେ ଆଜି ମେଳା ବସିଚି !

ଗିର୍ଜାର ଘଣ୍ଟା ବାଜିବା ସଙ୍ଗେସଙ୍ଗେ ପଧାନଙ୍କ ଘରେ ଅପେକ୍ଷା କରିଥିବା ବାଜାଦାରମାନେ ଶୋଭାଯାତ୍ରାରେ ରାସ୍ତାଉପରକୁ ବାହାରିଲେ ।

Digitized by srujanika@gmail.com

ଆଗ ବାଜାଦାରମାନଙ୍କର ଦଳ, ତା'ପଛକୁ ଆଉ ଆଠଜଣ ଲୋକ ! ବିବାହର ପ୍ରସ୍ତାବ ନେଇ ଯାଇଥିବା ଦିଇଜଣଯାକ ଭଲଲୋକ ଓ ଆଉ ଛଅଜଣ କୁଣିଆ । କୁଣିଆ ଛଅଜଣ ସମସ୍ତେ ଟୋକା ବୟସର, ଦେଖିବାକୁ ଭାରି ସୁନ୍ଦର, ଭଲ ଚାଷୀ ପରିବାରର ଲୋକ ।

ସମସ୍ତେ ଏକାଠି ହୋଇ ଦାଣ୍ଡମଝିରେ ଯାଉଥାନ୍ତି, ସେମାନଙ୍କର ବୁଟ୍‌ଜୋତାର ଶବ୍ଦ ବାଜି ଦାଣ୍ଡଟାଯାକ ଧ୍ୱନିତ ହୋଇ ଉଠୁଥାଏ । ସେମାନଙ୍କ ଭିତରୁ କିଏ ଆନନ୍ଦଚିତ୍କାର କରୁଥାଏ, କିଏ ମନଖୁସୀରେ ଗୀତ ଛାଡ଼ିଦେଉଥାଏ । ବାଜାଦାରମାନେ ଦୁଆରଦୁଆର ହୋଇ ବାଜା ବଜାଉଥାଆନ୍ତି ଓ ବିବାହଲାଗି ଆମନ୍ତ୍ରିତ ହୋଇଥିବା ବ୍ୟକ୍ତିମାନଙ୍କୁ ଆହ୍ୱାନ କରି ଆଣୁଥାନ୍ତି । କୋଉଠି କେଉଁ ଘରୁ ସେମାନଙ୍କୁ ଭଡ଼୍‌କା ପିଇବାକୁ ମିଳୁଥାଏ, କୋଉଠି ସେମାନଙ୍କର ବାଦ୍ୟର ତାଳ ଅନୁସାରେ ଗୀତବୋଲିବା ଆରମ୍ଭ ହୋଇଯାଉଥାଏ; ଏବଂ ଚତୁର୍ଦ୍ଦିଗରୁ ଲୋକମାନେ ନାନାଭଳି ପୋଷାକ ପିନ୍ଧି ଶୋଭାଯାତ୍ରା ସହିତ ସମ୍ମିଳିତ ହେଉଥାଆନ୍ତି । ଘରମାନଙ୍କର ଝରକାଭିତରୁ ଝିଅମାନେ ସମବେତ କଣ୍ଠରେ ବାହାଘର ଗୀତମାନ ଗାଉଥାନ୍ତି ।

ଏହି ଶୋଭାଯାତ୍ରାର ଉଲ୍ଲସିତ ଚିତ୍କାରରେ ଗାଆଁଟାଯାକ କମ୍ପି ଉଠିଲା ପରି ମନେହେଉଥାଏ । ଦୂର ଗହୀରବିଲ ଓ ଜଙ୍ଗଲପଟୁ ଏହି ଶବ୍ଦର ପ୍ରତିଧ୍ୱନି ଆସି ଅଜାଡ଼ି ହୋଇ ପଡୁଥାଏ ।

ଦେଖଣାହାରି ଲୋକମାନେ ଘରଭିତରୁ ବାହାରି ତୋଟା ଭିତରେ ଆସି ରୁଣ୍ଡ ହୋଇଗଲେଣି । ଯେଉଁମାନେ ନିମନ୍ତ୍ରଣ ପାଇନାହାନ୍ତି, ସେମାନେ ମଧ୍ୟ କେବଳ ଦେଖିବାକୁ ଓ ଶୁଣିବାକୁ ଆସି ଏହି ଭିଡ଼ରେ ଯୋଗ ଦେଉଚନ୍ତି । ଶୋଭାଯାତ୍ରା ଆସି ଠିକଣା ଜାଗାରେ ପହଞ୍ଚିବା ପୂର୍ବରୁ ଗାଆଁଟାଯାକର ପ୍ରାୟ ସବୁଲୋକ ଆସି ବାହାରେ ଜମାହୋଇ ଯାଇଥିଲେ । ଭିଡ଼ଭିତରେ ସମସ୍ତେ ଠେଲିପେଲି ଆଗକୁ ଗୋଡ଼ ପକାଉଥାନ୍ତି, ସାନ ପିଲାମାନେ ଆଗେଆଗେ ଚାଲିଥାନ୍ତି ।

କୁଣିଆମାନଙ୍କୁ କନ୍ୟାପକ୍ଷ ଘରେ ଛାଡ଼ିଦେଇ ବାଜାଦାରମାନେ ପୁଣି ବରକୁ ଆଣିବାଲାଗି ଚାଲିଗଲେ । ଭିଟେକ୍ ଏତେବେଳଯାଏ କୁଣିଆମାନଙ୍କ ସହି ଥିରିଥିରି ପାଦ ପକାଇ ଆସୁଥିଲା । ବର୍ତ୍ତମାନ ଦ୍ରୁତପଦରେ ସେ ଆଗେଆଗେ ଦଉଡ଼ିବାକୁ ଲାଗିଲା ।

''ସାଆନ୍ତେ !''— ଝରକାବାଟେ ଚିତ୍କାର କରି ସେ ବୋରିନାକୁ ଡାକି କହିଲା— ''ସେମାନେ ଏଠାକୁ ଆସୁଚନ୍ତି !''—କହିଦେଇ ସେ ସିଧା କୁବା ପାଖକୁ ଚାଲିଗଲା ।

ଦୁଆରେ ପହଞ୍ଚି ବାଜାଦାରମାନେ ଆଗ କିଛି ସମୟ ପର୍ଯ୍ୟନ୍ତ ବାଜା ବଜାଇଲେ । ବୋରିନା ଘରୁ ବାହାରିଆସି ଦାଣ୍ଡଦୁଆରଟା ମେଲା କରିଦେଲା ଏବଂ ସମସ୍ତଙ୍କୁ ଘର ଭିତରକୁ ଆସିବାକୁ ନିମନ୍ତ୍ରଣ କଲା । କିନ୍ତୁ ପଧାନେ ଆଉ ମୋହରିର ତା'ର ଦୁଇ ବାହାକୁ ଧରି ସିଧା ଟାଣିନେଇ ତାକୁ ଯଗ୍‌ନା ପାଖକୁ ନେଇଗଲେ । କାରଣ ଗିର୍ଜାକୁ ଯିବାର ବେଳ ପରା ତେଣେ ଉଛୁର ହୋଇଯାଉଚି !

ବୋରିନାର ଚାଲି ଠିକ୍ ବରଚାଲି ପରି ମନେହେଉଥାଏ । ତାକୁ ଅନାଇଦେଲା ବେଳକୁ ହଠାତ୍ ଭାରି ଅଳ୍ପବୟସର ବୋଲି ମନେହେଉଥାଏ । ବାଳ କାଟିଚି, ମୁହଁଟିକୁ ଚିକଣ କରି

Digitized by srujanika@gmail.com

ଖିଅର ହୋଉଚି, ବରପୋଷାକରେ ସେ ପ୍ରକୃତରେ ଭାରି ଘଟଣ ଦିଶୁଚି । ତା'ର ଓସାରିଆ କାନ୍ଧ ଓ ବଳିଷ୍ଠ ବପୁଟାକୁ ଦୂରରୁ ଦେଖିଲେ ମଧ ଅତି ସ୍ପଷ୍ଟଭାବରେ ବାରି ହୋଇପଡୁଚି । ସାଙ୍ଗରେ ଯାଉଥିବା ଟୋକାମାନଙ୍କ ସହିତ ହସିହସି ସେ କେତେ ଖୁସୀଗପ କରୁଚି । କମାରପୁଅ ମଧ ତା'ର ସଙ୍ଗେସଙ୍ଗେ ଚାଲିଚି । ବୁଢ଼ା ତାହାରି ସହିତ ସବୁଠାରୁ ବେଶୀ ରହସ୍ୟକରିବରେ ଲାଗିଚି ।

ବର ଆସି ଡୋମିନିକଭାର ଘରେ ପହଞ୍ଚିଲା; ଭିଡ଼କରି ଜମା ହୋଇଥିବା ଲୋକେ ବର ଯିବାପାଇଁ ବାଟ ଛାଡ଼ିଦେଲେ । ସେ ଘର ଭିତରେ ପ୍ରବେଶ କଲାବେଳକୁ ନାନାବିଧ ଗୀତ ଓ ବାଦ୍ୟରେ ଗଗନ ଉଚ୍ଛୁଳି ଉଠିଲା ।

ଗାଆଁର ସ୍ତ୍ରୀଲୋକମାନେ ଯଗ୍‌ନାକୁ ଘେରିକରି ଘରଭିତରେ ରହିଚନ୍ତି, ବାହାରୁ କାହାରି ଭିତରକୁ ଆସିବାକୁ ଚାରାନାହିଁ । ସାନସାନ ଛୁଆମାନେ ସେପାଖରୁ କେତେ କବାଟ ଧଡ଼ଧଡ଼ କରୁଚନ୍ତି, ଜଳାବାଟରେ ଭିତରକୁ ଅନାଇ ଦେଖିବାକୁ କେତେ ଚେଷ୍ଟା କରୁଚନ୍ତି ଏବଂ ଝିଅମାନଙ୍କ ସହିତ କେତେ ଥଟ୍ଟାତାମସା କରିବାରେ ଲାଗିଚନ୍ତି । ସେମାନଙ୍କର କଥା ଶୁଣି ଝୁଅମାନେ କିରିକିରି ହୋଇ ହସି ଉଠୁଚନ୍ତି, ବୟସ୍କା ସ୍ତ୍ରୀଲୋକମାନେ ଗାଳି ବର୍ଷଣ ନକରି ଛାଡୁନାହାନ୍ତି ।

ଡୋମିନିକଭା ଦୁଇପୁଅଙ୍କୁ ସାଙ୍ଗରେ ନେଇ ଅତିଥିମାନଙ୍କୁ ବରଣ କରି ଆଣିଲା, ସେମାନଙ୍କୁ ଭଡ଼୍‌କା ପିଇବାକୁ ଯାଚିଲା ଓ ବଡ଼ବଡ଼ମାନଙ୍କୁ ନେଇ ନିର୍ଦ୍ଦିଷ୍ଟ ଥାନମାନଙ୍କରେ ବସାଇଦେଲା ।

କୁଣିଆମାନଙ୍କ ଭିତରେ ବାଜେଲୋକ ଜଣେହେଲେ କେହି ନାହାନ୍ତି । କେବଳ ଥିଲାବାଲା ଘରମାନଙ୍କରୁ କୁଣିଆ ନିମନ୍ତ୍ରିତହୋଇ ଆସିଚନ୍ତି । କେବଳ ଖାନ୍‌ଦାନ୍ ପରିବାରର ଲୋକମାନଙ୍କୁ ଡକାଯାଇଚି । ସମସ୍ତେ ବର ବା କନ୍ୟାପକ୍ଷର ଆତ୍ମୀୟ ଓ ବନ୍ଧୁବାନ୍ଧବ—ପାଖ ଓ ଦୂରଗାଆଁର ଚିହ୍ନାପରିଚ ଲୋକମାନଙ୍କ ବ୍ୟତୀତ ଆଉ କେହି ଆସିନାହାନ୍ତି । ଯାହାର ମାଣେ ଦୁଇମାଣରୁ ଅଧିକ ଜମିନାହିଁ, ଯେଉଁ ବକଟମାନେ ପରର ଜମିରେ ମଜୁରି ଲାଗି ପେଟ ପୋଷନ୍ତି, ସେମାନଙ୍କୁ ଆଜି ଏଠାରେ କଦାପି ଦେଖିବାକୁ ମିଳିବନାହିଁ ।

ଏତେବେଳେକେ ଯାଇ ଦରଜା ଖୋଲିଲା ଓ ଦୁଇଜଣ ସ୍ତ୍ରୀଲୋକ ଯଗ୍‌ନାକୁ ନେଇ ବଡ଼ ଘରଟିକୁ ଆସିଲେ । ଗାଆଁର ଝିଅମାନେ ଯଗ୍‌ନାକୁ ବେଢ଼ିକରି ରହିଥାଆନ୍ତି । ସେମାନଙ୍କର ପୋଷାକପତ୍ର ଭିତରେ ସେମାନେ ଏପରି ଚହଟସୁନ୍ଦର ଦେଖାଯାଉଥାନ୍ତି ଯେ ଅନାଇଦେଲାବେଳକୁ ସେମାନେ ସମସ୍ତେ ମିଶି ମଣିଷଫୁଲରେ ଗୁନ୍ଥା ହୋଇଥିବା ଗୋଟିଏ ହାରପରି ମନେହେଉଥାନ୍ତି । ଆଉ ସେହି ହାରଟିର ମଝିରେ ସତେଅବା ଗୋଟିଏ ଗୋଲାପଫୁଲ ପରି ଯଗ୍‌ନା ଠିଆ ହୋଇଥାଏ । ବସନ ଓ ଭୂଷଣଦ୍ୱାରା ବିଭୂଷିତ ହୋଇ ସେ ଆଜି ସତେଅବା ଗିର୍ଜାର ଶୋଭାଯାତ୍ରାରେ ବାହାରୁଥିବା ଗୋଟିଏ ବିଜୟପ୍ରତିମା ପରି ଦିଶୁଥାଏ ।

Digitized by srujanika@gmail.com

ତା'ପରେ କୁଣିଆମାନେ ଆପଣାର ଘାଗରା କଣ୍ଠରେ ଗୀତ ଗାଇବାକୁ ଆରମ୍ଭ କଲେ ।

ବୋରିନା ଆଗକୁ ଆସି ଯଗ୍‌ନାର ହାତ ଧରିଲା । ଦୁହେଁ ଘରର କୋଠା ଉପରେ ଆଣ୍ଠୁ ମାଡ଼ି ବସିଲେ, ସେମାନଙ୍କ ଉପରେ ଗୋଟିଏ ଦେବତା ମୂର୍ତ୍ତି ଧରି ଡୋମିନିକଭା କ୍ରସ ଚିହ୍ନ ଅଙ୍କିତ କରିଦେଲା ଏବଂ ତା'ପରେ ସେମାନଙ୍କ ଉପରେ ମଙ୍ଗୁଳା ହୋଇ ରଖା ହୋଇଥିବା ପାଣି ନେଇ ଛିଞ୍ଚିଦେଲା । ଅଶ୍ରୁ ଛଳଛଳ ହୋଇ ଯଗ୍‌ନା ମାଆର ଗୋଡ଼ତଳେ ଲୋଟିପଡ଼ିଲା । ମାଆକୁ ଓ ଉପସ୍ଥିତ ଅନ୍ୟାନ୍ୟ ସ୍ତ୍ରୀଲୋକମାନଙ୍କୁ ବିହ୍ୱଳଭାବରେ କୁଣ୍ଢାଇ ଧରି ସେ ସମସ୍ତଙ୍କଠାରୁ କ୍ଷମା ମାଗିଆସିଲା ଓ ବିଦାୟନେଲା । ସମସ୍ତେ ଖାଲି କଇଁକଇଁ ହୋଇ କାନ୍ଦିବାରେ ଲାଗିଥାନ୍ତି । ୟୁଜକାର କାନ୍ଦ ସମସ୍ତଙ୍କ କାନ୍ଦଠାରୁ ବଳିପଡ଼ିଥାଏ, ମୃତା ମାଆର କଥା ଆଜି ତା'ର ଭାରି ମନେପଡୁଥାଏ ।

ସମସ୍ତେ ଘର ବାହାରକୁ ଯାଇ ଚାଲିବାକୁ ଆରମ୍ଭକଲେ । ଗିର୍ଜାଘର ତ ମୋଟେ ଖୋଜେ ବୋଲି ବାଟ, ତେଣୁ ଚାଲିକରି ଗଲେ ଆଦୌ ସମୟ ଲାଗିବ ନାହିଁ ।

ତା'ପରେ ବରଘର କୁଣିଆମାନେ ଯଗ୍‌ନାକୁ ସାଙ୍ଗରେ ଧରି ଗଲେ । ଯଗ୍‌ନାର ମନରେ ଆଜି ଭାରି ଆନନ୍ଦ, ତା'ର ଲୁହ ଢଳଢଳ ମୁହଁଉପରେ ସ୍ମିତହାସ୍ୟର ରେଖାମାନ ଉକୁଟି ଉଠୁଥାଏ । ତାକୁ ଦେଖି ସତେଅବା ବସନ୍ତ ସମୟରେ ସଦ୍ୟ କଅଁଳି ଉଠିଥିବା ଗୋଟିଏ ବୁଦାପରି ମନେହେଉଥାଏ । ସମସ୍ତଙ୍କର ଆଖି ଆଜି କେବଳ ତାହାରି ଉପରେ । ମୁଣ୍ଡର ବାଳ ବେଣୀ ବନ୍ଧାହୋଇ ସୁନାଫୁଲରେ ଝଟକି ଉଠୁଚି । ମୁଣ୍ଡ ଉପରୁ ନାନାରଙ୍ଗର ଝଲମଲ ଫିତାମାନ କାନ୍ଧକୁ ଲମ୍ୱି ରହିଚି । ପରିହିତ ଶୁଭ୍ରବସନଟି ନାନା ଠାଣିରେ ଆସି ଅଣ୍ଟା ଉପରେ ଖୋସା ହୋଇଚି । ତା'ର ବେକରେ କେତେ ପୋହଳା ଆଉ କଣ୍ଠିରେ ମାଳ ଲମ୍ୱି ରହିଚି ଓ ଛାତିର ଅଧଯାଏ ଘୋଡ଼ାଇକରି ରଖିଚି ।

ଝିଅମାନେ ମାଥିଆସ୍‌କୁ ସାଙ୍ଗରେ ଧରି ଯାଉଥାନ୍ତି ।

ଜଙ୍ଗଲ ଭିତରେ ସୁନ୍ଦର ପାଇନ୍ ଗଛଟି ପାଖରେ ଷଣ୍ଢା ହୋଇ ବଢ଼ିଥିବା ଓକ୍‌ଗଛ ଯେପରି ଦେଖାଯାଏ, ଆଜି ଯଗ୍‌ନା ପାଖରେ ବୋରିନାକୁ ଠିକ୍ ସେମିତି ଦେଖାଯାଉଚି । ଚାଲିଗଲାବେଳକୁ ବୋରିନାର ଶରୀର ଦୋହଲିଯାଉଥିବା ପରି ମନେହେଉଚି ଓ ସେ ରାସ୍ତାର ଏପାଖ ସେପାଖକୁ ଅନାଇ ଅନାଇ ଯାଉଚି । ଏହି ମଣିଷଭିଡ଼ରେ କୋଉଠି ଆନ୍ତେକ୍‌କୁ ଦେଖିଲାପରି ତା'ର ମନେହେଉଥାଏ ।

ତା'ପଛକୁ ଡୋମିନିକଭା, ତା'ପଛକୁ ମଧ୍ୟସ୍ଥମାନେ , ତାପରେ କମାରପୁଅ ଓ ତା'ର ପରିବାର, ସେଇଠୁ ୟୁଜ୍‌କା ଏବଂ ତା'ପରେ ଆମନ୍ତ୍ରିତ ଅନ୍ୟାନ୍ୟ ପରିବାରର କୁଣିଆମାନେ ।

ଏବଂ ସେମାନଙ୍କ ପଛରେ ଗାଆଁଯାକର ଆଉ ସମସ୍ତେ ।

ସେତେବେଳକୁ ସୂର୍ଯ୍ୟ ଜଙ୍ଗଲ ଉପରକୁ ଢଳି ପଡ଼ିଲାଣି, ରାସ୍ତାଘାଟ, ପୋଖରୀ ଓ ଗାଆଁର ବାସଘରମାନ ରକ୍ତବର୍ଣ୍ଣ କିରଣରେ ସ୍ନାନ କରୁଥିଲା ପରି ମନେହେଉଚି ।

ଏହି ରକ୍ତରାଗର ରଞ୍ଜନ ମଧ୍ୟରେ ଶୋଭାଯାତ୍ରାଟି ଆଗକୁ ଆଗକୁ ଚାଲିଥାଏ । ସେମାନଙ୍କର ଦେହର ରଙ୍ଗବେରଙ୍ଗ ପରିଧାନ ଓ ଅଳଙ୍କାରମାନ ଏହି କିରଣରେ ଚକ୍‌ଚକ୍

Digitized by srujanika@gmail.com

ହେବାରେ ଲାଗିଥାଏ, ଅନାଇଦେଲା ବେଳକୁ ଆଖି କ'ଣ ହୋଇଯାଉଥାଏ । ମନେହେଉଥାଏ ଏକାବେଳେକେ ସବୁ ଫୁଲ ଫୁଟିଉଠିଥିବା ଗୋଟାଏ ଫୁଲକିଆରି ଯେପରି ଆଜି ହଠାତ୍ ଧୀର ପାଦ ପକାଇ ପବନରେ ଦୋହଲି ଦୋହଲି ଆଗକୁ ଯିବାରେ ଲାଗିଚି ।

ଝିଅମାନେ ଅବିରାମ ଭାବରେ ଗୀତ ଗାଇବାରେ ଲାଗିଚନ୍ତି ।

ବାଟଯାକ ଡୋମିନିକଭା ଖାଲି ବାରବାର ଝିଅକୁ ଅନାଇବାରେ ଲାଗିଚି । ତା'ର ମୁହଁ ଉପରେ ଧାରଧାରହୋଇ ଲୁହ ବହିଯାଉଚି ।

ସେମାନେ ଯାଇ ପହଞ୍ଚିବା ପୂର୍ବରୁ ଆମ୍ବ୍ରୋଜ୍ ଗିର୍ଜାର ପ୍ରଦୀପମାନ ଲଗାଇ ଦେଇ ସାରିଥିଲା ।

ସେମାନେ ଦୁଇଦୁଇ ଜଣ ହୋଇ ଉପାସନାବେଦୀ ଆଡ଼କୁ ଯିବାକୁ ଲାଗିଲେ । ପାଦ୍ରି ମଧ ଠିକ୍ ସେତିକିବେଳକୁ ଦିଅଁ ମଣ୍ଡପ ପଛରୁ ଆଗକୁ ବାହାରିଆସିଲେ ।

ବାହାଘର ସରିବାକୁ ଆଦୌ ବେଶୀ ବେଳ ଲାଗିଲାନାହିଁ । କାରଣ ପାଦ୍ରିଙ୍କର ଜଣେ ରୋଗୀ ଦେଖିଯିବାକୁ ଥିଲା ଏବଂ ସେଥିପାଇଁ ସେ ଭାରି ତରତର ହେଉଥିଲେ । ଗିର୍ଜାରୁ ଫେରିବାବେଳକୁ କୁଣିଆ ଓ ଝିଅମାନେ ଗୀତ ଗାଇଗାଇ ଆସିଲେ ।

ଡୋମିନିକଭା ଆଗରେ ଦଉଡ଼ିଆସି ଘରେ ପହଞ୍ଚିଲା ଓ ଅନ୍ୟସମସ୍ତେ ଆସି ପହଞ୍ଚିଲାବେଳକୁ ସେ ଦୁଆରବନ୍ଧରେ ନବବିବାହିତ ଦମ୍ପତିଙ୍କୁ ସ୍ୱାଗତ କରିବାଲାଗି ଠିଆ ହୋଇଥିଲା । ଆଗ ସେମାନଙ୍କୁ ରୁଟି ଓ ଲୁଣ ଦେଇସାରିବା ପରେ ସେ ପୁଣିଥରେ ଅନ୍ୟମାନଙ୍କୁ ସ୍ୱାଗତ କଲା ଓ ଘର ଭିତରକୁ ଡାକିଆଣିଲା ।

ବାଜା ଓ ଗୀତ ଆରମ୍ଭ ହୋଇଗଲାଣି । ଦୁଆରବନ୍ଧରେ ଆସିଲାବେଳେ ଯିଏ ଯେଉଁ ସ୍ତ୍ରୀଲୋକକୁ ଆଗ ହାବୁଡ଼ିଲା, ତାକୁ ଧରି ନାଚିବାଲାଗି ଆଗଭର ହୋଇ ଆସିଲା । କିୟତ୍‌କ୍ଷଣ ପରେ ସମସ୍ତେ ଯାଉଁଳି ଯାଉଁଳି ହୋଇ ନାନାରଙ୍ଗର ଗୋଟିଏ ସର୍ପାକୃତିରେ ଘରଭିତରେ ନାଚିବାକୁ ଲାଗିଲେ । କିଏ କେତେପ୍ରକାର ଠାଣିରେ ବୁଲିଯାଉଥାନ୍ତି, ମୋଡ଼ ଭାଙ୍ଗି ଯାଉଥାନ୍ତି ଓ ନିତମ୍ବଗୁଡ଼ିକୁ ଦୋହଲାଇ ଦେଉଥାଆନ୍ତି । ସେମାନଙ୍କର ନୃତ୍ୟରତ ପଦର ପତନଶବ୍ଦରେ ଘରଟାଯାକ ଦୁଲ୍‌ଦୁଲ୍ କମ୍ପିବାକୁ ଲାଗିଲା । ସବାଆଗରେ ବୋରିନା ଆଉ ୟଗ୍‌ନା ଓ ସେମାନଙ୍କ ପଛରେ ଧାଡ଼ି ବାନ୍ଧି ଆଉ ସମସ୍ତେ !

ଘର ଭିତରେ ଆଲୁଅ ଜଳି ଝଲମଲ ଦେଖାଯାଉଥାଏ, ଏହି ଆନନ୍ଦମତ୍ତ ନୃତ୍ୟର ଗୁରୁପ୍ରଭାବରେ ସତେଅବା ଚାରିପାଖରେ କାନ୍ଥଗୁଡ଼ାକ ଭୁଶୁଡ଼ି ଭାଙ୍ଗିପଡ଼ିବ ବୋଲି ମନେହେଉଥାଏ ।

ଏହା ଅସଲ ନୃତ୍ୟର କେବଳ ଉପକ୍ରମ ମାତ୍ର । ତା'ପରେ କେତେ ମିନିଟ୍ ପରେ ପୁରୁଣା ରୀତି ଅନୁସାରେ କନ୍ୟାର ସମ୍ମାନରେ ପ୍ରଥମ ନୃତ୍ୟଟି ଆରମ୍ଭ ହେଲା । ଉପସ୍ଥିତ ସମସ୍ତେ କାନ୍ଥକୁ ଲାଗି ଠିଆ ହୋଇଗଲେ, ମଝିରେ ପୁଅମାନେ ଗୋଲକରି ଠିଆହେଲେ ଓ ତାହାରି ମଝିରେ ୟଗ୍‌ନା ନାଚିବାକୁ ଆରମ୍ଭକଲା । ନାଚିବାଲାଗି ପାଦ ପକାଇଲା ମାତ୍ରକେ ତା'ର ଧମନୀର ରକ୍ତ ସ୍ପନ୍ଦିତହୋଇ ଉଠିଲା । ତାହାର ଘନନୀଳ ଆଖିଦୁଇଟି ଟକେଟକ ଚମକିବାକୁ

Digitized by srujanika@gmail.com

ଲାଗିଲା—ତାହାର ସମସ୍ତ ମୁଖମଣ୍ଡଳ ଉଦ୍‌ଭାସିତ ହୋଇ ଉଠିଲା । ଯଗ୍‌ନାକୁ ଅନେକ ସମୟ ପର୍ଯ୍ୟନ୍ତ ନାଚିବାକୁ ହେଲା । ପ୍ରତ୍ୟେକ ଯୁବକ ସହିତ ଘରର ଚାରିପାଖରେ ତାକୁ ଅନ୍ତତଃ ଗୋଟାଏ ଘେରା ବୁଲି ଆସିବାକୁ ପଡ଼ିଲା ।

ବାଜା ବଜାଉଥିବା ଲୋକମାନେ ଥକିଗଲେ, କିନ୍ତୁ ଯଗ୍‌ନା ଥକିବାକୁ ନାହିଁ । ତା'ର ବିହ୍ୱଳିତା ଯେପରି କ୍ରମେ ଅଧିକରୁ ଅଧିକ ବଢ଼ିବାରେ ଲାଗିଚି । ଟୋକାମାନେ ଆନନ୍ଦରେ ମତ୍ତ ହେଲାପରି ଟେବୁଲ୍ ବାଡ଼େଇ ତାଳଦେବାରେ ଲାଗିଚନ୍ତି ।

ସମସ୍ତଙ୍କ ସହିତ ନାଚିସାରିବା ପରେ ସବାଶେଷରେ ସେ ବର ସହିତ ନାଚିବାକୁ ଗଲା । ବୋରିନା ଏତେବେଳଯାଏ ଅପେକ୍ଷା କରି ରହିଥିଲା, ବର୍ତ୍ତମାନ ଫଟ୍‌କରି ଆଗକୁ ଡେଇଁପଡ଼ି ବାହାରିଆସିଲା । ସତେଅବା ଗୋଟାଏ ବାଘପରି ଆସି ସେ ଯଗ୍‌ନାକୁ ମାଡ଼ିବସିଲା, ତାକୁ ଅଣ୍ଟାପାଖରୁ ଧରିନେଇ ଝଡ଼ବେଗରେ ନାଚିବାକୁ ଲାଗିଲା ଓ ବାଜାବଜାଳିମାନଙ୍କୁ ନିର୍ଦ୍ଦେଶ ଦେଲା—

"ବଜାଅ ପିଲାଏ, ଭଲକରି ବାଜାଅ, ଆହୁରି ଜୋରକରି ବଜାଅ !"

ସବୁ ବାଦ୍ୟଯନ୍ତ୍ର ଏକାବେଳେକେ ନିନାଦିତ ହୋଇଉଠିଲେ । ସମସ୍ତ ଘରଟି ଆକୁଳ ଉତ୍ତେଜନାରେ ଥରଥର କମ୍ପିବାକୁ ଲାଗିଲା ।

ଘରଯାକର ମଣିଷ ବିସ୍ମିତ ଓ ଅପଲକ ନୟନରେ ଏହି ନୃତ୍ୟୋଲ୍ଲାସକୁ ଦେଖିବାରେ ଲାଗିଥାନ୍ତି । ବୋରିନାର ଚିତ୍ତ ଆଜି କୌଣସି କ୍ଳାନ୍ତ ମାନିବାକୁ ପ୍ରସ୍ତୁତ ନୁହେଁ । ଏହି ଯୁଗଳନୃତ୍ୟର ପ୍ରୋତ୍ସାହନ ପାଇ ଆହୁରି କେତେଜଣ ମଧ ଭଲମନ୍ଦ ଭୁଲି ପାଖରେ ଠିଆହୋଇଥିବା ଗୋଟିଏ ଗୋଟିଏ ଝିଅଙ୍କୁ ଧରି ନାଚର ଭଉଁରୀ ବୁଲିବାକୁ ଆରମ୍ଭ କରିଦେଲେ ।

ଶେଷକୁ ଯଗ୍‌ନା ହାଲିଆ ହୋଇପଡ଼ିଲା । ତାହାର ବାହୁଦୁଇଟା ଅବଶ ହୋଇ ଆସିଲା । ତହୁଁ ବୋରିନା ନାଚିବା ବନ୍ଦକରି ତାକୁ ଆର ଘର ଭିତରକୁ ନେଇଗଲା ।

"ତୋର ସତେ କେଡ଼େ ଉତ୍ସାହ, କେଡ଼େ ସରାଗ ! କୋଉ ଟୋକା ଭଲା ତୋର ସରିହେବ କହିଲୁ ?"—ପେଷଣିଆ ଘରର ଗୃହସ୍ଥ ବୋରିନାକୁ ବାହାବାହା ଦେଇ କହିଲା, "ଆଜିଠାରୁ ତୁ ମୋର ଧରମଭାଇ ହେଲୁ । ତୋ'ର ପହିଲି ପିଲାକୁ ତୁ ମୋ'ନାଆଁରେ ଦିଅଁଲାଗି କରାଇବୁ, ତୋ'ପାଖରେ ମୋ'ର ଏହି ମାଗୁଣି ରହିଲା ।"—କହି ସେ ବୋରିନାର ବେକରେ ଆପଣାର ହାତଟାକୁ ନେଇ ଲମ୍ବାଇଦେଲା । ସେତେବେଳକୁ ବାଜା ବନ୍ଦ ହୋଇଗଲାଣି ଓ ମିଠାଇ ବଣ୍ଟା ଆରମ୍ଭ ହେଲାଣି ।

ଡୋମିନିକଭା ଆଉ ତା'ର ଦୁଇ ପୁଅ କମାରପୁଅ ଆଉ ଯଗୁଷ୍ଟିଙ୍କା ସହିତ ମିଶି ଏପାଖସେପାଖ ଦଉଡ଼ଧାପଡ଼ କରି ଖାଇବା ପରିଶିବାରେ ଲାଗିଚନ୍ତି । କିଏ ମଦ ବୋତଲ ଓ ପୁଳାଏ ଗିଲାସ ନେଇ ଦଉଡ଼ିଚି ! ୟୁଜ୍‌କା ଓ ଅନ୍ୟ ସ୍ତ୍ରୀଲୋକମାନେ କୁଲାରେ ପାଉଁରୁଟି ଓ ଅନ୍ୟ ପିଠାପଣା ଧରି ଅତିଥିମାନଙ୍କ ପାଖକୁ ଦଉଡ଼ିଚନ୍ତି ।

ରାତିକୁ ପୁଣି ରାତ୍ରିଭୋଜନ ପରିବେଷଣ କରାଗଲା । ବରକନ୍ୟା ଆଗ ଯାଇ ବସିଲେ, ତା'ପରେ ଅନ୍ୟମାନେ ଯାଇ ବସିପଡ଼ିଲେ । ଗାଆଁରେ ଯେଉଁମାନଙ୍କର ଖାତିରି ବେଶୀ, ବୟସ

Digitized by srujanika@gmail.com

ବେଶୀ, ବା ସମ୍ପତ୍ତି ବେଶୀ. ସେମାନଙ୍କଲାଗି ବିଶେଷ ଭାବରେ ସ୍ଥାନ କରାଯାଇଥିଲା । ପ୍ରଥମେ ସମସ୍ତେ ଚୁପ୍‌ଚାପ୍ ହୋଇଗଲେ ଓ ପ୍ରାର୍ଥନାମନ୍ତ୍ର ପଢ଼ାଗଲା । ତା'ପରେ ବରବଧୂଙ୍କର ଦୀର୍ଘ ଜୀବନ ଓ ସୁଖ କାମନା କରି ଗୋଟିଏ ଗିଲାସ ଚାରିପାଖରେ ବୁଲିଗଲା । ତା'ପରେ ଗୀତ ଗାଇଗାଇ ରାନ୍ଧୁଣୀମାନେ ଗୋଟିଏ ବଡ଼ ପାତ୍ରରେ ବାମ୍ଫ ବାହାରୁଥିବା ଖାଦ୍ୟସାମଗ୍ରୀ ନେଇ ଘରଭିତରକୁ ଆସିଲେ । ବାଜାଦାରମାନେ ଧୀରତାନରେ ସଙ୍ଗୀତ ପରିବେଷଣ କରିବାରେ ଲାଗିଥାନ୍ତି ଓ ଭୋଜନର ଆମୋଦ ବୃଦ୍ଧି କରୁଥାନ୍ତି ।

ତା'ପରେ ସମସ୍ତ ସନ୍ତର୍ପଣରେ ହାତ ଚଳିଲା । ସମସ୍ତେ ଚୁପ୍‌ଚାପ୍, କେହି ଆଉ କାହାରି ସହିତ କଥାବାର୍ତ୍ତା କରୁନାହାନ୍ତି । କେବଳ ହାପୁଡ଼ିବା ଶବ୍ଦ ଓ ଚାମଚର ଝଣଝଣ ବ୍ୟତୀତ ଆଉ କିଛି ଶୁଣାଯାଉନଥାଏ । ଖାଇବାଟା କିଛିଦୂର ଆଗେଇଗଲା ପରେ କମାରପୁଅ ଆଉ ଗୋଟିଏ ବୋତଲ ନେଇ ଚାରିପାଖରେ ବୁଲାଇଆଣିଲା ଏବଂ ଏତେବେଳେଯାଇ ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ଆରମ୍ଭ କଲେ ।

ଯଗ୍‌ନାର ଆଜି ଖାଇବାକୁ କୌଣସି ରୁଚି ନାହିଁ । ବୋରିନା ତାକୁ କେତେପ୍ରକାରେ ବାଧ କରୁଚି, କେତେପ୍ରକାରେ ପ୍ରବର୍ତ୍ତାଉଚି, ଠିକ୍ କୌଣସି ପିଲାକୁ ଖାଇବାଲାଗି ଫୁସୁଲାଇବା ପରି ସେ ତାକୁ ଫୁସୁଲାଇବାରେ ଲାଗିଚି । କିନ୍ତୁ ସେ ଆଗରେ ବଢ଼ାହୋଇ ଥୁଆହୋଇଥିବା ମାଉଁସରୁ ମଧ୍ୟ ଖଣ୍ଡେହେଲେ ଖାଇବାକୁ ରାଜି ନୁହେଁ ! ତାକୁ ଭାରି ଗରମ ଲାଗୁଚି, ଭାରି ଥକାଥକା ଲାଗୁଚି ।

''ଯଗ୍‌ନା, ସତରେ ତୋ'ର ପେଟ ପୂରିଲା ନା ମିଛରେ କହୁଚୁ ? ଯଗ୍‌ନା, ମୋ' ରାଣୀ, ତୋ'ର ବୋଉପାଖରେ ତୁ ଯେମିତି ଥିଲୁ, ମୋ'ଘରେ ଯାଇ ମଧ୍ୟ ଠିକ୍ ସେହି ସୁଖରେ ରହିବୁ । ସାଆନ୍ତାଣୀ ହୋଇ ରହିବୁ । ମୁଁ ଆଉଗୋଟାଏ ଚାକରାଣୀ ରଖିବି, ଯେପରି ତୋତେ ଗୁଡ଼ାଏ କାମ କରିବାକୁ ନପଡ଼େ !''—ସେ ଗଳା ଚିପିଚିପି କହୁଥାଏ ଏବଂ ଦେଖୁଥିବା ଲୋକମାନେ କ'ଣ କହିବେ ବା ନକହିବେ, ସେଥିପ୍ରତି କୌଣସି ଭ୍ରୂକ୍ଷେପ ନକରି ଅଶେଷ ସରାଗରେ ଯଗ୍‌ନାର ଆଖିଆଡ଼କୁ ଅନାଇ ରହୁଥାଏ । ଲୋକମାନେ ଆଖର ଖୋଲାଖୋଲି ତାମସା କରିବାକୁ ଆରମ୍ଭ କରିଦେଲେ ।

''ବିଲେଇ ମାଉଁସକୁ ଛକିରହିଥିଲା ପରି ସେ ଆଖି କାଢ଼ି ଅନାଇ ରହିଚି !''

''ବୁଢ଼ା କେମିତି ଦେଖାଇ ହେଉଚି ଦେଖ ! ତା'ଆଗରେ ଗଞ୍ଜା କୁକୁଡ଼ା ମଧ୍ୟ ହାର ମାନିଯିବ !''

''ଆରେ, ଅଜା ବୋରିନା ଆଖି ସୁଖ କରୁଚି !''

ସମସ୍ତେ ଠୋ' ଠୋ' ହୋଇ ହସିଉଠିଲେ । ରାନ୍ଧୁଣୀମାନେ ଖାଦ୍ୟସାମଗ୍ରୀ ନେଇ ପୁଣି ପହଞ୍ଚିଲେ ।

''ଯଗ୍‌ନା, ଇଆଡ଼େ ଅନାଇଲୁ, ମୁଁ ଗୋଟାଏ କଥା କିହିବି, ଶୁଣ !''—ପଧାନେ କହିଲେ । ''ମୁଁ ତୋ'ର ପହିଲି ପିଲାର ଧରମବାପା ହେବି ।''—ଯଗ୍‌ନାର ଆଖି ଉପରେ ଲୋଭାସକ୍ତ ଦୃଷ୍ଟି ନିକ୍ଷେପ କରୁକରୁ ସେ କହିବାକୁ ଲାଗିଲେ ।

Digitized by srujanika@gmail.com

ଏକଥା ଶୁଣି ଯଗ୍ନା ସରମରେ ଗୋଟାସୁଦ୍ଧା ରଙ୍ଗା ପଡ଼ିଗଲା । ସେଠାରେ ଥିବା ସ୍ତ୍ରୀଲୋକମାନେ ଏହା ଲକ୍ଷ୍ୟ କରିପାରି ଅଧିକ ଜୋରରେ ହସିଉଠିଲେ ଓ ଆହୁରି ଅଧିକ ଉତ୍ସାହରେ ତାକୁ ଥଟ୍ଟା କରିବାକୁ ଲାଗିଲେ । ଗେରସ୍ତ ସହିତ ତା'ର କିପରି ବ୍ୟବହାର କରିବା ଉଚିତ ବା ଅନୁଚିତ, କେହି କେହି ଏ ବିଷୟରେ ମଧ ତାକୁ ପରାମର୍ଶ ଦେବାକୁ ଆରମ୍ଭ କଲେ ।

''ସବୁଦିନେ ତୁ ନିଆଁ ପାଖରେ ତା'ପାଇଁ ଚଢ଼େଇପଗର ବିଛଣା ପାରିଦେବୁ ଲୋ, ନହେଲେ ବୁଢ଼ାକୁ ଭାରି ହେମାଳ ଲାଗିବ ।''

''ହଁ, ବୁଢ଼ାକୁ ଭାରି ଚର୍ବିଖାଇବାକୁ ଦେବୁ, ତା'ହେଲେ ତା'ର ବଳ ଖସି ପଡ଼ିବନାହିଁ ।''

''ତା' ବେକ ଚାରିପାଖରେ ତୋ' ବାହାକୁ ଲମ୍ବାଇଦେଇ ତାକୁ ଆଦର କରିବୁ, ବୁଝିଲୁ ?''

''ତାକୁ ତୁ କଅଁଳ ହାତରେ ଚଳାଇବୁ, ଯେପରି ତାକୁ ପରାସ ଲାଗିବନାହିଁ !''

ଥଟ୍ଟାତାମସା ଏହିପରି ଭାବରେ ବଢ଼ିଚାଲିଥାଏ । ସ୍ତ୍ରୀଲୋକମାନେ ବେଶୀ ମଦ ପିଇଲେ ସବୁଦନେ ସେମାନଙ୍କର ଜିଭ ଉପରେ ଆଉ ସେମାନଙ୍କର କୌଣସି ଅକ୍ତିଆର ରହେନାହିଁ ।

ରାନ୍ଧୁଣୀମାନେ ପୁଣି ଗୀତ ଗାଇଗାଇ ପ୍ରବେଶ କଲେ । ସମସ୍ତେ ତାରିଫ କରି କହିଲେ, ''ସେମାନେ ସବୁ ସାମଗ୍ରୀ ଭାରି ବଢ଼ିଆ କରି ତିଆରି କରିଚନ୍ତି !''

''ସତ ଏକା । ଏହି ଭୋଜିରେ ମନକଲେ ହଜାରଟଙ୍କା ଖରଚ ହୋଇଥିବ !''

''ଆଲୋ, ତା'ର କୋଉ ଅଭାବ ଅଛି କହିଲୁ ? ଛଅମାଣ ଜମି ପାଉଚି, କ'ଣ ମାହାଳିଆ ?''

''କିନ୍ତୁ ଯଗ୍ନାକୁ ଅନେଇଲୁ, ସେ କାହିଁକି ମନଟାକୁ ମାରିଦେଇ ବସିଚି !''

''ସମତା ରଖିବାକୁ । ଦେଖୁନୁ, ବୁଢ଼ା ବୋରିନା କେମିତି କଟାସଙ୍କ କରି ତା'ଆଡ଼କୁ ଅନାଇଚି ?''

''କଟାସ ନୁହେଁ, ଠିକ୍ ଜଳନ୍ତା ଅଙ୍ଗାର !''

''କିନ୍ତୁ ବୁଢ଼ା ଦିନେ-ନା-ଦିନେ ଏହି ଦିନଟା ସକାଶେ ଭାରି କାନ୍ଦିବ ।''

''ନାଇଁମ, କାନ୍ଦିବ କାହିଁକି ? ସେ କ'ଣ କାନ୍ଦିବା ଲୋକ ?''

''ବାହାଘର ପ୍ରସ୍ତାବ ଯୋଉଦିନ ହେଲା ପଧାନଭାରିଯାକୁ ମୁଁ ସେଦିନ ଠିକ୍ ଏହିକଥା କହିଥିଲି !''

''କିନ୍ତୁ ଆଜି ତା'ର କାହିଁକି ଏଠାରେ ଦେଖାନାହିଁ କହିଲୁ ?''

''ତା'ର ଆସି ମାସ ହୋଇଗଲାଣି । ଆସିବ କେମିତି ?''

''କିନ୍ତୁ ମୁଁ ବାଜି ପକାଇ କହୁଚି, ଖରାଦିନ ପରବ ଆରମ୍ଭ ହେବା ପୂର୍ବରୁ ଯଗନା ପୁଣି ଗାଆଁ ଟୋକାଙ୍କ ପଛରେ ଦଉଡ଼ିବାରେ ଲାଗିଯିବ ।''

''ମାଥିଉ ତ ସେଥିପାଇଁ ଖାଲି ଟାକି କରି ବସିଚି !''

Digitized by srujanika@gmail.com

''ମୁଁ ଜାଣିଚି, ସେ କୁଆଡ଼େ ମଦଦୋକାନରେ ଠିକ୍ ଏଇକଥା କହୁଥିଲା ।''

''ବାହାଘରକୁ ତାକୁ ଡକା ହେଲାନାହିଁ ବୋଲି ତା'ର ଭାରି ରାଗ ।''

''ବୁଢ଼ା ଡାକିବାଲାଗି କହୁଥିଲା, କିନ୍ତୁ ଡୋମିନିକଭା ଆପତ୍ତି କଲା । ଗାଆଁଯାକରେ ତାଙ୍କ କଥା କିଏ ନଜାଣିଚି କହିଲୁ ?''

''ସମସ୍ତେ ସିନା କହୁଚନ୍ତି, କିନ୍ତୁ କେହି ଭଲା କିଛି ଦେଖିଚି ?''

''ହଁ, ଆରବର୍ଷ ଫଗୁଣମାସରେ କୁଆଡ଼େ ସେମାନଙ୍କୁ ଜଙ୍ଗଲରେ ବୁଲୁଥିବାର କେତେଲୋକ ଦେଖିଚନ୍ତି ।''

''ଯିଏ ଦେଖିଚି ବୋଲି କହୁଚି, ସେ ନିପଟ ମିଛୁଆ, ନିପଟ ଚୋର ! ଡୋମିନିକଭା ସହିତ କ'ଣପାଇଁ କଜିଆ ଲାଗିଥିବ, ସେଥିପାଇଁ ହୁଏତ ସେ ତା' ଝୁଅ ନାଆଁରେ ଲଗାଇ କହୁଥିବ !''

''କିନ୍ତୁ ଆଉ ଲୋକମାନେ ତ ପୁଣି ଦେଖିଚନ୍ତି ?''

''ସେସବୁ ଖାଲି ଉଡ଼ାକଥା । ସେଥିରେ ମୋ'ର କ'ଣ ଅଛି ଗୋ ? କିନ୍ତୁ ମୁଁ ଭାବୁଚି ଆନ୍ତେକ୍ ଆଉ ତା'ର ପରିବାର ପ୍ରତି ବୁଢ଼ା ଭାରି ଅନ୍ୟାୟ ବିଚାର କଲା !''

''ଏହି ଆନ୍ତେକ୍ ବିଷୟରେ ମଧ କେତେଲୋକ କେତେ କ'ଣ କହୁଚନ୍ତି ! କହୁଚନ୍ତି, ସେ ଦୁହେଁ କୁଆଡ଼େ କେତେଥର ଏକାଠି ହୋଇ ଏଠିସେଠି ବୁଲୁଥିଲେ ।''—ଏମିତି କଥାବାର୍ତ୍ତା ଚାଲିଲା । ଗାଆଁର କୌଣସି ପରିବାରର ସମ୍ମାନକୁ ଆଉ ସେମାନେ ବାକୀ ରଖିଲେ ନାହିଁ । ଶେଷକୁ ସେମାନଙ୍କର ପାହାର ଆସି ଡୋମିନିକଭା ଉପରେ ପଡ଼ିଲା । ତା'ର ଦୁଇ ପୁଅଙ୍କପ୍ରତି ସହାନୁଭୂତି ପ୍ରକାଶ କରି ସେମାନେ କେତେ କଥା ପକାଇବାକୁ ଲାଗିଲେ ।

''ଏଇଟା କ'ଣ ପାପ ହେଉନାହିଁ ? ସିମନ୍‌ର ନିଶଦାଢ଼ି ହେଲାଣି, ତିରିଶ ବରଷର ମରଦ ହେବାକୁ ବସିଲାଣି, କିନ୍ତୁ ବୁଢ଼ୀ ତାକୁ ବାହାକରେଇ ଦେଉନାହିଁ । ତାକୁ ଘରଛାଡ଼ି ଆଉ କୋଉଠିକି ଯିବାକୁ ମଧ ଦେଉନାହିଁ । ଆଉ ଟିକିଏ କ'ଣ ଗଲତି ଦେଖିଲେ ଧୂମାଳ ଉଡ଼ାଇବା ଆରମ୍ଭ କରିଦେଉଚି !''

''ସତରେ ଭାରି ଲାଜକଥା ! ଏଡ଼େ ବଡ଼ ବଡ଼ ଭେଣ୍ଡିଆମାନ, ଘରଟା ଭିତରେ ପଡ଼ିରହି ତିର୍ଲା ଲୋକମାନଙ୍କର ଯାବତ କାମ କରିବାରେ ଲାଗିଚନ୍ତି !''

''ଆଉ ଯଗ୍‌ନାର ହାତ କୋଉକାମରେ କୁଆଡ଼େ ବାଜିବ ନାହିଁ ! ତା'ର ସୁନ୍ଦର ହାତ ଅସନା ହୋଇଯିବ ପରା !''

''ପୁଅମାନଙ୍କ ନାଆଁରେ ଜଣପିଚ୍ଛା ପାଞ୍ଚପାଞ୍ଚ ମାଣ ଜମି ଲେଖାହୋଇ ରହିଚି । ସେମାନେ ଖୁସୀରେ ବାହାହୋଇ ଘର କରିପାରନ୍ତି !''

''ଆଉ ଗାଆଁରେ ଏତେ ବାଡୁଅ ଝିଅ ଅଛନ୍ତି, କ'ଣ କନିଆଁ ଅପରାପତ ହୁଅନ୍ତେ ?''

''ଆଲୋ ମୋର ମନେଅଛି ପରା, ଏ ବୁଢ଼ୀଟା ମଧ ତା'ର ଝୁଅଦିନେ ଯଗ୍‌ନାଠାରୁ କୌଣସି ଗୁଣରେ ଊଣା ନଥିଲା ।''

Digitized by srujanika@gmail.com

''ଆଲୋ କଥାରେ କହିଚି ପରା, ମୂଳ ଯେମିତି ଡାଳ ସେମିତି, ମାଆ ଯେମିତି ଝିଅ ମଧ ସେମିତି !''

ରାତ୍ରିଭୋଜନ ସରିବା ସଙ୍ଗେସଙ୍ଗେ ଗୀତବାଦ୍ୟ ମଧ ବନ୍ଦ ହୋଇଗଲା । ବାଜାଦାରମାନେ ଜଳଯୋଗ କରିବାଲାଗି ରୋଷେଇଘର ଆଡ଼କୁ ଗଲେ । ତଥାପି ଲୋକମାନଙ୍କର ଆହ୍ଲାଦକୋଳାହଳ ଆଦୌ ବନ୍ଦ ହୋଇନଥାଏ, ଘରଭିତରେ ସମସ୍ତେ ସମସ୍ତଙ୍କ ସହିତ କଥା କହିବାରେ ଲାଗିଥାନ୍ତି, କିଏ କ'ଣ କହୁଚି, ସେକଥା ବୁଝିବା ସମ୍ଭବ ହେଉନଥାଏ ।

ଭୋଜନ ସରିବାପରେ ବିଶେଷ ଅତିଥିମାନଙ୍କୁ ସର୍ବତ ପରିବେଶଣ କରାଗଲା ଏବଂ ଅନ୍ୟମାନଙ୍କୁ କଡ଼ା ବିଅର୍ ଓ ଭଡ୍‌କା ମନମୁତାବକ ପିଇବାକୁ ଦିଆଗଲା । ସେତେବେଳକୁ ପ୍ରାୟ ସମସ୍ତଙ୍କୁ ନିଶା ଲାଗି ଆସିଲାଣି, ମୁଣ୍ଡଭିତରଟା ଭାରି ଉଶ୍ୱାସ ଲାଗୁଚି—କେତେବେଳକୁ କ'ଣ ପିଆଯାଉଚି, ଆଉ ସେ ବିଷୟରେ କାହାରି କୌଣସି ଖିଆଲ ନାହିଁ । ଆଉଟିକିଏ ଶୀତଳ ହେବାକୁ ସେମାନେ ଆପଣାଆପଣା କୁରୁତାରୁ ବୋତାମ ଫିଟାଇଦେଲେ, ଟେବୁଲ ଉପରେ ହାତ କଚାଡ଼ି କଥାବାର୍ତ୍ତା ହେଲେ, କେତେବେଳେ ବେକ ଚାରିପାଖରେ ହାତ ବେଢ଼ାଇଦେଇ ପରସ୍ପରକୁ ଆଲିଙ୍ଗନ କରିବାକୁ ଲାଗିଲେ, ସତେ ଯେପରି ଅତ୍ୟନ୍ତ ଏକାତ୍ମା ଓ ଅନ୍ତରଙ୍ଗ ଭାବରେ ହୃଦୟ ଖୋଲିଦେଇ ସେମାନେ ପରସ୍ପର ଆଗରେ ଦୁଃଖସୁଖର ପେଡ଼ି ମେଲାଇଦେଲେ ।

''ସଂସାରରେ ବଞ୍ଚିବା ଅର୍ଥ ଖାଲି ଯାତନା ସହିବା । ମଣିଷଜୀବନର ଗାଡ଼ିରୁ ଚକା ହୁଗୁଳା ହୋଇଗଲାଣି, ତେଣୁ ଆମର କେବଳ ଦୁଃଖ ଭୋଗିବା ହିଁ ସାର ହେଉଚି !''

''ଆଉ ମଣିଷଗୁଡ଼ାକ ବି କୁକୁରଠାରୁ ଆସି ବଳିଲେଣି । ଖଣ୍ଡେ ହାଡ଼ର ଚାରିପଖରେ ଘେରି ଧରାପରା ହେଉଚନ୍ତି ।''

''ଏମିତି ପଡ଼ୋଶୀ ପଡ଼ୋଶୀ ଭିତରେ ଏକାଠି ବସି ମଦ ପିଉଥିଲାବେଳେ ପରସ୍ପରର ଦୁଃଖ ପରସ୍ପରକୁ କହିବା ଓ ପରସ୍ପରଠାରୁ ପରାମର୍ଶ ନେବା ବ୍ୟତୀତ, ଆପେ କରିଥିବା ବା ଭୋଗିଥିବା ଭୁଲପାଇଁ କ୍ଷମା ମାଗିନେବା ବା କ୍ଷମାଦେବା ବ୍ୟତୀତ ଏ ଜୀବନରେ ଆଉ କି ସାନ୍ତ୍ୱନା ଅଛି କହିଲ ?''

''ଆଜି ଦିନଟା ଠିକ୍ ସେହିପରି ଆନନ୍ଦରେ କଟିଗଲା । କିନ୍ତୁ ଇଏତ କେବଳ ଗୋଟାଏ ଦିନ !''

''ଆରେ ଆମ ଇଚ୍ଛା କରିବାରେ ବା ନକରିବାରେ କ'ଣ ଅଛି, ଆଜି ଗଲେ ତ କାଲି ଅବଶ୍ୟ ଆସିବ ! କାଲିର ଯୁଆଳି ଅବଶ୍ୟ ଆସି କାନ୍ଧରେ ପଡ଼ିବ, ଦାରିଦ୍ର୍ୟର ପାଞ୍ଚଣ ଧରି ସେ ଅବଶ୍ୟ ତୁମକୁ ପାହାର ପାହାର କରି ପିଟିବ । ଆଉ ନହୁନୁହାଣ ହେଲାପର୍ଯ୍ୟନ୍ତ ସେଇ ଯୁଆଳିକୁ ଟାଣିବା ବ୍ୟତୀତ ମଣିଷର ଆଉ କି ଚାରାଅଛି କହିଲ ?''

Digitized by srujanika@gmail.com

''କ'ଣ ପାଇଁ ଆମେ ଏତେ ଦୁଃଖ ଭୋଗ କରୁଚୁ, କ'ଣ ପାଇଁ ଜଣେ ମଣିଷ ଆଉଜଣକ ବିରୁଦ୍ଧରେ ଲଢ଼ିବାକୁ ବାହାରିପଡୁଚି, ମାଉଁସ ନଥିବା ହାଡ଼ଖଣ୍ଡ ପାଇଁ କୁକୁର ମେଳିହୋଇ କଜିଆ କରୁଥିବାପରି ମଣିଷ କ'ଣପାଇଁ କଜିଆ କରୁଚି ?''

''ଖାଲି ଦାରିଦ୍ର୍ୟପାଇଁ କ'ଣ ଏସବୁ ହେଉଚି ? ନାଇଁ—ଆମର ଗ୍ରହ ଖରାପ । ଏହି ଦୁଷ୍ଟ ଗ୍ରହ ଆମକୁ ଭୂତପରି ମାଡ଼ିବସି ଆମକୁ ଅନ୍ଧ କରିଦେଉଚି । ଆମର ଆଉ ଭଲମନ୍ଦ ବାରିବାକୁ କଳ ପାଉନାହିଁ !''

''ହଁ, ସତକଥା ଏକା । ଦରପୋଡ଼ା ନିଆଁକୁ ଫୁଙ୍କିକରି ଜଳାଇବାପରି ସେ ଆମ ଆତ୍ମାକୁ ଜଳାଇବାରେ ଲାଗିଚି । ସେଇ କୂଟକରି ଆମଭିତରୁ ଲୋଭ, ହିଂସା ଆଉ ଖଳପ୍ରବୃତ୍ତି ଉପୁଜାଇବାରେ ଲାଗିଚି ।''

''ଭଗବାନଙ୍କର ଆଜ୍ଞା ଶୁଣିବାକୁ ଯାହାର କାନ ବଧିରା ହୋଇଯାଇଚି, ନରକର ଗୀତବାଇଦ ଶୁଣିବାଲାଗି ତା'ର କାନ ଆଗ ଠିଆହୋଇ ରହୁଚି !''

''ଆଗେ କାଳଟା ଏଡ଼େ ଖରାପ ନଥିଲା । ସେତେବେଳେ ସବୁକଥାକୁ ଭାରି ମାନ୍ୟତା ଥିଲା । ସମସ୍ତେ ବଡ଼ମାନଙ୍କୁ ଉଚିତ ସମ୍ମାନ କରୁଥିଲେ, ପରସ୍ପର ସହିତ ମିଳିମିଶି ରହୁଥିଲେ !''

''ପୁଣି ସବୁରି ପାଖରେ ଜମି ଥିଲା, ଆପଣା ଚଷିବାମାନିଆଁ ଯଥେଷ୍ଟ ଜମି ଥିଲା, ଗୋଚରଭୂଇଁ ମଧ ଥିଲା, ପଡ଼ିଆ ଥିଲା, ଜଙ୍ଗଲ ମଧ ଥିଲା ।''

''ସେତେବେଳେ ଏଇ ଖଜଣା ଦେବା କଥା କୋଉଠି ଶୁଣାଥିଲା କହିଲ ?''

''ସେତେବେଳେ ପଇସାଦେଇ କେହି ଜଙ୍ଗଲକୁ କାଠ କିଣି ଯାଉଥିଲେ ? ଆରେ ବାବୁ, କାଠ ଦରକାର ତ ଗାଡ଼ିନେଇ ଜଙ୍ଗଲକୁ ଯାଅ, ଆଉ ମନଇଚ୍ଛା କାଠ କାଟି ନେଇଆସ । ବଢ଼ିଆରୁ ବଳି ବଢ଼ିଆ କାଠ କାଟି ଆଣିଲେ ମଧ କେହି କହିବାକୁ ନାହିଁ । ସେତେବେଳେ ଜମିଦାରର ସମ୍ପତ୍ତି ଚାଷୀର ମଧ ସମ୍ପତ୍ତି ହୋଇ ରହିଥିଲା ।''

''ଆଉ ବର୍ତ୍ତମାନ ସେହି ସମ୍ପତ୍ତି କାହାରି ନୁହେଁ—କେବଳ ଇହୁଦୀମାନଙ୍କର, ବା ତା'ଠାରୁ ଆହୁରି ଅଧିକ କାଙ୍ଗାଳମାନଙ୍କର ।''

''ଝାମ୍ପମାରି ନେଉଥିବା ଛଆଣମାନଙ୍କର !... ପିଅ, ଆଉ ଟିକିଏ ପିଅ ! ଭଡ୍‌କା ପିଇବା କ'ଣ ପାପ ନା କ'ଣ ? ଉଚିତ ପରିମାଣରେ ପିଇଲେ ଓ ଆପଣାର ସାଙ୍ଗସାଥୀମାନଙ୍କ ସହିତ ଏକାଠି ବସି ପିଇଲେ ଏଥିରେ ଖରାପ କ'ଣ ଅଛି ? ଭଡ୍‌କା ଭାରି ଭଲ ଜିନିଷ, ଦେହକୁ ଭାରି ଉପକାର ପରେ, ରକ୍ତ ପରିଷ୍କାର କରିଦିଏ, ମିଜାଜକୁ ମଧ ଥଣ୍ଡାକରେ !''

ଏମିତି ଗପ ଚାଲିଥାଏ, ମଦପିଆ ମଧ ହେଉଥାଏ । ଯାହାର ହୃଦୟରେ ଯେତେକଥା ଲୁଚିକରି ଥିଲା, ସେ କୌଣସି କୃପଣତା ନକରି ସେଗୁଡ଼ାକୁ ଏକାବେଳକେ ଉଦ୍‌ଗାରି ଦେଉଥାଏ । ଆମ୍ବ୍ରୋଜ ସମସ୍ତଙ୍କଠାରୁ ଅଧିକ ବକ୍‌ବକ୍ ହେଉଥାଏ , ସମସ୍ତଙ୍କଠାରୁ ବଡ଼ ପାଟିରେ କଥା କହୁଥାଏ ।

Digitized by srujanika@gmail.com

ସବାଶେଷରେ ଇଭା ଓ ୟଗୁଷ୍ଟିଙ୍କା ଗୋଟିଏ ପାତ୍ର ହାତରେ ଧରି ଆସି ପହଞ୍ଚିଲେ । ସାଙ୍ଗରେ ଜଣେ ବାଜାଦାର ବୀଣା ବଜାଇ ଚାଲିଥାଏ ଓ ସେମାନେ ଗୀତ ଗାଇ ମାଗୁଣି କରୁଥାନ୍ତି ।

ଭୋଜିସଭାରେ ସମସ୍ତଙ୍କ ପେଟ ପୂରିଥାଏ, ସମସ୍ତେ ଦୁଇପେଟ କରି ମଦ ପିଇଥାନ୍ତି, ସମସ୍ତଙ୍କର ହୃଦୟ ଉଲ୍ଲାସରେ ମତ୍ତ ହୋଇ ରହିଥାଏ । ତେଣୁ ସମସ୍ତେ ଉଦାର ହସ୍ତ ହୋଇ ମାଗୁଣି ଥଳିରେ ପଇସା ପକାଇବାକୁ ଆରମ୍ଭ କଲେ, କେହି କେହି ରୌପ୍ୟମୁଦ୍ରା ମଧ ପକାଇଲେ ।

ତା'ପରେ ସମସ୍ତେ ଧୀରେ ଧୀରେ ଟେବୁଲରୁ ଉଠି ବାହାରକୁ ଗଲେ । କେହି ଟିକିଏ ଖୋଲାପବନ ପାଇବ ବୋଲି ଗଲା, କେହି ଆପଣାର ଗପସପ ଚାଲୁରଖିବା ଲାଗି ପିଣ୍ଡାକୁ ବା ପାଖରେ ଥିବା ବଡ଼ ଘରଟିକୁ ଗଲା । ଆଉ କେହି କେହି ମଦ ନିଶାରେ ଟଳଟଳ ହୋଇ କାନ୍ଥ ଉପରେ ବା ପରସ୍ପରର ସହିତ ବାଡ଼େଇ ହୋଇଯିବାକୁ ଲାଗିଲେ, ଠିକ୍ ମେଣ୍ଢାମୁଣ୍ଡ ଯେମିତି ପରସ୍ପର ସହିତ ବାଡ଼େଇ ହୋଇଯାଏ, ସେମିତି ।

କେବଳ ପଧାନେ ଓ ପେଷଣିଆ ଘରର ଗୃହସ୍ଥ ଏପର୍ଯ୍ୟନ୍ତ ଟେବୁଲ ପାଖରେ ବସି ରହିଥାନ୍ତି ଏବଂ କ୍ରୋଧାନ୍ୱିତ ଭାବରେ କଳିଆ କରିବାରେ ଲାଗିଥାନ୍ତି । ଶେଷରେ ଦୁଇଆଡୁ ଦୁଇଟି ଚିଲ ଆସି ପରସ୍ପର ଉପରେ ପଡ଼ିବା ପରି ସେମାନେ ପରସ୍ପରକୁ ଆକ୍ରମଣ କରିବାକୁ ଯାଉଚନ୍ତି, ଠିକ୍ ଏହି ସମୟରେ ଆମ୍ଭୋଜ ଆସି ସେମାନଙ୍କ ମଧରେ ମିଳାମିଶା କରାଇଦେବାକୁ ଚେଷ୍ଟା କଲା ଓ ସେମାନଙ୍କୁ ପୁଣି ଭଦ୍‌କା ପିଇବାକୁ ଯାଚିଲା ।

ବାହାରେ ନୀରବ ପ୍ରଶାନ୍ତ ରାତ୍ରି ବିରାଜମାନ କରୁଚି । ଆକାଶର ସ୍ୱଚ୍ଛ ଚିକଣ ଚନ୍ଦ୍ରକିରଣ ପୋଖରୀ ଉପରେ ଉଜ୍ଜ୍ୱଳ ହୋଇ ପଡ଼ିଚି, ଜଳର ସମତଳଟି କୋଉଠି କ'ଣ ବାଜି ଟିକିଏ ଚହଲିଗଲେ ତାହା ସ୍ପଷ୍ଟ ଦୃଷ୍ଟିଗୋଚର ହେଉଚି । ଭାରି ଜୋରରେ ହିମ ପଡ଼ିବାକୁ ଆରମ୍ଭ କଲାଣି, ରାସ୍ତା ଉପରେ ଚାଲିଗଲା ବେଳକୁ ହିମହୋଇ ବସିଯାଇଥିବା ପାଣି କାଚ ଭାଙ୍ଗିଗଲା ପରି ଚୂନା ହୋଇ ଯାଉଚି ଓ ରଜରଜ ଶୁଣାଯାଉଚି । ଖୁବ୍ ସମ୍ଭବ ପାହାନ୍ତା ହେବାକୁ ଆଉ ବେଶୀ ଡେରିନାହିଁ, କାରଣ ଏଠୁସେଠୁ ଗୋଟାଏ ଦୁଇଟା ଗଣ୍ଡା କୁକୁଡ଼ା ମଧ ଡାକିବାକୁ ଆରମ୍ଭ କରିଦେଲେଣି ।

ପୁଣି ନାଚ ହେବ ବୋଲି ସେମାନେ ବଡ଼ ଘରଟିକୁ ସଜାଇବାରେ ଲାଗିଥାନ୍ତି ।

ବାଜାଦାରମାନେ ମଧ ବିଶ୍ରାମ ନେଇ ସାରିଲେଣି ଓ ଖାଇ ସାରିଲେଣି । ବର୍ତ୍ତମାନ କ୍ଷୀଣ କୋମଳ ମଧୁର ସଙ୍ଗୀତର ପରିବେଷଣ କରି ସେମାନେ ଅତିଥିମାନଙ୍କୁ ଆମନ୍ତ୍ରଣ ଜଣାଉଥାନ୍ତି । ତା'ପରେ ଗୋଟାଏ ପରେ ଗୋଟାଏ କରି ଅବିରାମ ନାଚ ଚାଲିଲା । ଏହି ନୃତ୍ୟୋତ୍ସବର ଆନନ୍ଦକୁ ବର୍ଣ୍ଣନା କରି କହିବା ଆଦୌ ସମ୍ଭବ ନୁହେଁ । କୃଷକକୁଳର ଜୀବନରେ ବିନୋଦ ଭରିଦେବାକୁ ତ ଏହି ନୃତ୍ୟ ଓ ଉତ୍ସବର ପରମ୍ପରା ରହିଆସିଚି !

ଏହିପରି ଭାବରେ ବୋରିନା ଆଉ ୟଗ୍‌ନାର ବିବାହ ଉପଲକ୍ଷରେ ସେମାନେ ସମସ୍ତେ ନୃତ୍ୟ ବିନୋଦନର ଏକ ପ୍ରଶସ୍ତ ଅବକାଶ ପାଇଥିଲେ ।

Digitized by srujanika@gmail.com

ଏହି ଆନନ୍ଦ-କୋଳାହଳ ବେଳୁଁବେଳ ଅଧିକ ମୁଖର ଓ ଉତ୍ତେଜନାମୟ ହେବାରେ ଲାଗିଥାଏ । ପୂର୍ବ ଦିଗରେ ତେଣେ ପ୍ରତ୍ୟୁଷର ପୂର୍ବସୂଚନା ଦେଖାଗଲାଣି, କିନ୍ତୁ ସେ ଦିଗକୁ କାହାରି ହେଲେ ଦୃଷ୍ଟି ନାହିଁ । ରାତ୍ରିର କୃଷ୍ଣ ଅନ୍ଧକାରର ଗାତ୍ର ଭେଦକରି ନୂତନ ଉଷାର ଉଦ୍ଭାସମାନ ଉଙ୍କରି ଆସୁଚି । ଆକାଶରେ ତାରାଗୁଡ଼ିକ ମ୍ଳାନ ହୋଇ ଆସିଲେଣି, ଜହ୍ନ ବୁଡ଼ିଆସୁଚି । ଅରଣ୍ୟର ସୀମାରୁ ହଠାତ୍ ଝଲକାଏ ପବନ ଆସି ଗାତ୍ର ସ୍ପର୍ଶ କରିଦେଇ ପୁଣି କୁଆଡ଼େ ଅନ୍ତର୍ହିତ ହୋଇଗଲା, କ୍ରମେ କୃଶତର ହୋଇଆସୁଥିବା ଅନ୍ଧାର ପଛରେ ଗୋଡ଼ାଉ ଗୋଡ଼ାଉ କୁଆଡେ ଅଦୃଶ୍ୟ ହୋଇଗଲା । ବାହାରେ ଝରକା ପାଖରେ, ହିମଭାରି ବୃକ୍ଷରାଜିର ନିଦ୍ରାଳୁ ଶାଖାଗୁଡ଼ିକ ଝୁଲିକରି ରହିଥାନ୍ତି, ସେମାନେ ସତେଅବା ଘର ଭିତରକୁ ଉଙ୍କିମାରି ଚାହିଁବାକୁ ଚେଷ୍ଟା କରୁଥାନ୍ତି । କିନ୍ତୁ ଘର ଭିତରେ ଥିବା ଆନନ୍ଦମତ୍ତ ଜନସମୂହ ନୃତ୍ୟ ଓ ଗୀତର ଉଲ୍ଲାସରେ ଆତ୍ମବିସ୍ମୃତପ୍ରାୟ ହୋଇ ରହିଥାଏ ।

ଘର ଭିତରେ ଜଳୁଥିବା ମହମବତିଗୁଡ଼ିକର ଆଲୋକ କ୍ରମେ ନିଷ୍ପ୍ରଭ ଦେଖାଯାଉଚି, ସକାଳ ହେବାକୁ ଆଉ ବେଶୀ ଡେରି ନାହିଁ । ଘରଭିତରେ ମଧ୍ୟ ସକାଳର ମାଇଆଲୁଅ ବାରି ହୋଇପଡ଼ିଲାଣି । କିନ୍ତୁ ତଥାପି ସେମାନଙ୍କର ନାଚିବାର ନିଶା କମିବାକୁ ନାହିଁ । ଦୋକାନରୁ ବୋତଲକୁ ବୋତଲ ମଦ ମଗାହୋଇ ଆସୁଚି ଓ ମନଇଚ୍ଛା ପିଆହେଉଚି ।

କେତେକ ନାଚିନାଚି ଶେଷକୁ ନିରସ୍ତ ହୋଇ ଚାଲିଗଲେଣି । ଆଉ କେତେଜଣ କ୍ଳାନ୍ତ ହୋଇ ଘଡ଼ିକ ପାଇଁ ହାଲିଆ ମାରୁଚନ୍ତି । ଆଉ କେହି ମଦନିଶାରେ ଟୁଳଟୁଳ ହୋଇ ପିଣ୍ଡାରେ ବା କବାଟ ପାଖରେ ଗଡ଼ଗଡ଼ଉଚନ୍ତି । ଅଧିକ ନିଶା ଘାରିଥିବା ଅନ୍ୟମାନେ ଯାଇ ବାଡ଼ତଳେ ଚିତ୍‌ହୋଇ ପଡ଼ିରହିଚନ୍ତି । ଅନ୍ୟମାନେ ଅବିଶ୍ରାନ୍ତ ଭାବରେ ନାଚିବାରେ ଲାଗିଚନ୍ତି ।

Digitized by srujanika@gmail.com

ବାର

ସେତେବେଳକୁ ଧୂସର ସକାଳ ସମୟ ହୋଇଗଲାଣି । ଏଇ ମଦଖିଆ ଓ ନାଚଗୀତର ସୁଆଙ୍ଗ ଭିତରେ ଭିତ୍‌କ ଭାରି କ୍ଳାନ୍ତ ଅନୁଭବ କରୁଥାଏ । ହଠାତ୍ ଯଗୁଷ୍ଟିଙ୍କର ନିର୍ଦ୍ଦେଶ ପାଇ ସେ ବୋରିନାର ଘରକୁ ଦଉଡ଼ିଗଲା ।

ସେଠାରେ ଠିକ୍ ଗୋଟିଏ ଜୁଳୁଜୁଳିଆ ପୋକପରି ବତିଟିଏ ମିଞ୍ଜିମିଞ୍ଜି ହୋଇ ଜଳୁଚି । ଝରକାବାଟ ଦେଇ ଭିତ୍‌କ ଖଞ୍ଜାଭିତରକୁ ଅନାଇଲା । ଦେଖିଲା ବୁଢ଼ା ଫକୀର ରୋକ୍ ଟେବୁଲ ପାଖରେ ବସି ଭଜନମାନ ବୋଲିବାରେ ଲାଗିଚି ।

ଭିତେକ୍ ସିଧା ଗୁହାଳଆଡ଼େ ବାହାରିଗଲା । ଦୁଆରବନ୍ଧ ପାର ହେବାକୁ ବସିଚି, ଏହି ସମୟରେ ସେ ହଠାତ୍ ଆଶ୍ଚର୍ଯ୍ୟ ହୋଇ ଚିତ୍କାର କରି ଉଠିଲା ଓ ତା'ର ପାଦ ପଛକୁ ହଟିଆସିଲା । କୁଆଡୁ ଗୋଟାଏ କୁକୁର ବିକଳ ଶବ୍ଦକରି ତା'ଉପରକୁ ଡେଇଁପଡ଼ିଲା ।

''ଆରେ ଲାପା ନା ? ତୁ କେତେବେଳେ ପୁଣି ଏଠିକି ଲେଉଟି ଆସିଲୁଣି ! ବିଚାରା କୁକୁର !'' ଭାରି ଖୁସୀ ହୋଇ ସେ ସେହି ଦୁଆରବନ୍ଧ ଉପରେ ବସିପଡ଼ିଲା । ''ଭାରି ଭୋକ କରୁଚି, ପେଟରେ ଦାନା ପଡ଼ିନାହିଁ, ନୁହଁରେ ?''

ଭୋଜିଭାତରୁ ସଞ୍ଚିକରି ସେ ଆପଣା କୁରୁତାଭିତରେ ଖଣ୍ଡେ ମାଉଁସ ଲୁଚାଇ କରି ରଖିଥିଲା, ବର୍ତ୍ତମାନ ସେଇଆକୁ କାଢ଼ି କୁକୁରଟିକୁ ଖାଇବାକୁ ଦେଲା । କିନ୍ତୁ ସେତେବେଳେ କୁକୁରଟାର ଖାଇବାଲାଗି ମୋଟେ ମନ ନଥାଏ । ସେ ଭୁକି ଭୁକି ଆପଣାର ମୁହଁଟାକୁ ନେଇ ଭିତେକ୍‌ର ଛାତି ଭିତରେ ଗୁଞ୍ଜି ଦେଉଥାଏ ଏବଂ ଭାରି ଉଲ୍ଲାସରେ କୁଉଁକୁଉଁ ହେବାରେ ଲାଗିଥାଏ ।

''ସେମ୍ପାନେ ତୋତେ କିଛି ହେଲେ ଖାଇବାକୁ ଦେଇନାହାନ୍ତି, ନୁହଁରେ ? ସେମାନେ ତୋତେ ତଡ଼ି ବାହାର କରିଦେଇଚନ୍ତି, ନାଇଁ ?—ସେ କୁକୁରର କାନପାଖରେ ଆଦର କରି କହିଲା ଓ ତା'ପରେ ଗୁହାଳ କବାଟଟାକୁ ମେଲା କରିଦେଇ ଭିତରେ ଯାଇ ଆପଣାର କୁଟାର ବିଛଣା ଉପରେ ଗଡ଼ିପଡ଼ିଲା । ''କିନ୍ତୁ ବର୍ତ୍ତମାନ ମୁଁ ତୋର ସବୁ ଖବର ବୁଝିବି, ସବୁ ହେପାଜତ କରିବି —ତୁ କିଛି ଚିନ୍ତା କରନା !'' ସେ ଆପଣାର ଶରୀରଟାକୁ କୁଟାଉପରେ ଲମ୍ବାଇଦେଲା । କୁକୁରଟି ମଧ ତା'ପାଖରେ ବସି ତା'ର ମୁହଁକୁ ଚାଟିବାକୁ ଲାଗିଲା ।

ଆଖିପିଛୁଳାକ ଭିତରେ ଦୁହେଁ ନିଘୋଡ଼ ନିଦରେ ଶୋଇପଡ଼ିଲେ । ଆପୋଖ ଗୁହାଳରୁ ପୀଡ଼ାଜନିତ କ୍ଷୀଣ କଣ୍ଠରେ କୁବା ତା'ଙ୍କୁ ଡାକୁଥାଏ । ଅନେକ ସମୟ ଧରି ଡାକିବାପରେ ମଧ ଭିତ୍‌କର ନିଦ ଭାଙ୍ଗିଲା ନାହିଁ । ସେ କୁମ୍ଭକର୍ଣ୍ଣ ପରି ଶୋଇ ଘୁଙ୍ଗୁଡ଼ି ମାରୁଥାଏ ।

ଅବଶ୍ୟ କିଛି କ୍ଷଣ ପରେ ଲାପା ତା'ର ତୁଣ୍ଡ ବାରିପାରି ଭୋ' ଭୋ' ହୋଇ ଭାରି ଜୋରରେ ଭୁକିବାକୁ ଆରମ୍ଭ କଲା ଓ ଭିତେକ୍‌ର କୁରୁତାକୁ ଦାନ୍ତରେ କାମୁଡ଼ି ଟାଣିବାକୁ ଲାଗିଲା ।

Digitized by srujanika@gmail.com

''କ'ଣ ହେଲା ?''— ଭିଡେକ୍ ସେଇ ନିଦ ବାଉକାରେ ପଚାରିଲା ।

''ମତେ ଟୋପାଏ ପାଣି ପିଇବାକୁ ଦେଇଯା' ! ଜରରେ ମୋର ତଣ୍ଟି ଶୁଖିଯାଉଚି, ମୋର ପ୍ରାଣ ଛାଡ଼ିଯାଉଚି । ଟୋପାଏ ପାଣି ?''

ସେହିପରି ନିଦ ଢଳଢଳ ଅବସ୍ଥାରେ ଭିଡ଼େକ ତାଟିଆଏ ପାଣି ନେଇ ଆସି ତା'ର ମୁହଁ ପାଖରେ ଆଣି ଧରିଲା ।

''ମୋର ନିଃଶ୍ୱାସ ବନ୍ଦ ହୋଇଗଲା ପରି ଲାଗୁଚି । ଦେହଟା ଭାରି ଖରାପ ଲାଗୁଚି ! ସେଠି କିଏ କୁଇଁକୁଇଁ ହେଉଚି ?''

''ଲାପା ।''

''ଲାପା ?''—କୁକୁରର ମୁଣ୍ଡଟିକୁ ହାତରେ ଧରିବାଲାଗି କୁବା ଅନ୍ଧାର ଭିତରକୁ ହାତ ବଢ଼ାଇଲା । ଲାପା ଗୋଡ଼ଗୁଡ଼ାକ ଛାଟିପିଟି ତା'ର ବିଛଣା ଉପରକୁ ଆସିବାଲାଗି ଛନଛନ ହେଉଥାଏ ।

''ଭିଡ଼େକ, ଘୋଡ଼ାଙ୍କ ଆଗରେ ପାଳ ପକାଇଦେ ! ସେଗୁଡ଼ାକ କୋଉକାଳରୁ ଖାଲି କୁଣ୍ଡରେ ମୁହଁ ମାରି ପାଟି ଚାକୁଚାକୁ କରିବାରେ ଲାଗିଚନ୍ତି । ମୋର ତ ଉଠିବାକୁ ବଳ ପାଉନାହିଁ ...ତେଣେ କ'ଣ ସେମାନଙ୍କର ନାଚ ଏତେବେଳଯାଏ ଚାଲିଚି ?''—କ୍ଷଣେ ଚୁପ୍ ରହି କୁବା ତା'ପରେ ପଚାରିଲା । ଭିଡେକ୍ ଉଠିଯାଇ ଘୋଡ଼ାମାନଙ୍କ ଆଗରେ କୁଟା ପକାଇ ଦେଉଥାଏ ।

''ସେମାନଙ୍କର ନାଚ ଖରାବେଳ ସରିକି ମଧ ଶେଷ ହେବବୋଲି ମନେ ହେଉନାହିଁ । ଅନେକେ ପୁଣି ମଦ ପିଇ ଏପରି ଟେର୍ ହୋଇଚନ୍ତି ଯେ ଯାଇ ରାସ୍ତାକଡ଼ରେ ଲମ୍ୱ ଲମ୍ୱ ହୋଇ ପଡ଼ିଚନ୍ତି !''

''ଆରେ ସେମାନେ ଟିକିଏ ସୁଖ କରି ନେଉଚନ୍ତି । ସାଆନ୍ତମାନେ ଟିକିଏ ଆନନ୍ଦ କରୁଚନ୍ତି !'' —ଏକ ଗଭୀର ଦୀର୍ଘଶ୍ୱାସ ପକାଇ କୁବା କହିଲା ।

''ପେଷଣିଆ ଘରର ସାଆନ୍ତ ଆସିଥିଲେ ?''

''ହଁ ଆସିଥିଲେ, କିନ୍ତୁ ସହଳ ସହଳ ଚାଲିଗଲେ !''

''ଅନେକ ମଣିଷ ଆସିଥିଲେ ?''

''ହଁ, ଏକାବେଳେକେ ଅସୁମାରି । ଘରଟାଯାକ ଖାଲି ମଣିଷରେ ପୂରି ରହିଥିଲା !''

''ସମସ୍ତଙ୍କ ଲାଗି ସବୁକଥା ଯଥେଷ୍ଟ ହେଲା ତ ?''

''ଯାହାକୁ ଯେତେ ଇଚ୍ଛା ! ଏଡ଼େ ବଡ଼ବଡ଼ ଥାଳିରେ ମାଉଁସ ପରଶା ହେଲା । ଭଡ୍କା ଆଉ ମଦରେ ନଈବଢ଼ି ମାଡ଼ିଗଲା ।''

''କନିଆ କେତେବେଳକୁ ଆସିବ !''

''ଉପରଓଳିକୁ ।''

''ସେମାନେ ଏତେବେଳଯାଏ ଭୋଜିମଜାରେ ମାତିଚନ୍ତି ! ହେ ଭଗବାନ ! ମୋ ପାଟିରେ ଖଣ୍ଡେ ମାଉଁସ ଆଣି ମାରିବି ବୋଲି ମୁଁ କେତେ ଆଶା କରିଥିଲି । ଜୀବନରେ ଅନ୍ତତଃ ଥରେ ହେଲେ ମନବୋଧକରି ଖାଇବି ବୋଲି ମୋର କେଡ଼େ ଆଶା ଥିଲା !... କିନ୍ତୁ ମୋର

Digitized by srujanika@gmail.com

ଭାଗ୍ୟକୁ କହିବ —ତେଣେ ଅନ୍ୟମାନେ ଖାଇପାଇ ହେଣ୍ଡି ମାରି ହୋ' ହୋ' ହେଉଚନ୍ତି, ଆଉ ମୁଁ ଏଠି ପଡ଼ି ପଡ଼ି ଉହୁ-ଆହା ହେବାରେ ଲାଗିଚି !''

ଭିତେକ୍ ପୁଣି ଆପଣାର ଶୋଇବା ଥାନକୁ ଫେରିଆସିଲା ।

''ଏଡ଼େ ଏଡ଼େ କଥା ହେଲା, କିନ୍ତୁ ମୋ'ର ଏ ଆଖି ଟିକିଏ ହେଲେ ଦେଖିଲା ନାହିଁ !''

କୁବା ଚୁପ୍ ହୋଇ ପଡ଼ିରହିଥାଏ । ତା'ର ଭିତରଟା ଭାରି ଥକା ଲାଗୁଥାଏ, ମନଟା ଭାରି ମରିଯାଇଥିଲା ପରି ବୋଧ ହେଉଥାଏ । ସେ କେତେ କ'ଣ କହିବବୋଲି ଆକୁଳ ହୋଇ ଉଠୁଥାଏ, କିନ୍ତୁ କିଛି କହିବାଲାଗି ତା'ର ବଳ ପାଉନଥାଏ । ତା'ର ହୃଦୟ ଭିତରଟା କେଉଁ ବେଦନାରେ ଖାଲି କତୁରିହୋଇ ଯାଉଥାଏ । ଶେଷରେ ଆପଣା ହାତରେ କୁକୁରର ମୁଣ୍ଡଟିକୁ ଥାପଡ଼େଇ ଦେଉଦେଉ ସେ କହିଲା—

''ହଉ ହେଲା ! ଭଗବାନ ସେମାନଙ୍କର ମଙ୍ଗଳ କରନ୍ତୁ । ସେମାନଙ୍କର ଅଧିକରୁ ଅଧିକ ହେଉ । ମୋର କିଛି ନହେଲା ନାହିଁ ପଛକେ, ଅନ୍ତତଃ ସେମାନେ ଏ ଜୀବନରେ ଟିକିଏ ଖୁସୀ କରିନିଅନ୍ତୁ !''

ଏଣେ ତା'ର ଦେହରେ ତାତି ବଢ଼ିବାରେ ଲାଗିଥାଏ ଏବଂ ତା'ର ମୁଣ୍ଡ ଭିତରେ ସବୁ ବାଉଳାଚାଉଳା ହୋଇଗଲା ପରି ମନେହେଉଥାଏ । ମୁଣ୍ଡଟାକୁ ଆୟତ୍ତକୁ ଆଣିବାଲାଗି ସେ ମନେ ମନେ ପ୍ରାର୍ଥନା କରିବାକୁ ଆରମ୍ଭକଲା ଏବଂ ଆପଣାକୁ ପ୍ରଭୁ ଯୀଶୁଙ୍କର କରୁଣାମୟ ଇଚ୍ଛାର ଅଧୀନରେ ସମର୍ପଣ କରିଦେଲା । କିନ୍ତୁ ଆପଣାର କହୁଥିବା କଥାଗୁଡ଼ାକ ମଧ ସତେ ଯେମିତି ସେ ମନେରଖି ପାରୁନଥାଏ । ହଠାତ୍ ତା'ର ଆଖି ଦୁଇଟା ଉପରକୁ ନିଦ ଘୋଟି ଆସିଲା ଏବଂ ତା'ର ଚେତନାର ଉତ୍ସରୁ କେବଳ ଅଶ୍ରୁମିଶ୍ରିତ ପ୍ରାର୍ଥନାବାକ୍ୟମାନ ଉତ୍ସରିତ ହେବାକୁ ଲାଗିଲା । ହାତରେ ମାଳାଟିକୁ ଧରି ସେ ମାଳା ଜପିବାକୁ ଆରମ୍ଭ କଲା ।

ମଝିରେ ମଝିରେ ସେ ଉଠିବସୁଥାଏ, ଶୂନ୍ୟଦୃଷ୍ଟିରେ ଚତୁର୍ଦ୍ଦିଗକୁ ଅନାଉଥାଏ, କିନ୍ତୁ ସତେ ଯେପରି କିଛି ହେଲେ ଠଉରାଇ ପାରୁନଥାଏ ଏବଂ ପୁଣି ମୃତ୍ୟୁସମ ଚେତନାହୀନତା ଭିତରେ ନିମଜ୍ଜିତ ହୋଇଯାଉଥାଏ ।

ହଠାତ୍ ତା'ର ନିଦ ଭାଙ୍ଗିଗଲା ଓ ସେ ଭାରି ବଡ଼ପାଟିରେ ଗଁ ଗଁ ଶବ୍ଦ କରିବାକୁ ଲାଗିଲା । ତେଣେ ଘୋଡ଼ାଗୁଡ଼ାକ ସେହି ଶବ୍ଦଶୁଣି ପଘା ଛିଡ଼ାଇବାକୁ ଲାଗିଲେ ଏବଂ କାନ ଠିଆକରି ରହିଲେ ।

''ହେ ଭଗବାନ, ସକାଳ ହେଲା ପର୍ଯ୍ୟନ୍ତ ମୋର ଏହି ପ୍ରାଣଟା ରହିବ କି ନାହିଁ କେଜାଣି ?''—ସେ ବଡ଼ ଆଶଙ୍କିତ ଓ ତ୍ରସ୍ତଭାବରେ ବିଳାପ କରିବାକୁ ଲାଗିଲା । ଆଖିର ଡୋଳାଦୁଇଟା ବୁଲାଇଦେଇ ସେ ଝରକା ଆଡ଼କୁ ଚାହିଁବାକୁ ଚେଷ୍ଟାକଲା । ଆସନ୍ନ ପ୍ରଭାତ ଓ ପ୍ରସାରିତ ହୋଇ ରହିଥିବା ପୃଥିବୀ ଆଡ଼କୁ ଅନାଇ ଦେଖିବାକୁ ଚେଷ୍ଟା କଲା । ଆକାଶ କ୍ରମେ ଧୂସର ହୋଇଆସିଲାଣି, ତାରାଗୁଡ଼ିକ ଭାରି ମଉଳନ ପଡ଼ି ଆସିଲେଣି । ତାହାରି ଭିତରେ ସେ ସୂର୍ଯ୍ୟର ସନ୍ଧାନ କରିବାକୁ ଚେଷ୍ଟାକଲା ।

Digitized by srujanika@gmail.com

କିନ୍ତୁ ଦିନ ହେବାକୁ ତଥାପି ଅନେକ ସମୟ ବାକୀ ଥାଏ ।

ଗୁହାଳ ଭିତରଟା କୁହୁଡ଼ି କରିଥିଲା ପରି ଏପର୍ଯ୍ୟନ୍ତ ଅନ୍ଧାର ହୋଇ ରହିଚି । ଘୋଡ଼ାମାନଙ୍କର ଦେହ-ରେଖାଗୁଡ଼ିକ କ୍ରମେ ଅସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇଆସୁଚି । ଝରକା ତଳକୁ ଥିବା କାଠର ଥାକଗୁଡ଼ାକ ସେହି ଅସ୍ପଷ୍ଟ ଉଷାଲୋକରେ ପଞ୍ଜରାହାଡ଼ ପରି ଦିଶି ଦିଶି ଯାଉଚି ।

ଆଉ ତାକୁ ନିଦ ହେଲାନାହିଁ । ଦେହରେ ଯନ୍ତ୍ରଣା ତାକୁ ପୁଣି କଷ୍ଟ ଦେବାକୁ ଆରମ୍ଭ କଲାଣି । ତା'ର ଗୋଡ଼ ଭିତରେ ସତେ ଯେପରି କିଏ ଏକାବେଳେକେ କେତେକେତେ ଛୁଞ୍ଚି ମାରିଦେଇ ଯାଉଚି, ଏକାବେଳେକେ କେତେକେତେ ଛୁରୀ ଭୁଷିଦେଇ ଯାଉଚି । ଭିତରଟାଯାକ କିଏ ଯେପରି ଗୋଟାଏ କୋରଣା ଧରି କୋରି ପକାଉଚି । ଶେଷକୁ ଏହି ପ୍ରବଳ ଯନ୍ତ୍ରଣାକୁ ଆଉ ସହିନପାରି ସେ ପ୍ରାଣପଣେ ଡକାପାରିବାକୁ ଲାଗିଲା । ସେହି ଚିତ୍କାର ଶୁଣି ଭିଟେ୍କର ନିଦ ଭାଙ୍ଗିଗଲା ଓ ସେ ପୁଣି ଏ ଘରକୁ ଆସିଲା ।

''ମରିଗଲି ଲୋ ! ଇଲୋ ମୋ' ପ୍ରାଣ ଛାଡ଼ିଯାଉଚି ଲୋ, ଇଲୋ ମୋତେ ମାରିପକାଇଲା ଲୋ ! ଭିଟେ୍କ, ତୁ ଦଉଡ଼ିଗଲୁ ଟିକିଏ ଆମ୍ବ୍ରୋଜ୍‌କୁ ଡାକିଆଣିବୁ ! ହେ ଭଗବାନ, ହେ ଠାକୁରେ ! ନହେଲେ ଯାଆ ଯଗୁଷ୍ଟିଙ୍କାକୁ ଟିକିଏ ଡାକିଆଣିବୁ । ତୁଏତ ସିଏ ଆସିଲେ କିଛି ସାହାଯ୍ୟ କରିପାରିବ ! ମୁଁ ଆଉ ସହିପାରୁନାହିଁ—ଏଥର ମୋର ପ୍ରାଣ ବାହାରିଯିବ !'' ସେ ଭାରି କରୁଣ ଭାବରେ କାନ୍ଦିବାରେ ଲାଗିଥାଏ ।

ସେହିପରି ନିଦ୍ରାଳସ ଭାବରେ ଭିଟେକ୍ ପୁଣି ବାହାଘର ଭୋଜିପାଖକୁ ଦଉଡ଼ିଗଲା ।

ସେତେବେଳକୁ ଭାରି ଜୋରସୋରରେ ନାଚ ଚାଲିଥାଏ । କିନ୍ତୁ ଆମ୍ବ୍ରୋଜ ମଦନିଶାରେ ସମ୍ପୂର୍ଣ୍ଣ ଅକର୍ତ୍ତବ୍ୟ ହୋଇ ଘର ସାମନାରେ ଥିବା ରାସ୍ତାଉପରେ ଯାଇ ପଡ଼ିଥାଏ । ସେଇଠାରେ ଗୁରୁଣ୍ଡି ଗୁରୁଣ୍ଡି ହୋଇ ଓ ଗୁଣୁଗୁଣୁ ଗୀତଗାଇ ସେ ରାସ୍ତା ଓ ପୋଖରୀ ଦାଢ଼ର ମଝିରେ ଏପାଖ ସେପାଖ ହେଉଥାଏ ।

ଭିଟେକ୍ ତାକୁ ଆସିବାଲାଗି କେତେ ନେହୁରା ହୋଇ କହିଲା, ତା'ର କୁରୁତା ଧରି କେତେ ଟାଣିଲା, କିନ୍ତୁ ସେଥିରେ କିଛି ଫଳ ହେଲାନାହିଁ । ବୁଢ଼ା ସେତେବେଳକୁ ଆଉ କିଛି ଶୁଣିବା ଅବସ୍ଥାରେ ନଥାଏ, କିଛି ବୁଝିପାରୁ ନଥାଏ । ସେଇ ଗୋଟାଏ ଗୀତକୁ ଘୋରତିଆ ଭାବରେ ଗୁଣୁଗୁଣୁ କରି ଗାଇ ସେ ସେମିତି ମାଦଳଙ୍କ ପରି ପଡ଼ିଥାଏ ।

ନିରାଶ ହୋଇ ଭିଟେକ୍ ଯଗୁଷ୍ଟିଙ୍କା ପାଖକୁ ଦଉଡ଼ିଲା । ଯଗୁଷ୍ଟିଙ୍କାକୁ ମଧ୍ୟ କିଛି ଔଷଧମଉଷଧିର କଥା ମାଲୁମ ଥିଲା । କିନ୍ତୁ ସେତେବେଳେ ସେ ଭିତରଘରେ ଗରମ ପାଣି, ମହୁ ଓ ମସଲା ଦେଇ ଭଡ୍‌କା ରାନ୍ଧିବାରେ ବ୍ୟସ୍ତଥାଏ, ଆପଣାର ସାଙ୍ଗସାଥୀମାନଙ୍କ ସହିତ କଥା ଗପିବାରେ ବ୍ୟସ୍ତ ଥାଏ, ଏଆଡ଼େ କାନ ଦେବାକୁ ତା'ର ଆଉ ବେଳକାହିଁ ? ଭିଟେକ୍ ମଧ୍ୟ ପହିଲେ ପହିଲେ ତା'ର ମନାକୁ ନମାନି ଜିଦ୍ କରିବାରେ ଲାଗିଲା, କାନ୍ଦକାନ୍ଦ ହୋଇ କେତେ ଅଳି କରି କହିଲା—ଶେଷକୁ ଯଗୁଷ୍ଟିଙ୍କା ଭାରି ବିରକ୍ତ ହୋଇ ତାକୁ ଜବରଦସ୍ତି ଘର

Digitized by srujanika@gmail.com

ଭିତରୁ ପଦାକୁ ବାହାର କରିଦେଲା । ତେଣୁ ସେ ବଡ଼ ନିରାଶ ହୋଇ ଗୁହାଳକୁ ଫେରିଆସିଲା ।

ଫେରିଆସି ଦେଖିଲା, କୁବାକୁ ପୁଣି ନିଦ ହୋଇଯାଇଚି । ତେଣୁ ସେ ମଧ ପାଳଉପରକୁ ଯାଇ କ୍ଷଣକ ମଧରେ ନିଘୋଡ଼ ନିଦରେ ଶୋଇପଡ଼ିଲା ।

ସବୁଦିନେ ସାଧାରଣତଃ ଯେଉଁ ସମୟରେ ସକାଳର ଖାଇବା ଖିଆଯାଏ, ତା'ର ଅନେକ ସମୟପରେ ଗୋରୁଙ୍କର ଚିତ୍କାରଶବ୍ଦ ଶୁଣି ତା'ର ନିଦ ଭାଙ୍ଗିଗଲା । ଗୋରୁଗୁଡ଼ାକ ଏତେବେଳଯାଏ ଦୁହାଁ ହୋଇନାହାନ୍ତି, ଭୋକରେ ରଡ଼ି କରିବାରେ ଲାଗିଚନ୍ତି । ସେଥିପାଇଁ ଯଗୁଷ୍ଟିଙ୍କା ଆସି ଚଣ୍ଡୀମୂର୍ତ୍ତି ଧରି ତାକୁ ଗାଳିଦେବାରେ ଲାଗିଚି । ନିଜେ ମଧ ଅନେକ ବେଳଯାଏ ଶୋଇପଡ଼ିଥିବାରୁ ଆପଣା ଭୁଲଗୁଡ଼ାକ ଲାଗି ସେ ଅନ୍ୟମାନଙ୍କ ଉପରେ ଗାଳି ବରଷିବାକୁ ଆସିଚି !

ଘରର ସବୁ କାମ ଟିକିଏ ବାଗକୁ ଆସିବାପରେ ସେ କୁବାକୁ ଦେଖିବାକୁ ଗଲା ।

କୁବା କୁନ୍ଥକୁନ୍ଥ ହୋଇ କହିଲା— ''ତୋ' ଗୋଡ଼ତଳେ ପଡୁଚି, ମୋତେ ଟିକିଏ ଦେଖ୍ ଭଲା !''

''କ'ଣ ଆଉ ଦେଖିବି ? ଗୋଟାଏ ଟୁକେଲ୍ ଦେଖି ବାହାହୋଇ ପଡ଼ିଲେ ତୋ'ର ଦେହ କ୍ଷଣକଭିତରେ ଭଲ ହୋଇଯାଆନ୍ତା !''—ଯଗୁଷ୍ଟିଙ୍କା ରହସ୍ୟ କରି କଥା ଆରମ୍ଭ କଲା । କିନ୍ତୁ ତା'ର ଫୁଲିଯାଇଥିବା ଫଣଫଣ ମୁହଁଟାକୁ ଦେଖି ସେ ତତ୍‌କ୍ଷଣାତ୍ ଗମ୍ଭୀର ହୋଇଗଲା ଓ କହିଲା— ''ତୁ ବଇଦ ଖୋଜୁଚୁ କ'ଣ ? ଇଏତ କ'ଣ ପାଦ୍ରିକୁ ଡାକିବା ଦରକାର ହେଲାଣି ବୋଲି ମୋର ମନେହେଉଚି ! ବର୍ତ୍ତମାନ ମୁଁ ଆଉ କ'ଣ କରିପାରିବି ? ମୋ'ର ତ ମନେହେଉଚି, ତୋ'ର ଶେଷ ଅବସ୍ଥା ଆସି ପହଞ୍ଚିଲାଣି । ଏ ରୋଗ ଆଉ ଭଲ ହେବାର ନାହିଁ !''

''ତୁ ସତ କହୁଚୁ ?''

''ସବୁ ଠାକୁରଙ୍କ ହାତରେ ! କିନ୍ତୁ ଅବସ୍ଥା ଭାରି ସାଙ୍ଘାତିକ ହୋଇଗଲାଣି !

''ତା' ହେଲେ କ'ଣ ମୁଁ ମରିଯିବି ?''

''ତୁ ଯଦି କହିବୁ, ତେବେ ମୁଁ ପାଦ୍ରିଙ୍କ ପାଖକୁ ଖବର ପଠାଇବି ।''

'ପାଦ୍ରିଙ୍କ ପାଖକୁ ?''— କୁବା ବିସ୍ମିତ ହୋଇ ପଚାରିଲା । ''ପାଦ୍ରି ସତେ ଏଠାକୁ ଆସିବେ, ଏଇ ଗୁହାଳ ଘରକୁ ଆସିବେ ?''

''ସେଥିରେ କ'ଣ ଅଛି ? ସେ କ'ଣ ଚିନିରେ ତିଆରି ହୋଇଚନ୍ତି ଯେ ଏଠିକି ଆସିଲେ ଘୋଡ଼ାଗୋବରର ଉଷୁମ ବାଜି ତରଳିଯିବେ ? ରୋଗୀପାଖକୁ ଯିବାଲାଗି ଯିଏ ଯୋଉଠୁ ଆସି ଡାକିନେବ, ସେଠିକି ଯିବା ତ ପାଦ୍ରିଙ୍କର କାମ !''

''ହେ ଠାକୁରେ ! ଏଡ଼େବଡ଼ ସାହସ ମୁଁ କିପରି କରିବି କହିଲୁ !''

''ତୁ ଗୋଟାଏ ନିର୍ବୁଦ୍ଧିଆ ମେଣ୍ଢା !''—ଗାତ୍ରକୁଞ୍ଚନ କରି ଯଗୁଷ୍ଟିଙ୍କା ବାହାରକୁ ବାହାରିଗଲା ।

Digitized by srujanika@gmail.com

''ସେ ମାଇପିଲୋକ, ସେ ଯାହା କହୁଚି, ତାହାର ଅର୍ଥ ସେ କାହୁଁ ବୁଝିବ ?''—ବଡ଼ କ୍ଷୁଣ୍ଣ ଓ ପରିତ୍ୟକ୍ତ ଭାବରେ କୁବା ମନେ ମନେ କହିବାକୁ ଲାଗିଲା ।

ବର୍ତ୍ତମାନ ସେ ସେଇଠି ଏକୁଟିଆ ହୋଇ ପଡ଼ିରହିଲା । ସତେ ଯେପରି ଅନ୍ୟମାନେ ତା'କଥା ଏକାବେଳେକେ ପାସୋରି ପକାଇଲେ !

ମଝିରେ ମଝିରେ ଭିତେକ୍ ଗୁହାଳ ଭିତରକୁ ଆସୁଥାଏ ଓ ଘୋଡ଼ାଙ୍କୁ ଦାନା ଆଉ ପାଣି ମୋହିଁଦେଇ ଚାଲିଯାଉଥାଏ । କୁବାକୁ ମଧ ପାଣି ପିଇବାକୁ ଦେଉଥାଏ । କିନ୍ତୁ ତାକୁ ତରତର ହୋଇ ପୁଣି ବାହାଘରଥାନକୁ ଚାଲିଯିବାକୁ ପଡ଼ିଲା । ସେତେବେଳକୁ ଡୋମିନିକଭାର ଘରେ ସେମାନେ କନିଆଁବିଦା ପାଇଁ ପ୍ରସ୍ତୁତ ହେଉଥାନ୍ତି ।

କୁବା ସେହିପରି ନିଶ୍ଚଳ ହୋଇ ପଡ଼ିରହିଥାଏ । ତା'ର ମନେହେଉଥାଏ, ଯେପରି ସମସ୍ତେ ତାକୁ ଏଠାରେ ଏକୁଟିଆ ପକାଇଦେଇ କିଏ କୁଆଡ଼େ ଚାଲିଗଲେଣି, ସେ କାନ ଡେରି କେବଳ ଶୁଣିବାରେ ଲାଗିଥାଏ—ସେପାଖରେ ସେମାନେ ଆନନ୍ଦ-ଉତ୍ସବରେ ମତ୍ତ ଥାନ୍ତି । କୁବା ତା'ର ସକଳ ମୁହୂର୍ତ୍ତର ସଙ୍ଗୀ ଲାପାସହିତ କଥାବାର୍ତ୍ତା ହେଉଥାଏ । ୟୁଜ୍‌କା ଦେଇଯାଇଥିବା ପିଠାକୁ ଦୁହେଁ ଖାଇବାରେ ଲାଗିଥାନ୍ତି । ତା'ପରେ ମଲୁ ମଣିଷଟି ଘୋଡ଼ାମାନଙ୍କୁ ମଧ ଡାକିଲା ଓ ସେମାନଙ୍କ ସହିତ ବହେ କଥାବାର୍ତ୍ତା ହେଲା । ଘୋଡ଼ାମାନେ ମନ ଆହ୍ଲାଦରେ ହ୍ରେସାରବ କରିବାରେ ଲାଗିଥାନ୍ତି, କୁଣ୍ଡଭିତରୁ ମୁଣ୍ଡ ବାହାର କରି ଏଇଆଡ଼େ ଅନାଇ ରହୁଥାନ୍ତି । ଘୋଡ଼ୀଟା ମଧ ଅଡ଼ା ଡେଇଁ ବାହାରକୁ ଆସିଲା ଓ ତା'ର ଖଟିଆପାଖରେ ଆସି ଠିଆହେଲା, କୁବାର ମୁହଁରେ ଆପଣାର ଉଷୁମ ଓ ଓଦାଳିଆ ନାକଟାକୁ ଲଗାଇଦେଇ ତାକୁ ଆଦର ଦେଖାଇବାକୁ ଲାଗିଲା ।

ତା'ପରେ କୁବା ପୁଣି ନୀରବ ହୋଇ ପଡ଼ିରହିଲା ଓ ଗୁହାଳ ଘରର କାଠକାନ୍ଥ ଉପରେ ଥିବା କଳାକଳା ଗଣ୍ଠି ଆଡ଼କୁ ବକବକ କରି ଅନାଇଲା । କାଠରୁ ଏଠିସେଠି ବିନ୍ଦୁ ବିନ୍ଦୁ ଅଠା ବାହାରି ତଳକୁ ବୋହିଆସିଚି —ସତେ ଯେପରି ଦେହର ରକ୍ତ ସିଠା ହୋଇ କାହାର ଆଖିରୁ ଲୁହ ହୋଇ ତଳକୁ ବୋହିଆସିଚି !

ମଉନ କ୍ଷୀଣ କିରଣରେଖାର ପଥଦେଇ ନବୋଦିତ ଦିନଟି କାନ୍ଥର ଫାଙ୍କଗୁଡ଼ିକ ବାଟେ ଗୁହାଳଘର ଭିତରକୁ ଉଙ୍କି ମାରିବାକୁ ଲାଗିଲା, ମେଲା ହୋଇ ରହିଥିବା କବାଟ ବାଟ ଦେଇ ଉଦ୍‌ଭାସିତ ଧୂଳିକଣାର ବନ୍ୟା ଘର ଭିତରକୁ ମାଡ଼ିଆସିଲା ।

ଗେଣ୍ଡା ଚାଲିଗଲା ପରି ଘଣ୍ଟାପରେ ଘଣ୍ଟା ଅତିବାହିତ ହୋଇଯାଉଥାଏ— ଘୁଷୁରି ଘୁଷୁରି ଗହୀର ବାଲିର ଦୁର୍ଗମ ପଥଶଯ୍ୟା ପାର ହୋଇ ଯାଉଥିବା ଛୋଟା, ଅନ୍ଧ ଆଉ ଘୁଙ୍ଗା ଭିକାରିମାନଙ୍କର ପଲପରି ଆଗକୁ ଯିବାରେ ଲାଗିଥାଏ ।

ଥାଇଥାଇ କେତେଟା ଘରଚଟିଆ ଚଢ଼େଇ କେଁ-କଟର କରି ଉଠୁଥାନ୍ତି, ପଲ ହୋଇ ହଠାତ୍ ଗୁହାଳ ଭିତରକୁ ମାଡ଼ି ଆସୁଥାନ୍ତି ଓ ନିର୍ଭୟରେ ଘୋଡ଼ା କୁଣ୍ଡଗୁଡ଼ିକ ଉପରେ ଯାଇ ବସିପଡୁଥାନ୍ତି ।

Digitized by srujanika@gmail.com

''ଆହା, ଏଡ଼େ ସାନସାନ ଜୀବ ହେଲେ ମଧ ସେମାନଙ୍କର ବୁଦ୍ଧି କେତେ ? —କୁବା କହୁଥାଏ । ଠାକୁରେ ଏମାନଙ୍କୁ ମଧ କେତେ ବୁଝିବାଶକ୍ତି ନଦେଇଚନ୍ତି ! କୋଉଠିକି ଗଲେ ଖାଇବା ପଦାର୍ଥ ମିଳିବ, ସେକଥା ବୁଝିପାରି ସେମାନେ ଠିକ୍ ସେଇଠାକୁ ଉଡ଼ି ଆସୁଚନ୍ତି ! ତୁ ତୁନି ହ' ଲାପା ! ଚଢ଼େଇଗୁଡ଼ାଙ୍କୁ ଖାଇବାକୁ ଦେ' ! ନଖାଇଲେ ସେମାନଙ୍କର ଦେହରେ ବଳ ହେବ କିପରି ? ଶୀତଦିନ ପରା ମାଡ଼ି ଆସୁଚି !''

ଠିକ୍ ଏହି ସମୟରେ ଘୁଷୁରିଗୁଡ଼ାକ ବାହାରୁଆସି ଦୁଆରବନ୍ଧ ସେପାଖରେ ଠିଆହେଲେ ଓ କାଦୁଅ ସଡ଼ସଡ଼ ଆପଣାର ଥୋଡ଼ିଗୁଡ଼ାକୁ ଆଣି କବାଟ ଉପରେ ମାଡ଼ିଦେବାକୁ ଲାଗିଲେ ।

''ଲାପା, ଯା' ସେଗୁଡ଼ାଙ୍କୁ ତଡ଼ି ଦେବୁ ଯା ! କାଙ୍ଗାଳଗୁଡ଼ାକ ଯେତେ ଗିଳିଲେ ମଧ ସେମାନଙ୍କର ପେଟ ତଥାପି ପୂରୁନାହିଁ !''

ତା'ପରେ ପଲେ କୁକୁଡ଼ା ମଧ କିଳିକାଳିଆ ହୋଇ ଦୁଆରବନ୍ଧ ଆଡ଼କୁ ଉଡ଼ି ଆସିଲେ । ଗୋଟାଏ ନାଲିଆ ଗଞ୍ଜା ଭାରି ସାହସରେ ଘୋଡ଼ାଙ୍କର ଦାନା ରଖାଯାଇଥିବା ବେତାପାଖରେ ଆସି ପହଞ୍ଚିଗଲା । ଅନ୍ୟମାନେ ମଧ ତା' ପଛେ ପଛେ ଆସିଲେ । କିନ୍ତୁ ପେଟ ପୂରାକରି ଖାଇବାକୁ ସେମାନଙ୍କୁ ତର କୋଉଠି ଅଛି ? କାରଣ ତାଙ୍କ ପଛେ ପଛେ ପଲେ ହଂସ ମଧ ଆସି ପହଞ୍ଚିଗଲେ, ଲମ୍ୱା ଲମ୍ୱା ବେକଗୁଡ଼ାକୁ ଲହଲହ କରି ଓ ନାଲିଆ ନାଲିଆ ଥଣ୍ଟ ବାହାର କରି ସଅଁସଅଁ ହୋଇ କତିକୁ କତିକୁ ମାଡ଼ି ଆସିଲେ ।

''ଏଗୁଡାଙ୍କୁ ତଡ଼ିଦେ ଲାପା, ଏଗୁଡ଼ାଙ୍କୁ ତଡ଼ିଦେ' ! ଏଇ କୁକୁଡ଼ାଗୁଡ଼ାକ ବଡ଼ ଦିକ୍‌ଦାର କଲେ, ଠିକ୍ ପଲେ କଳିବୁରୀ ମାଇକିନିଆଙ୍କ ପରି !''

ହଠାତ୍ ଚଢ଼େଇଗୁଡ଼ାକ ଚିତ୍କାର କରି ଉଠିଲେ, ସେମାନଙ୍କର ଫଡ଼ଫଡ଼ ହେଉଥିବା ଡେଣାରୁ ହୁଗୁଳା ପରଗୁଡ଼ାକ ବାହାରିଯାଇ ଉଡ଼ିବାକୁ ଲାଗିଲା । ଲାପା ସେମାନଙ୍କୁ ତଡ଼ିନେଇ ବାହାରେ ଯାଇ ଛାଡ଼ି ଦେଇ ଆସିଲା । ଲେଉଟି ଆସିଲା ବେଳକୁ ତା'ର ଜିଭଟା ବାହାରକୁ ବାହାରିପଡ଼ି ଲହଲହ ହେଉଥାଏ, ଆପଣାର ଆନନ୍ଦ ପ୍ରକାଶ କରି ସେ ଚିତ୍କାର କରିବାରେ ଲାଗିଥାଏ ।

''ଏଥର ଚୁପ୍ ହୋଇଯା ! ଯଥେଷ୍ଟ ହେଲା !''

ସେପାଖ ଖଞ୍ଜାରୁ ରୋଷବ୍ୟଞ୍ଜିତ ଶବ୍ଦର ସୁଅ ଭାସିଆସୁଚି । ଲୋକମାନେ ଦଉଡ଼ଧାପଡ଼ କରୁଚନ୍ତି, ଗୋଟାଏ ଘରୁ ଆଉ ଗୋଟାଏ ଘରକୁ ଆସବାବପତ୍ର ଟାଣିକରି ନେବାର ଶବ୍ଦ ଶୁଣାଯାଉଚି ।

''ବୋହୂ ଆସି ପହଞ୍ଚିବ ବୋଲି ସେମାନେ ସବୁ ସଜ କରି ରଖୁଚନ୍ତି ।''

ରାସ୍ତାଉପରୁ ଲୋକମାନଙ୍କର ଯାଆସ ଓ ତୁଣ୍ଡଶବ୍ଦ ଶୁଣାଯାଉଚି । କେତେବେଳେ କିଏ କଥା କହୁଚି, ସେ କଥା ବାରିକରି କହିବାର କୁ ନାହିଁ । କୁବା କାନରେ ଆସି ସବୁ ଶବ୍ଦ ବେଶ୍ ବାଜିବାରେ ଲାଗିଚି, ସେ ସେଗୁଡ଼ିକ ଠଉରାଇ ପାରିବାକୁ ଚେଷ୍ଟା କରୁଚି ।

Digitized by srujanika@gmail.com

ବିଛଣାରେ ପଡ଼ି ଏମିତି ଗାଆଁ ଗୋଟାକର ସବୁ କଥା ଭାବୁଭାବୁ କ୍ରମେ ଦିନ ଗଡ଼ି ଆସିବାକୁ ବସିଲା, କାଛର ରଙ୍ଗ କ୍ରମେ କଳା ହୋଇ ଆସିଲା, କବାଟପାଖ ଅସ୍ପଷ୍ଟ ଦେଖାଗଲା ଓ ଗୁହାଳଭିତରଟା ସତେଅବା ଏକ ଅଦୃଶ୍ୟତା ଭିତରେ ନିମଗ୍ନ ହୋଇ ରହିଲା ।

ମୁହଁସଞ୍ଜ ବେଳକୁ ଆନ୍ତୋଜ ଆସି ପହଞ୍ଚିଲା । ଏତେବେଳଯାଏ ମଧ ତା'ର ଅଧେ ନିଶା ଛାଡ଼ିନଥାଏ । ତା'ର ଗୋଡ଼ ଦୁଇଟା ତା'ର ପୂରା ଅକ୍ତିଆରକୁ ଆସିନଥାଏ । ସେ ଏପରି ଡଗଡଗ ହୋଇ କଥା କହୁଥାଏ ଯେ, ସେ କ'ଣ କହୁଚି ତାହା ସହଜରେ ବୁଝିହେଉ ନଥାଏ ।

''ଗୋଡ଼ଟାକୁ କୋଉଠି ଜଖମ କରି ପକାଇଲୁ କି ?''

''କ'ଣ ହୋଇଚି, ଆଗ ନିଜେ ଆସି ଦେଖ !''

ଆନ୍ତୋଜ୍ ଧୀରେ ଧୀରେ ବନ୍ଧାହୋଇଥିବା ରକତକନା ଖୋଲିବାକୁ ଲାଗିଲା । ରକତ ଶୁଖି କନାଟା ଗୋଡ଼ ଉପରେ ଏପରି ଟାଣ ହୋଇ ଲାଗିଯାଇଥିଲା ଯେ ବର୍ତ୍ତମାନ ଖୋଲିବା ବେଳକୁ କୁବା ସହିନପାରି ବିକଳ ଭାବରେ ଚିତ୍କାର କରିବାକୁ ଆରମ୍ଭ କଲା ।

''ତୁ ଯେମିତ ପାଟି କରୁଚୁ, କୋଉ ପୋଖତି ମାଇପ ମଧ ସେପରି ପାଟି କରିବନାହିଁ !''—ଟିକିଏ ବିରକ୍ତ ହୋଇ ଆନ୍ତୋଜ୍ କହିଲା ।

''କିନ୍ତୁ ମୋର ପରା ଏଣେ ପ୍ରାଣ ଛାଡ଼ିଯାଉଚି ! ତୁ ଟିକିଏ ରହିସହି ଖୋଲିଲେ ସିନା ହୁଅନ୍ତା ! ହେ ଭଗବାନ !''

କୁବା ବିକଳ ହୋଇ ଚିତ୍କାର କରିବାକୁ ଲାଗିଲା ।

''ଓହୋ, କୋଉଠୁ ତୁ ଏତେସରି ହୋଇ ଆସିଚୁରେ ? କୋଉଠି କେବେ କୁକୁର କାମୁଡ଼ି ଦେଇଥିଲା ନା କ'ଣ ?''— ଆଶ୍ଚର୍ଯ୍ୟ ହୋଇ ଆନ୍ତୋଜ୍ ପଚାରିଲା । ଗୋଡ଼ଟା ଠିକ୍ ଗୋଟାଏ ପାଣିମାଠିଆ ପରି ଫୁଲିକରି ରହିଥିଲା ।

''ଜଙ୍ଗଲ ଜଗୁଆଳି ଗୁଳି ମାରି ମୋତେ ଏତେସରି କରିଚି । ତୋ' ଗୋଡ଼ତଳେ ପଡ଼ି କହୁଚି, ତୁ ଏକଥା ଆଉ କାହାରି ଆଗରେ କହିବୁନାହିଁ ।''

''ଭାରି ଦୂରରୁ ଗୁଳି ମାରିଚି, ନା ? ଏଥର ବୁଝିଲି । ତୋ'ର ଗୋଡ଼ ଆଉ ଭଲ ହେବନାହିଁ, ଏକାବେଳେକେ ଅକାମୀ ହୋଇଯିବ । ଭିତରେ ହାଡ଼ର ଅଂଶମାନ ରହିଯାଇଚି । ଉପରେ ହାତ ମାରିବା ମାତ୍ରକେ ମାଲୁମ୍ ହୋଇଯାଉଚି । ତୁ ମୋତେ ଆଗରୁ ଡକାଇ ପଠାଇଲୁନାହିଁ କାହିଁକି ?''

''ପହିଲେ ପହିଲେ ମୁଁ ଭାରି ଡରିଗଲି । ଜଙ୍ଗଲକୁ ଯାଇ ମୁଁ ଠେକୁଆ ଶିକାର କରିବାକୁ ବସିଥିଲି ବୋଲି କାଳେ ସେମାନେ ଜାଣିବାକୁ ପାଇବେ, ସେଇ ଭୟରେ !— କିନ୍ତୁ ଜଗୁଆଳି ଗୁଳି ମାରିବା ବେଳକୁ ମୁଁ ଜଙ୍ଗଲର ସୀମା ପାରହୋଇ ଆସିଥିଲି ।''

''ହଁ, ଦିନେ ଖଟିଘରେ ସେ ସେଇକଥା କହୁଥିଲା । କିଏ ଯାଇ ଜଙ୍ଗଲରେ ବଦମାସି କରୁଚି ବୋଲି ଅଭିଯୋଗ କରୁଥିଲା ।''

''ଶଳା ଚୋର ! ଠେକୁଆଟା କ'ଣ କାହାର ଘରର ସମ୍ପତ୍ତି ହେଇଚି ? ମୁଁ ଜଙ୍ଗଲ ପାରିହୋଇ ଆସିଥିଲି, ଶଳା ଗୋଟାଏ ଦୁଇନଳିଆ ବନ୍ଧୁକ ଧରି ମୋତେ ଗୁଳି ମାରିଲା ।

Digitized by srujanika@gmail.com

କିନ୍ତୁ ତୁ କାହାରି ଆଗରେ କହିବୁ ନାହିଁଟି ! ନହେଲେ ସେମାନେ ମୋତେ କଚେରିକୁ ଟାଣିବାକୁ ଆସିବେ । ମୁଁ ଭାବିଥିଲି, ଘାଆଟା ଅପଣାଛାଏଁ ଭଲ ହୋଇଯିବ । କିନ୍ତୁ ବର୍ତ୍ତମାନ ବଡ଼ ଅସହ୍ୟ ହୋଇପଡ଼ିଲାଣି । ତୁ ଟିକିଏ ଦେଖିକରି କ'ଣ ଗୋଟାଏ ବ୍ୟବସ୍ଥା କର ।''

ଚିତ୍କାର କରି ସେ ବଡ଼ ସହାୟଶୂନ୍ୟ ଭାବରେ ଅନାଇ ରହିଲା ।

''ଭାରି ଡେରି ହୋଇଗଲା—ଭାରି ଡେରି ହୋଇଗଲା !''

କୁବା ବଡ଼ ସଂତ୍ରସ୍ତ ହୋଇପଡ଼ିଲା । କହିଲା, ''ତୁ ଗୋଟାଏ କିଛି ବ୍ୟବସ୍ଥା କର !''

କୁରୁତାର ହାତଦୁଇଟାକୁ ଉପରକୁ ଟେକି ଆନ୍ତ୍ରୋଜ୍ ଗୋଟାଏ ଛୁରୀ ବାହାରକଲା, ତା'ପରେ ଗୋଡ଼ଟାକୁ ଜବରକରି ଧରି ଘାଆଟାକୁ କାଟିଲା ଓ ଗୁଳି ବାହାର କରିବାକୁ ଚେଷ୍ଟା କଲା ।

କଂସେଇଖାନାରେ କଟାହେଲାବେଳେ ପଶୁମାନେ ଯେପରି ଚିତ୍କାର କରନ୍ତି, କୁବା ଠିକ୍ ସେହିପରି ଚିତ୍କାର ଓ ଗର୍ଜନ କରିବାକୁ ଲାଗିଲା । ଶେଷକୁ ଆନ୍ତ୍ରୋଜ୍ ଆପଣାର ଚମଡ଼ାକୋଟ୍‌ଟାକୁ ନେଇ ତା'ର ମୁହଁରେ ମାଡ଼ିଦେଇ ତା'ର ଚିତ୍କାର ବନ୍ଦକରି ରଖିଲା । ଯନ୍ତ୍ରଣାରେ କୁବା ମୂର୍ଚ୍ଛିତ ପରି ପଡ଼ିରହିଲା । ଘାଆରେ ପଟି ବାନ୍ଧିଦେଇ ଓ କିଛି ମଲମ ଲଗାଇଦେଇ ଆନ୍ତ୍ରୋଜ୍ କହିଲା—

''ତୋତେ ଡାକ୍ତରଖାନା ଯିବାକୁ ପଡ଼ିବ ।''

କୁବା କିଛି ବୁଝି ନପାରୁଥିଲା ପରି ପଡ଼ିରହିଥାଏ । ପଚାରିଲା, ''ଡାକ୍ତରଖାନା ?''

''ସେମାନେ ତୋ'ର ଗୋଡ଼ଟାକୁ କାଟିଦେଲେ ତୁ ଭଲ ହୋଇଯିବୁ ।''

''ମୋ' ଗୋଡ଼କୁ ?''

''ହଁ । ତୋ'ର ଏଇ ଗୋଡ଼ଟା ଆଉ କିଛି କାମ ଦେବନାହିଁ । ଭିତରେ ବିଲକୁଲ ପଚିଗଲାଣି ।''

''ଏକାବେଳେକେ କାଟିଦେବେ ?''—ତଥାପି କିଛି ବୁଝି ନପାରୁଥିଲା ପରି କୁବା ପଚାରିଲା ।

''ହଁ, ଆଣ୍ଠୁପାଖରୁ କାଟିଦେବେ । କିନ୍ତୁ ସେଥିପାଇଁ କିଛି ଭୟକରିବା ଦରକାର ନାହିଁ । ମୋ' ଗୋଡ଼ଟାକୁ ତ ସେମାନେ ଏକାବେଳେକେ ଜଙ୍ଘପାଖରୁ କାଟିଦେଇଥିଲେ । ତଥାପି ତ ମୁଁ ବଞ୍ଚିଚି !''

''ଗୋଡ଼ଟାକୁ କାଟିଦେଲେ କ'ଣ ମୁଁ ସତରେ ଭଲ ହୋଇଯିବି ?''

''ନିଶ୍ଚୟ । କିନ୍ତୁ ସେଥିପାଇଁ ତୋତେ ଡାକ୍ତରଖାନା ଯିବାକୁ ହେବ ।''

''ସେଠି ସେମାନେ ପରିବା କାଟିଲା ପରି ଜୀଅନ୍ତା ମଣିଷଙ୍କର ଦିହକୁ କାଟି ଟୁରୁଲା ଟୁରୁଲା କରିପକାନ୍ତି । ନାଇଁ ଲୋ ମାଆ, ମୁଁ ସେଠିକି ଯିବି ନାହିଁ । ତୁଇ ଯାହା କରୁଚୁ କର । ତୁ ଯେତେ ମାଗିବୁ, ମୁଁ ପଛେ ତୋତେ ସେତେ ପଇସା ଦେବି । କିନ୍ତୁ ଏଇଠି ପଡ଼ି ମରିବି ପଛକେ, ମୁଁ ସେ ଡାକ୍ତରଖାନାକୁ କେବେହେଲେ ଯିବିନାହିଁ !''

Digitized by srujanika@gmail.com

''ତେବେ ଏଠାରେ ପଡ଼ି ମରିବା ହିଁ ସାର ହେବ ! ଡାକ୍ତର ନହେଲେ ତୋର ଏଇ ଗୋଡ଼କୁ କିଏ କାଟିପାରିବ କହିଲୁ ? ମୁଁ ଏଇନେ ପଧାନ ଘରକୁ ଯାଉଚି, ସେ କାଲି ଗାଡ଼ି ସଜିଲ କରି ତୋତେ ସହରକୁ ପଠାଇଦେବେ ।''

''ଥାଉ, ମୁଁ ସେଠିକି କେବେହେଲେ ଯିବିନାହିଁ !''—କୁବା ଏକା ଜିଦ୍ ଧରିବସିଲା ।

''ତୁ କ'ଣ ବୋକା ହେଲୁ ନା କଅଣ ? ଏଥିରେ ପୁଣି ଡରିବାର କ'ଣ ଅଛି ?''

ଆମ୍ବ୍ରୋଜ୍ ଚାଲିଗଲା ପରେ କୁବା ମନେମନେ କହିବାକୁ ଲାଗିଲା—''ଏଇ ଗୋଡ଼ଟାକୁ କାଟିଦେଲେ ମୁଁ ପୁଣି ଭଲ ହୋଇଯିବି !''

ପଟି ବନ୍ଧାହେବାପରେ ଗୋଡ଼ର ବିନ୍ଧା ବନ୍ଦ ହୋଇଯାଇଥିଲା । ତଥାପି ସେଇ ଗୋଡ଼ଟାରେ ଯେପରି ଆଉ ଜୀବନ ନଥିବାପରି ମନେହେଉଥାଏ । କୁବା ଚିନ୍ତା କରୁଥାଏ—

''ହଁ, ମୁଁ ନିଶ୍ଚୟ ଭଲ ହୋଇଯିବି । ଆମ୍ବ୍ରୋଜ୍ ତ ପୁଣି କାଠଗୋଡ଼ରେ ଯିବାଆସିବା କରୁଚି ନା ନାହିଁ ? କିନ୍ତୁ ଗୋଡ଼ଟା ଗଲେ ବୋରିନା ଆଉ କାହିଁକି ମୋତେ ତା'ଘରେ ରଖିବ ? ଏକଗୋଡ଼ିଆ କୋଠିଆ କୋଉ କାମକୁ ଯୋଗ୍ୟ ହେବ ଭଲା କହିଲ ? ଜମି ଚଷିପାରିବ ନା ଆଉ କିଛି କରିପାରିବ ? ତେବେ ମୋର ଦଶା ପୁଣି କ'ଣ ହେବ ? ହୁଏତ ମୋତେ କୋଉଠି ଯାଇ ଗାଈ ଜଗିବାକୁ ପଡ଼ିବ ବା ଭିକମାଗି ପେଟପୋଷିବାକୁ ପଡ଼ିବ ! ଗିର୍ଜାଦୁଆରେ ବସି ଯିବାଆସିବା ଲୋକଙ୍କଚ ହାତ ପତାଇବାକୁ ପଡ଼ିବ ! ହେ ଭଗବାନ୍, ମୋତେ ଏପରି ଦଣ୍ଡ କାହିଁକି ଦେଲ ଭଗବାନ୍ ?''—ଏହି ସଂତ୍ରସ୍ତ ଉତ୍ତେଜନାରେ ସେ ହଠାତ୍ ଉଠିକରି ବସିପଡ଼ିଲା ଏବଂ ତା'ପରେ ସେ ଅତିଶୟ ମର୍ମନ୍ତୁଦ ଯନ୍ତ୍ରଣାରେ ଚିତ୍କାର କରିବାକୁ ଆରମ୍ଭକଲା । ମନେମନେ ସେ ଯେପରି କେଉଁ ଭୀମଗର୍ତ୍ତ ଭିତରେ ଯାଇ ପଡ଼ିଯାଇଥିଲା ପରି ଅନୁଭବ କରିବାକୁ ଲାଗିଲା, ଏହି ଗର୍ତ୍ତରୁ ଉପରକୁ ଉଠିଆସିବାକୁ ଯେପରି ଆଉ କୌଣସି ଉପାୟ ମଧ ନାହିଁ ! ତା'ର ଦେହଟା ଗୋଟାସୁଦ୍ଧା ଖାଲି ଥରିବାରେ ଲାଗିଥାଏ । ଉତ୍ତେଜିତ ଓ ଜରାକ୍ରାନ୍ତ ଭାବରେ ସେ ଖାଲି ''ହେ ଯୀଶୁ, ହେ ଯୀଶୁ'' ବୋଲି ପୁନରାବୃତ୍ତି କରିବାକୁ ଲାଗିଲା ।

ସେ ଅନେକ ସମୟ ଧରି ଏହିପରି ବିବଶଭାବରେ ଚିତ୍କାର କରିବାରେ ଲାଗିଥାଏ । କିନ୍ତୁ ଏହି ଅଶ୍ରୁବିଳାପ ଓ ବିକଳ ହତାଶା ମଧରେ ଯେପରି ତା'ର ଅନ୍ତରଭିତରେ ଅତି ଧୀରଭାବରେ ଏକ ନିର୍ଦ୍ଦିଷ୍ଟ ସଂକଳ୍ପ କ୍ରମେ ସମ୍ପୂର୍ଣ୍ଣ ହୋଇ ଆସୁଥିଲା ଓ ସେ ଅଧିକ ଗଭୀର ଭାବରେ ଚିନ୍ତାମୟ ହେବାରେ ଲାଗିଥିଲା । ଧୀରେ ଧୀରେ ସେ ଅଧିକ ସ୍ଥିର ହୋଇଆସିଲା । ତା'ର ଚତୁର୍ଦ୍ଦିଗରେ ବାଦ୍ୟ ଓ ସଂଗୀତର ଏତେ କୋଳାହଳ ଲାଗି ରହିଥିଲେ ମଧ ତଥାପି ତାକୁ ଯେପରି କ୍ରମେ ସବୁ ଭାରି ଶାନ୍ତ ବୋଧ ହେବାକୁ ଲାଗିଲା—ମନେହେଲା, ସତେ ଯେପରି ସେ ନିଘୋଡ଼ ନିଦରେ ଶୋଇଚି !

ଠିକ୍ ସେତିକିବେଳେ ବୋହୂ ଓ ବାହାଘର କୁଣିଆମାନେ ଆସି ବୋରିନାର ଘରେ ପହଞ୍ଚିଲେ ।

Digitized by srujanika@gmail.com

ବୋହୂ ଆସି ପହଞ୍ଚିବା ପୂର୍ବରୁ ଗୋଟିଏ ଗାଡ଼ିରେ ବୋଝାଇକରି ସେମାନେ ୟଗ୍‌ନାର ବାକ୍‌ସ, ବିଛଣାପତ୍ର ଓ ବାହାଘରରେ ତାକୁ ମିଳିଥିବା ନାନା ଉପହାରଦ୍ରବ୍ୟକୁ ପଠାଇ ଦେଇଥିଲେ । ତା'ସହିତ ଗୋଟିଏ ଭଲ ଗାଈ ମଧ୍ୟ ପଠାଇ ଦେଇଥିଲେ ।

ଏବଂ ସୂର୍ଯ୍ୟାସ୍ତ ହୋଇଯିବାର ଅଳ୍ପସମୟ ପରେ ଡୋମିନିକଭାର ଘରପାଖରୁ ଶୋଭାଯାତ୍ରା ବାହାରିଲା । ଏଣେ ଅନ୍ଧାର ହୋଇଆସୁଥାଏ, କୁହୁଡ଼ି ମାଡ଼ିଆସୁଥାଏ ।

ଆଗରେ ବାଜାଦାରମାନଙ୍କର ବାଜାମାନ ହୁତୁହୁତୁ ହୋଇ ବାଜୁଚି । ଆପଣାର ମାଆ ଓ ସାଙ୍ଗସରିସାଙ୍କ ଗହଣରେ ୟଗ୍‌ନା ବାହାଘର ପୋଷାକ ପିନ୍ଧି ଚାଲିଚି । ତା'ପରେ କୁଣିଆମାନେ ଦଳବାନ୍ଧି ଯାଉଚନ୍ତି । ଶୋଭାଯାତ୍ରାଟି ଆସି ବୋରିନାର ଦୁଆର ସରିକି ହେଲାବେଳକୁ କନ୍ୟାପକ୍ଷର ସ୍ତ୍ରୀଲୋକମାନେ ବିଦାୟ-ସଙ୍ଗୀତ ଗାଇବା ଆରମ୍ଭକଲେ । ବୋରିନା ଆପଣା ଘରର କବାଟ ପାଖରେ ୟୁକ୍‌କା ଓ ଗାଆଁର ଟୋକାମାନଙ୍କ ସହିତ ସେମାନଙ୍କ ଲାଗି ପ୍ରତୀକ୍ଷା କରୁଥିଲା ।

ଆଗ ଡୋମିନିକଭା ଘରଭିତରେ ପ୍ରବେଶ କଲା । ତା'ହାତରେ ଗୋଟିଏ ବୁଜୁଳାରେ ଖଣ୍ଡେ ପାଉଁରୁଟି, ଚୁମୁଟାଏ ଲୁଣ, ଖଣ୍ଡେ କାଠକୋଇଲା, ଗିର୍ଜାଘର ମହମବତିରୁ ଟିକିଏ ମହଣ, ମଗ୍ଣୁଳା ହୋଇଥିବା ପୋଛେ ଗହମ ଶିଷା । ୟଗନା ଦୁଆରବନ୍ଧ ଡେଇଁ ଗଲାବେଳକୁ ସ୍ତ୍ରୀଲୋକମାନେ ତା' ପଛେପଛେ ନୂଆଲୁଗାର ସୂତାମାନ ପକାଇଦେବାକୁ ଲାଗିଲେ, ଯେପରିକି ତା'ସହିତ କୌଣସି ଭୂତପ୍ରେତ ଘରେ ପଶି ପାରିବେ ନାହିଁ ଓ ତା'ର ସଂସାରରେ ସବୁ ବଢ଼ତି ହେବ ।

ଘର ଭିତରଯାକ ମଣିଷ ଭର୍ତ୍ତିହୋଇ ରହିଥାନ୍ତି । ବାଜାଦାରମାନେ ଧୀରସ୍ୱରରେ ବାଜା ବଜାଉଥାନ୍ତି । ବୋରିନା ହାତରେ ବୋତଲେ ମଦ ଧରି ଜଣଜଣକରି ପ୍ରତ୍ୟେକ ସ୍ତ୍ରୀଲୋକମାନଙ୍କ ପାଖକୁ ଯାଉଥାଏ ଏବଂ ସେମାନଙ୍କୁ ପିଇବାଲାଗି ଅନୁନୟକରି କହୁଥାଏ । ସେମାନଙ୍କର ଶୁଭ ମନାସି ସେ ନିଜେ ମଧ୍ୟ ପିଇବାରେ ଲାଗିଥାଏ । କମାରପୁଅ ଅନ୍ୟମାନଙ୍କ ସହିତ ଆସନ ଗ୍ରହଣ କରି ବସିଥାଏ ।

ଦହି ଆଉ ମହୁ ପଡ଼ି ତିଆରି ହୋଇଥିବା ପିଠାର ଥାଳି ଧରି ୟୁକ୍‌କା ବା'ପ ପଛେପଛେ ଯାଉଥାଏ । ତଥାପି ବର୍ତ୍ତମାନ ଏହି ଭୋଜିସଭା ଆଦୌ ଜମିଲାନାହିଁ । ଅନୁରୋଧ ଏଡ଼ିନପାରି ଓ କର୍ତ୍ତବ୍ୟ ରକ୍ଷାକରି ଅବଶ୍ୟ ସମସ୍ତେ ଗିଲାସ ପୂରାକରି ମଦ ପିଇଲେ । ଖାଇବା ଜିନିଷକୁ ମଧ୍ୟ କେହି ମନା କଲେନାହିଁ । କିନ୍ତୁ ତଥାପି ସେମାନଙ୍କର ମନର ଉଲ୍ଲାସ ଫିକାପଡ଼ି ଯାଇଥିଲାପରି ମନେହେଉଥାଏ ।

ଘର ଭିତରକୁ ଯାଇ ୟଗ୍‌ନା ଲୁଗା ପାଲଟିଲା । ସାଧାରଣ ପିନ୍ଧିବା ପିନ୍ଧି ସେ ଫେରିଆସି ଘରର ଘରଣୀ ହିସାବରେ ଅତିଥିମାନଙ୍କୁ ଆପ୍ୟାୟିତ କରିଥାଆନ୍ତା, କିନ୍ତୁ ତା'ର ମାଆ ତାକୁ କିଛିହେଲେ ଛୁଆଁଇ ଦେଲାନାହିଁ ।

Digitized by srujanika@gmail.com

''ଝୁଅ, ଆଜି ଥାଉ । ଆଜି ପରା ତେ'ର ବାହାଦିନଟା ! ତୋ'ର କାମଧନ୍ଦା କରିବାର ଦିନ କ'ଣ ଚାଲିଯାଉଚି ?'— କହି ସେ ବାରବାର ସକେଇ ପକାଉଥାଏ ଓ ଝୁଅକୁ ଛାତିଭିତରକୁ ଭିଡ଼ିନେଉଥାଏ ।

ତା'ପରେ ପୁଣି ନାଚ ଆରମ୍ଭ ହେଲା ଓ ପୁଣି ମଦପିଆ ଚାଲିଲା । କେତେବେଳେକେ ଆମ୍ବ୍ରୋଜ ମଧ ଆସି ସେଠାରେ ପହଞ୍ଚିଗଲା ଓ ଭାରି ଲୋଭ କୁତୁବୁତୁ ଆଖିରେ ମଦବୋତଲ ଆଡ଼କୁ ଅନାଇରହିଲା ।

ପଧାନେ ତାକୁ ଥଟ୍ଟାକରି କହିଲେ, ''ମଦବୋତଲ ଆଉ ଗିଲାସର ଶବ୍ଦ ଯେଉଁଠି ଶୁଣାଯିବ, ତୁ ଗନ୍ଧ ପାଇଲାପରି ଯାଇ ସେଠାରେ ହାଜର ହୋଇଯିବୁ !''

''ଯିଏ ଗୁଣୀ ଲୋକ ସିଏ ସିନା ଜାଣେ, ତୁମେ କାହୁଁ ଜାଣିବ ? ଶୋଷିଲା କଣ୍ଠରେ ଶୋଷକୁ ଯିଏ ନିବାରଣ କରିପାରେ, ସେଇ ହେଉଚି ଗୁଣୀ ଲୋକ !''

''ତୁ ତ ମଣିଷ ନୋହୁ, ତୁ ଗୋଟାଏ ମଦ୍‌ପିମ୍ପା । ନେ, ତୋ'ଲାଗି ପାଣି ଥୁଆ ହୋଇଚି, ନେ !''

''କଥାରେ ପରା କହିଚି, ଗୋରୁଙ୍କୁ ଯାହା ଭଲ, ମଣିଷଙ୍କୁ ମଧ ତାହା ହାନିକାରକ ହୋଇପାରେ । ପାଣି ପିଇଲେ କେତେବେଳେ ଭଲ ହୁଏ, କେତେବେଳେ ହାନି ମଧ କରେ । କିନ୍ତୁ ଭଡ୍‌କା ପିଇ କସ୍ମିନ୍‌କାଳେ କାହାର କୌଣସି ଖରାପ ହୋଇନାହିଁ ।''

''ଥାଉ । ତୋର ବକ୍ତୃତାର ମଜୁରି ତୋତେ ମିଳିବ । ନେ, ଭଡ୍‌କା ନେ ।''

''ପଧାନେ, ଆଗ ସିନା ତୁମେ, ତା'ପରେ ମୁଁ ! କଥାରେ ପରା କହିଚି— ପିଲାକୁ ଦିଅଁଲାଗି କଲାବେଳେ ପାଣି ଦରକାର, ବାହାଘରବେଳେ ଭଡ୍‌କା ଦରକାର, ପୁଣି ମଲାବେଳକୁ ଲୁହ ଦରକାର !''

''ବାଃ—ଚମତ୍କାର କଥା ! ନେ, ଆଉ ମୁନ୍ଦାଏ ପିଇଦେ ।''

ଦୁଇ ଗିଲାସ ସରି ତିନିଗିଲାସ ହେଲେ ମଧ ମୋର କୌଣସି ଆପତ୍ତି ନାହିଁ । ମୋ'ର ପହିଲି ଭାରିଯା ପାଇଁ ମୁଁ ଗିଲାସେ ପିଏ, କିନ୍ତୁ ଦ୍ୱିତୀୟ ଭାରିଯାପାଇଁ ଦୁଇଗିଲାସ !''

''କାହିଁକି ମ ?''

''କାରଣ ମୋର ଠିକ୍ ଯେତେବେଳେ ଗୋଟାଏ ତୃତୀୟ ଭାରିଯା ଦରକାର ହେଉଥିଲା, ସେ ସେତିକିବେଳେ ମଲା ।''

''ଏଣେ ଆସି ଅନ୍ଧାରକଣା ହେଲୁଣି, ରାତି ହେଲେ ବାଟ ଦିଶୁନାହିଁ । ତେବେସୁଦ୍ଧା ସ୍ତ୍ରୀସୁଖର ଲାଳସା ଛାଡ଼ିନାହୁଁ ?''

''ଆଖିକୁ ଦିଶିବା ସହିତ ସୁଖ କରିବାର କ'ଣ ସମ୍ବନ୍ଧ ଅଛି ?''

ଏକଥା ଶୁଣି ସମସ୍ତେ ଠୋ' ଠୋ' ହୋଇ ହସିଉଠିଲେ ।

କିଛି ସମୟ ପରେ ବୋରିନା ସମସ୍ତଙ୍କୁ ଠା'ପିଢ଼ା ଲାଗି ଡାକିବାକୁ ଆସିଲା । କିନ୍ତୁ କେହି ଶୁଣିଲେ ନାହିଁ । କିଏ ନାଚିବାରେ ମସ୍ତ ହୋଇ ରହିଥାଏ, ପୁଣି ଅନ୍ୟମାନେ କଥାବାର୍ତ୍ତା

Digitized by srujanika@gmail.com

ଓ ଥଟ୍ଟାତାମସାରେ ମସ୍ତ ଥାଆନ୍ତି । ଯଗ୍ନା ଆସି ପୁଣି ଡାକିଲା । କିନ୍ତୁ ପଧାନେ ତାହାର ଦୁଇହାତ ଧରି ତାକୁ ନେଇ ଆପଣା ପାଖରେ ବସାଇଦେଲେ । ପୁଣି ଡାକ ଆସିଲା—"ଆସ ସମସ୍ତେ, ଠା'ପିଢ଼ା କରିବ ଆସ ! ଖାଇବାସାମଗ୍ରୀ ପରା ତେଣେ କାକର ହୋଇଯାଉଚି ।"

"ତୋ' ଜିଭ ନଡ଼ନଡ଼ ବନ୍ଦ କର, ନହେଲେ ସେଇ ଜିଭରେ ଖାଇବାଥାଳି ଗୁଡ଼ାକୁ ଚାଟିବୁ ଯା' ।"

ଏଥର ସମସ୍ତେ ଖାଇବାକୁ ଗଲେ । ସମସ୍ତେ ଯେଝା ଯେଝାରେ ଆସନ ମାଡ଼ି ଯାଇ ବସିଗଲେ । ଏଣେ ରାନ୍ଧୁଣୀମାନେ ଖାଇବା ସରଞ୍ଜାମମାନ ନେଇ ପହଞ୍ଚିଗଲେଣି । ସଦ୍ୟ ରନ୍ଧାହୋଇଥିବା ଖାଦ୍ୟଦ୍ରବ୍ୟରୁ ବାମ୍ଫ ବାହାରୁଚି ଓ ମହକରେ ଘରଗୋଟାକୁ ପୂର୍ଣ୍ଣ କରି ଦେଉଚି ।

ତା'ପରେ ସମସ୍ତେ ଆପଣାର ଉଚିତ ଆସନ ଗ୍ରହଣ କରି ଖାଇବସିଲେ । ଡୋମିନିକ୍‌ଭା ଓ ତା'ର ଦୁଇ ପୁଅ ମଝିରେ ବସିଲେ, ଉଭୟପକ୍ଷରେ କୁଣିଆମାନେ ଏକାଠି ଆସନ ଗ୍ରହଣ କଲେ ଓ ଅତିଥିମାନଙ୍କୁ ପରିବେଶଣ କରିବା ଉଦ୍ଦେଶ୍ୟରେ ବୋରିନା ଓ ଯଗ୍ନା ଠିଆହୋଇ ରହିଲେ ।

ମଝିରେ କେତେମୁହୂର୍ତ୍ତ ସବୁ ଥିର ହୋଇ ରହିଥିବାପରି ମନେହେଲା । କେବଳ ବାହାରେ ସାନପିଲାମାନେ ପାଟିତୁଣ୍ଡ କରିବାରେ ଲାଗିଥାନ୍ତି ଓ ଲାପା ଭୋ' ଭୋ' ହୋଇ ଭୁକିବାରେ ଲାଗିଥାଏ । ଅତିଥିମାନଙ୍କର ଚାମଚଗୁଡ଼ିକ ଖାଇବାଥାଳିର ପନ୍ଦରେ ବାଜି ଝଣଝଣ ଶବ୍ଦ ଶୁଭୁଥାଏ ।

ଯଗ୍ନା ଏପାଖ ସେପାଖ ଦଉଡ଼ି ଅତିଥିମାନଙ୍କର ଥାଳିରେ ଏଇଟାସେଇଟା ପରଷି ଦେଉଥାଏ । ଅତି ମଧୁର ଭାବରେ ସେ ସେମାନଙ୍କୁ କୌଣସି ସଙ୍କୋଚ ନକରି ଭୋଜନ କରିବାକୁ ଅନୁରୋଧ କରୁଥାଏ । ଅତିଥିମାନେ ତା'ର ବ୍ୟବହାରରେ ମୁଗ୍ଧ ହୋଇ ପ୍ରଶଂସାପୂର୍ଣ୍ଣ ଦୃଷ୍ଟିରେ ତା'ଆଡ଼କୁ ଅନାଇ ରହିଥାନ୍ତି । ଆପଣା ଝିଅକୁ ଦେଖି ଡୋମିନିକ୍‌ଭାର ମନ ଭାରି ହୃଷ୍ଟ ହୋଇ ଉଠୁଥାଏ, ସେ ହାତରେ ଚାମଚକୁ ଥାଳିଉପରେ ରଖିଦେଇ ତାହାରିଆଡ଼କୁ ବାରବାର ଅନାଇ ରହୁଥାଏ ।

ବୋରିନା ମଧ୍ୟ ଏହି କଥାକୁ ବେଶ୍ ଲକ୍ଷ୍ୟ କରିପାରୁଥାଏ । ଯଗ୍ନା ରୋଷେଇଘର ଆଡ଼କୁ ଯାଉଥିବାବେଳେ ସେ ତା'ର ପଛେପଛେ ଯାଇ ବାଟରେ ତାକୁ ହାବୁଡ଼ି ଯାଉଥାଏ ଓ ଆଦରରେ କୁଣ୍ଢାଇ ପକାଇ ତାକୁ ଚୁମ୍ବନ ଦେବାରେ ଲାଗିଥାଏ ।

"ଯଗ୍ନା, ତୁ ସତେ ମୋର ଘରକୁ କେଡ଼େ ଘଟଣ ଦେଖା ନଯାଉଚୁ ! ଠିକ୍ ଗୋଟାଏ ଜମିଦାର ଘରର ଘରଣୀପରି ତୁ ସମସ୍ତଙ୍କର ମନକୁ ହରଣ କରିନେଉଚୁ !"

ଭିଟେକ୍ ବାଡ଼ିଟାଏ ନେଇ ବାହାରେ ଭୁକୁଥିବା କୁକୁରଟାକୁ ବାଡେଇ ଦେବାକୁ ଗଲା । କୁକୁରର ଭୁକିବା ବନ୍ଦ ହୋଇଗଲା । ଦୁଆର ସେପାଖରୁ ରୋକ୍ ତାକୁ ଡାକିକରି କହିଲା, "ଭିଟେକ୍, ଶୁଣିଗଲୁ ! ତୁ ଟିକିଏ ଚଞ୍ଚଳ ଯାଆ ଆମ୍ବ୍ରୋଜକୁ ଡାକିଦେବୁ । କହିବୁ ସେ ଝଅଟ ଆସିବ, ମୁଁ ଏଇଠି ତାକୁ ଅପେକ୍ଷା କରି ରହିଚି ।"

Digitized by srujanika@gmail.com

କିଛିସମୟ ପରେ ଆମ୍ବ୍ରୋଜ୍ ଆସି ପହଞ୍ଚିଲା । ଖାଇବା ଥାଳିରୁ ତାକୁ ଉଠିଆସିବାକୁ ପଡ଼ିଥିବାରୁ ତା'ର ମିଜାଜଟା ଭାରି ଖଟା ହୋଇଯାଇଥାଏ । ଏମିତିଆ ଖାଇବା ଛାଡ଼ିକରି ଆସିବାକୁ କାହାର ମନହୁଏ କହିଲ ? ସେ କହିଲା—

''କ'ଣ ହେଲା ? ବର୍ତ୍ତମାନ କାହିଁକି ଡାକ ପଡ଼ିଲା ? କ'ଣ ଗିର୍ଜାଘରେ ନିଆଁ ଲାଗିଚି କି ?''

''ଏଡ଼େବଡ଼ ତୋଡ଼ ବାହାର କରନା । ଟିକିଏ କୁବାକୁ ଦେଖିଆସିବୁ ଚାଲ । ମୋର ଭାରି ଭୟ ହେଉଚି ଯେ ସେ ଆଉ ଠାକିବନାହିଁ ।''

''ଆରେ ସେ ମରିଗଲେ ଏବେ ମୋର କ'ଣ ହୋଇଯାଉଚି ? ମଣିଷକୁ ଟିକିଏ ଥିରହୋଇ ବସି ଖାଇବାକୁ ମଧ ଦେବେନାହିଁ ? —ମୁଁ ତ ଆଜି ସଞ୍ଜବେଳେ ଯାଇ ତାକୁ ଦେଖିଆସିଚି, କହିଆସିଚି ଯେ ଡାକ୍ତରଖାନାକୁ ଯାଇ ତାକୁ ତା'ର ଗୋଡ଼ଟା କଟାଇ ଆସିବାକୁ ପଡ଼ିବ । ତା'ହେଲେ ସେ ତତ୍‌କ୍ଷଣାତ୍ ଭଲ ହୋଇଯିବ ।''

''ତୁଇ ତାକୁ ଏପରି କହିଚୁ ? ତେବେ ମୁଁ ବୁଝିଲି । ମୋର ମନେହେଉଚି ସେ ଆପଣାହାତରେ ଗୋଡ଼ଟାକୁ କାଟି ପକାଇଚି !''

''ହେ ମାଆ ଠାକୁରାଣୀ, ଆପଣା ହାତରେ କାଟି ପକାଇଚି ?''

''ତୁ ଝଅଟ ଚାଲ, ଦେଖିବୁ ! ମୁଁ ଟିକିଏ ଶୋଇବି ବୋଲି ଗୁହାଳଘରକୁ ଯାଉଥିଲି । ଦୁଆର ଭିତରେ ନପହଞ୍ଚୁଣୁ ଲାପା ଭୁକିଭୁକି ମୋ'ଆଡ଼କୁ ଦଉଡ଼ି ଆସିଲା, ମୋ'ଉପରକୁ ଡେଇଁ ମୋର କୁରୁତାକୁ ଟାଣିବାକୁ ଲାଗିଲା । ମୁଁ ତା'ର ମତଲବଟା ଜମାରୁ ବୁଝିପାରୁନଥାଏ । କିନ୍ତୁ ସେ ପୁଣି ଆଗେଆଗେ ଦଉଡ଼ିଯାଇ ଦୁଆରବନ୍ଧ ଉପରେ ବସିପଡ଼ିଲା ଓ ଭୋ' ଭୋ' ହୋଇ ଭୁକିବାକୁ ଲାଗିଲା । ବାରବାର ଗୁହାଳ ଭିତରକୁ ଦଉଡ଼ି ଯାଉଥାଏ, ପୁଣି ବାହାରକୁ ଆସି ଭୁକୁଥାଏ । ସେଇଠୁ ମୁଁ ଗୁହାଳଭିତରକୁ ଯାଇ ଦେଖିଲି କୁବା କବାଟ ପାଖରେ ପଡ଼ିଚି । ପ୍ରଥମେ ଭାବିଲି, ବୋଧହୁଏ ଟିକିଏ ଖୋଲା ପବନ ପାଇବବୋଲି ସେ ବାହାରକୁ ଯାଇଥିଲା, ହଠାତ୍ ବଳ ନପାଇବାରୁ ଏଇଠି ବାଟରେ ମୂର୍ଚ୍ଛା ହୋଇ ପଡ଼ିଚି । ଏହିପରି ଭାବି ମୁଁ ତାକୁ ତା'ର ଖଟିଆ ଉପରକୁ ଉଠାଇ ଆଣିଲି । ତାକୁ ମୁନ୍ଦାଏ ପାଣି ଦେବିବୋଲି ବତି ଲଗାଇବାକୁ ଗଲି । ବତି ଲଗାଇ ଦେଖିଲି ଯେ ସେ ଗୋଟାସୁଦ୍ଧା ରକ୍ତରେ ବୁଡ଼ିଚି । ତା'ର ଗୋଡ଼ରୁ ଝରଝର ହୋଇ ରକତ ବୋହିବାରେ ଲାଗିଚି ଓ ତା'ର ମୁହଁଟା ଏକାବେଳେକେ ଶେତା ପଡ଼ିଗଲାଣି ।''

ଦୁହେଁଯାକ ଗୁହାଳ ଭିତରକୁ ଗଲେ । ଆମ୍ବ୍ରୋଜ୍ ତା'ର ପାରୁପର୍ଯ୍ୟନ୍ତ ଚେଷ୍ଟା କଲା, କିନ୍ତୁ ତଥାପି କିଛି ଫଳ ହେଲାନାହିଁ । ବିଚାରା କୁବାର ଦେହରେ ଆଉ ଟିକିଏ ହେଲେ ତାକତ ନଥାଏ । ତା'ର ନିଶ୍ୱାସ ପ୍ରାୟ ବନ୍ଦହୋଇ ଆସିଲାଣି । ଛାତିରୁ ଘଡ଼ଘଡ଼ ଶବ୍ଦ ଶୁଣାଯାଉଚି । ଦାନ୍ତଗୁଡ଼ାକ ଏପରି ଭାବରେ ଜାବ ପଡ଼ିଯାଇଚି ଯେ ତା' ମୁହଁ ଫିଟାଇ ଟୋପାଏ ପାଣି ଦେବାକୁ ମଧ ସେମାନଙ୍କୁ ଗୋଟାଏ ଛୁରୀର ସାହାଯ୍ୟ ନେବାକୁ ପଡ଼ିଲା ।

Digitized by srujanika@gmail.com

ଆଣ୍ଠୁପାଖରେ ଗୋଡ଼ଟା କଟା ହୋଇଚି, କେବଳ ଚମଡ଼ାଟା ଲାଗିରହି ଥିବାରୁ ଗୋଡ଼ଟା ଦେହସହିତ ଲଟକିକରି ରହିଚି । ସେଥିରୁ ରକତସୁଅ ଛୁଟିବାରେ ଲାଗିଚି ।

ଦୁଆରମୁହଁଯାକ ଚାରିଆଡ଼ ରକ୍ତ । ପାଖରେ ରକତ ଲାଗିଥିବା ଗୋଟାଏ କୁରାଢ଼ି ପଡ଼ି ରହିଚି । ଚକିଟା ସବୁଦିନେ ଓଳିତଳେ ଥାଏ, ଆଜି ଆସି କବାଟପାଖରେ ପଡ଼ିଚି !

''ଡାକ୍ତରଖାନାକୁ ଭୟ କରି ସେ ଆପଣା ହାତରେ ଆପଣାର ଗୋଡ଼କୁ କାଟିପକାଇଚି । ଏଡ଼ିକି ବୋକା, ଭାବିଲା ଏମିତି କରିଦେଲେ ତା'ର ଦେହ ଭଲ ହୋଇଯିବ ! ତଥାପି ତା'ର ସାହସ ଦେଖ ! ହେ ଭଗବାନ ! ଆପଣାର ଗୋଡ଼ଟାକୁ... ଏଥିରେ ଭଲା କିଏ ବିଶ୍ୱାସ କରିବ କହିଲ ! ଦେହରୁ କେତେ ଗରା ରକତ ଗଲାଣି କେଜାଣି ?''

ଏତେବେଳେ ଯାଇ କୁବା ଆଖି ଫିଟାଇଲା । ତା'ର ଚେତା ଫେରିଆସିଲାରୁ ସେ ଚାରିପାଖକୁ ଅନାଇବାକୁ ଲାଗିଲା ।

''ଗୋଡ଼ଟା କଟିଲା ନା ନାହିଁ ? ମୁଁ ମୋଟେ ଦୁଇଚୋଟ ପକାଇଚି । ତା'ପରେ ମୋର ଚେତା ବୁଡ଼ିଗଲା ।''—ସେ କ୍ଷୀଣସ୍ୱରରେ କହିଲା ।

''କିଛି କଷ୍ଟ ହେଉଚି ?''

''ନା—ଆଉ ମୋତେ କଷ୍ଟ ହେଉନାହିଁ...କେବଳ ଦେହରେ ଆଉ ବଳ ନାହିଁ ।''

ଆନ୍ତୋକ୍ କଟା ଜାଗାଟାକୁ ପୋଛିପାଛି ପରିଷ୍କାର କରିଦେଲା ଓ ଓଦାକନା ରେ ପଟି ବାନ୍ଧିଦେଲା । କୁବା କେବଳ ଥିର ହୋଇ ପଡ଼ିରହିଥାଏ, କିଛିହେଲେ ଶବ୍ଦ କରୁନଥାଏ ।

ରୋକ୍ ଆଣ୍ଠୁମାଡ଼ି ବସି ବତି ଦେଖାଇଥାଏ ଓ ମନେମନେ ଭାରି କାତର ହୋଇ ପ୍ରାର୍ଥନା କରିବାରେ ଲାଗିଥାଏ । ରୋଗୀ ଅଧର କୁଞ୍ଚିତ କରି କ୍ଷୀଣଭାବରେ ହସିବାକୁ ଲାଗିଲା । ଏଣେ ଆଖିରୁ ଲୁହ ଡଳଡଳ ହୋଇ ଆସୁଥାଏ । ସତେ ଯେପରି ବାପମାଆ ଛେଉଣ୍ଡ କୌଣସି ଶିଶୁ ଗହୀର ବିଲ ମଝିରେ ଏକାକୀ ପଡ଼ିରହିଚି, ଅନୁଭବ କରୁଚି ଯେ ତା'ର ମାଆ ଏଇନାଗେ କୁଆଡ଼େ ଯାଇଚି, କିନ୍ତୁ ତାକୁ ଏକାବେଳେକେ ଛାଡ଼ି ଚାଲିଯାଇନାହିଁ । ତା'ର ଦେହଉପରେ ଦୋହଲୁଥିବା ଘାସପତରର ସ୍ପର୍ଶ ପାଇ ସେ ଉଲ୍ଲସିତ ହୋଇ ଉଠୁଚି, ସୂର୍ଯ୍ୟକିରଣକୁ ଉପଭୋଗ କରୁଚି, ଉଡ଼ି ଚାଲିଯାଉଥିବା ଚଢ଼େଇମାନଙ୍କ ଆଡ଼କୁ ହାତ ବଢ଼ାଉଚି, ଅପାଣା ଭାଷାରେ ଚାରିପାଖର ପୃଥିବୀସହିତ କଥାବାର୍ତ୍ତା ହେବାରେ ଭୋଳ ହୋଇ ରହିଚି । ବର୍ତ୍ତମାନ କୁବା ଠିକ୍ ସେହି ଶିଶୁଟି ପରି ଅନୁଭବ କରୁଥାଏ । ବର୍ତ୍ତମାନ ତା'ଦେହରେ କୌଣସି ଯନ୍ତ୍ରଣା ନାହିଁ, ଭାରି ଆରମ ଓ ଉଶ୍ୱାସ ଲାଗୁଚି । ତା'ର ଦେହରେ କେଉଁଠି କ'ଣ ରୋଗ ହୋଇଚି ବୋଲି ସେ ଆଦୌ ଅନୁଭବ କରିପାରୁନାହିଁ, ବରଂ ମନେମନେ ପ୍ରଚ୍ଛନ୍ନ ଭାବରେ ବେଶ୍ ଗୌରବ ଅନୁଭବ କରୁଚି । କୁରାଢ଼ିଟାକୁ ସେ କେଢ଼େ ବଢ଼ିଆକରି ପଜାଇ ଆଣିଥିଲା । କେମିତି ଗୋଡ଼କୁନେଇ ଦୁଆରବନ୍ଧ ଉପରେ ରଖିଲା, ଗୋଟାଏ ଚୋଟ ଯଥେଷ୍ଟ ନହେବାରୁ ସଙ୍ଗେସଙ୍ଗେ ଆଉଗୋଟାଏ ଚୋଟ ବସାଇଦେଲା । ଏବଂ ବର୍ତ୍ତମାନ ସବୁ ଯନ୍ତ୍ରଣା ସତେ ଯେପରି କୁଆଡେ ଉଡ଼ି ଚାଲିଗଲା ପରି ଲାଗୁଚି ! ସେ ଠିକ୍ ଯାହା ଚାହୁଁଥିଲା, ତାହାହିଁ ଫଳ

Digitized by srujanika@gmail.com

ଫଳିଲା । ଦେହଟାରେ ଖାଲି ଆଉ ଟିକିଏ ତାକତ ଥିଲେ ସେ କଦାପି ବର୍ତ୍ତମାନ ଏଇ ଖଟିଆଟା ଉପରେ ପଡ଼ି ରହିନଥାନ୍ତା, ଉଠିକରି ବାହାଘର ଭୋଜି ଦେଖିବାକୁ ଚାଲିଯାଆନ୍ତା... ସମସ୍ତଙ୍କ ସାଙ୍ଗରେ ମିଶି ନାଚନ୍ତା । ମନମଉଜରେ ଭୋଜି ଖାଆନ୍ତା !

''ଥିରି ହୋଇ ପଡ଼ିରହ, ହଲଚଲ ହୁଅ ନାହିଁ ! ମୁଁ ଯାଉଚି ୟୁକ୍‌କାକୁ କହିବି ସେ ତୋତେ କ'ଣ ଗଣ୍ଡାଏ ଖାଇବାକୁ ଦେଇଯିବ ।''—ତା'ର ଗାଲଉପରେ ଥାପଡ଼େଇ ଦେଉଦେଉ ରୋକ୍ କହିଲା ଏବଂ ଆକ୍ରୋଶ ସହିତ ବାହାରକୁ ଚାଲିଗଲା ।

''ସେ ସକାଳଯାଏ ବି ଠାକି ପାରିବା ମୁସ୍କିଲ । ତା'ର ଦେହରେ ଆଉ ଟୋପାଏ ସୁଦ୍ଧା ରକ୍ତ ନାହିଁ ।''

''ତା'ହେଲେ ଚେତା ଥାଉଥାଉ ପାଦ୍ରିଙ୍କୁ ଯାଇ ଡାକିଆଣିବା ଭଲ ।''

''ପାଦ୍ରି ଏଠି ନାହାନ୍ତି, ଆଜି ରାତିକ ପାଇଁ ସେ ଜମିଦାରଙ୍କ ଘରକୁ ଯାଇଚନ୍ତି ।''

''ମୁଁ ତାଙ୍କୁ ଖବର ଦେବାକୁ ଯାଉଚି । ଆଉ ବିଳମ୍ବ କରିବା ଉଚିତ ନୁହେଁ ।''

''ଜଙ୍ଗଲ ଭିତରେ ଏଇ ରାତିଟାରେ ତୁ ପାଞ୍ଚମାଇଲ ବାଟ ଚାଲିକରି ଯିବୁ ? ତେବେ ତୁ କଦାପି ସମୟ ଥାଉଁ ପହଞ୍ଚି ପାରିବୁ ନାହିଁ । ରାତିଖାଇବା ସରିଗଲେ କୁଣିଆ- ମାନେ ଗାଡ଼ିରେ ବସି ଯିବାକୁ ପ୍ରସ୍ତୁତ ହୋଇଯିବେ । ତୁ ସେଇଥିରୁ କୌଣସି ଗାଡ଼ିରେ ବସି ଚାଲିଗଲେ ହେବ ।''

ସେମାନେ ଗୋଟିଏ ଗାଡ଼ି ସଜ କଲେ, ରୋକ୍ ଯାଇ ଗାଡ଼ିରେ ବସିଲା ।

''କୁବାର ତତ୍ତ୍ୱ ନେଉଥିବୁ, କଦାପି ଭୁଲିବୁନାହିଁ'' ଗାଡ଼ି ଚାଲିଲା ବେଳକୁ ସେ କହିଲା ।

''ହଁ, ମୁଁ ସମସ୍ତ ତତ୍ତ୍ୱ ନେବି । ତୁ ଚିନ୍ତା କରନା ।''

କିନ୍ତୁ ଏକଥା ଭୁଲିଯିବାକୁ ତା'ର ଆଦୌ ଡେରି ହେଲାନାହିଁ । କୁବାଲାଗି କିଛି ଖାଇବା ଦେଇଯିବାକୁ ୟୁକ୍‌କାକୁ କହିଦେଇ ସେ ପୁଣି ଭୋଜିସଭାକୁ ଗଲା ଏବଂ ମଦବୋତଲର ସେବା କରୁକରୁ କୁବାର ସେବା କରିବାକୁ ତା'ର ଆଦୌ ମନେ ରହିଲାନାହିଁ ।

ୟୁକ୍‌କାର ହୃଦୟରେ ସବୁବେଳେ ଭାରି ଦୟା । ସେ ଯାହା ପାରିଲା, ଗୋଟିଏ ଥାଳିରେ ଧରି ସଙ୍ଗେସଙ୍ଗେ କୁବା ପାଖକୁ ନେଇଆସିଲା । ଗିଲାସେ ଭଡ୍‌କା ମଧ୍ୟ ସାଙ୍ଗରେ ଆଣିଥିଲା ।

''ନେ କୁବା । ତୋ'ପାଇଁ ଖାଇବାକୁ ଆଣିଚି । ଭୋଜିର ଖାଇବା ।''

''ଭଗବାନ ତୋ'ର କଲ୍ୟାଣ କରି କରନ୍ତୁ । ଆଃ ମହକରେ ମନ ଖୁସୀ ହୋଇଯାଉଚି ।''

''ମୁଁ ପରା ନିଜେ ତୋପାଇଁ ରାନ୍ଧିକରି ଆଣିଚି !'' ଥାଳିଟିକୁ ନେଇ ସେ କୁବାହାତରେ ଧରାଇ ଦେଲା । କାରଣ ଗୁହାଳ ଭିତରଟା ଅନ୍ଧାର ହୋଇ ରହିଥାଏ । ''କିନ୍ତୁ ଆଗ ଭଡ୍‌କାଟକ ପିଇଦେ !''

କୁବା ଗିଲାସଟିର ଶେଷ ବିନ୍ଦୁଟିକୁ ମଧ୍ୟ ଶେଷ କରି ପିଇଦେଲା ।

''ତୁ ଏଠି ମୋ'ପାଖରେ ଟିକିଏ ବସନ୍ତୁନାହିଁ ? ମୋତେ ଭାରି ଏକୁଟିଆ ଲାଗୁଚି !''

Digitized by srujanika@gmail.com

ଖାଇବାରୁ ଟିକିଏ ନେଇ ସେ ତୁଣ୍ଡରେ ମାରିଲା । କିନ୍ତୁ କିଛି ଚୋବାଇ ପାରିଲାନାହିଁ ।

"ସେଠାରେ ସମସ୍ତେ ଭାରି ମଉଜ କରୁଚନ୍ତି, ନାଇଁ ?"

"ହଁ, ଏତେ ମଣିଷ ଆସିଚନ୍ତି ଯେ କୁହାନଯାଏ ! ମୁଁ ମୋ' ଜୀବନରେ କେବେହେଲେ ଏତେ ମଣିଷ ଦେଖିନଥିଲି !"

"ନିଶ୍ଚୟ, ନିଶ୍ଚୟ—ସେ ଗର୍ବ ଅନୁଭବ କଲାପରି କହିଲା ।" ଇଏ ପରା ବୋରିନାର ବାହାଘର, କ'ଣ ଆଉ କାହାର ହୋଇଚି ?"

"ହଁ, ବାପା ଆଜି ଭାରି ଖୁସୀ ଅଛନ୍ତି, ଆଉ ସବୁବେଳେ ଯଗନା ପଛରେ ଗୋଡ଼ାଇଚନ୍ତି !"

"ହଁ ହଁ, ଗୋଡ଼ାଇବେ ନାହିଁ ? ଯଗନା ପ୍ରକୃତରେ କେଡ଼େ ସୁନ୍ଦର, ଠିକ୍ କୌଣସି ଜମିଦାର ଘରର ଘରଣୀ ପରି ! ପଧାନେ ଆସିଚନ୍ତି ?"

"ହଁ, ଖାଲି ଚବରଚବର ହେଉଚନ୍ତି । ଆନ୍ତୋକ୍ ସହିତ ଏପରି ଥଟ୍ଟା ତାମସା କରୁଚନ୍ତି ଯେ ସମସ୍ତେ ହସିହସି ଗଡ଼ିଯାଉଚନ୍ତି ।"

"ଆନ୍ତେକ୍‌ର ଖବର କିଛି ଜାଣିଚୁ ?"

"ହଁ, ସଞ୍ଜବେଳେ ପିଲାଙ୍କ ପାଇଁ କିଛି ପିଠା ଓ ମାଉଁସ ଧରି ମୁଁ ତା'ଘରକୁ ଯାଇଥିଲି । କିନ୍ତୁ ସେ ମୋତେ ଘରୁ ବାହାର କରିଦେଲା, ଆଉ ମୋରି ସାମ୍ନାରେ ଖାଇବା ଜିନିଷଗୁଡ଼ାକୁ ଫୋପାଡ଼ିଦେଲା । ସେ ଭାରି ଏକଜିଦ୍, ଭାରି ଅବାଗିଆ, ସେଠି ତ ସବୁବେଳେ ରାମ୍ପୁଡ଼ା କାମୁଡ଼ା ଲାଗିଚି । ହାଙ୍କା ତ ରାତିଦିନ ତା'ର ଭଉଣୀ ସହିତ କଜିଆ ଲଗାଉଚି, ମାଡ଼ ମରାମରି ହେବାକୁ ଆଉ ବେଶୀ ବେଳ ଲାଗିବନାହିଁ ।"

କୁବା କିଛି ଉତ୍ତର ଦେଲା ନାହିଁ । ତା'ର ନିଃଶ୍ୱାସ କେବଳ ଖରତର ହୋଇଆସିଲା ।

କିଛି ସମୟପରେ ସେ କହିଲା— "ୟୁକ୍‌କା, ଗଲୁ ଦେଖିବୁ ଘୋଡ଼ାଟା କାହିଁକି ଯେପରି ଗଁଅଗଁଅ ହେଲାପରି ଶୁଭୁଚି ! ସଞ୍ଜପହରୁ ସେ ଗୋଟିଏ ଜାଗାରେ ପଡ଼ିରହିଚି । ତା'ର ମଧ ଛୁଆ ଜନମ କରିବାର ସମୟ ହୋଇ ଆସିଲାଣି, ଏଣିକି ତା' ଉପରେ ଭଲ କରି ନିଘା ରଖିବାକୁ ହେବ । ଶୁଣିଲୁ, ସେ କେମିତି ବିକଳ ହୋଇ ବୋବାଉଚି ! ମୁଁ ତ ଉଠିପାରୁନାହିଁ, ଅକର୍ତ୍ତବ୍ୟ ହୋଇ ଏଠି ପଡ଼ିଚି !"

ଧଇଁସଇଁ ହୋଇପଡ଼ିବାରୁ ସେ କିଛି ସମୟ ପର୍ଯ୍ୟନ୍ତ ଆଉ କୌଣସି କଥା କହି ପାରିଲାନାହିଁ, ବୋଧହୁଏ ତାକୁ ନିଦ ଲାଗି ଆସୁଥାଏ ।

ୟୁକ୍‌କା ଉଠିପଡ଼ି ତରତର ହୋଇ ଚାଲିଗଲା ।

ନିଦ ଭାଙ୍ଗିଯିବାରୁ କୁବା ପୁଣି ଘୋଡ଼ୀକୁ ନାଆଁ ଧରି ଡାକିଲା ।

ଅନ୍ଧାର ଭିତରୁ ଘୋଡ଼ୀ କ୍ଷୀଣସ୍ୱରରେ ବୋବାଇ ଜବାବ ଦେଲା ।

"ତା'ହେଲେ ମୋର ଜୀବନରେ ଏଇ ହେଉଚି ଶେଷଥର ଖାଇବା ଲାପା, ତୁ ଅପେକ୍ଷା କର, ତୁ ମଧ ତୋ'ର ଭାଗ ଅବଶ୍ୟ ପାଇବୁ । ସେମିତି କୁଉଁକୁଉଁ ହେଉଚୁ କାହିଁକି ?"

Digitized by srujanika@gmail.com

ସେ ପୁଣି ଖଣ୍ଡେ ମାଉଁସ ଖାଇବାକୁ ଚେଷ୍ଟାକଲା, କିନ୍ତୁ ଏଥର ମଧ ତାହା ତଣ୍ଟିରେ ଗଳିଲାନାହିଁ । ଅଧବାଟ ଯାଇ ଲାଖିଗଲା ।

''ହେ ଭଗବାନ୍ ! ଏତେ ଖାଇବାପିଇବା ହେଲା, ତଥାପି ମୁଁ ଟିକିଏ ମଧ ଖାଇ ପାରିଲିନାହିଁ !''

ହଁ, ଅଧିକ ଚେଷ୍ଟାକରିବା ବୃଥା । ସେ ଆଉ ପାରିଲାନାହିଁ । ତା'ର ହାତରୁ ମଧ ସବୁ ବଳ କୁଆଡ଼େ ଚାଲିଗଲା ପରି ମନେହେଲା । ତଥାପି ମାଉଁସଖଣ୍ଡକୁ ହାତରେ ଧରି ସେ ଆପଣା ପାରିଶୁଆର ତଳେ ଥିବା କୁଟାଭିତରେ ଗୁଞ୍ଜିଦେବାକୁ ଚେଷ୍ଟାକଲା ।

''ଏତେ ଖାଇବା ମୁଁ କେବେହେଲେ ପାଇନଥିଲି । କିନ୍ତୁ ସବୁ ଖାଲି ବୃଥା ହୋଇଗଲା !''—ସେ ବଡ଼ କ୍ଷୁଣ୍ଣ ଓ ଆହତପ୍ରାୟ ଅନୁଭବ କରିବାକୁ ଲାଗିଲା ।

''କିନ୍ତୁ ବର୍ତ୍ତମାନ ଟିକିଏ ଶୋଇପଡ଼ିବା ଭଲ । ପଛକୁ ପୁଣି ଉଠିଲେ ଯେତେବେଳେ ବଳ ପାଇବ, ସେତେବେଳେ ଆଚ୍ଛା କରି ଖାଇବି !''

କିନ୍ତୁ ଆଉ ସେକଥା ସମ୍ଭବ ହେଲାନାହିଁ । ହଠାତ୍ ସେ କିଛିସମୟ ପାଇଁ ଅଚେତା ହୋଇ ଘାଲେଇ ପଡ଼ିଲା । ମାଉଁସଖଣ୍ଡଟା ସେହିପରି ତା'ର ହାତମୁଠା ଭତରେ ରହିଥାଏ ଓ ତା'ର ଅଜାଣତରେ ଲାପା କୁକୁର ଆସି ତାକୁ ଚୋବାଇବାରେ ଲାଗିଥାଏ ।

ହାଠାତ୍ ପୁଣି ତା'ର ଚେତା ଫେରିଆସିଲା । ସେପାଖରେ ଭୋଜି ସରିଲାଣି । ଗୀତବାଦ୍ୟର ଶବ୍ଦରେ କାନ ଫାଟିଯାଉଚି, ଗୁହାଳଘରର କାନ୍ଥ ଦୁଲୁକି ଉଠୁଚି, ଭାଡ଼ିଭିତରୁ କୁକୁଡ଼ାଗୁଡ଼ାକ କିଲିକାଲିଆ ହୋଇ ଉଠୁଚନ୍ତି ।

ନାଚ ଜୋରସୋରରେ ଚାଲିଚି । ଲୋକମାନଙ୍କର ହାସ୍ୟକୋଳାହଳ ଓ କ୍ରୀଡ଼ାକୌତୁକରେ ଖଞ୍ଜା ଫାଟିଯାଉଚି । ଗୋଡ଼ ପଡ଼ିବାର ଦୁଲୁଦୁଲୁ ଶବ୍ଦ ଶୁଭୁଚି, ଟୁକେଲମାନଙ୍କର ଚେଁ ଚେଁ ପାଟି ରାତିର ହୃଦୟକୁ କମ୍ପାଇ ଦେଉଚି ।

କୁବା ପ୍ରଥମେ କାନଡେରି ଶୁଣିବାକୁ ଲାଗିଲା । କିନ୍ତୁ କ୍ଷଣକପରେ ତାକୁ ଆଉ କିଛି ମାଲୁମ ହେଲାନାହିଁ । ତା'ର ସମସ୍ତ ଶରୀରକୁ ଗ୍ରାସ କରି ଗୋଟାଏ ନିଦ୍ରାଳସତା ଘୋଟିଆସିଲା ଓ ତାକୁ ସତେ ଯେପରି ଝନତ୍କାରମୁଖର କେଉଁ ଅନ୍ଧକାରର ଗର୍ଭକୁ ବହନ କରି ନେଇଗଲା । ସତେ ଯେପରି ଖରଗତିରେ କଳକଳ ଶବ୍ଦ କରି ବହିଯାଉଥିବା କେଉଁ ଜଳରାଶିର ଅତଳ ତଳକୁ ନେଇ ଚାଲିଗଲା । କିନ୍ତୁ ସେପାଖରେ ନୃତ୍ୟର କୋଳାହଳ ଅଧିକ ତୀବ୍ର ହେବା ସଙ୍ଗେସଙ୍ଗେ ପୁଣି ତା'ର ଅଧାନିଦ ଭାଙ୍ଗିଗଲା । ତା'ର ଶରୀରରେ ପୁଣି ଶିହରଣ ଦେଖାଗଲା, ତାହାର ଆତ୍ମା ସତେଅବା କେଉଁ ଗଭୀର ଗର୍ତ୍ତଭିତରୁ ଉପରକୁ ଉଙ୍କିମାରି ଅନାଇବାକୁ ଚେଷ୍ଟା କରିବାକୁ ଲାଗିଲା । ତା'ର ତନ୍ଦ୍ରା ଭାଜିଗଲା ! କେଉଁ ଅସୀମ ସୁଦୂରଭିତରୁ ପୁଣି ଲେଉଟିଆସି ସେ ଶୁଣିବାକୁ ଚେଷ୍ଟାକଲା ।

Digitized by srujanika@gmail.com

ଠିକ୍ ଏହି ଅବସରରେ ସେ ବାରବାର ମାଉଁସଖଣ୍ଡଟିକୁ ଖାଇବାକୁ ଚେଷ୍ଟା କରୁଥାଏ ଓ ସତେଅବା ହୃଦୟ ଭିତରୁ ଘୋଡ଼ାଟିର ନାଆଁଧରି ଫୁସ୍‌ଫୁସ୍ କରି ଡାକିବାରେ ଲାଗିଥାଏ ।

କିନ୍ତୁ ବର୍ତ୍ତମାନ ପରିଶେଷରେ ତା'ର ଆତ୍ମା କ୍ରମଶଃ ଅପସରି ଯାଉଥାଏ, ଏହି ଭୌତିକଜଗତର ବିଶ୍ୱଶରୀର ଭିତରେ ବାଟକାଟି ଉଡ଼ିଉଡ଼ି ଚାଲିଯାଉଥାଏ । ନୂତନ ହୋଇ ଉଡ଼ିଯାଉଥିବା କେଉଁ ଦିବ୍ୟଲୋକର ପକ୍ଷୀଟି ପରି ପ୍ରଥମେ ସେ ଟିକିଏ ଅନିଶ୍ଚିତ ଭାବରେ ଆପଣାର ଡେଣା ଫଡ଼ଫଡ଼ କରୁଥାଏ, ଉପରକୁ ଉଠି ପାରୁନଥାଏ, ପୁଣି ବେଳେବେଳେ ସେହି ପବିତ୍ର ମୃଣ୍ମୟ ଶରୀରର ମାୟାଦ୍ୱାରା ଆକର୍ଷିତ ହୋଇ ସେ ତାହାରି ଭିତରେ ବିଶ୍ରାମ ନେଇ ଉଡ଼ିବାର ଏହି ବିଶ୍ରାନ୍ତିରୁ ଉଦ୍ଧାର ପାଇବାକୁ ଆଗ୍ରହୀ ହୋଇ ଉଠୁଥାଏ, ପୁଣି ମନୁଷ୍ୟବସତି ଭିତରକୁ ଫେରିଆସି ବିଚ୍ଛେଦ ଦୁଃଖର ନିରାକରଣ କରିବାକୁ ଇଚ୍ଛା କରୁଥାଏ । ତାହା ପୁଣି ଆପଣାର ସଂସାର ଭିତରକୁ ଫେରିଆସିଲା, ଆପଣାର ପ୍ରିୟଜନମାନଙ୍କ ଭିତରକୁ ଫେରିଆସିଲା, ଦୁଃଖପୂର୍ଣ୍ଣ ଚିତ୍ତରେ ଆପଣାର ସାଥୀମାନଙ୍କୁ ଡାକିବାକୁ ଲାଗିଲା, ସେମାନଙ୍କର ସହାୟତା ପ୍ରାର୍ଥନା କରିବସିଲା । କିନ୍ତୁ ପୁଣି ପରମୁହୂର୍ତ୍ତରେ ଭଗବଦ୍-ଶକ୍ତି ଓ କରୁଣାରୁ ବଳ ପାଇ ତାହା ପୁଣି ଉର୍ଦ୍ଧ୍ୱଦେଶକୁ ଉଠିବାକୁ ଆରମ୍ଭ କଲା, ଅଶେଷ ବସନ୍ତମୟ ସେହି ରହସ୍ୟସମାବୃତ ରାଜ୍ୟଭିତରକୁ ଉଡ଼ିଯିବାକୁ ଲାଗିଲା; ଯେଉଁ ଅସୀମ କ୍ଷେତ୍ରକୁ ଭଗବାନ ଶାଶ୍ୱତ ସୂର୍ଯ୍ୟାଲୋକ ଏବଂ ଶାଶ୍ୱତ ଆନନ୍ଦରେ ଚିରସୁନ୍ଦର କରି ରଖିଚନ୍ତି, ସେହି କ୍ଷେତ୍ରର ଉଦ୍ଦେଶ୍ୟରେ ଧାଇଁବାକୁ ଲାଗିଲା ।

ସେ ଉଚ୍ଚକୁ ଉଠିବାକୁ ଲାଗିଲା—ଆହୁରି ଉଚ୍ଚକୁ—ଆହୁରି—ଆହୁରି—ଆହୁରି ଉଚ୍ଚକୁ ଉଡ଼ିଚାଲିଲା—ହଁ, ପରିଶେଷରେ ତା'ର ପାଦ ଯାଇ ସେହି ଅନନ୍ତ ରାଜ୍ୟକୁ ସ୍ପର୍ଶକଲା—

ଯେଉଁଠି କୌଣସି ଦୁଃଖ ବା କୌଣସି ଯନ୍ତ୍ରଣାର ବିକ୍ଷେପ ନାହିଁ, କୌଣସି ଛନ୍ଦଭଙ୍ଗ ନାହିଁ, କୌଣସି ବିଭ୍ରାନ୍ତି ନାହିଁ—

ଯେଉଁଠି ଗନ୍ଧଗର୍ଭ କୁମୁଦପୁଷ୍ପରୁ ସୌରଭ ଉତ୍ସାହିତ ହୋଇ ପଡୁଚି, ଯେଉଁଠି ଯୋଜନଯୋଜନ ଧରି ପ୍ରସ୍ଫୁଟିତ ଫୁଲର କିଆରିମାନ ପବନଭିତରେ ମଧୁବର୍ଷଣ କରିବାରେ ଲାଗିଚନ୍ତି, ଯେଉଁଠି ବିଚିତ୍ରବର୍ଣ୍ଣସମୃଦ୍ଧ ଓ ଶଯ୍ୟାଉପରେ ନକ୍ଷତ୍ରଖଚିତ ନଦୀମାନ ବହିଯିବାରେ ଲାଗିଚନ୍ତି; ଯେଉଁଠି କେବେହେଲେ ଦିନ ଯାଇ ରାତି ଆସେନାହିଁ—

ଯେଉଁଠି ନୀରବ ପ୍ରାର୍ଥନାମନ୍ତ୍ରମାନ ସତତ ଉଚ୍ଚାରିତ ହେବାରେ ଲାଗିଚି, ଧୂପର ଧୂଆଁପରି ସୁଗନ୍ଧ ମେଘର ଆକୃତି ଧାରଣକରି ଉପରକୁ ଉଠିବାରେ ଲାଗିଚି, ଯେଉଁଠି ଘଣ୍ଟାମାନ ବାଜିଉଠୁଚି, ମଧୁର ମୃଦୁବେଗରେ ବାଦ୍ୟସଙ୍ଗୀତର ଲୟ ବ୍ୟାପ୍ତ ହୋଇଯାଉଚି; ଯେଉଁଠି ଦେବଦୂତ ଓ ପୁଣ୍ୟାତ୍ମାମାନେ ପବିତ୍ର ମନ୍ଦିରଭିତରେ ପରମେଶ୍ୱରଙ୍କର ସ୍ତୁତି ଗାନକରିବାରେ ଲାଗିଚନ୍ତି, ସେହି ସନାତନ ଦିବ୍ୟ ନଗରୀରେ ଆନନ୍ଦଧ୍ୱନି କରିବାରେ ଲାଗିଚନ୍ତି ।

Digitized by srujanika@gmail.com

ହଁ, ଜୀବନର ଯାତନାରେ କ୍ଲାନ୍ତଶ୍ରାନ୍ତ ହୋଇ ବିଶ୍ରାମଲାଗି ଉନ୍ମୁଖ ହୋଇ ରହିଥିବା କୁବାର ଆତ୍ମା ସେହି ଅମୃତରାଜ୍ୟକୁ ଉଡ଼ି ଚାଲିଗଲା ।

*

କିନ୍ତୁ ଏଣେ ଖଞ୍ଜାଭିତରେ ନୃତ୍ୟ ଓ ବିନୋଦନ ପୂର୍ଣ୍ଣଗତିରେ ଚାଲିଥାଏ । ନାଚିବାଲୋକଙ୍କ ସରାଗ ଟିକିଏ ଊଣା ହୋଇ ଆସିବାମାତ୍ରକେ ବାଦ୍ୟକାରମାନେ ନୂତନ ଉତ୍ସାହରେ ବାଦ୍ୟ ବଜାଇବାକୁ ଆରମ୍ଭ କରି ଦେଉଥାନ୍ତି । ପବନର ଆଘାତରେ ଚହଲି ଉଠିବା ବିଲପ୍ରାନ୍ତର ପରି ଅତିଥିମାନେ ପୁଣି ଚଞ୍ଚଳ ହୋଇ ଉଠୁଥାନ୍ତି ଏବଂ ନୂତନ ଉତ୍ତେଜନାରେ ନାଚିବାକୁ ଆରମ୍ଭକରି ଦେଉଥାନ୍ତି । ପୂର୍ବର ବିନୋଦନ ଓ କୋଳାହଳ ଦ୍ୱିଗୁଣିତ ହୋଇ ଉଠୁଥାଏ ।

ଅତିଥିମାନଙ୍କର ଆତ୍ମା ନିମିତ୍ତଗ୍ରାହୀମାନଙ୍କର ଉତ୍ସାହପ୍ରଦାନରେ ସତେଅବା ବିଗଳିତ ହୋଇପଡ଼ିଥିଲାପରି ବୋଧ ହେଉଥାଏ, ସେମାନଙ୍କର ଧମନୀଭିତରର ରକ୍ତ ଟକଟକ ହେଇ ଫୁଟିବାରେ ଲାଗିଥାଏ, ଆଉକିଛି ବିଚାର କରିବାକୁ କାହାରି କୌଣସି ବେଳ ନଥାଏ । ସେମାନଙ୍କର ହୃଦୟ ଏକ ବନ୍ଧନହୀନ ମତ୍ତତାରେ ଦ୍ରୁତସ୍ପନ୍ଦିତ ହେବାରେ ଲାଗିଥାଏ । ବର୍ତ୍ତମାନ ସେମାନଙ୍କର ପ୍ରତ୍ୟେକ ପଦକ୍ଷେପ ନୃତ୍ୟ ବୋଲି ମନେହେଉଥାଏ, ପ୍ରତ୍ୟେକ ଚିତ୍କାର ସଙ୍ଗୀତ ବୋଲି ମନେହେଉଥାଏ, ଏବଂ ପ୍ରତ୍ୟେକ ଚାହାଣି ଏକ ସ୍ୱର୍ଗୀୟ ଅଭିଭୂତ ସଞ୍ଚାର କରୁଥିବା ଚାହାଣିପରି ମନେହେଉଥାଏ ।

ଏହିପରି ନାଚିନାଚି ରାତି ପାହିଗଲା, ସକାଳ ହେଲା । ବଡ଼ ଥିର ଓ ବୈଚିତ୍ର୍ୟହୀନ ଭାବରେ ଦିନଟି ଉଦୟ ହୋଇ ଆସିଲା । ସକାଳର କିରଣରେଖା ପଡ଼ିଲାବେଳକୁ ଆକାଶର ବକ୍ଷଉପରେ ସ୍ତୂପୀକୃତ ମେଘମାନ ଦୃଷ୍ଟିଗୋଚର ହେଉଥିଲା । ସୂର୍ଯ୍ୟୋଦୟ ବେଳକୁ ଭାରି ଅନ୍ଧାରୁଆ ଲାଗୁଥାଏ । ତା'ପରେ ବରଫ ବରଷିବା ଆରମ୍ଭ ହେଲା । ପହିଲେ କୁଣ୍ଡା ଝାଡ଼ିଲା, ପବନ ବାଜି ପାଇନ୍‌ଗଛରୁ ଛୁଞ୍ଚିମାନ ଝରିପଡ଼ିଲା ପରି ମନେହେଉଥିଲା, କିନ୍ତୁ ତା'ପରେ ଅଜାଡ଼ିହୋଇ ପଡ଼ିବାକୁ ଆରମ୍ଭକଲା ।

ତା'ପରେ ସତେଅବା କୌଣସି ଚାଲୁଣୀଭିତରୁ ଖସିପଡ଼ିବା ପରି ବରଫଖଣ୍ଡମାନ ସିଧା ବରଷିବାକୁ ଲାଗିଲା । ଏହି ବରଷିବାରେ କୌଣସି ବିରାମ ନାହିଁ, କୌଣସି ପରିବର୍ତ୍ତନ ନାହିଁ ବା କୌଣସି ଶବ୍ଦ ମଧ ନାହିଁ । ଚାହୁଁଚାହୁଁ ଏହି ବରଫରେ ଘରଚାଳ, ଗଛଡାଳ ଓ ବାଡ଼ମାନ ଆବୃତ ହୋଇ ପଡ଼ିଲା— ଚଉଦିଗର ସମସ୍ତ ସ୍ଥଳଭାଗ ଚଢ଼େଇପରର ଗୋଟିଏ ବିରାଟ ଶୁଭ୍ର ତଳ୍ପଭିତରେ ଆଚ୍ଛାଦିତ ହୋଇ ରହିଲା ।

ଏତେବେଳେକେ ବିବାହ-ଉତ୍ସବ ସମ୍ପନ୍ନ ହେଲା । ଉତ୍ସବଟିରେ ସବୋଶେଷ ଗାର ମାରିଦେବା ପାଇଁ ପୁଣି ସଞ୍ଜବେଳକୁ ସମସ୍ତେ ଯାଇ ଖଟିଘରେ ଏକଜୁଟ ହେବେବୋଲି କଥା ରହିଲା । କିନ୍ତୁ ବର୍ତ୍ତମାନ ପାଇଁ ସମସ୍ତେ ଘରକୁ ଯିବାକୁ ବାହାରିଲେ ।

Digitized by srujanika@gmail.com

ତା'ପରେ କୁଣିଆମାନେ ଦୁଆରବନ୍ଧ ଉପରେ ଠିଆହୋଇ ଏକାଠି ମିଶି ଗୋଟିଏ ଛୋଟିଆ ଗୀତ ଗାଇଲେ ଏବଂ ତା'ପରେ ପରସ୍ପରକୁ (ସେହି ସକାଳ ସମୟଟାରେ) ଶୁଭରାତ୍ରି ମନାସି ବିଦା ହୋଇଗଲେ ।

ଠିକ୍ ସେତିକିବେଳେ କୁବା ଆପଣାର ଆତ୍ମାକୁ ପ୍ରଭୁ ଯୀଶୁଙ୍କର ପବିତ୍ର ଚରଣପ୍ରାନ୍ତରେ ନେଇ ଥାପନା କରି ରଖୁଥାଏ ।

Digitized by srujanika@gmail.com

ଲାଡ଼ିସଲାସ ସେଣ୍ଟ ରେମଣ୍ଟ

ଆବିର୍ଭାବ : ୧୮୬୮ ନିର୍ବାଣ : ୧୯୨୫

Price : Rs. 95 ISBN 81-7401-198-6

ଫ୍ରେଣ୍ଡ୍ସ ପବ୍ଲିଶର୍ସ

Digitized by srujanika@gmail.com